କବିସମ୍ରାଟ ୰ ଉପେନ୍ଦ୍ରଭଞ୍ଜଙ୍କ

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ

ଶ୍ରୀ ଅନନ୍ତ ପ୍ରସାଦ ଘୋଷଙ୍କ କୃତ

ସୁବୋଧିନୀ ଟୀକାସହ

ଚତୁର୍ଥବାର ପ୍ରକାଶିତ

୧୯୬୩

ପଣ୍ଡିତ ଶ୍ରୀ ଶ୍ୟାମସୁନ୍ଦର ନାୟକଙ୍କ ଦ୍ୱାରା ସଂଶୋଧିତ

ପ୍ରାପ୍ତିସ୍ଥାନ :—

ଓଡ଼ିଶା ଜଗନ୍ନାଥ କମ୍ପାନୀ
ଶ୍ରୀ ଜଗନ୍ନାଥ ସିଂହ
ବାଲୁବଜାର ପୋ: ଚାନ୍ଦନୀଚୌକ
କଟକ

ମୂଲ୍ୟ—ଛ’ ଟଙ୍କା ମାତ୍ର

କବିସମ୍ରାଟ

୰ ଉପେନ୍ଦ୍ର ଭଞ୍ଜଙ୍କ

ରଚିତ ଅନ୍ୟାନ୍ୟ

ପୁସ୍ତକାବଳୀ ନିମନ୍ତେ

ନିମ୍ନଠିକଣାରେ

ଅନୁସନ୍ଧାନ କରନ୍ତୁ ।

ଓଡ଼ିଶା
ଜଗନ୍ନାଥ କୋମ୍ପାନୀ
କଟକ—୨

ବିଷୟ	ପୃଷ୍ଠା
୨୪ଶ ଛାନ୍ଦ—ଉପାଧ୍ୟାୟୀ ଓ ଅବଧୂତୀଙ୍କ ରାଜଜେମା ନିକଟରୁ ଅନ୍ତର୍ହିତ ହୋଇ ରାଜପୁତ୍ରର ପ୍ରେମପତ୍ର ସମ୍ବନ୍ଧେ ଆଲୋଚନା	୨୦୪
୨୫ଶ ଛାନ୍ଦ—ବର୍ଷାକାଳ ବର୍ଣ୍ଣନା	୨୧୦
୨୬ଶ ଛାନ୍ଦ—ମାଳିନୀ ନଗରର ରାଜା ରାଜଜେମା ସମ୍ବନ୍ଧେ ମନ୍ତ୍ରୀନଙ୍କଠାଇ ଆଳାପ କରୁଥିବା ବେଳେ ନାରଦଙ୍କ ପ୍ରବେଶ	୨୧୯
୨୭ଶ ଛାନ୍ଦ—ରାଜଜେମାଙ୍କ ସମ୍ବନ୍ଧ ଘେନି ଚାରମାନଙ୍କ ଦେଶବିଦେଶ ଭ୍ରମଣ	୨୩୨
୨୮ଶ ଛାନ୍ଦ—ଧନୁର୍ଦ୍ଧାରୀ ରାଜାମାନେ କନ୍ୟାଲାଭ ଆଶାରେ ଚମ୍ପାବତୀ ପୁରରେ ପ୍ରବେଶ	୨୫୨
୨୯ଶ ଛାନ୍ଦ—ସ୍ୱାଙ୍ଗ ସାଥିମାନେ ରାଜାଜେମାଙ୍କ ଚିଠାଉ ଲେଖିବା ସମ୍ବନ୍ଧେ ପରାମର୍ଶ ଦେବା	୨୬୩
୩୦ଶ ଛାନ୍ଦ—ଆଗତ ରାଜାମାନେ ପ୍ରଭାତ ସମୟେ ଚନ୍ଦ୍ରମୃଗକୁ ଭ୍ରମିବା ଦେଖି ଚାରଙ୍କୁ ପଚାରିବା	୨୭୨
୩୧ଶ ଛାନ୍ଦ—ରାଜାମାନେ ବିଶ୍ୱାନନ୍ଦରାଜାଙ୍କ ସିଂହଦ୍ୱାର ଅଗଣାରେ ଆଶ୍ଚର୍ଯ୍ୟ ମୃଗକ୍ରୀଡ଼ା ଦେଖିବା	୨୮୨
୩୨ଶ ଛାନ୍ଦ—ରାଜଜେମାଙ୍କ ଜାତକ ବିଚାର	୨୯୬
୩୩ଶ ଛାନ୍ଦ—ଜ୍ୟୋତିଷର ବିବାହ ସମସ୍ତ ନିରୂପଣ	୩୦୫
୩୪ଶ ଛାନ୍ଦ—ସହଚରୀଙ୍କ ମଧୁଶଯ୍ୟା ଗୃହମଣ୍ଡନ ଓ ବିଧି ପ୍ରଚାର	୩୨୧
୩୫ଶ ଛାନ୍ଦ—କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଓ ପୁଷ୍ପକେତୁରାଜାଙ୍କ ମିଳନ ଘେନି ସଖିମାନଙ୍କର ଆନନ୍ଦ	୩୩୪

କବିସମ୍ରାଟ ୰ ଉପେନ୍ଦ୍ରଭଞ୍ଜ

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ

ପ୍ରଥମ ଛାନ୍ଦ

(ମଙ୍ଗଳାଚରଣ)

ରାଗ—ମଙ୍ଗଳଗୁଜ୍ଜରୀ

ଶ୍ରୁଣ କୋବିଦେ ଭରତଖଣ୍ଡେ ପୁଣ୍ୟଧାମ ।
ଯେଣୁ ନାରାୟଣଦେହୀ ତେଣୁ ସେହି ନାମ ହେ ॥ ୧
ଗୀର୍ବାଣମତେ ନିର୍ବାଣ ସାରୂପ୍ୟକୁ ଦେଇ ।
ସାକ୍ଷୀ ପକ୍ଷୀ କରନ୍ତି ପ୍ରତିମାରୂପେ ଥାଇ ଯେ ॥ ୨
ଯେ ବ୍ରହ୍ମହତ୍ୟା-ପାତକ-ନିପାତକ ମହୀ ।
କପାଳମୋଚନ ତ୍ରିଲୋଚନ ସାକ୍ଷୀ ଯହିଁ ଯେ ॥ ୩

୧—ହେ ପଣ୍ଡିତମାନେ ଭାରତବର୍ଷରେ ପୁଣ୍ୟ ସ୍ଥାନ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ବିଷୟ ଶୁଣ । ନାରାୟଣ ଦେହ ଧାରଣ କରି ସେଠାରେ ବିଜେ କରିଥିବା ତାହାଙ୍କର ପୁରୁଷୋତ୍ତମ ନାମରେ କ୍ଷେତ୍ରର ନାମ ପୁରୁଷୋତ୍ତମ ହୋଇଅଛି ।

୨—ବେଦ ମତରେ ସାରୋପ୍ୟ ମୁକ୍ତି ପ୍ରଦାନ କରନ୍ତି, କାକପକ୍ଷୀ ପ୍ରତିମାରୂପେ ତାହାର ସାକ୍ଷୀ ରହିଅଛି । ଗୀର୍ବାଣ (ଦେବତା) ନିର୍ବାଣ (ମୁକ୍ତି), ୪ପ୍ରକାର ସାରୋଷ୍ଟ୍ୟ, ସାଲୋକ୍ୟ, ସାଯୁଜ୍ୟ, ସାରୋପ୍ୟ) କରନ୍ତି (କାକ, ଭୃଷଣ୍ଡି କାକ ରୋହିଣୀକୁଣ୍ଡରେ ଚତୁର୍ଭୁଜ ହୋଇ ଦେବତ୍ୱ ଲାଭକରି ଏହାକୁ ସାକ୍ଷୀ ଅଛି) ।

୩—ଯେଉଁ କ୍ଷେତ୍ର ବ୍ରହ୍ମହତ୍ୟା ପାପକୁ ନିପାତ କରେ, ଏ ବିଷୟରେ ଯାହାଙ୍କ ହସ୍ତରୁ କପାଳ ଖସି ପଡ଼ିଥିଲା ସେହି ମହାଦେବ ସାକ୍ଷୀ ଅଛନ୍ତି । (ପୂର୍ବ କାଳରେ ମହାଦେବ ଏକ ବ୍ରାହ୍ମଣକୁ ଚାପୁଡ଼ା ମାରିବାରୁ ବ୍ରାହ୍ମଣ ମରିଗଲା ଏବଂ ବ୍ରାହ୍ମଣର କପାଳ ତାଙ୍କ ହସ୍ତରେ ଲାଗିବାରୁ ସେ ଏ କ୍ଷେତ୍ରକୁ ଆସିବାରୁ ବ୍ରହ୍ମହତ୍ୟା ପାତକରୁ ମୁକ୍ତି ଲାଭକଲେ ଏବଂ ତାଙ୍କ ହାତରୁ କପାଳ ଛାଡ଼ିଗଲା) ।

ଆସି କାଶୀଶ୍ୱର ବାସ କଲେ ଏହା ଜାଣି ।
ଅନ୍ୟ କ୍ଷେତ୍ର ସମସ୍ତଙ୍କ ଏ ମସ୍ତକମଣି ହେ ॥ ୪
ଏଣୁ କ୍ଷେତ୍ର ନରେନ୍ଦ୍ର ପଦତ ସମ୍ଭାବିତ ।
ବିନାଶେ ଭୁଜଙ୍ଗ ଦୋଷ ତାକୁ କେତେମାନ ହେ ॥ ୫
ଅବିଦ୍ୟା ବିଷମ ଅଶୀବିଷଘାତୀ ଜନେ ।
ଜ୍ଞାନାଜ୍ଞାନେ ପରାଧୀନେ ସେ ସ୍ଥାନ ଗମନେ ହେ ॥ ୬
ଶ୍ରୀମହାପ୍ରସାଦ ଗଦ ପଦ ଘଣ୍ଟଘୋଷ ।
ଭକ୍ଷଣେ ଶ୍ରବଣେ ଯେ କଲ୍‌ବିଷ ବିଷ ନାଶ ହେ ॥ ୭
ଉନ୍ନତ ପ୍ରାସାଦରାଜ ପତାକା ଉଡ଼ାଇ ।
ଏ ପ୍ରଦେଶେ ସମବର୍ତ୍ତୀପଣ ନାହିଁ ନାହିଁ ହେ ॥ ୮
ବଟରାଜ ଶାଖା ଛନ୍ନ ନିଗମ ସାକ୍ଷାତ ।
ପାପ ତାପ ପଶୁ ନାଶ ସୁକର୍ମ ଉଦିତ ଯେ ॥ ୯

୪—ସମସ୍ତ କ୍ଷେତ୍ର ମାନଙ୍କର ଏ ମୁକୁଟମଣି, ଏହା ଜାଣି କାଶୀଶ୍ୱର ଆସି ଏଠାରେ ବାସ କଲେ ।

୫—ତେଣୁ ଏହାର କ୍ଷେତ୍ରରାଜ ପଦ ସମ୍ଭବିଲା । ବିଷବୈଦ୍ୟ (ଗୁଣିଆ) ସର୍ପ-ବିଷ ନାଶ କଲାପରି ବିଟ୍ ପୁରୁଷମାନଙ୍କର ପାପ ନାଶିବା ଏ କ୍ଷେତ୍ର ପକ୍ଷରେ କେତେ ମାନ । କ୍ଷେତ୍ରନରେନ୍ଦ୍ର (କ୍ଷେତ୍ରରାଜ ଓ ବିଷବୈଦ୍ୟ) ଭୁଜଙ୍ଗ ଦୋଷ (ସର୍ପଦୋଷ, ବିଟ୍ ପୁରୁଷଦୋଷ) ।

୬—ଅଜ୍ଞାନରୂପୀ କାଳସର୍ପକୁ ଦଳନ କରିଥିବା ଲୋକମାନେ ସେ ସ୍ଥାନ ଗମନ ମାତ୍ରେ ଜ୍ଞାନାଜ୍ଞାନର ପରାଧୀନ ହୋଇ ମୁକ୍ତି ଲାଭ କରନ୍ତି । ଅଶୀବିଷ (ସର୍ପ)

୭—ଶ୍ରୀମହାପ୍ରସାଦ ରୂପକ ଗଦ ଭକ୍ଷଣରେ ଏବଂ ଘଣ୍ଟା ଶବ୍ଦରୂପକ ମନ୍ତ୍ର-ଶ୍ରବଣରେ ପାପବିଷ ନଷ୍ଟହୁଏ । ପଦ (ମନ୍ତ୍ର)

୮—ଉନ୍ନତ ବଡ଼ ଦେଉଳରେ ପତାକା ଉଡୁଥିବାରୁ "ଏ ପ୍ରଦେଶରେ ଯମର ଅଧିକାର ନାହିଁ" ଏହା ଜଣାଉ ଅଛି । ସମବର୍ତ୍ତୀପଣ (ଯମ ଅଧିକାର) ।

୯—ବଟରାଜ (କଳ୍ପବଟ) ଶାଖାଛନ୍ନ, ସାକ୍ଷାତ ସାଙ୍ଗୋପାଙ୍ଗ ବେଦ ହୋଇ ରହିଅଛି । ବେଦବିଧିରେ ଯଜ୍ଞରେ ପଶୁ ନାଶ କଲେ ସୁକର୍ମ ଉଦୟ ହୁଏ, କଳ୍ପବଟରେ ପାପ ତାପ ରୂପକ ପଶୁ ନଷ୍ଟହୋଇ ସୁକର୍ମର ଉଦୟ ହୁଏ । ଶାଖା (ଡାଳ ଓ ବେଦ ପ୍ରକରଣ), ନିଗମ (ବେଦ)

ସେ ଦୁର୍ଗ-ପରୀକ୍ଷା ତୀର୍ଥରାଜ ଗର୍ଜନରେ ।
କହେ ଅବଗାହେ ପାପରୁଂହ ଦହ ନରେ ହେ ॥ ୧୦
ଦହି ସବୁ ବାଡ଼ବରେ ଦେବ ଏ ପକାଇ ।
ଏ ଦରବଶରୁ ଦୂରୁ ଦୁରିତ ପଳାଇ ହେ ॥ ୧୧
ସେ କମ୍ବୁ କଣ୍ଠକେ ରାଜା ନାମ ଜଗନ୍ନାଥ ।
ଚତୁରବର୍ଣ୍ଣେ ଚତୁର୍ବର୍ଗ ଦେବାକୁ ସମର୍ଥ ହେ ॥ ୧୨
ଭକ୍ତି ଦେବୀ ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ ।
ବୈଷ୍ଣବ ବିହୀନେ କେବା ଜାଣିବ ସଂସାରେ ହେ ॥ ୧୩
ପାଦେ ବନ୍ଦେ ସାର୍ବଭୌମ ବୋଲିବା କି ଯଶ ।
ବୃଷାସନଙ୍କର ଶିର ଲଗିବାକୁ ଆଶ ହେ ॥ ୧୪
ଯାହା କଟାକ୍ଷ-କୁଠାର ପତନମାତରେ ।
ଅନେକ ଦୁଃଖ-ଅନୋକହକୁ ଛେଦି ପାରେ ହେ ॥ ୧୫

୧୦—ସମୁଦ୍ର ସେହିଗଡ଼ର ଗଡ଼ଖାଇ ରୂପେ ବିରାଜିତ ହୋଇ ଗର୍ଜନ ଛଳରେ କହୁଅଛି —ହେ ନରେ ଏଥିରେ ସ୍ନାନକରି ପାପ ସମୂହ ଦହନ କର । ଦୁର୍ଗ ପରୀକ୍ଷା (ଗଡ଼ଖାଇ) ତୀର୍ଥରାଜ (ସମୁଦ୍ର) ପାପରୁଂହ (ପାପରାଶି) ।

୧୧—ଏ ସବୁପ୍ରକାର ପାପକୁ ବାଡ଼ବାଗ୍ନିରେ ପୋଡ଼ି ପକାଏ । ଏହି ଭୟରେ ପାପ ଦୂରରୁ ପଳାଏ । ବାଡ଼ବ (ସମୁଦ୍ରରେ ଥିବା ଅଗ୍ନି) ଦୁରିତ (ପାପ) ।

୧୨—ସେହି କମ୍ବୁକଣ୍ଠକରେ ରାଜା ଜଗନ୍ନାଥ—ସେ ରାଜା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଏହି ଚତୁରବର୍ଣ୍ଣକୁ ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଚତୁର୍ବର୍ଗ ଦେବାକୁ ସମର୍ଥ ଅଟନ୍ତି । (ପୁରୁଷୋତ୍ତମର ନାମ ଶଙ୍ଖ କ୍ଷେତ୍ରରେ ପ୍ରସିଦ୍ଧ) ।

୧୩—ବୈଷ୍ଣବମାନଙ୍କ ମତରେ ଜଗତ ଶବ୍ଦର ଅର୍ଥ ରାଧା ଓ ନାଥ ଶବ୍ଦର ଅର୍ଥ କୃଷ୍ଣ, ଅତଏବ ଜଗନ୍ନାଥ ଏହି ଶବ୍ଦର ଅର୍ଥ ରାଧାକୃଷ୍ଣ, ଏ କଥା ବୈଷ୍ଣବ ମାନଙ୍କ ଛଡ଼ା ଅନ୍ୟ କିଏ ସଂସାରରେ ଜାଣିବ । ଅତଏବ ଭକ୍ତିଦେବୀ (ଭକ୍ତିଦାୟିନୀ ରାଧା) ଯୁକ୍ତାକ୍ଷରରେ ଲୁଚିଅଛି (ଅର୍ଥାତ୍ ଜଗତ୍ ଏହି-ଶବ୍ଦର ଶେଷାକ୍ଷର "ତ"ଟି ସନ୍ଧି ଅନୁସାରେ "ନ" ହୋଇ ଯୁକ୍ତ ହୋଇ ରହିଅଛି) ।

୧୪—ସେହି ସମ୍ରାଟଙ୍କର ପାଦରେ ବନ୍ଦୁଅଛି, ଏହା କହିଲେ ମୋହର ବିଶେଷ କିଛି ଯଶ ହେବ ନାହିଁ; ଯେ ହେତୁ ମହାଦେବ ସେହି ପାଦରେ ଶିର ଲଗାଇବାକୁ ଆଶା କରି ରହିଅଛନ୍ତି, (ମୁଁ ବା କେତେମାତ୍ର) । ବୃଷାସନ (ମହାଦେବ)

୧୫—ଯାହାଙ୍କର କଟାକ୍ଷ-କୁଠାରପାତ ମାତ୍ରେ ନାନାବିଧ ଦୁଃଖ ଦ୍ରୁମ ଛିନ୍ନ ଯାଇ ପାରେ । ଅନୋକହ (ବୃକ୍ଷ)

ସେହି ପାଦପଦ୍ମାସନୀ ପାଠ ମହାଦେବୀ ।
ଅଷ୍ଟ ଐଶ୍ୱର୍ଯ୍ୟଦାୟିନୀ ଅଷ୍ଟଶକ୍ତି ସେବି ହେ ॥ ୧୬
ଭରସା କରି ଆସନ୍ତି ଦୂରଦେଶୁଁ ପ୍ରାଣୀ ।
ଆରତ ଭଞ୍ଜନ ଦୀନବନ୍ଧୁ ନାମ ଶୁଣି ହେ ॥ ୧୭
କର ଯୋଡ଼ି ସମ୍ମୁଖରେ ଜଣାଇ ପକ୍ଷିଧବ ।
ଆର୍ତ୍ତିଜନ ଗୁହାରିକି ସାବଧାନ ହେବ ହେ ॥ ୧୮
କୋଟି-କନ୍ଦର୍ପ-ଲାବଣ୍ୟ-ମୂର୍ତ୍ତି ଦରଶନ ।
ଦେବାକୁ ସୁବେଶେ ବିଜେ ରତ୍ନସିଂହାସନ ହେ ॥ ୧୯
ଶିରେ ହେମ-ରତନ-ମୁକୁଟ ସପ୍ତଶାଖା ।
କରୁଣା-ସିନ୍ଧୁରେ କି ବଡ଼ବାନଳ ଶିଖା ହେ ॥ ୨୦
କାହାଇଁ ସାର୍ଥ ନୋହିବ ଏମନ୍ତ ବିଚାର ।
ପୁଣି ମଞ୍ଜୁଳ କୁଣ୍ଡଳ ମକର ଆକାର ହେ ॥ ୨୧
ପ୍ରବାଳତରଣୀ ଦୃଷ୍ଟି ରଙ୍ଗାଧରେ ଅଛି ।
ବିଶେଷେ ଯହିଁ ଲାବଣ୍ୟ ଲକ୍ଷ୍ମୀ ସମ୍ଭବଛି ହେ ॥ ୨୨

୧୬—ସେହି ଜଗନ୍ନାଥଙ୍କର ପାଦ ପଦ୍ମରେ ରହି ଅଷ୍ଟ ଐଶ୍ୱର୍ଯ୍ୟ ଦାୟିନୀ ବିମଳା ପ୍ରଭୃତି ଅଷ୍ଟ ମହାଦେବୀମାନେ ସେବା କରୁଅଛନ୍ତି । ଅଷ୍ଟ ଐଶ୍ୱର୍ଯ୍ୟ (ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ, କାମା ବଶାୟିତା)

୧୭—ଆରତ ଭଞ୍ଜନ ଦୀନବନ୍ଧୁ ନାମ ଶୁଣି ପ୍ରାଣୀମାନେ ଦୂରଦେଶରୁ ଭରସା କରି ଆସନ୍ତି ।

୧୮—ଆର୍ତ୍ତିଜନ ମାନଙ୍କର ଗୁହାରିକୁ ସାବଧାନ ହେଉ ଏହା ଗରୁଡ଼ ଶ୍ରୀମୁଖରେ ହାତ ଯୋଡ଼ି ଜଣାନ୍ତି । ପକ୍ଷିଧବ (ଗରୁଡ଼)

୧୯—କୋଟିଏ କନ୍ଦର୍ପରୁଁ ଲାବଣ୍ୟ ମୂର୍ତ୍ତି ଦର୍ଶନ ଦେବାପାଇଁ ରତ୍ନ ସିଂହାସନରେ ଉତ୍ତମ ବେଶରେ ବିଜେ କରିଅଛନ୍ତି ।

୨୦—ଦୟା ସାଗରଙ୍କର ମସ୍ତକରେ ବାଡ଼ବାଗ୍ନିର ଶିଖାପରି ସୁବର୍ଣ୍ଣ ମୁକୁଟ ସପ୍ତଶାଖାରେ ଶୋଭା ପାଉଅଛି, (ଅର୍ଥାତ୍ ସମୁଦ୍ରରେ ବାଡ଼ବାଗ୍ନି ଥିବାର ପ୍ରସିଦ୍ଧ ଏବଂ ଅଗ୍ନିର ସାତଶିଖା ଥିବାରୁ ତାହାର ନାମ ସପ୍ତାଗ୍ନି ହୋଇଅଛି) । (ସାଗର ସହିତ ଜଗନ୍ନାଥଙ୍କର ତୁଳନା)

୨୧—ସାଗର ଭଳି ଜଗନ୍ନାଥଙ୍କଠାରେ କାହିଁକି ସାର୍ଥକ ନୋହିବ, ବିଚାରିଲେ ସେଠାରେ ସୁନ୍ଦର କୁଣ୍ଡଳ ମକରାକାର ଧରିଅଛି । ମକର (ମଗର)

୨୨—ସୁରଙ୍ଗ ଅଧର ପୋହଳାନୌକା ପରି ଦିଶୁଅଛି, ପୁଣି ଯହିଁରେ ଶୋଭା-ରୂପିଣୀ ଲକ୍ଷ୍ମୀଦେବୀ ବିଶେଷ ଭାବରେ ସମ୍ଭବ ଅଛନ୍ତି । ପ୍ରବାଳ (ପୋହଳା) ତରଣୀ (ନୌକା) ଲକ୍ଷ୍ମୀ (ସମୁଦ୍ରରୁ ଜାତ) ।

ଦଶଅବତାର ଲୀଳା ଯାତ୍ରା ବିରଚନ ।
ଜନଙ୍କୁ ଦେଖାନ୍ତି ଯୁଗାନ୍ତର କଥାମାନ ॥
ସ୍ନାନ ଗୁଣ୍ଡିଚ୍ଚ ଏ ବେନି ସ୍ୱୟଂଲୀଳା ଯାର
ପତିତ ପାବନ ଅର୍ଥେ ପ୍ରସାଦୁଁ ବାହାର ହେ ॥ ୧୪
ଜ୍ୟେଷ୍ଠ ପୌର୍ଣ୍ଣମାସୀ ପୂର୍ବନିଶି ଅବଶେଷେ ।
ସେବକ ଜଷ୍ଟୁଙ୍କେ ମିଳି ମହାପ୍ରଭୁ ପାଶେ ହେ ॥ ୧୫
ସେ କାଳକୁ ଅନୁସରି ଯାତ୍ରୀ ନର ନାରୀ ।
ଯେ ଯାହାର ନିତ୍ୟକର୍ମ ତ୍ୱରି ହୋଇ ସାରି ହେ ॥ ୧୬
ହରି ହରି-ଦ୍ୱାରେ ମିଳି ହରି-ଧ୍ୱନି କଲେ ।
ହରିତ ପ୍ରହିତ ତ୍ୱରିତରେ ତହିଁ ହେଲେ ହେ ॥ ୧୭
ପଡ଼ିଲା ତୂଳୀ ପାହାଡ଼ା ବିଜୟ ନିମିତ୍ତେ ।
ବାଜିଲା ମେଘା ମୃଦଙ୍ଗ ମର୍ଦ୍ଦଳ ସହିତେ ହେ ॥ ୧୮
କଂସାଳ ତାଳ କର୍ତ୍ତାଳ ପଟହ ଝର୍ଝରି ।
ମୋ ପରେ ବିଜେ କରିବେ ଭାବି ତୋଷ ଧରି ହେ ॥ ୧୯

୧୩—ଦଶ ଅବତାର ମାନଙ୍କର ଯାତ୍ରା ବିହିତ ହେଉ ଥିବାରୁ ଲୋକମାନଙ୍କୁ ସେହି ସେହି ଯୁଗର କଥା ମାନ ଦେଖାଉ ଅଛନ୍ତି ।

୧୪—ଯାହାଙ୍କର ସ୍ନାନ ଓ ଶ୍ରୀଗୁଣ୍ଡିଚ୍ଚ ଏହି ଯୋଡ଼ିକ ନିଜଲୀଳା ଅଟେ—ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଏହି ଦୁଇ ଯାତରେ ଦେଉଳରୁ ବାହାର ହୁଅନ୍ତି ।

୧୫—ଜ୍ୟେଷ୍ଠ ପୂର୍ଣ୍ଣିମାର ପୂର୍ବଦିନ ରାତିପାହାନ୍ତାରୁ ସେବକମାନେ ଆନନ୍ଦରେ ମହାପ୍ରଭୁଙ୍କ ପାଖରେ ମିଳନ୍ତି ।

୧୬।୧୭—ସେ ସମୟକୁ ଲକ୍ଷ୍ୟକରି ନରନାରୀ ଯାତ୍ରୀମାନେ ଆପଣାର ନିତ୍ୟକର୍ମ ଶୀଘ୍ର ଶେଷକରି ଜଗନ୍ନାଥଙ୍କ ସିଂହଦ୍ୱାରେ ପହୁଞ୍ଚି ହରିଧ୍ୱନି କରନ୍ତି । ସେହି ହରିଧ୍ୱନିରେ ଦିଗନ୍ତର ଶୀଘ୍ର ପୂର୍ଣ୍ଣ ହୋଇଯାଏ । ହରି (ଜଗନ୍ନାଥ) ହରିଦ୍ୱାର (ସିଂହଦ୍ୱାର) ହରିତ (ଦିଗ) ।

୧୮।୧୯—ଜଗନ୍ନାଥଙ୍କର ବିଜୟ ନିମିତ୍ତ ପାଟମୁଚୁଳା ପଡ଼ିଲା । ମେଘା, ମୃଦଙ୍ଗ, ମର୍ଦ୍ଦଳ ସହିତ ଝାଞ୍ଜ, ଭେରୀ, ପଟହ, ଖଞ୍ଜଣି ପ୍ରଭୃତି ବାଦ୍ୟମାନ ବାଜିଲା । ମୋ ଉପରେ ଜଗନ୍ନାଥ ବିଜେ କରିବେ ଏହା ଭାବି ପୃଥିବୀ ଆନନ୍ଦିତା ହେଲା । ତୂଳୀ (ପାଟ ମୁଚୁଳା) କଂସାଳ (ଝାଞ୍ଜ) କର୍ତ୍ତାଳ (ଭେରୀ) ଝର୍ଝରି (ଖଞ୍ଜଣି) ଧରି (ପୃଥିବୀ) ।

ନୋହିବେ ସର୍ବଜ୍ଞ କାହିଁ ବ୍ରହ୍ମ-ପରିବାର ।
ଜାଣିଲେ ନିଷ୍ଟୟ ପ୍ରଭୁ ଦକ୍ଷିଣ-କୁଞ୍ଜର ହେ ॥ ୩୦
ପୂର୍ବଜରେ ପୂର୍ବଗଜ ଭାବ ଉପୁଜାଇ ।
ପହଣ୍ଡି ବିଜୟ କଲେ ଝୁଲାଇ ଝୁଲାଇ ଯେ ॥ ୩୧
ଏମନ୍ତ ନୋହିଲେ କି ପ୍ରାସାଦ-ଦରୀ ତେଜି ।
ମଣ୍ଡପ-ସର ଅବଗାହନରେ ଚିତ୍ତ ମଜ୍ଜି ହେ ॥ ୩୨
ସାର ଗନ୍ଧସାର-ପଙ୍କେ ଭୂଷିତ ହୋଇବେ ।
ଜନ-ପଙ୍କ-ପଙ୍କଜ-ବନକୁ ଉଜାଡ଼ିବେ ହେ ॥ ୩୩
ସବୁଦିନେ ଲୀଳାସ୍ଥାନ ନୀଳମହୀଧର ।
ଭକ୍ତଭାବ-ରଜ୍ଜୁରେ ବନ୍ଧନ ଅଛି ଯାର ହେ ॥ ୩୪
ଜଡ଼ ଯେତେ ଛନ୍ତି ଏତେ ଭାବ କି ଜାଣିବେ ।
ବାହୁଡ଼ିବା ବେଳେ ବେଶେ ବ୍ୟକତ ହୋଇବେ ହେ ॥ ୩୫

୩୦।୩୧—ଭଗବାନଙ୍କର ଗୃହକରମାନେ କାହିଁକି ସର୍ବଜ୍ଞ ନହେବେ । ସେମାନେ ଜାଣିପାରିଲେ ଯେ, ପ୍ରଭୁ ଜଗନ୍ନାଥ ନିଷ୍ଟୟ ଦକ୍ଷିଣ କୁଞ୍ଜର ଓ ତାହାଙ୍କର ବଡ଼ଭାଇ ବଳଦେବଙ୍କଠାରେ ଐରାବତ ଭାବ ଆଣି ଝୁଲାଇ ଝୁଲାଇ ପହଣ୍ଡି ବିଜେ କରାଇଲେ; ଅର୍ଥାତ୍ ପଣ୍ଡାମାନେ ଜଗନ୍ନାଥ ଓ ବଳଦେବଙ୍କୁ ହାତୀ ମଣି ଝୁଲାଇ ଝୁଲାଇ ବିଜେ କରାଇଲେ । ବ୍ରହ୍ମପରିକର (ମହାପ୍ରଭୁଙ୍କର ଗୃହକର) ଦକ୍ଷିଣ କୁଞ୍ଜର (ଦକ୍ଷିଣ ଦିଗ ହସ୍ତୀ ବାମନନାମା କୃଷ୍ଣବର୍ଣ୍ଣ ହେତୁ-ଜଗନ୍ନାଥଙ୍କ ସମାନ) ପୂର୍ବଜ (ବଡ଼ଭାଇ) ପୂର୍ବଗଜ (ଐରାବତ ଶୁକ୍ଳବର୍ଣ୍ଣ ହେତୁ ବଳଦେବଙ୍କ ସମାନ)

୩୨—ହସ୍ତୀ ନୋହିଥିଲେ କାହିଁକି ଦେଉଳରୂପକ ଗୁହା ଛାଡ଼ି ମଣ୍ଡପରୂପକ ପୁଷ୍କରିଣୀରେ ସ୍ନାନ କରିବାକୁ ମନ ବଳାଇଥାନ୍ତେ । ପ୍ରାସାଦ (ଦେଉଳ) ଦରୀ (ଗୁହା) ମଣ୍ଡପ (ସ୍ନାନ ମଣ୍ଡପ) ସର (ପୁଷ୍କରିଣୀ) ।

୩୩—ସର୍ବଶ୍ରେଷ୍ଠ ଚନ୍ଦନରୂପ ପଙ୍କରେ ଭୂଷିତ ହୋଇବେ ଏବଂ ଲୋକମାନଙ୍କର ପାତକରୂପକ ପଦ୍ମବନକୁ ଉଜାଡ଼ିଦେବେ । (ହସ୍ତୀମାନେ ମଧ୍ୟ ସ୍ନାନପରେ ପଙ୍କ ଲେପି ହୁଅନ୍ତି ଏବଂ ପଦ୍ମବନକୁ ଦଳି ଦିଅନ୍ତି) ଗନ୍ଧସାର (ଚନ୍ଦନ) ପଙ୍କ [ପାପ] ।

୩୪—ନୀଳଗିରି ଯାହାଙ୍କର ସବୁଦିନେ ଲୀଳାସ୍ଥାନ ଅଟେ ଏବଂ ଯେ ଭକ୍ତମାନଙ୍କର ଭକ୍ତିରୂପ ରଜ୍ଜୁରେ ବାନ୍ଧି ହୁଅନ୍ତି । ନୀଳମହୀଧର (ବଡ଼ଦେଉଳକୁ) ।

୩୫—ଅଜ୍ଞଲୋକମାନେ ଏତେ କଥା କାହୁଁ ବୁଝିଲେ, କେବଳ ବଡ଼ଦେଉଳକୁ ବାହୁଡ଼ିବା ସମୟରେ ହସ୍ତୀବେଶ ଧାରଣ କରିବାକୁ ପ୍ରଭୁଙ୍କର ହସ୍ତୀଭାବ ପ୍ରକାଶ ପାଏ (ବଡ଼ଦେଉଳକୁ ଯିବାବେଳେ ଜଗନ୍ନାଥ ହସ୍ତୀ ବେଶ ଧରନ୍ତି)

ଭବ-ସାଗର-ସୁବର୍ଣ୍ଣ ତରଣୀ ବିଗ୍ରହ ।
ସୁଭଦ୍ରାଙ୍କୁ ବିଜେ କରାଇଲେ ତଥା ଧରି ହେ ॥ ୩୬
ତାପ-ତ୍ରୟ-ଭାଣ୍ଡ-ଭଞ୍ଜନକୁ ଦଣ୍ଡବର ।
ସୁଦରଶନଙ୍କ ବିଜେ ସେହି ପରକାର ହେ ॥ ୩୭
ଇନ୍ଦ୍ରପଦ ଦାତା ଯେ ରାଜାଧିରାଜେଶ୍ବର ।
ବିଜେ କରେ ଦ୍ବିଜେ ଦେଇ ନିଜ କରଭର ହେ ॥ ୩୮
ତାଳନ୍ତି ଚାମର ଶ୍ବେତଛତ୍ର ଟେକି ତହିଁ ।
କ୍ଷୀର ସାଗର-ଲହରୀ ଭ୍ରମ ଉପୁଜାଇ ହେ ॥ ୩୯
ଗହଳ ହୋଇଣ କଳାଛତ୍ର ଶୋଭା ଦିଶି ।
ତୁଙ୍ଗ ଶିଖରୀ ପରେ କି ଜଳଦ ଆକର୍ଷି ହେ ॥ ୪୦
ପତାକା ବ୍ୟାଜଟି ତେଜେ ଶୂନ୍ୟେ ନୀରଧାର ।
ସ୍ବେଦଛଳେ କରେ ନରତନୁ ଜରଜର ହେ ॥ ୪୧
ଚଞ୍ଚଳାଖେଳା ଚଳବା ଖଦ ପୀତବାସ ।
ତୃଷିତ ଦ୍ବିଜ-ଚାତକ ଜଳପାନେ ତୋଷ ହେ ॥ ୪୨

୩୬—ଯେପରି ଲୋକେ ଶ୍ରେଷ୍ଠ ନୌକାକୁ ଟେକି ନିଅନ୍ତି, ଲୋକେ ସେହିପରି ସୁଭଦ୍ରାଙ୍କୁ ସଂସାର ସାଗର ତରିବାପାଇଁ ଏହା ସୁବର୍ଣ୍ଣ ନୌକା ବିଗ୍ରହ ଟେକି ନେଇ ବିଜେ କରାଇଲେ । ତରଣୀ (ନୌକା)

୩୭—ତ୍ରିତାପରୂପ ଭାଣ୍ଡ ଭାଙ୍ଗିବାକୁ ଯେଉଁ ସୁଦର୍ଶନଚକ୍ର ଦଣ୍ଡରୂପଧରି ଅଛନ୍ତି, ତାହାଙ୍କୁ ଦଣ୍ଡପରି କାନ୍ଧରେ ପକାଇନେଇ ବିଜେ କରାଇଲେ । ତାପତ୍ରୟ (ଆଧ୍ୟାତ୍ମିକ, ଆଧିଦୈବିକ, ଆଧିଭୌତିକ) ଭାଣ୍ଡ (ହାଣ୍ଡି) ।

୩୮—ଇନ୍ଦ୍ରପଦ ଦାତା ସ୍ବୟଂ ପ୍ରଭୁ ରାଜାଧିରାଜ ପରି ବ୍ରାହ୍ମଣମାନଙ୍କ ଉପରେ ହାତଭରାଦେଇ ବିଜେ କଲେ ।

୩୯—ବ୍ରାହ୍ମଣମାନେ ଚାମର ତାଳନ୍ତି ଏବଂ ଶ୍ବେତଛତ୍ର ଟେକି ଧରିଥାନ୍ତି, ଶ୍ବେତ-ଚାମର ପକାଇଲାବେଳେ ତାହା କ୍ଷୀରସମୁଦ୍ରର ଲହରୀପରି ଜଣା ଯାଉଥାଏ ।

୪୦—ଲୋକଗହଳ ହେତୁ କଳାଛତା ଉଚ୍ଚ ପର୍ବତ ଉପରେ ମେଘ ଘୋଟି ଗଲାପରି ଶୋଭା ଦିଶେ । ତୁଙ୍ଗ (ଉଚ୍ଚ) ଶିଖରୀ (ପର୍ବତ) ।

୪୧—ପତାକା ଛଳରେ ଶୂନ୍ୟରେ ସେହି ମେଘ ଜଳଧାରା ତ୍ୟାଗ କରି ସ୍ବେଦ (ଝାଳ) ଛଳରେ ଲୋକମାନଙ୍କର ଶରୀରକୁ ଓଦା କରିଦିଏ । (ଝାଳ ବୋହି ଲୋକମାନଙ୍କର ଶରୀର ଓଦା ହୋଇଥାଏ) ତନୁ (ଶରୀର) ।

୪୨।୪୩—ଜଗନ୍ନାଥ ବିଜେ କଲାବେଳେ ଲୋକେ ହଳଦିଆଲୁଗା ପିନ୍ଧିଥିବାରୁ ସେହି ହଳଦିଆଲୁଗା ହିଁ ମେଘ କୋଳରେ ବିଜୁଳି ଖେଳିଲାପରି ଜଣାପଡ଼େ ।

ଏ ପ୍ରମାଣ ବରହଣ ପୁଚ୍ଛ ଟେଣ୍ଡୁ ଚଳି ।
ନିଶାଣ ମଣ୍ଡୁକ ନାଦେ ଦୁଗନ୍ତ ଉଚ୍ଛୁଳି ଯେ ॥ ୪୩
ପ୍ରଭୁ ଚଳନ ଶବଦ ଜନିତ ସ୍ତନିତ ।
ପୁଷ୍ପାଞ୍ଜଳି ବଳାବଳୀ ଉଡ଼ି ଖସେ ସତ ହେ ॥ ୪୪
ଏମନ୍ତେ ସ୍ନାନମଣ୍ଡପେ ସିଂହାସନ ପର ।
ବିଜେ ମହାପ୍ରଭୁ ଘେନି ଭଗ୍ନୀ ସହୋଦର ହେ ॥ ୪୫
ନାଗ ନର କିନ୍ନର ଗନ୍ଧର୍ବ ଛନ୍ତି ଗୃହି ।
ଅନେକ କନକଘଟେ ପୂର୍ଣ୍ଣ କରି ତହିଁ ହେ ॥ ୪୬
ଢାଳିଲେ ଭୂସୁରେ ନୀର ଶ୍ରୀମୁଖମଣ୍ଡଳେ ।
ଧାରମାନ ପତନ ହୋଇଲା ମହୋଜ୍ଜ୍ୱଳେ ହେ ॥ ୪୭
କି ମେରୁ-ହୀରା-ମାରଗ ହେମ-ଶୃଙ୍ଗୁ ଖସି ।
ଜାହ୍ନବୀ ଯମୁନା ହରିତାଳ-ଧାରା ଆସି ଯେ ॥ ୪୮

ତୃଷାର୍ତ୍ତି ଚାତକପକ୍ଷୀ ମେଘ ଜଳପାନ କରି ସନ୍ତୁଷ୍ଟ ହେଲାପରି ଜଗନ୍ନାଥଙ୍କର ପାଦୋଦକ ପାନକରି ବ୍ରାହ୍ମଣମାନେ ସନ୍ତୁଷ୍ଟ ହୁଅନ୍ତି । ଏହିପ୍ରକାର ବର୍ଷାକାଳ ପ୍ରମାଣିତ ହେବାରୁ ମୟୂରମାନେ ଅଧିକ ପରିମାଣରେ ପୁଚ୍ଛ ତ୍ୟାଗ କରନ୍ତି । (ବିଜେ ହେଲାବେଳେ ଲୋକେ ମୟୂରପୁଚ୍ଛ ବିଡ଼ାବାନ୍ଧି ପକାନ୍ତି) ନିଶାଣ ଓ ମଣ୍ଡୁକ ଶବ୍ଦରେ ଦିଗନ୍ତ ଉଚ୍ଛୁଳିପଡ଼େ । ନିଶାଣ (ବାଦ୍ୟ ବିଶେଷ) ମଣ୍ଡୁକ (ବେଙ୍ଗ) ।

୪୪—ମହାପ୍ରଭୁଙ୍କ ଚଳନରେ ହେଉଥିବା ଶବ୍ଦ ମେଘଗର୍ଜ୍ଜନ ଏବଂ ପୁଷ୍ପାଞ୍ଜଳି ବକପଂକ୍ତି ମେଘ ନିକଟରେ ଉଡ଼ିଲା ପରି ଉଡ଼ିଯାଇ ପୁଣି ତଳକୁ ଖସି-ପଡ଼ୁଅଛି । ସ୍ତନିତ (ମେଘ ଗର୍ଜନ) ବକାବଳୀ (ବକଶ୍ରେଣୀ) ।

୪୫—ସ୍ନାନ ମଣ୍ଡପରେ ଏହିପରି ମହାପ୍ରଭୁ ସଙ୍ଗରେ ଭାଇ ଭଉଣୀଙ୍କୁ ଘେନି ସିଂହାସନ ଉପରେ ବିଜେ କରିଅଛନ୍ତି । ସହୋଦର (ଭାଇ) ।

୪୬—ସେ ନାଗ, ନର, କିନ୍ନର ଓ ଗନ୍ଧର୍ବ ସମସ୍ତେ ଅନେକ ସୁବର୍ଣ୍ଣ କଳଶରେ ଜଳପୂର୍ଣ୍ଣ କରି ଗୃହି ରହିଅଛନ୍ତି ।

୪୭—ପଣ୍ଡିତମାନେ ଶ୍ରୀମୁଖମଣ୍ଡଳରେ ଜଳ ଢାଳିଲେ, ଅତ୍ୟନ୍ତ ଉଜ୍ଜ୍ୱଳଧାର ସବୁ ତଳେ ପଡ଼ିଲା । ଭୂସୁର (ବ୍ରାହ୍ମଣ)

୪୮—ବଳରାମ, ଜଗନ୍ନାଥ ଓ ସୁଭଦ୍ରାଙ୍କ ଶରୀରରୁ ଜଳଧାର ବହି ମେରୁ ପର୍ବତର ହୀରା, ମାରଗ ଓ ସୁବର୍ଣ୍ଣ ଶୃଙ୍ଗ ମାନଙ୍କରୁ କ୍ରମେ ଗଙ୍ଗା, ଯମୁନା ଓ ହରିତାଳ ଧାର ଖସିଲା ପରି ଜଣାଗଲା । ଏଠାରେ ବଳରାମଙ୍କ ଶରୀର, ମେରୁର ହୀରା ଶୃଙ୍ଗ, ତହିଁରୁ ଗଙ୍ଗାଧାର, ଜଗନ୍ନାଥଙ୍କ ଦେହ, ମାରଗ (କଳା) ତହିଁରୁ ଯମୁନା ଧାର, ମଣି ସୁଭଦ୍ରାଙ୍କ ଦେହ, ସୁବର୍ଣ୍ଣଶୃଙ୍ଗ ତହିଁରୁ ହରିତାଳ ଧାର ।

ଲେପନ ଚନ୍ଦନ ଖସି ପଡ଼ିଲା ଏମନ୍ତ ।
ସେ ତିନିଶୃଙ୍ଗୁ କି ଜାତ ତରଳ-ରଜତ ଯେ ॥ ୪୯
ଦେଖିଲା ଆଖିରେ ଦରିଦ୍ରତା ନ ରଖିଲା ।
ମନହିଁ ଦୁଃସହ ଦୁଃଖମାନ ଉପେକ୍ଷିଲା ହେ । ୫୦
ହରି ଚନ୍ଦନ ସଙ୍ଗରୁ ସେହି ବୋଲି ଘେନ ।
ଵିଚାରିଲେ ହେବେ ଏତ ବାଞ୍ଛା ବରଦାନୀ ହେ ॥ ୫୧
ସୁରୁରୂପେ ଏ ଉପମା ଉତ୍ତମ ସମ୍ଭବେ ।
ବିରାଜିତ ଭୁଜ-ଶାଖା ଅଧର-ପଲ୍ଲବେ ହେ ॥ ୫୨
ଭକ୍ତି ମୁକ୍ତି ଫଳ ଅଛି ନ ଦେଖନ୍ତି କେହି ।
ସ୍ୱଭାବରେ ବ୍ରହ୍ମ-ଦାରୁ ବ୍ୟସ୍ତପଦେ ରହି ହେ ॥ ୫୩
ସୁରଭିର ସ୍ଥାନ ସେନାପଠା ବଲକଲ ।
ଯାହା ପଦେ ସଦା ଟଳଟଳ ଗଙ୍ଗାଜଳ ହେ । ୫୪

୪୯—ଚନ୍ଦନ ଲେପନ ସମୟରେ ଚନ୍ଦନ ଝସି ମେରୁର ସେହି ତିନି ଶୃଙ୍ଗରୁ ଅଜଠା ରୂପା ଜନ୍ମିଲା ପରି ଦେଖାଗଲା । ତରଳରଜତ (ଅଜଠା ରୂପା)

୫୦—ତାହାଙ୍କୁ ଦର୍ଶନ କରିଥିବା ଚକ୍ଷୁର ଅଭାବ ରହିଲା (ଅର୍ଥାତ୍ ସଂସାରରେ ସେ ଆଖିରେ ଦେଖିବା ପଦାର୍ଥ ଆଉ କିଛି ବିଶେଷ ରହିଲା ନାହିଁ) ମନମଧ୍ୟ ଅହସ୍ୟ ଦୁଃଖ ସବୁ ଦୂର କଲା ।

୫୧—ହରି (ଜଗନ୍ନାଥ) ଚନ୍ଦନ ସଙ୍ଗରୁ ହରି ଚନ୍ଦନ (କଳ୍ପତରୁ) ହେଲେ ଏହା ଆମ୍ଭେ ମନରେ ଘେନୁଅଛୁଁ । ଅତଏବ ବିଚାର କଲେ ଏ ବାଞ୍ଛାବର ପ୍ରଦାନ କରିବେ ।

୫୨।୫୩—ଦାରୁବ୍ରହ୍ମ ଜଗନ୍ନାଥ ବିପରୀତ ପଦରେ ବ୍ରହ୍ମଦାରୁ (କଳ୍ପତରୁ) ଅଟନ୍ତି । ଏ ଉପମା ସବୁ ଅପେକ୍ଷା ଉତ୍ତମ ଜଣା ଯାଉଅଛି । ଭୁଜ ଶାଖା ରୂପେ ବିରାଜିତ, ଅଧର ନୂତନ ପତ୍ର ରୂପେ, ଭକ୍ତି ଓ ମୁକ୍ତି ଦୁଇଫଳ ଏଠାରେ ଅଛି; କିନ୍ତୁ ତାହାକୁ କେହି ଦେଖି ପାରନ୍ତି ନାହିଁ (କଳ୍ପତରୁ ଫଳ ମଧ୍ୟ ଦେଖାଯାଏ ନାହିଁ) । ପଲ୍ଲବ (ପତ୍ର) ବ୍ରହ୍ମଦାରୁ (କଳ୍ପତରୁ) ବ୍ୟସ୍ତପଦ (ବିପରୀତପଦ ।)

୫୪—ଯେପରି କଳ୍ପବୃକ୍ଷ ସୁରଭି (କାମଧେନୁ)ମାନଙ୍କର ଆଶ୍ରୟ ସ୍ଥାନ, ବଲ୍କଳାବୃତ ଏବଂ ତାହାର ପାଦ ପ୍ରଦେଶରେ (ମୂଳରେ) ସ୍ୱର୍ଗଙ୍ଗା ସର୍ବଦା ପ୍ରବାହିତା, ସେହି ପ୍ରଭୁ ମଧ୍ୟ ସୁରଭି (ସୁଗନ୍ଧ)ର ଆଶ୍ରୟ ସ୍ଥାନ ସେନାପଠା (କାଷ୍ଠ ବିଶେଷ) ଦ୍ୱାରା ଆବୃତ ଏବଂ ଏହାଙ୍କର ନଖ କୋଣରେ ଗଙ୍ଗା ରହି ସବୁବେଳେ ଟଳ ଟଳ ହେଉ ଅଛନ୍ତି, ଅତଏବ ଏ ସ୍ୱୟଂ କଳ୍ପବୃକ୍ଷ ।

ଭାଗ୍ୟରୁ ଏ ଉପମାକାରକ ମୁଁ ଯେ ହେଲି ।
ପୁଲକିତ-ଶରୀରେ ହରିରେ ସ୍ତୁତି କଲି ହେ ॥ ୫୫
ମହିମା ଅନନ୍ତ ପ୍ରଭୋ ମହୀମା ଅନନ୍ତ ।
ମନୋହାରୀ ସହୋଦର ହୋଇ ଯାର ଖ୍ୟାତ ହେ ॥ ୫୬
ଅରି-ଦରି-କର ବିଭୋ ଅରି-ଦରି-କର ।
ଯୁଗେ ଯୁଗେ ଧରି ନାନାବିଧ ଅବତାର ହେ ॥ ୫୭
ବିଭୀଷଣ-ଅଘ ବିଭୀଷଣ-ଅଘ-ହର ।
ସ୍ଥାନ କରି ଦେଲ ଲଙ୍କା ନିଜ କଳେବର ହେ ॥ ୫୮
ଭବ-ବିରଞ୍ଚି-ପୂଜିତ ହେ ଭବ-ବିରଞ୍ଚି ।
ଶୁଚି-କବଳକ ସଦାନନ୍ଦ ସଦା ଶୁଚି ହେ ॥ ୫୯
ରଚିବି "କୋଟି ବ୍ରହ୍ମାଣ୍ଡ-ସୁନ୍ଦରୀ" ଚରିତ ।
ସୁଜାତ ସୁମନାପରି ହୋଇବ ଏ ଗୀତ ହେ ॥ ୬୦

୫୫—ଭାଗ୍ୟ ବଳରୁ ମୁଁ ଉପମାକୁ କଲି, ରୋମାଞ୍ଚିତ ଶରୀରରେ ପ୍ରଭୁଙ୍କୁ ସ୍ତୁତି କଲି । ପୁଲକିତ (ରୋମାଞ୍ଚିତ)

୫୬—ହେ ପ୍ରଭୋ, ଆପଣଙ୍କର ମହିମାରେ ସୀମା ନାହିଁ, ମହୀ (ପୃଥ୍ୱୀ) ଏବଂ ମା (ଲକ୍ଷ୍ମୀ) ଏ ଦୁହେଁ ଆପଣଙ୍କର ମନୋହାରିଣୀ ଅଟନ୍ତି । ଅନନ୍ତ [ଶେଷ-ଦେବ] ଆପଣଙ୍କର ଭାଇ ହୋଇ ଖ୍ୟାତ ହୋଇଅଛନ୍ତି । (ଶେଷଦେବ ବଳଭଦ୍ର ଅବତାର ହୋଇଥିବାର ପୁରାଣୋକ୍ତି)

୫୭—ହେ ପ୍ରଭୋ, ଆପଣ ଅରି (ଚକ୍ର) ଦରି (ଶଙ୍ଖ) ଏ ଦୁହିଙ୍କୁ ହସ୍ତରେ ଧେନି ଅଛନ୍ତି ଏବଂ ଅରିଦରି-କର (ଶତ୍ରୁ ଭୟ କାରକ) ଅଟନ୍ତି, ଯୁଗେ ଯୁଗେ ନାନା ପ୍ରକାର ଅବତାର ଧରନ୍ତି ।

୫୮—ବିଭୀଷଣର ପାପ ନାଶି ତାହାକୁ ଲଙ୍କାରେ ସ୍ଥାନ ଦେଲେ, ପୁଣି ଅତିଭୀଷଣ ଅଘାସୁରକୁ ବଧକରି ସାଯୁଜ୍ୟ ମୁକ୍ତି ପ୍ରଦାନ କରିବାରୁ ସେ ଆପଣଙ୍କ ଦେହରେ ମିଶିଗଲା । ବିଭୀଷଣ (ରାବଣ ଭାଇ ଓ ଭୟଙ୍କର) ଅଘ (ପାପ ଓ ଓ ଅଘାସୁର) କଳେବର (ଦେହ) ।

୫୯—ଆପଣ ହର ଓ ବ୍ରହ୍ମାଙ୍କଦ୍ୱାରା ପୂଜିତ ଏବଂ ସଂସାରର କର୍ତ୍ତା ଅଟ, ଆପଣ ଅଗ୍ନିଙ୍କୁ ଗ୍ରାସ କରି ଅଛନ୍ତି ଏବଂ ସର୍ବ ପବିତ୍ର ଅଟନ୍ତି । ଭବବିରଞ୍ଚି (ହର, ବ୍ରହ୍ମା ଓ ସଂସାର କର୍ତ୍ତା) (ଶୁଚି) ଅଗ୍ନି କବଳକ (ଗ୍ରାସକାରୀ) ।

୬୦—ହେ ପ୍ରଭୁ, ମୁଁ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଚରିତ ରଚନା କରିବି; ଏ ଗୀତ ଉତ୍ତମ ଜାଈଫୁଲ ପରି ହେବ । ସୁଜାତ (ଉତ୍ତମ) ସୁମନା (ଜାଈଫୁଲ) ।

ସୁରଭିରେ ମୋହିତ-ମାନସ ହେବେ ଦିବ୍ୟେ ।
ଗୁଣିବନ୍ତେ ହୃଦେ ମାଳା କରିଣ ଧରିବେ ହେ ॥ ୬୧
ରସିକ-ଭ୍ରମରେ ହେବେ ରସ ଘେନି ବଶ ।
ନିର୍ଗୁଣେ ଘେନିଲେ ନ ଘେନିଲେ ଅଛି କିସ ହେ ॥ ୬୨
କବି ଉପେନ୍ଦ୍ର ତବ କୃପାରେ ହୋଇଛି ।
ଏତେ ମନୋରଥ ସାର୍ଥେ କି ସଂଶୟ ଅଛି ହେ ॥ ୬୩

ଦ୍ୱିତୀୟ ଛାନ୍ଦ

(ଚମ୍ପାନଗରୀ ବର୍ଣ୍ଣନା ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ଜନ୍ମବୃତ୍ତାନ୍ତ)

ରାଗ—ମାଳବ । ଚୋଖି ବାଣୀ ।

ପୁରାଣ ଅଭିଧାନ ଜାଣିଥିଲେ । ଜାଣି କିସ ହେବ ବିହୃଦ ହେଲେ ।
ସାବଧାନ ହୋଇ ସୁବୁଦ୍ଧିଗଣ । ନଗରବର୍ଣ୍ଣନା ମନକୁ ଅଣ ।୧।

୬୧—ଏହାର ସୁଗନ୍ଧରେ ଉତ୍ତମ ଲୋକମାନଙ୍କ ମନ ମୁଗ୍ଧ ହେବ ଏବଂ ଗୁଣୀ ଲୋକମାନେ ମାଳାକରି ଏହାକୁ ହୃଦୟରେ ଧରିବେ । ସୁରଭି (ସୁଗନ୍ଧ) ଦିବ୍ୟେ (ଉତ୍ତମ ଲୋକେ) ।

୬୨—ରସିକମାନେ ଭ୍ରମରପରି ଏହି ଫୁଲରୁ ରସ ଗ୍ରହଣ କରି ବଶୀଭୂତ ହେବେ । ମୂର୍ଖମାନେ ଆଦର କରନ୍ତୁ ବା ନ କରନ୍ତୁ ତହିଁରେ କଣ ଅଛି ।

୬୩—ଉପେନ୍ଦ୍ର ଅପଣଙ୍କ କୃପାରୁ କବି ହୋଇଅଛି । ଆପଣଙ୍କ କୃପାରୁ ତାହାର ଏହି ମନୋରଥ ପୂର୍ଣ୍ଣହେବ ଏଥିରେ ସଂଶୟ କଣ ?

ଦ୍ୱିତୀୟ ଛାନ୍ଦ

୧—ଯାହାର ହୃଦୟ ନାହିଁ, ତାହାର ପୁରାଣ ବା ଅଭିଧାନ ଜାଣିବା ବ୍ୟର୍ଥ ଅଟେ । ହେ ସୁବୁଦ୍ଧି ଗଣ, ସାବଧାନ ହୋଇ ନଗର ବର୍ଣ୍ଣନାକୁ ମନକୁ ଅଣ ।

ଚମ୍ପା ସେ ରସା-ଯୋଷା ଶିରେ ବହୁ । ଶିବ ତହିଁରେ ଗୁରୁତର-ସ୍ନେହୀ ।
ଜନ-ମନୋହର ସୁବାସ ଅଛି । ଭ୍ରମର ଅବଲମ୍ବ ନାହିଁ କିଛି ॥ ୨
ଦେଖିବାରୁ ଯାହା ରୁଚିରରୁଚି । ଶଙ୍କା ଲଭି ଲଙ୍କା ଅଳକା କାଞ୍ଚୀ ।
ତରୁ ତରଣୀରେ ଶରଣ ଭଜି । କମ୍ପ ସ୍ତମ୍ଭ ଡକା ତେବେ ନ ତେଜି ॥ ୩
ବଡ଼ଭୀ ବଡ଼-ଭୀ ଜନମ କରେ । ହରହୟ ହର-ହୟ ଚିତ୍ତରେ ।
ବୈଜୟନ୍ତକୁ ଜିଣିବ ବୋଲି । ବୈଜୟନ୍ତୀରେ ଛନ୍ଦ ନ ଭୁଲି ॥ ୪
ବିତାନ ଏସନ ପ୍ରସନ୍ନ ଧରେ । ଯେସନ ଗଗନ ନିଶାକାଳରେ ।
ଚନ୍ଦ୍ରମଣ୍ଡଳ କରେ ପ୍ରକାଶିତ । ପୁଣି ତାର ତାର-ରାଜି ରାଜିତ ॥ ୫

୨—ଏ ନଗରୀର ନାମ ଚମ୍ପା—ଚମ୍ପା ଫୁଲକୁ ନାରୀମାନେ ମସ୍ତକରେ ଖେଳି ଥାଆନ୍ତି, ମହାଦେବ ତହିଁରେ ବିଶେଷ ସ୍ନେହ କରନ୍ତି, ତାହାର ମନୋ-ମୁଗ୍ଧକର ସୁଗନ୍ଧଥାଏ ଏବଂ ଭ୍ରମର ତହିଁରେ ବସେ ନାହିଁ । ଏହି ଚମ୍ପାନାମ୍ନୀ ନଗରୀକୁ ପୃଥିବୀରୂପା ସ୍ତ୍ରୀ ମସ୍ତକରେ ଧରି ରଖିଅଛି । ଶିବ (ମଙ୍ଗଳ) ସର୍ବଦା ଏଠାରେ ରହିଅଛି, ଅର୍ଥାତ୍ ଏ ନଗରୀରେ ଅମଙ୍ଗଳ ଶଙ୍କା ଅଦୌ ନାହିଁ । ଲୋକମାନଙ୍କର ମନୋମୁଗ୍ଧକର ଉତ୍ତମ ଗୃହମାନ ଏଠାରେ ଅଛି । ଭ୍ରମ (ଭ୍ରାନ୍ତି)ର ଆଶଙ୍କା ନାହିଁ (ଅର୍ଥାତ୍ କାହାର କୌଣସି ବିଷୟରେ ଭ୍ରମ ନାହିଁ) । ରସା (ପୃଥିବୀ) ଯୋଷା (ସ୍ତ୍ରୀ) ଶିବ (ମହାଦେବ ଓ ମଙ୍ଗଳ) ସୁବାସ (ସୁଗନ୍ଧ ଓ ଉତ୍ତମ ଗୃହ) ଭ୍ରମର (ଭଅଁର ଓ ଭ୍ରାନ୍ତିର) ।

୩—ଯାହାର ମନୋହର ସୌନ୍ଦର୍ଯ୍ୟ ଦେଖି ଲଙ୍କା, ଅଳକା ଓ କାଞ୍ଚୀ ନଗରୀମାନେ ବୃକ୍ଷରେ ଏବଂ ସ୍ତ୍ରୀଠାରେ ଶରଣ ପଶି ସୁଦ୍ଧା, କମ୍ପିବା, ସ୍ତମ୍ଭୀଭୂତ ହେବା ଓ ଡକା ପକାଇବାକୁ ଛାଡ଼ୁ ନାହାନ୍ତି । ଅର୍ଥାତ୍ ଲଙ୍କା ନଗରୀ ଲଙ୍କା (ଡାଳ) ରୂପରେ ବୃକ୍ଷକୁ ଆଶ୍ରୟ କରି ସୁଦ୍ଧା ଭୟରେ କମ୍ପୁଅଛି । ଅଳକା ଅର୍ଥାତ୍ ଚୂର୍ଣ୍ଣ କୁନ୍ତଳ ରୂପେ ନାରୀ ଆଶ୍ରୟ କରି ସୁଦ୍ଧା ଭୟରେ ସ୍ଥିର ହୋଇ ରହିଅଛି । କାଞ୍ଚୀ ନଗରୀ ମଧ୍ୟ କାଞ୍ଚୀ (କଟି କିଙ୍କିଣୀ) ରୂପେ ନାରୀକୁ ଆଶ୍ରୟ କରି ମଧ୍ୟ ଡକା ପକାଉ ଅଛି । ରୁଚିର ରୁଚି (ମନୋହର କାନ୍ତି) ।

୪—ସେ ନଗରୀର ଅଟ୍ଟାଳିକା ଇନ୍ଦ୍ରପୁରୀକୁ ଜିଣିବ ବୋଲି ଇନ୍ଦ୍ରଙ୍କ ମନରେ ଭୟ ଜନ୍ମୁଅଛି ଏବଂ ଏ ନଗରୀ ପତାକାଦ୍ୱାରା ଆମ୍ଭଙ୍କୁ ଛନ୍ଦ ପକାଇବ ଏହା ଭାବି ସୂର୍ଯ୍ୟଙ୍କର ଘୋଡାମାନେ ମନରେ ଭୟ କରନ୍ତି (ଅର୍ଥାତ୍ ଏହାର ପତାକା ଆକାଶ ସ୍ପର୍ଶ କରୁଅଛି) । ବଡ଼ଭୀ (ଅଟ୍ଟାଳିକା ଓ ବହୁତ ଭୟ) ହରହୟ (ଇନ୍ଦ୍ର ଓ ସୂର୍ଯ୍ୟଙ୍କର ଅଶ୍ୱ) ବୈଜୟନ୍ତୀ (ଅମରାବତୀ ଓ ପତାକା) ।

୫—ଯେପରି ରାତ୍ରିକାଳରେ ଆକାଶ ନିର୍ମଳ, ସେହିପରି ଗୃହ ଉପର ନିର୍ମଳ ଆକାଶ ଚନ୍ଦ୍ରମଣ୍ଡଳକୁ ପ୍ରକାଶ କରେ । ଏ ମଧ୍ୟ ମଧ୍ୟସ୍ଥିତ ସୁବର୍ଣ୍ଣଗୃହକୁ ପ୍ରକାଶ କରିଅଛି, ଆକାଶ ଉଜ୍ଜ୍ୱଳ ନକ୍ଷତ୍ରମାଳରେ ମଣ୍ଡିତ, ଏହା ମଧ୍ୟ ଉଜ୍ଜ୍ୱଳ ମୁକ୍ତାମାନଙ୍କରେ

ଯେଉଁ ପୁର ହାଟ ଅମରାବତୀ । ଉପରେ କରୁଛି ଆକ୍ଷେପ ଅତି ।
କେତେ ରମ୍ଭା-ଉରୁ ବସି ଅଛନ୍ତି । ଐରାବତ ଗଡ଼ାଗଡ଼ି ଯାଆନ୍ତି ॥ ୬
କେତେ ଚିତ୍ର-ରଥ ଗନ୍ଧର୍ବ-ଚୟ । ଅଳପ ଧନେ ହେଉଛନ୍ତି କ୍ରୟ ।
ମାଳି-ପସରାଟି ସୁଧର୍ମାସଭା । ସୁମନା-ବଳୀରେ ହୋଇଛି ଶୋଭା ॥ ୭
ତହିଁ ଭୋଗବତୀ କେତେମାତର । କଥା କେ କରି ଦେଇଛି ଇତର ।
ଅନନ୍ତ-ମଣିରେ ସେ ଜ୍ୟୋତି ନାହିଁ । ଅନନ୍ତମଣି କିଣା ବିକା ଯହିଁ ॥ ୮
ଯେଉଁ ପୁରେ ପଢ଼େ ଶୁକ-ବି ଯାକ । ଶୁକ-ବିରଚିତ ଚରିତ ଶ୍ଲୋକ ।
ସୁକବିମାନେ ତା ଅର୍ଥ କରିବା । ବିଚାର କରି କାହିଁକି ଯେଣିବା ॥ ୯

ଖଚିତ । ବିତାନ (ଚାନ୍ଦୁଆ) ତାର (ଉଜ୍ଜ୍ୱଳ) ତାର ରାଜି (ତାରକା ସମୂହ ଓ ମୁକ୍ତାପନ୍ତି) ।

୬—ରମ୍ଭା ନଗରୀର ହାଟ ଅମରାବତୀ ଉପରେ ଅତ୍ୟନ୍ତ ହେୟ ଦୃଷ୍ଟି ପକାଉଅଛି । ଯେଣୁ ଅମରାବତୀରେ ରମ୍ଭା, ଉର୍ବଶୀ, ଐରାବତ ଗୋଟିଏ ଗୋଟିଏ ଅଛନ୍ତି, କିନ୍ତୁ ଏହି ହାଟରେ ଅନେକ ରମ୍ଭୋରୁ ସ୍ତ୍ରୀମାନେ ବସି ରହି ଅଛନ୍ତି, ଏବଂ ଐରାବତ (ନାରଙ୍ଗଫଳ) ବହୁତ ଏଣେ ତେଣେ ଗଡ଼ୁଅଛି । ଆକ୍ଷେପ (ହେୟଦୃଷ୍ଟି) ରମ୍ଭା ଉରୁବସି (ରମ୍ଭାନାମ୍ନୀ ଓ ଉର୍ବଶୀ ନାମ୍ନି ସ୍ୱର୍ଗ-ବେଶ୍ୟା) ଏବଂ ରମ୍ଭା (କଦଳୀ ବୃକ୍ଷ) ପରି, ଉରୁ (ଜଘନ) ଯେଉଁମାନଙ୍କର, ସେ ସ୍ତ୍ରୀମାନେ, ବସି (ବାସକରି) ଐରାବତ (ଇନ୍ଦ୍ରଙ୍କ ହସ୍ତୀ ଏବଂ ନାରଙ୍ଗଫଳ) ।

୭—ଇନ୍ଦ୍ରପୁରରେ ଚିତ୍ରରଥ ନାମକ ଗୋଟିଏ ମାତ୍ର ଗନ୍ଧର୍ବ ଅଛି, କିନ୍ତୁ ଏ ହାଟରେ ବିଚିତ୍ର ରଥ ଓ ଘୋଡ଼ା ସବୁ ଅଳ୍ପ ଧନରେ କିଣା ହେଉ ଅଛନ୍ତି । ଏଠାରେ ମାଳୁଣିର ପସରା ସୁଧର୍ମାସଭା ହେଲା, ଯେପରି ସୁଧର୍ମା-ସଭାକୁ ଦେବତାମାନେ ଶୋଭିତ କରିଥାନ୍ତି, ସେହିପରି ମାଳୁଣୀ ପସରା ପୁଷ୍ପ ସମୂହ ଦ୍ୱାରା ଶୋଭିତ ହୋଇଅଛି । ଚିତ୍ରରଥ (ତନ୍ନାମକ ଗନ୍ଧର୍ବ ଓ ବିଚିତ୍ର ରଥ) । ଗନ୍ଧର୍ବ (ଘୋଟକ) ସୁଧର୍ମାସଭା (ଇନ୍ଦ୍ରସଭା), ସୁମନାବଳି (ଦେବତା ସମୂହ ଓ ପୁଷ୍ପ ସମୂହ) ।

୮—ସେଠାରେ ପାତାଳ ପୁରୀ ଅବା କେତେ ମାତ୍ର, ଏ ପୁରୀ ଗୋଟିଏ କଥାରେ ପାତାଳ ପୁରୀକୁ ତୁଚ୍ଛ କରି ଦେଇଅଛି । ଶେଷଦେବଙ୍କର ମସ୍ତକରେ ଯେଉଁ ମଣି ଅଛି ତାହାର ସେ ଜ୍ୟୋତି କାହିଁ ? ଯେଉଁ ଅସଂଖ୍ୟ ମଣି ସବୁ ଏଠାରେ ବିକାକିଣା ହେଉଅଛି । ଭୋଗବତୀ (ପାତାଳପୁରୀ) ଅନନ୍ତ (ଶେଷଦେବ ଓ ଅସଂଖ୍ୟ) ।

୯—ଯେଉଁ ନଗରୀରେ ଶୁକଦେବଙ୍କ ବିରଚିତ ଶ୍ଲୋକ ସବୁ ଶୁକ ପକ୍ଷୀମାନେ ପଢ଼ୁଅଛନ୍ତି । ସୁକବି ଶବ୍ଦର ଉତ୍ତମ କବି ଏହି ଅର୍ଥକଲେ ମନରେ ବିଚାର ଭାବ ଆସିବ ନାହିଁ । ବି (ପକ୍ଷୀ) ଶୁକ (ତନ୍ନାମକ ପକ୍ଷୀ ଓ ଶୁକଦେବ) ସୁକବି (ଉତ୍ତମକବି)

ବୈଦ୍ୟ ଶାର୍ଦ୍ଦୂଳେ ଅଶ୍ୱିନୀ କୁମାରେ । ମୃଗ କରି ଗଣେ ବିବେକ କରେ ।
ଥିଲେ ତାଙ୍କର ଚରକ ସୁଶ୍ରୁତ । ବୁଝିଥାନ୍ତେ ଆସି ଆମ୍ଭ ପୁରତ ॥ ୧୦
ଗଣିକା-ଗଣଙ୍କ ଏମନ୍ତ ହୃଦ । ଗୁରୁ-ଗୁରୁ ହେବା ପଢ଼ିଲେ ବାଦ ।
ଧନୀ-ଜନ ମତେ ଧନଦ ଊଣା । ନ ଯିବାରୁ ତାଙ୍କ ପୁଷ୍ପକ ଗଣା ॥ ୧୧
ସୁ-ନାସୀରଙ୍କର ଏହି ଗୁମାନ । କେ କଲା ଆମ୍ଭ ପଦ ଇନ୍ଦ୍ରେ ଦାନ ।
ବହୁତ ବଳ ଭୟ ଉପୁଜାଉଁ । ବଜ୍ର-ସାର-ବାର ଭୂଷଣେ ବହୁଁ ॥ ୧୨
କଟକ ନିର୍ମାଣ ଛଟକ ଦେଖି । ବିଶ୍ୱକର୍ମା ମୟ ବୁଜନ୍ତି ଆଖି ।
ଭଲ ଶିଳ୍ପୀ ବୋଲି ହୋଇବା କଥା । ଭଲ୍ଲ ହୋଇ କଟର ହୃଦକୁ ବ୍ୟଥା ॥ ୧୩

୧୦—ସେହି ନଗରୀର ପ୍ରଧାନ ବୈଦ୍ୟମାନେ ସ୍ୱର୍ଗବୈଦ୍ୟ ଅଶ୍ୱିନୀ କୁମାରଙ୍କୁ ତୁଚ୍ଛ କରି ମନରେ ଏହିପରି ବିଚାର କରନ୍ତି ଯେ ଯଦ୍ୟପି ସ୍ୱର୍ଗରେ ଚରକ ଓ ସୁଶ୍ରୁତ ରହୁ ଥାଆନ୍ତା, ତାହାହେଲେ ଏମାନେ ଆସି ଆମ୍ଭଠାରୁ ବୁଝୁଥାଆନ୍ତେ । ଶାର୍ଦ୍ଦୂଳ (ଶ୍ରେଷ୍ଠ) ମୃଗ (ନିକୃଷ୍ଟ) ।

୧୧—ସେଠାରେ ଗଣିକାମାନେ ଏହିପରି ହୃଦୟରେ ବିଚାର କରନ୍ତି ଯେ ବାଦ ପଢ଼ିଲେ ଅମ୍ଭେମାନେ ବୃହସ୍ପତିଙ୍କର ସୁଦ୍ଧା ଗୁରୁହେବା । ଧନୀ ଜନମାନଙ୍କର ମତରେ ମଧ୍ୟ କୁବେର ସେମାନଙ୍କଠାରୁ ଊଣା ଅଟନ୍ତି । ଯେ ହେତୁ ତାହାଙ୍କର ଗୋଟିଏ ମାତ୍ରକ ପୁଷ୍ପକ (ବିମାନ) ଅଛି । କିନ୍ତୁ ଏମାନଙ୍କର ଅସଂଖ୍ୟ ପୁଷ୍ପକ (ରତ୍ନକଙ୍କଣ) ଅଛି । ଗଣିକାଗଣ (ନାୟିକା ସମୂହ) ଗୁରୁଗୁରୁ (ବୃହସ୍ପତିଙ୍କର ଗୁରୁ) ଧନଦ (କୁବେର) ପୁଷ୍ପକ (ଯାନ ଓ ରତ୍ନକଙ୍କଣ) ।

୧୨—ଉତ୍ତମ ଯୋଦ୍ଧାମାନେ ମନରେ ଏହି ଝୋଣ କରନ୍ତି ଯେ ଆମ୍ଭର ସୁନାସିର ପଦକୁ କିଏ ଇନ୍ଦ୍ରଙ୍କୁ ଦେଲା । ଇନ୍ଦ୍ର ଗୋଟିଏ ମାତ୍ର ବଳ ନାମକ ରାକ୍ଷସର ଭୟ ଜନ୍ମାଇ ଥିଲେ କିନ୍ତୁ ଅମ୍ଭେ ଅସଂଖ୍ୟ ଶତ୍ରୁବଳ (ସୈନ୍ୟ) ର ଭୟ ଜନ୍ମାଉଁ ॥ ସେ ଗୋଟିଏ ମାତ୍ର ବଜ୍ରସାର (ବଜ୍ରାସ୍ତ୍ର) ଧରି ଅଛନ୍ତି । ଅମ୍ଭେମାନେ ଭୂଷଣରେ ବଜ୍ର ସାର ବାର (ଉତ୍ତମହୀରା ସମୂହ ଧରି ଅଛୁ) ସୁନାସିର (ଉତ୍ତମ ଅଗ୍ରଗାମୀ ଯୋଦ୍ଧା ଓ ଇନ୍ଦ୍ର) ବଳ (ତନ୍ନାମକ ରାକ୍ଷସ ଓ ଶତ୍ରୁ ସୈନ୍ୟ) ବଜ୍ରସାର (ବଜ୍ରାସ୍ତ୍ର ଉତ୍ତମ ହୀରା) । ବାର (ସମୂହ) ।

୧୩—ସେହି ନଗରର ନିର୍ମାଣ କୌଶଳ ଦେଖି ବିଶ୍ୱକର୍ମା (ଦେବ ଶିଳ୍ପୀ) ଓ ମୟ (ଦାନବ ଶିଳ୍ପୀ) ଏ ଦୁହେଁ ଆଖି ବୁଜି ମନରେ ଏହିପରି ଭାବୁଛନ୍ତି ଯେ ଆମ୍ଭର ଭଲ ଶିଳ୍ପୀ ବୋଲାଇବା କଥା ଭଲ୍ଲାସ୍ତ୍ର ପରି (ଭାଲଅସ୍ତ୍ରପ) ହୃଦୟରେ ବ୍ୟଥା ଦେଉଅଛି । କଟକ (ନଗର) ।

ବନ୍ଧେ ସେ ବିଷ୍ଣୁ ଜାନୁ ଅନୁମାନ । ସର୍ବଦା ଲକ୍ଷ୍ମୀ କରିବାରୁ ସ୍ଥାନ ।
ନିଶାନ୍ତ-ରତନ ଜ୍ୟୋତି ପ୍ରକାଶେ । ନିଶାନ୍ତ ପ୍ରାୟ ସବୁବେଳେ ଦିଶେ ! ୧୪
ଉତ୍ତାନ-ହଟେ କେଉଁଣୀ କି ରଙ୍ଗେ । କଳଶ କୁଚ ତୋଣସ୍ତମ୍ଭ ଭୁଜେ ।
ଶୁଭେ ନାରୀପଦ-ନୂପୁର ବାଦ୍ୟ । ସମ୍ଭବେ ଯହିଁ ଭଲ ଭଲ ପଦ ॥ ।୧୫
ମୁଖ ଝଲପଣ ଦର୍ପଣ-ଭଙ୍ଗ । ଅକ୍ଷି ଲକ୍ଷିବା ଗବାକ୍ଷ ଅଛନ୍ତି ।
ଗୃମର ଛଡ଼ାଇ ଚିକୁର ଶଙ୍କା । ବସନ ପ୍ରସନ୍ନକୁ ଯବନିକା ॥ ୧୬
ରୂପାଜୀବା ତତ୍‌ସ୍ୱରୂପା ହୋଇଣ । ଯହିଁରେ ଧନ୍ୟା କନ୍ୟା-ସ୍ତମ୍ଭ-ଗଣ ।
କରାଇ ଭ୍ରମ କେତେ ରାଗ ଜାତ । ବୀଣାସ୍ୱରେ କରେ ଆଳାପ ଗୀତ ॥ ୧୭

୧୪—ସେ ନଗରରେ ସର୍ବଦା ଲକ୍ଷ୍ମୀ ବାସ କରିଥିବାରୁ ବିଷ୍ଣୁଙ୍କର ଜାନୁକୁ ବନ୍ଦନ କରିଥିବାର ଅନୁମାନ ହୁଏ (ବିଷ୍ଣୁଙ୍କର ଜାନୁରେ ଲକ୍ଷ୍ମୀ ସର୍ବଦା ଥାନ୍ତି) ଗୃହରେ ଥିବା ରତ୍ନମାନଙ୍କର ଜ୍ୟୋତି ପ୍ରକାଶ ପାଉଅଛି । ଅତଏବ ସବୁବେଳେ ପ୍ରଭାତ କାଳପରି ସୁନ୍ଦର ଦିଶୁଅଛି । ନିଶାନ୍ତ (ଗୃହମଧ୍ୟ ପ୍ରଭାତ କାଳ)

୧୫—ସେ ନଗରେ ବହିଃଦ୍ୱାରର ଶୋଭା କେଳୁଣୀ ନାଚପରି ଦିଶୁଅଛି । କେଳୁଣି ମାନେ ଚିତ୍ ହୋଇ ଗୋଡ଼ତଳେ ହାତ ଲଗାଇ ବଙ୍କ ଭଙ୍ଗନ୍ତି । ବହିର୍ଦ୍ୱାର ସ୍ତମ୍ଭମାନ ହସ୍ତ ତୁଲ୍ୟ । ସୁବର୍ଣ୍ଣ କଳସ ସ୍ତନ ତୁଲ୍ୟ । ନୂପୁର ଶବ୍ଦ ବାଦ୍ୟ ତୁଲ୍ୟ । ଲୋକମାନଙ୍କର ଭଲ ଭଲ ଶବ୍ଦ କେଳାମାନଙ୍କ ଭଲ ଭଲ ଶବ୍ଦପରି । ଉତ୍ତାନହଟେ (ଚିତ୍ ହୋଇ ନାଚିବା ବେଳେ) ତୋଣସ୍ତମ୍ଭ (ବହିର୍ଦ୍ୱାର ସ୍ତମ୍ଭ) ।

୧୬—କେଳୁଣୀ ମୁଖର ଉଜ୍ଜ୍ୱଳତା କାଚ କାନ୍ଥରେ, ଚକ୍ଷୁର ଶୋଭା ଗବାକ୍ଷରେ, କେଶ ପାଶ ଗୃମରରେ, ବସନର ପ୍ରସନ୍ନତା ପରଦାରେ ଲକ୍ଷିତ ହେଉଅଛି । ମୁଖଝଲ (ମୁଖର ଉଜ୍ଜ୍ୱଳତା) ଦର୍ପଣ ଭଙ୍ଗ (କାଚକାନ୍ଥ) ଗବାକ୍ଷ (ଜଳାକବାଟି) ଚିକୁର (କେଶପାଶ) ଯବନିକା (ପରଦା) ।

୧୭—ଗୃହର ସ୍ତମ୍ଭ ସବୁ ସ୍ତ୍ରୀ ଆକୃତିରେ ଗଢ଼ା ହୋଇ ଥିବାରୁ ବେଶ୍ୟା ଭ୍ରମ ଜନ୍ମାଉ ଅଛନ୍ତି । ବେଶ୍ୟାମାନେ ବୀଣା ତୁଲ୍ୟ ସ୍ୱରରେ ଆଳାପ କରି ନାନା ପ୍ରକାର ସ୍ନେହ ଜାତ କରନ୍ତି । ଗୃହମଧ୍ୟରେ ବୀଣାବାଦ୍ୟ ସହିତ ଗାନ ହେଉଥିବାରୁ ସ୍ତମ୍ଭ ସ୍ତ୍ରୀ ଗାଇଲାପରି ବୋଧ ହେଉଅଛି । ସୁତରାଂ ସ୍ନେହ ଜନ୍ମୁଅଛି । ରୂପା ରୂପଜୀବା (ବେଶ୍ୟା) କନ୍ୟାସ୍ତମ୍ଭ (କନ୍ୟାକାରରେ ଗଢ଼ା ହୋଇ ଥିବା ଖୁଣ୍ଟ) ରାଗ (ସ୍ନେହ) ।

ହୂରଦେଶ ଜନ ଦେଲେ ଅନାଇ । ମଦନ ରସରେ ମନ ମନାଇ ।
ଧନ-ସାରଣୀ କେତେ କହିବାକୁ । ତାଙ୍କ ପ୍ରତିବିମ୍ବ ଡରୁଇ ତାଙ୍କୁ ॥ ୧୮
କାଚ ଚତ୍ୱରେ ସତ୍ୱରେ ନ ପଶି । ଗଡ଼ା-କୀର ପଢ଼ାଇବାକୁ ରସି ।
ଦେଶୀ-ପରିହାସୀ ଅଗେ ଯେ ପଡ଼ି । ହ୍ରୀ ସାଗରରେ ରହଇ ବୁଡ଼ି ॥ ୧୯
ଏଣୁ ସେ ପୁର ରହସ୍ୟ ନିବାସ । ତହିଁ ନରେଶ୍ୱର ଉପମା କିସ ।
ନୃପତିମାନେ ମହାଦେବ କହି । ରାଜା-ଚୂଡ଼ାମଣି ହେବାରୁ ସେହି ॥ ୨୦
ପୁଣି ତ୍ରିପୁର-ବିଜୟୀ ସ୍ୱଭାବେ । କୁମାର ଗଣ ପଦତଳେ ସେବେ ।
ମଣିମା ଡାକ ଅନୁକ୍ଷଣେ ଶୁଭେ । ବିଶ୍ୱାନନ୍ଦକ ହୋଇ ନାମ ଶୋଭେ ॥ ୨୧
ପାଟମହାଦେବୀ ବରିବକଳା । ପାର୍ବତୀ କରେ କି କ୍ଷିତିରେ ଲୀଳା ।
ଗଉରୀ ହୋଇ ପ୍ରଶଂସା ଯାହାର । ଦେବୀବୃନ୍ଦରେ ତ ସହଜେ ସାର ॥ ୨୨

୧୮—ହୂରଦେଶୀ ଲୋକ କେହି ଚାହିଁଦେଲେ, କାମାନ୍ଧ ହୋଇଯାଏ । ସେ ନଗରର ଧନବ୍ୟୟ କିଏ କହିପାରିବ ।

୧୯—କାଚ ଅଗଣାରେ ସେମାନଙ୍କର ପ୍ରତିବିମ୍ବ ପଡ଼ିବାରୁ ସେମାନେ ଭୟରେ ହଠାତ୍ ଭିତରକୁ ଯାଆନ୍ତି ନାହିଁ । ଗଢ଼ାଶୁକପକ୍ଷୀକୁ ପଢ଼ାଇବାକୁ ଆରମ୍ଭ କରନ୍ତି । ଯେଉଁ ଲୋକ ଦେଶୀ ପରିହାସୀ ଆଗରେ ପଡ଼େ ସେ ଲଜ୍ଜା ସାଗରରେ ବୁଡ଼ିଯାଏ । ଧନ ସାରଣି (ଧନବ୍ୟୟ) ଚତ୍ୱର (ଅଗଣା) କୀର (ଶୁକପକ୍ଷୀ) ହ୍ରୀ (ଲଜ୍ଜା)

୨୦—ସେ ନଗର ଏହି ହେତୁରୁ ସମସ୍ତ ପ୍ରକାର ରହସ୍ୟର ଆଧାର ହୋଇଅଛି । ତହିଁରେ ଥିବା ନରେଶ୍ୱରଙ୍କର (ରାଜାଙ୍କର) କି ଉପମା ଦେବା । ସେ ରାଜା ଚୂଡ଼ାମଣି (ରାଜାଧିରାଜ) ହେବାରୁ ଅନ୍ୟ ରାଜାମାନେ ତାହାଙ୍କୁ ମହାଦେବ ବୋଲି କହନ୍ତି । ମହାଦେବ ମଧ୍ୟ ରାଜାଚୂଡ଼ାମଣି । ରାଜା (ଚନ୍ଦ୍ର) ଚୂଡ଼ାମଣି (ଶିରୋଭୂଷଣ)

୨୧—ମହାଦେବ ତ୍ରିପୁରାସୁରକୁ ଜିଣିଥିଲେ । ଏ ରାଜା ତିନି ପୁରକୁ ଜିଣି ଅଛନ୍ତି । କୁମାର (କାର୍ତ୍ତିକେୟ) ଗଣ (ଭୂତ ପ୍ରେତାଦି) ମହାଦେବଙ୍କର ପଦତଳେ ସେବା କରନ୍ତି । କୁମାର ଗଣ (ପୁତ୍ର ସମୂହ) ଏହାଙ୍କର ପାଦ ସେବୁ ଅଛନ୍ତି । ମଣିମା ଡାକ ଦେଉଳରେ ସର୍ବଦା ଶୁଭୁ ଥାଏ । ଏଠାରେ ମଧ୍ୟ ରାଜାଙ୍କୁ ଲୋକେ ମଣିମା ବୋଲି ଡାକୁ ଅଛନ୍ତି । ମହାଦେବ ବିଶ୍ୱାନନ୍ଦନ (ସଂସାର ଆନନ୍ଦକାରୀ) ଏ ରାଜାଙ୍କର ନାମ ବିଶ୍ୱାନନ୍ଦକ ।

୨୨—ବିରଞ୍ଚ-କଳାନାମ୍ନୀ ପାଟ ମହାଦେବୀଙ୍କୁ ଦେଖିଲେ ବୋଧହୁଏ ପାର୍ବତୀ ପୃଥିବୀରେ କ୍ରୀଡ଼ା କରୁ ଅଛନ୍ତି କି । ଗୌରୀ । (ଗୌରାଙ୍ଗୀ ଓ ପାର୍ବତୀ) ହେବାରୁ ଯାହାଙ୍କର ପ୍ରଶଂସା ହେଉଅଛି ସେ ପୁଣି ଦେବୀ ମାନଙ୍କ ମଧ୍ୟରେ ଶ୍ରେଷ୍ଠା ଅଟନ୍ତି । ଏ ମଧ୍ୟ ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠା ।

ରାଜା ରାଣୀଙ୍କ ନନ୍ଦନୀ ପ୍ରାପତ । ଇଚ୍ଛାକୁ ଏକା ନ ଛାଡ଼ଇ ଚିତ୍ତ ।
ସଚିବ ନାମ ଯେ ବୁଦ୍ଧିସାଗର । ସେ ଦିନେ ଜଣାଇଲା ଯୋଡ଼ି କର ॥ ୧୩
ଭୂଦେବମାନେ ଯଜ୍ଞ କରିବାରେ । ବହୁତ ସୁବର୍ଣ୍ଣ ଗଣି ଦେବାରେ ।
ଘନାମୟ ପରି ସଦା ଆକାଶ । ଅତିଥି ପୂଜନେ ଧର୍ମ ପ୍ରକାଶ ॥ ୧୪
ଯାଚକ କାମନା ସଂପୂର୍ଣ୍ଣ କରି । ବଇରି-ବୃନ୍ଦର ଅର୍ଥକୁ ହରି ।
ଉଦିତ ତ୍ରିବର୍ଗ ଅମ୍ଭପୁରରେ । ସମର୍ଥ ତ୍ରିତାପ ନାଶିବାରେ ॥ ୧୫
ରାମନାମକୁ ଜପ କରୁଥାଇ । ମୋକ୍ଷରେ ଆଉ ସେ ସଂଶୟ ନାହିଁ ।
ସାକ୍ଷାତେ କରନ୍ତାଇ ଦରଶନ । ଯିବା କି ବାରେ ବଦରିକା-ବନ ॥ ୧୬
ସୁରେ ଅସିଥାନ୍ତି ସେହି ନଗରେ । ଭେଟ ହୋଇବା ତାହାଙ୍କ ସଙ୍ଗରେ ।
ପଥେ ଅଜସ୍ର ଥିଲେ କେହି କେହି । ମହିମା ଆରମ୍ଭ କହିବା ତହିଁ ॥ ୧୭
ଚତୁର ଯୋଗାଇ ଅବଧାନକୁ । ରାଜା ବିଜେ କଲେ ସାଜି ସୈନ୍ୟକୁ ।
ପଦାତି-ପନ୍ତି ଯେ ମହାଭୈରବ । କରିବାରେ ବକଗତି ତାଣ୍ଡବ ॥ ୧୮

୧୩—ରାଜାରାଣୀଙ୍କର ମନ କନ୍ୟାପାଇବା ଇଚ୍ଛାକୁ ଛାଡ଼େନା । ଦିନେ ବୁଦ୍ଧିସାଗର ନାମକ ମନ୍ତ୍ରୀ ହାତ ଯୋଡ଼ି ଜଣାଇଲେ ।

୧୪—ବ୍ରାହ୍ମଣମାନେ ଯଜ୍ଞ କରିବାରୁ ଧୂମରେ ଆକାଶ ମେଘାଚ୍ଛନ୍ନ ପରି ଦେଖା ଯାଉଅଛି । ବହୁତ ସୁବର୍ଣ୍ଣ ଗଣି ଦେଇ ଅତିଥିମାନଙ୍କୁ ପୂଜା କରିବାରୁ ଧର୍ମର ପ୍ରକାଶ ହେଉଅଛି । ଭୂଦେବ (ବ୍ରାହ୍ମଣ) ଘନାମୟ (ମେଘପୂର୍ଣ୍ଣ) ।

୧୫—ଯାଚକମାନଙ୍କର କାମନା ପୂରଣ କରିବାରୁ ଓ ଶତ୍ରୁମାନଙ୍କର ଧନ ଲୁଟିଆଣିବାରୁ ଆମ୍ଭର ନଗରରେ ତ୍ରିବର୍ଗ (ଧର୍ମ, ଅର୍ଥ, କାମ) ଉଦିତ ହୋଇଅଛି । ଏବଂ ତ୍ରିତାପ (ଆଧ୍ୟାତ୍ମିକ, ଅଧିଦୈବିକ, ଅଧିଭୌତିକ) ନାଶିବାକୁ ଏନଗର ସକ୍ଷମ ।

୧୬—ରାମ ନାମକୁ ଜପ କରୁଥିବାରୁ ମୋକ୍ଷରେ ସନ୍ଦେହ ନାହିଁ, ଥରେ ବଦରିକା ତୀର୍ଥକୁ ଯାଇଁ ସାକ୍ଷାତ୍ ଦର୍ଶନ କରିବାକୁ ଇଚ୍ଛା ହେଉଅଛି ।

୧୭—ଦେବତାମାନେ ସେହି ତୀର୍ଥକୁ ଆସନ୍ତି । ତାହାଙ୍କ ସହିତ ଭେଟ ହେବ । ଯଦ୍ୟପି ବାଟରେ କେହି ଶତ୍ରୁ ଥିବ ତାହାହେଲେ ତାହାକୁ (ଶତ୍ରୁକୁ)ମାରି ମହିମା ପ୍ରକାଶ କରିବା ।

୧୮—ଏ ଚତୁର ରାଜାଙ୍କର ମନକୁ ଆସିବାରୁ ସୈନ୍ୟମାନଙ୍କୁ ସଜାଇ ରାଜା ବିଜେ କଲେ । ପାଦଚର ସୈନ୍ୟଗଣ ବକଗତି ଏବଂ ତାଣ୍ଡବ (ଡେଇଁ ଚାଲିବା) କରିବାରୁ ଅତ୍ୟନ୍ତ ଭୀଷଣ ହେଲେ ।

ଲସି ହୋଇ ନଦୀ ଅରଣ୍ୟ ସଙ୍ଗେ । ମଞ୍ଜୁଳ ସଫରି ଖଡ୍ଗ-ରଙ୍ଗେ ।
ରାଗ-ସଂଯୁକ୍ତରୁ ଉତ୍ତମ ଗୀତ । ହୁଁ ହୁଁ କରିବାରେ ମତ୍ତକପୋତ ॥ ୨୯
ପେଚକ କରଟ କଟକେ କରି । ମହାଗିରି ପ୍ରାୟ ଉତ୍ତୁଙ୍ଗ କରୀ ।
ଦାନ-ବାରିରୁ ଘନାଘନ ପଦ । ଉଚିତ ସିନା ଦେବାର କୋବିଦ ॥ ୩୦
ହୟ ହରିନାମ ବିକ୍ରମବଶେ । ଖୁରି ମାରିବାରୁ ଜ୍ୟୋତିଷ କି ସେ ।
ଶୁଦ୍ଧ ଉଦିତ ଦ୍ୱିତୀୟାତିଥିକି । ବାଜଣୀ ନୂପୁର ବାନ୍ଧି ନଚିକି ॥ ୩୧
କଣ୍ଠ-ମଣି ଫେନ ଯେମନ୍ତ ରବି । ବାଜ ବହିବାରୁ ଶିକାରୀ ଛବି ।
ରଥଚୟ ମହାପୁରୁଷବତ । ଉଚ୍ଚ ଜାତିକରେ ଅଶ୍ୱ-ସେବିତ ॥ ୩୨

୨୯—ଏଠାରେ ସୈନ୍ୟମାନେ ନଦୀ ଅରଣ୍ୟ ସହିତ ସମାନ ହେଲେ । ନଦୀ ସଫରୀ (ଦଣ୍ଡିକିରି ମାଛ) ରେ ମନୋହର ହୋଇଥାଏ । ସୈନ୍ୟମାନେ ସଫରୀ (ଫରୀ ସହିତ) ହେବାରୁ ସୁନ୍ଦର ହୋଇ ଅଛନ୍ତି, ଅରଣ୍ୟ ଖଡ୍ଗ(ଗଣ୍ଡକ) ର ରଙ୍ଗରେ ସୁନ୍ଦର ହୋଇଥାଏ । ସୈନ୍ୟମାନେ ଖଡ୍ଗ (ଖଣ୍ଡା) ରଙ୍ଗରେ ସୁନ୍ଦର ହୋଇଅଛନ୍ତି । ସୈନ୍ୟମାନେ ସ୍ୱର ମିଳାଇ ଉତ୍ତମ ଗୀତ ଗାଉ ଅଛନ୍ତି । ଅରଣ୍ୟରେ ମତ୍ତ କପୋତ ପକ୍ଷୀ ହୁଁକାର କରି ଗୀତ ଗାଉ ଥାଏ ।

୩୦—ଉନ୍ନତ ହସ୍ତିମାନେ ମହାଗିରି ପରି, ଯେହେତୁ ମହାଗିରି ପେଚକ (ପେଚା) କରଟ (କାକ) କଟକ (ପର୍ବତମଧ୍ୟଦେଶ) ଏ ମାନଙ୍କରେ ଶୋଭିତ ହୋଇଥାଏ, ହସ୍ତିମାନେ ମଧ୍ୟ ପେଚକ (ଲାଙ୍ଗୁଳ ମୂଳବାଳ) କରଟ (ଗଣ୍ଡଦେଶ) କଟକ (ଦନ୍ତବଳୟ) ମାନଙ୍କରେ ଶୋଭିତ । ହେ ପଣ୍ଡିତମାନେ ଆଉ ମଧ୍ୟ ହସ୍ତିମାନଙ୍କର ଗଣ୍ଡସ୍ଥଳରୁ ମଦଜଳ ଅଜସ୍ର ପ୍ରବାହିତ ହେବାରୁ ସେମାନଙ୍କୁ ଘନାଘନ (ବର୍ଷାକାରୀ ମେଘ, ଓ ମତ୍ତହସ୍ତୀ) କହିବା ଉଚିତ ହୋଇଅଛି । ଦାନବାରି (ମଦଜଳ) ।

୩୧—ଘୋଡ଼ାମାନଙ୍କର ନାମ ହରି (ଘୋଟକ ଓ ପବନ) ଥିବାରୁ ପବନ ପରି ବେଗରେ ଖୁରା ଚଳାଉ ଅଛନ୍ତି, ଜ୍ୟୋତିଷମାନେ ଯେପରି ଖରିମାରନ୍ତି (ଅର୍ଥାତ୍ ଜଳରେ ପତିତ ସମୟ ନିରୂପକ ତମ୍ବାପାତ୍ର ଦ୍ୱାରା ସମୟ ଠିକ କରି ଘଣ୍ଟା ପିଟନ୍ତି) ଘୋଡ଼ାମାନେ ଖୁରିମାରୁ ଥିବାରୁ ଜ୍ୟୋତିଷ ମାନଙ୍କ ତୁଲ୍ୟ ଦ୍ୱିତୀୟା ତିଥିରେ ଉଦିତ ଚନ୍ଦ୍ର ପରି ଘୋଡ଼ାମାନଙ୍କର ଗୋଡ଼ରେ ନୂପୁର ବନ୍ଧା ହୋଇ ବାଜୁଅଛି, ନାଟୁଆ ଗୋଡ଼ରେ ନୂପୁର ବନ୍ଧାହେଲା ପରି ଜଣା ଯାଉଅଛି । ହୟ (ଘୋଡ଼ା) ବିକ୍ରମ (ପରାକ୍ରମ) ।

୩୨—ସୂର୍ଯ୍ୟଙ୍କ କଣ୍ଠରେ ଯେପରି ମଣିଥାଏ ସେହିପରି ଘୋଡ଼ାଙ୍କ କଣ୍ଠରେ ମଣିଅଛି । ସେମାନଙ୍କ ମୁଖରୁ ବାଜ (ଫେଣ ଓ ବାଜପକ୍ଷୀ) ବୋହିବାରୁ ବାଜପକ୍ଷୀପରି ଶିକାରୀ ହୋଇ ଅଛନ୍ତି । ରଥସବୁ ମହାପୁରୁଷମାନଙ୍କପରି ଉନ୍ନତ ଏବଂ

ଦିବ୍ୟ ନାୟିକା ପୁଣି ଅଲଙ୍କୃତ । ସୁତ-କ୍ରୀଡ଼ାରେ ହୋଇଛନ୍ତି ବନ୍ଦିତ ।
ଗର୍ବ କରି ଊର୍ଦ୍ଧ୍ୱେ ବାନା ଉଡ଼ାଇ । ଏମନ୍ତେ ଚତୁରଙ୍ଗ ଚଳି ଯାଇ ॥ ୩୩
କ୍ଷୋଦବଶରେ ଭାନୁ-ଜ୍ୟୋତି ସବେ । ତମ-ଗ୍ରସ୍ତ ଏ ଭ୍ରମ କେ୍ୟାତିଷରେ ।
ତମ-ଗ୍ରସ୍ତରେ ଗୃହନାରୀ ମାନ । ଦୀପ ଦୀପନ୍ତି କରିବା ବଚନ ॥ ୩୪
ନିଶାଣେ ଦ୍ୱିପମାନେ ଚମକିଲେ । ଦିଗେ ଥିବା ଦ୍ୱିପମାନେ ଶଙ୍କିଲେ ।
ଶ୍ରୀନଗରୁ ଆଦ୍ୟବର୍ଣ୍ଣ ଲୁଟିଲେ । ଘୋଷବାସୀ ପ୍ରାୟୁ ଆସି ଭେଟିଲେ ॥ ୩୫
ଆଗ ହୋଇଲେ ସେ ମାର୍ଗ ଦେଖାଇ । ପାପହା ଗଙ୍ଗାକୂଳେ ହେଲେ ଯାଇ ।
ସହଜେ ସୀତା ପାତାଳଗାମିନୀ । ହିମବତୀ ଶଙ୍କର-ମୋହିନୀ ॥ ୩୬

ଚନ୍ଦ୍ରଯୁକ୍ତ ମହାପୁରୁଷମାନଙ୍କର ମଧ୍ୟ ଉଚ୍ଚ ଜାତକ (ଜନ୍ମିତ କୋଷ୍ଠି) ଅରି-ସେବିତ (ଶତ୍ରୁସେବିତ) ବାଜ (ଫେଣ ଓ ଛଆଣ ପକ୍ଷୀ) ରଥଚୟ (ରଥ ସମୂହ) ଅରି (ଚକ୍ର ଓ ଶତ୍ରୁ)

୩୩—ଯେପରି ମହାପୁରୁଷମାନେ ଉତ୍ତମ ସ୍ତ୍ରୀଯୁକ୍ତ ହୋଇ ପୁତ୍ରକ୍ରୀଡ଼ାରେ ରତ ହୋଇ ଥାଆନ୍ତି, ରଥମାନେ ସେହିପରି ଉତ୍ତମ ନାୟିକାସ୍ତମ୍ଭରେ ଯୁକ୍ତ ହୋଇ ସାରଥିର କ୍ରୀଡ଼ାରେ ପ୍ରକାଶିତ ହୋଇ ଅଛନ୍ତି । ଚତୁରଙ୍ଗ ସୈନ୍ୟ ଗର୍ବରେ ଉପରେ ବାନା ଉଡ଼ାଇ ଏହିପ୍ରକାର ଚାଲି ଯାଆନ୍ତି । ନାୟିକା (ସ୍ତ୍ରୀ ଓ ନାୟିକାକାର ସ୍ତମ୍ଭ) ସୁତ (ପୁତ୍ର ଓ ସାରଥି) ଚତୁରଙ୍ଗ (ସୈନ୍ୟ ହସ୍ତ୍ୟାରୋହୀ, ଅଶ୍ୱାରୋହୀ, ରଥାରୋହୀ, ପଦାତି)

୩୪—ସୈନ୍ୟମାନଙ୍କର ଗମନରେ ଉଠୁଥିବା ଧୂଳିରେ ସୂର୍ଯ୍ୟଙ୍କ ତେଜ ଲୁପ୍ତହୋଇ ଅଛି । ଜ୍ୟୋତିଷରେ ରାହୁ ସୂର୍ଯ୍ୟଙ୍କୁ ଗ୍ରାସ କରୁ ଅଛି ଏହା ଭ୍ରମାତ୍ମକ, ରାହୁ ସୂର୍ଯ୍ୟଙ୍କୁ ଗ୍ରାସକଲେ ଗୃହନାରୀମାନେ ଦୀପ ଜାଳନ୍ତି ନାହିଁ କିନ୍ତୁ ସୈନ୍ୟଙ୍କର ପାଦ ଧୂଳିରେ ଏପରି ଅନ୍ଧକାର ଗ୍ରାସ କଲା ଯେ ଗୃହ ନାରୀମାନେ ଦୀପ ଜାଳିଲେ ଏହା ବଚନ ଅଟେ । କ୍ଷୋଦ [ଧୂଳି] ଭାନୁ (ସୂର୍ଯ୍ୟ) ତମ [ରାହୁ, ଅନ୍ଧକାର] ।

୩୫—ନିଶାଣ ଦେଖି ହାତୀମାନେ ଚମକିଲେ । ଦିଗ୍‌ଗଜ ମାନେ ମଧ୍ୟ ଶଙ୍କାକଲେ । ଶ୍ରୀନଗରର ଆଦ୍ୟବର୍ଣ୍ଣ (ଶ୍ରୀ, ସମ୍ପତ୍ତି) କୁ ଲୁଟି କଲେ ତହୁଁ ସେ ନଗର ବାସୀମାନେ ଗଉଡ଼ମାନଙ୍କପରି ଦୀନ ଭାବରେ ଆସି ସାକ୍ଷାତ କଲେ । ଦ୍ୱିପ (ହସ୍ତୀ) ଶ୍ରୀନଗର (କାଶ୍ମୀର) ଘୋଷବାସୀ (ଗଉଡ଼)

୩୬—ସେ ନଗରବାସୀମାନେ ବାଟ ଦେଖାଇବାକୁ ଆଗରେ ଚାଲିଲେ, ପାପ-ହାରିଣୀ ଗଙ୍ଗାକୂଳରେ ଯାଇ ଉପସ୍ଥିତ ହେଲେ । ସେ ଗଙ୍ଗା ସୀତାଙ୍କ ପରି ପାତାଳକୁ ଗମନ କରିଅଛନ୍ତି । ଦୁର୍ଗା ହିମାଳୟର କନ୍ୟା ଏବଂ ଶିବଙ୍କୁ ମୋହିତ କରୁ ଅଛନ୍ତି, ଏ ଗଙ୍ଗା ମଧ୍ୟ ହିମାଳୟରୁ ବାହାରି ଅଛନ୍ତି ଓ ଶିବଙ୍କୁ ମୋହିତ କରୁଅଛନ୍ତି ।

ଗୁରୁ-ଧାର ଯେ ବୃଷା-ନନ୍ଦଦାୟୀ । ଅମୃତ-ନିଧି ବିଷ୍ଣୁ-ପଦସ୍ଥାୟୀ ।
ସିନ୍ଧୁର-ବର-ତୋଷ-ଦାନ-କାରୀ । ଭୀଷ୍ମ-ସୂରୂପେ ପତିତ ନିସ୍ତାରି ॥ ୩୭
ସୁରଶ ଭରୁଁ ଦରଶନ ସାରି । ଏକ ଅସ୍ରପେ ଧବଳ ହଂସ ଧରି ।
ଷଠପୁର-ମାର୍ଗେ କରି ବଦନ । ଅଜସ୍ର ହୋଇ କରୁଛି ଗମନ ॥ ୩୮
ବୋଲୁଛି ରଖୁ ଧାତା ବାହୁବଳେ । ପଡ଼ିଲୁ ମୋ ମୁଖେ ଅଖେଠ କାଳେ ।
ସଞ୍ଚି ଥୋଇବାକୁ ମୁଁ ନୁହେ ଶଙ୍ଖ । ହେଲ ପାଦଗତ ଚତୁରମୁଖ ॥ ୩୯
ନରେଶ ଏ ବାଣୀ ଯହୁଁ ଶୁଣିଲେ । ତୁରଙ୍ଗମକୁ ଧୂଆଇଁ ହାଣିଲେ ।
ସୁରଙ୍ଗତର ହୋଇ ତରବାରି । ଦିଶିଲା କିଂଶୁକ-କଳିକା ପରି ॥ ୪୦

୩୭—ଗଙ୍ଗା ଶଚୀଙ୍କ ପରି, ଶଚୀ ଦେବୀଙ୍କର ନାମ ଗୁରୁଧାରା, ଏ ସୁନ୍ଦର ପ୍ରବାହ ଯୁକ୍ତା ଶଚୀ ଇନ୍ଦ୍ରଙ୍କର ଆନନ୍ଦ ଦାୟିନୀ, ଏ ମଧ୍ୟ ଜହ୍ନୁଙ୍କ ଆନନ୍ଦଦାୟିନୀ, ଯେପରି ଚନ୍ଦ୍ର ଅମୃତ (ସୁଧା) ନିଧି ଏ ସେପରି ଅମୃତ (ଜଳ) ନିଧି ଚନ୍ଦ୍ର ବିଷ୍ଣୁପଦ (ଆକାଶ) ସ୍ଥାୟୀ, ଗଙ୍ଗା ବିଷ୍ଣୁ ପଦ (ବିଷ୍ଣୁଙ୍କର ପାଦ) ସ୍ଥାୟିନୀ, ଚନ୍ଦ୍ର ସିନ୍ଧୁର (ସମୁଦ୍ରର) ବର (ଶ୍ରେଷ୍ଠ) ସନ୍ତୋଷ ଦାନକାରୀ ଗଙ୍ଗା ସିନ୍ଧୁର ବର (ଐରାବତର) ତୋଷ ଦାନ କାରିଣୀ (ସନ୍ତୋଷ ଖଣ୍ଡନ କାରିଣୀ) । ପୁଣି ଯେପରି ଗଙ୍ଗା ଭୀଷ୍ମଙ୍କ ଜନନୀ ହୋଇ ଶାନ୍ତନଙ୍କୁ ଉଦ୍ଧାର କରିଥିଲେ ଏବେ ମଧ୍ୟ ସେହିପରି ପାପୀମାନଙ୍କୁ ଉଦ୍ଧାର କରୁ ଅଛନ୍ତି । ବୃଷା (ଇନ୍ଦ୍ର ଓ ଶ୍ରେଷ୍ଠ) ଭୀଷ୍ମସୂ (ଭୀଷ୍ମଙ୍କ ଜନନୀ)

୩୮—ରାଜା ଏହିରୂପେ ଗଙ୍ଗାଙ୍କୁ ଦର୍ଶନ କରି ସ୍ନାନ କରିବାକୁ ଭାବନ୍ତେ ଗୋଟିଏ ରାକ୍ଷସ ଧବଳ ହଂସଟିଏ ଧରି ଆକାଶକୁ ମୁଖ କରି ସର୍ବଦା ଦଉଡ଼ୁ ଅଛି । ଅସ୍ରପ (ରାକ୍ଷସ) ଷଠପୁରମାର୍ଗ (ଆକାଶ) ଅଜସ୍ର (ସର୍ବଦା)

୩୯—ସେହି ରାକ୍ଷସ କହୁଅଛି ଯେ ବିଧାତା ତୋତେ ବାହୁବଳରେ ରକ୍ଷାକରୁ ତୁ ପାରଧି କଲାବେଳେ ମୋ ମୁଖରେ ପଡ଼ିଅଛୁ । ଶଙ୍ଖାସୁର ବେଦ ଚୋରାଇ ନେଇ ସମୁଦ୍ର ମଧ୍ୟରେ ସଞ୍ଚୟ କରି ରଖିଥିଲା କିନ୍ତୁ ମୁଁ ସେପରି ନୁହେ ଯେ ତୋତେ ସଞ୍ଚୟ କରି ରଖିବି, ଚତୁର୍ମୁଖ ବ୍ରହ୍ମା ଆଜଠାରୁ ପାଦରେ ଗମନ କରିବ । ଅଖେଠ (ପାରିଧି) ଶଙ୍ଖ (ଶଙ୍ଖାସୁର) ଚତୁର୍ମୁଖ (ବ୍ରହ୍ମା)

୪୦—ରାଜା ଏ କଥା ଶୁଣିଲା ମାତ୍ରେ ଘୋଡ଼ାକୁ ଦଉଡ଼ାଇ ସେହି ରାକ୍ଷସକୁ ହାଣି ପକାଇଲେ । ତରବାରି ଅତ୍ୟନ୍ତ ନାଲି ହୋଇ ପଳାଶ କଢ଼ିପରି ଦେଖା ଗଲା । ତୁରଙ୍ଗମ (ଘୋଡ଼ା) କିଂଶୁକକଳିକା (ପଳାଶକଢ଼ି)

ମୁଣ୍ଡ ପଡ଼େ ଖଣ୍ଡଶୈଳ ପରାୟେ । ରକ୍ତରେ ବ୍ୟକ୍ତ ଗୈରିକ ଧାରା ଏ ।
ରାଜା ପୁଚ୍ଛା କଲେ କହିଲା ହଂସ । ହେ ଲୋମପାଦ-ବଂଶ-ଅବତଂଶ ॥ ୪୧
ଅମ୍ବୁଭୂ ନାରାୟଣଙ୍କ ପୂଜନେ । ଆସିଅଛନ୍ତି ବଦରିକାବନେ ।
ମୁଁ ଯେ ବିହରୁ ଜମ୍ବୁନଦ-ସରେ । କଲି ଏ କରଗତ ଏ ହଂସାରେ ॥ ୪୨
ବଜ୍ରପୁରରେ ପୂର୍ବେ ଅମ୍ଭେ ଭେଦ । କଲୁରୁ ଏହା ବଂଶ ଶିରଚ୍ଛେଦ ।
ସେ ମରାଳରାଜ ଘେନି ଚପଳେ । ଭୂପତି ମିଳିଲେ ବୈକୁଣ୍ଠାଚଳେ ॥ ୪୩
ସ୍ୱୟମ୍ଭୁପାଦେ ପ୍ରଣାମ ବିହିଲା । ଏ କଥାମାନ କାଦମ୍ବ କହିଲା ।
ହରଷେ ଆଜ୍ଞାଦେଲେ ହଂସ-ରଥ । ମାଗ ହୋ ରାଜା ଯେ ତୋ ମନୋରଥ ॥ ୪୪
ପ୍ରଜେଶ୍ୱର କରଯୋଡ଼ି ରହିଲେ । ପ୍ରଜାପତି ମତି ଜାଣି କହିଲେ ।
ମନ୍ଦକର୍ଣ୍ଣି କଥା ଶୁଣି ପ୍ରସଙ୍ଗେ । ତପ ତେଜିଲେ ଅପସରୀ ସଙ୍ଗେ ॥ ୪୫
ପ୍ରଧାନ ସେହିତ ସ୍ୱର୍ଗ-ଭୋଗର । ଅଧିକ ସୁଖ ସେ କରି ବିସ୍ତର ।
ଭାର୍ଯ୍ୟା ହେବ ଶୋଭାବତୀ ନନ୍ଦନା । ପୂର୍ଣ୍ଣ କରିବା ତୋ ଦୁଇ କାମନା ॥ ୪୬

୪୧—ସେହି ରାକ୍ଷସର ମୁଣ୍ଡ ଟାଣି ତୋଳି ପରି ପଡ଼ିଲା । ଗୈରିକ ଧାରା ପରି ରକ୍ତ ଧାର ସବୁ ବୋହିଲା । ରାଜା ସେହି ହଂସକୁ ପଚାରନ୍ତେ ସେ କହିଲା, ହେ ଲୋମପାଦବଂଶଚୂଡ଼ାମଣି । ଖଣ୍ଡଶୈଳ (ପର୍ବତରୁ ଖସିବା ପ୍ରସ୍ତର ଖଣ୍ଡ) ଗୈରିକ ଧାରା (ଗେରୁଧାର) ଅବତଂଶ (ମୁକୁଟମଣି)

୪୨—ବ୍ରହ୍ମା ନାରାୟଣଙ୍କ ପୂଜାପାଇଁ ବଦରିକା ଆସିଛନ୍ତି । ମୁଁ ଜମ୍ବୁନଦ ସରୋବରରେ ବୁଲି ବୁଲି ଏହି ରାକ୍ଷସ ମୋତେ ହଂସାରେ କରଗତକଲି । ଅମ୍ବୁଭୂ (ବ୍ରହ୍ମା)

୪୩—ବ୍ରହ୍ମାଙ୍କ ହଂସ କହିଲା, ପୂର୍ବରେ ବଜ୍ର ନାମକ ଅସୁରପୁରରେ ଆମ୍ଭେ ଭେଦ ଘଟାଇବାରୁ ରାକ୍ଷସବଂଶର ଶିରଚ୍ଛେଦ ହୋଇ ଅଛୁ । ସେହି ହଂସାରେ ଏ ମୋତେ ଧରିଥିଲା । ସେହି ରାଜହଂସ ରାଜାଙ୍କୁ ଘେନି ଶୀଘ୍ର ବୈକୁଣ୍ଠାଚଳରେ ପହଞ୍ଚିଲେ । ମରାଳରାଜ (ରାଜହଂସ ଶ୍ରେଷ୍ଠ)

୪୪—ହଂସ ବ୍ରହ୍ମାଙ୍କ ପାଦତଳେ ପଡ଼ି ଏ କଥାସବୁ କହିବାରୁ ବ୍ରହ୍ମା ଆନନ୍ଦରେ ଆଜ୍ଞା ଦେଲେ. ହେ ନରପତି । ତୁମ୍ଭର ଯାହା ଇଚ୍ଛା ତାହା ପ୍ରାର୍ଥନା କର । ସ୍ୱୟମ୍ଭୂ (ବ୍ରହ୍ମା) କାଦମ୍ବ (ରାଜହଂସ) ହଂସରଥ (ବ୍ରହ୍ମା) ।

୪୫।୪୬-ରାଜା ହାତଯୋଡ଼ି ରହିବାରୁ ବ୍ରହ୍ମା ତାହାଙ୍କର ମନ ଜାଣି କହିଲେ, ତୁମ୍ଭେ ମନ୍ଦକର୍ଣ୍ଣିଋଷି ତପସ୍ୟା ଛାଡ଼ି ସରୋବର ମଧ୍ୟରେ ଅପ୍ସରାଙ୍କ ସଙ୍ଗେ ଏକାନ୍ତରେ ବିହାର କରି ସେ ସୁଖକୁ ସ୍ୱର୍ଗ ସୁଖ ଅପେକ୍ଷା ଅଧିକ ବିସ୍ତାର କରିଥିବା ବିଷୟ ପ୍ରସଙ୍ଗକ୍ରମେ ଶୁଣି ସେହିପରି ଭୋଗ କରିବାକୁ ଏବଂ ସୁନ୍ଦରୀ କନ୍ୟା ପାଇବାକୁ ଇଚ୍ଛୁଅଛ, ତୁମ୍ଭର ଏ ଦୁଇକାମନା ପୂର୍ଣ୍ଣକରିବା । ପ୍ରଜେଶ୍ୱର (ରାଜା) ପ୍ରଜାପତି (ବ୍ରହ୍ମା) ।

ଗନ୍ଧମାଦନରେ ଅଟନ୍ତି ବସନ୍ତେ । ଗୁପ୍ତ ହୋଇଥାଇ ଖ୍ୟାତ ବସନ୍ତେ ।
ରତମର୍ଦ୍ଧା ସେ ଅପସରୀବାର । ଶବ୍ଦ କି ତାକୁ ଅପସରିବାର ॥ ୪୭
ତାକୁ କନ୍ଦର୍ପନ ଭୋଗ କରିବ । ସୁତା ଜନ୍ମାଇ ପୁରକୁ ନେବ ।
ନ ଥିଲା କାହିଁ ନୋହିବ ଏ ବାଣୀ । କୁମାରୀଠାରେ ସମ୍ଭବିବ ପୁଣି ॥ ୪୮
ବୋଲିବ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ପ୍ରେମ ଅଙ୍କୁରରୁ ପ୍ରେମ ମଞ୍ଜରୀ ।
ଏ ଆଜ୍ଞା ଦେଇ ରାଜା ଅନୁଗତ । ନାରାୟଣଙ୍କୁ କରି ପ୍ରଣମିତ ॥ ୪୯
ଦେଖିଲେ ସ୍ଥାନ ମହାଗଦ ପ୍ରାୟ । କୁଣ୍ଡଳି ଗମନେ କରନ୍ତି ଭୟ ।
ସ୍ୱଭାବେ ସ୍ୱର୍ଗ ପୁରକୁ ନିଶ୍ରେଣୀ । ଅପୂର୍ବ ଫଳୀରେ ରୁଚିର ପୁଣି ॥ ୫୦
ସଉଧ ଘେନିବାରୁ ଦିବ୍ୟବାସ । ମାନସେ ବିହରେ ପରମହଂସ ।
ତପେ ସେ ଖ୍ୟାତ ଶୁଚି ଜାଣ କରେ । ପ୍ରତୀତ ହୁଅଇ ଜ୍ୟେଷ୍ଠ ପ୍ରକାରେ ॥ ୫୧

୪୭—ରତମର୍ଦ୍ଧାନାମରେ ଗୋଟିଏ ଅତି ସୁନ୍ଦରୀ ସ୍ତ୍ରୀ ଅଛି, ସେ ଅନ୍ୟ ସମୟରେ ଗୁପ୍ତହୋଇ ଥାଏ, ବସନ୍ତ ସମୟରେ ଅଟନ୍ତି ଗନ୍ଧମାଦନ ପର୍ବତରେ ବାସ କରନ୍ତେ ସେ ପ୍ରକାଶ ପାଏ, ଅପ୍‌ସରୀମାନେ ତାର ସୁନ୍ଦରପଣରେ ହଟି ଯିବାର ଆଶ୍ଚର୍ଯ୍ୟ ନୁହେଁ । ଅପ୍‌ସରୀ ବା (ଅପ୍‌ସରାସମୂହ ଓ ହଟିଯିବା)

୪୮—ତୁମ୍ଭେ ତାକୁ କନ୍ଦର୍ପ ପରି ଭୋଗ କରି । ତାହାଠାରେ ଏକ କନ୍ୟା ଜନ୍ମାଇ ତାହାକୁ ନିଜପୁରକୁ ନେବ । ସେ କୁମାରୀଠାରେ ନ ଥିଲା, ନାହିଁ ନୋହିବ ଏପରି ତ୍ରିକାଳ ବାକ୍ୟସମ୍ଭବ ହେବ ।

୪୯—କୋଟିବ୍ରହ୍ମାଣ୍ଡରେ ଏକମାତ୍ର ସୁନ୍ଦରୀ ହେବାରୁ ତାହାର ନାମ କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀ ହେବ , ପ୍ରେମ ବୃକ୍ଷରୁ ପ୍ରେମ ମଞ୍ଜରୀ ଜନ୍ମିଲାପରି ସେକନ୍ୟାକୁ ସମସ୍ତେ ଅନୁମାନ କରିବେ । ବ୍ରହ୍ମା ଏପରି ଆଜ୍ଞା ଦେବାରୁ ରାଜା ଅନୁଗତ ହୋଇ ନାରାୟଣଙ୍କୁ ପ୍ରଣାମ କଲେ ।

୫୦—ସେହି ବଦରିକା ବନର ଶୋଭା ଦେଖିଲେ, ସେ ସ୍ଥାନ ମହାଗଦପରି ହୋଇ ଥିବାରୁ ସର୍ପମାନେ ଯିବାକୁ ଡରନ୍ତି । ବଣିଆମାନେ ମଧ୍ୟ ଅଭିଶପ୍ତ ହୋଇ ଥିବାରୁ ସେଠାକୁ ଯାଆନ୍ତି ନାହିଁ । ଏକସମୟରେ କୌଣସି ବଣିଆ ସ୍ୱର୍ଣ୍ଣମଣି ନିର୍ମିତ ନାରାୟଣଙ୍କର ଅଙ୍ଗୁଠି ଭାଙ୍ଗି ଆଣିଥିବାରୁ ଅଭିଶାପ ଅଛି, ସେସ୍ଥାନ ସ୍ୱଭାବତଃ ସ୍ୱର୍ଗକୁ ଯିବାର ନିଶୁଣୀ, ଅପୂର୍ବ ଫଳୀରେ ମନୋହର (ଏସ୍ଥାନ ଅପୂର୍ବ ବୃକ୍ଷମାନଙ୍କରେ ମନୋହର) । କୁଣ୍ଡଳି (ସର୍ପ ଓ ବଣିଆ) ନିଶ୍ରେଣୀ (ନିଶୁଣି) ଫଳୀ (ନିଶୁଣୀଫଳୀ ଓ ବୃକ୍ଷ)

୫୧—ସେ ବନ ସୌଧ (ମୁନିମାନଙ୍କୁ ଘେନିଥିବାରୁ ଦିବ୍ୟବାସ (ସ୍ୱର୍ଗପୁର) ପରି ହୋଇଅଛି । ସ୍ୱର୍ଗରେ ମଧ୍ୟ ସୌଧ (ଅଟ୍ଟାଳିକା) ଅଛି, ମାନସରୋବରରେ ପରମହଂସ (ରାଜହଂସ)ମାନେ ବିହାର କଲାପରି ଏ ବନରେ ପରମ-ହଂସ [ଦଣ୍ଡୀ] ମାନେ ବୁଲୁଅଛନ୍ତି । ଏ ବନ ଜ୍ୟେଷ୍ଠମାସପରି-ତପ (ସୂର୍ଯ୍ୟ

ରାଜା ଭାବ ତହିଁ ନିତ୍ୟ ଗମନ । କେଦାରେଶ୍ୱରଙ୍କ ନିକଟ ସ୍ଥାନ ।
ସ୍ୱର୍ଣ୍ଣ-ସର-ତୀର ଚନ୍ଦନ-ବନ । 'ଟ' ବାଦି ଯହିଁ 'ନ' ଘେନଇ ମନ ॥ ୫୨
ସମାନ ବନେ ଏ କନ୍ୟାକୁ ଘେନି । ବିହର କହିଗଲେ ପଦ୍ମଯୋନି ।
ସେ ବନ ସେବନେ ସେହି ଦମ୍ପତି । ବିରଚନ କଲେ ଅଭେଦ ପ୍ରୀତି ॥ ୫୩
ମାଳା କରି କଲେ କେବଳ କର । ହେଳା କରିଦେଲେ ବିଷୟଭାର ।
ପାନ କରି ମାନ କଲେ ଅଧର । ଧ୍ୟାନ କରି କଲେ ଭାବବିଗ୍ରହ ॥ ୫୪
ଦାନ କରି କଲେ ସରୁ ଚୁମ୍ବନ । ଭିନ୍ନ କରି ଦେଲେ ଛିନ୍ନବସନ ।
ଘାତ କରି ଯହିଁ ଦଶନ ନଖ । ଜାତ କର ତହିଁ ପରମ ସୁଖ ॥ ୫୫
ପାଠ କଲେ ଘେନାଘେନି ବଚନ । ହଠ କଲେ ଜିଣିବାକୁ ମଦନ ।
ଏକାନ୍ତ ସେ କାନ୍ତ କାନ୍ତା ତରୁଣ । ଏମନ୍ତ ମତି କି ଅଧିକ ପୁଣି ॥ ୫୬
ବନୀତ ଜନିତ ଅନଙ୍ଗ କରେ । ମନ୍ଦ ମନ୍ଦ ଗନ୍ଧବହ ବିହରେ ।
ପୁଷ୍ପ ପୁଷ୍ପରସ ପତନ ଅତି । ରଣରଣ ବୋଲେ ଭ୍ରମରପନ୍ତି ॥ ୫୭

ତେଜ ଓ ତପସ୍ୟା) ରେ ଖ୍ୟାତ ହୋଇଅଛୁ ଏବଂ ଶୁଚି (ଅଗ୍ନି ଓ ପବିତ୍ରତା) କୁ ଜନ୍ମାଇଅଛୁ ।

୫୨।୫୩-ସେ ରାଜା ବଦରିକା ବନକୁ ଦେଖି ଏହିପରି ନାନା କଥା ଭାବି ପ୍ରତ୍ୟହ ଯାଆନ୍ତି । ଧନେ ସ୍ୱୟଂବ୍ରହ୍ମା କେଦାରେଶ୍ୱରଙ୍କ ନିକଟବର୍ତ୍ତୀ ସ୍ୱର୍ଣ୍ଣସରୋବର ତୀରସ୍ଥ ଚନ୍ଦନବନରେ ଏହି କନ୍ୟା ସହିତ ବିହାର କରି, ଏହାକହି ରତି-ମର୍ଦ୍ଦାଙ୍କୁ ଅର୍ପଣକରି ସ୍ୱର୍ଗକୁ ଗଲେ । ଯେଉଁ ଚନ୍ଦନବନକୁ ଦେଖି ମନ, ଟ, ବାଦି, ନ, ଅକ୍ଷର ଯୋଗ କରି (ଅର୍ଥାତ୍ ନନ୍ଦନବନ) ସମାନ ଘେନୁ-ଅଛୁ । ସେହି ଦମ୍ପତୀ (ରାଜା ଓ ରତିମର୍ଦ୍ଦା) ସେହି ବନରେ ବିହାର କରି ଅଭେଦପ୍ରୀତି ଜନ୍ମାଇଲେ । ପଦ୍ମଯୋନି (ବ୍ରହ୍ମା) ।

୫୪—ପରସ୍ପର ହାତକୁ କେବଳ ହାର କଲେ, ବିଷୟସମ୍ପର୍କୁ ତ୍ୟାଗ କଲେ, ପରସ୍ପର ଅଧରକୁ ପାନପାନ କଲେ, ଭାବକୁ ସର୍ବଦା ଧ୍ୟାନ କଲେ ।

୫୫—ମଧୁର ଚୁମ୍ବନକୁ ପରସ୍ପର ଦାନ କଲେ, ଛିନ୍ନବସନ ପରିତ୍ୟାଗ କଲେ, ଯେଉଁ ସ୍ଥାନରେ ଦନ୍ତାଘାତ ବା ନଖାଘାତ କଲେ ସେ, ସ୍ଥାନରେ ପରମ ସୁଖ ଜନ୍ମାଇଲେ ।

୫୬—ପରସ୍ପର ଘେନାଘେନି ବାକ୍ୟ (ଗୂଢ଼ବାକ୍ୟ) କୁ ପାଠ କଲେ । କାମକୁ ଜୟ କରିବାକୁ ହଠ କଲେ । ସେ ତରୁଣ କାନ୍ତ ଓ କାନ୍ତା ଦୁହେଁ ଏକାନ୍ତ ହେଲେ । ଏହା କିଛି ବିଶେଷ କଥା ନୁହେଁ ।

୫୭—ସେହି ଚନ୍ଦନବନ କାମକୁ ଜନ୍ମାଉଅଛୁ, ମନ୍ଦ ୨ ପବନ ବହୁଅଛୁ, ଅତଏବ ଫୁଲ ଓ ଫୁଲମଧୁ ପଡ଼ୁଅଛୁ । ଭ୍ରମରମାନେ ଗୁଣୁ ଗୁଣୁ ଶବ୍ଦ କରୁଅଛନ୍ତି । ବନୀ (ବଗିଚ୍ଚ) ଅନଙ୍ଗ (କାମ) ଗନ୍ଧବହ (ପବନ) ।

କୁହୁକୁହୁ କରୁଛନ୍ତି କୋକିଳ । ହୁଁହୁଁ ହୁଁହୁଁ କରେ କପୋତକୁଳ ।
ଶୁଭୁଅଛୁ ପୁଣି କଳାପୀ-ଗୀତ । ଲୋଭୁଅଛୁ ତହିଁ ବିଶେଷ ଚିତ୍ତ । ୫୮
ତରୁ ଆଳବାଳ ଜମ୍ବୁ-ଜମ୍ବାଳ । ବୃକ୍ଷ ଭ୍ରମିବାରୁ ଶୀତଳ ଜଳ ।
ମହୀରେ ରେଣୁ କେବଳ କର୍ପୂର । ତହିଁରେ ପଙ୍କ କସ୍ତୁରୀନିକର ॥ ୫୯
ବଞ୍ଚିତ ଏମନ୍ତେ ପଦ୍ମିଣୀ କେତେ । ଗୁପ୍ତ ସୁକୁମାରୀ କୁମାରୀ ଜାତେ ।
ଶୋଚନା କରନ୍ତେ ନୃପତମଣି । ରଚନା କଲା ମନ୍ତ୍ରୀ ବୋଧବାଣୀ ॥ ୬୦
ନନ୍ଦମୀ ଶୋଇ ରତନ-ପଲଙ୍କେ । ବିବାଦୀ ଦେଖିଲା ଆଖି ପଲକେ ।
ବୋଦନସ୍ୱନ କ୍ଷଣେ କ୍ଷଣେ ରଚି । ପିକେ ଦେଇଛୁ ମୂକଭୂତ ଯାଚି ॥ ୬୧
ରତିକେ ସମାନ ନୋହିବ ରତି । ଯତି କେ ଦେଖିଲେ ରଖିବ ଧୃତି ।
ଯୁବାକାଳେ ଏ ବା ହେବ କେମନ୍ତ । ହେବାରେ ଜନମ ଯହିଁ ଏମନ୍ତ ॥ ୬୨
ସମାନେ କାହୁଁ ଭିଆଇବା ବର । ଏମାନେ ସଚିବ ଚିତ୍ତ ଅଧୀର ।
ଆକାଶରୁ ଶୁଭେ ଏମନ୍ତ ଗୀର । ପ୍ରକାଶ ହେଲଣି ବର ଏହାର ॥ ୬୩

୫୮—କୋକିଳମାନେ କୁହୁ ୨ ଶବ୍ଦ କରୁଅଛନ୍ତି । କପୋତପକ୍ଷୀ ହୁଁ କାରଶବ୍ଦକରୁ ଅଛନ୍ତି । କଳାପୀମାନଙ୍କ ଗୀତ ପୁଣି ଶୁଭୁ ଅଛୁ । ଏଥିରେ ଚିତ୍ତ ବିଶେଷରେ ଲୋଭୀ ହେଉଅଛୁ ।

୫୯—ସୁବର୍ଣ୍ଣପଙ୍କ ବୃକ୍ଷମାନଙ୍କର ମଦା ହୋଇ ଅଛି, ତହିଁରେ ଶୀତଳ ଜଳ ରହି ସୁନ୍ଦର ଦିଶୁଅଛୁ । ସେ ସ୍ଥାନରେ ଧୂଳିସବୁ କେବଳ କର୍ପୂର ଅଟେ । ମୃଗ-ନାଭି କସ୍ତୁରୀ ସେଠାରେ ପଙ୍କ ହୋଇଅଛୁ । ଆଳବାଳ (ମଦା) ଜମ୍ବୁ-ଜମ୍ବାଳ (ସୁବର୍ଣ୍ଣପଙ୍କ) ।

୬୦—ସୁକୁମାରୀ ରତିମର୍ଦ୍ଦୀ ଏହିପରି କେତେକାଳ ରହି କନ୍ୟାଟିଏ ଜନ୍ମିବାରୁ ଗୁପ୍ତ ହୋଇଗଲେ, ରାଜା ଶୋଚନା କରିବାରୁ ମନ୍ତ୍ରୀ ବୋଧବାଣୀ ରଚନା କଲେ ।

୬୧—ସେହି କନ୍ୟା ରତ୍ନପଲ୍ୟଙ୍କରେ ଶୋଇ ଦେଖିବା ଲୋକର ପଲକ ପତନରେ ବିବାଦୀ ହେଲା । ଅର୍ଥାତ୍ ତାଙ୍କୁ ଦେଖି ପଲକ ପଡ଼ିଲା ନାହିଁ । ସେ କନ୍ୟା କ୍ଷଣେ ୨ ରୋଦନ କରି ପିକକୁ ମୂକଭୂତ (ମୂକତା) ଯାଚକରି ଦେଇଅଛୁ । ଅର୍ଥାତ୍ ତାହାର ସୁମଧୁର ସ୍ୱର ଶୁଣି ପିକମାନେ ମୂକ ହେଲେ ।

୬୨—ରତିଦେବୀ ରତିଏ ମାନ ଏହାର ସମାନ ହେବେ ନାହିଁ । କେଉଁ ଯତି ଏହାକୁ ଦେଖି ଧୈର୍ଯ୍ୟ ରଖିପାରିବ । ଯେ ଜନ୍ମିବା ମାତ୍ରେ ଏପରି, ସେ ପୁଣି ଯୌବନାବସ୍ଥାରେ କଣ ନ ହେବ ।

୬୩—ଏହାର ସମାନ ବର କେଉଁଠାରୁ ଆଣିବା ଏହାଭାବି ମନ୍ତ୍ରୀଙ୍କ ମନ ଅଧୀର ହେଲା । ଏହାର ବର ପ୍ରକାଶ ହେଲଣି ଏହିପରି ଆକାଶବାଣୀ ହେଲା ।

ଏଣୁ ସ୍ଥିର-ଚିତ୍ତ ପୁତ୍ରୀଙ୍କ ଘେନି । ସକଳେ ପରବେଶ ରାଜଧାନୀ
ପାଳିତ ହୋଇଲା ରାଣୀବଂଶରେ । ଜେମା ଲଳିତ ବାଲ୍ୟ ଅବସ୍ଥାରେ ॥ ୭୪
ବଦ୍ରିକାନାଥ ଉପଇନ୍ଦ୍ର ଚିନ୍ତେ । ଶୁଦ୍ଧ ସୁବର୍ଣ୍ଣ-ମୟ-ପଦ ଜାତେ ।
ଧ୍ୟାନେ ସ୍ମରଣ କରିବେ ହୃଦୟ । ସ୍ପର୍ଶ ମଣିରେ କାମିନୀ କାୟ ॥ ୭୫

ତୃତୀୟ ଛାନ୍ଦ

(କୋଟିବ୍ରହ୍ମାଣ୍ଡସୁନ୍ଦରୀର ବାଲ୍ୟ ପୌଗଣ୍ଡ ଏବଂ ଯୌବନାବସ୍ଥା ବର୍ଣ୍ଣନ)

ରାଗ—କେଦାର—ଚକ୍ରକେଳୀ ବାଣୀ

ନାନା ଶବ୍ଦରେ ଯେ ବିଚକ୍ଷଣ । ସେହୁ ଜାଣେ ଅଳଙ୍କାର ଲକ୍ଷଣ ।
ସେହି କରୁ ଏ ଛାନ୍ଦ ବିବେଚନା । ବାଲ୍ୟ ପୌଗଣ୍ଡ ଯୌବନରଚନା
ନବବିଧାତା ମଦନ ହୋଇଲା । ନବ ଯୌବନସୃଷ୍ଟି ତିଆରିଲା ।
ବାଲ୍ୟ ପୌଗଣ୍ଡ ଯୌବନ-ଚିହ୍ନକୁ । ଆନ ଆନ ସ୍ଥାନେ ଦେଲା ଥିତକୁ ॥ ୨

୭୪—ରାଜା ଏହା ଶୁଣି ସ୍ଥିର ମନରେ କନ୍ୟାଙ୍କୁ ନେଇ ସସୈନ୍ୟରେ ରାଜଧାନୀରେ ପ୍ରବେଶ କଲେ । ଜେମାମଣି ମନୋହର ବାଲ୍ୟାବସ୍ଥାରେ ରାଣୀମାନଙ୍କଦ୍ୱାରା ପାଳିତ ହେଲେ ।

୭୫—କବି ଉପେନ୍ଦ୍ର ଭଞ୍ଜ ଶୁଦ୍ଧ ସୁବର୍ଣ୍ଣ ସଦୃଶ ପଦ ସମୂହରେ ବଦ୍ରିକାନାଥ ନାରାୟଣଙ୍କୁ ଚିନ୍ତା କରନ୍ତି । ବଦ୍ରିନାରାୟଣଙ୍କର ଶରୀର ସ୍ପର୍ଶମଣିରେ ନିର୍ମିତ ହୋଇ ଥିବାରୁ ତାହାଙ୍କୁ ଧ୍ୟାନକଲେ । ସ୍ପର୍ଶମଣି ଲୌହକୁ ସ୍ୱର୍ଣ୍ଣ-କଲାପରି ସେ ହୃଦୟକୁ ସ୍ୱର୍ଣ୍ଣକରିବେ । ହୃଦୟ (ହୃତ୍, ହୃଦୟ) ଅୟ (ଲୌହ)

୧—ଯେ ନାନାପ୍ରକାର ଶବ୍ଦାର୍ଥ ଜାଣେ, ଯେ ଅଳଙ୍କାର ଲକ୍ଷଣ ଜାଣେ, ସେହି ଲୋକ ଏ ଛାନ୍ଦକୁ ବିଚାର କରୁ । ଏ ଛାନ୍ଦରେ ବାଲ୍ୟ ପୌଗଣ୍ଡ ଓ ଯୌବନ ବର୍ଣ୍ଣିତ ହୋଇଅଛି ।

୨—କାମ ନୂତନ ସୃଷ୍ଟିକର୍ତ୍ତା ହୋଇ ନବଯୌବନକୁ ସୃଷ୍ଟି କଲା । ବାଲ୍ୟ ପୌଗଣ୍ଡ ଓ ଯୌବନର ଚିହ୍ନମାନଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ରଖାଇଲା ।

ରଜନୀକର ମାଗିଲା ଖେଳିଲା । ରଜନୀକର ସ୍ନେହେ ତା ଛାଡ଼ିଲା ।
ଧାତ୍ରୀମନ୍ତ୍ରୀ ହେବାକୁ ଭୁଲାଇ । ଧାତ୍ରୀମନ୍ତ୍ରୀ ନାମ ଯେ ବୋଲାଇ ॥ ୩
ନେତ୍ର-ଗର୍ତ୍ତରେ ଥିଲା ଅଧିରତା । ନେତ୍ର-ଗର୍ତ୍ତରେ ଅଣି କଲା ରତା ।
କନ୍ୟାବର କରିବାର କଣ୍ଠାଇ । କନ୍ୟାବର ଚିତ୍ତୁ ଦେଲା ଛଡ଼ାଇ ॥ ୪
ଚିତ୍ର-ବନ୍ଧ ଦରଶନେ ଥୋଇଲା । ଚିତ୍ର-ବନ୍ଧନ ଚିତ୍ତକୁ ହୋଇଲା ।
ବନ୍ଦୀ ଲକ୍ଷେ ଶୋଭା-କୀର୍ତ୍ତି କୁହାଇ । ବନ୍ଦୀ ଲକ୍ଷେ ଅବରୋଧେ ରୁହାଇ ॥ ୫
ସୁଷମାକୁ ଉରସ୍ଥୁ କରି ଧିକ । ସୁଷମାକୁ ବଢ଼ାଇଲା ଅଧିକ ।
ପୁନ୍ନାଗପୂଗ ପର୍ଯ୍ୟେ ରଞ୍ଜନ । ପୁନ୍ନାଗ-ପୁଞ୍ଜ ଧୈର୍ଯ୍ୟ ବିଭଞ୍ଜନ ॥ ୬

୩—ବାଲ୍ୟାବସ୍ଥାରେ ରଜନୀକର (ଚନ୍ଦ୍ର) କୁ ମାଗିଲା, ପୌଗଣ୍ଡରେ ରଜନୀକର (ଧୂଳି) ରେ ଖେଳିଲା । ଏବଂ ଧାଈମାନଙ୍କଠାରେ କାଖ ହେଲା, ଯୌବନରେ ରଜନୀକର (କର୍ପୂର) ସ୍ନେହରେ ପୂର୍ବ କଥାମାନ ଛାଡ଼ିଲା ଏବଂ ଧାଈମାଙ୍କୁ ଭୁଲାଇ କାଖ ନ ହୋଇ ଧାତ୍ରୀମନ୍ତ୍ରୀ (ପୃଥିବୀର ଅଳଙ୍କାର ସ୍ୱରୂପା) ବୋଲାଇଲା । ରଜନୀକର (ଚନ୍ଦ୍ର, ଧୂଳି, ଓ କର୍ପୂର) ଧାତ୍ରୀ (ଧାଈ ଓ ପୃଥିବୀ)

୪—ଅଦ୍ୟ ବୁଦ୍ଧି ଅବସ୍ଥାରେ ଗଞ୍ଜଲତା ନେତ୍ର (ବସ୍ତ୍ର) ପିନ୍ଧାରେ ଓ ଗର୍ତ୍ତ (ଗୁଳି) ରେ ଥିଲା । ଯୌବନରେ ସେହି ଅଧୀରତାକୁ ନେତ୍ର ଗର୍ତ୍ତରେ (ଗୁହାଁଣୀରେ) ଆଣି ରଖିଲା । ପ୍ରଥମରେ କୁଣ୍ଢେଇକୁ ବରକନ୍ୟା କରି ଖେଳୁଥିଲେ, ଯୌବନରେ ସେହି କନ୍ୟାବର (କନ୍ୟାଶ୍ରେଷ୍ଠା) ମନରୁ ତାହା (ସେ ଖେଳ) ଦୂର କଲା ।

୫—ଆଖିଆଗରେ ଚତୁଃଷଷ୍ଟି ଚିତ୍ରବନ୍ଧପୂର୍ଣ୍ଣ ଚିତ୍ରପଟ, ଲେଖିଲା, ଲୋକମାନଙ୍କର ମନକୁ ବିଚିତ୍ର ଭାବରେ ବାନ୍ଧିଲା । ଲକ୍ଷ ଲକ୍ଷ ବନ୍ଦୀ (ଭାଟ) ମାନେ ସେ କନ୍ୟାର ଶୋଭା ଓ କୀର୍ତ୍ତିଗାନ କରି ବୁଲିଲେ ଏବଂ ଯୌବନାବସ୍ଥା ଆସି-ବାରୁ ସେ କନ୍ୟା ବନ୍ଦୀଲକ୍ଷେ (କଇଦୀ ପରି) ଅନ୍ତଃପୁରରେ ରହିଲେ ଅବରୋଧ (ଅନ୍ତଃପୁର (

୬—ଛାତିରୁ ସୁସମା (ସମତା) କୁ ତୁଚ୍ଛ କରି ଦେଇ (ସ୍ତନ ଅଙ୍କୁରିତ ହେବାରୁ ଛାତିରେ ସମତା ରହିଲା ନାହିଁ) ସୁଷମାକୁ (ଉତ୍ତମ ଶୋଭାକୁ) ଅଧିକ ବଢ଼ାଇଲା । ସ୍ତନ ପୁନାଙ୍ଗ ଓ ଗୁବାକ ପରି ଶୋଭା ପାଇ ପୁନ୍ନାଗ (ପୁରୁଷ-ଶ୍ରେଷ୍ଠ) ପୁଞ୍ଜ (ସମୂହ) ର ଧୈର୍ଯ୍ୟ ଭାଙ୍ଗିଦେଲା ।

ହେଲା ସେ ସୁମନାଳୟ ଉଦୟ । ରସ-ବାସ କରି କଲା ହୃଦୟ
ବଳୀ ସଦନ ହୋଇଲା ଉଦର । ତ୍ରିଭୁବନ ସରଞ୍ଜନ ଆଦର ॥ ୭
ଅଙ୍କୁରାଇଲା ନୂତନେ ରୋମାଳୀ । ସ୍ମୃତ ପ୍ରଥମ-ରସ ବର୍ଣ୍ଣାବଳୀ ।
ଅତି ଶୋଭ ନାଭି ଏହି ପ୍ରକାର । ଧାଡ଼ିପ୍ରାନ୍ତେ ରଖିଅଛି ଠକାର ॥ ୮
ଆନ ବର୍ଣ୍ଣ ଚୂର୍ଣ୍ଣକେଶେ ରଖିଲା । ଥିଲା ଅସ୍ତବ୍ୟସ୍ତ ସମେ ଲେଖିଲା ।
ହ୍ରସ୍ୱ ଦୀର୍ଘ ପ୍ଳୁତ କରି ଗୁଚ୍ଛରେ । କଲା ପ୍ରସ୍ତାର ଦେଖାଇ ଭ୍ରୂରେ ॥ ୯
କଲା ନିତମ୍ବ ପୃଥୁ ଚକ୍ରବର୍ତ୍ତୀ । ବେଗେ ଅବିବେକ ଗଲା ନିବର୍ତ୍ତି ।
କରି ନୂପୁର ତୂରକୁ ବାଜନ୍ତୀ । ଟିକା ଡମ୍ବରୁରେ ଘଣ୍ଟି ସାଜନ୍ତୀ ॥ ୧୦

୭—ସେ ସ୍ତନ ସୁମନାଳୟ (ମେରୁ) ପରି ଉଦୟ ହେବାରୁ ସୁମନାଳୟ (ସ୍ୱର୍ଗ) ତୁଲ୍ୟା ହେଲା । ତାହାର ହୃଦୟ ରସାବାସ (ଶୃଙ୍ଗାରରସର ସ୍ଥାନ) ହେବାରୁ ସେ ରସା (ପୃଥ୍ୱୀ) ତୁଲ୍ୟା, ଉଦର ବଳୀସଦନ (ତ୍ରିବଳୀର ସ୍ଥାନ) ହେବାରୁ ବଳୀସଦନ (ପାତାଳ) ତୁଲ୍ୟା, ଫଳତଃ ସେ କନ୍ୟା ତ୍ରିଭୁବନର ଅନୁରାଗ ଉତ୍ପାଦକା ହୋଇ ଆଦରଣୀୟା ହେଲା ।

୮—କାମ ସେ କନ୍ୟାର ଉଦରରେ ଯେଉଁ ନୂତନ ରୋମରାଜି ଅଙ୍କୁରିତ କରାଇଲେ ତାହା ପ୍ରଥମରସ (ଶୃଙ୍ଗାରରସ) ଲିଖିତ କୃଷ୍ଣବର୍ଣ୍ଣ ଅକ୍ଷରଧାଡ଼ି ଏବଂ ତାହାର ଶେଷରେ ଥିବା ଅତିସୁନ୍ଦର ନାଭିଟି ଧାଡ଼ିଶେଷରେ ଥିବା 'ଠ' ଅକ୍ଷର ପରି ରଖିଲେ ।

୯—କର୍ତ୍ତିତ କ୍ଷୁଦ୍ର କେଶ ସବୁ ଅନ୍ୟାନ୍ୟ ବର୍ଣ୍ଣ ହେଲେ, ସେହି ଚୂର୍ଣ୍ଣ କୁନ୍ତଳଗୁଡ଼ିକ ବଢ଼ିଯାଇ ଇତସ୍ତତଃ ବିକ୍ଷିପ୍ତ ହୋଇଥିଲେ ତାହାକୁ କତୁରୀରେ କାଟି ସମାନ କରିଦେବାରୁ ସମାନ ଧାଡ଼ିରେ ଅକ୍ଷର ଲେଖାହେଲା ପରି ଦେଖାଗଲେ । ବିସ୍ତୃତ ଭ୍ରୂଲତାରେ ଥିବା ଛୋଟ ବଡ଼ ଓ ମଧ୍ୟମପ୍ରକାର ସୁନ୍ଦର କେଶ ସବୁ ହ୍ରସ୍ୱ, ଦୀର୍ଘ, ପ୍ଳୁତ ଅକ୍ଷର ହେଲେ ।

୧୦—ନିତମ୍ବ (କଟିପଶ୍ଚାଦ୍‌ଭାଗ) କୁ ପୃଥୁ ଚକ୍ରବର୍ତ୍ତୀ (ଚକ୍ରାକାରରେ ବଡ଼ ଓ ପୃଥୁରାଜା) କରାଇବାରୁ ଅବିବେକ ଶୀଘ୍ର ନିବର୍ତ୍ତିଗଲା, ପୃଥୁରାଜାଙ୍କ ଶାସନରେ ଲୋକମାନଙ୍କର ଅବିଚାର ନ ଥିଲା । ଏବଂ ସେ ବୀରବାଦ୍ୟ ବଜାଇ ଯୁଦ୍ଧଯାତ୍ରା କରୁଥିଲେ ଏ ମଧ୍ୟ ଯେଉଁ ନୂପୁର ବାନ୍ଧିଲେ ତାହା ତୂରୀପରି ବାଜିଲା, କଟି ଡମ୍ବରୁ ବାଦ୍ୟ ପରି ତହିଁରେ ଘଣ୍ଟି ଶୋଭା ପାଇଲା ।

ତ୍ରପା ବିଲେମେ ପାତ୍ର ମନୋହରେ । ମନ ଅସୀମାନ୍ତେ ଆସି ବିହରେ ।
ଜ୍ୟୋତିମୌକ୍ତି ନାସାରେ ଯେ ବିଦିତ । ଯେଣୁ ଲଗ୍ନ ଉଚ୍ଚେ କାବ୍ୟ ଉଦିତ ॥୧୧
ଅଙ୍ଗଦେଶରେ ଶୋଭା-ଅନୁଚରେ । ବୃଦ୍ଧି ଅକଥିତ ହୋଇ ସଞ୍ଚରେ ।
କାନ୍ତି କରଣି ପ୍ରକଟ ଛଟକେ । ଅଧିକାର କଲା ହେମ-କଟକେ ॥ ୧୨
ଦୀପ୍ତି ପ୍ରଧାନ ପ୍ରକାଶ ବହନେ । ନିଶ୍ଚେଁ ମଣି ତ ସେ ସର୍ବମୋହନେ ।
ମାଧୁର୍ଯ୍ୟ ତା ଦୂତ ପୁଣି ଉପୁଜେ । ଚିତ୍ର ଲେଖନ ବିନା ଅନ୍ୟ ପୂଜେ ॥ ୧୩
ପ୍ରଗଲ୍‌ଭତା ବିଦୂଷକ ସଙ୍ଗତ । ଜାତ ପରିହାସ ସୁବକ୍ର ଉକ୍ତ ।
ରାଗ ବ୍ୟକ୍ତ ଅତିଶୟ ଅଧରେ । ସାର କରି ମଞ୍ଜିଷ୍ଠାକୁ ଉଦ୍ଧରେ ॥ ୧୪
କଲି କି ସୃଷ୍ଟି କିନ୍ତୁ ନ ଭୁଲିଲା । ହରି-ଲୀଳା ଏରୂପେ ନିବାଢ଼ିଲା ।
ସୁଗ୍ରୀବରେ ଯେ ଚନ୍ଦନ ମିଶ୍ରିତ । ରାମ-ଲକ୍ଷ୍ମଣ ମୁଖେ ପ୍ରଶଂସିତ ॥ ୧୫

୧୧।୧୨-କାମଦେବ ସୁବର୍ଣ୍ଣପୁର ସଦୃଶ ତାହାର ଦେହ ଅଧିକାର କରିବାରୁ ତ୍ରପା (ଲଜ୍ଜା) ବିସ୍ମିତରେ ପାତ୍ର ହୋଇ ସେହି କନ୍ୟାର ମନକୁ ଆସି ସର୍ବଦା ଆନନ୍ଦରେ ବିହାର କଲା, ଉଜ୍ଜ୍ୱଳ ମୁକ୍ତାଟିଏ ନାସାରେ ରହିବାରୁ କାବ୍ୟ (ଶୁକ୍ର) ଲଗ୍ନଉଚ୍ଚେ (ଉଚ୍ଚସ୍ଥାନରେ ଲଗ୍ନ ହୋଇ) ଲଗ୍ନର ଉଚ୍ଚରେ ଶୁକ୍ର ରହି ଯେପରି ସମସ୍ତ ଶୁଭ ଫଳ ପ୍ରଦାନ କରନ୍ତି, ଏଠାରେ ତାହା ଘଟିଲା । ସର୍ବାଙ୍ଗରେ ଶୋଭାରୂପ କାମ ରାଜାର ଅନୁଚର ବର୍ଗ କ୍ରମେ ବଢ଼ି ବଢ଼ି ଅକଥିତ ରୂପେ (କେହି ନ କହିଲେ ମଧ୍ୟ) ସ୍ୱେଚ୍ଛାରେ ସଞ୍ଚାର କଲେ । କାନ୍ତି (ଲାବଣ୍ୟ) ରୂପୀ କରଣି ଚଞ୍ଚଳ ପ୍ରକାଶ ପାଇଲେ ।

୧୩—ଦୀପ୍ତି (ଦେହର ପ୍ରଭା) ପ୍ରଧାନ ପରି ଶୀଘ୍ର ପ୍ରକାଶପାଇ, ସମସ୍ତଙ୍କୁ ନିଶ୍ଚୟ ବଶ କରିବ ବୋଲି ଭାବିଲା । ମଧୁରତା ଦୂତ (ଛାଟିଆ) ହେଲା, ତାକୁ ଚିତ୍ରଲେଖନ ବିନା (ବିନାଚିଠିରେ) ଲୋକେ ମାନ୍ୟକଲେ ।

୧୪—ପ୍ରଗଲ୍‌ଭତା (ଚତୁରତା) ମିଳି ବିଦୂଷକପରି ପରିହାସ ଓ ବକ୍ରୋକ୍ତି ଜନ୍ମାଇବାରୁ ଅଧରରେ ଅତିଶୟ ରାଗ (ସ୍ନେହ ଓ ରକ୍ତିମା) ଜନ୍ମିଲା । ତେଣୁ ସେ ଅଧର ମଞ୍ଜିଷ୍ଠା (ରକ୍ତବର୍ଣ୍ଣଲତା) ସହ ଉପମାକୁ ପାଇ ସେ ଲତାକୁ ସାର କରି ଉଦ୍ଧାରିଲା ।

୧୫—ବିଧାତା କି ସୃଷ୍ଟି କଲା, କିନ୍ତୁ ଭୁଲିଲା ନାହିଁ, ଏ କନ୍ୟାଠାରେ ହରିଲୀଳା (ବିଷ୍ଣୁଙ୍କ ଲୀଳା) ଏହିପରି ପ୍ରକାଶ ପାଇଲା । ହରି ରାମାବତାରରେ ସୁଗ୍ରୀବ ଓ ଚନ୍ଦନ ନାମକ ମର୍କଟ ଦ୍ୱୟଙ୍କ ସହିତ ମିଳିଥିଲେ, ଏବଂ ସେ ଦୁହିଙ୍କ ମୁଖରେ ରାମ ଓ ଲକ୍ଷ୍ମଣଙ୍କର ପ୍ରଶଂସା ହେଉଥିଲା । ଏ କନ୍ୟାର ସୁଗ୍ରୀବ (ଉତ୍ତମଗ୍ରୀବା) ରେ ଚନ୍ଦନ ଯୁକ୍ତହେଲା, ମୁଖରେ ରାମଲକ୍ଷ୍ମଣ (ଚନ୍ଦ୍ର) ପ୍ରଶଂସିତ ହେଲା, ଏହାଙ୍କର ମୁଖ ଚନ୍ଦ୍ରପରି ହେବାରୁ ଚନ୍ଦ୍ର ଧନ୍ୟ ହେଲା ।

ପ୍ରକାଶିତ ଚନ୍ଦ୍ରହାସ-ଝଳକ । ମନ୍ଦୋଦରୀ-ବର ଶକ୍ତି- ତଲକ ।
ମେଘନାଦ ଶିଖା ଲକ୍ଷ୍ୟ ଝଳକ । ଦକ୍ଷ ଧର ସେ ସୁମନା-ବଳୀକ ॥ ୧୬
ସଦା ଅଙ୍ଗଦ ବାହୁରେ ବହରେ । କୁଚ-କୁମ୍ଭ ଉନ୍ନତ ଚିତ୍ତ ହରେ ।
ଏଣୁ କର ପୁଷ୍ପ-ଲଙ୍କା କମ୍ପନ । ଏତ କଳ୍କ କଥା ଉଦ୍ଦୀପନ । ୧୭
ନେତ୍ରେ ସୁଭାରତ ହେବା କହୁଛୁ । କୃଷ୍ଣ ଅର୍ଜୁନ ରଙ୍ଗ କରାଉଛୁ ।
ଗୁଣ ଅଞ୍ଜନ କପାଳ କମାଣ । ବାଣପ୍ରୟୋଗ କଟାକ୍ଷ ପ୍ରମାଣ ॥ ୧୮
କର୍ଣ୍ଣ ବଜ୍ର-ମଲ୍ଲୀକଢ଼ୀ ବହିଲ । ସୁଢାଳଙ୍କ ଅଡ଼ଣୀରେ ଶୋହିଲ ।
ଦ୍ରୋଣସୁତ ଉତ୍ତରହିଁ ବିଖ୍ୟାତ । କଳ୍କ କି ଉପଲକ୍ଷଣା ସାକ୍ଷାତ ॥ ୧୯

୧୬—ରାମଲୀଳାରେ ମନ୍ଦୋଦରୀ ବର (ରାବଣ) ଚନ୍ଦ୍ରହାସ (ଖଡ୍ଗ) ଝଳକ ଏବଂ ଶକ୍ତି ତଲକ (ଉତ୍କୃଷ୍ଟ ଶକ୍ତି ଅସ୍ତ୍ର) ରେ ପ୍ରକାଶିତ ହୋଇଥିଲା । ମେଘନାଦ (ଇନ୍ଦ୍ରଜିତ) ର ଶିଖାଝଲ (ବୀରମୁକୁଟ ପ୍ରଭା) କୁ କାହୁଁ ଲକ୍ଷ୍ୟ ନଥିଲା, ଏବଂ ସେ ସୁମନାବଳୀ (ଦେବସମୂହ) କୁ ଧରିବାକୁ ଦକ୍ଷ ହୋଇ ଥିଲା । ଏଠାରେ ଚନ୍ଦ୍ର ତୁଲ୍ୟ ହାସ୍ୟ ଝଳକ ପ୍ରକାଶିଲା ଏବଂ ଏ ମନ୍ଦୋଦରୀବର (କ୍ଷୀଣମଧ୍ୟାଶ୍ରେଷ୍ଠା) ଶକ୍ତି ଅସ୍ତ୍ରପର ତଲକକଲା ରଚିଲା । ଏହାର ଶିଖା (କେଶଗୁଚ୍ଛ) ର ଝଲ (ପ୍ରଭା) ସହିତ ମେଘନାଦ (ମୟୂର) ଲକ୍ଷ୍ୟ ଅଟେ, ତହିଁରେ ସୁମନାବଳୀକ (ପୁଷ୍ପ ସମୂହକୁ) ଧରିବାରେ ଏ ଦକ୍ଷା ହେଲା ।

୧୭—ରାମଲୀଳାରେ ଅଙ୍ଗଦ ନାମା ମର୍କଟ ସଦା ବାହୁବଳରେ କ୍ରୀଡ଼ା କରୁଥିଲା, କୁମ୍ଭକର୍ଣ୍ଣ ଉନ୍ନତାରେ ଦର୍ଶକ ମାନଙ୍କର ଧୈର୍ଯ୍ୟ ହରଣ କରୁଥିଲା, ଏଠାରେ ଅଙ୍ଗଦ (ଅଳଙ୍କାର ବିଶେଷ) ସର୍ବଦା ବାହୁରେ ରହିଲା, କୁଚ କୁମ୍ଭ ଉନ୍ନତାରେ ଲୋକଙ୍କର ମନକୁ ହରଣ କଲା । ପୁଣି ସେ ଲଙ୍କାରେ ପୁଷ୍ପକ ବିମାନ କମ୍ପୁଥିଲା, ଏଣୁ ଏ ପୁଷ୍ପଲଙ୍କା (ପୁଷ୍ପ ସମୂହ) କୁ କେଶରେ କମ୍ପାଇଲା, ଏହିପରି କଳ୍କ (ଯୁଗାନ୍ତର) କଥା ପ୍ରକାଶ ପାଇଲା ।

୧୮—ଏ ନେତ୍ରରେ ଉତ୍ତମ ମହାଭାରତ-ଯୁଦ୍ଧକୁ ପ୍ରକାଶ କରୁଛୁ, ମହାଭାରତ ଯୁଦ୍ଧରେ କୃଷ୍ଣ ଓ ଅର୍ଜୁନ ଯୁଦ୍ଧରଙ୍ଗ କରୁଥିଲେ, ଏ ନେତ୍ରରେ କୃଷ୍ଣ (କଳା) ଅର୍ଜୁନ (ଶୁକ୍ଳ) ଓ ରଙ୍ଗ (ରକ୍ତ ବର୍ଣ୍ଣମାନକୁ) ପ୍ରକାଶ କରୁଅଛୁ । ଏଠାରେ ଅଞ୍ଜନ ଧନୁର୍ଗୁଣ ଭଲ ଧନୁହେଲା, କଟାକ୍ଷ ଗୁଳନ ବାଣ ପ୍ରୟୋଗ ହେଲା ।

୧୯—ସେଠାରେ କର୍ଣ୍ଣ ବଜ୍ର ଧରିଥିଲେ ଏବଂ ଅଡ଼ଣୀ (ଢାଲ) ରେ ଶୋଭିତ ହୋଇଥିଲେ, ଅଭ ଦ୍ରୋଣସୁତ (ଅଶ୍ୱତ୍ଥାମା) ଓ ବିରାଟ ରାଜପୁତ୍ର ଉତ୍ତର ଏ ଯୁଦ୍ଧେ ଖ୍ୟାତ ହୋଇ ଥିଲେ । ଏ କର୍ଣ୍ଣରେ ‘ବଜ୍ରତୁଲ୍ୟ ମଲ୍ଲୀକଢ଼ୀ ଓ ଢାଲପରି ଉତ୍ତମ ଢାଳଙ୍କ ଧାରଣ କରି ଶୋଭା ପାଇଲେ । ପୁଣି ଦ୍ରୋଣସୁତ (କୋକିଳ) ପରି ଉତ୍ତର (ବାକ୍ୟ) କହିବାରେ ବିଖ୍ୟାତ ହେଲେ । ମହାଭାରତ ଯୁଦ୍ଧରେ ଯୁଦ୍ଧ ସହ ଏହିପରି ଉପଲକ୍ଷ ପ୍ରତ୍ୟକ୍ଷ ହେଲା ।

ଭଲ ଯୌବନ ସୃଷ୍ଟି ସଜାଡ଼ିଲା । ଆଗ ଉପମା-ସୃଷ୍ଟି ଉଜାଡ଼ିଲା ।
ଯୋଗୀ-ସୃଷ୍ଟିରେ ପ୍ରଳୟ ବହିବ । ଯୁବା-ସୃଷ୍ଟି ଅଭ କେହି ରହିବ ॥ ୨୦
ଅସ୍ତୁ ଏତେ ହେବାଯାଏ ଦର୍ଶନ । କନ୍ତୁମାନ ସେହି ଶୋଭା-ପ୍ରସନ୍ନ ।
ଯୋଗୀଗଣେ ମୁଁ ଜଣେ ଚିତ୍ତେ ଭାଳି । ଶମ୍ଭୁ ଶିଳା ହେଲେ ହେବ ସମ୍ଭାଳି ॥ ୨୧
ନୋହିବ କି ଦ୍ରବଣ ଶିଳାଙ୍କର । କେଉଁ ସୁବିଗ୍ରହ କଲେ ଶଙ୍କର ।
ଦିବ୍ୟ ସୃଷ୍ଟି କଲା ଭାବି ମଦନ । ମନୋରମ ସ୍ଥାନେ କଲା ସଦନ ॥ ୨୨
ଅନବରତେ ମଣ୍ଡନ ସୁ-ଚିର । ଉରୁ ଅର୍ଗଳ-ଦ୍ୱାରେ ହିଁ ରୁଚିର ।
ରତି ଗୁପ୍ତେ ବସି ତହିଁ ସଦ୍ଧର । ମହୋଜ୍ଜ୍ୱଳ ସୁ-ଜଘନ ଚତ୍ୱର ॥ ୨୩
ଝିଲ୍‌ମିଲ୍ ମାଳୀ କି ଶୋଭାକର । ଏକାଦଶ ଘରେ ଗ୍ରହନିକର ।
ହେମବିଦ୍ରୁମ ମର୍କତ ମୋତିରେ । ଉଦେ ଯେ ଯାହାର ନିଜ ଜ୍ୟୋତିରେ ॥ ୨୪
ମୀନ-କେତନ ନିଜ ନିକେତନେ । ରଙ୍ଗ କେତନ ବାନ୍ଧିଲା ଯତନେ ।
ରଙ୍ଗପଦ୍ମ ଯେ ହୋଇଥିବ ପରା । ପୁଷ୍ପ ବୋଲାଇ ଅଛି ପରମ୍ପରା ॥ ୨୫

୨୦—ବିଧାତା ଅଚ୍ଛା ଯୌବନ ସୃଷ୍ଟି ସଜେଇଲା, ପ୍ରଥମର ଉପମା ସୃଷ୍ଟିସବୁ ଉଜାଡ଼ିଦେଲା, ଯେ ଯୋଗୀମାନଙ୍କର ମଧ୍ୟ ପ୍ରଳୟ କରି ପାରିବ ସେଠାରେ ତା ଯୁବା ସୃଷ୍ଟି କିପରି ରହିବ ।

୨୧—ଏତେ ଦୂର ହେବା ପର୍ଯ୍ୟନ୍ତ ଦେଖାଯାଇ ଅଛି ଯେ ଶିବ ସେ ଶୋଭାରେ ବିମୁଗ୍ଧହୋଇ "ମୁଁ ଯୋଗୀମାନଙ୍କ ମଧ୍ୟରେ ଜଣେ ହେବି" ଏହାମନରେ ଭାବି ପଥର ହୋଇ ସମ୍ଭାଳି ଗଲେ ।

୨୨—ପଥର କଣ ତରଳିବ ନାହିଁ, ମହାଦେବ କାହିଁକି ଏ ବିଗ୍ରହ କଲେ, କାମ ଭାବି ୨ ଉତ୍ତମ ସୃଷ୍ଟି ଆରମ୍ଭ କଲା, ସେହି ମନୋରମ ସ୍ଥାନରେ ଆଶ୍ରୟ ନେଲା ।

୨୩—ଅନବରତ ଉତ୍ତମ ବସ୍ତ୍ର ନିର୍ମିତ ଗୃହଦ୍ୱାରେ ସେହି ଗୃହକୁ ମଣ୍ଡିତ କରି ଦ୍ୱାର ଦେଶରେ ମନୋରମ ଉରୁକୁ ଅର୍ଗଳ କରି ନିଜ ପତ୍ନୀ ରତିଦେବୀଙ୍କ ସହ ସେଠାରେ ଗୁପ୍ତ ଭାବରେ ବାସ କଲେ । ଉତ୍ତମଜଘନ ସେହି ଗୃହର ଉଜ୍ଜ୍ୱଳ ଅଗଣାରୂପେ ଶୋଭା ପାଇଲା । ସଦନ (ଗୃହ) ସୁ-ଚିର (ଉତ୍ତମ ବସ୍ତ୍ର) ଚତ୍ୱର [ଅଗଣା]

୨୪—ଝିଲ୍‌ମିଲ୍ ମାଳୀ (ଅଳକା) ରେ ସୁବର୍ଣ୍ଣ ପୋହଳା, ମର୍କତମଣି ଓ ମୁକ୍ତା ଥିବାରୁ ଏକାଦଶ ସ୍ଥାନରେ ଗ୍ରହମାନେ ନିଜ ନିଜ ଜ୍ୟୋତି ଧରି ବିଜେ କଲା ପରି ଶୋଭା ପାଇଲା । ବିଦ୍ରୁମ (ପୋହଳା) ।

୨୫—ମୀନକେତନ (କାମ) ନିଜଘରେ ନାଲିଆ ପତାକା ଅତି ଯତ୍ନରେ ବାନ୍ଧିଲା । ବୋଧହୁଏ ସେ ରକ୍ତପଦ୍ମ ହୋଇଥିବ ଯେ ହେତୁ ପରମ୍ପରା କ୍ରମରେ ସେ ପୁଷ୍ପ (ଫୁଲ ଓ ଋତୁ) ନାମରେ ବିଖ୍ୟାତ ହୋଇଅଛି । ନିକେତନ (ଗୃହ) କେତନ (ପତାକା)

ପୁଣି ପୁଷ୍ପଶର ନାମ ଯାହାର । ଆନ କେତନ କି ହେବ ତାହାର ।
ବାସେ ଅନୁସରିଲେ ଭୃଙ୍ଗମାନେ । ଏଣୁ ହେଲାତ ପୁଷ୍ପ ଅନୁମାନେ ॥ ୨୬
ବାଳା ପଦ୍ମିନୀ ହେବାର ସଙ୍କାଶେ । ନାହିଁ ସଂଶୟତ ପୁଷ୍ପବିକାଶେ
ଥିଲେ ସଜନୀ-ମାଳୀ ସନ୍ନିଧିରେ । ନେଲେ ବାସ ସୁମନସ ବିଧିରେ । ୨୭
ଥିଲେ ତହିଁ ଦୈବଜ୍ଞା ଉପାଧ୍ୟାୟୀ । ଶୁଭାଶୁଭ ବୁଝିଲେ ସବୁ ଧ୍ୟାୟି ।
କାତ୍ୟାୟିନୀ ଥିଲା ତାଙ୍କ ସଙ୍ଗରେ । ପୁଷ୍ପ ସ୍ଫୁଟି କହି ନୃତ୍ୟରଙ୍ଗରେ ॥ ୨୮
ଶ୍ରୁତିବିଧିରେ କାର୍ଯ୍ୟ ରଞ୍ଜାଇଲେ । ଏହା ମଙ୍ଗଳ-ମହୁରୀ ବାଇଲେ ।
ନାମ ଯା 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' । ପୁଷ୍ପରଜା ପଦ ଏବେ ଆଦରି ॥ ୨୯
ଯେଣୁ ଏ ପଦ ଉଭୟବଶରେ । ଉଚ୍ଛନ୍ନତା ସବୁ ରୂପେ ନ ସରେ ।
ବିଚାରିଲେ ଲୋକେ ଏହା ଲୋକରେ । ଅମ୍ଭ ଜୀବ ବହିଲା କାମ-କରେ ॥୩୦

୨୬—ପୁଣି ଯାହାର ନାମ ଫୁଲଶର ତାହାର ଅନ୍ୟ ପତାକା କିପରି ହେବ । ପୁଷ୍ପ ସୁବାସରେ ଭୃଙ୍ଗମାନେ (ଭ୍ରମର ଓ ବିଟପୁରୁଷ) ମାନେ ଅନୁସରଣ କଲେ ଏହି ହେତୁ ପୁଷ୍ପର ଅନୁମାନ ହେଲା ।

୨୭—ସେହି ବାଳା ପଦ୍ମିନୀ ହୋଇଥିବାରୁ ପୁଷ୍ପବନ୍ତ ଶରେ ସନ୍ଦେହ ହେଲାନାହିଁ । ସଜନୀ ମାଳୀ (ସଖୀସମୂହ) ସେତେବେଳେ ନିକଟରେ ଥିଲେ, ମାଳୁଣୀ ଫୁଲ ନେଲାପରି ସେହି ବସନକୁ ସଖୀମାନେ ନେଲେ । ସୁମନସ (ପୁଷ୍ପ) ।

୨୮—ସେଠାରେ ଦୈବଜ୍ଞା (ଜ୍ୟୋତିଷ କନ୍ୟା) ଉପାଧ୍ୟାୟୀ (ଶିକ୍ଷୟିତ୍ରୀ) ଥିଲେ, ତତ୍‌କ୍ଷଣାତ୍ ଶନ୍ତାଙ୍କର ସମସ୍ତ ଶୁଭାଶୁଭ ବୁଝିନେଲେ । ତାଙ୍କସଙ୍ଗରେ କାତ୍ୟାୟିନୀ (ସନ୍ନ୍ୟାସିନୀ, ବିଧବାନାରୀ) ଥିଲେ ଫୁଲ ଫୁଟିଲା ଏହାକହି ନାନାରଙ୍ଗରେ ନୃତ୍ୟ କଲେ ।

୨୯—ବେଦ ବିଧିରେ ସମସ୍ତ କାର୍ଯ୍ୟ ସମାପ୍ତ କଲେ । ଯାହାର ନାମ "କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ" ସେ ଏବେ ପୁଷ୍ପରଜା (ନବପୁଷ୍ପବତୀ) ପଦ ପାଇଲେ, ଏହି ମଙ୍ଗଳମହୁରୀ ବଜାଇଲେ ।

୩୦—ଏହିପଦ (ପୁଷ୍ପରାଜା) ବଶ ହେବାରୁ ସେମାନଙ୍କ ଏପରି ବ୍ୟାକୁଳତା (ରଜସ୍ୱଳା ଓ ପୁଷ୍ପରାଜା) ବଶ ହେବାରୁ ସେମାନଙ୍କ ଏପରି ବ୍ୟାକୁଳତା ଜନ୍ମିଲା ଯେ କୌଣସିମତେ ତାହା ସରିଲା ନାହିଁ (ଘୁଞ୍ଚିଲା ନାହିଁ) ଲୋକେ ବିଚାରିଲେ ଏହି ପୁଷ୍ପରଜାର ଲୋକରେ (ଗୃହିଣୀରେ) ଅମ୍ଭମାନଙ୍କର ଜୀବ କାମହାତରେ ରହିଲା । ପୁଷ୍ପରାଜାର କେବଳ କରେ (ରାଜସ୍ୱଗ୍ରହଣରେ) କାମ (ଇଚ୍ଛା) ଥାଏ ।

ନବଚଣ୍ଡୀ ଅର୍ଚ୍ଚନ ଆରମ୍ଭରେ । ପଶୁ ଭାବନା କରନ୍ତି ଅମ୍ଭରେ ।
କନ୍ୟା ସମୟ ହେଲା କି ସଂଶୟ । ତୁଳା ହେବାକୁଁ ହୁର ଅତିଶୟ ॥ ୩୧
ଚିନ୍ତା ଜନମ ଉପମା ଲେଖାର । ତାଙ୍କ ଇଚ୍ଛାରେ ହେଲେ ନାରଖାର ।
ବିଦ୍ୟୁ ଅଚିର ପ୍ରଭବ ଲକ୍ଷକେ । ଚନ୍ଦ୍ରକ୍ଷୀଣ ହୋଇଗଲା ପକ୍ଷକେ ॥ ୩୨
ଘନ ଜୀବନୁ ଅଗ୍ନି ଉପୁଜାଇ । ଧୂମ-ବିବର୍ଣ୍ଣ ହେଲା ଜଳି ଯାଇ ।
ଭକ୍ଷ କଲା ସୁପର୍ଣ୍ଣ କାକୋଦର । ମନ୍ଦ ନାମରେ ବହିଲା ମନ୍ଦର ॥ ୩୩
ପଦ୍ମ ମୃଣାଳ କଣ୍ଟକକୁ ଧରି । ହୁଏ ପଙ୍କଜ ପଦେ ସେ ଉଦ୍ଧରି ।
ବିମ୍ବ ହୋଇଲା ଭସ୍ମବିଲେପନ । ବୃକ୍ଷରାଜ-ଦଳ ବହେ କମ୍ପନ ॥ ୩୪
ଫଳେ ଅଧୋମୁଖ ହେଲା କଦଳୀ । ଜବା କାଳିମା-ରଙ୍ଗେ ଶୋଭା ଦଳି ।
ଯେତୁଁ ଇନ୍ଧନ ହୋଇଲା ଚନ୍ଦନ । କଲା ମୁକୁତା ଶାମୁକେ ସଦନ ॥ ୩୫

୩୧—କାଣ୍ଡଘରେ ନବଚଣ୍ଡୀ (କୋଟିବ୍ରହ୍ମାଣ୍ଡ ସୁନ୍ଦରୀ) ର ପୂଜା ଆରମ୍ଭ କରନ୍ତେ ଯୁବାମାନେ ପାଞ୍ଚିଲେ ଏ ନବଚଣ୍ଡୀ (ନବଦୁର୍ଗା) ପୂଜାରେ ଅମ୍ଭମାନଙ୍କୁ ବଳିପଶୁ ଭାବୁଛନ୍ତି ପରା ? କିନ୍ତୁ ଦୁର୍ଗାପୂଜା କନ୍ୟା ମାସରେ ହୁଏ, ଏହାର କନ୍ୟାସମୟ ଦୂର ହୋଇଅଛି ଏବଂ ପୁଷ୍ପବତୀ ହେବାରୁ ଯୌବନରେ ତୁଳା (ତୁଳନା) ଅଛିଅଛି । ଅତଏବ ଏ ତୁଳାମାସ ପୂଜାସମୟକୁ ବଳି ପଡ଼ିଥିବାର ଭାବି କିଛିତ୍ ଆଶ୍ୱସ୍ତ ହେଲେ ।

୩୨—ଉପମାମାନ ଏହାର ସମାନ ହୋଇ ପାରିବେ ନାହିଁ ଏହି ଚିନ୍ତା ଜନ୍ମିବାରୁ ଅପଟା ସ୍ୱୟଂ ନାରଖାର ହେଲେ । କାନ୍ତିକି ଲକ୍ଷ୍ୟ ହେବାମାନେ ସମାନ ନ ହେବାରୁ ବିଜୁଳୀ କ୍ଷଣପ୍ରଭା ହେଲା । ଚନ୍ଦ୍ର ମଧ ମୁଖର ତୁଳନା ନ ପାଇ ପକ୍ଷକେ (ଦ୍ୱ୧୫ ନରେ) କ୍ଷୀଣ ହୋଇଗଲା ।

୩୩—ଘନ (ମେଘ) କେଶ ସହ ସମାନ ନ ହୋଇ ଆପଣା ଜୀବନ (ଜଳ)କୁ ଅଗ୍ନି ଜାଳାଇ ପୋଡ଼ିଯାଇ ଧୂମପରି ବିବର୍ଣ୍ଣ ହୋଇ ଗଲା, ସୁପର୍ଣ୍ଣ (ଗରୁଡ଼) ନାସା ସମାନ ନ ହେବାରୁ ବିଷ ବୁଦ୍ଧିରେ କାକୋଦର (ସର୍ପ)କୁ ଭକ୍ଷଣ କଲା । ମନ୍ଦରଗିରି କୁଚସମାନ ନହେବାରୁ ମନ୍ଦଶବ୍ଦକୁ ନାମରେ ବହିଲା ।

୩୪—ପଦ୍ମମୃଣାଳ ବାହୁର ତୁଳନା ନ ପାଇ କଣ୍ଟକ ମୟ ହେଲା, ପଦ୍ମ ତାହାର ପାଦସମାନ ଉଦ୍ଧାର ପାଇଲା । ବିମ୍ବ (ଗୋଲୁଖିଅଫଳ) ଅଧରର ଉପମା ନ ପାଇ ଭସ୍ମଲେପି ହେଲା, ବୃକ୍ଷରାଜ ଦଳ (ଅଶ୍ୱତ୍ଥ ପତ୍ର) ସମାନ ନ ହୋଇ କେବଳ ଭୟରେ ଥରିଲା ।

୩୫—କଦଳୀବୃକ୍ଷ ଉରୁର ସମାନ ନ ହୋଇ ଫଳରେ ଅଧୋମୁଖ ହେଲା । ଜବାପୁଷ୍ପ ଅଧରର ସମାନ ନ ହୋଇ ନିଜଶୋଭାକୁ ଦଳିଦେଇ କଳା ପଡ଼ିଗଲା, ଚନ୍ଦନ ଦେହର ଶୀତଳତାକୁ ନ ପାଇ ଦୁଃଖରେ ଇନ୍ଧନ (କାଠ) ହୋଇଗଲା । ମୁକ୍ତା ଦନ୍ତ ସମ ନୋହି ଶାମୁକାକୁ ଆଶ୍ରା କଲା । ସଦନ (ଗୃହ)।

ବୀଣା ସ୍ୱନ କଲା ପରବଶରେ । ସିଂହ ଲୁଚିଲା କେଉଁ ପ୍ରଦେଶରେ ।
ବିଷ ଶବ୍ଦୁଁ ମୃଣାଳ-ଆହାରୀ । ଦେଖି ହୋଇଲା ମାନସ ବିହାରୀ ॥ ୩୬
ଏହିରୂପେ ସୁଲକ୍ଷଣା ମାତର । ହେଲେ ଛାଡ଼ି ନ ପାରିଲେ କାତର ।
ଊର୍ଦ୍ଧ୍ୱ ଅଧୋମୁଖେ କରି ବିଚାର । ଗନ୍ଧବହ ଭ୍ରମର କଲା ଚାର ॥ ୩୭
ବାଳା ଛାମୁରେ ଆସିବ ଜଣାଇ । ସ୍ୱଇଚ୍ଛାରେ ସମ ନୋହୁ ମଣାଇ ।
ସବୁ ଦୋଷ ଏ କବିମାନଙ୍କର । ତାକୁ କାହିଁତରେ କୋପ ନ କର ୩୮
ଅଳୀ ଚାଳୁଁ ଧ୍ୱନି ଧରେ ବ୍ୟଜନ । ତହିଁ ଥାଇ ଜଣାଇ ପ୍ରଭଞ୍ଜନ ।
ଯେଉଁସ୍ଥାନେ ବିଜୟ ନାରୀଶ୍ୱରୀ । ରୋଳେ ଜଣାଇ ଭୃଙ୍ଗ ଅନୁସରି ॥ ୩୯
କାନ୍ତ-ଗୃହେ ରଖିଲେ ଅନୁଚରୀ । ବାଳା କାମକାନ୍ତ ଏହା ବିଚାରି ।
ନୋହେ ଲୋହ ଫୁଲ ଏଥୁ ବାହାର । ରୂପ ମୋହନାସ୍ତ୍ର ନିଶ୍ଚେ ଏହାର । ୪୦

୩୬—ବୀଣା ସ୍ୱର ସମାନ ନ ହେଇ ପରାଧୀନ ହୋଇ ଶବ୍ଦ କଲା । ସିଂହକଟି ସାମ୍ୟ ନ ପାଇ କୁଆଡ଼େ ଲୁଚିଲା । ମାନସ ବିହାରୀ (ରାଜହଂସ) ଗତି ସାମ୍ୟ ନ ପାଇ ମୃଣାଳର ବିଷ ନାମ ଥିବାରୁ ଭ୍ରମରେ ତାହା ଭକ୍ଷଣ କଲା । ବିଷ (ପଦ୍ମନାଡ଼) ।

୩୭—ଊର୍ଦ୍ଧ୍ୱରେ ଅଧୋଭାଗରେ ଥିବା ସମସ୍ତ ଉତ୍ତମ ଉପମାମାନେ ଏହିପରି ହୋଇ କାତରତା ଛାଡ଼ି ନ ପାରୁଥିବାର ଦେଖି ପବନ ବିଚାର କରି ଭ୍ରମରକୁ ଚାର କରି ପଠାଇଲା । ସୁଲକ୍ଷଣା (ଉତ୍ତମ ଉପମା)

୩୮—ସେ ବାଳାର ଇଚ୍ଛା ପବନ ଅପେକ୍ଷା ଦ୍ରୁତଗତି ହେବାରୁ ନିଜ ଇଚ୍ଛାରେ ପବନର ସମାନ ହେଲା ନାହିଁ । ପବନ ତାହାକୁ ମଣେଇବାକୁ (ମନୋନୀତ କରାଇବାକୁ) ବାଳା ଛାମୁରେ ଭ୍ରମର ଜଣାଇ ଆସିବ । କବିମାନଙ୍କର ଏହିପରି ବର୍ଣ୍ଣନା କରିବା ଦୋଷଥାଏ, ତାହାପ୍ରତି ଲେଶ ମାତ୍ର କୋପ କରିବା ଉଚିତ ନୁହେଁ ।

୩୯—ଅଳୀ (ସଖି) ବ୍ୟଜନ (ବିଞ୍ଚଣା) ସଂଚାଳନକରନ୍ତେ ତହିଁରେ ଯେଉଁ ଶବ୍ଦ ହେଉଅଛି, ପ୍ରଭଞ୍ଜନ (ବାୟୁ) ସେଠାରେ ରହି ସ୍ୱୟଂ ସେହିଧ୍ୱନି ଛଳରେ ଜଣାଉ ଅଛି । ସେ ନାରୀଶ୍ରେଷ୍ଠା ଯେଉଁଠାରେ ବିଜେକରେ ଭୃଙ୍ଗ (ଭ୍ରମର) ମାନେ ସେ ସ୍ଥାନକୁ ଯାଇ ଗୁଣୁ ଗୁଣୁ ରୋଳ (ଶବ୍ଦ) କରି ପବନ ବିଷୟ ଜଣାନ୍ତି ।

୪୦—ସଖୀମାନେ, ଏ ବାଳା କାମ ଦେବଙ୍କର କାନ୍ତ (ମୋହନାସ୍ତ୍ର) ଏହା ମନରେ ଭାବି କାନ୍ତ ନିର୍ମିତ ଗୃହରେ ଏହାଙ୍କୁ ନେଇ ରଖିଲେ । (ପୁଷ୍ପ ପ୍ରକାଶ ହେଲେ ରାଜ କନ୍ୟାମାନେ ୭ ଦିନପାଇଁ କାନ୍ତ ନିର୍ମିତ ଘରେ ରହନ୍ତି) । କିନ୍ତୁ ଏ ବାଳରୂପ କାନ୍ତ ଲୌହ ନିର୍ମିତ ନୁହେଁ, ଯେହେତୁ ଏଥିରୁ ପୁଷ୍ପ ପ୍ରକାଶ ପାଇଅଛି । ଏହାର ରୂପ ନିଶ୍ଚୟ ମୋହନାସ୍ତ୍ର ।

କାମ ରୂପାସ୍ତ୍ର ନୋହିଲେ କାହିଁକି । ଆଗୁଁ ଗୋଚର ଥିଲା ଏ ବିହିକି ।
ଏବେ ଗୋଚର ହୋଇଲା କବିକି । ବର୍ଣ୍ଣିବାରୁ ତା ମଞ୍ଜୁଳ ଛବିକି ॥ ୪୧
ସାତଦ୍ୱୀପରେ ଯାହା ବନ୍ଦାଇଲେ । ସାତଦ୍ୱୀପରେ କି ଅଛି ବୋଇଲେ ।
ସାତଦ୍ୱୀଗୁଣ-ଭୁବନ-ସୁନ୍ଦରୀ । ବୃନ୍ଦେ ହୋଇଲା ସିନା ପୁରନ୍ଦରୀ ॥ ୪୨
ସାତଦିନାନ୍ତରେ କରି ବିଶୁଦ୍ଧା । ଭଲେ ଚଲାଇ ଅଶୋକ ବସୁଧା ।
ଗୃହୁଁ ପ୍ରପଦ-କଳିକା ଧଇଲା । ପଦ-ପତନେ ଦୋହଦ ହୋଇଲା ॥ ୪୩
ତହୁଁ ସ୍ଥଳକମଳ ଉଚ୍ଛୁଟିଲେ । ଚୁମ୍ବି ଦେବାକୁ ରୋଲମ୍ବ ଧୋଟିଲେ ।
କରିବାରେ ରବି ଅର୍ଘ୍ୟ ବନ୍ଦନ । ଓଷ୍ଠ କଲା ପ୍ରାତୋଦୟ ନିନ୍ଦନ ॥ ୪୪
ଏଥି ଉତ୍ତରେ ମନ୍ଦିରେ ପ୍ରବେଶ । ସଖୀଗଣେ ବେଢ଼ି କଲେ ସୁବେଶ ।
ବେଶ ବେଶକୁ ଯେବଣ ସୁନ୍ଦରୀ । କିସ ବର୍ଣ୍ଣିବା ତା ବେଶ ଗୃହୁରୀ ॥ ୪୫

୪୧—ଏହା ନୋହିଲେ କାମର ଗୋଟିଏ ନାମ "ରୂପାସ୍ତ୍ର" କାହିଁକି ହୋଇ ଥାଆନ୍ତା, ପୂର୍ବରୁ ବିଧାତାଙ୍କୁ ଏ ବିଷୟ ଜଣାଥିଲା । କବି ବର୍ତ୍ତମାନ ତାହାର ମନୋରମ ରୂପଛବି ବର୍ଣ୍ଣିବାରୁ ଜାଣି ପାରିଲେ ଯେ ଏଣୁ କାମର ନାମ "ରୂପାସ୍ତ୍ର" ।

୪୨—ସାତ ଦ୍ୱୀପରେ ବନ୍ଦାପନା କରିବା ଦ୍ୱାରା ଜଣାଇଲେ ସପ୍ତଦ୍ୱୀପରେ ଏହାପରି କେହି ନାହିଁ । ସୁନ୍ଦରୀ ସାତଦ୍ୱିଗୁଣ (ଚଉଦ ୧୪) ଭୁବନରେ ଯେତେ ସୁନ୍ଦରୀ ଅଛନ୍ତି ସେମାନଙ୍କ ମଧ୍ୟରେ ପୁରନ୍ଦରୀ (ଶ୍ରେଷ୍ଠାହେଲା)

୪୩—ସାତଦିନପରେ ଶୁଦ୍ଧସ୍ନାନ କରିଇ ପୃଥିବୀରେ ଚଲାଇଲେ, ତହିଁରେ ବସୁଧା (ପୃଥିବୀ) ଅଶୋକା (ଶୋକରହିତା ଓ ଅଶୋକବୃକ୍ଷ) ହେଲା । ଯେପରି ସ୍ତ୍ରୀମାନଙ୍କର ପାଦାଘାତରେ ଅଶୋକ ବୃକ୍ଷ ବିକଶିତ ହୁଏ, ଏଠାରେ ସେହିପରି ପୃଥିବୀ ରୂପ ଅଶୋକ ବୃକ୍ଷ ପଦପତନ ରୂପଦୋହଦ ପାଇ ସୁନ୍ଦର ପଦାଙ୍ଗୁଳିରୂପ କଢ଼ି ଧଇଲା ।

୪୪—ତା'ପରେ ସ୍ଥଳକମଳମାନେ ଫୁଟି ଆସିଲେ । ରୋଲମ୍ବ (ଭ୍ରମର) ମାନେ ଗୃହଅଡ଼ୁ ଚୁମ୍ବିବାକୁ ଅସିଲେ । ଯେତେବେଳେ ସେହି ସୁନ୍ଦରୀ ବାଳ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ବନ୍ଦନା କରନ୍ତି ସେତେବେଳେ ଓଷ୍ଠ ବାଳ ସୂର୍ଯ୍ୟଙ୍କୁ ରକ୍ତିମାରେ ନିନ୍ଦା କଲା ।

୪୫—ଏହାପରେ ଗୃହରେ ପ୍ରବେଶ ମାତ୍ରେ ସଖୀମାନେ ବେଶ କରିବାକୁ ଗୃହଅଡ଼ୁ ବେଢ଼ିଗଲେ; ସୁନ୍ଦରୀ ଅଲଙ୍କାର ମାନଙ୍କୁ ମଣ୍ଡିତ କଲା ପରି ଜଣାପଡ଼ିଲା, ତାହାର ବେଶଗୃହୁରୀ ଅବର୍ଣ୍ଣନୀୟ ହେଲା ।

ଯେ ଲକ୍ଷ୍ମଣ ଶେଷାଞ୍ଚଳ-ବିହାରୀ । ଜନ ଅଭୀଷ୍ଟ ଦାତା ଦୁଃଖହାରୀ ।
ମନୋରଥ ପୂର୍ଣ୍ଣ ହେବା କାରଣ । ଉପଇନ୍ଦ୍ର ଭଞ୍ଜ ପଦେ ଶରଣ ॥ ୪୬

ଚତୁର୍ଥ ଛାନ୍ଦ

[ପାଟଳିପୁତ୍ର ବା ପୁଷ୍ପପୁର ନଗର ବର୍ଣ୍ଣନା ଏବଂ ତହିଁର
ରାଜପୁତ୍ର ପୁଷ୍ପକେତୁର ରୂପ ଗୁଣ ବର୍ଣ୍ଣନା]

ରାଗ—ମଙ୍ଗଳଗୁର୍ଜ୍ଜରୀ । ମୁନିବର ବାଣୀ

ଶ୍ରୁଣ ବିଦଗଧ ଜନ । ମଗଧ ଦେଶ ରଞ୍ଜନ ।
ମାଗଧ-ମାଗଧେ ଭଣି । ଦେଶ ଅଗ୍ରଣୀ ଏ ॥ ୧

ପୁଚ୍ଛିଲେ ନିଷେଧ କହି । ସ୍ୱଦେଶୀ ସେ ସମ କେହି ।
ଏ ବାଣୀ ମରୁ ମହ୍ଲାରେ । କହେ ବେଗରେ ଯେ ॥ ୨
ଯହିଁ ବିଷ୍ଣୁପଦୀ ସ୍ଥିତ । ବିଦେହେ ଗତ ବାଞ୍ଛନ୍ତି ।
ବ୍ରହ୍ମଯୋନି ପ୍ରେତଶିଳା । ହୋଇଛି ମେଳା ଯେ ॥ ୩

୪୬—ଯେଉଁ ଲକ୍ଷ୍ମଣ ଶେଷଦେବଙ୍କ ମସ୍ତକ ବିହାରୀ, ଲୋକମାନଙ୍କର ଅଭୀଷ୍ଟ ଦାତା ଓ ଦୁଃଖହାରୀ ମନୋରଥ ପୂର୍ଣ୍ଣ ଅର୍ଥରେ ଉପେନ୍ଦ୍ରଭଞ୍ଜ ତାହାଙ୍କର ପାଦରେ ଶରଣ ଗଲି ।

୧—ହେ ପଣ୍ଡିତ ମାନେ ମଗଧ ଦେଶର ମନୋହାରିତାକୁ ଶୁଣ, ମଗଧଦେଶ-ବାସୀ ଭାଟମାନେ ନାନାସ୍ଥାନ ଭ୍ରମଣ କରି ଆସି କହନ୍ତି, ଏ ଦେଶ ସବୁ ଦେଶଠାରୁ ଶ୍ରେଷ୍ଠ । ବିଦଗଧ (ପଣ୍ଡିତ) ମାଗଧ-ମାଗଧ (ମଗଧ ଦେଶ-ବାସୀ ଭାଟ)

୨—କେହି ସ୍ୱଦେଶୀ (ମଗଧ ବାସୀ) ନିଷେଧ ବାସୀଙ୍କୁ "ଆମ୍ଭ ଦେଶ ପରି ତୁମ୍ଭ ଦେଶନା" ଏ କଥା ପଚାରିଲେ ସେ ସେହିନାମରେ (ନିଷେଧ ନାମରେ) କହନ୍ତି (ନିଷେଧ କରନ୍ତି) ମରୁ ଏବଂ ମହ୍ଲାର ଦେଶ ବାସୀଙ୍କୁ ପଚାରିଲେ ସେମାନେ କହନ୍ତି "ଆମ୍ଭଦେଶ ଏହା ଆଗରେ ମରୁଭୂମି ଓ ମଳାପରି ।"

୩—ଯେଉଁଠାରେ ବିଷ୍ଣୁପଦୀ (ଗଙ୍ଗା) ଅଛନ୍ତି, ସେହିଠାରେ ଲୋକେ ବିଦେହେ (ମୃତ୍ୟୁରେ) ଗତ (ମୁକ୍ତି) କୁ ଇଚ୍ଛା କରନ୍ତି । ଯହିଁରେ ବ୍ରହ୍ମଯୋନି (ସରସ୍ୱତୀ ନଦୀତୀରସ୍ଥ ତୀର୍ଥ) ପ୍ରେତଶିଳା (ପିଣ୍ଡ ଦାନାର୍ଥ ଗୟାସ୍ଥିତ ତୀର୍ଥ) ବିଦ୍ୟମାନ ।

ଫଲ୍‌ଗୁ ସରିତ ବିଚିବ । ବିଦାରିଲେ ତାର ଗାବ ।
ମତ୍ସ୍ୟସହ ସ୍ୱଚ୍ଛଜଳ । ଜାତ ତତ୍‌କାଳ ଯେ ॥ ୪
ରଜ ପିଣ୍ଡଦାନେ ମୋକ୍ଷ । ରହସ୍ୟ ଯହିଁ ପ୍ରତ୍ୟକ୍ଷ ।
ଶୁଦ୍ଧାଶୁଦ୍ଧ କାଳ ନାହିଁ । ସାକ୍ଷୀ ବୈଦେହୀ ଯେ ॥ ୫
ତହିଁ ପିଣ୍ଡଦାନମାନ । ଅଗୋଚର କର ଧେନ ।
ପାତକୀ କରେ ପବିତ୍ର । ସେ ଗୟାକ୍ଷେତ୍ର ଯେ ॥ ୬
ରାଜଧାନୀ ପୁଷ୍ପପୁର । ସହଜେ କୁନ୍ତଳ ପର ।
ରେଖ୍ଳ କାଞ୍ଚୀ ତାର ତଳ । ଏଡ଼େ ମଞ୍ଜୁଳ ସେ ॥ ୭
ବିଦଗ୍ଧ ରାକ୍ଷସପୁରୀ । ଅସମାନ-ମାନ କରି ।
ନଗରମାନଙ୍କ ମୋକ୍ଷ । ତହିଁକି ଲକ୍ଷ୍ୟ ଯେ ॥ ୮
ଛଦ୍ମ ନୁହଇ ଏ ପୁଣି । ସଦ୍ମ ରତନେ ନିର୍ମାଣ ।
ପଦ୍ମ ସକାଶରୁ ଜାଣି । ଦିବା ରଜନୀ ଯେ ॥ ୯
ନାନାରତ୍ନ ପ୍ରଭା ଧରି । ନଭ ଶିବବାଡ଼ ସରି ।
ଦେଖାଇବେ କେଉଁ ଜ୍ୟୋତି । ତାରକା ପନ୍ତି ଯେ ॥ ୧୦

୪—ଫଲ୍‌ଗୁ ନଦୀ ଅତି ବିଚିତ୍ର, ତାହାର ଗାତ୍ର (ଦେହ) ଖୋଳିଦେଲେ ମାଛ ସହିତ ନିର୍ମଳ ଜଳ ବାହାରି ପଡ଼େ ।

୫—ଯେଉଁଠାରେ ବାଲୁକା ପିଣ୍ଡ ଦାନରେ ମୋକ୍ଷ ହେବାର ରହସ୍ୟ ପ୍ରତ୍ୟକ୍ଷହୋଇ ଅଛି । ଶୁଦ୍ଧାଶୁଦ୍ଧର ମଧ୍ୟ ବିଚାର ଯେଉଁଠାରେ ନାହିଁ, ଏ ବିଷୟରେ ସୀତା ଦେବୀ ସାକ୍ଷୀ ଅଛନ୍ତି । ସୀତା ଦେବୀ ପୁଷ୍ପବତୀ ହୋଇଥିବା ଅବସ୍ଥାରେ କୌତୁକରେ ଫଲ୍‌ଗୁନଦୀ ବାଲିରେ ପିଣ୍ଡକରି ପିତୃଲୋକଙ୍କୁ ଦେବାରୁ ଦଶରଥ ହାତ ପତାଇ ନେଇଥିଲେ ।

୬—ଗୟାରେ ପିଣ୍ଡଦାନ ଫଳ ଅସୀମ ଅଟେ, ସେ କ୍ଷେତ୍ର ପାପୀମାନଙ୍କୁ ପବିତ୍ର କରେ ।

୭—ସେ ମଗଧ ଦେଶର ରାଜଧାନୀ ପୁଷ୍ପପୁର ଅଟେ । ପୁଷ୍ପପୁର (ଫୁଲରସ୍ଥାନ) କୁନ୍ତଳ (କେଶ) ର ଉପରେ, ରେଖ୍ଳ (ତନ୍ନାମକ ପୁର ଓ କାଞ୍ଚଳ) କାଞ୍ଚୀ (ପୁରୀ ଓ କଟିକିଙ୍କିଣି) ସହଜରେ ପୁଷ୍ପପୁରର ତଳ ଅଛନ୍ତି ।

୮—ରାକ୍ଷସପୁରୀ (ଲଙ୍କା) ସମାନ ନ ହେବାରୁ ଅଭିମାନରେ ବିଦଗ୍ଧ (ପୋଡ଼ି) ହୋଇଅଛି । ଅନ୍ୟ ନଗରମାନଙ୍କର ମୋକ୍ଷ (ଶ୍ରେଷ୍ଠତ୍ୱ) ତାହାକୁ ଲକ୍ଷ୍ୟନୁହେ ।

୯—ଏ ଛଦ୍ମ (କପଟ) କଥା ନୁହେଁ, ତାହାର ସଦ୍ମ (ଗୃହ) ସବୁ ରତ୍ନରେ ନିର୍ମିତ । ସେମାନଙ୍କର ଜ୍ୟୋତିରେ ଦିନରାତ୍ର ଜଣା ପଡୁନାହିଁ, କେବଳ ପୁଷ୍କରିଣୀ ସ୍ଥିତ ପଦ୍ମ ସକାଶୁ ଦିନରାତ୍ର ଜଣା ପଡ଼ୁଅଛି ।

୧୦—ଶିବବାଡ଼ (ଶିବିତ କାନ୍ଥ) ସବୁ ନାନାପ୍ରକାର ରତ୍ନମାନଙ୍କର ପ୍ରଭାକୁ

ପ୍ରଭ୍ରମ୍ରାନ ପ୍ରଭାକର । ହିଙ୍ଗୁଳି କୁତୁକୀ ସାର ।
ଉଡ଼ାଇ କାକତଚଙ୍ଗା । ଏମନ୍ତ ତର୍କି ଯେ ॥ ୧୧
ଜଗତୀ-ବିଳାସୀ ଗ୍ରମା । ସନ୍ନିଧେ ଯାଉଁ ଚନ୍ଦ୍ରମା ।
ଭବନ୍ତି ସେ ଆଦରଶ । ମ୍ଳାନ ପାରସ ଯେ ॥ ୧୨
ତୋରଣୀ ବିବିଧ ରତ୍ନେ । ପ୍ରାସାଦେ ଖଞ୍ଜିତ ଯତ୍ନେ ।
ବଲ୍ମୀକରେ ଇନ୍ଦ୍ରଚାପ । ଜାତ ସ୍ୱରୂପ ସେ ॥ ୧୩
ଯହିଁରେ ମଣ୍ଡପମାନ । ଯଥା ପୁଷ୍ପକବିମାନ ।
ଧେନି ପୁଣ୍ୟଜନବର । କି ଶୋଭାକର ସେ ॥ ୧୪
ଗୃହେ ମଣିମୟ ଗୃଳ । ବଜ୍ରଲଙ୍ଗ୍ୟ ପ୍ରବାଳ ।
ମହାରଜତ ରଜତ । ବାଡ଼ ନିର୍ମିତ ଯେ ॥ ୧୫
ମାଣିକ୍ୟ ମର୍କତ ମିଣ୍ଡା । ପିତୁଳୀ ଶବ ରଚନା ।
ଲତା ମହାରୁହଡାଳୀ । ତହିଁରେ ଝୁଲି ଯେ ॥ ୧୬
କଳଶ ହୀର ବୈଡୁର୍ଯ୍ୟ । ପ୍ରକାଶମାନ ଶ୍ୱେ ତେଜ ।
କି ଶ୍ୱେତ ପୀତ ପତାକା । ଏମନ୍ତ ଶଙ୍କା ସେ ॥ ୧୭

ଧରିଥିବାରୁ ନଭ (ଆକାଶ) ପରି ହୋଇଅଛନ୍ତି । ତାରକା ଶ୍ରେଣୀ ବା ସେ ରତ୍ନମାନଙ୍କ ଆଗରେ କେଉଁ ତେଜ ଦେଖାଇବେ ।

୧୧—ସେ ବାଟେ ସୂର୍ଯ୍ୟଦେବ ଗଲାବେଳେ ନଗରର ରତ୍ନପ୍ରଭାରେ ନିସ୍ତେଜ ହୋଇ କୌତୁକୀ ଲୋକମାନେ ହିଙ୍ଗୁଳରେ ରଙ୍ଗେଇ ଉଡ଼ାଇଥିବା କାକତଚଙ୍ଗୀ (କାଗଜ ନିର୍ମିତ ଗୋଡ଼ି) ପରି ଜଣା ପଡ଼ୁଅଛି ।

୧୨—ସେ ନଗରର ଅଟ୍ଟାଳିକା ଉପରେ ବିହାର କରୁଥିବା ରମଣୀମାନେ ନିକଟରେ ଯାଉଥିବା ଚନ୍ଦ୍ରଙ୍କୁ ଦେଖି ପାରିଲ୍ଲଡ଼ି ପାଇଥିବା (କଳଙ୍କ ଥିବାରୁ) ଦର୍ପଣ ସମାନ ମଣୁଅଛନ୍ତି । ଆଦରଶ [ଦର୍ପଣ]

୧୩—କୋଠାଗୃହ ମାନଙ୍କରେ ନାନାପ୍ରକାର ରତ୍ନନିର୍ମିତ ତୋରଣମାନ ଝଟାହୋଇ ଉଇ ହୁଙ୍କାରୁ ଇନ୍ଦ୍ରଧନୁ ଜନ୍ମିଲା ପରି ଦିଶୁଅଛି । ଉଇ ହୁଙ୍କାରୁ ଇନ୍ଦ୍ରଧନୁ ଜନ୍ମିବା ପ୍ରସିଦ୍ଧୋକ୍ତି ।

୧୪—ଯେଉଁ ନଗରରେ ମଣ୍ଡପ ସବୁ ପୁଷ୍ପକ ବିମାନପରି ପୁଣ୍ୟଜନବର (କୁବେର ଓ ପୁଣ୍ୟବନ୍ତଙ୍କ ମଧ୍ୟରେ ଶ୍ରେଷ୍ଠ)ଙ୍କୁ ବହନ କରି ଶୋଭା ପାଉଅଛି ।

୧୫—ଗୃହମାନଙ୍କର ଗୃଳ ସବୁ ମଣିରେ, ବଜ୍ରଲଙ୍ଗ୍ୟ ପ୍ରବାଳ (ପୋହଳା) ରେ କାନ୍ଥମାନ ମହାରଜତ (ସୁବର୍ଣ୍ଣ) ଓ ରଜତ (ରୁପା) ରେ ନିର୍ମିତ ।

୧୬—ସେ କାନ୍ଥରେ ମାଣିକ୍ୟ ଓ ମରକତ ମଣିର ମିଣ୍ଡା (ଜଡ଼ାଉ) କାର୍ଯ୍ୟଦ୍ୱାରା ପିତୁଳା, ଲତା, ବୃକ୍ଷଡାଳ, ଶିକ୍ଷରେ ରଚିତ ହୋଇଅଛି ।

୧୭—ହୀରା ଓ ବୈଡୁର୍ଯ୍ୟ ମଣି ନିର୍ମିତ କଳଶମାନଙ୍କର ତେଜ ପ୍ରକାଶ ପାଇ ଶୁକ୍ଳ ଓ ହଳଦିଆ ପତାକାର ଶଙ୍କା ଜନ୍ମାଉଅଛି ।

ନୀଳମଣି ସ୍ଫଟିକର । ଯହିଁ ପାବଚ୍ଛ ଚତ୍ୱର ।
ମୁକୁତା ଗୁଚ୍ଛା ଗୃମର । ବିତାନ ତାର ଯେ ॥ ୧୮
କିଣି ବଦର ସଙ୍ଗତେ । ଶିଶୁ କ୍ଷେପଣ କରନ୍ତେ ।
ମାତଙ୍ଗୀ ଯୋଗ୍ୟ ହୁଅନ୍ତି । ମାତଙ୍ଗ-ମୋତି ଯେ ॥ ୧୯
ଯହିଁ ଅବଗାହ ସର । କିଞ୍ଜୁପଦ୍ମା ମନୋହର ।
ତହିଁ ସ୍ନାନ କରି ସାରି । ସେ ପୁରସ୍ତ୍ରୀଙ୍କ ଯେ ॥ ୨୦
ପୁଚ୍ଛିଲେ କୁନ୍ଦକାରଙ୍କ । ନ ଦେଖାନ୍ତି ସମ୍ମୁଖଙ୍କ ।
ଆର୍ଦ୍ର ବାସେ ସ୍ତନ ଗୁହିଁ । ଆତଙ୍ଗ ବହୁ ଯେ ॥ ୨୧
ଆଣିଲେ ପୁଲନ୍ଦବାର । ମୟୂରପୁଚ୍ଛ ଗୃମର ।
ବାମଙ୍କ କେଶ ଅନାଇ । ବେଗେ ଲୁଗୃଇ ଯେ ॥ ୨୨
ବିକା ନ ଯିବ ଏ ବ୍ୟଥା । କହନ୍ତି ପରସ୍ପର କଥା ।
କାଠ ବ୍ୟାଘ୍ର ନଖକୁଳ । ବିକବା ଗୃଲ ହେ ॥ ୨୩
ସେ ପାଟଳପୁତ୍ରପୁର । ନୃପତି ଦୀପ୍ତିସାଗର ।
ବିଂଶବରଷ ଲଭିତ । ତାହାର ସୁତ ଯେ ॥ ୨୪

୧୮—ଯାହାର ଅଗଣାମାନଙ୍କର ପାଦାଚ ନୀଳମଣି ପ୍ରସ୍ତରରେ ନିର୍ମିତ; ଏବଂ ଗୃହଦ୍ୱାରମାନ ମୁକ୍ତାଗୁଚ୍ଛା ଗୃମରରେ ଉଜ୍ଜ୍ୱଳ ହୋଇଅଛି ।

୧୯—ସେଠାରେ ମାତଙ୍ଗ ମୋତି (ଗଜମୁକ୍ତା) ଏତେ ପଡ଼ିଥାଏ ଯେ ଶବରଣୀମାନେ ବରକୋଳି ସଙ୍ଗେ ଗୋଟାଇ ଆଣି ଥାଆନ୍ତି କିନ୍ତୁ ପିଲାମାନେ ବରକୋଳି କିଣି ସେ ମୁକ୍ତା ବାହି ପକାଇ ଦିଅନ୍ତି । ସେ ମୁକ୍ତା କେବଳ ମାତଙ୍ଗୀ (ଶବରଣୀ) ମାନଙ୍କର ଘେନିବା ଯୋଗ୍ୟ ହୁଏ ।

୨୦।୨୧—ସେଠାରେ ଗଙ୍ଗା ସ୍ନାନ ପୁଷ୍କରିଣୀ ହୋଇଅଛି । ତହିଁରେ ପୁରସ୍ତ୍ରୀମାନେ ସ୍ନାନ ସାରି ଆସିବାବେଳେ କୁନ୍ଦକାରୀମାନଙ୍କୁ "ଫରୁଆ ଅଛି କି" ପଚାରିଲେ ସେମାନେ ଓଦା ଲୁଗା ମଧ୍ୟରେ ଦିଶୁଥିବା ସ୍ତନଙ୍କୁ ଗୁହିଁ ତାହା ଅପେକ୍ଷା ଫରୁଆକୁ ନିକୃଷ୍ଟ ମଣି ଭୟରେ ଦେଖାନ୍ତି ନାହିଁ ।

୨୨-୨୩—ପୁଲନ୍ଦବାର (କେଳାସମୂହ) ମୟୂରପୁଚ୍ଛ ଓ ଚମର ଆଣିଥିଲେ କିନ୍ତୁ ସେ ସ୍ତ୍ରୀମାନଙ୍କର ବିମୁକ୍ତ କେଶ ଦେଖି ଶୀଘ୍ର ସେ ଗୁଡ଼ିକ ଲୁଗୃଇଲେ ଏବଂ ଏ ବିକା ଯିବନାହିଁ ଏହିପରି ପରସ୍ପର କଥୋପକଥନ କରି ଦୁଃଖିତ ହୋଇ କାଠ, ଏବଂ ବାଘନଖ ବିକୀ କରିବାକୁ ବସିଲେ ।

୨୪—ସେ ପାଟଳପୁର ନଗରର ରାଜା ଦୀପ୍ତିସାଗର କୋଡ଼ିଏ ବର୍ଷ ବୟସରେ ପୁତ୍ର ଲାଭ କଲେ ।

ଏମନ୍ତ ସୁନ୍ଦର ଈଶ । କାମଦେବ ତାହା ବେଶ ।
ଧରି ସୁନ୍ଦର ବୋଲାଏ । ପୌଣ୍ଡ୍ରୀକ ପ୍ରାୟେ ଯେ ॥ ୨୫
ପୁଂସ ଲକ୍ଷଣେ ମକର- । କେତୁରେ ବହିଛି ମାର ।
ପୁଷ୍ପକେତୁ ନାମ ସିଦ୍ଧ । ସେ ପୁଷ୍ପାୟୁଧ ଯେ ॥ ୨୬
ଏମନ୍ତ ଟସ ବୀରପଣେ । ଭୀମ ବୋଲି ଯେବେ ଶୁଣେ ।
ସେହି ବୃନ୍ଦକୁ ଗଞ୍ଜଇ । ଗଦା ଭଙ୍ଗଇ ଯେ ॥ ୨୭
ଭୈରବ ନ ସଧାଇଲେ । ଏମନ୍ତ ଚତ୍ତେ ଧାୟିଲେ ।
ପଦକ ରହିବ କେହି । ପାଞ୍ଚିଲେ ଏହି ଯେ ॥ ୨୮
ଶୁଣି ଧନୁର୍ଦ୍ଧର ପଣ । ଲକ୍ଷ୍ୟେ ଭାବିଲେ ଲକ୍ଷ୍ମଣ ।
ହୋଇଥିବ ଇନ୍ଦ୍ରଜିତ । ଅବଶ୍ୟ ଜାତ ଯେ ॥ ୨୯
କଣ୍ଠୀପରି ବ୍ୟାକରଣେ । ପାଣିନୀୟ ମନେ ଗୁଣେ ।
କରିବା ଏହା ସଙ୍ଗତ । ହେବ ବ୍ୟୁତ୍ପନ୍ନ ଯେ ॥ ୩୦

୨୫—ସେ ପ୍ରଭୁ ଏପରି ସୁନ୍ଦର ଶ୍ରେଷ୍ଠ ଯେ କନ୍ଦର୍ପ ତାହାଙ୍କ ରୂପ ଧରି ପୁଣ୍ଡ୍ରୀକରାଜାପରି ସୁନ୍ଦର ବୋଲାଉଅଛି । ପୁଣ୍ଡ୍ରୀକରାଜା ବାସୁଦେବଙ୍କ ପରି ହେବା ଇଚ୍ଛାରେ ତାଙ୍କ ସଦୃଶ ବେଶଭୂଷା ଧରି ଶେଷରେ ହାସ୍ୟାସ୍ପଦ ହୋଇ "ପୁଣ୍ଡ୍ରୀକ ବାସୁଦେବ" ନାମ ପାଇଥିଲେ ।

୨୬—ପୁରୁଷ ଲକ୍ଷଣ ମଧ୍ୟରେ ଶ୍ରେଷ୍ଠ ଲକ୍ଷଣ ମତ୍ସ୍ୟରେଖା ରାଜପୁତ୍ରଠାରେ ଥିବାରୁ ଜାଣି କାମ ନିଜ ପତାକାରେ ମକରଚିହ୍ନ ବହିଛି । କୁମାରର ପୁଷ୍ପକେତୁ ନାମ ଜାଣି ସେ ପୁଷ୍ପାୟୁଧ ହୋଇଅଛି । ମକର (ମତ୍ସ୍ୟ) କେତୁ (ପତାକା) ଆୟୁଧ (ଅସ୍ତ୍ର) ।

୨୭—ସେ ବୀରପଣରେ ଏପରି ଯେ ଯେଉଁମାନଙ୍କଠାରୁ ଭୀମ ବଳବାନ ବୋଲି ଶୁଣେ ସେମାନଙ୍କୁ ନିନ୍ଦାକରେ ଓ ଭୀମର ପ୍ରଧାନ ଆୟୁଧ ଗଦାକୁ ଅନାୟାସରେ ଭାଙ୍ଗି ପକାଏ ।

୨୮—ଭୈରବ ସାଧନା ନ କଲେ କିପରି ଏକ ପାଦରେ ଠିଆ ହୋଇ ଖଡ଼ଗାଦି ଚଳାନ୍ତେ ଏହି କଥା ଲୋକମାନେ ପାଞ୍ଚିଲେ ।

୨୯—ବୀରମାନେ ଏହାଙ୍କର ବୀରତ୍ୱ ଶୁଣି ଭାବିଲେ ଏ ଧନୁର୍ଦ୍ଧର ପଣରେ ଲକ୍ଷ୍ମଣଙ୍କ ପରି, ତେବେ ନିଶ୍ଚୟ ଇନ୍ଦ୍ରଜିତ ଜନ୍ମିଥିବ ।

୩୦—ବ୍ୟାକରଣ ଶାସ୍ତ୍ରର କଣ୍ଠୀ ପରି ଏହାଙ୍କୁ ଜାଣି ପାଣିନୀୟ (ବ୍ୟାକରଣ ରଚୟିତା) ମନରେ ଭାବିଲେ ଏହାଙ୍କର ସଙ୍ଗତ କରିବା ତାହାହେଲେ ଆମ୍ଭର ବ୍ୟୁତ୍ପନ୍ନ ହେବ ।

ମୀମାଂସା ବେଦ ବେଦାନ୍ତେ । ଟୀକାପୁସ୍ତକ ଏ ସତେ ।
ଜୈମିନି ବିଖନ ବ୍ୟାସ । ପ୍ରଶଂସି ତୋଷ ଯେ ॥ ୩୧
କଲ୍ୟାଣେ କର ଅଞ୍ଜଳି । କରେ ଶୁଣି ପତଞ୍ଜଳି ।
ବଇଶେଷିକ ସାଂଖ୍ୟରେ । ସାକ୍ଷୀ ପ୍ରକାରେ ଯେ ॥ ୩୨
ବେନିରୂପେ ନ୍ୟାୟବନ୍ତ । ଏହିରୂପେ ଜାଣେ ମନ୍ତ୍ର ।
ଅଳଙ୍କାର ଅଲଙ୍କାର । ଦୁଇ ପ୍ରକାର ସେ ॥ ୩୩
ତୁରଙ୍ଗାରୋହଣ ଚାହିଁ । ହେଲା କାଶ୍ୟପିକି କହି ।
କେମନ୍ତ ଅଶ୍ବର୍ଯ୍ୟ ସାଦ । ମହୀ ସମ୍ବାଦ ଯେ ॥ ୩୪
ଚଢ଼ି ନ ଜାଣନ୍ତି ରଜ । ଏହାପର ସୁରରାଜ ।
ହୟ ହସ୍ତୀ ନାହିଁ ମିଳି । ଆସନ ଭଳି ଯେ ॥ ୩୫
ସୁମେରୁ ଦାନକୁ ଭୟ । କରି ହେଲା ଦେବାଳୟ ।
ଦେଖିଲି ଏହି ବିବେକ । ମହାଧାର୍ମିକ ଏ ॥ ୩୬

୩୧—ଜୈମିନି (ମୀମାଂସା ଶାସ୍ତ୍ର ପ୍ରଣେତା) ବିଖନ (ବେଦ ପ୍ରଣେତା ବ୍ରହ୍ମା) ବ୍ୟାସ (ବେଦାନ୍ତ ପ୍ରଣେତା) ଏମାନେ ନିଜ୨ ଶାସ୍ତ୍ରମାନଙ୍କର ଟୀକା ପୁସ୍ତକ ବୋଲି ଏହାଙ୍କୁ ପ୍ରଶଂସା କରି ତୁଷ୍ଟ ହେଲେ ।

୩୨—ପତଞ୍ଜଳି (ଯୋଗ ଶାସ୍ତ୍ର ପ୍ରଣେତା) ରାଜକୁମାରଙ୍କୁ ନିଜ ଶାସ୍ତ୍ରରେ ପ୍ରବୀଣ ଦେଖି ସନ୍ତୁଷ୍ଟ ହୋଇ କଲ୍ୟାଣ କରିବାକୁ ହାତ ଅଞ୍ଜୁଳା କରନ୍ତି । ବୈଶେଷିକ (କଣାଦମୁନି ପ୍ରଣୀତ ଦର୍ଶନ) ରେ ଏବଂ ସାଂଖ୍ୟ (କପିଳମୁନି ପ୍ରଣୀତ ଦର୍ଶନ) ରେ ସାକ୍ଷୀ ସ୍ୱରୂପ ।

୩୩—ଦୁଇ ମତରେ ନ୍ୟାୟବାନ (ନ୍ୟାୟ ଶାସ୍ତ୍ରଜ୍ଞ) ଓ ବିଚାରଶୀଳ ଏହିପରି ମଧ୍ୟ ମନ୍ତ୍ର (ଗୁପ୍ତ ବିଚାର ଓ କୁହୁକ ବିଦ୍ୟା) କୁ ଜାଣନ୍ତି । ଅଳଙ୍କାର (ଭୂଷଣ ଧର୍ମ) ଏବଂ ଅଲଙ୍କାର ଶାସ୍ତ୍ର ଜାଣନ୍ତି, ଅଥବା ଅଲଙ୍କାରର ଅଲଙ୍କାର ସୌନ୍ଦର୍ଯ୍ୟକର (ଭୂଷଣର ଭୂଷଣ) ଏବଂ ଅଲଙ୍କାର ଶାସ୍ତ୍ରର ଅଲଙ୍କାର (ଭୂଷଣ ସ୍ୱରୂପ) ।

୩୪—ଏହାର ଅଶ୍ୱାରୋହଣ ଦେଖି ହେଲା (ସୂର୍ଯ୍ୟ) କାଶ୍ୟପିକି (ସାରଥି) ଅରୁଣଙ୍କୁ କହିଲେ, ମହୀ ସମ୍ବାଦ (ରାଜା) କିପରି ଅଶ୍ବର୍ଯ୍ୟ ସାଦ (ଅଶ୍ୱାରୋହୀ) ଦେଖ ।

୩୫—ସୁରରାଜ (ଦେବେନ୍ଦ୍ର) ମଧ୍ୟ ଏହାଙ୍କପରି ହାତୀ ଚଢ଼ି ଜାଣନ୍ତି ନାହିଁ, ଏହାଙ୍କର ଆସନ ସମାନ ଘୋଡ଼ା ହାତୀ ମିଳନ୍ତି ନାହିଁ । ହୟ (ଘୋଡ଼ା) ।

୩୬—ସୁମେରୁ ପର୍ବତ ଏହାଙ୍କର ଦାନକୁ ଭୟ କରି ଦେବତା ମାନଙ୍କର ବାସ ସ୍ଥାନ ହୋଇ ଗଲା, ଏହି ବିଚାର ଜଣାଉଛି, ଏ ଅତ୍ୟନ୍ତ ଧାର୍ମିକ ।

ଯାହାର କୀରତି-ସୁଧା । ଧବଳି ସାରି ବସୁଧା ।
ହଂସ ହୋଇଲା ମାନସେ । କ୍ରୀଡ଼ା ମାନସେ ଯେ ॥ ୩୭
ସେ ପୁଣି କ୍ଷୀର ହୋଇଲା । ବ୍ରହ୍ମାଣ୍ଡ- ଭାଣ୍ଡ ପୂରିଲା ।
ଶ୍ରୁତି-ମୁଖରେ ପିଇଣ । ପୁଷ୍ଟ ମାର୍ଗଣ ଯେ ॥ ୩୮
ବୀଣା ଶ୍ରବଣେ ନାରଦ । ସନ୍ତୋଷେ ହେଲେ ବରଦ ।
ହେଉ ତବ ମନୋହାରୀ । ଦିବ୍ୟ ସୁନ୍ଦରୀ ଯେ ॥ ୩୯
ଯା'ପରି ଚୁର ଲପନ । ଦେଖି ନ ଥିବ ସ୍ୱପନ ।
ଏରୂପେ କଳ୍ପନା ହୋଇ । ସମ୍ଭବ ଯେହ୍ନ ଯେ ॥ ୪୦
ଅଳ୍ପଙ୍କ କଲପନା । ନୋହେ ଯେହ୍ନୁ ସୁଲପନା ।
କଳ୍ପ କଳ୍ପ କଳ୍ପ ହୋଇ । ଯାହା ଧିଆଇ ଯେ ॥ ୪୧
ଋଷି କହି ତିରୋହିତ । ଖସି ଶୂନ୍ୟରୁ ତ୍ୱରିତ ।
ମିଳେ ଅଦ୍ଭୁତ ପୁରୁଷ । ମସ୍କରୀ ବେଶ ଯେ ॥ ୪୨
କୁମାର ପ୍ରଣମ୍ୟ ଶେଷେ । ଦିବ୍ୟାସନ ପାଇ ବସେ ।
ସେ ବୀର ସମ ବୟସ । ବେନି ବୟସ୍ୟ ଯେ ॥ ୪୩
ବିଦ୍ୟାନିଧି ଯଶୋବନ୍ତ । ପୁରୋହିତ ମନ୍ତ୍ରୀ-ସୁତ ।
ପୁଚ୍ଛିଲେ କାହିଁ ଆଗତ । କେ ତପୋବନ୍ତ ଯେ ॥ ୪୪

୩୭—ଯାହାଙ୍କର କୀର୍ତ୍ତିସୁଧା ସମସ୍ତ ପୃଥିବୀକୁ ଧବଳ ବର୍ଣ୍ଣ କରି ଦେଇ କ୍ରୀଡ଼ା କରିବା ମାନସରେ ମାନସରେ (ଲୋକ ମାନଙ୍କ ମନୋରୂପକ ମାନସ ସରୋବରରେ) ହଂସ ସ୍ୱରୂପ ହେଲା ।

୩୮—ପୁଣି ସେହି କୀର୍ତ୍ତି କ୍ଷୀର (ଦୁଗ୍ଧ) ହୋଇ ବ୍ରହ୍ମାଣ୍ଡ ଭାଣ୍ଡରେ ପୂରିଗଲା, ମାର୍ଗଣ (ଯାଚକ) ମାନେ ତାହାକୁ କର୍ଣ୍ଣରେ ପାନକରି ପୁଷ୍ଟ ହେଲେ ।

୩୯—ନାରଦ ତାହାଙ୍କର ବୀଣା ବାଦ୍ୟ ଶୁଣି ପ୍ରୀତ ହୋଇ "ତୁମ୍ଭର ଦିବ୍ୟସୁନ୍ଦରୀ ଲାଭ ହେଉ" ଏହି ବର ଦେଲେ ।

୪୦—ଚୁରଲପନ (ବ୍ରହ୍ମା) ଯାହାପରି ସୁନ୍ଦରୀ ସ୍ୱପ୍ନରେ ସୁଦ୍ଧା ଦେଖି ନ ଥିବେ ଏମନ୍ତ ନାରୀ ଯେ କି ବ୍ରହ୍ମାଙ୍କର କଳ୍ପନାରେ ସମ୍ଭବନ୍ତି ।

୪୧—ସେ ସୁଲପନା (ସୁନ୍ଦର ବଦନା) ଅଳ୍ପ କଳ୍ପନାରେ ହୋଇନାହିଁ । ବ୍ରହ୍ମା କଳ୍ପ ୩ ଧ୍ୟାନକରି ଯାହାକୁ ସୃଷ୍ଟି କରି ଅଛନ୍ତି ।

୪୨—ଦେବର୍ଷିନାରଦ ଏହାକହି ଅନ୍ତର୍ହିତ ହୁଅନ୍ତେ ଶୂନ୍ୟରୁ ଏକ ଅଦ୍ଭୁତପୁରୁଷ ମସ୍କରୀ (ସନ୍ନ୍ୟାସୀ) ବେଶ ଧରି ପହଞ୍ଚିଲେ ।

୪୩—୪୪—କୁମାର ତାହାଙ୍କୁ ପ୍ରଣାମ କରି ଦିବ୍ୟ ଆସନରେ ବସାଇଲେ । ସେ ବୀରଙ୍କର ସମବୟସ୍କ ଦୁଇ ସଖା ଯେ କି ପୁରୋହିତପୁତ୍ର ବିଦ୍ୟାନିଧି ଏବଂ ମନ୍ତ୍ରୀପୁତ୍ର ଯଶୋବନ୍ତ ଏ ଦୁଇଜଣ ସେ ତପୋବନକୁ କାହୁଁ ଆସିଲ ବୋଲି ପଚାରିଲେ ।

କହିଲେ ସେ ପରିବ୍ରାଟ । ମଠ ଗନ୍ଧସର ତଟ ।
ଏ ବୀର ଗୁଣ ପ୍ରକଟ । ହୋଇଲୁଁ ଭେଟ ଯେ ॥ ୪୫
ଜାଣୁ ବହୁ ଚମତ୍କାର । ଏଣୁ ସେ ପାଇ ଆଦର ।
ବଞ୍ଚିଲେ ତାହାଙ୍କ ସଙ୍ଗେ । ଆଶ୍ଚର୍ଯ୍ୟ ରଙ୍ଗେ ଯେ ॥ ୪୬
କଠିନ ଦୋଷ ହରଲା । ଶିଳାକୁ ଅବଳା କଲା ।
ସେ ପଦ-ପ୍ରସାଦେ ପଦ । ସ୍ଫୁରଣେ ମୋଦ ମୁଁ ॥ ୪୭
ଉପଇନ୍ଦ୍ର ଭଞ୍ଜ କବି । ନିରତେ ଚିତ୍ତରେ ଭାବି ।
ହୋଇବ ଅର୍ଥେ ସରସ । ନୋହିବ ଦୋଷ ଯେ ॥ ୪୮

ପଞ୍ଚମ ଛାନ୍ଦ

(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ଶୋଭା,
ଯଶ ପ୍ରକାଶ ଏବଂ ସଖୀ ପ୍ରାପ୍ତି ବିଷୟ ବର୍ଣ୍ଣନ)

ରାଗ— ଗୁଜ୍ଜରୀ

ଯେଉଁ ଯଉବନୀକି ଧରି । ଧରଣୀ ହୋଇଲା ଉଦ୍ଧରି ।
ତନୁ ତାର ମାପ ପ୍ରମାଣ । ଅଦଭୁତରେ ସେ ନିର୍ମାଣ ।୧।

୪୫—ସେ ପର୍ଯ୍ୟଟନକାରୀ ସନ୍ନ୍ୟାସୀ କହିଲେ, ଆମ୍ଭର ମଠ ଗନ୍ଧସରତଟରେ ଏ ବୀରଙ୍କର ଗୁଣ ଚାରିଆଡ଼େ ପ୍ରକଟ ହେବାରୁ ଏହାଙ୍କୁ ଭେଟିବା ପାଇଁ ଆସିଲୁ ।

୪୬—ଆମ୍ଭେ ବହୁତ ଚମତ୍କାର ବିଷୟ ଜାଣୁ, ଏଣୁ ସେ ବହୁତ ଆଦର ପାଇ ହସ ଖେଳରେ କୁମାରଙ୍କ ସଙ୍ଗରେ ରହିଲେ ।

୪୭—ଯେଉଁପଦ କାଠିନ୍ୟ ଦୋଷ ଦୂରକରି ପଥରକୁ ସ୍ତ୍ରୀ କରିଥିଲେ, ସେହିପଦ ପ୍ରସାଦରୁ ମୋହର ଏ ପଦମାନ ସ୍ଫୁରିଲା । ତେଣୁ ମୁଁ ଆନନ୍ଦିତ ହେଲି । ମୋଦ (ଆନନ୍ଦ) ।

୪୮—ଉପେନ୍ଦ୍ରଭଞ୍ଜ କବି ସର୍ବଦା ମନରେ ଭାବନ୍ତି ଯେ ମୋହର କବିତାମାନ ଅର୍ଥରେ ସରସ ହେବ ଏବଂ ଦୋଷ ରହିବ ନାହିଁ ।

୧—ଯେଉଁ ସୁନ୍ଦରୀକି ଧରଣୀ (ପୃଥିବୀ) ଧରି ଉଦ୍ଧରିଲା, ଯାହାର ତନୁ (ଶରୀର) ମାପହେଲା ପ୍ରାୟ (ଯେଉଁଠାରେ ଯେତିକି ହେବାର ଉଚିତ ତଦନୁରୂପ) ସେ ଆଶ୍ଚର୍ଯ୍ୟଭାବରେ ନିର୍ମିତ ହୋଇଅଛି ।

ସେ କଳାନିଧି କଳା ବୃଦ୍ଧି । କରନ୍ତେ ବାଲ୍ୟରୁ ଅବଧି ।
ଯୌବନେ ପୂର୍ଣ୍ଣତା ପାଇଲା । ଲକ୍ଷ୍ମଣେ ମହତ ବହିଲା ॥ ୨
ସେ ବଶୀକରଣ ତ୍ରିବିଧି । ପ୍ରକାଶ ହାସ ଅଉଷଧି ।
ମୋହନ-ମନ୍ତ୍ର-ମୃଦୁ-ବାଣୀ । ବୋଇଲା ରମଣୀଙ୍କ ମଣି ॥ ୩
ନବବୟସ ସଙ୍ଗେ ମେଳ । ହୋଇ ହେବାରୁ କୋଳାକୋଳ ।
ଶୋଭା ପ୍ରଭାଏ ଭିଡ଼ାଭିଡ଼ି । ହରଷ ରସ ଜଡ଼ାଜଡ଼ି ॥ ୪
ଭାବ ଲଜ୍ଜ ଏ କଷାକଷି । ହାବ ନୟନ ମିଶାମିଶି ।
ଲୀଳା ବିଳାସ ବଶିଗଲେ । ପ୍ରସନ୍ନ-ସାଗର ଉଚ୍ଛୁଳେ ॥ ୫
ମୋଗେ ଯୋଗୀଏ ଦେଲେ ଚାହିଁ । ପଲକ ଭାସିଯିବ କାହିଁ ।
ଭୁଡାଇବେ ସେ ଗୁଣି ଜ୍ଞାନ । ବଡ଼ାଇ ଯାହାର ଏସନ ॥ ୬
ଜଗତୀ-ବିଳାସରେ ଥାଇ । ଜଗତୀ ବିଳାସକୁ ଦେଇ ।
ଏସନ କୀର୍ତ୍ତିସମୂହକୁ । ଯେ ଶୁଣେ ଭଜେ ସେ ମୋହକୁ ॥ ୭

୨—ସେ ସୁନ୍ଦରୀ ବାଲ୍ୟ କାଳରୁ ଆରମ୍ଭ କରି ଚନ୍ଦ୍ରଙ୍କ ପରି କଳାଏ କଳାଏ ବଢି ବଢ଼ି ଯୌବନରେ ପୂର୍ଣ୍ଣ ହେଲା । ପୂର୍ଣ୍ଣ ହେବାରୁ ଚନ୍ଦ୍ର ଯେପରି ଲକ୍ଷ୍ମଣ (କଳଙ୍କକୁ) ବହିଥାଆନ୍ତି ସେହିପରି ଏ ଉତ୍ତମ ଚିହ୍ନସବୁ ବହନ କଲା ।

୩—ଏ ସୁନ୍ଦରୀ ତ୍ରିବିଧ ବଶୀକରଣର ଉପାୟ (ଔଷଧ, ମନ୍ତ୍ର ଓ ମଣି)। ସୁନ୍ଦରୀର ହାସ ଔଷଧି, କୋମଳବାକ୍ୟ ମୋହନ ମନ୍ତ୍ର ନିଜେ ରମଣୀମାନଙ୍କ ମଧ୍ୟରେ ମଣି ।

୪—ନବବୟସ (ଯୌବନ) ସହିତ ମଣି କୋଳାକୋଳି ହେବାରୁ ଶୋଭା, (ସୌନ୍ଦର୍ଯ୍ୟ) ପ୍ରଭା (ଦୀପ୍ତି) ଦୁହେଁ ଭିଡ଼ାଭିଡ଼ି ହେଲେ, ହର୍ଷ (ଆନନ୍ଦ) ରସ (ଶୃଙ୍ଗାର) ଦୁହେଁ ପରସ୍ପର ଜଡ଼ି ରହିଲେ ।

୫—ମନୋଗତ ଭାବ ଓ ଲଜ୍ଜ ଏ ଦୁହେଁ କଷାକଷି ହେଲେ । ହାବ, ବକ୍ରଦୃଷ୍ଟି, (ଭ୍ରୂଭଙ୍ଗାଦି ବିକାର,) ଓ ନୟନ ଏ ଦୁହେଁ ମିଶାମିଶି ହେଲେ । ଲୀଳା (ଶୃଙ୍ଗାର ଭାବଜାତ ଚେଷ୍ଟା) ଓ ବିଳାସ (ଅଙ୍ଗଭଙ୍ଗି) ଏ ଦୁହେଁ ଏକାପ୍ରକାର ବଶିଲେ ପ୍ରସନ୍ନ ରସ ସାଗର ଉଚ୍ଛୁଳି ପଡ଼େ ।

୬—ଯେଉଁ ସୁନ୍ଦରୀ ଏପରି ବଡ଼ାଇ ଯେ ଯେବେ କୌଣସି ପ୍ରକାର ଯୋଗୀମାନେ ତାହାଙ୍କୁ ଚାହିଁବେ ତେବେ ସେମାନଙ୍କର ପଲକ ଆଉ ପଡ଼ିବ ନାହିଁ । ସେମାନେ ଜ୍ଞାନ ହରାଇବେ ।

୭—ଜଗତୀଠା ବିଳାସରେ (ଅଟ୍ଟାଳିକା ବିହାରରେ) ରହି ଜଗତକୁ ଆନନ୍ଦ ପ୍ରଦାନ କରେ, ଏପରି ତାହାଙ୍କର କୀର୍ତ୍ତି ଯେଉଁମାନେ ଶୁଣନ୍ତି ସେମାନେ ମୁଗ୍ଧ ହୁଅନ୍ତି ।

କମ୍ବୁ ଡମ୍ବରୁ ବସ୍ତୁ ଶିବେ । ଜାଣନ୍ତି କି କହରୁଁ ଏବେ ।
ଯୌବନ କୁନ୍ଦେ କୁନ୍ଦ ହେଲା । କାମ-ହେମ-ଯନ୍ତ୍ର-ପିତୁଳା ॥ ୮

ସେ ଦେଖି ନିଜ ଧୈର୍ଯ୍ୟ ବାଧ । ଏକ ଶୟନ ସିନ୍ଧୁ ମଧ ।
ଏକ କୃତ୍ତିକା ଘୋଡ଼ି ହେଲେ । ତାକୁ ଲୁଗୁଇ ସେ ଲୁଚିଲେ ॥ ୯

ମୁଖ ଛବି ଧ୍ୟାନରେ ଲୀନ । ସଙ୍କୋଚେ ନଳିନ ମଳିନ ।
ଦିନାନ୍ତେ ଜନ୍ମିଲା ସେ ଭୀତ । ନିତି ନିତି ଭଜେ ସେ ରୀତ ॥ ୧୦

ଚତୁର-ମୁଖ-ଯେ ଚତୁର । ଜାଣିଲା ଅସନରୁ ତାର ।
ଏବେ ତରୁଣୀକୁ ଭଜେ । କୋଟିବ୍ରହ୍ମାଣ୍ଡସୁନ୍ଦରୀ ଯେ ॥

ନିଜ ବାହନ-ଦୁହିତାକ । ଦେଲା ସେ ମାନବୀ ମୂର୍ତ୍ତିକ ।
ନାମ ତା ଦେଲା କାଦମ୍ବିନୀ । କହେ ସାରସେ ଯାଅ ଘେନି ॥ ୧୨

ସେ କନ୍ୟା ସଖୀ ଏ ହୋଇବ । ମାଙ୍ଗଲ୍ୟା ଭେଟି କରାଇବ ।
ସେ ବେନି କରନ୍ତେ ଗମନ । ମାର୍ଗରେ ଦେଖନ୍ତି ଏମାନ ॥ ୧୩

୮—ସୁନ୍ଦରୀର କଣ୍ଠ ଶଙ୍ଖ ଅପେକ୍ଷା ସୁନ୍ଦର ହେତୁ କଟି ମଧ୍ୟ ଡମ୍ବରୁ ଅପେକ୍ଷା ଅଧିକସରୁ ହେତୁ ଦୁହେଁ ଅର୍ଥାତ୍ କମ୍ବୁ (ଶଙ୍ଖ) ଶ୍ରୀକୃଷ୍ଣଙ୍କ, ଡମ୍ବରୁ ମହାଦେବଙ୍କୁ ଜଣାଇଲେ "ଏ ସୁନ୍ଦରୀ ଯୌବନ କୁନ୍ଦରେ କୁନ୍ଦହୋଇ କାମଦେବଙ୍କର ସୁବର୍ଣ୍ଣ ଯନ୍ତ୍ରରେ ନିର୍ମିତ ପିତୁଳାପରି ଦିଶୁଅଛି" ।

୯—ସେ ଦୁହେଁ ଏହାଶୁଣି ନିଜ ଧୈର୍ଯ୍ୟର ବାଧା ଘଟିବାର ଜାଣି, ଜଣେ (ଶ୍ରୀକୃଷ୍ଣ) ସମୁଦ୍ରରେ, ଆଉ ଜଣେ ବାଘଚମରେ ପଶି ସେ କମ୍ବୁ ଓ ଡମ୍ବରକୁ ଲୁଗୁଇ ନିଜେ ଲୁଚି ରହିଲେ । କୃତ୍ତି (ବ୍ୟାଘ୍ରଚର୍ମ)

୧୦—ନଳିନ (ପଦ୍ମ) ଦିନଯାକ ଏହାଙ୍କର ମୁଖଛବି ଧ୍ୟାନ କରି କରି ଦିନଶେଷରେ ମଳିନ ହୋଇ ସଙ୍କୁଚିତ ହେଲା, ସେହି ଭୟରୁ ପ୍ରତିଦିନ ସେହି ଦିନ ଶେଷରେ ମଳିନ ହୋଇ ସଙ୍କୁଚିତ ହେଉଅଛି ।

୧୧—ଚତୁର ମୁଖ (ବ୍ରହ୍ମା) ଚତୁର ନିଜ ବାହାନଠାରୁ (ହଂସଠାରୁ) ଜାଣିଲେ ଯେ ସେ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଏବେ ତରୁଣୀକୁ ଖୋଜୁଅଛି ।

୧୨—ନିଜ ବାହନ-ଦୁହିତାକୁ (ହଂସ କନ୍ୟାକୁ) ମାନବୀ ମୂର୍ତ୍ତିଦେଲେ, ତାହାର ନାମ କାଦମ୍ବିନୀ ଦେଇ ହଂସକୁ କହିଲେ ନେଇଯାଅ ।

୧୩—ଏ, ସେ କନ୍ୟାର ସଖୀହେବ, ମାଙ୍ଗଲ୍ୟା (ଏକ ତପସ୍ୱିନୀ) ଭେଟି କରାଇଦେବ । ସେ ଦୁହେଁ ଗମନ କରନ୍ତେ ମାର୍ଗରେ ଏହିପରି ଦେଖିଲେ ।

ହେଠ-ମୁଖ ଅଶ୍ୱିନୀ-ସୁତ । ଶଶୀ ମାରୁଛନ୍ତି ହୃଦେ ହାତ ।
ମଘବା ମୁକୁରକୁ ଚାହିଁ । ହରଷ ବିରସ ହୁଅଇ ॥ ୧୪
ସ୍ଥିରେ ଥାଏ ନୋହେ ମରୁତ । ଭାବି ମୁଁ ଦିତୀ ଗର୍ଭଜାତ ।
ନିରେଖି କୁବେର ତନୁକୁ । ନୈଋତ ଚାହେଁ ଆସନକୁ ॥ ୧୫
ଦିନ ନେଉଛନ୍ତି ଦୀନ ହୋଇ । ଯମ ପଦରେ ଲମ୍ବ ଦେଇ ।
ବରୁଣ ପାଶେ ଦେଇ ଦୃଷ୍ଟି । ଏ ବୁଦ୍ଧି ହେବ ବୋଲି କଷ୍ଟି ॥ ୧୬
ସନ୍ନିକଟ ଦକ୍ଷିଣାୟନେ । କଥା ଏସ ବେନି ବିରୋଚନେ ।
ବହିବାରୁ ଏ ତେଜମାନ । ହେଲାଇ ସିନା ବିରୋଚନ ॥ ୧୭
କୁମାରେ ଏହି ଚିନ୍ତା ଘୋର । ରାବଣୁ ଊଣା ଶୋଭା ମୋର ।
ଆନ କି ଉପମା ସେ ଯୋଷା । ଜାନକୀ ରୂପକୁ ସଦୃଶା ॥ ୧୮
ଗଙ୍ଗା କେ ନଦୀ ଭୟଙ୍କରୀ ।, କରୀରେ ଆଦର ନ କରି ।
ସେହି ଲପନ କର୍ମେ ହେଲି । ମାଳୀ ଘେନି ଗଣେଶ ଭାଳି ॥ ୧୯

୧୪—ଅଶ୍ୱିନୀକୁମାର ଘୋଡ଼ାମୁହାଁ ହୋଇଥିବାରୁ ଦୁଃଖିତ ହେଲେ, ଚନ୍ଦ୍ର ନିଜର କଳଙ୍କ ଥିବା ଜାଣି ହୃଦୟରେ ମାରିହେଲେ । ଇନ୍ଦ୍ର ଦର୍ପଣରେ ନିଜକୁ ଚାହିଁ ସହସ୍ରନୟନରେ ସୁନ୍ଦରୀର ରୂପ ଦେଖିପାରିବେ ଭାବି ଆନନ୍ଦିତ ହେଲେ । ସହସ୍ର ନେତ୍ର ହେତୁ ବିରୂପ ଭାବି ବିମୁଖ ହେଲେ ।

୧୫—ମରୁତ (ବାୟୁ) ଅସୁର ମାତା ଦିତୀଙ୍କ ଗର୍ଭରୁ ଜନ୍ମିଥିବାରୁ ଦଣ୍ଡେମାତ୍ର ସ୍ଥିର ନ ହୋଇ ବ୍ୟାକୁଳ ହେଉଅଛନ୍ତି । କୁବେର ଯାଦୁଅ ହୋଇଥିବାରୁ ନିଜ ଶରୀରକୁ ଚାହିଁଲେ, ନୈଋତ ଶବ ବାହନ ହେତୁ ନିଜ ଆସନକୁ ଚାହିଁଲେ ।

୧୬—ଯମ ଗୋଦରୀ ହୋଇ ଗୋଡ଼ରେ ଲମ୍ବରଖି ଅତି ଦୁଃଖରେ ଦିନ ଯାପନ କଲେ, ବରୁଣ ପାଶ ଆୟୁଧରେ ଦୃଷ୍ଟିଦେଇ ଭାଳେ ତାହାର ଏ ବୁଦ୍ଧିହେବ ଏହା ଭାବି କଷ୍ଟ ପାଉ ଅଛନ୍ତି ।

୧୭—ଦକ୍ଷିଣାୟନ ସନ୍ନିକଟ ହେଲେ ଦୁଇ ବିରୋଚନ (ସୂର୍ଯ୍ୟ ଓ ବାଡ଼ବାଗ୍ନି) ଏପରି ପ୍ରଚଣ୍ଡ ତେଜ ବହିବାର କଥା ଥିବାରୁ ବିରୋଚନ (ଅରୁଚିକର) ହେଲେ ।

୧୮—କୁମାରକୁ ଏହି ଘୋର ଚିନ୍ତା ହେଲା ଯେ ରାବଣଠାରୁ ମୋହର ଶୋଭା କମ, ଅନ୍ୟ କି ଉପମାଦେବା ସେ ସୁନ୍ଦରୀ ସୀତାଦେବୀଙ୍କପରି ।

୧୯—ଐରାବତ ହସ୍ତୀ ଗଙ୍ଗାକୁ ବିବାହ ହେବାପାଇଁ ଆଶାୟୀ ହୋଇ ପଙ୍କ ଭାସି ଗଲେ ତଥାପି ଗଙ୍ଗା ତାଙ୍କୁ ଆଦର କରେ ନାହିଁ । ମୁଁ କର୍ମବଶରୁ ହସ୍ତୀ-ମୁଖ ହେଲି, ଗଣେଶ ମାଳୀ ଘେନି ଏହି କଥା ଭାବିଲେ ।

ଅଜ୍ ଦେବତାମାନେ ଭ୍ରୀତ । ଅମ୍ଭେ ତ ଏମାନଙ୍କ ଭୃତ୍ୟ ।
ଏମନ୍ତ ହେଲେ ଲୋଭଚୟ । ନ ତେଜେ ହୃଦୟ-ନିଳୟ ॥ ୨୦
ବିରହ ନାମରେ ବହ୍ନି । ମନୁ ଜନମି ତାହା ଦହି ।
ସନ୍ତାପ ଅଙ୍ଗେ ଜାତ ହୋଇ । ମଦନ ଜ୍ୱର ସେ ବୋଲାଇ ॥ ୨୧
ବଢ଼ାଇ ତୃଷ୍ଣା ଅତିଶୟ । ଦାହ-ଜନକ ଅପ୍ରମେୟ ।
କଣ୍ଠ କପାଳେ ଦେଇ ଜ୍ୱାଳ । କମ୍ପ କ୍ଷଣ କ୍ଷଣକେ ମେଳ ॥ ୨୨
ନ ଲଗେ ବେଳେ ବେଳେ ନାଡ଼ି । ପ୍ରଳାପ ଜାତ ଘଡ଼ି ଘଡ଼ି ।
ଫୁଟେଇ ତନୁ ଖରଶ୍ୱାସ । ପାଣ୍ଡୁର କରଇ ଅଶ୍ଳେଷ ॥ ୨୩
ତା ଦେଖି କହି ହେଲା ହଂସ । ନବୈଦ୍ୟ-ବ୍ୟାଧିକି ଯା ରସ ।
ସେତ ଦୁର୍ଲ୍ଲଭ ଏହାଙ୍କର । ଖଣ୍ଡିଲେ ଅରମ୍ଭ ଆହାର ॥ ୨୪
କିଏ ପୁଚ୍ଛିଲି ସୁତା ତାର । କହେ ଶ୍ୱେତ ଗରୁତବର ।
ପ୍ରେମମଞ୍ଜରୀ ବାଳା ନାମ । ଅଙ୍କୁରଏ ଶରୀରେ ପ୍ରେମ ॥ ୨୫

୨୦—ଅଜ୍ ଦେବତାମାନେ ଭ୍ରମିଲେ ଅମ୍ଭେମାନେତ ଏମାନଙ୍କ ଭୃତ୍ୟ, ଅମ୍ଭେ ବା କଣ ପାଇବା, ତଥାପି ଲୋଭ ହୃଦୟକୁ ଛାଡ଼େନା ।

୨୧—ବହ୍ନି (ଅଗ୍ନି) ବିରହ ନାମରେ ମନରୁ ଜନ୍ମି ମନକୁ ପୋଡ଼ିଦଏ । ତାହାର ଉତ୍ତାପ ଶରୀରରେ ଜାତ ହେବାରୁ ମଦନ ଜ୍ୱର ନାମରେ କଥିତ ହୁଏ ।

୨୨—ସେ ବିରହ ଜ୍ୱରରେ ଅତ୍ୟନ୍ତ ତୃଷା ବଢ଼େ, ଅପରିମିତ ଦାହ ଜନ୍ମେ, କଣ୍ଠ ଓ କପାଳରେ ଜ୍ୱାଳ ଦଏ, କ୍ଷଣେ କ୍ଷଣେ କମ୍ପ ଜାତ ହୁଏ ।

୨୩—ବେଳେ ବେଳେ ନାଡ଼ି ମିଳେନା, ଘଡ଼ି ଘଡ଼ି ପ୍ରଳାପ ଜନ୍ମେ, ଖରନିଶ୍ୱାସ ବହେ, ଜ୍ୱରରୁ ପାଣ୍ଡୁରୋଗ ଜନ୍ମିଲାପରି ଦେବତାମାନଙ୍କର ଦେହ ବିରହରୁ ପାଣ୍ଡୁରବର୍ଣ୍ଣହୋଇ ବିବର୍ଣ୍ଣ ହେଲା ।

୨୪—ତାହା ଦେଖି ହଂସ କହି ହେଲା ଏ ନବୈଦ୍ୟବ୍ୟାଧିକି (ଅସାଧ୍ୟରୋଗକୁ) ଉପଶମ କରିବା ପାଇଁ ଯେଉଁ ସୁନ୍ଦରୀର ରସ (ଶୃଙ୍ଗାର ରସ) (ରତିକ୍ରୀଡ଼ା-ବିଶେଷ) ପରି ସେ ଏ ଦେବତାମାନଙ୍କର ଦୁର୍ଲ୍ଲଭ ଅଟେ, କେବଳ ଏମାନେ ଅମ୍ଭମାନଙ୍କର ଯେ ଆହାର ମୃଣାଳ ତାହାକୁ ଶେଷକଲେ । ବିରହୀମାନେ ପଦ୍ମପତ୍ରରେ ଶୟନ କରନ୍ତି ଏବଂ ପଦ୍ମନାଡ଼ ମାଳ କରନ୍ତି ।

୨୫—କୌଣସି ଶ୍ୱେତ ଗରୁତବର (ରାଜହଂସଶ୍ରେଷ୍ଠର) କନ୍ୟା ବାଳାର ନାମ ପଚାରିବାରୁ ସେ କହିଲା ବାଳାନାମ ପ୍ରେମ ମଞ୍ଜରୀ, ସେ ଶରୀରେ ପ୍ରେମକୁ ଅଙ୍କୁରିତ କରେ ।

ସଂକଳ୍ପଭବ ନାମ କାମ । ସ୍ୱାର୍ଥେ ଏ କାଳେ ହେଲା କ୍ଷମ ।
ଏମନ୍ତ କଥା ହୋଇଁ ହୋଇଁ । ନଭେ ସତ୍ୱରେ ଯାଉଁ ଯାଉଁ ॥ ୨୬
ପ୍ରିୟ ଅପ୍ରିୟ ହେବା ଘେନି । ଏ ରୂପେ କଥା ବାମାବେନି ।
ହେଲି ସନ୍ଧ୍ୟାଗାମୀ ମୁଁ ଶଚୀ । ଜେମା ରୁଚି ଲୋକନେ ଲୁଚି ॥ ୨୭
ସୁସଙ୍ଗେ ହାରି ମୁଁ ସାରଦା । ଲାଞ୍ଛକରି ଦେଇଛି ବିଦ୍ୟା ।
ଶୁଣିଲି ବୋଇଲା ମରାଳ । ଜାଣିଲି ଯହିଁକି ଆକୁଳ ॥ ୨୮
ତହିଁକି ବାଳା ଦୃକପାତ । କାହିଁକି ହେବ କଦାଚିତ ।
ଯେ ଗାନ୍ଧର୍ବୀ ଗନ୍ଧର୍ବସୁତା । ଷୋଡ଼ଶୀ ଏକା ସୁଶୋଭିତା ॥ ୨୯
ବିଧାତା ଅନୁକୂଳ ଥିବ । ଯେ ଅନୁକୂଳ ପୁଂସ ହେବ ।
ଶୋଭା ଗୁଣ କୁଳ ବୟସେ । ସମେ ମିଳିବ ଭାଗ୍ୟବଶେ ॥ ୩୧
ବିଭାମଣ୍ଡପ ତୁଲପାଶେ । ବସିବେ ସୀତା ରାମ ସେତେ ।
ନୋହିଲେ ଥିବ ବହୁକାଳ । ଯଥା ରେବତୀ ଲଭେ ବଳ ॥ ୩୧

୨୬।୨୭।୨୮—କାମର ସଂକଳ୍ପଭବ (ମନୋଜ) ନାମକୁ ସାର୍ଥକ କରିବାକୁ ଯୌବନରେ ସେ ବାଳା ସକ୍ଷମ ହେଲା । ଏହିପରି କଥୋପକଥନ କରି ଆକାଶରେ ଶୀଘ୍ର ଯାଉଁ୨ ମରାଳ ଏହିପରି ପ୍ରିୟଅପ୍ରିୟ ନେଇ ଦୁଇଟି ସ୍ତ୍ରୀଙ୍କର ଏହିପରି କଥୋପକଥନ ଶୁଣିଥିଲା । ଶଚୀଦେବୀ କହିଲେ ଜେମାର ଇଚ୍ଛା ଦେଖିବାକୁ ମୁଁ ସନ୍ଧ୍ୟାବେଳେ ଲୁଚିକରି ଯାଇଥିଲି, ସରସ୍ୱତୀ ସୁନ୍ଦର ପଣରେ ହାରି ସେ ସୁନ୍ଦରୀକୁ ବିଦ୍ୟାଲାଞ୍ଛ ଦେଇ ଅଛନ୍ତି । ମରାଳ ଏହାଶୁଣି କହିଲା ତୁମ୍ଭେମାନେ ଯାହାପାଇଁ ବ୍ୟାକୁଳ ମୁଁ ତାହା ଜାଣିଲି ।

୨୯—ବାଳା ସେ କଥାରେ ଟିକିଏ ଦୃକ୍‌ପାତ କଲାନାହିଁ । ଯେ ଗାନ୍ଧର୍ବ (ନବ ଯୁବତୀ) ପୁଣି ଗନ୍ଧର୍ବ (ଅପ୍ସରାଗର୍ଭଜାତା) ଷୋଡ଼ଶବୟସୀ, ଇନ୍ଦ୍ର ଭଗବାନ ଦେବସତ୍ୱ ପୁଣି ବୟୋଜ୍ୟେଷ୍ଠ ତାଙ୍କଠାରେ ଅନୁରାଗିଣୀ ହେଲେ କଣ ଶୋଭା ପାଇବ ।

୩୦—ବିଧାତା ଯେବେ ଅନୁକୂଳ (ସହାୟ) ଥିବ ତେବେ ଯେ ଅନୁକୂଳପୁରୁଷ (ଯେ ଏକ ସ୍ତ୍ରୀ ଭିନ୍ନ ଅନ୍ୟଠାରେ ଅଭିଳାଷୀ ନୁହେଁ) ଏବଂ ଶୋଭା ଗୁଣ, କୁଳ, ଓ ବୟସରେ ସମାନ ଭାଗ୍ୟବଶରୁ ସେହି ପୁରୁଷ ଏହାକୁ ମିଳିବ ।

୩୧—ବିଭାମଣ୍ଡପ ତୁଳ ପାଶରେ ସୀତା ଓ ରାମଙ୍କ ପରି ସ୍ତ୍ରୀ ପୁରୁଷ ଦୁହେଁ ବସିବେ, ଅଥବା ଯେପରି ରେବତୀ ବଳରାମଙ୍କୁ ପାଇଥିଲେ ସେହିପରି ଉତ୍ତମ-ପୁରୁଷପାଇ ବହୁକାଳ ରହିବେ ।

ଶୁଣି କହିଲେ ଦେବୀ ବେନି । ଆମ୍ଭର ଅଂଶଭବା ସେହି ।
ଯାଇ ଦିଅ ତା ସଙ୍ଗୀ କରି । ସେ ହେବେ ହୃଦ-ଶଙ୍କାହାରୀ ॥ ୩୨
କାଦମ୍ବ ଯେ ସମ୍ମତ କଲା । ପ୍ରମଦାଯୁଗ ଉପୁଜିଲା ।
ଶଚୀକଳା ବାଣୀଜା ସେହି । କାଦମ୍ବିନୀରେ ସଙ୍ଗ ହୋଇ ॥ ୩୩
ପ୍ରଥମା ଦ୍ୱିତୀୟା ଅପରା । ପ୍ରୟୋଗେ ହୋଇବେ ରୁଚିରା ।
ଚମ୍ପାବତୀଶ କ୍ରୀଡ଼େ ଜଳେ । ମହିଷୀ ସଙ୍ଗେ ଅଛି ମିଳେ ॥ ୩୪
ସେ ସାରସର ସାରସରେ । ପୂର୍ଣ୍ଣ ସୁଖଦ ସାରସରେ ।
ଲୋକନେ ନୃପ ପରୁରିଲା । ଲୋକେଶ-ବାହନ କହିଲା ॥ ୩୫
ହେ ଦେବଦେବ କନ୍ୟା ତିନି । ସଙ୍ଗେ ମୁଁ ଆସିଅଛି ଘେନି ।
ତୁମ୍ଭ ନନ୍ଦିନୀ କି ଇତର । ବୋଲିବା ନିପୁରାଲଙ୍କାର ୩୬
ସେ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ଏ ହେଲେ ତାହା ସହଚରୀ ।
କେତେ ବା ଦିଶିବ ଶୋଭନ । ମନୁଜାରୁ କି ପ୍ରୟୋଜନ ॥ ୩୭

୩୨—ଏ କଥା ଶୁଣି ସେହି ଶଚୀ ଓ ଶାରଦା ଦୁଇ ଦେବୀ କହିଲେ ସେ ସୁନ୍ଦରୀ ଆମ୍ଭ ଅଂଶରେ ଜାତ, ତେବେ ତୁମ୍ଭେ ଯାଇ ଆମ୍ଭଙ୍କ ତାହାଙ୍କର ସଙ୍ଗୀ କରାଇ, ଦିଅ ସେ ଆମ୍ଭ ହୃଦୟରୁ ଶଙ୍କା ହରିବ ।

୩୩ । ୩୪—ହଂସ ସେ କଥା ସମ୍ମତ ହେଲା, ଶଚୀ ଓ ଶାରଦାଙ୍କ ଶଚୀ କଳା ଓ ବାଣୀଜା ନାମରେ ଦୁଇ ସ୍ତ୍ରୀ କରାଇ କାଦମ୍ବିନୀ ସଙ୍ଗରେ ନେଇଗଲା । ଏମାନେ ପ୍ରଥମା, ଦ୍ୱିତୀୟା, ଓ ଅପରା, ପ୍ରୟୋଗରେ ମନୋହାରିଣୀ ହେବେ ଏହା ଭାବିଲା । ଚମ୍ପାବତୀଶ (ରାଜା ଦୀପ୍ତିସାଗର) ରାଣୀଙ୍କ ସହିତ ଜଳରେ କ୍ରୀଡ଼ା କରୁଅଛନ୍ତି । ଏହି ସମୟରେ ସେଠାରେ ମିଳିଲା ।

୩୫—ସେ ସାର ସର (ଶ୍ରେଷ୍ଠ ସରୋବର) ସାରସରେ (ପଦ୍ମରେ ପୂର୍ଣ୍ଣହେବାରୁ ସାରସରେ) (ହଂସମାନଙ୍କ ବିଷୟରେ) ବିଶେଷ ସୁଖଦ ଅଟେ । ରାଜା ପୂର୍ବ ପରିଚିତ ସେହି ବ୍ରହ୍ମାଙ୍କ ହଂସକୁ ଦେଖିବା ମାତ୍ରେ ପଚାରିବାରୁ ଲୋକେଶ ବାହନ (ବ୍ରହ୍ମାଙ୍କ ବାହନ ହଂସ) କହିଲା ।

୩୬—ହେ ରାଜାଧିରାଜ ମୁଁ ସଙ୍ଗରେ ତିନୋଟି କନ୍ୟା ନେଇ ଆସିଅଛି, ସେମାନଙ୍କୁ ତୁମ୍ଭ କନ୍ୟାଛଡ଼ା ଅନ୍ୟ ନିପୁର ସୁନ୍ଦରୀମାନଙ୍କର ଅଲଙ୍କାର ବୋଲି କହିବା ।

୩୭—ଆପଣଙ୍କ କନ୍ୟା କୋଟିବ୍ରହ୍ମାଣ୍ଡସୁନ୍ଦରୀ ଏମାନେ ତାହାର ସହଚରୀ ହେଲେ କେଡ଼େ ସୁନ୍ଦର ଦିଶିବ, ମନୁଜାରୁ (ମାନବୀ ସହଚରୀରୁ) କି ପ୍ରୟୋଜନ ।

ଭୂପତି ତୃପୁତିକି ପାଇ । ସୁତାରେ ସଖୀ ସମର୍ପଇ ।
କୌଶିକୀ ତଟର ବିପିନ । ଦେଲେ ବାଳାକୁ କ୍ରୀଡ଼ାସ୍ଥାନ ॥ ୩୮
କ୍ଷୀରେ ନୀର ମିଶିଲା ପରି । ସୁନ୍ଦରୀ ମାନେ ସହଚରୀ ।
ନିଜ ମନକୁ ମିଶାଇଲେ । ରହସ୍ୟ ଭାବେ ରସାଇଲେ ॥ ୩୯
ହଂସବଂଶରେ ଯେ ଠାକୁର । ପରମହଂସ ଅବତାର ।
ଯେ ମୁନି ମାନସେ ବିହରି । ଉପଇନ୍ଦ୍ର ଭଞ୍ଜ ସୁମରି ॥ ୪୦

ଷଷ୍ଠ ଛାନ୍ଦ

(ବସନ୍ତକାଳ ବର୍ଣ୍ଣନା, ରାଜପୁତ୍ରର ବନବିହାର ଏବଂ
କୋଟିବ୍ରହ୍ମାଣ୍ଡସୁନ୍ଦରୀର ପ୍ରସଙ୍ଗ ଶ୍ରବଣ

ରାଗ—ବସନ୍ତ

ଅତି ରସମୟ ସମୟ ବସନ୍ତ ବଚନ ପ୍ରମେୟ ତାହାର ।
ମିତ୍ର ଅନଙ୍ଗକୁ ପ୍ରବଳ କରାଇ ଅଚିରେ ଚର୍ଚ୍ଚରୀ-ବିହାର ।
ଆଗତେ, ଆରୋହିଲା ନାଗେଶ୍ୱରକୁ ।
ଋତୁ-ରାଜ ପଦୁଁ ସେ ରଜ ଘେନିଲା ଗୃହିଁ ପ୍ରଫୁଲ୍ଲକେଶରକୁ ॥ ୧

୩୮—ଭୂପତି ତୃପ୍ତହୋଇ କନ୍ୟାକୁ ସଖୀମାନଙ୍କୁ ଦେଲେ, କୌଶିକୀ ନଦୀ ତଟବର୍ତ୍ତୀ ଅରଣ୍ୟ ବାଳାକୁ କ୍ରୀଡ଼ା କରିବା ପାଇଁ ଦେଲେ ।

୩୯—ଦୁଗ୍ଧ ଜଳ ମିଶିଲା ପରି ସୁନ୍ଦରୀର ମନରେ ସହଚରୀମାନେ ଆପଣା ଆପଣା ମନକୁ ମିଶାଇ ଦେଲେ, ରହସ୍ୟ କଥାରେ ବାଳାକୁ ରସାଇଲେ ।

୪୦—ଯେ ହଂସବଂଶରେ (ସୂର୍ଯ୍ୟବଂଶରେ) ଠାକୁର ଅଟନ୍ତି, ଯେ ପରମହଂସ (ସନ୍ନ୍ୟାସୀ) ରୂପ ଧାରଣ କରିଥିଲେ, ଯେ ହଂସ ମାନସରୋବରରେ ଖେଳିଲାପରି ମୁନିମାନଙ୍କ ମନରେ କ୍ରୀଡ଼ା କରନ୍ତି ସେହି ରାମଚନ୍ଦ୍ରଙ୍କୁ ଉପେଇନ୍ଦ୍ର ଭଞ୍ଜ ସ୍ମରଣ କରେ ।

୧—ବସନ୍ତ ସମୟ; ତାହାର ପ୍ରମେୟ (ସବୁକଥା) ବିଚିତ୍ର, ନିଜମିତ୍ର ଅନଙ୍ଗକୁ (କନ୍ଦର୍ପକୁ) ପ୍ରବଳ କରାଇ ଚର୍ଚ୍ଚରୀ ବିହାର (ଦୋଳଯାତ୍ରା ଫଗୁଖେଳ) ଆରମ୍ଭିଲା । ବସନ୍ତ ଋତୁରାଜ ହେତୁ ରାଜାଙ୍କ ପରି ନାଗେଶ୍ୱର (ହସ୍ତୀଶ୍ରେଷ୍ଠ ଓ ବୃକ୍ଷ) ରେ ଆରୋହି ପ୍ରସ୍ଫୁଟିତ ନାଗେଶ୍ୱର କେଶରକୁ ଗୃହିଁ ତାହାର ପରାଗରେ ଫଗୁଖେଳ କଲା ।

ଛୁରି-ପତ୍ର ସୂଚି ଆବରଣ ମଧ୍ୟେ ସାଧ୍ୱୀ ଗୁଣ ଯେନ ପଶିଲା ।
ନବପୁଷ୍ପବତୀ ସେବତୀ ସଙ୍ଗତେ ଅସି କ୍ରୀଡ଼ାକୁ ପ୍ରକାଶିଲା ।
ମନୋଜ, ଶତ୍ରୁପୁର ମଧ୍ୟ ଚତ୍ୱରେ ।
ଉଦିତ କରାଇ ରତି ଅନୁରାଗ ଅବିର ସେ ଖେଳେ ସତ୍ୱରେ । ୨
ମଧୁ ବନ୍ଧୁ ପଣେ ମଳୟ-ଶଇଳ-ନିଳୟ ଅନିଳ ବହିଲା ।
ସଲିଳେ ମଜ୍ଜି ପଦ୍ମିନୀ ଗୃହଜାତି ଦକ୍ଷିଣ ସ୍ୱଭାବେ ମୋହିଲା ।
ତା ଜାଣି, ବନ-ଭବନେ ଯେ ଅବେଶ
ତରୁ ଲତାଶ୍ରେଣୀ ତରୁଣ ତରୁଣୀ ସମସ୍ତେ ସୁମନ-ସୁବେଶ ॥ ୩
ଶୋଭା କରବୀର ରସାଳ ପୁନ୍ନାଗ ପୂଗ ମଗ୍ନ ସେ ଅଭିଳାଷେ
ସୁନାରୀ ମାଧବୀ ମଲ୍ଲିକା ସେବତୀ ଚମ୍ପାନାମ ସହ ବିଲାସେ ।
ଏ ଭାବେ, ବକୁଳ ସଙ୍ଗାତ ହୋଇଲେ ।
ସହଚରୀ ଦାସୀ ଅସି ତହିଁ ମିଶି ଉନ୍ନତ ପ୍ରଭା ଦେଖାଇଲେ ॥ ୪

୨—ସାଧ୍ୱୀ (ପତିବ୍ରତା ନାରୀ) ମାନଙ୍କର ଗୁଣ ଯେମନ୍ତ ଛୁରିପତ୍ର (କେତକୀକୁସୁମ) କଣ୍ଟକାକୀର୍ଣ୍ଣ ପତ୍ର ଅବରଣ ମଧ୍ୟରେ ପଶିଲା (ପତିବ୍ରତାମାନେ ପୁରମଧ୍ୟରେ ଲୁଚିରହନ୍ତି) ନୂତନ ପ୍ରସ୍ଫୁଟିତ ସେବତୀ ସହିତ ରସକ୍ରୀଡ଼ା ଆରମ୍ଭିଲା । ମନୋଜ (କାମ) କୁ ଶତ୍ରୁ ରୂପକ ଗୃହରେ ଅଗଣାରେ ଉଦିତ କରାଇ ରତି (ଅସକ୍ତି) ଓ ଅନୁରାଗ (ସ୍ନେହ) ରୂପକ ଅବିରରେ ବସନ୍ତ ଶୀଘ୍ର ଖେଳିଲା ।

୩—ମଧୁ (ବସନ୍ତକାଳ)ର ବନ୍ଧୁଭାବରେ ମଳୟପର୍ବତବାସୀ ଅନିଳ (ଦକ୍ଷିଣା-ପବନ) ବହିଲା । ସଲିଳ (ଜଳରେ) ବୁଡ଼ି ରହିଥିବା ପଦ୍ମିନୀ ପ୍ରଭୃତି ଗୃହଜାତି ପୁଷ୍ପ, ସଲୀଳେ (କ୍ରୀଡ଼ାରେ) ମଗ୍ନହୋଇଥିବା ପଦ୍ମିନୀ ପ୍ରଭୃତି ଗୃହଜାତ ସ୍ତ୍ରୀ ହେଲେ । ସେମାନଙ୍କୁ ଦକ୍ଷିଣ ନାୟକ (ଯେ କି ଅନେକ ସ୍ତ୍ରୀ ଠାରେ ସମସ୍ନେହୀ) ରୂପେ ମୋହିଲା । ଏହା ଜାଣି ବନବାସୀ ତରୁଲତାମାନେ ଯୁବା ଓ ଯୁବତୀପରି ପୁଷ୍ପରେ ଭୂଷିତ ହେଲେ । ସୁମନ (ପୁଷ୍ପ) ।

୪—ସେହି ଇଚ୍ଛାରେ (ଦକ୍ଷିଣନାୟକ ପରି କ୍ରୀଡ଼ା କରିବା ଇଚ୍ଛାରେ) କନିଅର, ଅମ୍ବ, ପୁନ୍ନାଗ, ଗୁଆ, ଏମାନେ ନୂତନ ବେଶ-ଭୂଷାରେ ଶୋଭିତ ହେଲେ । ସୁନାରୀ, ମାଧବୀ, ମଲ୍ଲୀ, ସେବତୀ, ଚମ୍ପା, ଏମାନେ ସୁନାରୀ (ଉତ୍ତମ ସ୍ତ୍ରୀ) ପରି ସେମାନଙ୍କ ସହିତ କ୍ରୀଡ଼ାକଲେ । ଏହା ଦେଖି ବକୁଳ ସେମାନଙ୍କର ସଙ୍ଗାତ ହେଲା । ସହଚରୀ (ହଳଦିଆ ଦାସକେରଣ୍ଡା) ସଙ୍ଗିନୀପରି ଦାସୀ (ନୀଳବାଣ) ଦାସୀପରି ସେମାନଙ୍କ ସହିତ ମିଳି ଉନ୍ନତ ଶୋଭା ଦେଖାଇଲେ ।

କଳୀ ନଳୀ-କୋଷ-ମୁଠା ସ୍ଫୁଟି କର ପଲ୍ଲବ-କର ପ୍ରସ୍ତୁରିଲେ ।
ମକରନ୍ଦ ଗନ୍ଧ-ପିଚକା ପରାଗ ଫଗୁ ଅବିରତେ ଖେଳିଲେ ।
ହେଲେ ଯେ, ଆରଦ୍ର ଶସ୍ତରେ ଝଳତ ।
କଲେ ଖଞ୍ଜନ-ରଞ୍ଜନ-ଈକ୍ଷଣକୁ କ୍ଷଣକୁ କ୍ଷଣ ଚଞ୍ଚଳତ ॥ ୫
ବର୍ଣ୍ଣ ଅବ୍ୟକ୍ତରୁ ହାରିତ କନକ-କଙ୍କଣ ନିଃସ୍ୱନେ ଦଶିଲେ ।
ମତ୍ତ ଭୃଙ୍ଗଶ୍ରେଣୀ ବାଜଣୀ କିଙ୍କିଣୀ ରଣରଣ ପଦ ଘୋଷିଲେ ।
ଏତକି, ମାନ ରହିଲା ବିବେଚନା ।
ପିକ କୁହୁକୁହୁ ଲୋକ ହୁଁ ହୁଁ ହୁଁ ହୁଁ କଲେ ଜଣ ବଚ ରଚନା ॥ ୬
ବିକାଶ ହୋଇଲେ କିଂଶୁକ ସାଧୁ ଯେ ପୂର୍ବ ବିଭୂତିକି ତେଜିଲେ ।
ଲୁରିକ କିରାତ କାଷ୍ଟ-କଠୋରାଙ୍ଗ ଉତ୍‌ଫୁଲ୍ଲ ପୁଲକ ଭଜିଲେ ।
ତା ଦେଖି, ଦୀନ ହୃଷ୍ଟପୁଷ୍ଟ ଲଭିଲେ ।
ଉଡ଼ି ପଡ଼ିଲା ବିରାଜମାନରଜ ବଶେ କେତେ ଅଙ୍ଗ ଶୋଭିଲେ ॥ ୭

୫—ପୁଷ୍ପିତ ବୃକ୍ଷସବୁ କଢ଼ୀରୂପକ ନଳକୋଷ (ପିଚକାନଳୀ)ରେ ପୁଷ୍ପଗୁଚ୍ଛରୂପ ହସ୍ତମୁଠା ପ୍ରକାଶ କରି ପତ୍ର ରୂପ ହସ୍ତ ଗୁଳିଲେ । ମକରନ୍ଦ (ପୁଷ୍ପମଧୁ)ରେ ସୁଗନ୍ଧ ଜଳରେ ପିଚକା ଏବଂ ପୁଷ୍ପଧୂଳିରେ ଅବିର ଖେଳିଲେ । ଏବଂ ଓଦାଦେହରେ ଶୋଭା ପାଇଲେ । ସ୍ତ୍ରୀ ମାନେ ପିଚକା ଖେଳବେଳେ ଖଞ୍ଜନନେତ୍ରକୁ ଚଞ୍ଚଳ କଲାପରି ବୃକ୍ଷମାନଙ୍କରେ ଖଞ୍ଜନପକ୍ଷୀ ଉଡ଼ିବାରୁ ସେ ଶୋଭା ପ୍ରକାଶିଲା ।

୬—ପିଚକାଜଳରେ ନାଲି ହୋଇ ନିଜରଙ୍ଗରେ ପ୍ରକାଶ ପାଉ ନ ଥିବା କନକ କଙ୍କଣମାନେ ହାରିଯାଇ ଚୂପ ହୋଇ ରହିଲାପରି କନକ (ଚମ୍ପକ) ବୃକ୍ଷମାନେ ଦେଖାଗଲେ । ଉନ୍ମତ୍ତ ଭ୍ରମରମାନେ କିଙ୍କିଣୀ (କଟିସୂତା) ବାଜେଣୀ ପରି ରଣ ରଣ ପଦକୁ ଘୋଷିଲେ । ସେଠାରେ ଏତିକି କଥା ଅଧିକ ବିଚାର କରିବାକୁ ରହିଲା ଯେ ଲୋକମାନଙ୍କର ହୁଁ କାର ଶବ୍ଦ ପରି ପିକଙ୍କର କୁହୁ ଶବ୍ଦ ଉଚ୍ଚରେ ରଚିତ ହେଲା ।

୭—ପଲାଶଫୁଲ କଢ଼ବେଳେ ପାଉଁଶିଆ ଦିଶୁଥାଏ, ଫୁଟିଲେ ଲାଲ ହୁଏ ଅତଏବ ସେମାନେ ସାଧୁପୁରୁଷପରି ବିଭୂତି ବୋଳି ହୋଇଥିଲେ, ବସନ୍ତ ଆସିବାରୁ ତାକୁ ଛାଡ଼ି ଅବିର ରଙ୍ଗହେଲେ । ଲୁଣିଆନାର ଦେହ କାଷ୍ଠପରି କଠୋର, ତେଣୁ ସେମାନେ ଶବର ପରି, ସେ କଠୋର ଦେହରେ ମଧ୍ୟ ରୋମାଞ୍ଚ ହେଲାପରି ପୁଷ୍ପ ପ୍ରକାଶ ପାଇଲା । ତାହାଦେଖି ଦୀନ ଦୁଃଖୀମାନେ ମଧ୍ୟ ହୃଷ୍ଟ-ପୁଷ୍ଟହେଲେ, ଫଗୁଖେଳ ବେଳେ ଦରିଦ୍ର ମାନଙ୍କଉପରେ ଅବିର ଉଡ଼ି ପଡ଼ିଲାପରି କେତେ ପରାଗ ହୀନବୃକ୍ଷ-ସବୁ ଅନ୍ୟ ବୃକ୍ଷରୁ ଉଡ଼ି ଆସିଥିବା-ରେଣୁରେ ଶୋଭିତ ହେଲେ ।

ନବମାଳିକା ନବବାଳିକା ଏକା ବର୍ଣ୍ଣେ ଭେଦ ଅଛି ମାତର ।
ବାମା ହୁଅଇ ବିପରୀତେ ବୋଲନ୍ତେ ବାସ ଆଶ୍ରୟ ନିରନ୍ତର ।
ମୁକୁଳ, ବତୀ ଭାବ ଯେଣୁ ଗୃହୀତ ।
ଖେଳ ଉଦ୍ୟମରେ ଧବ ସମୀପରେ ଶୁକ-ବାକ୍ୟେ ଗୃଢ଼ ବାହୃତ ॥ ୮
ସେ ରଙ୍ଗବଶ ଯେ ହୋଇଲେ ଅଶୋକ ସ୍ତବକ-ଉରଜ ଦଶାଇ ।
ନଭ-ସ୍ଥିତ ଚିତ୍ତ ସେ ଲୀଳାରହସ୍ୟ ଚରିତେ ଭ୍ରମିତ ରସାଇ ।
ସାରଥି ରଥୀ ମାନସ ବଳାଇଲେ ।
ପ୍ରାତଃ ଦିବସାନ୍ତ ଅରୁଣ କରିଇ ଦୁହେଁ ଅରୁଣ ବୋଲାଇଲେ ॥ ୯
ସ୍ନେହ ପୂର୍ଣ୍ଣରେ ଚନ୍ଦ୍ର ଚନ୍ଦ୍ର-ଚୂର୍ଣ୍ଣରେ ଖେଳିଲେ ତାରାଳୀ ସଙ୍ଗତେ ।
ତ୍ରିଯାମା ରାମା ଶ୍ୟାମା ଅନ୍ତଶପୂରେ କସ୍ତୁରିକା ଦଳି ଫିଙ୍ଗନ୍ତେ ।
ସେ ଧୂଳି, ସେହି ଲେଉଟାଇ ମାଇଲେ ।
ନିଃଶଙ୍କେ ଚନ୍ଦ୍ରିକା ଅଙ୍କକରି ଅଙ୍କେ ଲୀଳା ବିଳାସେ କି ଥୋଇଲେ ॥ ୧୦

୮—ନବମାଳିକା (ନିଆଳୀ) ନବବାଳିକା ପରି କେବଳ ଗୋଟିଏ ବର୍ଣ୍ଣରେ ପ୍ରଭେଦଅଛି । ମାଳିକାର "ମା" ବାଳିକାର "ବା" ଏ ଦୁଇଅକ୍ଷରକୁ ଓଲଟି ପଢ଼ିଲେ "ବାମା" ହେଲା ଅର୍ଥାତ୍ ନୂତନ ସ୍ତ୍ରୀତ୍ୱକୁପାଇଲା, ସ୍ତ୍ରୀତ୍ୱଲାଭବାପରେ ବାମାମାନେ ସର୍ବଦା ବାସ (ବସ୍ତ୍ର)କୁ ଆଶ୍ରୟ କରନ୍ତି, ଏ ବାସ (ବାସନା) କୁ ଆଶ୍ରୟ କଲା । ମୁକୁଳବତୀ (କଳିକାବତୀ ଓ ଅଦ୍ଭୁଷ୍ଟରଜା ସ୍ତ୍ରୀ) ଭାବକୁ ଗ୍ରହଣ କରିବାରୁ ନିକଟବର୍ତ୍ତୀ ଧବବୃକ୍ଷ ଧବ (ପତି) ପରି ତାହାସହିତ ଖେଳିବା ଇଚ୍ଛାରେ ଶୁକବାକ୍ୟ ଛଳରେ ଗୂଢ଼ବାଣୀ ପ୍ରକାଶିଲା ।

୯—ଅଶୋକ ପୁଷ୍ପଗୁଚ୍ଛ ରୂପକ ସ୍ତନ ଦେଖାଇ ସେ ଖେଳରେ ମାତିଲେ । ସେ କ୍ରୀଡ଼ା ରହସ୍ୟ ଦେଖି ଆକାଶସ୍ଥ ସୂର୍ଯ୍ୟାଦି ଦେବତାମାନେ ସେ କ୍ରୀଡ଼ାରେ ମନ ମଜ୍ଜାଇଲେ । ରଥୀ (ସୂର୍ଯ୍ୟ) ଓ ତାହାଙ୍କର ସାରଥି ଦୁହେଁ ଫଗୁ ଖେଳରେ ମନ ବଳାଇ ସକାଳ ଓ ସନ୍ଧ୍ୟାକୁ ଲାଲ୍ କରିଇ ନିଜେ ମଧ୍ୟ ଲାଲ୍ ହେଲେ , ଅରୁଣନାମକୁ ଧଇଲେ ।

୧୦—ଚନ୍ଦ୍ର ସ୍ନେହପୂର୍ଣ୍ଣ ହୋଇ ତାରାମାନଙ୍କ ସଙ୍ଗରେ ଚନ୍ଦ୍ରଚୂର୍ଣ୍ଣ (କର୍ପୂରଧୂଳି)ରେ ଖେଳିଲେ । ଶ୍ୟାମଳବର୍ଣ୍ଣା ତ୍ରିଯାମା (ରାତ୍ରି) ରୂପା ରାମା (ସ୍ତ୍ରୀ) କସ୍ତୁରୀକ ଉତ୍ତମରୂପେ ଚୂନାକରି ଫିଙ୍ଗିବାରୁ ଚନ୍ଦ୍ର କର୍ପୂର ଧୂଳିକି ଲେଉଟାଇ ଫିଙ୍ଗିଲେ । ରାତ୍ରି ଓ ଚନ୍ଦ୍ର ଦୁହେଁ ନିର୍ଭୟରେ ନିଜ ନିଜ ଅଙ୍ଗେ (ଦେହରେ) କ୍ରୀଡ଼ା କୌତୁକରେ ତାହାକୁ ଧାରଣ କଲେ । ଚନ୍ଦ୍ର କସ୍ତୁରୀକୁ କଳଙ୍କରୂପେ ରାତ୍ରି କର୍ପୂରକୁ ଚନ୍ଦ୍ରିକା ରୂପେ ଧଇଲେ ।

ମିଳିତ ଯେ ଗନ୍ଧମାଦନ କାନନଉଦରେ ଚତୁର-ଆନନ
ଗୁଣ-ବିଶାରଦା ସାରଦା ସାବିତ୍ରୀ ସଙ୍ଗେ ରଙ୍ଗେ ତୋଷ ଜନନ ।
ଶ୍ରୀଖଣ୍ଡ, ଅଚଳେ ଆଖଣ୍ଡଳ ଚଳେ ।
ଘେନି ଇନ୍ଦ୍ରାଣୀ ଗନ୍ଧର୍ବ ଅପସରୀ ସେ ଉତ୍ସବେ ମତ୍ତ ଚଞ୍ଚଳେ ॥ ୧୧
କିନ୍ନରୀ କିନ୍ନର ଘେନି ଧନେଶ୍ୱର ଚଇତ୍ରରଥରେ ବିଳସେ ।
କ୍ଷେତ୍ରମାନଙ୍କେ ଉମାଧବ ମାଧବ ପ୍ରତିମାରୂପରେ ଲୋଳ ସେ ।
ବିମାନ, ଆରୋହି ସେ ରଙ୍ଗେ ଭ୍ରମିତ ।
ସେ ବିଳାସ କଇଲାସ ବଇକୁଣ୍ଠେ ହୋଇଥିବ କିଉ ରମିତ ॥ ୧୨
ମୋହି ପାରଇ ଜଗତ ଯେଉଁ ଗୀତ ଆଲିଙ୍ଗିତ ସ୍ୱର ସପତ ।
ସ୍ତମ୍ଭିତ ଲୋକିତ ଯହିଁରେ ପନ୍ନଗ ଅନଙ୍ଗ ତହିଁତ ଗୁପତ ।
ବିହଗ, ପଶୁ ସ୍ୱରେ ସ୍ୱରେ ଧରିଲେ ।
ପ୍ରଶସ୍ତ କରି ବସନ୍ତ ରାଗ ଧରି ସର୍ବଲୋକେ ତାହା ଗାଇଲେ ॥ ୧୩
ସେ କର୍ଣ୍ଣକୁହରେ ପ୍ରବେଶ ବିହରେ ଅବିରତେ ରହି ହୃଦରେ ।
କଲେ ଉଦ୍ଦୀପନ ଆଲମ୍ବନ ଅବଲମ୍ବନ ସେ ଅତି ଆଦରେ ।
ସମ୍ଭୋଗ, ବିପ୍ରଲମ୍ଭ ବେନି ଶୃଙ୍ଗାର ।
ଯୋଗୀ ବିଯୋଗୀ ବିରଚନ କରନ୍ତି ଭାବି ବେଗେ କେଳି ଆଦର ॥ ୧୪

୧୧—ଚତୁର ଆନନ (ବ୍ରହ୍ମା) ଗନ୍ଧମାଦନ କାନନ ମଧ୍ୟରେ ମିଳି ଗୁଣବିଶାରଦ (ଗୁଣବିଚକ୍ଷଣା) ସାରଦା (ସରସ୍ୱତୀ) ଓ ସାବିତ୍ରୀଙ୍କ ସଙ୍ଗରେ ନାନା-ରଙ୍ଗରେ ଆନନ୍ଦ ଜନ୍ମାଇଲେ । ଆଖଣ୍ଡଳ (ଇନ୍ଦ୍ର) ଶ୍ରୀଖଣ୍ଡଅଚଳେ (ମଳୟପର୍ବତକୁ) ଇନ୍ଦ୍ରାଣୀଙ୍କୁ ଘେନି ଚାଲିଲେ । ଗନ୍ଧର୍ବ ମାନେ ଓ ଅପ୍ସରାମାନେ ସେ ଉତ୍ସବରେ ପ୍ରମତ୍ତ ହୋଇ ଚଞ୍ଚଳ ମଳୟାଚଳକୁ ଗଲେ ।

୧୨—ଧନେଶ୍ୱର (କୁବେର) କିନ୍ନର ଓ କିନ୍ନରୀମାନଙ୍କ ସହ ଚୈତ୍ର ରଥରେ (ତାଙ୍କର ନିଜ ଉଦ୍ୟାନରେ) ବିହରିଲେ । ଉମାଧବ (ଶିବ) ମାଧବ (ବିଷ୍ଣୁ) ସେ କ୍ରୀଡ଼ାରେ ଲୁବ୍ଧହୋଇ ବିମାନ ଚଢ଼ି ପ୍ରତିମାରୂପରେ କ୍ଷେତ୍ରମାନଙ୍କରେ ଭ୍ରମଣ କଲେ । ସେ ବିଳାସ କୈଳାସରେ ଓ ବୈକୁଣ୍ଠରେ କିପରି ମନୋହର ହୋଇ ନ ଥିବଟି ।

୧୩-୧୪-ଯେଉଁ ଗୀତ ବୀଣାର ସପ୍ତ ସ୍ୱରକୁ ଆଲିଙ୍ଗନ କରିଥିବାରୁ ଜଗତକୁ ମୋହି ପାରେ, ଯେଉଁ ଗୀତ ଶୁଣି ପନ୍ନଗ (ସର୍ପ) ମାନେ ସ୍ତମ୍ଭିତ ହୋଇ ରହିଲେ, ତହିଁରେ କାମ ଗୁପ୍ତଭାବେ ରହିଅଛି । ବିହଗ (ପକ୍ଷୀ) ମାନେ ଓ ପଶୁମାନେ ନିଜ ୨ ସ୍ୱରରେ ତାହାକୁ ଗାନ କଲେ । ସମସ୍ତ ଲୋକେ ତାହାକୁ ପ୍ରଧାନ କରି ବସନ୍ତ ରାଗରେ ଗାଇଲେ । ସେଗୀତ କର୍ଣ୍ଣରେ ପ୍ରବେଶକରନ୍ତେ ହୃଦୟରେ ସର୍ବଦା ଉଦ୍ଦୀପନ (ଗୀତାଦିଶ୍ରବଣରେ ରସଭାବ)

ଯହିଁରେ ହୁଅଇ ଇନ୍ଧନ ଚନ୍ଦନ ବନ୍ଦନ ତାପ ବିନାଶରେ ।
ଲେଖ ଲେଖନ୍ତି ସ୍ୱର୍ଗଭୋଗ ମଧ୍ୟରେ ଅତ୍ୟନ୍ତ ସୁଖ ମାନସରେ ।
କୁମର, ବର ଏ ଋତୁ ଉପଗତେ ।
ଅଭିରାମ ଆରାମକୁ ଗମେ ବେନି ମିତ୍ର ଶିବପୁଂସ ସଙ୍ଗତେ ॥ ୧୫
ତର୍କବାଦ ବାଗୀଶ୍ୱର ନାମ ବେନି କବି ଭେଟାଇ ପ୍ରତିହାରୀ ।
ପୁରୋଧା ସୁତ ପୁଷ୍ପକାଳ ପ୍ରଶଂସି ହୋଇବାରୁ ବନବିହାରୀ ।
ତରୁଏ ଏଥିକି ସୁମନେ ହସନ୍ତି ।
ତୁହିନକାଳରେ ତାହି ବୋଲି ପିକେ ଅତିଉଚେ ଯେଣୁ ଭାଷନ୍ତି ॥ ୧୬
ନିକଟ ପ୍ରକଟ ସରସୀ ଦେଖାଇ ସଚିବ-ନନ୍ଦନ ଭାଷୁଛି ।
ନୂତନା ପଦ୍ମ-ମୁଖୀ ଅଳି ବିକାଶି ଏହି କଥା କହି ଆସୁଛି ।
ଯେ ଜଡ଼, ସେକି ମଧୁସଙ୍ଗେ ଲଷିତ ।
ବୀରମଣି ଭଣି ଗ୍ରୀଷମ ବରଷା ଶରଦେ କି ନିନ୍ଦା ବାଞ୍ଛିତ ॥ ୧୭

ଆଲମ୍ବ (ପିକ, ଭୃଙ୍ଗଧ୍ୱନି ଶ୍ରବଣରୁ ଏବଂ ଚନ୍ଦ୍ରକିରଣ ଓ ମଳୟପବନ ସ୍ପର୍ଶରୁ ମନ ଶୃଙ୍ଗାରସ୍ଥିତ ହେବା) ଅବଲମ୍ବନ (ନାୟିକାଦି) ଏମାନେ ଅତି ଆନନ୍ଦରେ ବିହାର କଲେ । ସମ୍ଭୋଗ ଶୃଙ୍ଗାର ଓ ବିପ୍ରଲମ୍ଭ (ବିଚ୍ଛେଦ ଶୃଙ୍ଗାର) ଦୁହେଁ କେଳିରେ ଆଦର ଭାବ ସଂଯୋଗୀ ଓ ବିଯୋଗୀ ରଚନା କଲେ ।

୧୫— ଯେଉଁ ବସନ୍ତ କାଳରେ ଚନ୍ଦନ କାଠ ତାପ ନାଶ କରିବାରୁ ଆଦରଣୀୟ ହୁଏ ଲେଖ (ଦେବତା) ମାନେ ସ୍ୱର୍ଗଭୋଗରେ ରହି ପ୍ରଫୁଲ୍ଲଚିତ୍ତରେ ଲେଖ (ପ୍ରଣୟପତ୍ର) ଲେଖନ୍ତି । ସେହି ବସନ୍ତ ଋତୁ ଆସିବାରୁ କୁମାର ଶ୍ରେଷ୍ଠ ଦୁଇମିତ୍ର ଓ ଅଦ୍ଭୁତ ପୁରୁଷ ସହ ମନୋହର ଉପବନକୁ ଗଲେ । ଆରାମ (ଉପବନ) ।

୧୬—ପ୍ରହରୀ ତର୍କବାଦ ଓ ବାଗୀଶ୍ୱର ନାମରେ ଦୁଇ କବିଙ୍କୁ ଭେଟ କରାଇଲା । ପୁରୋହିତ ପୁତ୍ର ବିଦ୍ୟାନିଧି ବନବିହାରୀ ହୋଇ ଥିବାରୁ ବନଶୋଭା ଦେଖି ବସନ୍ତକୁ ପ୍ରଶଂସା କରି କହିଲା । ପିକମାନେ ତୁହିନକାଳ (ଶୀତକାଳ) କୁ ତାହି (ତୁ, ସ୍ଥାନ) ବୋଲି ଅତି ଉଚ୍ଚରେ କହୁଛନ୍ତି । ଏଥିପାଇଁ ବୃକ୍ଷମାନେ ସୁମନେ (ପୁଷ୍ପପ୍ରକାଶ ଦ୍ୱାରା) ହସୁଅଛନ୍ତି ।

୧୭—ନିକଟବର୍ତ୍ତୀ ସରୋବରକୁ ଦେଖାଇ ମନ୍ତ୍ରୀପୁତ୍ର ଯଶୋବନ୍ତ କହିଲା ଏ ପୁଷ୍କରଣୀ ନୂତନ ସ୍ତ୍ରୀପରି ପଦ୍ମମୁଖକୁ ଅଳିମାନେ ଦେଖାଇ ଏହି କଥା କହୁଛନ୍ତି ଯେ ଜଡ଼ (ଶୀତକାଳ) ଜଡ଼ (ବୋକା) ସେ କିପରି ମଧୁ (ବସନ୍ତକାଳ) ମଧୁ (ମନ୍ତ୍ର) ସଙ୍ଗେ ସମାନ ହେବ । ଏହାଶୁଣି ବୀରମଣି କହିଲା ତେବେ ଗ୍ରୀଷ୍ମାଦି ଅନ୍ୟଋତୁମାନଙ୍କୁ ବସନ୍ତ କି ନିନ୍ଦୁଛି ?

ଅଗ୍ରତରେ ଥିଲା ଅଦ୍ଭୁତ ପୁରୁଷ ପାଲଟିଲା ହୋଇ ଭ୍ରମିଲା ।
ବାଧି ବିବେକ ଅଛୁ ପଛେ ପକାଇ ଅବଧାନକୁ ନ ଆସିଲା ।
ନରେଶ, ସୁତ ସସ୍ମିତେ ଅନାଇଲା ।
ସେହୁ ସମୟେ ସାବଧାନ କରାଇ କବିଏ ମନ ମନାଇଲା ॥ ୧୮

ସୁରଭିପଣରେ ସୁରଭି ଗୁଣରେ ସୁରଭି-ପୁରେଶ ନନ୍ଦନା ।
ଯେମନ୍ତ ମତ୍ତକାଶିନୀଙ୍କ ସୀମନ୍ତ-ମଣିଭୂଷା ହୋଇ ବନ୍ଦନା ।
ତେମନ୍ତ, ସୁରଭି ଋତୁରେ ପ୍ରଧାନ ।
ନଦୀରେ ଗଙ୍ଗା ପୁରୁଷେ ମନସିଜ ଗଜେ ଇନ୍ଦ୍ରଗଜ ବିଧାନ ॥ ୧୯

ଶୋଭା ଅରମ୍ଭରେ ରମ୍ଭାରେ ପ୍ରୟୋଗ ବୋଧକର ଥିଲା ବୋଇଲା ।
ସେ ଅପସରୀ ବିଟପୀ-ଭାବ ଭଜି ତନୁକୁ ରମ୍ୟ ନ ପାଇଲା ।
ଯା ଶୋଭା, ଯଶ ଜଗତରେ ପ୍ରସର ।
ହାର ହାର ହୋଇ ତରଳକୁ ଘେନି ସୁର-ସରିତ ଅନୁସର ॥ ୨୦

୧୮—ଅଗରେ ଯାଉଥିବା ଅଦ୍ଭୁତ ପୁରୁଷ ଲେଉଟି ପଡ଼ି କହିଲା ବିଧାତା ବିଚାର କରି ଅନ୍ୟଋତୁମାନଙ୍କୁ ପଛକୁ ପକାଇ ଦେଇଅଛି, ଏ କଥା କଣ ଆପଣଙ୍କ ମନକୁ ଆସୁନାହିଁ । ରାଜପୁତ୍ର ଅଳ୍ପ ଅଳ୍ପ ହସିକରି ଚାହିଁଲା । ସେହି ସମୟରେ ଜଣେ କବି ସାବଧାନ କରାଇ ମନ ମନାଇ ଦେଲା ।

୧୯—ସୁରଭି ପୁରେଶନନ୍ଦନା [ପୁଷ୍ପପୁରର ରାଜକନ୍ୟା] ସୁରଭି [ସୁନ୍ଦରୀ] ପଣରେ ସୁରଭି [ଉତ୍ତମ] ଗୁଣରେ ଯେପରି ସ୍ତ୍ରୀମାନଙ୍କର ମସ୍ତକମଣି ହୋଇ ସୁନ୍ଦରୀମାନଙ୍କର ବନ୍ଦନୀୟା ହୋଇଅଛି, ସେହିପରି ଋତୁମାନଙ୍କ ମଧ୍ୟରେ ବସନ୍ତ, ନଦୀମଧ୍ୟରେ ଗଙ୍ଗା, ପୁରୁଷମଧ୍ୟରେ କାମ ଏବଂ ହସ୍ତୀ ମଧ୍ୟରେ ଐରାବତ ପ୍ରଧାନ, । ମତ୍ତକାଶିନୀ ସୁନ୍ଦରୀସ୍ତ୍ରୀ] ସୀମନ୍ତ ମଣିଭୂଷା [ମଣିମୟ ଶିରୋଭୂଷଣ] ମନସିଜ [କାମ] ।

୨୦—ଏକଥା ଶୁଣି ସେଠାରେ ଥିବା ବୋଧକର (ଭାଟ କହିଲା) ସେ ରାଜକନ୍ୟା କଣ ଶୋଭାରେ ରମ୍ଭାତୁଲ୍ୟ ପ୍ରୟୋଗ ହେବ । କବି କହିଲେ ସେ ରମ୍ଭା ଅପ୍ସରା ଶୋଭାରେ ଏହାଙ୍କ ସମାନ ନହେବାରୁ ବିଟପୀ (ବୃକ୍ଷ) ଭାବ ଧରି (କଦଳୀବୃକ୍ଷରୂପେ) ଏହାଙ୍କର ଗୋଟିଏ ଅଙ୍ଗର (ଉରୁର) ଶୋଭାକୁ ସୁଦ୍ଧା ସମାନ ହେଲା ନାହିଁ । ଯାହାଙ୍କର ଜଗତ୍‌ବ୍ୟାପୀ ଶୋଭା ଯଶ ସହ ଶୁକ୍ଳତାରେ ହାରି ଯାଇ ସୁରସରିତ (ମନ୍ଦାକିନୀ) ଚଞ୍ଚଳ ହୋଇ ହାର ରୂପରେ ଏହାଙ୍କ ଅନୁସରୁଛି ।

ଜଗଜ୍ଜୟ-ଅର୍ଥୀ ତା ବଶ ମନ୍ମଥ ମୂର୍ତ୍ତିମନ୍ତ ହେବା କାରଣ ।
ଗତକା ଇଚ୍ଛିଟି ଚରଣତଳରେ ଶରଣ ପଶିଲା ବାରଣ ।
କବି ଏ, କରୁଁ ପ୍ରତ୍ୟୁତ୍ତର ଏସନ ।
ଅବି ଏ ବୋଲେ ହୁଡ଼ିଲ ତ ଧଡ଼ି ଧରି ଯେ ବସନ୍ତ-ବସନ । ୨୧
ହେ ଭଲ କହିଲ ବର କାହିଁ ଲକ୍ଷ୍ୟ ସ୍ୱକାନ୍ତିକି ଆଉ ତୁଲାଇ ।
ସେ ବେଳ ବଚନ ରଚିତ ଉଚିତ ଚିତ୍ତକୁ ନେଲା ଯେ ଭୁଲାଇ ।
ଆତୁରେ ବିଷୟୀ ବିଷୟ ଧ୍ୱଂସନ ।
ମାଧବୀ-ମଣ୍ଡପେ ରାଜସ୍ୱଜ ବିଜେ କଲା ମନ୍ତ୍ରୀସୁତ ପ୍ରଶନ । ୨୨
ହେ କବେ କହ ତୁମ୍ଭେ କେଉଁ ଦେଶରେ କବିତ୍ୱ ଗୃହୁସ୍ତୀ ଆଦର ।
ଯାହା କହିଲ କି ସତ ସେହିରୂପେ ଜାତ ହୋଇଅଛି ସୁନ୍ଦରୀ ।
ଶ୍ରବଣ, କିବା ଦ୍ରଷ୍ଟବ୍ୟ ସେ ଭଣିଲେ ।
ମିଥ୍ୟା ପ୍ରକାର ଚମତ୍କାର ଯେତେକ ତା ଯୋଗ ସତ୍ୟକୁ ଆସିଲେ । ୨୩
ନୋହିଲା ବିଶ୍ୱକର୍ମା ମୟ ପିତୁଳା ବିରଚନେ ଚିତ୍ର ଲେଖନେ ।
ସୁସମେ ସମେ ବାଲ୍ୟକାଳେ ଭାବିଲେ କେହି ନିର୍ମାଣ ଏ ବଣନେ ।
ହେଲା ଏ, ଯୋଗେ କରୁ କରୁ କଳ୍ପନା ।
ଏ ଅଙ୍ଗ ସେ ଅଙ୍ଗ ଏସନ ତେସନ ପ୍ରସଙ୍ଗ କଲିବା କଳ୍ପନା । ୨୪

୨୧—ମଦନ ଜଗତ ଜିଣିବାକୁ ଇଚ୍ଛାକରି ମୂର୍ତ୍ତିମାନ ହେବାକୁ ତାହାର ବଶ ହେଲା । ଗତକା ସମାନ ହେବାପାଇଁ ଐରାବତ ଏହାଙ୍କର ଚରଣ ତଳରେ ହସ୍ତୀଶରୀରରୂପେ ଶରଣ ପଶିଲା । ଜଣେ କବି ଏହିପରି ପ୍ରତ୍ୟୁତ୍ତର କରନ୍ତେ ଅନ୍ୟକବି କହିଲା ତୁମ୍ଭେ ହୁଡ଼ିଲ, ବସନ୍ତଋତୁ ସୁନ୍ଦରୀର ବସନର ବସନ୍ତ ଧଡ଼ିରୂପେ ଶରଣ ପଶିଲା ।

୨୨—ହେ କବି ଭଲ କଥା କହିଲ, ସେ ସୁନ୍ଦରୀ ତୁଳନାରେ ବର କାହିଁ ବୋଲି ମନ୍ତ୍ରୀପୁତ୍ର ପଚାରନ୍ତେ କବିଙ୍କ ଉତ୍ତରରେ ଉଚିତଭାବରେ ରଚିତ କଥାସବୁ ରାଜପୁତ୍ରଙ୍କର ମନକୁ ଭୁଲାଇ ନେବାରୁ ରାଜପୁତ୍ର ସେ ବିଷୟରେ ଆତୁର ହୋଇ ବିଷୟ ବାସନା ଧ୍ୱଂସ କଲେ ଏବଂ ମାଧବୀମଣ୍ଡପରେ ବିଜେକଲେ, ମନ୍ତ୍ରୀପୁତ୍ର ପ୍ରଶ୍ନକଲେ ।

୨୩—ହେ କବିମାନେ ଆପଣ କେଉଁ ଦେଶର କବି, ଆପଣ ଯା କହିଲ ଏହା କଣ କବିତାର ଗୃହୁସ୍ତୀ, କି ସତ ସେହିରୂପେ ସୁନ୍ଦରୀ ଜନ୍ମିଛି । ଏହାକ'ଣ ଶୁଣିଚ ବା ଦେଖିଚ । ସେ ଦୁହେଁ କହିଲେ ଯେଉଁସବୁ ଆଶ୍ଚର୍ଯ୍ୟ କଥା ମିଛପରି ପ୍ରତୀତ ହୁଏ ସେ ସବୁ ତା ଯୋଗୁଁ ସତ ହେଲା ।

୨୪—ବାଲ୍ୟାବସ୍ଥାରେ ସେ ସୁନ୍ଦରୀର ସମାନରେ ଗୋଟିଏ ପିତୁଳା ନିର୍ମାଣ କରିବାକୁ ବିଶ୍ୱକର୍ମା ଚେଷ୍ଟାକଲେ କିନ୍ତୁ ଠିକ୍ ହେଲା ନାହିଁ, ମୟ (ଅସୁର)

ଯୌବନ ଏବେ ସେବନ କର ତାକୁ ପ୍ରଭାମାନଙ୍କୁ ଯେ ବଢ଼ାଇ ।
କବି ଭାରତୀ ଅଗୋଚର ମାର୍ଗରେ କବି ଭାରତୀକି କଢ଼ାଇ ।
ଜାତକ, ସ୍ଥାନୀ ଯେଣି ଅମ୍ଭ ଭରସା ।
ଗୃତକ ସ୍ଥାନେ ଯଥା ଥିଲା ମୁଦିର ପ୍ରଭଦାନ କରେ ବରଷା ॥ ୨୫
ଯେଉଁ କାଶୀକ୍ଷେତ୍ର ପରମ ପବିତ୍ର ତ୍ରିନେତ୍ର ମନ୍ତ୍ରଦ କାରଣେ ।
ମୋକ୍ଷ ଦାନରେ ସେ ଦକ୍ଷିଣ ଦକ୍ଷିଣକର୍ଣ୍ଣ ଊର୍ଦ୍ଧ୍ୱ ହୁଏ ମରଣେ ।
ସେ ଧନୁ, ଷେତ୍ର ଶର ତହିଁ ତାରକ ।
ଗୁଣ କୋଟି ସ୍ଥାନ ଧନ୍ୱୀ ଧୂର୍ଜଟି ଯେ ପାପ-ପରକୁ ବିଦାରକ ॥ ୨୬
ମଦ ମଜ୍ଜନ ମୃତଜନ ରଞ୍ଜନ ବୃଷାଞ୍ଜନ ରୂପ ବହିଲ ।
ଦୁଷ୍କୃତ ଆଚରଣେ ହେଲ ସୁକୃତ ପୁରାଣକୃତରେ ରହିଲ ।
ଭୈରବୀ, ବିନା ଦଣ୍ଡ ନାହିଁ ଯହିଁରେ ।
ଯମର ଅମର ବାଞ୍ଛିତ ଅଟଇ ସେହି ସ୍ୱର୍ଗ ସିନା ମହୀରେ ॥ ୨୭

ଶିଳ୍ପୀ ମଧ୍ୟ ଟଙ୍କରେ ଲେଖି ପାରିଲେ ନାହିଁ ତହୁଁ ଭାବିଲେ ଏ କିପରି ବିଶେନେ (ବ୍ରହ୍ମାଙ୍କ ଦ୍ୱାରା) ନିର୍ମିତ ହେଲା । ବୋଧହୁଏ ବ୍ରହ୍ମା ଏ ଅଙ୍ଗ ସେ ଅଙ୍ଗ ନିର୍ମାଣ ଓ ଏଣୁ ତେଣୁ କରି ସଂଯୋଗ କରୁ କରୁ ଦୈବ-ଯୋଗରେ ଏପରି ପ୍ରସନ୍ନମୂର୍ତ୍ତି ହୋଇଗଲା । କିନ୍ତୁ ଋଷିଚନ୍ଦ୍ର ଏପରି ନିର୍ମାଣ କରିବା ଅଳ୍ପ କଥା ନୁହେଁ ।

୨୫—ଏବେ ଯୌବନ ସେ ସୁନ୍ଦରୀକୁ ଆଶ୍ରୟ କରି ତାହାର ଦୀପ୍ତିକୁ ବଢ଼ାଇବାରୁ କବି (ଶୁକ୍ର) ଭାରତୀ (ସରସ୍ୱତୀ) ଏ ଦୁହିଙ୍କର ଅଗୋଚର ବର୍ଣ୍ଣନା ମାର୍ଗରେ କବିମାନଙ୍କର ବାକ୍ୟକୁ ବାଟ କଢ଼ାଇଲା । କେବଳ ତାହାର ଜନ୍ମ-ସ୍ଥାନରେ ଆମ୍ଭର ଜନ୍ମ ହୋଇଥିବାରୁ ବର୍ଣ୍ଣନା କରିବାକୁ ଭରସା ହେଉଅଛୁ । ଗୃତକଥିବା ସ୍ଥାନରେ ମୁଦିର (ମେଘ) ଯେପରି ପ୍ରଭଦାନରେ ବରଷା କରେ, ସେହିପରି ଅମ୍ଭେ ସେହି ସ୍ଥାନରେ ଥିବାରୁ ସୁନ୍ଦରୀର ସୌନ୍ଦର୍ଯ୍ୟରସ କିଛି କିଛି ହୃଦୟଙ୍ଗମ କରୁଅଛୁଁ ।

୨୬—ଯେଉଁ କାଶୀକ୍ଷେତ୍ର ମହାଦେବ ମନ୍ତ୍ରଦାତା ହେବାରୁ ଅତି ପବିତ୍ର ସ୍ଥାନ, ଏବଂ ମୁକ୍ତିଦେବା ବିଷୟରେ ଅତି ଦକ୍ଷିଣ (ନିପୁଣ) ଯେଉଁଠାରେ ମରଣ-କାଳରେ ଦକ୍ଷିଣ କର୍ଣ୍ଣ ଉପରକୁ ହୁଏ । ସେ କାଶୀକ୍ଷେତ୍ର ଧନୁ, ଶିବତାରକ-ମନ୍ତ୍ର ତହିଁରେ ଶର, କୋଟିଏ ଲିଙ୍ଗର ସ୍ଥାନ ଗୁଣ, ଧୂର୍ଜଟି (ମହାଦେବ) ସେ ଧନକୁ ଧରି ପାପରୂପୀ ଶତ୍ରୁମାନଙ୍କୁ ବିଦାରଣ କରୁଅଛୁ । ଧନ୍ୱୀ (ଧନୁର୍ଦ୍ଧାରୀ) ପର (ଶତ୍ରୁ)

୨୭—ଯେଉଁଠାରେ ମଦ୍ୟକୁଣ୍ଡରେ ବୁଡ଼ିବା ଲୋକ ମଲାପରେ ସୁନ୍ଦରରୂପେ ବୃଷାଞ୍ଜନ (ଶିବ) ସ୍ୱରୂପ ଧାରଣ କଲେ, ଏପରି ପାପ ଆଚରଣରେ ମଧ୍ୟ

ସେ ମୁକ୍ତିଦପୁରେ ମଣିକର୍ଣ୍ଣିକାରେ ତ୍ରିବର୍ଗ ଫଳରେ ସୋପାନ ।
ମୂର୍ଖମୁଖରେ ସଂସ୍କୃତ ଜାତ ଖରେ କରଇ ଯହିଁ ପୟପାନ ।
ବରଦା, ସାରଦା ଅନ୍ନପୂର୍ଣ୍ଣା ଦେବୀ ।
ଅଛନ୍ତି ବାଞ୍ଛନ୍ତି ବିଦ୍ୟା ତୁରେ ବିଦ୍ୟା କ୍ଷୁଧାତୁରକୁ ଅନ୍ନ ଦେବା ॥ ୨୮
ଜପ ନାହିଁ ବକ୍ର-ତୁଣ୍ଡ ବିହୀନରେ ଆମ ମନ୍ତ୍ରରେ କେବେଁ ଅଜ୍ଞ ।
ତପ ନାହିଁ ଆନ କାମନାରେ ସେହି ବାଳା ବର୍ଣ୍ଣନାକୁ ଧିଆଉଁ ।
ପଠ ହେ, ମଠରୁ ଆଜ୍ଞ କି କାରଣ ।
ସୀର ବୋଲେ ହୃଦକୁମୁଦକୁ ମୋଦୁ ବଧୂ କାନ୍ତି ବିଧୁ-କିରଣ ॥ ୨୯
ଯେହୁ ତାରକ ପ୍ରବର୍ତ୍ତିକ ଜଗତେ ତାରକ ସ୍ୱଭାବେ ସେହିତ ।
ମହାଗୁରୁ ଭବୁ ସେ କାଶୀଶ୍ୱରଙ୍କୁ ବନ୍ଦନା କରିବା ବିହିତ ।
ହୋଇଲୁ, କବି ଉପଇନ୍ଦ୍ର ଭଞ୍ଜର ।
କାମ-ଦାୟକ ବିନାୟକ ଜନକ ଏ ଭବରେ ପୁଣି ଜର୍ଜର ॥ ୩୦

ପୂଣ୍ୟ ହେଲା ସେ ପୁଣି ପୁରାଣରେ ଲେଖା ହୋଇ ରହିଲା । ଯେଉଁଠାରେ ଭୈରବୀ (ଦୁର୍ଗା) ଦଣ୍ଡ ଛଡ଼ା ଯମଦଣ୍ଡ ନାହିଁ, ଦେବବାଞ୍ଛିତ ସେହିସ୍ଥାନ ପୃଥିବୀରେ ସ୍ୱର୍ଗତୁଲ୍ୟ ଅଟେ ।

୨୮—ସେ ପୁର ମୁକ୍ତିଦାତା, ମଣିକର୍ଣ୍ଣିକା ତୀର୍ଥରେ ତ୍ରିବର୍ଗ (ଧର୍ମ, ଅର୍ଥ କାମ,) ଫଳ-ପ୍ରାପ୍ତି ବିଷୟରେ ସୋପାନ (ପାହାଚ) ରହିଅଛି । ସେ ତୀର୍ଥଜଳ ପାନକଲେ ମୂର୍ଖ ମୁଖରୁ ସଂସ୍କୃତ ବାହାରେ । ସେଠାରେ ବରଦାୟିନୀ ହୋଇ ସାରଦା (ସରସ୍ୱତୀ) ଓ ଅନ୍ନପୂର୍ଣ୍ଣା ରହିଅଛନ୍ତି । ସେ ବିଦ୍ୟାର୍ଥୀକୁ ବିଦ୍ୟା ଓ କ୍ଷୁଧାତୁରକୁ ଅନ୍ନଦେବାକୁ ସର୍ବଦା ଇଚ୍ଛା କରନ୍ତି ।

୨୯—ସେ ସ୍ଥାନରେ ରହି ଆମ୍ଭେମାନେ ବକ୍ରତୁଣ୍ଡ (ଗଣେଶ) ମନ୍ତ୍ର ଛଡ଼ା ଅନ୍ୟ ମନ୍ତ୍ରରେ ଜପ କରୁନା, ବା ସେ ସୁନ୍ଦରୀର ବର୍ଣ୍ଣନାକୁ ଧ୍ୟାନ କରିବା ଭିନ୍ନ ଅନ୍ୟ କାମନାରେ ତପସ୍ୟା କରୁନା । ଏହା ଶୁଣି ରାଜପୁତ୍ର କହିଲେ, ଆଉ ବିଳମ୍ବରେ କି ପ୍ରୟୋଜନ, ଶୀଘ୍ର ପଢ଼, ସେ ସ୍ତ୍ରୀର କାନ୍ତି ଚନ୍ଦ୍ରକିରଣପରି ହୃଦ କୁମୁଦକୁ ଆମୋଦ ଦେଉ ।

୩୦—ଯେ ସଂସାରରେ ତାରକ ମନ୍ତ୍ର ପ୍ରବର୍ତ୍ତିକ ପୁଣି ସ୍ୱଭାବରେ ତାରକ (ଉଦ୍ଧାରକର୍ତ୍ତା) ମହାଗୁରୁ ସେ କାଶୀଶ୍ୱରଙ୍କୁ ବନ୍ଦନା କରିବା କବି ଉପେନ୍ଦ୍ରଭଞ୍ଜଙ୍କର ଉଚିତ, ପୁଣି ଏ ଭବରେ ଜର୍ଜରହୋଇ କହିଲା ହେ ଗଣେଶ-ଜନକ ଆପଣ କାମଦାୟକ, ଅତଏବ ମୋ କାମନା ପୂର୍ଣ୍ଣକର ।

ସପ୍ତମ ଛାନ୍ଦ

[ରାଜପୁତ୍ର ଆଗରେ କୋଟିବ୍ରହ୍ମାଣ୍ଡସୁନ୍ଦରୀର ଶୋଭା ବର୍ଣ୍ଣନା]

ରାଗ—ରସକୋଇଲି

କୁମର ପ୍ରଶଂସେ କହିଲେ ଦୁହେଁ । ସରସ୍ୱତୀ ତାର ମିତ୍ରରେ ରହେ ।
ରଜନୀଚରୀ ଚରିତ ଚିନ୍ତିଲା । ପ୍ରୟାଗେ ନେତ୍ରପାତ ହୋଇଥିଲା ସେ ।
ଏଣୁ ତା ପ୍ରତିମା ଧରି ଯେ ।
ଭାଷିବା ଦେଖିବା ବେନି ଅଷ୍ଟର୍ଯ୍ୟରୁ ବର୍ଣ୍ଣନା ବିଧି ଆଚରି ଯେ ॥ ୧
ବିଧି ନିର୍ମାଣ ଯତ୍ନେ ଅହଲ୍ୟାକୁ । କରି ରହିଲା ଗଢ଼ିବ ବାଳାକୁ ।
କଳ୍ପି ଦେଲା କାଳେ ଶିଳାପଦବୀ । ରାମା ଚରଣ-ଘଷା ଭଳି ଭାବି ସେ ।
ଏହି ସିଦ୍ଧ ଅନୁମାନ ଯେ ।
ଯାହାକୁ ଏବେ ବୋଲୁଥାଇ ବିଧାତା କି କରି କଲା ବିଧାନ ଯେ ॥ ୨
କରିବା ତାହାର ବର୍ଣ୍ଣନା ବିଧି । ଇତର କଥା ଭେଦିବାର ବୁଦ୍ଧି ।
ଉପମା ପବିତ୍ର ହେବା ସମୟ । ପଡ଼ିଲା ଏଥିରେ କେଉଁ ସଂଶୟ ସେ ।
କାହିଁକି ଲକ୍ଷ୍ୟେ ଲକ୍ଷଣା ଯେ ।
ଏହି ବଡ଼ କଥା ନୁହଇ ତାହାକୁ ବୋଇଲେ ହୋଇଲା ଊଣା ଯେ ॥ ୩

୧—କୁମାର ପଚ୍ଚାରିବାରୁ କବିଦୁହେଁ କହିଲେ, ସରସ୍ୱତୀ ତାହାର ମିତ୍ର ହୋଇ ଥିବାରୁ ବର୍ଣ୍ଣନାରମ୍ଭରେ ମନ ସରସ୍ୱତୀଙ୍କୁ ଚିନ୍ତା ନ କରି ସରସ୍ୱତୀ ରୂପ ଧରିବା କାରଣ ରଜନୀଚରୀ ଚରିତକୁ ଚିନ୍ତିଲା (ସୁକାନ୍ତନାମ୍ନୀ ରାକ୍ଷସୀ ସୀତାଙ୍କୁ ଦେଖି ପ୍ରୟାଗରେ ହାସଦେଇ ସୀତାଙ୍କ ପ୍ରତିମୂର୍ତ୍ତି ଧରିଥିଲା); ମନ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଧରିବାରୁ ତାକୁ ଦେଖିବା ଓ କହିବା ଏ ଦୁଇ ଅଷ୍ଟର୍ଯ୍ୟ ଫଳ ପାଇଁ ବର୍ଣ୍ଣନା ଆରମ୍ଭ କଲା ।

୨—ବିଧି ଯତ୍ନପୂର୍ବକ ଅହଲ୍ୟାକୁ ଗଢ଼ି ବାଳାକୁ ଗଢ଼ିବ ବୋଲି ରହିଲା, କିନ୍ତୁ ବାଳା ରୂପ କଳ୍ପନା କରି ଭାବିଲା ଯେ ଅହଲ୍ୟା ବାଳାର ଚରଣଘଷା ଭଳି ହେବ, ତେଣୁ ଅହଲ୍ୟାକୁ ଶିଳାପଦବୀ ଦେଲା ଏହିପରି ସିଦ୍ଧ ଅନୁମାନ ହେଉଅଛି ।

୩—ଏବେ ଯାହାକୁ ବିଧାତା କହୁଁ ଥାଇଁ ସେ କିପରି ଏପରି ବିଧାନ କଲା । ତାହାର ବର୍ଣ୍ଣନା କରିବା ଅନ୍ୟ କଥାରେ କେବଳ ବୁଦ୍ଧିକି କ୍ଳେଶ ଦେବାମାତ୍ର । ଉପମାମାନଙ୍କର ପବିତ୍ର ହେବା ସମୟ ପଡ଼ିଲା, ଏଥିରେ କିଛି-ମାତ୍ର ସଂଶୟ ନାହିଁ । ଏହା ଲକ୍ଷ୍ୟରେ ଲକ୍ଷଣା (ତୁଳନା) କେଉଁଠାରେ ଅଛି ? ସମସ୍ତ ଉପମା ଊଣା ହେଲେ—ଏହା କହିଲେ କିଛି ବଡ଼ କଥା ହେବନାହିଁ ।

ବଚନ ଲକ୍ଷ୍ୟକୁ ହୋଇଲେ ଯେଣୁ । ବିଷ୍ଣୁ ମୁଖେ ମେଳ ମୋହନ ବେଣୁ ।
କ୍ଳେଶ ସହି କଣ୍ଠ ଛବି ଧ୍ୟାଇଲା । ପୁରୁଷୋତ୍ତମ କମ୍ବୁପୁର କଲା ସେ ।
ନିଶ୍ୱାସ ତୁଳନା ସ୍ନେହେ ଯେ
ଧୀର ଗନ୍ଧ ଶୀତ ମରୁତ ବସନ୍ତେ ଦେବତା ଅସୁର ଦେହେଁ ଯେ ॥ ୪
ଦଶନ ଲକ୍ଷ୍ୟକୁ ପାଇ ନ ପାଇ । ମୁକ୍ତ ହୋଇ ଯିବା ମୁକ୍ତା ବୋଲାଇ ।
ମଧୁର ନୋହେ ମଧୁଓଷ୍ଠ ପରି । ସରଘା-ଉଚ୍ଛିଷ୍ଟେ ସେ ଶବ୍ଦ ଧରି ସେ ।
ଦେବତା ପ୍ରତିଷ୍ଠା ବହି ଯେ ।
ଅରୁଣ ଅଧରେ ଅରୁଣ ଅଧର ଜବା ସର୍ବତଳେ ରହି ଯେ ॥ ୫
ହାସ ଯଶେ ଚୂର୍ଣ୍ଣ ହେଲେ କର୍ପୂର । କରଇ ସମସ୍ତ ହୃଦରେ ପୁର ।
ଯେ ଦୁଇ ତନୁ ସ୍ୱର୍ଗ ବେଦ ନାମା । ଶୁକବାକୁ ବଳେ ହେବ ଉପମା କି ।
ଯାହାର ଅଶ୍ରିତ ଭୂଷା ଯେ
ଗୁରୁ କବି ଛବି ଲୁଟି କରିବାରେ ପାଇଛି ଲୋକେ ପ୍ରଶଂସା ଯେ ॥

୪—ମୋହନ ବଂଶୀ ଏହାର ବଚନ ସହିତ ସମାନ ହେବାରୁ ବିଷ୍ଣୁଙ୍କ ମୁଖରେ ଲାଗିଲା । କମ୍ବୁ (ଶଙ୍ଖ) କଣ୍ଠାଘାତ ହୋଇ ନାନାପ୍ରକାର କ୍ଳେଶ ସହି ଏହାର କଣ୍ଠ ଛବିକୁ ଧ୍ୟାନ କରିବାରୁ ବିଷ୍ଣୁ ତାଠାରେ ସ୍ନେହୀ ହୋଇ ଆପଣାର ବାସସ୍ଥାନକୁ କମ୍ବୁପୁର କଲେ, (ପୁରୁଷୋତ୍ତମ କ୍ଷେତ୍ରର ନାମ କମ୍ବୁପୁର) ବାୟୁ ନିଶ୍ୱାସ ସମାନ ହେବାରୁ ସ୍ନେହରେ ବସନ୍ତରେ ଶୀତଳ ଓ ସୁଗନ୍ଧ ହୋଇ ଧୀରେ ଧୀରେ ବହିବାରୁ ଅସୁରଦେହ ଧରି ସୁଦ୍ଧା (ଦିତି ଗର୍ଭରୁ ଜାତହେତୁ ବାୟୁ ଅସୁର ଦେହୀ) ଦେବତା ହୋଇଗଲା ।

୫—ମୁକ୍ତା ଦନ୍ତ ତୁଳନାକୁ ପାଇ ନ ପାଇଲା ହୋଇସୁଦ୍ଧା ମୁକ୍ତ ହୋଇ ଯିବାରୁ ମୁକ୍ତା ବୋଲାଇଲା । ମଧୁ ଓଷ୍ଠପରି ମଧୁର ନ ହେଲେ ମଧ ନିଜନାମରେ ମଧୁ ଶବ୍ଦ ଧରିଥିବାରୁ ସରଘା (ମଧୁମକ୍ଷିକା) ଉଚ୍ଛିଷ୍ଟରେ ପୁଷ୍ପରସରେ ଦେବତା ମାନଙ୍କର ପ୍ରତିଷ୍ଠା ହେଉଅଛି । ଅରୁଣ (ବାଲସୂର୍ଯ୍ୟ) ଅରୁଣ (ରକ୍ତବର୍ଣ୍ଣ) ଅଧର ଅଗରେ ଅଧର (ନିକୃଷ୍ଟ) ହେଲେ । ଜବା (ମନ୍ଦାର) ସର୍ବତଳେ ରହିଲା (ପାଦତଳ ସମାନହେଲା)

୬—ଯାହାର ହାସ ଓ ଯଶ କର୍ପୂରକୁ ଚୂନା କରି ଦେଇଥିବାରୁ କର୍ପୂର ଭୟରେ ଲୋକମାନଙ୍କ ହୃଦୟକୁ ଆଶ୍ରୟ କରି ପୁର (ବାସସ୍ଥାନ) କରିଅଛି । ଯେଉଁ ଦୁଇଟି ଶରୀର (ନାକ ଓ କାନ) ସ୍ୱର୍ଗ ଓ ବେଦ ନାମକୁ ଧରି ଅଛନ୍ତି, (ସ୍ୱର୍ଗର ଅପର ନାମ "ନାକ", ବେଦର ଅପର ନାମ "ଶ୍ରୁତି") ସେ ଦୁହିଁଙ୍କର ଉପମା ଶୁକବାକୁ (ବ୍ୟାସ)ଙ୍କ ଦ୍ୱାରା ହୋଇ ପାରିବ କି ? ଯେଉଁ ନାକର ଆଶ୍ରିତ ଭୂଷଣ (ମୋତି) ବୃହସ୍ପତି ଓ ଶୁକ୍ରଙ୍କର ଉଜ୍ଜ୍ୱଳ ଛବିକୁ ଲୁଟି କରିବା ବିଷୟରେ ଲୋକରେ ପ୍ରଶଂସା ପାଇଅଛି ।

ଏତେକ ପଦ ଏକଲୟ ଥିଲା । ପରସ୍ପରେ ଛଳ ଉପୁଜି ଗଲା ।
ନୟନେ ଅଛି ଇନ୍ଦ୍ରଜାଲ ମାୟା । ସ୍ତମ୍ଭନ ମୋହନ ବଶ ଆଶ୍ରୟା ସେ ।
ଅଞ୍ଜନ ଗୁଣ ସାକ୍ଷାତ ଯେ ।
ତ୍ରିଗୁଣ ତ୍ରିବେଣୀ ସଗୁଣ ସାରଣୀ ପରି ଦିଶେ ନାନାମତ ଯେ ॥ ୭

ସେ ନେତ୍ରେ ସଙ୍ଗ କୃଷ୍ଣ ରାମ ହେଲା । ରଙ୍ଗସଭା ଅନ୍ତେ ପ୍ରକଟ ଘେନା ।
କୁବଳୟ ଦର୍ପ ପକାଇ ନାଶି । କାଣ୍ଡ ଗୁଳିକାଣ୍ଡ ପରାୟେ ଦିଶି ସେ ।
ମୃଗ ଖଞ୍ଜନକୁ ତ୍ରାସି ଯେ ।
ଦେଖିଲାର ଆଖି ଚକୋର ପକ୍ଷୀକି ଯେମନ୍ତ ପୀୟୂଷରାଶି ଯେ ॥ ୮

ଅର୍ଜୁନ ପଦବୀ ତହିଁ ପ୍ରସିଦ୍ଧ । କାଣ୍ଡ ଗୁଳିକାଣ୍ଡ ତାଙ୍କ ଆୟୁଧ ।
କି କପାଳ ଧନୁ ଏ ଦୁଇ ଗୁଣ । କଜ୍ଜ୍ୱଳ ଭ୍ରୂଲତା ହୋଇ ପ୍ରମାଣ ସେ ।
ମନଭେଦୀ ମନୋଜବ ଯେ ।
ଯୁବା ଭୀଷ୍ମ-ଯତ ଧୃତ ଟାଳି ଦେଇ ଏଥି କି ବିକଳ୍ପ ଭାବ ଯେ ॥ ୯

୭—ଏତେକ ପଦ (ସ୍ଥାନ) ବର୍ଣ୍ଣନା କରିବାକୁ ଗୋଟି ଗୋଟି କରେ ଲୟ ରହୁଥିଲା, ଏଣିକି ଉପମା ମାନଙ୍କ ମଧ୍ୟରେ ପରସ୍ପର ଛଳ ଜନ୍ମିବାରୁ ଗୋଟିଏ ସ୍ଥାନ ପାଇଁ ଅନେକ ଉପମା ଆସି ଆଖି ଆଗରେ ରୁଣ୍ଡ ହେଲେ । ନୟନରେ ଇନ୍ଦ୍ରଜାଲ ମାୟା ଥିବାରୁ ସେ ସ୍ତମ୍ଭନ, ମୋହନ ଓ ବଶୀକରଣର ଆଶ୍ରୟ ହୋଇଅଛି । ଚକ୍ଷୁରେ ଅଞ୍ଜନଗୁଣ ଥିବାରୁ (କଳା ଘେନା ଥିବାରୁ) ସେ ଚକ୍ଷୁ ସାକ୍ଷାତ୍ ତ୍ରିଗୁଣ (ସତ୍ତ୍ୱ, ରଜ, ତମ) ତ୍ରିବେଣୀ (ଗଙ୍ଗା, ଯମୁନା, ସରସ୍ୱତୀ) ସଗୁଣ (ଗୁଣ ଦିଆ ଯାଇଥିବା) ସାରଣୀପରି କଳା, ଧଳା, ଓ ଲାଲ ରଙ୍ଗରେ ଶୋଭିତ ହୋଇଅଛି ।

୮—ସେ ନେତ୍ରରେ କୃଷ୍ଣ (ବର୍ଣ୍ଣ) ରାମ (ଶୁକ୍ଳବର୍ଣ୍ଣ) ସଙ୍ଗ ହୋଇ କୃଷ୍ଣ ବଳରାମ ହୋଇ ଅଛନ୍ତି । ଯେପରି କୃଷ୍ଣ ବଳରାମ ରଙ୍ଗସଭା, (କଂସଧନୁର୍ଘର) ଅନ୍ତେ (ମଧ୍ୟରେ) ପ୍ରକଟ ହୋଇଥିଲେ ଏବଂ କୁବଳୟ ହସ୍ତୀର ଗର୍ବ ଖର୍ବ କରିଥିଲେ, ସେହିପରି ଏ ଚକ୍ଷୁ ସଭାଅନ୍ତେ (ସର୍ବଶେଷ ଭାଗରେ) ରଙ୍ଗବର୍ଣ୍ଣକୁ ପ୍ରକଟ କରିଅଛି ଏବଂ କୁବଳୟ (ପଦ୍ମର) ଗର୍ବକୁ ନାଶ କରୁଛି । ପୁଣି ସେ ଚକ୍ଷୁ କାଣ୍ଡ ଓ ଗୁଳିକାଣ୍ଡ (ବାଟୁଳି) ପରି ଦିଶୁଛି, ଅତଏବ ମୃଗ ଓ ଖଞ୍ଜନ ପକ୍ଷୀକୁ ତ୍ରାସ ଦେଉଛି । ଦର୍ଶକମାନଙ୍କର ଚକ୍ଷୁରୂପ 'ଚକୋର' ପକ୍ଷୀକୁ ଅମୃତ ରାଶିପରି ସନ୍ତୋଷ ଦେଉଅଛି ।

୯—ତହିଁରେ ଅର୍ଜୁନ (ଶୁକ୍ଳବର୍ଣ୍ଣ) ଅର୍ଜୁନ ବୀର ପଦବୀରେ ପ୍ରସିଦ୍ଧ ହୋଇଅଛି । ଅର୍ଜୁନଙ୍କର କାଣ୍ଡ ଗୁଳିକାଣ୍ଡ (ବାଟୁଳି) ଏବଂ ମନଭେଦ ଶର ଥିଲା ଏବଂ ସେ ଭୀଷ୍ମଙ୍କର ଧୈର୍ଯ୍ୟକୁ ଟାଳି ଦେଇଥିଲେ, ଏଠାରେ କପାଳ ଧନୁ କଜ୍ଜ୍ୱଳ ଓ ଭ୍ରୂଲତା ଏ ଦୁହେଁ ଗୁଣ (ବାଟୁଳି ଖଡ଼ାରେ ଦୁଇଟା ଗୁଣଥାଏ) କଟାକ୍ଷ

ରବି-କର-କଞ୍ଜ ଛବି ବଦନ । ଦୁଇଗୁଣ କର ନାହିଁ ସଦନ ।
କମଳ- ଦର୍ପଣ-ଚନ୍ଦ୍ର ବଦନା । ବୋଇଲେ ତେବେ ହେଉ ସମ୍ଭାବନା ସେ ।
ଏ ଉପଲକ୍ଷଣା ଛଦ୍ମ ଯେ ।
କେବଳ ସୁକୃତ ଥିଲାରୁ ଚରଣ ଆଗରେ ପଡ଼ୁଛି ପଦ୍ମ ଯେ ॥ ୧୦
ଯେ ଦରପଣ ତା କ ବଡ଼ପଣ । ପୁରତେ ହୁଏ ନିତ ସମର୍ପଣ ।
ପ୍ରତିବିମ୍ବକୁ କରାଇ ଲୋକନ । ଶ୍ରୀମୁଖକୁ ଶ୍ରୀମୁଖ ତୋ ସମାନ ସେ ।
ଏ ଭାବେ ବିନମ୍ର ହୋଇ ଯେ ।
ଏତେକ ନ ହେଜ ଅନ-ନ ଶବଦ ବିଧାନ ହୋଇଛି ଯହିଁ ଯେ ॥ ୧୧
ସଂପୂର୍ଣ୍ଣ ବିଧୁ ସମାନ ଧିଆଇ । ସୁଧା କଳା ପାଇ ନବେ ଭ୍ରମଇ ।
ଏଣୁଟି ସୁଧାକର କଳାନିଧି । ପର୍ଯ୍ୟାୟେ କଲେ ବିନାୟକେ ସିଦ୍ଧି ସେ ।
କ୍ଷୀଣ ଭଜ ବୃଦ୍ଧି ଶାନ୍ତି ଯେ ।
ତବୁକେ ଲଲାଟେ ସମ ନୋହି ପଦନଖେ ଦେଇ ରହେ ଜ୍ୟୋତିଯେ ॥ ୧୨

ମନୋଜବ (ଅତଶୀଘ୍ରଗାମୀ), ମନଭେଦୀଶର ଏଥିରେ ଯୁବାମାନଙ୍କର ଧୈର୍ଯ୍ୟକୁ ଠାଳି ଦିଏ, ଏଥିରେ ବିକଳ୍ପ (ସନ୍ଦେହ) କ'ଣ ଅଛି ?

୧୦—ମୁଖ କାନ୍ତିକି ରବି-କର-କଞ୍ଜ (ସୂର୍ଯ୍ୟଙ୍କର ହସ୍ତ ସ୍ଥିତ ପଦ୍ମ) କହନ୍ତେ, କିନ୍ତୁ ତହିଁରେ ଦୁଇଟି ଗୁଣ ବାସ କର ନାହିଁ, (ଝଳ ଓ ଅହ୍ଲାଦ ଦୁଇଗୁଣ) ଅତଏବ କମଳ ଦର୍ପଣ ଚନ୍ଦ୍ରବଦନା କହିଲେ ସମ୍ଭାବନା ହେବ, (କମଳର ସୁବାସ, ଦର୍ପଣର ଝଳ, ଚନ୍ଦ୍ରର ଅହ୍ଲାଦ ହେତୁରୁ) । ଏ ଯେଉଁ ଉପମା ଦେଲୁଁ ଏହାମଧ୍ୟ ଛଦ୍ମ (ମିଥ୍ୟା) କାରଣ ପଦ୍ମ ମୁଖ ସମାନ ନୋହି କେବଳ ପୁଣ୍ୟ ଥିବାରୁ ଚରଣ ଆଗରେ ଆସି ପଡ଼ୁଛି (ପଦ୍ମ-ସମାନ ପାଦ)

୧୧—ଦର୍ପଣ ଦର (ଭୟ) ପଣକୁ ଭଜିବାରୁ ତାହାର ବଡ଼ପଣ କାହିଁ ? ପ୍ରତଦିନ ଆଗରେ ସମର୍ପିତ ହୋଇ ପ୍ରତିବିମ୍ବକୁ ଦେଖାଏ ଏବଂ "ତୋହର ଶ୍ରୀମୁଖକୁ ସେହି ଶ୍ରୀମୁଖ ସମାନ" ବିନୀତହୋଇ ଏହି ଭାବ ପ୍ରକାଶ କରେ । ଏତକ ହେଜ ପାରୁ ନା ଯେ ସେ ମୁଖର ନାମ ଅନ ନ (ଆଉ କିଛି ସମାନ ନାହିଁ) ଏହି ଅର୍ଥରେ ଅନନ ଶବ୍ଦ ବିଧାନ କରାଯାଇଅଛି ।

୧୨—ପୂର୍ଣ୍ଣଚନ୍ଦ୍ର ମୁଖ ସମାନ ହେବାକୁ ଧ୍ୟାନକର ସମାନ ନ ହେବାରୁ ସୁଧା ଦେହରେ କଳାଦାଗ (କଳଙ୍କ) ପାଇ ଭୟରେ ପୃଥିବୀରେ ନ ରହି ଆକାଶରେ ବୁଲୁଛି । ଏଣୁ ବିନାୟକ (ବୌଦ୍ଧ ଅମର ସିଂହ) ଅମର କୋଷରେ ଚନ୍ଦ୍ରନାମସୁଧାକର ଓ କଳାନିଧି ସିଦ୍ଧ କଲେ । ପୁଣି ସେ ଚନ୍ଦ୍ର କ୍ଷୀଣ ଭଜ ବୃଦ୍ଧିଶାନ୍ତି ଦ୍ୱିତୀୟା ଚନ୍ଦ୍ରରୂପେ ଓଷ୍ଠ ସଙ୍ଗେ ଓ ଅଷ୍ଟମୀ ଚନ୍ଦ୍ର ରୂପେ ଲଲାଟ ସଙ୍ଗେ ସମାନ ନ ହୋଇ ପଦନଖକୁ ଜ୍ୟୋତଦେଇ ରହିଲା । ପଦନଖର ସମାନ ହେଲା) ।

ବର୍ଣ୍ଣନୁ ଥାଇଟି ଗୁରୁ ଚିକୁର । ବିବନ୍ଧୁ ଯା ସମ ଶ୍ୟାମ-ଭ୍ରମର ।
ବନ୍ଧନ ଉଦ୍ୟମେ ଧରିବା ବେଳେ । ମୟୂରପୁଚ୍ଛ ଲକ୍ଷ୍ୟ କାହା ତୁଲେ ସେ
ଏ ଲକ୍ଷ୍ୟ ନ କଲେ ପଛ ଯେ ।
ତେବେ ମୂଢ ଖଗ ବିବେକରୁ ଅମ୍ଭ ବିବେକ ହୋଇବ ତୁଚ୍ଛ ଯେ ॥ ୧୩

ପୀୟୂଷ ପିଇ ଜୂଡ଼ା ଶୋଭା ଇଚ୍ଛି । ପୀଡ଼ା ନ ମାନି ହଣା ହୋଇଅଛି ।
ପରମ ବିବେକ ସିଂହିକାପୁତ୍ର । କି ହେଲା ରହିଲା ଏତିକି ମାତ୍ର ସେ ।
ଉପମା-ମାତଙ୍ଗ ସେହି ଯେ ।
ଏଣୁ ପୁଷ୍ପବନ୍ତେ ଯୁକ୍ତ ହୋଇବାରେ ସମସ୍ତେ ସ୍ନାନକୁ ଧାଆନ୍ତି ଯେ ॥ ୧୪

ନୀଳ ଚିକ୍କଣ କୁଟିଳ କୋମଳ । ପ୍ରଲମ୍ବ ଗହଳ ସୁଗନ୍ଧସ୍ଥଳ ।
ଏମନ୍ତ କେଶେ କି ତୁଲ୍ୟ ସମ୍ପାଦ । ଏତେ ଗୁଣେ ଅଛି କାଳିନ୍ଦୀ ନଦୀ ସେ
ରମ୍ୟ ଭୟଙ୍କର ସ୍ଥାନ ଯେ ।
ଯେଣୁ ଉରୁ ଗୁରୁ ପାଇବ ଭାବିଟି ଦେଖାଇ ଦେଇ ପୁଳିନ ଯେ ॥ ୧୫

୧୩—ମନୋହର ଚିକୁର (କେଶ)କୁ ବର୍ଣ୍ଣନ କରୁଥାଇଁ, ବିବନ୍ଧୁ (ଫିଟିବାବେଳେ) କୃଷ୍ଣ ଭ୍ରମର ଏବଂ ବନ୍ଧନ ଉଦ୍ୟମରେ ହାତରେ ଧରିଲା ବେଳେ ମୟୂରପୁଚ୍ଛ ତା'ହାର ସମାନ ହେବାକୁ ଗଲେ । କିନ୍ତୁ ଲକ୍ଷ୍ୟ ନୋହିବାରୁ ମୟୂର ପୁଚ୍ଛକୁ ଏବଂ ମୂଢ ଭ୍ରମରକୁ ପଛରେ ଧଇଲେ । ଆମ୍ଭେ ଯେବେ ତାକୁ କେଶସଙ୍ଗେ ସମାନ କରିବା ତେବେ ଅମ୍ଭ ବିବେକ ତାଙ୍କଠାରୁ ଊଣା ହେବ ।

୧୪—ସିଂହିକା ପୁତ୍ର (ରାହୁ) ଅତ୍ୟନ୍ତ ବିଚାରଶୀଳ ଅଟେ, ସେ ଜୂଡ଼ା ଶୋଭା ସମାନ ହେବାକୁ ଇଚ୍ଛାକରି ଅମୃତ ପିଇ ପୀଡ଼ାକୁ ନ ମାନି ହଣା ହୋଇଛି. କିନ୍ତୁ କି ହେଲା, ଏତିକି ମାତ୍ର କଥା ରହିଲା ଯେ ସେ ଉପମା ମାନଙ୍କ ମଧ୍ୟରେ ମାତଙ୍ଗ (ଚଣ୍ଡାଳ) ଏଣୁ ସେ ପୁଷ୍ପବନ୍ତେ (ଚନ୍ଦ୍ରସୂର୍ଯ୍ୟଙ୍କଠାରେ ଯୁକ୍ତ ହୋଇବାରେ (ଗ୍ରହଣ କାଳରେ) ସମସ୍ତେ ସ୍ନାନ କରନ୍ତି ।

୧୫—ଯେଉଁ କେଶ ନୀଳ, ଚିକ୍କଣ, କୁଟିଳ (କୁଞ୍ଚିତ) ବିଶେଷ ଲମ୍ବ, ଗହଳ ଏବଂ ସୁଗନ୍ଧର ସ୍ଥାନ ଅଟେ, ସେ କେଶକୁ କେଉଁ ତୁଳନା ସମ୍ପାଦିବା, ମାତ୍ର ଏ ସବୁ ଗୁଣରେ କାଳିନ୍ଦୀ ନଦୀଅଛି, ହେଲେ କି ହେବ । କେଶ ରମ୍ୟସ୍ଥାନ ନଦୀ ଭୟଙ୍କର ସ୍ଥାନ ହେବା ଯେଣୁ ଅସମ ହେବାରୁ ଉରୁଗୁରୁ (ଜଙ୍ଘ-ଶୋଭାକୁ) ଅବା ପାଇବି ଏହା ଭାବି ପୁଳିନ (ବାଲିକୁଦ) କୁ ଦେଖାଇ ଦେଇଛି ।

ଏ କାହିଁ ସମ ଗର୍ଜି କହେ ଘନ । ଅବିଳ କରି ବୁଡ଼ାଇ ପୁଳିନ ।
ମୁଁ ଯହିଁ ଗଭା-ଶୋଭା ଇଚ୍ଛା କରି । ବିଦ୍ୟୁ ବକାଳୀ ଇନ୍ଦ୍ରଧନୁ ଧରି ଯେ ।
ହୋଇ ନ ପାରିଲି ମୂଲ ଯେ ।
ଯେ ପ୍ରତିଦ୍ୱନ୍ଦ୍ୱରେ ଏତେ ପ୍ରଶଂସିତ ଯହିଁକି କି ଅଛି ତୁଲ ଯେ ॥ ୧୬
ଥୟ ନ ପାଇ-ଦୃଷ୍ଟି ତହୁଁ ଖସି । ଉରଜ ଉପରେ ପଡ଼ିଲା ଆସି ।
ରୋମାବଳୀ-ଦଣ୍ଡ ଅବଲମ୍ବନେ । ରହି କହିଲେ ତେତେ ଅନୁମାନେ ସେ ।
ଏ ଅତି ଅଦ୍ଭୁତ ସ୍ଥଳୀ ଯେ ।
ବେନି ନାରିକେଳୁ ପୂଗ ଜନମିଛି ତମାଳ ଲତାକେ ଫଳି ଯେ ॥ ୧୭
ରହିବାକୁ ନିଷ୍ଟେ ମନ ଲୋଚନ । ସଲଗ୍ନେ ପ୍ରସାଦ ବେନି ରଚନ ।
ନୀଳା-ଭେଲା କରିବାକୁ ବିହାର । ଅବଗାହ ଅର୍ଥେ ଉଦର ସର ସେ ।
ତେଣୁ ନ ପାରିଲେ ତେଜି ଯେ ।
ଆନ ଆନ ବିଗ୍ରହକୁ ପଗ୍ରହିଲେ ସେହି ରୁଚିରରେ ମଜ୍ଜି ଯେ ॥ ୧୮

୧୬—ଏ କାଳନ୍ଦୀ କାହୁଁ ସମାନ ହେବ ବୋଲି ମେଘ ଗର୍ଜନ ଦ୍ୱାରା କହୁଛି ଏବଂ ବର୍ଷାଜଳରେ କାଳନ୍ଦୀର କଳା ଜଳକୁ ଗୋଳିଆ କରି ବାଲିକୁଦକୁ ବୁଡ଼ାଇ ଦେଇଛି । ମୁଁ କେଶ ଗଭାର ଶୋଭା ସମାନ ହେବାକୁ ଇଚ୍ଛାକରି (କେଶ-ସ୍ଥିତ କିଆପତ୍ର ବନ୍ଦଉଜିଁରିଦ ସ୍ୱର୍ଣ୍ଣାଳଙ୍କାର ଓ ନାନାରଙ୍ଗର ପୁଷ୍ପ ସଦୃଶ ଦଶିବାକୁ) ବିଦ୍ୟୁତ୍, ବଳାବଳି ଓ ଇନ୍ଦ୍ରଧନୁକୁ ଧରି ସୁଦ୍ଧା ମୂଲ (ଠିକ୍-ସମାନ) ହୋଇ ପାରିଲି ନାହିଁ । ଯେଉଁ କେଶ ଏତେ ପ୍ରତିଦ୍ୱନ୍ଦ (ବିବା-ଦରେ) ମଧ୍ୟ ପ୍ରଶଂସିତ ହେଉଛି ତାହାର କଣ ତୁଳନା ଅଛି ?

୧୭—କବିର ଦୃଷ୍ଟି କାହିଁ ଥୟ କରି ନ ପାରି କେଶରୁ ଖସି ସ୍ତନ ଉପରେ ଆସି ପଡ଼ିଲା, ରୋମାବଳୀରୂପ ଦଣ୍ଡକୁ ଆଶ୍ରୟ କରି ରହି, ଅନୁମାନ ଦ୍ୱାରା କେତେ କହିଲା, ଏ ଅତି ଅଦ୍ଭୁତ ସ୍ଥାନ—ଗୋଟିଏ ତମାଳ ଲତାରେ ଦୁଇଗୋଟି ନଡ଼ିଆ ଫଳିଅଛି, ସେ ନଡ଼ିଆରୁ ଦୁଇଗୋଟି ଗୁଆ ଜନ୍ମିଅଛି । ରୋମାଳୀ-ତମାଳ ଲତାପରି ସ୍ତନ ନଡ଼ିଆପରି, ସ୍ତନାଗ୍ର ଗୁଆପରି ।

୧୮—ମନ ଓ ଲୋଚନ ଦୁହେଁ ସେଠାରେ ରହିବାକୁ ନିଷ୍ଟୟକରି ସ୍ଥଳରେ ବିହାର ଓ ଜଳରେ ଅବଗାହ (ସ୍ନାନ) କରିବାକୁ ବକ୍ଷସ୍ଥଳରେ ଲଗା ଲଗି କରି ଦୁଇଟି ଦେଉଳ (ସ୍ତନରୂପ) ଏବଂ ଉଦର ପୁଷ୍କରଣୀରେ ନୀଳବର୍ଣ୍ଣ ଭେଲା (ରୋମାଳୀରୂପୀ) ଟିଏ ରଚନାକଲେ । ତେଣୁ ସେ ସ୍ଥାନକୁ ଛାଡ଼ି ନ ପାରି ସେହି ଶୋଭାରେ ବୁଡ଼ି ଭିନ୍ନ ଭିନ୍ନ ବିଗ୍ରହକୁ ପ୍ରଗ୍ରହ କଲେ ।

ହେମ-ଭୂ-ସମ୍ଭୂତ ଶମ୍ଭୁ ଯୁଗଳେ । ନୀଳମଣିରେ ନିର୍ମିତ ପ୍ରଣାଳେ ।
ପାଞ୍ଚ ପାଞ୍ଚ ଯୁକ୍ତ ସପ୍ତଳାକାଳୀ । ପଙ୍କଜ-ଝୁମ୍ପା ଚମ୍ପାମାଳ ଝୁଲି ସେ ।
ନିଷ୍ଟଯୁ କର ଏମନ୍ତ ଯେ ।
ବେନି ପ୍ରଜାପତି ଅର୍ଚ୍ଚନ ଅଶୋକେ ପ୍ରପଦେ ସେ ଅଲଙ୍କୃତ ଯେ ॥ ୧୯
ଯୌବନ-ସିନ୍ଧୁ-ମନ୍ଥନ ବଚନେ । ମେରୁ ମନ୍ଦର ଯୁକ୍ତ କଲ୍ପ ସୂତ୍ରେ ।
ଅଙ୍ଗ କେତକୀ ସୁଗନ୍ଧ ଝଟେକ । ଜାତ ଅଦଭୁତ ପାରିଜାତକ ସେ ।
କରନ୍ତି ଶମ୍ପା ଅଚର ଯେ ।
ଗତ ହଂସ ଜିଣି ଗଙ୍ଗାରେ ବୁଡ଼ାଇ ଦେଇଥିଲା ନାଗେଶ୍ୱର ଯେ ॥ ୨୦
ମନସିଜ ବେନି କୁଟି ଭିଆଇ । ପତ୍ରାବଳୀରେ ଯତନେ ଛୁଆଇଁ ।
ରଞ୍ଜକ ଖ୍ୟାତ ନଳୀ ଅଛି ଯୋଖି । ମନୋହର ନାଭି ପଲ୍ୱଳ ଦେଖି ଯେ ।
ମଧ୍ୟରେ କେଶରୀ ବୋଲି ଯେ ।
ଭୟେ ଗଢ ଅଛି କାହିଁ ପଳାଇଛି ମୁହିଁ କଟିଦ୍ୱେଷୀ ଭଳି ଯେ ॥ ୨୧

୧୯—ସ୍ତନଦ୍ୱୟ ହେମ-ଭୂ-ସମ୍ଭୂତ ଶମ୍ଭୁ (ସୁବର୍ଣ୍ଣ ଭୂମି ଜାତ ଶିବଲିଙ୍ଗ ଦ୍ୱୟ) ରୋମାବଳୀ ନୀଳମଣି ନିର୍ମିତ ପ୍ରଣାଳୀ (ଶକ୍ତିର ନାଳ) ପାଞ୍ଚ ପାଞ୍ଚ ଅଙ୍ଗୁଳି ସପ୍ତଳାକଳୀ (ନବମାଳିକାକଳି) ରେ ଯୁକ୍ତ ହାତପାପୁଲି ପଦ୍ମଝୁମ୍ପା ବାହୁରୂପ ଚମ୍ପାମାଳରେ ଝୁଲିଛି । ଏହିପରି ଦୁଇହାତକୁ ନିଷ୍ଟଯୁ କରି, ବଧୀତା ଚମ୍ପକମାଳାରେ ଏହି ସ୍ତନଶମ୍ଭୁଙ୍କୁ ପୂଜା କରୁଛି । ଅଶୋକ କଳିକା ଅଙ୍ଗୁଳି ରୂପେ ପ୍ରପଦେ (ପାଦପ୍ରାନ୍ତରେ) ଅଲଙ୍କୃତ ହୋଇଛି ।

୨୦—ସମୁଦ୍ରମନ୍ଥନରୁ ପାରିଜାତ ପୁଷ୍ପ ଏବଂ ଐରାବତ ହସ୍ତୀ ଜନ୍ମିଥିଲେ, ଐରାବତ ଗଙ୍ଗାରେ ଲୋଭ କରି ବୁଡ଼ି ଯାଉଥିଲା । ସୁନ୍ଦରୀ ରୋମାବଳୀ ସୂତ୍ରରେ ମେରୁ ଓ ମନ୍ଦର ସଦୃଶ ଦୁଇ ସ୍ତନକୁ ଯୁକ୍ତକରି ବଚନ ରୂପେ ଯୌବନ ସିନ୍ଧୁ ମନ୍ଥିଲା, ତହିଁରୁ ସୁଗନ୍ଧ ଓ ଝଟକ ଯୁକ୍ତ କେତକୀ ସଦୃଶ ଅଙ୍ଗ ଅଦ୍ଭୁତ ପାରିଜାତକ ପୁଷ୍ପପରି ଜନ୍ମିଲା । ପାରିଜାତକରେ କେବଳ ସୁଗନ୍ଧ ଥାଏ, ଦେହରୂପ ପାରିଜାତକରେ ସୁଗନ୍ଧ ଓ ଝଟକ ଉଭୟ ଥିବାରୁ ଏହା ଅଦ୍ଭୁତ, ପୁଣି ସେ ଦେହ ଝଟକ ଚିରସ୍ଥାୟୀ ହୋଇ ଶମ୍ପା (ବିଜୁଳି) କୁ ଅଚର (ସ୍ଥାୟୀ) କରୁଛି । ହଂସ ସଦୃଶ ଗତି ଜିଣି ନାଗେଶ୍ୱର (ହସ୍ତୀ ଶ୍ରେଷ୍ଠ) ତୁଲ୍ୟ ଗମନକୁ ବୁଡ଼ାଇ ଦେଇଛି ।

୨୧—ମନସିଜ (କାମ) ସ୍ତନରୂପ ଦୁଇଟି କୁଡ଼ିଆ ନିର୍ମାଣ କରି ତାହାକୁ ପତ୍ରାବଳୀରେ (ସ୍ତନଚିତ୍ରରୂପ ପତ୍ର ସମୂହରେ) ଛାଉଣିକରି ରଞ୍ଜକ ସହ ବନ୍ଧୁକ ନଳୀପରି ରୋମାଳିକୁ ଯୋଖି ମନୋହର ନାଭିରୂପକ ପଲ୍ୱଳ (କ୍ଷୁଦ୍ର ପୁଷ୍କରିଣୀ) ଦେଖି ମଧ୍ୟସ୍ଥିତ ସିଂହକୁ ମାରିବାକୁ ଲୁଚି ବସିଅଛି (ଜଳଘାଟ

ଲୋକେ ଅବଳା ଯେ ବାଳାକୁ କହି । ଅଦୃଷ୍ଟି ଅଶ୍ରୁତ ବଳ ଦେଖାଇ ।
ବନ୍ଦୀ କରି ତନବଳୀ ଏଥିକି । ମର୍କତ ଧନୁକେ ବେନି ପୃଥ୍ୱୀକି ସେ ।
ନିଷ୍ଟେ ଧରିଅଛୁ ଟେକି ଯେ ।
ଜଘନ ଭଦ୍ରାସନ ଦେନି ହେଲାନି ବଳବନ୍ତେ ଅଭିଷେକୀ ଯେ । ୨୨
ଚରମସ୍ଥଳ ସହଜେ ଅଗମ୍ୟ । ନ ସମ୍ଭବେ ପ୍ରଭୃମାନଙ୍କ ରମ୍ୟ ।
ନିତମ୍ବ ଚକ୍ରବାଡ଼ ଅଛୁ ଯହିଁ । ଦୃଷ୍ଟିପଥ ଅନ୍ଧକାର କରାଇ ସେ ।
ଥିବ କୂପଜ ଟଙ୍କର ଯେ ।
ସୁସଞ୍ଚ ସ୍ଥୀର ସ୍ୱର୍ଣ୍ଣ ଗଣ୍ଡ-ଶଇଲ ଅଭିସୂଅଛୁ ଶବ୍ଦର ଯେ । ୨୩
ଅଳକା ବର୍ଣ୍ଣନା ନୋହିଲା ସିନା । ସେ ଯେ ଶୋଭାଯଶ ଶ୍ଲୋକ କଳ୍ପନା ।
ଅଙ୍ଗୁଳି ତୁଳକେ ସ୍ୱହସ୍ତେ ଲେଖି । ସମେ ଥୋଇଅଛୁ ତା ଅସ୍ଥିଅଖି ସେ ।
କି ଲେଖା କହ ବଗୃର ଯେ ।
ହରିହର ଏକମୂର୍ତ୍ତି ହୋଇଲାକୁ ରମା ଉମା ସେହିପରି ଯେ ॥ ୨୪

ଜଗି ପାରିଥି କରାଯାଏ) । ମଧ୍ୟଭାଗକୁ କେଶରୀ ସଦୃଶ୍ୟ ବୋଲି ଉପମା ଦିଆ ଯାଉ଼ା କିନ୍ତୁ ଶଙ୍ଖ ଭଙ୍ଗେ ଅଛୁ, ଅର୍ଥାତ୍ "କଟିକି କେ ସରି, ସିଂହ ମୁଁ କଟିଦ୍ୱେଷୀ" ଏହା ଭାବି କେଉଁ ଅଡ଼େ ପଳାଇଛୁ ।

୨୨—ଜଗତରେ ସ୍ତ୍ରୀମାନଙ୍କୁ ଅବଳା (ସ୍ତ୍ରୀ ଓ ବଳହୀନା) ବୋଲି କହନ୍ତି, କିନ୍ତୁ ଏ ଯାହା ଦେଖାଯାଇ ନାହିଁ ବା ଶୁଣାଯାଇ ନାହିଁ ସେପରି ବଳ ଦେଖାଉଛୁ, ବିଷ୍ଣୁ ଗୋଟିଏ ବଳିକି ପାତାଳରେ ବନ୍ଦୀ କରିଥିଲେ ଏ ତନବଳିକି (ତ୍ରିବଳୀକୁ) ହୃଦୟରେ ବନ୍ଦୀକରିଛୁ । ଅର୍ଜୁନ ଧନୁ ଦ୍ୱାରେ ଗୋଟିଏ ପୃଥ୍ୱୀ ଟେକି ଧରିଥିଲେ ଏ ମର୍କତ ଧନୁ ସଦୃଶ ରୋମାଳୀରେ ଦୁଇଟା ପୃଥ୍ୱୀ ସଦୃଶ ସ୍ତନକୁ ଟେକିଧରିଛୁ । ଏଣୁ ଜଘନ (କଟିପଶ୍ଚାତ୍ ଭାଗ) ରୂପ ଭଦ୍ରାସନ (ସିଂହାସନ) ରେ ବଳବାନ୍‌ମାନଙ୍କ ମଧ୍ୟରେ ଶ୍ରେଷ୍ଠବୋଲି ଅଭିଷିକ୍ତ ହେଲାଣି ।

୨୩—ଚରମସ୍ଥଳ (ପୃଷ୍ଠଭାଗ) ଦେଖା ନ ଯିବାରୁ ସହଜରେ ଅଗମ୍ୟ ହୋଇଅଛୁ, ସ୍ୱର୍ଣ୍ଣ ପ୍ରଭୃ ପ୍ରଭୃତି ଉପମାମାନଙ୍କର ରମଣୀୟତା ତହିଁକି ସମ୍ଭବୁ ନାହିଁ । ଯେଉଁ ଭାଗରେ ପୁଣି ନିତମ୍ବ (କଟିପଶ୍ଚାତ୍ ଭାଗ) ଚକ୍ରବାଡ଼ (ଲୋକା-ଲୋକ ପର୍ବତ) ପରି ରହିଅଛୁ ଏବଂ ସେ ପର୍ବତର ଅପରପାଖ ଦେଖା ନଗଲା ପରି ଦୃଷ୍ଟିପଥ ଅନ୍ଧକାର କରାଇଅଛୁ । କେବଳ ଶବ୍ଦରେ ଏହିକଥା ଅଭିସୂଚୁ ଯେ ସେଠାରେ ପର୍ବତ ଟଙ୍କର ତୁଲ୍ୟ ରୂପକ (ନିତମ୍ବ ଭ୍ରମରୀ) ଓ ଗଣ୍ଡଶୈଳ (ଭୂମିକମ୍ପାଦିଦ୍ୱାରା ପର୍ବତରୁ ପତିତ ବୃହତ୍ ପ୍ରସ୍ତର ଖଣ୍ଡ) ସୁନ୍ଦର ସ୍ଥୀର (ପିଣ୍ଡ) ଥିବ ।

୨୪—ଅନ୍ୟ କବି କହିଲେ ଅଳକା ବର୍ଣ୍ଣନ ହେଲା ନାହିଁ, ସେ ଅଳକା (ଚୂର୍ଣ୍ଣକୁନ୍ତଳ) ରୂପେ ସୁନ୍ଦରୀର ଶୋଭା ଯଶକୁ ଅସ୍ଥିଅଙ୍କି (ବ୍ରହ୍ମା-ଶ୍ଲୋକ

କୋମଳେ ଲବଣୀ ନୋହି ସମାନ । ତରଳ ହେଲାଟି ହୈୟଙ୍ଗବୀନ ।
ପ୍ରେମ ପୀୟୂଷ ପିତୁଳା ନିର୍ମିଣ । କାମ ଜୀବବାକୁ ହେଲା ପ୍ରମାଣ ସେ ।
କଳାରେ କି ରଚନ କଲା ଯେ ।
ହରିତ ଶୁଭ୍ରକୁ କି କି ପରକାରେ ସ୍ଥାନେ ସ୍ଥାନେ ଦେଖାଇଲା ଯେ ॥ ୨୪

ସାରଭାଗ କଲା ନୃପ-ଜେମାକୁ । ଅସାର ଭାଗ କଲା ଉପମାକୁ ।
ଏ କଥା ନିଶ୍ଚେଁ ଆସିଲା ମନକୁ । କହି ଭଜିଲେ କବି ମଉନକୁ ସେ ।
ଶ୍ରୀରାମ ଦୂଷଣ-ହର ଯେ ।
ପୁରାଣେ ଅଛି ସୁମରି ଗୀତ ରଚି ଉପଇନ୍ଦ୍ର ତୋଷଭର ଯେ ॥ ୨୫

ରଚନା କରି) ସ୍ୱହସ୍ତ ଅଙ୍ଗୁଳି ତୁଳିକାରେ ସମାନ ଧାଡ଼ିରେ ଲେଖି ଥୋଇଛନ୍ତି, ତେବେ ସେ କି ଲେଖାଁ ବିଗୁଡ଼ି ଯିବ ? ପ୍ରଥମ କବି କହିଲା—ହରି ହର ଦୁହେଁ ମିଶି ଏକମୂର୍ତ୍ତି ହେବାରୁ ସେହିପରି ରମା ଉମା ଏକମୂର୍ତ୍ତି ହୋଇ ସେ ସୁନ୍ଦରୀ ହୋଇଛନ୍ତି ।

୨୪—ବୋଧହୁଏ ବିଧାତା ପ୍ରଥମରେ ଲବଣୀରେ ସୁନ୍ଦରୀର ମୂର୍ତ୍ତି ଗଢ଼ିବାକୁ ବସିଲେ, କିନ୍ତୁ ସେ କୋମଳତାରେ ସମାନ ନ ହେବାରୁ ତରଳି ଯାଇ ହୈୟଙ୍ଗବୀ (ସଦ୍ୟଘୃତ) ହୋଇଗଲା, ତହୁଁ ପ୍ରେମ ଓ ଅମୃତରେ ପିତୁଳା କରି ତହିଁରେ ଭସ୍ମ ହୋଇଥିବା କାମର ଜୀବନକୁ ପ୍ରଦାନକରିବାରୁ ସୁନ୍ଦରୀର ମୂର୍ତ୍ତିହେଲା, ଏହା ପ୍ରମାଣ ହେଲା । ଏହିହେତୁ ତାକୁ କାମ କଳାରେ ରଚନ କଲା—ସ୍ଥାନ ସ୍ଥାନରେ କାମର ହରିତବର୍ଣ୍ଣ, ଅମୃତର ଶୁକ୍ଳବର୍ଣ୍ଣ (ନୟନରେ କୃଷ୍ଣ ଶୁକ୍ଳ ବର୍ଣ୍ଣ, ହାସରେ କେବଳ ଶୁକ୍ଳବର୍ଣ୍ଣ) ଦେଖାଇଲା ।

୨୫—ପ୍ରେମ ଏବଂ ଅମୃତର ସାର ଭାଗରେ ବିଧାତା ରାଜକୁମାରୀକୁ ଗଢ଼ି ଅସାର ଭାଗରେ ଉପମାମାନଙ୍କୁ ଗଢ଼ିଲା, ଏହିକଥା ମନକୁ ଆସିଲା । ଏହାକହି କବି ମୌନ ହେଲେ । ଯେଉଁ ଶ୍ରୀରାମଚନ୍ଦ୍ର ଦୂଷଣ (ରାକ୍ଷସ ଓ ଦୋଷ) କୁ ହରିଥିବାର ପୁରାଣରେ ଅଛି, ତାହାଙ୍କୁ ସ୍ମରଣ କରି କବି ଉପଇନ୍ଦ୍ର ଭଞ୍ଜ ଆନନ୍ଦରେ ଗୀତ ରଚିଲା ।

ଅଷ୍ଟମ ଛାନ୍ଦ

ରାଗ—ଦେଶାକ୍ଷ

ଛବି ବର୍ଣ୍ଣିଲା କବିଙ୍କି ତହିଁ । ଅନେକ କନକ ସ୍ନାନ କରାଇ ।
ବସନେ ବସନେ ଦେଇ ପ୍ରସନ୍ନେ । ସ୍ମରଣଭାବିତ ହରଷମନେ ସେ
କହଇ ସତ ନୁହଇ ପରା । ବିଧି ବିଧାନେ ନୋହିଲା ବଧିରା ॥ ୧
ଉର୍ବଶୀରେ ବଶୀଭୂତ ଯେ ବସି । ସୁର ସଭାରେ ସୁରସରେ ରସି ।
ସେ ପୁଣି କାନ୍ତି ଏ କାନ୍ତା ଚାହିଁ । କାନ୍ତ ହେବା ଇଚ୍ଛା ନ କଲା କେହୁ ।
ସମ୍ଭୁତ ଏକା ଅଦ୍ଭୁତ ହୋଇ । ଭୂତ ଭବିଷ୍ୟ ବର୍ତ୍ତମାନେ ନାହିଁ ॥ ୨
କବି ଚାତୁରୀ ଏ ଚାତୁରୀ ମିଥ୍ୟା । ଶୁଣି ନୃପମଣି-ନନ୍ଦନ କଥା ।
ମସ୍କରୀ କହିଲା କରି ସମ୍ମତ । ନ କର ସନ୍ଦେହ ସେ ଦେହବନ୍ତ ।
ମାଳିନୀ-ପୁରେ ନଳିନୀ-ସାର । ରୂପ ଅନୁରୂପେ ନାମ ତାହାର ॥ ୩

୧—ସୁନ୍ଦରୀର ଛବିକୁ ବର୍ଣ୍ଣନ କରୁଥିବା କବିଙ୍କୁ ଅନେକ ସୁବର୍ଣ୍ଣ ମୁଦ୍ରା ବୃଷ୍ଟିଦ୍ୱାରା କନକ ସ୍ନାନ କରାଇ ପିନ୍ଧାବସ୍ତ୍ର ଓ ଉତ୍ତରୀୟ ପ୍ରସନ୍ନ ହୋଇ ପ୍ରଦାନ କଲେ । କବିଙ୍କ ବର୍ଣ୍ଣନା ଦ୍ୱାରା ସେ ସୁନ୍ଦରୀକୁ ସ୍ମରଣ କଲାପରି ମନରେ ଆନନ୍ଦିତ ହେଲେ । ମନରେ ଭାବିଲେ ପ୍ରାୟ ଏହା ସତ ନୁହେଁ, ପୁଣି ଭାବିଲେ ଯେ ବିଧାତାର ବିଶେଷ ବିଧାନରେ ବଧିରା ନୋହିଲା (ଅସମ୍ଭବ ନୁହେଁ) ।

୨—ଯେ ଦେବସଭାରେ ବସି ଉତ୍ତମ ରସରେ ରସି ଉର୍ବଶୀଠାରେ ବଶୀଭୂତ ସେ ପୁଣି ଏକାନ୍ତରେ ଏହାର କାନ୍ତି (କମନୀୟତା) କୁ ଚାହିଁ କାନ୍ତ (ସ୍ୱାମୀ) ହେବାକୁ ଇଚ୍ଛା ନ କଲା କି ? ଏ କି ଅଦ୍ଭୁତ ସମ୍ଭବିଲା, ଭୂତ ଭବିଷ୍ୟତ ବର୍ତ୍ତମାନ ତିନି କାଳରେ ଏପରି ନାହିଁ ।

୩—ଏହା ନିଶ୍ଚୟ କବିର ଚାତୁରୀ, ଏପରି ଚାତୁରୀ (ସୁନ୍ଦରୀ) ମିଥ୍ୟା ଅଟେ; ରାଜପୁତ୍ରଙ୍କର ଏ କଥା ଶୁଣି ମସ୍କରୀ (ଅଦ୍ଭୁତ ପୁରୁଷ) ସମ୍ମତ କରି କହିଲା, ହେ ରାଜପୁତ୍ର ସନ୍ଦେହ କରନା, ମାଳିନୀପୁରରେ (ରମାନଗରରେ) ନଳିନୀ-ସାର (ପଦ୍ମିନୀଶ୍ରେଷ୍ଠା) ଦେହ ଧରି ଜନ୍ମିଅଛି, ରୂପ ସମାନରେ ତାହାର ନାମ ମଧ୍ୟ ହୋଇଅଛି ।

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଏ ପଦୁଁ । ଶେଷର ଚାରିବର୍ଣ୍ଣ ଘେନି ଅବୁଁ ।
କି ଯୋଗରୁ ଯୋଗ ଏକା ସ୍ଥାନରେ । ଗୋଟିଏ ଗୋଟିଏ କଳ୍ପ କଳ୍ପେରେ ।
ପ୍ରମାଣ କଲେ ନିର୍ମାଣ ଜେମା । ବନ୍ଦନ କଲେ ନିନ୍ଦନ ଉପମା । ୪
ସୁଷମା ସମାପତ ହେଲା ଦିନ । ଭୂତ ଭୂତ ଭଜିଥିବ ମଦନ ।
ପୁଣି ବେଦରତ ଜରତ ଯେଣୁ । ବିକାର କାରଣ ନୋହିଲା ତେଣୁ ।
ବାଣୀପଣ ବାଦିତ କଲେ । ଲୋକେ ଲୋକେ ହୃଦେ ଉଦିତ ହେଲେ । ୫
ସୁମନା କାମିନୀ-ଗର୍ଭ-ସୁମନା । ନାଗ-ନାଗରୀ-ଶିରୋମଣି ସିନା ।
ମହୀ-ମହିଳା ବିଚନ ତିଳକ । ମହିମା ମହିମ କରେ ତ୍ରୈଲୋକ୍ୟ ସେ ।
ପାଇଛି ଟୀକା ସୁନ୍ଦରୀ ଯାଙ୍କେ । ଟୀକାହେଲାଣି ସଙ୍ଗୀତ ପୁସ୍ତକେ । ୬
ଗତ ଆଗତ ହେଉଥିଲେ ଋଷି । ଯୁଗେ ଯୁଗେତ ଏ ଯୁଗେ ନ ଆସି ।
ରମଣୀମଣିଙ୍କ ଯୋଗେ ଗୃହିଁଲେ । ଯୋଗ ବିଯୋଗ ହୋଇବ ଧ୍ୟାଇଲେ ।
ଏ ଅନ୍ତରସ୍ଥ ସଂଶୟ ଜାତ । ଏମନ୍ତ ମତ୍ତ କାମିନୀ କେମନ୍ତ । ୭

୪—"କୋଟି ବ୍ରହ୍ମାଣ୍ଡସୁନ୍ଦରୀ" ଏହି ପଦର ଆଦ୍ୟରୁ ଚାରିବର୍ଣ୍ଣ ନେଲେ "କୋଟିବ୍ରହ୍ମା" ହେଲା—ଏମାନେ କି ଯୋଗରୁ ଏକସ୍ଥାନରେ ମିଳି ଜଣେ ଜଣେ କଳ୍ପେ କଳ୍ପେ ଭାବି ଜେମା ନିର୍ମାଣକୁ ପ୍ରମାଣ କଲେ, ଉପମାମାନେ ନିନ୍ଦାପାଇ ଜେମା ରୂପକୁ ବନ୍ଦନା କଲେ ।

୫—କାମ ଓ ବ୍ରହ୍ମା ଏହାର ରୂପରେ ବଶୀଭୂତ ହୋଇଥାନ୍ତେ, କିନ୍ତୁ ଯେଉଁଦିନ ଏହାର ସୁଷମା (ପରମାଶୋଭା) ସମାପ୍ତହେଲା ସେ ଦିନକୁ କାମ ଭୂତଭୂତ (ଅଦେହ ସ୍ୱରୂପ)କୁ ଭଜିଥିବ, ପୁଣି ବ୍ରହ୍ମା ଏହାର ରୂପ ନିର୍ମାଣ କରୁ କରୁ ଜରତ (ବୃଦ୍ଧ) ହୋଇ ଯିବାରୁ ବେଦରେ ଆସକ୍ତ ହେଲେ, ଏହି ହେତୁ ଏ ସୁନ୍ଦରୀ ସେ ଦୁଇଜଣଙ୍କର ବିକାର କାରଣ ହେଲା ନାହିଁ । ବ୍ରହ୍ମା ଜଗତରେ ବାଣୀପଣକୁ ବିଖ୍ୟାତକଲେ, କାମ ଲୋକେ (ଜଗତରେ) ଲୋକେ (ଲୋକମାନଙ୍କର) ହୃଦୟରେ ଉଦିତ ହେଲେ ।

୬—ସେ ସୁନ୍ଦରୀ ସୁମନା କାମିନୀମାନଙ୍କର (ଦିବ୍ୟ ସ୍ତ୍ରୀମାନଙ୍କର) ଗର୍ଭ ସୁମନା (କେଶ ସ୍ଥିତ ପୁଷ୍ପ ସ୍ୱରୂପିଣୀ) ନାଗନାରୀ ମାନଙ୍କର ଶିରୋମଣି ମହୀ ମହିଳା (ପୃଥିବୀର-ସ୍ତ୍ରୀ) ମାନଙ୍କର ବିଚନ ତିଳକ ସ୍ୱରୂପ, ମହିମାରେ ତ୍ରୈଲୋକ୍ୟ (ତ୍ରିଭୁବନକୁ) ମହିମ (ଜୟ) କରଅଛି । ସୁନ୍ଦରୀ ଯାହାଙ୍କର ଟୀକା (ଶିରୋମଣି) କୁ ପାଇଛି ଏହା ଯୋଗେ ସଙ୍ଗୀତ ପୁସ୍ତକରେ ଟୀକା ହେଲାଣି ।

୭—ଋଷିମାନେ ଯୁଗେ ଯୁଗେ ତ ଗତାଗତ ହେଉଥିଲେ କିନ୍ତୁ ଏ ଯୁଗରେ ଯୋଗେ (ଧ୍ୟାନବଳରେ) ରମଣୀ ମଣିଙ୍କୁ ଗୃହିଁ ଯୋଗ ନଷ୍ଟ ହେବା ଅଙ୍କୋରେ ଆସୁ ନାହାନ୍ତି, ଏପରି ସୁନ୍ଦରୀ କିପରି ଜାତହେଲା ଏଥିରେ ଅତି ସନ୍ଦେହ ଜନ୍ମୁଅଛି ।

ପନ୍ଦର-ବୟସୀ ଅଙ୍ଗ ଛୁଇଁଲେ । ସୁନ୍ଦରମାନେ ସୁନ୍ଦର ହୋଇଲେ ।
ବୋଲେ ସୁବୁଦ୍ଧି ଏ ବୁଦ୍ଧି ସମ୍ପାଦ । ହରରେ ହର-ଜିତମଧ୍ୟା ବାଦୀ ।
କୁବୁଜା କୁଜ ଋଜ କଲାକୁ । ଏ ଶୋଭା କରେ ଅଶୋଭାମାନଙ୍କୁ ॥ ୮
ଈକ୍ଷଣେ ଯେଉଁ କ୍ଷଣେ କରେ ମେଳ । କଜ୍ଜ୍ୱଳ କଲାଟି ମହା ଉଜ୍ଜ୍ୱଳ ।
ସିଂହାଣୀ ଗୃହାଁଣିରେ ବଙ୍କ ଛୁଇଁ । ମନ ମୋହନ ବହନ କରାଇ ।
ମଧ୍ୟରେ କରୁଁ କୃଶକୁ ଗୁରୁ । ମଧ୍ୟମ କଲା ସେ ହେମ ଡମ୍ବରୁ ॥ ୯
କୁଚେ କଠିନକୁ ଘେନିମା ଘେନି । ସେ ଶମ୍ଭୁ ଅଣି ଅଣି ଭାଙ୍ଗିଲାଣି ।
ବସୁଧାରେ ସୁଧାକୋଷ ବୋଲାଇ । ଶ୍ରୀଫଳ ଫଳ ବିଫଳ କରାଇ ।
କୁଚକ ନେଇ-କୁଚକ କୋଡ଼ । ଓଲଗି ଓଲଗି ଦନ ନାଅଇ ॥ ୧୦
ସ୍ୱଭାବେ ଗୁରୁଭାବ ଅଙ୍ଗୀକାରୀ । ନୀଳାମ୍ବର ଲୀଳା ପୁଣି ବିସ୍ତାରି ।
କବି ମଙ୍ଗଳ ସେ ଘେନି ଜପୁଛେ । ସତମସ ତ ଚନ୍ଦ୍ରରେ ବିରାଜେ ।
ଆସି ଯେ କୁମ୍ଭରାଶିରେ ଏବେ । ଷଡଗ୍ରହ ମହାବିଗ୍ରହ ଭାବେ ॥ ୧୧

୮—ସୁନ୍ଦର ପୁରୁଷମାନେ ଏହି ପନ୍ଦର ବୟସୀର ଅଙ୍ଗକୁ ଛୁଇଁଲେ ସୁନ୍ଦର ହେଲେ, ବୁଦ୍ଧିମାନ ଲୋକ ଏହି ବୁଦ୍ଧି ସମ୍ପାଦନ କରି କହିଲେ ଯେ, ଏ ହରଜିତ ମଧ୍ୟା (କେଶରୀ ମଧ୍ୟା) ଶ୍ରୀକୃଷ୍ଣଙ୍କଠାରେ ବାଦୀହେଲା. ଯେ ହେତୁ ଶ୍ରୀକୃଷ୍ଣ କୁବ୍‌ଜାର କୁଜ ଋଜ (ସଳଖ) କରିବାରୁ ଅସୁନ୍ଦରକୁ ସୁନ୍ଦର କରିଥିଲେ, ଏ ମଧ୍ୟ ଯାହାକୁ ସ୍ପର୍ଶକଲା ସେ ସୁନ୍ଦର ହେଲା ।

୯—ଯେତେବେଳେ ନୟନରେ ମହା ଉଜ୍ଜ୍ୱଳ କଜ୍ଜ୍ୱଳ କଲାକୁ ଘେନେ ସେତେବେଳେ ସେ ସିଂହାଣି (ଚତୁରୀ) ଗୃହାଁଣିରେ ବଙ୍କ (ବକ୍ରତା) କୁ ସ୍ପର୍ଶ କରି ଶୀଘ୍ର ମନକୁ ମୁଗ୍ଧ କରାଏ । ସେ ସୁନ୍ଦରୀ ସୁନ୍ଦର ମଧ୍ୟକୁ କୃଶ କରିବାରୁ ସୁବର୍ଣ୍ଣ ଡମ୍ବରୁକୁ ମଧ୍ୟମ କଲା ।

୧୦—ସ୍ତନରେ କାଠିନ୍ୟକୁ ଘେନିବାରୁ ଶିବ ଲିଙ୍ଗର ଠାଣ ଭାଙ୍ଗିଲାଣି । ସେ ସ୍ତନ ପୃଥିବୀରେ ଅମୃତ ଭଣ୍ଡାର ହୋଇଅଛି, ଶ୍ରୀଫଳ (ନାରିକେଳ ବା ବେଲ) କୁ ବିଫଳ କରାଇଛି, କୁଚକ (ଠକ) ଚକ୍ଷୁକୁ ନ କୁଚିବାରୁ ଓଲଗି (ନମସ୍କାର) କଲାପରି ଓଲଗି (ଓହଳପଣ୍ଡି) ଦନ ନେଉଅଛି ।

୧୧—ସ୍ତନ ସ୍ୱଭାବତଃ ଗୁରୁଭାବ ଅଙ୍ଗୀକାରୀ (ବୃହତ୍) ଅତଏବ ଗୁରୁ (ବୃହସ୍ପତି) ପୁଣି ନୀଳାମ୍ବର (ନୀଳବସ୍ତ୍ର କାଞ୍ଚଲା) ର ଲୀଳା ବିସ୍ତାର କରୁଛି; ଏଣୁ ସେ ନୀଳାମ୍ବର (ଶନି) ସେ ସ୍ତନ ଘେନି କବିମାନଙ୍କର ବର୍ଣ୍ଣନରେ ମଙ୍ଗଳଜାତ ହେଉଅଛି, ଅତଏବ ସେ ସ୍ତନ କବି (ଶୁକ୍ର) ଓ ମଙ୍ଗଳ, ସ୍ତନ ସତମସ (ଅଗ୍ରକାଳିମା ଯୁକ୍ତ) ତେଣୁ ସତମସ (ରାହୁ ସହିତ) ପୁଣି ଚନ୍ଦ୍ରରେ (ସୁବର୍ଣ୍ଣ ହାରରେ) ବିରାଜୁଛି, ଏଣୁ ସେ ଚନ୍ଦ୍ର ଏହିରୂପେ ଷଡ଼ ଗ୍ରହମାନେ କୁମ୍ଭରାଶିରେ, (ତନ୍ନାମକରାଶିରେ, ସ୍ତନକୁମ୍ଭଦ୍ୱୟରୂପେ)

ସୁଗତିରେ ମନ୍ଦ ସଙ୍ଗତି କଲା । ଧରଣୀ ମଣ୍ଡିବା କରଣି ହେଲା ।
ଶିବ-ସ୍ୱରୂପା ସେ ଶିବ ନୋହିବ । ଭବ ହୋଇଅଛି ଭବ ମୋହିବ ।
ଭାଷିଲା ମନ୍ତ୍ରୀସୁତ କି ଭାବେ । ବାଳାରେ ବଚନ ରଚନ ହେବେ ॥ ୧୨
ସୁସ୍ୱର କରି ବାଗୀଶ୍ୱର ଭଣି । ପ୍ରୟୋଜନ ଏହି ପ୍ରୟୋଗ ଶ୍ରେଣୀ ।
କେଳି-ପ୍ରବୀଣା ବୀଣା ଜିଣା ବାଣୀ । ଖଞ୍ଜନ-ଗଞ୍ଜନ-ରଞ୍ଜନେକ୍ଷଣୀ ।
ସୁରସ-ନିଧି ନିଧି-ପ୍ରତିମା । ଗୁଣ-ନାଗରୀ-ନାଗରୀ-ଉତ୍ତମା ॥ ୧୩
ସଂସାର-ସାର ଲାବଣ୍ୟ-ସଦନା । କୁନ୍ଦ-ହାରୀ କୁନ୍ଦ-ଜିତ-ରଦନା ।
ସବିକାଶ-କାଶ ନିନ୍ଦିତହାସୀ । ରଜିତ-ରାଜୀବ ଜିତ ସୁହାସୀ ।
ନବୀନାଠାରେ ଏ ବିନା ଉକ୍ତି । ଶୋଭିତ ନୋହିବ କେବେ ନୁହନ୍ତି ॥ ୧୪

ଏକତ୍ର ହୋଇ ମହା ବିଗ୍ରହ (ବୃହତ୍ ଆକାର ବା ଭୟଙ୍କର ଯୁଦ୍ଧ) କରିବାକୁ ଯାଉଛନ୍ତି । (ଷଡ଼ଗ୍ରହ ଏକ ରାଶିରେ ମିଳିତ ହେଲେ ପୃଥିବୀରେ ଯୁଦ୍ଧ ହୁଏ, ଜ୍ୟୋତିଷ ଶାସ୍ତ୍ରୋକ୍ତି)

୧୨—ସେ ସୁନ୍ଦରୀର ସୁଗତିର (ଉତ୍ତମଗତିରେ) ମନ୍ଦ (ଧୀରତା) ମିଳିଲା । ପୃଥିବୀକୁ ମଣ୍ଡିବାର ଶକ୍ତି ଅସିଲା, ସେ ଶିବସ୍ୱରୂପା (ଅଶ୍ରୁଧିସ୍ୱରୂପା) କେହି ତାହାକୁ ଶିବରେ ଲେଖି ପାରିବ ନାହିଁ, ସେ ଭବ (ମହାଦେବଙ୍କୁ) ମୋହିବାକୁ ଭବ (ଜାତ) ହୋଇଛି । ମନ୍ତ୍ରୀପୁତ୍ର କହିଲା, ସେ ବାଳାଠାରେ କିପରି ଭାବରେ ବାକ୍ୟପ୍ରୟୋଗ କରିବାକୁ ହେବ ?

୧୩।୧୪-ବାଗୀଶ୍ୱର ଉତ୍ତମ ସ୍ୱରରେ କହିଲେ, ଏହିପରି ଭାବରେ ବାକ୍ୟ ପ୍ରୟୋଗ କରିବା ଆବଶ୍ୟକ ଅଟେ—ଯଥା ସେ ସୁନ୍ଦରୀ କେଳିପ୍ରବୀଣା, ବୀଣାଜିଣାବାଣୀ ଖଞ୍ଜନ-ଗଞ୍ଜନ-ରଞ୍ଜନେକ୍ଷଣୀ (ଯାହାର ଚକ୍ଷୁଖଞ୍ଜପକ୍ଷୀକୁ ଗଞ୍ଜିଦେଉଛି) ଓ ରଞ୍ଜନ କାରୀ ସୁରସ ନିଧି (ଉତ୍ତମ ରସମାନଙ୍କ ଖଣି) ନିଧି ପ୍ରତିମା (ରତ୍ନ ରୂପିଣୀ) ଗୁଣ ନାଗରୀ-ନାଗରୀ ଉତ୍ତମା (ଯେଉଁ ସ୍ତ୍ରୀମାନେ ଗୁଣର ଆକର ସେମାନଙ୍କ ମଧ୍ୟରେ ଉତ୍ତମା) ସଂସାର ସାର ଲାବଣ୍ୟ ସଦନା, କୁନ୍ଦହାରୀ (କୁନ୍ଦହୋଇଥିବା ହାରୀ) ଓ କୁନ୍ଦ (କୁନ୍ଦକଳିକା) ଜିତରଦନା ରଦନ (ଦନ୍ତ) ସବିକାଶ କାଶନିନ୍ଦିତହାସୀ ସବିକାଶ (ପ୍ରସ୍ଫୁଟିତ) ରାଜିତ ରାଜୀବଜିତ ସୁହାସୀ, ରଜିତ (ବିକଶିତ)—ନବୀନାଠାରେ ଏପରି ଉକ୍ତି ଭିନ୍ନ ଅନ୍ୟ ଉକ୍ତିମାନ ଶୋଭାପାଇବେ ନାହିଁ ବା କେବେ ଲେଖା ହେବେ ନାହିଁ ।

ମହାକୋବିଦ ତର୍କବାଦ କହି । ଚନ୍ଦ୍ର ମୁଖଚନ୍ଦ୍ର ହୋଇ ଏ ଦୁଇ ।
ଇନ୍ଦୁରେ ବାଦରେ ଯେଉଁ ହରିଣ । କାଳକ କଳଙ୍କ ବୋଲଇ ପୁଣ ।
ମୁଖେନ୍ଦୁ ନେତ୍ର-କୁରଙ୍ଗ ରଙ୍ଗ । ଜନ ରଞ୍ଜନକୁ ପ୍ରକାଶେ ବେଗ ॥ ୧୫
ଶମ୍ପା ରୁଚି-ଶମ୍ପା ଏହିପ୍ରକାର । ସେ ଅଚିର ଏତ ଚିର ରୁଚିର ।
ରମ୍ଭା ଊରୁ-ରମ୍ଭା ଏ ଏହି ମତ । ଅଭିନ୍ନ ଚରିତ ଏହିପରି ତ ।
ଏମନ୍ତେ ଭିନ୍ନ ସମସ୍ତେ ଭାବ । ବିଧୁ-ମୁଖୀ ବିଧୁ-ହାସୀ ବୋଲିବ ॥ ୧୬
ରୂପକ ଯମକ ବ୍ୟାପକ ବଳେ । କବି କବିତ୍ୱରେ ରକ୍ଷା ପାଇଲେ ।
ଯେବେ କବି କଳ୍ପ କଳ୍ପନା ଥିବ । ଉପମାକୁ ଉପଯୋଗ ହୋଇବ ।
ମାଗଧ ବିଦଗଧ ବୋଇଲା । ନୃପଜ ଶୁଣି ମନ ମଜ୍ଜାଇଲା ॥ ୧୭
ବଲ୍ଲଭୀ କରି ଲଭିବା ଦୁର୍ଲ୍ଲଭ । ପ୍ରସନ୍ନ ଦର୍ଶନ ବଡ଼ ସୁଲଭ ।
ଅମର-ଦୃଷ୍ଟିକି କୁମର ପାଇ । ଚିତ୍ର ପ୍ରାୟେ ଚିତ୍ର-ପୁଂସେ ଅନାଇ ।
ଚତୁର କଲା ଯୁକ୍ତି ବିଧାନ । ହିତ-ବାଣୀ ପୁରୋହିତ-ନନ୍ଦନ ॥ ୧୮

୧୫—ମହାପଣ୍ଡିତ ତର୍କବାଦ କହିଲେ, ଚନ୍ଦ୍ର ଓ ମୁଖଚନ୍ଦ୍ର ଏପରି ଦୁଇଗୋଟି ଚନ୍ଦ୍ର, ଚନ୍ଦ୍ରଙ୍କଠାରେ ଯେଉଁ ହରିଣ ଅଛି ସେ କାଳକଯାକ କଳଙ୍କ ବୋଲାଉଛି, କିନ୍ତୁ ମୁଖଚନ୍ଦ୍ରରେ ନେତ୍ରରୂପ କୁରଙ୍ଗ ଖେଳି ଲୋକରଞ୍ଜନକୁ ବେଗେ ପ୍ରକାଶ କରୁଛି ।

୧୬—ଏହିପରି ଶମ୍ପା (ବିଜୁଳି) ରୁଚିଶମ୍ପା (ଶୋଭାରୂପ ବିଜୁଳି) ସେ ବିଦ୍ୟୁତ୍ ଅଚିର ଏ ସର୍ବଦା ସୁନ୍ଦର । ସେହିପରି ରମ୍ଭା ଓ ଊରୁରୂପ ରମ୍ଭା (କଦଳୀବୃକ୍ଷ) ଦୁହେଁ ଅଭିନ୍ନ ଚରିତ (ସମାନ) (ରମ୍ଭାର ସର୍ବାଙ୍ଗ ଶୋଭା ଏହାର ଏକାଙ୍ଗରେ ଅଛି) ହେଲେ ମଧ୍ୟ ସମସ୍ତେ ଭିନ୍ନ ଅଟନ୍ତି । ତେବେ ତାକୁ ଚନ୍ଦ୍ରମୁଖୀ ଚନ୍ଦ୍ରହାସୀ କହିବା ।

୧୭—କବିମାନେ ରୂପକ, ଯମକ, ବ୍ୟାପକ (ବିସ୍ତାରିତ) ବଳରେ ଯେଉଁ କବିତା କରନ୍ତି ତହିଁରୁ ରକ୍ଷାପାଇଲେ । ଯେବେ କବିର କଳ୍ପବୃକ୍ଷ ସଦୃଶ ଚିନ୍ତା ଥିବ ତେବେ ଏଠାରେ ଉପମା ଯୋଗ କରିଇ ପାରିବ, ଚତୁରମାଗଧ (ଭାଟ) ଏହିକଥା କହିବାରୁ ରାଜପୁତ୍ର ଶୁଣି ମନ ମଜ୍ଜାଇଲା ।

୧୮—ଭାଟ କହିଲା ତାହାକୁ ପତ୍ନୀ ରୂପେ ଲଭିବା ଦୁର୍ଲ୍ଲଭ, କିନ୍ତୁ ତାହାର ପ୍ରସନ୍ନ ଦର୍ଶନ ଅତି ସୁଲଭ ଅଟେ । ଏହାଶୁଣି ରାଜପୁତ୍ର ଅମରଦୃଷ୍ଟିକି (ଦେବଦୃଷ୍ଟି ଅର୍ଥାତ୍ ପଲକ ହୀନ) ପାଇ ଚିତ୍ରଲିଖିତପରି ଅଦ୍ଭୁତ ପୁରୁଷକୁ ଅନାଇଲେ, ପୁରୋହିତ ପୁତ୍ର ସୁନ୍ଦର ଉପାୟ ସ୍ଥିର କରି ହିତବାଣୀ କହିଲା ।

ନ ଥିଲାର ଥିଲା କଲ ଗୋସାଇଁ । ପତି ଉତପତି ହୋଇଛି କାହିଁ ।
ଶ୍ରୀପତି କୁମର ଥିଲେ ସମର । ବର ହୁଅନ୍ତେ ବର-ବରନାର ।
କହିଲା ଦେଇ ଶ୍ଳେଷ ଅଶ୍ଳେଷ । ଢୁଳି ନ ଢୁଳି ଶିର ଶବପୁଂସ ॥ ୧୯
ଚତୁର କହିଲା ଆତୁର ବଶ । କି କରି କରିବା ଲୋକନ ଭାଷ ।
ଉତ୍ତର କଲା ସେ ସେକି ଇତର । କର କର ଦାନ ପୁଣ୍ୟ ନିକର ।
ଏ ଶିବ ଅର୍ଥେ ଶିବଙ୍କୁ ତୋଷ । ପଦ୍ମ ପଦ୍ମ କରି ପଦ୍ମ ମନାସ ॥ ୨୦
ହେ ଶୂର ବହୁ ଭୂ-ସୁର ଅଣାଅ । ଚଣ୍ଡୀ ଦର୍ଶନକୁ ଚଣ୍ଡୀ ଶୁଣାଅ ।
କର ଭଜନ ମଜ୍ଜନ-ଚିତ୍ତରେ । ଅଭିରାମ ରାମ ଅବିରତରେ ।
ସୁଗ୍ରୀବ ବିଭୀଷଣେ ସେ ଭଳେ । ସୁନ୍ଦରୀ ତାରା ମନ୍ଦୋଦରୀ ହେଲେ ॥ ୨୧
ଉପଇନ୍ଦ୍ର ଭଞ୍ଜ ଶଙ୍କା-ଭଞ୍ଜନ । ରାମଭଦ୍ର ପଦ ବିପଦ-ଘନ ।
ଏଣୁ ପରମ ମନୋରମ ପଦ । ସୁତ୍ରେ ପ୍ରସନ୍ନେ କୁଶଳେ ଆସ୍ପଦ ।
ଏ ଗୀତ ବର ବର୍ଣ୍ଣନା ବିଧି । ଉଚିତେ ସୁଚିତ୍ତେ ବୁଝ ସୁବୁଦ୍ଧି ॥ ୨୨

୧୯—ହେ ପ୍ରଭୁ ଯାହା ନ ଥିଲା ଆପଣ ତାହାକୁ ସୃଷ୍ଟି କଲ (ଅର୍ଥାତ୍ ଏପରି ସୁନ୍ଦରୀ ନଥିଲା ଆପଣ ଏବେ କଲ) ଶ୍ରୀପତି କୁମର (କାମ ଓ ରାଜପୁତ୍ର) ଥିଲେ ଏ ବର ବର୍ଣ୍ଣନାର ଅନୁରୂପ ସ୍ୱାମୀ ହୁଅନ୍ତେ କିନ୍ତୁ କାମତ ଅଦେହ ତେବେ ତାହାର ପତି କିଏ ହେବ, ଏହି ରାଜପୁତ୍ର ହେବ କି ? ଏହି ଶ୍ଳେଷକୁ ଆଶ୍ରୟ କରି ମୁଣ୍ଡ ହଲେଇ ପୁଣି ନ ହଲେଇ ଅଦ୍ଭୁତ ପୁରୁଷ କହିଲା ।

୨୦—ରାଜପୁତ୍ର ଆତୁର ହୋଇ କହିଲା କିପରି ତାହାକୁ ଦେଖିବା ଏବଂ କଥା-କହିବା, ସେ ପୁରୁଷ କହିଲା ଏ କଣ ବଡ଼କଥା ? ଆପଣ ଦାନକର ପୁଣ୍ୟ ନିକର (ସମୂହ) କରନ୍ତୁ, ପଦ୍ମପଦ୍ମ (ସଂଖ୍ୟା) କରି ପଦ୍ମ ଶିବଙ୍କୁ ମାନସ କରି ଏ ଶିବ (ମଙ୍ଗଳ) ପାଇଁ ସନ୍ତୁଷ୍ଟ କରନ୍ତୁ ।

୨୧—ହେ ଶୂର (ବୀର) ବହୁତ ଭୂସୁର (ବ୍ରାହ୍ମଣ) ଅଣାଅ, ସେ ଚଣ୍ଡୀ [ସ୍ତ୍ରୀ]ର ଦର୍ଶନ ପାଇବା ପାଇଁ ଚଣ୍ଡୀପାଠ କରାଅ, ଅନନ୍ୟ ମନହୋଇ ମନୋରମ ରାମନାମକୁ ସର୍ବଦା ଭଜ । ସେ ରାମଚନ୍ଦ୍ର ସୁଗ୍ରୀବ ଓ ବିଭୀଷଣକୁ ତାରା (ବାଳିର ସ୍ତ୍ରୀ) ଓ ମନ୍ଦୋଦରୀକୁ ଦେଇଥିଲେ ।

୨୨—ରାମ ଭଦ୍ରପଦ ଉପେନ୍ଦ୍ରଭଞ୍ଜଙ୍କର ଶଙ୍କା ଦୂର କରୁଅଛି ଏବଂ ସମସ୍ତଙ୍କର ବିପଦ ନାଶ କରେ ଏଣୁ ସେ ପଦ ଅତ୍ୟନ୍ତ ମନୋରମ ଅଟେ, ସେ ସୁପ୍ରସନ୍ନ ହେଲେ ମଙ୍ଗଳ ପ୍ରକାଶ ପାଏ, ହେ ପଣ୍ଡିତମାନେ ଏ ଗୀତର ଶ୍ରେଷ୍ଠ ବର୍ଣ୍ଣନା ବିଧିକୁ ଉଚିତ ରୂପେ ସୁଚିତ୍ତରେ ବୁଝ ।

ନବମ ଛାନ୍ଦ

ରାଗ ମଙ୍ଗଳା ।

ଶୁଣ ଜନେ ଗୁଣ ମନେ ଏଥି ରହସ୍ୟ
ବେଶ ଢେଙ୍କେତେ ରଙ୍ଗେ ବିଦୂଷକ ପ୍ରବେଶ ॥ ୧
ଲୋହିତ-ଅମ୍ବର ପିନ୍ଧି କି ଆଡ଼ମ୍ବର । ତାମ୍ବୁଳ-ବୋଳରେ ଜରଜର ଅଧର ॥ ୨
ପ୍ରଲମ୍ବ ପ୍ରବାଳମାଳ ଅବଲମ୍ବରେ । ହୃଦୟ ଶୋଭୁ ହୃଦୟ ଅତିଶୟରେ ॥ ୩
ତରୁଣ ଅରୁଣ-ପଦ୍ମ ଗୋଟିଏ ତହିଁ । ସେହି ସୂତ୍ର ସହିତେ ଗଳାରେ ଗଳାଇ ॥ ୪
ସଙ୍ଗତରେ ଆଗତ ତା ପୋଟା ଗୋଟାଏ । ଦ୍ୱାର ସନ୍ନିକଟ ହୋଇ ପ୍ରକଟ ହୁଏ ॥ ୫
ଇଙ୍ଗିତେ ଭାଷିଲା ଅଳ୍ପ ହସିଲା ହୋଇ । ପ୍ରଚୁର କଲା ବିଚାର ଶୁଣିଲି ମୁହିଁ । ୬
ମୋ ବିନାରେ ସେ ନବୀନା ଦରଶନକୁ । କେ ଦେବ ହେ ବୋଲି ଦେବ-ଅଣମନକୁ ॥ ୭
ଠାରେ ସେଠାରେ ପ୍ରକାଶି ଦେଖ ବୋଇଲା । ମଣ୍ତପ ମଣ୍ତଣି ନେତ୍ର ଆଗ ଛୁଇଁଲା ॥ ୮

୧—ହେ ଲୋକେ ଏଥିର ରହସ୍ୟ ଶୁଣ ଓ ମନରେ ଚିନ୍ତାକର ବିଦୂଷକ ଢେଙ୍କେତେ ରଙ୍ଗରେ ବେଶ ହୋଇ ପ୍ରବେଶ କଲା ।

୨—ଲୋହିତ ଅମ୍ବର (ଲାଲ୍ଲୁଗା) ପିନ୍ଧି ମନରେ ଆଡ଼ମ୍ବର ବହି ଆସିଲା, ତାହାର ଅଧର ପାନବୋଳରେ ଜର ଜର ହୋଇଛି ।

୩—ପ୍ରଲମ୍ବ (ଲମ୍ବମାନ) ପ୍ରବାଳମାନ (ପୋହଳା ମାଳି) କୁ ଅବଲମ୍ବନ କରିଥିବାରୁ ହୃଦୟ ଅତ୍ୟନ୍ତ ସୁନ୍ଦର ହୋଇଅଛି ।

୪—ଗୋଟିଏ ତରୁଣ (ସଦ୍ୟ ପ୍ରସ୍ଫୁଟିତ) ରକ୍ତ ପଦ୍ମକୁ ତାହାର ସୂତା ସହିତ ଗଳାରେ ଗଳାଇ ହୃଦୟରେ ଲମ୍ବାଇଅଛି ।

୫— ତାହା ସଙ୍ଗରେ ଗୋଟିଏ ପୋଟା (ସ୍ତ୍ରୀ ପୁଂସ ଲକ୍ଷଣା) ଆସିଅଛି, ସେ ଦ୍ୱାର ନିକଟରେ ପ୍ରବେଶ ହେଲା ।

୬—ଅଳ୍ପ ଅଳ୍ପ ହସି ଇଙ୍ଗିତରେ- କହିଲା ତୁମ୍ଭେ ଯେଉଁ ବିଚାର କରୁଥିଲ ମୁଁ ତାହା ସବୁ ଶୁଣିଅଛି ।

୭—ହେ ଦେବ ମୋ ଛଡ଼ା ସେ ସୁନ୍ଦରୀକୁ କିଏ ଦେଖାଇ ପାରିବ ବୋଲି ମନରେ ଭାବୁଛ ।

୮—ସେଠାରେ ଗୋଟିଏ ଠାର ପ୍ରକାଶ କରି କହିଲା ଦେଖ, ମଣ୍ତପ ମଣ୍ତଣି (ପତାକା)କୁ ଦେଖାଇ ଆପଣା ନେତ୍ରକୁ ଛୁଇଁଲା, (ଏପରି ଠାରବା ଦ୍ୱାରା ଜଣାଇଲା ଯେ ସେ ସୁନ୍ଦରୀର ନେତ୍ର ଶୋଭା ଦେଖ)

କାହିଁଛୁ କାହିଁଛୁ ବୋଲି ବିରାଟ ଦେଶ । ଖୋଜ ହେଜ ଉଡ଼ାଟେ ହୋଇଛୁ
ପ୍ରକାଶ ॥୯
ପୋଷା ନଟ ଖଞ୍ଜରୀଟ କୁରଙ୍ଗ ଆଣି । ସୁରଙ୍ଗ କରାଇ ଛାଡ଼ି ଦେଲା ଯେ ପୁଣି ॥୧୦
ଇନ୍ଦିରା-ମନ୍ଦିର ଇନ୍ଦୀବର ଅଣାଇ । ଇନ୍ଦ୍ରାସ୍ୟରେ ଅଙ୍ଗୁଳି ଦେଖାଇ ଜଣାଇ ॥୧୧
ଅଙ୍ଗେ ଅଙ୍ଗେ ଦେଖାଇବି ମୁଁ ଏହିମତେ । କେ ତହିଁ ହସିଲେ ପରଶଂସିଲେ
କେତେ ॥୧୨
ସ୍ତ୍ରୀପୁଂସ ଲକ୍ଷଣା ଭିକ୍ଷେ ଲକ୍ଷଣାଗଣ । ମାର୍ଗଣ ହେଲେ ତା ତନୁତନୁକେ ଜାଣ ॥୧୩
ପୁଣ ପ୍ରତିଗୁଣ କିଛି କିଛି ପାଇଲେ । ଅନ୍ୟ ଉପମାରେ ଅନୁଗତ ହୋଇଲେ ॥୧୪
ଦୟା-ହୃଦୟା ସେ ରାମା ଘେନ ମନକୁ । ଗ୍ରହ ତେଜି ଅନୁଗ୍ରହ କଲା ତାହାଙ୍କୁ ॥୧୫
ଏ ଅନୁମାନ ମାନ ସେ କରି ସୁବୁଦ୍ଧି । ବିରୋଧୀକି ଏ ବିଧିରେ କରନ୍ତି ସିଦ୍ଧି ॥୧୬
ବନ୍ଧୂକ-ବନ୍ଧୁ-ଅଧରା ପ୍ରୟୋଗ ଖ୍ୟାତ । ସୁନ୍ଦର ଦର-ସୋଦର-ହାସୀ କହନ୍ତି ॥୧୭

୯—ବିରାଟଦେଶ (ମତ୍ସ୍ୟଦେଶ) କେଉଁଠାରେ ଅଛି ଖୋଜି ହେଜି ଉଡ଼ାଗରେ (ପୁଷ୍କରିଣୀରେ) ପ୍ରକାଶ ହୋଇଅଛି ବୋଲି ଠାରି ଦେଖାଇଲା (ପୁଷ୍କରିଣୀରେ ଥିବା ମୀନ ପରି ତାହାର ଚକ୍ଷୁ)

୧୦—ପୁଣି ସେ ପୋଷା ଓ ନାଚ କରୁଥିବା ଖଞ୍ଜନପକ୍ଷୀ ଏବଂ କୁରଙ୍ଗ (ମୃଗ) କୁ ଆଣି ରଙ୍ଗ (ଚଞ୍ଚଳ) କରାଇ ଛାଡ଼ି ଦେଲା, (ତାହାର ଚକ୍ଷୁ ଏପରି) ।

୧୧—ଇନ୍ଦିରା (ଲକ୍ଷ୍ମୀ) ତାହାଙ୍କର ମନ୍ଦିର (ପଦ୍ମ) ଏବଂ ଇନ୍ଦୀବର (ନୀଳପଦ୍ମ) ଅଣାଇ ଇନ୍ଦ୍ରାସ୍ୟ (ମୁଖ ଏବଂ ନେତ୍ର) କୁ ଅଙ୍ଗୁଳି ଦେଖାଇ ଜଣାଇଲା ଯେ ତାହାର ମୁଖ ପଦ୍ମପରି ଏବଂ ଚକ୍ଷୁ ଇନ୍ଦୀବର ପରି ।

୧୨—ମୁଁ ଏହିପରି ପ୍ରତି ଅଙ୍ଗରେ ଦେଖାଇବି ଏହା ଶୁଣି କେତେ ହସିଲେ କେତେ ପ୍ରଶଂସା କଲେ ।

୧୩—ପୋଷା କହିଲା ଲକ୍ଷଣାଗଣ (ଉପମାସମୂହ) ତାହାର ତନୁ ତନୁକେ (ପ୍ରତି ଅଙ୍ଗରେ) ମାର୍ଗଣ (ଶୋଭା ପ୍ରାର୍ଥୀ) ହେଲେ ।

୧୪—ମାଗିବାରୁ କିଛି କିଛି ପ୍ରତିଗୁଣ ପାଇ ତାହାର ଉପମା ନୋହିଁ ଅନ୍ୟ ସ୍ତ୍ରୀମାନଙ୍କର ଉପମା ହେବାକୁ ଅନୁଗତ ହେଲେ ।

୧୫—ସେ ରମଣୀ ଦୟାର୍ଦ୍ର ହୃଦୟା ଏହା ମନକୁ ଆଣି ପେଣୁ ସେ ଉପମାମାନଙ୍କଠାରେ ଗ୍ରହ (ବିବାଦ) ନ କରି ଅନୁଗ୍ରହ କଲା ।

୧୬—ପଣ୍ଡିତମାନେ ମନରେ ଏହି ଅନୁମାନ କରି ବିରୋଧୀ (ଉପମା) ମାନଙ୍କୁ ଏ ବିଧିରେ (ମିତ୍ର ଭାବରେ) ସିଦ୍ଧି କରନ୍ତି ।

୧୭—ଯାହାକୁ ବନ୍ଧୂକ ବନ୍ଧୁ ଅଧରା ବୋଲି ପ୍ରୟୋଗ କରନ୍ତି, ବନ୍ଧୂକ (ବଧୁଲି ଫୁଲ) ତାହାର ବନ୍ଧୁ ଅଧର ଯାହାର, ଏ ସୁନ୍ଦର ଅଟେ ଯେ ଦର (ଶଙ୍ଖ)ର ସୋଦର (ସହୋଦର) ହାସ ଯାହାର ।

ଶୋଭା-ଯଶ ପ୍ରଚୁର ଚନ୍ଦ୍ର ସଚରାଚର । ଧ୍ୟାନେ ଦର୍ଶନେ ଏସନେ ହୋଇଲେ ଦ୍ୱାର ॥୧୮
ଅନୁଚିତ ବଚଲେ କି ଚିତ୍ତକୁ ଆଣି । ଗୃହୁଁବହୁଁକୁ ସୁଜାଣ ବୋଲନ୍ତି ଜାଣି ॥ ୧୯
ଶ୍ରବଣରେ ଚିତ୍ତ ଗଲା ଦ୍ରବଣ ହୋଇ । ମାର ମାରଣ ଉଦ୍ୟମ ଆରମ୍ଭି ତହିଁ ॥ ୨୦
ଶିଳୀମୁଖ ଗୁଣେ ଶିଳୀମୁଖ ଥୋଇଲା । ଉଚ୍ଛିନ୍ନ ଅଛିନ୍ନ ସେ କୁମର ହୋଇଲା ॥୨୧
ବିଚାରିଲା ପଚାରିଲା ଜାଣୁ କି ତୁହି । ଉଚାରିଲା ସେ ବାଣୀକି ଶୁଣିଛୁ ମୁହିଁ ॥ ୨୨
ବାମନ ଦର୍ଶନେ ମୁଁ ଯେ ଗମନ କଲି । ଉକ୍ତସ୍ତିମିଠାରେ କାତ୍ୟାୟିନୀ ଦେଖିଲି ॥୨୩
ସେହି ସେହିଠାକୁ କରୁଥିଲା ଗମନ । କହି କହି ଗଲା ଦିବ୍ୟ ଗ୍ରାମ ଶୋଭନ ॥ ୨୪
ସେ ଦିନକୁ ଯଉବନ ସେବନ ତାକୁ । କରୁଥିଲା ନ ଥିଲା ଉପମା ଦେବାକୁ ॥୨୫
କି କହିଲା ସେ ଉଲ୍ଲାସେ ମନ୍ତ୍ରୀ-ଜ ଭଣି । ସୁଲକ୍ଷଣା ସେ ଲକ୍ଷଣା ଶୁଣିମା ପୁଣି ॥ ୨୬
ପୋଢ଼ା ରସାଭାସେ ରସାଇଲା ମାନସ । ରତି ଧେନ ଚରିତେ ତା ଚିତ୍ତେ ପ୍ରବେଶ ॥୨୭
ମନୋଭବ ଗ୍ରହିଁ ଭାବ ଭବଜୟକୁ । ଯୌବନ ଶିଳ୍ପୀ ସଂରଚୁ ଶସ୍ତ୍ର ଚୟକୁ ॥ ୨୮

୧୮—ଉପମାମାନେ ସେ ଗ୍ରାମର ଶୋଭାଯଶ ସଚରାଚର ପ୍ରଚୁର କରି ଧ୍ୟାନଦ୍ୱାରା ତାହାର ଶୋଭା ଦର୍ଶନ ବିଷୟରେ ଦ୍ୱାର ସ୍ୱରୂପ ହେଲେ ।

୧୯—ଅତଏବ ମନରେ ବିଚାର କରି ଗୃହୁଁବହୁଁ (ବହୁପକ) ଅନୁଚିତ କହିଲେ କି ? ତାହାଙ୍କୁ ଜ୍ଞାନୀ ବୋଲି ଜାଣି ।

୨୦—ଏହା ଶୁଣିଲାମାତ୍ରେ କୁମାରଙ୍କର ଚିତ୍ତ ତରଳିଗଲା, କାମ ମାରିବାକୁ ଉଦ୍ୟମ ଆରମ୍ଭିଲା ।

୨୧—ଶିଳୀମୁଖ (ଭ୍ରମର) ଗୁଣରେ (କାମ ଧେନୁରେ ଗୁଣ ଭ୍ରମର ଶ୍ରେଣୀ) ଶିଳୀମୁଖ (ବାଣ) ରଖିଲା । ସେ କୁମର ତହିଁରେ ଅଚ୍ଛିନ୍ନ ହୋଇ ଉଚ୍ଛିନ୍ନ (ଉଦ୍‌ବେଗ) ହେଲା ।

୨୨—ସେ ବିଚାର କରି ପଚାରିଲା ତୁମ୍ଭେ କଣ ଜାଣ ସେ କହିଲା ମୁଁ ସେ କଥା ଶୁଣିଛି ।

୨୩—ମୁଁ ବାମନଙ୍କୁ ଦେଖିବାପାଇଁ ଯାଉଁ ଯାଉଁ ଉକ୍ତସ୍ତିମିଠାରେ କାତ୍ୟାୟନୀ (ଗୈରିକବସନା ଅର୍ଦ୍ଧବୃଦ୍ଧା ବିଧବା ସ୍ତ୍ରୀ) କୁ ଦେଖିଲି ।

୨୪—ସେ କାତ୍ୟାୟନୀ ସେଠାକୁ ଯାଉଥିଲା, ଗ୍ରାମର ଅଲୌକିକ ଶୋଭା ବର୍ଣ୍ଣନ କରିଗଲା ।

୨୫—ସେ ଦିନକୁ ଯୌବନ ତାକୁ ସେବୁଥିଲା ଅତଏବ ଉପମା ଦେବାକୁ କିଛି ନ ଥିଲା ।

୨୬—ମନ୍ତ୍ରୀପୁତ୍ର ଉଲ୍ଲାସରେ କହିଲେ କଣ ସେ କହିଲା, ସୁଲକ୍ଷଣା (ପୋଢ଼ା) କହିଲା, ସେ ଲକ୍ଷଣମାନ ଶୁଣିମା ହେଉ ।

୨୭।୨୮-ପୋଢ଼ା ରସର ଆଭାସ ଦେଇ ସମସ୍ତଙ୍କ ମନକୁ ବଶେଇ କହି-କାମ ରତିକି ଧେନ ଉଚିତମତେ ତାହାର ଚିତ୍ତରେ ପ୍ରବେଶ କରି ଭବ (ଶିବ, କିମ୍ବା ସଂସାର) କୁ ଜିଣିବା ପାଇଁ ଯୌବନରୂପ ଶିଳ୍ପୀଦ୍ୱାରା ଶସ୍ତ୍ରମାନଙ୍କୁ ନିର୍ମାଣ କରାଇ ସଞ୍ଚିମ୍ଭ କଲା ।

ରସମୟ-ସମୟକୁ ଅଙ୍କୁର ରଚେ । ରାମା କୁଚ ରାମାନୁଜ ବାଡ୍ଡୁଳି ନାଚେ ॥ ୨୯
ସୁମତିରେ ସୁମତିରେ ପର୍ବତାକାର । ହୋଇବ ଦାଇବ କୃତ୍ୟ ଅଛି ଏଥିର ॥ ୩୦
ରଞ୍ଜନ ଧୈର୍ଯ୍ୟ-ଭଞ୍ଜନ ଗଦା ରୋମାଳୀ । ଅର୍ଦ୍ଧଚନ୍ଦ୍ରଶର ଭଳି ଅଳକ ଝଳି ॥ ୩୧
ପରଶୁ ପରମରମ୍ୟ ଭ୍ରୂକୁ ଧରିଛି । ମନ ବନ୍ଧନକୁ କେଶ ପାଶ କରିଛି ॥ ୩୨
ହୋଇଛି ନିତମ୍ବ-ବିମ୍ବ ଚକ୍ର ପ୍ରକାଶ । ପବିକି ପବିକି କରେ ସୁମଧ୍ୟଦେଶ ॥ ୩୩
ଈକ୍ଷଣ-ଶର କଟାକ୍ଷ ତୀକ୍ଷଣ ବହି । କପାଳସାର ସାରଙ୍ଗ ନିକଟେ ରହି ॥ ୩୪
ପ୍ରଜ୍ବଳ କଜ୍ଜ୍ବଳ ଗୁଣ କରି ସଂଯୋଗ । ସବ୍ୟସାଚୀ ଦୀକ୍ଷା ଶିକ୍ଷା କରେ ଅନଙ୍ଗ ॥ ୩୫
ବାଜିଲଣି ଲୋକାତୁର ତୂର ନୂପୁର । ରଣରଣ କହୁଛନ୍ତି ସେ ନିରନ୍ତର ॥ ୩୬
ଯେତେକ କହିଲି ମୁଁ ତେତେକ କହିଲି । ମଉନ ହୋଇଲା ପୋଥି
ଏତେକ ବୋଲି ॥ ୩୭
ଅଳପ କି କଳପତରୁ ସେ ତରୁଣୀ । ସୁମନା ଲକ୍ଷ୍ୟ କାମନା-ସିଦ୍ଧି-କାରଣୀ ॥ ୩୮

୨୯—ରସମୟ ସମୟକୁ (ପୁଷ୍ପସମୟ ଆରମ୍ଭ ବେଳକୁ) ସ୍ତନମାନଙ୍କର ଅଙ୍କୁର (ପ୍ରଥମ ଆରମ୍ଭ) ରଚିଲା, ସେ ରାମାର ସ୍ତନ ରାମାନୁଜ (ଭରତ) ର ବାଡ୍ଡୁଳି ନାଚିଯାଏ ।

୩୦—ଉତ୍ତମ ବୁଦ୍ଧିରେ ଭାବିଲି ଯେ ଏ ସ୍ତନ ପର୍ବତାକାର ହୋଇଯିବ ଏଥିରେ ବାଧାତା କୃତ୍ୟ ଅଛି ।

୩୧—ମନୋହର ରୋମାବଳି ଧୈର୍ଯ୍ୟଭଞ୍ଜନକାରୀ ଗଦା ହେଲା । ଅଳକ (ଚୂର୍ଣ୍ଣ କୁନ୍ତଳ) ଅର୍ଦ୍ଧଚନ୍ଦ୍ରାକାର ଶର ପରି ଶୋଭିଲା ।

୩୨—ଅତି ମନୋହର ଭ୍ରୂଲତାରୂପ ପରଶୁ (ଅସ୍ତ୍ର) ଧରିଅଛି । ମନକୁ ବାନ୍ଧିବା ପାଇଁ କେଶକୁ ପାଶ କରିଅଛି ।

୩୩—ନିତମ୍ବ ବିମ୍ବ (ନିତମ୍ବ ମଣ୍ଡଳ) ଚକ୍ରାସ୍ତ୍ର ପରି ପ୍ରକାଶ ପାଉଅଛି । ଉତ୍ତମ ମଧ୍ୟଭାଗ ପବିକି (ବଜ୍ରକୁ) ପରାଜୟ କରି ଦେଉଛି ।

୩୪—ନୟନ ରୂପଶର କଟାକ୍ଷ ରୂପ ତୀକ୍ଷ୍ଣତାକୁ ବହିଛି । ସାର କପାଳ ସାରଙ୍ଗ (ଧନୁହୋଇ) ତାହା ନିକଟରେ ଅଛି ।

୩୫—ଅନଙ୍ଗ (କାମ) ଉଜ୍ଜ୍ବଳ କଜ୍ଜ୍ବଳ ରୂପଗୁଣକୁ ସେ ଧନୁରେ ଯୋଗ କରି ସବ୍ୟଶାଚୀ (ଅର୍ଜୁନଙ୍କର) ଦୀକ୍ଷା (ବାମ ଓ ଡାହାଣ ଉଭୟପାର୍ଶ୍ବରେ ଶର ନିକ୍ଷେପ କରିବା)କୁ ଶିକ୍ଷା କରୁଅଛି ।

୩୬—ଲୋକମାନଙ୍କୁ ଆତୁର କରାଇବା ପାଇଁ ନୂପୁର ରୂପକ ତୂର (ବୀରବାଦ୍ୟ) ବାଜିଲଣି । ସେ ବାଦ୍ୟ ସର୍ବଦା ରଣ ରଣ (ଜୟ) କହୁଛନ୍ତି ।

୩୭—ସେ କାତ୍ୟାୟନୀ ମତେ ଯେତକ କହିଥିଲେ ମୁଁ ସେତକ କହିଲି ଏହାକହି ପୋଥା ମୌନହେଲା ।

୩୮—ସେ ତରୁଣୀ ଅଳ୍ପକି ? ସେ କଳ୍ପତରୁ ପରି । ସୁମନା (ଦେବତା) ଭୁଲ୍ୟ କାମନା ସିଦ୍ଧିକାରିଣୀ ।

ଚନ୍ଦ୍ରହଂସ ବୋଲନ୍ତେ ବୀର ବଚନରେ ଭୃଷା । ସ୍ୱଭାବ ଭାବନା ଅମ୍ଭ ଲୋଚନଆଶା ॥୩୯
ବିଫଳ ନ କର ଏହା କରିବ ଠିକ । ଅର୍ଥିକ ଅମ୍ଭେ ତୁମ୍ଭେ ସେ ପଥ ପଥିକ ॥ ୪୦
ଦେଖାଅ ସରଣୀ ଆନ ଶରଣ ନାହିଁ । ବିସ୍ମିତ ନାଶିବା ବୋଲି ସସ୍ମିତ ହୋଇ ॥
ଅମ୍ଭ ଆୟତ୍ତ ଏତେକେ ଦର୍ଶନ ଦେବା । ତୁମ୍ଭ ଉଦ୍ୟମ ଉଦୟୁ ପ୍ରସନ୍ନ ହେବା ॥ ୪୨
ସୁମନ୍ତ-ଶିଷ୍ୟ କହିଲେ ମନ୍ତ୍ରବଳରେ । ଜୀବନରେ ନେବୁଁ ରାମା କେଳିବନରେ ॥୪୩
ସଚିବର ସୁତ ବୋଲେ ଏମନ୍ତ ହେଲେ । ଶଚୀ-ବରପଦ ତୁଚ୍ଛ କରିବେ ଭଲେ ॥୪୪
ଯେଉଁ ଅଭିରାମ ରାମ ବାମନମୂର୍ତ୍ତି । ଉପଇନ୍ଦ୍ର ଭଞ୍ଜର ସକଳ ସମ୍ପତ୍ତି । ୪୫
ପଦ ଧ୍ୟାନେ ମୋର ଗୀତ ସ୍ଫୁରିତ । ଶଚୀନାହେ ପୂର୍ଣ୍ଣ କରିବାର ଏ ଗୀତ ॥

୩୯—ଅଦ୍ଭୁତ ପୁରୁଷ ଏହିକଥା କହିବାରୁ ବୀର କହିଲେ ଅମ୍ଭର ଦେଖିବା ପାଇଁ ଆଶା ଜନ୍ମିବାରୁ ସ୍ୱଭାବରେ ଭାବନା ହେଉଛି ।

୪୦—ତୁମ୍ଭେ ଏହାକୁ ବିଫଳ ନ କରି ଠିକ୍ କରିବ ଅମ୍ଭେ ପ୍ରାର୍ଥୀ ତୁମ୍ଭେ ସେପଥରେ ପଥିକ ଅଛ ।

୪୧—ସରଣୀ (ବାଟ) ଦେଖାଅ ଅମ୍ଭର ଅନ୍ୟ ଆଶ୍ରୟ ନାହିଁ, ଏହା କହି ବିସ୍ମିତ ହେବାରୁ ସେ ପୁରୁଷ ଅଳ୍ପ ଅଳ୍ପ ହସି କହିଲେ ତୁମ୍ଭର ବିସ୍ମୟ ଦୂର କରିବା ।

୪୨—ଦର୍ଶନ ଦେବା ଅମ୍ଭ ଆୟତ୍ତ କିନ୍ତୁ ସେ ରାମା କିପରି ତୁମ୍ଭଠାରେ ପ୍ରସନ୍ନ ହେବ ଏହା ତୁମ୍ଭର ଉଦ୍ୟମରେ ହେବ ।

୪୩—ତହୁଁ ସୁମନ୍ତଶିଷ୍ୟ (ଚନ୍ଦ୍ରହଂସ) କହିଲେ ଅମ୍ଭେ ମନ୍ତ୍ରବଳରେ ଜୀବନରେ (ଅତିଶୀଘ୍ର) ରାମାର କ୍ରୀଡ଼ା ଉପବନକୁ ନେଇ ଯିବୁ ।

୪୪-୪୬—ମନ୍ତ୍ରୀପୁତ୍ର କହିଲା ଯେବେ ଏପରି ହେବ ତେବେ ଶଚୀବର ପଦ (ଇନ୍ଦ୍ରପଦ) ଅକ୍ଲେଶରେ ତୁଚ୍ଛ କରି ଦେବେ । ଅଭିରାମ ବାମନ ମୂର୍ତ୍ତି ରାମ ଉପେନ୍ଦ୍ର ଭଞ୍ଜର ସବୁ ସମ୍ପତ୍ତି, ତାହାଙ୍କର ପଦପଦ୍ମ ଧ୍ୟାନରେ ମୋହର ଗୀତପଦ ସ୍ଫୁରେ ସେ ମୋର ଏ ଗୀତକୁ ପୂର୍ଣ୍ଣ କରିବେ ଏହା ଆଶ୍ଚର୍ଯ୍ୟ ନୁହେଁ ।

ଦଶମ ଛାନ୍ଦ

(ସୁନ୍ଦରୀର ବନବିହାର)

ରାଗ କଉଶିକ

ଏହି ଦିବସେ ମଧୁର ମଧୁ-ମାସେ ମଧୁ ଚ ମଧୁ-କଣ୍ଠ-ଭାଷି ।
ସୁଧାଂଶୁ-ପ୍ରଭା ସୁଧା-ପୁରେ ବସୁଧା-ମଣ୍ଡନା ସୁଖେ ଥିଲା ବସି ।
ଗୁହିଁ ସ୍ତନକୁ । କି ଘେନି ମର୍ଦ୍ଦଳ ବଜାଇ ।
ଖେଳିବା ଗୋ ପଶା ତପସ୍ୟା-ଭଙ୍ଗିନୀ ସଙ୍ଗିନୀକି ଗୁହିଁ ବୋଲଇ ॥ ୧

ଶଚୀ-କଳା କଳା-ଲାଳସୀ ସୁନ୍ଦରୀ-କଳାପେ ପ୍ରକାଶିଲା ଛଳ ।
ଜଗତେ ଯୁଗତେ ପ୍ରାବୃଟ ଆଗତେ ପ୍ରକଟ ହୁଅଇ ସେ ଖେଳ ।
ଏକାକାର ସେ । ବିଦିତ ମିଥୁନ ହେବାରେ ।
କରୀ ଦ୍ୱିଜର କାଠି ନରେ ଆନନ୍ଦ ଦାନତ ପାଣି ଢାଳିବାରେ ॥ ୨

୧—ଏହିଦିନ ସୁନ୍ଦର ମଧୁ (ଚୈତ୍ର) ମାସରେ ମଧୁର (ସୁମିଷ୍ଟ) ମଧୁକଣ୍ଠ (କୋକିଳ) ଭାଷି, ଧରଣୀମଣ୍ଡନା ସେ ସୁନ୍ଦରୀ ସୁଧାଂଶୁପ୍ରଭା ସୁଧାପୁରେ (ଚୂନଲେପା ଘରେ) ସୁଖରେ ବସି ସ୍ତନକୁ ଗୁହିଁ ବିଗୁର କରି ତପସ୍ୟା ଭଙ୍ଗ କାରିଣୀ ମର୍ଦ୍ଦଳ ବଜାଇ ସଙ୍ଗିନୀକୁ ଅଗୋ ପଶା ଖେଳିବା ବୋଲି କହଇ (ମର୍ଦ୍ଦଳ ଏବଂ ପଶାସାର ସହିତ ସ୍ତନର ସାମ୍ୟ ଥିବାରୁ ତାକୁ ତାଡ଼ନ କରିବା ଇଚ୍ଛାରେ ଏପରି କଲା)।

୨—କଳାଲାଳସୀ (ଚତୁଃଷଷ୍ଟୀ କାମକଳାରେ ସ୍ନେହୀ) ଶଚୀକଳା ନାମରେ ଏକ ସଖୀ ସୁନ୍ଦରୀସମୂହରେ ଛଳ ପ୍ରକାଶ କଲା, ଜଗତରେ ଯୁଗତେ (ଉପଯୁକ୍ତରୂପେ) ପ୍ରାବୃଟ (ବର୍ଷାକାଳ) ଆସିଲେ ସେ ଖେଳ ପ୍ରକଟ ହୁଏ, ସେ ଖେଳ ଓ ବର୍ଷାକାଳ ସମାନ । ବର୍ଷାକାଳ ମିଥୁନ (ଆଷାଢ଼ମାସ) ହେଲେ ପ୍ରକାଶ ପାଏ ପଶାଖେଳ ମିଥୁନ (ଯୁଗଜଣ) ହେଲେ ପ୍ରକାଶ ହୁଏ । ବର୍ଷାକାଳ କାଠିନରେ (ନକ୍ଷତ୍ର ବାହନରେ) ପାଣି ଢାଳିବାରୁ ଦ୍ୱିଜର (ପକ୍ଷୀମାନଙ୍କର) ଆନନ୍ଦକୁ ଦାନ (ଛେଦନ) କରେ । ପଶାଖେଳରେ ନରେ କରୀଦ୍ୱିଜର (ହାତୀ ଦାନ୍ତର) କାଠିପରି ପାଣି (-ହସ୍ତ) ଢାଳିବାରେ ଦାନପକାଇ ଆନନ୍ଦ ହୁଅନ୍ତି ।

ଦେଖୁଁ ଦେଖୁଁ କରେ ସୁମନା ଉତ୍‌ଫୁଲ୍ଲ ପୁନଃପୁନଃ ବାଦ୍ୟ ପ୍ରଚୁର ।
କେତେବେଳେ ସେହୁ ଅଚଳ ଭଜଇ ଚଳ ପ୍ରଚଳ ଘନ-ସାର ॥
ମାର ପ୍ରତାପ । ଘୋଷ ଅଧିକରେ ପ୍ରକାଶ ।
ସେ କାଳ ହୋଇଲେ ସେ ଖେଳ ଖେଳିବା ନ୍ୟାୟୁବଳେ ହୁଅ ଅବେଶ ॥ ୩

ବସନ୍ତେ ହୁଏ ଦ୍ୱିଗୁଣ ଏକ ପ୍ରାୟେ ସମସ୍ତ ରାଜା ହୋଇ ଜାତ ।
ପାଞ୍ଚ ମନୋଭବ ଅଧିକ ହୁଅଇ ଶଚୀ-ବରେ ସେ ପ୍ରଶଂସିତ ॥
ଏତେ ସୁଖଦ । ଗନ୍ଧର୍ବ ଲୀଳାମାନ ରଚ ।
ତରଣୀପ୍ରଭା ନାଗେଶ୍ୱର ଶୋଭାକୁ ବଢ଼ାଇ ପଦଗରେ ରୁଚ ॥ ୪

୩—ଦେଖୁ ଦେଖୁ ସୁମନା (ମାଳତୀକୁ) ଉତ୍‌ଫୁଲ୍ଲ କରେ, ପୁନଃ ପୁନଃ ବାଦ୍ୟର ପ୍ରଚୁର ହୁଏ, ଘନସାର (ବଡ଼ ବଡ଼ ମେଘଶ୍ରେଣୀମାନ) ଚଳଚଳେ ହୁଅନ୍ତି, ପୁଣି କେତେବେଳେ ସେମାନେ ଅଚଳ ହୁଅନ୍ତି । ମାର (କାମ)- ପ୍ରତାପ ଏବଂ ଘୋଷ (ମେଘଗର୍ଜନ) ଅଧିକ ପ୍ରକାଶ ପାଏ । ପାଶାଖେଳ ଦେଖି ସୁମନା (ବିଳାସୀ) ମାନେ ଆନନ୍ଦିତ ହୁଅନ୍ତି, ବାଦ୍ୟ ପ୍ରଭୃତି ଦାନ ପଣ ତହିଁରେ ପ୍ରଚୁର କରେ, ସାର ସବୁ ଘନ ଘନ ଚଳପ୍ରଚଳ ହୁଅନ୍ତି, କେତେବେଳେ ଅବା ଅଚଳ ହୁଅନ୍ତି ମାର ମାର ଏହିଶବ୍ଦ ଅଧିଭାବରେ ପ୍ରକାଶ ପାଏ । ଅତଏବ ସେକାଳ ହେଲେ ସେ ଖେଳ ଖେଳିବା, ବର୍ତ୍ତମାନ ନ୍ୟାୟୁବଳ ଖେଳିବାରେ ତତ୍ପର ହୁଅ ।

୪—ବସନ୍ତରେ ଏବଂ ନ୍ୟାୟୁବଳ ଖେଳରେ ଦୁଇଗୁଣ ଏକ ପ୍ରକାର ଅଟେ । ବସନ୍ତକାଳରେ ସମସ୍ତ ରାଜା ଜାତ ହୁଏ, ମନୋଭବପାଞ୍ଚ (କାମକେଳି ବାଗୁର) ଅଧିକହୁଏ ସେକାଳ ଶଚୀବରେ (ଇନ୍ଦ୍ରରେ) ପ୍ରଶଂସିତ, ଗନ୍ଧର୍ବ (କୋକିଳ) ଲୀଳାମାନ ରଚଇ, ସେକାଳ ତରଣୀ (ସୂର୍ଯ୍ୟ) ପ୍ରଭା ଓ ନାଗେଶ୍ୱର ବୃକ୍ଷ ଶୋଭାକୁ ବଢ଼ାଏ । ପଦଗରେ (ପାଦଗ୍ରସ୍ତ ହେବା ଶପଥରେ) ରୁଚ ବଢ଼ାଏ । ବସନ୍ତକାଳ ଏତେ ସୁଖଦ ଅଟେ । ନ୍ୟାୟୁବଳଖେଳରେ ଏକଥର ରାଜା ହୁଏ, ମାନସିକ ବାଗୁର ଅଧିକହୁଏ, ସଚୀବରେ (ମନ୍ତ୍ରୀନାମାସାରରେ) ଖେଳ ପ୍ରଶଂସିତ ତହିଁରେ ଗନ୍ଧର୍ବ (ଘୋଡ଼ାସାର) ବକ୍ରଗତିରେ ଲୀଳାମାନ ରଚଇ; ସେ ଖେଳ ତରଣୀ (ନୌକାରେ) ପ୍ରଭା ନାଗେଶ୍ୱର (ହସ୍ତୀସାର) ଶୋଭାକୁ ଏବଂ ପଦ-ଗରେ (ପାଇକସାରରେ) ରୁଚ (ଅନୁରାଗକୁ) ବଢାଏ । ସେ ଖେଳ ଏତେ ସୁଖଦ ଅଟେ ।

ବାଲା କହିଲ ହେଲ ପର ବିରସ ସାର-ସିନା ରସ ସେ ସହି ।
ବାଣୀ ବାଣୀକା ଭାଷିଲ ମୁଁ ହେଉଛି ଯୋଷା ଈରଷ୍ୟା ଅଛି ତହିଁ ।
ଶୁଣି ରମଣୀ । ବେଗ ଅଧୋମୁଖୀ ହୋଇଲା ।
ଏକାଳେ ମିଳି କାଦମ୍ବିନୀ ନବୀନ-ନିତମ୍ବିନୀ ଆଗେ ବୋଇଲା ॥ ୫
କଉଶିକୀ ତଟ ନିକଟ ଅଟବି ମଧ୍ୟେ ବ୍ରଜଲୀଳା ହେଉଛି ।
ଗୁଣ-ନିଧାନି ସାବଧାନୀ ହୁଅ ରେ ଦେଖି ଯିବାକୁ ମୁଁ କହୁଛି ।
କହ କେମନ୍ତ । ମତ୍ତକାଶିନୀ ପଚ୍ଚରିଲା ।
ଚତୁରୀ ସଖୀ ବହୁତ ଚତୁରୀରେ ତୁରିତେ ବାଣୀ ଉଚ୍ଚାରିଲା ॥ ୬
ଶୁଣ ରେ ରୁଚିରାଧିକା ଚନ୍ଦ୍ରାବଳୀ ବିରାଜିତ ଅନୁପମରେ ।
କୁଞ୍ଜରେ ଲଳିତା ବିଶାଖା କ୍ରୀଡ଼ିତ ଇନ୍ଦୁରେଖା ଚିତ୍ରା ରମ୍ୟରେ ।
ଅଛି ସୁଦେବୀ । ପୁଣି ତୁଙ୍ଗବିଦ୍ୟା ନିପୁଣେ ।
ଭାବନ୍ତି ରଙ୍ଗଦେବୀ ଚମ୍ପକଲତା ମଧୁସୂଦନର ଭ୍ରମଣେ ॥ ୭

୫—ସାରପୁରୁଷ ରସରେ ବିରସ ହେଲାପର ସେ ବାଳା ପଶା ଖେଳରେ ବିରସ ହୋଇ କହିଲା, ତାହା ଶୁଣି ବାଣୀକା କହିଲା ମୁଁ ଭାବୁଛି ସଖୀର ସେ ଖେଳରେ ଈର୍ଷା ହୋଇଅଛି, (ସାର ସ୍ତନ ସହିତ ସମାନ ହେବାରୁ ଈର୍ଷା) । ରମଣୀ ତାହାଶୁଣି ଶୀଘ୍ର ଅଧୋମୁଖୀ ହେଲା, ଏହି ସମୟରେ କାଦମ୍ବିନୀ ଆସି ସେ ନୂଆନିତମ୍ବିନୀ ଆଗରେ କହିଲା ।

୬—କୌଶିକୀନଦୀତୀରବର୍ତ୍ତୀ ଅରଣ୍ୟ ମଧ୍ୟରେ ବ୍ରଜଲୀଳା ହେଉଛି,ରେ ଗୁଣନିଧାନି ତୁମ୍ଭେ ସାବଧାନୀ ହୁଅ, ଦେଖି ଯିବାକୁ ମୁଁ କହୁଛି । ମତ୍ତକାଶିନୀ (ଉତ୍ତମା ସ୍ତ୍ରୀ କୋଟିବ୍ରହ୍ମାଣ୍ଡସୁନ୍ଦରୀ) ପଚାରିଲା "କେମନ୍ତ ସେ ବ୍ରଜଲୀଳା କହ"। ସେ ଚତୁର ସଖୀ ଚତୁରତାରେ ଶୀଘ୍ର କହିଲା ।

୭—ରେ ସୁନ୍ଦରୀ ! ଶୁଣ ବ୍ରଜଲୀଳାର ଶୋଭା,ଅନୁପମରେ ବିରାଜିତ, କୁଞ୍ଜରେ ଲଳିତ ବିଶାଖା, ଇନ୍ଦୁରେଖା, ଚିତ୍ରା ମନୋହର ରୂପେ କ୍ରୀଡ଼ା କରୁଛନ୍ତି, ପୁଣି ସେଠାରେ ସୁଦେବୀ ଅଛି, ଚତୁର ଭାବରେ ତୁଙ୍ଗ ବିଦ୍ୟାଅଛି, ରଙ୍ଗଦେବୀ ଓ ଚମ୍ପକଲତା ମଧୁସୂଦନଙ୍କ ଭ୍ରମଣ ବିଷୟରେ ଭାବନା କରୁଅଛନ୍ତି । ଇନରେ ରୁଚିରାଧିକା (ଅତିସୁନ୍ଦର) ଚନ୍ଦ୍ରାବଳୀ (ଚନ୍ଦନବୃକ୍ଷସବୁ) କ୍ରୀଡ଼ିତ (ଆନ୍ଦୋଳିତ,) ଇନ୍ଦୁରେଖା (ବାକୁଚିବୃକ୍ଷ କିମ୍ବା ସୋମଲତା) ଚିତ୍ରା (ଚିତାବୃକ୍ଷ) ସୁଦେବୀ (ଫିରିକଣାକବୃକ୍ଷ) ପୁଣି ତୁଙ୍ଗ (ପୁନ୍ନାଗବୃକ୍ଷ) ସବୁଅଛନ୍ତି । ବିଦ୍ୟା (ଅପରାଜିତା) ନିପୁଣେ (ଅନ୍ୟବୃକ୍ଷ ଆଶ୍ରୟରେ)ଅଛି । ଏବଂ ରଙ୍ଗଦେବୀ (ଗଙ୍ଗଶିଉଳୀ) ଚମ୍ପକ ଲତା ମଧୁସୂଦନ (ଭ୍ରମର) ର ଭ୍ରମଣ (କ୍ରୀଡ଼ା) ବିଷୟ ଭାବୁଛନ୍ତି (ଭ୍ରମର ଗଙ୍ଗଶିଉଳୀ ଫୁଲରେ ବସୁଛି ଚମ୍ପା ଫୁଲରେ ବସୁନାହିଁ) ।

ମଞ୍ଜରୀ-ବାର ସେବିତ ନିରନ୍ତର ଅଶେଷ ଗୋପରେ ସେ ଶୋଭେ ।
ମଦନ ତହିଁ ମୂର୍ତ୍ତିମନ୍ତ ହୋଇଛନ୍ତି ଦଇବେ ବେଣୁଧ୍ୱନି ଶୁଭେ ।
ଅମ୍ଭ ପ୍ରବେଶେ । ସୁମନ ସୁଦାମ ହୋଇବ ।
କିଙ୍କିଣୀ ପ୍ରବଳଚଳ ହୋଇ କର ନାନା ବିଳାସ ପ୍ରକଟିବ ॥
ଶ୍ରୋତରେ ସେ ସୁଖ-ସରିତ ସ୍ରୋତରେ ସତ୍ୱରେ ଚିତ୍ତ ମଜ୍ଜାଇଲା ।
ଧରି ସଖୀ କର ଧରଣୀ-ଶୋଭୀ ଯେ ଉଭା ଚତ୍ୱର ଶୋଭା କଲା ।
କେହି ମୟୂର । ପୁଚ୍ଛ ଗୁମର କେ ଢାଳିଲେ ।
କେ ତହିଁ ପହଣ୍ଡ ମଣାଇ ଜଣାଇ ଅଣାଇ ବୀଣା କେ ବାଇଲେ ॥ ୯
ପୁଷ୍ପରାଗ ପତନରେ ସୁପତନ ଯେଉଁ ସରଣି ହୋଇଥିଲେ ।
ବଗୁର ଅନୁରୂପ ସୁକୁମାରୀଙ୍କ ସେ ଦଗେ ବିଜେ କରାଇଲେ ।
ବନେ ଜବନେ । ମିଳୁଁ ବୋଇଲା ଦିବ୍ୟବାଳା ।
ବିଟପ ବିଟପୀ ଏଥିତ ବହୁତ କହୁଁ ତ ଥିଲ ଆନ ଲୀଳା ॥ ୧୦

୮—ବ୍ରଜଲୀଳା-ନିରନ୍ତର ମଞ୍ଜରୀ ବାର (କୁଞ୍ଜସମୂହ) ରେ ସେବିତ ସେ ମଞ୍ଜରୀ, ବାର ପୁଣି ଅଶେଷ ଗୋପୀର ସୁନ୍ଦର ଦିଶଇ ସେଠାରେ କାମ ମୂର୍ତ୍ତିମାନ ହୋଇ ବିରାଜୁଛନ୍ତି, ଦଇବେ (ହଠାତ୍) ବେଣୁଧ୍ୱନି ଶୁଭୁଛି । ସେଠାରେ ସୁଦାମ ସୁମନ (ଆନନ୍ଦିତ) ହୋଇଛନ୍ତି, ପ୍ରବଳ ବଳକ୍ରମ ନାନା ପ୍ରକାର ବିଳାସ ପ୍ରକାଶ କରୁଛନ୍ତି । ବନ-ମଞ୍ଜରୀ ବାର (ଲତାସମୂହ) ରେ ସେବିତ ବହୁତ ଗୋପୀ (କୁଆମଇତାରେ) ସୁନ୍ଦର ଅଟେ । ମଦନ (ଧାତୁରୀ ବୃକ୍ଷ) ସେଠାରେ ମୂର୍ତ୍ତିମାନ୍ ବେଣୁ (ଛିଦ୍ରଯୁକ୍ତ ବାଉଁଶ)ର ଶବ୍ଦ ଶୁଭୁଛି । ଅମ୍ଭ ପ୍ରବେଶରେ ସୁମନ ସୁଦାମ (ପୁଷ୍ପର ସୁନ୍ଦର ମାଳା) ହୋଇବ, କିଙ୍କିଣୀ ସହାୟ ବଳରୁ ନାନା କ୍ରୀଡ଼ା ପ୍ରକଟ ହେବ ।

୯—ସେ ଧରଣୀ ଶୋଭୀ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଶ୍ରୋତରେ (ଶୁଣନ୍ତେ) ସତ୍ୱରେ (ଶୀଘ୍ର) ସୁଖସରିତ (ଆନନ୍ଦନଦୀ) ସ୍ରୋତରେ ମନକୁ ବୁଡ଼ାଇଲା ଏବଂ ସଖୀ କରଧରି ଉଭାହୋଇ ଚତ୍ୱର (ଅଗଣାର) ର ଶୋଭା କଲା । କେହି କେହି ମୟୂରପୁଚ୍ଛନିର୍ମିତ ଗୁମର ଢାଳିଲେ କେହି ଅବା ପହଣ୍ଡ ମଣାଇ ବାଟ ଦେଖାଇ ଅଣାଇଲେ କେହି କେହି ବଂଶୀ ବଜାଇଲେ ।

୧୦—ଯେଉଁ ସରଣୀ (ବାଟ) ପୁଷ୍ପରାଗ ପଡ଼ି ସୁନ୍ଦର ହୋଇଥିଲେ, ସଖୀମାନେ ବଗୁରଙ୍କର ସୁନ୍ଦରୀଙ୍କୁ ସେହିଦଗରେ ବିଜେ କରାଇଲେ । ବନରେ ଜବନେ (ଶୀଘ୍ର) ପହୁଞ୍ଚନ୍ତେ ଦିବ୍ୟବାଳା କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କହିଲା, ଏଠାରେ କେବଳ ବିଟପ (ବୃକ୍ଷ) ବିଟପୀ (ଲତା) ବହୁତ ଅଛନ୍ତି, ତୁମ୍ଭେ ତ ଅନ୍ୟ ପ୍ରକାର ଲୀଳା କଥା କହୁଥିଲ ।

ବାଣୀଜା କଲ ପ୍ରମାଣ ମାଣବକ-ମୃଗ ଜଗ-ନେବା ଉତ୍ତର ।
ଏଥିରେ ବାଳା କାଳାନ୍ତରେ ଅଛି ରେ ଏହି ବଟ୍ଟାର ବ୍ୟବହାର ।
ଥିବା ବେଳରେ । ସୁମନା-ବଳୀ ମନୋହରରେ ।
ପ୍ରକର ବରଣ୍ଡ ଲଳସ ଗଣିକା ଭାବେ ସୁବାସ ହରିବାରେ ॥ ୧୧
ଶଚୀକଳା କଲ ସେ କଥା ସମ୍ମତ ଏମନ୍ତ କହିଲ ସେଥିରେ ।
ଇନ୍ଦ୍ର ତପସ୍ୱିନୀ ଯେନ ବହୁନେତ୍ର ଶୋଭା ହୋଇଥିଲ ଏଥିରେ ।
ଯାହା ପ୍ରେରିତ । ସେ ଭାବେ ଦେଖାଇଲ ଛଳେ ।
କେ କେଉଁ ମହୀରୁହ ଲତା ଅନାଇ ଚାହାଁଇଥିବ ରମା ବୋଲେ ॥ ୧୨
ପୁନ୍ନାଗ ନାଗର ଦେଖରେ ବୋଲି କେ ଦେଖାଉଁ ଅଙ୍ଗୁଳିରେ କର ।
ଏହି ତରୁ ତରୁଣ-ଶ୍ରେଷ୍ଠ ନୋହେ କି ତରୁଣୀ-ରତନ ପଚାର ॥
ମଲ୍ଲୀ ବୋଲନ୍ତେ । କାହିଁକି ବୋଲି ସେ ହସଇ ।
ମାଧବୀକି ଗୁହିଁ ମାଧବୀ ବୋଲନ୍ତେ ଏହି ମଧୁପୁର ଭାଷଇ ॥ ୧୩

୧୧—ମାଣବକ (ଶିଶୁ) ମୃଗଜଗନେବାର ଉତ୍ତରକୁ ବାଣୀଜା ସଖୀ ପ୍ରମାଣ କଲ, କହିଲ ରେ ବାଳା । ଏଥିରେ ଏହି (ଲମ୍ପଟ, ଲମ୍ପଟୀ) ବ୍ୟବହାର ବହୁକାଳରୁ ଅଛି ଏଠାରେ ସୁମନାବଳୀ (ଦେବତାମାନେ ମନୋହର ରୂପେ ଥିବାବେଳେ ପ୍ରକର ବରଣ୍ଡ (ବୃଦ୍ଧବ୍ରହ୍ମା) ଗଣିକା (ବେଶ୍ୟା) ଭାବରେ ବଶ ହୋଇ ତାହାର ଉତ୍ତମ ବସ୍ତୁକୁ ହରଣ କରିବା ବିଷୟରେ ଲଳସ ହୋଇଥିଲେ, ଏବନରେ ସୁମନାବଳୀ (ପୁଷ୍ପସମୂହ) ମନୋହର-ରୂପେ ପ୍ରକର (ସ୍ତବକ) ବରଣ ଥିବାବେଳେ ପବନ ଗଣିକା (ଧୂର୍ତ୍ତ) ଭାବରେ ବଶ ହୋଇ ତାହାର ଉତ୍ତମ ଗନ୍ଧ ହରଣ କରିବାରେ ଲଳସ ହୋଇଛି ।

୧୨—ଶଚୀକଳା ସଖୀ ସେ କଥାରେ ସମ୍ମତ କରି ଏହିପରି କହିଲ ଏଥିରେ ଇନ୍ଦ୍ର ତପସ୍ୱିନୀ (ଅହଲ୍ୟା) ଙ୍କ ଯେନ ବହୁ ନେତ୍ରରେ ଶୋଭା ପାଉଥିଲେ । ବର୍ତ୍ତମାନ ଏ ବନ ତପସ୍ୱିନୀ (ଜଟାମାଂସୀ) ଇନ୍ଦ୍ର (କୁଟଜ) ପ୍ରଭୃତି ବହୁତ ବୃକ୍ଷ ଯେନ ନେତ୍ର ଶୋଭାକର ହୋଇଅଛି । ଯେ ଯାହା ପ୍ରେରିତ (ବ୍ରହ୍ମା ପ୍ରେରିତ କାଦମ୍ବିନୀ, ଇନ୍ଦ୍ର ପ୍ରେରିତ ଶଚୀକଳା) ସେମାନେ କପଟରେ ସେହି ଭାବ ଦେଖାଇଲେ । କିଏ କେଉଁ ମହୀରୁହ (ବୃକ୍ଷ) କିଏ କେଉଁ ଲତା ଭଲ କରି ଦେଖି ମତେ ଚାହାଁଇ ଦେଉଥିବ ବୋଲି ସୁନ୍ଦରୀ ସେମାନଙ୍କୁ କହିଲ ।

୧୩—ରେ ନାଗର । ପୁନ୍ନାଗ ଦେଖ ବୋଲି କେଉଁ ସଖୀ ଅଙ୍ଗୁଳିରେ ଦେଖାନ୍ତେ ତରୁଣୀରତ୍ନ ପଚାରିଲ ଏତ ତରୁ (ବୃକ୍ଷ) ତରୁଣ ଶ୍ରେଷ୍ଠ (ପୁନ୍ନାଗ-ଯୁବା-ଶ୍ରେଷ୍ଠ) ନୁହେଁ, କେହି ସଖୀ ଏ ମଲ୍ଲୀ ବୋଲନ୍ତେ ସୁନ୍ଦରୀ କହେ କାହିଁକି

ଅଣିମି ଭଣି ସୁସ୍ୱରେ ନାଗେଶ୍ୱରେ ତାର ସନ୍ନିଧେ ଯାଉଁ କେହି ।
ମଥାକୁ ଟାଳି ଏକଥା ପୁଚ୍ଛା କଲା କଥା-ପ୍ରସଙ୍ଗ ହେଲୁ କେହି ।
ସେହି ବୋଇଲା । ଅଣିମି ସୁପର୍ଣ୍ଣେ ଭରସା ।
ଭାଷାକୁ ଭାଷା ମିଶିବାରୁ ହେଲା ଯେ ଏତିକି ଭାଷିଲା ସୁଦୃଶା ॥ ୧୪
ଚମ୍ପା କହ ନା ଜଗତ-ବନ୍ଦନାକୁ ସମ୍ଭାବିବ ସିନା ଏସନ ।
ଆମ୍ଭ ନଗର ନଗରୂପ ହେଲା କି ବୋଲି ଯେ କହିବ ବହନ ।
ବୋଲେ କେ ତହିଁ । ହୋଇ ଏ ମୌଗ୍ଧ୍ୟ ପ୍ରକାଶିଛି ।
କେ କହେ ନୋହେ ଏ ପରମ ପଣ୍ଡିତା ମନକୁ ନାନାର୍ଥ ଆଣୁଛି ॥ ୧୫
ଏମନ୍ତ ରହସ୍ୟ ବଶ ହସ ହସ ହଂସପନ୍ତି ପ୍ରାୟେ ଗମନ ।
ସମସ୍ତେ ସୁବେଶ ପ୍ରବେଶ ହୋଇଲେ ମାଙ୍ଗଲ୍ୟାଙ୍କ ଥିଲା ବିପିନ ।
କାଦମ୍ବିନୀ ଯେ । ଯତନେ କଢ଼ାଇ ନେଉଛି ।
ବିଧିରେ ବିଧିଙ୍କର ଆଜ୍ଞା ଅବଜ୍ଞା ନୋହିବ ଏ ହେତୁ ହୋଇଛି ॥ ୧୬

ମଲୁ ? ବୋଲି ହସଇ । କେହି ମାଧବୀ ବୃକ୍ଷକୁ ଚାହିଁ ଏ ମାଧବୀ ବୋଲନ୍ତେ, ଏ କଣ ମଧୁପୁର ଯେ ଏଠାରେ ମାଧବୀ (ଲକ୍ଷ୍ମୀ) ଅଛନ୍ତି ?

୧୪—କୌଣସି ସଖୀ ମୁଁ ନାଗେଶ୍ୱର ଅଣିବ ଏହା ସୁସ୍ୱରେ ଭଣି ତାହା ନିକଟକୁ ଯାଆନ୍ତେ ଅନ୍ୟ ସଖୀ ମଥାଟାଳି ଏ କଥା ପଚାରିଲା ତୁ କିପରି କଥା ପ୍ରସଙ୍ଗ (ସାପୁଆଖେଳ) ହେଲୁ ଯେ ନାଗେଶ୍ୱର (ଶ୍ରେଷ୍ଠ ନାଗ) ଅଣିବୁ ? ସେ କହିଲା ନିଶ୍ଚୟ ଅଣିବି, ସୁପର୍ଣ୍ଣ (ସୁନ୍ଦର ପତ୍ର ଓ ଗରୁଡ଼ ହେଲା, ମୋର ତାହା ଠାରେ ଭରସା ଅଛି) କଥାକୁ କଥା ମିଶି ଯିବାରୁ ସୁଦୃଶା (ସୁନେତ୍ରା) କୋଟିବ୍ରହ୍ମାଣ୍ଡ ସୁନ୍ଦରୀ "ହେଲା ଯେ" ଏତିକି କହିଲା ।

୧୫—କେଉଁ ସଖୀ କହିଲା ଜଗତ ବନ୍ଦନାକୁ ଏ ଚମ୍ପାବୋଲି କହନା ସେ ଏପରି ସମ୍ଭାବିବ (ମନରେ ଭାବିବ) ଯେ ଆମ୍ଭ ନଗର ନଗ [ବୃକ୍ଷ] ରୂପ ହେଲା କି ? ଏହା ଶୀଘ୍ର କହିବ । କିଏ କହିଲା ଏ ସୁନ୍ଦରୀ ମୌଗ୍ଧ୍ୟ (ନବଯୌବନକୁ) ପାଇ ମୌଗ୍ଧ୍ୟ (ଚତୁରତା) ପ୍ରକାଶୁଛି, କେହି କହେ ତାହା ନୁହେ ଏ ପରମ ପଣ୍ଡିତା ହେତୁ ମନକୁ ନାନା ଅର୍ଥ ଆଣୁଛି ।

୧୬—ଏହିପରି ରହସ୍ୟରେ ବଶହୋଇ ହସି ହସି ହଂସଶ୍ରେଣୀପରି ଗମନ କରନ୍ତି ସମସ୍ତେ ସୁବେଶ ହୋଇଛନ୍ତି ଯେଉଁ ବନରେ ମାଙ୍ଗଲ୍ୟ ଥିଲେ ସେହି ବନରେ ଯାଇଁ ପ୍ରବେଶ କଲେ । କାଦମ୍ବିନୀକୁ ବ୍ରହ୍ମାଙ୍କର ଆଦେଶ ଥିବାରୁ ସେ ଅତି ଯତ୍ନରେ ବାଟ କଢ଼ାଇ ନେଉଛି । ବିଧିରେ ବିଧାତାଙ୍କର ଆଜ୍ଞା ଅବଜ୍ଞା ହେବ ନାହିଁ ଏହି ହେତୁରୁ ଏମାନେ ସେଠାରେ ପହୁଞ୍ଚିଲେ । (ବ୍ରହ୍ମା) ସୁନ୍ଦରୀଙ୍କୁ ମାଙ୍ଗଲ୍ୟାଙ୍କ ଭେଟ କରାଇବା ପାଇଁ କାଦମ୍ବିନୀକୁ ଆଦେଶ ଦେଇଥିଲେ)

ସେ ବନ ଧନ୍ୟ ସମାନ ନାହିଁ ଅନ୍ୟ ସେବିତ ପୁଣ୍ୟବନ୍ତ ଜନ୍ମ ।
ଶୁକ ପିକ ଯୂଥ କଥଯନ୍ତି ଚୈତ୍ରରଥ ନନ୍ଦନର ଜନନୀ ।
ସତ ଏ କଥା । ପ୍ରସବ ସୁଲକ୍ଷଣ ଅଛି ।
ଫୁଲ୍ ପତନ ସ୍ତନ-ନାରିକେଳରେ ପୟ ପରିପୂର୍ଣ୍ଣ ହୋଇଛି ॥ ୧୭

ଉପକୁଲ୍ୟା ଆଦି ଉପକରଣକୁ ଅଛି ଏ ଗର୍ଭଗତ କରି ।
ତମାଲ-ଦଳ କୁନ୍ତଳ ବାନ୍ଧ ନାହିଁ ଆତପ ସ୍ନେହୀ ସ୍ଥାନ ସାରି ।
ଧବ୍ୟ ବାସରେ । ଅଛି ସେ ଆଚ୍ଛାଦନ ହୋଇ ।
ଉଡ଼େ ପୁଷ୍ପରଜ ବ୍ୟାଜ ନିଜ ଦେହୁଁ କୁଙ୍କୁମ ଥିଲା ଉଳୁଠାଇ ॥ ୧୮

ଏକଥା ବୃଥା ହୋଇଥିଲେ ଶୋଭିତ ଲଭିଥାନ୍ତା କିମ୍ପା ସେ ସ୍ଥଳେ ।
ଭସ୍ମ ଦ୍ୱିରଦ ରଦ-ଚୂର୍ଣ୍ଣକି ଭବେ ନାଭି କୁରଙ୍ଗ-ନାଭି ଛଳେ ।
ଯକ୍ଷ ଅମରେ । ପୁରେ ଘେନିଗଲେ ଏ ବସ୍ତୁ ।
ଋତୁପତି ପ୍ରିୟବତୀ ଯୁବତୀ ଏ ପାଳିତ ନ ପାରିବ ଶିଶୁ ॥ ୧୯

୧୭—ସେ ବନ ଧନ୍ୟ ଅଟେ ତାହା ସମାନ ବନ ଆଉ ନାହିଁ, ଯେଉଁମାନେ ପୁଣ୍ୟବନ୍ତ ହୋଇ ଜନ୍ମ (ଜନ୍ମ) ଗ୍ରହଣ କରିଛନ୍ତି ସେମାନଙ୍କର ସେବିତ ଏ ସ୍ଥାନ । ଶୁକ ଓ କୋକିଳ ମାନେ କହୁଛନ୍ତି ଏ ବନ ଚୈତ୍ରରଥ [କୁବେରଙ୍କ ବନ] ନନ୍ଦନ (ଇନ୍ଦ୍ରଙ୍କ ବନ) ର ଜନନୀ ଅଟେ ଏକଥା ସତ୍ୟ ଯେ ହେତୁ ପ୍ରସବର ସୁଲକ୍ଷଣମାନ ଏଠାରେ ଅଛି । ପୁଷ୍ପ ପତନ ହୋଇଛି । ନାରିକେଳ ସ୍ତନ ହେଲା ତହିଁରେ ଥିବା ପୟ (ଜଳ) ଦୁଗ୍ଧ, ସେ ତହିଁ ରେ ପରିପୂର୍ଣ୍ଣ ।

୧୮—ପ୍ରସୂତି ଉପକୁଲ୍ୟା (ପିପ୍ପଳୀ) ପ୍ରଭୃତି ଉପକରଣମାନ ଗର୍ଭ ଗତ କଲା ପରି ଏ ବନ ପିପ୍ପଳି ପ୍ରଭୃତି ଉପକରଣ (ଅନୁ ସଙ୍ଗିକ) ବୃକ୍ଷମାନଙ୍କୁ ମଧ୍ୟରେ ରଖିଅଛି । ପ୍ରସୂତି କୁନ୍ତଳ (କେଶ) ବାନ୍ଧି ନ ଥାଏ ଏ ମଧ୍ୟ ତମାଳପତ୍ରରୂପ କେଶକୁ ବାନ୍ଧିନାହିଁ ସେ ସ୍ନାନ ସାରି ରୌଦ୍ର (ଖରା) ସ୍ନେହୀ ହେଲା ପରି ଏ ମଧ୍ୟ ରୌଦ୍ର (ଆତପ ବା ବ୍ୟାଘ୍ର ଭଲ୍ଲୁକାଦି ହିଂସ୍ରଜନ୍ତୁ) ସ୍ନେହୀ ହୋଇଛି । ପୁଣି ପୁଷ୍ପ ରଜ ଛଳରେ ପ୍ରସୂତି ପରି ନିଜ ଦେହକୁ କୁଙ୍କୁମ ଉଳୁଠାଇ (ଛଡ଼ାଇ ଥିବାରୁ) ତାହା ଉଡୁ ଅଛନ୍ତି ।

୧୯—ଏ କଥା ବୃଥା ହୋଇଥିଲେ ସେ ବନରେ କାହିଁକି ଦ୍ୱିରଦ ରଦ (ହସ୍ତୀଦନ୍ତ) ଚୂର୍ଣ୍ଣ କିଭବେ (ବ୍ୟାଜରେ) ଭସ୍ମ (ପାଉଁଶ) ପୁଣି କୁରଙ୍ଗ ନାଭି [କସ୍ତୁରୀ] ଛଳରେ ନାଭି ପାଉଥାନ୍ତା, (ନବଜାତ ଶିଶୁର ନାଭି କଟାହୋଇ ପାଉଁଶରେ ପଡ଼େ) ଏବନ ଋତୁରାଜ ବସନ୍ତର ପ୍ରିୟ ଯୁବତୀ, ଅତଏବ ଶିଶୁମାନଙ୍କୁ ପାଳି ନ ପାରିବ ଭାବି ଯକ୍ଷ (କୁବେର) ଅମର (ଇନ୍ଦ୍ର) ଏହାର ସନ୍ତାନଙ୍କୁ [ଚୈତ୍ରରଥ ଓ ନନ୍ଦନ ବନ ରୂପ ଶିଶୁ ଦ୍ୱୟଙ୍କୁ] ନିଜପୁରକୁ ଘେନିଗଲେ ।

ତହିଁ ଗୃହିଁ ଗୋରୀ ଶ୍ୟାମଳ ଅବଳା ମେଳା ତପସ୍ୱିନୀ ତର୍କେ ।
ଅବନୀ-ବନିତା ଗଭା ଶୋଭା ପୀତ ନୀଳ ଅମ୍ଳାନ-ମାଲ୍ୟରେ କି ।
ଅଛୁ ମଧ୍ୟରେ । କେତକୀ ଦଳ ଝଂପ୍ରଏଛି ।
ସେହି ସୁବାସରେ ପାଶକୁ ଭ୍ରମରଶ୍ରେଣୀ ହେଉଛନ୍ତି ଆଗତ ॥ ୨୦

ସେକ୍ଷଣି ମିଳି ସୁଲକ୍ଷଣୀ ମିତଣୀ ସଙ୍ଗେ ମାଙ୍ଗଲ୍ୟାଙ୍କୁ ଓଳଗି ।
କଲ୍ୟାଣ କଲେ ସେ ଉଲ୍ଲାସେ ହୁଅ ତୁ ସୁଭାଗୀ ତାହାର ଶୋଭାଙ୍ଗି ।
ଯେହ୍ନେ ଜନ୍ମିବ । ଜାଣି ଗର୍ବହତେ ମଦନ ।
ତ୍ରି-ନେତ୍ର-ନେତ୍ର-ଜାତ-ଜାତବେଦରେ ଦହନ ହୋଇଲା ବହନ ॥ ୨୧

ପୁଚ୍ଛାକଲା କେହି ବାଞ୍ଛାଦ୍ରୁମ ହୋଇ ତୁମ୍ଭେ ବାଞ୍ଛା ପୂର୍ଣ୍ଣ କରବ ।
କହିବ ସେ କାହିଁ ଜନ୍ମୁଛି କି ନାହିଁ କି ଦେବ ଦାନବ ମାନବ ।
ହେଲେ ବଞ୍ଚନ । ଜେମା ଜାଣିବ ମିଥ୍ୟାଭାବ ।
ସେ ଭାଷି ଅମ୍ଭ ମନେ ଏତ ଆଭାସି ଏ ପୁରେ ଅବଶ୍ୟତ ଥିବ ॥ ୨୨

୨୦—ସେ ବନରେ ଗୋରୀ ଓ କାଳୀ ଅବଳାମାନଙ୍କର ମେଳା ଦେଖି ତପସ୍ୱିନୀ (ମାଙ୍ଗଲ୍ୟା) ତର୍କ କଲେ ଏ କଣ ଅମ୍ଳାନ (ସଦ୍ୟ ପ୍ରସ୍ଫୁଟିତ) ପୀତ [ହରଦ୍ରବର୍ଣ୍ଣ] ଓ ନୀଳ ବର୍ଣ୍ଣପୁଷ୍ପମାଳାରେ ଅବନୀବନିତା (ପୃଥିବୀ ସ୍ତ୍ରୀ)ର ଗଭା ଶୋଭା ହୋଇଛି କି ? କେତକୀପତ୍ର ଝଂପାମଧ୍ୟରେ ଅଛି, ଭ୍ରମର ଶ୍ରେଣୀ ସେହି ସୁବାସରେ ପାଖକୁ ଆସୁଛନ୍ତି । କୋଟିବ୍ରହ୍ମାଣ୍ଡସୁନ୍ଦରୀ କେତକୀ ଝଂପ, ଗୃହ ପାଖରେ ଥିବା ସଖୀମାନେ ଭ୍ରମର ଶ୍ରେଣୀ ।

୨୧—ସୁଲକ୍ଷଣୀ ସେହିକ୍ଷଣୀ ମିତଣୀ ସହ ମାଙ୍ଗଲ୍ୟାଙ୍କୁ ଓଳଗିଲା । ସେ ଉଲ୍ଲାସରେ କଲ୍ୟାଣ କଲେ ତୁ ତାହାର ଶୋଭାଙ୍ଗ ହୋଇ ସୌଭାଗ୍ୟବତୀ ହୁଅ ଯେଉଁ ପୁରୁଷ ଜନ୍ମିବାର ଜାଣି କାମ ଗର୍ବହତ ହୋଇ ମହାଦେବଙ୍କର ନେତ୍ରରୁ ଜାତ ହୋଇଥିବା ଜାତବେଦରେ [ଅଗ୍ନିରେ] ଶୀଘ୍ର ଦଗ୍ଧ ହେଲା ।

୨୨—କେହି ପଚାରିଲା ତୁମ୍ଭେ କଳ୍ପବୃକ୍ଷ ହୋଇ ଅମ୍ଭମାନଙ୍କର ବାଞ୍ଛା ପୂର୍ଣ୍ଣ କରିବ ସେ କେଉଁଠାରେ ଜନ୍ମିଛନ୍ତି ସେ ପୁରୁଷ ଦେବତା କି ଦାନବ କି ମାନବ ଏକଥା କହିବ । ବଞ୍ଚନ ହେଲେ (ନ କହିଲେ) ଜେମାମଣି ଏ ଭାବ ମିଥ୍ୟା ବୋଲି ଜାଣିବ । ସେ କହିଲେ ଅମ୍ଭ ମନରେ ଏପରି ଆଭାସୁଛି ଯେ ସେ ପୁରୁଷ ଅବଶ୍ୟ ଏହି ମର୍ତ୍ତ୍ୟପୁରେ ଥିବ ।

ଥିବ କାହିଁ ଅଛୁ ଅଛୁଦ୍ରେ ଏ ପୁରେ ଜାଣୁଥାଇ ଏଣୁ ଚନ୍ଦ୍ରମା ।
ଅସମାନ ମାନୁ କରେ ତନୁ ତନୁ ସକଳ କଳଙ୍କର ସୀମା ।
ସେହି ହୋଇବ । ବୋଇଲେ ଅବଧୂତୀ ଥିଲେ ।
ଯା ଯେନି ସୁନ୍ଦରକୁଳେ ଅଶ୍ୱମୁଖା ଭାନୁ-ତନୁଜେ ବୋଲାଇଲେ ॥ ୧୩
ପୁଷ୍କରତୀର୍ଥେ ଭାସ୍କର ଉପରାଗେ ସରାଗେ ସ୍ନାନ ଦାନ ଅର୍ଥେ ।
ଥିଲା ସେ ଯାଇ ସର୍ବଚିତ୍ତ-ମଜାଇ ନେଲା ଅନୁପମ ପଦାର୍ଥେ ।
ହାହା ଶୋଭୁଛି । ପୁଷ୍ପକେତୁ ନାମ ତାହାକୁ ।
ପାଟଳୀପୁତ୍ର ନୃପତିପୁତ୍ର ହେବ ଦମ୍ପତି ଲଭିଲେ ଏହାକୁ ॥ ୧୪
ବୋଲି ଦେଖାଉଁ ଯେ କରକୁ କରକ-ବୀଜ ବୀଜିତ-ଦଶନାର ।
ପୁଲକ ଅଙ୍କୁର ମୁକୁରେ ଯା ଧିକ କରେ କପୋଳ ତତପର ।
ନୀପ-କୋରକ । ଧଇଲା କି ରସଲତିକା ।
ଜୃମ୍ଭାରେ ଅଧର ଏହି ଶୋଭା ଧରେ ଫୁଟେ ଅବା ଜବା କଳିକା ॥ ୧୫

୧୩—ଥିବ କାହିଁକି ସେ ପୁରୁଷ ଅଛୁଦ୍ରେ (ନିଷ୍ଟଯୁ) ଏହିମହୀରେ ଅଛୁ ଏଣୁ ଆମ୍ଭେ ଜାଣୁଥାଇଁ ଚନ୍ଦ୍ର ତାହାଙ୍କର ସମାନ ନହେବା ଅଭିମାନରୁ ତନୁ (ଶରୀର) କୁ ତନୁ (କୃଶ) କରଇ ଏବଂ ସକଳ କଳଙ୍କର ସୀମାହୁଏ ମାଙ୍ଗଲ୍ୟା ନିକଟରେ ଅବଧୂତ ଥିଲେ, ସେ କହିଲେ-ସେହି ସୁନ୍ଦର ଜେମାର ପତି ହେବ; ଯାହାଙ୍କ ପାଇଁ ଭାନୁ ତନୁଜେ (ଅଶ୍ୱିନୀ କୁମାର ଦ୍ୱୟ) ସୁନ୍ଦର କୁଳରେ ଘୋଡ଼ା ମୁହାଁ ବୋଲାଇଲେ ।

୧୪—ସେ ସୁନ୍ଦର ଭାସ୍କର ଉପରାଗରେ (ସୂର୍ଯ୍ୟପରାଗରେ) ସ୍ନାନ ଓ ଦାନ କରିବା ପାଇଁ ପୁଷ୍କର ତୀର୍ଥକୁ ସରାଗରେ ଯାଇଥିଲେ ସେଠାରେ ସମସ୍ତଙ୍କର ଚିତ୍ତ ମଜାଇ ନେଲେ, ସେ ଗୋଟିଏ ଅନୁପମ ପଦାର୍ଥ ଅଟନ୍ତି, ପୁଷ୍ପକେତୁ (ସୁନ୍ଦରଙ୍କ ମଧ୍ୟରେ ପୁଷ୍ପପତାକା) ଏହି ନାମଟି ତାହାଙ୍କୁ ସୁନ୍ଦର ହୋଇଛି, ସେ ପାଟଳିପୁତ୍ର ନୃପତିଙ୍କର ପୁତ୍ର, ଏହି ସୁନ୍ଦରୀକୁ ପାଇଲେ ଉପଯୁକ୍ତ ଦମ୍ପତି (ସ୍ତ୍ରୀ, ପୁରୁଷ) ହେବେ ।

୧୫—ଏହା କହି ଜେମା ଆଡ଼କୁ ହାତ ଦେଖାନ୍ତେ, ଯାହାର ଦନ୍ତ କରକବୀଜ (ଦାଡ଼ିମ ମଞ୍ଜି) କୁ ଜିଣିଅଛି ସେ ସୁନ୍ଦରୀର କପୋଳରେ ତତପରେ (ଶୀଘ୍ର) ରୋମୋଦ୍‌ଗମହେବାରୁ ସେ କପୋଳ ମୁକୁରେ [ଦର୍ପଣକୁ] ଧିକ (ତୁଚ୍ଛ) କରେ । ରସଲତିକା ନୀପକୋରକ (କଦମ୍ବ କଳୀ) ଧଇଲାପରି ଦିଶଇ, ଜୃମ୍ଭା (ହାଇ) ବେଳରୁ ଅଧର ଏହି ଶୋଭା ଧରେ ଜବାକଳିକା ଅବା ଫୁଟଇ ।

ବିଟୁରୁ ତୃତୀୟା ପ୍ରମଦା ପ୍ରୀତିମୟୀ ହୋଇଲା ଗୁଚ୍ଛ ସବୁକଟି ।
କଲ୍ୟାଣୀ ବଦନ୍ତି ଶୁଣ ଗୋ ସୁଦନ୍ତ କଲ୍ୟାଣ ସତ ହୋଇଲାଟି ।
ପ୍ରତିଉତ୍ତର । କଲେ କି ହେବ ସତ ହୋଇ ।
ପ୍ରତ୍ୟୁକ୍ତ ହେଲ କି କି ପରକାରେ ବାରେ ଦେବା ଅମ୍ଭେ ଦେଖାଇ ॥ ୨୬

ଦେଖାଇବ ଏକା ଲେଖାଇବ ନାହିଁ ତାଠାରୁ ବିନୟପତର ।
ଲେଖାଇବ ଯେବେ ବିନୟପତ୍ରିକା ରଖାଇବ ଏକା ପାଶର ।
ଦୀକ୍ଷା ଦେଲ ଯେ । କୃତାର୍ଥ କରିବ ନାହିଁକି ।
ତିନି ସଙ୍ଗିନୀ ଇଙ୍ଗିତ ଉକ୍ତି ଧେନି ଭାଷିଲେ ନୋହିବ କାହିଁକି ॥ ୨୭

ବିଦ୍ୟା-ବିଶାରଦା ସାରଦା ଏକାଳେ ମାଙ୍ଗଲ୍ୟା ତିନିପୁଂସ ମନେ ।
ପ୍ରବେଶ ଅବେଶ କରାଇଲେ ମାୟାରଚନେ ଦେଖି ଦରଶନେ ।
ସେହି ଦୁହିଙ୍କି । ଶୁଭିଲ ଦୈବ ବଚନ ।
ବାଳକ ପ୍ରଥମପଢ଼ା ଗୁରୁବର୍ଣ୍ଣ ମନୋରଥ ପଟଛ ବିଧାନ ॥ ୨୮

୨୬—ଏହି ଲକ୍ଷଣ ସବୁ ଦେଖି ତୃତୀୟା ପ୍ରମଦା (ବାଣୀଜା) ବିଟୁରଇ ଗୁଚ୍ଛସବୁ କଟି (କେମା) ସୁନ୍ଦରଠାରେ ପ୍ରୀତିମୟୀ ହେଲା । ସେହି ସମୟରେ କଲ୍ୟାଣୀ (ମାଙ୍ଗଲ୍ୟା) କହିଲେ ଅଗୋ ସୁଦନ୍ତ ! ଶୁଣ, ଆମ୍ଭ କଲ୍ୟାଣ ସତ ହେଲାଟି ସଖୀମାନେ ପ୍ରତ୍ୟୁତ୍ତର କଲେ ସତ ହୋଇ କି ହେବ ? ଏହାପର ଅନେକ ଉକ୍ତି ପ୍ରତ୍ୟୁକ୍ତି ହେଲା ପରେ ମାଙ୍ଗଲ୍ୟା କହିଲେ ଅମ୍ଭେ କି କି ପରକାରେ (କୌଣସି ପ୍ରକାରେ) ଥରେ ଦେଖାଇ ଦେବା ।

୨୭—ସଖିମାନେ କହିଲେ ସେ ସୁନ୍ଦରକୁ କେବଳ ଦେଖାଇବ, କିନ୍ତୁ ତାଠାରୁ ବିନୟପତ୍ର ଲେଖାଇବ ନାହିଁ, ଯେବେ ବିନୟ ପତ୍ରିକା ଲେଖାଇବ ତେବେ ନିଜପାଖରେ ରଖାଇବ । ଜଣେ କହିଲା ଯେ ଦୀକ୍ଷା ଦେଲ ସେ କଣ କୃତାର୍ଥ କରିବ ନାହିଁ ? ତିନି ସଖୀଯାକ ଏହିପରି ଇଙ୍ଗିତ ଉକ୍ତି ଧେନି ଭାଷିଲେ କାହିଁକି ନୋହିବ ।

୨୮—ଏହି ସମୟରେ ବିଦ୍ୟାବିଶାରଦା (ମହାପଣ୍ଡିତା) ସାରଦା ମାଙ୍ଗଲ୍ୟା ଓ ତିନି ପୁଂସଙ୍କ ମନରେ ପ୍ରବେଶକରି ମାୟାରଚନା ଦ୍ୱାରା ଦୁହିଙ୍କର ଦର୍ଶନ ବିଷୟକୁ ଅବେଶ (ପ୍ରଚୁର) କରାଇଲେ ସେ ଦୁହିଙ୍କି ଦୈବବାଣୀ ଶୁଭିଲା ଯେ ମନୋରଥ ବାଳକ ପ୍ରଥମ ପଢ଼ା ଗୁରୁବର୍ଣ୍ଣ (ସିଦ୍ଧିରସ୍ତୁ) ।

ଆଶ୍ଚର୍ଯ୍ୟ ପୁରୁଷ ଏ କାର୍ଯ୍ୟେ ଅଳସ ଯୋଗରେ ଜାଣିଲେ କଲ୍ୟାଣୀ ।
କଲ୍ୟାଣୀ ଉଦ୍ୟମ ଉଦୟ କଲଣି ଏହା ଅଦ୍ଭୁତ ପୁଂସ ଜାଣି ।
ମୂର୍ତ୍ତିମନ୍ତ ଯେ । ସେ କାର୍ଯ୍ୟ ବିଧାତା ସମ୍ମୁଖେ ।
ଏଣୁ ସେ ବେନି ହୃଦୟ ଆଦରଶେ ଆଦରେ ପ୍ରତିବିମ୍ବ ସୁଖେ ॥ ୨୯
କାଳି-କାନ୍ତି-ହର କାଳୀ-କାନ୍ତ ହର କାଲି କରିବେ ଏ ଉତ୍ସବ ।
ଦେଖା ଦେଖି ହୋଇ ଲେଖା ଲେଖି ହୋଇ ନୟନେ ନୟନେ ରଖିବ ।
ବୋଲି ନୃପଜା । ନୃପଜ ପୁରେ ପଠିଆଇ ।
ଦୀନବନ୍ଧୁ ନାମ ଧିଆଇଁ ଧିଆଇଁ ଦିନବନ୍ଧୁ ଦେଖା ନ ଯାଇ ॥ ୩୦
ବହିଲା ତାପର ପ୍ରଶଂସା ଶଶାଙ୍କ ଦହିଲା କଲା ଅପଘନ ।
ଲୋକନେ ମନୀଷା ନିଶା ବ୍ରହ୍ମନିଶା କଷାୟିତ ନୋହେ ଲୋଚନ ।
ସେତୁ ହେତୁରେ । ବିଚିତ୍ରକର୍ମା ରଘୁନାଥ ।
ତାଙ୍କ ଧ୍ୟାନରେ ଉପଇନ୍ଦ୍ର ବିଚିତ୍ର ଚରିତ ରଚନେ ସମର୍ଥ ॥ ୩୧

୨୯—ଚିତ୍ରପୁଂସ ଏ କାର୍ଯ୍ୟରେ ଅଳସ ହେଲେଣି ବୋଲି କଲ୍ୟାଣୀ ଧ୍ୟାନରେ ଜାଣିପାରିଲେ, କଲ୍ୟାଣୀ ଉଦୟ ଆରମ୍ଭ କଲେଣି ଏହା ମଧ୍ୟ ଚିତ୍ରପୁଂସ ଜାଣିଲେ । ସେ କାର୍ଯ୍ୟ ବିଧାତାଙ୍କ ସମ୍ମୁଖରେ ମୂର୍ତ୍ତିମନ୍ତ ହେଲା, ଏଣୁ ସେ ଦୁହିଁଙ୍କ (ମାଙ୍ଗଲ୍ୟା ଓ ଚିତ୍ରପୁଂସଙ୍କ) ହୃଦୟ ରୂପ ଆଦର୍ଶେ ଦର୍ପଣର ଏହି ସୁନ୍ଦର ସୁନ୍ଦରୀ ଦୁହିଁଙ୍କର ପ୍ରତିବିମ୍ବ ସୁଖରେ ଆଦରିଲା ।

୩୦—କାଳି-କାନ୍ତି-ହର (କଜ୍ଜ୍ୱଳଶୋଭା ହରଣକାରୀ ଶ୍ରୀକୃଷ୍ଣ) ଏବଂ କାଳୀ କାନ୍ତ (ପାର୍ବତୀ ପତି) ମହାଦେବ କାଲି ଏ ଉତ୍ସବ କରିବେ, ଦୁହେଁ ଦେଖା ଦେଖି ହୋଇ ପରସ୍ପର ରୂପକୁ ନୟନେ ନୟନେ ଲେଖା ଲେଖି ହେଲେ, ପରସ୍ପରକୁ ପରସ୍ପର ମନେ ରଖିବ ଏହା କହି ମାଙ୍ଗଲ୍ୟା ରାଜକନ୍ୟାଙ୍କୁ ଓ ଚିତ୍ରପୁଂସ ରାଜ ପୁତ୍ରଙ୍କୁ ନିଜ ନିଜ ପୁରକୁ ପଠାଇ ଦେଲେ । ସୁନ୍ଦରୀ ଓ ସୁନ୍ଦର ଏ ଘଟଣା ସଫଳ ହେବା ନିମିତ୍ତ ଦୀନବନ୍ଧୁ (ପରମେଶ୍ୱରଙ୍କୁ) ଧ୍ୟାନ କରୁ କରୁ ଦିନବନ୍ଧୁ (ସୂର୍ଯ୍ୟ) ଦେଖା ଗଲେ ନାହିଁ (କେତେବେଳେ ସନ୍ଧ୍ୟା ହେଲା ଜାଣିପାରିଲେ ନାହିଁ) ।

୩୧—ରାତ୍ରି ପ୍ରବେଶରେ ଶଶାଙ୍କ, ତା ପର (ସୂର୍ଯ୍ୟପର) ପ୍ରଶଂସା ବହିଲା; ଦୁହିଁଙ୍କ ଅପଘନ (ଦେହ)କୁ ଦହିଲା ପରି କଲା, ଲୋକନେ (ଦର୍ଶନ ବିଷୟରେ) ମନୀଷା (ଇଚ୍ଛା) ପ୍ରବଳ ହେତୁ ସେ ରାତ୍ରି ବ୍ରହ୍ମନିଶା (କଳ୍ପ) ପରି ଜଣାଗଲା ଓ ଆଖି କଷା ହେଲା ନାହିଁ । ରଘୁନାଥ ସମୁଦ୍ରରେ ସେତୁବନ୍ଧ କରିଥିବାରୁ ବିଚିତ୍ର କର୍ମା ଅଟନ୍ତି, ତାହାଙ୍କୁ ଧ୍ୟାନ କରି ଉପେନ୍ଦ୍ର ଭଞ୍ଜ ବିଚିତ୍ର ଚରିତ ରଚନା କରିବାକୁ ସମର୍ଥ ହେବ ।

ଏକାଦଶ ଛାନ୍ଦ

(ଦର୍ଶନାନୁରାଗ)

ରାଗ—ଶଙ୍କରାଭରଣ

ଶୁଣ ରସିକ ସୁଜାଣ ଆଣ ମାନସକୁ । ଚତୁର ବାଧ୍ୟ ଦର୍ଶନ ଗୃତ୍ତୁରୀରସକୁ
ଅତି ଚତୁରୀ ଚତୁର । ବସ କାଶୀ ନେଉଛନ୍ତି ଲୋକେନେ ଆତୁର ॥ ୧

କରୂପରେ ହେବ ପୁଣି ସେ ରୂପ ଦର୍ଶନ । ଅନୁମାନ ଅଗୋଚର ତନୁଙ୍କ ପ୍ରସନ୍ନ ।
ନାହିଁ ଯହିଁକି ବଚନ । ତେତେ ପୁଣ୍ୟ କରିଥିବ କେବଣ ଲୋଚନ । ୨

ଯୁବାଜନ ଗତିଦାତା ବୈକୁଣ୍ଠ ପ୍ରକାର । ବାଟ ଦେଖାଇବା କଥା ବଡ଼ ଚମତ୍କାର
ସ୍ଥାନ ପରମାନନ୍ଦର । ଦୂର କରି ପାରଇ ମାନସ-ଭବ ଦର ॥ ୩

କୋଟି ଅମ୍ବୁଜକୁ ନିନ୍ଦୁଥିବ ସେ ଲପନ । ଚଳନେ କରିବ ସିନା ଦମ୍ଭକୁ କମ୍ପନ ।
ତୋଳା ଜ୍ଞାନ ବୁଡ଼ାଇବ । ଶିଳୀମୁଖ ଚଳିବା ଶୋଭାକୁ ଛଡ଼ାଇବ ॥ ୪

୧—ହେ ସୁଜାଣ (ଉତ୍ତମ ଜ୍ଞାନୀ) ରସିକମାନେ ଶୁଣ, ଚତୁର ବାଧ୍ୟରେ ଯେଉଁ ଦର୍ଶନ ତାହାର ଗୃତ୍ତୁରୀକୁ ମନକୁ ଆଣ, ଅତି ଚତୁରୀ ଚତୁର ସ୍ତ୍ରୀ ପୁରୁଷ ଦୁହେଁ ପରସ୍ପର ଦର୍ଶନରେ ଆତୁର ହୋଇ ବସି ବସି ରାତି ଅତିବାହିତ କରୁଅଛନ୍ତି ।

୨—ସେ ରୂପ କାପର ଭାବରେ ଦେଖାହେବ, ତନୁଙ୍କ (ଅଙ୍ଗମାନଙ୍କର) ପ୍ରସନ୍ନ (ପ୍ରଫୁଲ୍ଲ ଶୋଭା) ଅନୁମାନର ଅଗୋଚର ଅଟେ । ଯେଉଁରୂପ ବର୍ଣ୍ଣିବାକୁ ବାକ୍ୟନାହିଁ, କେଉଁନେଦ୍ର ସେତେ ପୁଣ୍ୟ କରିଥିବ ଯେ ତାହାକୁ ଦେଖିବ ।

୩—ସେ ରୂପ ବୈକୁଣ୍ଠ ପରି ଯୁବାଜନମାନଙ୍କର ଗତି (ମୁକ୍ତି ଓ ଗମନ) ଦାତା ଅଟେ, କିନ୍ତୁ ସେଠାକୁ ଯିବାପାଇଁ ବାଟ ଦେଖାଇବା କଥା ବଡ଼ ଚମତ୍କାର ଅଟେ । ଏବଂ ପରମାନନ୍ଦର ଆଧାର ଅଟେ, ସେ ମାନସଭବ (କନ୍ଦର୍ପ) ର ଦର (ଭୟ) କୁ ଦୂର କରିପାରେ, ବୈକୁଣ୍ଠ ମଧ୍ୟ ପରମାନନ୍ଦର ସ୍ଥାନ ମାନସଭବ ଦର (ପାପକାର୍ଯ୍ୟାଦି ଦ୍ୱାରା ମନରେ ଜନ୍ମିଥିବା ଭୟ) କୁ ଦୂର କରେ ।

୪—ଲପନ (ମୁଖ) କୋଟି କୋଟି ଅମ୍ବୁଜ (ପଦ୍ମ) କୁ ନିନ୍ଦୁଥିବ, ଗମନ କରନ୍ତେ ଦମ୍ଭକୁ (ଧୈର୍ଯ୍ୟକୁ) କମ୍ପାଇ ଦେବ; ତୋଳା ଜ୍ଞାନ ବୁଡ଼େଇ ଦେବ ଏବଂ ଶିଳୀମୁଖ (ଭ୍ରମର) ଚଳନ ଶୋଭାକୁ ଜିଣିଯିବ ।

କି ଦଶିବ ସୁହାସ ଅଳପ ପ୍ରକାଶରେ । ବାନ୍ଧିନେବ ନୟନକୁ ମୋହନ-ପାଶରେ ।
ଭାଲ ତିଳକ ରମ୍ୟକୁ । ଶ୍ରୁତିରେ ଖୋଜିଲେ ନ ପାଇବ ତା ସମକୁ ॥ ୫
ରତି-ବର-ଶୋଭାକୁ ଛୁଇଁବ ନାହିଁ ଚିତ୍ତ । ଚାହୁଁଥିଲେ ଭଙ୍ଗିମାନ କାଞ୍ଚିତ କାଞ୍ଚିତ ।
ଏ ଭାଗ୍ୟକୁ ଅର୍ଜିବ କି । ସନମତ ଜାଣିଲା କ୍ଷଣି ମୁଁ ହେବ ବିକା ॥ ୬
ବିକା ହୋଇଲେଣି କଲା ବେଳରୁ ଶ୍ରବଣ । ଯାହା ଶୋଭା ଚାହିଁ ଶିଳା ହୋଇବ ଦ୍ରବଣ ।
ଭାବେ ମୁହିଁ ମାନୁଷତ । ତରଳାଇ ଘୃତ ମତ ବହି ଯିବ ସତ ॥ ୭
କଟାକ୍ଷ ଅମୃତ ଶୀତଳକୁ ପାଇବାରେ । ସ୍ଥକିତକୁ ପୁଣି ଭଜୁଥିବ ବାରେ ବାରେ ।
ତହିଁ ଲାଭ ଅଛି ଏତେ । ଭଲକରି ଦେଖିବ ପଲକ ଅନାୟତ୍ତେ ॥ ୮
ମୋର କର୍ଣ୍ଣ ମନ ନେତ୍ର ସୁକୃତୀ-କେଶରୀ । ଅପୂର୍ବ ପଦାର୍ଥେ ଏତେରୂପେ ଅନୁସରି ।
ଶୁଣି ତୋଷ କେ ସ୍ୱଭାବେ । କେ କଲା ସଦନ କେ ସଦନ ହେବ ଭାବେ ।୯।

୫—ସୁନ୍ଦରହାସ ଅଳ୍ପ ପ୍ରକାଶ ପାଇ କେଡ଼େ ସୁନ୍ଦର ଦିଶିବ, ଚକ୍ଷୁକୁ ମୋହନ ପାଶରେ ବାନ୍ଧି ନେଇଯିବ । ଭାଲ (ଲଲାଟ) ରେ ଥିବା ତିଳକର ସୌନ୍ଦର୍ଯ୍ୟକୁ ଶ୍ରୁତିରେ (ବେଦରେ) ଖୋଜିଲେ ମଧ୍ୟ ତା ସମାନ ପାଇବ ନାହିଁ ।

୬—ପୁରୁଷ ବିଚାରଇ ସେ ସୁନ୍ଦରୀର ଭଙ୍ଗିମାନଙ୍କୁ କାଞ୍ଚିତ କାଞ୍ଚିତ ଚାହୁଁଥିଲେ ମନ ରତିର ବର ଶୋଭାକୁ (ଶ୍ରେଷ୍ଠ ସୌନ୍ଦର୍ଯ୍ୟକୁ) ଛୁଇଁବ ନାହିଁ ; ସ୍ତ୍ରୀ ବିଚାରଇ-ସେ ସୁନ୍ଦରର ଭଙ୍ଗୀକୁ ଚାହିଁଲେ ମନ ରତିବରର (କାମର) ଶୋଭାକୁ ଛୁଇଁବ ନାହିଁ । ସତେ କଣ ମୁଁ ଏ ଭାଗ୍ୟକୁ ଅର୍ଜିବି ? ତାହାଙ୍କର ସମ୍ମତି ଜାଣିଲାକ୍ଷଣି ମୁଁ ବିକା ହେବ । ଏହୁପରି ପ୭ଦଠାରୁ ପ୨୧ଦ ପର୍ଯ୍ୟନ୍ତ ଦୁହିଁଙ୍କର ଅନୁଚିନ୍ତା ।

୭—ମୁଁ ଶୁଣିଲା ବେଳୁ ବିକା ହେଲିଣି, ଯାହାର ଶୋଭା ଦେଖି ପଥର ମଧ୍ୟ ଦ୍ରବି ଯିବ, ଭାବୁଛି ମୁଁ ତ ମନୁଷ୍ୟ ମୁଁ ତାହାର ଶୋଭା ଦେଖି ତରଳାଇ ଘିଅପରି ନିଶ୍ଚୟ ବହିଯିବ ।

୮—ତାହାଙ୍କର କଟାକ୍ଷ (ଅଡ଼ଚାହାଁଣି) ରୂପ ଅମୃତକୁ ପାଇବାଦ୍ୱାରା ମୁଁ ବାର ବାର ସ୍ଥକିତକୁ (ନିଶ୍ଚଳତାକୁ) ଭଜୁଥିବ, ତହିଁରେ (ନିଶ୍ଚଳ ହେବାରେ) ଏତେ ଲାଭଅଛି ଯେ ପଲକ ଅନାୟତ୍ତ ହେବାରୁ (ଚକ୍ଷୁ ପିଛଡ଼ା ନ ପଡ଼ିବାରୁ) ସେ ରୂପ ମାଧୁରୀ ଭଲ କରି ଦେଖି ପାରିବ ।

୯—ମୋହର କର୍ଣ୍ଣ, ମନ ଓ ନେତ୍ରମାନେ ସୁକୃତୀ (ପୁଣ୍ୟବନ୍ତ) ଙ୍କ ମଧ୍ୟରେ କେଶରୀ (ଶ୍ରେଷ୍ଠ) ଅଟନ୍ତି, ସେହି ଅପୂର୍ବ ପଦାର୍ଥକୁ ଏହିପରି ଅନୁସରିଛନ୍ତି । କର୍ଣ୍ଣ ସ୍ୱଭାବକୁ ଶୁଣି ସନ୍ତୁଷ୍ଟ ହେଲା ମନ ତା ଠାରେ ସଦନ (ଗୃହ) କଲା, ନୟନ ତାହାର ଗୃହ ହେବ ଭାବିଲା ।

ମନ-କଳ୍ପିତ ସମ୍ପତ୍ତି ସାକ୍ଷାତ ହୋଇବ । ମୁହିଁ ଭଲ ଭାଗ୍ୟବନ୍ତ ଭଲରେ ଦଇବ
ଏତେ କାଳ ସହିବ କି । ଏଥକୁ ତାଙ୍କୁ ଜଣାଣ ଯେ ମାଇଲେ ବକୀ ॥ ୧୦
ତେତେବେଳ ଯାଏ ପଞ୍ଚଶର ନ ନାଶିବ । ଦୁଇଥର ବୋଲ୍‌ଥିବ ଉଚ୍ଚେ ଶିବ ଶିବ
ବହୁତକୁ ଅବକାଶ । ରହୁ ନାହିଁ ବଚନେ ସେ କଥା ପରକାଶ ॥
ଦରଶନ କଲା ବେଳେ ସେ ଶୋଭାଶ୍ରେଣୀକି । ଯେଣିକି ମୁଁ ଗୃହିଁ ୧୧
ଦେଉଥିବଟି ତେଣିକି ।
ଦଗି ଯାଉଥିବ ମୋତେ । ନିଶି ନିଦ୍ରା ବେଳତ ଦେଖିବ ସେହିମତେ ॥୧୨
ଗୁଣିବା ଶୁଣିବା ହୋଇ ହେବ ସେ ଚରିତ । ଭଣିବାକୁ ସେହିକଥା ହୋଇବଞ୍ଚୁରିତ
ହା ହା ତନମୟ ରସ । ବେଳେ ବେଳେ ଜାତ କରୁଥିବ ସେ ହରଷ ॥୧୩
ନୋହୁ ଦରଶନ ଏଡ଼େ ମନକୁ ହରୁଛି । ମନ୍ତ୍ର ମୂର୍ତ୍ତିକର ତାକୁ ବଧାତା କରୁଛି ।
ଅଛି ତହିଁରେ ଧିଆନ । ସିଦ୍ଧ କରି ନ ପାରଇ କର୍ମବନ୍ଧୁ ଆନ ॥ ୧୪
ସ୍ୱରୂପ ପୀୟୂଷ ହୋଇ ହୁଏ ଅନୁମାନ । ସମସ୍ତ ମତରେ ନାହିଁ ମଧୁର ସମାନ
ଲଭ୍ୟ ପଦାର୍ଥ ନୁହଇ । ପିବା ଜୀବ ରଖିବା କରଣିକି ବହିଇ ॥ ୧୫

୧୦—ସତେ କଣ ମୋହର ମନରେ କଳ୍ପିତ ହୋଇଥିବା ସମ୍ପତ୍ତି ସାକ୍ଷାତ ହେବ ? ମୁଁ ବଡ଼ ଭାଗ୍ୟବାନ୍, ଧନ୍ୟ ଦୈବ ଏତେକାଳ କଣ ସହିବ ? ଏଥିପାଇଁ ଯେଉଁ ଶ୍ରୀକୃଷ୍ଣ ବକୀ (ବକାସୁର ସ୍ତ୍ରୀ ପୂତନା) କୁ ମାରିଥିଲେ ତାଙ୍କୁ ଜଣାଉଛି ।

୧୧—ତେତେବେଳ ଯାଏ ପଞ୍ଚଶର (କାମ) ମାରି ପକାଇବ ନାହିଁ ଯେ ପର୍ଯ୍ୟନ୍ତ ଦୁଇଥର ଉଚ୍ଚରେ ଶିବ ଶିବ ବୋଲ୍‌ଥିବ । ସେ କଥା (ଶିବ ଶିବ) ବହୁତ ବାକ୍ୟରେ ପ୍ରକାଶ କରିବାକୁ ଅବସର ରହୁନାହିଁ ।

୧୨—ସେ ଶୋଭା ଶ୍ରେଣୀକୁ ଦର୍ଶନ କଲାବେଳେ ମୁଁ ଯେଉଁଆଡ଼େ ଚାହୁଁଥିବି ସେ ଆଡ଼େ ମୋତେ ସେ ଦଗି ଯାଉଥିବ, ସେହିପରି ମଧ୍ୟ ରାତିରେ ନିଦ୍ରାରେ ଦେଖିବ ।

୧୩—ତାହାଙ୍କର ସେହି ଚରିତ ଗୁଣିବା ଓ ଶୁଣିବାକୁ ହେବ, ସେହି କଥା ମଧ୍ୟ ଶୀଘ୍ର କହିବାକୁ ହେବ, ହାୟ ହାୟ ତନ୍ମୟରସ [ତାହାର ରୂପ ଗୁଣ ଚିନ୍ତା କରୁ କରୁ ତଦାତ୍ମକ ଭାବ] ବେଳେ ବେଳେ ଜନ୍ମି ଆନନ୍ଦ ଦେଉଥିବ ।

୧୪—ଦର୍ଶନ ନୋହୁଣୁ ଏପରି ମନକୁ ହରଣ କରୁଛି, ବୋଧହୁଏ ତାହାକୁ ବିଧାତା ମନ୍ତ୍ର ମୂର୍ତ୍ତି କରି ଗଢ଼ିଅଛି ମୋର ତହିଁରେ ଧ୍ୟାନ (ମନ୍ତ୍ରକୁ ସ୍ମରଣ କଲାପରି ଏକାଗ୍ରଚିନ୍ତା) ସର୍ବଦା ଅଛି କିନ୍ତୁ ମୁଁ ତେମନ୍ତ ସିଦ୍ଧ କରିପାରୁ ନାହିଁ, ମୋ କର୍ମ ଦୋଷରୁ ଅନ୍ୟଥା ହେଉଅଛି ।

୧୫—ତାହାର ସ୍ୱରୂପ ଅମୃତ ବୋଲି ଅନୁମାନ ହୁଏ,ମାତ୍ର ସମସ୍ତ ଗୁଣରେ ଅମୃତ ସମାନ ନୁହେଁ, ମଧୁରେ (ସ୍ୱାଦୁରେ) ଅମୃତ ସମାନ, କିନ୍ତୁ ମଧୁରେ

ମନ-କୃପଣଙ୍କୁ ଯେଉଁ ଚରିତ ରତନ । ଗଣ୍ଠିକର ଥୋଇଅଛୁ କରି କା ଯତନେ ।
ମାର-ତସ୍କର ଭୟରେ । ଦକ ଦକ ହେଉଅଛୁ ମାନ ହୃଦୟରେ ॥ ୧୬
ଫନ୍ଦା କରିବାର ନିଶ୍ଚେ ହେଲାଣି ତାହାର । ବିଗୁରଇ ଦୁଃଖ-ଦଶା କରିବ ସଂହାର ।
ସବୁ ଭାଲ-ବର୍ଣ୍ଣାବଳୀ । ଆଜପାଏ କେହି ତାହା ପାରି ନାହିଁ ବଳି ॥ ୧୭
ଭେଟନ୍ତେ ବୃଦ୍ଧି ହେବ ଯେ ପ୍ରମୋଦ-ଅକୂପାର । ବ୍ୟକ୍ତ ହୋଇବେ
ଉପମା-ରତନ ଅପାର ।
ଅସୀମାକୁ କାହିଁ ଡର । ପ୍ରଳୟ-ସୂଚକ-ଯାକ କରିବେ କାତର ॥ ୧୮
ଏ ହୋଇଲେ ନବ-ସୃଷ୍ଟି ହେବ ଯେ ରଚିତ । ସଲୀଳ ବିହାର ତହିଁ
ହୋଇ ଯେ ଉଚିତ ।
ସେହି ରସ ଜରଜରେ । ନୋହୁବି ଅଲସ ଆଉ ଆନ କାରଣରେ ॥ ୧୯

(ସୌନ୍ଦର୍ଯ୍ୟରେ) ନୁହେଁ, ଅମୃତ ପରି ବାହାରି ଯାଉଥିବା ଜୀବନକୁ ରଖିବା କରଣିକ (କ୍ଷମତାକୁ) ବିଧାନ କରଇ, କିନ୍ତୁ ଅମୃତ ଲଭ୍ୟ ନୁହେ, ଏ ଲଭ୍ୟ-ପଦାର୍ଥ ।

୧୬—ମନ କୃପଣକୁ ଯେଉଁ ଚରିତ ରତ୍ନପରି, ତାକୁ ମନ ଗଣ୍ଠିଧନ କରି ଟେକେଡ଼େ ଯତ୍ନରେ ରଖିଛୁ, ମାନ ମାରତସ୍କର (କାମଚୋର) ଭୟରେ ନିତ ହୃଦୟରେ ଦକ ଦକ ହେଉଛୁ ।

୧୭—ସେ ରତ୍ନର ଫନ୍ଦା (ବାଣିଜ୍ୟ) କରିବାର ନିଶ୍ଚୟ ହେଲା ଅତଏବ ଦୁଃଖ ଦଶାକୁ ସଂହାର କରିବ, କିନ୍ତୁ ସବୁକଥା ଭାଲବର୍ଣ୍ଣାବଳୀ (କପାଳ ଲେଖା) ଅନୁସାରେ ହୁଏ । ଆଜି ପର୍ଯ୍ୟନ୍ତ କେହି ତାକୁ ବଳି ନାହିଁ, ମୋ କପାଳରେ ଲେଖା ଥିଲେ ହେବ ।

୧୮—ତାହାଙ୍କୁ ଭେଟିଲେ ପ୍ରମୋଦ ଅକୂପାର (ଆନନ୍ଦ ସାଗର) ବଢ଼ିବ, ଏବଂ ଅସୀମ ଉପମା ରତ୍ନ ପ୍ରକାଶ ପାଇବ, କିନ୍ତୁ ସେ ରତ୍ନମାନଙ୍କୁ ଆଣିବାକୁ ଡର ନାହିଁ ପ୍ରଳୟ-ସୂଚକ ଯାକ (ପ୍ରଳୟ କାଳୀନ ଘଟଣା ମାନ, ଏବଂ ଦର୍ଶନରେ ମୋହ ଜଡ଼ତାଦି ଘଟଣାମାନ) କାତର କରି ପକାଇବେ ।

୧୯—ଏ (ପ୍ରଳୟ) ହେଲେ ପୁଣି ନୂତନ ସୃଷ୍ଟି ରଚିତ ହେବ, ନୂତନ ସୃଷ୍ଟିରେ ସଲିଳ (ଜଳ) ବିହାର (ନାମ) ହୋଇଯାଏ, ଏ (ମୋହ ଜଡ଼ତାଦି) ପରେ ପୁଣି ନୂତନ ପ୍ରେମ ସୃଷ୍ଟି ରଚିତ ହେବ, ତହିଁରେ ମୋହର ଉଚିତ ରୂପେ ସଲୀଳ ବିହାର (ଲୀଳା) ସହ କ୍ରୀଡ଼ା ହେବ ମୁଁ ସେହି ରସରେ ଜର୍ଜର ହୋଇ ଅନ୍ୟ କାର୍ଯ୍ୟରେ ଅଲସ ହେବିନାହିଁ ।

ବିବଧି ବଶୀକରଣ ବୋଲନ୍ତି ସଂସାର । କି ମନ୍ତ୍ର କି ମଣି କେଉଁ ଅଉଷଧି ସାର ।
ପଗୃରନ୍ତି କେ ଉପାୟୀ । ଘେନାଥାନ୍ତି ତାହା ଚତୁର୍ବ୍ୟସ ବେଳ ପାଇ ॥ ୨୦
ଉଣା ଅଧିକେ ସଂଯୋଗ ପୂର୍ବରୁ ହୋଇଛି । ଶଶ ରହି ଚନ୍ଦ୍ରେ ରାହୁ ପୀୟୂଷ ପିଇଛି ।
ଗଲା ଏକଲୟ ପଦ । ଭକ୍ତି ପରିଚୟ ଏହୁଠାରୁ ଆସପଦ ॥ ୨୧
କୁମାରୀ ବୟସରେ ମୁଁ ତ କମଳା ଅଟଇ । ପୁଂସ-ବଧୂ ଜାନୁ ଲୀଳା ମୋତେ ସେ ଘଟଇ ।
ଗୁଣ-ଗର୍ବିତା ଲକ୍ଷଣ । ଉତ୍କଣ୍ଠା ବଶରୁ କବି ଦେଲା ବିଚକ୍ଷଣ ॥ ୨୨
ପୁନଃ ପୁନଃ ଭାବନା କରଇ ସୁରସିକ । ହୋଇବେ ବଡ଼ାଇହୀନ ଏବେ କଉଶିକ ।
ତପ ବିନା ଅନାୟାସେ । ବ୍ରହ୍ମପଦ ସୁଖ ମୋର ଜାତ ହୋଇ ଆସେ ॥ ୨୩
ଗନ୍ଧର୍ବ-ସଖୀ ଭାବଇ ଫୁଲ ଚମ୍ପା ପରି । ଭ୍ରମର ମୋହିତ ତହିଁ ନୋହେ ପରମ୍ପରା ।
କିବା ହେଲେ ସେପରିରେ । ଏ ଜୀବ ଯିବାର ହେବ ନ ରହି ଶରୀରେ ॥୨୪

୨୦—ସଂସାରରେ ତିନି ପ୍ରକାର ବଶୀକରଣ ଉପାୟ ଅଛି ବୋଲି ଲୋକେ କହନ୍ତି କି ମନ୍ତ୍ର, କି ମଣି କେଉଁ ଔଷଧି ସବୁଠାରୁ ଶ୍ରେଷ୍ଠ କେହି ଉପାୟ ଜାଣିବା ଲୋକକୁ ପଚାରନ୍ତି, ତାହାଠାରୁ ତାକୁ ନେଇ ଚତୁର୍ବ୍ୟସ (ଗୃହରକ୍ଷୁ) ହେବା ବେଳେ ଘେନାଥାନ୍ତି ।

୨୧—ମୁଁ ତାହାଠାରୁ ଊଣା ସେ ମୋ ଠାରୁ ଅଧିକ କିପରି ସଂଯୋଗ ହେବ, ନା ଏପରି ସଂଯୋଗମାନ ପୂର୍ବରୁ ହୋଇଛି, ଚନ୍ଦ୍ରଠାରେ ଶଶ ରହିଛି, ରାହୁ ଅମୃତ ପିଇଛି । ଏକଲୟ (ସୁନ୍ଦର ସୁନ୍ଦରୀ ଦୁହିଁଙ୍କର ଏକ ପ୍ରକାର ଭାବନା) ପଦ ଶେଷ ହେଲା । ଏହିଠାରୁ ପୃଥକ୍ ପୃଥକ୍ ଭକ୍ତି ପରିଚୟ ଆସ୍ପଦ (ସ୍ଥାନ) ପାଇଲା ।

୨୨—କୁମାରୀ ବୟସରେ ମୁଁ କମଳା (ପଦ୍ମିନୀ) ସୁତରାଂ କମଳା (ଲକ୍ଷ୍ମୀ) ହେଲି, ସେ ପୁଂସବଧୂ (ପୁରୁଷ ଶ୍ରେଷ୍ଠ) ବଧୂ (ଭଗବାନ୍) ହେଲେ, ତେଣୁ ତାଙ୍କ ଜାନୁରେ ବସି ଲୀଳା କରିବା ମୋ ପକ୍ଷରେ ଘଟିଲା । ହେ ବିଚକ୍ଷଣ ପଣ୍ଡିତମାନେ ବିଚାର କର—ଉତ୍କଣ୍ଠା ହେତୁ ଗୁଣଗର୍ବିତା ଲକ୍ଷଣ ହେଲା ।

୨୩—ସୁରସିକ ପୁରୁଷ ପୁନଃ ପୁନଃ ଭାବେ—ଏବେ କୌଶିକ (ବିଶ୍ୱାମିତ୍ର) ବଡ଼ାଇ ଶୂନ୍ୟ ହେବେ । ଯେ ହେତୁରୁ ବିନା ତପସ୍ୟାରେ ଅକ୍ଲେଶରେ ମୋହର ବ୍ରହ୍ମପଦ ସୁଖ ଜାତ ହୋଇ ଆସୁଛି (ବିଶ୍ୱାମିତ୍ର କଠୋର ତପସ୍ୟା କରି ବ୍ରହ୍ମପଦ ପାଇଥିଲେ) ।

୨୪—ଗନ୍ଧର୍ବ ସଖୀ (କୋଟିବ୍ରହ୍ମାଣ୍ଡସୁନ୍ଦରୀ) ଭାବେ-ଚମ୍ପା ଫୁଲରେ ଭ୍ରମର ମୋହି ନ ହେବାର ପରମ୍ପରା ଅଛି, ସେ ହେଲେ ଏ ଜୀବ ଶରୀରରେ ନ ରହି ବାହାରି ଯିବାର ହେବ ।

ନାଗର ଭାବେ ପଦ୍ମିନୀ ସୁରଭି ନିଳୟ । ମୁଦ୍ରିତ କରି ନ ରଖେ ସୁଧାଙ୍କରେ ଲୟ ।
କି କରିବଟି ତେମନ୍ତେ । ଦହ୍ୟ ହେବ ନିରତେ ସଗର-ସୁତ ମତେ ୨୫
ବାଳୀ ରୂପ-ଗର୍ବେ ଭାଳି ବୋଲନ୍ତି ଜଗତେ । ନାହିଁ ତ ମୋ ପ୍ରାୟେ ଶୋଭା ବର୍ତ୍ତିମାନ ଗତେ ।
ଅଜ ଆଗତେ ନୋହିବ । ଏମନ୍ତ ସ୍ୱରୂପ ଯୁବା ଚିତ୍ତ ନ ମୋହିବ ॥ ୨୬
ପୁରୁଷ ଭାବେ ପୂତନା-ମର୍ଦ୍ଦନ-ନନ୍ଦନ । ହୋଇ ନାରୀ ଈର୍ଷ୍ୟା କି ଛାଡ଼ିବ ମଦନ ।
ଛନ୍ଦ କରିବ ତା ଭାଳି । ସ୍ତନ ବ୍ୟାଜେ ଅଛି ପୁଣି ଶମ୍ଭୁକୁ ସମ୍ଭାଳି ॥ ୨୭
ରାମା ଚିନ୍ତି ବୀର ଉର କଠିନ ପାଷାଣ । ରସିତ ନୋହିବେ ପରା ସେ ହେମର-ଶାଣ ।
ଗୁଣୀ କଷ ତା ବାହନ୍ତି । ହେମ ଅଙ୍ଗୀ ବୋଲି ମୋତେ ସମସ୍ତେ କହନ୍ତି ॥ ୨୮
ସିହାଣି ବରୁରେ ମୋତେ ନ କରିବ ଦୟା । ଗିରି ପରିରେ କଠୋର ହୃଦଜ-ଉଦୟା ।
ଏଥି ଭରସା ହୁଅଇ । ଭଲ କଲି ନାରିକେଳ ଉପମା ଦିଅଇ ॥ ୨୯

୨୫—ନାଗର ଭାବଇ-ସେ ସୁନ୍ଦରୀତ ପଦ୍ମିନୀ ସୁରଭି ନିଳୟ (ସୁବାସସ୍ଥାନ) ପଦ୍ମ ଯେପରି ହୃଦୟକୁ ମୁଦ୍ରିତ କରି ଚନ୍ଦ୍ରଠାରେ ଲୟ ରଖେନା, ସେହିପରି ସୁନ୍ଦରୀ ଚକ୍ଷୁମୁଦି ମୋ ମୁଖଚନ୍ଦ୍ରକୁ ଯେବେ ନ ଚାହେଁ ତେବେ କି କରିବଟି, କେବଳ ସଗରସୁତ ପରି ସବୁଦିନେ ସିନା ଦହ୍ୟ ହେବ ॥

୨୬—ବାଳୀ (ସୁନ୍ଦରୀ) ରୂପଗର୍ବରେ ଭାବି କହନ୍ତି ଜଗତରେ ମୋ ପରି ଶୋଭା ବର୍ତ୍ତିମାନ ନାହିଁ, ଗତେ (ଅତୀତରେ) ନ ଥିଲା, ଅଜ ମଧ୍ୟ ଆଗତେ (ଭବିଷ୍ୟତରେ) ହେବନାହିଁ । ଏପରି ରୂପ ଯୁବାଚିତ୍ତକୁ କାହିଁକି ନ ମୋହିବ ॥

୨୭—ପୁରୁଷ ଭାବେ ମଦନ ପୂତନା ନାମ୍ନୀ ସ୍ତ୍ରୀକୁ ମର୍ଦ୍ଦନ କରିଥିବା ଶ୍ରୀକୃଷ୍ଣଙ୍କର ପୁତ୍ର ହୋଇ ନାରୀଈର୍ଷ୍ୟା (ନାରୀହିଂସା) ଛାଡ଼ିବ କି ? ପୁଣି ସେ ସୁନ୍ଦରୀ ସ୍ତନ ବ୍ୟାଜରେ କାମଶତ୍ରୁ ଶମ୍ଭୁକୁ ସମ୍ଭାଳିଛି, ସେ ତାହା ଭାବି ଅବଶ୍ୟ ତାକୁ ଉଚ୍ଛନ୍ନ କରିବ, ଅତଏବ ସେ ସୁନ୍ଦରୀ ମୋ ଠାରେ ସ୍ନେହ କରିବ ॥

୨୮—ରାମା ଚିନ୍ତା କଲା-ବୀର ଉର (ହୃଦୟ) ପାଷାଣ ପରି କଠିନ, ସେ ବୀର ମୋଠାରେ ରସିଲବ ନାହିଁ ପରା, ନା ହେବେ, ସେ ହୃଦୟ ନମାତେ ସମସ୍ତେ (କଷଟିପଥର) ଗୁଣିମାନେ କଷଟିରେ ତାହାକୁ କଷନ୍ତି । ମୋତେ ସମସ୍ତେ ହେମାଙ୍ଗୀ ବୋଲି କହନ୍ତି, ସେତ ଗୁଣି ଅବଶ୍ୟ ମୋତେ ହୃଦୟରେ କଷ କରିବେ ॥

୨୯—ସିହାଣି (ପୁରୁଷ) ବରୁରଇ-ସେ ମୋତେ ଦୟା କରିବ ନାହିଁ ପରା, ଯେ ହେତୁ ତାହାର ହୃଦୟରେ ପର୍ବତ ପରି କଠୋର ହୃଦଜ (ସ୍ତନ) ଉଦୟ

ଭାନୁଁ ବୁହେଁ ହୋଇଲେ ନିର୍ମଳ-ଭାବ ଅଶା । ଦେଖି ସୁଖୀ ବୃଦ୍ଧି ଅଜ ଭେଟ
ହେବା ଅଶା ।
ତେବେ ଗଲେ ନୀତ ଅଶେ । କାବ୍ୟ ସର୍ଗ ଭଙ୍ଗେ ଯଥା ଅନ ବୃତ୍ତ ବଟେ ॥ ୩୦
ଏତ ପରିକୃତ କାବ୍ୟ ଛାନ୍ଦ ପ୍ରାନ୍ତ ସତ । ଦୃଷ୍ଟ ଦୃଷ୍ଟାନ୍ତର ଏଥି ଅଛି ବିଶେଷତ
ଘେନ ନୈଷଧ ପରିଷେ । ଉପଇନ୍ଦ୍ର କହେ ବୁଧ ପ୍ରମୋଦ କରାଏ ॥ ୩୧

—o—

ଦ୍ୱାଦଶ ଛାନ୍ଦ

(ସୁନ୍ଦରୀର ବେଶ ରଚନା ।)

ରାଗ ବରାଡ଼ି । ଅଷାଢ଼ଶୁକ୍ଳ ବାଣୀ

ଖଳ ବାଳଣେ ଏ କଥା ପ୍ରସଙ୍ଗ । ତାଙ୍କ ଚିତ୍ତ କାହିଁ ସୁଗୀତେ ସଙ୍ଗ ।
ଯେ କବି ଅର୍ଥୀ ପଣ୍ଡିତ ସୁହୃଦ । ରସିକ ଯେହୁ ଘେନି ମୋ ଏ ଛାନ୍ଦ
ବ୍ୟସ୍ତ ଅଲଙ୍କାର । ମଣ୍ଡନ-ବିଧି ନିର୍ଦ୍ଦୋଷ ବିସ୍ତର ॥ ୧

ହୋଇଅଛି, କିନ୍ତୁ ଉତ୍ତମ କବିମାନେ ସେ ସ୍ତନକୁ ନାରିକେଳ ସହିତ ଉପମା ଦେଇଥିବାରୁ ମୋତେ ଦୟା କରିବ ବୋଲି ଭରସା ହେଉଅଛି । (ନାରିକେଳ ଉପରେ କର୍କଶ ହେଲେ ମଧ୍ୟ ଭିତରେ ସରସ) ।

୩୦—ବୁହେଁ ଏହିପରି ଭାବରୁ ୨ ଅଶା (ଦଗ) ନିର୍ମଳ ହୋଇଗଲା (ରାତ୍ରପାହିଗଲା) ଦେଖି ସୁଖୀ ହେଲେ, ଭେଟ ହେବାର ଅଶା ବଢ଼ିଲା, ବୁହେଁ ନୀତ ଅଶେ (ନିତ୍ୟକର୍ମ ସାରିବା ଅଶାରେ) ଗଲେ, ଯେପରି କାବ୍ୟର ସର୍ଗ ସମାପ୍ତିରେ ଅନ୍ୟ ବୃତ୍ତବସେ, ସେହିପରି ରାତ୍ରିଯାକ ଏକ ଭାବନା ଥିଲେ ମଧ୍ୟ ପ୍ରଭାତରେ ସେ ବୁହିଁଙ୍କର ଅନ୍ୟଭାବ ହେଲା ।

୩୧—ଏତ ପରିକୃତ କାବ୍ୟ, ଛାନ୍ଦ ମଧ୍ୟ ଶେଷ ହେଲା ଏଥିରେ ପୂର୍ବୋକ୍ତ ଦୃଷ୍ଟାନ୍ତର ଦୃଷ୍ଟି (ଦର୍ଶନ) ବିଶେଷ ଭାବରେ ଅଛି । ନୈଷଧପରି ଏ କାବ୍ୟ ପଣ୍ଡିତମାନଙ୍କର ଆନନ୍ଦ କରାଏ ଅତଏବ ଏହାକୁ ମନରେ ଘେନ ।

—o—

୧—ଖଳ ଓ ବାଳଣେ (ମୂର୍ଖମାନଙ୍କ ପକ୍ଷରେ) ଏକଥା ପ୍ରସ୍ତାବ ନୁହେଁ, ଯେହେତୁ ସେମାନଙ୍କ ଚିତ୍ତର ସୁଗୀତରେ ସଙ୍ଗ କାହିଁ ? ଯେଉଁମାନେ କବି, ଅର୍ଥଜ୍ଞ ପଣ୍ଡିତ, ସହୃଦୟ ଓ ରସିକ ସେହିମାନେ ଏ ଛାନ୍ଦକୁ ଗ୍ରହଣ କରିବେ । ଏ ଛାନ୍ଦରେ ବ୍ୟସ୍ତାଲଙ୍କାର ଓ ମଣ୍ଡନବିଧି (ବେଶ ବିଧାନ) ନିର୍ଦ୍ଦୋଷରୂପେ ବିସ୍ତର କରାଯାଇଅଛି ।

ଉତ୍ପ୍ରେକ୍ଷା ଉପମା ରୂପକ ତିନି । ବକ୍ରୋକ୍ତି ଶ୍ଳେଷ ଅଭିପ୍ରାୟ ଘେନି ।
ଦତ୍ତଚ୍ୟୁତାକ୍ଷର ଉଦୟ କାହିଁ । ବୁଝ ସଂଖ୍ୟାବାନ ଅସ୍ତୁତ୍ୱ ନାହିଁ ।
ନିତ ସାରବାକୁ । ସଖୀଗଣେ ବେଢ଼ି ନୃପ ଜେମାକୁ ॥ ୨
ସୁଭରଙ୍ଗା-ବଲ୍ଲୀ ଭାଳି ଏ ବାଳା । ବିଶୁଦ୍ଧ ହେମ ପୂରଟ-ପିତୁଳା ।
ଦିବ୍ୟ ପୀଠ ତୁଳ ପାଣେ ବସାଇ । ହରଦ୍ରା ଲେପ ଦେଇ ଉଚ୍ଛୁଟାଇ ।
ପତନ ସେ ରେଣୁ । କର-କରତେ ଘରଷଣି ଯେଣୁ ॥ ୩
ନୂତନେ ଦହ୍ୟତ ବିରହାନଳେ । ହେବାର ଜାଣି ମଜ୍ଜାଇଲେ ଜଳେ ।
ତୈଳ-ଯୋଗ-ତେଲ ଛଳ ରସାଣ । ପାଇ କାନ୍ତି ମହୋଜ୍ଜ୍ୱଳ ଦ୍ୱିଗୁଣ ।
ତହୁଁ ନେଇ ପୁରେ । ବସାଇ ବେଶ କରିବା ବଗୃହେ ॥ ୪
ଶିଳ୍ପକାରିକା ଏ କହିଲେ ତହିଁ । ମହାମହୀପତି-କୁମାରୀ ତୁହି ।
ନିନ୍ଦା ଅଳଙ୍କାରେ ହେବାର ଶୂନ୍ୟ । ଅଳଙ୍କାରେତ ହୋଇଲୁଣି ଧନ୍ୟ ।
ଅଳଙ୍କାରେ ତୋତେ । ଅଳଙ୍କାର କରି ଲେଖୁଁ ସମସ୍ତେ ॥ ୫

୨—ଉତ୍ପ୍ରେକ୍ଷା, ଉପମା ଓ ରୂପକ ଏହି ତିନିଅଳଙ୍କାର ବକ୍ରୋକ୍ତି ଓ ଶ୍ଳେଷାଲଙ୍କାରର ଅଭିପ୍ରାୟ ଘେନି ରହିଅଛନ୍ତି । କୌଣସି ୨ ଠାରେ ମଧ୍ୟ ଦତ୍ତଚ୍ୟୁତାକ୍ଷର ଉଦିତ ହୋଇଛି । ହେ ସଂଖ୍ୟାବାନ (ପଣ୍ଡିତମାନେ) ବୁଝ । ଅନ୍ୟମାନଙ୍କର ବୁଝିବାର ଆପୃତ୍ତ ନାହିଁ । ନିତ୍ୟକର୍ମ ସାରିବାପାଇଁ ସଖୀମାନେ ରାଜନନ୍ଦନୀକୁ ବେଢ଼ିଗଲେ ।

୩—ସୁଭରଙ୍ଗା (ସୁସ୍ତ୍ରୀ) ସଖୀମାନେ ଭାବିଲେ ଏ ବାଳା ବିଶୁଦ୍ଧ ସୁବର୍ଣ୍ଣ ନିର୍ମିତ ପୂରଟ (ପୂର୍ଣ୍ଣାବୟବ ଯୁକ୍ତ) ପିତୁଳାଟିଏ, ତେଣୁ ତାହାକୁ ଦିବ୍ୟ ପୀଠ (ଆସନ) ରୂପ ନିକାଡରେ ବସାଇ ହଳଦୀ ଲେପଦେଇ ଉଚ୍ଛୁଟାଇଲେ (ଛଡ଼ାଇଲେ) । ହସ୍ତରୂପ କରତରେ ଘଷିବାରୁ ସେ ରେଣୁ (ସ୍ୱର୍ଣ୍ଣ ରେଣୁ ପରି ହରଦ୍ରା ଗୁଣ୍ଡି) ପଡ଼ିଲା ।

୪—ବିରହାଗ୍ନିରେ ନୂଆ ଦହି ହେବାର ଜାଣି ଜଳରେ ନେଇ ବୁଡ଼ାଇଲେ । ସେ ସ୍ୱର୍ଣ୍ଣ ପିତୁଳା ତୈଳ ଯୋଗ ତେଲ (ଗାମୁଛା) ଛଳରେ ରସାଣକୁ ପାଇବାରୁ (ଗାମୁଛାରେ ପୋଛି ହେବାରୁ) ତାହାର କାନ୍ତି ଦୁଇଗୁଣ ଉଜ୍ଜ୍ୱଳ ହେଲା, ତତ୍ପରେ ସଖୀମାନେ ବେଶ କରିବା ଗୃହ ପୁରକୁ ନେଇ ବସାଇଲେ ।

୫—ସେଠାରେ କେହି ଶିଳ୍ପକାରିକା (ବେଶକାରୀ) କହିଲା—ତୁ'ତ ରାଜାଧିରାଜ ନନ୍ଦନୀ, ପୁଣି ଯୌବନ ଲଭି ଅଳଙ୍କାର ଶାସ୍ତ୍ରରେ ଧନ୍ୟ ହେଲୁଣି, ଅଳଙ୍କାରରେ (ଭୂଷଣରେ) ଶୂନ୍ୟହେବା ତୋହ ପକ୍ଷରେ ନିନ୍ଦାହେବ । ଆମ୍ଭେ ସମସ୍ତେ ତୋତେ ଅଳଙ୍କାରେ (କୁବେର ପୁରୀରେ ଥିବା ସୁନ୍ଦରୀମାନଙ୍କ ମଧ୍ୟରେ) ଅଳଙ୍କାର କରି ଲେଖୁଁ ।

ତଥାପି ଭୂଷଣ ନୋହେ ଦୂଷଣ । ତୁହ୍ମ ଚନ୍ଦ୍ରମା ସେ ରଜନୀ ଜାଣ ।
ପରସ୍ପରେ କରେ ଶୋଭା ଅଧିକା । ସୁକୁମାରୀ ବୋଲି ନ କର ଶଙ୍କା ।
ଏଥୁଁ ହେବ ଭାର । ପୟୋଧର ତୋ ଧରାଧର ପରି ॥ ୬
ତାର ଏମନ୍ତ କହୁଁ ଭଙ୍ଗୀ-ଆଳୀ । ବେଶ ସମ୍ଭାରମାନ ଘେନି ମିଳି ।
କେ କରେ ମାଜି ମୁକୁର ଦେଖାଇ । ମୁଖ ବିମ୍ବ ଧରି ବିମ୍ବ ବୋଲାଇ ।
ବୋଇଲା ଯେ ଜଣେ । ଦରପଣ ସିନା ବହେ ଈକ୍ଷଣେ ॥ ୭
ଏ କଥା କହିବାର ତାତପର୍ଯ୍ୟ । ଅଧିକ ବକ୍ତ୍ର ବାସେ ଶିରୋଧାର୍ଯ୍ୟ ।
ଫେଇ ସୁଗନ୍ଧ ଧୂମେ ଧୂପ ଦେଇ । ଗଜଦନ୍ତ-କଙ୍କତିକା ଚଳାଇ ।
ସେ ଏମନ୍ତ ଦିଶି । ଜଳଦ ପରେ ଧାମେ ଅର୍ଦ୍ଧଶଶୀ ॥ ୮
କଲା ଭଲ ବେଣୀ ହେଲା ଏ ଦୃଷ୍ଟି । କୁରୁଣ୍ଟକ ଗଣ୍ଠି କହ୍ଲାର ଫୁଟି ।
ରାଜହଂସ ପନ୍ତି ମୋତି-ସୀମନ୍ତ । ହୀରା-ପିହାଣିଆ ଅଗ୍ରରେ ତଥି ।
ବଣା ଏକ ହଂସୀ । କାଳିନ୍ଦୀ ସ୍ରୋତେ ଯାଉଅଛି ଭାସି ॥ ୯

୬—ତଥାପି ଅଳଙ୍କାର ଦୋଷାବହ ନୁହେ, କାରଣ, ତୁହ୍ମ ଚନ୍ଦ୍ରମା, ଅଳଙ୍କାର ସବୁ ରାତି; ଚନ୍ଦ୍ର ଓ ରାତି ପରସ୍ପର ଶୋଭାକୁ ଅଧିକ କରନ୍ତି, ତୁ ସୁକୁମାରୀ ହେଲେହେଁ ଅଳଙ୍କାର ଭାର ହେବ ବୋଲି ଶଙ୍କା କରନା, ତୋହର ସ୍ତନପରା ଧରାଧର (ପର୍ବତ) ପରି ତାକୁ ତୁ ବହିଅଛୁ, ଅଳଙ୍କାର କଣ ତାଠାରୁ ଭାରୀହେବ ।

୭—ବେଶକାରୀ ଏପରି କହନ୍ତେ ଭଙ୍ଗୀ ଆଳୀ (ଚତୁରା ସଖୀ) ବେଶ ସମ୍ଭାର ମାନ (ଉପକରଣ ସବୁ) ଘେନି ପହୁଞ୍ଚିଲେ, କେହି ଦର୍ପଣକୁ ହାତରେ ମାଜି ଦେଖାଇ କହିଲା ଏ ସୁନ୍ଦରୀ ମୁଖ ବିମ୍ବକୁ ଧରି ଦର୍ପଣବିମ୍ବ ନାମ ବୋଲାଇଲା, ଆଉଜଣେ କହିଲା ଦର୍ପଣ ଈକ୍ଷଣେ (ଦର୍ଶନମାତ୍ରେ) ଦରପଣ (ଉପୃପଣ)କୁ ବହିବାରୁ ସିନା ଦର୍ପଣ ନାମକୁ ବହୁଛି ।

୮—ଏକଥା କହିବାର ତାତ୍ପର୍ଯ୍ୟ ଏହି ଯେ ଦର୍ପଣ ଫକ୍ତ ଘେନି ମୁଖ ସଙ୍ଗେ ସମାନ ହେଲା ମାତ୍ର ବକ୍ତ୍ର (ମୁଖ) ବାସେ (ସୁଗନ୍ଧରେ) ଅଧିକ ହେଲା । ତଦନନ୍ତର ଶିରୋଧାର୍ଯ୍ୟ (କେଶ) ଫେଡ଼ାଇ ସୁଗନ୍ଧ ଧୂମରେ ଧୂପ ଦେଇ ତହିଁରେ ହାତୀ ଦାନ୍ତର କଙ୍କତିକା (ପାନିଆ) ଚଳାଇଲେ ସେ ଏପରି ଦିଶିଲା—ମେଘ ଉପରେ ଅର୍ଦ୍ଧଶଶୀ (ଅଷ୍ଟମୀଚନ୍ଦ୍ର) ଧାଏଁ । ଜଳଦ (ମେଘ) ପରି କେଶ, ଅର୍ଦ୍ଧଚନ୍ଦ୍ର ପରି ପାନିଆ ।

୯—ବେଶକାରୀ ଭଲ ବେଣୀ କଲା, ତହିଁରେ ଏ ସବୁ ଦେଖାଗଲା,—କାଳିନ୍ଦୀଧାରା ସଦୃଶ ବେଣୀରେ କୁରୁଣ୍ଟକ ଗଣ୍ଠି (ଦାସକେରଣ୍ଟା ଫୁଲରେ କରଥିବା ଗଣ୍ଠି) ରୂପକ କହ୍ଲାର (ଶ୍ୱେତ ଉତ୍ପଳ) ଫୁଟିଛି, ମୋତି ସୀମନ୍ତ, ରାଜହଂସ ଶ୍ରେଣୀ ପରି ତାହା ଆଗରେ ଥିବା ହୀରା ପିହାଣିଆ ଏକ ହଂସୀ ସେ ବଣା ହୋଇ କାଳିନ୍ଦୀ ସ୍ରୋତରେ ଭାସି ଯାଉଛି ।

ସୁନାରୀମାନେ ଝିଲମିଲମାଳୀ । ବେନି ପାଶେ କଲେ ଉତଂସ ଝଲ ।
କଲେ ଅଳକା-ଦାଣ୍ଡେ ହାଟ ପରି । ପ୍ରସରାଇ ସ୍ୱର୍ଣ୍ଣ ରତ୍ନ ପସରି ।
ଚନ୍ଦ୍ର-ଝୁମ୍ପା ତହିଁ । କାହା ମାନସ ହରି ନେଉ ନାହିଁ ॥ ୧୦
ଭ୍ରୂରୁ ନୟନ ହାବ ଅଳଙ୍କାର । ବଶୀକରଣ ମଣି ଡୋଳା ତାର ।
ଅସ୍ତ୍ର ଭାବେ ଦେଲେ କଜ୍ଜ୍ୱଳ ଅଣି । କେତେ ଅପୂର୍ବ କଲେ ବପେ ଜାଣି ।
ସେ ମହା ଉଜ୍ଜ୍ୱଳ । ହେଲା ମୋହିବ ଭୁବନ-ମଣ୍ଡଳ ॥ ୧୧
ଧେନିଲେ ଦ୍ୱିଜ-ଶୋଭନୀ ଏ ବାମା । ସର୍ବ-ରିପୁ ପର୍ବ ପୂଜା-ପ୍ରତିମା ।
କଲେ ମଲ୍ଲୀକଢ଼ୀ ଫୁଲେ ଅର୍ଚ୍ଚନା । କର୍ଣ୍ଣ-ତାଟଙ୍କ ଅଲକ୍ତ ରଚନା ।
ସୁବାସ ଚନ୍ଦନ । ଗନ୍ଧ ମିଶ୍ରିତ ତିଲକେ ବନ୍ଦନ ॥ ୧୨
କରି ସେ ଅତି ଜ୍ୟୋତି-ମୋତି ଗୁଚ୍ଛ । ନାସା ଛୁଇମାରୁ ହୋଇଲେ ସ୍ୱଚ୍ଛ ।
ପାଣି ଅଞ୍ଜଳି କରି ମୁଦ୍ରାମାନ । ଦେଖାଇ ଅଙ୍ଗୁଳି ଧଇଲେ ପୁନ ।
ଭୋଗ କରି ତହିଁ । ତାମ୍ବୁଳ ବଟିକା ହରଷେ ଦେଇ ॥ ୧୩

୧୦—ଉତ୍ତମ ନାରୀ ସଖୀମାନେ ଝିଲମିଲି ମାଳୀର ଦୁଇ ପାଖରେ ଉତଂସ (କର୍ଣ୍ଣଭୂଷଣ) ଝଲ (ଉଜ୍ଜ୍ୱଳ) କଲେ, ତହିଁରେ ଏପରି ଅନୁମାନ ହେଲା — ସ୍ୱର୍ଣ୍ଣ ରତ୍ନର ପସରା ସଦୃଶ ଅଳଙ୍କାର ମାନଙ୍କୁ ପ୍ରସାର କରି ଅଳକା (ଚୂର୍ଣ୍ଣ କୁନ୍ତଳ) ଦାଣ୍ଡରେ ହାଟ କଲେ ପରି । ତହିଁରେ ଥିବା ଚନ୍ଦ୍ରଝୁମ୍ପା କାହାର ମନ ହରୁ ନାହିଁ ।

୧୧—ଏ ଭ୍ରୂରୁ (ଲଜ୍ଜାଶୀଳା) ସୁନ୍ଦରୀର ନୟନର ହାବ (ବକ୍ରଦୃଷ୍ଟି, ଭ୍ରୂଭଙ୍ଗ ପ୍ରଭୃତି) ଅଳଙ୍କାର, ତାହାର ଡୋଳା ବଶୀ କରଣ ମଣି, ପୁଣି ଏ କାମ-ଦେବର ଅସ୍ତ୍ର-ଏହି ଭାବରେ କଜ୍ଜ୍ୱଳ ଅଣିଦେଲେ, ସଖୀମାନେ ଜାଣିପାରି କଜ୍ଜ୍ୱଳରୂପ ବପରେ କେତେ ଅପୂର୍ବ କଲେ, ସେ ମହା ଉଜ୍ଜ୍ୱଳ ହେଲା ଭୁବନ ମଣ୍ଡଳ ମୋହିବ ।

୧୨—ଦ୍ୱିଜ ଶୋଭନୀ (ଦନ୍ତଶୋଭନୀ) ସଖୀମାନେ ମନରେ ଧେନିଲେ ଅଥବା ଶୋଭନୀମାନେ ମନେ ଧେନିଲେ ଆମ୍ଭେମାନେ ଦ୍ୱିଜ (ବ୍ରାହ୍ମଣ) ଏ ବାମା ସର୍ବରିପୁ (କାମ)ର ପର୍ବ (ଅଶ୍ୱିନପର୍ବ) ପୂଜାପ୍ରତିମା, ମଲ୍ଲୀକଢ଼ୀ (ମଲ୍ଲିକାକଢ଼ୀ) ଓ କର୍ଣ୍ଣଫୁଲ କାନରେ ଦେଲେ । (ପୂଜା ପ୍ରତିମାକୁ ମଲ୍ଲୀକଢ଼ୀ ଫୁଲରେ ପୂଜାକଲେ), କର୍ଣ୍ଣ ତାଟଙ୍କ ରୂପ ଅଲକ୍ତ ରଚନା କଲେ (କାନରେ ତାଟଙ୍କ ଦେଲେ), ସୁଗନ୍ଧ ମିଶ୍ରିତ ତିଲକରୂପ ସୁବାସ ଚନ୍ଦନରେ ପୂଜାକଲେ ।

୧୩—ଅତି ଉଜ୍ଜ୍ୱଳ ମୋତିକା ଗୁଚ୍ଛ କଲେ ସେ ନାସା ଛୁଇଁବାରୁ (ନାକରେ ଯୁକ୍ତ ହେବାରୁ) ମନୋହର ହେଲା, (ତାହା ପୂଜା ପଣ୍ଡାର ଅଙ୍ଗନ୍ୟାସ ବେଳେ ନାକଛୁଇଁବା ହେଲା)କେଉଁ ସଖୀ ପାଣି (ହାତ) ଅଞ୍ଜଳି କରି ମୁଦ୍ରା

ଉରଜ ମହେଶ ଜନାଇ ପାଇ । ନୀଳ-ଚୈଳ ଗଜ-କୁମ୍ଭ ଘୋଡ଼ାଇ ।
ହାର ଦେଖି ଗଙ୍ଗାଧର ହୋଇଲା । କେ ବୋଲନ୍ତି କେ ବୋଲେ କେବେଁ
ନୋହିଲା ।
ଏ ପୁଂନାଗ-ମାଳା । ସମ୍ଭାବିତ ଯହିଁ ତହିଁ ରହିଲା ॥ ୧୪
କଣ୍ଠ କମ୍ବୁ ଘେନି ବହୁତ ମାଳୀ । ପୁଣି ସନ୍ନିଧେ କରାଇଲେ ଝଲି ।
କେ ଭାଷେ ଏ ଶମ୍ଭୁ ତଳେ ବଧାତା । ଉଲଟାଇଛି ଜଘନ-ପାର୍ବତୀ ।
ବାନ୍ଧିବା କି ପୁଚ୍ଛେ । ଏହା ଡମ୍ବରୁ ମଧ୍ୟେ ଘଣ୍ଟି ସ୍ୱଚ୍ଛେ ॥ ୧୫
ଜ୍ୟୋତର୍ବିଦା ଭାଷି ଏ ଶୋଭା-ରାଶି । ନକ୍ଷତ୍ର-ମାଳା ଯୋଗେ ଶୋଭା ଦିଶି ।
ପୁଣି ଚନ୍ଦ୍ର ଭୋଗ କରେ ଏ ନିତ୍ୟ । ଶଉରି ସଙ୍ଗରେ ସଭେଦ କୃତ ।
ଦେବ ତାଡ଼ ଭୂଜେ । ଉଦିତ ହେବ କବି ଦୃଷ୍ଟି ଉର୍ଜେ ॥ ୧୬

(ମୃଦ) ମାନଅଣି ଦେଖାଇଲା (ସେ ଅଞ୍ଜଳି ମୁଦ୍ରା ଦେଖାଇବା ହେଲା) ପୁଣି ମୃଦଦେବାକୁ ଅଙ୍ଗୁଳି ଧଇଲେ (ସେ ଅଙ୍ଗୁଳି ମୁଦ୍ରା ହେଲା) ତହିଁ ଭୋଗ (ନୈବେଦ୍ୟ)କର ଆନନ୍ଦରେ ତାମ୍ବୁଳ ବାଟିକା ଦେଲେ ।

୧୪—ଉରଜ (ସ୍ତନ) ରୂପ ଶିବଙ୍କର ଜନାଇ ପାଇଁ (ପ୍ରକୃତରୂପ ଦେଖାଇବା ନିମିତ୍ତ) ନୀଳ ଚୈଳ (ନୀଳକାଞ୍ଚଲା) ରୂପକ ଗଜକୁମ୍ଭ (ହସ୍ତୀଚର୍ମ) ଘୋଡ଼ାଇମୁକ୍ତାହାର ଦେଖି ଶିବ ଗଙ୍ଗାଧର ହେଲେ ବୋଲି କେଉଁ ସଖୀ କହିବାରୁ କେହି କହିଲା-କେବେଁ ନୋହିଲା ଏ ପୁଂନାଗ ମାଳା (ସର୍ପମାଳା) ଯେଉଁଠାରେ ସର୍ପମାଳା ରହିବା ସମ୍ଭାବିତ ସେହିଠାରେ (ସ୍ତନଶିବଉପରେ) ରହିଲା ।

୧୫—ପୁଣି ସ୍ତନ ଶିବ ସମୀପରେ ବହୁତ ମାଳୀ (ହାର) ଦେବାଦ୍ୱାରା କଣ୍ଠକମ୍ବୁକୁ (ଶଙ୍ଖତୁଲ୍ୟ କଣ୍ଠକୁ) ଝଲି କରାଇଲା, (ଶିବଙ୍କର କଣ୍ଠମଧ୍ୟ ଶଙ୍ଖ ମାଳାରେ ଝଲିଥାଏ)କିଏ କହିଲା ଏଶମ୍ଭୁଙ୍କ ତଳେ ବଧାତା ଜଘନରୂପରେ ତାହାଙ୍କର ପାର୍ବତୀଙ୍କ ଉଲଟାଇ ଥୋଇଛି । କେହି ପଚାରିଲେ-ଶିବ ଡମ୍ବରୁ ତୁଲ୍ୟ ଏହାର ମଧ୍ୟ-ଦେଶରେ ସ୍ୱଚ୍ଛ (ସୁନ୍ଦର ଦିଶିବାପାଇଁ) ଘଣ୍ଟିକି ବାନ୍ଧିବା କି ।

୧୬—ଜ୍ୟୋତର୍ବିଦା (ଜ୍ୟୋତିଷ ଦୁହିତା) ଭାଷିଲା-ଏ ଶୋଭାରାଶି (ସୁନ୍ଦରୀ) ଶୋଭାରାଶି (ମେଷାଦି ଦ୍ୱାଦଶ ରାଶି) ପର-ସୁନ୍ଦରୀର ନକ୍ଷତ୍ରମାଳା (ମୁକ୍ତାମାଳା) ଯୋଗରେ ଶୋଭା ଦିଶଇ ନକ୍ଷତ୍ରମାଳା ଯୋଗରେ (ସପ୍ତବିଂଶ ନକ୍ଷତ୍ର ଚକ୍ରରେ) ବାରରାଶିର ଶୋଭା (ଆକୃତି) ଦେଖାଯାଏ, (ପ୍ରତ୍ୟେକ ନକ୍ଷତ୍ର ଚାରିପାଦ କରି, ନଅ ପାଦରେ, ଗୋଟିଏ ରାଶି ହୁଏ;ଯେପରି ଅଶ୍ୱିନୀ ୪ପାଦ, ଭରଣୀ ୪ପାଦ ଓ କୃତ୍ତିକାର ୧ପାଦ ଏହି ୯ପାଦରେ ମେଷରାଶିର ଆକୃତି ଦିଶେ, ଏହିପରି ମଧ୍ୟ ଅନ୍ୟାନ୍ୟ ରାଶି ମାନଙ୍କର ଆକୃତି (୨୭ ନକ୍ଷତ୍ରରେ ଦିଶେ) । ପୁଣି ଏ ରାଶିରେ ଶଉରି (ଶନି) ସଙ୍ଗରେ ଚନ୍ଦ୍ର ଭୋଗକରେ, ଦେବତାଡ଼ (ରାହୁ) ଭୁଜେ (ମଙ୍ଗଳଠାରେ) କବି (ଶୁକ୍ର)

କି ଦୃଷ୍ଟିବୋଲି ପଚାରିଲା କେହି । ବୋଇଲି ମରକତେ ନିର୍ମିତ ସେହି ।
ଘନାଲିଙ୍ଗନେ ଶମ୍ପା ସ୍ଥିର ପରି । ଦଶି ହୋଇବ ଯେ ନୟନ କାରି ।
ଟଙ୍କ କରି ଦେଲେ । ସେହି ଶୋଭାକୁ ପ୍ରତ୍ୟକ୍ଷେ ଦେଖିଲେ ॥ ୧୭
ସୁମନାମାନେ ମାନସେ ବିଚାରି । ଲାବଣ୍ୟ-ସିନ୍ଧୁ ନିଶ୍ଚେ ଏ ନାଗରୀ ।
କରି ମକର ତୁରିତେ ରଞ୍ଜିତ । ଉରମ କଟକେ କରେ ସଂଯୁତ ।
ପୁଣି ସେ ସତ୍ୱର । ପୟରେ ଲୀଳା ଦେଇ ହଂସକର ॥ ୧୮
ବୋଇଲେ ଧୁନି ମେଳ ହେବା ବେଳେ । ଦେବ ଯୁବା-ଧୈର୍ଯ୍ୟ ବୁଡ଼ାଇ ହେଲେ
ଗମ୍ଭୀର-ଗୁଣା ନିପୁଣା ଏ ପୁଣି । ମୀନ ନୟନ ତରଙ୍ଗ ଗୃହିଣୀ ।
କମନୀୟ ଶିରୀ । ସବୁ ପ୍ରକାରେ ଅଛି ଜାତ କରି ॥ ୧୯

ଦୃଷ୍ଟି ଉର୍ଜେ (ରଙ୍ଗରେ) ଉଦିତ ହୁଏ । ଏ ସୁନ୍ଦରୀସ ଜରୀ (ଜର ସହିତ) ସ୍ତନସଙ୍ଗରେ ଚନ୍ଦ୍ର (ସୁବର୍ଣ୍ଣହାର) ଭୋଗକରେ, ଏଠାରେ "ସ"ର ଭେଦ କରାଗଲା (ଅର୍ଥାତ ଶଜରୀ ତାଲବ୍ୟ "ଶ", ସଜରୀ ଦନ୍ତ୍ୟ "ସ") ଏ ଭୂରେ (ପୃଥିବୀରେ) ତାଡ଼ନ ଦେବ (ଏଠାରେ 'ଭୂଜେ" ପଦରୁ "ଜ", ଚ୍ୟୁତ ଓ "ତାଡ଼" ପଦରେ "ନ" ଦତ୍ତ ହେଲା) । କବିମାନଙ୍କର ବର୍ଣ୍ଣନା ଦୃଷ୍ଟି ଭଙ୍ଗିରେ ଉଦିତ ହେବ ଅର୍ଥାତ୍ ଏ ସୁନ୍ଦରୀର ଭୁଜରେ ତାଡ଼ଦେବ ସେ ଶୋଭାରେ ପୃଥ୍ୱୀ କମ୍ପିବ ।

୧୭—କି ଦୃଷ୍ଟିବୋଲି କେହି ସଖୀ ପଚାରିଲା, କେହି କେହି ଉତ୍ତର କଲେ ସେହି ତାଡ଼ ମରକତରେ ନିର୍ମିତ, ଘନ (ମେଘ) ଆଲିଙ୍ଗନରେ ଶମ୍ପା (ବିଜୁଳି) ସ୍ଥିର ହେଲାପରି ଦଶି ନୟନର କାରି (ବନ୍ଦୀଗୃହ) ହୋଇ ଯିବ, ଏମନ୍ତ କହି ଟଙ୍କର ବାହୁରେ ତାଡ଼ ଦେଲେ ସେହି ଶୋଭାକୁ (ଘନପରି ତାଡ଼ ଓ ବିଜୁଳିପରି ବାହୁ) ପ୍ରତ୍ୟକ୍ଷରେ ଦେଖିଲେ ।

୧୮—ସୁମନା (ପଣ୍ଡିତା) ସଖୀମାନେ ମନରେ ବିଚାରିଲେ ଏ ନାଗରୀ ନିଶ୍ଚୟ ଲାବଣ୍ୟସିନ୍ଧୁ ଅଟେ, ସମୁଦ୍ରର ମକର ମତ୍ସ୍ୟ ବିରାଜିଲାପରି ଏହାର ଗଣ୍ଡରେ ମକରୀଚିହ୍ନକୁ ତୁରିତେ ବିରାଜିତ କଲେ, ସମୁଦ୍ର ଉତ୍ତମ (ଜଳ ଭଉଁରୀ) ଓ କଟକେ (ଲବଣରେ) ସଂଯୁକ୍ତ ହେଲାପରି ହସ୍ତକୁ ଭ୍ରମର କଟକେ (ସୁବର୍ଣ୍ଣକଙ୍କଣରେ) ସଂଯୁକ୍ତ କଲେ ପୁଣି ସମୁଦ୍ରର ପୟରେ (ଜଳରେ) ହଂସକର (ରାଜହଂସର) ଲୀଳା ପରି ଏହାର ପୟରେ (ପାଦରେ) ଶୀଘ୍ର ହଂସକ (ନୂପୁର) ଦେଇ ତାହାର ଲୀଳା କରାଇଲେ ।

୧୯—କହିଲେ ସମୁଦ୍ରରେ ଧୁନି (ନଦୀ) ମେଳ ହେଲାବେଳେ (ବର୍ଷାକାଳରେ ସମୁଦ୍ରରେ ନଦୀ ମିଳନ୍ତି) ସୃଷ୍ଟି କି ବୁଡ଼ାଇ ଦେଲାପରି ଏହାର ପାଦରେ ନୂପୁର ଧ୍ୱନି ମେଳ ହେଲାବେଳେ ଏ ଲାବଣ୍ୟସିନ୍ଧୁ ଯୁବକମାନଙ୍କର

ଚତୁରୀ ସଖୀଏ ମଞ୍ଜୁ ମଞ୍ଜିର । ଖଞ୍ଜି ପାଦେ ବୋଲେ ଅନ୍ଦୁ ଏହାର ।
ହେମ-କରେଣୀ ଏ ତରୁଣୀ ସତ । ଯଉବନ-ମଦେ ହେଲା ଏ ମତ୍ତ ।
ଲଜ୍ଜା-ଅଙ୍କୁଶରେ । ଶାନ୍ତି ଭଜିବ ସିନା ଅନାଶରେ ॥ ୨୦
ଦେଇ କେ କହେ ଏ ମୁଦ୍ଦର ନାଦେ । ନୀଳକଣ୍ଠ ବଶ ହେବେ ପ୍ରମୋଦେ ।
ଯୋଗ ବିନା ଭୋଗେ କରିବେ ମତ । ଉଦ୍ଦୀପନକାରୀ କାଳର ସ୍ଥିତ ।
ଆଲମ୍ବନ ଭାବ । ଛୁଇଁଣ୍ଟୁ କେମନ୍ତେ ଦମ୍ଭ ରହିବ ॥ ୨୧
ପଶ୍ଚିମା ବେଶ ଯଥୋଚିତ ବାସ । ପିନ୍ଧାଇ ସଜନୀ ହୋଇଲେ ତୋଷ ।
ବୋଇଲେ ଦେଖିଲା ଜନ ନୟନ । ହେବଟି ନବତନ-ନିକେତନ ।
ଛଳିଲା କେ ଭାବେ । ଲସିକା ରସିକା ହୋଇଲା ତେବେ ॥ ୨୨

ଧୈର୍ଯ୍ୟକୁ ବୁଡ଼ାଇଦେବ, ସମୁଦ୍ରଗମ୍ଭୀର, ଏ ଗମ୍ଭୀର ଗୁଣ ନିପୁଣା, ଏହାର ନୟନ ମୀନପରି, ଛଟକ ଚାହାଁଣି ତରଙ୍ଗପରି, ଶିରୀ (ଲକ୍ଷ୍ମୀ) ପରି କମନୀୟ ଶିରୀ (ମନୋହର ଶୋଭା) ସୁତରାଂ ସମୁଦ୍ର ଲକ୍ଷଣକୁ ସବୁ ପ୍ରକାର ଜୀତ କରିଛି ।

୨୦—କେହି ଚତୁରୀ ସଖୀ ମନୋହର ମଞ୍ଜିରକୁ ପାଦରେ ଖଞ୍ଜି କହେ—ଏହାର ଏ ଅନ୍ଦୁ (ହସ୍ତୀବନ୍ଧନ ଶିକୁଳି), ଏ ତରୁଣୀ ହେମ କରେଣୀ (ସୁବର୍ଣ୍ଣ-ହସ୍ତିନୀ) ସତ୍ୟ ଏ ଯୌବନ ମଦରେ ମତ୍ତ ହେଲା, ଲଜ୍ଜାରୂପ ଅଙ୍କୁଶରେ ସିନା ଅନାଶରେ (ସର୍ବଦା) ଶାନ୍ତିକୁ ଭଜିବ ।

୨୧—କେହି ପାଦରେ ମୁଦ୍ଦିଦେଇ କହେ—ମୁଦିର (ମେଘ) ନାଦରେ ନୀଳକଣ୍ଠ (ମୟୂର) ପ୍ରମୋଦରେ (ଆନନ୍ଦରେ) ବଶ ହେଲାପରି ଏ ମୁଦ୍ଦର ନାଦରେ ନୀଳକଣ୍ଠ (ଶିବ) ଆନନ୍ଦରେ ବଶହେବେ । ଯୋଗକୁ ଛାଡ଼ି ଭୋଗରେ ମତ କରିବେ, ଉଦ୍ଦୀପନ କାରି କାଳର (ବର୍ଷାକାଳର ଓ ଯୌବନସ୍ଥାର) ଏହି ସ୍ଥିତ ଅଟେ । ଆଲମ୍ବନଭାବ ଶିବପ୍ରଭୃତିଙ୍କର ମଧ୍ୟ ଚିତ୍ତକୁ ଛୁଇଁବ; ଦମ୍ଭ କିପରି ଭାବରେ ରହିବ । ଉଦ୍ଦୀପନଭାବ (ଚନ୍ଦ୍ର, ଚନ୍ଦନ, ବର୍ଷା, ବସନ୍ତ ପ୍ରଭୃତିରେ ରସଉଦ୍ଦୀପିତ ହେବାରୁ ଏ ହସକୁ ଉଦ୍ଦୀପନଭାବ) ଆଲମ୍ବନଭାବ, (ନାୟିକା ପ୍ରଭୃତିଙ୍କ ଅବଲମ୍ବନରେ ରସ ଜନ୍ମିବାରୁ ଏହା ଆଲମ୍ବନଭାବ) ।

୨୨—ପଶ୍ଚିମା ସ୍ତ୍ରୀମାନେ ଯେପରି ଲୁଗା ପିନ୍ଧନ୍ତି ସେହିପରି ଲୁଗା ପିନ୍ଧାଇ ସଜନୀମାନେ ସନ୍ତୁଷ୍ଟାହେଲେ ଏବଂ କହିଲେ—ଏହାକୁ ଦେଖିବାଲୋକର ଚକ୍ଷୁ ନବୀନ ନିକେତନ (ନାଟଗୃହ) ହେବ । କେହି ସଖୀ ଛଳେଇକରି କହିଲା—ତେବେ ତ ରସିକା ଲସିକା (ନର୍ତ୍ତକୀ) ହେଲା ।

ନୋହିଲା କାମା ସେ କହିଲା ଭବେ । ନୂପୁର ବାନ୍ଧିଛୁ ଚରଣ-ଯୁଗେ ।
ଲୋଡ଼ୁଅଛୁ ଚତ୍ୱେ ରହସ୍ୟ-ସ୍ଥଳ । ଚୋଳ-ଖୋଳେ ରଖି କୁଚ-ମର୍ଦ୍ଦଳ ।
ଜାଣି ଭାଗ୍ୟବନ୍ତ । ସଙ୍ଗୀତ-ପ୍ରବୀଣେ କରିବ ଦତ୍ତ ॥ ୨୩
ଏ ବଧୂ ରସନିଧି ବେଶ ସାରି । ନିଜ ବ୍ୟାପାରେ ଗଲେ ଶିଳ୍ପକାରୀ ।
ଏକାଳେ ଦ୍ୱିଜେ ଭଣି ରାମ ଘୋଷ । ବନ-ବିହାରେ ହୋଇଲେ ଲାଳସ
ଉପେନ୍ଦ୍ର ଘୋଷେ । ଶ୍ରୀରାମ-ଇନ ଘନ ନାଶେ ॥ ୨୪

—※—

ତ୍ରୟୋଦଶ ଛାନ୍ଦ

[ସାକ୍ଷାତ୍ ଦର୍ଶନ]

ରାଗ—କାମୋଦୀ

ରସିକେ ରସିକର ଏଥି ପଦନିକର ସୁଧା ଶିକର ପାନ ଚଢାସେ ।
ପ୍ରାତେ ନବବୟସୀ ବୟସୀ ପାଶେବସିବଶୀଭୂତ ଦର୍ଶନ ଅସେ ସେ ।
ଅନୁପମା । ଯେସନେ ଦୀନଜନ ମତି । ଧନ ଲଭିବା ଲୋଭ ଅତି ।
ଜନ୍ମାନ୍ତି ଘନ ଘନ ଅସଇ ପୁନଃପୁନଃ ଭାଷଇ ଆନ ଆନ ରୀତି ସେ ॥ ୧

---

୨୩ । ୨୪ ସେ ସଖୀ ଭବରେ କହିଲା-କାହିଁକି ନୋହିବ ? ନର୍ତ୍ତକୀ ପରି ଚରଣ ଯୁଗଳରେ ନୂପୁର ବାନ୍ଧିଛୁ, ହେ ରହସ୍ୟ ସ୍ଥଳ (ନୃତ୍ୟ ଯୋଗ୍ୟ ସ୍ଥାନ) ଲୋଡ଼ିଲା ପରି ଏ ମଧ୍ୟ ରହସ୍ୟ ସ୍ଥଳ (କାନ୍ତ ସଂଯୋଗ ଯୋଗ୍ୟ ଏକାନ୍ତସ୍ଥାନ) ଲୋଡ଼ୁଛୁ । ନର୍ତ୍ତକୀ ଯେପରି ଖୋଳରେ ପୂରେଇ ମର୍ଦ୍ଦଳକୁ ରଖିଥାଏ, ଯାହାକୁ ଭାଗ୍ୟବନ୍ତ ଜାଣେ ତାହା ଆଗରେ ସଙ୍ଗୀତଜ୍ଞ ଲୋକକୁ ମର୍ଦ୍ଦଳ ଦେଇ ନୃତ୍ୟକରେ ଏ ମଧ୍ୟ ଚୋଳ (କାଞ୍ଚୁଲି) ରୂପ ଖୋଳରେ କୁଚରୂପ ମର୍ଦ୍ଦଳକୁ ରଖିଛୁ, ଜାଣି (କାହାକୁ ଭାଗ୍ୟବାନ୍ ଓ ସଙ୍ଗୀତଜ୍ଞ ପତିକୁ ମର୍ଦ୍ଦଳ ଦେଇ ନୃତ୍ୟ କରିବ) । ଏହାପରେ ବଧୂରେ ରସନିଧି ସୁନ୍ଦରୀର ବେଶ ସାରି ବେଶକାରୀ ମାନେ ନିଜ ନିଜ କାର୍ଯ୍ୟରେ ଗଲେ, ଏହି ସମୟରେ ଦ୍ୱିଜ (ପକ୍ଷୀ) ମାନେ ରାମ (ମନୋରମ) ଘୋଷ (ଶବ୍ଦ) କରି ବନବିହାରରେ ଲାଳସ ହେଲେ, ବା ଦ୍ୱିଜେ (ବ୍ରାହ୍ମଣମାନେ) ରାମଘୋଷ (ରାମନାମ) ଉଚ୍ଚାରଣ କରି ବନବିହାରରେ (ଜଳକ୍ରୀଡ଼ାର-ସ୍ଥାନରେ) ଲାଳସ ହେଲେ, ଉପେନ୍ଦ୍ରଭଞ୍ଜ ଘୋଷେ, ଶ୍ରୀରାମଚନ୍ଦ୍ର, ଇନ (ସୂର୍ଯ୍ୟ) ଅନ୍ଧକାରକୁ ନାଶିଲା ପରି ଅଘ (ପାପ) କୁ ନାଶ କରିବେ ।

୧—ହେ ରସିକମାନେ ଏ ଛାନ୍ଦରେ ଥିବା ପଦସମୂହ ସୁଧାଶିକର (ଅମୃତବିନ୍ଦୁ) ଅଟେ, ଆପଣମାନେ ରସ ଆନନ୍ଦରେ ପାନ କର । ଯେପରି ଦୀନଜନର

ଅରୁଣା-ଧର ଧର-ଭୂଷାପଞ୍ଜର-ଧର ଶାରୀ ପରିକରେ ଲୋକନ ।
ବୋଲେ ବିମନା-ମନ-ନନ୍ଦଦାୟିନୀ ଅନା ନଭେ ଶୋଭେତ ଶମଶାନରେ
କାଦମ୍ବିନୀ । କାଷ୍ଠା-ବଳୀରେ ଚିତା ଜଳ । କେ ଦଗ୍ଧ ହେବ ଭଣେ ଆଳୀ !
ଅନୁଗତା ପଦ୍ମିନୀ ଅନୁରାଗକୁ ଘେନି ଅନୁସରଣେ ଭାନୁ ମିଳ ସେ ॥ ୨
କିସ ବରିଛୁ ଗୁରୁ-ଶୀଳା ଭାଗ୍ୟବଶରୁ ସ୍ୱରୂପେ ଏପରି ଉତ୍ସବ ।
ହୋଇବ ବାହି ବାହିଅଛୁ ରେ ସହି ସହିଥାଅ କାହୁଁ କପଣ ଭାବରେ ।
ଅନୁପମା । ମଧୁର ମଧୁ-କଣ୍ଠ-ରବ । ଏଣିକି ବଜ୍ରପାତ ହେବ ।
ସୂର୍ଯ୍ୟ ଅନଳ ବୃଦ୍ଧିକି କଥା କଳାନିଧି ବଧିରେ ସେ ବଧି ବାଧିବରେ ॥ ୩
ରାଗ ଜନିତ ନିତମ୍ବିନୀ ଉଚିତ ଚିତ୍ତ ଭାବିତ ମାଙ୍ଗଲ୍ୟା ବଚନ ।
ମିଳେ ଏକ ଜଟିଳା ଅର୍ଦ୍ଧଚନ୍ଦ୍ର-ନିଟଳା-ଶୋଭିନୀ କରି ବିଲୋକନ ଯେ ।
ବରିଛୁଛୁ । ଜବାଧର ଧରଣୀ-ଗିରି । ଧନ୍ୟ ଏହାର ଶିଳ୍ପକାରୀ ।
ସୁବେଶକୁ ସୁବେଶ ଯେହ୍ନ ତାକୁ ସୁବେଶ କଲେ କି ଅନୁମାନ କରି ସେ ॥ ୪

ମତ ଧନ ଲଭିବାକୁ ଅତ୍ୟନ୍ତ ଲାଳସୀ, ସେହିପରି ନବଯୌବନ ସମ୍ପନ୍ନା ନିରୁପମା ସେହି ସୁନ୍ଦରୀ ବୟସୀ (ସଖୀ) ପାଖରେ ବସି ଦର୍ଶନ ଆଶାରେ ବଶୀଭୂତା ହେଲା । ଘନ ଘନ ଜୃମ୍ଭା (ହାଇ) ଆସେ, ସେ ପୁନଃ ପୁନଃ ଭିନ୍ନ ୨ ରୀତିରେ କଥା କହେ ।

୨—ଅରୁଣାଧର ଧରାଭୂଷା (ପୃଥ୍ୱୀମଣ୍ଡନା) ପଞ୍ଜରାଧର ଶାରୀ ପରି ଏଣେ ତେଣେ ଚାହେଁ । ସେ ମନାନନ୍ଦଦାୟିନୀ ସୂର୍ଯ୍ୟଙ୍କୁ ଦେଖି ବିମନା (ବ୍ୟାକୁଳା) ହୋଇ ବୋଲଇ—ରେ କାଦମ୍ବିନୀ ! ଅନାଇଲୁ, ନଭେ (ଆକାଶରେ) ଶ୍ମଶାନ ଶୋଭଇ, ଶ୍ମଶାନରେ କାଷ୍ଠାବଳୀରେ (କାଷ୍ଠସମୂହ ଯୋଗେ) ଚିତାଗ୍ନି ଜଳିଲା ପରି କାଷ୍ଠାବଳୀରେ (ଦିଗମାନଙ୍କରେ) ଅଗ୍ନି ଜଳଇ, କିଏ ଦଗ୍ଧ ହେବକି ? ଏହା ଶୁଣି ସଖୀ କହିଲା—ଏହା ଚିତାଗ୍ନି ନୁହେଁ, ଅନୁଗତା ପଦ୍ମିନୀର ଅନୁରାଗ (ସ୍ନେହ) ଘେନି ତାହାର ଅନୁସରଣରେ ଭାନୁ (ସୂର୍ଯ୍ୟଦେବ) ମିଳିଛନ୍ତି ।

୩—ରେ ଗୁରୁଶୀଳା ! କଣ ବରିଛୁଛୁ, ତୋ ଭାଗ୍ୟ ବଶରୁ ସ୍ୱରୂପେ (ପ୍ରକୃତରେ) ଏପରି ଉତ୍ସବ (ପଦ୍ମିନୀ ଅନୁସରଣରେ ସୂର୍ଯ୍ୟ ମିଳିଲା ପରି) ହୋଇବ, ବିଧାତା ଏହା ବାହିଛୁ, ରେ ସଖି କାହୁଁ ଦିନ କପଣ ଭାବ ସହିଥାଅ, ରେ ଅନୁପମା ! ଏଣିକି ମଧୁର ମଧୁକଣ୍ଠରବ (କୋକିଳଧ୍ୱନି) ବଜ୍ରପାତ ପରି କଷ୍ଟ ଦେବ । ସୂର୍ଯ୍ୟଙ୍କଠାରେ ତୋର ଅନଳ ବୃଦ୍ଧିହେବା କି ଆଶ୍ଚର୍ଯ୍ୟ କଥା ବଧିରେ କଳାନିଧି (ଚନ୍ଦ୍ର) ସେ ବଧିରେ ଅଗ୍ନି ହୋଇ ବାଧାଦେବ ।

୪—କାଦମ୍ବିନୀ ଭାବିଲା-ମାଙ୍ଗଲ୍ୟାଙ୍କ ବଚନ ଅନୁସାରେ ନିତମ୍ବିନୀ ଚିତ୍ତରେ ଉଚିତ ରୂପେ ପୁରୁଷ ପ୍ରତି ରାଗ (ସ୍ନେହ) ଜନ୍ମିଲାଣି । ଏହି ସମୟରେ

କି ଗୁଣେ ସେ କି ଗୁଣେ ଗୁନ୍ଥିଲେ ଗ୍ରନ୍ଥିଗୁଣେ ରଖିଲେ ଗୁରୁ କୁରୁଣ୍ଟକେ ।
ବେଣୀ ନଳୀ ଫୁଟକେ ଗୁଣା କରି ହାଟକେ ମୁଠା ବାନ୍ଧିଲେ କି ଛଟକେ ସେ ।
ପିହାଣିଆ । ହୀରି କି ରଜତ-ନକସ । କାହାକୁ ଜିଣି ନେବ ଯଶ ।
ମନୁଜ ଦନୁଜରେ ଅଦଗ ତନୁଜରେ କେ ନୋହିଅଛି ଏହା ବଶ ସେ ॥ ୫
ଏ ଛବି ବହେ ଅହିକେ କବି ଲକ୍ଷ୍ୟ ଦେଇ ହେଠ କରି କି ବାଳା ଟହେକେ ।
ତୁଚ୍ଛ ହେଲକୁ କାଳ ବ୍ୟାଳଟି ଢାଳକାଳ ବଳରେ ଲୁଚିଲା ଯେ ଲାଜେ ସେ ।
ଗୁଳି ଯୋଗ । ନ କଲା କି ଯଶ ସୁମରି । ଯେହ୍ନୁ ନିସତ ତାକୁ ମାରି ।
ମନୋରମ ଚରମଦେଶେ ଡେରିଛି ଝାମଯିବେ ଦାମ୍ଭିକେ ଦେଖି କରି ସେ ॥ ୬

ଏକ ଜଟିଳା (ତପସ୍ୱିନୀ) ଅସି ମିଳିଲା, ସେ ଅର୍ଦ୍ଧଚନ୍ଦ୍ର ନିଟଳା ଶୋଭନୀ (ଯାହାର ଭାଲପଟ ଅର୍ଦ୍ଧଚନ୍ଦ୍ର ପ୍ରାୟ ସୁନ୍ଦର) ସୁନ୍ଦରୀଙ୍କ ଗୃହଁ ବଗ୍ରିରୁଛି ଏ ଜବାଧରୀ ଧରଣୀ ଶିରୀ (ମର୍ତ୍ତ୍ୟପୁର ଲକ୍ଷ୍ମୀ) ଏହାର ଶିଳ୍ପକାରୀ (ବେଶ କାରୀ) ମାନେ ଧନ୍ୟ, ଯେଉଁ ସୁନ୍ଦରୀ ସୁବେଶକୁ (ଉତ୍ତମ ଅଳଙ୍କାରକୁ) ସୁବେଶ (ଉତ୍ତମ ଅଳଙ୍କାର) ପରି ତାକୁ କି ଅନୁମାନ କରି ବେଶ କଲେ ।

୫—ସେ (ଶିଳ୍ପକାରୀ ମାନେ) କି ଗୁଣେ (କି ହେତୁରେ) କି ଗୁଣେ (କେଉଁ ରଜ୍ଜୁରେ) ଗୁନ୍ଥିଲେ, ଗୁରୁ କୁରୁଣ୍ଟକେ (ସୁନ୍ଦର ଦାସ କେରଣ୍ଟା ଫୁଲକୁ) ବେଣୀରେ ଗ୍ରନ୍ଥି ଗୁଣେ (ଗଣ୍ଠି ସ୍ୱରୂପରେ) ରଖିଲେ । ସେ ଏପରି ଦଶିଲା ବେଣୀ ନଳୀ (ବନ୍ଧୁକ ନଳୀ) ପରି ଫୁଟକଲ, ତହିଁରେ ହାଟକେ (ସୁବର୍ଣ୍ଣରେ) ଗୁଣା (ବନ୍ଧୁକର ଗୁଣା) କରି କି ଛଟକରେ ମୁଠା-ବାନ୍ଧିଲେ । ହୀରା ପିହାଣିଆ ରଜତ (ରୁପା) ନକସ ହେଲା । ସୁନ୍ଦରୀ ଏ ନଳୀଦ୍ୱାରା କାହାକୁ ଜିଣି ଯଶନେବ କେ ଜାଣି । ମନୁଜ (ମନୁଷ୍ୟ) ଦନୁଜ (ରାକ୍ଷସ) ଅଦଗ ତନୁଜରେ (ଦେବତା ମଧ୍ୟରେ) ଏହା ବଶ ନ ହୋଇ କିଏବା ଅଛି ।

୬—ଅହି (ସର୍ପ) ଏ ବେଣୀ ଛବିକି ବହିଛି, କୌଣସି କବି ଏପରି ଲକ୍ଷ୍ୟ ଦଅନ୍ତେ ବାଳା ମୁଖକୁ ହେଠକରି (ନୁଆଁଇଁ) ହେକଇ ବେଣୀ-ଶୋଭାକୁ ତୁଚ୍ଛ ହେଲାରୁ କାଳବ୍ୟାଳ (କାଳସର୍ପ) ଲାଜରେ ଢାଳ କାଳ (କାଳକ-ଯାକ) ବଳ (ଗତି) ରେ ଲୁଚିଲା, ଯେ ନିସତ (ମୃତ) ତାକୁ ମାରି କେଉଁ ଯଶ ହେବ ? ଏହା ସୁମରି ବେଣୀରୂପ ନଳୀରେ ଗୁଳି ଯୋଗ କଲା ନାହିଁ, ମନୋରମ ଚରମ ଦେଶରେ (ପୃଷ୍ଠଭାଗରେ) ତାହାକୁ ଡେରି ଥୋଇଛି, ଯାହାକୁ ଦେଖି ଦାମ୍ଭିକମାନେ ଝାମ ଯିବେ (ମୂର୍ଚ୍ଛିତ ହେବେ)

ପୁଣି ମୁଖ ଚାହିଁଲା ଗୁଣି ସୁଖ ପାଇଲା ପାଞ୍ଚିଲା ଚନ୍ଦ୍ର ରଥ ଏହି ।
ତାଙ୍କ ଚକ୍ରବେନି ବିଚାରି ଚାରି ଯେନି କପୋଳ-ବିମ୍ବେ ବିମ୍ବ ଚାହିଁ ସେ ।
ରୂପସୀ । ହୀରା ଠେକରୀ ପରି ରାଜି । ଝଲକା ସୁମଣ୍ଡିଣି ହେଜି ।
ଉତ୍ତଂସ ଝିଲିମିଲିମାଳୀ ଏମନ୍ତ ଝଳି ଯେମନ୍ତେ କୋଣାଦ୍ୱାର ସାଜି ସେ ॥ ୭
ମୋତି-ସୀମନ୍ତ ବଇଜୟନ୍ତୀ ବିରାଜନ୍ତି ସିନ୍ଦୂର ଚନ୍ଦନ କସ୍ତୁରୀ ।
ଏ ବନକେ ଖଚିତ ଶନଙ୍କେ କି ବିଶଦ ସ୍ୱଭାବେ ଦିଶେ ଶନ ପରି ସେ ।
ମଲ୍ଲୀକଢ଼ୀ । ଶିଖର କଳଶ ସୁଢଳେ । ନାସା-ମୋତି ରୋହିଣୀ କୋଳେ ।
ନୀଳ-ଶୈଳ ତମାଳବନ ଗହଳସ୍ଥଳ କୁଚ-ପୂର୍ବାଦ୍ରି ଚୂଳେ ମିଳେ ସେ ॥ ୮
ନୋହିଲା ବାରି ବାରିରୁହାକ୍ଷୀ ଦାନବାରି-ମୋହିନୀ ଅଜ ଅଙ୍ଗଭୂଷା ।
ସେ ଜଟିଳା ପ୍ରବେଶ ସଜ ହୋଇ ଅବେଶ ପ୍ରକାଶ କଲା ଏହି ଭାଷା ସେ ।
ଅନୁପମା । କଲ୍ୟାଣୀ ହୋଇ ତୋଷମତି । ଯାତ୍ରା କରି ତା ରଚିଛନ୍ତି ।
ମାଧବରେ ସଲିଳେ ମାଧବର ସଲିଳେ ଚନ୍ଦନୋତ୍ସବ ଯେଉଁ ମତରେ ॥ ୯

୭—ପୁଣି ସେ ଜଟିଳା ସୁନ୍ଦରୀ ମୁଖକୁ ଚାହିଁଲା, ଗୁଣି (ବିଚାରି) ସୁଖ ପାଇଲା ପାଞ୍ଚିଲା ଏ ଚନ୍ଦ୍ରରଥ, କର୍ଣ୍ଣ ତାଙ୍କ ବେନି ଚକ୍ର (ଚକ) ଏବଂ କପୋଳ ବିମ୍ବ (ଗଣ୍ଡ ମଣ୍ଡଳରେ) ତହିଁର ବିମ୍ବ (ପ୍ରତିବିମ୍ବ) ଦୁଇକୁ ଚାହିଁ ବିଚାରି ରଥର ଚାରିଚକ ବୋଲି ମନେକଲା, ହୀରା ରୂପସୀ ରଥର ହୀରା ଠେକରୀ ପରି ରାଜୁଛି, ଝଲକାକୁ ରଥର ସୁମଣି କରି ହେଜିଲା ଉତ୍ତଂସ (ଝିଲିମିଲି ମାଳି ପ୍ରାନ୍ତରେ ଥିବା ଶିରୋ ଭୂଷଣ) ଓ ଝିଲିମିଲି ମାଳି ଏପରି ଝଳୁଛି ଯେ ଯେପରି (କୋଣଦ୍ୱାର) ସାଜୁଛି ।

୮—ମୋତି ନିର୍ମିତ ସୀମନ୍ତ ବୈଜୟନ୍ତୀ (ପତାକା) ବିରାଜଇ, ସିନ୍ଦୂର ଚନ୍ଦନ, କସ୍ତୁରୀ, ବନଙ୍କରେ (ବର୍ଣ୍ଣ ମାନଙ୍କରେ) ଖଚିତ ହୋଇଛି, ବିଶଦ ସ୍ୱଭାବେ (ଅଷ୍ଟାଙ୍ଗ ରୂପେ) ଶନଙ୍କେ (ଛବଦ୍ୱାରା) ରଥ ଶନ ହେଲା ପରି ଦିଶୁଛି (ସୁଢଳେ) (ସୁନ୍ଦର ରୂପେ) ମଲ୍ଲୀକଢ଼ୀ ରଥର ଶିଖର କଳଶ, ନାସା ମୋତି ରୋହିଣୀ ନକ୍ଷତ୍ର, ତାକୁ କୋଳରେ ଘେନି ଚନ୍ଦ୍ର ରଥରେ ବସିଛି, ନୀଳଶୈଳ (ନୀଳ କାଞ୍ଚୁଲା) ତମାଳବନ, ଗହଳ ସ୍ଥଳ, କୁଚ ପୂର୍ବାଦ୍ରି (ଉଦୟ ପର୍ବତ) ତାହାର ଚୂଳରେ ଚନ୍ଦ୍ରରଥ ଆସି ମିଳଇ କି (ସ୍ତନ ସ୍ଥିତ ମୁଖ ଶୋଭା) ।

୯—ସେ ବାରିରୁହାକ୍ଷୀ (ପଦ୍ମଲୋଚନା) ଦାନବାରି ମୋହିନୀ (ଦେବ ମୋହିନୀ)ର ଅଙ୍ଗଭୂଷା ମାନ ବାରି ହେଲା ନାହିଁ, ସେ ଜଟିଳା ପାଖରେ ପ୍ରବେଶ କରି "ସଜହୋଇ ଅବେଶ (ବସିଛ) ?" ଏହି ଭାଷା ପ୍ରକାଶ କରି କହିଲା—ରେ ଅନୁପମା ! କଲ୍ୟାଣୀ (ମଙ୍ଗଳ୍ୟା) ତୋଠାରେ ତୋଷ ମତି ହୋଇ ତା (ସୁନ୍ଦର ସଙ୍ଗେ ତୋତେ ସାକ୍ଷାତ କରିବାକୁ ଯାତ୍ରାକରି) ରଚନା

ଭାବରେ ସରିତରେ ନାବରେ ସରତରେ ଆନ ସେ ଉତ୍ସବକୁ ନାହିଁ ।
ଜଗଜ୍ଜନ-ମୋହନ ରୂପେ ମିଳି ବହନ ବିହାର କରିବେ ଯେ ତହିଁ ସେ ।
ଅନୁପମା । ସଖା ସହିତ ହୋଇଥିବେ । ନୟନ-ଦୁଃଖକୁ ମନ୍ଥିବେ ।
ତୋ ଯିବାର ଇଚ୍ଛନ୍ତି ମୋତେ ପେଷିଅଛନ୍ତି ମୋସଙ୍ଗେ ବିଜେ କର ଏବେ ॥ ୧୦

ଏମନ୍ତ କହୁଁ କହୁଁ ସମସ୍ତେ ଗୃହୁଁ ଗୃହୁଁ କେମନ୍ତ କପଟ ସୁରଙ୍ଗେ ।
ମଠ ବନ ଜଗତୀ ମଧ୍ୟ ପୀଠ ଜଗତୀ-ଶୋଭନୀ ଭିନ ସଖୀ ସଙ୍ଗେ ସେ ।
ପ୍ରବେଶିତ । ଅଧିକା ନିଦ୍ରା ବଶ ପର । ମଣ୍ଡିଅଛନ୍ତି ସେହି ପୁରୀ ।
ଉପାଧ୍ୟାୟୀ ତହିଁରେ ଉପାୟ ପ୍ରଭାବରେ ବିହରେ ଦେଖିଲେ ସେ ନାରୀ ॥ ୧୧

କରିଛନ୍ତି । ଯେଉଁପରି ମାଧବରେ (ବୈଶାଖ ମାସରେ) ସଲିଳେ (ଜଳରେ) ମାଧବଙ୍କର (ମଦନ ମୋହନଙ୍କର) ସଲୀଳେ (ଲୀଳାସହ) ଚନ୍ଦନୋତ୍ସବ ହୁଏ ।

୧୦—ହେ ସୁନ୍ଦରୀ ! ଭାବ, ସରିତରେ (ନଦୀରେ) ନାବରେ (ନୌକାରେ) ସେ ଉତ୍ସବ (ଚନ୍ଦନୋତ୍ସବ) ହୁଏ, ସେ ଉତ୍ସବକୁ ଆନ (ଅନ୍ୟ ଉତ୍ସବ) ସର (ସମାନ) ତ ନାହିଁ, ସେହିପରି ଭାବରେ (ପ୍ରେମରେ) ସରିତ ନା—ବରେ (ସେ ବରକୁ ନାହିଁ,) ସେ ମିଳନୋତ୍ସବ ପରି ଆଉ ଉତ୍ସବ ନାହିଁ । ହେ ଅନୁପମା ! (ଚନ୍ଦନୋତ୍ସବରେ) ବିଷ୍ଣୁ ଜଗଜ୍ଜନ ମୋହନ ରୂପରେ ବହନ ମିଳି ନୌକା ବିହାର କରନ୍ତି, ସଖା (ଭ୍ରାତା) ସହିତ ହୋଇଥାନ୍ତି, ଏବଂ ଲୋକମାନଙ୍କର ନୟନ ଦୁଃଖକୁ ମନ୍ଥନ୍ତି, ମିଳନୋତ୍ସବରେ ରାଜପୁତ୍ର ଜଗଜ୍ଜନ ମୋହନ ରୂପେ ବହନ ମିଳି ବିହାର କରିବେ, ସଖାମାନଙ୍କ ସହିତ ହୋଇଥିବେ ସମସ୍ତଙ୍କର, ବିଶେଷତଃ ତୋହର ନୟନ ଦୁଃଖକୁ ମନ୍ଥିବେ, ଅତଏବ ମାଙ୍ଗଳ୍ୟା ତୋ ଯିବା ଇଚ୍ଛା କରନ୍ତି ମୋତେ ପେଷିଛନ୍ତି, ମୋ ସଙ୍ଗରେ ଏବେ ବିଜେ କର ।

୧୧—ଏମନ୍ତ କହୁ କହୁ ସମସ୍ତେ ଗୃହୁଁ ଗୃହୁଁ ସୁରଙ୍ଗେ କପରି କପଟ ହେଲା ଯେ ମାଙ୍ଗଳ୍ୟାଙ୍କ ମଠବନ ଜଗତୀ (ଅଟ୍ଟାଳିକା)ର ମଧ୍ୟପୀଠ [ଆସନ] ରେ ଜଗତୀ ଶୋଭନୀ (ଜଗତ୍‌ସୁନ୍ଦରୀ) ରାଜକନ୍ୟା ତିନିସଖୀଙ୍କ ସହ ପ୍ରବେଶିତା ହେଲା । ସେ ନାରୀମାନେ ଅଧିକ ନିଦ୍ରା ବଶ ପରି ଅର୍ଥାତ୍ ସ୍ୱପ୍ନ ଦେଖିଲା ପରି ଦେଖିଲେ ଉପାଧ୍ୟାୟୀ ଉପାୟପ୍ରଭାବରେ ସେହି ପୁରୀ ମଣ୍ଡିଅଛନ୍ତି ଏବଂ ତହିଁରେ ବିହାର କରୁ ଅଛନ୍ତି ।

କିଂଭୂତ ଅଦଭୂତ ଧ୍ୱଂସ କଲା ସମ୍ଭୃତ ମାୟା ଭୂତ-ଭବିଷ୍ୟ-ଜ୍ଞାତା ।
ନୃପ-ସୁତ ସହିତ ମନ୍ତ୍ରୀ-ଜ ପୁରୋହିତ-ସୁତ ବିମାନେ କରି ସ୍ଥିତା ସେ ।
ଚପଳରେ । ସେ ବନେ କଲା ପରବେଶ । ଜନ ଯଥା ମାଦକ ବଶ ।
ସ୍ୱପୁରେ ଥିଲା ପୋଠା ଗୋଠାକ ଭେଟାଇଲା ବୋଇଲା ସେ ଏମନ୍ତ ଭାଷ ॥ ୧୨
ହୈମବତୀ ରେବତୀ ବିଧୁଙ୍କ ପ୍ରିୟବତୀ ଶଚୀ ସଞ୍ଚିତ ଏକମୂର୍ତ୍ତି ।
ଏ କାନନେ ଯୁବତୀ ଅଛି ବୟସ ବତଶାର୍ଦ୍ଧରୁ ଊଣାପରି ମତି ମୋ ।
ନୃପ-ସୁତ । ଶିବପ୍ରମୋଦ-ଜାତ-ସ୍ଥାନୀ । ସେ ରାମ-ନୟନ-ଶୋଭନୀ ।
ହରି ଆନନ୍ଦ-ଦାୟୀ ମଧ୍ୟେ ଗୁଣ-ନିଧାନୀ ବିବେକ କର ଏହା ଘେନି ହେ ॥ ୧୩
ଏହି ସମୟୁ ମୟ-ମାୟା ଉପାୟ ପ୍ରାୟ ମିଳିତ ହୋଇଲା ବିମାନ ।
ଅଟବୀ ଅମ୍ବୁନିଧି-ପ୍ରତିମା ରସ-ନିଧି ସନ୍ନିଧି ସେ ଭାବିଲେ ମନ ସେ ।

୧୨—ତେଣେ ଭୂତ ଭବିଷ୍ୟତ ଜ୍ଞାତା ଅଦ୍ଭୁତ ପୁରୁଷଙ୍କ ଭୂତ ମାୟା ସମ୍ଭୃତ (ଜାତ) କଲା ସେ, ନୃପସୁତକୁ ମନ୍ତ୍ରୀଜ (ମନ୍ତ୍ରୀପୁତ୍ର) ଓ ପୁରୋହିତ ପୁତ୍ର ସହ ବିମାନରେ ସ୍ଥିତି କରାଇ ଚପଳେ ସେହି ବନରେ ପ୍ରବେଶ କରାଇଲା । ଜନ ମାଦକଦ୍ରବ୍ୟରେ ବଶ ହେଲାପରି ସେମାନେ ଭ୍ରମ ହେଲେ । ସ୍ୱପୁରେ ଥିଲା ଯେଉଁ ପୋଠା ଘୋଠାକ ତାକୁ ଆଣି ମଧ୍ୟ ଭେଟାଇଲା ସେ ପୋଠା ଏମନ୍ତ ଭାଷା କହିଲା ।

୧୩—ହୈମବତୀ (ପାର୍ବତୀ) ରେବତୀ, ବିଧୁଙ୍କପ୍ରିୟବତୀ (ରୋହିଣୀ) ଏବଂ ଶଚୀ ଏମାନଙ୍କ ଶୋଭା ସଞ୍ଚିତ ହୋଇ ଏକମୂର୍ତ୍ତି ହେଲାପରି ଏ କାନନରେ ଗୋଟିଏ ଯୁବତୀ ଅଛି; ତାହାର ବୟସ ବତଶାର୍ଦ୍ଧରୁ (ଷୋହଳରୁ) ଊଣା ହେଲାପରି ମତରେ ଅନୁମାନ ହେଉଛି । ହେ ରାଜପୁତ୍ର । ହୈମବତୀ ଶିବଙ୍କର ପ୍ରମୋଦଜାତସ୍ଥାନୀ, ଏ ସୁନ୍ଦରୀ ଶିବ (ମଙ୍ଗଳ) ଓ ପ୍ରମୋଦର ଜାତସ୍ଥାନୀ । ରେବତୀ ରାମ (ବଳରାମ) ଙ୍କର ନୟନ ଶୋଭନୀ, ଏ ସୁନ୍ଦରୀ ରାମନୟନଶୋଭନୀ (ମୃଗନେତ୍ରୀ) ରୋହିଣୀ ଓ ଶଚୀ ହରି (ଚନ୍ଦ୍ର ଓ ଇନ୍ଦ୍ରଙ୍କର) ଆନନ୍ଦଦାୟିନୀ, ତୁମ୍ଭେ ହରି (ସିଂହ ପୁରୁଷସିଂହ) ଏ ସୁନ୍ଦରୀ ତୁମ୍ଭର ଆନନ୍ଦ ଦାୟୀ ହେବ, ଅତଏବ ଏହି ବିବେକ କର (ବିଚାର) ମଧ୍ୟେ (ମଧ୍ୟପୁରସ୍ଥିଥିବାରେ) ଗୁଣନିଧାନୀ ଏ ସୁନ୍ଦରୀ ଘେନି ତୁମ୍ଭେ ଶିବ (ମଙ୍ଗଳ) ଯୁକ୍ତ ହେବ, ରାମ (ସୁନ୍ଦରୀ) ହରି (ଚନ୍ଦ୍ର) ପରି ଦୀପ୍ତିମନ୍ତହେବ, ଓ ହରି (ଇନ୍ଦ୍ର) ପରି ସ୍ୱର୍ଗସମ୍ପଦ ଭୋଗ କରିବ ।

୧୪—ଏହି ସମୟରେ ମୟରାକ୍ଷସର ମାୟାଉପାୟପରି ରାଜପୁତ୍ରର ବିମାନ ମିଳିତ ହେଲା, ରାଜପୁତ୍ର ରସନିଧି ସୁନ୍ଦରୀର ସନ୍ନିଧି ହେଉଁ ଦେଖି, ଭାବିଲେ ଏ ଅଟବୀ

ଚନ୍ଦ୍ରପୁଂସେ । ଇନ୍ଦ୍ରଜାଲିକ ବୃଦ୍ଧି କଲେ । ଅର୍ଜନେ ଅଣି ଯାତ୍ରା ଛଳେ ।
ଚମତ୍କାର ପ୍ରକାର ଦେଖାଇ କି ଆକାର କାରଣ କାରକ ଏ ତୋଳେ ସେ ॥ ୧୪
ଏ ନୋହୁଛି ନୋହିବ ଏ ଉଦ୍ଭବ ବହିବ ସଜୀବ ରାଜୀବ ଲୋଚନ ।
ଏହି ମୁନି ମନ୍ତ୍ର କରଅଛି ଅନ୍ତର ଗତରୁ ମାତର ଭାବନ ସେ ।
ଅନୁପମା । ହୃଦରେ ଆଦର ଉଚ୍ଛନ୍ନ । କିଏ ସେ ଭୂପତି-ନନ୍ଦନ ।
ରାମା-ରତନ ରମ୍ୟ ଯତନେରେ ପତନ ସେ କାଳେ କୁମାର ନୟନ ସେ ॥ ୧୫
ଭାଳେ ଧନଦା-ଚଳେ ଚଳେ କିଛି ଚଞ୍ଚଳେ ସ୍ଥାନ କି ଶମ୍ପା ସମ୍ପାଦୁଛି ।
ଝଟକ ଉପୁଜାଇ ଝଟିତି ମିଶିଯାଇ ଆଖି ବୁଜି ହୋଇ ଯାଉଛି ସେ ।
ଅନୁପମା । ଶରପ୍ରଭା ପୁଣି ସହଜେ । ଅସିଦ୍ଧି ପୂର୍ବରୁ ସେ ଭଜେ ।
ଗଣି-ଈଶ୍ୱର ସ୍ୱରଭଙ୍ଗ ହୋଇ ପାସୋର ଉପମାହେବ ଏ ଆଶ୍ଚର୍ଯ୍ୟେ ସେ ॥ ୧୬

(ଅରଣ୍ୟ)ର ଅସ୍ତାନଧି ପ୍ରତିମା ଚନ୍ଦ୍ରପୁଂସଠାରେ ଇନ୍ଦ୍ରଜାଲିକ (ବାଜିକର) ବୃଦ୍ଧିକଲେ-ବାଜିକର ଉପାର୍ଜନ ପାଇଁ ଚମତ୍କାର କଥାମାନ ଦେଖାଇଲା ପରି ଏ ଯାତ୍ରା ଛଳରେ ଆମ୍ଭଙ୍କୁ ଅଣି କି ଚମତ୍କାର ପ୍ରକାର ଆକାର (ରୂପ) କୁ କାରଣ କାରକ (ହେତୁକାରକ) ରୂପେ ଦେଖାଇଲା ।

୧୫—ରାଜୀବଲୋଚନ ବିଷ୍ଣୁଙ୍କର କୌଣସି ଅବତାରରେ ଏପରି ଉଦ୍ଭବ ହୋଇ ନାହିଁ ଆଉ ସଜୀବହେଲେ ମଧ୍ୟ (ଅବତାର ହେଲେହେଁ) ହେବନାହିଁ, ଅତଏବ ଅନ୍ତର୍ଗତରେ ଏହିମାନ ଭାବନା ହେଉଛି—ଏହି ମୁନି ମନ୍ତ୍ର କରୁଛି । ଏହି ସମୟରେ ପୁରୁଷକୁ ଦେଖି ଅନୁପମା ରାଜଜେମା ହୃଦୟରେ ଆଦର ଉଚ୍ଛନ୍ନ (ଚଞ୍ଚଳଭାବ) ଧଇଲା, ଭାବିଲା ସେ ଭୂପତିନନ୍ଦନ ଏହିକି ? ସେକାଳେ ରାମାରତ୍ନର ରମ୍ୟରେ (ଶୋଭାରେ) କୁମାର ନୟନ ଯତ୍ନରେ ପଡ଼ିଲା ।

୧୬—କୁମାର ଭାଳିଲା, ଧନଦାଚଳେ (କୈଳାସପର୍ବତରେ) ଶମ୍ପା (ବିଜୁଳି) ସ୍ଥାନ ସମ୍ପାଦୁଛି, ଏବଂ କିଛି କିଛି (ଅଳ୍ପଅଳ୍ପ) ଚଞ୍ଚଳେ ଚଳୁଛି କି ? ଅତଏବ ଝଟକ ଉପୁଜାଉଛି, ସେ ତେଜ ଆଖିରେ ମିଶି ଯିବାରୁ ଆଖି ବୁଜି ହୋଇ ଯାଉଛି । ଏ ଅନୁପମା ସୁନ୍ଦରୀ ଶରପ୍ରଭା, କିନ୍ତୁ ବିଜୁଳି ଅଚିରପ୍ରଭା, ଅତଏବ ସହଜେ ସେ ପୂର୍ବରୁ ଉପମାରେ ଅସିଦ୍ଧି ଭଜୁଛି । କବିବର ଗଣି ଈଶ୍ୱର (ଗଣେଶଙ୍କର) ଏ ଆଶ୍ଚର୍ଯ୍ୟରୂପ ବର୍ଣ୍ଣନରେ ସ୍ୱରଭଙ୍ଗ ହେବ, ଏବଂ ଏହାକୁ ଲକ୍ଷ୍ୟ ଦେବା ଉପମାମାନ ପାସୋର ଯିବ ।

ସେ ନଗେ ଜାତ ଜାତରୂପ୍ୟ ସର ଉଚେତ ମୋ ଚତ୍ତ-ହଂସ ବଶ ହୋଇ ।
ସ୍ୱର୍ଣ୍ଣ-ସାରସ ରସ ପୂର୍ଣ୍ଣ ସୁବାସ-ବାସ ମତ୍ତ ରୋଲମ୍ବ ଚୁମ୍ବ ଦେଇ ସେ ।
ଚକ୍ରଯୁଗ । ବୁଡ଼ ଉଠେ ଶୈବାଳ ଘେନ । ପୁଣି ତରଙ୍ଗ ରଙ୍ଗସ୍ଥାନୀ ।
ମୁଖ ଚବୁକ-ଶତା ସ୍ତନ ନୀଳ-ଚେଲତା ଅଙ୍ଗଭଙ୍ଗ ଏ ଅନୁମାନ ସେ ॥ ୧୭
ଯାମିନୀଶ କାମିନୀ ଅବନୀରେ ଏ ଘେନ ପାର୍ବତୀ ବନୀ ଗୁଣ ଧରେ ?
ମୁଁ ହେବ ପର ନାରୀ ନାରକେଳ ଗୁଚ୍ଛୁରୀ ତୁରତେ କୁଚ ଜନ୍ମି ଉରେ ସେ ।
ହେଲେ ଶୁଭ । ଯୋଭନାହିଁ ଏ ସେବା ଦେବ । ସୁ-ପତ୍ର ଲେଖା ଲେଖାଇବ ।
ପ୍ରଶଂସି ପୁନଃପୁନଃ ଅନୁଗ୍ରହାଲିଙ୍ଗନ ଦେଇଁ ଗାତ୍ର ପବିତ୍ର ହେବ ସେ ॥ ୧୮
ମନେ କଲି ଏ ଦେବସଖୀ ମୋତେ ତ ଦେବ ଗତ ଜଗତୀ ବ୍ୟାଜ ମେରୁ
ଖେଳାଇ ମନୋରମା ତୋଳା ନୋହି ଉପମା ନଗ୍ରଇ ଚନ୍ଦ୍ର ରେଖା ଭ୍ରୁରୁ ସେ ।

୧୭—ସେ ନଗେ (କୈଳାସ ପର୍ବତରେ) ଏ ଜାତରୂପ୍ୟସର (ସୁବର୍ଣ୍ଣପୁଷ୍କରଣୀ) ଜାତ ହୋଇଛି, ମୋ ଚତ୍ତ ଉଚେତରେ ହଂସପରି ବଶହୁଅଇ, ପୁଷ୍କରଣୀର ରସ, (ଜଳ) ସାରସ (ପଦ୍ମ)ରେ ପୂର୍ଣ୍ଣ, ଏ ସୁନ୍ଦରୀ ରସ (ଲାବଣ୍ୟ ବା ଶୃଙ୍ଗାର ରସ) ରେ ପୂର୍ଣ୍ଣ, ମୁଖ ସ୍ୱର୍ଣ୍ଣସାରସପରି (ସୁବର୍ଣ୍ଣ ପଦ୍ମପରି) ସେ ମୁଖ ସୁବାସର ବାସସ୍ଥାନ, ମତ୍ତ ରୋଲମ୍ବ (ଭ୍ରମର) ଚୁମ୍ବ ଦେଲାପରି ଚବୁକରେ ଚନ୍ଦ୍ରିତ ଭ୍ରମର ଶୋଭାପାଉଛି । ଚକ୍ରବାକଯୁଗପରି ସ୍ତନଦ୍ୱୟ, ସେ ବୁଡ଼ ଶୈବାଳ (ଜଳନୀଳ) ଘେନ ଉଠିଲା ପରି ନୀଳ କାଞ୍ଚୁଲି ପୁଣି ପୁଷ୍କରଣୀ ତରଙ୍ଗର ରଙ୍ଗ (କ୍ରୀଡ଼ା) ସ୍ଥାନ ହେଲାପରି ଏ ଅଙ୍ଗଭଙ୍ଗୀର ସ୍ଥାନୀ । ଏ ଉପମା ମାନ ମୁଖ, ଚବୁକ, ଶତା, ସ୍ତନ, ଚେଲର ନୀଳତା ଏବଂ ଅଙ୍ଗଭଙ୍ଗୀରେ ଅନୁମାନ ହେଉଛି ।

୧୮—ଅବନୀରେ ଏ ବନ ପାର୍ବତୀ ବନୀ (ସ୍କନ୍ଦବନ) ଗୁଣକୁ ଧରିଅଛି, ଏ ଘେନ ଯାମିନୀଶ (ଚନ୍ଦ୍ର) ଏଠାକୁ ଅସି କାମିନୀ ହୋଇ ଅଛନ୍ତି କି ? (ସ୍କନ୍ଦବନକୁ ପୁରୁଷ ଗଲେ ସ୍ତ୍ରୀ ହୋଇ ଯାଏ) । ତେବେ ମୁଁ ନାରୀ ହୋଇ ଯିବିପରି ? ମୋହର ଉରେ (ବକ୍ଷଃସ୍ଥଳରେ) ନାରିକେଳ ଗୁଚ୍ଛୁରୀରେ ତୁରତେ କୁଚ ଜନ୍ମିବ ଏମନ୍ତ ହେଲେ ଶୁଭ ହେବ, ତହିଁକି ମୋର କ୍ଷୋଭ (ଦୁଃଖ) ନାହିଁ କାରଣ ଏ ମୋତେ ସେବା କରିବାକୁ ଦେବ, ମୋ ହାତରେ ସୁପତ୍ର ଲେଖା (ଉତ୍ତମ ସ୍ତନ ଚତ୍ରାବଳୀ) ଲେଖାଇବ ଚନ୍ଦ୍ର ଦେଖି ବାରମ୍ବାର ପ୍ରଶଂସା କରି ଆଲିଙ୍ଗନ ଦେଇଁ ମୋ ଗାତ୍ର (ଦେହ) ପବିତ୍ର ହେବ ।

୧୯—ମନେ କଲି-ଏ ସୁନ୍ଦରୀ ମୋତେ ଗତ (ମୋକ୍ଷ) ଦେବ, କାରଣ ଏ ସ୍ୱର୍ଗର ଦେବସଖୀ, ଜଗତୀ (ଅଟ୍ଟାଳିକା) ବ୍ୟାଜରେ ଏ ମେରୁ (ସ୍ୱର୍ଗ), ସ୍ୱର୍ଗରେ ମନୋରମାନାମ୍ନୀ ଅପ୍ସରା ଅଛି ତାହାର ଉପମା ନାହିଁ

ଗୁପ୍ତ ବାସ । ପିଧାନେ ରମ୍ଭାକର ଭୋରୁ । ପାରିଜାତଙ୍କ ଗନ୍ଧଭରୁ ।
ସୁଖ ଅନେକ ନେତ୍ରେ ଦେଉଅଛୁ ବଦନେ ମୁଁ ମିଳେ କି ଭାଗ୍ୟବଶରୁ ଏ ସେ ॥ ୧୯
ନେତ୍ର ଭୁଜଙ୍ଗୁ ଦଂଶିଲ ଗୃହସ୍ଥଶୀଳା ଆସିଲ ନବଧୂପ୍ରତିମାରୂପେ ପାଶେ ।
କୁନ୍ତଳ ଇନ୍ଦ୍ରନୀଳ ଅବନ୍ଧ କି ମଞ୍ଜୁଳ ମୁଖ ମହାପଦ୍ମ ବିକାଶେ ସେ ।
ଗଣ୍ଡରେ । ମକର ଶୋଭି ଖର ଅତି । ଈକ୍ଷଣ ପଦ୍ମ ଯେ ଚଳନ୍ତି ।
କଣ୍ଠ ଶଙ୍ଖ ସୁଦନ୍ତ ମୁକୁନ୍ଦ ମତ ସତ ପାଦପର କଚ୍ଛପାକୃତି ସେ ॥ ୨୦
ପାଣି ଧରି ଅଣିମା କୋଳେ ନଷ୍ଟେ ଅଣିମା ଦୀର୍ଘ ନୋହିଲା ହ୍ରସ୍ୱଭାବ ।
ଲଘିମା ଭଜି ତାପ ଯିବ ସୁଖ କଳାପ ପ୍ରକାଶ ବିକାଶ ସର୍ଜିବ ସେ ।
ପ୍ରାପ୍ତି ହୋଇ । ମହିମା ନିଷ୍ଠଳେ ରହିବ । ଈଷିତାଳାପ ଜନ୍ମିଥିବ ।
ନିରତ ବଶିତାରେ କାମ ବଶାୟିତାରେ ଐଶ୍ୱର୍ଯ୍ୟ ପର୍ଯ୍ୟନ୍ତେ ହେବ ଶିବ ସେ ॥ ୨୧

ଏ ମନୋରମା ସୁନ୍ଦରୀ ଖେଳାଉଥିବା ଡୋଳାକୁ ଉପମା ନାହିଁ ସ୍ୱର୍ଗରେ ଚିତ୍ର ଲେଖା ନାମ୍ନୀ ଅପ୍ସରା ନାଚଇ ଏ ଚିତ୍ରରେଖା (ଚିତ୍ରରେ ଲେଖା) ତୁଲ୍ୟ ଭୂରୁ (ଭ୍ରୂଲତାକୁ) ନଚାଉଛି, ସେଠାରେ ରମ୍ଭା ନାମ୍ନୀ ଅପ୍ସରା ଅଛି ଏ ରମ୍ଭା (କଦଳୀ ବୃକ୍ଷ ଓ କରଭ) ହସ୍ତୀ ଶାବକର ଶୁଣ୍ଢ ସଦୃଶ ଉରୁକୁ ବାସ ପିଧାନେ (ବସ୍ତ୍ରାଚ୍ଛାଦନରେ) ଗୁପ୍ତ କରିଛି, ପାରିଜାତଙ୍କ ପୁଷ୍ପପରି ଏହାର ଦେହ ସୁବାସ, ସ୍ୱର୍ଗ ଅନେକ ନେତ୍ରେ (ଇନ୍ଦ୍ରଙ୍କୁ) ସୁଖ ଦଏ ଏ ବଦନ ରୂପ ଅନେକ ନେତ୍ରେ (ଅନେକ ଲୋକ ଚକ୍ଷୁରେ) ସୁଖ ଦେଉଛି, ମୁଁ କି ଭାଗ୍ୟବଶରୁ ଏଠାରେ ମିଳିଲି ।

୨୦—ନେତ୍ର ଭୁଜଙ୍ଗେ ଏପରି ଦଂଶିଲ-ଗୃହସ୍ଥଶୀଳା (ସୁଶୀଳା) ନବବଧୂ ପ୍ରତିମା ରୂପେ ପାଖକୁ ଆସିଲ । କୁନ୍ତଳ (କେଶ) ଅବନ୍ଧ (ବନ୍ଧହୋଇ ନ ଥିବା) ଇନ୍ଦ୍ର ନୀଳମଣି ପରି କି ମଞ୍ଜୁଳ (ମନୋରମ) ମହା ପଦ୍ମପରି ବିକଶିତ ମୁଖ ମହାପଦ୍ମନିଧି, ଗଣ୍ଡରେ ଥିବା ମକରୀ ଚିତ୍ର ମକର ନିଧି ଈକ୍ଷଣ (ନୟନ) ଅତିଖର (ଚଞ୍ଚଳ) ହେତୁ ଖରନିଧି, ଏବଂ ପଦ୍ମପରି ଚଳୁ-ଥିବାରୁ ପଦ୍ମନିଧି କଣ୍ଠ ଶଙ୍ଖନିଧି ସୁଦନ୍ତ ମୁକୁନ୍ଦନିଧି ଏବଂ କଚ୍ଛପ ଆକୃତି ପାଦ ଉପରି କଚ୍ଛପନିଧି ।

୨୧—ପାଣି (ହାତ) ଧରି ଅଣିମା ଦ୍ୱାରା ମୋହର ଅଣିମା (ଲଘୁତା) ଦୀର୍ଘ ନ ହୋଇ ହ୍ରସ୍ୱଭାବ ଧରିବ, (ଏଥିରେ ମୋର ଅଣିମା ଐଶ୍ୱର୍ଯ୍ୟ ଲାଭହେଲା) ତାପ (ସନ୍ତାପ) ଲଘିମା (ଲଘୁତା) କୁ ଭଜିବ, (ଏଥିରେ ଲଘିମା ଐଶ୍ୱର୍ଯ୍ୟ) ସୁଖ କଳାପ (ସୁଖ ସମୂହ) ପ୍ରକାଶରେ ବିକାଶ (ଉଲ୍ଲାସ) ସର୍ଜିବ, (ଏଥିରେ ପ୍ରକାଶ ଐଶ୍ୱର୍ଯ୍ୟ) ତାକୁ ପ୍ରାପ୍ତହୋଇ ମୋ ମହିମା (ଗୌରବ) ନିଷ୍ଠଳରେ ରହିବ, (ଏଥିରେ ମହିମା ଓ ପ୍ରାପ୍ତି ଐଶ୍ୱର୍ଯ୍ୟ) ସେ ସୁନ୍ଦରୀ ସମୟରେ ଈଷିତାଳାପ (ଅଳ୍ପ ଅଳ୍ପ ଆଳାପ) ଜନ୍ମାଉ ଥିବ,

ଚତ୍ତେ ସେହି ଆଦର ଦରଦ୍ର ଦଶା ହର ହରଲେ ଏହି ଭେଟାଇଲେ ।
ପୁଣ ଗୃହିଁଲ ସେହିମତେ ରହିଲ ମହାମଣ୍ଡନା ମହିଳା କଷ୍ଟଲେ ସେ ।
ଘେନେ ସ୍ୱପ୍ନ । ଦେଖିଲି ମେଢ଼େ ଅଛୁ ଯେହି । ପିତୁଳା ସେ ଅବଳାନୋହି ।
କ ଅଭିରାମ ରାମ ଭର୍ମସୀତା ଏ ଭ୍ରମ ଏଠାରେ ଗଲେ କିମ୍ପା ଥୋଇ ସେ ॥ ୨୨
ପ୍ରତିମାରୂପେ ଦାସନିସ୍ତାରକାରୀ ଦାସହିତେ ଦାଶରଥି ଉତ୍ସବେ ।
ପ୍ରତିବରଷେ ରସେ ରସିରୁଁ ବୋଲି ବଶେ କାହାକୁ ବର ଦେଇଥିବେ ସେ ।
ଯୁବାବର । ପାଟଞ୍ଚ ରାମମୂର୍ତ୍ତି କାହିଁକି । ଏ କଥା ନୁହଇ ଯେ କଳ୍ପୁ ।
ଭୋଜବିଦ୍ୟା-ବିଦ୍ୟକ-ବୃନ୍ଦଙ୍କ କଉତୁକ କପଟ ଲମ୍ପଟ କରୁଛୁ ଟେ ॥ ୨୩
ଗୃହୁଁ ବୁହେଁ ବୁହିଙ୍କି ମନ ନେନ୍ର କାହିଁକି ନ ଯାଇ ଉପୁଜାଇ ସ୍ନେହ ।
ଅଲୋକିତ ଲୋକିତ ବର୍ଣ୍ଣ ଭଙ୍ଗ ଚକିତ ସ୍ତକିତ ହୋଇଗଲ ଦେହ ସେ ।

(ଏହାଦ୍ୱାରା ଈଶିତା ଐଶ୍ୱର୍ଯ୍ୟ) ମୁଁ ନିରତ (ସର୍ବଦା) ବଶିତାରେ (ବଶ କରିବା କ୍ଷମତାରେ) ତାକୁ କାମ ବଶାୟିତା (କାମ କ୍ରୀଡ଼ାରେ ବଶକରି) କାମ ବଶାୟିତା ଐଶ୍ୱର୍ଯ୍ୟ ଲଭ କରିବି । ଏହାପରି ମୁଁ ଅଣିମାଦି (ଅଣିମା ଲଘିମା, ପ୍ରକାଶ୍ୟ ପ୍ରାପ୍ତି, ମହିମା, ଈଶିତା ଓ ବଶିତା କାମ ବଶାୟିତା) ଅଷ୍ଟ ଐଶ୍ୱର୍ଯ୍ୟରେ ପୂର୍ଣ୍ଣହୋଇ ଶିବଙ୍କ ପରି ହେବି, (ଶିବ ଏ ଅଷ୍ଟ ଐଶ୍ୱର୍ଯ୍ୟରେ ଅଧିକାରୀ) ।

୨୨—ଚତ୍ତରେ ଏହି କଥାକୁ ଆଦରିଲ-ହରି ମୋ ଦରିଦ୍ରଦଶା ହରିଲେ, ଏହି ନବନିଧି ଓ ଅଷ୍ଟ ଐଶ୍ୱର୍ଯ୍ୟକୁ ଭେଟାଇଲେ, ପୁଣି ମହାମଣ୍ଡନା ମହିଳା (କୋଟିବ୍ରହ୍ମାଣ୍ଡ ସୁନ୍ଦରୀ (ସେହିପରି ପୁରୁଷକୁ ଗୃହିଁଲ, ଦେଖି କଷ୍ଟଲହୋଇ ରହିଲ, ପୁରୁଷ ବିଗୃରିଲ—ମୁଁ ସ୍ୱପ୍ନଦେଖିଲି ମେଢ଼ରେ (ଅଟ୍ଟାଳିକାସ୍ଥିତ ଆସନରେ) ଯେ ଅଛୁ ସେ ଅବଳା ନୁହେଁ ଗୋଟିଏ ପିତୁଳା । କ ଅଭିରାମ (ସୁନ୍ଦର) ଏ ରାମଚନ୍ଦ୍ରଙ୍କର ଭର୍ମସୀତା (ସୁବର୍ଣ୍ଣ ସୀତା) କାହିଁପାଇଁ ଭ୍ରମହୋଇ ଏଠାରେ ଥୋଇଗଲେ ।

୨୩—ଦାସ (ଧୀବର) ନିସ୍ତାର କାରୀ ଦାଶରଥି (ରାମଚନ୍ଦ୍ର) ଦାସ ହିତେ (ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ) ପ୍ରତିମାରୂପେ ପ୍ରତିବର୍ଷ ଉତ୍ସବରେ ରସରେ ରସିରୁଁ ଏହାକହି ବଶହୋଇ କେଉଁ ଭକ୍ତକୁ ବର ଦେଇଥିବେ । ପୁଣି ଯୁବାବର ରାଜପୁତ୍ର ପାଞ୍ଚିଲ ତେବେ ରାମ ମୂର୍ତ୍ତି କେଉଁଠାରେ ଅଛୁ ? ଏ କଥା କଳ୍ପୁନୁହେଁ, ଭୋଜବିଦ୍ୟା ବିଦ୍ୟକ ବୃନ୍ଦଙ୍କ (ଭୋଜବାଜିପ୍ରକାଶକ ମାନଙ୍କର) କପଟ କୌତୁକ ଏ, ଦେଖିବା ଲୋକକୁ ଲମ୍ପଟ (ସ୍ନେହୀ) କରୁଛୁ ।

୨୪—ବୁହେଁ ବୁହିଙ୍କି, ଗୃହିଁଲେ ସେମାନଙ୍କର ମନ ଓ ନେନ୍ର ଆଉ କୁଆଡ଼େ ଟଳିନାହିଁ, କେବଳ ପରସ୍ପରପ୍ରତି ସ୍ନେହଉପୁଜାଇଲ, ପରସ୍ପରର ଅଲୋ-

ଯୁବା ରମା । ହାସେ କଳଙ୍କ କିଛି ରହି । ହାମେ ପଲକ କିଛି ନାହିଁ ।
ନାସେ ଶ୍ବାସ ରହିଲା ନାଶେ ମୋର ତାହିଲା ମୂର୍ଚ୍ଛା ମୂର୍ଚ୍ଛିତ ହେଲା କାହିଁ ସେ ।୨୪।
ପଠ କରି ମଣିଲେ ଝଟ କରି ଗୁଣିଲେ ଲେଖା ଏ ଗଲା ଦେଖାଗଲା ।
ଅଜୀବରେ ସଜୀବ କରୁଅଛି ରଜୀବ-ଶରକୁ ଚନ୍ଦେ ଚିତ୍ର ହେଲା ସେ ।
ଯୁବାରମା । ଆଶ୍ଚର୍ଯ୍ୟ ହୋଇଛନ୍ତି ପାଞ୍ଚ । ବର୍ଣ୍ଣ ସମବର୍ଣ୍ଣଙ୍କ ରୁଚି ।
ପଡ଼ିଗଲା କି କାଳ କି କାଳ ହରତାଳ ଶଙ୍ଖ ହିଙ୍ଗୁଳ ଥିଲା ସଞ୍ଚି ସେ ॥ ୨୫
ଶୁଣିଥିଲ ସଦୃଶ ପରି ହେଉଛି ଦୃଶ ଈଦୃଶ ନାହିଁ ସଂସାରେତ ।
ମୁହୁର୍ମୁହୁ ଲୋଚନ ଦଣେ ଦଣେ ମୋଚନ କରଇ ସନ୍ତାପ ବହୁତ ସେ ।
ଯୁବାରମା । ଭାବନ୍ତି ଆଗ ଇନ୍ଦ୍ରଜାଲ । କ୍ଷଣକେ ହୁଏ ଚିତ୍ରମେଳ ।
ସ୍ବପନ ନ ବସ୍ତୁରେ ସାକ୍ଷାତ ପରସ୍ତରେ ଈଶ୍ବର ହେବେ ଅନୁକୂଳ ସେ ॥ ୨୬

—କାନ୍ତ (ଶୋଭା) ଲୋକାନ୍ତ ବସ୍ତୁ (ଦେଖିବା ହେତୁ) ଚକିତକୁ ଭଜିଲେ ସେମାନଙ୍କର ଦେହ ସ୍ତମ୍ଭିତ ହୋଇଗଲା । ସେ ଯୁବା ଓ ରମା [ଯୁବତୀ] ଦୁହିଁଙ୍କର ହାସ୍ୟରେ କିଛି କଳଙ୍କ ରହିଲା, ହାସ୍ୟ । ସେମାନଙ୍କର ପଲକ କିଛିମାତ୍ର ପଡ଼ୁନାହିଁ । କେବଳ ନାସାରେ ନିଶ୍ୱାସମାତ୍ର ରହିଲା ନାଶକରିବାରେ ମାର ତାହିଲା (କୋପକଲା) ମୂର୍ଚ୍ଛାରେ ମୂର୍ଚ୍ଛିତ ହେବା ଭାବ କାହିଁ ଗଲା (ଅର୍ଥାତ ମୂର୍ଚ୍ଛିତ ନ ହୋଇ) ସେହିକ୍ଷଣି ଚେତନା ପାଇଲେ ।

୨୫—ଚେତନା ପାଇ ଝଟକରି ମନରେ ଗୁଣିଲେ, ପରସ୍ପର ପରସ୍ପରକୁ ଚିତ୍ରକୁଟ କରି ମଣିଲେ—ଏ କିପରି ଲେଖାଗଲା ଯେ ଦେଖାଗଲା । ଏ ଚିତ୍ରରେ କନ୍ଦର୍ପର ରାଜୀବ ଶରକୁ [ପଦ୍ମଶରକୁ—ପଦ୍ମଶରର ସମ୍ମୋହନ ଗୁଣକୁ] ଦେଇ ଅଜୀବ ପ୍ରତିମାରେ ସଜୀବର ଭ୍ରମ କରୁଛି ଏ କଥା ଚିତ୍ର [ବିଚିତ୍ର] ହେଲା । ଯୁବା ରମା ଦୁହେଁ ଏହିପରି ଭାବ ଆଶ୍ଚର୍ଯ୍ୟ ହୋଇଅଛନ୍ତି ଏବଂ ସେ ଦୁହିଁଙ୍କର ବର୍ଣ୍ଣଙ୍କ [ଦେହରଙ୍ଗ] ଓ ରୁଚି (ଶରୀରକାନ୍ତି) ବର୍ଣ୍ଣସମ (ସାଧାରଣଲୋକଙ୍କର ଦେହ ବର୍ଣ୍ଣ ସହିତ ସମାନ) ହୋଇଛି ସେ ସମୟରେ ବୈବର୍ଣ୍ଣ୍ୟ ଦଶା ଦୁହିଁଙ୍କ ଗୌର ବର୍ଣ୍ଣକୁ କିଞ୍ଚିତ କଳା କରି ଦେବାରୁ ଅନୁମାନ ହେଲା ଚିତ୍ରକର ଚିତ୍ର କରି ସାରି କାଳ (କଳା) ହରତାଳ, ଶଙ୍ଖ ଓ ହେଙ୍ଗୁଳ ସଞ୍ଚି ରଖିଥିଲା କି ? ତହିଁରୁ କାଳି କିପରି ଚିତ୍ର ଉପରେ ପଡ଼ିଗଲା କି ?

୨୬—ଶୁଣିଥିଲା ସଦୃଶ (ଅନୁରୂପ) ମୂର୍ତ୍ତିପରି ଦୃଶ୍ୟ ହେଉଛି [ଦେଖାଯାଉଛି] କିନ୍ତୁ ଈଦୃଶ ମୂର୍ତ୍ତିତ ସଂସାରରେ ନାହିଁ । ମୁହୁର୍ମୁହୁ ଲୋଚନ ସନ୍ତାପକୁ ଦଣେ୨ [ପ୍ରତିଦଣ୍ଡକୁ ବାଂପ୍ରତି ଦର୍ଶନରେ] ମୋଚନ କରଇ । ଯୁବା ଓ ରମା ଆଗ ଭାବନ୍ତି—ଏ ଇନ୍ଦ୍ରଜାଲ ମାୟା, ପୁଣି କ୍ଷଣକେ ଏ ବସ୍ତୁର ମେଳହୁଏ - ଏ ଚିତ୍ର ପ୍ରତିମା, ସାକ୍ଷାତ ପ୍ରସ୍ତୁର ହେବାରେ (ଦେଖାଯିବାରୁ)

ଯେ ସର୍ବଭୂତପତି ତାଙ୍କୁ ଭକ୍ତ ବିପତ୍ତି ନିପାତି ନୋହିବ କିପାଁଇ ।
ମେଘ-ଉପଳ ଶୀତକାନ୍ତିରେ ବିରାଜିତ ଜ୍ଞାନ ପ୍ରସରି ଗଲା ଧାୟି ସେ ।
ଯୁବା ରାମା । କୁମାର ଭାବେ ଏ କୁମାରୀ । ଜେମା ଜାଣେ ନୃପଜ କରି ।
ଗଲା ସନ୍ଦେହ ଦେହବନ୍ତ ଏ ଜନ୍ମି ସ୍ନେହ ବିଦେହ-ବିକାର ସଞ୍ଚରି ସେ ॥ ୨୭
ମନାସି ଜଗଦୀଶ ଦିଗବାସେ ଅଶେଷ ଭୋଗକୁ ଅତ୍ୟନ୍ତ ପ୍ରମୋଦେ ।
ଯାହା ରଚିତ ରସ କବିବାଣୀରେ ଶେଷ ନୋହେ ସେ ଦେବ ଚିନ୍ତି ହୃଦେ ସେ ।
ସୁମନା ଏ । ପାଞ୍ଚ ଏ ଛାନ୍ଦର ବିସ୍ତର । ନୁହଇ ଆନର ପ୍ରକାର ।
କହେ ଉପେନ୍ଦ୍ରଭଞ୍ଜ ଉତ୍ତମକବି ପୁଞ୍ଜ ଦୁର୍ଲ୍ଲଭମାର୍ଗେ ମୋ ସଞ୍ଚାର ସେ । ୨୮

ଚତୁର୍ଦ୍ଦଶ ଛାନ୍ଦ

ରାଗ—ଘଣ୍ଟାରବ

ପେଖି ପିନସ୍ତନୀ ଶୋଭା । ମଞ୍ଜୁ ବିଦ୍ୟୁଜିତପ୍ରଭା ।
ବୀର ବିସ୍ତରିଲ ମୋହନୀ ଏ ବେନି ସୁଧାକୁମ୍ଭ ଯେନି ଉଭା । ୧

ସ୍ୱପ୍ନ ବୋଲି ବିସ୍ତରନ୍ତି ନାହିଁ । ଅନୁମାନ କରନ୍ତି ଈଶ୍ୱର ଅମ୍ଭର (ଶିବ ଓ ବିଷ୍ଣୁ) ଅନୁକୂଳ ହେବେ ।

୨୭—ଯେ ସର୍ବ ଭୂତ ପତି (ପ୍ରେତପତି=ଶିବ) ଏବଂ ଯେ ସର୍ବ ଭୂତପତି (ସମସ୍ତ ଜୀବ ମାନଙ୍କର ପାଳକ କର୍ତ୍ତା—ବିଷ୍ଣୁ) ତାଙ୍କୁ ଭକ୍ତ ବିପତ୍ତିକୁ କାହିଁକି ନିପାତି (ବିନାଶ କରି) ନୋହିବ । ମେଘ ଉପଳ (କୁଆପଥର) ଶିତ (ଶୁକ୍ଳ) କାନ୍ତିରେ ବିରାଜିତ ହୋଇ ତରଳିଲା ପରି ଝାଳ ବହିଲା, ମୂର୍ଚ୍ଛା ନଷ୍ଟହୋଇ ଜ୍ଞାନ ପ୍ରସରିଲା, ତହୁଁ ଯୁବା ଓ ରାମାଧାୟିଲେ=କୁମାର ଏ କୁମାରୀ ବୋଲି ଭାବିଲା, ଜେମା ନୃପଜ (ରାଜପୁତ୍ର) ବୋଲି ଜାଣିଲା । ଏ ଦେହବନ୍ତ (ମନୁଷ୍ୟ) ଏହା ଉଭୟେ ବୁଝି ପାରିବାରୁ ସନ୍ଦେହ ଗଲା ପରସ୍ପର ପ୍ରତି ସ୍ନେହ ଜନ୍ମି ବିଦେହ (କାମ) ବିକାର ସଞ୍ଚରିଲା ।

୨୮—ଜଗଦୀଶ ଦିଗବାସ (ଦିଗମ୍ବର=ମହାଦେବ)ଙ୍କୁ ଅତ୍ୟନ୍ତ ପ୍ରମୋଦରେ ଅଶେଷଭୋଗକୁ ମନାସିକଲେ । ଯାହାଙ୍କର ରଚିତ ରସମାନ କବିବାଣୀରେ ମଧ୍ୟ ଶେଷ ହେବ ନାହିଁ ସେହି ଦେବ (ରାମଚନ୍ଦ୍ରଙ୍କୁ) ଉପେନ୍ଦ୍ର ଭଞ୍ଜ ହୃଦୟରେ ଚିନ୍ତାକରି କହଇ—ସେ ପ୍ରଭୁଙ୍କ ଦୟାରୁ ଉତ୍ତମ କବିପୁଞ୍ଜ (କବିମାନଙ୍କର) ଦୁର୍ଲ୍ଲଭ ଯେ ମାର୍ଗ ତହିଁରେ ମୋର ସଞ୍ଚାର ହୋଇଅଛି ହେ ସୁମନାଏ (ପଣ୍ଡିତମାନେ) ଏ ଛାନ୍ଦର ବିସ୍ତରକୁ ପାଞ୍ଚ ଏହା ଅନ୍ୟପ୍ରକାର ନହେ ।

ଅଷ୍ଟସର୍ପୀ ଦଇବୀମାୟା । ଅଶେଷ ଲବଣୀ କାୟା ।
ବଲ୍ଲଭୀ କରି ମୁଁ କପରି ଲଭିବି ଶିବେ କରି ନାହିଁ ଦୟା ॥ ୨
ଦୁର୍ଲ୍ଲଭ ଏହାକୁ କହି । ହରଷ ସ୍ୱରୂପ ଏହି ।
ଦେଖିଲି ଲେଖିଲି ଲୋଚନେ ବଚନେ ଉପମା ଦେବାକୁ ନାହିଁ ॥ ୩
ଗଣ୍ଠି ଶିରୀ ବିବର୍ଜ୍ଜିତ । ତନୁରେ ମାପ ଆୟତ ।
ପକ୍ୱରସାଳକୁ କୃତାର୍ଥ କରିବା କାନ୍ତିତ କରି ଲକ୍ଷିତ ॥ ୪
ପାନକଳ ପୁରି ତୁଣ୍ଡେ । ଫଟି ଦିଶୁଅଛି ଗଣ୍ଡେ ।
ଜବା କୁସୁମ ପ୍ରତିବିମ୍ବି ଅଛି କି ନିର୍ମଳ ମୁକୁରଖଣ୍ଡେ ॥ ୫
ହରିତାଳ କାଳ ଚିତା । ଭୁଜ ପଦେ କି ଶୋଭିତା ।
ସୁବର୍ଣ୍ଣଭୂମିରେ ଅଙ୍କୁରି ଅଛି କି ମରକତ ମିହ୍ନା ଲତା । ୬

୧—ମଞ୍ଜୁ ବିଦ୍ୟୁତ୍କୃତ ପ୍ରଭା (ଯାହାର ଦେହ ଶୋଭା ମନୋହର ବିଜୁଳି ଶୋଭାକୁ ଜିଣିଛି) ଓ ପୀନସ୍ତନୀ (ସ୍ଥୂଳସ୍ତନୀ) ସୁନ୍ଦରୀର ସ୍ତନଶୋଭା ଦେଖି ଧୀର ସୁନ୍ଦର ମନରେ ବିଚାରିଲା, (ବିଷ୍ଣୁ ମୋହିନୀ ରୂପ ଧରି ଅମୃତ କୁମ୍ଭ ଘେନି ଦେବତାମାନଙ୍କୁ ଅମୃତ ପରଶି ଥିଲେ) ଏ ମୋହିନୀ ଯୋଡ଼ିଏ ସୁଧାକୁମ୍ଭ ଘେନି ଉଭା ହୋଇଛି କି ?

୨—ଦୈବୀମାୟା ଅଷ୍ଟସର୍ପି ଏ ଅଶେଷ ଲବଣୀ କାୟା (ଲାବଣ୍ୟ ମୂର୍ତ୍ତି) କୁ ମୁଁ କପରି ବଲ୍ଲଭୀ (ସ୍ତ୍ରୀ) ରୂପେ ଲଭିବି, ମୋହିନୀ ତ ଶିବଙ୍କୁ ଦୟା କରି ନାହିଁ ଏ ମୋତେ ଦୟା କରିବ କି ନାହିଁ କେ ଜାଣେ ।

୩—ଜଗତରେ ଏହାକୁ ଏକା ଦୁର୍ଲ୍ଲଭ କହନ୍ତି, ଏହି ମଧ୍ୟ ହର୍ଷସ୍ୱରୂପ, ଆଖିରେ ଦେଖିଲି ଓ ଲେଖି ରଖିଲି, ଏହାକୁ ବାକ୍ୟରେ ଉପମା ଦେବାକୁ ନାହିଁ ।

୪—ତନୁରେ (ଦେହରେ) ଗଣ୍ଠି ଶିରୀ ବା କିଛି ନାହିଁ, ଏବଂ ଦେହର ମାପ ଆୟତ (ଉପଯୁକ୍ତ—ଯେତେ ହେବା ଉଚିତ) ହୋଇଛି । ପକ୍ୱ ରସାଳକୁ (ପାଚିଲା ଆମ୍ବକୁ) ଦେହ ବର୍ଣ୍ଣ ସହିତ କାନ୍ତିତ ଲକ୍ଷ୍ୟ କରି ତାହାକୁ କୃତାର୍ଥ କରିବା ।

୫—ତୁଣ୍ଡରେ ପାନକଳ ପୁରି ଗଣ୍ଡରେ ଦେଖା ଯାଉଅଛି ସେ ଶୋଭା ଜବାକୁସୁମ (ମନ୍ଦାରଫୁଲ) ନିର୍ମଳ ଦର୍ପଣରେ ପ୍ରତି ବିମ୍ବିତ ହେଲା ପରି ହୋଇଛି ।

୬—ହରିତାଳ କାଳର ଚିତା ଭୁଜ ଓ ପଦରେ କେଡ଼େ ଶୋଭା ପାଉଛି ? ମରକତ ମିହ୍ନା ଲତା ସୁବର୍ଣ୍ଣ ଭୂମିରେ ଜନ୍ମିଛି କି ?

ଏହା ଶ୍ରୀଅଙ୍ଗକୁ ଛୁଇଁ । ରତନ ଯତନ ହୋଇ ।
ମହା ଅଦଭୁତ ପ୍ରଶଂସା ସଂସାରେ ଭୂଷଣ ଅଛନ୍ତି ପାଇ ॥ ୭
ଚନ୍ଦ୍ରଝୁମ୍ପି ଚନ୍ଦ୍ର ଝଳ । କେଶରାହୁ ଅର୍ଦ୍ଧେ ଗଳ ।
ବେଣୀଅଗ୍ର ହୀରା ପିହାଣିଆ ଶୋଭା ସୁଧା ପଡ଼ୁଅଛୁ ଗଳ ॥ ୮
ଉତ୍ତମାଙ୍ଗ ମାଙ୍ଗଭାଙ୍ଗ । ଏଥିକି କି ବେନିଭାଗ ।
ଶୋଭା ଅଧିକୁ ତମାଳ ଖଡମାଳ ନୁହନ୍ତି ଉପମାଯୋଗ୍ୟ ॥ ୯
ତାର ଯେ ତାର ସୀମନ୍ତ । ତାରପନ୍ତି ପରିପନ୍ଥି ।
ଯେଡ଼କି ନୀଳ ନିର୍ମଳ ନଭ କେଡ଼େ ପ୍ରଭା ପ୍ରକାଶିଛୁ ଅତ ॥ ୧୦
କେତକୀ ତୃତୀୟ ଦଳ । ରଖିଛି ପ୍ରବେଣୀମୂଳ ।
ଚତୁରୀ ସିଂହାସୀ ତ୍ରିପୁର ସୁନ୍ଦରୀ ନାହିଁ ବୋଲି ବାଲା ତୁଲ ॥ ୧୧
ସେ ଝରୀ କି ଶୋଭା ପାଇ । ଶିର ଗୁଳନ ଚଳଇ ।
ମୋତି ଜାଲି ଛଳେ ସୁଧା ସିଞ୍ଚୁଛୁ କି ବଚନ ବଜୁଳି ଉଇଁ ॥ ୧୨

୭—ରତ୍ନମାନେ ଏହାର ଶ୍ରୀଅଙ୍ଗକୁ ଛୁଇଁବାରୁ ଯତନ (ସୁନ୍ଦର) ହୋଇ ମହା ଅଦ୍ଭୁତ ପ୍ରଶଂସାକୁ ପାଇ ସଂସାରରେ ଅଳଙ୍କାର ହୋଇ ଅଛନ୍ତି ।

୮—ଚନ୍ଦ୍ରଝୁମ୍ପ ଅଳଙ୍କାର ଚନ୍ଦ୍ରଙ୍କପରି ଝଳକି ପାଉଛି, ତାକୁ କେଶ ରାହୁ ଅର୍ଦ୍ଧେ ଗିଳିଛି, ବେଣୀ ଅଗ୍ରସ୍ଥିତ ହୀରକ ନିର୍ମିତ ପିହାଣିଆ (ରାହୁର ଶିର ଛିଣ୍ଡି ଯିବାରୁ ଗଳଦେଶରୁ) ଅମୃତ ଗଳି ପଡ଼ିଲା ପରି ଦିଶୁଛି ।

୯—ଉତ୍ତମାଙ୍ଗ (ମସ୍ତକ)ର ମାଙ୍ଗଭାଙ୍ଗ (ସୁନ୍ତା) ଏଥିପାଇଁ ଦୁଇଭାଗ ହୋଇଛି କି ? ତାହାର ଅଧିକ ଶୋଭାକୁ ଖଡମାଳ (ମେଘ) ଅଧିକ ଶୋଭାକୁ ତମାଳ ଉପମା ଯୋଗୀ ନୁହନ୍ତି ।

୧୦—ତାହାର ଯେଉଁ ତାର ସୀମନ୍ତ (ମୁକ୍ତାସୀମନ୍ତ) ସେ ତାର ପନ୍ତିର (ନକ୍ଷତ୍ର ସମୂହର) ପରିପନ୍ଥି (ଶତ୍ରୁ) ହୋଇଛି (ନକ୍ଷତ୍ର ପନ୍ତିକି ଜିଣି ଯାଉଛି) ନଭ (ଆକାଶ) ଯେତେ ନିର୍ମଳ ହୁଏ ନକ୍ଷତ୍ରପନ୍ତି ସେତେ ଶୋଭା ପ୍ରକାଶନ୍ତି ସେହିପରି କେଶରେ ନିର୍ମଳତା ଯୋଗୁ ମୁକ୍ତାସୀମନ୍ତ ଅତ୍ୟନ୍ତ ଜ୍ୟୋତି ପ୍ରକାଶିଛି ।

୧୧—ଚତୁରୀ ସିଂହାସୀ (ବେଶକାରୀ) ବାଲାତୁଲ୍ୟ ସୁନ୍ଦରୀ ତ୍ରିପୁରରେ ନାହିଁ ବୋଲି କେତକୀର ତିନୋଟି ପାଖୁଡ଼ା ପ୍ରକୃଷ୍ଟରେ (ଉତ୍ତମରୂପେ) ବେଣୀ ମୂଳରେ ରଖିଛି ।

୧୨—ଶିର ଗୁଳନରେ ହଲି ସେ ଝରୀ (କେତକୀ ଝରୀ) କି ଶୋଭାପାଉଛନ୍ତି ? ବଚନ ବକୁଳ ଉଇଁ ମୋତିଜାଲି ଛଳରେ ଅମୃତ ସିଞ୍ଚୁଛି କି ? ।

ଶ୍ରୁତି ବର୍ଣ୍ଣନେ ଅଶେଷ । ମନୋରମ ଧବନି ପାଶ ।
ମନ ବନ୍ଦ ହୋଇ ତହିଁରେ ରହଇ ଯେଣୁ ସେ ବନ୍ଦଅବାସ ॥ ୧୩
ଫୁଲଝଲକା ଝଲକ । ସୁର କଳ୍ପ ଅପଲକ ।
ମଲ୍ଲୀକଢ଼ୀ ଚୁମ୍ବି ଆଶେ ପାଶେ କିବା ଅବତଂସ ଚଞ୍ଚରିକ ॥ ୧୪
ବିଚିତ୍ର ତିଲକ ଭାଲେ । ସ୍ତମ୍ଭ ଜନମେ ଗୃହିଁଲେ ।
ଏଣୁ ଝିଲମିଲମାଳୀ ରତ୍ନତୋରଣ ଧାରଣା ସ୍ତମ୍ଭ ଏ ଭାଲେ ॥ ୧୫
ଚଟୁଳ ଭ୍ରୂରୁ ନବୀନୁ । ଏ ଲକ୍ଷ୍ୟ ନ ଛାଡ଼େ ମନୁ ।
କି ପାଞ୍ଚି ଆଞ୍ଚ କଜ୍ଜଳଗୁଣେ ରତି ଅତନୁ ଅତସିଧନୁ ॥ ୧୬
ଏ ଧେନି ଚଞ୍ଚଳଦୃଷ୍ଟି । ଛଳେ ନୀଳୋତ୍ପଳ ବୃଷ୍ଟି ।
ଅନ୍ତରଙ୍ଗରୁ ଉରକୁ ଅନାଇଲା ଭାବି କି ଗଲଣି ଫୁଟି ॥ ୧୭
ଭାବେ ଏ କୃପାଗ୍ରହାଣି । ମୋ ମନ କୃପଣ ଜାଣି ।
ଅଞ୍ଜନସୂତରୁ ଖସାଇ ଦେଉଛୁ ପୁନଃପୁନଃ ନୀଳମଣି ॥ ୧୮

୧୩—ଶ୍ରୁତି (କର୍ଣ୍ଣ) ବର୍ଣ୍ଣନାରେ ଅତିଶୟ ମନୋରମପାଶଦ୍ୱୟକୁ ଉପମା ଦିଅନ୍ତି, କିନ୍ତୁ ଏ କର୍ଣ୍ଣ ବନ୍ଦଅ ବାସ (ବନ୍ଦଅ ନାମକ ଭୂଷଣର ବାସସ୍ଥାନ ହେତୁ) ବନ୍ଦଅବାସ (ବନ୍ଦୀଗୃହ) ତହିଁରେ ମନ ବନ୍ଦୀହୋଇ ରହଇ ।

୧୪—ଫୁଲ ଝଲକାର ଝଲକ (ଶୋଭା) ସୁର (ଦେବତା) ମାନଙ୍କ ଅପଲକ (ପଲକଶୂନ୍ୟ) କଳ୍ପ । ମଲ୍ଲୀକଢ଼ୀ କିମ୍ବା ଅବତଂସ (କର୍ଣ୍ଣଫୁଲ) ଚୁମ୍ବିବା ଆଶାରେ ଚଞ୍ଚରିକ (ଭ୍ରମର) ପାଶକୁ ଅସଇ ।

୧୫—ଭାଲରେ ଥିବା ବିଚିତ୍ର ତିଲକକୁ ଗୃହିଁଲେ ସ୍ତମ୍ଭ (କାଷ୍ଟଲତା ଓ ସ୍ତମ୍ଭଭ୍ରମ) ମନରେ ଜାତହୁଏ । ଅତଏବ ଝିଲମିଲମାଳୀ ରତ୍ନନିର୍ମିତ ତୋରଣା ତାହାର ଧାରଣା ପାଇଁ ଭାଲରେ ଏ (ତିଳକ) ସ୍ତମ୍ଭ (ଖୁଣ୍ଟ) ।

୧୬—ଚଟୁଳ (ଚଞ୍ଚଳ) ଭ୍ରୂରୁ (ଭ୍ରୂଲତା)ର ନବୀନ ହେତୁ ମନରୁ ଏ ଲକ୍ଷ୍ୟ ଛାଡ଼େ ନାହିଁ । ଅତନୁ (କାମ) ମନରେ କି ପାଞ୍ଚିକରି ଏହି ଭ୍ରୂଲତା-ରୂପକ ଅତସି (ଅପରାଜିତା) ପୁଷ୍ପନିର୍ମିତଧନୁକୁ କଜ୍ଜଳରୂପକ ଗୁଣଦେଇ ଆଞ୍ଚ (ଆକର୍ଷଣ କରୁଛୁ) ।

୧୭—ଏଣୁ ସେହି ଧନୁରେ ଚଞ୍ଚଳ ଦୃଷ୍ଟିପାତ ଛଳରେ ନୀଳୋତ୍ପଳ ଶରକୁ ବୃଷ୍ଟି କରୁଅଛୁ କି ? ନେତ୍ର ଅନ୍ତରଙ୍ଗ ହୋଇଥିବାରୁ ରାଜପୁତ୍ର ଆପଣା ଉରକୁ ଗୃହିଁ ଭାବଇ ମୋ ଉର ଏ ଶରରେ ଫୁଟି ଗଲଣି କି ?

୧୮—ପୁଣ ରାଜପୁତ୍ର ଭାବେ ଏ କୃପାଗ୍ରହାଣି ମୋ'ମନକୁ କୃପଣ ଜାଣି ଅଞ୍ଜନରୂପ ସୂତରୁ ନୀଳମଣି ସଦୃଶ ଡୋଳାକୁ ପୁନଃ ପୁନଃ ଖସାଇ ଦେଉଛୁ ।

ନେତ୍ରମୟ କଲି ତନୁ । ମୋତେ ଦେଲି ଶତମନ୍ୟୁ ।
ସମ୍ପତ୍ତି ସମର୍ପି କ୍ଷଣକେ ଭିତରେ କେଡ଼େ ଦୟାଳୁ ସୁତନୁ ॥ ୧୯
ବଦନ ଲାବଣ୍ୟଜଳେ । ସଦନ ସର୍ବଦା କାଳେ ।
ବିବିଧ ବର୍ଣ୍ଣଚିତ୍ର ତରଣୀକି ଏଣିକି ତେଣିକି ଚଳେ ॥ ୨୦
ନାସାରେ ବିରାଜେ ମୋତି । ଧରି ଡୋଲା ଓଷ୍ଠ ଜ୍ୟୋତି ।
କ୍ଷଣଦା ଆର୍ଦ୍ରା ଚନ୍ଦ୍ରେ ରହିଲେ କି ତୁଟାଇ ରୋହିଣୀ ପ୍ରୀତି ॥ ୨୧
ପଦ୍ମରାଗ ଖଣ୍ଡେ ଖୋଳି । ରଖିଛି ହୀରାଆବଳୀ ।
ଝଲି ଝଟଝଟ ହେଉଛି ପ୍ରକଟ କପଟରେ ହାସ ବୋଲି ॥ ୨୨
କସ୍ତୁରୀମକ୍ଷିକା ଅଛି । ଏମନ୍ତ ଲକ୍ଷି ହେଉଛି ।
ଅଧରେ ମଧୁର ମଧୁ ସଞ୍ଚି ସାର ଚିବୁକେ କିବା ରହିଛି ॥ ୨୩
ମକରୀ ଗଣ୍ଡଦେଶରେ । ନିର୍ମଳ ଆଦରଶରେ ।
ସଂସାରସାର ଶୋଭା ଚିତ୍ରପଟଳ ପ୍ରତିବିମ୍ବକୁ କି ଧରେ ॥ ୨୪
ମାଳାରେ ପୂରିତ ଗଳା । କଳକଣ୍ଠ କି ପଢ଼ିଲା ।
ଚିତ୍ର ପାଶରେ ମୋହନବଶରେ ମନ୍ଦର ପରି ମଣିଲି ॥ ୨୫

୧୯—ସୁନ୍ଦରୀ ପୁରୁଷର ଶରୀରକୁ ବାରମ୍ବାର ଚାହିଁବାରୁ ପୁରୁଷ ବିଚାରିଲି ଏ ମୋ ତନୁକୁ ନେତ୍ରମୟ କଲି, କ୍ଷଣକେ ମଧ୍ୟରେ ମୋତେ ଶତମନ୍ୟୁ (ଇନ୍ଦ୍ର) ସମ୍ପତ୍ତି ସମର୍ପିଦେଲି, ତେବେ ଏ ସୁତନୁ (ସୁନ୍ଦରୀ) କେଡ଼େ ଦୟାଳୁ । ଇନ୍ଦ୍ର ସହସ୍ର ନେତ୍ର ।

୨୦—ମୁଖ ଲାବଣ୍ୟରୂପ ଜଳରେ ସର୍ବଦା ସଦନ (ବାସ) କରିଛି; ତେଣୁ ପ୍ରତୀତ ହେଉଅଛି ଯେ ବିବିଧ ବର୍ଣ୍ଣରେ ଚିତ୍ରିତ ତରଣୀ (ନୌକା) ଏଣିକି ତେଣିକି ଚାଲୁଅଛି କି ?

୨୧—ନାସାରେ ମୋତି ଡୋଲା ଓ ଓଷ୍ଠର ଜ୍ୟୋତିଧରି ବିରାଜଇ, ତେଣୁ କ୍ଷଣଦା (ରାତ୍ରି-କୃଷ୍ଣ ବର୍ଣ୍ଣ ହେତୁ ଡୋଲା ସମାନ) ଆର୍ଦ୍ରା ନକ୍ଷତ୍ର (ରକ୍ତବର୍ଣ୍ଣ ହେତୁ ଓଷ୍ଠ ସମାନ) ବୁଝେଁ ରୋହିଣୀର ପ୍ରୀତି ତୁଟାଇ ଚନ୍ଦ୍ରଠାରେ ରହିଲେ କି ?

୨୨—ଖୋଳି (ଖୋଦିତ) ପଦ୍ମରାଗ ଖଣ୍ଡରେ ହୀରାପନ୍ତି ରଖା ହେଲାପରି ରକ୍ତବର୍ଣ୍ଣ ଅଧରରେ ଶୁକ୍ଳ ହାସର ଝଲି ଝଟ ଝଟ ହୋଇ ପ୍ରକଟ ହେଉଛି ।

୨୩—କସ୍ତୁରୀରେ ଲେଖା ଯାଇଥିବା ମାଛି ଏପରି ଲକ୍ଷି ହେଉଛି ଯେ-ମହୁମାଛି ଅଧରରେ ମଧୁର ମଧୁ ସଞ୍ଚୟ କରି ସାର ଚିବୁକରେ ଆସି ରହିଛି ।

୨୪—ଗଣ୍ଡରେ ମକରୀ ଚିତ୍ର ଏପରି ଦିଶୁଛି ନିର୍ମଳ ଆଦରଶରେ (ଦର୍ପଣରେ) ସଂସାର ସାର ଶୋଭାର ଚିତ୍ରପଟଳ (ଚିତ୍ର ସମୂହ) ର ପ୍ରତିବିମ୍ବକି ଧରି ଅଛି କି ?

ଭୁଜ କରଇ ମାଧୁରୀ । ଶତ୍ରୁକୁ ହରି ଲହରୀ
ତହୁଁ କୁବଳୟ ଏଥି ସୁବଳୟ ସମୁଦ୍ରାଲିଙ୍ଗନ ସରି ॥ ୨୬
ଓଷ୍ଠାରୁଣେ ବାଦକୃତ । କୁଚ ମନ୍ଦର ପର୍ବତ ।
ହାର ମଧ୍ୟମଣି ଅଗସ୍ତି ନିମନ୍ତୁଁ ଆଜ ନ ବଢ଼ିଲେ ସତ ॥ ୨୭
କଳାକାଞ୍ଚିଲି ଗରସି । ଅଛି ସ୍ତନ ଶୋଭା ଦିଶି ।
ବିଷଜ୍ୱାଳା ଶାନ୍ତ ସ୍ନାନ କି କରନ୍ତି ଶମ୍ଭୁ କାଳିନ୍ଦୀରେ ପଶି ॥ ୨୮
ଶୁକ ପଦକ ରଚିତ । ଶିକୁଳିରେ ଏଣୁ ଯୁତ ।
ଉରଜ-ପଞ୍ଜରୀ ପରେ ରହିଛି କି ସଦା ସେ ସ୍ଥାନ ବାଞ୍ଛିତ ॥ ୨୯
ମନୋରମ ରୋମଶ୍ରେଣୀ । ପୟୋଧର ପେଡ଼ା ଜାଣି
ଧଇର୍ଯ୍ୟପବନ ପାନ ପାଇଁ କିବା ବାହାରିଛି କାଳୀଫଣୀ ୩୦

୨୫—ମାଳାରେ ଗଳା ପୂରି ଯାଇଛି, କଳକଣ୍ଠ (କପୋତ) ବିଚିତ୍ର ପାଶରେ ପଡ଼ି ମୋହନ ବଶରେ ତାହାକୁ ଘରପରି ମଣିଲା କି ?

୨୬—ଭୁଜ କି ମାଧୁରୀକି କରିଛି, ଲହରୀ ତୁଲ୍ୟ ଶୋଭାରେ ଶତ୍ରୁକୁ ହରି ନେଇଛି । ଲହରୀରେ କୁବଳୟ (ପଦ୍ମ) ଥାଏ ଭୁଜରେ କୁବଳୟ (ଉତ୍ତମ ସ୍ୱର୍ଣ୍ଣ କଙ୍କଣ) ଅଛି, ସେ ଲହରୀ ସମୁଦ୍ରକୁ ଆଲିଙ୍ଗନ କରିଥାଏ, ଏ ସମୁଦ୍ର (ମୁଦ୍ରା ସହିତ ଅଙ୍ଗୁଳିକି) ଆଲିଙ୍ଗନ କରିଛି ।

୨୭—ମନ୍ଦରଗିରି ସଦୃଶ କୁଚ ଓଷ୍ଠ ରୂପୀ ଅରୁଣ (ସୂର୍ଯ୍ୟ) ଙ୍କ ସହିତ ବାଦକରି ବଢ଼ୁଥିଲା, କିନ୍ତୁ ହାର ମଧ୍ୟସ୍ଥିତ ମଣିରୂପୀ ଅଗସ୍ତିମୁନିଙ୍କର ନିମନ୍ତରୁ ଆଜ ବଢ଼ଇ ନାହିଁ ଏହା ସତ୍ୟ । ମନ୍ଦରଗିରି ସୂର୍ଯ୍ୟଙ୍କର ଗତି ରୋଧକରିବାକୁ ବଢ଼ୁଥିଲା, ଅଗସ୍ତିଋଷି କପଟରେ ଯାଇ ତାହା ନିକଟରେ ପହଞ୍ଚିବାରୁ ସେ ସାଷ୍ଟାଙ୍ଗ ପ୍ରଣାମ କଲା, "ତୁ ଏପରି ପଡ଼ିଥା ମୁଁ ଆସିଲେ ଉଠିବୁ" ଏହା କହି ମୁନି ଚାଲିଗଲେ, ସେ ସେହିପରି ପଡ଼ି ରହିଛି ।

୨୮—କଳା କାଞ୍ଚିଲି ସ୍ତନକୁ ଗ୍ରାସକରିବାରୁ ସେ ସ୍ତନ ଏମନ୍ତ ଦିଶୁଛି—ଶମ୍ଭୁ ବିଷ ଜ୍ୱାଳା ଶାନ୍ତ ପାଇଁ କାଳିନ୍ଦୀରେ ପଶି ସ୍ନାନ କରନ୍ତିଙ୍କି ?

୨୯—ପଦକ ଶୁକ ପକ୍ଷୀପରି ରଚିତ ହେବାରୁ ଶିକୁଳିରେ ଯୁକ୍ତ ହୋଇଅଛି । ସେ ସର୍ବଦା ସେ ସ୍ଥାନରେ ରହିବାକୁ ଇଚ୍ଛା କରିବାରୁ ଉରଜ (ସ୍ତନ) ରୂପକ ପଞ୍ଜରୀରେ ରହି ଅଛି କି ? ପଦକମଣି ଶୁକପରି ସବୁଜବର୍ଣ୍ଣ ।

୩୦—ମନୋହର ରୋମାବଳି କାଳୀନାଗୁଣୀ ପରି, ପୟୋଧର (ସ୍ତନ) ପେଡ଼ା, ସେ ଲୋକମାନଙ୍କର ଧୈର୍ଯ୍ୟରୂପୀ ପବନ ପାନ କରିବା ପାଇଁ ପେଡ଼ିରୁ ବାହାରିଛି କି । ସର୍ପମାନେ ପବନାହାରୀ ।

ଭଲ ସାଜେଣି ବାଜେଣି । କଙ୍କିଣି କଟିରେ ପୁଣି ।
କ୍ୱଣି କ୍ୱଣି ନେବ ମାନସୁଁ ମାନକୁ କ୍ୱଣି କ୍ୱଣି ହେଲାଷଣି ॥ ୩୧
ପିନ୍ଧିଲା ବସନ ଜରି । ଶ୍ରୀଅଙ୍ଗେ ଯାଇଛି ଜରି ।
କାମକଳ୍ପତରୁ ପିଧାନ ପରି କି ଜଡ଼ିତ ହେମମଞ୍ଜରୀ ॥ ୩୨
ହଂସକ ନୂପୁର ପାଦେ । ଚୁଲିଝୁଣ୍ଟିଆ ପ୍ରପଦେ ।
ଚେତନା ଚମକ ପକାଇ ଦେବ ଏ ଝମକ ଚମକ ନାଦେ ॥ ୩୩
ଚରଣେ ଶବ ଅଲତା । ହୋଇଛି କି ମଞ୍ଜୁଲତା ।
ଏ ରାଗ ଅନାଇଁ ସରାଗ ବଢ଼ାଇ ମୁଁ ହେବି ଏରୂପେ ରଜା ॥ ୩୪
ଅମୂଲ୍ୟ ରାମାରତନ । ହରଷ ରସ ଯତନ ।
କେଉଁକାଳେ କେତେ ପୁଣ୍ୟ କରିଥିଲି ସେ ଭାଗ୍ୟୁଁ ନେତ୍ର ପତନ ॥ ୩୫
ମୋହନ ବୋଲଇ ଯେହି । ସେହି ସ୍ୱରୂପତ ଏହି ।
ସମସ୍ତରୂପେ ମସ୍ତକମଣି ବୋଲି ସୁନ୍ଦରୀସଂସାରେ କହି ॥ ୩୬
ରସିକ ଏମନ୍ତ ଭାଳେ । ଦଇବେ ସୁଭାଗ୍ୟବଳେ ।
ରାମା ନୟନ ଅୟନରେ ପଥିକ ପୁରୁଷଶୋଭା ଏକାଳେ ॥ ୩୭

୩୧—ପୁଣି କଟିରେ ବାଜେଣି (ବାଜୁଥିବା) କଙ୍କିଣି ଭଲ ସାଜେଣି ହୋଇଛି । ତାହାର କ୍ୱଣି (ଶବ୍ଦ) କ୍ୱଣି ୨ ହେଲାଷଣି ମନରୁ ମାନକୁ କ୍ୱଣିନେବ ।

୩୨—ପିନ୍ଧିଲା ବସନର ଜରି ଶ୍ରୀଅଙ୍ଗରେ ଜରି (ଜଡ଼ି) ଯାଇଁ ଏପରି ଦିଶୁଛି— କାମ କଳ୍ପତରୁ (ବାଞ୍ଛା କଳ୍ପତରୁ)ରେ ପିଧାନ (ଅଚ୍ଛାଦନ ପରି) ହେମ ମଞ୍ଜରୀ ଜଡ଼ିତ ହୋଇଛି କି ?

୩୩—ପାଦରେ ହଂସକ ନୂପୁର, ପ୍ରପଦରେ (ଅଙ୍ଗୁଳିରେ) ଚୁଲି ଝୁଣ୍ଟିଆ, ଏମାନେ ଝମକ ଚମକ ନାଦରେ ଚେତନାରେ ଚମକ ପକାଇ ଦେବେ ।

୩୪—ଚରଣରେ ଅଲତାଗିତା କେଡ଼େ ମନୋହର ହୋଇଛି, ଏ ରାଗ (ରକ୍ତିମା) କୁ ଦେଖିଲେ "ମୁଁ ଏହିରୂପେ (ଅଲତାରୂପେ) ରତାହେବି" ଏହିପରି ସରାଗ (ସ୍ନେହ) ବଢ଼ଇ ।

୩୫—ଏ ରାମାରତ୍ନ ଅମୂଲ୍ୟ ହର୍ଷ ଓ ରସର ଯତ୍ନପୂର୍ବକ ଏକତ୍ର ହେବାର ସ୍ଥାନ ସ୍ୱରୂପ, ମୁଁ କେଉଁ କାଳରେ କେତେ ପୁଣ୍ୟ କରିଥିଲି, ସେ ଭାଗ୍ୟରୁ ଆଖି ପଡ଼ିଲା ।

୩୬—ଯାହାକୁ ମୋହନ କହନ୍ତି ଏହି ରାମାତ ସେହି ସବୁରୂପେ ସୁନ୍ଦରୀ ସଂସାରରେ ମସ୍ତକମଣି ବୋଲି କହନ୍ତି ।

୩୭—ରସିକ ଏପରି ଭାବେ । ଦୈବଯୋଗେ ଏହି ସମୟରେ ସୁଭାଗ୍ୟବଶୁଁ ପୁରୁଷ ଶୋଭା ରାମାର ନୟନ ଅୟନରେ (ନେତ୍ର ପଥରେ) ପଥିକ ହେଲା ।

ତରଣିକୁଳର ସାର । ଆଶ୍ରୟରୁ ନିରନ୍ତର ।
କହେ ଉପେନ୍ଦ୍ର ଭଞ୍ଜ ମୁଁ ଲଭୁଛି ଶବ୍ଦସମୁଦ୍ର ପାର ॥ ୩୮

—ଃ(*)ଃ—

ପଞ୍ଚଦଶ ଛାନ୍ଦ

ରାଗ—ନଳିନୀଗୌଡ଼ା

ଦେଖି ରମା କୁମାର ସୁଷମାକୁ ଭାଳିଲା ।
ଅତନୁ ସୁତନୁବନ୍ତ ବେନି କାମ ଥିଲା ଯେ । ୧
ତାହାର ଶସ୍ତ୍ର କୁସୁମ ଏହା ଶସ୍ତ୍ର ରୂପ ।
ରତିମତି କଲେ ହେବ ମୋ ପୁଣ୍ୟ ଅମାପ ଯେ । ୨
ମୀନ ମକର ଲକ୍ଷଣନିକର ଦେଖିଲା ।
ଆନନ୍ଦ-ସମୁଦ୍ର କର ପୁଣି ସେ ଯୋଖିଲା ଯେ ॥ ୩
ସରିତ ସରିରେ ସେ ଶରୀରେ ମନ ମିଶି ।
ଅଙ୍ଗସଙ୍ଗ ଏରୂପେ ହୁଅନ୍ତା ହେଲା ଘୋଷି ଯେ ॥ ୪

୩୮—ତରଣୀ (ସୂର୍ଯ୍ୟ) କୁଳର ସାର (ରାମଚନ୍ଦ୍ର)ଙ୍କର ଆଶ୍ରୟରୁ ମୁଁ ଶବ୍ଦ ସମୁଦ୍ରର ପାର ଲଭୁଛି ଉପେନ୍ଦ୍ର ଭଞ୍ଜ ଏହା କହେ ।

୧—ରମା କୁମାରର ସୁଷମା (ପରମଶୋଭା) ଦେଖି ଭାବିଲା—ଏ ସଂସାରରେ କାମ ଦୁଇଜଣ ଥିଲେ କି ? ଜଣେ ଅତନୁ ଅଦେହ (ଜଣେ ଅତନୁ ସୁନ୍ଦର ଦେହଧାରୀ) ।

୨—ତାହାର (ଅଦେହ କାମର) ଶସ୍ତ୍ର ପୁଷ୍ପ ଏହାଙ୍କର ଶସ୍ତ୍ରରୂପ (ସଦ୍ଗୁଣ) । ଏ ମୋଠାରେ ରତିମତି (ରତିବୁଦ୍ଧି) କଲେ ମୋହର ପୁଣ୍ୟ ଅମାପ ହେବ ।

୩—ସେ ସୁନ୍ଦରୀ ପୁରୁଷଠାରେ ମୀନ, ମକର, ପ୍ରଭୃତି ମହାପୁରୁଷ ଲକ୍ଷଣମାନ ଦେଖି ମନରେ ଏହାଙ୍କୁ ଆନନ୍ଦ ସମୁଦ୍ର କର ଯୋଖିଲା । ସମୁଦ୍ରରେ ମୀନ ମକର ପ୍ରଭୃତି ଥାନ୍ତି ।

୪—ସମୁଦ୍ରରେ ସରିତ (ନଦୀ) ସରିରେ (ତୁଳନାରେ) ସେ ସୁନ୍ଦରର ଶରୀରରେ ତାହାର ମନ ମିଶିଗଲା । ଏରୂପେ (ମନମିଶିଲାପରି) ଅଙ୍ଗସଙ୍ଗ ହୁଅନ୍ତା ବୋଲି ସେ ଘୋଷିହେଲା ।

କଳାନିଧି ସନ୍ନିଧି ପ୍ରକାଶ କି ବଶସ୍ୱେ ।
କୁମୁଦିନୀ ପାଶେ ଜଳେ ପ୍ରତିବିମ୍ବ ପ୍ରାପ୍ୟେ ଯେ । ୫
ଏ ବନ ଗଗନ କିବା ମୋହ ଭାଗ୍ୟ ରାଶି ।
ଯୋଗକୁ ହୋଇଛି କିବା ସନ୍ନିକଟ ଆସି ଯେ ॥ ୬
ଏମନ୍ତ ବର୍ତ୍ତୁଳ ଗୃହ୍ଣଜଘନା ଶରୀର ।
ହୋଏ ନିକଟ ନିକଟ ପ୍ରକଟ କୁମର ଯେ ॥ ୭
ପାବଚ୍ଛେ ପାବଚ୍ଛେ ମଣ୍ଡିମଣ୍ଡନା ଓହ୍ଲାଇ ।
କରପଇଠି ବିମ୍ବୋଷ୍ଠୀ ସଖୀଙ୍କରେ ଦେଇ ଯେ ॥ ୮
କର ଯାଉଅଛି ସେ ନାଗର ଏହି ସ୍ତବ ।
ହେ ବାଳେ ! ନର୍ମଦା ସୁରତରଙ୍ଗିଣୀ ଭାବ ଯେ ॥ ୯
କାଳନ୍ଦୀ ରୁଚିର କୃଷ୍ଣବେଣୀ ପୁଣି ଲକ୍ଷ୍ୟ ।
ଚନ୍ଦ୍ରଭାଗାଲିକଶୋଭା ଶିବ ଉତ୍ପଳାକ୍ଷୀ ଯେ ॥ ୧୦
ହୋଇଥିବ ଯୁକ୍ତ ରସ ସରସ୍ୱତୀ ସଦା ।
କରତ ପବିତ୍ର ହୋଇ ରେ ବାଚେ ବାହୁଦା ଯେ ॥ ୧୧

୫—ଜଳରେ କୁମୁଦିନୀ ପାଖରେ ଚନ୍ଦ୍ର ପ୍ରତିବିମ୍ବପରି କଳାନିଧି (ଚନ୍ଦ୍ର) କି ବଶପ୍ରବରେ (କି ଇଚ୍ଛାରେ) ମୋ ନିକଟରେ ପ୍ରକାଶ ହେଲା କି ?

୬—କିବା ଏ ବନଗଗନ (ଆକାଶ) ମୋ ଭାଗ୍ୟ ରାଶି (ଦ୍ୱାଦଶରାଶି) ତହିଁରେ ଯୋଗ ହେବାକୁ ଚନ୍ଦ୍ର ଆସି ନିକଟବର୍ତ୍ତୀ ହୋଇଅଛି କି ?

୭—ଗୃହ୍ଣଜଘନା ସୁନ୍ଦରୀ ଶରୀରେ ଏମନ୍ତ ବର୍ତ୍ତୁଳ କୁମାର ନିକଟରେ୨ପ୍ରକାଶପାଏ

୮—ମଣ୍ଡିମଣ୍ଡନା, ବିମ୍ବୋଷ୍ଠୀ, ସୁନ୍ଦରୀ ସଖୀଙ୍କରେ (ହସ୍ତେ) କର ପଇଠି (ହାତଭରା) ଦେଇ ପାବଚ୍ଛେ ପାବଚ୍ଛେ (ପାହାଚେ ପାହାଚେ) ଓହ୍ଲାଇଲେ ।

୯—ସେ ନାଗର ଏହି ସ୍ତବ କର ପାଖକୁ୨ଯାଉଛି—ହେ ବାଳେ ! ମନରେ ଭାବ ତୁ ନର୍ମଦା (ସୁଖଦାୟିନୀ) ସୁତରାଂ ନର୍ମଦା ନଦୀ, ସୁରତ ରଙ୍ଗିଣୀ (ସୁରତ ପ୍ରବୀଣା) ସୁତରାଂ ସୁର-ତରଙ୍ଗିଣୀ (ସ୍ୱର୍ଗଙ୍ଗା) ।

୧୦—ପୁଣି ତୋଠାରେ କାଳନ୍ଦୀ ପରି ରୁଚିର (ମନୋହର) କୃଷ୍ଣବର୍ଣ୍ଣ ବେଣୀ ଲକ୍ଷିତ ହେଉଛି, ଅତଏବ ତୁ କାଳନ୍ଦୀ ଓ କୃଷ୍ଣ ବେଣୀ ନଦୀ, ପୁଣି ଚନ୍ଦ୍ରଭାଗାଲିକ ଶୋଭା (ଅର୍ଦ୍ଧଚନ୍ଦ୍ର ସଦୃଶ ଭାଲ ପଟରେ ଶୋଭିତା) ସୁତରାଂ ଚନ୍ଦ୍ରଭାଗା ନଦୀ ଶିବ ଉତ୍ପଳାକ୍ଷୀ (ଅଷ୍ଟର୍ଣ ପଦ୍ମାକ୍ଷୀ) ସୁତରାଂ ଶିବୋତ୍ପଳା ।

୧୧—ତୋ ସରସ୍ୱତୀ (ବାଣୀ) ସଦା ରସ ଯୁକ୍ତ ହୋଇଥିବ । ସୁତରାଂ ରସ (ଜଳ) ଯୁକ୍ତ ସରସ୍ୱତୀ ନଦୀରେ (ସୁନ୍ଦରୀ) ବାଚେ ବାହୁଦା ହୋଇ (ଆଲିଙ୍ଗନ କରି) ପବିତ୍ରକର, ସୁତରାଂ ରେବା ଓ ବାହୁଦା ନଦୀ ।

ତୀର୍ଥମୟ ଭଳପନା ମୋ ଅନ ନ କର ।
ବୋଲି ଅଭି ଗୃହୁଁ କହିବାକୁ ଯୋଡ଼ୁଁ କର ଯେ ॥ ୧୨
କନକ-ଚମ୍ପାମାଳାକୁ କାଢ଼ି ଶମ୍ପାଗୋରୀ ॥
ଅଳିକରେ ଦେଲା ରଚି କଟାକ୍ଷ-ଗୃଡୁରୀ ଯେ । ୧୩
ଏକାଳେ ଉଦୟ ଲଭେ ସେହି ସ୍ଥାନ-ନଭେ ।
ମାଙ୍ଗଲ୍ୟା ତାରକା ହୋଇ ଯୁକ୍ତ ଯୋଗ ଶୁଭେ ଯେ ॥ ୧୪
ଅବଧୂତୀ ଉପାଧ୍ୟାୟୀ ପୋଟା କଚ୍ଛଦୂରେ ।
ଝଟକି ଅସନ୍ତି ସେ ଶ୍ରବଣା ପରକାରେ ଯେ ॥ ୧୫
ଅଗସ୍ତି ଉଦୟ ପରି ଢଶି ଚନ୍ଦ୍ରହଂସ ।
ଆଶା ଅଚ୍ଛାଦିଲା ଲଜ୍ଜା-ନିଶା ପରକାଶ ଯେ ॥ ୧୬
ଘନ-ରସ-ମୟ କାଳ ପୁରୁଷ କୋକିଳ ।
ମଧୁରତର ଭାଷକୁ ବିରୋଧୀ ଚପଳ ଯେ ॥ ୧୭

୧୨—ମୋହର ତୀର୍ଥମୟ କଳ୍ପନାକୁ ଅନ୍ୟଥା କରନା ଏହା କହି ଅଭି ଗୃହୁଁ କହିବାକୁ କର ଯୋଡ଼ିଲେ ।

୧୩—ଶମ୍ପା (ବିଦ୍ୟୁତ୍) ପରି ଗୌରୀ ସୁନ୍ଦରୀ କନକ ନିର୍ମିତ ଚମ୍ପାମାଳାକୁ କାଢ଼ି କଟାକ୍ଷ ଗୃଡୁରୀ ରଚନା କରି ସଖି ହାତରେ ଦେଲା ।

୧୪—ଏ ସମୟରେ ମାଙ୍ଗଲ୍ୟ ତାରକା ପରି ଶୁଭ ଯୋଗରେ ଯୁକ୍ତ ହୋଇ ସେହି ସ୍ଥାନ ରୂପକ ନଭେ (ଆକାଶରେ) ଉଦୟ ଲଭିଲେ ।

୧୫—ଅବଧୂତୀ, ଉପାଧ୍ୟାୟୀ ଓ ପୋଟା, ତିନିଜଣ କଚ୍ଛ ଦୂରରୁ ଶ୍ରବଣା ନକ୍ଷତ୍ର ପରି ଝଟକି ଅସନ୍ତି । (ଶ୍ରବଣାନକ୍ଷତ୍ର ଗୋଟିଏ)

୧୬—ଚନ୍ଦ୍ରହଂସ ଅଗସ୍ତି ନକ୍ଷତ୍ରର ଉଦୟ ପରି ଦେଖାଗଲେ, ଅଗସ୍ତି ଉଦୟରେ ଆଶା (ଦିଗମାନେ) ଅଚ୍ଛନ୍ନଥାନ୍ତି କିନ୍ତୁ ରବି ପ୍ରକାଶ ପାଏ । ଚନ୍ଦ୍ରହଂସ ପ୍ରବେଶରେ ମାଙ୍ଗଲ୍ୟା ପ୍ରଭୃତିଙ୍କର ମଳିନ ଆଶା ଆଚ୍ଛନ୍ନ ହେଲା ଏବଂ ଲଜ୍ଜା ରୂପ ନିଶା ପ୍ରକାଶ ପାଇଲା ।

୧୭—ସେ ଘନର ସମୟ (ନିବିଡ଼ର ସମୟ) କାଳ ଘନର ସମୟ କାଳ (ବର୍ଷାକାଳ) ପରି ଚପଳ କୋକିଳ ସଦୃଶ ପୁରୁଷର ଅତି ମଧୁର ଭାଷାର ବିରୋଧୀ ହେଲା । ବର୍ଷାକାଳରେ କୋକିଳ ଶବ୍ଦ ବନ୍ଦ ହେଲାପରି ଏ ସମୟରେ ରସୋଦ୍ରେକ ହେତୁ ପୁରୁଷ ବାକ୍ୟ ବନ୍ଦ ହେଲା ।

ବିପତ୍ତି-ନାଶନ ଅଗେ ବି-ପତ୍ତି ପ୍ରକାର ।
ଥିଲା କୁମାର ଭଜିଲା ସ୍ୱର୍ଭାନୁ ସଙ୍ଗୁର ଯେ ॥ ୧୮
ଅନୁଗ୍ରହ ଘେନିଲା ପରିରେ କର କର ।
ବାଲା ମାଲା ପ୍ରଦାନ ଭାବକୁ ଅନୁସର ଯେ ॥ ୧୯
ଚିନ୍ତା ଜନମାଇ ଗୃହୁଁ ଅଛୁ କୃଶୋଦରୀ ।
ବାରୁଣି-ଗତ ଭାନୁରେ ଚକ୍ରବାକୀ ପରି ଯେ ॥ ୨୦
ନ ଲଙ୍ଘିଲା ସେ ସୋପାନ ଲୋକାଲୋକ ମତ ।
ପଦ ଅରୁଣ-ଅମ୍ବୁଜେ ହେବାରୁ ଲକ୍ଷିତ ଯେ ॥ ୨୧
କେଣେ ଗଲା ପରି ଭ୍ରମି ବାଲା ସହଚରୀ ।
ସୁବର୍ଣ୍ଣ-ଚମ୍ପକମାଳା କରେ ଅଛୁ ଧରି ଯେ ॥ ୨୨
ଅତି ଦୁର୍ଲ୍ଲଭ ଅଶ୍ଚର୍ଯ୍ୟ ବଚନକୁ ଚହିଁ ।
ପୁରୁଷ ପାରୁଶ ଭଜୁଁ ଗଲା କହି ହୋଇ ଯେ ॥ ୨୩
କେମନ୍ତ ହେବ ଏ ମତ୍ତକୁଞ୍ଜର ଯୁବାକୁ ॥
ଅଶା କରିଅଛୁ ଅଶାବନ୍ଧେ ବାନ୍ଧିବାକୁ ଯେ ॥ ୨୪

୧୮—ବିପତ୍ତିନାଶନ (ଭଗବାନ) ଙ୍କ ଅଗରେ ବିପତ୍ତି (ଗରୁଡ଼) ପରି ସୁନ୍ଦରୀ ଅଗରେ କୁମାର ଥିଲା, ମାଙ୍ଗଳ୍ୟାପ୍ରଭୃତିଙ୍କୁ ଦେଖି ସ୍ୱର୍ଭାନୁ ସଙ୍ଗୁର ଲଭିଲା ଅର୍ଥାତ୍ ରାହୁ ପରି ଅଦୃଶ୍ୟ ରହିଲା ।

୧୯—ଅନୁଗ୍ରହ ଘେନିଲା ପରି ହସ୍ତ ଅଞ୍ଜୁଳି କରି ବାଲା ମାଲା ଦେବା ଭାବକୁ ଗୋପନରେ ଅନୁସର ରହିଲା ।

୨୦—କୃଶୋଦରୀ (କ୍ଷୀଣୋଦରୀ) ଚିନ୍ତା ଜନ୍ମାଇ ବାରୁଣି (ପଶ୍ଚିମଦଗ) ଗତ ଭାନୁରେ (ସୂର୍ଯ୍ୟ ଅସ୍ତହେଲେ) ଚକ୍ରବାକୀ ପରି କାତର ଭାବରେ ଗୃହୁଁ ଅଛୁ । ରାତିରେ ଚକ୍ରବାକୀର ବିଚ୍ଛେଦ ହୁଏ ।

୨୧—ସୁନ୍ଦରୀର ପଦ ଅରୁଣ ଅମ୍ବୁଜେ (ରକ୍ତପଦ୍ମ ଚହ୍ନିତ) ଲକ୍ଷିତ ହେବାରୁ ଅରୁଣ (ସୂର୍ଯ୍ୟ) ଅମ୍ବୁଜ (ଚନ୍ଦ୍ର) ଲୋକାଲୋକ ପର୍ବତକୁ ନ ଲଙ୍ଘିଲା ପରି ସେ ପଦ ସୋପାନକୁ (ପାବଚ୍ଛକୁ) ଲଙ୍ଘିଲା ନାହିଁ ।

୨୨—ବାଲାର ସହଚରୀ ଭ୍ରମିହୋଇ କେଉଁଆଡ଼େ ଚାଲିଗଲା ପରି, ସେ ହାତରେ ସୁବର୍ଣ୍ଣ ଚମ୍ପକ ମାଲା ଧରିଅଛୁ ।

୨୩—ପୁରୁଷ ପାରୁଶ ଭଜୁଁ (ନିକଟବର୍ତ୍ତୀ ହେଉଁ) ସଖୀ ମୁଖରେ ଏହି ଅତି ଦୁର୍ଲ୍ଲଭ ଅଶ୍ଚର୍ଯ୍ୟ ବଚନ କହି ହୋଇଗଲା ।

୨୪—ଏ ଯୁବା ମତ୍ତକୁଞ୍ଜର (ହସ୍ତୀ) ଏହାକୁ ଅଶାବନ୍ଧେ (ଦୁରିଅଣି ସୂତାରେ) ବାନ୍ଧିବାକୁ ଅଶା କରିଅଛୁ ଏହା କିପରି ହେବ ?

ଶୁଣି ମିତ୍ର ମୃଦୁଳର ଉତ୍ତରକୁ କଲା ।
ଯେତେବେଳୁଁ ଗୃହିଣୀ-ଅଙ୍କୁଶ ଲଗାଇଲା ଯେ ॥ ୨୫
ନ ବାନ୍ଧଲେ ବାନ୍ଧଲେ ରହିଲଣି ସ୍ଥକିତେ ।
ମୋହନ-ଝୋପରେ ପଡ଼ିବାରେ ଅନାୟତ୍ତେ ଯେ ॥ ୨୬
ପିମ୍ପି ଭ୍ରମି ଅତି ଚନ୍ଦ୍ରବିମ୍ବ ଚୁମ୍ବାଇଛି ।
କେମନ୍ତେ ହୋଇବ ଏ ସମ୍ଭତ ନ ଆସୁଛି ଯେ ॥ ୨୭
ଈଶ୍ୱର-ଶିରମଣ୍ଡନ ଉନ୍ମତ୍ତ ସୁମନ ।
ଯୋଗେ ଆଇଁ ଚୁମ୍ବିଥିଲା ପରି ମନେ ଘେନ ଯେ ॥ ୨୮
ବୋଲି ମାଳା ଦେଲା କିଛି ଦୂରର ଥାଇଁ ସଖୀ ।
ବୀର ଗଳାକୁ ମଣ୍ଡିଲା ଦେଲା ପ୍ରାୟେ ରଖି ଯେ ॥ ୨୯
ସୁଗ୍ରୀବ ହୋଇଲା ଆଜ କି ତପ-ବଶରୁ ।
ଅଦ୍ଭୁତ ଆକାରବନ୍ତ ରାମ କରୁଣାରୁ ଯେ ॥ ୩୦
ଏ ପଦକ କହି ସେ ପଦକ ଦେଲା ବେଗେ ।
ମିତ୍ର ନେଇ ଦେଇ ଆଳୀ କରେ ଅନୁରାଗେ ଯେ ॥ ୩୧

୨୫।୨୬—ରାଜପୁତ୍ରର ମିତ୍ର ଏହାଶୁଣି ଅତି କୋମଳ ଉତ୍ତର କଲା-ଯେତେବେଳୁ ଗୃହିଣୀରୂପ ଅଙ୍କୁଶ ଲଗାଇଲାଣି ସେତେବେଳୁଁ ବାନ୍ଧଲେ ବା ନ ବାନ୍ଧଲେ ମୋହନରୂପ ଝୋପରେ ପଡ଼ି ଅଣଅୟତ୍ତ ହୋଇ ସ୍ଥକିତ ହୋଇ ରହିଲଣି

୨୭—ପିମ୍ପି (ପିପିଲିକା) ଅତିଶୟ ଭ୍ରମି ହୋଇ ଚନ୍ଦ୍ରବିମ୍ବକୁ ଚୁମ୍ବିବାପାଇଁ ଇଚ୍ଛା କରୁଅଛି ଏହା କିପରି ହେବ ମନକୁ ଆସୁନାହିଁ ।

୨୮—ମହାଦେବଙ୍କର ଶିରେମଣ୍ଡନ ହୋଇଥିବା ଉନ୍ମତ୍ତ ସୁମନ (ଦୁଦୁରାଫୁଲ) ଯୋଗରେ ପିପିଲିକାବହି ସେଠାରେ ଥିବା ଚନ୍ଦ୍ରଙ୍କୁ ଚୁମ୍ବିଥିଲା ପରି ଏହା ମନକୁ ଆଣ ।

୨୯—ଏହାକହି ସଖୀ କିଛିଦୂରରେ ରହି ବୀର ଗଳାକୁ ମଣ୍ଡି ଦେଲାପରି ମାଳା ରଖି ଦେଲା ।

୩୦—ଆଜି ମୁଁ କି ତପୋବଳରୁ ଅଦ୍ଭୁତ ଆକାରବନ୍ତ (ଅଦ୍ଭୁତ ସୁନ୍ଦରୀ) ଏହି ରାମାର କରୁଣାରୁ ସୁଗ୍ରୀବ ସୁନ୍ଦର ଗ୍ରୀବ ଓ ତନ୍ନାମକ କପିରାଜ) ହେଲି, ସୁଗ୍ରୀବଠାରେ ଦୟାକରି ଦେହଧାରୀ ରାମ ସ୍ୱହସ୍ତରେ ତାହାର ଗଳାରେ ଫୁଲମାଳ ଦେଇଥିବାରୁ ସେ ଧନ୍ୟ ହୋଇଥିଲା ।

୩୧—ସେ ବୀର ଏ ପଦକ କହି ପଦକ ନେଇ ମିତ୍ରକୁ ଦେଲା, ମିତ୍ର ନେଇ ସଖୀହସ୍ତରେ ଅନୁରାଗରେ (ସ୍ନେହରେ) ଦେଲା ।

ବୋଇଲା ଜଣାଇବଟି ଜେମାକୁ ରେ ଭ୍ରାନ୍ତ ।
ଅଙ୍କୁଁ ଏ ସ୍ଥାନ ଛାଡ଼ିଲା ପୁରୁଷ ହୃଦରୁ ଯେ ॥ ୩୨

ହସିଲା ହସିଲା ହୋଇ ସଜନୀ ଅସିଲା ।
ସେ ମଣ୍ଡନେ ଗ୍ରମା ହୃଦ ଶୋଭା ପ୍ରକାଶିଲା ଯେ ॥ ୩୩

ଯତନ ନାୟକ-ରତ୍ନ ବ୍ୟାଜେ କି ଅଣିଲା ।
ରମଣୀମଣି ଏମନ୍ତ ମନରେ ମଣିଲା ଯେ ॥ ୩୪

ପରସ୍ପର ବରଣ ଉତ୍ସବ ମହାରସ ।
ଭାବନା ଏ ଗଲା ହେଲା କଲେ ତ ଅଶ୍ଳେଷ ଯେ ॥ ୩୫

ଲଭିବା ଏ ଭରସା ସହଜେ ଦିଶି ଗଲା ।
ଯୋଗୀ ଯୋଗିନୀ ବେନି କରଣି ଭଲା ଭଲା ଯେ ॥ ୩୬

କଲେ ତାହା ବାଳକ ସାରଣିଖେଳ ପରି ।
ସୂତ୍ର-ଯୋଗେ ନେଲେ କମେ କରକୁ ଓଟାରି ଯେ ॥ ୩୭

ଦେଖୁ ଦେଖୁ ଦରଶନ କଲା ଅବଦାତ ।
ସଞ୍ଚରି ଯେମନ୍ତ ଚନ୍ଦ୍ରନିଶା ହୁଏ ଗତ ଯେ ॥ ୩୮

୩୨—ମିତ୍ର ସଖୀକୁ କହିଲା ରେ ଭ୍ରାନ୍ତ ! ଜେମାକୁ ଜଣାଇବୁଟି ଏ ପଦକ ଅଙ୍କଠାରୁ ପୁରୁଷ ହୃଦରୁ ସ୍ଥାନ ଛାଡ଼ିଲା ।

୩୩—ସଜନୀ ହସିଲା ୨ ହୋଇ ଆସିଲା, ସେ ପଦକ ମଣ୍ଡନରେ ଗ୍ରମା ହୃଦରେ ଶୋଭା ପ୍ରକାଶ ପାଇଲା ।

୩୪—ରମଣୀମଣି ପଦକଙ୍କୁ ଦେଖି ମନରେ ଏପରି ମଣିଲା ଯେ ପଦକର ମଧ୍ୟରେ ଯତ୍ନସହିତ ଖଚିତ ନାୟକରତ୍ନ (ମଧ୍ୟମଣି) ବ୍ୟାଜରେ ନାୟକରତ୍ନ (ପୁରୁଷ ଶ୍ରେଷ୍ଠକୁ) ସଖୀ ଅଣିଲା କି ?

୩୫—ପରସ୍ପର ପରସ୍ପରକୁ ବରଣକରିବାରେ ଉତ୍ସବ ମହାରସ ପୂର୍ଣ୍ଣହେଲା, ଏବେ ଏ ବରଣ ଭାବନା ଗଲା, ଅଶ୍ଳେଷ (ମିଳନ) ହେଲା ପରସ୍ପରକୁ ଅଶ୍ଳେଷ (ଆଲିଙ୍ଗନ) କଲେ ।

୩୬—ପରସ୍ପରକୁ ପରସ୍ପର ଲାଭକରିବାର ଭରସା ସହଜରେ ଦେଖାଗଲା, ଭଲା ଭଲା ରେ ଯୋଗୀ (ରାଜପୁଂସ) ଯୋଗିନୀ (ମାଙ୍ଗଲ୍ୟା) ଏ ଦୁହିଁଙ୍କର କରଣି ।

୩୭—ବାଳକମାନେ ସାରଣି ଖେଳ ଖେଳିଲା ପରି ସେ ତାହା କଲେ । ସାରଣିକି ସୂତ୍ରଯୋଗେ ହାତକୁ ଓଟାରି ନେଲାପରି ସେ ସୂତ୍ର (କୌଶଳ) ଯୋଗେ ମାୟା ସଂହାରିଲେ ।

୩୮—ଯେପରି ଚନ୍ଦ୍ରନିଶା (ଶୁକ୍ଳ ପକ୍ଷ ରାତ୍ରି) ସଞ୍ଚାରକରି ପୁଣି ଗୁଳିଯାଏ ସେହିପରି ଦେଖୁ ଦେଖୁ ସେ ଦୁହିଁଙ୍କର ଦର୍ଶନ ଅବଦାତ (ଅପ୍ରକାଶିତ) ହେଲା ।

ବେନି ମନ ବେନି ତନୁ ସୁଖସ୍ଥାନ ସ୍ମରି ।
ପାଲଟି କି ରହିଲେ ରଚନ କରି ପୁରୀ ଯେ ॥ ୩୯
ଚକ୍ର-ଦମ୍ପତି ବିଯୋଗ କାଳ ପ୍ରକଟିଲା ।
ଦମ୍ପତିଚକ୍ର ସଂଯୋଗ ହେବାକୁ ଘଟିଲା ଯେ ॥ ୪୦
ଦରବଶେ କୁଳାୟକୁ ଗଲେ ମନ୍ଦପକ୍ଷୀ ।
ଦର-ଘୋଷେ ସଙ୍କେତ-ଆଶାୟୀ ମନ୍ଦଗତି ଯେ ॥ ୪୧
ନୃପଜା ପ୍ରବେଶ ପୁରେ ସଙ୍ଗିନୀ ସଙ୍ଗରେ ।
ନୃପଜ ମିତ୍ର ସହିତେ ସ୍ଥିତ ସ୍ୱନଗରେ ଯେ ॥ ୪୨
ଆଲମ୍ବନ ଭାବ ଅବଲମ୍ବନ ସହଜେ ।
ଏପ୍ରକାରେ ଉଦ୍ଦୀପନ ଭାବେ ଧୈର୍ଯ୍ୟ ଭଜେ ଯେ ॥ ୪୩
ଦ୍ୱିତୀୟାତିଥି ରଜନୀ-ମୁଖକୁ ଦେଖନ୍ତି ।
ରୁହିଁ ଏକଦନ୍ତେ ଶୋଭା କି ଗଣେଶ ମୂର୍ତ୍ତି ଯେ ॥ ୪୪
ଯେଣୁ ସେ କଳାପ୍ରବୀଣା ତେଣୁ ରାଗମୟୀ ।
ସର୍ବହୃଦେ ରତିମନ୍ତ୍ର କରେ ସେ ଉଦୟ ଯେ ॥ ୪୫

୩୯—ଦୁହିଁଙ୍କର ମନ ଓ ତନୁ (ଶରୀର) ସୁଖସ୍ଥାନ ସ୍ମରଣକରି ପାଲଟିଯାଇ ପୁରୀ ରଚନାକରି ରହିଲେ କି ?

୪୦—ଚକ୍ର ଦମ୍ପତି (ଚକ୍ରବାକ ଚକ୍ରବାକୀ) ଙ୍କର ବିଯୋଗକାଳ (ରାତ୍ରି) ପ୍ରବେଶ କଲା, ଦମ୍ପତିଚକ୍ର (ସ୍ତ୍ରୀପୁରୁଷମାନଙ୍କର) ସଂଯୋଗପାଇଁ ରାତ୍ରି ଘଟିଲା ।

୪୧—ମନ୍ଦପକ୍ଷୀ (କାକମାନେ) ଦରବଶେ (ଭୟହେତୁ) କୁଳାୟକୁ (ବସାକୁ) ଗମନକଲେ । ଦର-ଘୋଷେ (ଶଙ୍ଖଶବ୍ଦ) ଶୁଣି ସଙ୍କେତ ଆଶାୟୀ ସ୍ତ୍ରୀ ପୁରୁଷମାନେ ସଙ୍କେତ ସ୍ଥାନକୁ ମନ୍ଦଗତି କଲେ ।

୪୨—ରାଜଜେମା ସଖୀସହ ନିଜପୁରରେ ପ୍ରବେଶ ହେଲେ, ରାଜପୁତ୍ର ମଧ୍ୟ ମିତ୍ରସହ ନିଜ ନଗରରେ ରହିଲେ ।

୪୩—କୁମାର କୁମାରୀ ଦୁହେଁ ଆଲମ୍ବନ ଭାବକୁ ସହଜରେ ଅବଲମ୍ବନ କରିଥିଲେ ଏହିପ୍ରକାର ଦର୍ଶନରେ ଉଦ୍ଦୀପନ ଭାବରୁ ଧୈର୍ଯ୍ୟକୁ ଭଜିଲେ ।

୪୪—ସେ ଦୁହେଁ ଦ୍ୱିତୀୟା ତିଥିର ରଜନୀମୁଖ (ସନ୍ଧ୍ୟାକୁ) ଦେଖନ୍ତି, ସେକାଳ ଏକଦନ୍ତ ସଦୃଶ ଦ୍ୱିତୀୟାଚନ୍ଦ୍ରରେ ଶୋଭିତ ହୋଇଥିବାରୁ 'ବସୁରନ୍ତି ଏକାଳ କଣ ଏକଦନ୍ତଧାରୀ ଗଣେଶ ମୂର୍ତ୍ତି ?

୪୫—ଯେଣୁ ଗଣେଶ କଳାପ୍ରବୀଣ (ନୃତ୍ୟଗୀତାଦି କଳାରେ ନିପୁଣ) ତେଣୁ ରାଗମୟ (ସ୍ନେହମୟ ଓ ରକ୍ତବର୍ଣ୍ଣ ଶରୀର) ଏବଂ ସମସ୍ତଙ୍କ ହୃଦୟରେ ରତି (ସ୍ନେହ) ରୂପ ମନ୍ତ୍ରକୁ ଉଦୟ କରନ୍ତି । ସନ୍ଧ୍ୟାକାଳ ମଧ୍ୟ କଳାପ୍ରବୀଣ (କୃଷ୍ଣବର୍ଣ୍ଣରେ ନିପୁଣ) ରାଗମୟ (ରକ୍ତବର୍ଣ୍ଣ) ହେତୁ ସମସ୍ତଙ୍କ ହୃଦୟରେ ରତିମନ୍ତ୍ରକୁ ଉଦୟ କରୁଛି ।

ସୁନୀଲ ପୃଷ୍ଠରେ କର୍ଣ୍ଣ-ବୃଶ୍ଚିକ-ରୁଧିରେ ।
ତାରାଳୀ ବର୍ଣ୍ଣାବଳୀକି ଲେଖିଛୁ କ୍ରମରେ ଯେ ॥ ୪୬
ରଜନୀରେ ଦୃଶ ଦିବସରେ ନ ଦିଶଇ ।
ଏ ଉପଲକ୍ଷଣା ସେ ସଂଶୟ କିଛି ନାହିଁ ଯେ ॥ ୪୭
କୁମାର କୁମାରୀ ଗୃହିଁ ମିତ ମିତଣୀକି ।
ନାସିକ ହୋଇ ଭାଷିଲେ ଗୋଟିଏ ବାଣୀକି ଯେ ॥ ୪୮
ମାର ତାର ତାତର ସିନ୍ଧିକି ବିଗୁରିଲା ।
ଆମ୍ଭ ବିଦାରଣେ ଚିନ୍ର ବରାହ ହୋଇଲା ଯେ ॥ ୪୯
ଏତେ ବୋଲି ହିରଣ୍ୟ ସୋଦର ଅଳଙ୍କାର ।
ଏ ଥିଲେ ମରିବ ବୋଲି ତେଜିଲେ ସତ୍ୱର ଯେ ॥ ୫୦
ସଖା ସଖୀ କହିଲେ ନ ଘେନ ଭୟ ମନ ।
ବିଧି ଦଣ୍ଡବଶେ ନାଶ ଭଜିବ ବଦନ ଯେ ॥ ୫୧
ଗୃହୁଁ ତେମନ୍ତ ହୋଇଲା ଝାଙ୍କୋରିଲା ଲୋମ ।
ତମ ଶ୍ୟାମଳ ଘୋଟିଲା ଏ ଦର ଜନମ ଯେ ॥ ୫୨

୪୬—ସୁନୀଲ ପୃଷ୍ଠରେ (ଆକାଶରେ) କର୍ଣ୍ଣବୃଶ୍ଚିକର (କାନବିଛାର) ରକ୍ତରେ, ତାରାଳୀ (ତାରକାପଙ୍କ୍ତି) ରୂପକ ବର୍ଣ୍ଣାବଳୀକି ସନ୍ଧ୍ୟା କ୍ରମରେ ଲେଖିଛୁ କି ?

୪୭—ରାତ୍ରିରେ ଏପରି ଦୃଶ (ଦେଖାଯାଏ) ଦିବସରେ ଦିଶେନା, ଏ ଉପଲକ୍ଷଣ ସେଥିରେ କିଛି ସଂଶୟ ନାହିଁ ।

୪୮—କୁମାର କୁମାରୀ ଦୁହେଁ ମିତ ଓ ମିତଣୀକୁ ଗୃହିଁ ଭ୍ରାନ୍ତ ହୋଇ ଗୋଟିଏ କଥା କହିଲେ ।

୪୯—କାମଦେବ ତାହାଙ୍କର ତାତର (ପିତା, ବିଷ୍ଣୁଙ୍କର) ସିନ୍ଧିକି ବିଗୁରିଲା, ଆମ୍ଭଙ୍କୁ ବିଦାରିବାକୁ ଚିତ୍ର (ଆଶ୍ଚର୍ଯ୍ୟ) ବରାହ ହୋଇଲା କି ? ବିଷ୍ଣୁ ବରାହ ମୂର୍ତ୍ତି ଧରିଥିଲେ, ସନ୍ଧ୍ୟାକାଳ ଦ୍ୱିତୀୟ ଚନ୍ଦ୍ରରୂପ ଦନ୍ତଧର ବରାହ ପରି ଦିଶିଲା ।

୫୦—ବିଷ୍ଣୁ ବରାହାବତାରେ ହିରଣ୍ୟର ସହୋଦର ହିରଣ୍ୟାକ୍ଷକୁ ମାରିଥିଲେ, ଏ କାମ ବରାହ କାଳେ ଆମ୍ଭଠାରେ ହିରଣ୍ୟ (ସ୍ୱର୍ଣ୍ଣ) ଅଳଙ୍କାର ଥିଲେ ଆମ୍ଭଙ୍କୁ ତାହାର ସହୋଦର ବିଚାରି ମାରିବ ଏହା କହି ସ୍ୱର୍ଣ୍ଣାଳଙ୍କାରମାନ ସତ୍ୱର ତେଜିଲେ ।

୫୧—ସଖା ଓ ସଖୀ ଦୁହେଁ କହିଲେ ମନରେ ଭୟ କରନା ବିଧିଦଣ୍ଡରୁ ଏ ବଦନ (ଚନ୍ଦ୍ରରୂପବକ୍ତ୍ର) ଏହିକ୍ଷଣି ନଷ୍ଟ ହୋଇଯିବ ।

୫୨—ଗୃହୁଁ ଗୃହୁଁ ସେହିପରି ହେଲା (ଚନ୍ଦ୍ର ଅସ୍ତହେଲେ) ତମ (ଅନ୍ଧକାର) ଘୋଟିବାରୁ ଶ୍ୟାମଳ (କାମ) ଘୋଟି ଆସିଲା କି ? ଏ ଦର (ଭୟ) ଜନ୍ମିବାରୁ ରୋମ ଝାଙ୍କିର ଗଲା ।

ଚତୁର ଚତୁରୀ ଚକ୍ଷେ ଭାବିଲେ କି ହେବ ।
କାମ-ପ୍ରେତ-ଝଡ଼ା ମନ୍ତ୍ର-ଲେଖା କେବା ଦେବ ଯେ ॥ ୫୩
ଭୂବ ରାମପଦ କହେ ଉପଇନ୍ଦ୍ର ଭଞ୍ଜ ।
ଜାଣ ସୁଜନେ ଏମନ୍ତ ମୋହ ଗୀତପୁଞ୍ଜ ହେ ॥ ୫୪

ଷୋଡ଼ଶ ଛାନ୍ଦ

(ଅନୁଚନ୍ଦ୍ରା)

ରାଗ—ଚନ୍ଦ୍ରା କୌଶିକ

ହେଲା ରଜଣୀ ନାଶ ଗଲା ଦିଶି ଦଶ କି ପ୍ରାଚୀ ନାଗରୀବର ।
ନୀଳଶାଢ଼ୀ ଛାଡ଼ି ଅରୁଣ ସରାଗେ ପିନ୍ଧିଲା ଲୋହିତାମ୍ବର ।
କି ଝଳ । କଞ୍ଜୁ ଉଡ଼ିଯିବା ଇଚ୍ଛୁ ଅଳି ॥
ସେହି ପଦ୍ମିନୀ ସୁରସଶାଳୀ । କାନ୍ତ ଉପରକୁ କି ଡୋଳା ଚାଳି ॥ ୧

୫୩—ନାଗର ଓ ନାଗରୀ ବୁଝେଁ ଏପରି ତର୍କଣା କରି ଭାବିଲେ ଯେ କାମରୂପ ପ୍ରେତକୁ ଝାଡ଼ିବା ପାଇଁ ମନ୍ତ୍ର ଲେଖା କିଏ ଆଣି ଦେବ ? ପରସ୍ପର ପ୍ରୀତି ଓ ଲେଖା କାମ ପ୍ରେତଝଡ଼ା ମନ୍ତ୍ର ପରି ।

୫୪—ଉପଇନ୍ଦ୍ର ଭଞ୍ଜ ରାମଚନ୍ଦ୍ରଙ୍କର ପାଦପଦ୍ମ ଚିନ୍ତାକରି କହେ ହେ ସୁଜନମାନେ ମୋହର ଗୀତ ପୁଞ୍ଜକୁ ଏହିପରି ଜାଣ ।

୧—ରଜନି ପାହିଗଲା ଦିଗମାନେ ଦିଶିଲେ, ପ୍ରାଚୀ (ପୂର୍ବଦିଗ) ନାଗରୀବର କି ? ସେ ନାଗରୀବର, ପୂର୍ବଦିକ୍ ନୀଳଶାଢ଼ୀ ପରି ରାତିକୁ ଛାଡ଼ି ଅରୁଣ ସରାଗେ (ରଙ୍ଗବର୍ଣ୍ଣ ସ୍ନେହରେ) ଲୋହିତାମ୍ବର (ରଙ୍ଗପାଟ) ପିନ୍ଧିଲା ଆହା କି ଝଳ (ଜେଜେଶୋଭା) ଦିଶିଲା । ଅଳି (ଭ୍ରମର) କଞ୍ଜୁ (ପଦ୍ମରୁ) ଉଡ଼ି ଯିବାକୁ ଇଚ୍ଛା କରନ୍ତେ ବୋଧ ହେଲା ଯେ ସେହି ପଦ୍ମିନୀସୁରସଶାଳୀ (ରସିକ) କାନ୍ତ (ସୂର୍ଯ୍ୟ) ଉପରକୁ ଭ୍ରମର ରୂପକ ଡୋଳାଚାଳି ଚାହିଁଲା କି ?

ଭୁଜଙ୍ଗ-ଅଙ୍ଗ-ନଗାଦ୍ରି-ପୁରନ୍ଦର-ନାଦ-ଦର-ପ୍ରଦ ହୋଇ ।
ଭୁଜଙ୍ଗ ବନ୍ଦକୀ ବନ୍ଧସଂଯୋଗକୁ ଚକ୍ରଯୁଗେ ଗଲେ ଥୋଇ ।
ସେ ଧନ୍ୟ । ତାଙ୍କଠାରୁ ଘେନି ଗଲେ ଭିନ୍ନ ।
ବେନି ପ୍ରୀତି କେବେ ନୋହେ ଭିନ୍ନ । ଏହିମନ୍ତ ପ୍ରତି ଦିନ ॥
କୁକ୍କୁଟ କଣ୍ଠ-ରଟରେ ପଳାୟିତ ଚୋରୁ ଅଭିସାରିକା ।
ଲଭିଲ ଧନ ଚନ୍ଦ୍ର ବର୍ଣ୍ଣ ଲୁଚାଇଁ ନିଶାଦରେ କର ଦୀକ୍ଷା ।
ସେ ଭଲେ । ତାରା ବାସକସଜ୍ଜା ପୁଣ ଗଲେ ।
ପ୍ରଭାବତୀ ମ୍ଳାନି ଏକାବେଳେ । ଭଲ ଘେନାଘେନି ହୋଇଥିଲେ ॥ ୩
ଗୃହ-କପୋତ ହୁଁକୃତେ ପତିକୋଳୁଁ ନବୀନସଙ୍ଗମା ଯାଇ ।
ଦେଖଇ କର ଆଦର ଆଦରଶେ ସ୍ନେହ ଲଜ୍ଜା ଉପୁଜାଇଁ ।
ସେ ବାଳୀ । ଦେଖି ଗଣ୍ଡପର ଶୋଭାବଳୀ ।
ଚୁମ୍ବ ଦେବ କି ପୋଛିବ ଭଳି । ଛନ୍ଦଚିତ୍ତ ମିଳିବାକୁ ଆଳୀ ॥ ୪

୨—ଭୁଜଙ୍ଗ ଅଙ୍ଗ (ଶିବଙ୍କର) ନଗାଦ୍ରି ପୁର (କୈଳାସପର୍ବତରେ) ଦରନାଦ (ଶଙ୍ଖଧ୍ୱନି) ହୋଇ ଦରପ୍ରଦ (ଭୟପ୍ରଦ) ହେଲା । ଭୁଜଙ୍ଗ (ବିଟ-ପୁରୁଷମାନେ) ଓ ବନ୍ଦକୀ (ବିଟପୀ ସ୍ତ୍ରୀ ମାନେ) ବନ୍ଧସଂଯୋଗକୁ (ମିଳନ ଅବସ୍ଥାକୁ) ଚକ୍ରଯୁଗେ (ଚକ୍ରବାକ ଚକ୍ରବାକୀଠାରେ) ରଖି ଗଲେ । (ଦିନରେ ଚକ୍ରବାକଯୁଗର ମିଳନ ଓ ରାତିରେ ବିଚ୍ଛେଦ) ତେଣୁ ସେ ଧନ୍ୟ ହେଲେ । ଏ ଦୁହେଁ ତାଙ୍କଠାରୁ (ଚକ୍ରବାକ ଯୁଗଳରୁ) ଭିନ୍ନ (ବିଚ୍ଛେଦ) କୁ ଘେନିଗଲେ । ଦୁହିଙ୍କର ଏପରି ପ୍ରୀତି କେବେ ଭିନ୍ନ ହେଉ ନାହିଁ ପ୍ରତିଦିନ ଟିତରେ ଏପରି ସେ ତାଙ୍କୁ ଦେଇ ତାଙ୍କଠାରୁ ନେଇ ଅଛନ୍ତି ।

୩—କୁକ୍କୁଟମାନଙ୍କର କଣ୍ଠ ରଟନରେ ଅଭିସାରିକାମାନେ (ଯେଉଁମାନେ କାନ୍ତ ନିମିତ୍ତ ସଂକେତ ସ୍ଥାନକୁ ଯାନ୍ତି) ଚୋରପରି ପଳାଇଲେ, ଚୋର ଲଭିଲା ଧନକୁ ଲୁଚାଇଲା ପରି ଏମାନେ କାନ୍ତଠାରୁ ପାଇଥିବା ନଖକ୍ଷତାଦି ଚିହ୍ନ ଓ ବର୍ଣ୍ଣମାନଙ୍କୁ ଲୁଚାଇଲେ ଏବଂ ନିଶାଦରେ (ଚୌକିଅକୁ) ଭଲେ (ଉତ୍ତମ ରୂପେ) ଦୀକ୍ଷା କଲେ । ତାରା ଏବଂ ବାସକସଜ୍ଜା (ଯେଉଁ ସ୍ତ୍ରୀମାନେ ବେଶ ଭୂଷା ହୋଇ ବସଗୃହ ସଜାଇ କାନ୍ତର ଆଗମନ ଅପେକ୍ଷାରେ ଥାଏ) ଏ ଦୁହେଁ ଏକାବେଳକେ (ଏକ ସମୟରେ) ପ୍ରଭାବତୀ (ସୁନ୍ଦରୀ) ହୋଇ ଥିଲେ ଏବଂ ଏକାବେଳେ ମ୍ଳାନିକୁ ଭଜିଲେ । ସନ୍ଧ୍ୟାରେ ପ୍ରଭାବତୀ ଓ ପ୍ରାତଃକାଳରେ ମଳିନା ହେଲେ । ଭଲ ଘେନା ଘେନି ହୋଇଥିଲେ ।

୪— ନବୀନ ସଙ୍ଗମା ସ୍ତ୍ରୀମାନେ ଗୃହପାଳିତ କପୋତମାନଙ୍କର ହୁଂକାର ରବ ଶୁଣି ପତିକୋଳରୁ ଯାଇ ଆଦରଶେ (ଦର୍ପଣରେ) ଆଦର କରି ସ୍ନେହ ଓ ଲଜ୍ଜା ଉପୁଜାଇ ନିଜମୁଖ ଦେଖନ୍ତି । ସେ କାଳ ନିଜଗଣ୍ଡରେ ଶୋଭା-

ହାର ଶୀତଳରୁ ବିପ୍ରଲବ୍‌ଧା ଭଳି ଯାଚକ କୃପଣଦ୍ୱାରୁ ।
ନିରାଶ ପାଇଁ ନିଃଶ୍ୱାସକୁ ପକାଇ ବାହୁଡ଼ିଲା ସଙ୍କେତରୁ ।
ସେ ତହିଁ । ସଙ୍ଗେ ପରୁଷ ବଚନ କହି ।
ଅଷ୍ଟମଙ୍ଗଳା ବର ମୋ ସେହି । ମୋତେ କି କଲା ଆଶା ଦେଖାଇ ॥ ୫
ମନ୍ଦ-ଶବଦେ ସ୍ତବଧେ ମନ୍ଦେ ମନ୍ଦେ ସ୍ଥାନକୁ ବଧୂ ବାହାର ।
ପିଣ୍ଡାରେ ଥିଲା ପଥିକ ଭାଇବ ମନ୍ଥି ହେବାରୁ ହୃଦ ତାହାର ।
ମୁଁ ମଲି । କେଉଁ ବୁଦ୍ଧିରେ ବିଦେଶ କଲି ।
ପ୍ରିୟା ଏ ଛବିକି ନ ଦେଖିଲା । ତାକୁ ମନମଥ ଶରେ ଦେଲି ॥ ୬
ଏସନ ସମୟେ ପ୍ରସନ୍ନବଦନା ମହାମହୀନ୍ଦ୍ର ନନ୍ଦନୀ ।
ଯାଇ ଅଭିରାମେ ଆରାମେ କହଇ ବସାଇ ସଜନୀ ତିନି ।
ରେ ଅଳି । କେଉଁ ଯୋଗ ହୋଇଥିଲା କାଲି ।
ମୁଁ ଯେ କି ଶୋଭା ଦର୍ଶନ କଲି । ଏହି ଦେହରେ କୃତାର୍ଥ ହେଲି ॥ ୭

ବଳୀ (ତାମ୍ବୁଲବୋଳ ଦନ୍ତ ଷତାଦି) ଦେଖି ପ୍ରତିବିମ୍ବରେ ଚୁମ୍ବ ଦେବାକୁ ଗଣ୍ଡରୁ ପୋଛି ପକାଇବା ଏହା ଭଳି ଆଳୀ (ସଖୀ) ମିଳିବାକୁ (ପହୁ-ଞ୍ଚିବାକୁ) ଭାବ ଛନ୍ଦ ତଉ ହେଲା ।

୫—ହାର ଶୀତଳ ହେବାରୁ (ପ୍ରଭାତରେ ହାର ସ୍ଥିତ ମଣିମାନଙ୍କର ତେଜ କମି ଯିବାରୁ) ବିପ୍ରଲବ୍‌ଧା (ଯେଉଁ ନାୟିକା ସଂକେତ ସ୍ଥାନରେ ନାୟକକୁ ନପାଇ ହତାଶ ହୁଏ) କୃପଣଦ୍ୱାରୁ ଯାଚକ ଫେରିଲାପରି ନିରାଶହୋଇ ଦୀର୍ଘନିଃଶ୍ୱାସ ପକାଇ ଭୟରେ ସଙ୍କେତ ସ୍ଥାନରୁ ବାହୁଡ଼ିଲା । ସେ ସେଠାରେ ସଙ୍ଗେ (ସଖୀରେ) ପରୁଷ (କର୍କଶ) ବାକ୍ୟ କହିଲା—ଆଜଠାରୁ ସେ ମୋର ଅଷ୍ଟମଙ୍ଗଳାବର (ଅଷ୍ଟମଙ୍ଗଳାରେ କନ୍ୟା ବର ମୁଖ ଚାହେଁ ନାହିଁ), ମୁଁ ସେହିପରି ତା ମୁହିଁ ଚାହିଁବି ନାହିଁ ସେ ମୋତେ ଆଶାଦେଖାଇ କି କଲାଟି ?

୬—ମନ୍ଦ (କାକ) ଶବ୍ଦ ଶୁଣି ସ୍ତବ୍‌ଧେ (ରାତି ପାହିଯିବା ଭୟରେ) ବଧୂ (ନୂତନା ସ୍ତ୍ରୀ) ସ୍ଥାନକୁ ମନ୍ଦେ ମନ୍ଦେ ବାହାରିଲେ । ପିଣ୍ଡାରେ ଯେଉଁ ପଥିକ ରାତିରେ ଥିଲା ତାହାର ହୃଦୟ ଏହା ଦେଖି ମନ୍ଥି ହୋଇ ଯିବାରୁ ସେ ଭାବିଲା-ମୁଁ ମଲି କେଉଁ ବୁଦ୍ଧିରେ ବିଦେଶ କଲି ପ୍ରିୟାର ଏ ଛବିକି ଯାହା ନ ଦେଖିଲି, ତାକୁ (ପ୍ରିୟାକୁ) ମନମଥ (କାମ) ଶରେ ଦେଲି ।

୭—ଏ ସମୟରେ (ପ୍ରଭାତରେ) ପ୍ରସନ୍ନମୁଖୀ ମହାମହେନ୍ଦ୍ର ନନ୍ଦନୀ (ରାଜାଧି ରାଜକନ୍ୟା) କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ତିନି ସଖୀଙ୍କୁ ବସାଇ କହଇ—ରେ ଅଳି । କାଲି ମୋର କେଉଁ ସୁଯୋଗ ହୋଇ ଥିଲା, ମୁଁ କି ଶୋଭା ଦର୍ଶନ କଲିଟି ଏହି ଦେହରେ କୃତାର୍ଥ ହୋଇଗଲି ।

କନକପର୍ବତ ଉପରେ ମର୍କତ-ଶୃଙ୍ଗ ପ୍ରାୟେ ଦିବ୍ୟ ଜୂଡ଼ା ।
ସୁମନାବଳୀ ବେଷ୍ଟିତ ରମ୍ଭା-ଊରୁ-ଶୋଭନୀ ବିବେକ ଭୁଡ଼ା ।
ରେ ସହି ! ମଧ୍ୟେ ନୀଳଚେଲ ଘନ ବନ୍ଧି
ଧାରା ପରି ଅଗଲୁଣ୍ଠା ଶୋହି । ଚିତ୍ତ-ଚାତକ ହୋଇଲା ସ୍ନେହୀ ॥ ୮
ରଞ୍ଜିତ ସମ ସୁଅଳକ ବେଢ଼ରେ ଶ୍ରୀମୁଖ ଶୋଭା ବଢ଼ିରେ ।
ମଧ୍ୟୁଁ କଳଙ୍କ ପୋଛି ବିଧି ପରିଧି କରିଛି କଳାନିଧିରେ ।
ରେ ସଖି ! ମତ୍ତ ଚକୋର ମୋ ହିର ଆଖି ।
ହାସ ସୁଧାପାନେ ହେଲା ସୁଖୀ । ଏଡ଼େ ବିଚିତ୍ର ନ ଥିଲା ଦେଖି ॥ ୯
ଶ୍ରବଣଯୁଗଳେ ହୀରକକୁଣ୍ଡଳ ଶିରଗୂଳନରେ ଚଳି ।
କୌତୁକେ ବାଦ ରଚନା କରି କି ଗୁରୁ ଶୁକ୍ର ଖେଳେ ଦୋଳି ।
ରେ ମିତ ! କିସେ ମୋ ରାଶି ଉଚ୍ଛେ ଉଦିତ ।
କଲା ଭଲଦଶା ଉପସ୍ଥିତ । ଅଛି ମଙ୍ଗଳ ଘାତରେ ଖ୍ୟାତ ॥ ୧୦

୮—କନକପର୍ବତ (ମେରୁ) ରୂପରେ ମର୍କତଶୃଙ୍ଗ ପରି ସେ ସୁନ୍ଦର ଦେହରେ ଦିବ୍ୟ ଜୂଡ଼ା ଶୋଭା ପାଉଥିଲା ଯେପରି ମେରୁଶୃଙ୍ଗ ରମ୍ଭା ଊରୁ (ଉର୍ବଶୀ) ପ୍ରଭୃତି ଶୋଭନୀ (ସୁନ୍ଦରୀ ଅପ୍‌ସରା) ମାନଙ୍କର ବିବେକକୁ ଭୁଡ଼ାଉଥିବା ସୁମନାବଳୀ (ଦେବତା ମାନଙ୍କରେ) ବେଷ୍ଟିତ ସେହିପରି ଏ ଜୂଡ଼ା ସୁମନା-ବଳୀ (ପୁଷ୍ପସମୂହରେ) ବେଷ୍ଟିତ ହୋଇ ରମ୍ଭା (କଦଳୀ ବୃକ୍ଷ) ସଦୃଶ ଊରୁରେ ଶୋଭନୀ ସୁନ୍ଦରୀମାନଙ୍କର ବିବେକକୁ ଭୁଡ଼ାଉଛି । ରେ ସଖି, ମେରୁପର୍ବତ ମଧ୍ୟଭାଗରେ ମେଘ ରହିଲାପରି ଏହାଙ୍କର ମଧ୍ୟରେ (କଟିରେ) ନୀଳ ଚେଲ (ବସ୍ତ୍ର) ବନ୍ଧିଅଛି । ମେଘରୁ ଜଳଧାରା ଗଳିଲା-ପରି ଅଗରେ ପଡ଼ିଥିବା ଲୁଗା କୁଣ୍ଠ ଶୋଭା ପାଉଥିଲା । ଚାତକ ମେଘ ଜଳରେ ସ୍ନେହୀ, ମୋର ଚିତ୍ତରୂପ ଚାତକ ତହିଁରେ ସ୍ନେହୀ ହେଲା ।

୯—ରଞ୍ଜିତ ଓ ସମାନ ସୁଅଳକ (କୁଞ୍ଚିତ କ୍ଷୁଦ୍ରକେଶ) ବେଢ଼ରେ ବିଧିପୂର୍ବକ ଶ୍ରୀମୁଖ ଶୋଭା ହୋଇଛି । ବୋଧହୁଏ ବିଧାତା ଚନ୍ଦ୍ରଙ୍କମଧ୍ୟରୁ କଳଙ୍କକୁ ପୋଛି ନେଇ ସେହି କଳଙ୍କରେ ପରିଧି କରିଛି (ଚନ୍ଦ୍ରଙ୍କ ଚାରି ପାଖରେ ବେଢ଼ା ଭୁଲାଇଛି) । ରେ ସଖି ! ମୋହର ଆଖି ମତ୍ତ ଚକୋରପକ୍ଷୀ ସଦୃଶ ହୋଇ ସେହି ଶ୍ରୀମୁଖଚନ୍ଦ୍ରର ହାସ ରୂପ ସୁଧାପାନ କରି ସୁଖୀହେଲା । ଏଡ଼େ ବିଚିତ୍ର କେବେ ଦେଖି ନ ଥିଲା ।

୧୦—କର୍ଣ୍ଣଦ୍ୱୟରେ ହୀରାନିର୍ମିତ କୁଣ୍ଡଳ-ଶିରଗୂଳନରେ ଚଳି ଏପରି ଶୋଭା ପାଇଲା ଯେ ଗୁରୁ ଶୁକ୍ର ତୁହେଁ କୌତୁକରେ ବାଦରଚନା କରି ଦୋଳି ଖେଳନ୍ତି କି ? । ରେ ମିତ୍ର, ସେ ଗୁରୁ ଓ କବି ଦୁହେଁ କଣ ମୋର ଉଚ୍ଚ ରାଶିରେ ଉଦିତ ହୋଇ ଭଲଦଶା ଉପସ୍ଥିତ କଲେ ? କିନ୍ତୁ ମଙ୍ଗଳ ଥିବାରୁ କିଛିତ୍ ବାଧା ଘଟିଲା ।

ଜିତ ଘ୍ରାଣ ବ୍ୟାଜେ ଚଞ୍ଚୁ କୁ ଟେକି କି ସ୍ୱରୂପ ରମ୍ୟକଦ୍ୱୀପ ।
ରାମ ନାଗପାଶ ତ୍ରାସ ନାଶ ଲଗ୍ନେ ବାହାରିଛି ଖଗାଧିପ ।
ରେ ସହି ! କେବେ ମୁଁ ପୁଣି ରାମା ବୋଲାଇ ।
ମୋତେ ଘୋଟିଛି ବିରହ ଅହି । ବାଞ୍ଛା କଲେ ନ କରିବ ନାହି ॥ ୧୧
କପାଳ ଭୁରୁ ନେତ୍ର ଯେନି ସେ ତନୁବନ୍ତ କାମ ନୁହେଁ ଛଦ୍ମ ।
ଶମ୍ପାକ ଧନୁରେ ସଙ୍ଗ ଭୃଙ୍ଗ ଗୁଣ ବାଣ ନୀଳାବ୍ଜ କି ପଦ୍ମ ।
ରେ ସଖି ! ଅନ୍ୟଠାକୁ ନ ବାହିଲା ଯୋଖି ।
ହୃଦ ଲକ୍ଷ କଲା କିସ ଦେଖି । ସଖୀ ବୋଲେ ଶମ୍ଭୁ ଅଛୁ ରଖି ॥ ୧୨
ବହି ପଡ଼ିଲା ପ୍ରାୟେ ରଙ୍ଗ ଅଧର କି ଚିର-ମନ୍ଦାରଫୁଲ ।
ଗର୍ଭେ ଖଞ୍ଜିଛି କେଉଁ ଧାତା ରଦନ ବ୍ୟାଜେ କୁନ୍ଦକଢ଼ୀମାଳ ।
ରେ ମିତ ! ସଦା ସ୍ଫୁଟ ଅସ୍ଫୁଟ ଅଦ୍ଭୁତ ।
ନ ପାଇଲେ ତହିଁ ମଧୁ ସତ । ଉଡ଼ି ଯିବ ପ୍ରାଣ-ମଧୁବ୍ରତ ॥ ୧୩

୧୧—ସେ ସୁନ୍ଦରଙ୍କର ସ୍ୱରୂପ ରମ୍ୟକଦ୍ୱୀପ ସଦୃଶ, ସେ ରମ୍ୟକଦ୍ୱୀପରେ ଖଗାଧିପ (ଗରୁଡ଼) ଜିତ ଘ୍ରାଣ (ନାସା) ବ୍ୟାଜରେ ଚଞ୍ଚୁକୁ ଟେକିଛି କି ? ସେ ଗରୁଡ଼ ଶ୍ରୀରାମଙ୍କର ନାଗପାଶ ତ୍ରାସ (ଭୟ) ନାଶ କରିବା ଲଗ୍ନେ (ସମୟରେ) ବାହାରିଛି । ରେ ସହି ! ମୁଁ ପୁଣି ଜଗତରେ ରାମା ବୋଲାଏ, ମୋତେ ବିରହ ଅହି (ସର୍ପ) ଘୋଟିଛି; ବାଞ୍ଛାକଲେ ନାହି କରିବନାହିଁ କି ?

୧୨—ସେ, ସୁନ୍ଦର କପାଳ (ଲଲାଟପଟ) ଭୁରୁ ଏବଂ ନେତ୍ର ଏମାନଙ୍କ ଯେନି ଦେହଧାରୀ କନ୍ଦର୍ପର ଶୋଭା ପାଉଅଛନ୍ତି, ଏହା ଛଦ୍ମ (ମିଥ୍ୟାକଥା) ନୁହେଁ । କାରଣ କପାଳରୂପ ଶମ୍ପାକ (ସୁନାରିଫୁଲ) ଧନୁରେ ଭ୍ରୂଲତା ରୂପ ଭୃଙ୍ଗଗୁଣ ସଙ୍ଗକରି ନୟନରୂପ ନୀଳାବ୍ଜ (ନୀଳପଦ୍ମ)କୁ ପଦ୍ମବାଣ ରୂପେ ଯୋଖି ରଖିଛି କି ? ରେ ସଖି ! ସେ ଶର ଯୋଖି ଅନ୍ୟଠାକୁ ବାହିଲା ନାହିଁ, କିସ ଦେଖି ମୋ ହୃଦକୁ ଲକ୍ଷ କରି ବାହିଲା ? ସଖି କହିଲା, ତୁ ପରା କାମଶତ୍ରୁ କୁଚରୂପକ ଶମ୍ଭୁଙ୍କୁ ହୃଦୟରେ ରଖିଛୁ ।

୧୩—ରଙ୍ଗ ବହି ପଡ଼ିଲା ପରି ଅଧର କି ଚିରନ୍ତନ ହୋଇଛନ୍ତି ? କେଉଁ ବିଧାତା ମନ୍ଦାର ଫୁଲ ଗର୍ଭରେ ଦନ୍ତ ଛଳରେ କୁନ୍ଦକଢ଼ୀ ମାଳକରି ଖଞ୍ଜିଛି । ରେ ମିତ ! ଅଧରରୂପ ମନ୍ଦାରଫୁଲ ସବୁବେଳେ ସ୍ଫୁଟ ହୋଇଛି (ଫୁଟିଅଛି) । କିନ୍ତୁ ଦନ୍ତରୂପ କୁନ୍ଦକଢ଼ୀ ସବୁବେଳେ ଅସ୍ଫୁଟ ଏହା ଅଦ୍ଭୁତ କଥା ତହିଁ ମଧୁ ନ ପାଇଲେ ସତ (ନିଶ୍ଚୟ) ମୋ ପ୍ରାଣରୂପ ମଧୁବ୍ରତ (ଭ୍ରମର) ପିଣ୍ଡରୁ ଉଡ଼ିଯିବ ।

ବସ୍ତାର ଉର କି ଦ୍ୱିପୁଟ କପାଟ ରମା-ଚିତ୍ତ-ବନ୍ଦୀ-ଦୁର୍ଗ ।
ବୟସୀ ଭାଷି ମନସି ଅସିଥିଲ ତୋ ସ୍ତନ ସମ୍ପୁଟ ଯୋଗ ।
ରେ ବାଳା । ଅଛୁ ପ୍ରବାଳ ବଉଳମାଳା ।
ଦେଇ ଗଲ ପଦକ ପିତୁଳା । ଶୁଣି ହସିଲ ଆନ କହିଲ ॥ ୧୪
ଏ କଥା ମିଥ୍ୟା ନୁହଇ ମନୋହର ସୁବର୍ଣ୍ଣଶିକୁଳୀ ଯୋଗେ ।
ଶରଭାକାର ଯୌବନ-କରୀ କର ଦେଖାଇଛୁ ଦୁଇଦଗେ ।
ରେ ଅଳି । କେହି ବୋଲେ ସେ କଥାକୁ ଛଳି ।
ମୁଖପଦ୍ମ ତୋ ଧରିବ ତୋଳି । ନମ୍ରମୁଖେ କହେ ଗୁଣଶାଳୀ ॥ ୧୫
ବକ୍ଷ ତଳରୁ ଉଦରଶେଷପର୍ଯ୍ୟେ ପ୍ରଣବବାଦ୍ୟ ସମ୍ଭବେ ।
ଗଢ଼ିବା କାଳେ ଧାତା ଦୃଢ଼େ ଧରନ୍ତେ ସେ ଭଙ୍ଗେ ମଧ୍ୟ କି ବେକେ
ରେ ସଖି । ସ୍ଫୀତ ପୃଥୁଳ ସେ ଧେନା ହୋଇ ।
ନାଭିଛଳେ କୁଶମୁଦ୍ରା ଥୋଇ । ହସ୍ତେ ଧରିବାର ସାକ୍ଷୀ ଦୁଇ ॥ ୧୬

୧୪—ତାହାଙ୍କର ବସ୍ତାର (ପ୍ରସ୍ତ) ଉର (ବକ୍ଷସ୍ଥଳ) ରମଣୀମାନଙ୍କ ଚିତ୍ତ ବନ୍ଦୀ ହୋଇଥିବା ଦୁର୍ଗର (କରି ବାସର) ଦ୍ୱିପୁଟକପାଟ (ଯାଉଁଳି କବାଟ) କି ? ସଖୀ କହିଲା ସେ ଯାଉଁଳି କବାଟ ସଦୃଶ ବକ୍ଷଃସ୍ଥଳ ତୋ ସ୍ତନରୂପ ସମ୍ପୁଟ (ଫଳୁଆ)ର ଯୋଗକୁ ମନାସ କରି ଆସିଥିଲା । କବାଟରେ ବଉଳମାଳା ଥିଲାପରି ବକ୍ଷଃସ୍ଥଳରେ ପ୍ରବାଳ (ପୋହଳା) ମାଳ ଅଛି, ପିତୁଳା-ସଦୃଶ ପଦକକୁ ତୋତେ ଦେଇ ଗଲା, ଏହା ଶୁଣି ସୁନ୍ଦରୀ ହସିଲା ଏବଂ ଆନକଥା କହିଲା । କବାଟରେ ଫଳୁଆ ବଉଳମାଳା ଓ ପିତୁଳା ଥାଏ ।

୧୫—ମନୋହର ସୁବର୍ଣ୍ଣ ଶିକୁଳୀ ଯୋଗୁଁ ଶରଭ (ଦୋମୁହାଁ ପଶୁ) ଆକାର (ସଦୃଶ) ଯୌବନରୂପ କରୀ (ହସ୍ତୀ) ଦୁଇ ଦଗରେ କର (ଦୁଇ ଶୁଣ୍ଢ) ଦେଖାଇଛୁ, କେହି ଏ କଥାକୁ ଛଳି କହିଲା, ସେ ଯେବେ ହସ୍ତୀ, ତେବେ ତୋ ମୁଖପଦ୍ମକୁ କରରେ ତୋଳି ଧରିବ, ଏ କଥା ଶୁଣି ଗୁଣବତୀ ସୁନ୍ଦରୀ ନମ୍ରମୁଖରେ କହିଲା ।

୧୬—ବକ୍ଷ ତଳରୁ ଉଦର ଶେଷ ପର୍ଯ୍ୟନ୍ତ ପ୍ରଣବ ବାଦ୍ୟ (କ୍ଷୁଦ୍ର ଢକ୍କା) ପ୍ରାପ୍ତ ହୋଇଛି । ବିଧାତା ଗଢ଼ିବାବେଳେ ଦୃଢ଼ରୂପେ ଧରନ୍ତେ ସେ ଭଙ୍ଗେ ମଧ୍ୟ (କଟି) ବେକେ (ବେକାଏ) ହୋଇଛି କି ? ସେ ଧେନା ସ୍ଫୀତ (ନିତମ୍ବ) ପୃଥୁଳ ହୋଇଛି । ବିଧାତା ନାଭି ଛଳରେ ନିଜହସ୍ତରେ ଥିବା କୁଶମୁଦ୍ରା ଥୋଇଛି । ତେବେ ଏ ଦୁଇକଥା ହାତରେ ଧରି ଥିବାର ସାକ୍ଷୀହେଲା ।

ଜଙ୍ଘ ଜାନୁ ଊରୁ କି ରୁଚିରୁ ଅର୍ଗଳ-ସ୍ତମ୍ଭ ଆରମ୍ଭକୁ ପାଇ ।
କୁରଙ୍ଗନୟନା ମନ-ସାରଙ୍ଗକୁ ବାନ୍ଧି ପକାଇଛି ନେଇ ।
ରେ ନାରୀ । ଅଙ୍ଗ ପାଦକୁ କି ଦେବା ସରି ।
ଯାହା ପ୍ରଚଳିତ ରୁହିଁ କରି । ହସ୍ତ ଠେକି ଓଳଗଇ କରୀ ॥ ୧୭

କଣ୍ଠ ଶଙ୍ଖ-ଜିତ ମନ୍ଦର- ତାଡ଼ନ ବରାହବର ଅଭୀତ ।
ସେ ନର-କେଶରୀ ବଳୀ ଧ୍ୱଂସୀ ତେଜେ ସହସ୍ରକର ବିଜିତ ।
ରେ ସହି । ମୂର୍ତ୍ତି ରାମ ବଳ ଖ୍ୟାତ ମହୀ ।
ବୁଧ ଗୁଣେ ଚନ୍ଦ୍ରହାସେ ଶୋହି । ବିଷ୍ଣୁ ଦଶରୂପ ଏକେ ବହି ॥ ୧୮

୧୭—ଜଙ୍ଘ (ଆଣ୍ଠୁର ତଳଭାଗ) ଜାନୁ (ଆଣ୍ଠୁ) ଊରୁ (ଆଣ୍ଠୁ ଉପର ଭାଗ) ଅର୍ଗଳ ସ୍ତମ୍ଭ ଆରମ୍ଭ (ଆଡ଼ମ୍ବର) କୁ ପାଇ କି ରୁଚିରୁ (ମନୋହର) ହୋଇଛି, ତହିଁରେ କୁରଙ୍ଗ ନୟନା ସ୍ତ୍ରୀମାନଙ୍କର ମନରୂପ ସାରଙ୍ଗ (ମୃଗ) କୁ ନେଇ ବାନ୍ଧି ପକାଇଛି । କରୀ (ହସ୍ତୀ) ଯାହାଙ୍କର ପ୍ରଚଳିତ (ଗତି) କୁ ରୁହିଁକରି (ନିଜଗତି ତାହା ସହିତ ସମାନ ନ ହେବାରୁ) ହସ୍ତ ଠେକି ଓଳଗଇ ।

୧୮—ଏ ସୁନ୍ଦରୀ ଏକେ (ଏକାବେଳେକେ) ବିଷ୍ଣୁଙ୍କର ଦଶ ଅବତାରକୁ ବହି ଅଛନ୍ତି ।—ବିଷ୍ଣୁ ମୀନାବତାରରେ ଶଙ୍ଖାସୁରକୁ ଜିଣିଥିଲେ, ଏହାଙ୍କର କଣ୍ଠ ଶଙ୍ଖକୁ ଜିଣିଅଛି । ବିଷ୍ଣୁ କଚ୍ଛପାବତାରରେ ମନ୍ଦରାଦ୍ରିକୁ ପିଠିରେ ଧରିବାରୁ ତାହାଦ୍ୱାରା ତାଡ଼ନ ପାଇଥିଲେ ଏ ମନ୍ଦର (କୁସୁମଲୋକର) ତାଡ଼ନ-କାରୀ । ସେ ଅଭୀତ ବରାହବର (ନିର୍ଭୀକ ବରାହ ଶ୍ରେଷ୍ଠ) ଏ ବର (ଶ୍ରେଷ୍ଠ) ଆହବର (ଯୁଦ୍ଧର) ଅଭୀତ (ନିର୍ଭୀକ) ସେ ନର କେଶରୀ (ନୃସିଂହ ରୂପ) ଧରି ଥିଲେ ଏ ନରକେଶରୀ (ମନୁଷ୍ୟ ଶ୍ରେଷ୍ଠ) ସେ ବଳୀଧ୍ୱଂସୀ (ବାମନାବତାରରେ ବଳୀର ଗର୍ବ ଖର୍ବ କରିଥିଲେ) ଏ (ବଳିଷ୍ଠମାନଙ୍କର ଦର୍ପହାରୀ) ସେ ତେଜେ (ବୀର ତେଜରେ) ସହସ୍ର କର (ସହସ୍ର ହସ୍ତ ସହସ୍ରାର୍ଜୁନକୁ ପର୍ଶୁରାମାବତାରରେ ଜିଣିଥିଲେ) ଏ ତେଜରେ ସୂର୍ଯ୍ୟଙ୍କୁ ଜିଣିଅଛନ୍ତି । ସେ ରାମମୂର୍ତ୍ତି ଧରିଥିଲେ ଏ ରାମ (ରମଣୀୟ) ମୂର୍ତ୍ତି ଧରିଅଛନ୍ତି । ସେ ବଳରାମାବତାରରେ ମହୀରେ (ପୃଥିବୀରେ) ବଳଖ୍ୟାତ କରିଥିଲେ, ଏ ଜଗତରେ ବଳ ପ୍ରକାଶ କରି ଅଛନ୍ତି, ସେ ବୁଦ୍ଧାବତାର ଧରିଥିଲେ ଏ ଗୁଣରେ ବୁଧ (ପଣ୍ଡିତ) ଅଟନ୍ତି । ସେ କଳୀଅବତାରରେ ଚନ୍ଦ୍ରହାସେ (ଖଡ଼୍ଗରେ) ଶୋଭିତ ହୋଇଥିଲେ । ଏ ଚନ୍ଦ୍ରହାସେ (ଚନ୍ଦ୍ର ତୁଲ୍ୟ ହାସରେ ବା ଖଡ଼୍ଗରେ) ଶୋଭିତ ଅଟନ୍ତି ।

ସଜନୀ ବୋଇଲା ତୁ ସକଳ ବଧୂ ମୋହନରେ ଏକମୂର୍ତ୍ତି ।
ଶ୍ରୀଅଙ୍ଗ ସୁବାସେ ଗନ୍ଧବତୀ ଭାଷେ ଚଞ୍ଚଳା ହୋଇଛନ୍ତି କାନ୍ତି ।
ରେ ରମା ! ସୀତା ମାଧୁର୍ଯ୍ୟ ଗିରେ ସୁଷମା ।
ତୁରେ ବତିଶ-ଲକ୍ଷଣ-ସୀମା । କାମପଶୁ ତୋ ଭୁଜ ଉପମା ॥ ୧୯
ହୋଇଛୁ ଏ ହେତୁ ସେ ତୁ କାନ୍ତ କାନ୍ତା ହୋଇ ନେବ ଦବା ଜାଣି ।
ଶୁଣି ପୁଲକିତ କି ତନୁ-ଲତାରେ କଳିକା-ଅଙ୍କୁର ଦଶି ।
ସେ ବାମା । ସହଜେତ ଅନୁରାଗ ଧାମା ।
ହେଲା ଗଦ୍‌ଗଦବାଣୀ ଜନମା । ପୁଣି ହୋଇଲା ଚିତ୍ତ ବିଭ୍ରମା ॥ ୨୦
ଦୃଷ୍ଟିକୃତ କୁସୁମିତ କୃତମାଲେ କପୋତ ରୁତରୁ କରି ।
କୃଶୋଦରୀ ଦରୀଭୂତ ହୋଇ ଭାଷେ ଏତ କାମ-ପ୍ରତିହାରୀ ।
ରେ ମିତ । ଦୁର୍ବା-କାନ୍ତି ଅଙ୍ଗ ଅଙ୍ଗୀକୃତ ।
ମହାରଜତ ଲଗୁଡ଼ ଧୃତ । ଜଙ୍ଗଡାକରେ ହୋଇଛୁ ରତ । ୨୧

୧୯—ସଖୀ କହିଲା ତୁ ସକଳ ବଧୂ (କୃଷ୍ଣଙ୍କ) ମୋହନରେ ଏକ ମୂର୍ତ୍ତି ଅଟୁ । ଭାଷେ (ଜଗତରେ କହନ୍ତି) ତୁ ଶ୍ରୀଅଙ୍ଗ ସୁବାସରେ ଗନ୍ଧବତୀ (ବାସନା-ଯୁକ୍ତା, ସୁତରାଂ ପୃଥ୍ୱୀ) ତୋହର ଦେହ କାନ୍ତି ବିଦ୍ୟୁତ୍‌ପରି ହୋଇଥିବାରୁ ସେ ଚଞ୍ଚଳା (ଲକ୍ଷ୍ମୀ) ରେ ରମା ତୋହର ମଧୁର ଗିରେ (ବାଣୀରେ) ସିତା (ଶର୍କରା) ରେ ସୁଷମା (ତୁଳନା) ଅଛି ତେଣୁ ତୁ ସୀତା, ରେ ସଖୀ ତୁ ବତିଶ ଲକ୍ଷଣର ସୀମା (ତୋପରି ବତିଶ ଲକ୍ଷଣ ଯୁକ୍ତା) ନାରୀ ନାହିଁ, ସୁତରାଂ ତୁ ସୁଲକ୍ଷଣ ସୀମା ରେ କାମପ୍ରଶୁ (କନ୍ଦର୍ପର ପରଶୁ) ତୋ ଭୁଜର ତୁଳନା ହୋଇଥିବାରୁ ତୁ କାମପ୍ରସୂ (ରୁକ୍ମିଣୀ) ।

୨୦—ଏ ହେତୁ ସେ ଓ ତୁ କୁହେଁ କାନ୍ତ ଓ କାନ୍ତାହୋଇ ଦବା ଜାଣି ନେବ । ଏହା ଶୁଣି ସୁନ୍ଦରୀ ପୁଲକିତା ହେଲା ତନୁ (ଦେହ) ଲତାରେ ରୋମାଞ୍ଚାଙ୍କୁରଯାଇ କଳିକା ଅଙ୍କୁର (ପ୍ରଥମ ଜାତ କଢ଼ି) ଜାତହେଲା ପରି ଦଶିଲା । ସେ ବାମା (ସ୍ତ୍ରୀ) ସହଜେ ଅନୁରାଗ ଧାମା (ସ୍ନେହର ଆଧାର) ଅତଏବ (ପୁଲକିତା ହେବାରୁ) ଗଦ୍‌ଗଦବାଣୀ ଜନ୍ମହେଲା, ପୁଣି ଚିତ୍ତରେ ବିଭ୍ରମା (ଉନ୍ମାଦନୀ) ହେଲା ।

୨୧—ଏହିସମୟରେ କୁସୁମିତ (ପୁଷ୍ପିତ) କୃତମାଲ (ସୁନାରୀ) ବୃକ୍ଷରେ କପୋତ ରୁତ (ଧ୍ୱନି) କରିବାରୁ କୃଶୋଦରୀ ସେ ବୃକ୍ଷପ୍ରତି ଦୃଷ୍ଟିକୃତ (ଦୃଷ୍ଟି କରି) ଦରୀଭୂତ (ଭୟଯୁକ୍ତ) ହୋଇ ଭାଷଇ-ରେ ମିତ ! ଏତ କାମର ପ୍ରତିହାରୀ (ପ୍ରହରୀ) ଦୁର୍ବା (ଦୁବ) ତୁଲ୍ୟ ଶ୍ୟାମଳ କାନ୍ତିକି ଅଙ୍ଗୀକାର କରିଛି, ମହାରଜତ (ସୁବର୍ଣ୍ଣ) ନିର୍ମିତ ଲଗୁଡ଼ (ଯଷ୍ଟି) ଧରିଛି, ଜଙ୍ଗଡାକରେ ରତ ହୋଇଛି । ସୁବର୍ଣ୍ଣ ଯଷ୍ଟିପରି ସୁନାରୀ ଫୁଲପେଣ୍ଡା ।

ଯେଣୁ ଅନଙ୍ଗ ସେ ତେଣୁ ଦିଶୁ ନାହିଁ ଚୂତ ନୂଆଳୀ ତା ବାଣ
ଗୁଣୁଁ ହେଲେ ଚ୍ୟୁତ ଆବଳୀ ହେଜ ମୁଁ ଅଜ କା ରହିବ ପ୍ରାଣ ।
ରେ ଅଳି ! ତନୁ କୋମଳେ ଶିରୀଷ ତୁଳି ।
ଯିବ ଈଷତ ମାନଙ୍କେ ଗଳି । କହ କେହ୍ନେ ହୋଇବ ସମ୍ଭାଳି ॥ ୨୨
ଏ ସମୟେ ଅଙ୍ଗେ ସୁମନ ପଡନେ ଚମକି ଭାବିଲି ମଲି ।
ପୁଷ୍ପିତ କିଂଶୁକପନ୍ତି ବିଲୋକିତ ମିଳିତ ମିଳିନ୍ଦ ମାଳୀ ।
ସେ ଭାଳି । ଏତ ସଧୂମ ଅନଳ ଜଳି ।
ଦେଲା ମୋ କେଳିବନ କି ଜାଳି । ଅଜ କାହିଁ ମୁଁ କରିବି କେଳି ॥ ୨୩
ଅକୂଳେ ରୁକୁ କୁକୁଳ ଝାଡ଼ିଦେଲି ବାତେ ସେ ରେଣୁ ପଡନେ ।
ସ୍ଫୁଲିଙ୍ଗେ ସ୍ଫୋଟକ ହେଲା ପରି ଘେନି ପୁଣି ଅନାଇଲି ସ୍ତନେ ।
ସେ ବାଳା । ଘେନି ତମାଳକୁ ମେଘମାଳା ।
ପିକରଡ଼ି ଘଡ଼ ଘଡ଼ି କଲି । ତାପ ନାଶେ ସେ ଦିଗକୁ ଗଲି ॥ ୨୪

୨୨—ଯେଣୁ ସେ କାମ ଅନଙ୍ଗ ତେଣୁ ଦିଶୁନାହିଁ ତାହାର ବାଣଚୂତ (ଆମ୍ରବକୁଳ) ଓ ନୂଆଳୀ ଦେଖାଯାଉଛନ୍ତି, ସେ ଆବଳୀ (ବାଣ ସମୂହ) ଗୁଣୁଁ (ଧନୁରୁ) ଚ୍ୟୁତ ହେଲେ ମୁଁ ହେଜୁଛି ମୋର କା ଅଜ ରହିବ ? ରେ ଅଳି ! ମୋହର ତନୁ (ଶରୀର) କୋମଳତାରେ ଶିରୀଷ ପୁଷ୍ପର ତୁଳି (ତୁଳନୀୟ) ତେବେ ଈଷତ୍ ମାନଙ୍କେ ଗଳିଯିବ କେହ୍ନ (କିପରି) ମୁଁ ସମ୍ଭାଳି ହୋଇବ ।

୨୩—ଏହି ସମୟରେ ଅଙ୍ଗେ ସୁମନ (ପୁଷ୍ପ) ପଡ଼ିବାରୁ ଚମକି ଉଠି କହିଲି ମୁଁ ମଲି, ପୁଣି ମିଳିନ୍ଦ ମାଳୀ (ଭ୍ରମର ପନ୍ତି)ରେ ମିଳିତ (ଯୁକ୍ତ) ପୁଷ୍ପିତ କିଂଶୁକପନ୍ତି (ପ୍ରସ୍ଫୁଟିତ ପଲାଶ ବୃକ୍ଷ ସବୁ) ବିଲୋକନ କରି ସେ ଭାବିଲି ଏତ ସଧୂମ (ଧୂଆଁ ସହ) ଅନଳ (ଅଗ୍ନି) ଜଳୁଛି, କିଏ ମୋ କେଳିବନକୁ ଜାଳିଦେଲା ମୁଁ ଅଜ କେଉଁଠାରେ କ୍ରୀଡ଼ା କରିବି । ଭ୍ରମରପନ୍ତି ଧୂମ ପଲାଶ କୁସୁମ ଅଗ୍ନି ।

୨୪—ବାତେ (ବାୟୁଯୋଗେ) ସେ ରେଣୁ (ପୁଷ୍ପରେଣୁ) ପଡ଼ନ୍ତେ ଅକୁଳ ଭାବରେ ରୁକୁ କୁକୁଳ (ବକ୍ଷସ୍ଥଳର ଲୁଗା)କୁ ଝାଡ଼ିଦେଲି ସ୍ଫୁଲିଙ୍ଗେ (ଅଗ୍ନିକଣାରେ) ସ୍ଫୋଟକ (ଫୋଟକା) ହେଲା ପରି ମନରେ ଏପରି ଘେନି ସ୍ତନକୁ ଅନାଇଲି ପୁଣି ସେ ବାଳା ତମାଳ ବୃକ୍ଷମାନଙ୍କୁ ମେଘମାଳା କରି ଘେନି ପିକରଡ଼ିକି ମେଘ ଘଡ଼ଘଡ଼ି କଲି, ଯେଉଁ ଦିଗରେ ତମାଳବୃକ୍ଷ ସେ ଦିଗକୁ ତାପନାଶ ନିମିତ୍ତ ଚାଲିଗଲି ।

ବଙ୍କସେନ ତରୁ ତରୁଣୀ ଅନାଇ ତାହା ନିଜ ନାମ କହୁ ।
ବୋଲେ ଯେବେ ତୁମ୍ଭେ ସାକ୍ଷାତେ ମିଳିଲ ଦମ୍ଭୋଳି ଭୟ ମୋ କାହିଁ ।
ସେ ଯୋଷା । ଭଳି କହିବାରେ ମୃଦୁଭାଷା ।
ମିତ୍ର ଶ୍ଳେଷ ହୋଇଅଛି ମିଶା । ସଙ୍ଗେ ଗୋଡ଼ାଇଛନ୍ତି ବୟସ୍ୟା ॥ ୨୫
ଦେଖାଇ ଫୁଲ ମନ୍ଦାର ଭଣେ ମାର ନିଶି ଅଖେଟକୁ ସର୍ଜି ।
ମଧୁ-ଶିରେ ଦେଇ ଜ୍ୱଳିତ ହସନ୍ତି ମୁଁ ହରିଣୀ ମୋତେ ଖୋଜି ।
ସେ ରସ । ଯେଣୁ ନୃପସୁତ ଦଣେ ଦଶି ।
ବୀର ଶାର୍ଦ୍ଦୂଳ ହେଲେଣି ଆସି । ପଳା ଧନୁ ଅଗ୍ନ ଥୋଇ ଭାଷି ॥ ୨୬
ଭ୍ରୂଭଙ୍ଗିନୀ ଯୋଗଭଙ୍ଗିନୀରେ ପ୍ରିୟସଙ୍ଗିନୀ ରଚେ ଭାରତୀ ।
ରାଜାତନୁଜା କୁସୁମରଜା ତୁ ଲଜ୍ଜାବନ୍ତୀ ହୋଇ ଏକ ସ୍ଥିତି ।
ରେ ମିତ । ମନ୍ତ୍ର ପୀରତି ବେନି ଗୁପତ ।
ତେବେ ବାଞ୍ଛିତ କାର୍ଯ୍ୟ ପ୍ରାପତ । ଜଣାଗଲେ ସରବ ମହତ ॥ ୨୭

୨୫—ବଙ୍କସେନ ତରୁ (ଅଗସ୍ତିବୃକ୍ଷ)କୁ ତରୁଣୀ ଅନାଇ ତାହାର (ଅଗସ୍ତିବୃକ୍ଷର) ନିଜନାମ (ଅଗସ୍ତିଋଷି?) କହୁ ହୋଇ ବୋଇଲା-ଯେବେତୁମ୍ଭେ ସାକ୍ଷାତରେ ଆସି ମିଳିଲ ତେବେ ମୋର ଦମ୍ଭୋଳି (ବଜ୍ର) ଭୟ କାହିଁ । ସେ ଯୋଷା ଭଳି (ଭ୍ରମହୋଇ) ମୃଦୁଭାଷା (କୋମଳବାଣୀ) କହିବାରେ ମିତ୍ରମାନଙ୍କର ଶ୍ଳେଷବାଣୀ (ଭଙ୍ଗିବଚନ) ମିଶା ହୋଇଛି ? ବୟସ୍ୟା (ସଖୀମାନେ) ସଙ୍ଗରେ ଗୋଡ଼ାଇଛନ୍ତି । ଅଗସ୍ତିଋଷିଙ୍କ ନାମସ୍ମରଣରେ ବଜ୍ରଭୟଦୂରହୁଏ ।
୨୬—ସେ ସୁନ୍ଦରୀ ମନ୍ଦାର ଫୁଲକୁ ଦେଖାଇ ଭଣିଲା—ମୋର ନିଶି ଅଖେଟକୁ (ରାତିରେ ଅଗ୍ନିଜାଳି ପାରିଧି କରିବାକୁ) ସର୍ଜି ମଧୁଶିରେ (ବସନ୍ତ ମସ୍ତକରେ) ଜ୍ୱଳିତ ହସନ୍ତି (ଜଳନ୍ତା ଉହ୍ମାଇ) ଦେଇ ମୁଁ ହରିଣୀ (ସୁବର୍ଣ୍ଣ ପ୍ରତିମା ସ୍ୱରୂପା ସୁତରାଂ ମୃଗୁଣୀ) ମୋତେ ମାରିବାକୁ ଖୋଜୁଛି । ଯେଣୁ ସେ ନୃପସୁତଠାରେ ରସିଥିଲା ତେଣୁ ଦଣେ (ସେ ଦଣ୍ଡରେ) ରାଜପୁତ୍ର ଦେଖାଯିବାରୁ ଭାଷିଲା—ବୀର ଶାର୍ଦ୍ଦୂଳ (ବୀର ଶ୍ରେଷ୍ଠ ରାଜପୁତ୍ର) ଶାର୍ଦ୍ଦୂଳ (ବ୍ୟାଘ୍ର) ସେ ଆସି ପ୍ରବେଶ ହେଲେଣି, ଅତଏବ ରେ କମ ! ତୁ ଧନୁ ଅଗ୍ନି ଥୋଇ ପଳା । ମନ୍ଦାର ଫୁଲ ଜ୍ୱଳନ୍ତା ଉହ୍ମେଇ ପରି ।
୨୭—ଭ୍ରୂଭଙ୍ଗିନୀ (କଟାକ୍ଷ ଗୃହୁଗ୍ରଶୀଳା)ଯୋଗଭଙ୍ଗିନୀ (ଯୋଗଧ୍ୱଂସିନୀ) ସୁନ୍ଦରୀ ପ୍ରତି ପ୍ରିୟସଙ୍ଗିନୀ ଏହି ଭାରତୀ (ବାଣୀ) ରଚନା କଲା—ତୁ ରାଜତନୁଜା (ରାଜକନ୍ୟା) କୁସୁମରଜା (ପ୍ରାପ୍ତବୟସ୍କା) ଲଜ୍ଜାବତୀ ହୋଇ ତୋର ଏକ ନିର୍ଲ୍ଲଜା ସ୍ଥିତି । ରେ ମିତ । ମନ୍ତ୍ର ଏବଂ ପ୍ରୀତି ଏ ବେନିକି ଗୁପ୍ତରଖିଲେ ବାଞ୍ଛିତ କାର୍ଯ୍ୟପ୍ରାପ୍ତ ହୁଏ । ତୋର ଏ କଥା ଜଣାଗଲେ ମହତ ସରବ ।

ଭୂତି ଜନମାଇ ଦେବାରୁ ସେ ସିତ ଅଚ୍ଛନ୍ନ କରେ ସୁନ୍ଦରୀ ।
ଅନାବୃତେ ଖ୍ୟାତ ବାସ ଘୋଡ଼ାଇଲେ ତୁଙ୍ଗ ପୟୋଧର ପରି ।
ସେ ଯୋଷା । ବୃଦ୍ଧି କରଇ ବିରହ ଦଶା ।
ଦେଇ କୁମାରେ ନିରତେ ଅଶା । ଦୂର କରଦେଲା କ୍ଷୁଧା ତୃଷା ॥ ୨୮
କୁମର ମାର ମାରଣେ ତାପୀ ହୋଇ କୁମାରୀ ଦର୍ଶନ ଘୋଷି ।
ପ୍ରତିକ୍ଷଣେ ଯେଝଣେ ଗୃହିଁଲେ ଈକ୍ଷଣେ ଯେଣୁ ତା ପ୍ରସନ୍ନ ଦଶି ।
ସେ ସତ । ମଣି ଗୂଢ଼ ଭଣି ଭ୍ରମଚିତ୍ତ ।
ଆର ଛାନ୍ଦେ ତା ହେବ ରଚିତ । ଚଉତିଶାରେ ଯମକ ଯୁତ ॥ ୨୯
କହେ ଉପଇନ୍ଦ୍ର ମୋ ପ୍ରଭୁ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ ।
ଜାତ କଲେ କ୍ଷୀରାର୍ଣ୍ଣବୁଁ ସୁଧା ମୋର ଗୀରାର୍ଣ୍ଣବୁଁ ରସଗୀତ ।
ସେ ସତ । ସେ ବିବୁଧ ଏ ବୁଧ ରଞ୍ଜିତ ।
ଦୈତ୍ୟ ଖଳରେ ଅଧରଷିତ । ଯେ ଗ୍ରାସିବ ହେବ ରାହୁ ମତ ॥ ୩୦

୨୮—ଭୂତି (ଭସ୍ମ) ଜନ୍ମାଇ ଦେବାରୁ ସୁନ୍ଦରୀ ସେ ସିତକୁ ଅଚ୍ଛନ୍ନ କଲା (ଘୋଡ଼ାଇ ପକାଇଲା), କିନ୍ତୁ ସେ ସିତ ବାସ (ବସ୍ତ୍ର) ଘୋଡ଼ାଇଲେ ମଧ୍ୟ ତୁଙ୍ଗପୟୋଧର (ଉନ୍ନତ ସ୍ତନ) ଦେଖାଗଲା ପରି ଅନାବୃତେ ଖ୍ୟାତ ହେଲା । ସେ ଯୋଷା ବିରହଦଶାକୁ ବୃଦ୍ଧି କରାଇଲା, କୁମାର ଠାରେ ନିରତେ ଅଶାରଖି କ୍ଷୁଧା ତୃଷା ଦୂରକରି ଦେଲା ।

୨୯—କୁମାର ପ୍ରତିକ୍ଷଣରେ ଯେତେ ଈକ୍ଷଣେ (ନୟନରେ) ଗୃହିଁଲେ ତା (ସେ ସୁନ୍ଦରୀର) ପ୍ରସନ୍ନରୂପେ ଦେଖାଯାଉଛି, ତେଣୁ ସେ ସତମଣି ବିଭ୍ରମ-ହୋଇ ଗୂଢ଼କଥା ଭଣୁଛି, ଆର ଛାନ୍ଦରେ ସେ ସବୁ ଗୂଢ଼ବାଣୀ ପ୍ରକାଶ ପାଇବ । ସେ ଛାନ୍ଦ ୩୪ ପଦ ଓ ଯମକ ଯୁକ୍ତ ।

୩୦—ଉପେନ୍ଦ୍ର ଭଞ୍ଜ କହଇ, ମୋ ପ୍ରଭୁ ଶ୍ରୀରାମ ସାକ୍ଷାତ୍ ବୈକୁଣ୍ଠନାଥ, ସେ ପ୍ରଭୁ କ୍ଷୀରସାଗରରୁ ସୁଧାପରି ମୋ ଗିରାର୍ଣ୍ଣବରୁ ରସଗୀତ ଜାତକଲେ ଏହାସତ ଅଟେ । ସେ ସୁଧା ବିବୁଧ (ଦେବ) ରଞ୍ଜିତ ଏ ବୁଧ (ପଣ୍ଡିତ) ରଞ୍ଜିତ । ସେ ଦୈତ୍ୟମାନଙ୍କ ଦ୍ୱାରା ଧର୍ଷିତ ହୋଇନାହିଁ, ଏ ଗୀତ ମଧ୍ୟ ଖଳଲୋକ ଦ୍ୱାରା ଧର୍ଷିତ (ଅବମାନିତ) ନୁହେ । ଯେଉଁ ଲୋକ ଏ ଗୀତକୁ ଗ୍ରାସ କରିବ ସେ ରାହୁ ପରି ହେବ । (ସୁଧାପାନରେ ରାହୁର ଶିରଚ୍ଛେଦନ ହେଲାପରି ତାହାର ଦୋଷଦିଆ ଯୁକ୍ତି ଖଣ୍ଡିତ ହେବ)

ସପ୍ତଦଶ ଛାନ୍ଦ

ରାଗ—କାଳୀ

କମଳଗହଣେ କମଳ ଗଣେ ମରୀଚିକାକୁ ଯଥା ।
କାମିନୀ-ରତ କାମୀ ନିରତ ଦଶେ ଦିଶନ୍ତେ ତଥା ॥ ୧

କ୍ଷିତିରେ ଆସ କ୍ଷିତିରେ ଅଶ ତୋତେ ଏ ଗୃହ୍ଣୁ ଭାଷେ ।
କ୍ଷଣ ରୁଚିର କ୍ଷଣ-ରୁଚିର ପ୍ରାୟେ କ୍ଷୀଣ କି ବାସେ ॥ ୨
ଖର-କରଜା ଖରକର ଜା-ବୀଚି-କୁଞ୍ଚିତ-କେଶି ।
ଖଣ୍ଡ ପରଶୁ ଖଣ୍ଡ ପରଶୁ-ପର-ତାପକୁ ହସି ॥ ୩
ହରିତବାସୀ ହରିତ ବାସୀ ହୋଇ ନ ଆସୁ ପାଶ ।
ହର ସୁମତି ହର ସୁମତି କଳଙ୍କୀ ଶଶୀ ଦେଖ ॥ ୪

୧—ଯେପରି କମଳଗଣେ (ମୃଗପାନେ) ମରୀଚିକାକୁ କମଳ (ଜଳ) ଗଣେ (ଜ୍ଞାନକରନ୍ତି) ସେହିପରି କାମିନୀ ରତ (କାମିନୀ ସ୍ନେହୀ) କାମୀ ରାଜପୁତ୍ର ଦଶେ (ଦଶମାନଙ୍କରେ) ଦିଶନ୍ତେ (ସୁନ୍ଦରୀରୂପ ଦେଖାଯାଅନ୍ତେ) ସେ ରୂପକୁ ସତ ମନେ କଲେ ।

୨—ରାଜପୁତ୍ର ଏହିପରି ଗୃହ୍ଣୁକଥାଭାଷେ କ୍ଷିତିରେ (ପୃଥିବୀରେ) ତୋତେ ମୋର ଅଶ, ତୁ କ୍ଷିତିରେ (ଭୂମିରେ) ଚାଲି ମୋ ପାଖକୁ ଆସ । କି ବାସେ (କି ହେତୁରୁ) କ୍ଷଣରୁଚିର (ବିଜୁଳୀ) ପରି ରୁଚିର (ମନୋହର) ରୂପକୁ କ୍ଷଣମାତ୍ରକେ କ୍ଷୀଣ କରୁଛୁ ।

୩—ରେ ଖର କରଜା (ତୀକ୍ଷ୍ଣ ନଖରୀ) ରେ ଖର କରଜା ବୀଚିକୁଞ୍ଚିତ କେଶି ଖରକର ସେ ସୂର୍ଯ୍ୟ ତାହାଙ୍କଠାରୁ ଜାତ ହୋଇଥିବା ଯମୁନାର ବୀଚି (ଲହରୀ) ପରି କୁଞ୍ଚିତ କେଶ ଯାହାର, ତୁ ହସି ପରଶୁ (ସ୍ପର୍ଶକର) ଖଣ୍ଡ ପରଶୁ (ମହାଦେବଙ୍କର) ପର (ଶତ୍ରୁ କାମର] ତାପକୁ ଖଣ୍ଡ (ଖଣ୍ଡନ କର) ।

୪—ରେ ହରିତବାସୀ (ନୀଳବସନା) ତୁ ହରିତ(ଦିକ୍) ବାସୀ ହୋଇ (ଦିଗମାନଙ୍କରେ) ଦେଖାଦେଇ ପାଖକୁ ଆସୁନାହଁ, ରେ ସୁମତି (ବୁଦ୍ଧି ମତି) ଦେଖ କଳଙ୍କୀ ଶଶୀ ହର (କାରଣ) ଦ୍ୱାରା ମୋ ସୁମତି (ଭଲବୁଦ୍ଧିକି) ହର (ହରଣ କରୁଛି)

ଗଉରୀ-ବର-ଗଉର ବରନିତମ୍ବା ବିମ୍ବାଧରୀ ।
ଗଉରୀ-ବର ଗଉରୀ ବର କୃପାରୁ ମୁଁ ତୋହର ॥ ୫
ସାରସଦୃଶା ସାର ସଦୃଶା କାହିଁ ପାଇବା ଗୁଣେ ।
ସୁମନାବର ସୁମନାବରପୁରେ ନ ଥିବ ଜଣେ ॥ ୬
ଘନକେଶିନି ଘନ କେଶିନୀ-ସୂଦନ ସେବିଥିଲି ।
ଘନ ରସରେ ଘନରସରେ ଚାତକ ପ୍ରାପ୍ତ ହେଲି ॥ ୭
ଷଡ଼ଜ ତନୁ ଷଡ଼ଜ ତନୁ ପୁନଃପୁନଃ ମୁଁ ବୋଲି ।
ଷଡ଼ଜଜନିତ ଷଡ-ଜନିତ ବାହନ କଲେ ମଲି ॥ ୮
ନାଗରୀ-ପୁର ନାଗ-ରିପୁର ଗରବହାରୀ କଟି ।
ନତନୁ ମତେ ନ-ତନୁ ମତେ କରିବା ଅର୍ଥେ ଘୋଟି ॥ ୯
ଶୁଭ୍ର-କିରଣ ଶୁଭ୍ର କିରଣ ପତନ ସୁଧାପୁର ।
ଶୟନ କର ଶୟନ କରିବାରେ ମୁଁ ଦେବି ଉର ॥ ୧୦

୫—ରେ ଗୌରୀବର ଗୌର (ଗୋରୋଚନା ଶ୍ରେଷ୍ଠ ପରି ଗୌରାଙ୍ଗୀ)ବର ନିତମ୍ବା ବିମ୍ବାଧରି । ଗୌରୀବର (ଶିବ) ଏବଂ ଗୌରୀ (ପାର୍ବତୀ)ଙ୍କ କୃପାରୁ ମୁଁ ତୋହର ବରଯୋଗ୍ୟ ହୋଇଛି ।

୬—ରେ ସାରସ-ଦୃଶା (ପଦ୍ମନେତ୍ରା) ସାରସ (ପଦ୍ମ) ଦୃଶ (ନେତ୍ରୀ) ସାର (ଶ୍ରେଷ୍ଠଗୁଣ) ରେ ତୋ ସଦୃଶା (ସମାନ) ଅଜି କାହିଁ ପାଇବା । ରେ ସୁମନାବର (ରମଣୀମଣି) ସୁମନାବର ପୁରେ (ଇନ୍ଦ୍ରପୁରେ) ତୋ ସମାନ ଜଣେ ନଥିବ ।

୭—ରେ ଘନକେଶିନି ଘନ (ଦୃଢ଼ ଭାବରେ) କେଶୀ ସୂଦନ (କେଶୀହନ୍ତା, କୃଷ୍ଣଙ୍କୁ) ସେବିଥିଲି । ଘନରସରେ (ମେଘଜଳରେ) ଚାତକ ପରି ତୋ ଘନ (ନିବିଡ଼) ରସରେ ଆଶାୟୀ ହେଲି ।

୮—ତୋ ବିଚ୍ଛେଦରେ ମୋ ତନୁ (ଦେହ) ସଡ଼ିଲା ସଡ଼ିଲା ବୋଲି ମୁଁ ପୁନଃ ପୁନଃ କହୁଛି ଜଡ଼ଜନିତ (କାର୍ତ୍ତିକେୟ, ତାହାଙ୍କର ଛମାତା) ଙ୍କର ବାହନ (ମୟୂର) ଷଡ଼ ଜନିତ (ଷଡ଼୍‌ଜ ସ୍ୱର) କଲେ ମୁଁ ମଲି ।

୯—ରେ ନାଗରୀପୁର (ନାଗରୀମାନଙ୍କର ଅଗ୍ର ଗଣ୍ୟା) ତୋହର କଟି ନାଗରିପୁ (ସିଂହ)ର ଗର୍ବହାରି । ନତନୁ (ଅନଙ୍ଗ) ମତ୍ତହୋଇ ମତେ ନତନୁ (ବିନାଶ) କରିବା ଅର୍ଥରେ ଘୋଟିଛି ରକ୍ଷାକର ।

୧୦—ଶୁଭ୍ରକିରଣ (ଚନ୍ଦ୍ର)ର ଶୁଭ୍ର (ଶୁକ୍ଳ) କିରଣ ପଡ଼ିଥିବା ସୁଧାପୁର (ଚୂର୍ଣ୍ଣଲିପ୍ତ ଗୃହରେ) ମୁଁ ଶୟନକର ତୋ ଶୟନ ନିମିତ୍ତ ମୋ ଉର (ବକ୍ଷଃସ୍ଥଳ) କୁ ଦେବି ।

ଚନ୍ଦ୍ରମା ଭାନୁ ଚନ୍ଦ୍ରମା ଭାନୁ ସମାନ ତାପୁଅଛୁ ।
ଚରିତଶୀଳା ଚରିତେ ଶିଳା ହେବାର ନୋହେ କିଛୁ ॥ ୧୧
ବାସନ୍ତୀଅଳୀ ବାସନ୍ତୀ ଅଳି ପରି ଗୁନ୍ଥିବି ତୋଳି ।
ବାରେକ ବରିବାରେ କବରୀ ହେବି ପବିତ୍ର ବାଳି ॥ ୧୨
ଛନ୍ଦ ନ କର ଛନ୍ଦନ କର କର ଗଳାରେ ମୋର ।
ଛଡ଼ା-ସୁମନ ଛଡ଼ା ସୁମନତାପ କରିବି ହାର ॥ ୧୩
ଲକ୍ଷ୍ୟ ରସାଳ ଲକ୍ଷ୍ୟ ରସାଳ ହୃଦରେ କମ୍ପା ଧରୁ ।
ଲଳିତ-ଅଙ୍ଗି ଲଳିତ ଅଙ୍ଗୀକାର କଲି ଉତ୍ତରୁ ॥ ୧୪
ଜୀବନ ବିନା ଜୀବ ନବୀନା ମୀନ କି ଧରି ପାରେ ।
ଜଗତୀ ମଣ୍ଡ ଜଗତୀ-ମଣ୍ଡନା ତୁ ମୋ ସଙ୍ଗେ ବାରେ ୧୫
ରସାଳସିରେ ରସାଳଶିରେ କରେ କୋକିଳ ଘୋଷ ।
ରତି-ରତନ ରତି ରତନସୁଚେଶି ହୋଇ ତୋଷ ॥ ୧୬

୧୧—ତୋ ବିଚ୍ଛେଦରେ ଚନ୍ଦ୍ରମାର ଭାନୁ (କିରଣ) ଓ ଚନ୍ଦ୍ରମା [କର୍ପୂର] ଭାନୁସମାନ (ସୂର୍ଯ୍ୟ ତୁଲ୍ୟ) ତାପୁଅଛୁ । ରେ ଚରିତଶୀଳା (ଶୁଦ୍ଧସ୍ୱଭାବା) ଏ ଅବସ୍ଥାରେ ଚରିତେ (ଆଚରଣରେ) ଶିଳା [ପ୍ରସ୍ତର ତୁଲ୍ୟ ନିଷ୍ଠୁର] ହେବାର କିଛି ଭଲ ନୁହେ ।

୧୨—ମୁଁ ତୋହର ବାସନ୍ତ ଅଳୀ (ଭଲପାଉଥିବା ସଖୀ) ପରି ବାସନ୍ତୀ ଅଳି (ବସନ୍ତ କାଳୀନ ପୁଷ୍ପସମୂହ) ତୋଳି ଗୁନ୍ଥିବି । ରେ ବାଳି । ତୋ କବରୀ (କେଶ) ବାରେକ (ଥରେ) ବରିବାରେ (ମଣ୍ଡନ କରିବା ଦ୍ୱାରା) ମୁଁ ପବିତ୍ର ହେବି ।

୧୩—ରେ ସୁନ୍ଦରି । ମୋଠାରେ ଛନ୍ଦ (କପଟ) କରନା । ମୋ ଗଳାରେ କରକୁ ଛନ୍ଦନକର । ମୋ ସୁମନ ତାପ (ମନୋବେଦନା) କୁ ଛଡ଼ାଅ । ଛଡ଼ା ସୁମନ (ଛଡ଼ା ପୁଷ୍ପ) କୁ ମୁଁ ହାର କରିବି ।

୧୪—ରେ ଲଳିତ ଅଙ୍ଗି । (କୋମଳାଙ୍ଗି) ଲଳିତ (ସୁନ୍ଦର) ରୂପେ ଅଙ୍ଗୀକାର କଲି ଉତ୍ତରୁ ରସାଳ (ସରସ) ହୃଦୟରେ ରସାଳ (ଅମ୍ବ) ଲକ୍ଷ୍ୟ (ତୁଲ୍ୟ) ଲକ୍ଷ୍ୟ (ଗୃତ୍ସକ) କମ୍ପା ଧରିଛୁ ଅମ୍ବ ପରି ଗୃତ୍ସ ଅନ୍ତରରେ କାଠିନ୍ୟ ।

୧୫—ରେ ନବୀନା । ଜୀବନ (ଜଳ) ବିନା ମୀନ ଜୀବ ଧରିପାରେ କି ? ରେ ଜଗତୀ ମଣ୍ଡନା । (ସଂସାର ମଣ୍ଡନା) ତୁ ବାରେ ମୋ ସଙ୍ଗରେ ଜଗତୀ (ଅଟ୍ଟାଳିକା) କୁ ମଣ୍ଡନକର ।

୧୬—ରେ ରସାଳସି । ରସାଳ ଶିରେ (ଅମ୍ବ ବୃକ୍ଷ ଉପରେ କୋକିଳ) ଘୋଷ (ଶବ୍ଦ) କରଇ ଏ ସମୟରେ ରେ ରତ୍ନ ସୁଚେଶି । (ଅଷ୍ଟରତ୍ନ ମଣ୍ଡିତା) ମୁଁ ଦରିଦ୍ର ମୋତେ ରତି (ସ୍ନେହ) ରେ ରତିରତ୍ନ ଦେଇ ତୋଷକର ।

ଝଲଙ୍କାଜତ ଝଲଙ୍କା ଉତ୍ତଂସକୁ କର କି ମଜା ।
ଝଳସୁବର୍ଣ୍ଣା ଝଲ ସୁବର୍ଣ୍ଣାବଳୀ ଘଣ୍ଟିକ ବଜା ॥ ୧୭
ଯୁତବିଳାସ ଯୁତ ବିଳାସବତି ହୋଇବା ଯାମେ ।
ଯୁବାକୁ ରଙ୍ଗେ ଯୁବାକୁରଙ୍ଗେ କର ନ ବନ୍ଧା କାମେ । ୧୮
ନୀଳ ଲୋହିତ ନୀଳ-ଲୋହିତ ଶୁଭ୍ର ନୟନେ ମୋହୁ ।
ନିଗମ ବନ ନିଗମ-ବନବାସୀ କମ୍ପିବେ ଗୁହୁଁ ॥ ୧୯
ମତ୍ତେଭଗତି ମତେ ଭଗତ ଘେନ ନିର୍ଭୟ କର ।
ମାନସ ମାନ ମାନ ସମାନ ନୋହିଲେ ମୁଁ ତୋହର ॥ ୨୦
ଠେକ-ଆନନ ଠେକ ଆନ ନ ବାଞ୍ଛା ପରାଣସହି ।
ଟିକାଏ ରସ ଟୀକାଏ ରସଶାସ୍ତ୍ରର ପଢ଼ି ତୁହି ॥ ୨୧
ଭାବବତୀଶ ଭାବ ବତ୍ସଲକ୍ଷଣା କର୍ତ୍ତା ପର
ଭଲ୍ଲ ମନକୁ ଭଲ ମନକୁ ଗୁହାଣି ହାସେ ଧର ॥ ୨୨

୧୭—ଝଲଙ୍କା ଉତ୍ତଂସକୁ (ଝରା ଲାଗିଥିବା ଶିରେ ଭୂଷଣକୁ) କି ମଜା କର ଝଲଙ୍କାଜ (କମ୍ପାଜ) ତାରେ ଝଳ ସୁବର୍ଣ୍ଣା । (ଝଟକ କାନ୍ତି) ଝଳ ସୁବର୍ଣ୍ଣା ବଳୀ (ଝଟକ ସୁବର୍ଣ୍ଣ ସମୂହରେ ନିର୍ମିତ) ଘଣ୍ଟିକ ବଜା । (ଉପ-ଯୋଗ ପ୍ରାର୍ଥନା) ।

୧୮—ରେ ବିଳାସ-ବତି (ବିଳାସିନି) । ଯୁତ ବିଳାସରେ (ଯୁଗ୍ମ କ୍ରୀଡ଼ାରେ) ଯାମେ (ପ୍ରହରେ) ଯୁତ (ଯୁକ୍ତ) ହୋଇବା । ଏ ଯୁବାକୁ (ମୋତେ) ରଙ୍ଗେ (କୌତୁକରେ) ଯୁବାକୁ ରଙ୍ଗ କର କାମେ (କାମ ବ୍ୟାଧ ହାତରେ) ବନ୍ଧାନା ।

୧୯—ତୁ ନୀଳ ଲୋହିତ ଶୁଭ୍ର (କଳା, ନାଲି, ଓ ଶୁକ୍ଳବର୍ଣ୍ଣ ଯୁକ୍ତ) ନୟନରେ ନୀଳ ଲୋହିତ (ଶିବ)ଙ୍କୁ ମୋହିତ କରୁ । ନିଗମ (ବେଦ) ଯେଉଁ-ମାନଙ୍କ ହୃଦୟରେ ବନ (ବାସ) କରନ୍ତି ସେହି ନିଗମ ବନବାସୀ (ଗହନ କ ନନ ବାସୀ ଋଷିମାନେ) ମୋତେ ଗୁହୁଁ କମ୍ପିବେ ।

୨୦—ରେ ମତ୍ତେଭଗତି (ମତ୍ତଗଜଗାମିନି) ମୋହର ଭଗତ (ଭକ୍ତ) ଘେନି ମତେ ନିର୍ଭୟ କର । ମାନସରେ ଏ କଥାକୁ ମାନ ମୁଁ ମାନରେ ତୋ ସମାନ ନୋହିଲେହେଁ ତୋହର ଅଟେ ।

୨୧—ରେ ପ୍ରାଣସହି । ତୋହର ଠେକ ଆନନ (ଶ୍ରେଷ୍ଠ ମୁଖକୁ) ଠେକ, ମୋହର ଆନ ବାଞ୍ଛା ନ (ନାହିଁ) । ତୁ ପଢ଼ି ରସଶାସ୍ତ୍ରରେ ଗୋଟିଏ ଟୀକା ? ତେଣୁ ମୋ ସଙ୍ଗରେ ଟିକାଏ (ଅଳ୍ପକ୍ଷଣ ମାନ) ରସରେ ରସ ।

୨୨—ରେ ଭାବବତୀଶ (ପ୍ରୀତିବତୀମାନଙ୍କମଧ୍ୟରେ ଈଶ—ଶ୍ରେଷ୍ଠା) । ବତ୍ସଲକ୍ଷଣା ତୁ ଏ କଥାକୁ ମନରେ ଭାବ—ତୁ କର୍ତ୍ତା (ବିଧାତା) ପର, ଭଲ୍ଲ (ଭଲ୍ଲାସ୍ତ୍ର)

ଠିକେ କାରତ ଠିକେ କା ରତ ଜାତ ବର୍ତ୍ତୁଳ କୁଚେ ।
ଠକାର ପର ଠକାର ପରହର ନ ପାରୁ ନିଷ୍ଠେ ॥ ୨୩
ବରବର୍ଣ୍ଣିନା ବର ବର୍ଣ୍ଣନା କରୁଁ ଏ ଉଣା ତୋତେ ।
ବାଣକୁ ମାର ବାଣ କୁମାରୀ-ପତିଜନକ ମୋତେ ॥ ୨୪
ଡାଳିମ୍ବ-ବୀଜ ଡାଳିମ୍ବ-ବି-ଜ ଦନ୍ତକୁ ସମ ନୋହି ।
ତୋଳାପ୍ରତିମା ତୋଳା ପ୍ରତିମା ଘଉଡ଼ି ହେଲୁ ତୁହି ॥ ୨୫
ଫଳ କଳପ ଫଳ କଳପତରୁ ତୁ ଯା ମନାସି ।
ଫୁଟେ ହୃଦୟ ଫୁଟେ ହୃଦୟ କରରେ ମଦାଳସି ॥ ୨୬
ତାଳେ ବଗୁର ତାଳେ ବଗୁରଦଶନ ବେଳୁଁ କରେ ।
ଢଳହଳ ମୁଁ ଢଳହଳ ମୁଁ ନୟନେ ଅଶ୍ରୁ ଧରେ ॥ ୨୭

ଗୁଣକୁ ଗୃହାଁଣିରେ, ଓ ମନ୍ଦ (ମୃଦୁ) ଗୁଣକୁ ହାସରେ ଧର ଭଲ ମନ୍ଦ ଉଭୟ କରିପାରୁ ।

୨୩—ଠିକରେ (ସ୍ଥୂଳରେ) ପ୍ରକାଶ ପାଉଥିବା ତୋହର ଶୋଭା କାନ୍ତିଁ ଆଗରେ ରତି ଠକେ କି ? (ରହିପାରେ କି ?) ତୋ ହୃଦରେ ଠକାରପର ବର୍ତ୍ତୁଳ କୁଚେ ଜାତ ହୋଇଛନ୍ତି, ଏଣୁ ତୁ ଠକାର (ଠକପଣ) ପରିହର (ଛାଡ଼ି) ନ ପାରୁଛୁ, ମୋତେ ଠକୁଛୁ ।

୨୪—ରେ ବରବର୍ଣ୍ଣିନା ! ବର (ଶ୍ରେଷ୍ଠ) ବର୍ଣ୍ଣନାକୁ ମୁଁ କରୁଁ ତୋଠାରେ ତାହା ଉଣା ହେଲା, ଏଣୁ ମତେ ବାଣ କୁମାରୀ ପତି ଜନକ (କାମ) ବାଣକୁ ମାରୁଛି । ବାଣକୁମାରୀ (ଉଷା) ତାହାର ପତି (ଅନିରୁଦ୍ଧ) ତାହାର ଜନକ (କାମ) ।

୨୫—ଡାଳିମ୍ବବୀଜ (ଡାଳିମ୍ବମଞ୍ଜି) ଡାଳିମ୍ବ—ବି—ଜ (ଡାଳିମ୍ବ ଯେ ଶାମୁକା ତହିଁରୁ ବି-ବିଶେଷରେ ଜ-ଜାତ-ମୁକ୍ତା) ତୋ ଦନ୍ତକୁ ସମ ନୁହଇ । ମୋ ତୋଳାପ୍ରତିମାକୁ ଘଉଡ଼ିଦେଇ ତୁ ମୋ ତୋଳାକୁ ପ୍ରତିମା ହେଲୁଣି, ତୋ ଛଡ଼ା ଆଉ କିଛି ମୋତେ ଦିଶୁନାହିଁ ।

୨୬—ତୁ କଳ୍ପତରୁ, ମୁଁ ଯାହା ମନାସିଛି ସେ କଳ୍ପଫଳ (ବାଞ୍ଛାରୂପ ଫଳ) କୁ ତୁ ଫଳ (ବାଞ୍ଛାସିଦ୍ଧ କର) । ରେ ମଦାଳସି ତୋ ହୃଦୟକୁ ଫୁଟାଅ (ମୋଠାରେ ଅନୁରାଗିଣୀ ହୁଅ) ।

୨୭—ତୋହର ଦର୍ଶନ ବେଳୁଁ ମୁଁ ତାଳେ (ନିଶ୍ଚୟ ରୂପେ) ଏହି ବଗୁର କରଇଁ ଆଉ ମୋର ଗତିନାହିଁ, ତୁ ତାଳେ ବଗୁର (ଥରେ ମୋ ପ୍ରତି ସୁବଗୁର କର (ତୋ ବିଚ୍ଛେଦରେ ମୁଁ ଢଳହଳ (ଠେଲଠେଲ) ହେଉଛି ଏବଂ ଢଳହଳ ଅଶ୍ରୁକୁ ନୟନରେ ଧରୁଛି ।

ପଦେ ଶରଣ ପଦେ ଶରଣ-ବତ୍ସଳା ବାଣୀ ଭଣ ।
ପୁଷ୍ପ ମାର୍ଗଣ ପୁଷ୍ପ-ମାର୍ଗଣ ଦଣ୍ଡୁ ରଖିଲ ପ୍ରାଣ ॥ ୨୮
ଅନ୍ତରଗତେ ଅନ୍ତର ଗତେ କି ଭାବ ପାଶେ ଅସି ।
ଅନାକୁଳରେ ଅନା କୂଳରେ ଭେଳା ଯାଉଛି ଭାସି ॥ ୨୯
ମାରଣକରୁ ମାରଣ କରୁଣାର ବୃକ୍ଷେ କି ଫଳେ ।
ନୂତନା ହୃତ ନୁତ ନାହିଁତ ସମାନ ତୋହ ତୁଲେ ॥ ୩୦
ତାରକ ମଣି ତାରକ-ମଣି-ହାସୀକି ମୋ ଭରସା ।
ତାର ତରଳୁଁ ତାର ତରଳୁଁ ଅଧିକ ହେବୁ ଯୋଷା ॥ ୩୧
ଧନନିଚୟ ଧନ ନିଶ୍ଚୟ ଯେବେ ମୁଁ ନ ପାଇବ ।
ଧନି ରସାରେ ଧନୀର ସାରେ କେମନ୍ତେ ବୋଲାଇବ ॥ ୩୨

୨୮—ରେ ଶରଣ ବତ୍ସଳା ! ତୋ ପଦରେ ଶରଣ ଗଲି, ପୁଷ୍ପମାର୍ଗଣ (କାମ) ର ପୁଷ୍ପମାର୍ଗଣ (ଫୁଲଶର) ଦଣ୍ଡରୁ ତୋ ପ୍ରାଣ ରଖିଲ ବୋଲି ପଦେ ବାଣୀ ଭଣ (କହ) ।

୨୯—ତୁ ପାଶେ ଅସି, ଅନ୍ତର୍ଗତେ କି ଭାବ ଅନ୍ତର ହୋଇ ଗତେ (ଯାଉଛୁ) । ଅନାକୁଳରେ (ଅକୂଳ ନୋହି) କୂଳରେ ରହି ଅନା ମୋ ଭେଳା ଦୁଃଖ ନଦୀରେ ଭାସି ଯାଉଛି ।

୩୦—କରୁଣା ବୃକ୍ଷରେ ମାରଣବୃକ୍ଷର ଫଳ ଫଳଇ କି ? ତୁ କରୁଣା ବୃକ୍ଷପରି, ମୋତେ କାହିଁକି ମାରଣ କରୁଛୁ ? ରେ ନୂତନା ! ତୁ ମୋର ହୃତ ! ତୋହ ତୁଲେ ସମାନ ହେବାକୁ ନୁତ (ପ୍ରଶଂସିତ) ହୋଇ କେହି ନାହିଁତ ।

୩୧—ତାରକମଣି (ରକ୍ଷାକାରୀ ମଣିପରି) ତାରକମଣି ହାସିକି (ଚନ୍ଦ୍ରହାସୀକି ଅର୍ଥାତ୍ ତୋତେ) ମୋର ଭରସା । ରେ ଯୋଷା ! ମୋତେ ତରଳୁଁ (କାମୁକ ହେବା ଦୁଃଖରୁ) ତାର, ତାହାହେଲେ ତୁ ମୋର ତାର ତରଳୁଁ (ଉଜ୍ଜ୍ୱଳହାର ମଧ୍ୟ ମଣିଠାରୁ) ଅଧିକ ହୋଇ କଣ୍ଠ ଭୂଷଣ ହେବୁ ।

୩୨—ରେ ଧନ ! ତୁ ମୋର ଧନ ନିଚୟ (ଧନସମୂହ) ଯେବେ ମୁଁ ତୋତେ ନିଶ୍ଚୟ ନ ପାଇବି ଯେବେ ରେ ଧନି ରସାରେ (ପୃଥିବୀରେ) ଧନୀମାନଙ୍କ ମଧ୍ୟରେ ରସାରେ (ଶ୍ରେଷ୍ଠ ବୋଲି) କେମନ୍ତେ ବୋଲାଇବି ?

ଥରେ ସହୃତ ଥରେ ସହୃତ ତାପ-ଜ୍ୱରକୁ ନାଶ ।
ଧିରାସାର ଯେ ଧିରା ସାର ଯେମନ୍ତେ କରିବା ଯଶ ॥ ୩୩
ଦିନ ବାରହି ଦୀନ ବିରହୀ ହେବାରୁ ଯୁଗ ପ୍ରାୟେ ।
ଦାଶରଥିର ଦାସରଥିର ଭକ୍ତି ଉପେନ୍ଦ୍ର ଧ୍ୟାୟେ ॥ ୩୪

—ঃ*ঃ—

ଅଷ୍ଟାଦଶ ଛାନ୍ଦ

(ଗ୍ରୀଷ୍ମକାଳ ଓ ସୁନ୍ଦରୀର ବିରହ ଦଶା ବର୍ଣ୍ଣନା)

ରାଗ—ରାମକେରୀ

ଶୁଣ ହେ ସାଧବ ମାଧବ ଶେଷେ ଝିଲ୍ଲିକା କହି ।
ଏ ଗ୍ରୀଷମ ଋତୁ ବିଷମ ସମ ନୁହନ୍ତି କେହି ॥ ୧

ସତ ଏ ପରଶ ମାନଙ୍କୁ ଜାତ ଗାତ୍ରକୁ ସ୍ୱେଦ ।
ଭାନୁ ବୃହଭାନୁ ଯା ଯୋଗୁଁ କଲେ ତେଜସ୍ୱୀ ବାଦ ॥ ୨

୩୩—ରେ ସହୃ ! ମୋ ଦେହ ତ ଥରେ, ତୁ ଥରେ ମୋ ସଙ୍ଗେ ସହୃତ (ଯୁକ୍ତ) ହୋଇ କାମତାପ ଜ୍ୱରକୁ ନାଶ କର । ରେ ଧିରାସାର (ଧିରା ଶ୍ରେଷ୍ଠ) ଧିରା (ପୃଥ୍ୱୀ) ସେ ଯେ ସାର ଯଶ ତାକୁ ଯେମନ୍ତେ ରକ୍ଷା କରିବାକୁ ହୁଏ ତାହା କର ।

୩୪—ଦିନେ ଯେ ମୁଁ, ହିଁ (ନିଶ୍ଚୟ) ବିରହୀ ହେବାରୁ ଦୀନ (ଦୁଃଖୀ) ହୋଇ ଦିନକୁ ଯେ ଯୁଗପ୍ରାୟ ବୋଧ କରୁଛି । ଦାଶରଥି (ରାମଚନ୍ଦ୍ରଙ୍କର) ଦାସର (ସେବକ ମୋହର) ତାଙ୍କଠାରେ ସ୍ଥିର ଭକ୍ତି ହେଉ ଏହା କବି ଉପେନ୍ଦ୍ର ଭଞ୍ଜ ଧ୍ୟାଉଛି ।

—ঃ*ঃ—

୧—ହେ ସାଧବ ମାନେ ! ଶୁଣ ମାଧବ (ବସନ୍ତ) ଶେଷରେ ଝିଲ୍ଲିକା (ଝିଙ୍କାରି) କହି (କହନ୍ତି)—ଏ ଭୀଷମ ଗ୍ରୀଷ୍ମ ଋତୁ ସମାନ କେହି ନୁହନ୍ତି ।

୨—ଏ (କାଳ) ସ୍ପର୍ଶ ମାନଙ୍କୁ ଗାତ୍ରକୁ (ଦେହରୁ) ସ୍ୱେଦ (ଝାଳ) ଜାତ ହୁଏ ଏହା ସତ । ଯା ଯୋଗୁ ଭାନୁ (ସୂର୍ଯ୍ୟ) ଓ ବୃହଭାନୁ (ଅଗ୍ନି) ତେଜସ୍ୱୀ ହେବାରେ ବାଦ କଲେ ।

ପ୍ରଭାକୁ ପ୍ରକାଶେ ଆକାଶେ ପ୍ରଭାକରେ ଦିବସେ ।
ଜଳେ କୃଶାନୁ ସାନୁମାନ ମାନଙ୍କରେ ଅନିଶେ ॥ ୩
ଧରଣୀ ସରଣିଧୂଳିକା କଲା ତପତ ତହିଁ ।
ପଥିକ ପଦ ଦ୍ୱିପଦକୁ ପଦପଦକେ ଦେଇ ॥ ୪
ତପ୍ତ କାଳ କଲା ତତ୍କାଳ ଗଲା ମାର୍ଗକୁ ଯେହୁ ।
ସକଳ ମୃଗରେ ବିକଳ ଅନୁବରତେ ବହୁ ॥ ୫
ଶୀତଳ ସଲିଳେ ଅନିଳେ ସଦା ରହୁ ଯେ ଥିଲା ।
ଦୂର ଦୁରନ୍ତ ଅର୍କ ରୁଚି ତହୁଁ ପ୍ରତାପେ କଲା ॥ ୬
ସେ ଚନ୍ଦନେ ଚନ୍ଦ୍ରସଦନେ ଚନ୍ଦ୍ର ଚନ୍ଦ୍ରେ ବର୍ତ୍ତିତ ।
ଜନରଞ୍ଜନକୁ ରଜନୀଦନେ କେତେ ରଚିତ ॥ ୭
ନଳିନବନ୍ଧୁ ଯେ ମଳିନ କର ଲୋଡ଼ନ୍ତେ କରେ ।
ଜ୍ୱଳନ ବଂଶ-ନଳୀ ଗ୍ରନ୍ଥି-ଗୁଳି ଫୁଟାଇ ଖରେ ॥ ୮

୩—ପ୍ରଭାକର (ସୂର୍ଯ୍ୟ) ଦିବସରେ ଆକାଶେ ପ୍ରଭାକୁ ପ୍ରକାଶନ୍ତି । କୃଶାନୁ (ଅଗ୍ନି) ଅନିଶେ (ସର୍ବଦା) ସାନୁମାନ (ପର୍ବତ) ମାନଙ୍କରେ ଜଳେ ।

୪—ଧରଣୀ (ପୃଥିବୀ) ର ସରଣି ମାର୍ଗର ଧୂଳିକି ତପତ କଲା । ତହିଁ (ସେ ବାଟରେ) ପଥିକ ପଦର ଦ୍ୱିପଦକୁ ଦେପଦକେ (ପ୍ରତିପଦରେ) ଦେଲା ।

୫—ସେ କାଳ ତତ୍କାଳ ଗଲା ଲୋକର ମାର୍ଗକୁ ତପ୍ତକଲା ଯେହୁ ସକଳ ମୃଗରେ ଅନବରତ ବିକଳକୁ ବହୁ (କରଇ) ।

୬—ଯେଉଁ ଶୀତଳତା ସର୍ବଦା ସଲିଳେ (ଜଳରେ) ଓ ଅନିଳେ (ବାୟୁରେ) ରହୁଥିଲା, ତାକୁ ଦୁରନ୍ତ ଅର୍କ (ସୂର୍ଯ୍ୟ) ଙ୍କର ରୁଚି (ତେଜ) ପ୍ରତାପ ଦ୍ୱାରା ତହୁଁ (ଜଳ ଓ ପବନରୁ ଦୂର କଲା ।

୭—ସେ ଶୀତଳତା ଯାଇ ଚନ୍ଦନରେ, ଚନ୍ଦ୍ର ସଦନେ (ଚୂନ ଲିପାଘରେ) ଚନ୍ଦ୍ରଙ୍କଠାରେ ଏବଂ ଚନ୍ଦ୍ରେ (କର୍ପୂରରେ) ବର୍ତ୍ତି ରହି ରଜନୀଦନରେ କେତେପ୍ରକାର ଜନରଞ୍ଜନ (ଲୋକମାନଙ୍କର ସନ୍ତୋଷ) କୁ ରଚିତ (ରଚନା କଲା) ।

୮—ନଳିନବନ୍ଧୁ (ସୂର୍ଯ୍ୟ) କରେ (କିରଣ ଦ୍ୱାରା) ଅଗ୍ନିକି ମଳିନ କରି ଲୋଡ଼ନ୍ତେ (ଜଳିବାକୁ ଖୋଜନ୍ତେ) ଜ୍ୱଳନ (ଅଗ୍ନି) ବାଉଁଶକୁ ନଳୀ (ବନ୍ଧୁକ) ଏବଂ ଗ୍ରନ୍ଥି (ବାଉଁଶ ଗଣ୍ଠିକି) ଗୁଳିକରି ଖରେ (ଶୀଘ୍ର) ଫୁଟାଇଲା । ଅରଣ୍ୟରେ ଅଗ୍ନି ଲାଗି ବାଉଁଶ ଗଣ୍ଠି ଫୁଟିଲା ।

ମନ୍ଦ ରଟନ୍ତି ମିତ୍ରଦ୍ୱନ୍ଦ୍ୱ ମନ୍ଦଦ୍ୱନ୍ଦ୍ୱ କରୁଛ ।
ଅହେ ବିଭାବସୁ କି ବଶୁଁ ବସୁଧାକୁ ଦହୁଛ ॥ ୯
କି ନିର୍ଦ୍ଦୟ କାଳ ଉଦୟ ଏହି ଅଶ୍ଚର୍ଯ୍ୟ ବଶୁଁ ।
ରସହୀନେ କଲେ ରସନା ଖ୍ୟାତ ବହୁତ ପଶୁ ॥ ୧୦
ଶଙ୍କାରେ ପଙ୍କରେ ଅଙ୍କକୁ ଲୋଟାଇଲେ ମହିଷ ।
ଘୂର୍ମିତ ଆତଙ୍କେ ପତଙ୍ଗେ ପିଇ ଖର୍ଜୁରରସ ॥ ୧୧
ଏଣୁ ଜୀବକୁଳ ଅକୁଳ ହେଲେ ସଜ୍ୱର ବଶ ।
ତେଣୁ ଦାହ ତୃଷ୍ଣା ଜନିତ ନିତ୍ୟ ଭ୍ରମ ମାନସ ॥ ୧୨
ଏ ବାର ସୁମର ଚମରୀ ମରୀଚିକାକୁ ଧାଇଁ ।
ତା ଗୁମର ପାଇଁ ହଂସ-ଜା-ବୀଚି ହଂସ ଗୋଡ଼ାଇ ॥ ୧୩
ଶୁକଚଞ୍ଚୁ ଚୁମ୍ବି କିଂଶୁକକଳୀ ଭ୍ରମ ଭ୍ରମରେ ।
ସେ ପଙ୍କିଳ ଜଳଟୋପାଏ ଭାଳି ମୁଖ ବିସ୍ତାରେ ॥ ୧୪

୯—ମନ୍ଦ (କାକମାନେ) ରଟନ୍ତି (ଶବ୍ଦଦ୍ୱାରା କହନ୍ତି) ଅହେ ବିଭାବସୁ (ସୂର୍ଯ୍ୟ ଓ ଅଗ୍ନି) ତୁମ୍ଭେ ମିତ୍ର ଦ୍ୱନ୍ଦ୍ୱ (ମିତ୍ରଦ୍ୱୟ) କି ବଶୁଁ (କି କାରଣରୁ) ମନ୍ଦ ଦ୍ୱନ୍ଦ୍ୱ (କଳହ) କରୁଛ ଏବଂ ବସୁଧାକୁ ଦହୁଛ ।

୧୦—ଏହିସବୁ ଅଶ୍ଚର୍ଯ୍ୟ ଘଟଣା ବଶରୁ ଜଣା ପଡ଼ଇ କି ନିର୍ଦ୍ଦୟ କାଳ ଉଦୟ ହେଲା !—ରସ (ଜଳ) ହୀନହେବାରେ ବହୁତ ପଶୁ ରସନା ଖ୍ୟାତ କଲେ (ଜିହ୍ୱା କାଢ଼ିଲେ)

୧୧—ମହିଷମାନେ ଶଙ୍କାରେ (ଭୟରେ) ପଙ୍କରେ ଅଙ୍କ (ଶରୀର) କୁ ଲୋଟାଇଲେ । ପତଙ୍ଗେ ତୃଷା ଆତଙ୍କେ (ଯାତନାରେ) ଖର୍ଜୁରରସ ପିଇ ଘୂର୍ମିତ (ଘୂମାଇଲେ) ।

୧୨—ଏଣୁ ଜୀବକୁଳ ସଜ୍ୱର (ସନ୍ତାପ) ବଶରେ ଅକୁଳ ହେଲେ, ସେ ସଜ୍ୱର (ଜ୍ୱରବେଗ) ହେଲା, ତେଣୁ ନିତ୍ୟ ଦେହ ଦାହ ଓ ତୃଷ୍ଣା ଜନିତ ହେଲା ଏବଂ ମାନସ (ମନ) ଭ୍ରମହେଲା ।

୧୩—ଚମରୀ ମୃଗ ମରୀଚିକାକୁ "ଏ ବାର" (ଜଳ) ସୁମର (ମନୋହର) ଧାଇଁଲା, ହଂସ ତାହାର ଗୁମରକୁ ହଂସ (ସୂର୍ଯ୍ୟ) ଙ୍କ ଠାରୁ ଜାତ (ଯମୁନା) ର ବୀଚି (ଲହରୀ) ପାଇଁ ତାହା ପଛରେ ଗୋଡ଼ାଇଲା ।

୧୪—ଭ୍ରମରମାନେ କିଂଶୁକକଳୀ (ପଳାଶକଢ଼ୀ) ଭ୍ରମରେ ଶୁକଚଞ୍ଚୁକୁ ଚୁମ୍ବୁ ସେ ତାକୁ ପଙ୍କିଳ ଜଳଟୋପାଏ ଭାବି ମୁଖ ବିସ୍ତାରିଲା ।

କେକୀପୁଚ୍ଛ ତଳେ ତାପିଚ୍ଛ ଛାଇ ବଗୁରେ ଅହି ।
ଶୋଇଁ ଅସି ବିଷ ବୁଦ୍ଧି ତା ଅଶୀବିଷରେ ରହି ॥ ୧୫
ଦରୀରେ ଶୋଇଲା କେଶରୀ ସୁରସରିତ ସରି ।
ବାର ବାର ପୁଚ୍ଛ ଗୁଳବା କି ଲହରୀ ବାହାରି । ୧୬
କରୀ ଅଶ କରି ଆସନ୍ତେ ଶୃଙ୍ଗୁ ସେ ଘନ ଭ୍ରମି ।
ଦାନଜଳ ଦାନ ଜଳ କି ଦନ୍ତ ବକାଳୀ ଝଳି ॥ ୧୭
ନଭରଙ୍ଗକାରୀ ସାରଙ୍ଗ ଅଧୋଗତି ଇଚ୍ଛଇ ।
ତପ ଖ୍ୟାତଠାରେ ବିହୀନ ହଂସା ବିଦିତ ହୋଇ ॥ ୧୮
ଏମନ୍ତ କାଳରେ ନୀରଜାନନୀ ନରଦରଜା ।
ପଲଙ୍କ ପଲଙ୍କେ ନ ରହି କଲା ସେ ମହୀଶଯ୍ୟା ॥ ୧୯
ଦେଖି ନୀରଜାକ୍ଷୀ ସ୍ୱିତକି କାଦମ୍ବିନୀ ବାଣୀଜା ।
ଶଚୀକଳା ସହ ବିକଳା କରି ଲୋତକ ତେଜ୍ୟା ॥ ୨୦

୧୫—ଅହି (ସର୍ପ) ତାପିଚ୍ଛ (ତମାଳ) ଛାଇ ବଗୁରି କେକୀ (ମୟୂର) ପୁଚ୍ଛତଳେ ଅସି ଶୋଇଁ ଅଶୀବିଷରେ (ସର୍ପଠାରେ) ତାହାର (ମୟୂରର) ଏ ବିଷ (ମୃଣାଳଖଣ୍ଡ) ଏ ବୁଦ୍ଧି ରହିଲା ।

୧୬—ଦରୀରେ (ପର୍ବତ ଗୁହାରେ) ଶୋଇଲା କେଶରୀ (ସିଂହ) ଶୁକ୍ଳବର୍ଣ୍ଣ ହେତୁ ସୁରସରିତ ସରି (ସ୍ୱର୍ଗଗଙ୍ଗାସମାନ) ଦିଶୁଛି । ତାହାର ବାର ବାର ପୁଚ୍ଛ ଗୁଳବା ଲହରୀ ବାହାରି (ଖେଳଇ) କି ?

୧୭—ଏମନ୍ତ ବଗୁରି କରି କରୀ (ହସ୍ତୀ) ଅଗ୍ରାକରି ପର୍ବତ ଶୃଙ୍ଗରୁ ଆସନ୍ତେ ତାକୁ ସେ ସିଂହ ଘନ (ମେଘ) ବୋଲି ଭ୍ରମୁଛି । ଦାନଜଳ (ମଦଜଳ) ଦାନଜଳ (ବର୍ଷିଲା ପାଣି) କି ? ଦନ୍ତ ବକାଳୀଝଳି (ବକ ପନ୍ତିର କାନ୍ତି) ତୁଲ୍ୟ ।

୧୮—ତାହାକୁ ମେଘ ମନେ କରି ନଭରଙ୍ଗକାରୀ (ଆକାଶ ବିହାରୀ) ସାରଙ୍ଗ (ଚାତକ) ଅଧୋଗତି (ତଳକୁ ଆସିବାକୁ) ଇଚ୍ଛା କରଇ । ତପ ଖ୍ୟାତ ହେବାଠାରେ (ମୁନିମାନଙ୍କ ଆଶ୍ରମରେ) ହଂସା ବିହୀନ ହେବା କଥା । ବିଦିତ ହୁଅଇ, ତପ [ଗ୍ରୀଷ୍ମ] ଖ୍ୟାତ ହେବାରୁ ସେହିପରି ହଂସା ରହିତ ହେଲା ।

୧୯—ଏମନ୍ତ କାଳ (ଗ୍ରୀଷ୍ମକାଳରେ) ନୀରଜାନନୀ (ପଦ୍ମମୁଖୀ) ସେ ନରବରଜା (ରାଜକନ୍ୟା) ପଲଙ୍କେ ମାନ ପଲଙ୍କରେ ନ ରହି ମହୀଶଯ୍ୟା (ଭୂମିରେ ଶୟନ) କଲା ।

୨୦—କାଦମ୍ବିନୀ ଓ ବାଣୀଜା ସଖୀ ଦୁହେଁ ନୀରଜାକ୍ଷୀର (ପଦ୍ମନେତ୍ରୀ) ର ସ୍ୱିତକି ଦେଖି ଶଚୀକଳା ସଖୀ ସହ ବିକଳାହୋଇ ଲୋତକ ତ୍ୟାଗ କଲା ।

ଭାଳିଲା ପ୍ରଥମା ଛଳିଲା ନେବା ପଙ୍କଜଶେଯେ ।
ଅବନୀଶିରୀ ଶିରୀଷାଙ୍ଗୀ ପଦ୍ମବାସୀ ସହଜେ ॥ ୨୧
ସ୍ତମ୍ଭିତ ତନୁକୁ ଲେକ୍ଷିତ କରି ଦ୍ୱିତୀୟା ବୋଲେ ।
ହେମପିତୁଳା ତୁଳା ହେଲା ଜାନୁବର୍ତ୍ତୁଳା ତୁଳେ ॥ ୨୨
ଦେଖୁଁ ଦେଖୁଁ ଭଜେ ବିବର୍ଣ୍ଣ ବର୍ଣ୍ଣିଇ ଯେ ଅପରା ।
ଏ ଶୋଭାସଦନ ମଦନ ସୁଧା ଲେପଇ ପରା ॥ ୨୩
ପୁଲକଜାଲକ ଗୁହିଁ ଯେ ଆଦ୍ୟା କହିଲା ବେଗେ ।
ଚୁତଭିକତରୁ ତରୁଣୀ ପୁଷ୍ପାଙ୍କୁର ସର୍ବାଙ୍ଗେ ॥ ୨୪
ମଧ୍ୟା ଭାଷେ ସତ ଉଦ୍ଭ୍ରାନ୍ତ ନଭସ୍ୱତରେ ଥରି ।
ଶୋଭାକର କର ଅଧର ନବପଲ୍ଲବ ପରି ॥ ୨୫
ଅନ୍ୟା ବୋଲେ ଜାତ ବିରହ-ଜାତବେଦ ସଜୀବେ ।
ଜଳେ ପ୍ରଜ୍ୱଳେ ଆର୍ଦ୍ରଭାବୁଁ ଜଳେ ପୂର୍ଣ୍ଣ ତା ଏବେ ॥ ୨୬

୨୧—ପ୍ରଥମା ସଖୀ (କାଦମ୍ବିନୀ) ଭାଳିଲା ଏବଂ ଛଳ କରି କହିଲା—ଏ ଅବନୀ ଶିରୀ (ପୃଥିବୀ ଶୋଭା) ଶିରୀଷାଙ୍ଗୀ ସହଜେ ପଦ୍ମବାସୀ (ପଦ୍ମଗନ୍ଧା) ସୁତରାଂ ପଦ୍ମବନ ବାସିନୀ ଶିରୀ (ଲକ୍ଷ୍ମୀ) ହେଲା । ଏହାକୁ ପଙ୍କଜ (ପଦ୍ମ ପତ୍ର) ଶେଯକୁ ନେବା ଉଚିତ ।

୨୨—ଦ୍ୱିତୀୟା ସଖୀ ବାଣୀଜା ସ୍ତମ୍ଭିତ (ନିଶ୍ଚଳ ହୋଇ ପଡ଼ିଥିବା) ତନୁକୁ (ସୁନ୍ଦରୀ ଶରୀରକୁ) ଲେକ୍ଷିତ କରି (ଦେଖି) ବୋଲେ—ଏ ଜାନୁ-ବର୍ତ୍ତୁଳା (ବର୍ତ୍ତୁଳଜାନୁ ସୁନ୍ଦରୀର) ତୁଳେ (ତୁଳନାରେ) ହେମପିତୁଳା (ସୁବର୍ଣ୍ଣ ପ୍ରତିମା) ତୁଳା (ସମାନ) ହେଲା ଏଥିରେ ସ୍ତମ୍ଭ ।

୨୩—ଦେଖୁ ଦେଖୁ ବିବର୍ଣ୍ଣ ଭଜିବାରୁ ଅପରା ସଖୀ (ଶଶୀକଳା) ବର୍ଣ୍ଣିଇ-ଏ ସୁନ୍ଦରୀ ଶୋଭା ସଦନ (ଶୋଭା ଗୃହ) ହେତୁ ମଦନ (କାମ) ସୁଧା (ଚୂର୍ଣ୍ଣ) ଲେପଇ ପରା ? ଏଥିରେ ବୈବର୍ଣ୍ଣ୍ୟ ।

୨୪—ସୁନ୍ଦରୀର ପୁଲକ ଜାଲକ (ଲୋମୋଦ୍‌ଗମସବୁକୁ) ଗୁହିଁ ଆଦ୍ୟା ସଖୀ (କାଦମ୍ବିନୀ) ବେଗରେ କହିଲା-ଏ ତରୁଣୀ ଚୁତଭିକତରୁ (ଚୁତଅନା-ବୃକ୍ଷ) ଏଣୁ ସର୍ବାଙ୍ଗେ ପୁଷ୍ପାଙ୍କୁର (କଳିକା) ଜାତ ହୋଇଛି ।

୨୫—ମଧ୍ୟା ସଖୀ (ବାଣୀଜା) ଭାଷିଲା-ଏ କଥା ସତ, ବୃକ୍ଷ ଉଦ୍ଭ୍ରାନ୍ତ ନଭସ୍ୱତରେ (ଚଞ୍ଚଳ ପବନରେ) ଥରଇ, ଏମଧ୍ୟ ଥରୁଛି, ଏହାର କର ଏବଂ ଅଧର ନବ ପଲ୍ଲବ (ନୂଆପତ୍ର) ପରି ଶୋଭାକର ହୋଇଛି । ଏଥିରେ କମ୍ପ ।

୨୬—ଅନ୍ୟା (ଶଶୀକଳା) ବୋଇଲା ସଜୀବ ଦେହରେ ବିରହ ଜାତବେଦ (ବିରହାଗ୍ନି) ଜାତ ହୋଇଛି । ସେ ଅଗ୍ନି ପ୍ରଜ୍ୱଳେ (ପ୍ରଖର ଭାବରେ) ଜଳିବାରୁ ତା (କାଷ୍ଠ ସଦୃଶ ଦେହ) ଆର୍ଦ୍ରଭାବୁ (କୋମଳ ଓ ଉଦା-

ନୋହୁ ନିବାର ନେତ୍ରବାର ଉକ୍ତ ପ୍ରଥମା କରେ ।
ନୀଳାବ୍‌ଜେ ମିଳିତ ମିଳିନ୍ଦ ମକରନ୍ଦ ଉଦ୍‌ଗାରେ ॥ ୨୭
ବଚନ କରନ୍ତେ ରଚନ ଅଧେ ଦ୍ୱିଜାସ୍ୟା ଲୋପେ ।
କଳକଣ୍ଠ କଣ୍ଠ ଭଳିଛୁ ଶୋକ-ଘନ ସକାଶେ ॥ ୨୮
ଜ୍ଞାନବିହୀନ ବିଧିବଶେ ତାହା ଉଡୁାସ୍ୟା ଗୃହି ।
ଫୁଙ୍କିଲା ଶ୍ରୁତିକି ଡାକିଲା କିଛୁ ଚେତନା ବହି ॥ ୨୯
ଜଗତୀକି ଗଜଗତିକି ଟେକି ସଖୀ ନେବାରେ ।
ଦିଶିଲା ଭଦ୍ରାକ୍ଷୀ ସୁଭଦ୍ରା ରଥ ବିଜେ ପ୍ରକାରେ ॥ ୩୦
ଦୁଃଖରେ ପ୍ରକଟେ ନିକଟେ ହେବ ସୁଖରେଁ ପୁଣି ।
ଏଅଷ୍ଟସାତ୍ତ୍ୱିକ ଇଷ୍ଟ ଯେ ଆଜୁଁ ହୋଇଲା ଭଣି ॥ ୩୧

ହେତୁ) ଏବେ ଜଳରେ ପୂର୍ଣ୍ଣ ହୋଇଅଛି । ଓଦା କାଠରେ ନିଆଁ ଲାଗିଲେ ଯେପରି ତହିଁରୁ ପାଣି ବାହାରେ ସେହିପରି ବିରହ ହେତୁ ସୁନ୍ଦରୀ ଦେହରୁ ଝାଳ ବୋହୁଅଛି ଏଥିରେ ସ୍ୱେଦ ବର୍ଣ୍ଣିତ ।

୨୭—ନେତ୍ରବାର (ଲୋତକ) ନିବାର ନ ହେବାରୁ ପ୍ରଥମା (ରୁକ୍ମିଣୀ) ଏହି ଉକ୍ତ କଲା—ନୀଳାବ୍‌ଜେ (ନୀଳପଦ୍ମରେ) ମିଳିନ୍ଦ (ଭ୍ରମର) ମିଳିତ ହୋଇ (ବସି) ମକରନ୍ଦ (ପୁଷ୍ପରସ) କୁ ଉଦ୍‌ଗାର କରୁଛି କି ? ନେତ୍ର ନୀଳପଦ୍ମ ତୋଳା ଭ୍ରମର ଲୋତକ ମରନ୍ଦ । ଏଥିରେ ଅଶ୍ରୁ ।

୨୮—ସୁନ୍ଦରୀ ବଚନ ରଚନ କରନ୍ତେ ଗୋଟିଏ ଶବ୍ଦରୁ ଅଧେମାନ ପ୍ରକାଶ ହେବାର ଦେଖି ଦ୍ୱିଜାସ୍ୟା (ବାଣୀକା) ଭାଷିଲା—ଶୋକ ଘନ (ମେଘ) ପରି ପ୍ରକାଶ ହେବାରୁ କଳକଣ୍ଠ (କୋକିଳ) ସଦୃଶ୍ୟ କଣ୍ଠ ଭଳିଛି (ପଡ଼ିଯାଇଅଛି) ବର୍ଷାକାଳରେ କୋକିଳର କଣ୍ଠ ପଡ଼ିଯାଏ ଏଥିରେ ସ୍ୱରଭଙ୍ଗ ।

୨୯—ବିଧିବଶେ (ଦୈବ ଯୋଗୁଁ) ଜ୍ଞାନବିହୀନ (ଅଜ୍ଞାନ) ହେବାର ଉଡୁାସ୍ୟ (ଶଶୀକଳା) ଗୃହି ଶ୍ରୁତିକି (କାନକୁ) ଫୁଙ୍କିଲା ଏବଂ ଡାକିଲା, ସୁନ୍ଦରୀ କିଛି ଚେତନାକୁ ବହି (ପାଇଲା) ଅଜ୍ଞାନଦ୍ୱାରା ପ୍ରଳୟସୂଚିତା ହେଲା ।

୩୦—ସଖୀମାନେ ଗଜଗତିକି ଜଗତୀକି (କୋଠା ଉପରକୁ) ଟେକି ନେବାବେଳେ ଭଦ୍ରାକ୍ଷୀ ସୁଭଦ୍ରାଙ୍କ ରଥରେ ବିଜେ କରିଇଲା ପ୍ରକାର ଦିଶିଲା । ସୁଭଦ୍ରାଙ୍କୁ ରଥରେ ବିଜେ କରିଇଲା ବେଳେ ଚତ୍ ଭର ଟେକି ନିଅନ୍ତି ।

୩୧ —ଏ ଅଷ୍ଟସାତ୍ତ୍ୱିକଭାବ (୧ ସ୍ତମ୍ଭ, ୨ ବୈବର୍ଣ୍ଣ୍ୟ, ୩ ରୋମାଞ୍ଚ, ୪ କମ୍ପ, ୫ ସ୍ୱେଦ, ୬ ଅଶ୍ରୁ, ୭ ସ୍ୱରଭଙ୍ଗ, ୮ ପ୍ରଳୟ) ଏବେ ଦୁଃଖରେ ପ୍ରକଟ ହେଲା । ପୁଣି ନିକଟରେ (କାନ୍ତସଂଯୋଗ ହେଲେ) ସୁଖରେ ପ୍ରକଟ ହେବ । ଆଜଠାରୁ ଏହାର ଇଷ୍ଟ (ବାଞ୍ଛା) ସଫଳ ହେଲା ବୋଲି ସଖୀମାନେ ଭଣିଲେ ।

ଏକାନ୍ତ କାନ୍ତ ଆଲିଙ୍ଗନଭାବେ ମଗନ ହୋଇ ।
ଥିବ ପାଶବଦ୍ଧକୁରଙ୍ଗୀ ପରି ତରଙ୍ଗ ନୋହି ॥ ୩୨
ବ୍ରୀଡ଼ା ପୀଡ଼ା ବଶେ ଅଙ୍ଗନା ଅଙ୍ଗ ରଙ୍ଗ ଛୁଇଁବ ।
ସୁପକ୍ୱ ସିନ୍ଦୁରି ରସାଳଫଳ ଲକ୍ଷ୍ୟ ହୋଇବ ॥ ୩୩
ବିନ୍ଦୁ ବିନ୍ଦୁ ଝାଳ ଝରିବ ଇନ୍ଦୁମୁଖରୁ ଶ୍ରମେ ।
ନଳିନେ ଭରି ମୋତିପନ୍ତି ରତି ଶିଞ୍ଜିଳ ସମେ ॥ ୩୪
ପ୍ରଖର ନଖର ଗୁଳନେ ବନ୍ଧ ରୋମାଞ୍ଚ କାୟେ ।
ଯୁବତୀ ହେବ ନୀପଫୁଲେ ପୂଜା ପାର୍ବତୀ ପ୍ରାୟେ ॥ ୩୫
ଭଙ୍ଗି ସିତ୍କାର ଶିକାରି ଗାତ୍ର ଚମକୁଥିବ ।
ପ୍ରେମତରଙ୍ଗେ ପଦ୍ମଲତା ରଙ୍ଗେ ଚଳିଲା ଭାବ ॥ ୩୬
ବର ରଜନୀକର କର ହେବ ଚନ୍ଦନରଜ ।
ପତନେ ଜୀବଞ୍ଜୀବ ନେତ୍ର ଦ୍ରବିଯିବ ସହଜ ॥ ୩୭

୩୨—କାନ୍ତ ସଂଯୋଗ ହେଲେ ପାଶବଦ୍ଧ କୁରଙ୍ଗୀ (ହରିଣୀ) ପରି ତରଙ୍ଗ (ଚଞ୍ଚଳ) ନ ହୋଇ ଏକାନ୍ତରେ କାନ୍ତ ଆଲିଙ୍ଗନ ଭାବରେ ମଗ୍ନ ହୋଇଥିବ । ସ୍ତମ୍ଭ ।

୩୩—ବ୍ରୀଡ଼ା ପୀଡ଼ାବଶରୁ ଅଙ୍ଗନାର ଅଙ୍ଗକୁ ରଙ୍ଗ (ଲାଲବର୍ଣ୍ଣ) ଛୁଇଁବ, ଏବଂ ସେ ଲାଲ ଅଙ୍ଗ ସୁପକ୍ୱ (ପାଚିଲା) ସିନ୍ଦୂରି ରସାଳଫଳ (ଆମ୍ବ) ଲକ୍ଷ୍ୟ (ସମାନ) ହୋଇବ । ବୈବର୍ଣ୍ଣ୍ୟ ।

୩୪—ଇନ୍ଦୁମୁଖରୁ (ଚନ୍ଦ୍ରବଦନରୁ) ଶ୍ରମେ (ରତିଶ୍ରମହେତୁ) ବିନ୍ଦୁ ବିନ୍ଦୁ ହୋଇ ଝାଳଝରିବ ରତି (କାମପତ୍ନୀ) ନଳିନେ (ପଦ୍ମରେ) ମୋତିପନ୍ତି ଭରି ଶିଞ୍ଜିଳ ସମାନ ହେବ । ମୁଖ, ନଳିନ ବିନ୍ଦୁ ବିନ୍ଦୁ ଝାଳ ମୋତିପନ୍ତି ସ୍ୱେଦ ।

୩୫—ଯୁବତୀ ପ୍ରଖର (ତୀକ୍ଷ୍ଣ) ନଖର ଗୁଳନରେ କାୟେ (ଶରୀରରେ) ରୋମାଞ୍ଚକୁ ବନ୍ଧ ନୀପଫୁଲେ (କଦମ୍ବପୁଷ୍ପରେ) ପୂଜା ପାଇଥିବା ପାର୍ବତୀଙ୍କ ପରି ହେବ । ରୋମାଞ୍ଚ ।

୩୬—ସୁନ୍ଦରୀର ଗାତ୍ର (ଦେହ) ଶିତ୍କାର (କମ୍ପ) ଶିକାରକୁ ଭଙ୍ଗି ଲହରୀରେ ପଦ୍ମଲତା ଚଳିଲା ପରି ପ୍ରେମତରଙ୍ଗରେ କେତେ ରଙ୍ଗରେ ଚମକୁ ଥିବ । (କମ୍ପ)

୩୭—ଏହାର ବର (କାନ୍ତ) ରଜନୀକର (ଚନ୍ଦ୍ର) ପରି, ଏବଂ ଚନ୍ଦନ ରଜ (କର୍ପୂରଧୂଳି) କର (କିରଣ) ମତ, ସେ କିରଣ ପତନରେ ନେତ୍ର ଜୀବଞ୍ଜୀବ (ନୟନ ଚକୋର) ସହଜରେ ଦ୍ରବିଯିବ । ଅଶ୍ରୁ ।

କେଳିପ୍ରବୀଣା ବୀଣା ବାଜିଁ ଗୁଣା ହତ ମତରେ ।
ନା ରହିବ ନାହିଁ କହିବ ଯେବେ ଗାଢ଼ରତରେ ॥ ୩୮
ଲଲନା ଚନ୍ଦ୍ରମାଗ୍ରୁଳନାବଶେ ଜ୍ଞାନ ହାରିବ ।
ରୋଚକ ଏ ବାଣୀ ଜେମାକୁ ଶୁଭସୂଚକ ଭାବ ॥ ୩୯
ଏକାଳେ ସେ ବନଭୂ ବନମାର୍ଗେ କୌଶିକୀସ୍ନାନେ ।
ମନ୍ତ୍ରୀମନୋହାରୀ ଭିଷଙ୍କନାରୀ ଧୀର ଗମନେ ॥ ୪୦
ରୁଚିର ଫଳପୁଟକ ଛଟକେ ବେନି ଅବଟ ଧରଣେ ।
ଧାଡ଼ି ଏକ ଦଳ ଦଳନ ପାକଶାକ ସଦୃଶେ ॥ ୪୧
ପର୍ଣ୍ଣଯୁଗଳେ ପୂର୍ଣ୍ଣ ହୋଇଅଛି ଅର୍ଣ୍ଣ ସହଜେ ।
ଅୟନେ ଦେଖିଲେ ନୟନେ ନବପଲ୍ଲବ ଶେଫଜେ ॥ ୪୨
ଇଚ୍ଛିଲା ସଚିବା ପୃଚ୍ଛିଲା ବୈଦ୍ୟବାମାକୁ ଏକା ।
କେହି ବିରହୀ ରହିଅଛି ସେହି କହିଲା ତର୍କି ॥ ୪୩

୩୮—ବୀଣା ବାଜିଁ (ବଜାଇଁ ୨) ଗୁଣା (ତାର) ହତ ମତରେ (ଛିଣ୍ଡିଗଲା ପ୍ରକାରେ) ଏ କେଳି ପ୍ରବୀଣା ଯେବେ ଗାଢ଼ରତରେ (ସୁରତରେ) "ନାହିଁ" ବୋଲି କହିବ ତେବେ ତହିଁରୁ "ନା" ମାତ୍ର ରହିବ ଅର୍ଥାତ ସେ ତେବେ ବେଶି ନାହିଁ ୨ କହି ନପାରି ନା ନା କହିବ । ସ୍ୱରଭଙ୍ଗ ।

୩୯—ଏ ଲଲନା (କାମିନୀ) ଚନ୍ଦ୍ରଗ୍ରୁଳନା (ତନ୍ତ୍ରଭେଦରେ ଶରୀରର ବିଶେଷ ବିଶେଷ ଅଙ୍ଗଗ୍ରହଣ ଦ୍ୱାରା ଉନ୍ମାଦ ଜନ୍ମାଇବା), ବଶରେ ଜ୍ଞାନ ହରାଇବ । ପ୍ରଲୟୀ ସଖୀମାନଙ୍କର ଏ ବାଣୀ ଜେମାକୁ ଶୁଭ ସୂଚକ ଭାବରେ ରୋଚକ ହେଲା ।

୪୦।୪୧—ଏହି ସମୟରେ ସେ ବନଭୂ (ବନଭୂମିର) ବନମାର୍ଗେ (ବଣ-ବାଟେ) କୌଶିକୀ ନଦୀରେ ସ୍ନାନ କରିବା ନିମିତ୍ତ ମନ୍ତ୍ରୀ ମନୋହାରୀ (ମନ୍ତ୍ରୀ ସ୍ତ୍ରୀ) ଏବଂ ଭିଷଙ୍କ ନାରୀ (ବୈଦ୍ୟ ସ୍ତ୍ରୀ) ଧୀର ଗମନ କରନ୍ତେ ରୁଚିର (ମନୋହର) ଫଳପୁଟକ (ଫଳୁଆ) ଛଟକରେ ବେନି ଅବଟ (ଯୋଡ଼ିଏ ଗର୍ତ୍ତ) ଦିଶୁଛି ଏକ ଧାଡ଼ି ଦଳ (ପଦ୍ମପତ୍ର) ପାକ ହୋଇ ଥିବା ଶାକ (ଶାଗ) ସଦୃଶ ଦଳନ (ଦଳା) ହୋଇ ପଡ଼ିଛି ।

୪୨—ପର୍ଣ୍ଣଯୁଗଳେ (ଦୁଇଟି ପତ୍ରରେ) ଅର୍ଣ୍ଣ (ଜଳ) ସହଜେ ପୂର୍ଣ୍ଣ ହୋଇଛି । ଅୟନେ (ବାଟରେ) ସେମାନେ ନବପଲ୍ଲବ ଶେଫଜ (ଶେଯୁଟିଏ) ନୟନରେ ଦେଖିଲେ ।

୪୩—ସଚିବା (ମନ୍ତ୍ରୀ ସ୍ତ୍ରୀ) ତାହାଦେଖି ବୈଦ୍ୟବାମାକୁ ପଚାରିବାକୁ ଇଚ୍ଛିଲା (ଇଚ୍ଛାକଲା) ଏବଂ ଏ କଥା ପୁଚ୍ଛିଲା । ସେ ତର୍କି (ବିଚାରି) କହିଲା-ଏଠାରେ କେହି ବିରହୀ ରହିଛି ।

ଆନ ନ ଘେନ ସେ, ଆନନ ମାତ୍ର ଦୁଃଖଶୟୂନା ।
ତଳ କୁଚର ଏ ସୁସଙ୍ଗ ସଙ୍ଗୀ ରହୁଛୁ ସିନା ॥ ୪୪
ନବସପତ୍ରବୟସୀର ଅତି ତପତ ଗାତ୍ର ।
ଯେତିକି ଛୁଇଁଛୁ ତେତିକି ଶୁଖି ଯାଉଛୁ ମାତ୍ର ॥ ୪୫
ଅବଳା ଯେ ଶୋକପ୍ରବଳା ହୋଇ ଲୋତକ ଜାତ ।
ଛଦନଯୁଗଳେ ସଦନ କରି ଅଛଇ ସତ ॥ ୪୬
ମୃଣାଳ ଶୈବାଳ ପତନ ତାହା କବଳ ଆଶେ ।
ରଥାଙ୍ଗ ଚକ୍ରବାକଚକ୍ର ମିଳେ ଏ ଶଯ୍ୟା ପାଶେ ॥ ୪୭
ଦେଖ ଫୁଟି ଫାଟି ପଡ଼ୁଛୁ ମୋ'ତହାରହିଁ ତୁଟି ।
ତଣ୍ଡୁଳବତ ପାରାବତ ଘେନି ଠୁକନ୍ତି ବୋଧି ॥ ୪୮
ରମଣୀ ସ୍ତନମାଳା ମଣି ଗ୍ଲଣ୍ଡ଼ି ନାହିଁକି ତାତ ।
ଭକ୍ଷଣେ କ୍ଷଣେକ୍ଷଣେ ଧରେ ତାହା ଚକୋରପନ୍ତି ॥ ୪୯

୪୪—ଆନ (ଅନ୍ୟ) ନ ଘେନ, ସେ ଆନନ (ମୁଖ) ମାତ୍ର ଦୁଃଖ ଶୟୂନ ହୋଇଥିଲା, ଅତଏବ ତାହାର ତଳ କୁଚର ସୁସଙ୍ଗ (ସୁନ୍ଦର) ସଙ୍ଗୀ ଏ ଗଣ୍ଡିଦ୍ୱୟ ରହୁଛୁ ସିନା ।

୪୫—ସେ ନବସପତ୍ର (କପୋଳ) ବୟସୀର ଅତି ତପତ ବିରହରୁ ଅତ୍ୟନ୍ତ ତାପ ଯୁକ୍ତ ଗାତ୍ର ଶରୀର ଏପରି ଶଯ୍ୟାକୁ ଯେତିକି ଛୁଇଁଛୁ ତେତିକି ମାତ୍ର ଶୁଖି ଯାଉଛୁ ।

୪୬—ସେ ଅବଳା ଶୋକପ୍ରବଳା ହୋଇ ଲୋତକ ଜାତ କରୁଛୁ ଏଣୁ ଛଦନ ଯୁଗଳେ (ପତ୍ରଦ୍ୱୟରେ) ତାହା (ସେ ଲୋତକ) ସଦନ କରୁଛୁ, ସଞ୍ଚିତ ହୋଇ ରହୁଛୁ ।

୪୭—ମୃଣାଳ (ପଦ୍ମନାଡ଼) ଶୈବାଳ (ଶିଉଳି) ପତନ (ଶେଯରେ ପଡ଼ିଥିବାରୁ) ତାହାକୁ କବଳ (ଗ୍ରାସ) କରିବା ଆଶାରେ ରଥାଙ୍ଗ (ହଂସ) ଓ ଚକ୍ରବାକ ଚକ୍ର (ଚକ୍ରବାକ ସମୂହ) ଶଯ୍ୟାପାଶରେ ମିଳୁଛନ୍ତି ।

୪୮— ଦେଖ ବିରହିଣୀର ଦେହ ତାପରେ ମୋତିହାର ହିଁ କିପରି ଫୁଟିଫାଟି ତୁଟି (ଛିଡ଼ି) ପଡ଼ୁଛୁ । ପାରାବତ (ପାରାମାନେ) ତାକୁ ତଣ୍ଡୁଳବତ (ଚାଉଳତୁଲ୍ୟ) ମନରେ ଘେନି (ବିଚାରି) ବୋଧି ଅଣ୍ଟରେ ଠୁକୁଛନ୍ତି ।

୪୯—ସେ ରମଣୀର ସ୍ତନମାଳାର ମଣିସବୁରୁ ତାତଗ୍ଲାଡ଼ି ନାହି କି ? ତାକୁ ଚକୋରପନ୍ତି ଅଗ୍ନିକଣା ବିଚାରି ଭକ୍ଷଣ ପାଇଁ କ୍ଷଣେ କ୍ଷଣେ ଧରୁଛନ୍ତି ।

ସରୋଜାକ୍ଷୀ ସ୍ନେହମକ୍ଷିଣୀ ନୋଇ ରଜନୀ ଦିବା ।
ବିରହିଣୀ ଜଗନ୍ମୋହିନୀ ଅମ୍ଭ ନୃପଜା ଅବା ॥ ୫୦
ଧାତ୍ରିଉପାଧ୍ୟାୟୀ ସଚିବା ପେଷେ କୁମାର ପାଶେ ।
ସେ ଯାଉଁ ଶେଯାଉଥିଲେ ଯେ ସଖୀ ଶଯ୍ୟା ପଲ୍ଲଶେ ॥ ୫୧
କାତରେ ସତ୍ୱରେ ରୁଚିରଚିରେ ସେ ଆଚ୍ଛାଦନ ।
ତନୂଦରୀ ତନୁପାଣ୍ଡୁର ଗୁପ୍ତେ ଲିପି ଚନ୍ଦନ ॥ ୫୨
ବିପୁଳ ପୁଲକ ଶଙ୍କାରେ ଗଣ୍ଡେ ମକରୀ କରି ।
ଚାଳି ବ୍ୟଜନ ପ୍ରଭଞ୍ଜନବଶେ ସ୍ୱେଦ ନିବାରି ॥ ୫୩
ସେ ଦେଖି ବୋଲେ ଜାଣିଲିଣି ଆଣିଲିଣି ମାନସ ।
ଏ ମଗଧେଶ୍ୱର କୁମାର ଦେଖି ମାରେ ଅବଶ ॥ ୫୪
ସୁଗତିର ଯହିଁ ଏ ଗତି ତାର କି ଗତି ଥିବ ।
ଦୁର୍ଲ୍ଲଭ ବାଳା କାନ୍ତପ୍ରାପ୍ତି ଯଥା ମୁକତି ଭାବ ॥ ୫୫

୫୦—ଯେଉଁ ସରୋଜାକ୍ଷୀ (ପଦ୍ମାକ୍ଷୀ) ପୁରୁଷଠାରେ ସ୍ନେହମକ୍ଷିଣୀ (ଅନୁରାଗିଣୀ) ହେତୁ ବିରହିଣୀ ହୋଇ ରଜନୀ ଦିବା ନଥାଇ ସେ ଜଗନ୍ମୋହିନୀ ଅମ୍ଭ ନୃପଜା (ରାଜକୁମାରୀ) ଅବା ।

୫୧—ସଚିବା (ମନ୍ତ୍ରୀ ସ୍ତ୍ରୀ) ଧାତ୍ରି (ବିଦୁର) ଉପାଧ୍ୟାୟୀ (ଅଧ୍ୟାପିକା)କୁ କୁମାର ପାଖକୁ ପେଷେ (ପଠାଇଲା) । ସେ ଉପାଧ୍ୟାୟୀ ଯାଉଁ ସେ ସମୟରେ ସଖୀମାନେ ପଲ୍ଲଶ (ପଦ୍ମପତ୍ର)ରେ ଶଯ୍ୟା ଶେଯାଉ ଥିଲେ ।

୫୨—ଉପାଧ୍ୟାୟୀଙ୍କୁ ଦେଖି କାତରେ (ଭୟରେ) ସତ୍ୱରେ (ଶୀଘ୍ର ରୁଚିର ଚୀରେ (ମନୋହର ବସନରେ) ସେ ଶଯ୍ୟାକୁ ଆଚ୍ଛାଦନ କଲେ । ତନୂଦରୀ (କ୍ଷୀଣ ମଧ୍ୟା) ସୁନ୍ଦରୀର ତନୁ (ଦେହ)ର ପାଣ୍ଡୁରବର୍ଣ୍ଣ ଗୁପ୍ତ (ଗୋପନ ନିମିତ୍ତ) ଚନ୍ଦନ ଲିପିଲେ ।

୫୩—ବିପୁଳ (ବଡ଼) ପୁଲକ (ରୋମାଞ୍ଚ) ଶଙ୍କାରେ (ଘୋଡ଼ାଇବା ପାଇଁ) ଗଣ୍ଡରେ ମକରୀ (ଗଣ୍ଡଚିତ୍ର) କରି ବ୍ୟଜନ (ବିଚଣା) ଚାଳି ପ୍ରଭଞ୍ଜନ ବଶେ (ପ୍ରବଳ ବିଚଣା ପବନରେ) ସ୍ୱେଦ ଝାଳ ନିବାରିଲେ ।

୫୪—ସେ ଉପାଧ୍ୟାୟୀ ଏହାଦେଖି ବୋଲେ ମୁଁ ଜାଣିଲିଣି ଏ ସୁନ୍ଦରୀ ମଗଧେଶ୍ୱର କୁମାରଙ୍କୁ ଦେଖି ମାରେ (କାମତାପରେ) ଅବଶ ହୋଇଛନ୍ତି ଏହା ମାନସକୁ ଆଣିଲିଣି ।

୫୫—ଏ ସୁଗତିର (ସୁନ୍ଦର ଗମନାର) ଯହିଁ (ଯେଉଁଠି) ଏ ଗତି (ଏପରିଦଶା) ତମଠାରେ ତାର (ସେ ସୁନ୍ଦରର) କି ଗତି ହୋଇଥିବ ଭାବ (ବିଚାରକର) ଲୋକେ ଯଥା ମୁକ୍ତିକି ବାଞ୍ଛାକରନ୍ତି ସେହିପରି ସେ ଦୁର୍ଲ୍ଲଭ ବାଳାର କାନ୍ତ (ନିକଟ) ପ୍ରାପ୍ତିକି ବାଞ୍ଛା କରୁଥିବ ।

ଚାତୁରୀ ଅନୁଚରୀ ଭଳି କହେ ବିନୟମତେ ।
ମତ୍ତେ ଭଗମନା କାମନା ପୂର୍ଣ୍ଣ ହେବ କେମନ୍ତେ ॥ ୫୬
ସେ ଉତ୍ତର କଲା କାତର ବୀର ଅଭରସାରୁ ।
ନ ଭଜିବ ବା ବନ୍ଧୁଜୀବ-ବନ୍ଧୁ ଅଧରୀ ଭୀରୁ ॥ ୫୭
କି ଅବା ତା ଚିତ୍ତ ଆବେଶେ ଦେଖା ସଂବେଶେ ହୋଇ ।
ଚୁର ପ୍ରଚୁର ଏ ଚାତୁରବର୍ଣ୍ଣି କରି ଯେ ନାହିଁ ॥ ୫୮
ଆମ୍ଭେ କରିବା ଉଦ୍ୟୋଗ ଯୋଗଭଙ୍ଗିନୀ କାର୍ଯ୍ୟେ ।
ଯାଇ ଉପୁଜାଇ ସ୍ନେହକୁ ବଙ୍କବଚନ ବ୍ୟାଜେ ॥ ୫୯
ଉଠୁ କହେ ସଖୀନିକର କର ଧରିଣ ବେଗେ ।
ଆଜନ୍ମସୁଖୀ କଥା ଆଜଠାରୁ ତୁମ୍ଭଙ୍କ ଲାଗେ ॥ ୬୦
କାହାଇଁ ନୋହିଲା କହି ସେ ଗଲା ମନ୍ତ୍ରୀ ମନ୍ଦିରେ ।
ତା ବଲ୍ଲଭୀ ଲଭି ଏ ବାର୍ତ୍ତା କହେ କାନ୍ତ ଆଗରେ ॥ ୬୧
ଭାବେ ସ୍ୱପନରେ ଲପନ ଦେଖିଥିବ କାହାର ।
ବିମ୍ବଅଧରୀ ବିମ୍ବ ଥାପି କରି ବିରହଭର । ୬୨

୫୬—ଭଳି ଅନୁଚରୀ (ସଖୀମାନେ) ଚାତୁର ବିନୟମତେ କହିଲେ—ଏମନ୍ତେ ଭ-ଗମନା (ଗଜଗମନା)ର କାମନା କେମନ୍ତେ ପୂର୍ଣ୍ଣହେବ ।

୫୭—ସେ ଉତ୍ତର କଲା—ବନ୍ଧୁଜୀବ-ବନ୍ଧୁଅଧରୀ (ବନ୍ଧୁଲୀପୁଷ୍ପ-ବନ୍ଧୁ ଓଷ୍ଠୀ) ଭୀରୁ (ନାଗରୀ) ମୋତେ ନ ଭଜିବ ବା ଅଭରସାରୁ ସେ ବୀର କାତର ହୋଇଛି ।

୫୮—କି ଅବା ସଂବେଶେ (ସ୍ୱପ୍ନରେ) ଯାହାଠାରେ ତା ଚିତ୍ତ ଅବେଶ (ପ୍ରବେଶ) ହୋଇ ଦେଖା ଦେଇଛି, "ସେ ସୁନ୍ଦରୀ କିଏ" ଏ ଚାତୁର ବର୍ଣ୍ଣି ଚୁର ପ୍ରଚୁର (ଦୂତ ପ୍ରେରଣ) କରିନାହିଁ । କେଉଁ ସୁନ୍ଦରୀ ତାହାକୁ ସ୍ୱପ୍ନରେ ଦେଖିଛି ଏହା ସ୍ଥିର କରି ନ ଥିବାରୁ ସେ ଦୂତପଠାଇ ନାହିଁ ।

୫୯—ଆମ୍ଭେ ଯୋଗଭଙ୍ଗିନୀ (ମୁନିମୋହିନୀ)ର କାର୍ଯ୍ୟରେ ଉଦ୍ୟୋଗ କରିବା, ସେଠାକୁ ଯାଇ ବଙ୍କବଚନ ବ୍ୟାଜେ (କପଟରେ) ସ୍ନେହକୁ ଉପୁଜାଇବା ।

୬୦—ଉଠୁ (ଏହା କହି ଉପାଧ୍ୟାୟୀ ଉଠନ୍ତେ) ସଖୀନିକର (ସଖୀସମୂହ) ବେଗେ କର ଧରିଣ କହେ ଅଜନ୍ମସୁଖୀ ଆମ୍ଭ ସଖୀର କଥା ଆଜଠାରୁ ତୁମ୍ଭଙ୍କୁ ଲାଗେ

୬୧—କାହାଇଁ ନୋହିଲା (ଏକଥା କାହିଁକି ନ ହେବ) ଏହା କହି ସେ ଉପାଧ୍ୟାୟୀ ମନ୍ତ୍ରୀ ମନ୍ଦିରେ ଗଲେ, ତା ବଲ୍ଲଭୀ (ମନ୍ତ୍ରୀ ସ୍ତ୍ରୀ) ଏ ବାର୍ତ୍ତା ଲଭି କାନ୍ତ ଆଗରେ କହେ ।

୬୨—ମନ୍ତ୍ରୀ ଶୁଣି ଭାବିଲା ବିମ୍ବାଧରୀ ରାଜଜେମା ସ୍ୱପ୍ନରେ କାହାର ଲପନ (ମୁଖ) ଦେଖିଥିବ, ସେହି ବିମ୍ବ (ସ୍ୱପ୍ନ ପ୍ରତିବିମ୍ବକୁ) ଥାପି କରି ବିରହ ଭର (ଅତ୍ୟନ୍ତ ବିରହିଣୀ) ହୋଇଛି ।

କୁରୂପ ନିରୂପଣ କର ବଶ ହୋଇଛୁ ସେହି ।
ଜାଣିମା ଅଣିମା ବ୍ରହ୍ମାଣ୍ଡ ଏକ ପଟେ ଲେଖାଇ ॥ ୭୩
ବାତବିକର୍ମୀ ଚିତ୍ରକାର ଥିଲା ଡକାଇ କହି ।
ସ୍ୱରୂପ ବିଧାନେ ବିଧାତା ଗଲା ସେ ପଟ ଲିହି । ୭୪
ଲକ୍ଷଣଯୁକ୍ତ ପଦ ଚିନ୍ତ ଉପଇନ୍ଦ୍ରର କୃତ ।
ଲକ୍ଷ୍ମଣସହିତ ସାହିତ୍ୟ ଏହି ଚିତ୍ତ ମୋହିତ ॥ ୭୫

ଊନବିଂଶ ଛାନ୍ଦ

ରାଗ—ମାଳବ

ଶ୍ରୀ ହେ କଳ୍ପକଜନେ ଏ ଚରିତ ରସି ।
ମନ୍ତ୍ରୀ ପୁରୋହିତ ବୈଦ୍ୟ ସଦନେ ଛନ୍ତି ବସି ।
ଚିତ୍ରକାର ଆଣି ଦେଖାଇଲା ପଟ ଫେଇ ।
ଆଶ୍ଚର୍ଯ୍ୟ ସେ ତିନି ଲୋକ ପଟକୁ ଅନାଇ ॥

୭୩—ସେହି ରାଜକନ୍ୟା କୁରୂପ ନିରୂପଣ କରି ବଶ ହୋଇଛୁ ଏହା ଜାଣିବା ପାଇଁ ବ୍ରହ୍ମାଣ୍ଡ ଯାକ ଏକପଟେ (ଗୋଟିଏ ଚିତ୍ର ପଟରେ) ଲେଖାଇ ଆଣିବା ।

୭୪—ସ୍ୱରୂପ (ଅନୁରୂପ ଆକୃତି) ବିଧାନେ (ଚିତ୍ର କରିବା ବିଷୟରେ) ବିଧାତା-ପରି ଯେଉଁ ବାତବିକର୍ମା ଚିତ୍ରକାର ଥିଲା ତାକୁ ମନ୍ତ୍ରୀ ଡକାଇ କହିଲା ସେ ପଟ ଲିହି (ଲେଖିବାକୁ) ଗଲା ।

୭୫—ଲକ୍ଷ୍ମଣସହିତ ରାମଚନ୍ଦ୍ରଙ୍କର ଲକ୍ଷଣ ଯୁକ୍ତ (ଅଷ୍ଟାଦଶ ଚିହ୍ନ ଯୁକ୍ତ) ପଦକୁ ଚିନ୍ତି ଏହି ଚିତ୍ତ ମୋହିତ ସାହିତ୍ୟ ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା କୃତ ହୋଇଅଛି ।

୧—ହେ କଳ୍ପକ ଜନେ (କଳ୍ପନା କରି ଜାଣିବା ଲୋକମାନେ) ରସି ଏ ଚରିତ ଶୁଣ । ମନ୍ତ୍ରୀ ପୁରୋହିତ ଓ ବୈଦ୍ୟ ସଦନେ ବସିଛନ୍ତି ।

୨—ଚିତ୍ରକାର ଆଣି ପଟ ଫେଇ ଦେଖାଇଲା, ସେ ତିନିଲୋକ ପଟକୁ ଅନାଇ ଆଶ୍ଚର୍ଯ୍ୟ ହେଲେ ।

ଲେଖା ଲେଖାବଳୀ ଶୁଦ୍ଧ ସୁଧର୍ମା ସଭାରେ ।
ଖୋଜ ନ ଦେଖିଲେ ତହିଁ ପ୍ରଧାନ ସୁନ୍ଦରେ ॥ ୩
ବଳସଦ୍ମେ ପଡ଼ି ବାହୁଡ଼ିଲା ବେଗେ ନେତ୍ର ।
ସର୍ପ ଅସ୍ତ୍ରପ ସ୍ୱଭାବେ ଅନାଦର ପାତ୍ର ॥ ୪
ଧରାରେ ହୋଇଲା ପୁଷ୍ପପୁର ନେତ୍ରକାରା ।
ସ୍ୱର୍ଗେ ନଥିବା ସୁନ୍ଦର ପଡ଼ିବାରୁ ଧରା ॥ ୫
ପୁନଃପୁନଃ ଗୃହୁଁ ମନ୍ତ୍ରୀ ପୁରୋହିତ ତର୍କି ।
ବୋଲେ କାମନା ଯହିଁ କି ଏ ଯୋଗ୍ୟ ତହିଁକି ॥ ୬
ରହିବାକୁ ଅମୃତ ଚନ୍ଦ୍ରମା ସିନା ସ୍ଥାନ ।
ବୈଦ୍ୟୋକ୍ତ ଯେ ଯହିଁ ରସେ ସେହି ସେ ପ୍ରଧାନ ॥ ୭
ଉମାସ୍ୱସା ବିଷ୍ଣୁପଦ ଶିବ ଶିରସ୍ଥାୟୀ ।
ଦେଖ ଗଙ୍ଗା ଲବଣ ସାଗରେ ସଙ୍ଗ ପାଇ ॥ ୮

୩—ଲେଖାବଳୀ (ଦେବତା ସମୂହ) ଲେଖା ହୋଇଥିବା ଶୁଦ୍ଧ (ପବିତ୍ର) ସୁଧର୍ମା ସଭାରେ (ଦେବ ସଭାରେ) ଖୋଜିଲେ ମଧ୍ୟ ତହିଁ (ସେଠାରେ) ପ୍ରଧାନ ସୁନ୍ଦରେ ନ ଦେଖିଲେ ।

୪—ବଳସଦ୍ମ (ପାତାଳ ପୁରେ) ନେତ୍ର ପଡ଼ି ବେଗେ ବାହୁଡ଼ିଲା । ପାତାଳ-ବାସୀମାନେ ସର୍ପ ଏବଂ ଅସ୍ତ୍ରପ (ରାକ୍ଷସ) ହେତୁ ସ୍ୱଭାବରେ ଅନାଦର ପାତ୍ର ଅଟନ୍ତି ।

୫—ଧରାରେ ପୁଷ୍ପପୁର ନାମକ ନଗର ନେତ୍ରକାରା (ନୟନର ବନ୍ଦଘର) ହୋଇଲା, ସ୍ୱର୍ଗରେ ଯେଉଁ ସୁନ୍ଦର ନାହିଁ ସେ ସୁନ୍ଦର ସେଠାରେ ଧରା ପଡ଼ିବାରୁ ନୟନ ବନ୍ଦୀ ହୋଇ ରହିଲା ।

୬—ମନ୍ତ୍ରୀ ପୁନଃ ପୁନଃ ଗୃହୁଁ ପୁରୋହିତ ତର୍କି (ବିଚାରି) କହିଲା-ଅମ୍ଭମାନଙ୍କର ଯହିଁକି କାମନା ଅଛି ଏ ପୁରୁଷ ତହିଁକି ଯୋଗ୍ୟ ଅଟେ ।

୭—ଅମୃତ ରହିବାକୁ ଚନ୍ଦ୍ରମା ସିନା ଯୋଗ୍ୟସ୍ଥାନ । ସେହିପରି ଏ ସୁନ୍ଦର ଜେମାର ଅନୁରୂପ ପାତ୍ର । ବୈଦ୍ୟୋକ୍ତ (ତାପରେ ବୈଦ୍ୟ କହିଲା) ଯେ ଯହିଁରେ (ଯାହାଠାରେ) ରସେ ତାହାର ସେହି ପ୍ରଧାନ ଅଟେ । ଅର୍ଥାତ୍ ଆମର ବାଛିବାରେ କି ହେବ ଜେମା ମନ ଯାହାଠାରେ ରସିବ ସେହି ତାହାର ଯୋଗ୍ୟ ପାତ୍ର ହେବ ।

୮—ଦେଖ ଉମାସ୍ୱସା (ଉମା ଭଗିନୀ) ଗଙ୍ଗା ବିଷ୍ଣୁପଦ ଓ ଶିବ ଶିର ସ୍ଥାୟୀ ହେଲେହେଁ ଲବଣ ସାଗରରେ ସଙ୍ଗ ପାଇଲା ।

ପରମପାବନୀ ତୀର୍ଥମାନ ଯେତେ ଥିଲେ ।
ଗୃତକ ଶତ୍ରୁ ରସିତ ଘେନ ଘନଜଳେ ॥ ୯
ବିପ୍ର ବୋଲେ ଜଳ ଜଡ଼ ସବର୍ଣ୍ଣିତ୍ୱ ଅଛି ।
ବିବେକଶୂନ୍ୟରେ ପଶୁ ପକ୍ଷୀ ସମେ ଲକ୍ଷି ॥ ୧୦
ଯେ ଉତ୍ତମ-ଉତ୍ତମାଙ୍ଗ-ଭୂଷଣ ରତନ ।
ଦୁର୍ଲ୍ଲଭ ବଲ୍ଲଭେ ସିନା ନିବେଶିବ ମନ ॥ ୧୧
ନାରଦ ପର୍ବତ ତାତ ବର କରିଥିଲା ।
ଇଲାକନ୍ୟା ବିଷ୍ଣୁ ଦରଶନେ ମାଳା ଦେଲା ॥ ୧୨
ବୈଦ୍ୟ ଭୂପେ ସାଧ୍ୱୀ ଯାହା ଘେନ ବରହ୍ରଣୀ ।
ବାଣିଜ୍ୟ କରିବ ସେହି ସ୍ୱପ୍ନଧନ ଘେନ ॥ ୧୩
ଗନ୍ଧବତୀସାର ରସବତୀ ଯେ ପଦ୍ମିନୀ ।
କୋମଳା ଏ ପ୍ରଶଂସାରୁ ଆନ କି କାମିନୀ ॥ ୧୪

୯—ଘେନ (ବିଚାର) ପରମ ପାବନୀ (ଅତି ପବିତ୍ର କାରଣୀ) ତୀର୍ଥଜଳ ଯେତେ ଥିଲେ ମଧ୍ୟ ଗୃତକ ଶତ୍ରୁ ଘନଜଳରେ ରସିଲା ।

୧୦—ବିପ୍ର (ପୁରୋହିତ) କହିଲା—ଜଳ ଏବଂ ଜଡ଼ ଏ ଦୁହିଁଙ୍କର ସବର୍ଣ୍ଣିତ୍ୱ ଡ ଓ ଳର ଭେଦ ନ ଥିବାରୁ ସମାନ ବର୍ଣ୍ଣତା ଅଛି, ସୁତରାଂ ଜଳ ଜଡ଼ (ଜ୍ଞାନ ହୀନ) ଅଟେ, ଆଉ ବିବେକ ଶୂନ୍ୟ ବିଷୟରେ ପଶୁ ଓ ପକ୍ଷୀ ସମାନ କରି ଲକ୍ଷ୍ୟକରିବା । ଗଙ୍ଗାଜଳ ଓ ଗୃତକ ପକ୍ଷୀ ବିଚାର କରି ନ ପାରି ଭଲ ଗାଢ଼ ମନରେ ରସିଲେ ।

୧୧—ଯେ ରାଜଜେମା ଉତ୍ତମା-ଉତ୍ତମାଙ୍ଗ-ଭୂଷଣ-ରତନ (ଉତ୍ତମା ସ୍ତ୍ରୀମାନଙ୍କର ମସ୍ତକ ମଣ୍ଡନ ମଣି) ପର ସେ ଦୁର୍ଲ୍ଲଭ ବଲ୍ଲଭଠାରେ (ପତି ଠାରେ) ସିନା ମନ ନିବେଶିବ ।

୧୨—ଦେଖି ତାତ (ପିତା) ପର୍ବତ ନାରଦ ଋଷିଙ୍କୁ ବର କରିଥିଲା, କିନ୍ତୁ ଇଲା କନ୍ୟା ବିଷ୍ଣୁଙ୍କ ଦର୍ଶନରେ ତାଙ୍କୁ (ବିଷ୍ଣୁଙ୍କୁ) ବରମାଳା ଦେଲା ।

୧୩—ବୈଦ୍ୟ ଭୂପେ ସାଧ୍ୱୀ (ପତିବ୍ରତା ରାଜଜେମା) ଯାହା ଘେନ ବରହ୍ରଣୀ ହୋଇଛି ସେହି ସ୍ୱପ୍ନଧନ (ସ୍ୱପ୍ନରେ ପାଇଥିବା ରତ୍ନ) କୁ ଘେନ ବାଣିଜ୍ୟ (ବ୍ୟବସାୟ) କରିବ ।

୧୪—ଗନ୍ଧବତୀସାର, ରସବତୀ, ପଦ୍ମିନୀ, କୋମଳ, ଏ ପ୍ରଶଂସାରୁ କାମିନୀ ଆନ କି ? (ଅନ୍ୟ ପ୍ରକାର କି ?)

ସେ ଚଣ୍ଡାଂଶୁ ସ୍ନେହବଶ ଥାଇ ଚନ୍ଦ୍ରପ୍ରୀତ ।
ତାର ପ୍ରକାଶେ ପଦ୍ମିନୀ ନୟନ ମୁଦନ୍ତି ॥ ୧୫
ବୃନ୍ଦାବତୀ ଜଳନ୍ଧରେ ହେବାରୁ ଲୋଲୁପ ।
ଭଗବାନ ଦିବ୍ୟରୂପେ ଦେଖି ଦେଲା ଶାପ ॥ ୧୬
ମନ୍ତ୍ରୀ ବୋଲେ ଏ ବଣିକ ପସରା ପରି ପଟ ।
ସୁବର୍ଣ୍ଣ ଦୁର୍ବର୍ଣ୍ଣ ଅଛି ଜାଣିମା ଲମ୍ପଟ ॥ ୧୭
ଅହେ ରଙ୍ଗାଜୀବ ତବଜୀବ ବନ୍ଧୁ ଯିବ ।
ବନ୍ଧୁଜୀବ-ଅଧରୀକି ଏ ପଟ ଭେଟିବ । ୧୮
ସେ କାଳେ ନେତ୍ର କପାଳେ ଦୃଷ୍ଟିକି ନିବେଶି ।
ଜାଣିମ ଲୀଳାଭିଳାଷୀ ଯହିଁ ସାଭିଳାଷୀ ॥ ୧୯
କରିବା ବରି ଆଣିବା ଉଦ୍ୟମ ଶୁଣି ତା ।
ସେ ଯାଇଁ ପ୍ରେରଣି କଲା ଶୁଦ୍ଧାନ୍ତେ ବନିତା ॥ ୨୦

୧୫—ପଦ୍ମିନୀ ଚଣ୍ଡାଂଶୁ (ସୂର୍ଯ୍ୟର) ସ୍ନେହରେ ବଶୀଭୂତ ହୋଇ ଚନ୍ଦ୍ର ସଙ୍ଗରେ ପ୍ରୀତି କରିବା ହେତୁରେ ଥାଇ ତାର (ଚନ୍ଦ୍ରର) ପ୍ରକାଶରେ ନୟନ ମୁଦନ୍ତି (ସଙ୍କୁଚିତ ହୁଅନ୍ତି) ।

୧୬—ବୃନ୍ଦାବତୀ ଜଳନ୍ଧରଠାରେ ଲୋଲୁପ (ଆସକ୍ତ) ହେବାରୁ ଭଗବାନଙ୍କର ଦିବ୍ୟରୂପ ଦେଖି ଶୁଦ୍ଧା ତାହାଙ୍କୁ ଶାପ ଦେଲା ।

୧୭—ମନ୍ତ୍ରୀ କହିଲେ—ଏ ପଟଖଣ୍ଡି ବଣିକ (ବୈଶ୍ୟ ବଣିଆଁ) ର ପସରା ପରି । ତାହାର ପସରାରେ ସୁବର୍ଣ୍ଣ (ସୁନା) ଦୁର୍ବର୍ଣ୍ଣ (ରୁପା) ଥିଲା ପରି ଏ ପଟରେ ସୁବର୍ଣ୍ଣ (ସୁରୂପ) ଦୁର୍ବର୍ଣ୍ଣ (କୁରୂପ) ଚିତ୍ର ଅଛି, ଜାଣିବା ଜେମା କାହିଁରେ ଲମ୍ପଟ (ସ୍ନେହୀ) ହେବ ।

୧୮—ଅହେ ରଙ୍ଗାଜୀବ (ଚିତ୍ରକର) ! ତୁମ୍ଭର ଜୀବବନ୍ଧୁ (ଭାର୍ଯ୍ୟା) ଯିବ ବନ୍ଧୁଜୀବ ଅଧରୀକି (ବଧୁଲି ପୁଷ୍ପ ସଦୃଶ ଅଧରୀକୁ) ଏ ପଟ ଭେଟି କରିବ ।

୧୯—ସେ କାଳେ (ଚିତ୍ରପଟ ଦେଖିବା ସମୟେ) ଲୀଳାଭିଳାଷୀ (କ୍ରୀଡ଼ାଭିଳାଷୀ ରାଜଜେମା) ନେତ୍ରକୁ କପାଳରେ ଖୋସି ଯହିଁ (ଯେଉଁ ଚିତ୍ରରେ) ଦୃଷ୍ଟିକି ନିବେଶିବ, ସେହି ରୂପରେ ସଭିଳାଷୀ ଅନୁରାଗିଣୀ ବୋଲି ତୁମ୍ଭ ସ୍ତ୍ରୀ ଅନୁମାନରେ ଜାଣିବ ।

୨୦—ସେ କଥା ଆମ୍ଭଙ୍କୁ ଜଣାଇଲେ ଆମ୍ଭେ ଉଦ୍ୟମ କରି ସେ ବରକୁ ଆଣିବା । ତାହା ଶୁଣି ଚିତ୍ରକର ଯାଇ ନିଜ ବନିତା (ସ୍ତ୍ରୀ) କୁ ଶୁଦ୍ଧାନ୍ତେ (ଅନ୍ତଃପୁରକୁ) ପ୍ରେରଣ କଲା ।

ଦେଖେ ବାଳା ବାସାଞ୍ଚଳ ଦଶା ଗ୍ରହ କରି ।
ଛିଣ୍ଡାଉଛି ପରମପଣ୍ଡିତା ଗୁଣ ଧରି ॥ ୨୧
ପୂର୍ବ ଲୋକନ ଅପୂର୍ବପୁରୁଷ ବିହନେ ।
ଆଶ୍ରୟ ନାହିଁ ବଞ୍ଚିତ ସଂଶୟ ଜୀବନେ ॥ ୨୨
ହୃଦୟେ ଦୋଳିତ ପତ୍ର ପୁଷ୍ପମାଳ ମ୍ଳାନ ।
ରସାଳସୀ ଶିଶୁଶଶୀ ପ୍ରଭାଭ୍ରା ରଞ୍ଜନ ॥ ୨୩
ରସାଳ ତାଳମ୍ବ ବୀଜ ଅଶନେ ଡରାଇ ।
ପାଣିସ୍ଥିତ କମଳ ଚୁମ୍ବିବା ଇଚ୍ଛା ହୋଇ ॥ ୨୪
ଅଗାଧ ଶୋକସାଗରେ ବୁଡ଼ି ଯାଇ ମନ ।
ଉଦିତ ମୁଦିତେ ଦେଖେ ହୋଇଲା ନୟନ ॥ ୨୫
କଥା ପ୍ରସଙ୍ଗ ସ୍ୱଭାବେ ବଚନ ରଚିତ ।
ଚନ୍ଦନ-ଇନ୍ଧନ ନବାମ୍ବର ପାଶେ ସ୍ଥିତ ॥ ୨୬

୨୧—ସେ ଯାଇ ଦେଖିଲା ବାଳା, ପରମପଣ୍ଡିତା ଗୁଣଧରି ବାସାଞ୍ଚଳ (କାନିପଣତ) ର ଦଶା (ଦଶିମାନଙ୍କୁ) ଗ୍ରହ (ଗ୍ରହଣ) କରି (ଗ୍ରହଦଶାଚ୍ଛିନ୍ନ ହେବା ଅଭିପ୍ରାୟରେ) ଛିଣ୍ଡାଉଛି ।

୨୨—ପୂର୍ବରେ ଲୋକନ (ଦେଖିଥିବା) ଅପୂର୍ବ ପୁରୁଷ ବିହୀନେ (ବ୍ୟତୀତ) ଅନ୍ୟ ଆଶ୍ରୟ ନାହିଁ, ଜୀବନରେ ବଞ୍ଚିତ (ବଞ୍ଚିବାକୁ) ସଂଶୟ ହେଉଛି । ଦଶଦଶା ବର୍ଣ୍ଣନା । (ଅସୌଷ୍ଠବ) ।

୨୩—ବିରହ ତାପରୁ ହୃଦୟରେ ଦୋଳିତ (ଲମ୍ବିତ) ପତ୍ର ଓ ପୁଷ୍ପମାଳ ମ୍ଳାନ ହୋଇଛି (ତାପ) । ରସାଳସୀ ରାଜଜେମା ଶିଶୁ ଶଶୀ (ଦ୍ୱିତୀୟା ଚନ୍ଦ୍ରର) ପ୍ରଭାଭ୍ରା (ଦୀପ୍ତ କା) ରଞ୍ଜନ ହୋଇଛି (ପାଣ୍ଡୁ ଓ କୃଶ ଦଶା) ।

୨୪—ରସାଳ (ଆମ୍ବ) ଓ ତାଳମ୍ବବୀଜ ଅଶନେ (ଭକ୍ଷଣ କରିବାକୁ ଡର) (ଅରୁଚି) ପାଣିସ୍ଥିତ କମଳ (ହାତରେ ଥିବା ପଦ୍ମକୁ) ଚୁମ୍ବିବାକୁ ଇଚ୍ଛା ହୁଅଇ (ଅଧୃତି) ।

୨୫—ଅଗାଧ (ଅତଳ) ଶୋକ ସାଗରରେ ମନ ବୁଡ଼ିଯାଏ (ଅନାବଲମ୍ବ) । ନୟନ ମୁଦ୍ରିତେ (ମୁଦ୍ରିତ କରିବା ଦ୍ୱାରା) ପୂର୍ବରେ ଦେଖିଥିବା ପୁରୁଷଉଦିତ (ପ୍ରକାଶିତ) ହୋଇଥିବାର ଦେଖେ (ତନ୍ମୟ) ।

୨୬—କଥା ପ୍ରସଙ୍ଗ (ବାତୁଳ) ସ୍ୱଭାବରେ ବଚନ ରଚନା କରଇ (ଉନ୍ମାଦ) । ମୂର୍ଚ୍ଛାନ୍ତେ ଚନ୍ଦନଇନ୍ଧନ (ଚନ୍ଦନକାଷ୍ଠ) ନବାମ୍ବର (ନୂଆଲୁଗା) ପାଖରେ ଥିବାର ଦେଖି ବିଚାରଇ-ମୁଁ ମଲେ ଦାହ ପାଇଁ ଏ ସବୁ ରଖା ଯାଇଅଛି (ମୂର୍ଚ୍ଛା) ।

ରଙ୍ଗୋପଜୀବନୀ ପଟ ଭେଟେ ଏ ସମୟେ ।
ଦେଖେ ଚିତ୍ରଗଣ ବର୍ଣ୍ଣକଗଣ ଶୋଭା ପାଏ ॥ ୨୭
ସଖୀ ସଙ୍ଗେ ସୁମୁଖୀ ସେ ଚିତ୍ର ଦେଖି ଦେଖି ।
ଗତ ଦଶନ ପୁରୁଷେ ରଖିଲା ସେ ଆଖି ॥ ୨୮
ସେ ଖଞ୍ଜନ ରଞ୍ଜନ ସେ ପ୍ରତିମା ପିତୁଳା ।
ସାରଗାର ଗୁଣା ଅଠାକାଠିରେ ଲଗିଲା ॥ ୨୯
ପୁଲକିଲା କପୋଳ କି ସେ ନୀପକଳିକା ।
ଚୁମ୍ବବୋଲି ଦେଖାଇଲା କିଶୋର-ଅଳିକା ॥ ୩୦
ଅଳସ ବ୍ୟାଜେ ଛନ୍ଦିଲା ଊର୍ଦ୍ଧ୍ୱେ ବେନିକର ।
ଏ ପାଶେ ବାନ୍ଧି ରଖିବ ଅଭିପ୍ରାୟ କି ତାର ॥ ୩୧
ଘଞ୍ଚି କୁଚ ଉଚ ଦଗିବାରୁ ଏହା ତର୍କି ।
କାରାଗୃହ ସ୍ଥଳେ ଅମ୍ବୁଜାକ୍ଷୀ ତମ୍ବୁ ଠେକି ॥ ୩୨
ସେ ଅନୁରାଗିଣୀ ସେ ବାମାକୁ ଅନୁଗ୍ରହ ।
କଲା ଅଣାଇ ବସନ ଭୂଷଣ ସନ୍ଦୋହ ॥ ୩୩

୨୭—ଏହି ସମୟରେ ରଙ୍ଗୋପଜୀବନୀ (ଚିତ୍ରକର ସ୍ତ୍ରୀ) ପଟ ନେଇ ଭେଟିଲା । କେମା ଦେଖିଲା—ଚିତ୍ରଗଣ ବର୍ଣ୍ଣକଗଣ (ଚିତ୍ରିତ ଚିତ୍ରମୂର୍ତ୍ତି ସବୁ) ସେ ପଟରେ ଶୋଭା ପାଏ ।

୨୮—ସୁମୁଖୀ ରାଜକେମା ସଖୀ ସଙ୍ଗରେ ସେ ଚିତ୍ରକୁ ଦେଖି ୨ ପୂର୍ବେ ଦେଖିଥିବା ପୁରୁଷଠାରେ ଆଖି ରଖିଲା ।

୨୯—ସେ ସୁନ୍ଦରୀର ରଞ୍ଜନ (ଅନୁରାଗଜନକ) ଚକ୍ଷୁ ଖଞ୍ଜନପକ୍ଷୀ, ସେ ପୁରୁଷର ପ୍ରତିମା ପିତୁଳାର (ପ୍ରତିମୂର୍ତ୍ତିର) ଗୃହ ପାଖରେ ଥିବା ସାର ଗାରର ଗୁଣ (ଅନ୍ତର) ଅଠାକାଠି ତହିଁରେ ଲଗିଲା ।

୩୦—ସେ ସମୟରେ କପୋଳ (ଗଣ୍ଡସ୍ଥଳ) ପୁଲକିଲା, ସେ ନୀପକଳିକା (କଦମ୍ବ କଳିକା ସଦୃଶ ପୁଲକିତ ଗଣ୍ଡକୁ) ଚୁମ୍ବବୋଲି ଚିତ୍ର ପୁରୁଷରୂପକ କିଶୋର ଅଳିକ (ଯୁବାଭୃଙ୍ଗକୁ) ଦେଖାଇଲା କି ?

୩୧—ଅଳସ ଭାଙ୍ଗିବା ବ୍ୟାଜେ (କପଟରେ) ବେନିକର (ଦୁଇହାତ) ଉଠାଇ ଊର୍ଦ୍ଧ୍ୱରେ ଛନ୍ଦିଲା, ଏହି ବାହୁ ପାଶରେ ଚିତ୍ର ପୁରୁଷକୁ ବାନ୍ଧି ରଖିବା ତାର ଅଭିପ୍ରାୟ କି ?

୩୨—ଘଞ୍ଚିକୁଚ ଉଚ ଦଗିବାରୁ ଏପରି ତର୍କଣା କରାଯାଉଛି ଯେ ଅମ୍ବୁଜାକ୍ଷୀ (ପଦ୍ମନେତ୍ରୀ) ତାହାକୁ କାରାଗୃହ (କଇଦ ଘର) କରି ତହିଁରେ ତମ୍ବୁ ଠେକିଛି ।

୩୩—ସେ ଅନୁରାଗିଣୀ ରାଜକେମା ବସନ ଭୂଷଣ ସନ୍ଦୋହ (ସମୂହ) ଅଣାଇ ସେ ଚିତ୍ରକାର ବାମାକୁ ଦାନ କରିବା ଦ୍ୱାରା ଅନୁଗ୍ରହ ପ୍ରକାଶ କଲା ।

ବନ୍ଦ-ଅବାସ କରଣ ପଟକୁ ଥୋଇଲା ।
କେବଳ ହସ୍ତରେ ଧରି ବାହାର ନ ହେଲା ॥ ୩୪
ବାହୁଡ଼େ ସେ ବାଳୀ କରି ମନୋରଥ ପୂର୍ଣ୍ଣ ।
ତା ପତି ଶୁଣି ସମସ୍ତ ସଚିବେ କଥନ ॥ ୩୫
ଜାଣିଲା ପୁଷ୍ପ ପୁରେଶ କୁମାରେ ଲୋଭିତ ।
କହିବା ଶୁଣ କୋବିଦେ ଏବେ ତା ଚରିତ ॥ ୩୬
ତାପୀ ବିରହେ ଅଧିକେ ଉଷ୍ମାଗମ ଦହେ ।
ନୃପନନ୍ଦନ ଆରାମ-ସଦ୍ମେ ବସି କହେ ॥ ୩୭
ଏ ନିଦାଘ ଋତୁ ବ୍ୟାଘ୍ର ପ୍ରବେଶ ନଗରେ ।
ଦେଖ ରଙ୍ଗଣି ପାଟଳୀ ସରକତ କରେ ॥ ୩୮
ଖର-କରଜ ପ୍ରଭବ ଅତ୍ୟନ୍ତ ଦେଖାଇ ।
ଧୁନି କରି ବିଦାରି ଜୀବନ ହରିନେଇ ॥ ୩୯

୩୪—ପଟକୁ ବନ୍ଦଆବାସ (କାରାଗୃହ) କରି ତହିଁରେ ମନକୁ ଥୋଇଲା, କେବଳ ହାତରେ ଧରି ବାହାରକୁ ବାହାରିଲା ନାହିଁ ।

୩୫—ସେ ବାଳୀ ଚିତ୍ରକର ସ୍ତ୍ରୀ ମନୋରଥ ପୂର୍ଣ୍ଣକରି ବାହୁଡ଼େ, ତା ପତି ଚିତ୍ରକର ତାହାଠାରୁ ସମସ୍ତ ଶୁଣି ସମସ୍ତ ବିଷୟ ସଚିବେ (ମନ୍ତ୍ରୀ) ଙ୍କୁ କହିଲା ।

୩୬—ମନ୍ତ୍ରୀ ଜାଣିଲା ରାଜଜେମା ପୁଷ୍ପପୁରେଶ (ପୁଷ୍ପପୁର ରାଜାଙ୍କ) କୁମାରଠାରେ ଲୋଭିତା । ହେ କୋବିଦେ (ପଣ୍ଡିତମାନେ) ! ଏବେ ସେ କୁମାରର ଚରିତ କହିବା ଶୁଣ ।

୩୭—ସେ କୁମାର ଏଣେ ବିରହରେ ତାପୀ ହୋଇଛନ୍ତି ତହିଁରେ ପୁଣି ଉଷ୍ମାଗମ (ଗ୍ରୀଷ୍ମକାଳ) ଅଧିକେ ଦହୁଛନ୍ତି, ଏ ଅବସ୍ଥାରେ ନୃପନନ୍ଦନ ଆରାମସଦ୍ମେ (ଉପବନ ସ୍ଥିତ ଗୃହରେ) ବସି କହଇ । ଆରାମ (ଉପବନ) ସଦ୍ମ (ଗୃହ) ।

୩୮—ଏ ନିଦାଘ (ଗ୍ରୀଷ୍ମ) ଋତୁ ବ୍ୟାଘ୍ର ନଗରରେ ପ୍ରବେଶ କଲେ ପା (ପାଦ) ଟଳି ପଡ଼ି ଯିବା ଲୋକଙ୍କୁ ବିଦାରି ରଙ୍ଗଣୀ ଫୁଲପ୍ରାୟ ସରକତ (ରକ୍ତଯୁକ୍ତ) କରେ । ଏ ଗ୍ରୀଷ୍ମକାଳ ନଗ (ପର୍ବତ) ରେ ପ୍ରବେଶ ହୋଇ ରଙ୍ଗଣୀ ଓ ପାଟଳୀ ବୃକ୍ଷକୁ ପୁଷ୍ପଦ୍ୱାରା ସରକତ (ରକ୍ତବର୍ଣ୍ଣ) କରଇ ।

୩୯—ସିଂହ ଖର କରଜ (ତୀକ୍ଷ୍ଣନଖ) ର ପ୍ରଭବ (ପ୍ରଭାବ) ଅତ୍ୟନ୍ତ ଦେଖାଇ ଧୁନି (ଗର୍ଜନ) କରି ପ୍ରାଣୀମାନଙ୍କୁ ବିଦାରି ଜୀବନ ହରି ନିଅଇ । ଏ କାଳ ମଧ୍ୟ ଖର କରଜ ପ୍ରଭବ (ଖରକର ଯେ ସୂର୍ଯ୍ୟ ତାହାଙ୍କଠାରୁ ଜାତପ୍ରଭାବ ପ୍ରଚଣ୍ଡ କିରଣକୁ) ଅତ୍ୟନ୍ତ ଦେଖାଇ ଧୁନି (ନଦୀ) ମାନଙ୍କୁ ବିଦାରି କରି (ବିଦାରିଲାପରି ଧାର ଧାର କରି) ଜୀବନ (ଜଳକୁ) ହରି ନିଅଇ ।

କେତେ ରକ୍ଷା ଯେ ଅଭୟ ବାଡ଼ କରିଥିବେ ।
ବିଦ୍ୟାନିଧି ଯଶୋବନ୍ତ ଉତ୍ତର ଏ ଭାବେ ॥ ୪୦
ନବଚଣ୍ଡୀ ପ୍ରସନ୍ନେ ଏ ଭୀତି ଯିବ ନାଶ ।
ମନ୍ତ୍ରବ ଦେଇ ଅନ୍ତର ହୋଇ ଶିବପୁଂସ ॥ ୪୧
ସ୍ତ୍ରୀପୁଂସଲକ୍ଷଣା ବୋଲେ ଉଦ୍ୟମ କରିବା ।
ଉଦନ୍ତ ହେଉଥିବା କି ସେ କଟକେ ଯିବା ॥ ୪୨
ସ୍ୱର୍ଗ ଯେ ଦୁର୍ଲ୍ଲଭ ଯଙ୍କ କରି ଲଭେ ଜନ ।
ମନ୍ତ୍ରୀଜ ଭକ୍ତ ସେ ବାଳା କରୁଣାର ସ୍ଥାନ ॥ ୪୩
ଭଲ ଅଭିଳାଷ ପରଚୟ ବିନା ବାଳା ।
କାମଶରେ ଗୃହିଁଣି ଛଟକେ ବନ୍ଧଦେଲା ॥ ୪୪
ସେ କମଳା ଏହାଙ୍କ ୯ ଚିନ୍ତା ସେହୃଦନୁ ।
ମୁଁ ପୁରୁଷୋତ୍ତମ କେହ୍ନ ମଣ୍ଡିବ ମୋ ଜାନୁ ॥ ୪୫

୪୦—ଯେଉଁମାନେ ଅଭୟ ପାଇ ବାଡ଼ କରିଥିବେ ସେମାନେ କେତେ ବ୍ୟାଘ୍ର ଭୟରୁ ରକ୍ଷା ପାଇବେ ଯେଉଁମାନେ ଅଭୟ (ବେଣାରେର) କୁ ବାଡ଼ କରିଥିବେ ସେମାନେ ମଧ୍ୟ କେତେ ଗ୍ରୀଷ୍ମରୁ ରକ୍ଷା ପାଇବେ ବିଦ୍ୟାନିଧି (ଯଶୋବନ୍ତ) ଏ ଭାବେ ଉତ୍ତର କଲେ ।

୪୧—ନବଚଣ୍ଡୀ (ନବଦୁର୍ଗା) ପ୍ରସନ୍ନ ହେଲେ ବ୍ୟାଘ୍ର ଭୟ ନାଶ ହୁଅଇ, ସେହିପରି ନବଚଣ୍ଡୀ (ନୂତନା ରମଣୀ) ପ୍ରସନ୍ନହେଲେ ତୁମ୍ଭ ଭୀତନାଶ ଯିବ । ଏ ବିଷୟରେ ମନ୍ତ୍ର (ବିଗୁର) ଦେଇ ଶିବପୁଂସ ଅନ୍ତର ହୋଇଛୁ ।

୪୨—ସ୍ତ୍ରୀ ପୁଂସ ଲକ୍ଷଣା—ପୋଷା ନପୁଂସକ ଅମ୍ଭେମାନେ ସେ ବିଷୟରେ ଉଦ୍ୟମ କରିବା । ଉଦନ୍ତ (ବାର୍ତ୍ତା) ଦେଉଥିବା କି ସେ କଟକେ (ନଗରକୁ) ଯିବା ।

୪୩—ସେ ସ୍ୱର୍ଗ ଦୁର୍ଲ୍ଲଭ ତାହାକୁ ଜନ ଯଙ୍କକରି ଲଭେ (ଅର୍ଥାତ୍ ରାଜକନ୍ୟା ଦୁର୍ଲ୍ଲଭ ହେଲେ ଉଦ୍ୟମ କଲେ ଅବଶ୍ୟ ସୁଲଭ ହୋଇ ପାରିବ) । ମନ୍ତ୍ରୀଜ (ମନ୍ତ୍ରୀପୁତ୍ର) ଭକ୍ତକଲ—ସେ ବାଳା କରୁଣାର (ଦୟାର) ସ୍ଥାନ ଅଟେ ।

୪୪—ତାହାର ଅଭିଳାଷ (ଅନୁରାଗ) ଭଲ, ସେ ବାଳା ବିନାପରିଚୟରେ କାମଶର ସଦୃଶ ଗୃହିଁଣି ଛଟକରେ ଏପରି ବନ୍ଧଦେଲା ଯେ ରାଜପୁତ୍ର କେବଳ ତାହାକୁ ଧ୍ୟାନ କରୁଅଛୁ । ଏହିଠାରୁ ପ ୫୨ ଦ ପର୍ଯ୍ୟନ୍ତ କାମର ଦଶଦଶା ଅର୍ଥାତ୍-ଅଭିଳାଷ, ଚିନ୍ତା ସ୍ମୃତି, ଗୁଣକଥନ, ଉଦ୍‌ବେଗ,ପ୍ରଳାପ, ଉନ୍ମାଦ, ବ୍ୟାଧି, ଓ ମୃତ୍ୟୁ ଗ୍ରିତର ବର୍ଣ୍ଣନ ।

୪୫—ସେହୃଦନୁ ଏହାଙ୍କର ଏ ଚିନ୍ତା—ସେ କମଳା (ପଦ୍ମିନୀ ସ୍ତ୍ରୀ) ସୁତରଂ ଲକ୍ଷ୍ମୀ ମୁଁ ପୁରୁଷୋତ୍ତମ (ଉତ୍ତମପୁରୁଷ ଓ ବିଷ୍ଣୁ) ତେବେ କେହ୍ନ (କିପରି) ସେ ମୋ ଜାନୁ ମଣ୍ଡିବେ ।

ଶ୍ରୀମୁଖ ବକ୍ର-ବିଜୃମ୍ଭ ତାରକ ପ୍ରସଙ୍ଗ ।
ସ୍ମୃତି ଯେଣୁ ପବିତ୍ର ହୁଅଇ ପ୍ରତିଦିନ ॥ ୪୬
ମହୀମଣ୍ଡନା ମହିଳାମଣି ତୋ ବିହୀନ ।
ନ ଥିଲେ ନୋହିବ ନାହିଁ ଏ ଗୁଣ କଥନ ॥ ୪୭
ବିଷୟ ହେଲାଣି ପ୍ରାନ୍ତ ହତ ଯେଉଁ ଦିଗେ ।
ମୃଦୁଧ୍ୱନି ଶୁଭେ ଶ୍ରୁତି ଟେକଇ ଉଦ୍‌ବେଗେ ॥ ୪୮
ପ୍ରତିଆଶାରେ ସେ ରାମାରୂପେ ଦିଶିଗଲେ ।
ଆସ ଆସ ବସ କୋଳେ ପ୍ରଳାପରେ ବୋଇଲ ॥ ୪୯
କଳକଣ୍ଠ ଦୂତକରେ ଉଡ଼ିଗଲେ ସେହି ।
ଉନ୍ମାଦେ ହସି ଭାଷଇ ଗଲା ବାଉଳି କହି ॥ ୫୦
ବୋଲେ ତନୁ ହରିଣକୁ ଗୁହିଁ ଯେବେ ପୁଛି ।
କ୍ଷବିଯୁଜନ୍ୟ ଏ ବ୍ୟାଧି ପୁଷ୍କର କାହିଁଛି ॥ ୫୧
କଳ ଆନ ପ୍ରତିମା ପରାୟେ କ୍ଷଣେ କ୍ଷଣେ ।
ଶ୍ୱାସ ବଡ଼ ଜଡ଼ଭାବ ନାହିଁ ଗତି ଭଣେ ॥ ୫୨

୪୬—ତାହାର ଶ୍ରୀମୁଖରେ ପ୍ରକାଶ ପାଇଥିବା ବକ୍ରବିଜୃମ୍ଭ (କପଟ ହୋଇ) ପ୍ରସଙ୍ଗ ତାରକମନ୍ତ୍ର ଅଟେ, ପ୍ରତିଦିନ ତାହା ସ୍ମୃତି (ସ୍ମରଣ) ହେଉଥିବା ଯେଣୁ ମୁଁ ପବିତ୍ର ହୁଅଇ ।

୪୭—ହେ ମହୀମଣ୍ଡନା ମହିଳାମଣି ତୋ ବିହୀନ (ବିନା) ଅନ୍ୟ ସ୍ତ୍ରୀ ନ ଥିଲେ ନୋହିବ ନାହିଁ ଏହିପରି ଗୁଣ ଗାନ କଲେ ।

୪୮—ବିଷୟ ଏହିଶବ୍ଦ ପ୍ରାନ୍ତହନ୍ତ (ଶେଷ ଲୁପ୍ତ ଅର୍ଥାତ୍ ବିଷ) ହେଲାଣି । ଯେଉଁ ଦିଗରେ ମୃଦୁଧ୍ୱନି ଶୁଭଇ ତାକୁ ସେ ସ୍ତ୍ରୀର କଥା ବିଚାରି ଉଦ୍‌ବେଗରେ ସେ ଦିଗକୁ ଶ୍ରୁତି (କର୍ଣ୍ଣ) ଟେକନ୍ତି ।

୪୯—ପ୍ରତିଆଶାରେ (ଧ୍ୟାନରେ) ସେ ରାମାରୂପ ଦିଶିଗଲେ, ଆସ ଆସ ମୋ କୋଳରେ ବସ ବୋଲି ପ୍ରଳାପରେ କହନ୍ତି ।

୫୦—କଳକଣ୍ଠ (କୋକିଳକୁ) ଦୂତ କରି ପଠାନ୍ତି, ପୁଣି କୋକିଳ ଉଡ଼ିଗଲେ, ବାଉଳି କହି ଗଲା ବୋଲି ଉନ୍ମାଦରେ ହସି ହସି କହନ୍ତି ।

୫୧—ଯେବେ ତାହାଙ୍କ ତନୁ ହରିଣକୁ (ଦେହର ପାଣ୍ଡୁର ବର୍ଣ୍ଣକୁ) ଗୁହିଁ କେହି ପଚାରନ୍ତି; ତେବେ ସେ ବୋଲନ୍ତି—ଏ କ୍ଷବିଯୁ ଜନ୍ୟ ବ୍ୟାଧି (ଅସାଧ୍ୟରୋଗକୁ) ପୁଷ୍କର (ଔଷଧ) କେଉଁଠାରେ ଅଛି ।

୫୨—କଳ (ମଧୁର) ଆନ (ବିପରୀତ) ଅର୍ଥାତ୍ ଭଗ୍ନ ପ୍ରତିମାପରି କ୍ଷଣେ କ୍ଷଣେ ଅଚଳ ହେଉଛି (ଜଡ଼ତା) କେବେ ବଡ଼ଶ୍ୱାସ ଛାଡ଼ୁଛି, କେତେ ଜଡ଼ ଭାବ (ମୂକ ଭାବ) ଧରୁଛି, କେବେ ତୋ ବିନା ଗତି ନାହିଁ ଏହା କହୁଛି । (ମୃତ୍ୟୁ ସ୍ଥିତି) ।

ଏ ଦଶା ନବକିଶୋର ପାଇଲାଣି ଜାଣ ।
ଆଉ କିଛି ନୋହୁ କର ତୋର ଭୃତ୍ୟପଣ ॥ ୫୩
ଶୁଣି ଖୁସି ହୋଇଲା ବୋଇଲା ଲେଖା ଲେଖା ।
ଜାଣିଛୁ ଚତୁରମୁଖ ଚତୁରେ ସୁମୁଖ ॥ ୫୪
ବାରୁର ବାରୁର ଲେଖି ଉଦନ୍ତପତରେ ।
ସମର୍ପିଲେ କି ସମର୍ପି ହେଲେ ତାହାଠାରେ ॥ ୫୫
ମଙ୍ଗଳକାରୀ ହୋଇଲେ ଶିବା ଦ୍ୱିଜ ଉହିଁ ।
ବାମ ଦକ୍ଷିଣଭାଗକୁ ସୁଲଗ୍ନ କରାଇ ॥ ୫୬
ତେଣେ ଉପାଧ୍ୟାୟୀ ଯେ ଗମନ କରୁଥିଲେ ।
ଏଣେ ପୋଠା ଯାଇ ଯୋଗବଳରେ ଜାଣିଲେ ॥ ୫୭
ଅଦ୍ଭୁତପୁଂସ ମାଙ୍ଗଲ୍ୟା ଶୁକ ଶାରୀ ହୋଇ ।
ଚମ୍ପାପୁର ମଧ୍ୟରେ ସରସୀତଟେ ଯାଇ ॥ ୫୮
ଲବଙ୍ଗଲତାରେ ବସି ଭାଷେ ଏକ ପଦ ।
କୁମାରୀ କୁମାର ସ୍ନେହ ମଦନବିଷାଦ ॥ ୫୯

୫୩—ନବକିଶୋର (ନବ ଯୁବକ) ରାଜପୁତ୍ର ଏ ଦଶା ପାଇଲାଣି ଏହା ଜାଣ । ତୋର ଭୃତ୍ୟପଣକର ଯେପରି ତାହାର ଆଉ କିଛି ନୋହୁ ।

୫୪—ମନ୍ତ୍ରୀପୁତ୍ରଠାରୁ ପୋଠା (ନପୁଂସକ) ଏମନ୍ତ ଶୁଣି ଖୁସି ହୋଇ କହିଲା— ଲେଖ (ଶୀଘ୍ର) ଲେଖା । ମୁଁ ଜାଣିଛୁ ଚତୁରମୁଖ (ବ୍ରହ୍ମା) ଏ ଚତୁରେ (ସୁନ୍ଦରଠାରେ) ସୁମୁଖ (ଅନୁକୂଳ) ହୋଇଛନ୍ତି ।

୫୫—ବାରୁର ବାରୁର ପତ୍ରରେ ସମସ୍ତ ଉଦନ୍ତ (ବାର୍ତ୍ତାମାନ) ଲେଖି ତାହାଠାରେ ସମର୍ପିଲେ କି ନିଜେ ସମର୍ପି ହେଲେ ।

୫୬—ଉହିଁ (ଅନୁକୂଳ ହେଲେ) ଶିବା (ବିଲୁଆ) ଏବଂ ଦ୍ୱିଜ (ବ୍ରାହ୍ମଣ) ବାମ ଓ ଦକ୍ଷିଣ ଭାଗରେ ରହି ସୁଲଗ୍ନ କରାଇ ମଙ୍ଗଳକାରୀ ହୋଇଲେ ।

୫୭—ତେଣେ ଉପାଧ୍ୟାୟୀ ଗମନ କରୁଥିଲେ, ଏଣେ ପୋଠା (ନପୁଂସକ ପୁରୁଷ) ଯାଇ ଯୋଗବଳରେ ତାହା ଜାଣିଲେ ।

୫୮।୫୯—ଅଦ୍ଭୁତ ପୁଂସ ଓ ମାଙ୍ଗଲ୍ୟା ଦୁହେଁ ଶୁଆ ଶାରୀ ହୋଇ ଚମ୍ପାପୁର ମଧ୍ୟରେ ସରସୀ (ପୁଷ୍କରିଣୀ) ତଟରେ ଯାଇ ଲବଙ୍ଗଲତାରେ ବସି ଏକପଦରେ (ଏକସ୍ୱରରେ) ଭାଷିଲେ, କୁମାରୀ ଓ କୁମାର ଦୁହିଁଙ୍କର ସ୍ନେହ ମଦନ-ବିଷାଦ (କାମକଷ୍ଟକୁ) ଜନ୍ମାଇ ଅଛି ।

କଳହଂସକେଦାରେ ଭୂପାଳେ ଆଳାପିତ ।
ପ୍ରଥମରେ 'ଯେ' ଯୁକ୍ତ ଅଧିକ ଏତେମାତ୍ର ॥ ୭୦
ଶ୍ରୀରାମ ସାର୍ଥ କରିବେ ଏ ମନୋରଥକୁ ।
ଶ୍ରୀରାମ ମୂର୍ତ୍ତି ମୋହିଲେ ଯେ ହରିଯୂଥକୁ ॥ ୭୧
କହେ କବି ବୀରବର ଉପଇନ୍ଦ୍ର ଭଞ୍ଜ ।
ସୁହୃଦେ ଯେ ମିଶ୍ରିତ ଛାନ୍ଦକୁ ଏବେ ହେଜ ॥ ୭୨

ତ୍ରିଂଶ ଛାନ୍ଦ

ରାଗ—କଳହଂସ କେଦାର ଓ ଭୂପାଳ ।

ବୁଧସାରସେ ବେନି ରାଗ ରୁଚିର ।
ନୀରକ୍ଷୀରମିଶ୍ରିତ ଦ୍ୱି ରୁକ୍ତି ବାର ଯେ ।
ଶୁକ କହିବାବେଳେ ଗୃହୁରୀ ସ୍ୱର ।
ସାରୀ ଅଗ୍ରତେ ମୃଦୁତରହିଁ କର ଯେ ॥ ୧

୭୦—କଳହଂସ କେଦାର ଓ ଭୂପାଳ ଏ ଦୁଇରାଗ ଅକ୍ଷରଗଣନାରେ ସମାନ, କିନ୍ତୁ କଳହଂସ କେଦାର ଦ୍ୱିତୀୟ ଓ ଚତୁର୍ଥ ପାଦଶେଷରେ "ଯେ" ଯୁକ୍ତ ହୁଏ, ଏତିକି ମାତ୍ର ଅଧିକ ।

୭୧—ଶ୍ରୀରାମ ଏ ମନୋରଥକୁ ସାର୍ଥକ କରିବେ—ଯେଉଁ ଶ୍ରୀରାମ ମୂର୍ତ୍ତି ହରି ଯୂଥକୁ (ବାନର ଦଳକୁ) ମୋହିଥିଲେ ।

୭୨—କବି ବୀରମାନଙ୍କ ମଧ୍ୟରେ ବର (ଶ୍ରେଷ୍ଠ) ଉପେନ୍ଦ୍ରଭଞ୍ଜ କହେ, ହେ ସହୃଦୟମାନେ ଏବେ ଏ ମିଶ୍ରିତ ଛାନ୍ଦକୁ ହେଜ (ଚିନ୍ତାକର) ।

୧—ଏ ଛାନ୍ଦରେ ପୁଷ୍ପକେତୁ ପକ୍ଷରୁ ଶୁକ କଳହଂସ କେଦାର ରାଗରେ ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ପକ୍ଷରୁ ସାରୀ ଭୂପାଳ ରାଗରେ କହୁଅଛି । ଏଥିରେ ଦୁଇଜଣଙ୍କର ଉକ୍ତି ମିଶ୍ରିତ ହୋଇଛି । ହେ ବୁଧ ସାରସେ (ପଣ୍ଡିତ ହଂସମାନେ) । ବେନିରାଗରେ (କଳହଂସ କେଦାର ଓ ଭୂପାଳ ଏହି ଦୁଇ ରାଗରେ) ରୁଚିର (ମନୋହର) ନୀର କ୍ଷୀର ପରି ମିଶ୍ରିତ ଦ୍ୱିରୁକ୍ତି (ଶୁକସାରୀ ଦୁହିଙ୍କର ଉକ୍ତିକୁ) ବାର (ପୃଥକ୍ କର) । ଶୁକ କୁମାର ଗୃହୁରୀ ସ୍ୱରଣକର ସାରୀ ଅଗ୍ରତେ ହିଁ (ନିଷ୍ଠୟ) ମୃଦୁତର (ଅତିକୋମଳ) କର ବାର୍ତ୍ତା କହ (କହଇ) ସାରୀ ଶୁକ କହିବାର ଗୃହୁରୀକି ସ୍ୱର ଛା ଅଗ୍ରତେ (ଶୁକ ଆଗରେ) ମୃଦୁଉର (ମୃଦୁ ଉତ୍ତର) କର (କରଇ) ।

ନାଗରମଣି ସାର ଶୂର-ଭୀ-ଧାମ । ନାହିଁ ଶ୍ରୁତରେ ତାହା କୀରତ ସମ ଯେ ।
ସୁନା ସାଦୃଶ କାନ୍ତି କି ମନୋରମ । କାମିନୀଚୟ ଧୈର୍ଯ୍ୟ ହତକୁ କ୍ଷମ ଯେ ॥ ୨
ଲୋକେ କେଶରୀ ବୋଲି ସ୍ତୁତକି ଭଣି । କରୀ ଅରି ଜୟକୁ ମଧ୍ୟରେ ପୁଣି ଯେ ।
ବଧୀର ଶତ୍ରୁଦୁଃଖ ସେ ପାଇଲା ଯେ । ବଶ କେମାରେ ନାହ୍ନ ବଞ୍ଚନା ଖୋଜେ ଯେ ॥୩
ସୁମନସର ପାଠେ କି ଦରୀଭୂତେ । ଶାନ୍ତି ସୁନ୍ଦର ଶତା ଚମକେ କେତେ ଯେ ।
ନୀର ତେଜି ବନରେ ଆଦରହୀନ । ରତନବରବେଶେ ନ ବଳେ ମନ ଯେ ॥ ୪

୨—ସେ କୁମର ନାଗରମଣି (ପୁରୁଷଶ୍ରେଷ୍ଠ) ସାର ଶୂର-ଭୀ-ଧାମ (ଶ୍ରେଷ୍ଠ ବୀରମାନଙ୍କର ଭୟର ସ୍ଥାନ) ତାହାଙ୍କ କୀର୍ତ୍ତି ସମାନ ଆଉ ଶ୍ରୁତରେ (ବେଦରେ ମଧ୍ୟ) କା-ହାର କୀର୍ତ୍ତି ବର୍ଣ୍ଣିତ ହୋଇ ନାହିଁ, ବା ଶ୍ରୁତରେ (କର୍ଣ୍ଣରେ ମଧ୍ୟ) ଶୁଣା ଯାଇ ନାହିଁ । ତାହାଙ୍କର ସୁନା ସମାନ କାନ୍ତି (ଶୋଭା) କି ମନୋରମ (କେଡ଼େ ସୁନ୍ଦର) । ସେ କାମିନୀଚୟର (ସ୍ତ୍ରୀ ସମୂହର) ଧୈର୍ଯ୍ୟ ହତ କରିବାକୁ କ୍ଷମ ଅଟନ୍ତି । ସ୍ତ୍ରୀ ପକ୍ଷରେ—ସେ କୁମାରୀ ନାଗ-ରମଣୀ (ନାଗ କନ୍ୟା) ମାନଙ୍କଠାରୁ ସାର (ଶ୍ରେଷ୍ଠ) ସୁରଭିର (ସୌନ୍ଦର୍ଯ୍ୟର) ଧାମ (ସ୍ଥାନ) ଶ୍ରୁତରେ (ଶୁଣିବାରେ) ତାପର ନାହିଁ, ଆଉ ରତି ତାକୁ ସମ କି ? ସୁନାସା (ସୁନ୍ଦର ନାସିକା) ଓ ଦୃଶ (ଚକ୍ଷୁର କାନ୍ତି-ଶୋଭା) କି ମନୋରମ (ମନୋହର), ସେ କାମୀ-ନିଚୟ (କାମୀପୁରୁଷମାନଙ୍କର) ଧୈର୍ଯ୍ୟ ହତ କରିବାକୁ କ୍ଷମ ଅଟଇ ।

୩—ପୁ—ଯାହାକୁ ଲୋକେ କେଶରୀ (ସିଂହ) ବୋଲି ସ୍ତୁତକି ଭଣନ୍ତି । ପୁଣି ଯେ ମଧ୍ୟରେ (ମଧ୍ୟଭୁବନ ପୃଥିବୀରେ) କରୀ ସଦୃଶ (ହସ୍ତୀ-ସମାନ) ଅରି (ଶତ୍ରୁମାନଙ୍କୁ) ଜୟ କରନ୍ତି; ସେ କେମାଠାରେ ବଶ ହୋଇ ବଧୀର (ଅଧୀର) ହୋଇ ଶତ୍ରୁରେ ଦୁଃଖ ପାଇଲା—ନାହକର (ରକ୍ଷାକର) ବୋଲି ବଞ୍ଚିବା ଉପାୟ ଖୋଜଇ ।

ସ୍ତ୍ରୀ—ଯାହାକୁ ଲୋକେ (ତିନିଭୁବନରେ) କେ (କଏ) ସରି ବୋଲି ସ୍ତୁତି ଭଣନ୍ତି, ପୁଣି ଯେ ମଧ୍ୟରେ (କଟୀରେ) କରୀଅରି (ସିଂହ) କୁ ଜୟ କରନ୍ତି, ସେ ମାରେ (କାମରେ) ବଶ ହୋଇ ନାହ୍ନ (ରକ୍ଷାକର) ବୋଲି ବଞ୍ଚିବା ଉପାୟ ଖୋଜଇ ।

୪—ପୁ—ତାହାଙ୍କର ସୁ-ମନସରେ (ଉତ୍ତମମନରେ) ପାଠେ (ସୁନ୍ଦରୀ କଥା) ପଢ଼ନ୍ତେ) ଦରୀଭୂତ (ଭୟାତୁର) ହୋଇ ସୁନ୍ଦରୀର ଶତ୍ରୁକୁ ଶାନ୍ତି କେତେ ଚମକଇ, ନୀର (ଲୋତକ) ତେଜି, ବନରେ (ଉପବନ-ବିହାରରେ) ଆଦର ହୀନ ହୋଇଛି, ନବରବେଶେ (ବେଶ ହୋଇ ନଗର ଭ୍ରମଣ କରିବାରେ) ରତ ହେବାକୁ ମନ ବଳୁନାହିଁ । ସ୍ତ୍ରୀ—ସୁମନ-ସର ପାଠେ (ପୁଷ୍ପପତନରେ) କି ଦରୀଭୂତେ (ଭୀତହୋଇ) ସୁନ୍ଦର

ତା ପଲ୍ଲବ ଶୟନେ ନ ଆସେ ନିଦ୍ରା । ଲେଖା ନେତ୍ର-ସମ୍ପତ୍ତି ଶରଧା ସଦା ଯେ ।
ବିରହେ ଭାସି ସେ ଯେ ସରସୀତର । ଆନ ନ ଦେଖେ ପ୍ରତିଆଶାରେ ତାର ଯେ ॥ ୫
ଆଗମନ ଯା'ଇଛି ଗୃହିଁାନ୍ତେ ଦଣେ । ଲଭିଲା ଭରସାରେ ସନ୍ତୋଷେ ବସେ ଯେ ।
ପାଟଅଁ ପକ୍ଷ ଜନ ମୁଁ ପାଇବି ସତେ । ନିଷ୍ଟେ ଅଧରାମୃତ କାରଣ ମତେ ଯେ ॥ ୬
କାମନା ସଫଳରେ କରିବ ଗୁର । କି ରସନିଧି ଥାଇ ପ୍ରତିସ୍ୱରର ଯେ ।
ଦେବକୀକୁମାରଙ୍କୁ କରଇ ସ୍ତୁତି । ଅହେ କରୁଣା କର ମୁଁ ଅତି ଆର୍ତ୍ତି ଯେ ॥ ୭

ଚିତା (ସୁନ୍ଦର ପୁରୁଷମାନଙ୍କର ମୁକୁଟମଣି) ରାଜପୁତ୍ରକୁ ଚିନ୍ତା କେତେ ଚମକଇ, ଏଣୁ ନିରତେ (ସର୍ବଦା) ଜୀବନରେ ଆଦରହୀନ ହୋଇଛି । ରତ୍ନଚର (ରତ୍ନଶ୍ରେଷ୍ଠ ମଣିର) ବେଶରେ ମନ ବଳୁନାହିଁ ।

୫—ପୁ—ତାହାର ପଲ୍ଲବ ଶୟନେ (ନୂଆପତ୍ର ଶେଯରେ) ନିଦ ଆସୁ ନାହିଁ । ଲେଖ (ସୁନ୍ଦରୀର ପ୍ରତିମୂର୍ତ୍ତିକୁ) ଶ୍ରଦ୍ଧାରେ ନେତ୍ର ସମ୍ପତ୍ତି କରି ସବୁବେଳେ ସରସୀରେ (ପୁଷ୍କରିଣୀରେ) ଭାସିଲା ପରି ବିରହରେ ଭାସଇ । ତାର (ସୁନ୍ଦରୀର) ପ୍ରତ୍ୟାଶାବ୍ୟତୀତ ଅନତର (ଗତି) ନ ଦେଖେ । ତାପ (ବିରହତାପରୁ) ଶୟନରେ ଲବମାତ୍ର ନିଦ୍ରା ନ ଆସେ, ଲେଖ (ଦେବତାମାନଙ୍କର) ନେତ୍ର ସମ୍ପତ୍ତିରେ (ଅପଲକ ହେବାରେ) ସଦା ଶ୍ରଦ୍ଧା ଅଛି, ପ୍ରତି ଆଶାରେ (ପ୍ରତିଦଣ୍ଡରେ) ତାର (ପୁରୁଷର) ଆନନ (ମୁଖ) ଦେଖଇ; ସରସିତର (ଅତ୍ୟନ୍ତ ରସିଯାଇ) ଶେଯେ ପଡ଼ି—ହେବାର, ରଖ ଏହା ଭାବେ ।

୬—ପୁ—ଆଗମ (ପ୍ରାପ୍ତିଆଶା) ଯାଇ ନାହିଁ, ଗୃହିଁାନ୍ତେ ଦଶଇ, ଏ ଧେନି ଲଭିବା ଭରସାରେ ସନ୍ତୋଷରେ ବସିଅଛି; ପାଞ୍ଚଇ-ମୋହର ପକ୍ଷ (ଡେଣା) ଜନମୁଁ (ଜାତହେଉ) ସତେ ମୁଁ ଉଡ଼ି ଯାଇ ତାକୁ ପାଇବି । ତାହାର ଅଧରାମୃତ ନିଷ୍ଟେଁ ମତେ କାରଣ ହେବ । ଅମୃତ ପାନରେ ମରନ୍ତି ନାହିଁ । ମୁଁ ମଧ୍ୟ ତାହାର ଅଧର ପାନକରି ଅମର ହେବି । ସ୍ତ୍ରୀ—ମୋ ମନ ଆଗ ତା ପାଖକୁ ଯାଇଛି, ଦଣେ (ଦଣମାନଙ୍କ) ଗୃହିଁାନ୍ତେ ଲଭ (ପାଇବା-ଦର୍ଶନ) ଲଭ ହେଉଛି; ପାଞ୍ଚଇ ରସାରେ (ପୃଥିବୀରେ) ସନ୍ତୋଷରେ ମୋହର ବଂଶରେ ଅଛି ଏପରି ମୋହର ପକ୍ଷଜନ (ପ୍ରାଣସଖାକୁ) ସତେ ମୁଁ ପାଇବି । ଅଧରା ହେଲେ (ଧରା ନ ଦେଲେ) ମତେ ନିଷ୍ଟେଁ ମୃତ (ମରଣ) କାରଣ ହେବ ।

୭—ପୁ—କାମନା ସଫଳରେ (ବାଞ୍ଛାସିଦ୍ଧି ନିମିତ୍ତ) ଗୁର କରିବ (ଦୂତ-ପଠାଇବି) ସେ କଣ ରସନିଧି ? ଏହା ପ୍ରତି ସ୍ୱରର (ପ୍ରତି କଥାରେ) ଥାଏ । ଦେବକୀକୁମାରଙ୍କ (ଶ୍ରୀକୃଷ୍ଣଙ୍କ) ସ୍ତୁତି କରଇ—ଅହେ ପ୍ରଭୁ, ମୁଁ ଅତ୍ୟନ୍ତ ଆର୍ତ୍ତିଜନ ମୋତେ କରୁଣା (ଦୟା) କର । ସ୍ତ୍ରୀ—କାମପୀଡ଼ା

ଚନ୍ଦ୍ରକାନ୍ତ ମୁହିଁ କି ଦ୍ରବିଲି ଗୁହିଁ । ହା ସେ ଚନ୍ଦ୍ରପ୍ରଭବୀ ଧିଆନ ଏହି ଯେ ।
ଭ୍ରମରଙ୍କନୟନୀ ପୁଣି ଯେ ସ୍ୱଚ୍ଛେ । ମତ୍ତେ ଭଗତ ସ୍ନେହେ ଡାକିବ ପୁଚ୍ଛେ ଯେ ॥ ୮
କର ଯେ ଠୁକି କ୍ଷିତ ଦିନ ସେ ସାରି । ତନୁହୀନଶୋଭନ ଜ୍ଞାନତା ହାରି ଯେ ।
ହା ରବର ତା ପାଶ ସୁହୃଦେ ଛନ୍ନ । ରଜନୀକର କରେ ଶୟନ ଧେନ ଯେ ॥ ୯
କରେ ଗଉରୀପତି ସେବାରେ ପ୍ରେମ । ମାଳକରେ ଆଦର ଜପଇ ନାମ ଯେ ।
ଶିବଦେବ ଅଭୟ ଦେବାରେ ଧ୍ୟାୟି । ଈଶ ପରାଧୀନରେ ଏମନ୍ତ ହୋଇ ଯେ ॥ ୧୦

ନାଶ ପାଇଁ ବରୁର କରଇ, ପ୍ରତିଭାଷ (ପ୍ରତ୍ୟୁତ୍ତର) ଦେବାକୁ କୀର (ଶୁକପକ୍ଷୀ) ସନ୍ନିଧିସ୍ଥାୟୀ (ନିକଟ ସ୍ଥାୟୀ) ହୋଇଛି, ଅହେ କରୁଣା-କର (ଦୟାମୟ ହରି) ! ମୁଁ ଅତି ଅକିଞ୍ଚନ, କୁମାରକୁ ଆଣି ମୋତେ ଦେବ କି ? ଏହିପରି ସ୍ତୁତି କରଇ ।

୮—ପୁ—ସେ ଚନ୍ଦ୍ରକାନ୍ତ ମୁହିଁ (ଚନ୍ଦ୍ର ପରି କାନ୍ତ କମନୀୟ ମୁହଁ ଯାହାର) ଏପରି ସୁନ୍ଦରୀକି ଗୁହିଁ ମୁଁ ଦ୍ରବିଲି ବୋଲି କହୁଅଛି । ହା ! (ହାୟ !) ସେ ଚନ୍ଦ୍ର ପ୍ରଭବୀ (ସୁବର୍ଣ୍ଣ ବର୍ଣ୍ଣା) ଏହି ଧ୍ୟାନ କରୁଛି । ପୁଣି ସ୍ୱଚ୍ଛରେ ମିତ୍ରଙ୍କୁ ପୁଚ୍ଛଇ ସେ ଭ୍ରମରଙ୍କ ନୟନୀ (ଚକିତ ହରିଣ ନେତ୍ରୀ) ମତ୍ତଭଗତ (ମତ୍ତଗଜ-ଗାମିନୀ) ସ୍ନେହରେ ମୋତେ ଡାକିବ କି ?

ସ୍ତ୍ରୀ—ମୁହିଁ ଚନ୍ଦ୍ରକାନ୍ତ ମଣି କି ? ଯେ ହେତୁ ମୁଁ ତାହାର ଚନ୍ଦ୍ରପ୍ରଭବୀ (ଚନ୍ଦ୍ର-କିରଣ ସଦୃଶ) ହାସରେ ଦ୍ରବିଲି, ମୋର ଧୀ (ବୁଦ୍ଧି) ଆନ ହୋଇଗଲା, ଏହିକଥା କହି କହି ସେ ରଙ୍କୁ ନୟନୀ (ମୃଗନେତ୍ରୀ) ଭ୍ରମ ହୋଇ ସ୍ୱଚ୍ଛରେ ପାଶ ସ୍ଥିତ ଶୁକକୁ ପୁଚ୍ଛଇ—ଭଗତ (ଭକ୍ତ) ସ୍ନେହରେ ମୋତେ ଡାକିବ କି ?

୯—ପୁ—ସେ କର କପାଳରେ ଠୁକି କ୍ଷିତ (ପୃଥ୍ୱୀରେ) ଦିନ ସାରୁଛି (କାଳ-ଯାପନ କରୁଛି) ତନୁ (ଦେହ) ହୀନ ଶୋଭନ (ଅଶୋଭା) ହୋଇଛି, ତା ଜ୍ଞାନ (ଚେତନା) ହାରିବାରୁ ତା ପାଶରେ ଥିବା ସୁହୃଦେ (ସଖୀ-ମାନେ) ହା-ରବର (ହାୟ ହାୟ ଧ୍ୱନି କରି) ଛନ୍ନ ହେଉଛନ୍ତି, ଦେହ ଦାହ ଶାନ୍ତି ନିମିତ୍ତ ରଜନୀକର (କର୍ପୂରରେ) ଶୟନ କରଇ ଏମନ୍ତ ଧେନ ।—ସ୍ତ୍ରୀ—ସେ ସୁନ୍ଦରୀ କରଜେ (ନଖରେ) କ୍ଷିତ (ଭୂମି) ଠୁକି ଦିନ ସାରୁଛି, ତାହାର ଜ୍ଞାନ ତନୁହୀନ—ଶୋଭନ (କନ୍ଦର୍ପ ପରି ସୁନ୍ଦର) ପୁଷ୍ପକେତୁଠାରେ ରହିଛି, ତା ସୁହୃଦେ (ଉତ୍ତମ ହୃଦୟରେ) ଥିବା ହାର-ବର (ଶ୍ରେଷ୍ଠ ମାଳାକୁ) ପାଶ ବରୁର (ଦଉଡ଼ି ମଣି) ଛନ୍ନ ହେଉଛି, ରଜ-ନିକର (ଧୂଳି ସମୂହ) ଶୟନ କରଇ, ଏମନ୍ତ ଧେନ ।

୧୦—ପୁ—କରେ ମାଳଧରି ଗୌରୀ ପତି (ଶିବ) ସେବାରେ ପ୍ରେମ କରଇ, ଏବଂ ଆଦରରେ ଶିବ ନାମ ଜପଇ । ଶିବଦେବ (ମଙ୍ଗଳ ଦାତା ମହାଦେବଙ୍କୁ)

ସଦା ହଂସସୁଗତ ମାନସରତ । ସ୍ତୋକ ସ୍ନେହ କି ତୁଟି ଘନରେ ସ୍ଥିତ ଯେ ।
ଅଛି କି ତାର ରକ୍ଷା ଜୀବନ ବିନା । ସୁରମଣି ଚନ୍ଦନସୁବାସୀ ସିନା ଯେ ॥ ୧୧
ସୁରତରଙ୍ଗିଣୀରେ ମଜ୍ଜିବା ମତ । ଇଚ୍ଛେ ଏହା ତାହାର ଜନ୍ମାନ୍ତ ପ୍ରୀତ ଯେ ।
ମୁଁ କେତେକି ଲଭିବି ସୁକୃତ ଥିଲେ । ଭାବିନୀରତରସେ ଜର୍ଜ୍ଜର ଭଲେ ଯେ ॥ ୧୨

ଅଭୟ ଦେବା ନିମିତ୍ତ ଧ୍ୟାୟି (ଧ୍ୟାନ କରଇ) । ଈଶପର (କାମର) ଅଧୀନରେ (ବଶରେ) ଏମନ୍ତ ହୁଅଇ ।—ସ୍ତ୍ରୀ—ଗୌରୀ (ଗୌରାଙ୍ଗୀ) ଅତ ସେବାରେ ପ୍ରେମ ପ୍ରକାଶ କରଇ, କରେ ମାଳୀଧର ଆଦରରେ ନାମ ଜପଇ । ହେ ଅଭୟ ଦେ (ଅଭୟ ବର ଦାୟିନି ଅମ୍ବିକେ) ବାରେ (ଥରେ) ଶିବ (ମଙ୍ଗଳ) ହେବ ବୋଲି ଧ୍ୟାୟି (ଧ୍ୟାନକରଇ) । ସେ ଈଶ ପରାଧୀନରେ (ପତି ପରାଧୀନା ହୋଇ) ଏମନ୍ତ ହୁଅଇ ।

୧୧—ପୁ—ହଂସ ମାନସରୋବରରେ ରତ ହେଲା ପରି ଏ ପୁରୁଷ ସର୍ବଦା ସୁଗତ (ଉତ୍ତମ ଗମନା) ସୁନ୍ଦରୀର ମାନସରେ (ମନରେ) ରତ (କ୍ରୀଡ଼ା କରଇ) ସ୍ତୋକ (ଚାତକ ପକ୍ଷୀ) ଘନରେ (ମେଘଠାରେ) ସ୍ଥିତ ସ୍ନେହକୁ ତୁଟଇ କି ? ତାର ଜୀବନ (ଜଳ) ବିନା ରକ୍ଷା ଅଛି କି ? ସେହିପରି ସୁରମଣୀ (ଉତ୍ତମା ସ୍ତ୍ରୀ) ଚନ୍ଦନ ସୁବାସୀ ଏକମାତ୍ର ଗତି ସିନା ।—ସ୍ତ୍ରୀ—ହଂସ ସୁଗତ (ହଂସ ଗମନାର) ମାନସ (ମନ) ସୁନ୍ଦରଠାରେ ସଦା ରତ ହୋଇଛି, ତା ଠାରେ (ପୁରୁଷଠାରେ) ତାହାର ସ୍ନେହ ଘନାରେ (ନିବିଡ଼ ଭାବରେ) ହୋଇଛି, ସେ କଣ ସ୍ତୋକ (ଅଳ୍ପ) ସ୍ନେହ କି ତୁଟିଯିବ । ତାର ଆଉ ଜୀବ (ଜୀବନ) ରକ୍ଷାର ଉପାୟ ଅଛି କି ? ଚନ୍ଦନ ସୁବାସୀ ନବୀନାର ସେ ଶୂରମଣି (ବୀରଶ୍ରେଷ୍ଠ) ଏକମାତ୍ର ଗତି ସିନା ।

୧୨—ପୁ—ସୁରତ-ରଙ୍ଗଣୀ (ରତନିପୁଣା) ରାଜକନ୍ୟାଠାରେ ମଜ୍ଜିବାକୁ କେବଳ ମତ ହେଉଛି, ଏବଂ ଏହା ତାହାର ଜନ୍ମାନ୍ତରପ୍ରୀତ (ଯାବଜ୍ଜୀବନ-ପ୍ରୀତକି) ଇଚ୍ଛା କରୁଅଛି । ସୁକୃତ (ପୁଣ୍ୟ) ଥିଲେ ମୁଁ କେତେକି ଲଭିବି ଏହା କହୁଛି । ଭାବିନୀ-ରତ-ରସେ (କାମିନୀଠାରେ ଅସକ୍ତ ହେବା ରସରେ) ଭଲେ (ଉତ୍ତମରୂପେ) ଜର୍ଜ୍ଜର ହୋଇଛି । ସ୍ତ୍ରୀ—ସୁର, ତରଙ୍ଗିଣୀରେ (ଗଙ୍ଗାରେ) ମଜ୍ଜିବା ମତ (ଝାସ ଦେବାକୁ ମନ) କରୁଛି । ଜନ୍ମାନ୍ତରେ (ଅନ୍ୟଜନ୍ମରେ) ହେଲେ ତାହାର ପ୍ରୀତ ଲଭି କରିବି ଏହା ଇଚ୍ଛା କରୁଛି । ସୁକୃତ (ପୁଣ୍ୟ) ଥିଲେ ମୁକ୍ତି କି ଅବା ଲଭିବି, ଏପରି ନିରତ ଭାବ ରସେ (ସ୍ୱେଦରେ) ଭଲରୂପେ ଜର୍ଜ୍ଜର ହୋଇଛି ।

ଇଷିତ ଯିବା ନାହିଁ ଦେହଳୀ ବଳି । ଯୁଗଳ ବସିବାର ପ୍ରସନ୍ନ ଭଲି ଯେ ।
ଖଟି ମିତେ ପକାନ୍ତି ନିଶ୍ୱାସ ଖର । ଅବା ଜୀବ ପବନେ ଉଡ଼ି ଏ ଡର ଯେ ॥ ୧୩
ଅହା ରତନଦ୍ୟୁତେ ବିପଦକର । ଏକାକୀ ଭ୍ରୀତଭର କପୋଳେ କର ଯେ ।
ତାହା ପତ୍ନୀପତି ସେ ହୋଇବ କେହ । ମୋହିତ ସେ ସଂସାରେ କି ସ୍ନେହ ବହ ॥
ରସିକବର ନୋହିଁ ସୁମନ ବାରେ । ବରବର୍ଣ୍ଣିନା କଣ୍ଠଗତକି ସ୍ୱରେ ନେ ।
କହେ ରସାଳସିରେ କୋକିଲ ବାଣୀ । ଶତକୋଟି ଲକ୍ଷ୍ୟ ସେ ବଉକୁ ଆଣି ଯେ ॥ ୧୫

୧୩—ପୁ—ଦେହଳୀ (ଦ୍ୱାରବନ୍ଧକୁ) ବଳିଯିବା ଶକ୍ତି ଇଷିତ (କାଂଚାର୍) ରେ ନାହିଁ, ଯୁଗଳ ହୋଇ ପ୍ରସନ୍ନେ (ପ୍ରଫୁଲ୍ଲଭାବରେ) ବସିବାର ଭଲଇ । ଏମନ୍ତ ଦେଖି ମିତେ (ମିତ୍ରମାନେ) କେବେ ଏ ଶୁଭ ଯୋଗ ଘଟିବ ବୋଲି ଖଡ଼ପକାନ୍ତି ଏବଂ ଖର ନିଶ୍ୱାସ ଦେଖି ଡରନ୍ତୁଏ ଏ ପବନେ (ନିଃଶ୍ୱାସ ପବନରେ) ଜୀବ ଅବା ଉଡ଼ିଯିବ (ପ୍ରାଣ ଛାଡ଼ିଯିବ) ।

ସ୍ତ୍ରୀ—ଦୁଃଖରେ ଭାଷିବା ଇଷିତ (ଇଷିଚ ବଚନତ) ଦେହଳୀ (ବଳିଯିବାକୁ)ନାହିଁ, ଶିବାର (ପାର୍ବତୀଙ୍କର) ପ୍ରସନ୍ନ ଭଲି (କେବେ ଦୁର୍ଗାପ୍ରସନ୍ନ ହୋଇ ସଂଯୋଗ ଘଟାଇବେ ଏହା ଭଲି) ଲବ (ସମୟକୁ) ଯୁଗ ସମାନ ମଣୁଅଛୁ ' ଏ ଅବସ୍ଥାରେ ମିତେ (ସଖୀମାନେ) ଖଟି (ସେବାକର ୨) ବସ୍ତୁସ୍ଥରେ ଖରଶ୍ୱାସ ପକାନ୍ତି । ଆମ୍ଭସଖୀ ଅତଯୀଣ ହୋଇଛୁ । ପବନରେ ଅବା ଉଡ଼ିଯିବ ସେମାନଙ୍କର ଏପରି ଡର ହେଉଛୁ ।

୧୪—ପୁ—ଭ୍ରୀତଭର (ଭୟାଧିକ୍ୟ) ହେତୁ କପୋଳରେ କରଦେଇ କହେ ଅହା । ହେ ରତ୍ନଦ୍ୟୁତେ (ରତ୍ନକାନ୍ତି) ବିପଦକର (ଚନ୍ଦ୍ର) ମୁଁ ଏକାକୀ ତାହାର ପ୍ରାପ୍ତି କେହ (କପରି) ହେବ । ଏ ବିଷୟରେ ସାହାଯ୍ୟ କର । ସେ ସୁନ୍ଦରୀ ସଂସାରରେ ମୋହିତ (ହୃତକାରିଣୀ) ମୋଠାରେ କି ସ୍ନେହକୁ ବହୁଛୁ ।

ସ୍ତ୍ରୀ—ବିପଦକର (ବିଷ-ଭୟରେ ଅହ୍ଲାରତ ନହୁଚଇ) ଏକାକୀ ଦୁଃଖରେ ଭତ୍ତଭର (କାନ୍ତୁକୁ ଆଭଳି) କପୋଳରେ ହାତଦେଇ ବସଇ, ତାହା ପତ୍ନୀ ପତି କେହ ହୋଇବ, ସେ ସଂସାରରେ ମୋଠାରେ ସ୍ନେହ ବହୁ ମୋହିତ ହୋଇଛନ୍ତି କି ?

୧୫—ପୁ—ସେ ରସିକବର ବାରେ ସୁନ୍ଦା ସୁମନ (ସୁଖୀ) ନୋହୁ ସେ ବରବର୍ଣ୍ଣିନା (ଶ୍ରେଷ୍ଠକାନ୍ତି) କଣ୍ଠଗତକି ସ୍ୱରେ ଏବଂ କହେ, ରେ ରସାଳସି । ରେ କୋକିଳ ବାଣି । ଏହାପରି ଶତକୋଟି ସଂଖ୍ୟକ ଲକ୍ଷ୍ୟ (ଲକ୍ଷଣାପୂର୍ଣ୍ଣ ବାକ୍ୟମାନ) ଚଉକୁ ଅଣି (ଅଣୁଛୁ) ।

ସ୍ତ୍ରୀ—ସେ ରସିକ ସୁମନବରେ (ପୁଷ୍ପସମୂହରେ) କବର (କେଶବେଶ) ନୋହୁ (ନକର) ବରର ପତି ପୃଷ୍ଠକରୁ ବର୍ଣ୍ଣନା କର ଗତ କି ଉଦ୍ଧାର (ଉପାୟକୁ) ସ୍ମରଣ କରୁଛୁ, ରସାଳ-ଶିରେ (ଆମ୍ବ ବୃକ୍ଷ ଉପରେ) କୋକିଳ

ନିଶ୍ଚେ ପଦ୍ମିନୀ କରଗ୍ରହଣ ଶୋକେ । ଦ୍ରବିକର ମୃଣାଳ ସୁମନା ଠେକେ ଯେ ।
ସୁପର୍ଣ୍ଣରେ ଆଦର ଏଣୁଟି ଭାବେ । ପୟୁରସରଞ୍ଜନ କରନ୍ତୁ ଏବେ ଯେ ॥ ୧୬
ଯୁବା ଯା ନୂପୁରକୁ ମଣ୍ଡିବା ପ୍ରୀତ । ରାମା ନାକରେ ସାର ଭୋଗ ଏ ମତ ଯେ ।
ଧରି ତାର କେଶକୁ ଯତନ କଲେ । ହେବ ହରଷ ସାରସେକ୍ଷଣି ଭଲେ ଯେ ॥୧୭
ଅନୁରାଗୀରତନ ମନ ଏ ଭାବ । ଘନ ସ୍ତନୀତ ଯୋଗେ ଜୀବନ ଯିବ ଯେ ।
ଚିତ୍ତ ଭବ ମୋହିନୀ ମାୟାରେ ଲୀନ । କରମ ସେ ଉଦୟ କରିବ ପୁନଃ ଯେ ॥୧୮

ବାଣୀ କହେ (କୁହୁ କୁହୁ ଡାକେ) । ତାକୁ ଶତକୋଠ (ବଜ୍ର) ଲକ୍ଷ୍ୟ (ତୁଲ୍ୟ) ଏହା ସେ ଚିତ୍ତକୁ ଆଣୁଛି ।

୧୬—ପୁ—କେବେ ମୁଁ ପଦ୍ମିନୀ କନ୍ୟାର ନିଶ୍ଚେ ପାଣି ଗ୍ରହଣ (ବିବାହ) କରିବି, ଏହି ଉତ୍ସାହରେ ଦ୍ରବି (ତରଳି ଯାଇ) ମୃଣାଳ (ପଦ୍ମନାଡ଼) ସୁମନା (ପଦ୍ମ ପୁଷ୍ପକୁ) କେମାର ବାହୁ ଓ କରତଳ ବିଚାରି କର (ହସ୍ତରେ) ଧରି ଠେକଇ । ଏଣୁ ପଦ୍ମର ସୁବର୍ଣ୍ଣରେ (ଉତ୍ତମ ପତ୍ରରେ) ଉଦର ଜ୍ଞାନ କରି ଆଦର କରି ଭାବରେ ଶଯ୍ୟା କରଇ । ଉଦର ସ୍ତନରେ ମଣ୍ଡିତ ହୋଇଥାଏ ବୋଲି ପଦ୍ମପତ୍ରକୁ ପୟୁର (ଜଳରେ) ସରଞ୍ଜିତ କରଇ (ତହିଁରେ ଜଳ ସିଞ୍ଚଇ) ।

ସ୍ତ୍ରୀ—ସୁମନା (ସଖୀମାନେ) କର ଗ୍ରହଣ (ହାତରେ ଧରିଥିବା) ମୃଣାଳକୁ ଠେକିବାରେ ପଦ୍ମିନୀ (ରାଜକେମା) ଶୋକରେ ବିହ୍ୱଳା ହୋଇ ତାକୁ (ମୃଣାଳକୁ) ଦର୍ବୀ କର-ସର୍ପ ବୋଲି ବୁଝଇ । ଏଣୁ ଆଦରରେ ସୁପର୍ଣ୍ଣକୁ (ଗରୁଡ଼କୁ) ଭାବେ । ପୟୁ (ଜଳ) ଯୁକ୍ତ ମୃଣାଳକୁ ସର୍ବାଙ୍ଗ ରସ ରଞ୍ଜନ (ବିଷଯୁକ୍ତ) ସର୍ପ ବିଚାରଇ ।

୧୭—ପୁ—ଯୁବା (ଯୁବକ ପୁଷ୍ପକେତୁ) ଯା (ଯାହାର) ପାଦରେ ନୂପୁରକୁ ମଣ୍ଡିବାକୁ ପ୍ରୀତ (ସ୍ନେହ) କରୁଛି, ସେ ରାମା ଯେବେ ନା (ନାହିଁ) କରେ ତେବେ ତାହାର କେଶକୁ ବାନ୍ଧିବାକୁ ଯତ୍ନକଲେ ସାରସେକ୍ଷଣି (ପଦ୍ମନୟନୀ) ଭଲେ (ହର୍ଷ) ହେବ, ଏ ସାର ଭୋଗହେବ ଏହା ମତରେ ଭାବୁଛି ।

ସ୍ତ୍ରୀ—ସେ ରାମା ଯୁବା ଜାନୁ ପୁରକୁ ମଣ୍ଡିବାକୁ (କୋଳେ ବସିବାକୁ) ପ୍ରୀତ (ସ୍ନେହ) କରୁଛି । ନାକରେ (ସ୍ୱର୍ଗରେ) ଏ ଭୋଗ ସାର ବୋଲି ମତରେ (ମନରେ) ଭାବୁଛି । ତାରକେଶଙ୍କୁ (ତାରକା ଈଶ ଚନ୍ଦ୍ରଙ୍କୁ) ଧରିବାକୁ ଯତ୍ନକଲେ ସାର (ଉତ୍କୃଷ୍ଟ) ହର୍ଷ ସେହିକ୍ଷଣି ଭଲେ ହେବକି ?

୧୮—ପୁ—ଅନୁରାଗୀ ରତନ (ସ୍ନେହୀ ଶ୍ରେଷ୍ଠ) ରାଜ ପୁତ୍ରର ମନର ଭାବ ଏହି-ଘନାସ୍ତନୀ (ପୀନସ୍ତନୀ) ଯୋଗେ (ସଂଯୋଗରେ) ଏ ଜୀବ (ପ୍ରାଣ) ନ ଯିବ, ଭବ (ଶିବଙ୍କର) ଚିତ୍ତ ମୋହିନୀ ମାୟାରେ ଲୀନ ହେଲାପରି ମୋ ଚିତ୍ତ ସେ ଭବମୋହିନୀ (ବିଶ୍ୱ ମୋହିନୀ) ମାୟାରେ (ଗୁରୁତ୍ୱରେ)

ଘୋର ବେଦନା ସହ୍ନ ଗୋଚର ନୋହ୍ନ । ରସ ସଂଯୋଗ ହୋଇ ମିଳୁଛ ନାହିଁଯେ
ବଳ ଶତ୍ରୁ ଯେମନ୍ତ ଉସ୍ରୁଙ୍କ ମେଳେ । ହେବ ସୁମନାବର ଉତ୍ସବ ଭାଳେ ଯେ ॥୧୯
ସିଦ୍ଧି କର ଯେ କାବ୍ୟ ଅର୍ଥ ସେ ଯୋଡ଼ । ଅଚ୍ଛଦ୍ର ହାସେ ଆଦ୍ୟରସରେ ଜଡ଼ ଯେ ॥
କହେ ଉପେନ୍ଦ୍ର ବର୍ଣ୍ଣଭଙ୍ଗିରୁ ବାର । ଛାନ୍ଦ ଗଙ୍ଗା ଯମୁନା ସଙ୍ଗମ ପର ଯେ ॥ ୨୦

ଲୀନ ହୋଇଅଛି । (ଭଗବାନ ମୋହିନୀ ରୂପ ଧରି ଶିବଙ୍କୁ ଭୁଲାଇ ଥିଲେ). ସେ ପୁନଃ କର୍ମକୁ ଉଦୟ କରିବ, (ଅର୍ଥାତ୍ ରାଜକନ୍ୟାର ସଂଯୋଗ ସୁଖ ମିଳିବ) ।

ସ୍ତ୍ରୀ—ସେ ଅନୁରାଗୀର (ଅନୁରାଗିଣୀ ରାଜ କେମାର) ପୁରୁଷ ଠାରେ ତନୂନଃ (ତନୂପୃ.) ହେବା ହେତୁ ଏ ଭାବ ହେଉଛି । ବର୍ଷାକାଳ ହେଲେ ଘନ-ସ୍ତନିତ (ମେଘ ଗର୍ଜନ) ଯୋଗେ ଜୀବନ ଯିବ, ଶତ୍ରୁଭବ (କାମର) ମୋହିନୀ ମାୟାରେ ମନ ଲୀନ ହୋଇଛି, କ୍ରମଶେ (କ୍ରମେ କ୍ରମେ) ସେ ପୁଣି ଭାଗ୍ୟ ଉଦୟ କରିବ ।

୧୯—ପୁ—ସେ ଯେଉଁ ଘୋର ବେଦନା ସହି (ସହ୍ୟ କରୁଛି) ତାହା ଆଉ କାହାକୁ ଗୋଚର ହେଉ ନାହିଁ, ସଂଯୋଗ (ମିଳନ) ରସ ମିଳୁ ନାହିଁ । ସୁମନା ବର (ଦେବ ଶ୍ରେଷ୍ଠ—ଇନ୍ଦ୍ରର) ଉତ୍ସବ ହେବ ଭାଳି ବଳାରାତି ଶତ୍ରୁ ଯେମନ୍ତ ଉସ୍ରୁଙ୍କରେ ମେଳ ହୋଇଛି ସେହିପରି ଏ ସୁମନାବର (ସ୍ତ୍ରୀ ଶ୍ରେଷ୍ଠ)ର ମିଳନ ଉତ୍ସବକୁ ଭାବି ମୋ ଶତ୍ରୁ ଉସ୍ରୁଙ୍କ ହୁଅଇ ।

ସ୍ତ୍ରୀ—ସେ କେମାର ଘୋର ବେଦନା ସହ୍ନି (ସଖୀମାନଙ୍କୁ) ଗୋଚର ହେଉ ନାହିଁ । ତାଙ୍କର ରସ ସଂଯୋଗ ମଙ୍ଗଳ ଯୁକ୍ତ ହୋଇ ମିଳୁନାହିଁ । ପୁରୁଷଠାରେ ଯେମନ୍ତ ଶତ୍ରୁ ବଳ (ବଳ ପକ୍ଷ) ଉସ୍ରୁଙ୍କରେ ମେଳ ହେଉଛି ତେମନ୍ତ ସେ ସୁମନା (ରାଜକେମା) ବର (ପତି) ଉତ୍ସବ କେବେ ହେବ ଭାଳୁଛି ।

୨୦—ଯେ "ସ୍ନେ"ଙ୍କି" ପଢୁଥାଏ ସେ କାବ୍ୟ ଅର୍ଥ ଯୋଡ଼ିବସିଲେ ଆଦ୍ୟରୁ ସେ ଅଚ୍ଛଦ୍ର (ପୂର୍ଣ୍ଣ) ହାସ୍ୟରସରେ ଜଡ଼ିତ ଅର୍ଥାତ୍ ସମସ୍ତେ ହସନ୍ତି । ଆଉ ଯେ ପଢ଼ା ସିଦ୍ଧି (ସମାପନ) କରି କାବ୍ୟଅର୍ଥ ଯୋଡ଼ି ବସଇ ଯେ ଅଚ୍ଛଦ୍ର (ପୂର୍ଣ୍ଣ) ରୂପେ ହାସ୍ୟେ (ହାସ୍ୟରସରେ) ଏବଂ ଆଦ୍ୟରସ (ଶୃଙ୍ଗାରରସ) ଉଭୟରେ ଜଡ଼ିତ ହୁଅଇ-ଅର୍ଥାତ୍ ଉତ୍ତମରୂପେ ଭାବଗ୍ରହଣ କରିପାରଇ । ଅତଏବ ଉପେନ୍ଦ୍ରଭଞ୍ଜ କହୁଛନ୍ତି, ହେ ରସିକଜନମାନେ 'ଗଙ୍ଗାଯମୁନା ସଙ୍ଗମପର ଏ ଛାନ୍ଦକୁ ବର୍ଣ୍ଣ (ରଙ୍ଗ ଓ ଅକ୍ଷର) ଭଙ୍ଗିରୁ ବାର ଅର୍ଥକର ।

ଏକତ୍ରିଂଶ ଛାନ୍ଦ

ରାଗ-ମଙ୍ଗଳ

ଗଲେ ଶୁକ ସାରୀ ଭାଷି ଯେତେ ପ୍ରେମକଳା ।
ସେ ପୂର୍ଣ୍ଣଶଶୀ ହୃଦସ୍ଥ-ନଭେ. ପ୍ରକାଶିଲା ଯେ ॥ ୧
ସଂଶୟତା ସନ୍ଧ୍ୟା-ତମ ନାଶ ହେଲା ବେଗ ।
କାର୍ଯ୍ୟାର୍ଥୀ ପଥିକେ ଆଗ ଦଶିଗଲା ବାଗ ଯେ ॥ ୨
ହରଷ-କୁମୁଦ ବିକସିତ ହାସ ବ୍ୟାଜେ ।
ଶ୍ରୁତି ଚକୋର ଅମୃତ ପାନେ ତୋଷ ଭଜେ ଯେ ॥ ୩
ମନେ ମନେ ଧ୍ୟାୟି ଧ୍ୟାୟି ସେହୁ ସେହୁ ଉକ୍ତି ।
ଘେନିଲେ କି କଥା ଏ ପକ୍ଷୀଙ୍କ ଏତେ ଶକ୍ତି ଯେ ॥ ୪
ପୁଣି ଗୁଣିଲେ ଏ ବିଧି ପଢ଼ାଇବା ଖଗ ।
ହୋଇଥିଲେ ପୂର୍ବେ ହଂସଦୂତ ଅତି ଅଜ୍ଞ ଯେ ॥ ୫
ନଳ ଦମୟନ୍ତୀ କାମଦେବ ପ୍ରଭାବତୀ ।
ରାଜା ରକ୍ଷପୁରେ ମିଳି କର ଦେଲେ ପ୍ରୀତି ଯେ ॥ ୬

୧—ଶୁକ ଓ ସାରୀ ଦୁହେଁ ଯେତେ ପ୍ରେମ କଳା (ପ୍ରେମର ଅଂଶ) ଭାଷିବାରୁ, ସେ ପ୍ରେମକଳା (ଚନ୍ଦ୍ରକଳା) ପୂର୍ଣ୍ଣ ଶଶୀ (ପୂର୍ଣ୍ଣଚନ୍ଦ୍ର ସଦୃଶ ଯୁବା) ହୃଦସ୍ଥ ନଭେ (ହୃଦୟାକାଶରେ) ପ୍ରକାଶିଲା ।

୨—ପୂର୍ଣ୍ଣଶଶୀ ହୃଦୟରେ ସନ୍ଧ୍ୟାକାଳୀନ ତମଃ ଅନ୍ଧକାର ନାଶ ହେଲାପର ସଂଶୟତା ବେଗେ ନାଶ ହେଲା । କାର୍ଯ୍ୟାର୍ଥୀ ପଥିକଙ୍କୁ (ପୋତା ଓ ଉପାଧ୍ୟାୟୀଙ୍କୁ) ବାଗ (ବାଟ) ଦଶିଗଲା ।

୩—ଶୁକସାରୀ କଥାଶୁଣି ହାସ ବ୍ୟାଜରେ (ହସିବାଛଳରେ) ହର୍ଷ ରୂପକ କୁମୁଦ (କଇଁ) ବିକସିତ ହେଲା । ଶ୍ରୁତି (କର୍ଣ୍ଣ) ରୂପ ଚକୋରପକ୍ଷୀ ସେ ବଚନାମୃତ ପାନରେ ତୋଷ (ସନ୍ତୋଷ) ଭଜିଲା ।

୪—ଶୁକସାରୀ ଦୁହିଙ୍କର ସେହୁ ସେହୁ ଉକ୍ତିକୁ ମନେ ମନେ ଧ୍ୟାୟି ଧ୍ୟାୟି କି କଥା, ଏ ପକ୍ଷୀଙ୍କର ଏତେଶକ୍ତି, ଏହା ମନେ ମନେ ଘେନିଲେ (ବିଚାରିଲେ) ।

୫—ପୁଣି ଗୁଣିଲେ (ବିଚାରିଲେ) ଏ ଖଗ (ପକ୍ଷୀ) ପଢ଼ାଇବା ବିଧି, ପୂର୍ବରେ ଅତି ଅଜ୍ଞ ହଂସ ମଧ୍ୟ ଦୂତ ହୋଇଥିଲେ ।

୬—ନଳ ଦମୟନ୍ତୀ, କାମଦେବ (କନ୍ଦର୍ପ) ପ୍ରଭାବତୀ (ରତି) ରାଜା ଓ ରକ୍ଷଃପୁରେ ମିଳି କର ପ୍ରୀତିଦେଲେ । ଅର୍ଥାତ୍ ଦମୟନ୍ତୀ ରାଜପୁରେ ଓ ରତିଦେବୀ ରାକ୍ଷସପୁରରେ ଥିଲେ, ହଂସ ଦୂତ ହୋଇଯାଇ ଦମୟନ୍ତୀଙ୍କୁ ନଳଙ୍କପ୍ରୀତି ଓ ରତିଙ୍କୁ କାମଙ୍କପ୍ରୀତି ଦେଲେ ।

ସବୁଠାରୁ ମୂଳ କର୍ମ ଦୁର୍ଲ୍ଲଭ ଲଭଇ ।
ଉଦ୍ୟମେ କର୍ମବିପାକେ କାର୍ଯ୍ୟକୁ ନ ପାଇ ଯେ ॥ ୭
ବନେ ପାତାଳେ ସୁଗ୍ରୀବ ସ୍ୱୟଂପ୍ରଭା ଥିଲେ ।
ତାଙ୍କ କି ଉଦ୍ୟମେ ରାମଭଦ୍ର ବର ଦେଲେ ଯେ ॥ ୮
ସିନ୍ଧୁ ମନ୍ଥନରେ ଶ୍ରମ କରିଣ ଅସୁରେ ।
କ୍ଷମ ନୋହିଲେ ସେ ଆଜ୍ ଅମୃତ ପାନରେ ଯେ ॥ ୯
ସ୍ନେହ କରାଇଣ ଏବେ କୁମାରୀ କୁମାରେ ।
ବିଧି ନାମ ସିଦ୍ଧ କଲା ଧାତା ଏହିଠାରେ ଯେ ॥ ୧୦
ଭୋଗ ଈଶ୍ବରେ ଶ୍ମଶାନ ରାକ୍ଷସରେ ଲଙ୍କା ।
ଏ କଥା ସ୍ମରି ମନେ ଥିଲା ବଡ଼ ଶଙ୍କା ଯେ ॥ ୧୧
ଏତେ ଭଲି ପୁଚ୍ଛା ପୁଚ୍ଛି କେ କାହିଁ ଗମିତ ।
ପୋଠା ବୋଲେ ଯେ ମଗଧେଶ୍ବର ପ୍ରିୟସୁତ ॥ ୧୨
କି କଥା ପ୍ରସଙ୍ଗବଶେ କବିଏ କହିଲେ ।
ସେହିଦିନୁ ସେ କଥା ପ୍ରସଙ୍ଗ ଭାବ ହେଲେ ଯେ ॥ ୧୩

୭—ସବୁଠାରୁ କର୍ମ (ଅଦୃଷ୍ଟ) ମୂଳ, କେହି କେହି ଉଦ୍ୟମକରି କର୍ମବଳରେ ଦୁର୍ଲ୍ଲଭ ପଦାର୍ଥ ଲାଭ କରିପାରନ୍ତି କେହି ଅବା କର୍ମ ବିପାକରୁ (କର୍ମ ଅବଳରୁ) ଉଦ୍ୟମକରି ସୁଦ୍ଧା କାର୍ଯ୍ୟକୁ ପାଆନ୍ତି ନାହିଁ ।

୮—ବନେ ସୁଗ୍ରୀବ ପାତାଳରେ ସ୍ୱୟଂପ୍ରଭା ଥିଲେ, ସେ କି ଉଦ୍ୟମ କରିଥିଲେ ଯେ ରାମଚନ୍ଦ୍ର ତାହାଙ୍କୁ ବରଦେଲେ ।

୯—ଅସୁରମାନେ ସିନ୍ଧୁ (ସମୁଦ୍ର) ମନ୍ଥନରେ ଶ୍ରମ କରିସୁଦ୍ଧା ସେମାନେ ଆଜ୍ ଅମୃତ ପାନରେ କ୍ଷମ ହେଲେ ନାହିଁ ।

୧୦—ଧାତା (ବିଧାତା) ଏବେ କୁମାରୀ ଓ କୁମାର ଦୁଇଜଣଙ୍କ ମଧ୍ୟରେ ପରସ୍ପର ସ୍ନେହ କରାଇ ଏହିଠାରେ ନିଜର ବିଧିନାମ ସିଦ୍ଧି କଲା ।

୧୧—ଈଶ୍ବରେ (ମହାଦେବଙ୍କୁ) ଶ୍ମଶାନ ଭୋଗଥିଲା । ରାକ୍ଷସେ (ରାବଣଙ୍କୁ) ଲଙ୍କା ଭୋଗଥିଲା । ଏକଥା ସ୍ମରଣକରି ମନରେ ବଡ଼ ଶଙ୍କା (ସନ୍ଦେହ) ଥିଲା ।

୧୨।୧୩—ଏତେ ଭଲି ପୁଚ୍ଛା ପୁଚ୍ଛି (କୁହାକୁହି ହୋଇ) କେ କାହିଁ ଗମିତ (କିଏ କୁଆଡ଼େ ଗଲେ) । ପୋଠା (ନପୁଂସକ ପୁରୁଷ) ବୋଲେ ଯେ ମଗଧେଶ୍ବରଙ୍କର ପ୍ରିୟ ସୁତ (ପ୍ରିୟପୁତ୍ର)ଙ୍କୁ କବିଏ କଥା—ପ୍ରସଙ୍ଗ ବଶରେ କି କଥା କହିଲେ ଯେ ସେହି ଦିନୁ ସେ କଥାପ୍ରସଙ୍ଗ ଭାବ (ବାତୁଳ) ହେଲେ ।

ଚତୁର୍ମାସ୍ୟା କରିଥିଲେ ଅଦ୍ଭୁତ ପୁରୁଷେ ।
ପ୍ରେମମଞ୍ଜରୀ ମିଳିଲେ ଭଲ ହେବ ଭାଷେ ଯେ ॥ ୧୪
ନୃପଙ୍କ ସତ କି ସ୍ୱପ୍ନ ଦେଖିଅଛୁ କାହିଁ ।
ପୁରେ ପୁରେ ଖୋଜ ଚମ୍ପାବତୀଙ୍କି ମୁଁ ଯାଇ ଯେ ॥ ୧୫
ଉପାଧ୍ୟାୟୀ କହି କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।
କଲ୍ୟାଣୀ ଦର୍ଶନ ବାଭ୍ରଣ୍ଡକବନେ କରି ଯେ ॥ ୧୬
ପୁଂନାଗ ପୁଷ୍ପବାସୀ ଯେ ଦେଖି ତାକୁ ତୋଷେ ।
ହରଅମାଗାୟୀ ଅହି ଦଂଶିଲା କି ଦୋଷେ ଯେ ॥ ୧୭
ସେ ବାସେ ଧାର ହେଉଛୁ ପଦ ନ ମାନଇ ।
ନରେନ୍ଦ୍ର ଯୋଗ୍ୟ ଜନ ମୁଁ ଲୋଡ଼େ ତାହା ପାଇଁ ଯେ ॥ ୧୮
ହରି ବୋଲି ନାରୀ-ନର-ଲକ୍ଷଣା ଉଠିଲା ।
ମାଗଧ ମାଳିନୀ ଭେଟି ତା ପୁରେ ରହିଲା ଯେ ॥ ୧୯
ଏ ମନୀଷାରେ ବାହୁଡ଼ି ପଛେ ଉପାଧ୍ୟାୟୀ ।
ଦ୍ୱିଦନ୍ତଗତ ଉଦନ୍ତ ପାଇବାର ପାଇଁ ଯେ ॥ ୨୦

୧୪—ଅଦ୍ଭୁତ ପୁରୁଷ ଚତୁର୍ମାସ୍ୟା କରିଥିଲେ, ପ୍ରେମମଞ୍ଜରୀ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ସେହିଠାରେ ମିଳିଲେ ଭଲ ହେବ ସେ ଏହା କହିଲେ ।

୧୫—ରାଜପୁତ୍ର କହିଲେ ଏହାକଣ ସତ୍ୟ ନା କେଉଁଠାରେ ସ୍ୱପ୍ନ ଦେଖିଅଛୁ ? ମୁଁ ପୁରେ ପୁରେ (ସବୁ ନଗରରେ) ସୁନ୍ଦରୀକୁ ଖୋଜି ଚମ୍ପାବତୀ ନଗରୀକୁ ଯାଇଥିଲି ।

୧୬—ଏହା ଶୁଣି ଉପାଧ୍ୟାୟୀ କହିଲେ-କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କଲ୍ୟାଣୀ (ମାଙ୍ଗଲ୍ୟାଙ୍କ) ଦର୍ଶନ ନିମିତ୍ତ ବାଭ୍ରଣ୍ଡକବନକୁ ଯାଇଥିଲେ ।

୧୭—ସେଠାରେ ଏକ ପୁଂନାଗ (ପୁରୁଷ ଶ୍ରେଷ୍ଠ) ଥିଲା, ପୁଷ୍ପବାସୀ ସୁନ୍ଦରୀ ତାକୁ ତୋଷେ (ଆନନ୍ଦରେ) ଦେଖି ହର ଅମାଗାୟୀ ଅହି (କାମସର୍ପ) କି ଦୋଷରେ ଦଂଶନ କଲା ।

୧୮—ସୁନ୍ଦରୀ ସେ ବାସପୁରେ ଧାର ହେଉଛୁ ପଦ (ମନ୍ତ୍ର) ମାନୁନାହିଁ, ମୁଁ ତାହାପାଇଁ ନରେନ୍ଦ୍ର ଯୋଗ୍ୟଜନ (ବିଷବୈଦ୍ୟ ଓ ଉତ୍ତମ ପୁରୁଷ) ଲୋଡ଼ୁଅଛୁ ।

୧୯—ମାଗଧ (ମଗଧ ଦେଶୀୟ) ନାରୀନର ଲକ୍ଷଣା (ପୋଢା) ହରି ବୋଲି ଉଠିଲା, ମାଳିନୀକୁ ଭେଟି ତା ପୁରେ ରହିଲା ।

୨୦—ଉପାଧ୍ୟାୟୀ ଦ୍ୱିଦନ୍ତଗତ (ଗଜଗମନା) ର ଉଦନ୍ତ (ବାର୍ତ୍ତା) ପାଇବାପାଇଁ ଏ ମନୀଷାରେ (ଏ ବୁଦ୍ଧିରେ) ତା ପଛେ ବାହୁଡ଼ିଲା (ଫେରଗଲା) ।

ସୁଧାମୟ ଶୁଦ୍ଧାନ୍ତକୁ ସେହି ମାର୍ଗେ ଗଲା ।
ଦ୍ୱିପକ୍ଷୀ ବର୍ତ୍ତୁର ଚୁର ପ୍ରବେଶ କହିଲା ଯେ ॥ ୨୧
କାହିଁ ରହିଲା ପୁଚ୍ଛିଲେ ପ୍ରିୟସଖୀ ତନ୍ନ ।
ଖୋଜି ପୁରେ ବିଚକ୍ଷଣା ଚେଟୀ ଜଣେ ଧେନ୍ନ ଯେ ॥ ୨୨
ରାଜ-ସୁତ-ଦୂତ ରହି ମାଳିନୀ ସଦନ ।
ସୁମନ ଗୁନ୍ଥିବାକୁ ସୁମନ କଲା ମନ ॥ ୨୩
ପୁଷ୍ପବାଟୀ ଗ୍ରାସିଲା ଦ୍ୱିତୀୟରାଶି ଆସି ।
ମାଳାକାରୀ ସ୍ମର ନାମେ ପୁନଃପୁନଃ ଭାଷି ଯେ ॥ ୨୪
ବୋଇଲା ମୁଁ ଆସଇ ଦେଖାଇଁ ଘୋଷପଥ ।
ଖଟଣି ପୁଷ୍ପଟି ଯତ୍ନେ ମୋପରିରେ ଗୁନ୍ଥ ଯେ ॥ ୨୫
ପଚାରିଲା କେଉଁ କୁସୁମରେ ସ୍ନେହ ଅଛି ।
ପାଟଳି ପାଟଳି ବୋଲି କଲା ଶୀଘ୍ର ଗତି ଯେ ॥ ୨୬
ଏ ଭାବ ଚିତ୍ତକୁ ଭାଗ୍ୟବନ୍ତ ନୃପସୁତ ।
ଯା ସ୍ଥାନ ଅର୍ଦ୍ଧ-ପ୍ରୟୋଗେ ମୋହିନୀ ମୋହିତ ଯେ ॥ ୨୭

୨୧—ସେହିବାଟେ ସୁଧାମୟ (ଚୂନ ଲିପା) ଶୁଦ୍ଧାନ୍ତ (ଅନ୍ତଃପୁରକୁ) ଗଲା, ଦ୍ୱିପକ୍ଷୀ ବର୍ତ୍ତୁର (ନପୁଂସକ) ଚୁର (ଦୂତ) ପ୍ରବେଶିଛି ଏହା କହିଲା ।

୨୨—ତନ୍ନପ୍ରିୟସଖୀ ସେ ଦୂତ କାହିଁ ରହିଲେ ବୋଲି ପଚାରିଲେ । ବିଚକ୍ଷଣା (ଉପାଧ୍ୟାୟୀ) ଜଣେ ଚେଟୀ (ଦୂତୀ) କୁ ଧେନି ପୁରରେ ଖୋଜିଲେ ।

୨୩—ରାଜସୁତ ଦୂତ (ରାଜପୁତ୍ରଙ୍କର ଚୁର) ମାଳିନୀ ସଦନେ (ଗୃହରେ) ରହି ସୁମନ (ପୁଷ୍ପ) ଗୁନ୍ଥିବାକୁ ବସି ସ୍ତ୍ରୀ ଓ ପୁରୁଷ ଦୁହିଙ୍କର ସୁମନକୁ (ଉତ୍ତମ ମନକୁ) ଗୁନ୍ଥିବାକୁ ମନ କଲା ।

୨୪—ଦ୍ୱିତୀୟ ରାଶି (ବୃଷଭ) ଆସି ପୁଷ୍ପବାଟୀ (ଫୁଲବାରି) ଗ୍ରାସିଲା । ମାଳାକାରୀ ମାଳିନୀ ସ୍ମରନାମ (ମାର, ମାର ଏହି ନାମ) ପୁନଃ ପୁନଃ ଭାଷିଲା ।

୨୫—ସେ ମାଳିନୀ କହିଲା ମୁଁ ଘୋଷ ପଥ (ଗଜଡ଼ ସାହି ବାଟ) ଦେଖାଇ ଦେଇ ଆସୁଛି, ଏ ଖଟଣି ପୁଷ୍ପଟି ଯତ୍ନ ସହିତ ମୋପରି ଏହାକୁ ତୁମ୍ଭେ ଗୁନ୍ଥ ।

୨୬—ସେ ଚୁର ପଚାରିଲା କେଉଁ ଫୁଲରେ ବିଶେଷ ସ୍ନେହ ? ମାଳିନୀ ପାଟଳି ୨ ବୋଲି କହି ଶୀଘ୍ରଗତି କଲା ।

୨୭—ଏହା ଶୁଣି ପୋଟା ଚିତ୍ତରେ ଭାବିଲା—ରାଜପୁତ୍ର, ବଡ଼ଭାଗ୍ୟବାନ, ଯେହେତୁ ରାଜପୁତ୍ରର ବାସସ୍ଥାନ (ପାଟଳିପୁତ୍ର) ର ଅର୍ଦ୍ଧପ୍ରୟୋଗରେ (ପାଟଳି) ରେ ମୋହିନୀ ମୋହିତ ହୋଇଅଛି ।

ସେ କାଳେ ଚେଟୀଏ ଅସି ଗୃହି ଦେଇଁ ଦ୍ୱାରେ ।
ବସନ୍ତେ ଗୀତ ଗାଇଲ ଫୁଲ୍ଗୁନ୍ଥାଠାରେ ଯେ ॥ ୨୮
କି ଯୋଗେ ସୁନ୍ଦରବର ସୁନ୍ଦରୀରତନେ ।
ଦେଖିଲରୁ ଲେଖିଲ ରଖିଲ ନେତ୍ର ମନେ ଯେ ॥ ୨୯
ବିଚ୍ଛେଦ ଶଙ୍କାରୁ କର ଦେବଦୃଷ୍ଟି ବହି ।
ପ୍ରେମସୃଷ୍ଟି ସର୍ଜିବା ଉତ୍ସାହେ ନିଦ୍ରା ନାହିଁ ଯେ ॥ ୩୦
ରସାଳ ବନିତାମଣି ପୁଣି ତା ଭାବନା ।
ଅସ୍ୱାଦନେ ହୋଇଅଛୁ କ୍ଷୁଧା ତୃଷା ବିନା ଯେ ॥ ୩୧
ଫଳ ଅଛୁ ଫଳ ନାହିଁ ଏ ସଂଶୟ ଲଭି ।
ମଦନ ଦହନ ଶରେ ପୀଡ଼ନ ଅରମ୍ଭି ଯେ ॥ ୩୨
ଭାବେ କୋଳ କଲ ଲୋଲ ଗୃହାଣିକି ଚାଳି ।
କିମ୍ପା କୃପା ନ ଥିଲେ ଦଅନ୍ତା ଏହା ଭାଳି ଯେ ॥ ୩୩
ଅଜନ୍ମସୁଖୀ ନୋହୁଛୁ ସ୍ୱପ୍ନେ ଦୁଃଖଗ୍ରସ୍ତ ।
ଏବେ ମାର ମାରଣେ ନ ବଳୁଥିବ ହସ୍ତ ଯେ ॥ ୩୪

୨୮—ସେ ସମୟରେ ଚେଟୀଏ (ସଖୀମାନେ) ଅସି ଦ୍ୱାରର ଗୃହି ଦଅନ୍ତେ ଫୁଲ୍ ଗୁନ୍ଥାଠାରେ ବସନ୍ତ ରାଗରେ ଗୀତ ଗାଇଲ ।

୨୯—ସୁନ୍ଦର ବର କି ଯୋଗରେ ସୁନ୍ଦରୀ ରତନକୁ ଦେଖିବାରୁ ଲେଖିଲ ନେତ୍ରରେ ଓ ମନରେ ରଖିଲ ।

୩୦—ବିଚ୍ଛେଦ (ବିରହ) ଶଙ୍କାରୁ ଦେବଦୃଷ୍ଟି କର (ଅପଲକ ନେତ୍ରରେ) ବହିଅଛୁ (ଦେଖୁଛୁ) । ପ୍ରେମସୃଷ୍ଟି ସର୍ଜିବା ଉତ୍ସାହରେ ନିଦ୍ରାନାହିଁ ।

୩୧—ବନିତାମଣି (ରାଜଜେମା) ପୁଣି ରସାଳ (ଅମ୍ବ ଓ ଅଖୁ) ପର ରାଜପୁତ୍ର ଭାବନା ଦ୍ୱାରା ତାହାର ଅସ୍ୱାଦନରେ କ୍ଷୁଧା ତୃଷା ବିହୀନ ହୋଇଛୁ ।

୩୨—ଅମ୍ବର ଫଳଅଛୁ ଅଖୁର ଫଳନାହିଁ ଅତଏବ ବାଞ୍ଛା ସଫଳହେବ କି ନାହିଁ ଏ ସଂଶୟ ଲଭିଲ କ୍ଷଣି ମଦନ (କାମ) ଦହନ ଶର ଦ୍ୱାରା ପୀଡ଼ନ ଆରମ୍ଭିଛୁ ।

୩୩—ରାଜପୁତ୍ର ତନ୍ମୟ ହେତୁ କଳ୍ପନା ଚକ୍ଷୁରେ ଦେଖଇ—ରାଜଜେମା ଲୋଲ (ଚଞ୍ଚଳ) ଗୃହାଣିକି ଚାଳି ଭାବରେ କୋଳ କଲ ଅତଏବ ଭାଳଇ କୃପା ନ ଥିଲେ କିମ୍ପା ଏହା ଅଲିଙ୍ଗନ ଦଅନ୍ତା ।

୩୪—ଅଜନ୍ମ ସୁଖୀ ରାଜଜେମା ସ୍ୱପ୍ନରେ ମଧ୍ୟ ଦୁଃଖଗ୍ରସ୍ତ ହୋଇ ନାହିଁ, ଏହାକୁ ସୁକୁମାରୀ ଦେଖି ମାରିବା ବିଷୟରେ ମାର (କାମ) ର ହାତ ବଳୁ ନ ଥିବ ।

ସେ ପରଦୁଃଖ ଘେନିବା ବଡ଼ ଭାଗ୍ୟ ସତ ।
କି କରିବେ ଜଗନ୍ନାଥେ ଦେଇଛନ୍ତି ଉଦନ୍ତ ଯେ ॥ ୩୫
ବୋଲନ୍ତି ଅରତତ୍ରାଣ ଦୀନବନ୍ଧୁ ସେହି ।
କରି ଏହି ଭରସାକୁ ଅସିଅଛି ମୁହିଁ ଯେ ॥ ୩୬
ପୁଣି ସରାଗପ୍ରକାଶ ଗୁଙ୍ଗୁଡ଼ାରେ ଥୋଇ ।
ବାଳା ପ୍ରାପତେ ଚିଟାଉ ମାଳାରେ ଘୋଡ଼ାଇ ଯେ ॥ ୩୭
ଶ୍ରବଣେ ସେ ଗୀତ ଶିକ୍ଷା କଲେ ଉପାଧ୍ୟାୟୀ ।
ଏହି କାଳେ ମାଳାକାରୀ ପରବେଶ ହୋଇ ଯେ ॥ ୩୮
ସୁମନସମ୍ଭାର ବାଳବାମା କରେ ଦେଇ ।
ଗଲା ସେ ଭୈରବୀ ସ୍ମରି ଉଚେ ଗୀତ ଗାଇ ଯେ ॥ ୩୯
ବାଣୀ ତାହା ବାଣୀରେ ହୋଇଲେ ଅଲଙ୍କୃତ ।
ହୃଦରେ ସଦନ କରି ଦେଲେ ସେ ସ୍ଫୁରିତ ଯେ ॥ ୪୦
କେ ରସିକାବର କ୍ଷୀରଘଟ ହୋଇଥିଲା ।
ବଧୂ-ବ୍ରଜ କାନ୍ତ ପ୍ରୀତି-ନୀର ମିଶାଇଲା ଯେ ॥ ୪୧

୩୫—ଯେ ଦୁଃଖ ଭୋଗିଥାଏ ସେ ଦୁଃଖକଥା ଜାଣେ । ଯେଉଁ ରାଜକେମା ଦୁଃଖ କପର ଜାଣେନାହିଁ ସେ ପରର ଦୁଃଖ ଘେନିବା ବଡ଼ ଭାଗ୍ୟର କଥା ସତ, ତଥାପି ଜଗନ୍ନାଥ ଯାହା କରିବେ । ଉଦନ୍ତ (ବାର୍ତ୍ତା) ଦେଇଛନ୍ତି ।

୩୬—ସେହି ଜଗନ୍ନାଥ ଅରତ ତ୍ରାଣ ଓ ଦୀନବନ୍ଧୁ ବୋଲନ୍ତି ଏହି ଭରସା କରି ମୁହିଁ ଅସିଅଛି ।

୩୭—ପୁଣି ସରାଗ (ସ୍ନେହ) ପ୍ରକାଶ କରୁଥିବା ଗୁଙ୍ଗୁଡ଼ାରେ ଚିଟାଉ ଥୋଇ ମାଳାରେ (ଫୁଲ ମାଳାରେ) ଘୋଡ଼ାଇ ବାଳା ପ୍ରାପତେ (ପ୍ରାପ୍ତି ନିମିତ୍ତ) ପଠାଏ ।

୩୮—ସେ ଗୀତ ଶ୍ରବଣ କଲା ମାତ୍ରେ ଉପାଧ୍ୟାୟୀ ଶିକ୍ଷାକଲେ, ଏହି ସମୟରେ ମାଳାକାରୀ ପ୍ରବେଶ ହେଲେ ।

୩୯—ସୁମନ ସମ୍ଭାର (ଫୁଲ ଗୁଙ୍ଗୁଡ଼ା) ବାଳ ବାମା (ବାଳିକା) କରେ ଦେଇ ସେ ଭୈରବୀ (ଦୁର୍ଗା)ଙ୍କୁ ସ୍ମରଣ କରି ଉଚ୍ଚରେ ଗୀତ ଗାଇ ଗୁଲିଲା ।

୪୦—ବାଣୀ (ସରସ୍ୱତୀ) ତାହା ବାଣୀରେ (ବଚନରେ) ଅଲଙ୍କୃତ ହେଲେ; ହୃଦୟରେ ସଦନ (ବାସ) ସେ ସରସ୍ୱତୀ ପଦ ମାନଙ୍କୁ ସ୍ଫୁରିତ (ପ୍ରକାଶିତ) କରିଦେଲେ ।

୪୧—ରସିକାବର କୋଟିବ୍ରହ୍ମାଣ୍ଡସୁନ୍ଦରୀ କ୍ଷୀରଘଟ (ଦୁଗ୍ଧଭାଣ୍ଡ) ହୋଇ ଥିଲା, ବଧୂ-ବ୍ରଜ (ବଧୂଙ୍କ ଗଉଡ଼) ହୋଇ କାନ୍ତ ପ୍ରୀତି ରୂପ ନୀର (ଜଳ) ସେହି ଦୁଗ୍ଧଭାଣ୍ଡରେ ମିଶାଇଲା ।

କ୍ରମେ ଶୀର୍ଣ୍ଣ କଲ ସ୍ଥାପି ବିରହାନଳରେ ।
ଉଦ୍ୟମି ମନ୍ମଥଦଣ୍ଡ ଧରି ମନ୍ଥିବାରେ ଯେ ॥ ୪୨
ପୁନଃ ଲଭିଲେ ସେ ନୀର ସ୍ଥିରକୁ ଲଭିବ ।
ଏ ବିନା ବିନାଶ ନାନାରସ-ଜାତ ଦ୍ରବ୍ୟ ଯେ ॥ ୪୩
ଘଟ ଫାଟି ଫୁଟି ଯିବା କାଳ ହେବ ଯହିଁ ।
ନିମନ୍ତେ ଦୁଗ୍ଧଉଦ୍ଧାରଣ ସେହୁବ୍ରଜବହ୍ନି ଯେ ॥ ୪୪
ପୁଂସଦୂତ ନେତ୍ରଶ୍ରୁତି ମନ୍ତ୍ରେ ଏମନ୍ତରେ ।
ଘେନେ ରାମା ପାରି ହେବ ଏ ଭବବାପରେ ଯେ ॥ ୪୫
ଅବରୋଧେ ଅବରୋଧେ ପ୍ରବେଶ ସେ ବେନି ।
ଗନ୍ଧର୍ବଗୀତ ରାଗ ଗାଉଛନ୍ତି ଘେନି ଯେ ॥ ୪୬

୪୨—ବିରହାନଳରେ (ବିରହ ତାପରେ) ସ୍ଥାପି ମନ୍ମଥ ଦଣ୍ଡ ଧରି ମନ୍ଥିବାରେ ଉଦ୍ୟମି (ଉଦ୍ୟମ କରି) କ୍ରମେ ଶୀର୍ଣ୍ଣ କଲ—ଦୁଗ୍ଧରେ ପାଣି ମିଶାଇ ତାହାକୁ ନିଆଁରେ ବସାଇ ଡଙ୍କାରେ ଘାଣ୍ଟି ଅଉଟିଲା ପରି ବିଧାତା ଏହାକୁ ବିରହାଗ୍ନିରେ ବସାଇ ମନ୍ମଥ ଦଣ୍ଡରେ ଘାଣ୍ଟି କ୍ରମେ ଶୁଖାଇ ଦେଲ ।

୪୩—ଦୁଗ୍ଧ ଅଗ୍ନିତାପରେ ଉତୁରଇ ସେ ପୁଣି ନୀର (ପାଣି) ଲଭିଲେ (ପାଇଲେ) ସ୍ଥିରକୁ ଲଭିବ ସେହିପରି ରସିକା ଅସ୍ଥିର ହେଉଛି ପୁନଃ ସେ କାନ୍ତ ନୀରକୁ ପାଇଲେ ସ୍ଥିର ହେବ । ଏ ବିନା ଏପରି ଜଳସଂଯୋଗ ବ୍ୟତୀତ ନାନାରସ (ଦଧି ଛେନା ଲହୁଣୀ ପ୍ରଭୃତି) ଜାତ କରିଇବା ଦ୍ରବ୍ୟ (ଦୁଧ) ଉତୁରି ବିନାଶ ହେଲା ପରି ଏ ରସିକା କାନ୍ତ ପ୍ରୀତି ନୀର ବିନା ବିନାଶକୁ ପାଇବ ।

୪୪—ଦୁଧ ଅଧିକ ଅଉଟି ହୋଇ ଘଟ ଫାଟି ଫୁଟି ଯିବା କାଳ ଯେତେବେଳେ ହୁଏ ସେତେବେଳେ ଗଉଡ଼ ଓହ୍ଲାଇ ପକାଇଲା ପରି ଏହାର ଘଟ (ଦେହ) ଫାଟିଫୁଟି ଯିବାକାଳ ଯହୁଁ ହେବ ତହୁଁ ସେହି ବ୍ରଜ (ଗଉଡ଼) ବିଧାତା ନିମନ୍ତେ ଏ ଦୁଗ୍ଧ ଉଦ୍ଧାରଣ କରିବ (କଷ୍ଟରୁ ଉଦ୍ଧାରିବ) ।

୪୫—ଏମନ୍ତରେ (ଏଥିରେ) ପୁଂସ ଦୂତ (ପୋଟାର) ନେତ୍ର ଓ ଶ୍ରୁତି ମନ୍ତ୍ରିଲା ଅର୍ଥାତ୍ ସେ ଦେଖି ଶୁଣି ଏମନ୍ତ ମନରେ ଘେନିଲା—ଏ ଭବରୂପ ବାପରେ ରାମା ନିଶ୍ଚୟ ପାରିହେବ ।

୪୬—ସେ ବେନି ସଖି ଅବରୋଧେ (ବିନାଅଟକରେ) ଅବରୋଧେ (ଅନ୍ତଃପୁରରେ) ପ୍ରବେଶ କଲେ, ରାଗ, (ସ୍ନେହ) ଘେନିଗନ୍ଧର୍ବ ଗୀତ (ମଙ୍ଗଳଗୀତ) ଗାଉଛନ୍ତି ।

ଶରୀକଲା ଅଗ୍ରତେ ପ୍ରକାଶେ କୃପାଧାମ୍ନୀ ।
ଗୋପ୍ୟପୁରେ ବାଲବାମା ପୁଷ୍ପମାଳା ଥୋଇ ଯେ ॥ ୪୭
ଶ୍ରବଣ ଲୋଚନ ଭାବୁଁ ବାଣୀକା ତର୍କିଲି ।
ଗୁଣବତୀ ବେଗେ କର ଏ ପୁରେ ଡାକିଲି ଯେ ॥ ୪୮
ଶୋଭାବତୀ ହୃଦକ୍ଷେତ୍ର-ଜାତ ଇକ୍ଷୁଲତା ।
ହୃଦଚ୍ଛା କୃଷିକ ତାହା ପେଡ଼ିବାରେ ରତା ଯେ ॥ ୪୯
ତାପ ଦହନ.ଯୋଗରେ କି ମଧୁରଦ୍ରବ୍ୟ ।
ସମ୍ଭବନ୍ତି ବ୍ୟାଧିବନ୍ତ ରୋଚକ ସ୍ୱଭାବ ଯେ ॥ ୫୦
ଭୋଗୀ ରୋଗୀ ଦୁଇଭାବ ଅଛି ତୋହଠାରେ ।
ବିଳମ୍ବ ନ କର ବେଗେ କର ଭକ୍ଷଣରେ ଯେ ॥ ୫୧
ଆନ କୃଷିକ ପୀଡ଼ନ ଇକ୍ଷୁଜାତରସ ।
ରସନାକୁ ସ୍ୱାଦୁରେ କରଇ ଅତି ତୋଷ ଯେ ॥ ୫୨
ମୂଖ କର୍ଣ୍ଣ ନୟନ ଜାଣିମେ ଏହା ସ୍ୱାଦୁ ।
ପାକେ ପିତା ନୋହେ ତାର ତେଜ ପରସାଦୁଁ ମୋ ॥ ୫୩

୪୭—କୃପାଧାମ୍ନୀ ଶରୀ କଲା ଅଗ୍ରତେ ପ୍ରକାଶହେଲେ ବାଲବାମା ପୁଷ୍ପମାଳା ଥୋଇ ପୁରେ ଗୋପ୍ୟ ହେଲା ।

୪୮—ବାଣୀକା ଶ୍ରବଣ ଲୋଚନ ଭାବୁଁ (ଶୁଣିବା ଏବଂ ଦେଖିବା ଭାବରୁ) ତର୍କଣା କଲା-ରେ ଗୁଣବତି ! ଏ ପୁରେ ବେଗେ କର ଏପରି କିଏ ଡାକିଲା ।

୪୯—ରେ ଶୋଭାବତୀ ! ପୁଷ୍କରହୃଦ କ୍ଷେତ୍ରରେ ଯେଉଁ ଇକ୍ଷୁଲତା ଜାତ ହୋଇ ଥିଲା ତାକୁ ହୃଦଚ୍ଛା (ମନୋବାଞ୍ଛା) ରୂପ କୃଷିକ (ଚଷା) ପେଡ଼ିବାରେ ରତହେଲା ।

୫୦—ତାପ (କାମ ତାପ) ରୂପ ଦହନ (ଅଗ୍ନି) ଯୋଗରେ ତହିଁରୁ କି ମଧୁର ଦ୍ରବ୍ୟ ସମ୍ଭବନ୍ତି । ବ୍ୟାଧିବନ୍ତ (ରୋଗୀ) ପକ୍ଷରେ ତାହା ରୋଚକ (ରୁଚିକର) ଅଟଇ ।

୫୧—ତୋହଠାରେ ଭୋଗୀ ଓ ରୋଗୀ ଦୁଇ ଭାବ ଅଛି, ଅତଏବ ବିଳମ୍ବ ନ କରି ଭକ୍ଷଣ କରିବାକୁ ବେଗେ କର ।

୫୨—ଅନ୍ୟ କୃଷି ପେଡ଼ିଥିବା ଆଖୁରସ ସ୍ୱାଦୁଗୁଣରେ ରସନାକୁ (ଜିହ୍ୱାକୁ) ଅତି ତୋଷ କରଇ ।

୫୩—ମୂଖ କର୍ଣ୍ଣ, ନୟନ ଏହାର ସ୍ୱାଦୁ ଜାଣିମେ । ତାହାର ହୃଦୟ ଜାତ ଆଖୁ ରସ ତେଜ ପ୍ରସାଦରୁ ପାକରେ (ରନ୍ଧନରେ) ପିତା ହୋଇ ନାହିଁ

ମଙ୍ଗଳ ଜାତେ ଶ୍ରୀରାମ ସୁମରି ନାଗରୀ ।
ଶୋକସିନ୍ଧୁ ତରି ଯିବ ନଗରନାଗରୀ ଯେ ॥ ୫୪
ଶ୍ରୀରାମ ସୁମରି ଯେଣୁ ହେଲେ ସିନ୍ଧୁ ତରି ।
ମରୁତସୁତ ପ୍ରବେଶ ହେମମୟପୁରୀ ଯେ ॥ ୫୫
କହେ ଉପଇନ୍ଦ୍ର ଭଞ୍ଜ ଶ୍ରୀରାମ ସୁମରି ।
ବୈକୁଣ୍ଠପୁର ଲଭିବ ଭବସିନ୍ଧୁ ତରି ॥ ୫୬

ଦ୍ୱାତ୍ରିଂଶ ଛାନ୍ଦ

ରାଗ କନଡ଼ା

ଯୁବା ମଣି ଥିବା ପୁର ଭର୍ତ୍ତ ପଛେ ସ୍ୱଚ୍ଛେ ରଙ୍ଗିତଗୀତ ଗାନ ॥
ଅଳୀ ଅଗେ ଉପାଧ୍ୟାୟୀ ରଚନ ।
ଶୀର୍ଣ୍ଣକଟୀ ପୂର୍ଣ୍ଣଚନ୍ଦ୍ରମାବଦନୀ ସେ କଥାରେ ଦେଇ କର୍ଣ୍ଣ ସେ, ସୁନ୍ଦରୀ ।
ବେଗ ବେଗ ନେତ୍ରଯୁଗ ଚାଳଇ । ବାଳବାମା ହରଷକୁ ଅନାଇ ।
ଉତଫୁଲ୍ଲ ସୁମନ ଗୁନ୍ଥାରେ ଯତନେ ଉତ୍ଫୁଲ୍ଲ ସୁମନ ଥୋଇ ସେ ॥ ୧

୫୪—ମଙ୍ଗଳ ଜାତହେବାରୁ ନାଗରୀ ଶ୍ରୀରାମଙ୍କୁ ସ୍ମରଣ କରି ଶୋକ ସିନ୍ଧୁ ତରି ନଗର ନାଗରୀ (ପୁଷ୍ପକେତୁଙ୍କ ପୁର) କୁ ଯିବ ବୋଲି ମନେ କଲା ।

୫୫—ଯେଣୁ ମରୁତ (ହନୁମାନ) ଶ୍ରୀରାମଙ୍କୁ ସ୍ମରଣ କରି ସିନ୍ଧୁ (ସମୁଦ୍ର) ତରି ହେମମୟ ପୁରୀ (ଲଙ୍କା) ରେ ପ୍ରବେଶ ହେଲେ ।

୫୬—ଉପେନ୍ଦ୍ରଭଞ୍ଜ କହନ୍ତି ଶ୍ରୀରାମଙ୍କୁ ସ୍ମରଣ କରି ଭବସିନ୍ଧୁ (ସଂସାର ସାଗର] ତରି ବୈକୁଣ୍ଠ ପୁର ଲଭିବ ।

୧—ଯୁବାମଣି ଯେଉଁ ପୁରେ ଥିଲେ ତାହାର ଭର୍ତ୍ତ (କାନ୍ତ) ପଛରେ ଉପାଧ୍ୟାୟୀ ସ୍ୱଚ୍ଛରେ ଅଳୀ ଆଗରେ ରଙ୍ଗ ତ ଗୀତମାନ ରଚନ କଲେ । ଶୀର୍ଣ୍ଣକଟୀ (କୃଶମଧ୍ୟା) ପୂର୍ଣ୍ଣଚନ୍ଦ୍ରମା ବଦନୀ ସୁନ୍ଦରୀ ସେ କଥାରେ କର୍ଣ୍ଣ ଦେଇ ନେତ୍ରଯୁଗକୁ (ନେତ୍ରଦ୍ୱୟକୁ) ବେଗ ୨ ଚଳାଇଲା । ବାଳବାମାର ହର୍ଷକୁ ଅନାଇ ଉତ୍ଫୁଲ୍ଲ ସୁମନ (ପ୍ରସ୍ଫୁଟିତ ପୁଷ୍ପ) ଗୁନ୍ଥାରେ ଉତ୍ଫୁଲ୍ଲ ସୁମନ (ପ୍ରଫୁଲ୍ଲମନକୁ) ଯତ୍ନରେ ଥୋଇଲା ।

ଏମନ୍ତେ ବାଳିକା କୁସୁମମାଳିକା ଫେଲ ପତ୍ରମୁଦେ ପାଇଲା ।
ନିଧି ଦରିଦ୍ର ହସ୍ତକୁ ଆଇଲା ।
ଫେଣ୍ଡିଲା ସେ ଫନ୍ଦା କବରୀ ବଗୁରେ ସୁବର୍ଣ୍ଣେ ପୂର୍ଣ୍ଣ ଗୃହିଲା । ସେ ସୁନ୍ଦରୀ ।
କରୁଁ ହୃଦେ କଷିବା ଆରମ୍ଭିଣ । ପଢ଼େ ପ୍ରଥମେ ଶ୍ରୀରାମ ଶରଣ ।
ଶୋଭାବନ୍ତୀଗଣେ ଚକ୍ରବର୍ତ୍ତୀପଣେ ଖ୍ୟାତ ଯେ ତାକୁ ଜଣାଣ ରେ । ୨
ନୃପକୁମାରୀ ସୁକୁମାରୀ ତୋ ସଙ୍ଗେ ଶୋଭା-ବିବାଦ ନ ଆଦର ।
ସିନ୍ଧୁନନ୍ଦନା ମଦନାରିନାରୀ ।
ପ୍ରଧାନ କରି ସେ କମଳା ଗଉରୀ ନାମମିଷତା ବଗୁରରେ । ସୁନ୍ଦରୀ ।
ଯେଉଁ ପ୍ରମଦା ଦିବ୍ୟରୂପ ବହି । ରତି ଏ ବୋଲି ଦୃଷ୍ଟାନ୍ତରେ କହି ।
ରତିଏ ସେ ଯହିଁ ତୁଳନା ନୋହିଲା ଲଳନା ତୋ ପରି ତୁହିରେ ॥ ୩
ବିହି ନ ପାରି ବିହି କେବେ ତୋ ସରି ତାର କଳ୍ପନା ସିଦ୍ଧି ପଣେ ।
ପ୍ରତିବିମ୍ବ ହେଲେ କଲା ଦର୍ପଣେ ।
ଯେମନ୍ତ ନିପୁଣ ଗୁଣେ ତୁହି ଗୁଣ କାହିଁ ଭିଆଇବ କଣେରେ । ସୁନ୍ଦରୀ ।
ନୋହିଁ ସଙ୍ଗୀତ ସାହିତ୍ୟେ ସମାନ । ପଳାଇଛୁ ସାରଦା ଅନୁମାନ ।
କେଉଁ ପ୍ରବୀଣା କିଶୋରୀ କଣ୍ଠେ ବୀଣା ପାସୋରି ଗଲା କି ଛଳରେ ॥ ୪

୨—ବାଳିକା ଏପରି କୁସୁମ ମାଳିକା ଫେଲୁ ପତ୍ରମୁଦେ (ମୁଦ୍ରିତ ପତ୍ରଖଣ୍ଡିଏ) ପାଇଲା । ଦରିଦ୍ର ହାତକୁ ନିଧି ଆସିଲାପରି ସେ ପତ୍ର ସୁନ୍ଦରୀର ଆନନ୍ଦ-ବଢ଼ାଇଲା । ସେ ଫନ୍ଦା କବରୀ ବଗୁର କରି ତାହାକୁ ଫେଣ୍ଡି-(ଫିଟାଇ) ଗୃହିଲା ସେ ସୁବର୍ଣ୍ଣରେ (ଉତ୍ତମ ଅକ୍ଷରରେ ଓ ସୁନାରେ) ପୂର୍ଣ୍ଣ । ସୁନା କଷଟି ପଥରରେ କଷନ୍ତି, ସୁନ୍ଦରୀ ପତ୍ରକୁ ହୃଦରେ କଷିବା ଆରମ୍ଭ କରନ୍ତେ ପ୍ରଥମରେ ଶ୍ରୀରାମଶରଣ ପଢ଼ିଲା । ଯେ ଶୋଭାବନ୍ତୀଗଣେ (ସୁନ୍ଦରୀ ସମୂହରେ) ଚକ୍ରବର୍ତ୍ତୀ ପଣେ (ରାଜପଣିଆରେ) ଖ୍ୟାତ ତାହାକୁ ଏ ଜଣାଣ (ନିବେଦନ) ଅଟେ ।

୩—ହେ ସୁକୁମାରୀ ନୃପକୁମାରୀ । ସିନ୍ଧୁନନ୍ଦନା (ଲକ୍ଷ୍ମୀ) ମଦନାରି (ପାର୍ବତୀ) ଏ ଦୁହେଁ ତୋ ସଙ୍ଗରେ ଶୋଭାବିବାଦକୁ ଆଦର ନ କରି ତୁ କମଳା (ପଦ୍ମିନୀ) ଗୌରୀ (ଗୌରାଙ୍ଗୀ) ବୋଲି ସେ ଦୁହେଁ ନାମ ମିଷତାକୁ ବଗୁରି ନିଜ ୨ ନାମକୁ କମଳା ଓ ଗୌରୀ ବୋଲି ପ୍ରଧାନ କରି ଖ୍ୟାତ କଲେ । ଜଗତରେ ଯେଉଁ ପ୍ରମଦା (ସ୍ତ୍ରୀ) ଦିବ୍ୟରୂପ ବହିଥାଏ ତାକୁ ଏ ରତି ବୋଲି ଦୃଷ୍ଟାନ୍ତରେ କହନ୍ତି । ସେହି ରତିଦେବୀ ରତିଏ ପରିମାଣରେ ଯହିଁ ତୁଳନା ନୋହିଲା ତେଣୁ ତୋପରି ଲଳନା (ସୁନ୍ଦରୀ) ତୁହି ଅଛୁ ।

୪—ବିହି (ବିଧାତା) ତାହାର କଳ୍ପନା ସିଦ୍ଧି ପଣରେ କେବେ ସୁଦ୍ଧା ତୋ ସରି (ସମାନ) ବିହି ନ ପାରି ଦର୍ପଣରେ ପ୍ରତିବିମ୍ବକ ହେଲେ କଲା । କିନ୍ତୁ

ଖୋଜି କି ତୋ ସମେ ସୁଷମେ ଗୋଟିଏ କୋଟିଏ ବ୍ରହ୍ମାଣ୍ଡେ ନ ପାଇ
ବଶ କରି ନ ପାରିବା ଧୂଆଇଁ ।
ବିରହଜ୍ୱାଳାରେ ହରି ତନୁ ଜଳା ହର ଗଲେ ଯୋଗୀ ହୋଇ ରେ । ସୁନ୍ଦରି !
ଏଣୁ ଦୁର୍ଲ୍ଲଭେ ଦୁର୍ଲ୍ଲଭ ତୁ ଅତି । ଭୁଜେ ମୋହନେ ମୋହନ ମୂରତି ।
ଭଗୀରଥେ ଗଙ୍ଗା କୃପା କଲି ପ୍ରାୟେ ହେଲୁ ମୋ ନେତ୍ର ସମ୍ମତିରେ ॥ ୫
ସୁରତରଙ୍ଗିଣୀ ସେହି ତୁହି ସତ ଘନରସରେ ପୂର୍ଣ୍ଣ ସ୍ୱଚ୍ଛେ ।
ବନସ୍ଥୁଁ ସେ ଗୋଡ଼ାଇ ରାଜାପଛେ ।
ନାହିଁ କରିବୁ କି ମୁଁ ରାଜାକୁମାର ତୋ ପଛେ ଥିବାକୁ ଇଚ୍ଛେ ରେ । ସୁନ୍ଦରି !
ଏ ଭରସା ସେ ତାର ତାର ଗୋତ୍ର । ଏକା ଗାତ୍ର ନ କରିବୁ ପବିତ୍ର ।
ଚିନ୍ତା ବାରୁଣି ଯୋଗ ପୁଣି ହୋଇବ ମଧୁର ସ୍ନେହରେ ମାତ୍ରରେ ॥ ୬

ରେ ସୁନ୍ଦରୀ । ତୁହି ଯେମନ୍ତ ଗୁଣରେ ନିପୁଣ କାହୁଁ ପୁଣି ସେପରି ଜଣେ ହେଲେ ଭିଆଇବ । ଶାରଦା (ସରସ୍ୱତୀ) ସରସ୍ୱତୀ ସାହିତ୍ୟରେ ତୋ ସମାନ ନ ହେବାରୁ ପଳାଇଛି । ଏହା ମୋର ଅନୁମାନ ହେଉଛି, ଯେଣୁ କେତେ ପ୍ରବୀଣା କିଶୋରୀ ଯେ ତୁ ତୋ କଣ୍ଠରେ ବୀଣାକୁ ପାସୋରି ଛନ୍ଦରେ (ବେଗରେ) ଗୁଣ୍ଠିଗଲା ।

୫—କୋଟିବ୍ରହ୍ମାଣ୍ଡରେ ଖୋଜି ତୋ ସମାନ ସୁଷମାରେ ଗୋଟିଏ ସୁନ୍ଦା ନ ପାଇବାରୁ ତୋତେ ମଧ୍ୟ ବଶକରି ନ ପାରିବା ଧୂଆଇ (ଭାବି) ବିରହଜ୍ୱାଳାରେ ହରି (କୃଷ୍ଣ) ତନୁ (ଶରୀରକୁ) ଜଳାଇଲେ, ହର ଯୋଗୀ ହୋଇଗଲେ ଏଣୁ ଦୁର୍ଲ୍ଲଭ ପଦାର୍ଥ ମାନଙ୍କ ମଧ୍ୟରେ ତୁ ଅତ୍ୟନ୍ତ ଦୁର୍ଲ୍ଲଭ । ଦ୍ୱିତୀୟରେ ମୋହନ କରିବାରେ ତୁ ମୋହନ ମୂର୍ତ୍ତି । କେବଳ ଗଙ୍ଗା ଯେପରି ଭଗୀରଥଙ୍କ ଠାରେ କୃପା କରିଥିଲେ ସେହିପରି ତୁ ମୋର ନେତ୍ର ସମ୍ମତି ହେଲୁ ।

୬—ସେହି ଗଙ୍ଗା ସୁରତରଙ୍ଗିଣୀ (ଦେବନଦୀ) ତୁ ମଧ୍ୟ ସୁରତ ରଙ୍ଗିଣୀ (ରତି ନିପୁଣା) ସେ ସ୍ୱଚ୍ଛ ଘନ ରସରେ (ନିର୍ମଳ ଜଳରେ) ପୂର୍ଣ୍ଣ ତୁ ସ୍ୱଚ୍ଛ ଘନ ରସରେ (ନିବିଡ଼ ଶୃଙ୍ଗାର ରସରେ) ପୂର୍ଣ୍ଣ ଏହା ସତ୍ୟ । ସେହି ଗଙ୍ଗା ଭଗୀରଥ ରାଜା ବନସ୍ଥୀ ହେବାରୁ ତାହା ପଛରେ ଗୋଡ଼ାଇଥିଲେ । ରେ ସୁନ୍ଦରି ! ମୁଁ ରାଜକୁମାର ତୋ ପଛରେ ରହିବାକୁ ଇଚ୍ଛାକରେ ରେ ସୁନ୍ଦରୀ, ତୁ କ'ଣ ନାହିଁ କରିବୁ କି ? ସେ ଗଙ୍ଗା ତାର (ଭଗୀରଥଙ୍କର) ଗୋତ୍ର (ବଂଶ) ତାରିଥିଲେ, ତୁ କଣ ଏକା ମୋର ଗାତ୍ର (ଶରୀର) କୁ ପବିତ୍ର କରିବୁ ନାହିଁ ମଧୁରେ (ଚୈତ୍ରମାସରେ) ଗଙ୍ଗାରେ ବାରୁଣୀ ଯୋଗ ପଡ଼ଇ ତହିଁରେ ଲୋକେ ମଜ୍ଜନ୍ତି (ସ୍ନାନକରନ୍ତି) ସେହିପରି ତୋହର ମଧୁର ସ୍ନେହରେ ମୋହର ମଜ୍ଜିବା ହେବ ଏତିକିମାତ୍ର ଚିନ୍ତା ମୋହର ହୁଅଇ ।

ବଳି ଇନ୍ଦ୍ରଶିରୀ ଭୋଗ ବାଞ୍ଛାପର ଏ କଥା ମୁଁ କରେ ଭଜନ
ହୋଇବନାହିଁ ପ୍ରୀତିଭାଜନ
ଶ୍ରବଣ ପ୍ରାୟେ ଭାଲପଟ ଲେଖନ ବର୍ଣ୍ଣ ପଠନେ ମୋ ମନ ରେ । ସୁନ୍ଦରି ।
କ୍ଷଣେ କ୍ଷଣେ କ୍ଷଣପ୍ରଭା ସଦୃଶା । ପୁନଃପୁନଃ ଦିଶି ଲୀନ ଭରସା ।
ବାସୁରେ ଶେଷରେ ଅଶେଷ ହେବାରେ କରୁଛି କାକ ତପସ୍ୟା ରେ ॥ ୭
ବାଣ ଦେବଗ୍ରାମଣଠାରୁ କର ରଣ କର ଈକ୍ଷଣ ବିଶ୍ୱକର୍ମା ।
ନିର୍ମାଣିଲା ଜାତରୂପପ୍ରତିମା ।
ସୁରନଗରୀଠାରୁ ବରନାଗରୀ ନାଗରପୁ ସୁମଧ୍ୟମାରେ । ସୁନ୍ଦରି ।
ଜୀବ ପାଇବାରୁ ଦିବ୍ୟ ବନିତା । ରୂପେ ହୋଇଲୁ ଅବନୀଜନିତା ।
ପ୍ରଶଂସାଯୋଗ୍ୟ ସଂସାରେ ଭାଗ୍ୟ ମୋର ତୁ ଯେ ଅନୁଗ୍ରହକର୍ତ୍ତ୍ରୀ ରେ ॥ ୮
ଶିରୀଷଅଙ୍ଗୀ ଭଙ୍ଗିବଶେ ଜାଣିଛୁ ଅଙ୍ଗୀକାର ମୋରେ ହେବାର ।
ଲଜ୍ଜା-ଆଶ୍ରଯୁତା ଭାବ ପଚୁର ।
ଚନ୍ଦ୍ର ଘନ ଆଚ୍ଛାଦିତେ ମୋଦ ଜାତେ କୁମୁଦେ କି ଅଗୋଚର ରେ । ସୁନ୍ଦରି ।
ହାବ ଜାତେ ଟୁଟ ଟୁଟ ଗୁହାଁବା । ପୁଣି ସ୍ତନ ପରେ ଦୃଷ୍ଟି ଥୋଇବା ।
ଖେଳ ଖଞ୍ଜରୀଟ ପଙ୍କଜକର୍ଣ୍ଣିରେ ବସିବା ଇଚ୍ଛାଇ ଅବା ରେ ॥ ୯

୭—ଇନ୍ଦ୍ରଶିରୀ (ଇନ୍ଦ୍ର ସମ୍ପତ୍ତିକୁ) ବଳି ଭୋଗ (ସୁଖ) ବାଞ୍ଛାପର ମୁଁ "ତୋହର ପ୍ରୀତିର ଭାଜନ (ପାତ୍ର) ହେବନାହିଁ" ଏ କଥାକୁ ଭଜନକରେ । ଶ୍ରବଣ ଯେପରି ନିଜମୁଣ୍ଡ ଛିଣ୍ଡାଇ କପାଳ ଲେଖା ବର୍ଣ୍ଣମାନଙ୍କୁ ପଢ଼ି ସେ ମୁଣ୍ଡ ଅଗ୍ନିରେ ଜଳାଇ ଘୋର ତପସ୍ୟା କରିଥିଲା, ସେହିପରି ମୋ କପାଳରେ ତୋ ପ୍ରୀତି ଭାଜନ ହେବାର ଲେଖା ନ ଥିଲେ ସେହିପରି ତପସ୍ୟା କରିବାକୁ ମୋ ମନ ହେଉଛି, ଭରସା (ଆଶା) କ୍ଷଣପ୍ରଭା (ବିଜୁଳି) ପରି କ୍ଷଣେ ୨ ପୁନଃ ୨ ଦିଶି (ଦେଖା ଦେଇ) ପୁଣି ଲୀନ ହେଉଛି । ଅତଏବ ମୁଁ ବାସୁରେ ଯେ ଶେଷରେ (ସହସ୍ର ମୁଖ ଅନନ୍ତଙ୍କ ଦ୍ୱାରା) ଅଶେଷ (ଅଗଣନୀୟ) ହେବା ଭଳି ତପସ୍ୟା କରୁଛି କି ?

୮—ବିଶ୍ୱକର୍ମା (ଦେବଶିଳ୍ପୀ) ବାଣ (ସହସ୍ର ବାହୁ ବାଣାସୁର) ଠାରୁ କର ଦେବଗ୍ରାମଣୀ (ସହସ୍ର ନେତ୍ର ଇନ୍ଦ୍ର)ଙ୍କ ଠାରୁ ଈକ୍ଷଣ (ଚକ୍ଷୁ) ସୁରନଗରୀ (ସ୍ୱର୍ଗ)ରୁ ବର (ଶ୍ରେଷ୍ଠ) ନାଗରୀ (ଦିବ୍ୟାଙ୍ଗନା)ଓ ନାଗରପୁ (ସିଂହ) ଠାରୁ ସୁମଧ୍ୟମା (ଉତ୍ତମ ମଧ୍ୟଦେଶ) ରଖିକରି ଜାତରୂପ ପ୍ରତିମା (ସୁବର୍ଣ୍ଣ ପ୍ରତିମା) ନିର୍ମାଣ କଲା । ସେ ଜୀବପାଇବାରୁ ଦିବ୍ୟବନିତାରୂପେ ଅବନୀ ଜନିତା (ପୃଥିବୀରେ ଅବତୀର୍ଣ୍ଣା) ହୋଇଲୁ । ମୋହର ଭାଗ୍ୟ ସଂସାରରେ ପ୍ରଶଂସାଯୋଗ୍ୟ ଯେଣୁ ତୁ ମୋର ଅନୁଗ୍ରହକର୍ତ୍ତ୍ରୀ ଅଟୁ ।

୯—ଶିରୀଷ ଅଙ୍ଗୀର ଭଙ୍ଗିରୁ ମୋଠାରେ ଅଙ୍ଗୀକାର ହେବାର ଜାଣିଛୁ, ଲଜ୍ଜା ଆଶ୍ରଯୁତା ଭାବ (ଲଜ୍ଜାମିଶ୍ରିତ ସ୍ନେହ) ମଧ୍ୟ ପ୍ରଚୁର କରିଅଛୁ । ଚନ୍ଦ୍ର ଘନ

ଅଧରେ ହାସ ପ୍ରକାଶ ଅନୁରାଗ-ନଦୀରୁ ହରଷ ଲହରୀ ।
ବଳେ ସେକାଳେ ବାହାର ବାହାର ।

ମୋର ବିବେକ ପ୍ଳବନ କରି ଯାଇଁ କୂଳରେ ଲାଗି ନ ପାରି ରେ । ସୁନ୍ଦରୀ ।
ଏଣୁ ଦାରିଦ୍ର୍ୟଦଶା ନାଶେ ଈଶ୍ୱରୀ । ତୋର ମାନସ ହୋଇଥିଲା ପରି ।
ପଦ୍ମରାଗପାତ୍ର ଗୋଟିକେ ଭରି ଯା ବାଣ୍ଟି ଦେଲୁ କୋଟିହୀରା ରେ ॥ ୧୦

ରସିକା ନାସିକା ଫୁଲର ଯେ ସ୍ଫୁଟକାଳେ ତିଳଫୁଲ ପରି ସେ ।
ସତେ ତାର ପ୍ରକୃତ ନାମଯାଏ ।

ଠେକି ଦେଲୁ ମୋତେ ମୁକୁତା ସଙ୍ଗତେ ହେଲାକୁ ସିନା ସଦୟେ ରେ । ସୁନ୍ଦରୀ ।
ସେକାଳେ ସେ ଶୋଭା ମୋତେ କେମନ୍ତ । ଯଥା ଭାର୍ଗବ ଊର୍ଦ୍ଧ୍ୱକୁ ଚଳିତ ।
ନବସଙ୍ଗମେ ନିଶାମଣି କୋଳରୁ ରୋହିଣୀ ଉଠିଲା ମତ ସେ ॥ ୧୧

(ମେଘ) ଦ୍ୱାରା ଆଚ୍ଛାଦିତ ହେଲେ ମଧ୍ୟ କୁମୁଦକୁ ମୋଦ (ଆନନ୍ଦ) ଜନ୍ମାଇବାରେ ଅଗୋଚର ହୁଏ କି ? ହାବ (ସ୍ତ୍ରୀମାନଙ୍କର ଭଙ୍ଗିଦ୍ୱାରା ସମ୍ଭୋଗ ଇଚ୍ଛା ପ୍ରକାଶ କରିବା) ଜାତ ହେବାରୁ ଟିକି ଟିକି କରି ଚାହିଁବା ପୁଣି ସ୍ତନର ପରେ ଦୃଷ୍ଟି ରଖିବା ଦ୍ୱାରା ଖଞ୍ଜରୀଟ (ପକ୍ଷୀ) ଖେଳ ପଙ୍କଜ କଢ଼ୀରେ ବସିବାକୁ ଇଚ୍ଛା କଲାପରି ଶୋଭା ପାଇଲା ।

୧୦—ସେ କାଳେ (ସାକ୍ଷାତ ସମୟରେ) ମନ୍ଦହାସ ଅଧରରେ ପ୍ରକାଶିତ ହେବାରୁ ଅନୁରାଗ (ସ୍ନେହ)ନଦୀରୁ ହର୍ଷଲହରୀ ବଳେ ବାହାର ବାହାରିଲା ପରିଏ ଦିଶିଲା, ସେ ଲହରୀରେ ମୋର ବିବେକ ପ୍ଳବନ କରି (ପହଁରି) ଯାଇ କୂଳରେ ଲାଗି ନ ପାରିଲା, ଅର୍ଥାତ୍ ବିବେକ ବୁଡ଼ିଗଲା, ଏଣୁ ମୋର ଦାରିଦ୍ର୍ୟ ଦଶା ନାଶରେ ତୋର ମାନସ ଈଶ୍ୱରୀ ହୋଇଥିଲା ପରି, ଅତଏବ ପଦ୍ମରାଗପାତ୍ର ସଦୃଶ ରଙ୍ଗଅଧର ଗୋଟିକରେ କୋଟିହୀରାସ ଦୃଶ ହାସ କାଳର ଦନ୍ତ ଝଲକ ଭରି ବାଣ୍ଟି ଦେଲୁ, ଅର୍ଥାତ୍ ଦିଶିବା ଭଳି ହସିଲୁ ।

୧୧—ରେ ରସିକା ! ତୁ ସଦୟ ହେବାରୁ ସିନା ସ୍ଫୁଟକାଳ (ଫୁଟିଲାବେଳେ) ତିଳଫୁଲ ପରି ନାସିକା ଫୁଲର ତାର (ନାସିକାର) ପ୍ରକୃତ ନାମ ନାକ (ସ୍ୱର୍ଗ) ଯାଏ ମୋତେ ନାସା ମୁକୁତା ସଙ୍ଗତେ ଠେକି ଦେଲୁ । ସେ କାଳେ ସେ ଶୋଭା କେମନ୍ତ ଦିଶିଲା—ଯଥା ଭାର୍ଗବ (ଶୁକ୍ର) ଊର୍ଦ୍ଧ୍ୱକୁ ଚଳିତ ହେଲା କିମ୍ବା ନବ ସଙ୍ଗମ କାଳରେ ନିଶାମଣି (ଚନ୍ଦ୍ର) ର କୋଳରୁ ରୋହିଣୀ ଉଠିଲା ।

କମ୍ପିଥିଲା ପରି ଝଲକାଝଲକ ତାରକାବଳୀ ଝଲ ଦଳ ।
ମୁଁ ଘେନିଲି ମୋ କୃପା କୃତେ ଛଳ ।
ପକାଇଲି ନେତ୍ର ତୋ ପାଦପଦ୍ମକୁ ଧରି ନ ଛାଡ଼ିବି ବୋଲି ରେ । ସୁନ୍ଦରୀ ।
ଗୁଳୁଥିଲୁ ପ୍ରପଦକୁ କି ମଣି । ତହିଁ ସଂଶୟ ଉଦୟ ସେକ୍ଷଣି ।
ଏହା ଉପମା କି କରିବ ଏ ଶରେ ମାରିବ ଏ କଥା ଗୁଣିରେ । ୧୨
ମୁଁ ଭ୍ରମ ଯେମନ୍ତ କାମ କି ତେମନ୍ତ ମତ୍ତକାଶିମାରେ ଶରଣ ।
ହେଲା ଜନ୍ତୁକୁ ପ୍ରହାରୁଛୁ ବାଣ ।
ବାଳା ବଳାନାଦେ ପଳାଅ ବୋଇଲେ ଛାଡ଼ିବ ସିନା ତା ଠାଣରେ । ସୁନ୍ଦରି ।
ତୋତେ ରଖିଲି ଲେଖି ଦେବୁ ମାନ । ଯେବେ ମୁହିଁ ତୋ ଅନୁଗ୍ରହପାତ୍ର ।
ଭେଟଯାଏ ସର୍ବବିଘ୍ନକୁ ଖଣ୍ଡି କି କରି ପଞ୍ଚାକ୍ଷରୀମନ୍ତ୍ର ରେ ॥ ୧୩
ମାଗି ହେମାଙ୍ଗୀ ଅଧରୁ ସୁଧାଦେଇ ତା ବନ୍ଧୁ କରି ଦେବି ତୋତେ ।
ବୋଧି ଜୀବକୁ ନ କରଇ ପ୍ରତେ ।
ଛିଣ୍ଡି ଯିବ ଜୀବଚେତ-ଭବନକୁ ଜୀବିକା କରିଛୁ ଏତେ ରେ । ସୁନ୍ଦରି ।
ଅନୁତ୍ତମ ତମ ସୁଧା ପିଇଛୁ । ସମେ ସୁଗ୍ରୀବହିଁ ମିତ୍ର ହୋଇଛୁ ।
କି ଅଦୃଷ୍ଟରେ ଏ ବିବେକ ଉପୁଜି କଷ୍ଟ କଷ୍ଟରେ ବହୁଛୁ ରେ ॥ ୧୪

୧୨—ଝଲକାଝଲକ (କର୍ଣ୍ଣଭୂଷଣ ବିଶେଷର କାନ୍ତି) ତାରକାବଳୀ (ତାରାସମୂହ ଝଲ (କାନ୍ତି) କୁ ଦଳି କମ୍ପିଥିଲା ପରି । ମୁଁ ମନେ କଲି ଝଲକା କମ୍ପିବା ଦ୍ୱାରା ମୋତେ କୃପା କରିବାକୁ ଛଳନା କରୁଛୁ କି ? ତହୁଁ ମୁଁ ତୋ ପାଦ ପଦ୍ମକୁ ଧରି ନ ଛାଡ଼ିବି ବୋଲି ପାଦରେ ନେତ୍ର ପକାଇଲି । ତୁ କି ମନେ କରି ପ୍ରପଦ (ଅଙ୍ଗୁଳି) ଗୁଳୁଥିଲୁ କେ ଜାଣି ତହିଁରେ ମୋର ସେହିକ୍ଷଣି ସଂଶୟ ଉଦୟ ହେଲା. ମୁଁ ଏହିକଥା ମନରେ ଗୁଣିଲି ତୁ ଏହି ବିଗୁରରେ ଅଙ୍ଗୁଳି ଗୁଳୁଥିଲୁ—ପୁରୁଷ ଏହାର (ଅଙ୍ଗୁଳିର) ଉପମା (ଅଶୋକସହିତ ତୁଳନା) କରିବ ନା ଏ ଶରେ (ଅଶୋକଶରେ) କାମ ତାକୁ ମାରିବ ।

୧୩—ମୁଁ ଯେପରି ଭ୍ରମ ହୋଇଛୁ କାମ କି ସେହିପରି ମତ୍ତ କାଶିମାରେ (ସୁନ୍ଦରୀ-ଠାରେ) ଶରଣ ପଶିବାରୁ ହିଂସାରେ ବାଣ ପ୍ରହାରୁଛୁ ? ରେ ବାଳା ! ତୁ ମୋ ସଙ୍ଗେ ମିଳିତ ହୋଇ ବଳାନାଦେ ପଳାଅ ବୋଇଲେ ତା ଠାଣ ସିନା ଛାଡ଼ି ଯିବ । ରେ ସୁନ୍ଦରି ! ଯେବେ ମୁଁ ତୋହର ଅନୁଗ୍ରହ ପାତ୍ର ତେବେ "ତୋତେ ରଖିଲି" ଏହି ପଞ୍ଚାକ୍ଷରୀ ମନ୍ତ୍ର ମାତ୍ର ଲେଖି ଦେବୁ, ମୁଁ ସେହି ମନ୍ତ୍ରକୁ ଭେଟ ହେବାଯାଏ ଜପକରି ସମସ୍ତବିଘ୍ନ ଖଣ୍ଡନ କରିବି ।

୧୪—ହେମାରଙ୍ଗୀ ସୁନ୍ଦରୀର ଅଧରରୁ ସୁଧା (ଅମୃତ) ମାଗି ତୋତେ ଦେଇ ତାହାର ବନ୍ଧୁ କରିଦେବି—ଏହିପରି ମୁଁ ମୋର ଜୀବନକୁ ବୋଧ ଦେଲେ

ରଙ୍କେ କୋମଳାଙ୍ଗୀ ଲଗି ଜୀବ ଯିବା ତେବେ ନୋହିବ କି ସୁଗତ ।
ହେଲେ ପବନ ନେନ ବାଣୀ ଶ୍ରୁତି ।
ଶୋଭା ଦେଖି କହି ଶୁଣି ବ୍ୟର୍ଥ ଦେହ କ୍ଷିତିଗୁଣେ ହେଲେ ଖ୍ୟାତରେ । ସୁନ୍ଦରୀ ।
ତୋର ଲୀଳା-ସରଣିରେ ମିଶିବ । ଯେବେ ତେବେ ତାର ଭାଗ୍ୟ ଦିଶିବ ।
ଶଶୀଅଶାସ୍ତ୍ରୀ ଶଶର ବିପରୀତ ହୋଇତ ଭୋଗ ପାଇବ ରେ ॥ ୧୫
ଜନମାନ୍ତର କଥା ବୋଲି ମାତର କାତର ହୋଇ ନିରନ୍ତର ।
ତାହା ଗୁଢ଼ କରେ ଅନ ବିଗୁର ।
ଚତୁର୍ବର୍ଗସ୍ଥଳୀ ସ୍ତ୍ରୀଧର୍ମରେ ଝଲ ଅର୍ଥକୁଶଳା ତୋ ଗିରରେ । ସୁନ୍ଦରୀ ।
କାମ କଟାକ୍ଷରେ ହୋଇ ପ୍ରବୃତ୍ତି । ମୋକ୍ଷ ନୀବିରେ ଦକ୍ଷ ହୋଇଛନ୍ତି ।
ଏସନ ପ୍ରେମ-କଳ୍ପଲତା ପ୍ରସନ୍ନ ନୋହିବ କିପାଁ ଝଟିତ ରେ ॥ ୧୬

ମନ୍ଦ ସେ ପ୍ରତେ (ବିଶ୍ୱାସ) କରୁ ନାହିଁ । କେବଳ "ଜୀବିତେଶ (ଯମ) ଭବନକୁ ଯିବି" ୨ ଏତିକ ଗାବିକା କରୁଛୁ । ରେ ସୁନ୍ଦର । ଅନୁତ୍ତମ (ଅଧମ) ତମ (ରାହୁ) ସୁଧା ପିଇଛୁ, ରାମଙ୍କର ସୁଗ୍ରୀବ ମର୍କଟ ହୋଇ ସୁଦ୍ଧା ମିତ୍ର ହୋଇଛୁ, କି ମନ୍ଦ ଅଦୃଷ୍ଟରୁ ଏପରି ବିବେକ ଉପୁଜ (ଅବିଶ୍ୱାସ ଜନ୍ମିବାରୁ) ଏତେ କଷ୍ଟରେ ଜୀବ ରହୁଛୁ ।

୧୫—କୋମଳାଙ୍ଗୀ ଲଗି ଯିବା ଜୀବ ଯିବ, ତେବେ ସୁଗତ (ମୋକ୍ଷ) ନୋହିବ କି ହେବ, କାରଣ ଶୋଭା ଦେଖି ନେନ କହି ବାଣୀ ଶୁଣି ଶ୍ରୁତି (କର୍ଣ୍ଣ) ଏମାନେ ପବନ ହେଲେ କେବଳ କ୍ଷିତିଗୁଣେ (ପୃଥ୍ୱୀ ଗୁଣରେ) ଖ୍ୟାତ (ପ୍ରସିଦ୍ଧ) ଦେହ ତୋ ଅଙ୍ଗସଙ୍ଗ ଅଭାବରୁ ବ୍ୟର୍ଥହେଲା, କିନ୍ତୁ ପୁଣି ସେ କ୍ଷିତି ଗୁଣରେ ଖ୍ୟାତ ଲଭିବ—ମୃତ୍ୟୁପରେ ଯେବେ ଦେହର ପୃଥ୍ୱୀଅଂଶ ତୋ ଲୀଳା ସରଣିରେ (କ୍ରୀଡ଼ା ପଥରେ) ମିଶିବ ତେବେ ତାହାର ଭାଗ୍ୟ ଦିଶିବ । ଯେପରି ଶଶୀ, ଅଶାସ୍ତ୍ରୀ ଶଶର ବିପରୀତ ଭୋଗ ହେଲା; ଅର୍ଥାତ୍ ଜଳ ସ୍ନାନରେ ଧାଇଁ ମୃତ୍ୟୁ ଲଭି କଳଙ୍କ ରୂପେ ଚନ୍ଦ୍ରସଙ୍ଗ ଲଭିଲା ସେହି ତୋ ଲୀଳା ପଥରେ ମିଶି ମୋ ଦେହ ତୋ ଅଙ୍ଗ ସଙ୍ଗ ପାଇବ ।

୧୬—ଏ ଜନ୍ମାନ୍ତର କଥା (ମୃତ୍ୟୁପରେ ଘଟିବ) ଏହି ହେତୁରୁ ନିରନ୍ତର କାତର ହୋଇ ସେ ଅଶାଗୁଢ଼ ଅନ ବିଗୁର କରୁଛୁ । ତୁ ଚତୁର୍ବର୍ଗସ୍ଥଳୀ (ଧର୍ମ, ଅର୍ଥ,କାମ, ମୋକ୍ଷ ଏହି ଚତୁର୍ବର୍ଗର ସ୍ଥାନ) ଯଥା—ତୁ ସ୍ତ୍ରୀ ଧର୍ମରେ ଝଲୁଛୁ (ଧର୍ମର ସ୍ଥାନ) ତୋ ଗୀର (ବାଣୀ) ଅର୍ଥ କୁଶଳା (ନାନା ପ୍ରକାର ଗୁଢ଼ରସ ଅର୍ଥଯୁକ୍ତା ଅର୍ଥସ୍ଥାନ) ତୋ କଟାକ୍ଷରେ (ଗୃହାଁଣୀରେ କାମ ପ୍ରବୃତ୍ତ ହୁଅଇ (କାମ ସ୍ଥାନ) ମୋକ୍ଷଣ (ମୋକ୍ଷଣ ଓ ମୁକ୍ତ) ତୋ ନୀବିରେ (ଜଘନୋପରି ବସ୍ତ୍ରଗ୍ରନ୍ଥିରେ) ଦକ୍ଷହୋଇଛୁ, (ଏଣୁ ତୁ ମୋକ୍ଷ ସ୍ଥାନ) ଏସନ ପ୍ରେମ କଳ୍ପଲତା କିପାଁ ଝଟିତ ନୋହିବ ?

କରେ ବେଦନା ନିବେଦନା ମରୁତେ ତା ସୁତ ଯେଣୁ ରାମଦୂତ ।
ହୋଇ ଆଣି ଦେଲା ସୀତା ଉଦନ୍ତ ।
ଶୀତଳ ହେଲେ ବିଷମ ବିଷସଙ୍ଗଗୁଣକୁ କଲା ସେ ଜାତରେ । ସୁନ୍ଦରି !
ପରେ କି ଅଭିମାନ ମନ ଯହିଁ । ସୁଖ ଭୁଞ୍ଜୁଛି ମୋତେ ନ ଚିତୋଇ ।
ନିଚେଷ୍ଟ କରି ପ୍ରଚେଷ୍ଟ ପରି ଯାଇ ସୁଲୋଚନା ପାଶେ ରହି ରେ ॥ ୧୭
ଅନେକରୂପେ ଆଶା-ତରୁ ଜନମ ହେଲା ଆରାମ ହୃଦପୁରେ ।
କେହି ସଫଳ ହେବ ଏ ବିଚାରରେ ।
ଦଇବ ବଳ ବିରହାନଳ ମେଳ ନ ପୁଣି ବିନାଶ କରେ ରେ । ସୁନ୍ଦରି ।
ଯେବେ ନିକଟରେ ହେବ ମିଥୁନ । ପୟୋଧର ଜାତ-ନୀର ପତନ ।
ଊର୍ଦ୍ଧ୍ୱରୁ ହୋଇବ ସେହି ପଲ୍ଲବିବ ଏହି ଲିଭି ଯିବ ଘେନରେ । ୧୮
ଅଭିମାନ କାହିଁ ଯା ସମାନ ହୋଇ ନାହିଁ ତା ଗୃହିଁକୁ ବଚନ ।
ତାକୁ କି ବୋଲି କରିବି ବନ୍ଦନ ।
ସ୍ତବକ ସ୍ତନାରି ଯାବକ ଲେଖିବା ସେବକ ହେବା ମୋ ନାମରେ ସୁନ୍ଦରି । ।
ଏତେକେ ମୁଁ ସର୍ବ ସୁଖ ପାଇବି । ଆନ ଚିନ୍ତେ ଅବା ଯୋଗ୍ୟ ହୋଇବି ।
ଆହୁରି ଉରକୁ ପଲଙ୍କ, ଊରୁକୁ ଭଦ୍ରାସନ କରି ଦେବି ରେ ॥ ୧୯

୧୭—ମୁଁ ମରୁତେ (ବାୟୁଠାରେ) ବେଦନା (ଦୁଃଖ) ନିବେଦନ କରୁଛି (ଜଣାଉଛି) ଯେଣୁ ତା ସୁତ (ବାୟୁ ପୁତ୍ର ହନୁମାନ) ରାମ ଦୂତ ହୋଇ ସୀତା ଉଦନ୍ତ (ବାର୍ତ୍ତା) ଆଣି ଦେଲା । ସେ ବାୟୁ ଶୀତଳ ହେଲେ ମଧ୍ୟ ବିଷମ ବିଷସଙ୍ଗ ଗୁଣକୁ ଜାତ କଲା, ଅର୍ଥାତ୍ ସର୍ପମାନେ ବାୟୁ ଭକ୍ଷଣ କରୁ ଥିବାରୁ ବାୟୁ ବିଷ ସଙ୍ଗରେ ରହି ସେ ଗୁଣକୁ ଜାତ କଲା, ପ୍ରାଣ ନାଶକ ହେଲା । ପରଠାରେ ବା କି ଅଭିମାନ କରିବି, ଯହିଁ ମୋ ମନ ମୋତେ ନ ଚେତଇ ନିଶ୍ଚେଷ୍ଟକରି ପକାଇ ଦେଇ ପ୍ରଚେଷ୍ଟ ପରି (ସବଳ ଲୋକପରି) ଯାଇ ସୁଲୋଚନା ପାଶରେ ରହି ସୁଖ ଭୁଞ୍ଜୁଛି ।

୧୮—ଆରାମ (ଉପବନ) ରୂପୀ ହୃଦପୁ ପୁରରେ ଆଶାତରୁ (ଆଶା ରୂପ ବୃକ୍ଷ) ଅନେକ ରୂପେ ଜନ୍ମହେଲା । ସେ ଆଶା ବୃକ୍ଷ କେହି (କିପରି) ସଫଳ (ଫଳଯୁକ୍ତ) ହେବ ଏହା ମୁଁ ବିଚାର କରେ । ଅଥବା ଦୈବ ବଳରୁ ବିରହାନଳ (ବିରହାଗ୍ନି) ବିନାଶ ନ କରେଟି ? ଯେବେ ନିକଟରେ ମିଥୁନ (ଆଷାଢ଼ ମାସ ଓ ମିଳନ) ହେବ, ଏବଂ ପୟୋଧର ଧର ଜାତନୀର (ମେଘପାଣି, ଓ ବିପରୀତ ରତି ଯୋଗେ ସ୍ତନଜାତ ଝାଳ) ଊର୍ଦ୍ଧ୍ୱରୁ ପତନ ହୋଇବ, ତେବେ ସେ ଆଶା ବୃକ୍ଷ ପଲ୍ଲବିବ, ଏହି ଦାବାନଳ ସଦୃଶ ବିରହାନଳ ଲିଭିଯିବ ଏହା ଘେନ ।

୧୯—ତା ଗୃହିଁକୁ ବଚନ (ତାହା ପ୍ରତି ଗୃହିଁ ବାକ୍ୟ) ସୁଦ୍ଧା ଯାହାର ସମାନ ହୋଇନାହିଁ ତା ଠାରେ ଅଭିମାନ କାହିଁ । ମୁଁ ତାକୁ କି ବୋଲି ବନ୍ଦନ

ପ୍ରମଦାରତନ କଟାକ୍ଷ ପତନ ଗୃହିଁ ଅଙ୍ଗ ଅବଧାରିବ ।
ସ୍ମିତ ବଦନରେ ଅନୁସରିବ ।
ପାଶ ନ କଲେ ସ୍ମରପାଶବନ୍ଧନୁ ଜାଣିଥାଅ ନ ତରିବି ରେ । ସୁନ୍ଦରୀ !
ହଳାହଳ ଜ୍ୱାଳା ବଶେ ଈଶାନ । ଚନ୍ଦ୍ରକଳା କଲେ ଶିରେ ମଣ୍ଡନ ।
ମୋ ତାପ ନାଶକୁ ରମଣୀମଣି ତୁ ସେପରି କରିବୁ ଘେନ ରେ ॥ ୨୦
ଦାତାଗଣ ଗଣନାରେ ସାର ତୁହି ମୁହିଁ ତନ-ଦାନ ମାର୍ଗଣ ।
ଦେଖ ବଳି ତୋ ଉଦରେ ଶରଣ ।
ଏଣିକି ଏଣିଈକ୍ଷଣୀର ମହତ୍ତ୍ୱ ମାଗିବା ଯାଏ ମୋ ଜାଣରେ । ସୁନ୍ଦରୀ !
ଭୃତ୍ୟ ଜଣାଇବା କଥା ଉଚିତ । ଯେହୁ ପ୍ରଭୁ ତାର ସବୁ ଆୟତ୍ତ ।
ଘେନ ସୁଭଗତ୍ତ ମୋର ଶୁଭଗତ୍ତ ଇଭଗତି ତୁହି ସତ ରେ ॥ ୨୧

କରିବ । ସେହି ସ୍ତବକସ୍ତନା (ପୁଷ୍ପ ଗୁଚ୍ଛ ସଦୃଶ ସ୍ତନା) ର ଯାବକ (ଅଳତା) ଲେଖିବାରେ ସେବକ (ଦାସ) ହେବାକୁ ମୋହର ମନ ହେଉଛି । ଏତେକେ ମୁଁ ସର୍ବସୁଖ ପାଇବି, ତେଣିକି ଅବା ଆନ ଚନେ (ସ୍ତନ ଚନ୍ଦନରେ) ଯୋଗ୍ୟ ହୋଇ ପାରିବି, ଅଥବା ମଧ୍ୟ ମୋ ଉରକୁ ବକ୍ଷସ୍ଥଳକୁ ପଲଙ୍କ, ଉରୁକୁ (ଜଙ୍ଘାକୁ) ଭଦ୍ରାସନ (ସିଂହାସନ) କରି ଦେବି ।

୨୦—ପ୍ରମଦାରତନ (ନାରୀ ରତ୍ନର) କଟାକ୍ଷ ପତନକୁ ଗୃହିଁ ଅଙ୍ଗ ଅବଧାରିବ (ସ୍ଥିରକରିବ), ସ୍ମିତବଦନ ଅନୁସରିଥିବ । ରେ ସୁନ୍ଦରୀ ! ତୁ ମୋତେ ପାଶନ କଲେ (ପାଖକୁ ନ ନେଲେ) ସ୍ମରପାଶ ବନ୍ଧନୁ ତରି ପାରିବି ନାହିଁ ଏହା ଜାଣି ଥାଅ । ଈଶାନ (ଶିବ) ହଳାହଳ (ବିଷ) ଜ୍ୱାଳା ବଶେ ଚନ୍ଦ୍ରକଳା (ଚନ୍ଦ୍ରର ଷୋଡ଼ଶାଂଶରୁ ଏକାଂଶ) ଶିରେ ମଣ୍ଡନ କଲେ, ରେ ରମଣୀମଣି ମୋତାପ ନାଶପାଇଁ ସେହିପରି କରିବୁ ତୁ ଏହା ଘେନ ।

୨୧—ଦାତା ଗଣ ଗଣନାରେ ତୁହି ସାର ଅଟୁ ମୁଁ ତନୁ (ଅଳ୍ପ ଓ ଦେହ) ଦାନର ମାର୍ଗଣ (ଯାଚକ), ଦେଖ ମହାନଦୀ ବଳରାଜା ନିବଳରୂପେ, ତୋ ଉଦରରେ ଶରଣ ପଶିଛୁ । ଏଣିକି ମୋ ମାଗିବା ଏଣିଈକ୍ଷଣୀର (ହରିଣୀ ଲୋଚନାର) ମହତ୍ତ୍ୱ ଯାଏ ଏହାଜାଣ, ଅର୍ଥାତ୍ ଆଉ ମାଗିଲେ ସୁନ୍ଦରୀର ମହତ୍ତ୍ୱ ନଷ୍ଟହେବ । ରେ ସୁନ୍ଦରୀ ! ଭୃତ୍ୟର କଥା ଜଣାଇବା ଉଚିତ ଅଟେ ଯେହୁ ପ୍ରଭୁ ତାହାର ସବୁ ଆୟତ୍ତ (ଅଧୀନ) ରେ ଇଭଗତି ! (ଗଜଗାମିନୀ !) ମୋ ସୁ-ଭଗତ୍ତ (ଉତ୍ତମଭକ୍ତିକୁ) ଘେନ ତୁହି ଶୁଭଗତ୍ତ (ଶୁଭଫଳ ଦାୟିନୀ) ଏହା ସତ୍ୟ ଅଟେ ।

ବିକାଶକାଶହାସି ହାସ ରହସ ଅବକାଶ ବେଳେ ଶଠାଳି ।
ଧାତା କୃପାରୁ କରେ ତୋ ପକାଳି ।
କିସ ବିଗୁଣରେ ପଡ଼ିବା ଉପଗୁଣରେ ମାନସ ପ୍ରଗୁଣ ହେଉ ରେ । ସୁନ୍ଦରି ।
ଦୟାନିଧି ଗୁଚ୍ଛସ୍ତନା ରମ୍ଭୋରୁ । ସବୁ ଜଣା ଯିବ ଏଥି ଉତ୍ତରୁ ।
ଆତଙ୍ଗ ନାହିଁ ପତଙ୍ଗ ପ୍ରାୟେ ହୋଇ ଅଗ୍ନିକି ଡେଇଁ ପ୍ରୀତିରୁ ରେ ॥ ୨୨
ପଢି ପଢିକା ନରେଶ୍ୱର ପୁତ୍ରିକା ନେତ୍ରେ ଆନନ୍ଦ-ଅଶ୍ରୁ ଧରି ।
ହୃଦେ ପରମ—ସ୍ନେହ ଥିଲା ପୂରି ।
ସଲିଳ ହୋଇ ସଲ୍ଲଳେ ଉଚ୍ଛୁଳିଲା କାଳେ ଗଙ୍ଗାଜଳ ପରି ସେ ସୁନ୍ଦରୀ ।
ଗଦଗଦ ହୋଇ ପଦ ନ ସ୍ଫୁରେ । ଘନରସ ଉଦୟ ସମୟରେ ।
କଳକଣ୍ଠ କଣ୍ଠବିରୋଧ କି କାନ୍ତ ବସନ୍ତ ହେବା ସ୍ମରେ ସେ ॥ ୨୩
ଦିବସ ବିଧୁ ସାଧୁ ଯଥା କରଣେ ହୋଏ ନିଶାମୁଖ ପ୍ରବେଶେ ।
ତଥା ପୀରତି ଉନ୍ମୁଖ ଆବେଶେ ।
ଗତ ହୋଇଥିଲା ହାସହିଁ ଅଗତ ଜଗତ ମୋହନୀ ଅସ୍ୟେ ସେ । ସୁନ୍ଦରୀ ।
ରାମ ମଧୁରମୂର୍ତ୍ତି ଧ୍ୟାୟି ଶତ୍ରି । ଉପଇନ୍ଦ୍ର ଭଞ୍ଜ ଅତି ତୃପତ ।
ରସିକ କୋବିଦ ଶ୍ରୁତି ମୁଖ ସ୍ୱାଦ ମଧୁର ଛାନ୍ଦ ଏ କୃତ ହେ । ସୁଜନେ । ୨୪

୨୨—ରେ ବିକାଶକାଶ ହାସି । (ବିକାଶିତ ତଣ୍ଡି ଫୁଲ ପରି ହାସ ଯାହାର)ଧାତା କୃପାରୁ ହାସ ରହସ ଅବକାଶ ବେଳେ (ହସ ଖେଳ ସମୟରେ) ତୋ କରେ ଶଠାଳି ପକାଇ । ଏ କିସ ଏହି ବିଗୁଣ କରି ପଡ଼ିବା ଉପଗୁଣରେ ମାନସ ପ୍ରଗୁଣ ହେଉ, ରେ ସୁନ୍ଦରି । ଦୟାନିଧି । ଗୁଚ୍ଛସ୍ତନା । ରମ୍ଭୋରୁ । ଏଥିଉତ୍ତରୁ (ପତ୍ରପାଠ ଉତ୍ତରୁ) ସବୁଜଣା ଯିବ । ପ୍ରୀତି ବଶରୁ ମୁଁ ପତଙ୍ଗ ପ୍ରାୟହୋଇ ଅଗ୍ନିକୁ ଡେଇଁଛୁ ସେଥିରେ ମୋରଆତଙ୍ଗ (ଭୟ) ନାହିଁ ।

୨୩—ନରେଶ୍ୱର ପୁତ୍ରିକା (ରାଜପୁତ୍ରୀ) ପତ୍ର ପାଠ କରି ନେତ୍ରେ ଆନନ୍ଦାଶ୍ରୁ ଧଇଲେ, ତତ୍ପୂର୍ବରୁ ହୃଦୟରେ ପରମ ସ୍ନେହ ପୂରିଥିଲା । ସେହି ସ୍ନେହ ସେକାଳେ ସଲିଳ (ଜଳ) ହୋଇ ସଲ୍ଲଳେ (ଧୀରେ ଧୀରେ) ଗଙ୍ଗା ଜଳପରି ଉଚ୍ଛୁଳିଲା । ଘନରସ (ଶୃଙ୍ଗାରରସ ଓ ମେଘ) ଉଦୟ ସମୟରେ ଗଦ୍‌ଗଦ ହୋଇ ପଦସ୍ଫୁରେ ନା, କଳକଣ୍ଠ (କୋକିଳ) କଣ୍ଠରୋଧ ହେବାରେ କାନ୍ତ ବସନ୍ତ ହେବାକୁ ସ୍ମରଣ କରେ କି ?

୨୪—ଦିବସ ଶେଷ ବିଧୁ (ଚନ୍ଦ୍ର) କରଣେ ସାଧୁ (ସୁନ୍ଦର) ନିଶା ମୁଖ (ସନ୍ଧ୍ୟା) ଯଥା ପ୍ରବେଶ ହୁଏ, ତଥା ପ୍ରୀତିର ଉନ୍ମୁଖ (ଆରମ୍ଭ) ପ୍ରବେଶ ହେଲା । ଜଗତ ମୋହନୀର ଅସ୍ୟେ (ମୁଖରେ) ହାସ ଗତହୋଇ ଥିଲା । ପ୍ରୀତି ଆରମ୍ଭରୁ ପୁଣି ହାସ ଅଗତ ହେଲା । ଉପେନ୍ଦ୍ରଭଞ୍ଜ ରାମ ମଧୁର ମୂର୍ତ୍ତି ଧ୍ୟାୟି ଅତିଶୟ ତୃପ୍ତହୋଇ ରସିକ କୋବିଦ (ପଣ୍ଡିତ) ମାନଙ୍କର ଶ୍ରୁତି (କର୍ଣ୍ଣ) ରୂପମୁଖର ସ୍ୱାଦ ଏ ମଧୁର ଛାନ୍ଦକୁ କଲେ ।

ତ୍ରୟୋତ୍ରିଂଶ ଛାନ୍ଦ

ରାଗ—କଲ୍ୟାଣ ଅହାରୀ

କାଦମ୍ବିନୀ କାଦମ୍ବିନୀ-ଜିତ-କେଶୀ ପୁରତେ ଏକାଳେ ପ୍ରବେଶ ।
ଦେଖିଲା ଶତପତ୍ର-ପତ୍ର-ନୟନା ପ୍ରେମପତ୍ର ଦେଲା ଅବେଶ ।

ସେ ଗତ । ଅଗତ ତୁଳିକ କାକତ ।
ମଞ୍ଜିଷ୍ଠାରସ ସହିତ ଥାଳୀ ଆଣି ବାଳୀ ଆଗରେ କଲା ସ୍ଥିତ ॥ ୧
କହିଲା ଦକ୍ଷିଣ ପବନ ବହିଲା ହିମରଜ କରି କ୍ଷେପଣ ।
ଏ ଉତ୍ତାରୁ ଘନରସଯୁକ୍ତ ହୋଇ ନ ବହିବ କି ସମୀରଣ ।
ଶ୍ରବଣେ । ହୃଦୟ ପଦ୍ମ ବିକଶିଲା ।
ପଦ୍ମିନୀ ଯାମିନୀରୂପ ତପା ତୁଟି କୃପା-ପ୍ରଭାତ ପ୍ରକାଶିଲା ॥ ୨

୧—ଏ କାଳେ କାଦମ୍ବିନୀ ନାମ୍ନୀ ସଖୀ କାଦମ୍ବିନୀ (ମେଘ)କୁ ଜିଣିଛି କେଶ ଯାହାର ଏପରି ରାଜପୁତ୍ରୀର ପୁରତେ (ଅଗ୍ରତେ) ପ୍ରବେଶ ହୋଇ ଦେଖିଲା—ଶତପତ୍ର ପତ୍ରନୟନା (ପଦ୍ମ ପତ୍ରପରି ଯାହାର ନେତ୍ର) ସେ ସୁନ୍ଦରୀ ପ୍ରେମପତ୍ର ଦେଲା ତହିଁରେ ଆବେଶ (ମନଯୋଗ) କରୁଛି । ତହୁଁ ସେ ସଖୀ ଗତ ଆଗତ (ଯିବା ଆସିବା) କରି ତୁଳିକା (ଲେଖିବାର କଲମ) କାଗଜ ଓ ମଞ୍ଜିଷ୍ଠାରସ ସହିତ ଥାଳୀ ଆଣି ବାଳୀ (ରାଜଜେମା) ଆଗରେ ସ୍ଥିତ କଲା ।

୨—କହିଲା (ଧ୍ୱନି) ଗ୍ରୀଷ୍ମକାଳୀନ ଉତ୍ତପ୍ତ ଦକ୍ଷିଣ ପବନ ହିମରଜ (କର୍ପୂର ଧୂଳି) କ୍ଷେପଣ କରି ଶୀତଳରେ ହୋଇ ବହିଲା, ଏ ଉତ୍ତାରୁ (ଗ୍ରୀଷ୍ମକାଳ-ଉତ୍ତାରୁ) ବର୍ଷାକାଳରେ ଘନରସ (ମେଘଜଳ) ଯୁକ୍ତ ହୋଇ ସମୀରଣ (ପବନ) ବହିବ କି ? ଅନ୍ୟାର୍ଥ—ତୋତେ ବିରହିଣୀ କରିଥିବା କାନ୍ତ ଦକ୍ଷିଣ (ଅନୁକୂଳ) ହୋଇ ହିମରଜ (କର୍ପୂରଧୂଳି) କ୍ଷେପଣ କଲା । ସଦୃଶ ପ୍ରେମ ପତ୍ରିକା ପ୍ରେରଣ କଲା, ଏ ଉତ୍ତାରୁ ଘନରସ (ନିବିଡ଼ରସ-ବଚନ) ଯୁକ୍ତ ଉତ୍ତର ପତ୍ରିକା ନ ଯିବ କି ? ଏ କଥା ଶ୍ରବଣରେ ପଦ୍ମିନୀ ରାଜପୁତ୍ରୀର ଯାମିନୀ (ରାତ୍ରି) ରୂପ ତପା (ଲଜ୍ଜା) ତୁଟି କୃପାରୂପ ପ୍ରଭାତ ପ୍ରକାଶ ହେଲା, ହୃଦପଦ୍ମ ବିକଶିଲା ।

ଲେଖିଲ୍ଲ ଯାହା ପଦେ ପଦେ ସେ ଇନ୍ଦ୍ରପଦେ ସ୍ଥାପିବ କୁମାରକୁ ।
ସଜଣୀ ବେଣୀ ବର୍ଣ୍ଣ ଘେନି ବୋଇଲେ ମଧ୍ୟମଣି ହେବ ହାରକୁ ।
ଶୁଣି ତା । ଶଶୀକଳା ପାଶ ହୋଇଲ୍ଲ ।
ପାଇ ନାହିଁ କି ଗୋ ତରଳଭାବକୁ ତାହୁ ସିନା ହେବ ବୋଇଲ୍ଲ ॥ ୩
ଉପାୟ-ଉପାୟିକା ଉପାଧ୍ୟାୟୀ ଯେ ମୁଦ୍ର ମୁଦାଇ ହସ୍ତେ ଧରେ ।
ଗୁଟିବିଦ୍ୟା-ବିଦ୍ୟା ଅବଧୂତୀ ମିଳି ଧଇଲେ ତାର କର କରେ ।
ସେଠାରୁ । କଥା ପରସ୍ପରେ ଗମନେ ।
ପୁଷ୍ପପୁର ରାଜକୁମାର ବିହାର ଉପବନେ ସ୍ଥିତ ଜବନେ ॥ ୪
ଦେଖିଲେ ଆରାମ ଅତି ଅଭିରାମ ଯେ ଦେଖିବ ଏହୁ ପ୍ରତୀତି ।
ମନରୁ ଉତ୍ପତ୍ତି ରତିକାମ ମୂର୍ତ୍ତିମନ୍ତେ କି ବିଭା ହେଉଛନ୍ତି ।
କୋକିଳ । ଗାୟକ ଉଚେ ଗାଏ ଗୀତ ।
ଝିଙ୍କାରୀ ଝଙ୍କାର ଖଞ୍ଜରୀଟ ପ୍ରାନ୍ତହତ ସୁବାଦ୍ୟରେ ବାଦିତ ॥ ୫

୩—ରାଜଜେମା ପତ୍ରରେ ଯାହା ଲେଖିଲ ସେ ପଦେ୨ କୁମାରକୁ ଇନ୍ଦ୍ରପଦେ ସ୍ଥାପିବ, ସଜଣୀ ବେଣି (ସଖୀଦ୍ୱୟ) ବର୍ଣ୍ଣ ଘେନି (ପତ୍ରଲିଖିତ ବର୍ଣ୍ଣମାନ ପଢ଼ି) ବୋଇଲେ ଏ ପତ୍ର କୁମାରର ହାରକୁ ମଧ୍ୟ ମଣି ହେବ । ତାହାଶୁଣି ଶଶୀକଳା ପାଶ ହୋଇ କହିଲ (କାକୁକ୍ତି) କୁମାର ତରଳ (ଚଞ୍ଚଳ) ଭାବକୁ ପାଇନାହିଁ କି ? ଏ ତହିଁ (ତରଳ ହାରମଧ୍ୟମଣି) ସିନା ହେବ ? ଅର୍ଥାତ୍ ସେ ଯେପରି ସୁନ୍ଦରୀ ଠାରେ ଅନୁରାଗୀ ହୋଇଛି । ତହିଁରେ ଏପତ୍ର ପାଇଲକ୍ଷଣି କଣ୍ଠରେ ଲମ୍ବାଇବ ।

୪—ଉପାୟ ଉପାୟିକା (ବହୁ ଉପାୟ ପଣ୍ଡିତା) ଉପାଧ୍ୟାୟୀ ମୁଦ୍ର ମୁଦାଇ (ମୁଦ୍ରଦେଇ) ହସ୍ତରେ ଧଇଲେ । ଗୁଟି (ଅଦୃଶ୍ୟ ରୂପେ ଗତାଗତ କରି ପାରିବାର ଔଷଧି)ଗୁଟିବିଦ୍ୟା ବିଦ୍ୟା-ଗୁଟିବିଦ୍ୟାନିପୁଣା ଅବଧୂତୀ ମିଳି ତାର (ଉପାଧ୍ୟାୟୀର) କରକୁ କରେ ଧଇଲେ, ପରସ୍ପର କଥୋପକଥନ କରି ସେଠାରୁ ଗମନ କଲେ, ପୁଷ୍ପପୁରର ରାଜକୁମାର ବୁଲୁଥିବା ଉପବନରେ ଜବନେ (ବେଗପରି) ସ୍ଥିତ ହେଲେ ।

୫—ଦେଖିଲେ-ସେ ଆରାମ (ଉପବନ) ଅତି ଅଭିରାମ (ସୁନ୍ଦର) ଯେ ଦେଖିବ ତାହାର ଏହୁ ପ୍ରତୀତି (ବିଶ୍ୱାସ) ଜନ୍ମିବ । ରତି ଓ କାମ ଦୁହେଁ ମନରୁ ଉତ୍ପନ୍ନ ହୋଇ ମୂର୍ତ୍ତିମନ୍ତରେ ବିବାହ ହେଉଛନ୍ତି କି ? କୋକିଳ ଗାୟକପରି ଉଚ୍ଚରେ ଗୀତ ଗାଉଛି । ଝିଙ୍କାରୀ ଝଙ୍କାର, ଖଞ୍ଜରୀଟ ଶବ୍ଦର ପ୍ରାନ୍ତ (ଠି) ହତ (ଖଞ୍ଜରୀ) ଖଞ୍ଜଣୀ ସବାଦ୍ୟରେ ବାଦିତ ହୋଇଅଛି ।

ଶୁକ ଭରଦ୍ୱାଜ ବେହାକୁଳ ଦ୍ୱିଜ ଶ୍ରୁତି-ମଞ୍ଜୁ- ବାକ୍ୟ ଉଚ୍ଚାରି ।
ମଲ୍ଲୀକଢ଼ୀ ଶଙ୍ଖ ଅସଂଖ୍ୟ ଅନେକ କନକ ମାଧୁରୀ ମାଧୁରୀ ।
ମଧୁପ । ଚୁମ୍ବନେ ଧ୍ୱନି କରେ ଜାତ ।
ମରୁତ ଅଧିକାରୀ ଘେନି ସୁବାସ ରଙ୍ଗିଣିଠାରୁ ଗତାଗତ ॥ ୬
ସୁକୁଞ୍ଜକୁଟିର ଛାୟା ମଣ୍ଡପର ତଳେ ବେଦିକା ତ ନିର୍ମିତ ।
ସ୍ଫୁଟ କୁରୁବକ ପାବକ ଦୀପକ ପଲ୍ଲବ ପାଟକୁଆଁଗଣ ।
କେତକୀ । ମାଳୀ ଦେଇଥିବା ମୁକୁଟ ।
କ୍ରମୁକ ନାରିକେଳ ପରିପୂରିତ ଶାଳକ ସୁରଭି ପ୍ରକଟ ॥ ୭
ହାରିଦ୍ର ସିନ୍ଦୂରୀ ପକ୍ୱଫଳ ଧରି ସହକାର ଶୋଭା ବିଶେଷେ ।
ଗବୟଶୃଙ୍ଗ ସମ୍ପୁଟରୁ ମଧ୍ୟେ ସ୍ୱର୍ଣ୍ଣ ମାଣିକ୍ୟ ଜ୍ୟୋତି ଦିଶେ ।
ଅକ୍ଷତେ । ବେନି ବଂଶରେ ଜାତ ଘୋଷ ।
ବ୍ରାହ୍ମଣୀରେ ପୁଣି ବର୍ଦ୍ଧିତ ହୋଇଛି ସାର ଅନୁରାଗ ପ୍ରକାଶ ॥ ୮

୬—ଶୁକପକ୍ଷୀ ଏବଂ ଭରଦ୍ୱାଜ (ଭଦଭଦଳିଆ ପକ୍ଷୀ) ଦୁହେଁ ବେହାକୁଳର (ବରକନ୍ୟା ଉଭୟ କୁଳର) ଦ୍ୱିଜ (ବ୍ରାହ୍ମଣ) ହେଲେ, ବ୍ରାହ୍ମଣମାନେ ଶ୍ରୁତି (ବେଦର) ମଞ୍ଜୁ ବାକ୍ୟ (ମନ୍ତ୍ର) ଉଚ୍ଚାରଣ କଲାପରି ଏମାନେ ଶ୍ରୁତି ମଞ୍ଜୁ କର୍ଣ୍ଣ ସୁଖକର ବାକ୍ୟ ଉଚ୍ଚାରଣ କରୁଛନ୍ତି, ଅସଂଖ୍ୟ ମଲ୍ଲୀ କଢ଼ୀ ଶଙ୍ଖ ଏବଂ ଅନେକ କନକ (ଧୁସ୍ତୁରି ଫୁଲ) ମଧୁରୀ (ମହୁରୀ ବାଦ୍ୟର ମାଧୁରୀ (ସୌନ୍ଦର୍ଯ୍ୟକୁ) ଧରିଛି । ସେ ସବୁ ମଧୁପ ମାନଙ୍କର ଚୁମ୍ବନରେ ଧ୍ୱନିକି ଜାତ କରୁଛନ୍ତି । ଅଧିକାରୀ (ବର ଓ କନ୍ୟା କର୍ତ୍ତା) ରଙ୍ଗିଣି ଠାରୁ (ତନ୍ତିଠାରୁ) ସୁବାସ (ଉତ୍ତମ ବସ୍ତ୍ର) ଘେନି ଗତାଗତ କଲାପରି ମରୁତ (ପବନ) ରଙ୍ଗିଣି ପୁଷ୍ପରୁ ସୁବାସ ଘେନି ଗତାଗତ କରୁଛି ।

୭—ଉତ୍ତମକୁଞ୍ଜ କୁଟିର ସବୁ ଛାୟା ମଣ୍ଡପ (ବିବାହ ମଣ୍ଡପ) ତାହାତଳେ ବୃକ୍ଷମୂଳ ବେଢ଼ିକାମାନ (ବିବାହ ବେଦିକା) ନିର୍ମିତ ହୋଇଅଛି । ସ୍ଫୁଟ କୁରୁବକ (ପ୍ରସ୍ଫୁଟିତା ଝିଣ୍ଟିଫୁଲ) ଦୀପକ (ପ୍ରଜ୍ୱଳିତ) ପାବକ (ହୋମାଗ୍ନି) ନବ ପଲ୍ଲବ (ନୂଆପତ୍ର) ପାଟକୁଆ, କେତକୀ, ମାଳୀ ଦେଇଥିବା ମୁକୁଟ ବିବାହ ସ୍ଥଳରେ ଗୁଆ ନଡ଼ିଆ ଥିଲାପରି ଏଠାରେ କ୍ରମୁକ (ଗୁଆ) ନାରି-କେଳ ବୃକ୍ଷମାନ ପରି ପୂରିତ, ବିବାହରେ ଶାଳକ, ସୁରଭି (ବଦ୍ଧାନୁର) ଥେନୁ ଥିଲାପରି ଏଠାରେ ଶାଳବୃକ୍ଷ ଏବଂ ସୁରଭି (ଚମ୍ପକ ବୃକ୍ଷ) ମାନ ପ୍ରକଟ ହୋଇଛି ।

୮—ଲୁଚ୍ଛୀମାନେ ଧରିଥିବା ଗବୟ (ଗଯୂଳ) ଶୃଙ୍ଗ ନିର୍ମିତ ସମ୍ପୁଟ (ଫରୁଆ) ମଧ୍ୟରୁ ସ୍ୱର୍ଣ୍ଣ ଏବଂ ମାଣିକ୍ୟ ଜ୍ୟୋତି ଦିଶିଲାପରି ହାରିଦ୍ର (ହଳଦିଆ ବର୍ଣ୍ଣ) ଏବଂ ସିନ୍ଦୁରୀ (ସିନ୍ଦୁରବର୍ଣ୍ଣ) ପକ୍ୱଫଳମାନ ଧରି ସହକାରେ (ଅମ୍ବ ବୃକ୍ଷ)

ହିଙ୍ଗୁଳୀ କପର୍ଦ୍ଦୀ ବୀଜ କର କର ରଙ୍ଗାଜୀବୀ ଜୁଟେ ଦେଖାଇ ।
ଶୁଦ୍ଧାନ୍ତ ପ୍ରକାରେ ପ୍ରକାର ଯହିଁରେ ଅବାପଠାରେ ସମ୍ଭବଇ ।
ଯତନେ । ପରାଗ କର୍ପୂର ପତନେ ।
ଶେଫାଳିକା ଅଳୀ ସଜାଡ଼ି ସଂଯୋଗ ହେବାକୁ ଶଯ୍ୟାକୁ ସୁମନେ ॥ ୯
ମଧ୍ୟେ ସରସୀ ନୂତନେ ରସାରସି ରସିକ ରସିକା ଯେମନ୍ତେ ।
ନୀଳୋତ୍ପଳଦଳ ଚଳଦୃଗଞ୍ଚଳ ମୀନ ଚଞ୍ଚଳେ ଚାଳେ ନେତ୍ର ।
ଅଚ୍ଛନ୍ନ । ସେ କାମ-ଶରାଳୀ ବଶରେ ।
ଠୁଳ ଶୈବାଳ ଚଳ ଅଳିଆବଳୀ ବେଣୀ ଚଳତ କମ୍ପଶିରେ ॥ ୧୦

ବିଶେଷ ଶୋଭା ପାଉଛି । ବିବାହରେ ବେଣୁ ବଂଶରେ (ଦୁଇ କୁଳରେ) ଘୋଷ (ଆନନ୍ଦ ଧ୍ୱନି) ଅକ୍ଷତେ (ଅଖଣ୍ଡିତ ରୂପେ) ଜାତ ହେଉଥାଏ ଏଠାରେ ଅକ୍ଷତେ (କଟାହୋଇ ନ ଥିବା) ବେଣୁ ବାଉଁଶର ଘର୍ଷଣରେ ଶବ୍ଦ ଜାତ ହେଉଅଛି । ସେ ବିବାହ ବ୍ରାହ୍ମଣୀ କନ୍ୟାରେ ବନ୍ଧିତ ଏ ବ୍ରାହ୍ମଣୀ (ମଞ୍ଜିଷ୍ଠା ବୃକ୍ଷରେ) ବନ୍ଧିତ ହୋଇଛି । ସେଠାରେ ସାର ଅନୁରାଗ (ସ୍ନେହ) ପ୍ରକାଶ ହେଉଥାଏ ଏଠାରେ ମଧ୍ୟ ହେଉଅଛି ।

୯—ରଙ୍ଗାଜୀବୀ (ଚିତ୍ରକାରିଣୀ) ହିଙ୍ଗୁଳୀ କପର୍ଦ୍ଦୀ (କଉଡ଼ି) ଜୁଟେ (ଜୁଆ ଖେଳରେ) ଦେଖାଇଲା ପରି ପାଚିକରି ଫାଟି ଯାଇଥିବା କରକର (ଦାଡ଼ିମ୍ବ) ବୀଜ ଦେଖା ଯାଉଛି । ଯହିଁରେ (ଯେଉଁଠାରେ) ଶୁଦ୍ଧାନ୍ତ (ଅନ୍ତଃପୁର) ପ୍ରକାରେ ପ୍ରକାର (ପ୍ରାଚୀର) ଅବାପ (ବୃକ୍ଷମୂଳ ମଣ୍ଡା) ଠାରେ ସମ୍ଭବଇ । ଶେଫାଳିକା (ଗଙ୍ଗଶିଉଳି ବୃକ୍ଷ) ଅଳୀ (ସଖି) ହେଲ; ସେ ବର କନ୍ୟା ଦୁହିଙ୍କର ସଂଯୋଗ ନିମିତ୍ତ ଯତ୍ନକରି ପରାଗ (ପୁଷ୍ପଧୂଳି) ରୂପ କର୍ପୂର ପତନ ଦ୍ୱାରା ସୁମନେ (ପୁଷ୍ପରେ) ଶଯ୍ୟାକୁ (ମଧୁଶଯ୍ୟାକୁ) ସଜାଡ଼ୁଛି ।

୧୦—ରସିକ ରସିକା ଯେମନ୍ତ ନୂତନେ ରସା ରସି ହୋଇ ଥାନ୍ତି ବନମଧ୍ୟରେ ଥିବା ସରସ (ପୁଷ୍କରିଣୀ) ସେହିପରି ହୋଇଅଛି । ରସିକ ରସିକାଙ୍କର ଚଳ ଦୃଗଞ୍ଚଳ (ଚଞ୍ଚଳ କଟାକ୍ଷ) ପରି ଏହାର କମ୍ପିତ ନୀଳୋତ୍ପଳ ଦଳ ହୋଇଅଛି । ତାଙ୍କର ଚଞ୍ଚଳେ ଚାଳିବା ନେତ୍ରପରି ଏହାର ମୀନ ଶୋଭା ପାଉଛି ସେ ଦୁହେଁ କାମ ଶରାଳୀ (କନ୍ଦର୍ପଶର ସମୂହରେ) ଅଚ୍ଛନ୍ନ (ଅଭିଭୂତ) ହୋଇଥାନ୍ତି, ଏ ପୁଷ୍କରିଣୀ କାମପକ୍ଷୀ ଓ ଶରାଳୀ (ହଂସରାଳୀ) ପକ୍ଷୀରେ ଅଚ୍ଛନ୍ନ (ଅବୃତ) ହୋଇଛି । ଠୁଳ (ଏକାଠି) ହୋଇଥିବା ଶୈବାଳ (ଶିଉଳି) ଚୁଳ (କେଶ) ପାଣିକି ଲାଗି ଉଡୁଥିବା ଅଳି ଅବଳୀ (ଭ୍ରମର ଶ୍ରେଣୀ) କମ୍ପିତ ଶିରେ ଚଳତ ବେଣୀପରି ଶୋଭା ପାଉଛି ।

ତରଙ୍ଗ ତର କର ଦେଖି ବଢ଼ାଇ ନୀରଜକୋରକ-ଉରଜେ ।
ହଂସଗତିରେ ଘୁଙ୍ଗୁନାଦ ହଂସକ ଶବଦ ପ୍ରକଟ ସହଜେ ।
ପ୍ରଚଳ । ଫେନ ବସନ ଆଡ଼ ତେଣୁ ।
ଦରବିକାଶ କୋକନଦ-ମୁଖରେ ଗୃଣ୍ଠୁ ଆରମ୍ଭି ଅଣୁ ଅଣୁ ॥ ୧୧
ଏସନ ବନସରତୀରେ କୁସୁମଶର-ତୀରେ ହୋଇ ଉଚ୍ଛନ୍ନ ।
ଚତୁର ଚମ୍ପା ମଧ୍ୟ ଚନ୍ଦ୍ର-ବେଦୀରେ ଚତୁର କରନ୍ତି ଶୟନ ।
ଯେ ପୁରେ । ଜୀବନ ସେ ତଳରେ ରହି ।
କଳାକର କଳାକର ଶୁଭ୍ର ଅଭ୍ର ଅର୍ଦ୍ଧ ଉଦୟ ପରି ହୋଇ ॥ ୧୨
ନବପଲାଶେ ବଞ୍ଚେ ହୀନ-ଉଲ୍ଲାସେ ପୁରୁଷେ ବସି ଯେ ପାରୁଶେ ।
କିଛିଦୂରେ ଅଛି ବିମନ ହୋଇଛି କି ହୋଇଲା ଇଚ୍ଛି ପୁରୁଷେ ।
ତା ଦେଖି । କେ କାହିଁ ଆସିଲ ପ୍ରକାରେ ।
ସାଧୁଜନୀ ବେନି ହରଷ ବିରସ ଲପନେ କଥା ପରସ୍ପରେ ॥ ୧୩

୧୧—ନୀରଜ କୋରକ (ପଦ୍ମକଳିକା) ରୂପକ ଉରଜେ (ସ୍ତନକୁ) ପୁରୁଷ ତରଙ୍ଗତର (ଲହରୀ) ରୂପ କରକୁ ବଢ଼ାଇ ସେ ରସିକା ହଂସ ଗତିରେ (ହଂସଗତିଚଳନରେ) ଘୁଙ୍ଗୁ ହଂସନାଦ ରୂପ (ନୂପୁରଶବ୍ଦ) ସହଜେ ପ୍ରକଟ ହୁଅଇ, ତେଣୁ ଦର ବିକାଶ (ଅଳ୍ପବିକଶିତ) କୋକନଦ (ରକ୍ତପଦ୍ମ) ରୂପ ମୁଖରେ ଗୃଣ୍ଠୁ ଆରମ୍ଭି ଅଣୁ ଅଣୁ ପ୍ରଚଳିତ ଫେନରୂପ ବସନକୁ ଆଡ଼ କରଇ ।

୧୨—ରାଜପୁତ୍ର ଏସନ ବନସର (ବନସ୍ଥିତ ପୁଷ୍କରିଣୀ) ତଟରେ କୁସୁମଶର (କାମ) ର ତୀର (ବାଣ) ରେ ଉଚ୍ଛନ୍ନ ହୋଇ ଚତୁର (ଚାରି ଗୋଟି) ଚମ୍ପାବୃକ୍ଷ ମଧ୍ୟସ୍ଥ ତ ଚନ୍ଦ୍ର (ସୁବର୍ଣ୍ଣ) ବେଦୀରେ ଶୟନ କରନ୍ତି । ଯେ ପୁରେ (ଚମ୍ପାପୁରେ) ଜୀବନ (କୋଟିବ୍ରହ୍ମାଣ୍ଡ ସୁନ୍ଦରୀ) ଅଛି ସେ ତଳେ (ଚମ୍ପା ବୃକ୍ଷତଳେ) ମୁଁ ରହିବ ଭବି ଶୁଭ୍ର ଅଭ୍ର (ଶୁକ୍ଲମେଘରେ) କଳାକର (କଳାଏ ମାତ୍ର) କଳାକର (ଚନ୍ଦ୍ର) ଅର୍ଦ୍ଧ ଉଦୟ ପ୍ରାୟ କ୍ଷୀଣ ହୋଇ ଶଯ୍ୟାରେ ରହିଛି ।

୧୩—ଜଣେ ପୁରୁଷ ପାରୁଶେ ବସି ହୀନ ଉଲ୍ଲାସେ (ବିରସ) ହୋଇ ନବ ପଲାଶରେ (ନୂଆ ପତ୍ରରେ) ବଞ୍ଚେ । ଆଉ ଜଣେ ପୁରୁଷ, ବିମନା ହୋଇ କି ହୋଇଲା ଏହା ଜାଣିବାକୁ ଇଚ୍ଛାକରି କିଛି ଦୂରରେ ଅଛି । ତାହାଦେଖି କଏ କାହିଁ ଆସିଲା ପ୍ରକାର ବେନି ସାଧୁଜନୀ (ସାଧୁମାତା) ହର୍ଷ ଓ ବିଷାଦ ପୂର୍ଣ୍ଣ ଲପନରେ (ମୁଖରେ) ପରସ୍ପର କଥୋପକଥନ କଲେ

ଜଟିଳା ଭଣିକିନରେଶନନ୍ଦନୀ-ପାଠପଠିନୀ ବର୍ ଦଶ ।
ପଣ୍ଡିତା ବୋଲେ କହିବାରୁ ଅକ୍ଷରେ କାଟି ରଖ ଗୋ ଏକାଦଶ ।
ସେ ଛଳ । ଏ ନଗରେ ତୁମ୍ଭ ନିବାସ ।
ପୁନରୁକ୍ତ କୁଳୁଁ ଆଗତ କିଦର୍ଥେ ଯଦର୍ଥେ କହ ହେବ କିସ ॥ ୧୪
ତଥାପି କହିବା ତୁମ୍ଭେ କେ କହ ସେ କହେ ମୁଁ ସ୍ୱର୍ବୈଦ୍ୟଭଗିନୀ ।
ବୃଜ-ଅନ୍ତକ ଅନ୍ତଃପୁର ଅବଳା ବିଭ୍ରମବେଗ-ବିଳାସିନୀ ।
ଶୁଣି ତା । ଭଣିଲା ଅମ୍ଭ ବାଳାମଣି ।
ଅଦ୍ଭୁତେ କି ଦେଖି ଭୂତପତିକୃତ ଭୂତ ଲାଗିଲା ପ୍ରତି ଅଣି ॥ ୧୫
ବାରବାର ସର ଦରେ ତା ଶୟନ ବର୍ଜି ନାହିଁ ଚନ୍ଦ୍ର ବଦନେ ।
ଭଜ ବହିତ ଘନବାର ସୁକେଶୀ ତନୁକୁ ନ ବାନ୍ଧ ସଘନେ ।
ତପତ । ସଦା ରହୁଅଛୁ ଶରୀରେ ।
ବ୍ୟାଧି ଜନନ କି ଗୋଚର ନୁହଇ କରେ ଚିନ୍ତାକୁ ଯେ ବଧିରେ । ୧୬

୧୪—ଜଟିଳା (ଅବଧୂତୀ) ଭଣିଲେ ଲୁପ୍ତବର୍ଣ୍ଣ ତୁମ୍ଭେ ତ କିନରେଶ ନନ୍ଦନୀ (କୁବେର କନ୍ୟାର) ପାଠ ପଠନୀ (ଶିକ୍ଷୟିତ୍ରୀ,) ପର୍ ଦଶୁଅଛ । ପଣ୍ଡିତା (ଉପାଧ୍ୟାୟୀ) ବୋଇଲା, ତୁମ୍ଭେ କହିବା (କି ନରେଶ ନନ୍ଦନୀ) ରୁ ଅକ୍ଷରେ (କିଂ) କାଟି ଏକାଦଶ ଅକ୍ଷର ଘେନ (ଅର୍ଥାତ୍ ନରେଶ ନନ୍ଦନୀର ଆମ୍ଭେ ଶିକ୍ଷୟିତ୍ରୀ ଅଟୁଁ । ସେ ଛଳାଲ—ଏହି ନଗରେ ତୁମ୍ଭ ନିବାସ ? ପୁନରୁକ୍ତ (ପୁଣି କହିଲ) ଅଥବା କୁଳୁଁ ଆଗତ କିଦର୍ଥେ (କାହିଁକି) ? ଯଦର୍ଥେ (ଯହିଁପାଇ) ଆସିଲୁଁ ତାହା କହି କିସ ହେବ ।

୧୫—ତଥାପି ସେ ଅବଧୂତୀ କହିଲେ ତୁମ୍ଭେ କିଏ କହ । ସେ ପଣ୍ଡିତା କହେ ମୁଁ ସ୍ୱର୍ବୈଦ୍ୟ (ଅଶ୍ୱିନୀ କୁମାରଙ୍କର) ଭଗିନୀ, ବୃଜ ଅନ୍ତକ (ଇନ୍ଦ୍ର) ଙ୍କ ଅନ୍ତଃପୁର ଅବଳା ମାନଙ୍କର ବିଭ୍ରମ ବେଗ (ଉନ୍ମାଦ ବେଗର ବିଳାସିନୀ । ତାହାଶୁଣି ପଣ୍ଡିତ ଭଣିଲେ ଅମ୍ଭ ବାଳାମଣି ଅଦ୍ଭୁତେ (ଅକସ୍ମାତ୍) କି ଦେଖି ଭୂତପତି କୃତ (ଶିବଙ୍କ ସୃଷ୍ଟି) ଭୂତ ଅନ୍ୟ ପକ୍ଷରେ ଭୂତପତି କୃତଭୂତ (କାମ) ଲାଗିଲାପର ଜଣା ପଡୁଅଛୁ ।

୧୬—(ଦତ୍ତ ଚ୍ୟୁତାକ୍ଷର)ଦରେ(ଭୟରେ) ତା ଶୟନ ଏଠାରେ (ନୟନ ଏଠାରେ "ଶ" ଚ୍ୟୁତ "ନ" ଦତ୍ତ) ବାର ସର (ନୀର-ଏଠାରେ "ସ" ଚ୍ୟୁତ 'ନ' ଦତ୍ତ) ବର୍ଜି (ତ୍ୟାଗ) କରଇ ଏବେ ସେ ଚନ୍ଦ୍ର ବଦନେ (ଚନ୍ଦ୍ର ସଦନେ ଚନ୍ଦ୍ର ଶାଳ ପୁରେ ଏଠାରେ 'ବ' ଚ୍ୟୁତ 'ସ' ଦତ୍ତ) ନାହିଁ ସୁକେଶୀ ତନୁକୁ ଘନବାର ଘନସାର-କର୍ପୂର ଏଠାରେ "ବ" ଚ୍ୟୁତ "ସ" ଦତ୍ତ] ବହିତ (ଅହିତ ଏଠାରେ "ବ" ଚ୍ୟୁତ "ଅ" ଦତ୍ତ) ଭଜ

କହେ ଏ ପଦ ହରବ ସପ୍ରୟୋଗେ ଏ ତାପ ଶାନ୍ତିକି ତାପସୀ ।
ବୁଦ୍ଧି ନଦୀରେ ତୃଣ ପ୍ରାଏ ଭାସିଲା କଳ୍ପନା ଭାଷିଲା ବକୁଷୀ ।
ପୁଣି ସେ । କାହିଁରୁ କଳା ବୋଲି ପୁଚ୍ଛି ।
ସ୍ନାନ କାସାରୁ ସଞ୍ଚିତ ସଂପୁଟରୁ ବୋଲନ୍ତେ ବୋଲେ ଭଣ୍ଡେ ଅଛି ॥ ୧୭
କି ଅଛି ଗିରେ ଛଳଲା ଧୀରେ ଯେହୁ ସୁନ୍ଦର ନବ ସରସୀତ ।
ତା ହୃଦପଦ୍ମ ସଙ୍ଗା ପାଣି ପରଶ ଅଙ୍ଗସ୍ଥ ଶୀତରଜ ହୃତ ।
ଶ୍ରବଣେ । ନୃପଜ ମନ୍ତ୍ରୀଜ ଏ କଥା
ବଦ୍ୟାନଧିଙ୍କ ସନ୍ନିଧିକି ଯିବାକୁ ସମ୍ମତେ ଠେକୀ ଗଲ ମଥା ॥ ୧୮

(ଭଜଇ), ସ ଘନେ (ସପନେ—ସ୍ୱପ୍ନ କଥାକୁ ଏଠାରେ "ଘ" ଚ୍ୟୁତ "ପ" ଦତ୍ତ) ନ ବଞ୍ଚି (ନ ମୁଞ୍ଚି ଏଠାରେ "ବ" ଚ୍ୟୁତ "ମୁ" ଦତ୍ତ ନ ପାସୋରଇ) ସଦା ଶରୀରେ ତପତ (ତାପ) ରହୁଛି, ଏ କି ବ୍ୟାଧି ଜନମୀ (ଜନମି—ଜ୍ଞାନ ହୋଇଛି ଏଠାରେ "ନ" ଚ୍ୟୁତ "ମ" ଦତ୍ତ) ଗୋଚର ନୁହଇ, ଏଣୁ ସମସ୍ତେ ବଧିରେ ଶଙ୍କାକୁ କରୁଛନ୍ତି ।

୧୭—ତପସୀ (ଅବଧୂତୀ) ଏପଦ କହିଲା—ସ ପ୍ରୟୋଗେ (ପ୍ରୟୋଗ ସହିତ) ହେଲେ ଏ ତାପ ହରବ ଏ ଶାନ୍ତିକି ଭଜିବ । ବକୁଷୀ ଭାଷିଲା ଯେତେ ପ୍ରୟୋଗ କଳ୍ପଣି ସବୁ ବୁଦ୍ଧି ନଦୀରେ (ନଦୀ ବୁଦ୍ଧିରେ) ତୃଣପରି ଭାସିଲା, ପୁଣି ସେ କାହିଁରୁ କଲ ବୋଲି ପୁଚ୍ଛିଲେ । ଏ ସ୍ନାନ କାସାରୁ (ପୁଷ୍କରଣୀରୁ) ପଦ୍ମଦଳ, ସଂଞ୍ଚିତ ସଂପୁଟରୁ କର୍ପୂର ଆଣି କଲୁଁ ବୋଲନ୍ତେ ସେ ବୋଇଲା ଭଣ୍ଡେ ଅଛି ।

୧୮—ଏ କହିଲା କି ଅଛି ? ସେ ଧୀରେ ଗିରରେ (ବାକ୍ୟରେ) ଛଳିଲା—(ଶ୍ଳେଷ) ଯେହୁ ସୁନ୍ଦର ନବ ସରସୀ (ପୁଷ୍କରିଣୀ) ତା ହୃଦପଦ୍ମ (ମଧ୍ୟସ୍ଥିତ ପଦ୍ମଫୁଲ) ପାଣି ପରଶ (ପାଣିଛୁଆଁ ସଙ୍ଗ) ଓ ଅଙ୍ଗସ୍ଥ (ଅଙ୍ଗଦେଶସ୍ଥିତ) ଶୀତରଜ (କର୍ପୂର) ହୃତହେବ । ଅନର୍ଥ-ସୁନ୍ଦରୀ ଯେଉଁ ସୁନ୍ଦରଠାରେ ନବ ସରସିତ (ନୂତନରସିକ୍ତ) ତାହାର ହୃଦପଦ୍ମ ସଙ୍ଗା, ତା ପାଣି ପରଶ (ହସ୍ତସ୍ପର୍ଶ) ଏବଂ ଅଙ୍ଗସ୍ଥ (ଦେହସ୍ଥିତ) ଶୀତରଜ (କର୍ପୂର) ହୃତ ହେବ । ଏ କଥା ଶୁଣି ନୃପଜ (ରାଜପୁତ୍ର) ଓ ମନ୍ତ୍ରୀଜ (ମନ୍ତ୍ରୀପୁତ୍ର) ବଦ୍ୟାନଧିଙ୍କ ସନ୍ନିଧିକି (ସମୀପକୁ) ଯିବାକୁ ସମ୍ମତେ (ସମ୍ମତିସୂଚକ) ମଥାଠେକି ଗଲେ ।

ସେ ଯାଇ ବୋଇଲା କି ଭାଗ୍ୟ ହୋଇଲା ସର୍ବଜ୍ଞ ବିଜ୍ଞାତ ଅଗତ ।
ନ ଥିଲା ନାହିଁ ନୋହିବ ଶବରୂପେ ଦେଖିଲା ଅମ୍ଭ ନୃପସୁତ ।
ଚନ୍ଦ୍ରରେ । କଳେବର ନିଶ୍ଚେ ନିର୍ମିତ ।
ଦ୍ୱିତୀୟା ଚତୁର୍ଥୀ ଅଷ୍ଟମୀ ପୂର୍ଣ୍ଣିମୀ ଚନ୍ଦ୍ର ଏକାବେଳେ ଉଦିତ ॥ ୧୯
ସେ ଚନ୍ଦ୍ର ମଧ୍ୟେ ଅମଳ ଭାବ ବହି କମଳ କରୁଛି ଭବନ ।
ମହାଅଦ୍ଭୁତ ସ୍ୱତ ଏ ବୁଦ୍ଧିମତ ସମ୍ମୁତ କରଅଛି ମନ ।
ଅଣୁଏ । ବହୁଛି କୁନ୍ତଳ ମାଳେ ।
ବେଣୀ ଶିଖରୀ ତହିଁ ପରେ ମାଧୁରୀ ନଳ ରହିଲା ପ୍ରାୟେ ଜଳେ ॥ ୨୦
ସେ ପୁଣି ସୁବର୍ଣ୍ଣ ଚମ୍ପାବାଳା ଦୋଳା ଗଳାରେ ପକାଇ ଥୋଇଛି ।
ସତ୍ୟରେ ଦ୍ୱାପର କମେ କଲି କରି ଅଜ ଯୁଗ ଯେଣୁ ନୋହୁଛି ।
କାମନା । ପୂର୍ବେ ଯେ ମଣ୍ଡପ ମଧ୍ୟରେ ।
ଯୁକ୍ତ ଅପୂର୍ବ ତନୁଖେଦ ଅବସ୍ଥା ହତ ପ୍ରାନ୍ତେ ଅଛି ଏଥିରେ ॥ ୨୧

୧୯—ସେ ଯାଇ ବୋଇଲା କି ଭାଗ୍ୟ ହୋଇ ସର୍ବଜ୍ଞ (ଉପାଧ୍ୟାୟୀ) ବିଜ୍ଞାତ (ବିଶେଷ ରୂପେ ଜାଣି) ଅଗତ । ଏପରି ରୂପ ନଥିଲା, ନାହିଁ ବା ନୋହିବ । ଅମ୍ଭ ନୃପସୁତଙ୍କୁ ଶବରୂପେ (ଆଶ୍ଚର୍ଯ୍ୟରୂପେ) ଦେଖିଲା । କଳେବର (ରାଜପୁତ୍ରଙ୍କର ଦେହ) ଚନ୍ଦ୍ରରେ ନିଶ୍ଚୟ ନିର୍ମିତ । ଯେଣୁ ଏହାଙ୍କ ଦେହରେ ଦ୍ୱିତୀୟା, ଚତୁର୍ଥୀ, ଅଷ୍ଟମୀ, ଓ ପୂର୍ଣ୍ଣିମାଚନ୍ଦ୍ର ଏକାବେଳେ ଉଦିତ ହୋଇଛନ୍ତି । (ଦ୍ୱିତୀୟାଚନ୍ଦ୍ରପରି ଚିବୁକ, ଚତୁର୍ଥୀଚନ୍ଦ୍ରପରି ଗଣ୍ଡ, ଅଷ୍ଟମୀଚନ୍ଦ୍ରପରି ଭାଲ, ପୂର୍ଣ୍ଣିମାଚନ୍ଦ୍ରପରି ମୁଖମଣ୍ଡଳ) ।

୨୦—ସେହିପରି ଚନ୍ଦ୍ରମଧ୍ୟରେ କମଳ ଅମଳ ଭାବ ବହି (ମଉଳି ନଯାଇ) ଭବନ (ବାସ) କରୁଛି ନେତ୍ର । ଏ ବୁଦ୍ଧିମତ ମହାଅଦ୍ଭୁତ ଏହା ସ୍ୱତଃ ତାଙ୍କମନ ସମ୍ମୁତ କରୁଛି । ସୁନ୍ଦରୀ ଅଣୁଏ (ଅଣୁପରିମିତ ଅତି ସୂକ୍ଷ୍ମ) ରୋମାଳୀରୂପ କୁନ୍ତଳ (ଖସା) ମାଳଟିଏ ବହୁଛି, ତହିଁପରେ, ମଧୁରୀନଳ (ସ୍ତନ) ରୂପ ବେଣୀଶିଖରୀ (ପର୍ବତ) ରହିଲାପରି ଜଳେ (ଶୋଭା ପାଉଛି) ।

୨୧—ସେ ସୁନ୍ଦରୀ ପୁଣି ସୁବର୍ଣ୍ଣ ଚମ୍ପାମାଳାକୁ ଦୋଳା ତାକୁ ଏ ରାଜପୁତ୍ର ଗଳାରେ ପକାଇ ଥୋଇଛି, ସତ୍ୟରେ (ସତ୍ୟ କଥାରେ) ଦ୍ୱାପର (ସନ୍ଦେହ) କମେ କଲି କରି ଯେଣୁ ଅଜ ଯୁଗ (ମିଳନ) ନୋହୁଛି ତେଣୁ ପୂର୍ବେ ମଣ୍ଡପ ମଧ୍ୟରେ ଯେ ସୁନ୍ଦରୀକୁ ଦେଖିଲା ତାକୁ ପାଇବା କାମନା ପ୍ରବଳ ହେଉଛି; ଅ-ପୂର୍ବତନୁ (ଅତନୁ-କାମ) ଖେଦ (ସନ୍ତାପ) ଯୁକ୍ତ ହୋଇଛି, ବୋଧହୁଏ ଏଥିରେ ହତପ୍ରାନ୍ତେ ଅବସ୍ଥା (ହତ ଅବସ୍ଥା) ଅଛି ।

ମନ୍ଦ ଭଲ୍ଲ-ଦୁଇ ହାସ ନେବେ ଥୋଇ ସେ ବଧୂ ଡାକନ୍ତି ସରାଗୁଁ ।
ଏଥୁଁ କି ହୋଇବ ଏ ପ୍ରଶ୍ନ କହିବ ପୁଂସକୁ ତାରିବ ଉଦ୍‌ବେଗୁଁ ।
ଉର୍ଦ୍ଧ୍ୱକୁ । ଗୃହିଁ ସର୍ବଜ୍ଞ କହେ ଜବ ।
ପୁଚ୍ଛା କଲ ଯା ହୋଇଛନ୍ତି ଦିବ୍ୟ ଋକ୍ଷ ଏ ଜୀବ ଏକନାମ ହେବ । ୨୨
କେତେ ବିଶ୍ୱକର୍ମା ନିର୍ମାଣେ ମୋହନପ୍ରତିମା ସେ ବଶ ହେବାର ।
ଗୁପତମନ୍ତ୍ରର ଅମୃତାରେ ଅଛି ଦେବା ଜପ କରୁ କୁମାର ।
ଫଳଦ । ଏମନ୍ତ ପ୍ରକାରେ ହୋଇବ ।
ବହିବା ମାର ତେଜିବ ଧନୁ ଶର ଏ ତା ବଲ୍ଲଭୀକି ଲଭିବ ॥ ୨୩
ଦ୍ୱିଜ ଶୁଣି ଅବଧାନ କର ବୋଲି ଅର ବାମା କର ଧରିଲା ।
କରୁଣା ଧର ଅରୁଣାଧରୀଠାକୁ ଅଗ ଯିବା ଗୁଲ ବୋଇଲା ।
ଉତ୍ତର । ପ୍ରାପତ ହୀରୁକୁ ମନ୍ତ୍ରରେ
ଅମ୍ଭେ ଲକ୍ଷଣାକ ଜନ ସିନା ବେନିଲକ୍ଷଣା ଦେଲି ସୁମନାରେ ॥ ୨୪

୨୨—ମନ୍ଦ (ଅଳ୍ପ) ଭଲ୍ଲ (ଭଲ୍ଲଅସ୍ତ୍ର) ଏ ଦୁଇକୁ ହାସ.ଓ ନେତ୍ରରେ ଥୋଇ ସେ ବଧୂ ସରାଗୁଁ (ସ୍ନେହରୁ) ଡାକନ୍ତି, ଏଥୁଁ କି ହୋଇବ ଏ ପ୍ରଶ୍ନ କହି ପୁରୁଷକୁ ଉଦ୍‌ବେଗରୁ ତାରିବ, (ଅର୍ଥାତ୍ ଏଥିରୁ କଣ ମିଳିବ ଏ ପ୍ରଶ୍ନ କହି ପୁରୁଷକୁ ଉଦ୍‌ବେଗରୁ ରକ୍ଷା କର) ଏ କଥା ସର୍ବଜ୍ଞ ଊର୍ଦ୍ଧ୍ୱକୁ ଗୃହିଁ ଜବ (ବେଗରେ) କହେ । ତୁମ୍ଭେ ଯାହା ପୁଚ୍ଛାକଲ (ପଚାରିଲ) ଦିବ୍ୟ ଋକ୍ଷ (ଉତ୍ତମନକ୍ଷତ୍ର) ହୋଇଛନ୍ତି (ଅର୍ଥାତ୍ ତାରଗୁଡ଼ି ହୋଇଛନ୍ତି) ଏ ଜୀବ (ଋକ୍ଷଜୀବ—ଭଲ୍ଲୁକର) ଏକନାମ (ଭଲ୍ଲ-ଭଲ୍ଲ) ହେବ ।

୨୩—ବିଶ୍ୱକର୍ମା କେତେ ରୂପ ନିର୍ମାଣ କରି ଏ ମୋହନ ପ୍ରତିମା ନିର୍ମାଣ କରି ଅଛନ୍ତି, ସେ ମୋହନପ୍ରତିମା ବଶହେବାର ଗୁପ୍ତମନ୍ତ୍ର ଅମୃତାରେ ଅଛି, ଦେବା, କୁମାର ତାକୁ ଜପକରୁ, ଏମନ୍ତ ପ୍ରକାରେ ଫଳଦ ହୋଇବ ଯେ ମାର (କାମ) ବହନ କରିଥିବା ଧନୁଶରକୁ ତେଜିବ ଏ କୁମର ତା ବଲ୍ଲଭୀକି (କାମସ୍ତ୍ରୀ-ରତିକୁ) ଲଭିବ ।

୨୪—ଦ୍ୱିଜ (ବ୍ରାହ୍ମଣ ପୁରୋହିତପୁତ୍ର) ଏହା ଶୁଣି ଅବଧାନ କର ଏହା ବୋଲି ଅର ବାମା (ଉପାଧ୍ୟାୟୀ) କର ଧରିଲା, କରୁଣା ଧର (ଦୟାକର) ଅରୁଣାଧରୀ ଠାକୁ (ସୁନ୍ଦରୀ ନିକଟକୁ) ଅଗଯିବା ଗୁଲ ଏହା କହିବାରୁ ସେ (ସର୍ବଜ୍ଞ ଅବଧୂତ) ଉତ୍ତର କଲା, ହୀରୁକୁ (କୁମାରୀକୁ) ମନ୍ତ୍ରରେ (ଗୋଟିଏ ମନ୍ତ୍ର) ପ୍ରାପତ (ମିଳିଛି), ଅମ୍ଭେ ଏକ ଲକ୍ଷଣାକ ଜନ (ଅର୍ଥାତ୍ ସ୍ତ୍ରୀ ଲୋକ) ସିନା ବେନିଲକ୍ଷଣା (ସ୍ତ୍ରୀ ପୁଂସଲକ୍ଷଣା ପୋଥି) ସୁମନାରେ (ପୁଷ୍ପମଧ୍ୟରେ) ପୂରାଇ ମନ୍ତ୍ରରୂପ ଚିଠାଉ ଦେଲୁଣି ।

କଲା ସେ ପ୍ରମାଣ ମାଣବକ-ମୃଗନେତ୍ରାର ହେଲା ମାଣବକ ।
ତୂର୍ଣ୍ଣେ ଭାଷେ ସେ ପୂର୍ଣ୍ଣେ ମାଳା ପାଇବ ନିଷ୍ଟେ କର ଏହି ବିବେକ ।
ତେବେଟି । ଧବଳପକ୍ଷ ପକ୍ଷ ପାଇ ।
ସକଳରୂପେ ଉଦେହେଲେ ଇନ୍ଦୁଙ୍କ ସକଳ କଳା ପୂର୍ଣ୍ଣ ନୋହି ॥ ୨୫
ବିଷୟ ହୃତ ହର ହର ସେବୁଁ କୁମାର ଯୋଗଲ୍ୟକୁ ଧରଥିଲା
ଗଜସ୍ତ୍ରୀ କଥା-ରସ କର୍ଣ୍ଣ-ବଦନେ ଅଶନରୁ ଉଠି ବସିଲା ।
ବ୍ରହ୍ମାସ୍ତ୍ର । ନାସିତ ଜାମ୍ବବନ୍ତ ପର ।
ଚନ୍ତାର୍ଥୀ ମନ୍ତ୍ରୀଜ ଏ କଥା ଔଷଧି ଗନ୍ଧପବନ ବଳେ କର ॥ ୨୬
ଏକାଳେ ମିତ୍ରମେଳେ ମିଳି ସେ ବେନି ଆଦରକୁ ପାଇ ବସିଲେ ।
ମୋଦପ୍ରଦ ମୁଦ ଦେବାରେ ସିଦ୍ଧିରେ ଭାଷିଲେ ଏମନ୍ତ ଘୋଷିଲେ ।
ନିକଟେ । ଈଶ୍ୱରସମ୍ପତ୍ତି ପାଇବ ।
ଯୁବତୀ-ଅର୍ଦ୍ଧାଙ୍ଗ ଦଗବାସ କାମଜିତ ହୋଇ କାଳ ସାରିବ ॥ ୨୭

୨୫—ମାଣବକ ମୃଗନେତ୍ରାର (ଶିଶୁ ମୃଗନୟନୀର) ପାଇବା ସେ ପ୍ରମାଣକଲା, ମାଣବକ (ଅର୍ଦ୍ଧମନ୍ତ) ମାଣବକ (ଅର୍ଦ୍ଧମାଳପର) ହେଲା । ତହୁଁ ସେ ତୂର୍ଣ୍ଣେ (ଶୀଘ୍ର) ଭାଷିଲେ-ଯେବେ ଅର୍ଦ୍ଧମାଳ ପାଇଲଣି ତେବେ ନିଷ୍ଟୟପୂର୍ଣ୍ଣ ମାଳ ପାଇବ ଏହି ବିବେକ କର । ଧବଳପକ୍ଷ (ଶୁକ୍ଳପକ୍ଷ) ପକ୍ଷ (ସହାୟ) ପାଇ ସକଳରୂପେ (ଷୋଡ଼ଶ କଳା ସହିତରେ) ଇନ୍ଦୁ ଉଦୟ ହେଲେ ସକଳ କଳା ପୂର୍ଣ୍ଣ ନୁହଇ କି ? ଅର୍ଥାତ୍ ଅପୂର୍ଣ୍ଣ ଚନ୍ଦ୍ର ପୂର୍ଣ୍ଣ ହୁଏ ।

୨୬—ବିଷୟ ହୃତ କର ହର ସେବୁଁ (ଶିବ ସେବାରୁ) କୁମାର ଯୋଗଲ୍ୟକୁ ଧରଥିଲା, ଗଜସ୍ତ୍ରୀ (ରାଜପୁତ୍ରୀର) କଥାରସ କର୍ଣ୍ଣରୂପ ବଦନରେ ଅଶନରୁ (ଭୋଜନ କରିବାରୁ) ବ୍ରହ୍ମାସ୍ତ୍ର ନାସିତ ଲକ୍ଷ୍ମଣ ପର ଉଠି ବସିଲା । ମନ୍ତ୍ରୀଜ (ମନ୍ତ୍ରୀପୁତ୍ର) ଜାମ୍ବବନ୍ତ ପର ଚନ୍ତାର୍ଥୀ ହୋଇଥିଲା, ଲକ୍ଷ୍ମଣ ଗନ୍ଧପବନ ବଳରେ ଉଠିଲା ପର ଏ କୁମାର କଥା ଔଷଧିବଳରେ ଉଠିଲେ ।

୨୭—ଏ ସମୟରେ ମିତ୍ରମାନଙ୍କ ସହ ମିଳିଲେ ସେ ବେନି (ଅବଧୂତା ଓ ଉପାଧ୍ୟାୟୀ) ଆଦରକୁ ପାଇ ବସିଲେ । ମୋଦପ୍ରଦ (ଆନନ୍ଦ ଦାୟକ) ମୁଦ (ପତ୍ର) ଦେବାରେ ସିଦ୍ଧିହେବ ବୋଲି ଭାଷିଲେ ଏବଂ ଏମନ୍ତ ଘୋଷିଲେ ଯେ ନିକଟରେ ତୁମ୍ଭେ ଈଶ୍ୱର ସମ୍ପତ୍ତି ପାଇବ । ସେ ଯେପରି ଯୁବତୀ ଅର୍ଦ୍ଧାଙ୍ଗ ଦଗ ବାସ (ଉଲଙ୍ଗ) ଓ କାମଜିତ (କାମଜୟୀ) ହୋଇ କାଳ ସାରିଲେ ତୁମ୍ଭେ ସେହିପରି ହୋଇ କାଳ ସାରିବ ।

ହୋଇ କୃତ କୃତ୍ୟ କର କୋରକୀତ କରି ନୃପସୁତ ଘେନନ୍ତେ ।
ପବମାନ ପରି ବିଦ୍ୟାକୁ ଅଚିରି ଗମନ କଲେ ସେ ତ୍ୱରିତେ ।
ପ୍ରବେଶ । ମାଳିନୀନଗରୀ ନାଗରୀ—
ରନ୍ଧ୍ରେ କହିଲେ ଯତ୍ନପୂର୍ବ କରି ଉଦନ୍ତ ଦେବାର ଗୁରୁରୀ ॥ ୨୮
କୁମାରବର ନାମ ସାର୍ଥ ତାଠାରେ ଏ ପଦକୁ ଅଛୁ ଅଚିରି ।
ବର୍ଣ୍ଣେକ ପଲଙ୍କ ଦ୍ୱିବର୍ଣ୍ଣ ଅତଙ୍କ ଜନମାଇ ଦବା ଶର୍ବରୀ ।
ପ୍ରାନ୍ତର । ବୁଇବର୍ଣ୍ଣ କେହି ସତ୍ୱର ।
କୋଟିବ୍ରହ୍ମାଣ୍ଡସୁନ୍ଦରୀର ହୋଇବ ନିରନ୍ତରେ ଏହି ବିଗ୍ରହ ॥ ୨୯
କୁରଙ୍ଗରେ କରି ସୁଧାଂଶୁ ଏ ବେନି ନାମ ଯୁକ୍ତ ନାମ ସୁମର ।
କହେ ଉପଇନ୍ଦ୍ର ଭଞ୍ଜ କବି ବୀରବର ପଦର ଯେ ମାଧୁରୀ ।
ଏ ଛାନ୍ଦେ । ଧ୍ୱନି କାକୁ-ଉକ୍ତି ରୂପକ ।
ଶ୍ଳେଷ ଲୁପ୍ତବର୍ଣ୍ଣ ଚ୍ୟୁତଦତ୍ତାକ୍ଷର ଅନ୍ତର୍ଲିପିକା ଆଦି ତର୍କ ॥ ୩୦

୨୮—ନୃପ ସୁତ କୃତ କୃତ୍ୟ ହୋଇ କର କୋରକୀତ (ଅଞ୍ଜଳି) କରି ପଦକୁ ଘେନନ୍ତେ ସେ ବୁହେଁ ବିଦ୍ୟାକୁ ଅଚିରି ପବମାନ (ପବନ) ପରି ତ୍ୱରିତେ ଗମନ କଲେ ଏବଂ ମାଳିନୀନଗରୀରେ ପ୍ରବେଶ କରି ନାଗରୀରନ୍ଧ୍ରେ ଉଦନ୍ତ (ବାର୍ତ୍ତା) ଦେବାର ଗୁରୁରୀ ଯତ୍ନ ପୂର୍ବକ କହିଲେ ।

୨୯—ତାଠାରେ କୁମାରବର ଏହିନାମ ସାର୍ଥକ ହୋଇଛି । ଏଣୁ ଏ ପଦକୁ ଅଚିରିଛୁ (ଅନ୍ତର୍ଲିପି) କୁ-ମାର-ବର ବର୍ଣ୍ଣେକ (ଏକବର୍ଣ୍ଣ କୁ-ପୃଥ୍ୱୀ) କି ପଲଙ୍କ କରିଛୁ (ତଳେ ଶୋଇଛୁ) ଦବା ଶର୍ବରୀରେ (ଦିନ ରାତି) ଦ୍ୱିବର୍ଣ୍ଣ (ମାର) ଅତଙ୍କ (ଭୟ) ଜନ୍ମାଉଛି, କେହି (କାପରି) ପ୍ରାନ୍ତର ବୁଇବର୍ଣ୍ଣ (ଶେଷବର୍ଣ୍ଣ ଦ୍ୱୟ ବର) କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ହୋଇବ ନିରନ୍ତର ଏହି ବିଗ୍ରହ କରୁଛି ।

୩୦—କୁରଙ୍ଗରେ ସୁଧାଂଶୁ ଏ ବେନି ନାମ (କୁରଙ୍ଗ—ରାମ, ସୁଧାଂଶୁ—ଚନ୍ଦ୍ର) ଯୁକ୍ତ କରି (ରାମଚନ୍ଦ୍ର) ନାମ ସୁମରି କବି ବୀରବର ଉପେନ୍ଦ୍ରଭଞ୍ଜ ପଦର ମାଧୁରୀ କହେ । ଏ ଛାନ୍ଦରେ ଧ୍ୱନି, କାକୁକ୍ତି ରୂପକ ଓ ଶ୍ଳେଷ, ଅଳଙ୍କାର ଓ ଲୁପ୍ତବର୍ଣ୍ଣ ଚ୍ୟୁତଦତ୍ତାକ୍ଷର, ଅନ୍ତର୍ଲିପିକା ପ୍ରଭୃତିର ତର୍କ (ବିଗ୍ରହ) ହୋଇଅଛି ।

ଚତୁର୍ବିଂଶ ଛାନ୍ଦ

ରାଗ—ଚନ୍ଦ୍ରାଭୈରବ

ବେନ ଉପାସ୍ତୀ ନାଗ୍ରୀ ଭ୍ରମତ । ତହୁଁ ହେବାରୁ ଅନ୍ତରହିତ ।
ମନ୍ତ୍ରର କାତବେ କା ପ୍ରେମପତର ଦେଲେ ବିଚାରେ ଅନ୍ତର-
ଗତ ସେ ସୁନ୍ଦର ॥ ୧

ହେଲା ସେ ପତ୍ର ସୁଖସାଗର । ମଜ୍ଜିବାକୁ ନେତ୍ର ତତପର ।
ଖୋଜିବାକୁ ସ୍ନେହ ବାଣୀ ରତ୍ନମଣି ମନ ଉଦ୍ୟମ କଲା ପ୍ରଚୁର ସେ ॥ ୨
ସାର ରସିକ ଚନ୍ଦ୍ର ତା କର । ମୁଦ-କୁମୁଦ କଲା ବିସ୍ତାର ।
ସଂଶୟ-ତମକୁ ଦୂର କରି ଦେଇ ପ୍ରସନ୍ନତା ହାସେ ମନୋହର ସେ ॥ ୩
ବର୍ଣ୍ଣଭାବୁଁ ହାରଦ୍ର କାଗଜ । ବର୍ଣ୍ଣ ମଞ୍ଜିଷ୍ଠାରଙ୍ଗେ ଲିଖିତ ।
ଅନୁରାଗସାର ପଦ୍ମରାଗବାର ରୁଚିର ସୁବର୍ଣ୍ଣଭୂମିରେ ଜାତ ସେ ॥ ୪
ପଙ୍କ୍ତି ଅବସାନଭାବକୁ ବନ୍ଧ । ପଦ ବିଶ୍ରାମନ୍ତେ ଫୁଲ ଶୋଭ ।
ହିଙ୍ଗୁଳେ ଚିତ୍ର କି ସମ୍ମୋହନଶର ଫଳ ପଙ୍କଜେ ନିର୍ମିତ ସେହ୍ନ ସେ ॥ ୫

୧—ବେନ ଉପାସ୍ତୀନାଗ୍ରୀ (ଉପାଧ୍ୟାସ୍ତୀ ଓ ଅବଧୂତୀ) ତହୁଁ ଭ୍ରମତେ ଅନ୍ତର୍ହିତ ହେବାରୁ ସେ ସୁନ୍ଦର ରାଜପୁତ୍ର ମନ୍ଦ କାତବେ (ଛଳରେ) ପ୍ରେମପତ୍ର ଦେଲେ ବୋଲି ଅନ୍ତର୍ଗତରେ ବିଚାର କରେ ।

୨—ସେ ପତ୍ର ସୁଖ ସାଗର ହେଲା ତହିଁରେ ନେତ୍ର ମଜ୍ଜିବାକୁ (ବୁଡ଼ିବାକୁ) ତତ୍ପର ହେଲା, ମନ ସ୍ନେହ ବାଣୀ ରୂପକ ରତ୍ନମଣି (ଶ୍ରେଷ୍ଠ) ଖୋଜିବାକୁ ଉଦ୍ୟମ ପ୍ରଚୁର କଲା ।

୩—ସାର (ଶ୍ରେଷ୍ଠ) ରସିକ ଚନ୍ଦ୍ରହେଲେ, ତାହାଙ୍କର କର ରୂପ କର (କିରଣ) ମୁଦ (ପତ୍ରରୂପକ) କୁମୁଦ (କଇଁ) କୁ ବିସ୍ତାର କଲା (ଫିଟାଇଲା, ଫୁଟାଇଲା) ସଂଶୟରୂପ ତମ (ଅନ୍ଧକାରକୁ) ଦୂର କରି ଦେଇ ହାସରେ ମନୋହର ପ୍ରସନ୍ନତା (ନିର୍ମଳାଲୋକ) ଉପୁଜିଲା ।

୪—ନିଜ ଦେହ ବର୍ଣ୍ଣଭାବରୁ ହାରଦ୍ର (ହଳଦିଆ) କାଗଜରେ ମଞ୍ଜିଷ୍ଠାରଙ୍ଗରେ ଲିଖିତ ଅନୁରାଗ ସାର (ସ୍ନେହ ପ୍ରକାଶ କରିବାରେ ପ୍ରଧାନ) ବର୍ଣ୍ଣମାନ ସୁବର୍ଣ୍ଣଭୂମିରେ ଜାତ ପଦ୍ମରାଗ ବାର (ପଦ୍ମରାଗ ମଣିସମୂହ) ପରି ରୁଚିର (ମନୋହର) ଦିଶୁଛି ।

ଗୃହିଁ ଏ ଭାବନାମାନ କଲା । ଅଙ୍ଗ ପୁଲକ ସଙ୍ଗ ହୋଇଲା ।
ଦର୍ଭହାସିନୀ ସନ୍ଦର୍ଭ-ଭାଷା ରସଗର୍ଭ ପଠନକୁ ଆରମ୍ଭିଲା ସେ ॥ ୬
ବାଳେ ଯୁବାବୃନ୍ଦପୁରନ୍ଦର । ଟୀକା ପ୍ରାପତରୁ ସୁରେଶ୍ୱର ।
ନେଲାତ ମୋ ପଦ ନ ପୁଣ ସମ୍ପଦ ହରେ ଏ ଦରେ ପ୍ଳଲକ ହୂର ସେ ॥ ୭
ଚନ୍ଦ୍ର ନାଗର ଗଣେ ଆପଣ । ପ୍ରତିବିମ୍ବ-ଧାରଣ ଦର୍ପଣ ।
ଯୋଗ୍ୟ ନୋହୁ ପୂର୍ଣ୍ଣଚନ୍ଦ୍ରମା କଲଙ୍କୀ କର ଅମାର୍ଜନ ବଶୁଁ ଜାଣ ହେ ॥ ୮
ବାଳେ ତନୁଶୋଭା ଅତିଶୟ । ତନୁ ଶୋଭା କନ୍ଦର୍ପେ ଉଦୟ ।
ଗଉର ଶ୍ୟାମ କାନ୍ତିରୁ ଅନୁମାନ ତୁମ୍ଭେ ଦେହ ସେ ଛାଇ ନିଶ୍ଚୟ ହେ ॥ ୯
ହୋଇ ନୃପଜସଂସାର ସାର । ଜାତ କାରଣ ପ୍ରେମସୁଧାର ।
ଉପମା-ଉଦଧି ମନ୍ଥନ ମନ୍ଦର ବା ପୂଣ୍ୟଜନ ଦେବଙ୍କର ହେ ॥ ୧୦

୫—ପଂକ୍ତି (ଧାଡ଼ି) ଅବଳ (ସଳଖ) ଭାବକୁ ବହୁଛି, ପଦ ବର୍ଣ୍ଣମାନ୍ତେ (ଶେଷରେ) ଫୁଲ (ଲେଖାଫୁଲ ବିଶେଷ) ଶୋଭା ପାଉଛି, ରଙ୍ଗବର୍ଣ୍ଣ ଅକ୍ଷରଧାଡ଼ି କାମର ସଂମୋହନ ଶର ହିଙ୍ଗୁଳରେ ଚିତ୍ରିତ ଏବଂ ସେହି ଶରର ଫଳ ପଙ୍କଜେ (ପଦ୍ମରେ) ମିଶ୍ରିତ ହୋଇଛି କି ?

୬—ସେ ସୁନ୍ଦର ରାଜପୁତ୍ର ପତ୍ରକୁ ଗୃହିଁ ଏ ଭାବନା ମାନ କଲା, ତାହାର ଅଙ୍ଗ ପୁଲକ ସଙ୍ଗ (ରୋମାଞ୍ଚଯୁକ୍ତ) ହେଲା । ସେ ଦର୍ଭହାସିନୀ (କାଶହାସିନୀର ସନ୍ଦର୍ଭ (ପ୍ରବନ୍ଧର) ରସଗର୍ଭ ଭାଷା ପଠନକୁ ଆରମ୍ଭିଲା ।

୭—ହେ ବାଳେ । ତୁମ୍ଭେ ଯୁବାବୃନ୍ଦରେ ପୁରନ୍ଦର (ଇନ୍ଦ୍ର) ଟୀକା ପାପ୍ତ ହେବାରୁ, ସୁରେଶ୍ୱର (ଇନ୍ଦ୍ର) ମୋ ପଦତ ନେଲ, ପୁଣି ମୋ ସମ୍ପଦ ହରଣ ନ କରେ ଏ ଦରେ (ଭୟରେ) ନେତ୍ରରୁ ପଲକ ହୂର କରଛୁ (ଦେବତା ମାନଙ୍କର ପଲକ ପଡ଼େ ନାହିଁ)

୮—ଆପଣ ନାଗର-ଗଣରେ ଚନ୍ଦ୍ର ହେବାରୁ ପୂର୍ଣ୍ଣଚନ୍ଦ୍ର ଦର୍ପଣଯୋଗ୍ୟ (ଆରଷି ପର) ପ୍ରତିବିମ୍ବ ଧାରଣଯୋଗ୍ୟ ନୋହି ଅମାର୍ଜନା ବଶରୁ କର କଲଙ୍କୀ (କଲଙ୍କଯୁକ୍ତ) ହେଲା ।

୯—ହେ ବାଳେ । ତୁମ୍ଭର ତନୁ (ଦେହ) ଶୋଭା ଅତିଶୟ ଅଟେ, କନ୍ଦର୍ପ ଠାରେ ଶୋଭା ତନୁ (ଅଳ୍ପ) ଉଦୟ ହୋଇଛି । ତୁମର ଗୌର କାନ୍ତି କନ୍ଦର୍ପର ଶ୍ୟାମ କାନ୍ତିରୁ ଅନୁମାନ ଯେ ତୁମ୍ଭ ଦେହ ସେ ଛାଇ ଏହା ନିଶ୍ଚୟ ।

୧୦—ଆପଣ ନୃପଜ ସଂସାର ସାର (ରାଜପୁତ୍ର ସୃଷ୍ଟିରେ ଶ୍ରେଷ୍ଠ) ହୋଇ ଉପମା ରୂପ ଉଦଧି (ସମୁଦ୍ର) କୁ ମନ୍ଥନ କରିବାରେ ମନ୍ଦର ପର୍ବତ ସଦୃଶ ଓ ପ୍ରେମରୂପ ସୁଧା (ଅମୃତ) ର ଜାତ କରଣି ହୋଇଛି, ଏଣୁ ପୁଣ୍ୟଜନ (ରାକ୍ଷସ) ଓ ଦେବତା ମାନଙ୍କର ବନ୍ଦ୍ୟ (ପୂଜ୍ୟ) ଅଟ ।

ମହାମହ ପଣ୍ଡିତ ଏମନ୍ତେ । ଗଣିମାଣି ଗଣେଶ କେମନ୍ତେ ।
ଖଣ୍ଡିତ ହୋଇ ମଣ୍ଡିତ ଗଜମୁଣ୍ଡ ମୁହିଁ ଏହି ଭବ ତାଙ୍କ ମତେ ହେ ॥ ୧୧

ବୀରଶ୍ରେଷ୍ଠ ମହାବଳବାନ । ଅଧ ବର୍ତ୍ତରେ ଅଧୋଭୁବନ ।
ସ୍ଥାନ କରି ଦେଲେ ବଳୀଙ୍କ ବାମନ ସଦା ଲୁଚି ସେ ନେଉଛି ଧନ ହେ ॥ ୧୨

ଭାନୁ ଲକ୍ଷିବା କି ନ ଲକ୍ଷିବା । ତେଜ ସମେ କାହାକୁ ଗଣିବା ।
ଉଦୟ ଅସ୍ତ ଅଛି, ଦର୍ଶନେ ମୋହୁଛି ଯେନ ପଦ୍ମିନୀ ଅନୁସରିବା ହେ ॥ ୧୩

ଦାତାଗୁଣ ମାଳତୀ ବିକାଶ । ସଉରଭ ଦିଗନ୍ତେ ପ୍ରକାଶ ।
ମାର୍ଗଣ ଭ୍ରମରଗଣ ଅନୁଗତେ ଦାନ ମଧୁରେ ଲଭନ୍ତି ତୋଷ ହେ । ୧୪

କୀର୍ତ୍ତି-ସ୍ୱାତୀଜଳ-ପବନରେ । ମୁକ୍ତା ଜନ୍ମଇ ଶ୍ରୁତି ଶୁକ୍ତିରେ ।
ବାଣୀ ଯେ ତୁମ୍ଭ ବାଣିଜ୍ୟ ବ୍ୟତିରେକେ ଅନେ ନ ରସେ କଦାଚିତରେ ହେ ॥୧୫

୧୧—ଗଣେଶ ଏମନ୍ତ [ଅପଣ୍ଡିଙ୍କପରି) ମହାମହା ପଣ୍ଡିତ ବୋଲି କେମନ୍ତେ ଗଣିମାଣି, ଗଣେଶ ଏହାଙ୍କ ସହିତ ପଣରେ ସେମାନ ନୋହିବାରୁ ଖଣ୍ଡିତ ହୋଇ ଗଜମୁଣ୍ଡରେ ମଣ୍ଡିତ ହୋଇଛନ୍ତି, ତାଙ୍କ ପକ୍ଷରେ ମୁଁ ଏହିକଥା ଭାବୁଛି ।

୧୨—ବୀରଶ୍ରେଷ୍ଠ ମହାବଳବାନ ବଳୀ ତୁମ୍ଭଠାରୁ ଅଧ (ନିକୃଷ୍ଟ) ହେବା ବର୍ତ୍ତରେ ବାମନ ବଳୀଙ୍କ ଅଧୋଭୁବନ (ପାତାଳରେ) ସ୍ଥାନ କରି ଦେଲେ, ସେ ସେଠାରେ ଲୁଚିକରି ଧନ ନେଉଛି ।

୧୩—ତେଜ ସମେ ଭାନୁ (ସୂର୍ଯ୍ୟ) କୁ ଲକ୍ଷିବା, କି ନ ଲକ୍ଷିବା ଆଉ କାହାକୁ ଗଣିବା ସୂର୍ଯ୍ୟଙ୍କର ଉଦୟ ଅସ୍ତ ଅଛି, କିନ୍ତୁ ତୁମ୍ଭର ନାହିଁ । ସେ ସୂର୍ଯ୍ୟ ଦର୍ଶନେ (ଦର୍ଶନ ଦେଇ) ପଦ୍ମିନୀଙ୍କ ମୋହୁଛି ଏ ଯେନି ଅମ୍ଭ ସଖୀ ପଦ୍ମିନୀର ତୁମ୍ଭଙ୍କୁ ଅନୁସରିବା ହୋଇଛି ।

୧୪—ମାଳତୀ ବିକାଶରେ ସୌରଭ (ସୁଗନ୍ଧ) ଦିଗନ୍ତରେ ପ୍ରକାଶ ପାଇଲା ପରି ତୁମର ଦାତା ଗୁଣ ଦିଗନ୍ତରେ ପ୍ରକାଶ ପାଉଛି । ଭ୍ରମରଗଣ ମାଳତୀ ପୁଷ୍ପର ମଧୁରେ ତୋଷଲଭି କଲାପରି ମାର୍ଗଣ (ଯାଚକ) ଗଣ ଅନୁଗତହୋଇ ଦାନରେ ସନ୍ତୋଷ ଲଭୁଛନ୍ତି ।

୧୫—ସ୍ୱାତୀ ଜଳ ପବନରେ ଶୁକ୍ତିରେ (ଶାମୁକାରେ) ମୁକ୍ତା ଜନ୍ମଇ ଏ ବାର୍ତ୍ତା ଶ୍ରୁତି (ବେଦରେ) ଅଛି । ତୁମ୍ଭ କୀର୍ତ୍ତିରୂପ ସ୍ୱାତୀଜଳ ପବନରେ ଅମ୍ଭ ସଖୀ ମୁକ୍ତା (ମୋକ୍ଷପ୍ରାପ୍ତ) ହେବା ନିମିତ୍ତ ତୁମ୍ଭ କୀର୍ତ୍ତି ବାଣିଜ୍ୟ ବ୍ୟତିରେକେ ଆନେ କଦାଚିତ ନ ରସଇ ।

ଧେନ ମୋହନ ପାଶରେ ଯାଇ । କେତେ ମନ ଥିବ ବନ୍ଦୀ ହୋଇ ।
କି ଭାଗ୍ୟବନ୍ତ ମନାଇ ତବ ଶଉ ଯେହୁ ଉଦନ୍ତ ଦେଲା ଲେଖାଇ ହେ ॥ ୧୬
ହେଉ ପୀରତି କି ବଳାତ୍କାର । ଯେ ଲଭିଲା ସେ ପ୍ରେମପତର ।
ତାହା ହାନିଲାଭ କାହାର ହୋଇବ ବିବେକରେ କରିବ ବିଚାର ହେ ॥ ୧୭
ଭେଟେ ପ୍ରେଷିତ ଯେ ନେତ୍ର-ଦୂତୀ । ସଙ୍ଗେ ଲଭିଲା ସୁଖସମ୍ପତ୍ତି ।
ଉଜାଗର ରଙ୍ଗୁ ଜାଣି ତାପ ତୁଙ୍ଗୁ ଅଙ୍ଗୀକାର ପ୍ରଧାନ ଯୁବତୀ ହେ ॥ ୧୮
ତାରକର ପକ୍ଷପାତ ପାଇଁ । କୂଳେ ଭେଳା ପୁଣି ଭାସିଯାଇ ।
ଏଥୁଁ ଚମତ୍କାର ଅଛି କି ବିଚାର ଏବେ କିରୂପେ ହୋଇବ ଯାହି ହେ ॥ ୧୯
କୃପା-କଳ୍ପଦ୍ରୁମ ଯେ ବୋଲାଇ । ଅଗୋଚର ଫଳକୁ ନ ଦେଇ ।
ଆଶା କଲା ଜନ କର୍ମ ଆଦରିଲେ ଏଥୁଁ ଆସିବ କେଉଁ ବଡ଼ାଇ ହେ ॥ ୨୦

୧୬—ହେ ମୋହନ ! ଧେନ (ବିଚାର) ଆମ୍ଭ ସଖୀ ମନ ଯାଇ ତୁମ୍ଭପାଶରେ କେତେଦିନ ବନ୍ଦୀ ହୋଇ ରହିଥିବ । ଯେ (ମନ) ତବ ଶଉ ମନାଇ ତୁମ୍ଭହାତେ ଅତି ଉଦନ୍ତ ପତ୍ର କାଉି ଲେଖାଇ ଦେଲା । ସେ ସାମାନ୍ୟ ଭାଗ୍ୟବନ୍ତ କି ?

୧୭—ପ୍ରୀତିରେ ହେଉ ବା ବଳପୂର୍ବକ ହେଉ ଯେ ସେ ପ୍ରେମପତ୍ରକୁ ଲଭିଲା ତାହାର ହାନି ବା ଲାଭ କାହାର ହୋଇବ ବିବେକରେ ଏହା ବିଚାର କରିବ ।

୧୮—ଭେଟେ (ସାକ୍ଷାତ ବେଳେ) ଯେଉଁ ନେତ୍ର ରୂପ ଦୂତୀକି ପଠାଇଥିଲା ସେ ତୁମ୍ଭ ସଙ୍ଗରେ ରହି ସୁଖ ସମ୍ପତ୍ତିକୁ ଲାଭ କଲା । ସେ ନେତ୍ରରେ ଉଜାଗର ରଙ୍ଗରୁ ଏହା ଜାଣିଲୁଁ (ସେ ନେତ୍ର ସର୍ବଦା ଉଜାଗର ଥିବାରୁ ତୁମ୍ଭ ସଙ୍ଗେ ରହି ଭୋଗ କରୁଥିବାର ଆମ୍ଭେ ଜାଣିଲୁଁ), କିନ୍ତୁ ସେ ନେତ୍ର ଦୂତୀ ପ୍ରଧାନ ଯୁବତୀ ନୁହେ, ତୁମ୍ଭର ତାପ (କାମପୀଡ଼ା) ତୁଙ୍ଗ (ପ୍ରବଳ) ହୋଇଥିବାରୁ ତୁମ୍ଭେ ତା ପ୍ରୀତିକି ଅଙ୍ଗୀକାର କଲ ।

୧୯—ତାରକ (ଉଦ୍ଧାର କର୍ତ୍ତା) ପକ୍ଷପାତ କଲେ ଭେଳା କୂଳରେ ଲାଗିଥିଲେ ମଧ୍ୟ ପୁଣି ଭାସିଯାଏ । ଏଥୁଁ ଅଧିକ ବିଚାର ଚମତ୍କାର ଅଛି, ଏବେ ସୁନ୍ଦରୀ କିପରି ଯାହି ପାଇବ ।

୨୦—ଯେ କୃପା କଳ୍ପତରୁ ବୋଲାଇ ପ୍ରାର୍ଥୀର ବାଞ୍ଛା ଫଳକୁ ନ ଦିଅନ୍ତି, ଏତ ଅଗୋଚର (ଅଜଣା କଥା) । ଆଶା କରିଥିବା ଲୋକ ଯେବେ କର୍ମକୁ ଆଦରେ (ଅର୍ଥାତ୍ ମୋ କର୍ମରେ ନଥିବାରୁ ମିଳିଲା ନାହିଁ କହେ) ତେବେ କଳ୍ପ ବୃକ୍ଷର ଏଥିରୁ ଆଉ କେଉଁ ଟେକ ଆସିବ ।

କରୁଣାର ରତ୍ନାକର ହୋଇ । ଯେହୁ-କଳା-ରଙ୍ଗ-ରତ୍ନଦାୟୀ ।
କେବଳ ମଜ୍ଜିଲା ଜନ ଜରଜର କେବେ ତୃଷ୍ଣା ତୃଷା ନ ତୁଟଇ ହେ ॥ ୨୧
କର ଚରକ ସୁଶ୍ରୁତ ଭାବ । ନାନା ରସ ସଂଗ୍ରହର ଠାବ ।
ଅଭେଷଜ ବ୍ୟାଧି ପ୍ରଦାନ ବିନାରେ ଅନୁଗତର କି ବିନାଶିବ ହେ ॥ ୨୨
ଯେ ବଜ୍ରାଙ୍ଗ ତ୍ରିପୁରବିଜୟୀ । ପୁଷ୍ପକାଣ୍ଡରେ ଅତନୁ ତହିଁ ।
କି ଭେଦ କରିବ, ଅବଳା କୋମଳା ଗାତ୍ରେ ଅବଲମ୍ବେ ଗଳିଯାଇ ହେ ॥ ୨୩
ପ୍ରାଣ ତ୍ରାଣ ହୋଇଛି କେବଳ । ମର୍ମସ୍ଥାନ ଯେ ହୃଦୟସ୍ଥଳ ।
ଅହେ ମୋହନ ତାହା ତୁମ୍ଭ ନିବାସ କରିଇଛି କେଉଁ ଭାଗ୍ୟବଳ ହେ ॥ ୨୪
ତେବେ କଦର୍ଥିତ ସିନା ଅତି । କରତରେ କାଟି ହେବା ରୀତି ।
ପ୍ରଭୁ କଲଠାରେ ପରେ ପରାଭବ ପାଇବାର କାହାକୁ ଅକୀର୍ତ୍ତି ହେ ॥ ୨୫

୨୧—ଯେଉଁ କରୁଣାର (ଦୟାର) ରତ୍ନାକର ସେ କଳା ରଙ୍ଗ ରତ୍ନର ଦାୟୀ (ଦାଗ) ନୁହେ କି ? ତେବେ ତୁମ୍ଭେ କାହିଁକି କଳାରଙ୍ଗ (କାମ କେଳି) ରୂପ ରତ୍ନଦାୟୀ ହେଉ ନାହିଁ । ତୁମ୍ଭଠାରେ ମଜ୍ଜିଲା ଜନ କେବଳ ରସରେ ଜର୍ଜର ହୁଅଇ, କେବେ ତାହାର ତୃଷ୍ଣା (ଆଶା ରୂପ) ତୃଷା ନ ତୁଟଇ ।

୨୨—ତୁମ୍ଭେ କେବଳ ଚରକ ସୁଶ୍ରୁତ (ବୈଦ୍ୟ ଶାସ୍ତ୍ର) ର ଭାବ (ଅର୍ଥ) କରି ନାନାରସ (ରସାୟନ ଔଷଧ) ବିଷୟ ସଂଗ୍ରହର ଠାବ ହୋଇଛ । ପକ୍ଷାନ୍ତରେ—ତୁମ୍ଭେ ଚରମାନଙ୍କ ନାନାପ୍ରକାର ଅର୍ଥ ଶୁଣି କରି ନାନାରସ (ଶୃଙ୍ଗାର ରସ) ବିଷୟ ସଂଗ୍ରହ କରୁଅଛ । କିନ୍ତୁ ଯେଉଁ ବ୍ୟାଧି ଅଭେଷଜ (ବୈଦ୍ୟ ଶାସ୍ତ୍ରରେ ନାହିଁ-କାମ ବ୍ୟାଧି) ଅନୁଗତ ଲୋକର ସେହିବ୍ୟାଧିକୁ ବିନା ରସ (ଶୃଙ୍ଗାରରସ) ରୂପ ଔଷଧ ଦାନରେ ନାଶ କରି ପାରିବ କି ?

୨୩—ଯେ (ତୁମ୍ଭେ) ବଜ୍ରାଙ୍ଗ (ବଜ୍ରପରି କର୍କଶ ଶରୀର) ଏବଂ ତ୍ରିପୁର ବିଜୟୀ (ତ୍ରିପୁର ଜେତା) ବୀର ତହିଁ (ତୁମ୍ଭଠାରେ) ଅତନୁ (ଯାହାର ଶରୀର ନାହିଁ ସେ କାମ) ପୁଷ୍ପ କାଣ୍ଡରେ (ଫୁଲବାଣରେ) ଭେଦ କରି ପାରିବ କି ? କିନ୍ତୁ ଆମ୍ଭ ସଖୀ ଅବଳା, ପୁଣି କୋମଳାଙ୍ଗୀ, ତାହାର ଶରୀରରେ ଶର ଅବଲମ୍ବେ ଗଳିଯାଉଅଛି । ଗାତ୍ର (ଶରୀର) ।

୨୪—ଅହେ ମୋହନ, କେଉଁ ଭାଗ୍ୟ ବଳରୁ କେବଳ ତାହାର ମର୍ମସ୍ଥାନ ହୃଦୟସ୍ଥଳକୁ ତୁମ୍ଭର ନିବାସ ସ୍ଥଳ କରିଥିବାରୁ ପ୍ରାଣରକ୍ଷା ହୋଇଛି ।

୨୫—ତେବେ କରତରେ କାଟି ହେଲାପରି ଅତ୍ୟନ୍ତ କଦର୍ଥିତ ହେବ ସିନା, ଯାହାକୁ ପ୍ରଭୁ କଲେ ତାହାଠାରୁ ପରେ ପରାଭବ ପାଇଲେ ସେ ଅକୀର୍ତ୍ତି ଆଉ କାହାକୁ ହେବ ।

ପ୍ରୀତ ହୋଇ ଯେ କାଷ୍ଠା ସେ ଜଳ । ଜଳୁଁ ଜନମ ସିନା ଅନଳ ।
ଜଣାଏ ପରଶ ବିନା ଦରଶନେ କେବେ କରି ନ ପାରେ ଶୀତଳ ହେ ॥ ୨୬
ଏଣୁ ବିରହ ଅନଳ ସରି । ଯୁବା ଯୁବତୀ ଗିରି ବଲ୍ଲରୀ ।
କାହିଁରେ ସଞ୍ଚରି କାହା ଭସ୍ମ କରି ନିଷ୍ଠେ ମୀତକୁ ସମସ୍ତେ ମାରି ହେ ॥ ୨୭
ଯାହା ସୁନୀତ ସୁମୀତସୁତ । ପୁର ପର୍ଯ୍ୟନ୍ତେ ନୀତ ବ୍ୟାପିତ ।
ସିଦ୍ଧି କଳ୍ପ ଜନ ସିଦ୍ଧିକି କରିବ ତାଙ୍କୁ ବିନୟ କରି ରଚିତ ହେ ॥ ୨୮
ଏକେ କ୍ଷମାନିଧି ଦ୍ୱିଜେ ଗୁଣୀ । ପୁଣି ରସିକ ମୁକୁଟମଣି ।
ଲେଶ କଥାକୁ ବିଶେଷରେ ଘେନିଲେ ବ୍ୟର୍ଥ ନୋହିବ ବାଳିଶ ବାଣୀ ହେ ॥ ୨୯
ଦ୍ରବି ପଡ଼ି ଉଦନ୍ତ-ଉତ୍ତର । ସ୍ରବି ନେତ୍ର ସେ ନାଗରବର ।
ମିତ୍ରଯୁଗଳଙ୍କୁ କହେ ଏ କବଚ ହେଲା ମଧୁର ଭାବମନ୍ଦର ହେ । ସୁପାତ୍ର ॥ ୩୦

୨୬—କାଷ୍ଠା (କାଷ୍ଠସ୍ଥ) ଯାହା ପ୍ରୀତ ତାହା ଜଳ, ଜଳୁଁ ସିନା ଅନଳର ଜନ୍ମ (ସମୁଦ୍ରରୁ ବାଡ଼ବାନଳର ଓ ମେଘରୁ ବିଜୁଳିର ଜନ୍ମ) ଏହା ଜଣାଅଛି, ବିନା ସ୍ପର୍ଶରେ କେବଳ ଦର୍ଶନରେ ଜଳ ଅଗ୍ନିକୁ ଶୀତଳ କରି ନ ପାରେ ।

୨୭—ଏଣୁ ବିରହ ଅନଳ ସମାନ; ଯୁବା ଗିରି (ପର୍ବତ) ଯୁବତୀ ବଲ୍ଲରୀ (ଲତା) ସେ ଅଗ୍ନି କାହିଁରେ ସଞ୍ଚାର କରି କାହାକୁ ମାରେ (ଅର୍ଥାତ୍ ପର୍ବତରୁ ଜନ୍ମି ଲତାକୁ ଭସ୍ମ କରେ) ଅତଏବ ସମସ୍ତେ ମୀତକୁ ମାରନ୍ତି ଏହା ପ୍ରମାଣ ।

୨୮—ଯାହାର ସୁନୀତ (ସଦାଚାର) ସୁମୀତ-ସୁତ ପୁର (ଧ୍ରୁବ ମଣ୍ଡଳ) ପର୍ଯ୍ୟନ୍ତ ବ୍ୟାପିତ ହୋଇଛି, ଏମନ୍ତ ସିଦ୍ଧି (ପ୍ରସିଦ୍ଧିକି) ଲାଭ କରିଥିବା ଲୋକ ଅବଶ୍ୟ କାମନା ସିଦ୍ଧି କରିବ, ଅତଏବ ତାଙ୍କୁ ବିନୟ ରଚିତ କରିବାକୁ ହେଲା ।

୨୯—ଏକେ ଆପଣ କ୍ଷମାନିଧି ଦ୍ୱିଜେ (ଦ୍ୱିତୀୟରେ) ଗୁଣି, ପୁଣି ରସିକ ମାନଙ୍କ ମଧ୍ୟରେ ମୁକୁଟମଣି (ଶ୍ରେଷ୍ଠ) ଏହି ଲେଶ କଥାକୁ ବିଶେଷ କରି ଘେନିଲେ ବାଳିଶ (ମୂର୍ଖ) ର ବାଣୀ ବ୍ୟର୍ଥ ହେବନାହିଁ ।

୩୦—ସେ ନାଗରବର ଉଦନ୍ତ ଉତ୍ତର ପାଇ ଦ୍ରବି ପଡ଼ିବାରୁ (ତରଳି ଯିବାରୁ) ତାହାଙ୍କର ନେତ୍ର ସ୍ରବିଲା (ଚକ୍ଷୁରୁ ଲୋତକ ବହିଲା) । ତତ୍ପରେ ସେ ମିତ୍ର ଯୁଗଳଙ୍କୁ କହିଲେ ହେ ସୁପାତ୍ର ! ମଧୁର ଭାବ ମନ୍ଦର ଏ ଉତ୍ତର ମୋହର କବଚ (ସାଞ୍ଜୁ) ହେଲା, ଅର୍ଥାତ୍ ଶରୀରକୁ ଏଣିକି କାମରେ ଭେଦ କରି ପାରିବ ନାହିଁ) ।

ଶୁଭେ ସଖୀବଚନ ପ୍ରକାର । ପ୍ରତେ ହୋଏ ଏ ରସିକାଗିର ।
ପଦକେ ପଦକେ କେହ୍ନ ସ୍ଥାନ ହେବ ହୃଦ ଗୋଟାଏ ସିନା ମୋହର ॥ ୩୧
ଏହିକାଳେ ଚର୍ଣ୍ଣୀକୃତ ରୂପ । କର ପଞ୍ଚେଷୁ ପ୍ରହାରେ ରୋପ ।
ଦେଖୁଁ ଦେଖୁଁ ଜାତ ସାକ୍ଷୀଙ୍କ ବିକାର ଦୁଃଖ ସୁଖ ନୋହିଲା ସଂକ୍ଷେପ.କୋବିଦେ ॥ ୩୨
ଯାରେ କୋପ ମକର କେତନ । ତାର ରକ୍ଷା ହେବ କାହିଁ ସ୍ଥାନ ।..
ହଳଧର-ଅମ୍ବର ସେହି ନୀଳକଣ୍ଠ ନୃପ ନନ୍ଦନ କରଇ ଧ୍ୟାନ ହେ । କୋବିଦେ ॥ ୩୩

ପଞ୍ଚତ୍ରିଂଶ ଛାନ୍ଦ

ରାଗ—ଚନ୍ଦ୍ରାଦେଶାକ୍ଷ, କାଫିକାମୋଦୀ, ମାଳବଗୌଡ଼ ।

ଆସାର ସଘନ କାଳ ହୋଇ ଉଦୟ ।
ଅସିତ ପରବଳରୁ ଦରଶମୟ ॥ ୧
ସ୍ତନିତ ହିଁ ସ୍ଫୁଟ କଳକଣ୍ଠ ସନ୍ତତ । ଅଚିରପ୍ରଭା ହିଁ ତାର ଦଶେ ଦଶେତ ॥ ୨

୩୧—ସଖୀ ବଚନପରି ଶୁଭୁଛି, ରସିକାର ବାଣୀପରି ପ୍ରତେ ହେଉଛି,, ପଦଟିକ (ଗୋଟିଏ ପଦରେ) ପଦେକେ (ଗୋଟିଏ ଅଳଙ୍କାର) କିପରି ସ୍ଥାନ ହେବ, ମୋହର ଗୋଟିଏ ସିନା ହୃଦୟ ।

୩୨—ଏହି ସମୟରେ ପଞ୍ଚେଷୁ (କାମ) ରୂପ (ଧନୁକୁ) ଚର୍ଣ୍ଣୀକୃତ କରି (ଓଟାରି) ରୋପ ଗୁଣଦେଇ ପ୍ରହାରିଲା, ଦେଖୁଁ ୨ ସାତ୍ତ୍ୱିକ ବିକାର ଦୁଃଖ ସୁଖ ଜାତ ହେଲା, ହେ କୋବିଦେ । (ପଣ୍ଡିତମାନେ) ତାହା ସଂକ୍ଷେପ (ଅଳ୍ପ) ନୋହିଲା ।

୩୩—ମକର କେତନ (କାମ) ଯାହାଠାରେ କୋପ କରିବେ ତାହାର କେଉଁଠାରେ ରକ୍ଷାହେବ । ହେ କୋବିଦେ, ହଳଧର ଅମ୍ବର (ହଳଧର ଲୁଗା) ଧାରୀ ଶ୍ରୀକୃଷ୍ଣଙ୍କୁ ନୀଳକଣ୍ଠ ରାଜାସୁତ କବି ଉପେନ୍ଦ୍ରଭଞ୍ଜ ଧ୍ୟାନ କରେ ।

ଏ ଛାନ୍ଦରେ ପ୍ରଥମ ରାଗଚନ୍ଦ୍ରାଦେଶାକ୍ଷ, ବର୍ଷାକାଳ ଅର୍ଥ, ପ୍ରତ୍ୟେକ ପ ଦରୁ ଗୋଟିଏ ୨ ଅକ୍ଷର କାଟିଲେ ୨ୟରାଗ କାଫିକାମୋଦ ଶୀତକାଳଅର୍ଥ ପୁଣି ଆଉ ଏକ ଏକ ଅକ୍ଷର କାଟିଦେଲେ ରାଗମାଳବଗୌଡ଼ ଗ୍ରୀଷ୍ମକାଳ ଅର୍ଥ ।

୧।୨—ଅସାର (ଧାରାପାତ) ସଘନ (ନିବିଡ଼) ହେବାର କାଳ (ବର୍ଷାକାଳ) ଉଦୟ ହୋଇ ଅସିତ (କୃଷ୍ଣବର୍ଣ୍ଣ) ପ୍ରବଳ ହେବାରୁ ଦରଶମୟ (ଦର୍ଶ-ଅମାବାସ୍ୟା ପରି ଅନ୍ଧକାରମୟ) ହେଲା । ସ୍ତନିତ (ମେଘ ଗର୍ଜନ)ହିଁ (ନଷ୍ଟୟ)

କେକୀର ସଙ୍ଗୀତରେ କାମୁକ ଉଲ୍ଲାସ । ଧରମଣି ଅଚ୍ଛାଦନେ ଘନ ବିଳାସ ॥ ୩
ନୀପବନ ସୁଖ ଦାନକର ରଭସେ । ସ୍ତୋକରଠ ମସୃଣ ଯେ ଝିଲ୍ଲିକା ବଶେ ॥ ୪
ସେ ଅହି ମକର ହର ଗତି ମୋହିଲା । ନଦୀ ବଶ ସଲିଳେ ଅଧିକ ହୋଇଲା ॥ ୫
ମୀଡ଼ ରଚିତ କାମରେ ବିଯୋଗୀ ଶଙ୍କି । ଘେନି ହା ରବ ରଟେ ଯେ ଆସି ବିପକ୍ଷୀ ॥ ୬

ସ୍ଫୁଟ (ପ୍ରକାଶ) ପାଇଲା । କଳକଣ୍ଠ (ମୟୂରମାନେ) ସରୁତ (ଶବ୍ଦସହିତ) ହେଲେ, ଦଶେ (ଦିଗମାନଙ୍କରେ) ଅଚିର ପ୍ରଭା (ବିଜୁଳି) ତାର (ଉଜ୍ଜ୍ୱଳ) ଦିଶିଲେ ।

ସାରସ-ଘନ (ସାରସଘ୍ନ—ପଦ୍ମନାଶକ) କାଳ (ଶୀତକାଳ) ଉଦୟ ହୋଇ ଶୀତ ପ୍ରବଳରୁ କୁହୁଡ଼ିରେ ଦର (ଶଙ୍ଖ) ପ୍ରାୟ ଶୁକ୍ଳ ସମୟ ହେଲା । ନୀତ (ତଗରପାଦପୁଷ୍ପ) ସ୍ଫୁଟ ହେଲା କଳକଣ୍ଠ (ଶୁକ୍ଳ) ସରୁତ (ଧ୍ୱନିଯୁକ୍ତ) ହେଲେ । ତାର (ନକ୍ଷତ୍ର-ମାନେ) ଚିରପ୍ରଭା (ସ୍ଥାୟିଶୋଭା) ଧରେ ଦଶେ ଦିଶିଲେ ।

ନସଘ୍ନ (ଜଳନାଶକ) କାଳ (ଗ୍ରୀଷ୍ମକାଳ) ଉଦୟ ହୋଇ ତପର (ଗ୍ରୀଷ୍ମର) ବଳରୁ ଦର (ଭୟର) ସମୟ ହେଲା । ତହିଁ (ସେ ସମୟରେ) ସରୁତ (ରବଯୁକ୍ତ) କଳକଣ୍ଠ (କୋକିଳ) ମାନେ ସ୍ଫୁଟ (ପ୍ରକାଶିତ) ହେଲେ । ଦଶେ (ଦିଗସ୍ଥ ପର୍ବତମାନଙ୍କରେ) ର (ଅଗ୍ନି) ପ୍ରଭା ତାର (ଉଜ୍ଜ୍ୱଳ) ଦିଶିଲା ।

୩।୪—କେକୀ (ମୟୂର)ର ସଙ୍ଗୀତରେ କାମୀ ପୁରୁଷମାନେ ଉଲ୍ଲସିତ ହେଲେ । ଘନ (ମେଘ) ଧରମଣି (ପର୍ବତଶ୍ରେଷ୍ଠ ସବୁକୁ) ଅଚ୍ଛାଦନ (ଘୋଡ଼ାଇ) ବିଳାସ କଲେ । ନୀପବନ (କଦମ୍ବବନ) ଫୁଲ୍ଲଫୁଟି ରଭସେ (ଶୀଘ୍ର) ସୁଖଦାନ କାରକ ହେଲେ । ସ୍ତୋକରଠ [ଗୃତକଧ୍ୱନି] ମସୃଣ (ମଧୁର) ହେଲା । ଝିଲ୍ଲିକା [ଖଦ୍ୟୋତମାନେ] ବୃକ୍ଷରେ ବସିଲେ । କୀର (ଶୁକର) ପୂର୍ବବତ୍ ରସିକମାନେ ରମଣୀକୁ ଘେନି ବସ୍ତ୍ର ଅଚ୍ଛାଦନରେ (ଶୀତପ୍ରଭାବରୁ) ଘନ (ନିବଡ଼) ବିଳାସ କଲେ । ପବନ [ଶୀତଳବାୟୁ] ରଭସେ ସୁଖ ଦାନକରେ [ଶଣ୍ଡନକାରୀ ହେଲା । କରଠ [କାକମାନେ] ଝିଲ୍ଲିକା [ଝିଲ୍ଲକ] ବଶରେ ମସୃଣ [ଚିକ୍କଣ] ଦିଶିଲେ । ରସଙ୍ଗୀତରେ [ରସଗୀତରେ) କାମୁକମାନେ ଉଲ୍ଲସିତ ହେଲେ, ଘନ [ଅଧିକରୂପେ] ମଣି ଅଚ୍ଛାଦନରେ (ଶୀତଳ ରତ୍ନହାର ଭୂଷଣରେ] ବିଳାସ କଲେ । ନିପ ବିହାର ରଭସେ ସୁଖଦାନ କାରକ ହେଲା । ଝିଲ୍ଲିକାବଶେ [ଝଙ୍କାରଯୋଗରେ] ଗୃହଅଡ଼େ ରଠ [ଧ୍ୱନି] ମସୃଣ [ମଧୁର] ହେଲା ।

୫।୬—ସେ ବର୍ଷାକାଳ ଅହି [ସର୍ପ] ମକର (ମଗର) ଏବଂ ହର (ଭେକ') ମାନଙ୍କର ଗତିକୁ ମୋହିଲା । ନଦୀ ଅଧିକ ସଲିଳେ [ଜଳଜଳ ବଶଃହେଲା

ବୀରତରୁ ଗୃରୁ ଫୁଲସରେ ମଣ୍ଡନ । ଦମ୍ପତ୍ତି ରସକାରକ ବିଦେଶୀ ଛନ୍ନ ॥ ୭
ଅଶନିପାତ ପରି ସେ ଏକା ଗୋତ୍ରରେ । ସୁମନ୍ଦପାହୁତ ପାନ୍ଥ ଭୀରୁ ବସୁରେ ॥ ୮

ପକ୍ଷିମାନଙ୍କ ଦ୍ୱାରା ନୀଡ଼ [ବସା] ରଚିତ ହେଲା । ବିଯୋଗୀ [ବିରହି-ମାନେ] କାମରେ ଶଙ୍କିଲେ, ପବନରେ ଯେ ବିଷ [ଜଳର] ଅଂଶ ଉଡ଼ି ଆସିଲା ସେ ର [ଅଗ୍ନି] କି ? ଏମନ୍ତ ଘେନି ବିରହିମାନେ ହାହାରବ କଲେ । ଅହିମକର [ସୂର୍ଯ୍ୟଙ୍କର] ହର [କିରଣ] ଚିତ୍ତକୁ ମୋହିଲା । ଦିବସ ସକଳେ ଅଧିକ ସୁଖକର ହେଲା, ବିଯୋଗିମାନେ ଚିତ୍ତରେ କାମରେ ଚତ୍ତେ ଡର [ଭୟ] ପାଇବାରୁ ସେ କପୋଳ ଯେ ନୀହାର [କାକର] ବରଷଇ ତାକୁ ଦେଖି ଏ ବିଷ ଘୋଟି ଆସଇ କି ? ଏହା ଭାବି ଶଙ୍କିଲେ [ଶଙ୍କାକଲେ]

ହିମକର [ଚନ୍ଦ୍ରଙ୍କର] ହର [କିରଣ] ଚିତ୍ତକୁ ମୋହିଲା, ଚିତ୍ତ ସକଳେ [ଜଳରେ] ଅଧିକ ବଶ ହେଲା । ବିଯୋଗିମାନେ କାମରେ ରଚିତ [ଭୀମକୃତ] ପୀଡ଼ାରେ ଶଙ୍କିଲେ । ସେମାନେ ହାରବକୁ ଏ ଅଶୀବିଷ-[ସର୍ପ] ବୋଲି ମଣିଲେ ।

୭।୮—ବୀରତରୁ [ଅର୍ଜୁନବୃକ୍ଷ] ଗୃରୁ [ମନୋହର] ଫୁଲରେ ସରେ [ଶେଷ-ପର୍ଯ୍ୟନ୍ତ] ମଣ୍ଡିତ ହେଲା । ସେ କାଳ ଦମ୍ପତି [ସ୍ତ୍ରୀ ପୁରୁଷ] ଙ୍କ ପକ୍ଷରେ ରସକାରକ ହେଲା । ବିଦେଶିକି ଛନ୍ନ କଲା । ଅଶନିପାତ [ବଜ୍ରପତନ] ପରି ସେ [ପୀଡ଼ାକୁ] ଏକା ଗୋତ୍ରରେ [ପର୍ବତକୁ] ଦେଲା । ପାନ୍ଥମାନେ ଭୀରୁହୋଇ ବଜ୍ର ଭୟରୁ ରକ୍ଷା ପାଇବା ପାଇଁ ସୁମନ୍ଦ ପାହି [ରକ୍ଷାକର] ବୋଲି ବାରମ୍ବାର କହିଲେ ।

ରତି-ରୁଗୃରୁ [ସମ୍ଭୋଗ ଇଚ୍ଛାରୁ] ଫୁଲଶରେ ମଣ୍ଡନ [କାମୁକ] ପତିମାନଙ୍କ ପକ୍ଷରେ ସେ କାଳ ରସ କାରକ ହେଲା ସେ ବିଦେଶୀମାନଙ୍କୁ ସନ୍ନିପାତ ରୋଗପରି ଛନ୍ନ [ଉଚ୍ଛନ୍ନ] କରାଇଲା ପାନ୍ଥମାନେ ଏକା [ବିଯୋଗୀ] ହୋଇ ଗୋତ୍ରରେ [ପଥରେ] ବସୁଥିଲେ ଏ କଷ୍ଟରୁ ଭୀରୁ [ସ୍ତ୍ରୀ] ମନ୍ଦପରି ପା [ରକ୍ଷା କରିବାକୁ] ହୁତ ଅଟେ ।

ତରୁମାନେ ନବ ପତ୍ର ପୁଷ୍ପରେ ଗୃରୁ [ସୁନ୍ଦର] ହେଲେ, ସରେ [ପୁଷ୍କ-ରଣୀ ସବୁ] ଶୀତ କାଳରେ ନଷ୍ଟହୋଇ ଯାଇଥିବା ପଦ୍ମାଦି ଫୁଲରେ ମଣ୍ଡିତ ହେଲେ । ସେ କାଳରେ ବିଦେଶିମାନେ ନିପାତ (ମରଣ) ହେବ ପରି ଭାବ ଛନ୍ନ ହୋଇ କାଳର ତିରସ୍କାରକ ହେଲେ, ପାନ୍ଥ ଭୀରୁ [ପଥିକ ସ୍ତ୍ରୀ ମାନେ] ବସୁଥିଲେ—ଏକାଳରେ ଏକା (ବିରହିଣୀ) ହୋଇ ଗୋତ୍ରରେ (କୁଳରେ) ରହିବାକୁ ତ୍ରପା [ଲଜ୍ଜା] ଏକା ହୁତ ହେଲା ।

କାଶ ସୁରଭି ସୁମନା ପ୍ରକାଶ ହୋଇ । ମଧୁ ପ୍ରରମ ରୋଚକ ନିବାସ ତହିଁ । ୯
ଫଶାରଙ୍ଗ ସ୍ଥାନେ ସ୍ଥାନେ ହେଲା ମଞ୍ଜୁଳ । ଦୁର୍ଦ୍ଦିନବରେ ଅବ ରତରେ ରଞ୍ଜିଲ ।୧୦
ଘନକୃଶତକୁ ଝଟିତରେ ପ୍ରକାଶେ । ଧନୀସାର ଭଦ୍ର ଶ୍ରୀଯୁକ୍ତଙ୍କ ପରଶେ । ୧୧

୯—କାଶ [କାଇଁଶ ପୁଷ୍ପ] ସୁରଭି [କଦମ୍ବପୁଷ୍ପ] ସୁମନା [ମାଳତୀ ପୁଷ୍ପ] ପ୍ରକାଶ ପାଇଲେ ତହିଁରେ ପରମ ରୋଚକ [ରୁଚିକର] ମଧୁ (ମହୁର) ନିବାସ ହେଲା ।

ସସୁରଭି [ସୁଗନ୍ଧ ଯୁକ୍ତ] ସୁମନା [ଜାତିପୁଷ୍ପ] ପ୍ରକାଶ ହୋଇ (ଫୁଟିଲା) ତହିଁ (ସେ କାଳେ) ନିବାସ (ଗୃହ) ରମ (ଅନନ୍ଦ ଜନକ) ଧୂପରେ ରୋଚକ (ରୁଚିକର) ହେଲା ।

ସୁରଭି ସୁମନା (ସୁଗନ୍ଧ ପୁଷ୍ପମାନେ) ଫୁଟିଲେ, ତହିଁ (ପୁଷ୍ପିତ ବୃକ୍ଷମାନ ଥିବାସ୍ଥଳେ) ନିବାସ କରିବାକୁ ପରମ ରୋଚକ (ଅତ୍ୟନ୍ତ ରୁଚିକର) ହେଲା ।

୧୦—ସ୍ଥାନେ ସ୍ଥାନେ ଫଶାରଙ୍ଗ (ଖେଳ) ମଞ୍ଜୁଳ ହେଲା, ଦୁର୍ଦ୍ଦିନରେ (ମେଘାଚ୍ଛନ୍ନଦିନରେ) ଅବ (ମେଷ) ଗୋଷ୍ଠରେ ରହିବାରୁ ରତରେ (ଶୃଙ୍ଗାରରେ) ରଞ୍ଜିଲ ହେଲା ।

ସାରଙ୍ଗ (ହଂସମାନଙ୍କର) କ୍ରୀଡ଼ା ସ୍ଥାନେ ସ୍ଥାନେ ମଞ୍ଜୁଳ ହେଲା, ଦାନବରେ [ଅଷ୍ଟ ଦରିଦ୍ରମାନେ] ଶୀତରେ ଅବିରତରେ (ସର୍ବଦା)ରଞ୍ଜିଲ ହେଲେ (କମ୍ପିଲେ)

ରଙ୍ଗ ନୃତ୍ୟାଦି ସ୍ଥାନେ ସ୍ଥାନେ ମଞ୍ଜୁଳ ହେଲା, ନବରେ (ନଗରମାନଙ୍କରେ) ଲୋକେ ଅବିର ଖେଳିବା ରତରେ [ଗତରେ] ରଞ୍ଜିଲ ହେଲେ ।

୧୧—ସେ କାଳ ଘନ ଦୃଶତାକୁ [କୁଅ ପଥରକୁ] ଝଟିତରେ ପ୍ରକାଶ କରେ । ଧନୀସାର [ଧନୀ ଶ୍ରେଷ୍ଠ ମାନେ] ଶ୍ରୀଯୁକ୍ତ (ସମ୍ପତ୍ତିଶାଳୀ) ହୋଇ ଥିବାରୁ ସେ କାଳରେ ଭଦ୍ର (ମଙ୍ଗଳକୁ) ସ୍ପର୍ଶକଲେ ।

କୁଜଝଟିତରେ (କୁହୁଡ଼ି ଘଟରେ) ଦୃଶ୍ୟତ ନ ପ୍ରକାଶେ [ଦର୍ଶନୀୟ ପଦାର୍ଥ ଦେଖାଗଲା ନାହିଁ] ଭଦ୍ର ଲୋକମାନେ ନୀଶାର (ଶୀତବସ୍ତ୍ର) ପରସେ [ସ୍ପର୍ଶାଦାରେ] ଶ୍ରୀଯୁକ୍ତ [ଶୋଭିବନ୍ତ] ହେଲେ ।

ଗ୍ରୀଷ୍ମକାଳ ଅଗ୍ନି ଦ୍ୱାରା ଦୃଢ଼ତ (ପ୍ରସ୍ତର—ପର୍ବତକୁ) ଝଟିତରେ ପ୍ରକାଶ କଲା । ଶ୍ରୀଯୁକ୍ତ (ଧନବନ୍ତମାନେ) ସାର (ଉତ୍ତମ) ଭଦ୍ରଶ୍ରୀ [ଶ୍ୱେତ ଚନ୍ଦନ] ପରଶେ (ବୋଳିହେଲେ) ।

ସ୍ୱସଙ୍କେତକୀ ବହେ ଉତ୍‌ଫୁଲ୍ଲ ପୁଲକ । ବଧୂ୍ୟସହକାର ଯେ ଭ୍ରମରେ ମେଳକ ॥ ୧୨
ଅଭୟେ କାଳକଣ୍ଟକ ଦଳେ ବିରହୀ । ବାମାନିଅଳୀ ଯେ କାନ୍ତେ ସୁମନ ବହି ॥ ୧୩
ଭେକୀ ତବ ସ୍ଫୁଟେ ଘନେ ହରେ ସୁଚିତ୍ତ । କଙ୍କ କେଳି ପ୍ରକଟ ହେଲା ବହୁତ ॥ ୧୪

୧୨—ସ୍ୱ ସଙ୍କେତକୀ (ସଂଯୋଗିମାନେ) ଉତ୍‌ଫୁଲ୍ଲ ହୋଇ ପୁଲକ (ରୋମାଞ୍ଚକୁ) ବହିଲେ । ଭ୍ରମରେ (କାମୁକ ମାନେ) ବଧୂ୍ୟ ସହାର (ବକୁଳ ସହିତ) ମେଘକୁ ଦେଖି ମେଳକ (ସ୍ତ୍ରୀ ସହିତ ମିଳିତ) ହେଲେ ।

ଶୀତକାଳରେ ବସ୍ତ୍ରାଚ୍ଛାଦନ ହେତୁ ଜଣା ନ ପଡ଼ିବେ ବୋଲି ସଂକେତକୀ (ସଂକେତ କାରେଣି ମାନେ) ଉତ୍‌ଫୁଲ୍ଲ ହୋଇ ପୁଲକକୁ ବହିଲେ । ଶୀତରେ ଲୋକେ ଧୂ୍ୟ (ଅଗ୍ନିର) ସହକାର (ସାହାଯ୍ୟ) ଲୋଡ଼ିଲେ । ବିରହିମାନେ ଭ୍ରମରେ ମେଳକ (ମିଳିତ) ହେଲେ ।

କେତକୀ ପୁଲକକୁ ବହିଲା ପରି ଉତ୍‌ଫୁଲ୍ଲ (ଫୁଟିଲା) ସହକାର (ଆମ୍ର ବୃକ୍ଷ) ବକୁଳିତ ହେବାରୁ ଭ୍ରମରମାନଙ୍କରେ ମିଳିତ ହେଲା ।

୧୩—କାଳ କଣ୍ଟକ (ଡାହୁକମାନେ) ଅଭୟେ (ନିର୍ଭୟରେ) ଡାକ ଦେଇ ବିରହିମାନଙ୍କୁ ଦଳନ କଲେ । ଯେ ବାମା (ଯେଉଁ ସ୍ତ୍ରୀମାନେ) ନିଅଳୀ (ସଖୀ ରହିତ ହୋଇଥିଲେ) ସେମାନେ କାନ୍ତଦ୍ୱାରା ସୁମନ ବହି (ପୁଷ୍ପ-ଭୂଷିତା ହେଲେ) ।

ଶୀତକାଳ ବୀରହିଁ (ବୀରମାନଙ୍କ ମଧ୍ୟ) କଣ୍ଟକ (ଶତ୍ରୁ) ପ୍ରାପ୍ତ ଭୟରେ ଦଳନ କଲା, ମାନି ଅଳୀ (ମାନିନୀ ସ୍ତ୍ରୀ ମାନେ) ଅନ୍ତର ହୋଇ ରହି ନ ପାରି କାନ୍ତଠାରେ ସୁମନ ବହି [ପ୍ରସନ୍ନ ହେଲେ] ।

ଏ କାଳ, କଣ୍ଟକ [ଗ୍ରୀଷ୍ମକାଳରେ ଗୃହକୁ ଆସିବାକୁ କଷ୍ଟ କରିଥିବା] ବିରହି ମାନଙ୍କୁ ଦଳନ କଲା, ନିଅଳୀବୃକ୍ଷ କାନ୍ତେ [କମନୀୟ ରୂପେ]; ସୁମନ [ପୁଷ୍ପକୁ] ବହି [ଧାରଣ କଲା] ।

୧୪—ଭେକୀ [ବେଙ୍ଗୁଲି ମାନଙ୍କର] ତବ [ସ୍ତବସ୍ତୁତି ବାକ୍ୟ] ଘନେ [ନିବିଡ଼ ରୂପେ] ସ୍ଫୁଟହୋଇ ସୁଚିତ୍ତ ହରେ [ମନ ବିଚଳିତ କଲା] ବକମାନଙ୍କର କେଳି [କ୍ରୀଡ଼ା] ବହୁତ ପ୍ରକଟ ହେଲା ।

କାଁତବ [ଦୁନ୍ଦୁରି ଫୁଲ] ଘନେ [ବହୁତ ରୂପେ] ସ୍ଫୁଟ (ଫୁଟିଲା) ଲୋକେ ତାହାକୁ ନେଇ ସୁଚିତ୍ତେ (ଉତ୍ତମ ମନରେ) ହରେ (ମହାଦେବଙ୍କୁ) ଦେଲେ । କଙ୍କପକ୍ଷୀର କେଳି ବହୁତ ପ୍ରକଟ ହେଲା ।

ଲୋକେ ସୁଚିତ୍ତ (ଉତ୍ତମମନରେ) ହରେ (ଶିବଙ୍କ) କରିବା ତବ (ସ୍ତବ) ଘନେ [ନିବିଡ଼ ରୂପେ] ସସ୍ଫୁଟ ହେଲା । କ-କେଳି(ଜଳକେଳି) ବହୁତ ପ୍ରକଟ ହେଲା ।

ବାହରେ ଏ ସମସ୍ତେ ଶନ୍ତା କାତର । ସୁକୁମାର ତନୁତାପି ଦବାନଳିର ॥ ୧୫
ଅନ ଜ୍ଞାନ ହୀନଦଶା ବେଭାରେ ହୋଇ । ଘନରସେ କାନ୍ତାଲିଙ୍ଗନକୁ ଧାଇ ॥୧୬
ସନ୍ତାପିକ ମଞ୍ଜୁ କଳରବେ ନାଦଇ । ଅପଦରେ ସ୍ୱରଭଙ୍ଗ ପୁଲକ ବହଇ ॥ ୧୭
ହେତୁହୀନ ସିଦ୍ଧି କର ହେ କାଳକାନ୍ତ । ସୁପ୍ରାସ ବାଧିରେ ହୋଇବାରୁ ସହିତ ॥୧୮

୧୫—ଏ ସମୟରେ ସୁନ୍ଦର ସୁନ୍ଦରୀ ଦୁହେଁ ବାରହରେ ଶନ୍ତା କାତର ହେଲେ ତାହାଙ୍କର ସୁକୁମାର ତନୁ (ଦେହ) ଦବାନଳି ତାପିତ ହେଲା ।

ଏ ସମୟରେ ରହରେ (ଏ କାନ୍ତରେ) କୁମାର ଶନ୍ତାକାତର ହେବାରୁ ଏବଂ କୁମାରୀ କୁମାର ଚିନ୍ତାରେ କାତର ହେବାରୁ ଉଭୟଙ୍କର ତନୁ ଦବାନଳି ତାପିତ ହେଲା ।

ଏ ସମସ୍ତେ ଦୁହେଁ ହର (ଶିବଙ୍କୁ) ଚିନ୍ତା କରି କାତର ହେଲେ ମାର (କାମ) ଦବାନଳି ତାପିତ କରି ତନୁ (କୃଶ) କଲା ।

୧୬—ନଦୀମାନେ ଘନରସେ (ଜଳରେ) ପୂର୍ଣ୍ଣହୋଇ କାନ୍ତ (ସମୁଦ୍ରକୁ) ଅଲିଙ୍ଗନ କରିବାକୁ ଧାଇଲେ ଅର୍ଥାତ୍ ସମୁଦ୍ର ଆଡ଼କୁ ଗତିକଲେ । ଏପରି ବ୍ୟବହାର ଅନୁମାନଙ୍କର ଦଶା ହୀନ ହେବାର ଭାବ କାମୀ କାମିନୀ ଦୁହିଙ୍କର ଜ୍ଞାନ ଆନ ହେଲା ଅର୍ଥାତ୍ ବିଭ୍ରମ ଜାତ ହେଲା ।

ନଜ୍ଞାନ (ଜ୍ଞାନ ନଥିବାରୁ) ବେଭାରେ (ନିତ୍ୟ କର୍ମାଦି ବ୍ୟବହାରରେ) ହୀନ ଦଶାହେଲା. ସ୍ତ୍ରୀ ପୁରୁଷ କାନ୍ତ ଓ କାନ୍ତାଲିଙ୍ଗନକୁ ଧାଇଁ ଅନ୍ୟ କାହିଁରେ ନ ରମିଲେ ।

ଦୁହେଁ କେବଳ କାନ୍ତ (ମନୋହର) ଅଲିଙ୍ଗନକୁ ଧାଇଁ ରସେ (ରସିଲେ) ବ୍ୟବହାରରେ ଜ୍ଞାନହୀନ (ନଷ୍ଟଚେଷ୍ଟା) ଦଶା ହେଲା ।

୧୭—ସନ୍ତାପିକ (ମନସ୍ତାପ ଯୁକ୍ତ) ହେବାରୁ ମଞ୍ଜୁ (ମନୋହର) କଳରବେ (ମଧୁର ଧ୍ୱନିକ) ନାଦାକରନ୍ତି । ବିଚ୍ଛେଦ ଅପଦରେ ସ୍ୱରଭଙ୍ଗ ଓ ପୁଲକ (ରୋମାଞ୍ଚକୁ ବହନ୍ତି) ।

ତାପିକ (କାମତାପଯୁକ୍ତ) ହେବାରୁ ମଞ୍ଜୁ କଳରବେ (ପାରଧ୍ୱନିକ) ନାଦା କରନ୍ତି । ଶୀତର ପଦରେ (ଅଧିପତ୍ୟରେ) ପୁଲକ (କମ୍ପ) ବହିବାରୁ ସ୍ୱରଭଙ୍ଗ ହୁଅଇ ।

ପିକର ମଞ୍ଜୁ କଳରବେ (ମଧୁରଧ୍ୱନିକ) ନାଦା କରନ୍ତି । ଦରେ (ଭୟରେ) ସ୍ୱରଭଙ୍ଗ ହୁଅଇ, ଦେହ ପୁଲକ (କମ୍ପକୁ) ବହଇ ।

୧୮—ବର୍ଷାକାଳ ସୁପ୍ରାସ ବାଧିରେ (ନିଜ ମନରେ ପୀଡ଼ା ଦେବା ବାଧାନ ମାନଙ୍କରେ) ସହିତ (ଯୁକ୍ତ) ହେବାରୁ କହିଲେ—ହେ କାନ୍ତ (କମନୀୟ) ବର୍ଷାକାଳ । ତୁମ୍ଭେ କାଳ (ଯମ) କି ? ନୋହିଲେ ହେତୁହୀନ (ଜ୍ଞାନ ହୀନ) ଦଶାକୁ କାହିଁକି ସିଦ୍ଧ କରୁଛ ?

ବଟୁ ରତ ମନ୍ଦଜନ୍ମା କୁବୁଦ୍ଧି ମନ୍ତ୍ରୀ । ସେହୁ ମକର କେତନେ ମେଳ ଜନ୍ମନ୍ତ ॥୧୯
ଭାବ ଛଳବଚନ ଏ ପ୍ରକାରେ କହି । ପଥର ସମତରେ ସେ କଷଣ ସହି ॥ ୨୦

ପ୍ରାସ (ମନଃ ପୀଡ଼ା) ହେତୁ ବଧୂବର (ଅଧିରତାରେ) ସହିତ ହେବାରୁ କହିଲେ—ରେ ଶୀତ କାଳ ! ତୁ ସମସ୍ତଙ୍କୁ ମ୍ଳାନ କାନ୍ତ (ଅସୁନ୍ଦର) କରିବାରୁ ତୋହର ତୁହିନ ନାମକୁ ସିଦ୍ଧି କରୁଛୁକି ? (ଶୀତକାଳର-ନାମ ତୁହିନ) ।

ସ (ପବନ (ବଧିରେ (ବିଶେଷ ଧୀରତାରେ) ସହିତହୋଇ ରହିବାରୁ କହିଲେ, ରେ କାଳ କାନ୍ତ ! ତୁ ମ୍ଳାନ ସିଦ୍ଧି କି (ବିରହୀ ବିରହିଣୀ ପୀଡ଼ା ରୂପ) କାହିଁକି କରୁଛୁ ।

୧୯।୨୦—ଦର୍ଦ୍ଦୁର (ଭେକ) ତ ମନ୍ଦଜନ୍ମା (ନୀଚଜନ୍ମା) ଅଟେ, ସେହି ମଙ୍କର କେତନ (ଜଳରେ) ମେଳ ହେବାରୁ ଜନ୍ମନ୍ତକି ଲଭି କୁବୁଦ୍ଧି ମନ୍ତ୍ରୀପରି ହୋଇଛୁ ।

ରେ ଶୀତକାଳ ! ମନ୍ଦ (ଦୁର୍ଭାଗ୍ୟ) ଜନ୍ମାଇବାକୁ ତୁ କୁବୁଦ୍ଧି ମନ୍ତ୍ରୀପରି (ଦୁରନ୍ତ) ହୋଇ ହିମକର (ଚନ୍ଦ୍ରମଣ୍ଡଳରେ) କେତନ (ଗୃହକର) ଜନ୍ମନ୍ତରେ ମେଳ ହୋଇଛୁ ।

ରେ ମନ୍ଦଜନ୍ମା (କୋକିଳ) ତୁ ମକରକେତନେ (କନ୍ଦର୍ପସଙ୍ଗେ) ମେଳ ହେବାରୁ ଜନ୍ମନ୍ତକୁ ଲଭିଛୁ ।

ଭାବ (ଭାବନାକର) ଏ ପ୍ରକାର ଛଳ (ଗୁଣ୍ଡୁମୀ) ବଚନ କହି ପଥରସମତରେ (ପଥର ସମାନ) ସେ କଷଣ ସହିଲେ ।

ସେ ଏ ପ୍ରକାର ବତ୍ସଳ (ବତ୍ସଳ-ସ୍ନେହଯୁକ୍ତ) ବଚନକୁ କହି ଥର ସମତ ସେ ଏ ପ୍ରକାର ଛଳ [ବ୍ୟାଜ] ବଚନ କହି ରସମତ୍ତରେ [ରିସହୋଇ ମତ୍ତରେ) କଷଣ ସହିଲେ ।

୨୧—ରାଜପୁତ୍ର ଗଜଗତି ସୁଶୋଭା (ସୁନ୍ଦରୀର) ନାମ ଏବଂ ଗଜପତି ରାଜକୁମାରୀ ସୁଶୋଭା (ସୁନ୍ଦରରାଜପୁତ୍ରର) ନାମ ଜପଇ । ଆଉ ଯହିଁ ଯେପରି ପଦାର୍ଥରେ) ମନୀଷା (ବୁଦ୍ଧି-ବାଞ୍ଛା) କରେ ତହିଁରେ ଅଦ୍ଭୁତ ପ୍ରକାଶ କରଇ ।

ଯହିଁ (ଯେଉଁ ଶୀତକାଳରେ) ନିଶାକରେ (ଚନ୍ଦ୍ରଠାରେ) ଅଦ୍ଭୁତ ପ୍ରକାଶ ହୁଅଇ ସେକାଳରେ ଜଗତୀ ସୁଶୋଭାର (ଜଗତ୍‌ସୁନ୍ଦରୀ ରାଜକୁମାର) ନାମ ରାଜପୁତ୍ର ଏବଂ ସୁନ୍ଦରର ନାମ ରାଜପୁତ୍ରୀ ଜପଇ ।

ଯେଉଁ କାଳରେ ଶାକରେ (ଗୁଡ଼ଜାତ ଦ୍ରବ୍ୟରେ ବସନ୍ତରେ ଗୁଡ଼ଜାତ ଦ୍ରବ୍ୟ ବ୍ୟାଧି ଜନ୍ମାଏ) ଅଦ୍ଭୁତ ପ୍ରକାଶ ହୁଏ ସେ କାଳରେ ଦୁହେଁ ଦୁହିଙ୍କ ନାମକୁ ଗତ (ଜିହ୍ବାବେପାୟୁ) ବୁଝି ଜପ କରନ୍ତି ।

ଗଜଗତି ସୁଟେଶୋଭିର ନାମ ଜପଇ । ମନୀଷା କରେ ଅଛୁଟି ପ୍ରକାଶ ଯହିଁ ॥ ୨୧
ବିଜନିତ ଶୋକପୂର୍ଣ୍ଣ ଗୃହେଁ ଅଶାରେ । ସେବି ଶେଷରଞ୍ଜନ ହର ନାହିଁ ସ୍ମରେ ॥୨୨
ନୀରଜନିକରେ ସେ ଶୟନ ରଚନା । ଈଶିବାରେ ସ୍ତୁତି ଗିରେ କରେ ଅର୍ଚ୍ଚନା ॥୨୩
ବ୍ୟଜନ ରସିତ ଉପକରଣୀ ଜାଲେ । ଉତପନ୍ନ ଗର ବୁଦ୍ଧି ଅବ୍ଜ ମୃଣାଳେ ॥ ୨୪
ରସନିଧି ପ୍ରତିମା ସେ ତାହାର ହେଲେ । ବିକା ହେବି ଭାବଲସ୍ତ ବାଣୀ ଶୁଣିଲେ ॥୨୫

୨୨—ବିଜନିତ (ବିଶେଷରେ ଜାତ) ଶୋକରେ ପୂର୍ଣ୍ଣହୋଇ ଅଶାରେ (ଜଳ-ଧାରାରେ) ଗୃହାନ୍ତି । ଶେଷରଞ୍ଜନ (ବାସୁକି ଭୂଷଣ) ହର (ଶିବଙ୍କୁ) ସେବି ନାହିଁ ନାହିଁ ବୋଲି ସ୍ମରଣ କରନ୍ତି ।
ପୂର୍ଣ୍ଣଶୋକ ଜନିତ ହେବାରୁ ଅଶାରେ (ଖଗମାନଙ୍କୁ) ଗୃହାନ୍ତି । ଯାହାଙ୍କର କଣ୍ଠ ଶେଷରେ ଓ ନେତ୍ର ହର (ସୂର୍ଯ୍ୟରେ) ସରଞ୍ଜନ ଏମନ୍ତ ଯେ ଶିବ ତାଙ୍କୁ ନାହିଁ ନାହିଁ ବୋଲି ସ୍ମରଣ କରନ୍ତି ।
ନିତ (ନିତ୍ୟ) ପୂର୍ଣ୍ଣଶୋକ ହୋଇ ଅଶା କରି ଗୃହାନ୍ତି, ଶେଷ ରଞ୍ଜନ (ଅନୁଗ୍ରହ ପୂର୍ଣ୍ଣ) ହର (ଶିବଙ୍କୁ) ନାହିଁ ନାହିଁ ବୋଲି ସ୍ମରଣ କରନ୍ତି ।

୨୩—ସେ ନୀରଜ ନିକରେ (ପଦ୍ମ ସମୂହରେ) ଶୟନ ରଚନା କରନ୍ତି । ସ୍ତୁତି-ଗିରେ ଈଶ କହୁଁ ଈଶିବାରେ (ଈଶି ସମୂହରେ) ଶିବଙ୍କ ଅର୍ଚ୍ଚନା କରନ୍ତି ।
ସେ ରଜନୀକରେ (ଧୂଳିରେ) ଶୟନ ରଚନା କରନ୍ତି । ସ୍ତୁତିଗିରେ ଶିବାରେ (ପାର୍ବତୀଙ୍କି) ଅର୍ଚ୍ଚନା କରନ୍ତି ।
ସେ ଶୟନ ରଚନା କରି ଶୋକରୁ କରେ (ଜଳକୁ—ଅଶ୍ରୁକୁ) ଜନି (ଜାତ) କରନ୍ତି । ବାରେ (ବାର ମାନଙ୍କରେ) ସ୍ତୁତିଗିରେ ଦେବତାଙ୍କୁ ଅର୍ଚ୍ଚନା କରନ୍ତି ।

୨୪—ବିରହ ତାପରୁ ଉପକରଣ ଜାଲେ (ଉପକାରୀ ସାମଗ୍ରୀ ସମୂହ ମଧ୍ୟରେ) ବ୍ୟଜନ (ବିଞ୍ଚଣାରେ) ରସିଲେ ଅବ୍ଜ (ପଦ୍ମ) ଏବଂ ମୃଣାଳରେ ଗର (ବିଷ) ବୁଦ୍ଧି ଉତ୍ପନ୍ନ ହେଲା ।
ଯେଉଁ ଶୀତକାଳରେ ଲୋକେ ଶୀତୋପକରଣରେ ରସିଲେ ସେ କାଳେ ଅବ୍ଜ (ପଦ୍ମ) ମୃଣାଳ (ବେଣାଚେରରେ) ତପନ (ସୂର୍ଯ୍ୟ) ଏବଂ ଗର (ବିଷ) ବୁଦ୍ଧି ହେଲା ।
ଉପକରଣ ସମୂହରେ ଅଜ ନ ରସିତ (ରସିଲେ ନାହିଁ ଅବ୍ଜମୃଣାଳରେ (ପଦ୍ମ ନାଡ଼ରେ) ପନ୍ନଗର [ସର୍ପର] ବୁଦ୍ଧି ଜାତ ହେଲା ।

୨୫—ସେ ରସନିଧି [ରସପୂର୍ଣ୍ଣ] ପ୍ରତିମା, ମୁଁ ତାହାର ହେଲେ ଏବଂ ଭାବଲସ୍ତ (ଭାବମିଶ୍ରିତ) ମୋ ବାଣୀ ସେ ଶୁଣିଲେ ମୁଁ ବିକାହେବି, ଏହା ପରସ୍ପର ଭାବିଲେ ।

ବିପ୍ର ବରଣ କରିବା ମାନସେ ଚିନ୍ତି । ଉପଗୁରୁ ବାର୍ତ୍ତା ଏ କଥାରେ ଆରତି ॥ ୨୬
ସୁବାସ ସୁମନେ ପାଶ ହେବାରେ ଧାଇଁ । ଉପାହୃତ ରସନିଧି ସର୍ବଦା ସେହି ॥ ୨୭
ନବରସଜ୍ଞାତା ନାହିଁ ସଙ୍ଗ ତାହାର । ସହିତ ରସରେ ଯୁକ୍ତ ଅନୁକ୍ଷଣର ॥ ୨୮

ସେ ସନ୍ନିଧି (ଐଶ୍ୱର୍ଯ୍ୟ ଯୁକ୍ତ) ପ୍ରତିମା ମୁଁ ତାହାର ହେବଲ ଏବଂ ଭାବଲଯୁ ବାଣୀ ସେ ଶୁଣିଲେ ମୁଁ କି ହେବି ପରସ୍ପର ଏହା ଭାବିଲେ ।

ସେ ନିଧି ପ୍ରତିମା ମୁଁ ତାହାର ହେଲେ ଏବଂ ବାଣୀ ଶୁଣିଲେ ଭାବଲଯୁ (ଭାବମୋହିତ) ହେବି ବଟୁରିଲେ ।

୨୬—ଦେବାର୍ଚ୍ଚନା ନିମିତ୍ତ ବିପ୍ର (ବ୍ରାହ୍ମଣ) ବରଣ କରିବାକୁ ମନରେ ଚିନ୍ତା କଲେ । ଋତ୍ୱିମାନର ଉପଗୁରୁ କେବଳ ବାର୍ତ୍ତା (ପୁରୁଷର ସ୍ତ୍ରୀ ଏବଂ ସ୍ତ୍ରୀର ପୁରୁଷ ବାର୍ତ୍ତା) ଏହି କଥାରେ ଆର୍ତ୍ତିଯୁକ୍ତ ହେଲେ ।

ପଟସ୍ପଟକୁ ପାଇଲେ କେବଳ ପ୍ରବରଣ (ଶୀତ ବସ୍ତ୍ର) ପ୍ରାପ୍ତ କରିବାକୁ ମନରେ ଚିନ୍ତା କରନ୍ତି । ବାର୍ତ୍ତା ପଟ୍ଟର ଏହି କଥାରେ କେବଳ ଆର୍ତ୍ତିଯୁକ୍ତ ହୋଇଛନ୍ତି ।

ବରଣ କରିବା ବିଷୟ କେବଳ ମନରେ ଚିନ୍ତନ୍ତି ଏବଂ ଗୁରୁବାର୍ତ୍ତା କଣ ଏହି କଥାରେ ଆର୍ତ୍ତିଯୁକ୍ତ ହୋଇଛନ୍ତି ।

୨୭—ସୁବାସ ସୁମନେ (ବାସନା ଯୁକ୍ତ ମାଳତୀ ପୁଷ୍ପସବୁ) ପାଶ ହେବାରେ (ନିକଟରେ ମିଶିବାକୁ) ସର୍ବଦା ଧାଇଁଲେ—ସେହି ରସନିଧି ସଙ୍ଗେ ଉପର ଉପାହୃତ (ମିଳନ) ହେବ ।

ବାସେ (ବସ୍ତ୍ରରେ) ସୁମନେ (ପୁଷ୍ପ ମାଳରେ) ପାଶବୃଦ୍ଧ ହେବାରେ ଧାଇଁଲେ ସର୍ବଦା ସେହି ରସନିଧି ପାହି (ଉଦ୍ଧାର କର୍ତ୍ତା) ତ ।

ସେ ସୁମନେ (ଉତ୍ତମ ମନରେ) ପାଶ ନିକଟ ହେବାକୁ ଧାଇଁଲେ ସର୍ବଦା ସେହି ରସନିଧି ହିତ ।

୨୮—ପୁରୁଷ ନବରସଜ୍ଞ (ନୂତନରସଜ୍ଞ) ସୁନ୍ଦରୀ ମୋର ତା ସଙ୍ଗ ନାହିଁ, ସ୍ତ୍ରୀ ମୋହର ନବରସଜ୍ଞାତା [ନବରସ ପଣ୍ଡିତ] ରାଜପୁତ୍ରଙ୍କ ସଙ୍ଗନାହିଁ, ଉପର ଅନୁକ୍ଷଣ ତାହାର ସହିତ ରସରେ ଯୁକ୍ତ ହେବ ।

କେବେ ତାହାର ସଙ୍ଗ ହେବ, ହିତ ହେବାର ସରେ ଅନୁକ୍ଷଣ ଯୁକ୍ତ ହେବ ଏ କଥା କହିବାକୁ ବର୍ତ୍ତାଜ୍ଞାତା (ବର୍ତ୍ତାମାନଙ୍କର କଥା ଜାଣିବା ଲୋକ) କେହିନାହିଁ ।

(ପୁରୁଷ) ସୁନ୍ଦରୀ ରସଜ୍ଞ ତା ସଙ୍ଗ ମୋର ନାହିଁ (ସ୍ତ୍ରୀ) ରସଜ୍ଞାତା ପୁରୁଷ ସଙ୍ଗ ମୋର ନାହିଁ । ଅତଏବ ଅନୁକ୍ଷଣ ତରସରେ (ଉଚ୍ଛନ୍ନତାରେ) ଯୁକ୍ତ ହୁଅନ୍ତି ।

ସକଳ ରଚନେ କଷ୍ଟ ତ୍ରିକାଳ ଛାନ୍ଦେ । ବସୁଦେବତୋଷଦାତା ଉପେନ୍ଦ୍ର ବନ୍ଦେ ॥ ୨୯
ବିଶେଷ ରସରେ ଇଚ୍ଛି ଲୁପ୍ତବର୍ଣ୍ଣର । ସୁମନରେ ମୋଦେ ତିନିଛାନ୍ଦ ବିଚାର ॥ ୩୦

ଷଡ଼ତ୍ରିଂଶ ଛାନ୍ଦ

ରାଗ—କୁମ୍ଭକାମୋଦୀ ।

ଶୁଣି ଗୁଣିବନ୍ତେ ପୁଣି ଏ ଚରିତ ପରମ ରହସ୍ୟ ।
ରହେ ବସି କହେ ସଚିବେ ମାଳିନୀନଗର-ନରେଶ ॥ ୧

ବରବରନାକୁ ବର କି କରିବା ବିସ୍ମୟ ମଗନେ ।
ବରଦ ନାରଦ ବୀଣାସ୍ୱନ ଶୁଭେ ଏକାଳେ ଗଗନେ ॥ ୨

୨୯—ବସୁଦେବ ତୋଷଦାତା (ଶ୍ରୀକୃଷ୍ଣଙ୍କୁ) ସୁକବି ଉପେନ୍ଦ୍ରଭଞ୍ଜ କଷ୍ଟ ତ୍ରିକାଳ ଛାନ୍ଦେ (ବର୍ଷା, ଶୀତ, ଗ୍ରୀଷ୍ମ ତିନିକାଳର ଛାନ୍ଦକୁ) ରଚନେ (ରଚନା କରିବାକୁ) ବନ୍ଦନା କରନ୍ତି ।
ସୁଦେବ ତୋଷଦାତା (ଉତ୍ତମ ରୂପେ ଦେବତା ମାନଙ୍କର ତୋଷଦାତା ରାମଚନ୍ଦ୍ର) । ଦେବ ତୋଷଦାତା (ବିଷ୍ଣୁ) ।

୩୦—ହେ ନରେ ! ସୁମନରେ (ଉତ୍ତମ ମନରେ) ମୋଦେ (ଆନନ୍ଦରେ) ଲୁପ୍ତ ବର୍ଣ୍ଣର (ଅକ୍ଷର ଲୋପର) ବିଶେଷ ତିନିଛାନ୍ଦକୁ ରସରେ ଇଚ୍ଛି ବିଚାର କର ।
ଖ୍ୟାତ, ମନରେ, ତରସେ (ଶୀଘ୍ର) ନରେ ।

୧—ହେ ଗୁଣିବନ୍ତେ ଏ ପରମରହସ୍ୟ ଚରିତ ପୁଣି ଶୁଣ, ମାଳିନୀନଗର (ଚମ୍ପାନଗରୀ) ନରେଶ ରହେ (ଏକାନ୍ତରେ) ବସି ସଚିବେ (ମନ୍ତ୍ରୀକୁ) କହେ ।

୨—ରାଜା ବିସ୍ମୟରେ ମଗ୍ନହୋଇ ବରବରନାକୁ ବରଣ କରିବା କି ଏହାଭାବୁଥିବା ବେଳେ ନାରଦ ବରଦ ହେଲେ ବୋଲି ଗଗନରେ ବୀଣାସ୍ୱନ ଶୁଭିଲା ।

ଗୁରଗଣ ବରଗଣି ଗଣକରେ ସୁଲଗ୍ନ ବିଖ୍ୟାତ ।
ରହିଲ କହିଲ ଯାଇ ମହିଳାକୁ ସଜନୀ ଏ ରୀତି ॥ ୩
ଗୃହଦଣ୍ଡୀ ଉପରେ ନୃପତିନନ୍ଦନୀ ସନ୍ଧ୍ୟାରେ ବସିଲା ।
ଚନ୍ଦ୍ରମାମଣ୍ଡଳ ଆଖଣ୍ଡଳଦିଗେ ଏମନ୍ତ ଦିଶିଲା ॥ ୪
ପୂର୍ବଦନ୍ତୀ ପୂର୍ବ କନ୍ଦରୀ-ଦରୀରୁ ବାହାର ବହରେ ।
ନଳିନବନ ମଳିନ କରି ପଙ୍କ-ଅଙ୍କିତ ଶରୀରେ ॥ ୫
ମହୋତ୍ପଳ କରେ ପୁଷ୍କରେ ବାଞ୍ଛିତ ଅମୃତପୃଷନ୍ତି ।
ସେହି ଭାବଳୀ ଟଳଟଳ ଯେ ପ୍ରତିଦେଶରେ ଦିଶନ୍ତି ॥ ୬
ନିଷ୍ଟପୃ ସେ ରାମରାଜା କଉଶିକ ଆନନ୍ଦ ଦେବାରେ ।
ସୁବେଳେ ଉଦିତ ଲକ୍ଷ୍ମଣେ ସହିତ ସେ ଋକ୍ଷ ସଙ୍ଗରେ ॥ ୭

୩—ଗଣକରେ ସୁଲଗ୍ନ (ଶୁଭ ସମୟ) ବିଖ୍ୟାତ ଗୁରଗଣଙ୍କୁ ବରଗଣି କଲେ (ଗୁରୁଅଡ଼କୁ ପଠାଇଲେ) । ଏ ରୀତିକି ସଜନୀ ଯାଇ ମହିଳାକୁ କହିଲା, ତାହା ରହିଲା (ପରେ ପ୍ରକାଶ ପାଇବ) ।

୪—ନୃପତି ନନ୍ଦନୀ (ରାଜକନ୍ୟା) ଗୃହଦଣ୍ଡୀ ଉପରେ ସନ୍ଧ୍ୟାସମୟରେ ବସିଲା, ଆଖଣ୍ଡଳଦିଗେ (ପୂର୍ବ ଦିଗରେ) ଚନ୍ଦ୍ରମାମଣ୍ଡଳ ଏମନ୍ତ ଦିଶିଲା ।

୫—ପୂର୍ବଦନ୍ତୀ (ଐରାବତହସ୍ତୀ) ପୂର୍ବ କନ୍ଦରୀ-ଦରୀ (ପୂର୍ବଦିଗସ୍ଥ ପର୍ବତର ଗୁହାରୁ) ବାହାରି ନଳିନବନ (ପଦ୍ମବନକୁ) ମଳିନକରି ପଙ୍କ ଅଙ୍କିତ ଶରୀରେ ବାହାରେ କି ? (ଏଠାରେ କଳଙ୍କ ପଙ୍କ ହେଲା) ।

୬—ହସ୍ତୀ ମହୋତ୍ପଳ କରରେ (ଥୋରହସ୍ତରେ) ପୁଷ୍କରେ (ପଦ୍ମପୁଷ୍କରେ) ଅମୃତପୃଷନ୍ତି (ଜଳବିନ୍ଦୁ) ବାଞ୍ଛଇ, ଏ ଚନ୍ଦ୍ର ମହୋତ୍ପଳ କରେ (ଶୁଭ୍ର କିରଣରେ) ପୁଷ୍କରେ (ଆକାଶରେ) ଅମୃତପୃଷନ୍ତି (ସୁଧାବିନ୍ଦୁକୁ) ବାଞ୍ଛୁଛି, ସେହି ସୁଧାବିନ୍ଦୁସବୁ ଭାବଳୀ (ଭ-ତାରକା-ଆବଳୀ-ସମୂହ) ପରି ଟଳଟଳ ହୋଇ ପ୍ରତିଦିଗରେ ଦିଶଇ ।

୭—ପୁଣି ସେ ଚନ୍ଦ୍ର, ନିଷ୍ଟପୃ ରାମରାଜା—ରାମ କୌଶିକ (ବିଶ୍ୱାମିତ୍ରଙ୍କୁ) ଆନନ୍ଦ ଦେଇଥିଲେ, ସୁବେଳପର୍ବତରେ ଉଦିତ ହୋଇ ଭ୍ରାତା ଲକ୍ଷ୍ମଣରେ ଓ ଋକ୍ଷ (ଭଲ୍ଲୁକମାନଙ୍କ) ସଙ୍ଗରେ ସହିତ ହୋଇଥିଲେ । ଏ ଚନ୍ଦ୍ର କୌଶିକ (ପେଚକମାନଙ୍କୁ) ଆନନ୍ଦ ଦେଉଛି, ସୁବେଳ (ଉତ୍ତମ ସମୟରେ) ଉଦିତ ହୋଇଛି, ଏବଂ ଋକ୍ଷ (ନକ୍ଷତ୍ରମାନଙ୍କ) ସଙ୍ଗରେ ଥାଇ ଲକ୍ଷ୍ମଣେ (କଳଙ୍କଚିହ୍ନରେ) ସହିତ ହୋଇଛି ।

ଅଧିକକର ପ୍ରତାପ ନାଶକର ହରିତ ପ୍ରକାଶ ।
ଏକ ବିଭୀଷଣ ଦରହର ରୁଚି ଜଗତ ଉଲ୍ଲାସ ॥ ୮
ସାଧୁ ବିଧୁନାମ ଦକ୍ଷିଣନାୟକ ଲକ୍ଷଣ ସଂପୂର୍ଣ୍ଣେ ।
ମେଷ ବୃଷ ଯୋଗେ ମିଥୁନ ସମ୍ଭୋଗେ କର୍କଟ ବିଧାନେ ॥ ୯
ସିଂହ ମଧ୍ୟ କନ୍ୟା ସୁବାସ ହରଣ ସନ୍ତାପବାରଣ ।
ତୁଳା-ବିଳାସିନୀ ବର୍ଗେ ଅଳି ରଙ୍ଗେ ସଙ୍ଗମ କାରଣ ॥ ୧୦
ଧନୁ ଗୁଣବନ୍ତେ ମକରକେତନେ ଉଚ୍ଛନ୍ନକରତା ।
କୁମ୍ଭକୁଚ ଗତ ମୀନ ଚକ୍ଷୁନେତ୍ରୀ ତାରକାରଞ୍ଜିତା ॥ ୧୧

୮—ରାମଚନ୍ଦ୍ର ହରି (ମର୍କଟମାନଙ୍କୁ) ପ୍ରକାଶ କରି ଅଧିକକର (ରାବଣର) ପ୍ରତାପ ନାଶ କରିଥିଲେ ଓ ବିଭୀଷଣର ଦରହର (ଭୟହାରୀ) ହୋଇ ରୁଚି (ଶୋଭାରେ) ଜଗତକୁ ଉଲ୍ଲାସ କରିଥିଲେ । ଏ ଚନ୍ଦ୍ର ଅଧିକକର (ସୂର୍ଯ୍ୟର) ପ୍ରତାପ (ତାପ) ନାଶକାରୀ ଅଟେ ହରିତ (ଦିଗମାନଙ୍କୁ) ପ୍ରକାଶ କରୁଛି, ଏ କବି (ଚକୋରପକ୍ଷୀର) ଭୀଷଣ ଦରହର (ଭୟହାରୀ) ଅଟଇ ଏବଂ ଏହାର ରୁଚି (ଦୀପ୍ତି) ଜଗତକୁ ଉଲ୍ଲାସ କରଇ ।

୯—ଚନ୍ଦ୍ରର ବିଧୁନାମ ସାଧୁ (ଉପଯୁକ୍ତ ଅଟେ, କାରଣ ବିଧୁ (ବିଷ୍ଣୁ) କୃଷ୍ଣାବତାରରେ ଲକ୍ଷଣ (ଅଷ୍ଟାଦଶ ବା ଦ୍ୱାତ୍ରିଂଶ ମହାପୁରୁଷଲକ୍ଷଣ) ସଂପୂର୍ଣ୍ଣ ରୂପେ ଧରି ଦକ୍ଷିଣନାୟକ (ବହୁଗୋପୀରେ ସମାନୁରାଗୀ) ହୋଇ ଯୋଗେ (ସୁଯୋଗ ଦେଖି) କାହାସଙ୍ଗେ ମେଷ କାହାସଙ୍ଗେ ବୃଷ କାହା ସଙ୍ଗେ କର୍କଟ ବିଧାନରେ ସମ୍ଭୋଗ କରିବାରେ ମିଥୁନ (ମିଳନ) ହୋଇଥିଲେ । ଏ ସମ୍ପୂର୍ଣ୍ଣେ (ପୂର୍ଣ୍ଣିସମୟରେ) ଲକ୍ଷ୍ମଣ (କଳଙ୍କ ଚିହ୍ନକୁ) ଧରିଛି । ବହୁ ନକ୍ଷତ୍ରପତି ହେତୁ ଦକ୍ଷିଣନାୟକ ଅଟେ, ବିଧାନେ (ବିଧିରେ) ମେଷ ବୃଷ ଯୋଗେ (ସହିତରେ) ମିଥୁନ କର୍କଟ ମାସକୁ ଭୋଗ କରଇ ।

୧୦—ଶ୍ରୀକୃଷ୍ଣ ସିଂହମଧ୍ୟା ଗୋପକନ୍ୟାମାନଙ୍କର ସୁବାସ (ବସ୍ତ୍ର) ହରଣ କରି ସନ୍ତାପ (କାମତାପକୁ) ବାରଣ କରିଥିଲେ ଏବଂ ସଙ୍ଗମ କାରଣରୁ ତୁଲ ବିଳାସିନୀ ବର୍ଗେ (ତୁଲ୍ୟ ବୟସୀମାନଙ୍କ) ସଙ୍ଗରେ ରଙ୍ଗରେ ଅଳି (କଟାଳ କରିଥିଲେ । ଏ ଚନ୍ଦ୍ର, ସିଂହ, କନ୍ୟା ମାସ ମଧ୍ୟରେ (ଶରତକାଳରେ) ହରଣ-ସୁବାସ (ଶୁକ୍ଳବର୍ଣ୍ଣର ଉତ୍ତମ ସ୍ଥାନ ଅତ୍ୟନ୍ତ ଉଜ୍ଜ୍ୱଳ) ହୁଏ । ସବୁଦିନେ ସନ୍ତାପ ବାରଣ କଲେ ଏବଂ ତୁଳା ଆଉ ଅଳି (ବିଛା) ମାସରେ ବିଳାସିନୀବର୍ଗେ (ତାରାଳୀରେ) ରଙ୍ଗେ ସଙ୍ଗମ (ମିଳନର) କାରଣ ହୁଅଇ ।

୧୧—ପୁଣି ସେ ବିଷ୍ଣୁ ରାମବତାରରେ ଧନୁ ଗୁଣବନ୍ତେ (ଶିବଧନୁକୁ ଗୁଣଯୁକ୍ତ କରନ୍ତେ) କୁମ୍ଭକୁଚଗତ (ଗଜଗାମିନୀ) ମୀନ ଚକ୍ଷୁନେତ୍ରୀ ତାରକାରଞ୍ଜିତା

ରମ୍ୟମୂର୍ତ୍ତି ପକ୍ଷୀ ଅକ୍ଷ ବିମୋହନ ପାଷାଣ ଦ୍ରବାଇ ।
ପାଦ ପରଶେ ହରଷେ ବିକଶିତ ଲତିକା କରାଇ ॥ ୧୨
ଅନ୍ତର ସେ ଅସୁନ୍ଦରୀକି ସୁନ୍ଦରୀ କରି ଯେ ରମିତ ।
କରେ ରଜନୀକି ରଞ୍ଜନୀ କରି ଏ ପ୍ରକାଶେ ତେମନ୍ତ ॥ ୧୩
ଗୃହି ଏ ସମୟ ହୋଇ ଭ୍ରମମୟ ହୋଇଲେ ଚତୁରୀ ।
ବାଣୀ ବାଣୀକାରେ ରଚନା କଲା ସେ ଅଶେଷ ଗୃଢ଼ୁରୀ ॥ ୧୪
ପତି କରିବା ମତି କରି ମୋ ନେତ୍ରସମ୍ପତ୍ତି ପୁଂସକୁ ।
ଜଗତୀ ଯୁବତୀ ରୂପ ଧରି ରଚି ସୁଜ୍ୟୋତି ବେଶକୁ ॥ ୧୫
ଦେଖ ମୁଖ ଶୋଭା କରୁଛି କସ୍ତୁରୀତିଳକ ମକରୀ ।
ମଣ୍ଡିଛି ନାସେ ମୁକୁତା ମୋତିଜାଲି ଚିକୁରେ ମାଧୁରୀ ॥ ୧୬

(ତାରକା ପରି ରତ୍ନହାରରେ ଶୋଭିତା) ସୀତାଙ୍କ ମକରକେତନେ (କାମରେ) ଉଚ୍ଛନ୍ନକାରୀ ହୋଇ ଥିଲେ । ଏ ଗୁଣବନ୍ତେ (ଲାବଣ୍ୟ-ମୟୂରୂପରେ) ଧନୁ, ମକର, କୁମ୍ଭ ମୀନ ମାସରେ ଯୁକ୍ତ ଓ ତାରକା-ରଞ୍ଜିତ ହୋଇ ଉଦୟ ଅସ୍ତ ଗତିକରି ମକରକେତନେ (କାମଦ୍ୱାରା) ବିରହୀମାନଙ୍କୁ ଉଚ୍ଛନ୍ନ କରଇ ।

୧୨—ସେ ରମ୍ୟ ମୂର୍ତ୍ତିରେ (ମନୋହର ରୂପରେ) ପକ୍ଷୀ (ଜଟାୟୁର) ଅକ୍ଷ (ଆଖିକୁ) ମୋହିତ କରିଥିଲେ । ପାଦସ୍ପର୍ଶରେ ପାଷାଣ (ପଥର ହୋଇ-ଥିବା ଅହଲ୍ୟାକୁ) ଦ୍ରବାଇ ଥିଲେ । ଲତିକାକୁ ହର୍ଷରେ ଦୋହଦ-ଦେଇ ବିକଶିତ କରାଇ ଥିଲେ । ଏ ରମ୍ୟ ମୂର୍ତ୍ତିରେ ପକ୍ଷୀ (ଚକୋର) ଆଖିକୁ ମୋହିତ କରୁଛି । ପାଷାଣ (ଚନ୍ଦ୍ରକାନ୍ତ ମଣିକୁ) ଦ୍ରବାଉଛି, ଏବଂ ପାଦ (କିରଣ) ସ୍ପର୍ଶରେ ଲତିକାକୁ ହର୍ଷରେ ବିକଶିତ କରାଉଛି ।

୧୩—ଅନ୍ତର ମଧ୍ୟ ସେ କୃଷ୍ଣ ଅସୁନ୍ଦରୀ (କୁବ୍‌ଜାକୁ) ସୁନ୍ଦରୀ କରି ସେପରି ରମିତ (ଆନନ୍ଦିତ) ହୋଇଥିଲେ ତେମନ୍ତ ଏ ରଜନୀ (ରାତିକୁ) ରଞ୍ଜନୀ (ଆନନ୍ଦଦାୟିନୀ) କରି ପ୍ରକାଶ ପାଏ ।

୧୪—ଚତୁରୀ ହେଲେହେଁ ରାଜଜେମା ଏ ସମୟକୁ (ଚନ୍ଦ୍ରମା ରାତିକୁ) ଗୃହି ଭ୍ରମ ମୟ ହୋଇଲେ (ବାଉଳା ହେଲେ) ଏବଂ ବାଣୀକାରେ ସେ ଅଶେଷ-ଗୃଢ଼ୁରୀପୂର୍ଣ୍ଣବାଣୀ ରଚନା କଲା ।

୧୫—ଜଗତୀ (ସଂସାର) ମୋ ନେତ୍ର ସମ୍ପତ୍ତି ପୁଂସକୁ ପତିକରିବା ମତି (ମନ) କରି ଯୁବତୀ ରୂପଧରି ସୁଜ୍ୟୋତି ବେଶକୁ ରଚିଛି ।

୧୬—ଦେଖ ଚନ୍ଦ୍ର ରୂପ ମୁଖଟିର କଳଙ୍କରୂପ କସ୍ତୁରୀ ତିଳକ ଓ ମକରୀ (ଗଣ୍ଡଚିତ୍ର) ଶୋଭା କରୁଛି । ନାସାରେ ମୁକୁତା (ଶୁକ୍ରତାରା) ଚିକୁରେ (ଆକାଶରୂପ କେଶରେ) ମୋତିଜାଲି ଅନ୍ୟାନ୍ୟ ନକ୍ଷତ୍ରମାଳା ମଣ୍ଡିଛି ।

ଖଞ୍ଜିଛୁ ଉଚ୍ଚକୁଚରେ ସୁସଞ୍ଚରେ ସୁନୀଳଚେ଼ାହଳିକା ।
ରଞ୍ଜିଛୁ ଚାନ୍ଦ ରଜତ-ଜରି ଫୁଲ ତହିଁରେ ଝଳକା ॥ ୧୭
ମଧୁରଗୋରୀ ପଞ୍ଚମସ୍ୱର ଧରି ବଚନ ପ୍ରଚୁର ।
କରେ ଅଭିସାର ବିପ୍ରଲବ୍ଧା କେହି ହୋଇବ ଚତୁର ॥ ୧୮
ସଖୀ କହିଲା ଏମନ୍ତ ନୋହି ବରବର୍ଣ୍ଣିନୀ ତୁ ଘେନ ।
ପୂର୍ଣ୍ଣେନ୍ଦୁ ଲାଞ୍ଛନ କବି ତାରକାରେ ଗଗନ ମଣ୍ଡନ ॥ ୧୯
ଗିରି ମଞ୍ଜରୀ କାରଣ ନାଚି ପିକଧ୍ୱନିରେ ଶୋଭିତ ।
ଯାହା ନାଥ ପାର୍ଥସାରଥି ସେ ଆନେ ହୋଇ କି ଲୋଭିତ ॥ ୨୦
ପତି ପ୍ରାପତି ନୋହୁଁତ ସପତ୍ନୀରେ ତୋ ଏଡ଼େ ଈରଷା ।
ମହୀମଣ୍ଡନାରେ ମହୀ କରୁଛି ଯେ ବଲ୍ଲଭପ୍ରତ୍ୟାଶା ॥ ୨୧
ବୃଥା କଥାକୁ କି ବ୍ୟଥା ଶଚୀକଳା ବୋଇଲା ତ୍ୱରିତ ।
ତାରାଭୋଗୀ ଇନ୍ଦୁ କଇରବବନ୍ଧୁ ଯଥା ଏ ତେମନ୍ତ ॥ ୨୨

୧୭—ସୁନୀଳ ଚେ଼ାହଳିକା (ଲତାରୂପ କାଞ୍ଚଲାକୁ) ପୂର୍ବଦିଗସ୍ଥ ପର୍ବତ ରୂପ ଉଚ୍ଚ କୁଚରେ ସୁସଞ୍ଚରେ ଖଞ୍ଜିଛୁ । ତହିଁରେ (ଲତାରୂପ କାଞ୍ଚଲାରେ) ରଜତ ଜରି ଫୁଲ (, ଚନ୍ଦ୍ରକିରଣ ରୂପ ରୁପାଜରି ନିର୍ମିତ ଫୁଲ) ଚାନ୍ଦ (ବିଚିତ୍ର ଭାବରେ) ରଞ୍ଜିଛୁ (ଖଞ୍ଜିଛୁ),ତାହା କି ସୁନ୍ଦର ଝଳ (ଶୋଭା ପାଉଛୁ) ।

୧୮—ମଧୁର ଗୋରୀ (ରଜନି) ପଞ୍ଚମ ସ୍ୱରଧରି (ପିକ ସ୍ୱରରୂପ) ବଚନ ପ୍ରଚୁର କରେ, ଏ ରଜନି ମୋ ପତି ପାଖକୁ ଅଭିସାର କରୁଛୁ, କିପରି ବିପ୍ରଲବ୍ଧା (ଯେଉଁ ନାୟିକା ସଙ୍କେତ ସ୍ଥାନରେ ନାୟକକୁ ନ ଦେଖି ହତାଶ ହୁଏ) ହେବ ତହିଁର ଚତୁର କେହି କର ।

୧୯—ସଖୀ କହିଲା—ରେ ବରବର୍ଣ୍ଣିନା ! ଏମନ୍ତ (ତୋ କହିବାନୁରୂପ) ନୋହେ ତୁ ଏହା ଘେନ (ମନେକର) ଗଗନ ପୂର୍ଣ୍ଣେନ୍ଦୁ (ପୂର୍ଣ୍ଣଚନ୍ଦ୍ର) ଲାଞ୍ଛନ (କଲଙ୍କ) କବି, (ଶୁକ୍ରତାର) ତାରକାରେ ମଣ୍ଡିତ ହୋଇଅଛୁ ।

୨୦—ଗିରି, ମଞ୍ଜରୀ (ଲତା) କାରଣ ଓ ପିକ ଧ୍ୱନିରେ ନାଚି ଶୋଭିତ ହୋଇ ଅଛୁ । ଯାହାର (ଯେଉଁ ପୃଥିବୀର) ନାଥ (ସ୍ୱାମୀ) ପାର୍ଥସାରଥି (ଶ୍ରୀକୃଷ୍ଣ) ସେ ଆନେ ଲୋଭିତ ହୁଅଇ କି ?

୨୧—ରେ ମହୀ ମଣ୍ଡନା ! ପତି ପ୍ରାପତି (ଲାଭ) ନୋହୁଣୁ ତୋର ସପତ୍ନୀରେ ଏଡ଼େ ଈର୍ଷା । ମହୀ (ପୃଥିବୀ) ସେ ରାଜକୁମାରଙ୍କୁ ବଲ୍ଲଭ କରିବାକୁ ପ୍ରତ୍ୟାଶା କରୁଛି ଯେ ।

୨୨—ଶଚୀକଳା (ସଖୀ) ତ୍ୱରିତ (ଶୀଘ୍ର) ବୋଇଲା । ବୃଥା କଥାକୁ ବ୍ୟଥା କାହିଁକି । ଯଥା ତାରାଭୋଗୀ ଇନ୍ଦୁ (ତାରାପତି ଚନ୍ଦ୍ର) କଇରବବନ୍ଧୁ (କୁମୁଦବନ୍ଧୁ) ସେହିପରି ସେ ପୃଥିବୀ ପତି ହେଲେହେଁ ତୋହର ବଲ୍ଲଭ ହେବେ ।

ଏକାଳେ ହଂସଜା-ବୀଚି-କେଶୀ ପାଶେ ହଂସଜା ହୋଇଲା ।
ଚାରୁ ଲୋଚନାରେ ଶୋଚନା ରଚନା ନ କର ବୋଇଲା ॥ ୨୩
ଶୁଣିଲି ନୃପତି ମନ୍ତ୍ରୀ ଭାଳୁଥିଲେ ତୋ ବିଭା ବିଷୟ ।
ଧାତା-କୁମର ମହତୀନାଦେ ହତ କଲେ ସେ ସଂଶୟ ॥ ୨୪
ଶୁଭିଲା ସ୍ୱନ ଏସନ ତୋ ନଗରେ ଭ୍ରମିବ କୁରଙ୍ଗେ ।
ଜାଣ ସେହି ବର ଯେ ତାର ଚାମର ହରିବ ସୁରଙ୍ଗେ ॥ ୨୫
ପାରିଜାତ ମାଳା ମଣ୍ଡିବ ତା ଗଳା ଏକାଳେ ଶୂନ୍ୟରୁ ।
ରାଜା ନିମନ୍ତ୍ରଣେ ଦୂତ ପ୍ରତିଦିଶେ ଗଲେଣି ରମ୍ଭୋରୁ ॥ ୨୬
ପ୍ରକଟ କଟକ ଜନମୁଖେ ଚିତ୍ରଚମରୀ ମିଳିତା ।
ପ୍ରଥମଯୁଗ କରାଇଲା ସେ ଶବ୍ଦେ ସଜନୀ ବାରତା ॥ ୨୭
ରାମା କପୋଳ ପୁଲକି ଝଲକିଲା ଅଳପ ସୁହାସ ।
ନସ-ମଣ୍ଡଳ ଚଳିଲା ଭଳି ଜାତ ହୋଇଲା ନିଶ୍ୱାସ ॥ ୨୮

୨୩—ଏକାଳେ ହଂସଜା ବୀଚିକେଶୀ (ଯମୁନା ଲହରୀ ସଦୃଶ କୁଞ୍ଚିତ କେଶୀ) ରାଜଜେମା ପାଶେ ହଂସଜା (କାଦମ୍ବିନୀ) ସଖୀ ବୋଇଲା, ରେ ଚାରୁ-ଲୋଚନା, ତୁ ଶୋଚନା (ଶୋକ) ରଚନା ନକର ବୋଲି ବୋଇଲା ।

୨୪—ମୁଁ ଶୁଣିଲି ନୃପତିମନ୍ତ୍ରୀ (ରାଜମନ୍ତ୍ରୀ) ତୋ ବିଭା ବିଷୟ ଭାଳୁଥିଲେ, ଧାତା କୁମର (ନାରଦ) ମହତୀ (ବୀଣା) ନାଦରେ ସେ ସଂଶୟକୁ ଦୂର କଲେ ।

୨୫—ଆକାଶରୁ ଏସନ ବୀଣାସ୍ୱନ ଶୁଭିଲା, ତୋ ନଗରେ କୁରଙ୍ଗେ (ହରିଣଟିଏ) ଭ୍ରମିବ, ଯେ ତାହାର ଚାମର ସୁରଙ୍ଗେ (ଲୀଳାରେ) ହରିବ, ସେହି ବର ଏହି ଜାଣ ।

୨୬—ଏକାଳେ ଶୂନ୍ୟରୁ ପାରିଜାତ ମାଳା ଆସି ତା ଗଳା ମଣ୍ଡିବ, ରେ ରମ୍ଭୋରୁ ରାଜାମାନଙ୍କୁ ନିମନ୍ତ୍ରଣ କରିବାକୁ ଦୂତମାନେ ପ୍ରତିଦିଗକୁ ଗଲେଣି ।

୨୭—ଏହି ସମୟରେ କଟକ ଜନ (ନଗର ଲୋକଙ୍କ) ମୁଖରେ ଚିତ୍ର ଚାମରୀ (ଆଶ୍ଚର୍ଯ୍ୟ ଚାମରୀମୃଗ) ମିଳି (ପହୁଞ୍ଚିଲା) ଏହି ବାରତା ପ୍ରକଟ ହେଲା । ସେ ଶବ୍ଦ ସଜନୀ (କାଦମ୍ବିନୀ) ବାରତାକୁ ପ୍ରଥମ ଯୁଗ (ସତ୍ୟ କରା-ଇଲା) ।

୨୮—ଏଥିରେ ରାମାର କପୋଳ (ଗଣ୍ଡସ୍ଥଳ) ପାପୁଲି (ରୋମାଞ୍ଚିତ ହୋଇ) ମୁଖରେ ଅଳ୍ପ ସୁହାସ ଝଲକିଲା ଏବଂ ନାସାମଣ୍ଡଳ ଚଳିଲା ଭଳି ଦୀର୍ଘନିଶ୍ୱାସ ଜାତହେଲା ।

ଜାଣିଲା ବାଣୀକା ଗୁଣିଲା ମଳିଲା ହରଷ ବିରସେ ।
ସେହି କୁମର ଶୃମର ଛିନ୍ନାଇବ ଭଣିଲା ରଭସେ ॥ ୨୯
କଲେ ବିଚାର ପ୍ରଚୁର ପୁଂସ-ଚର କେମନ୍ତେ ଜାଣିବ ।
ସଙ୍କେତୁଁ ପୁଷ୍ପକେତୁ ଯୁବରାଜକୁ ଏ ପୁରେ ଆଣିବ ॥ ୩୦
ରମଣୀ ଉରଗ ମଣି ଯେ ଉରରୁ ବାହାର ହାରକୁ ।
କରିଥିଲା ଛନ୍ଦେ କି ମୃଗଲକ୍ଷ୍ମେନେ ନ ପାଇ ଦେବାକୁ ॥ ୩୧
ସୁଜାଣ ବୟସୀ ଭାଷିଲେ ରେ ନବବୟସୀରତନ ।
ଲଭିଲୁଁ ତୁ ତାହା ବଲ୍ଲଭୀ ହେବାର ଉଦ୍ୟମି ଏମାନ ॥ ୩୨
ସାରିଲେ କାମିନୀ ଜାଗରେ ଯାମିନୀ ଆରତ ପ୍ରଚୁରେ ।
ଆଦିତ୍ୟ ଉଦିତ ଜଗତ ମୋଦିତ ସମସ୍ତ ପ୍ରକାରେ ॥ ୩୩
ତାପ ଘନ ଅପସର ଚୟଙ୍କର ଯା କର ସ୍ପରଶେ ।
ତ୍ରାରୀଭୂଷଣ ଅନେକ ନେତ୍ର ସୁଖଦାୟକ ହରି ସେ ॥ ୩୪

୨୯—ବାଣୀକାସଖୀ ଏ ଲକ୍ଷଣରୁ ଗୁଣି (ଗଣନାକରି) ଜାଣିଲା ଯେ ବିବାହ କାର୍ଯ୍ୟ ନିକଟରେ ହେବ ତେଣୁ ହର୍ଷରେ ଏବଂ କାଳେ ସେ ରାଜ କୁମାର ମୃଗ ଚର୍ମର ଛେଦନରେ ଅସମର୍ଥ ହେବେ ବୋଲି ବିଷାଦରେ ମଳିଲା, ରଭସେ (ଶୀଘ୍ର) ଭଣିଲା,—ସେହି କୁମାର ଚର୍ମର ଛିନ୍ନାଇବ ।

୩୦—ପୁଂସଚର (ପୁଷ୍ପପୁରରୁ ଆସି ମାଳିନୀ ଘରେଥିବା ରାଜକୁମାରର ଦୂତମାନେ) ବିଚାର ପ୍ରଚୁର କଲେ ଯେ ପୁଷ୍ପକେତୁ କେମନ୍ତେ ସଂକେତରୁ ଏହା ଜାଣିବ ଏବଂ କପଟ ସେହି ରାଜକୁମାରକୁ ଅମ୍ଭେମାନେ ଏ ପୁରର ଆଣିବା ।

୩୧—ରମଣୀ ଯେଉଁ ମଣିହାରକୁ ବିରହତାପହେତୁ ଉରଗ (ସର୍ପ) ମଣି ଉରରୁ ବାହାର କରିଥିଲେ, ତାକୁ ସଖୀମାନଙ୍କୁ ପୁରସ୍କାର ଦେବାକୁ ଛନ୍ଦେ (ଚଞ୍ଚଳ ହୋଇ) ଖୋଜି ମୃଗ ଲକ୍ଷ୍ମେନେ (ଚନ୍ଦ୍ରକିରଣରେ) ନ ପାଇଲା । ମଣିହାର ଚନ୍ଦ୍ର କିରଣରେ ମିଶିଯିବାରୁ ହଠାତ୍ ଦେଖାଗଲା ନାହିଁ ।

୩୨—ସୁଜାଣ ବୟସୀ (ଚତୁର ସଖୀମାନେ) ଭାଷିଲେ, ରେ ନବ ବୟସୀ-ରତନ ! ଅମ୍ଭେ ଲଭିଲୁଁ (ପାଇଲୁଁ ଯେ), ତୁ (ପୁଷ୍ପପୁର ରାଜପୁତ୍ରର) ବଲ୍ଲଭୀ ହେବାକୁ ଅମ୍ଭେମାନେ ଉଦ୍ୟମି ହେବାରୁ ତୁ ଏ ମାନ (ଏପରି ପୁର-ସ୍କାର ଦେଉଛୁ) ।

୩୩—ସମସ୍ତେ ଏହିପରି କାମିନୀର ଆର୍ତ୍ତି ହେବା କଥା ପ୍ରଚୁର କରି ଜାଗରେ (ଉଜାଗର ହୋଇ) ଯାମିନୀ ସାରିଲେ (ରାତ୍ରି ପ୍ରଭାତହେଲା) ଆଦିତ୍ୟ (ସୂର୍ଯ୍ୟ) ଉଦିତହେବାରୁ ଜଗତ ସମସ୍ତ ପ୍ରକାରେ ମୁଦିତ (ଆନନ୍ଦିତ) ହେଲା ।

୩୪—ସେ ହରି (ସୂର୍ଯ୍ୟ ଓ ଇନ୍ଦ୍ର) ଯାହାଙ୍କର (ଇନ୍ଦ୍ରଙ୍କର) କର (ହସ୍ତ ସ୍ପର୍ଶରେ) ଅପ୍‌ସର ଚୟ (ଅପ୍‌ସରା ସମୂହର) ତାପ (କାମକ୍ଲେଶ) ଘନ

ମନୋହର ମୃଗଧର ଅସ୍ତବ୍ୟସ୍ତ କ୍ଷଣକେ କର ସେ ।
ଦନ୍ତିକ ବଦାର ବହର ସରକ୍ତ ଶରୀରେ ହର ସେ ॥ ୬୫
ମନ୍ଦ ଜୀବ ତୋଷ-ଦାମୀ କାଲ-ଦଣ୍ଡେ ପ୍ରତିଭା ଧର ସେ ।
ସ୍ୱଭାବେ ଦକ୍ଷିଣ ବିରାଜିତ କର ନିଷ୍ଠପୂ ହର ସେ ॥ ୬୬
ରଥସ୍ଥିତ ପକ୍ଷୀବର ପୁଣି ତମଖଣ୍ଡନକାରୀ ସେ ।
ଦୀନବନ୍ଧୁ ନାମ ଜଳଜଧାରଣ ପ୍ରମାଣ ହର ସେ ॥ ୬୭

(ଘ୍ନ-ନଷ୍ଟ) ହୁଅଇ, ଯେ ପ୍ରାଚୀ ଭୂଷଣ (ପୂର୍ବଦିଗର ଅଧିପତି) ଅନେକ ନେତ୍ର (ସହସ୍ରାକ୍ଷ) ଏବଂ ସମସ୍ତଙ୍କର ସୁଖଦାୟକ । ଯାହାଙ୍କର (ଯେଉଁ ସୂର୍ଯ୍ୟଙ୍କର) କର (କିରଣ) ସ୍ପର୍ଶରେ ଚକ୍ରଙ୍କର (ଚକ୍ରବାକ ପକ୍ଷିଙ୍କର) ଘନ (ନିବିଡ଼) ତାପ (ବିଚ୍ଛେଦ କ୍ଳେଶ) ଅପସରି ଯାଏ (ଦୂରହୁଏ), ସେ ପ୍ରାଚୀ ଭୂଷଣ (ପୂର୍ବାକାଶରେ ଉଦିତ ହୋଇ) ଅନେକ ପ୍ରାଣିଙ୍କର ନେତ୍ର ସୁଖଦାୟକ ହୋଇଛନ୍ତି ।

୬୫—ପୁଣି ସେ ସୂର୍ଯ୍ୟ ହରି (ସିଂହ), ଯଥା ସିଂହ ମନୋହର ମୃଗଧର ହୋଇ କ୍ଷଣକେ ସେମାନଙ୍କୁ ଅସ୍ତବ୍ୟସ୍ତ କରେ ଓ ଦନ୍ତିକ (ହସ୍ତୀକୁ) ବିଦାରି ସରକ୍ତ ଶରୀରରେ ବିହାର କରେ ସେହିପରି ଏ ସୂର୍ଯ୍ୟ ମନୋହର ମୃଗଧର (ଚନ୍ଦ୍ରକୁ) କ୍ଷଣକେ ଅସ୍ତବ୍ୟସ୍ତ କରି ପୂର୍ବ ଦିଗ ଦନ୍ତିକ ବିଦାରି ସରକ୍ତ (ଲୋହିତବର୍ଣ୍ଣ) ଶରୀରରେ ବିହାର କରୁଛନ୍ତି ।

୬୬—ସେ (ସୂର୍ଯ୍ୟ) ହରି (ଯମ) ଏହା ନିଷ୍ଠପୂ କର, ଯମର ନାମ ମନ୍ଦ, ସେ ଜୀବ ତୋଷ ଦାମୀ (ପ୍ରାଣିମାନଙ୍କର ଆନନ୍ଦ ଖଣ୍ଡ କାରୀ), କାଲଦଣ୍ଡେ (ମୃତ୍ୟୁଦଣ୍ଡ ଆୟୁଧ ଧରିବାଦ୍ୱାରା) ପ୍ରତିଭା (ପ୍ରଭାବକୁ) ଧରିଛନ୍ତି ଏବଂ ସ୍ୱଭାବରେ ଦକ୍ଷିଣ ବିରାଜିତ (ଦକ୍ଷିଣ ଦିଗରପତି) । ଏ ସୂର୍ଯ୍ୟ ମନ୍ଦଜୀବ (ଚକ୍ରମାନଙ୍କର) ତୋଷଦାମୀ, କାଲ ଦଣ୍ଡେ ଦଣ୍ଡପ୍ରଭୃତି କାଳରେ ପ୍ରତିଭା (ଦୀପ୍ତିକୁ) ଧରିଛନ୍ତି, ସ୍ୱଭାବେ ଦକ୍ଷିଣ ବିରାଜିତ (ଦକ୍ଷିଣାୟନରେ ଦକ୍ଷିଣରେ ପ୍ରକାଶିତ) ।

୬୭—ସେ ସୂର୍ଯ୍ୟ ହରି (ବିଷ୍ଣୁ) ଏହା ପ୍ରମାଣ । ପକ୍ଷିବର (ଗରୁଡ଼) ବିଷ୍ଣୁଙ୍କ ରଥ ସ୍ଥିତ ହୋଇଥାଏ, ପୁଣି ସେ ତମ (ରାକ୍ଷସ) ଖଣ୍ଡନ କାରୀ, ତାଙ୍କ ନାମ ଦୀନବନ୍ଧୁ, ଜଳଜ (ପଦ୍ମ)କୁ ସେ ଧାରଣ କରିଛନ୍ତି । ସୂର୍ଯ୍ୟଙ୍କର ପକ୍ଷିବର (ଅରୁଣ ରଥ ସ୍ଥିତ ପୁଣି ସେ ତମ ଖଣ୍ଡନ କାରୀ (ଅନ୍ଧକାର ଧ୍ୱଂସ କରି) ତାଙ୍କ ନାମ ଦିନବନ୍ଧୁ (ଦିବସ ବନ୍ଧୁ) ସେ ଜଳଜ ଧାରଣ (ପଦ୍ମଧାରୀ) ଅଟନ୍ତି ।

ଚତୁର କ୍ରମରେ ହର ପଞ୍ଚନାମ ଜାଣିମ ଭୂଲିଲେ ।
ଏ କାଳେ ସ୍ନାନେ ବେନି ସଖୀ ମାଳମ୍ମ-କାସାରେ ଚଳିଲେ ॥ ୩୮
ପୁରୁଷ-ଗୂଢ଼ପୁରୁଷ ବସିଅଛି ସେ କୂଳେ ଅକୁଳେ ।
ଯାହା ଦୃଷ୍ଟାନ୍ତର କହିଲା ଉତ୍ତର ପାଇଲା ଚପଳେ ॥ ୩୯
ଶୁଣିଲା ପର୍ବକା ଦେବାର ବିବାହ ନିର୍ବାହ ଚରିତ ।
ଘେନିଣ ସନ୍ଦେହ-ସନ୍ଦେଶ ସ୍ୱଦେଶେ ଚଳିଲା ତ୍ୱରିତ ॥ ୪୦
ଅଳ୍ପଦିନେ ନୃପନନ୍ଦନ ଭେଟିଲା ବିଳାସ-ବିପିନେ ।
ଜଳେ ପଦ୍ମ-ତଳ୍ପେ ଶୋଇ ବାଳା ନାମ ଉଲ୍ଲାସବିସ୍ମିନେ ॥ ୪୧
ତୁଷାର-ରଜ ଦେବାର ତୁଷାନଳ ପ୍ରକାରେ ତାପନ ।
ଭୂପେ ଅସ ବସ ଭୂଷ ରସନିଧି ଦର୍ଶନ ବିଧାନ ॥ ୪୨
କହେ ଫଳାଶନ ମଦନଶଳାକା କଥାର ଗୁରୁତ୍ୱ ।
ଘେନି ତନ୍ନିମିତ୍ତ ଅଣିଲା ବିଚିତ୍ର ବଶ ସେ ଚତୁର୍ଥ ॥ ୪୩

୩୮—ହେ ଚତୁର (ପ୍ରବୀଣ ବ୍ୟକ୍ତିମାନେ) ହର ଏହାର ପଞ୍ଚନାମ (ଇନ୍ଦ୍ର, ସିଂହ, ଯମ, ବିଷ୍ଣୁ ଓ ସୂର୍ଯ୍ୟ) କ୍ରମରେ ଭୂଲିଲେ ଜାଣିମ । ଏ କାଳେ ବେନିସଖୀ ସ୍ନାନେ (ସ୍ନାନ କରିବାକୁ) ମାଳମ୍ମ କାସାରେ (ପୁଷ୍କରିଣୀକୁ) ଚଳିଲେ ।

୩୯—ଜଣେ ଗୂଢ଼ପୁରୁଷ (ଦୂତ) ପୁରୁଷ ସେ ସରୋବର କୂଳରେ ଅକୁଳେ ବସିଅଛି । ଦୂତ ଦୃଷ୍ଟାନ୍ତ ଯାହା କହିଲା ତହିଁର ଉତ୍ତର ଶୀଘ୍ର ପାଇଲା ।

୪୦—ବିବାହ ନିର୍ବାହ (ସମ୍ପାଦନ ବିଷୟରେ) ଚରିତ ସବୁ ରାଜାମାନଙ୍କ ନିକଟକୁ ପର୍ବକାରେ ଦିଆଯାଇଥିବାର ଶୁଣିଲା । ସେ ଦୂତ ସନ୍ଦେହ ସନ୍ଦେଶ (ଯେ ମୃଗ ଗୃମର ଛିଣ୍ଡାଇବ ସେ ସୁନ୍ଦରୀର ପତିହେବ ଏ ବାର୍ତ୍ତା) ଘେନିଣ ତ୍ୱରିତ ଚଳିଲା ।

୪୧—ସେ ଦୂତ ଅଳ୍ପଦିନେ ବିଳାସ ବିପିନେ (କ୍ରୀଡ଼ା ଉଦ୍ୟାନରେ) ନୃପନନ୍ଦନକୁ ଭେଟିଲା ସେ ନୃପ ନନ୍ଦନ ପଦ୍ମତଳ୍ପେ (ପଦ୍ମପତ୍ର ଶଯ୍ୟାରେ) ଶୋଇ ଉଲ୍ଲାସ ବିସ୍ମିନେ (ବିରସରେ) ବାଳାନାମ ଜଳେ (କହୁ ହୁଅଇ) ।

୪୨—ସଖୀମାନେ ତାପନିବାରଣ ପାଇଁ ଯେଉଁ ତୁଷାର ରଜ (କର୍ପୂରଗୁଣ୍ଡ) ଦେଉଅଛନ୍ତି ତାହା ତୁଷାନଳ ପ୍ରକାରେ ତାପନ (ତାପଦାୟକ) ଦେଉଛି । ସେ ରାଜକୁମାର ଭୂପେ, ହେ ରସନିଧି ! ଅସ, ବସ, ଭୂଷ ଓ ଦର୍ଶନ ବିଧାନ କର ।

୪୩—ଫଳାଶନ (ଶୁକ) ମଦନ ଶଳାକା (ସାରୀ) ଏ ଦୁହେଁ ଚମ୍ପା ପୁରସ୍ଥ ଲବଙ୍ଗ ଲତାରେ ବସି ହେଉଥିବା କଥାର ଗୁରୁତ୍ୱକୁ ଦୂତ କହିଲା । ତନ୍ନିମିତ୍ତ ଶୁଣି ମନକୁ ଅଣିଲେ—ସେ ଚତୁର୍ଥ ବିଚିତ୍ରରୂପେ ବଶହୋଇଛି ।

ଧ୍ୟାଯ୍ଯି ଉପାଧ୍ୟାୟୀ ସଙ୍ଗ କଥାରଙ୍ଗ କହୁ ସେ ତଦନ୍ତ ।
ଭାବିଲେ ଚିତ୍ତର ମନ୍ତ୍ରର ବ୍ୟାଜର ସେ ଦେଲେ ଉଦନ୍ତ ॥ ୪୪
ମାଳୀପୁରେ ସ୍ଥିତ ଫୁଲମାଳା ଗୁନ୍ଥି ସେନେହୀ କୁସୁମ ।
ନାମ ଶୁଣି ଗୁଣି ହୋଇଲେ କଲଇ କି କର୍ମ କି କର୍ମ ॥ ୪୫
ଗର୍ଭଗର୍ଭେ ପତ୍ର ଦେବା ନେବା ଶିଶୁବାଳକା ସୁଜାଣ ।
ପରସ୍ପର ଗୀତ ଇଙ୍ଗିତ ଭାଳିଲେ ବିରହୀ ପ୍ରମାଣ ॥ ୪୬
ପୁଣି ଭଣି ଦେଇ ପତ୍ରର ଉତ୍ତର ନ ପାଇ କାତରେ ।
କି କଥା ବୋଲି ତଡ଼ାଗତୀରେ ବସି ପାଞ୍ଚୁଁ ମୁଁ ଚିତ୍ତରେ ॥ ୪୭
ଆଜନ୍ମସୁଖୀ ବେନି ସଖୀ ଦେଖିଲି ପ୍ରଭାତୁଁ ସେଠାରେ ।
ଏସନ ପ୍ରଶନ କଲି କେ କାହାକୁ କହିଲି ପ୍ରକାରେ ॥ ୪୮
କେତେ ବାଧି ମନୁ ତେଜି ବାଧି ମନୁ ଅଶେଷ ପ୍ରମାଣ ।
କୋଟିବ୍ରହ୍ମାଣ୍ଡେ ଏକ ବୋଲି କଲେ ଯେ ଗୋଟିଏ ନିର୍ମାଣ ॥ ୪୯

୪୪—ସେଠାରେ ଉପାଧ୍ୟାୟୀ ସଙ୍ଗରେ ଯେପରି କଥାରଙ୍ଗ (କଥୋପକଥନ) ହୋଇଥିଲା ତାହା ଧ୍ୟାଯ୍ଯି (ସ୍ମରଣ କରି) ସେ ତଦନ୍ତ (ତନ୍ମୟମାନ) ହୃତ କହୁଁ ଚିତ୍ତରେ ଭାବିଲେ—ସେହି ଉପାଧ୍ୟାୟୀ ଠାକୁ ଆସି ମନ୍ତ୍ରର ବ୍ୟାଜରେ (ଛଳରେ) ଉଦନ୍ତପତ୍ର ଦେଲେ ।

୪୫—ମାଳୀ ପୁରେ ରହିଥିବା ହୂତ ଫୁଲମାଳ ଗୁନ୍ଥିବା ଏବଂ ସେନେହୀ କୁସୁମ (ସୁନ୍ଦରୀ ସ୍ନେହୀ ହୋଇଥିବା ପାଟଳୀ ଫୁଲର) ନାମଶୁଣି ଗୁଣି ହେଲେ କି କର୍ମ କଲଇ କି କର୍ମ କଲଇ ଅର୍ଥାତ୍ ଏତେ ଅନୁରାଗିଣୀ ହୋଇଛି ପୁଣି ଉଦନ୍ତ ପଠାଇଥିଲି ଅମ୍ଭେ ଜାଣି ନ ପାରିଲେ ।

୪୬— ଗର୍ଭ ଗର୍ଭେ (ପୁଷ୍ପ ଗର୍ଭ ମଧ୍ୟରେ) ପତ୍ରଦେବା, ସୁଜାଣ (ଚତୁରୀ) ଶିଶୁ ବାଳିକା ତାହା ନେବା ଏବଂ ପରସ୍ପରଙ୍କ ଇଙ୍ଗିତ ଗୀତ ହୂତଠାରୁ ଶୁଣି ଭାଳିଲେ ବିରହିଣୀ ହେବା ପ୍ରମାଣ ଅଟେ ।

୪୭—ପୁଣି ଭଣି (କହିଲେ) ପତ୍ରଦେଇ ଉତ୍ତର ନ ପାଇ ମୁଁ ତଡ଼ାଗତୀରେ ବସି କି କଥାବୋଲି କାତରେ ପାଞ୍ଚୁ (ଭାବେ) ।

୪୮—ପ୍ରଭାତୁଁ ଆଜନ୍ମରୁ ସୁଖୀ ବେନିସଖୀଙ୍କୁ ସେଠାରେ (ତଡ଼ାଗତୀରରେ) ଦେଖିଲି କେ କାହାକୁ କହିଲି ପ୍ରକାରେ ଏସନ ପ୍ରଶ୍ନ କଲି ।

୪୯—ବାଧି (ବାଧାତା)କେତେ ମନୁ ପର୍ଯ୍ୟନ୍ତ ବାଧି (ଅନ୍ୟ ସଂସାର ବାଧାନ ମାନ) ମନୁ ତେଜି (ଅନ୍ୟମନସ୍କ ନ ହୋଇ) ଅଶେଷ ରୂପେ ପ୍ରମାଣ (ଅନୁମାନ ବା ନିଷ୍ଟଯ୍ଯ) କରି କୋଟିବ୍ରହ୍ମାଣ୍ଡରେ ଏକ ବୋଲି ଗୋଟିଏ ନିର୍ମାଣ କଲେ ।

ଏମନ୍ତ ମତ୍ତକାଶିନୀ ଏ କେମନ୍ତ ଅନେକ ସୁଗାତ୍ର ।
ଲଭି ଦଶେ ଦଶେ ସେ ଦଶେ ଅଶାପ୍ରୀ ପୁରୁଷେ ବଚନ ॥ ୫୦
ବୋଲନ୍ତାଇ ଚିତ୍ର ନୋହେ ରାଜପୁତ୍ର ବିନାଶେ ଉତ୍ପାତ ।
ଯେହୁ ଜୀବଦାତା ଜଳିଲ ପୁରୁଷେ ଏ କଥା ନୋହେତ ॥ ୫୧
କହିଲ ଯାହା ପ୍ରଥମା ଶୁଣି ତାହା ମୋ ବାଣୀ ଶ୍ରବଣେ ।
ଅଷ୍ଟାପଦଗୋରୀ ଅଷ୍ଟଦଶେ ପୂରି ଅଷ୍ଟମ ଲକ୍ଷଣେ ॥ ୫୨
ମୁଗ୍ଧା ନେତ୍ରେ ସଙ୍ଗ ବିପ୍ରଲବ୍ଧା ହୋଇ ସଙ୍କେତୁଁ ଆସିଲ ।
ମନ ଅଭିସାରୀ ତୁଲେ ଅଭିସାର କରଣେ ବସିଲ ॥ ୫୩
ନବନବ ଭାବ ଭାବନାକୁ ଘେନି ବିରହୋତ୍କଣ୍ଠିତା
ନିରାଶେ ଗଲ ପରି ଏଥ୍ର ଚିନ୍ତାରୁ କଳହାନ୍ତରିତା ॥ ୫୪

୫୦—ଏମନ୍ତ ମତ୍ତକାଶିନୀ (ସୁନ୍ଦରୀ) ଅନେକ ସୁଗାତ୍ର (ଉତ୍ତମ ଶରୀର) ଲଭି ଆଶାପ୍ରୀ (ତାକୁ ଆଶା କରିଥିବା) ପୁରୁଷକୁ ଦଶେ ଦଶେ (ପ୍ରତି ଦଶାରେ) ଦଶଇ ଏ କେମନ୍ତ ବଚନ ଅଟେ ।

୫୧—ବୋଲନ୍ତାଇ ଏକଥା ଚିତ୍ର (ଆଶ୍ଚର୍ଯ୍ୟ) ନୁହେଁ, ରାଜପୁତ୍ରର ବିନାଶ ନିମିତ୍ତ ଏ ଉତ୍ପାତ ହେଉଛି, କିନ୍ତୁ ଯେହୁ ଗୃହିଁବା ମାନେ ଜଳିଲ ପୁରୁଷେ (ଦଗ୍ଧ-କନ୍ଦର୍ପକୁ) ଜୀବଦାତା (ଜୀଆଇ ଦିଅଇ) ସେ ସଜୀବ ମନୁଷ୍ୟକୁ ନାଶ କରିବ କି ? ଏଣୁ ଏ କଥା ନୁହେତ ।

୫୨—ପ୍ରଥମା (ସେ ଦୁହିଁଙ୍କ ମଧ୍ୟରୁ ପ୍ରଥମଟି) ମୋ ବାଣୀ ଶ୍ରବଣେ ଯାହା କହିଲ ତାହା ଶୁଣି, ଅଷ୍ଟାପଦ ଗୋରୀ (ସୁବର୍ଣ୍ଣ ଗୋରୀ) ଅଷ୍ଟମ ଲକ୍ଷଣି (ମୁଗ୍ଧାଦି-ଅଷ୍ଟନାୟିକା ଲକ୍ଷଣରେ) ପୂରି (.ପୂର୍ଣ୍ଣା ହୋଇ) ଅଷ୍ଟ ଦଶାରେ ପ୍ରକାଶ ପାଇଛି ।

୧ମୁଗ୍ଧା,୨ବିପ୍ରଲବ୍ଧା, ୩ଅଭିସାରିକା,୪ବିରହୋତ୍କଣ୍ଠିତା,୫କଳହାନ୍ତରିତା, ୬ ଖଣ୍ଡିତା, ୭ ସ୍ୱାଧୀନ ଭର୍ତ୍ତୃକା, ୮ ବାସକ ସଜ୍ଜା ।

୫୩—ସେ ସୁନ୍ଦରୀ ନେତ୍ରେ (ଦର୍ଶନ ଦ୍ୱାରା ପୁରୁଷ ସଙ୍ଗପାଇ ମୁଗ୍ଧା ନାୟିକା ପରି ମୁଗ୍ଧା (ମୋହିତା) ହୋଇଲା, ସଙ୍କେତ ସ୍ଥାନରୁ ବିପ୍ରଲବ୍ଧା ନାୟିକା ପରି ହୋଇ ବିପ୍ରଲବ୍ଧା (ପ୍ରତାରିତା) ହୋଇ ଆସିଲା । ତାହାର ମନ ଅଭିସାରୀ (କାନ୍ତ ଉଦ୍ଦେଶ୍ୟରେ ସଙ୍କେତ ସ୍ଥାନକୁ ଯିବା ନାୟିକା) ତୁଲେ ଅଭିସାର (କାନ୍ତ ଅନୁଗମନ) କରଣରେ ବସିଲା ।

୫୪—ନବ ନବ ଭାବ ଭାବନାକୁ ଘେନି ବିରହୋତ୍କଣ୍ଠିତା ନାୟିକାପରି ସେ ସୁନ୍ଦରୀ ବିରହରେ ଉତ୍କଣ୍ଠିତା ହେଲା । ପୁଣି ସେ ପୁରୁଷ ନିରାଶ ହୋଇ ଗଲା ପରି ଏଥି ଚିନ୍ତାରୁ କଳହାନ୍ତରିତା (ନାୟକ ସଙ୍ଗେ କଳହ କରି ପରେ ଅନୁତପ୍ତା ନାୟିକା) ପରି ହୋଇଛି ।

ଅଛୁ ମନୋହାରୀ ଏ ସବେକୁଁ କର ଖଣ୍ଡିତା ପ୍ରକୃତ ।
ବାଞ୍ଛାରେ ହୋଇଛୁ ସ୍ୱାଧୀନଭର୍ତ୍ତୃକା ପ୍ରକାର ପୀରତ ॥ ୫୫
ବାସକସଜ୍ଜା ଉନିଦ୍ର ପ୍ରାପ୍ତି-ଆଶା-ମାର୍ଗକୁ ନିରେଖି ।
ସ୍ୱପନ ସଙ୍ଗ ବଞ୍ଛେକୁଁ ସେ ପ୍ରୋଷିତଭର୍ତ୍ତୃକା କି ଦୁଃଖୀ ॥ ୫୬
ଦ୍ୱିତୀୟା କହି ଜଗଜ୍ଜୟୀ ଜଙ୍ଗମମୂର୍ତ୍ତି କି ରୂପାସ୍ତ୍ର ।
ଭବ ଦମ୍ଭନାଶେ ମୋହନାସ୍ତ୍ର କର କଲି ଯେ ସମନ୍ତ୍ର ॥ ୫୭
ପରୀକ୍ଷା ପାଇ ପ୍ରୟୋଗ କଲି ଯହିଁ ସଂସାରେ ସେ ଧନ୍ୟ ।
ଏକୁଁ ଅନେକ ହୋଇ ତାଙ୍କୁ ଦଣେ ଯେ କରୀର ଉଛନ୍ନ ॥ ୫୮
ବିଦଗଧ ବୀର ବିରହ-ଅନଳେ ତା ଅନ ସମ୍ମତେ ।
ସାର୍ଥ କରିବାକୁ ଅନର୍ଥ ହୋଇଛୁ ତରିବ କି ସତେ ॥ ୫୯
ମୋ ପ୍ରଶ୍ନେ ବୋଇଲେ ଏକଥା ହୋଇଲି ଏବେ ଏ ବିଧାନେ ।
ତରିଲେ ନାହିଁ ସନ୍ତତେ ଦହି ହେଲେ ସଗରନନ୍ଦନେ ॥ ୬୦
ହରିପଦ-ଗୁପ୍ତ-ଜଳ ପରଶରୁ ଯେ ପୁଣି ଗୃମର ।
ହରର ଛେଦ ପାରିଜାତମାଳାକୁ ଲଭିବ ସେ ବର ॥ ୬୧

୫୫—ତାଙ୍କର ଅନ୍ୟ ମନୋହାରୀ ନାୟିକା ଅଛୁ ଏ ସବେକୁଁ ଖଣ୍ଡିତା (ସ୍ୱାମୀର ଅନ୍ୟ ସ୍ତ୍ରୀ ସମ୍ଭୋଗରେ (ଈର୍ଷାଯୁକ୍ତା ନାୟିକାର) ପ୍ରକୃତ କି କରିଅଛୁ । ସ୍ୱାଧୀନଭର୍ତ୍ତୃକା (ସ୍ୱାମୀକୁ ବଶ କରିଥିବା ନାୟିକା) ପ୍ରକାର ତା ବାଞ୍ଛାରେ ପ୍ରୀତ ହୋଇଛୁ ।

୫୬—ବାସକସଜ୍ଜା (ବେଶଭୂଷା ହୋଇ ଶଯ୍ୟାକର ସ୍ୱାମିର ଆଗମନକୁ ଅପେକ୍ଷା କରିଥିବା ନାୟିକା) ପରି ପ୍ରାପ୍ତି ଆଶାରୂପ ପଥ (ମାର୍ଗକୁ) ଗୁହିଁ ଉନିଦ୍ର ହୋଇଛୁ । ସ୍ୱପ୍ନସଙ୍ଗ ବଞ୍ଛେକୁଁ (ନୋହିବାରୁ) ପ୍ରୋଷିତ ଭର୍ତ୍ତୃକା (ପତି ବିଦେଶରେ ଥିବା ନାୟିକା) ପରି ସେ ସୁନ୍ଦରୀ ଦୁଃଖୀ ହୋଇଛୁ କି ?

୫୭—ଦ୍ୱିତୀୟା ସଖୀ କହିଲି ରୂପାସ୍ତ୍ର (କାମ) ସେ ଜଗଜ୍ଜୟୀ ଜଙ୍ଗମ ମୂର୍ତ୍ତିକି (ଚଳନ୍ତ ପ୍ରତିମାକୁ) ଭବ ଦମ୍ଭ ନାଶେ (ଶିବଙ୍କର ଧୈର୍ଯ୍ୟ ନାଶ କରିବାକୁ) ମୋହନାସ୍ତ୍ର କରି ସମନ୍ତ୍ର (ମନ୍ତ୍ରଯୁକ୍ତ) କଲି ।

୫୮-୫୯—ତା ଅନ ସମ୍ମତେ ସାର୍ଥ କରିବାରୁ (ତାହାଙ୍କର ଅଭିପ୍ରାୟ ସାର୍ଥକ ନ ହେବାରୁ) ଏ ଅନର୍ଥ ହୋଇଛୁ । ସେ ବୀର ବିରହାନଳରେ ବିଦଗ୍ଧ ହେଉଛୁ । ସତେ ତରିବ କି ?

୬୦-୬୧-ମୋ ପ୍ରଶ୍ନରେ ସେମାନେ ବୋଇଲେ—କପିଳ କୋପାନଳରେ ସଗର-ନନ୍ଦନମାନେ କଣ ସନ୍ତତେ (ସର୍ବଦା) ଦହି ହେଲେ, ହରି-ପଦ ଗୁପ୍ତଜଳ (ଗଙ୍ଗାଜଳ) ସ୍ପର୍ଶରୁ ତରିଲେ ନାହିଁ ? ଏବେ ଏହି ବିଧାନରେ ଏ କଥା

କଲେ ନିଯ୍ୟମ ଅମରଋଷି ଆଶୀବଚନେ ଜନକ ।
ପାରିଲେ ତର ତାର କହ କୁମାର ଛାମୁରେ ଏତେକ ॥ ୬୨
ଭରସା ନ କଲେ କହ ଶୋଭାନିଧି ଦର୍ଶନ ଦେଇଛି ।
ସେ ରସାଳସା ସୁଲୋଚନା ରୁକ୍ମିଣୀ ପରାୟେ ହୋଇଛି ॥ ୬୩
ଉଦ୍ୟମ କର ମାଧବ ପରି ନୋହି ମାଧବ ସମାନେ ।
ତନୁବନ୍ତେ ଧନୁ ଧରି ନ ପାରିବେ ଅତନୁ କମ୍ପନେ ॥ ୬୪
ଅନାୟାସେ ବୀର-କିରୀଟୀ ପଦବୀ ସୁନ୍ଦର ଲଭିବେ ।
ନୀପପୁଷ୍ପ ପରି ଦେହ ଧରି ଭୀଷ୍ମ ବଇରି ଚଳିବେ ॥ ୬୫
ଅବଧାନ ବକ୍ଷେ କହିଲେ କହିଲେ ସେ ଯେତେ ବଚନ ।
ଶିଖୀ ଶିଖଣ୍ଡୀ ହୋଇଛି ଯା ଶୋଭା କେ ପ୍ରମାଣ ଏମାନ ॥ ୬୬

ହେଲା, ଯେ ହର (ମୂକ)ର ଶ୍ରମର ଛେଦ ସ୍ୱର୍ଗସ୍ଥ ପାରିଜାତ ମାଳାକୁ ଲଭିବ ସେ ସୁନ୍ଦରୀର ବର ହେବ ।

୬୨—ଅମରଋଷି (ଦେବର୍ଷି ନାରଦଙ୍କ) ଆଶୀର୍ବଚନରେ ଜନକ (ପିତା) ଏହି ନିଯ୍ୟମ କଲେ, କୁମାରଙ୍କ ଛାମୁରେ ଯାଇ ଏତେକ କହ—ତୁମ୍ଭେ ପାରିଲେ ନିଜେ ତୁମ ଏବଂ ସୁନ୍ଦରୀକୁ ତାର ।

୬୩—ଶୋଭାନିଧି ମୋତେ ଭରସା ନ କଲେ ମଧ୍ୟ ତାଙ୍କୁ କହ ମୋତେ ସେ ଦର୍ଶନ ଦେଇଛି, ସୁଲୋଚନା ଏବଂ ରୁକ୍ମିଣୀ ଯେପରି ମାଳତୀ ମାଧବ ଓ ଓ କୃଷ୍ଣଙ୍କ ଗୃହେଁ ରହିଥିଲେ, ସେ ରସାଳସା ସେହିପରି ତୁମ୍ଭଙ୍କ ଗୃହେଁ ରହିଛି ।

୬୪—ମାଳତୀମାଧବ ଉଦ୍ୟମ କରି ନ ପାରିବାରୁ ସୁଲୋଚନାକୁ ପାଇଲେ ନାହିଁ, କୃଷ୍ଣ ଉଦ୍ୟମ କରି ରୁକ୍ମିଣୀଙ୍କୁ ପାଇଥିଲେ । ତୁମ୍ଭେ ମାଧବ (ମାଳତୀ-ମାଧବ) ପରି ନୋହି ମାଧବ (କୃଷ୍ଣଙ୍କ) ସମାନ ଉଦ୍ୟମ କର । ଏପରି କଲେ ଅତନୁ (କନ୍ଦର୍ପ) ଧନୁଧର ତନୁବନ୍ତେ (ଦେହବନ୍ତମାନଙ୍କୁ) କମ୍ପନେ ନପାରିବେ (ଜିଣିପାରିବେ ନାହିଁ) ।

୬୫—ସୁନ୍ଦର ଅନାୟାସରେ ବୀରକିରୀଟୀ (ଅର୍ଜୁନ)ଙ୍କର ପଦବୀ (ମାର୍ଗ) ଲଭିବେ । ବୈରୀମାନେ ନୀପପୁଷ୍ପ (କଦମ୍ବଫୁଲ ପରି) ଦେହ ଧରି ରୋମାଞ୍ଚିତ ହୋଇ ଭୀଷ୍ମ ଯୁଦ୍ଧକ୍ଷେତ୍ରରେ ଶୋଇଲାପରି ଚଳିବେ ।

୬୬—ସେ ଯେତେ ବଚନ କହିଥିଲେ ତାହା ଆପଣଙ୍କ ଅବଧାନ ବକ୍ଷେ (ମନୋ-ଯୋଗ କରିବା ବକ୍ଷପୁରେ) କହିଲି । ଶିଖଣ୍ଡୀ ଯୋଗୁ ଭୀଷ୍ମ ଧନୁ ଧରି ପାରି ନ ଥିଲେ, ସେ ସୁନ୍ଦରୀ ଶୋଭାରେ (କେଶ ଶୋଭାରେ) ଶିଖୀ ଶିଖଣ୍ଡୀ (ମୟୂରପୁଚ୍ଛ) ଲକ୍ଷି ହୋଇଛି । ଅତଏବ ବୀରମାନେ ଦମ୍ଭହତ ହୋଇ ଧନୁଧର ନ ପାରିବେ ଏହା ପ୍ରମାଣ ଅଟେ ।

ଅଶ୍ଳେଷ ଧ୍ୱନି ଶ୍ଳେଷ ଛଳ ବିରୋଧ ରୂପକ ଉତ୍ସାହ ।
ସୁରସଜନିତ ଦୂତ ଗିର ପୁଣି ଅଧିକ ସୁସ୍ନେହ ॥ ୬୭
ଜନକକୁମାରୀ ଅଜ୍ଞା ଅଧାବର ଯେ ମାର ମାରୀଚ ।
ତାଙ୍କ କୃପାରୁ ସେ ପାର ହେବ ବୋଲି ଧଇଲା ନାରାଚ ॥ ୬୮
ପଶା ବଡଦାନ ସ୍ୟନ୍ଦନ ସାରଥି ହୋଇ ଯେ ସମ୍ଭବୀ ।
ମଞ୍ଜୁଳ ମଙ୍ଗଳଯୁକ୍ତ ନାମ ବହି ରକ୍ଷଣେ ପୃଥିବୀ ॥ ୬୯
ପାଦେ ଉପଯୋଗେ ଇନ୍ଦ୍ର ଯେ ସର୍ବଦା ଧୀବର ଅନନ୍ଦେ ।
ସବୁ ଦୁଇବର୍ଣ୍ଣ ନାମେ ଅଣି ବୁଧେ ମଣ୍ଡିବ ସେ ପଦେ ॥ ୭୦

ସପ୍ତତ୍ରିଂଶ ଛାନ୍ଦ

ରାଗ—ପାହାଡ଼ିଆ କେଦାର

ଶୁଣ ସୁବୁଦ୍ଧି କଲେ ପ୍ରଚୁର ଦେଶ ଦେଶକେ ସନ୍ଦେଶ ଗୁରୁ ।
ବିଶ୍ୱାନନ୍ଦକ ଚମ୍ପାନଗର ନୃପତି ଜାତେ୍ୟ ଯେ ।
ବନ୍ଦାରୁ ବୃନ୍ଦାରକ-ବୃନ୍ଦଙ୍କ ବନ୍ଦନ ନନ୍ଦସୁତ ନନ୍ଦକ—
ଧରେ ବନ୍ଦର କରେ ମାନଙ୍କ ବୀର ପ୍ରଭୁତ୍ୱେ ଯେ ।
ସମଭ୍ରାଲରେ ଯାହା ମିନ ବଇରୀ ଯେ । ପାଇ ଅଚଳଶିରୀ ଅଚଳଶିରୀ ଯେ ।
ମହିଷୀ ସଙ୍ଗେ ବନବିହାର ମହର୍ଷି ସଙ୍ଗେ ବନବିହାର
ଚନ୍ଦ୍ରାତପର ଚନ୍ଦାତପର ତଳେ ବିହର ଯେ ॥ ୧

୬୭—ଧ୍ୱନି, ଶ୍ଳେଷ, ଛଳ, ବିରୋଧ, । ରୂପକ ଓ ଉତ୍ସାହରେ ଅଶ୍ଳେଷ (ମିଶ୍ରିତ) ସୁରସଜନିତ (ରସପୂର୍ଣ୍ଣ) ଦୂତଗିର (ବାକ୍ୟ) ପୁଣି କୁମର ଅଧିକ ସୁସ୍ନେହ ହେଲେ ।

୬୮—ଜନକ କୁମାରୀ (ସୀତାଙ୍କ) ଅଜ୍ଞା ଅବଧାର ଯେ (ରାମଚନ୍ଦ୍ର) ମାରୀଚକୁ ମାରଥିଲେ ତାଙ୍କ କୃପାରୁ ସେ ରାଜପୁତ୍ର ପାରହେବ ବୋଲି ନାରାଚ (ଶରକୁ) ଧଇଲା ।

୬୯—ପଶା ବଡ଼ଦାନ (ଦଶ) ସ୍ୟନ୍ଦନ (ରଥ) ସାରଥି (ସୂତ-ସୁତ) ଅର୍ଥାତ୍ ଯେ ଦଶରଥ ସୁତ ହୋଇ ପୃଥ୍ୱୀରକ୍ଷଣେ ମଞ୍ଜୁଳ (ରାମ) ମଙ୍ଗଳ ଯୁକ୍ତ (ଭଦ୍ର) ଅର୍ଥାତ୍ ରାମଭଦ୍ର ନାମ ବହିଲେ ।

୭୦—ଉପଯୋଗେ ଇନ୍ଦ୍ର (ଉପେନ୍ଦ୍ର) ତାଙ୍କ ପାଦେ (ପଦେ) ସର୍ବଦା ଅନନ୍ଦେ ଧୀବର (ଦାସ) ଅଟେ, ହେ ବୁଧେ ସବୁ ଦୁଇବର୍ଣ୍ଣକୁ ନାମରେ ଅଣି ସେ ପଦେ ମଣ୍ଡିବ ।

୧—ସୁବୁଦ୍ଧି (ପଣ୍ଡିତ ମାନେ) ଶୁଣ, ଗୁରୁମାନେ ଦେଶ ଦେଶକେ ଏହି ସନ୍ଦେଶ (ବାର୍ତ୍ତା) ପ୍ରଚୁର କଲେ-ବନ୍ଦାରୁ (ପୂଜନୀୟ) ଯେଉଁ ବୃନ୍ଦାରକ

ବରବର୍ଣ୍ଣନା ଛବିରେ ଶୋହି ବରବର୍ଣ୍ଣନା କବିରେ ସେହି
ଦିବିରେ ନାହିଁ ଭୁବିରେ କାହିଁ ଅଛି ନନ୍ଦିନୀ ଯେ ।
ସୁଷମେ ସମେ ନ ପାଇ ବରେ ପାଇଛି ବରେ ଯେ ସ୍ୱୟମ୍ବରେ
ଲକ୍ଷଣା ଏବେ ସେ ଅଡ଼ମ୍ବରେ ଲୋକନନ୍ଦିନୀ ଯେ ।
ନାରୀତିଳକ ଦିବ୍ୟଫଳକ ବତ ଯେ । ଯେନି ଚିତ୍ର ବିଚିତ୍ର ଘାଗୁରି ଯୁତ ଯେ ॥
ଶୋଭିମଣ୍ଡଳେ ବିଗ୍ରହ ସତ ଭୂତନାଥରେ ପୁଣି ରଞ୍ଜିତ
ଜୟାର୍ଥେ ନାନା ସୁମନାର୍ଚ୍ଚିତ ବିଧାତାକୃତ ଯେ ॥ ୨

ବୃନ୍ଦ (ଦେବତାମାନେ) ସେମାନଙ୍କର ବନ୍ଦନ (ପୂଜ୍ୟ) ଓ ନନ୍ଦକଧରେ (ନନ୍ଦକ ନାମକ ଖଡ୍‌ଗଧାରୀ) ନନ୍ଦ-ସୁତ (ଶ୍ରୀକୃଷ୍ଣଙ୍କ) ଚମ୍ପା ନଗରନୃପତି ବିଶ୍ୱାନନ୍ଦଙ୍କ ନିତ୍ୟ ବନ୍ଦନ ମାତ୍ରକ (କେବଳ ପୂଜା) କରନ୍ତି, ଯାହାଙ୍କର ବୀର ପଣର ପ୍ରଭୁତ୍ୱରେ ମିତ୍ରମାନେ ଓ ବୈରୀମାନେ ଅଚଳେଶିରୀ (ଅଚଳ ସମ୍ପତ୍ତି ଓ ପର୍ବତରେ ଲୁଚିବା ଭାଗ୍ୟ) ପାଇଛନ୍ତି । ମହିଷୀ (ପାଟରାଣୀ ଓ ମଇଁଷି) ତଳେ ବାହରୁଛନ୍ତି ।

୨—ସେ ରାଜାଙ୍କର ଏକ ନନ୍ଦିନୀ ଅଛି, ସେହି ବରବର୍ଣ୍ଣନା ଛବିରେ (ଅତ୍ୟୁତ୍ତମା ସ୍ତ୍ରୀ ମୂର୍ତ୍ତିରେ) ଶୋହି (ଶୋଭିତା ହୋଇଛି) । କବିମାନଙ୍କ ବର୍ଣ୍ଣନାରେ ବର (ଶ୍ରେଷ୍ଠ), ତାପରି ଦିବିରେ (ସ୍ୱର୍ଗରେ) ନାହିଁ, ଭୁବିରେ କାହିଁ ବା- ହେବ । ସୁଷମେ (ଶୋଭାରେ) ସମେ ବରେ ନପାଇବାରୁ ସେ ଲୋକ ନନ୍ଦିନୀ (ଜଗତର ଆନନ୍ଦ ଦାୟିନୀ) ସ୍ୱୟମ୍ବର ବିଷୟରେ ଏକ ବର ପାଇଛି, ଏବେ ସେହିଲକ୍ଷଣାରେ ଅଡ଼ମ୍ବରେ (ଏକସମାରୋହ) ହୋଇଛି । ସେ ନାରୀ- ତିଳକ ଦିବ୍ୟ ଫଳକବତ (ଡାଲପରି) ହୋଇଛି, ଏ ଯେନି ବିଚିତ୍ର (ଆଶ୍ଚର୍ଯ୍ୟଜନକ) ଚିତ୍ର (ଗଣ୍ଡ ଓ ସ୍ତନରେ) ଏବଂ ଘାଗୁରି (କଟି କିଙ୍କିଣୀରେ) ଯୁତହୋଇଛି, ଶୋଭିମଣ୍ଡଳେ (ଶୋଭିରାଜ୍ୟରେ) ସତ ବିଗ୍ରହ (ଯୁଦ୍ଧ) ଆରମ୍ଭ କରିଛି, ଜୟାର୍ଥେ (ଜିଣିବାପାଇଁ) ଭୂତନାଥରେ (ଶିବସଦୃଶସ୍ତନରେ) ରଞ୍ଜିତ ଓ ନାନା ସୁମନାଚିତ (ପୁଷ୍ପଭୂଷିତ) ହୋଇଛି । ସେ ସୁନ୍ଦରୀ ଏହିପରି ବିଧାତାଦ୍ୱାରା କୃତ ହୋଇଛି । ଢାଲ ଚିତ୍ର ବିଚିତ୍ର ଓ ଘାଗୁରି (ଘୁଙ୍ଗୁରରେ) ଯୁକ୍ତ ହୋଇଥାଏ, ଏବଂ ତାହାର ବିଗ୍ରହ (ଦେହ) ମଣ୍ଡଳେ (ମଣ୍ଡଳାକାରରେ) ଶୋଭାପାଏ, ସେ ଢାଲ ଭୂତନାଥରେ (ଶିବମୂର୍ତ୍ତିରେ) ରଞ୍ଜିତ (ଚିତ୍ରିତ) ଏବଂ ଜୟାର୍ଥେ (ଜୟ ଉଦ୍ଦେଶ୍ୟରେ) ନାନାସୁମନାର୍ଚ୍ଚିତ (ବିବିଧ ପୁଷ୍ପରେ ପୂଜିତ) ହୋଇଥାଏ ।

ହେଲେ ନୃପତି ହେଲେ କୁମାର ଯେହ୍ନ ମଣ୍ଡିବ ତହିଁ ଗୃମର
ଯୋଡ଼ିଲାକ୍ଷଣି ଉରେ କାମର ଗର୍ବ ସରିବ ଯେ ।
ଝଡ଼ ପଡ଼ିବ ପାଣି କୃପାଣ ବୋଲିବ ଧନ୍ୱୀ ବନ୍ଧିବ ବାଣ
ସନ୍ଧିଲ ମାନେ ଛୁଡ଼ିବ ଗୁଣ କସ କରିବ ଯେ ।
ଏହି ଦୂତଙ୍କ ଉକ୍ତି ମୁକ୍ତାପସରୀ ଯେ । କେହୁ ଲୁଟିବା ଭାବ ରାଜନେ ଭ୍ରମୀ ଯେ ।
ପତଙ୍ଗ ପ୍ରଭାବରେ ବାହାର ଧନଞ୍ଜୟରେ ସେନହେ ଭର
ନ ଦେଇ କେହୁ ପ୍ରତିଉତ୍ତର ମୂନାଙ୍କ ପରି ଯେ ॥ ୩
ପାଟଳିପୁର ସଭାରେ ପାନ ତାଳନ୍ତେ ନେଇ ଜାଣି ବଚନ ।
କବିତ୍ୱ କୃତ ବନ୍ଦୀପଠିତ ଦେଇ ଉତ୍ତର ଯେ ।
ଗୋଟିଏ ଚମ୍ପା ପୁଷ୍ପଭିତରେ ଆଉ ଯେତେକ ଦେଶମାନରେ
କେତେ କହିବା ପ୍ରଭୁ ତହିଁରେ ଦୀପ୍ତିସାଗର ଯେ ।
କେବା କ୍ଷମ ହେବାକୁ ମିତ୍ର ବଇରୀ ଯେ । ଯହିଁ ପୂର୍ବନରେଶ ଏମନ୍ତ କରି ଯେ ।
ଦାରକରରେ ଯେ ଦାରକର ସ୍ଥାନ ଛଡ଼ାଇ ସିନ୍ଧୁ ମଧ୍ୟର
କରାଇ ପୃଷ୍ଠଭେଦନ ସାର ସମ୍ପୃଷ୍ଟ ପରି ଯେ ॥ ୪

୩—ରାଜାହେଲେ ବା ରାଜପୁତ୍ର ହେଲେ ଯେ ମୃଗଚୃମର ଛେଦନ କରି ତହିଁରେ (ତାଲିରୂପ ସୁନ୍ଦରୀଠାରେ) ମଣ୍ଡିବ, ସେ ତାଲିକୁ ହାତ ଲଗାଇଲାପରି ସୁନ୍ଦରୀଙ୍କ ଉରରେ ଯୋଡ଼ିଲା କ୍ଷଣି କାମର ଗର୍ବ ସରିବ. ତାହାର (କାମର) ପାଣି କୃପାଣ (ହସ୍ତସ୍ଥିତ ଖଡ଼୍ଗ) ଝଡ଼ିପଡ଼ିବ । ତୁମ୍ଭେ ଅବା ବୋଲିବ ସେ କାମଧନ୍ୱୀ (ଧନୁର୍ବିଦ୍ୟାରେ ନିପୁଣ) ବାଣବନ୍ଧିବ । କିନ୍ତୁ ସନ୍ଧିଲ-ମାନେ (ଶରସନ୍ଧାନ କଲାମାନେ) ଗୁଣ ଛୁଡ଼ିବ, ଅର୍ଥାତ୍ କାମର ଫୁଲ-ଧନୁରେ ଗୁଣ ହୋଇଥିବା ଭ୍ରମରମାନେ ପଦ୍ମଗନ୍ଧା ସୁନ୍ଦରୀର ଗନ୍ଧ ପାଇଲାମାନେ ଉଡ଼ିଯିବେ ସୁତରାଂ ଗୁଣ ଛୁଡ଼ିବ । ଦୂତମାନଙ୍କର ଏହି ଉକ୍ତିକୁ ମୁକ୍ତାପସରା କରି କେହି କେହି ରାଜନେ ଲୁଟିବା (ଲୁଟି-ନେବାକୁ) ଭାବି ଭ୍ରମି ହେଲେ, ପତଙ୍ଗମାନେ ଅଗ୍ନି ପ୍ରଭାବରେ ବାହାର ଧନଞ୍ଜୟରେ (ଅଗ୍ନିରେ) ସ୍ନେହଭର ହେଲାପରି, କେହି କାହାରିକୁ ମୂନାଙ୍କପରି ପ୍ରତ୍ୟୁତ୍ତର ନଦେଇ ଶୀଘ୍ର ବାହାରିଲେ ।

୪—ଦୂତ ପାଟଳିପୁର ସଭାରେ ପହୁଞ୍ଚି ଏହିପରି କହନ୍ତେ ପାନ ନେଇ ତାଳି-ଦେବାରୁ (ଅଙ୍ଗିରେ ଠାରିଦେବାରୁ) ସେଠାବନ୍ଦୀ (ଭାଟ), ବଚନ କବିତ୍ୱକୃତ (ରଚନା କରି) ଉତ୍ତର ଦେଲା । ଆମ୍ଭ ରାଜଧାନୀ ପୁଷ୍ପପୁର, ଚମ୍ପା ସିନା ପୁଷ୍ପଭିତରେ ଗୋଟିଏ, ଆଉ ଯେତେ ଦେଶମାନ ଅଛନ୍ତି ତାହା କେତେ କହିବା, ତହିଁରେ ପ୍ରଭୁ (ରାଜା) ଦୀପ୍ତି ସାଗର ଅଟନ୍ତି । ଏହାଙ୍କର ମିତ୍ର ବା ବୈରୀ ହେବାକୁ କିଏ ବା କ୍ଷମ ଅଛି । ଯହିଁ ପୂର୍ବ

ଶିବସୁନ୍ଦର ପୁର କୁମାର କରନ୍ତି ହୀନମୂରତି ମାର
ପୁଣି ନିପୁଣ ଗୁଣଗଣର ନବୀନଯୁବା ଯେ ।
ବାସ୍ତୁ-ପଦକୁ ଯେଣୁ ଲଭନ୍ତି ସୁନ୍ଦର-ପୁରନ୍ଦରୀ ବାଞ୍ଛିତ
ଏ ଘେନି ଅଜ ଲକ୍ଷ୍ୟ ଲକ୍ଷିତ କରିବ କେବା ଯେ ।
ଏତ ସମ୍ରାଟ ଅଜ୍ଞା ହେବ କି ନାହିଁ ଯେ । ଶୁଣି ଗୁଣି ପୁରୋଧା ପ୍ରସ୍ତାବେ କହି ଯେ
ଡାକିଲେ ରଣେ କି ଜୂତପଣେ ନିବର୍ତ୍ତେ ନାହିଁ କ୍ଷତ୍ରିୟ ଗୁଣେ
କଥିତ ଯୁଧିଷ୍ଠିର ପୁରାଣେ ବ୍ୟାସହିଁ ଲିଖି ଯେ ॥ ୫

ସଚିବ ଭଣି ଯେ ଦ୍ୱୀପେଶ୍ୱର କରଣେ ତାଙ୍କ ଯେ ଦ୍ୱୀପେଶ୍ୱର
କେଶରୀ ଛବି ଧାରଣ କରି କରଜଛଳେ ଯେ ।
ସେ ରୁଣ୍ଡ ହୋଇଥିବେ ଯେ ତହିଁ ଦର୍ଶନେ ହରିଦରୀରେ ଥୋଇ
ମୁକ୍ତାମୁକୁଟ ଲୋଟାଇ ମସ୍ତୀ ବିକ୍ରମବଳେ ଯେ ।
ମୃଗପୁଚ୍ଛ ଛେଦନ କେତେମାତର ଯେ । ଅଜ୍ଞା ହେଉ ବିଜୟ କରୁ କୁମାର ଯେ ।
ଅଞ୍ଜନାନନ୍ଦନ ଥାଉଁ ଶ୍ରୀରାମ ଭୀମ-କୋଦଣ୍ଡ ଖଣ୍ଡନେ କ୍ଷମ
ରାଜା ସମ୍ମତେ ମନ୍ତ୍ରୀ ଉତ୍ତମ ଗମେ ସତ୍ୱର ଯେ ॥ ୬

ନରେଶ (ଜରାସନ୍ଧ) ଏମନ୍ତ କରିଥିଲେ —ଦର କରେ (କୃଷ୍ଣଙ୍କଠାରେ) ଦର କର (ଭୟ କାତର) ହେବାରୁ ନିଜସ୍ଥାନ (ମଥୁରା) ଛଡ଼ାଇ କମ୍ପୃଷ୍ଠ (କଚ୍ଛପ) ମଧ୍ୟରେ ଲୁଚିଥିବାର ସିନ୍ଧୁ ମଧ୍ୟରେ ତାଙ୍କର ସାର ପୃଷ୍ଠ ଭେଦନ (ପୂର) କରାଇଥିଲେ ।

୫—ସୁନ୍ଦରପୁର (ସୌନ୍ଦର୍ଯ୍ୟର ଅଧାର) କୁମାର ଶିବଙ୍କପର ମାରକୁ ହୀନ ମୂରତି (ସୌନ୍ଦର୍ଯ୍ୟରେ ହୀନ) କରଅଛନ୍ତି । ପୁଣି ସବୁଗୁଣରେ ନିପୁଣ ଅଟନ୍ତି, ନବୀନ ଯୁବାଙ୍କ ମଧ୍ୟରେ ଯେଣୁ ବାସ୍ତୁ (ଜେଠା-ଇନ୍ଦ୍ର) ପଦକୁ ଲଭିଛନ୍ତି ତେଣୁ ସୁନ୍ଦରୀମାନଙ୍କ ମଧ୍ୟରେ ପୁରନ୍ଦରୀ (ଇନ୍ଦ୍ରାଣୀକି) ବାଞ୍ଛା କରନ୍ତି । ଏ ଘେନି ଅଜ କେବା କେଉଁ ଲକ୍ଷ୍ୟକୁ ଲକ୍ଷିତ କରିବ । ଏତ ସମ୍ରାଟ (ଚକ୍ରବର୍ତ୍ତୀ) ଅଟନ୍ତି, ଯିବାକୁ ଅଜ୍ଞା ହେବ କି ନାହିଁ । ପୁରୋଧା (ପୁରୋହିତ) ଏହାଶୁଣି ଗୁଣି (ବିଚାରି) ପ୍ରସ୍ତାବକ୍ରମେ କହିଲେ । ରଣେ (ଯୁଦ୍ଧକୁ) କି ଜୂତପଣେ (ଜୁଆଖେଳରେ ବାଜି ରଖିବାକୁ) ଡାକିଲେ କ୍ଷତ୍ରିୟ ଗୁଣରେ (କ୍ଷତ୍ରିୟପଣରେ) ନିବର୍ତ୍ତେ ନାହିଁ । ବ୍ୟାସ ଲିଖିତ ପୁରାଣରେ ଯୁଧିଷ୍ଠିର ଏହାର ଦୃଷ୍ଟାନ୍ତ ରୂପେ କଥିତ ହୋଇ ଅଛନ୍ତି ।

୬—ସଚିବ (ମନ୍ତ୍ରୀ) ଭଣିଲେ ଯେ ଦ୍ୱୀପେଶ୍ୱର ରାଜା ତାଙ୍କ ଦ୍ୱିପେଶ୍ୱର (ହସ୍ତୀ-ଶ୍ରେଷ୍ଠ) କରଣେ (କରିବାକୁ ଯେଉଁ କୁମାର କେଶରୀ (ସିଂହ) ଛବିକ-

ମନ୍ତ୍ରୀ ସମଦେ କହେ ପବନେ ଯେଉଁ ସୁନ୍ଦରେ ନାହିଁ
ବେନି ପବନ ସଂଯୁକ୍ତେ ସେହୁ ପାଇଲା ପ୍ରାପ୍ତ ଯେ ।
ରସ ପ୍ରକଟ ହୋଇଲା କେତେ ପ୍ରଥମ ସିନ୍ଧୁ ବୃଦ୍ଧି ନିମନ୍ତେ
ଦ୍ୱିତୀୟେ ସାର ହେବା ଜଗତେ ଚିତ୍ତେ ଉଦୟ ଯେ ।
ଥିଲା ତୃତୀୟ ଲୋପ ହେଲା ଦ୍ୱିବିଧ ଯେ । ବନେ ଚତୁର୍ଥ ସଞ୍ଚିବାର ସମତ୍ତ ଯେ
ବଦନେ ହୋଏ ପଞ୍ଚମ ଜାତ ଷଷ୍ଠ ରିପୁରେ କରିବ ସ୍ଥିତ
ହୁଡ଼ିଲା ସପ୍ତ ଅଷ୍ଟମ ମାନ ନବରଞ୍ଜିତ ଯେ ॥ ୧୦

ଅଗସ୍ତି ଅଇଲା, ଅଗସ୍ତି ସିନ୍ଧୁକୁ (ସମୁଦ୍ରକୁ) ଗ୍ରାସ କରିଥିଲେ, ଏ ମନ୍ତ୍ରୀ ଆମ୍ଭର ସନ୍ଦେହ ରୂପ ସିନ୍ଧୁକୁ ଗ୍ରାସକରିବ, ସେ ମୁନି ବାତାପି ନାମକ ରାକ୍ଷସରନିସୂଦନ (ବିନାଶକ) ହୋଇଥିଲେ, ଏ ଆପଣଙ୍କର ତାପ ରୂପ ବାତାପିର ନିସୂଦନ ହେବ, ସେ ଉଚରେ ବଢ଼ୁଥିବା ବିନ୍ଧ୍ୟ ଗିରିର ବୃଦ୍ଧିକୁ ନାଶ କରିଥିଲେ, ଏ ପର୍ବତପରି ବଢ଼ିଥିବା ତୁମ୍ଭ ଚିନ୍ତାର ବୃଦ୍ଧିକୁ ନାଶ କରିବ; ସେ ଦକ୍ଷିଣ ଦିଗରେ ଉଦୟକୁ ଭଜି ରାଜିତ ହୁଅନ୍ତି, ଏ ଦକ୍ଷିଣ (ଅନୁକୂଳ) ଉଦୟ ଭାବ (ଆଗମନକୁ) ଭଜି ବିରାଜିତ ହୋଇ ଅଛନ୍ତି । ଯେବେ ଏ ହୋଇଲା (ଅଗସ୍ତି ଉଦୟ ହେଲେ) ତେବେ ଅବଶ୍ୟ ଏ ହେବ—ଗୁପ୍ତ (ବିଷ୍ଣୁ ପଦରେ ଗୁପ୍ତ) ସୁର-ତରଙ୍ଗିଣୀ (ଗଙ୍ଗା) ପାଇ ରସ (ଜଳ) ତରଙ୍ଗରେ ଆଗ କରିରାଜକୁ (ଐରାବତକୁ) ଭସାଇ ଦେଇ ସଲିଳେ (ଜଳରେ) ନେଇ ଓ ମନକୁ ମଜ୍ଜାଇ ତୋଷ କରିବ । ମନ୍ତ୍ରୀର ଆଗମନରେ ଗୁପ୍ତ ସୁରତ-ରଙ୍ଗିଣୀ (ରତିନିପୁଣା ସୁନ୍ଦରୀ) ପ୍ରକାଶ ପାଇ ଆଗ କନ୍ଦର୍ପ ରୂପ କରିରାଜକୁ ରସ (ଶୃଙ୍ଗାର) ତରଙ୍ଗରେ ଭସାଇ ଦେଇ ସଲୀଳେ (ଲୀଳା ସହିତରେ) ନେଇ ଓ ମନକୁ ମଜ୍ଜାଇ ତୋଷ କରିବ ।

୧୦—ରାଜାଙ୍କ ନିକଟରେ ହୋଇଥିବା ସମସ୍ତ କଥା ମାନ ମନ୍ତ୍ରୀ ସମଦେ (ଗର୍ବର ସହିତ) କହିଲା, ଯେଉଁ ସୁନ୍ଦର ରାଜପୁତ୍ର ଠାରେ ଚିନ୍ତାରୁ ପବନ (ପ୍ରାଣ ବାୟୁ) ନାହିଁ । ଏହା ଶୁଣି ସେହୁ ବେନି (ଦୁଇଜଣ) ପବନ ସଂଯୁକ୍ତ (ପ୍ରାଣବାୟୁରେ ଯୁକ୍ତ ହୋଇ) ସଚେତ ଅବସ୍ଥାକୁ ପାଇଲା ପ୍ରାପ୍ତ ହେଲେ । ପ୍ରଥମ ରସ (ଶୃଙ୍ଗାର) ରୂପସିନ୍ଧୁ ବୃଦ୍ଧି ନିମନ୍ତେ ପ୍ରକଟହେଲା, ଦ୍ୱିତୀୟେ ବୀରରସ ଜଗତେ ସାରହେବା ନିମନ୍ତେ ଚିତ୍ତରେ ଉଦୟ ହେଲା । ତୃତୀୟେ କରୁଣରସଥିଲା ଦ୍ୱିବିଧ ଲୋପ ହେଲା, ଚତୁର୍ଥ ଅଦ୍ଭୁତରସକୁ ମତ୍ତହୋଇ ବନବିହାର ପାଇଁ ସଞ୍ଚୟ କଲେ (ବନରେ ଅଦ୍ଭୁତ ବିହାର ମାନ ହୃଦୟେ ସଞ୍ଚିଲେ) ପଞ୍ଚମ ହାସ୍ୟ ବଦନରେ ଜାତ ହୋଏ, ଷଷ୍ଠ ଭୟାନକ ରିପୁ ମାନଙ୍କଠାରେ ସ୍ଥିତ କରିବ, ସପ୍ତମ ବିଭତ୍ସ ଓ ଅଷ୍ଟମ ରୌଦ୍ର ଦୁହେଁ ବାହୁଡ଼ିଲେ ନବମ ଶାନ୍ତ ମାନ ରଞ୍ଜିତ ହେଲା ।

ଜ୍ୟୋତିଷରାୟେ ସେ ସଙ୍ଗେ ଥିଲା ହୋଇଲା ଅନୁକୂଳ ବୋଇଲା
ସୁନ୍ଦରୀ ଅଙ୍ଗମାନ ଧ୍ୟାଇଲା ଶୁଭ ପ୍ରଧାନ ସେ ।
ହାସ ନୟନ ଗୁଣିଲା କ୍ଷଣି ଗୋପୀ ଧୀବରୀ ଡାକିଲେ ଶୁଣି
ଦଧି ମତ୍ସ୍ୟ ଗୋ ଭାବକେ ପୁଣି କଣ୍ଠ ଗମନ ଯେ ।
ପାରାବତ ସମସ୍ତ ହଂସ ଗୃହିବା ଯେ । ଦଶିଯାଉଁ ପୁଲକମୟ ସେ ଯୁବା ଯେ ।
ସୁମରୁଁ ଉରୁ କଦଳୀତରୁ ଦଶେ ଯାମଳ ଲଳିତ ଚାରୁ
ଦଶା ପାଲଟି ହେଲା ବରୁହୁଁ ମହାଉତ୍ସବା ଯେ ॥ ୧୧
ଲକ୍ଷିତ ଭଦ୍ର ଶୋଭାଏ ଦେଖା ସ୍ତନ ଚୁଚୁକ ଅଧର ଯୋଖା
କୁମ୍ଭେ କି ପୂଗ ପଲ୍ଲବଶାଖା ସ୍ଥାପି ତଳାଇ ଯେ ।
ଉତ୍ଫୁଲ୍ଲ ଦ୍ୱିଜ ଚରଣ ଯେଣୁ ହେଲା ମଙ୍ଗଳାରୋପଣ ତେଣୁ
କୋମଳ ନବନୀତ ପ୍ରମାଣୁ ଦନ୍ତ ତଣ୍ଡୁଳ ଯେ ।
ଦୂର୍ବାଙ୍କୁର ସୁବର୍ଣ୍ଣାଳଙ୍କାର ଦୃଶ୍ୟ ଯେ । ହୋଏ ସୁକର୍ମ ଅତିଶୟ ପ୍ରକାଶ ଯେ ।
ମୁଖେ ଦର୍ପଣ ଦୃଷ୍ଟି ରଚନା ଘେନିଲା କାନ୍ତିକି ଗୋରୋଚନା
ବାଣୀ ମଙ୍ଗଳାଷ୍ଟକ ଭାବନା କରେ ମାନସ ଯେ ॥ ୧୨

୧୧—ଜ୍ୟୋତିଷ ରାୟେ (ଜଣେ ପ୍ରଧାନଜ୍ୟୋତିଷ) ସଙ୍ଗେ ଥିଲା, ଅନୁକୂଳ ବେଳାହୋଇଲା ବୋଲି ସେ ବୋଇଲା, ସେ ସୁନ୍ଦର ଶୁଭ ପ୍ରଧାନ (ପ୍ରଧାନ ଶୁଭଲକ୍ଷଣ) ସୁନ୍ଦରୀ ଅଙ୍ଗମାନ ଧ୍ୟାୟିଲା, ସୁନ୍ଦରୀର ହାସ ଓ ନୟନକୁ ଗୁଣିଲାକ୍ଷଣି ଗୋପୀ ଓ ଧୀବରୀ (କେଉଟୁଣୀ) ଶୁଣି (ଲୋକମାନଙ୍କୁ ଶୁଣାଇ) ଦଧିନେବ ଓ ମତ୍ସ୍ୟ ନେବ ବୋଲି ଡାକିଲେ; ହାସ ଦଧି ନୟନ ମତ୍ସ୍ୟ । ପୁଣି ସୁନ୍ଦରୀର କଣ୍ଠ ଓ ଗମନକୁ ଭାବରେ ପାରାବତ ଓ ସମସ୍ତ ହଂସର ଗୃହିବା ଦଶିଯାଉଁ ସେ ଯୁବା ପୁରୁଷ ପୁଲକମୟ (ରୋମାଞ୍ଚିତଶରୀର) ହେଲେ, ସୁନ୍ଦରୀର କଣ୍ଠ-ପାରାବତ ଗମନ ମତ୍ତହଂସ ଗମନ । ସୁନ୍ଦରୀର ଉରୁ ସ୍ମରଣ କରୁ କରୁ ଯାମଳ (ଯାଆଁଳା) ଚାରୁ (ମନୋରମ) ଲଳିତା କଦଳୀତରୁଦଶେ, (ଏହାଦେଖି ମୋହର ଦଶା ପାଲଟି ଗଲା ଭାବି).ମହା ଉତ୍ସବା (ଅତି ଉଲ୍ଲସିତ) ହେଲେ ।

୧୨—ସୁନ୍ଦରୀର ଲକ୍ଷିତଭାବେ ଉଭାହେବା ଏ ଶୋଭାକୁ ଦେଖାଏ—ଚୁଚୁକ ଓ ଅଧରରେ ଯୋଖା (ଯୁକ୍ତ ହୋଇ ଥିବା) ସ୍ତନ ପୂଗ (ଗୁଆ) ଓ ପଲ୍ଲବ ଶାଖା (ନବପଲ୍ଲବ) ରେ ଯୁକ୍ତ କୁମ୍ଭେ ତଳାଇଲେ ସ୍ଥାପି ଉତ୍ଫୁଲ୍ଲ (ଉଦ୍‌ବେଗ) ରୂପ ଦ୍ୱିଜ (ବ୍ରାହ୍ମଣ) ବେଣୁ ଚରଣ ହେଲା ତେଣୁ ମଙ୍ଗଳା-ରୋପଣ କଲା, ସେଥିରେ ନବନୀତ ପ୍ରମାଣୁ (ଲହୁଣୀ ପରି) କୋମଳ-ଦନ୍ତ ତଣ୍ଡୁଳ (ଅକ୍ଷତ) ସୁବର୍ଣ୍ଣାଳଙ୍କାର ଦୁର୍ବାଙ୍କୁରପରି ଦେଖାଗଲା; ତେଣୁ ସୁକର୍ମ (ଉତ୍ତମ କର୍ମ) ଅତିଶୟ ପ୍ରକାଶ ହୋଏ । ମୁଖରୂପ ଦର୍ପଣରେ

ଅଣିଲ ପୁଷ୍ପକଳାପ ବେଶେ ଗନ୍ଧସାରକୁ ଶ୍ରୀଅଙ୍ଗବାସେ
ପ୍ରଦୀପ କାମ ତମସ ନାଶେ ସିଦ୍ଧାର୍ଥ ଜାତ'ଯେ ।
ମନ୍ତ୍ରୀ ବଚନେ ପୁରୋଧାସୁତ ଲୋକାଗ୍ରରରେ ମଙ୍ଗଳ କୃତ
ଯେ ବରଚତ ସେ ବୀରଚତ୍ର ହୃଷ୍ଟ ଲଭିତ ଯେ ।
ସେହି ସମୟେ ପୁଣି ଯେ ପାଠଯୋଷୀ ଯେ । ଦୁର୍ଗାମାଧବ ଲକ୍ଷ୍ମୀନୃସିଂହ ଭଷି ଯେ
ବଜୟୀ ହୋଇ ରାଜସମାଜେ କନ୍ୟାରତନ ଲଭ ଲଭ ଯେ
ସତ୍ୱରେ କର ବାହୁଡ଼ା ବଜେ ଦ୍ୱିଜେ ମନାସି ଯେ ॥ ୧୩
ଧରାଇ ମୋତି-ବିତାନ ପରେ ଅମାରାଶୂନ୍ୟ କର୍ୀପୃଷ୍ଠରେ
ଅସନ କଲ ସାଦ ପ୍ରକାରେ ଅଙ୍କୁଶ ଧୃତ ଯେ ।
କୁମ୍ଭରେ ଘାତକୃତଲକ୍ଷିତ ନୋହେ ଉରଜେ କାଏ ଗର୍ବିତ
ଭାବ ଜନିତ କି ନଖକ୍ଷତ ଦେବ ଏମନ୍ତ ଯେ ।
ଶୁଣି ଡଗରଡାକ ନାଗର୍ ସ୍ୱନ ଯେ । କଛୁ ନ ମଣି ସାଜ ବାହାର ସୈନ୍ୟ ଯେ
ଜାଣି ମନକୁ ପ୍ରିୟାପାଶକୁ ପେଷି ଲେଞ୍ଜିଲେ ଅଖିରେ ତାଙ୍କୁ
କଲେ ବିଦେହଶରେ ଦେହକୁ ଲକ୍ଷବଧାନ ଯେ ॥ ୧୪

ଦୃଷ୍ଟରଚନା କର ଉତ୍ତମ କାନ୍ତିକ ଶରୀର (ଶୋଭାକୁ) ଗୋରୋଚନା କର ଘେନିଲ, ତାହାର ବାଣୀ ମଙ୍ଗଳାଷ୍ଟକ ଏହା ମାନସେ ଭାବନା କଲେ ।

୧୩—ବେଶେ (ବେଶ କେଶପାଇଁ) ପୁଷ୍ପକଳାପ (ପୁଷ୍ପସମୂହ) ଶ୍ରୀଅଙ୍ଗ ବାସପାଇଁ ଗନ୍ଧସାର (କର୍ପୂର) ଅଣିଲ, କାମର ତମସ (ଦୁଃଖରୂପ ଅନ୍ଧାର) ନାଶିବାକୁ ପ୍ରଦୀପ ଅଣିଲ, ସିଦ୍ଧାର୍ଥ ଜାତହେଲ (ମଙ୍ଗଳାରୋପଣ ଆରମ୍ଭ ହେବାରୁ ମନୋରଥ ସିଦ୍ଧି ଜାତହେଲ) । ମନ୍ତ୍ରୀ ବଚନରେ ପୁରୋଧା ସୁତ ଲୋକାଗ୍ରରରେ ମଙ୍ଗଳାରୋପଣ କୃତ (ଅନୁଷ୍ଠାନ) ବରଚତ ହେବାରୁ ସେ ବୀରଙ୍କର ଚତ୍ର ହୃଷ୍ଟ (ହର୍ଷ) କୁ ଲଭିତ (ଲଭକଲ), ପୁଣି ସେହି ସମୟରେ ପାଠଯୋଷୀ ଦୁର୍ଗା, ମାଧବ ଓ ଲକ୍ଷ୍ମୀ, ନୃସିଂହ ବୋଲ ଭଷିଲେ, ରାଜ ସମାଜେ ବଜୟୀ ହୋଇ କନ୍ୟା ରତନ ଲଭ କର ସତ୍ୱରେ ବାହୁଡ଼ା ବଜେ କର ଏହା ଦ୍ୱିଜମାନେ ମନାସିଲେ ।

୧୪—ଅମାରା ଶୂନ୍ୟ ପରେ (ଉପରେ) ମୋତି ବିତାନ (ମୋତିଯୁକ୍ତ ଚାନ୍ଦୁଆ) ଧରାଇ ଅମାରା ଶୂନ୍ୟେ (ହାଉଦା ରହିତ) କରୀ ପୃଷ୍ଠରେ ଅସନ କଲେ ସାଦୀ (ହସ୍ତୀପକ) ପ୍ରକାରେ ଅଙ୍କୁଶକୁ ଧରିଲେ । ଏ (ହସ୍ତୀ କୁମ୍ଭ) ଗର୍ବିତ ସୁନ୍ଦରୀ ଉରଜେ (ସ୍ତନରେ) ଲକ୍ଷିତ (ସମାନ) ନୋହେ— ଏହାର କୁମ୍ଭରେ (ହସ୍ତୀଗଣ୍ଡରେ) ଘାତ କଲେ ଓ ଏହିପରି ସୁନ୍ଦରୀର ସ୍ତନରେ ନଖକ୍ଷତ ଦେବ ମନେ ଏମନ୍ତ ଭାବ ମନରେ ଜନିତ (ଜାତ) ହେଲ କି ? ଡଗର ଡାକ ଓ ନାଗରସ୍ୱନ (ବାଦ୍ୟ) ଶୁଣି ସୈନ୍ୟମାନେ

ବେଗ କରନ୍ତେ ଗତି ମନ୍ଥର ସିଂହାବଲୋକନର ପ୍ରକାର
ପୁରୁଷେ କରୁଁ ଯେ ଅଙ୍ଗୀକାର ଗୃହିଁ ଯୁବତୀ ଯେ
ଏ କି ଅଦ୍ଭୁତ ମଣୁ ଅଦ୍ଭୁତ ଥିଲା ଅଦ୍ଭୁତ ହେଲା ସଂଭୂତ
ଚନ୍ଦ୍ରେ ଉଦିତ ଜଳଜୁଁ ଜାତ ସଲିଳପନ୍ତି ଯେ ।
ନାରୀ ମାନ ବାଣିଜ୍ୟ ସଙ୍ଗତେ ଗଲେ ଯେ । ସୀତା ରାମ ଏ କାର୍ଯ୍ୟେ ମନାଇଥିଲେ
ଅଖେଟଲୀଳା ଭ୍ରମ ତୁଟିଲା ହୃଦଗହନେ କାମ ଘୋଟିଲା
ବନ୍ଧନେ ଧୈର୍ଯ୍ୟମୃଗ କାଟିଲା ରାମା କର୍ମିଲା ଯେ ॥ ୧୫
ଜାତ ସ୍ୱତାପ ଶାନ୍ତି ହେବାରେ ତୁଟୁ ପ୍ରବାସ କିଏ ବଗୃରେ
ଢାଳି ଲୋତକ ସ୍ତନ ଉପରେ ମୁଖ ନିବେଶି ଯେ ।
ପ୍ରାଣପୁରୁଷ ଦୂର ହୋଇବ କେହ୍ନେ ଶରୀର ପୁଣି ରହିବ
କେଡ଼େ ବଚନ କରେ ଦଇବ ହୋଇଲେ ଦୋଷି ଯେ ।
ପୁଂସଗଣ ଭାବନା ଏମନ୍ତ ହେଲା ଯେ । ରାଜସେବକ ଧାତା କାଁପାଇ କଲା ଯେ
ପ୍ରିୟା ଛାମୁକୁ ମେଲାଣି ହୋଇ ଅସିବା ତର ଯହିଁରେ ନାହିଁ
କି ପାଞ୍ଚ ଥିବ ପରାଣସହି ଡୋଳାପେଡୁଳା ଯେ ॥ ୧୬

ସାଜି (ସଜ୍ଜିତହୋଇ) କିନ୍ତୁ ନ ମଣି ବାହାର ହେଲେ ଜାଣି ରାଜପୁତ୍ର ମନକୁ ପ୍ରିୟାପାଶକୁ ପେଷି ଅଖିରେ ତାଙ୍କ (ପ୍ରିୟାଙ୍କ) ଲେଖିଲେ, ଏବଂ ବିଦେହ ଶରେ (କାମବାଣରେ) ଦେହକୁ ଲକ୍ଷ ବଧାନ କଲେ ।

୧୫—ସୈନ୍ୟମାନେ ଗତି ବେଗ କରନ୍ତେ ମନ୍ଥର (ମନ୍ଦ) ହେଲା, ପୁରୁଷମାନେ ସିଂହାବଲୋକନ (ସିଂହପରି ପଛକୁ ଲେଉଟି ଗୃହିଁବା) ପ୍ରକାରକୁ ଅଙ୍ଗୀକାର କରନ୍ତେ ଯୁବତୀମାନେ ଗୃହିଁ ରହିଲେ, ଏ କି ଅଦ୍ଭୁତ ହେଲାବୋଲି ମଣୁଥିଲେ କିନ୍ତୁ ସେ ଯେ ଅଦ୍ଭୁତ ଅବସ୍ଥାଥିଲା ତହିଁରୁ ପୁଣି ଅଦ୍ଭୁତସମ୍ଭୂତ (ଜାତ) ହେଲା, ଚନ୍ଦ୍ରେ (ଚନ୍ଦ୍ର ସଦୃଶ ନାରୀମାନଙ୍କ ମୁଖରେ) ଉଦିତ (ପ୍ରକାଶିତ) ଜଳଜୁ (ପଦ୍ମନେତ୍ରରୁ) ସଲିଳପନ୍ତି (ଜଳବିନ୍ଦୁ ଶ୍ରେଣୀ) ଜାତହେଲା ଏହା ଅତିପରାଦ୍ଭୁତ ଅଟେ । ନାରୀମାନ (ବଣିକ ସ୍ତ୍ରୀମାନେ କେବଳ) ବାଣିଜ୍ୟ ସଙ୍ଗତେ ଗଲେ, ଏ କାର୍ଯ୍ୟେ (ପୁରୁଷ ସଙ୍ଗେ ନାରୀଯିବା ବିଷୟରେ) ସୀତା ରାମଙ୍କୁ ମନାଇ ସଙ୍ଗରେ ଯିବାକୁ ବର ପାଇଥିଲେ, ଅନ୍ୟ ସ୍ତ୍ରୀମାନେ ପୁରୁଷସଙ୍ଗେ ନ ଯାଇ ଭ୍ରମୁ (ବିଭ୍ରମରୁ) ଅଖେଟ (ମୃଗୟା) ଲୀଳା ଘଟିଲା, ହୃଦଗହନେ (ହୃଦୟ ରୂପ ବନରେ) କାମ (ବ୍ୟାଧରୂପୀ କାମ) ବନ୍ଧନେ ଧୈର୍ଯ୍ୟମୃଗକୁ କାଟିଲା, ତେଣୁ ରାମା (ନାରୀମାନେ) କର୍ମିଲେ ।

୧୬—ଜାତହେବା ସ୍ୱତାପ (ନିଜମନସ୍ତାପ) ଶାନ୍ତ ହେବା ନିମିତ୍ତ ପ୍ରବାସ ତୁଟୁ, ଏ ବଗୃର କର କେଉଁ ନାରୀ ସ୍ତନରୂପ ଶମ୍ଭୁ ଉପରେ ଲୋତକ ଜଳ ଢାଳି

ନିଶା ହୋଇବ ବରଷାକାଳ ଘୋଟିବ ଚିନ୍ତା ଘନ ପଟଳ
ହିମାଂଶୁଜ୍ୟୋତ୍ସ୍ନା ତଡ଼ିତଜାଳ ଉଦିତ ବେଳ ଯେ ।
ପଡ଼ିବ ପଞ୍ଚବଢ଼ କୁଳିଶ ଝଡ଼ିବ ଦମ୍ଭଚର-ଶିରୀଷ
ବଢ଼ିବ ଶୋକନଦୀ ବିଶେଷ ଉତ୍କଣ୍ଠା ଜଳେ ଯେ ।
ଭ୍ରମ-ଭ୍ରମିରେ ଭ୍ରମି ପରି ବୁଡ଼ିବା ଯେ । ମାର-ମକରମୁଖେ ନିଷ୍ଟେ ପଡ଼ିବା ଯେ
ତରୁଣୀ-ମଣି ଜାନୁ-ତରଣୀ ଅବଲମ୍ବକୁ ନ ପାଇ ପୁଣି
କି ଦଣ୍ଡ କଲେ କୋଦଣ୍ଡପାଣି କେହି ତରିବା ଯେ ॥ ୧୭
ନ ଚଳି ଚଳି ଶୃଙ୍ଗାର ବୀର ରସ ବିରୋଧୀ ବଳାତକାର
ହେଲଅଦ୍ଭୁତ ଦେଖା ସେଠାର ଜନ୍ମ ହେବାରେ ଯେ ।
ପଦାତିପନ୍ତି ରଥୀ ଦ୍ୱିରଦ ମାହୁନ୍ତ ପଦଯାନ ଦ୍ୱିରଦ
ସାମଗ୍ରୀ ଚଳେ ବାନ୍ଧବ ଭୃତ୍ୟ ଭାରବାହାରେ ଯେ ।
ଯୋଗୀ ଯୋଗ କୋହଳ ଜନସଙ୍କୁଳେ ଯେ । ମହାହରଷେ ବଶ ଚପଳେ ଚଳେ ।
ନୃପତିସୁତେ ବିନୟ କୃତ ସେ ଚତୁରଙ୍ଗ ରଙ୍ଗେ ଗମିତ
ବହୁତରୂପେ ହୁଏ ଲକ୍ଷିତ ସୁନ୍ଦରୀ ତୁଲେ ଯେ ॥ ୧୮

ମୁଖ କମଳକୁ ନିବେଶ କଲା । ପ୍ରାଣପୁରୁଷ (ସ୍ୱାମୀ) ଦୂର ହେବ, ଶରୀର ପୁଣି କେହି (କିପରି) ରହିବ, ଦଇବ କେଡ଼େ ବିଚିତ୍ର କରେ ଏହା ଘୋଷି ହେଲେ, ପୁଂସଗଣଙ୍କର ଏମନ୍ତ ଭାବନା ହେଲା ଧାତା କିପାଇ ଆମ୍ଭମାନଙ୍କୁ ରାଜସେବକ କଲା, ଯହିଁରେ (ରାଜସେବକ ହେବାରେ) ପ୍ରତ୍ୟାଗ୍ରମୁଖ ମେଲାଣି ହୋଇ ଆସିବା ତର ନାହିଁ । ତୋଳାପିତୁଳା (ନୟନପିତୁଳା) ପ୍ରାଣସଖୀ କି ପାଶୁଥିବେ ।

୧୭—ନିଶା ବରଷାକାଳ ହୋଇବ, ଚିନ୍ତାରୂପ ଘନପଟଳ (ମେଘମାଳ) ଘୋଟିବ, ହିମାଂଶୁ ଜ୍ୟୋତ୍ସ୍ନା (ଚନ୍ଦ୍ର କିରଣ) ରୂପ ତଡ଼ିତଜାଳ (ବିଜୁଳି-ସମୂହ) ଉଦିତହେଲାବେଳେ ପଞ୍ଚବଢ଼ରୂପ କୁଳିଶ (ବଜ୍ର) ପଡ଼ିବ, ଦମ୍ଭଚର ରୂପ ଶିରୀଷ ଝଡ଼ିବ, ଶୋକ ରୂପ ନଦୀ ଉତ୍କଣ୍ଠା ରୂପ ଜଳରେ ବିଶେଷ ବଢ଼ିବ, ଆମ୍ଭେମାନେ ସେହି ବୃଦ୍ଧ ନଦୀର ଭ୍ରମରରୂପ ଭ୍ରମିରେ (ଭଉଁରୀରେ) ଭ୍ରମି ବୁଲି ବୁଲି ବୁଡ଼ିବା ଏବଂ ମାର (କନ୍ଦର୍ପ) ରୂପ ମକର (ମଗର) ମୁଖରେ ନିଶ୍ଚୟ ପଡ଼ିବା, ତରୁଣୀମଣିର ଜାନୁ ରୂପ ତରଣୀ (ନୌକାର) ଅବଲମ୍ବନକୁ (ଆଶ୍ରାକୁ) ନ ପାଇ କେହି (କିପରି) ତରିବା—କୋଦଣ୍ଡପାଣି (ଧନୁର୍ଦ୍ଧାରୀ ରାଜା) କି ଦଣ୍ଡ କଲେ ।

୧୮—ନ ଚଳି ଚଳି ଅର୍ଥାତ୍ ଯିବାକୁ ଇଚ୍ଛା କରି ମଧ୍ୟ ଯାଇପାରିଲେ ନାହିଁ ! ବୀର-ରସ ବଳାତ୍କାରରେ ଶୃଙ୍ଗାର ରସର ବିରୋଧୀ ହେଲା, ଏ ଅଦ୍ଭୁତ ଭାବ ସେଠାରେ ଜନ୍ମ (ଜାତ) ହେବାର ଦେଖାଗଲା, ପଦାତିପନ୍ତି ରଥୀ,

ଖଡ୍‌ଗ ଫଳକ ତିଳକ ଭଲ୍ଲ ବାଣ କମାଣ ଭ୍ରୂ ନେତ୍ର ମେଳ
ତୂଣୀର ନାସା ଅତି ମଞ୍ଜୁଳ କୁନ୍ତ କଟାକ୍ଷ ଯେ ।
ଚତୁର୍ବିଧ ବାଦ୍ୟ ବାଜେଣି ବଳୟ ବଳା ମୁଦି କିଙ୍କିଣି
ଚପଳ-ଚେଲ ଅଞ୍ଚଳ ଜାଣି ଚଞ୍ଚଳେ ଦକ୍ଷ ଯେ ।।
ଉଚ୍ଚ ଶତାଙ୍ଗ କୁଚ କଞ୍ଚୁଳାଙ୍ଗର ଯେ । କର୍ଣ୍ଣ ଭୂଷା ବିଦ୍ରୁମ ମାଳିକା ହାର ଯେ ।
ଚକ୍ର ତାଟଙ୍କ ପାଶ ଯେ ଶ୍ରୁତି ତୁରଙ୍ଗରଙ୍ଗ ତରଙ୍ଗିତ
ମତ୍ତମ ତଙ୍ଗ ଗମନ ଗତି ସଙ୍ଗମେ ଭ୍ରାସ ଯେ ।। ୧୯
ଅନ୍ୟ ଦେଶିଙ୍କ ଶ୍ରଦ୍ଧା ବଢ଼ାଇ ପଥେ ଅଗତ ଦେଖିବା ପାଇଁ
ମୁଖଡିଣ୍ଡିମ ପ୍ରକାଶ ହୋଇ ଗ୍ରାମନାରୀରେ ଯେ ।
ଶ୍ରବଣେ ମଦନ କୁମାର ପାଞ୍ଚ ଗୁଣ୍ଡି ଟଙ୍କାର ଧନୁକୁ ଅଞ୍ଚି
ମଦନ ପରି ଚମକ ରତି ନିଜ ଚିତ୍ତରେ ଯେ ।

ସୂତ ଓ ମାହୁତ, ସମସ୍ତେ ହରତ ପାଦଯାନ କଲେ (ପାଦରେ ଗମନ କଲେ) ସେମାନଙ୍କର ସାମଗ୍ରୀ ବାହକ, ଭୃତ୍ୟ (ଗୁଙ୍କର) ଏବଂ ଭାର ବାହାରେ (ଭାରଅମାନଙ୍କ ଦ୍ୱାରା) ଚଳେ, ଜନ ସଙ୍କୁଳେ (ଲୋକଗହଳରେ) ଯୋଗୀମାନଙ୍କର ଯୋଗ (ଧ୍ୟାନ) ହୋଇ ପାରିଲା ନାହିଁ ।
ଅର୍ଥାନ୍ତର—ଯୋଗୀ (ସଂଯୋଗିମାନଙ୍କପରି) ଯୋଗ (ବିଦାୟ) କାଳରେ ସଂଯୋଗ ନୋହିଲା ଜନ ସଙ୍କୁଳେ (ଅବିବାହିତ ଯୁବକମାନେ) ମହା ହରଷରେ ବଶ ହୋଇ ଚପଳେ ଚଳନ୍ତି । ବିନୟ କୃତ (ବିନୀତ) ସେ ଚତୁରଙ୍ଗ ସୈନ୍ୟ ନୃପତି ସଙ୍ଗେ (ରାଜପୁତ୍ରଙ୍କ ସହିତ) ରଙ୍ଗେ ଗମିତ (ଗଲେ) ବହୁତ ରୂପେ ନାନା ପ୍ରକାର ସୁନ୍ଦରୀ ତୁଲେ ଲକ୍ଷିତ ହୁଏ ।

୧୯—ସୁନ୍ଦରୀ କଲ୍ ତିଳକପରି ଖଡ଼ଗ, ଭଲ୍ଲପରି ଫଳକ (ଢାଲ୍) ନେତ୍ରମେଳେ ଭ୍ରୂଲତା ପରି ବାଣ ସହିତ କମାଣ (ଧନୁ), ନାସା ତୂଣୀର (ସରମୁଣା) ଅତି ମଞ୍ଜୁଳ (ମନୋହର) କଟାକ୍ଷ ପାତ କୁନ୍ତାସ୍ତ୍ର, ବଳୟ (କଙ୍କଣ) ବଳା, ମୁଦି, କିଙ୍କିଣି (କଟିଘୁଙ୍ଗୁର) ପରି ଚତୁର୍ବିଧ ବାଦ୍ୟ ବାଜେଣି (ବାଜିବା) ଚଞ୍ଚଳେ ଦକ୍ଷ [ଅତିଶୟ ଚଞ୍ଚଳ] ଅଞ୍ଚଳ [ପଣନ୍ତ] ପରି ଚପଳ ଚେଲ [ପତାକାବସ୍ତ୍ର] ଉଚ୍ଚ କୁଚପରି ଶତାଙ୍ଗ [ରଥ], କର୍ଣ୍ଣ ଭୂଷା ବିଦ୍ରୁମ ମାଳିକା ହାର [ପୋହଳାମାଳି] ପରି ରଥସ୍ଥ କଞ୍ଚୁଳଙ୍ଗର ତାଟଙ୍କ [କର୍ଣ୍ଣଭୂଷଣ] ପରି ରଥଚକ୍ର ଶ୍ରୁତି [କର୍ଣ୍ଣ] ପରି ପାଶ [ରଥଦାଣ୍ଡି] ତରଙ୍ଗିତ [ଦେହସୌନ୍ଦର୍ଯ୍ୟ ଭଙ୍ଗୀ] ପରି ତୁରଙ୍ଗ ରଙ୍ଗ [ଘୋଟକ କ୍ରୀଡ଼ା] ମତ୍ତ ମାତଙ୍ଗ ଗମନ ଗତି ସଙ୍ଗମେ [ସୁନ୍ଦରୀଙ୍କର ସଙ୍ଗମରେ] ଭ୍ରାସ [ଉଜ୍ଜ୍ୱଳ] ହୋଇଛି ।
୨୦—ଦେଖିବା ପାଇଁ ପଥରେ ଆଗତ ଗ୍ରାମନାରୀ ମାନଙ୍କଠାରେ ଅନ୍ୟ ଦେଶି-ମାନଙ୍କ ଶ୍ରଦ୍ଧା ବଢ଼ାଇବା ପାଇଁ ମୁଖ ଡିଣ୍ଡିମ [ହୁଳହୁଳି] ପ୍ରକାଶ ହେଲା ।

ଏହି ଷୋଡ଼ଶାକ୍ଷର ଯେତେ ଷୋଡ଼ଶୀ ଯେ । ଗୃହିଁ ପାଞ୍ଚକୁ ଭଲ ଅଙ୍କ ପ୍ରକାଶି ।
ନେତ୍ର ଚଞ୍ଚଳ ମାନସ ନେଲା ତାହା ସ୍ଥିରକୁ ଏ ଯେ ବହିଲା
ଭଲ ଭାଗ୍ୟରେ ମିଶି ପାଇଲା ହୋଇଲେ ଘୋଷି ଯେ ॥ ୨୦
କଥା ହୋଇଲେ ତରୁଣୀଗଣ ଆମ୍ଭ ବଲ୍ଲଭ ଏ ହେଲେ ଜାଣ
ହୁଅନ୍ତା ଦ୍ୱାନ କ୍ଷଣଦା କ୍ଷଣ ପରିଯନ୍ତ ସହି ରେ ।
ବଲ୍ଲଭୀ ହୋଇ ବଲ୍ଲବୀ ପରି ଶୁଚି ପ୍ରକାଶ ବନେ ବିହରି
ଅଶେଷ ତୋଷେ ମଣ୍ଡଳୀ କରି ମୋହନ ମୋହି ଯେ ।
ସାର୍ଥ ହୁଅନ୍ତା ମନୋରଥ ଜନମ ଯେ । ଶୁଣି କହି ହୋଇଲେ ସ୍ଥବିରୀ ସ୍ତୋମ ।
ଯେ ରାଜରାଜ ପ୍ରିୟତନୁଜ ଗୁଣ ସୁନ୍ଦରେ କେବଳ ହେଜ
ବ୍ୟର୍ଥ ପତିବ୍ରତକୁ ତେଜ କରି ତା ପ୍ରେମ ଯେ ॥ ୨୧

ମାର ଏ ହୁଳହୁଳି ଶ୍ରବଣେ ମନେ ପାଞ୍ଚିଲେ—'ଯେ ମଦନ ଧନୁକୁ ଅଙ୍ଗ ଗୁଣ ଟଙ୍କାରେ ପଞ୍ଚ' ଏହି ଷୋଡ଼ଶାକ୍ଷରକୁ ମନେ ପାଞ୍ଚି ନିଜ ଶରୀରେ ଚମକ (ଭୟ) କୁ ବହିଲେ । ଯେତେ ଷୋଡ଼ଶୀ ନାରୀ ସେମାନେ କୁମା-ରଙ୍କ ଗୃହିଁ "ମଦନ ପରି" ଏହି ପାଞ୍ଚ ଅକ୍ଷରକୁ ଭଲି ଅଙ୍କ ପ୍ରକାଶିଲେ, ନେତ୍ର ଚଞ୍ଚଳ (ଚାଞ୍ଚଲ୍ୟ) କୁ ମାନସ ନେଲା, ଅର୍ଥାତ୍ ମନ ଚଞ୍ଚଳ ହେଲା । ଏ ଯେ (ନେତ୍ର) ତାହା ସ୍ଥିର (ସ୍ଥିରତାକୁ) ଭଜିଲା, ଅର୍ଥାତ୍ ନେତ୍ରସ୍ଥିର ହେଲା । "ଅଜ ଭଲ ଭାଗ୍ୟରେ ମିଶି ପାଇଲା" ଏହା ଘୋଷିହେଲେ ।

୨୧—ସେହି ତରୁଣୀ ଗଣ ଏପରି କଥା ବାର୍ତ୍ତା ହେଲେ ଯେ ଏ ପୁରୁଷ ଆମ୍ଭ ବଲ୍ଲଭ (ସ୍ୱାମୀ) ହେଲେ ଦ୍ୱାନ ଓ କ୍ଷଣଦା (ରାତି) କ୍ଷଣ ପରିଯନ୍ତ ହୁଅନ୍ତା । ବଲ୍ଲବୀ (ଗୋପୀ) ମାନେ ବନେ ବିହରି ରାସ ମଣ୍ଡଳୀରେ ମୋହନ (କୃଷ୍ଣଙ୍କ) ମୋହିଲା ପରି ଅମ୍ଭେମାନେ ବଲ୍ଲଭୀ (ପ୍ରିୟା) ହୋଇ ବନେ ବିହରି ଶୁଚି (ଶୃଙ୍ଗାର) ପ୍ରକାଶ ଅଶେଷ ତୋଷେ (ଅତି ଆନନ୍ଦରେ) ମଣ୍ଡଳୀ (ରାସ ମଣ୍ଡଳୀ) କରି ମୋହନ (ସୁନ୍ଦରଙ୍କ) ମୋହନ୍ତ କରନ୍ତାଇଁ । ତେବେ ଅମ୍ଭମାନଙ୍କର ମନୋରଥ ଓ ଜନ୍ମ ସାର୍ଥ ହୁଅନ୍ତା. ଏହା ଶୁଣି ସ୍ଥବିରୀ ସ୍ତୋମ (ବୃଦ୍ଧା ସମୂହ) କହି ହୋଇଲେ, ଯେଉଁ ସୁନ୍ଦର ରାଜ ରାଜ ପ୍ରିୟତନୁଜ (ରାଜାଧିରାଜଙ୍କର ପ୍ରିୟ ପୁତ୍ର) ଗୁଣରେ ଓ ସୁନ୍ଦର ପଣରେ ସଂସାରରେ ଜଣେ ବୋଲି ହେଜ, ତା ସହ ପ୍ରେମକରିବା ବାଞ୍ଛାରେ ବ୍ୟର୍ଥରେ ପତିବ୍ରତାକୁ ତେଜନ୍ତି ସେ ତୁମ୍ଭଠାରେ ରହିବ ନାହିଁ ।

ଶୁଣି ବୋଲେ ସେ ପ୍ରତ୍ୟୁତ୍ତର ଯେବେ କୁବୁଜା କେତେ ମାଧବ
ଭୋଗ କଲା ସେ ଜଗଦୀଶ୍ୱର ଏ ଜଣା ଥିଲା କି ।
ଏବେ ନୋହିଲେ ପଛେ ହୋଇବ କାମକାମନା ମୁନିଙ୍କ ଭାବ
ଏ ସତ ରାମମୂର୍ତ୍ତି ସମ୍ଭବ ସଂଶୟ ଗଲା ଯେ ।
ଯେଉଁ ଯୁବତୀ ଯେଉଁ ବୃଦ୍ଧାର ତହିଁ ଯେ ଥିଲେ ପରିହାସୀ ସେ ତାହାଙ୍କୁ କହି
ହେବ ତୁମ୍ଭର ଯୋଗରେ ଯୋଗ ଅମ୍ଭ ମଧ୍ୟସ୍ଥ ହୁଅ ଗୋ ବେଗ
ରାଧିକାଦୂତୀ କୃଷ୍ଣରେ ଭୋଗ ତମସେ ହୋଇ ଯେ । ୨୨
ସେ ବୋଲେ ଅଗ ତୁମ୍ଭର ହେଉ ଏ ବୋଲେ ମାତା ମାତା କି କହୁ
ଅମ୍ଭମାନଙ୍କୁ ଛାଡ଼ିବ କାହୁଁ ଦିବ୍ୟସୁନ୍ଦର ଯେ ।
ଏତେବେଳେ ତାର ନୋହିଲା ପ୍ରୀତି ନିଦ୍ରା ପ୍ରବେଶେ ହୋଇବ ଦୂତୀ
ସ୍ୱପନଯୋଗେ ହେବତ ରତିରସ ପ୍ରସାର ଯେ ।
ତହିଁ ହେବ ଉତ୍ତରକୁରୁର ଭୋଗ ଯେ । ଯଥା ଦିବା ବିଯୋଗରାତ୍ରେ ସମ୍ଭୋଗ ।
ତପେ ମନାଇ ବ୍ରହ୍ମର୍ଷିଙ୍କି ଅଣିଲେ ସେ ବିଚ୍ଛେଦଘାତକୀ
ନୋହିବ କିକା ଅଣି ମିଳିକା ଗଲା ଉଦ୍‌ବେଗ ଯେ । ୨୩

୨୨—ଏହା ଶୁଣି ସେମାନେ ପ୍ରତ୍ୟୁତ୍ତର କଲେ ଯେବେ (ବିଚାର କର) କୁବ୍‌ଜା ବା କେତେଦିନ ସେ ଜଗଦୀଶ୍ୱର (ଶ୍ରୀକୃଷ୍ଣ)ଙ୍କୁ ଭୋଗକଲା ଏହା କିଏ ଜଣା ଥିଲା କି ? ଏବେ ନୋହିଲେ ପଛେ ମୁନିଙ୍କ କାମ କାମନା ଭାବ ହୋଇବ (ମୁନି ମାନେ ବନରେ ରାମଙ୍କୁ ଦେଖି କାମଭୋଗ କାମନା କରି ଥିବାରୁ ଗୋପୀ ହୋଇ ଜନ୍ମିଲେ)ଏ ମତ ରାମମୂର୍ତ୍ତି ସମ୍ଭବ ହୋଇଛି ଏଥିରେ ସଂଶୟ ନାହିଁ ସେଥିରେ ଯେଉଁ ବୃଦ୍ଧାର ଯେଉଁ ଯୁବତୀ ପରିହାସୀ ଥିଲେ ସେ ବୃଦ୍ଧା ତାଙ୍କୁ କହିଲେ ତୁମ୍ଭର ମଧ୍ୟସ୍ଥ ଯୋଗରେ ଅମ୍ଭର ଯୋଗ (ମିଳନ ହେବ), ବେଗହୁଅ, ଯେପରି ତମସେ (ଅନ୍ଧାରରେ) ରାଧିକା-ଦୂତୀ କୃଷ୍ଣରେ ଭୋଗ ହୁଅଇ, ଅର୍ଥାତ୍ ଶ୍ରୀକୃଷ୍ଣ ବିରହାତୁର ସମୟରେ ଅନ୍ଧାରରେ ରାଧିକା ବୋଲି ଦୂତୀକୁ ଭୋଗ କରିଥିଲେ ।

୨୩—ସେ ବୃଦ୍ଧା ବୋଲେ ଅଗ ତୁମ୍ଭର ଯୋଗ ହେଉ, ଏ ଯୁବତୀ ବୋଲେ ଗୋ ମାତା ମାତା ! (ଅଇ) ତୁ କଣ କହୁଛୁ, ଦିବ୍ୟ ସୁନ୍ଦର ଅମ୍ଭମାନଙ୍କୁ କାହୁଁ ଛାଡ଼ିବ ! ସାକ୍ଷାତରେ ପ୍ରୀତି ନୋହିଲେ ମଧ ଏତେବେଳେ କଣ ତାର ପ୍ରୀତି ନୋହିବ କି ?—ନିଦ୍ରା ପ୍ରବେଶରେ ସ୍ୱପ୍ନ ଯୋଗରେ ଦୂତୀ ହୋଇବ, ତହିଁରେ ରତିରସ ପ୍ରସାର (ଶୃଙ୍ଗାରର ବିସ୍ତାର) ହେବତ ? ତହିଁରେ କେବଳ ଉତ୍ତର କୁରୁର (ସ୍ୱର୍ଗର) ଭୋଗହେବ—ସ୍ୱର୍ଗରେ ଯେପରି ଦିନରେ ବିଯୋଗ ଓ ରାତ୍ରରେ ସମ୍ଭୋଗ ସେହିପରି ହେବ । ତପସ୍ୟାରେ ବ୍ରହ୍ମର୍ଷିଙ୍କି ମନାଇ ଅଣିଲେ ସେ ବିଚ୍ଛେଦଘାତକୀ ନୋହିବ କି । ଅର୍ଥାତ୍ ବହୁକାଳ

ନୃପନନ୍ଦନା କୁମରବରେ କେବଳ ଦଶେ ଅଷ୍ଟ ଦିଗରେ
ଏହି କଳ୍ପନା ବୁଦ୍ଧି ଶରୀରେ କର ନିଷ୍ଟସ୍ତ ଯେ ।
ଅଇରାବତ ଶବୁକ ଜାଣି ପୁଣ୍ଡରୀକକୁ ନୟନେ ଆଣି
ଦେଖିଲ ବାମନ ଗମନଠାଣି ଅନୁପମେୟ ଯେ ।
ପୁଣି କୁମୁଦ ହାସେ ପ୍ରକାଶମାନ ଯେ । କଟରେ ଅଞ୍ଜନ କେଶେ ତରମେ ସ୍ଥାନ ।
ଭୂଷିତ ପୁଷ୍ପଦନ୍ତ ଶୋଭିତ ସୌନ୍ଦର୍ଯ୍ୟ ସାର୍ବଭୌମ ଉଚିତ
ସୁପ୍ରତୀକରେ ସାର ଜଗତ ଚିତ୍ତରଞ୍ଜନ ଯେ ॥ ୨୪
ତନ୍ମୟଭାବେ ରହିବା ଠାବେ ବୀଣାବାଦନ ଶ୍ରବଣେ ଦ୍ରବେ
ବାଳା ପ୍ରବୀଣାପଦ ସ୍ୱଭାବେ ଆଶ୍ଳେଷ କରେ ଯେ ।
ଗୁଣାନୁବାଦନୀତ ବେଭରେ ଶୋଭିତ ତୁମ୍ବୁ କୁଚ ସ୍ଥିରରେ
ବେଣୀ ବ୍ୟାଳୀ ପ୍ରବାଳସାରେ ଯୁକ୍ତ ରାଗରେ ଯେ ।
ଜାତ ଇଙ୍ଗିତଗୀତ ସପ୍ତସ୍ୱରେ ଯେ । ସିଂହ କଚ୍ଛପ କଟି ଜଘନ ଧରେ ଯେ ।
ଭ୍ରମେ ଶତେକୀ ଧାତା ବଲ୍ଲକୀଯୁକ୍ତ ମୋ ଉଲ୍ଲସିତ ହେବ କି
ପୋଷା ତାର ଏ ଭାବନା ତର୍କି କହେ ସୁଧୀରେ ଯେ ॥ ୨୫

ରହି ହେବାରୁ ସର୍ବଦା ସମ୍ଭୋଗ । ଉଦ୍‌ବେଗ ଗଳ୍ପ ବୋଲ ମତକ (ମନକୁ) ଆଣ ।

୨୪—କୁମରବରକୁ କେବଳ ନୃପ ନନ୍ଦନା (ରାଜପୁତ୍ରୀ) ଅଷ୍ଟ ଦିଗରେ ଦଶେ, ଏହି କଳ୍ପନା ନିଷ୍ଟସ୍ତ କର ବୁଦ୍ଧିରେ ଶରୀରେ. ଐରାବତକୁ (ପୂର୍ବଦିଗହସ୍ତୀ ଓ ନାରଙ୍ଗ) ସୁନ୍ଦରୀର ଶବୁକ (ଓଷ୍ଠ) ଜାଣିଲ. ପୁଣ୍ଡରୀକକୁ (ଅଗ୍ନି-କୋଣ ହସ୍ତୀ ଓ ପଦ୍ମକୁ) ନୟନରେ ଆଣିଲ, ବାମନ (ଦକ୍ଷିଣ ଦିଗହସ୍ତୀ)କୁ ଅନୁପମେୟ ସୁନ୍ଦରୀର ଗମନ ଠାଣି ଦେଖିଲ, ପୁଣି ହାସରେ କୁମୁଦ (ନୈର୍‌ଋତ କୋଣ ହସ୍ତୀ ଓ କଇଁଫୁଲ ପ୍ରକାଶମାନ ହେଉଛି) ଅଞ୍ଜନ (ପଶ୍ଚିମଦିଗ ହସ୍ତୀ ଏବଂ କଜ୍ଜଳ) ତରମେ କେଶେ (ପୃଷ୍ଠ ଭାଗରେ ପତିତ କେଶରେ) ସ୍ଥାନ କରେ, ପୁଷ୍ପଦନ୍ତ (ବାୟୁକୋଣ ହସ୍ତୀ ଓ କୁନ୍ଦପୁଷ୍ପ ସଦୃଶ ଦନ୍ତରେ) ସୁନ୍ଦରୀ ଭୂଷିତା ହୋଇ ଶୋଭା ପାଉଛି । ସାର୍ବଭୌମ (ଉତ୍ତର ଦିଗ ହସ୍ତୀ ଏବଂ ଚକ୍ରବର୍ତ୍ତୀ) ସୁନ୍ଦରୀର ସୌନ୍ଦର୍ଯ୍ୟ ଜଗତରେ ସାର୍ବଭୌମ [ଚକ୍ରବର୍ତ୍ତୀ] ହେବା ଉଚିତ । ସୁପ୍ରତୀ କରେ [ଐଶାନ୍ୟ ଦିଗ ହସ୍ତୀ ଏବଂ ସୁନ୍ଦର ଦେହରେ] ସାର ହୋଇ ଜଗତର ଚିତ୍ତକୁ ରଞ୍ଜିତ କରୁଅଛି ।

୨୫—ତନ୍ମୟଭାବରେ [ସୁନ୍ଦରୀ ଚିନ୍ତାମଗ୍ନ ଭାବରେ] ରହିବା ଠାରେ ବୀଣା ବାଦନ ଶ୍ରବଣରେ ଦ୍ରବୀଭୂତ ହୋଇ ଶରୀରଲ—ବାଳା ପ୍ରବୀଣା [ପଣ୍ଡିତା ଓ ଉତ୍କୃଷ୍ଟ ବୀଣା] ପଦକୁ ସ୍ୱଭାବରେ ଆଶ୍ଳେଷ [ଆଲିଙ୍ଗନ] କରୁଛି, ବୀଣା ବେଭରେ ଗୁଣାନୁବାଦନୀ (ଗୁଣ ଦ୍ୱାରା ଶବ୍ଦ କାରଣୀ) ସୁନ୍ଦରୀ ଗୁଣାନୁ-

ନବନାଗରୀ ଶୋଭୀ ନଗରୀ ଦ୍ୱିଜଶ୍ରେଣୀରେ ମହାମାଧୁରୀ
ରାଜା ବଦନେ ପ୍ରସନ୍ନ ଧର ଉରଜେ ଦକ୍ଷା ଯେ ।
ସୁନ୍ଦର ଶୂଦ୍ରହାସରେ କର ମାଳୀବ୍ରଜରେ ପୁଣି ପୂର

ପାଟଳ ଗମନକୁ ଆଦର କରନ୍ତି କକ୍ଷା ଯେ ।
ଅର୍ଦ୍ଧପ୍ରୟୋଗ ଅର୍ଥେ ମନ୍ତ୍ରିଜ ଭଣି ଯେ । ଅଛି ସଭେଦ ବୋଇଲ୍‌ ତୁ କି ପୁଣି ।
ଅର୍ଦ୍ଧ ପରରେ ହୋଇଛି ସତ ନୋହୁଛି ବେନି ଅଙ୍ଗ ମିଶ୍ରିତ
ଏ ଘେନି କରି ଅଛି ଉଦିତ ଏମନ୍ତ ବାଣୀ ଯେ ॥ ୨୨

ବାଦମୀ (ନାନାଗୁଣରୂପିଣୀ), ଉଇଲୁତ ଓ ସ୍ପୃଷ୍ଟ [ପିଙ୍ଗୁ] ବୀଣାର ତୁମ୍ବୀପର ଶୋଭିତ, ବୀଣା ପ୍ରବାଳସାରେ (ଉତ୍ତମ ବୀଣାଦଣ୍ଡରେ) ଏବଂ ରାଗରେ ଯୁକ୍ତ ହୋଇପରି ସୁନ୍ଦରୀ ବେଣୀ ରୋମାଳରେ ଏବଂ ରାଗ (ସ୍ନେହରେ) ଯୁକ୍ତା, ବୀଣା ସପ୍ତସ୍ୱରେ (ସପ୍ତସ୍ୱରକୁ) ଜାତ କଲାପରି ସୁନ୍ଦରୀ ଇଙ୍ଗିତ ଗୀତ ଜାତ କରୁଛି ବୀଣା ସିଂହ ଓ କଚ୍ଛପୀ ରୂପ ପ୍ରକାର ହୁଏ । ସୁନ୍ଦରୀ ସିଂହ ଓ କଚ୍ଛପଙ୍କ କଟୀ ଜଘନରେ ଧାରଣ କରିଛି, ଅତଏବ ଶବେଳ ବୟଃତାର ଭ୍ରମର ଯୁଗଳ ବୀଣାସଦୃଶୀ ସୁନ୍ଦରୀ ମୋର କଳ୍ପିତା ହେବ କି ? ତାହାର ଏ ଭାବନାକୁ ତର୍କ ପୋଟା ସ୍ୱୀରେ କହିଲା ।

୨୨—ସେ ନବନାଗରୀ ନଗରୀ ପରି ଶୋଭା ପାଉଛି, ନଗରୀ ଦ୍ୱିଜ (ବ୍ରାହ୍ମଣ) ଶ୍ରେଣୀରେ ମହ ମାଧୁରୀ ହୋଇଥାଏ, ତହିଁରେ ରାଜା ବଦନରେ ପ୍ରସନ୍ନ ଭାବକୁ ଧରିଥାନ୍ତି, ସେ ଉରଜେ (ବୈଶ୍ୟମାନଙ୍କରେ) ଦକ୍ଷା ଅର୍ଥାତ୍ ବାଣିଜ୍ୟରେ ନଗରୀ ଶ୍ରେଷ୍ଠା, ଏବଂ ଶୂଦ୍ରମାନଙ୍କର (ଶୁଦର ମାନଙ୍କର) ହାସ ପରିହାସରେ କରି ସୁନ୍ଦର (ସୁନ୍ଦରୀ, ମାଳୀ ଏବଂ ବ୍ରଜ (ଗୋପାଳ) ମାନଙ୍କରେ ପୁଣି ପୂରିଥାଏ, ପାଟଳ (ପାଟଗ୍ରାମାନଙ୍କର) ଗମନକୁ ଆଦରିଥାଏ । ସୁନ୍ଦରୀ-ଦ୍ୱିଜ (ଦନ୍ତ) ଶ୍ରେଣୀରେ ମହା ମାଧୁରୀ ହୋଇଛି, ରାଜା ବଦନେ [ଚନ୍ଦ୍ରବଦନରେ] ପ୍ରସନ୍ନ ଭାବକୁ ଧରିଛି, ଉରଜେ (ସ୍ତନରେ) ଦକ୍ଷଅଟେ, ସୁନ୍ଦ୍ରହାସରେ (ସୁନ୍ଦରହାସରେ ସୁନ୍ଦର ମନ୍ଦହସନରେ) କରି ସୁନ୍ଦର [ସୁନ୍ଦର] ହୋଇଛି, ପୁଣି ମାଳୀବ୍ରଜରେ (ମାଳାସମୂହରେ) ପୂରିଛି ଓ ପାଟଳ ଗମନକୁ (ଅପଣଙ୍କ ନଗରୀ ପାଟଳୀ ପୁରକୁ ଆସିବାକୁ) କକ୍ଷା [କଟାକ୍ଷ] କରୁଛି । ଏମନ୍ତ ଶୁଣି ଅର୍ଦ୍ଧପ୍ରୟୋଗ ଅର୍ଥେ [ପାଟଳୀପୁର ନ କହି ପାଟଳୀ କହିବାରୁ] ମନ୍ତ୍ରୀଜ [ମନ୍ତ୍ରୀପୁତ୍ର] କହିଲା—ତୁ କି ବୋଇଲୁ, ଗୋଳପ ନାମର ଅର୍ଦ୍ଧ ପ୍ରୟୋଗ କଲୁ. ପୁଣି ଶ୍ଳେଷାର୍ଥ ମଧ୍ୟରେ ଚଣ-ଭେଦ [ସକାରର ଭେଦ, ଶୂଦ୍ରହାସ ଓ ସୁନ୍ଦ୍ରହାସ] ହୋଇଛି ? ପୋଟା କହିଲା—ଅର୍ଦ୍ଧପରରେ (ଅଧେପରିରୂପ) ହୋଇଛି, ବେନିଅଙ୍ଗ ମିଶ୍ରିତ ନୋହୁଛି ଏହା ସତ, ଏ ଘେନି

ତେଣେ ରମଣୀମଣିଙ୍କ ଦଶେ ଦଶେ ସୁନ୍ଦରରତନ ଦଶେ
ଯେଣୁ ସେ ବଜ୍ରଧର ଅନିଶେ ଶିଖାରେ·ଶୋହୁ ଯେ ।
ମନ୍ଦ ହାସରେ ରାଜି ସାକ୍ଷାତ ସେ ପୁଣ୍ୟଜନ ସିନ୍ଦୁରେ ସ୍ଥିତ
ସଦାଗତି ଯେ ଅଳକାଯୁକ୍ତ ଗଉରୀ ମୋହୁ ଯେ ।
ମୀନନୟନୀ ଲକ୍ଷ୍ୟ ଯେମନ୍ତ ବୀରେ ଯେ । ପୁଂସଲକ୍ଷ୍ୟ ରାମାରେ ସେହିପ୍ରକାରେ ।
ନାରୀ-ପୁରୁଷେ ସାର ଏ ବେନି କି ଯେନା ଯେନି ଯେନି ଅବନୀ ।
ଜାତ ହୋଇଲେ ମିତ ମିତଣୀ ପ୍ରଶଂସା କରେ ଯେ ॥ ୨୭
ଏହି ସମୟେ ନୃପନନ୍ଦନ ନୃପନନ୍ଦନା ପ୍ରୀତି ବନ୍ଦନ ।
ସଖା ସଖୀଙ୍କ ଅଗେ କଥନ ରସ ରହସ୍ୟେ ଯେ ।
ପୀରତି ସୂର୍ଯ୍ୟ ଚନ୍ଦ୍ର ହୋଇଛୁ ସେ ମୁଁ ସୁଶୀଳ ସୁଶୀଳା ଇଚ୍ଛି
ଦିନ ରଜନୀ ଉଦୟ ଅଚ୍ଛୁ ପରଶ ବଶେ ଯେ ।
ଦେଖି ବିରହାନଳ ଜାତ କରଇ ଯେ । ଲେଖି କ୍ଷଣ କ୍ଷଣକେ ଦ୍ରବାଇ ଦେଇଯେ ।
ଦ୍ୱିମଣି କେଉଁ ରୂପେ ମିଶିଲ । ପ୍ରାଣୁ ଅଧିକ ପୂରକୁ କଲ ।
ଏ ଚମତ୍କାର କାହୁଁ ଶିଖିଲ ବିଧାତା ବିହି ଯେ ॥ ୨୮

ଏମନ୍ତ ବାଣୀ (ଅର୍ଦ୍ଧ ପ୍ରୟୋଗ ଓ ସଭେଦବାଣୀ) ଉଦିତ (ପ୍ରକାଶିତ) କରିଛନ୍ତି ।

୨୭—ତେଣେ ରମଣୀମଣିଙ୍କ ସୁନ୍ଦରରତ୍ନ ଦଶେ୨ (ପ୍ରତିଦିଗରେ) ଦଶେ, ଯେଣୁ ଯେ ଅନିଶେ (ସର୍ବଦା) ବଜ୍ରଧର (ହୀରକ ଖଚିତ)ଶିଖାରେ(ମୁକୁଟରେ (ଶୋଭିତ ମନ୍ଦହାସରେ ରାଜିତ, ସାକ୍ଷାତ୍ ପୁଣ୍ୟଜନ (ଧାର୍ମିକ), ସିନ୍ଦୁରେ (ହସ୍ତୀରେ) ସ୍ଥିତ, ସଦାଗତି (ସର୍ବଦାଗମନଶୀଳ) ଅଳକା (ଚୂର୍ଣ୍ଣ କୁନ୍ତଳ) ରେ ଯୁକ୍ତ, ଗୌରୀ (ସୁନ୍ଦରୀ) ମାନଙ୍କର ମୋହନ କାରୀ, ଏତେଣୁ ସେ ସୁନ୍ଦର ବଜ୍ରଧର (ଇନ୍ଦ୍ର ପୂର୍ବଦିଗ) ଶିଖାରେ ଶୋହି (ଅଗ୍ନି-ଅଗ୍ନିକୋଣ) ହାସରେ ରାଜିତ ମନ୍ଦ (ଯମ-ଦକ୍ଷିଣଦିଗ) ସଦାଗତି (ପବନ-ବାୟୁକୋଣ) ଅଳକାଯୁକ୍ତ (କୁବେର ଉତ୍ତରଦିଗ) ଏବଂ ଗୌରୀଙ୍କ ମୋହିତ କରିଛନ୍ତି । (ଶିବ-ଐଶାନ୍ୟ କୋଣ) ଏହି ପ୍ରକାର ଦଶଦିଗ ସୂଚିତହେବ । ମୀନ-ନୟନା ବୀରଠାରେ ଯେମନ୍ତ ଲକ୍ଷ୍ୟ ରଖିଛନ୍ତି, ରାମାଠାରେ ପୁଂସ ମଧ୍ୟ ସେହିପ୍ରକାର ଲକ୍ଷ୍ୟରଖିଛନ୍ତି ।ନାରୀ ଓ ପୁରୁଷ ମଧ୍ୟରେ ସାର (ଶ୍ରେଷ୍ଠ) ଏ ବେନି (ସୁନ୍ଦରୀ ଓ ସୁନ୍ଦର) ଇତ୍ୟାଦି ଯେନା ଯେନି କି ଯେନି ଅବନୀରେ ଜାତ ହୋଇଲେ ମିତ ମିତଣୀ (ଦୁହିଙ୍କର ସଖା ସଖୀ) ଏହି ପ୍ରକାର ପ୍ରଶଂସା କରନ୍ତି ।

୨୮—ଏହି ସମୟରେ ନୃପନନ୍ଦନ ଏବଂ ନୃପନନ୍ଦନା ଦୁହେଁ ପରସ୍ପର ପ୍ରୀତିକି ବନ୍ଦନ (ପ୍ରଶଂସା) କରି ରସ ରହସ୍ୟେ (ରସକୌତୁକରେ) ସଖା ସଖୀଙ୍କ ଅଗରେ କଥନ କଲେ—ଅମ୍ଭ ପ୍ରୀତି ସୂର୍ଯ୍ୟଚନ୍ଦ୍ର ପରି ହୋଇଛୁ ।

କହିଲେ ସଖା ସଖୀ ତାଙ୍କର ଯହିଁ ବାହିଲ୍ଲ ଏ ଚମତ୍କାର
ଯହିଁ ବହିବ ବେଣୀ ଶରୀର ଜଡ଼ିବା ଭାବ ଯେ ।
ଦୁହେଁ ଦୁହିଙ୍କ ପତି ହୋଇବ ଲକ୍ଷ୍ମୀକୁ ଅତି ପ୍ରୀତି ନ ଥିବ
ନିଶି ଦିବସ ଲବ ସରିବ ପ୍ରାପ୍ତ ସ୍ୱଭାବ ଯେ ।
ଭୃଙ୍ଗ ପୁଷ୍ପ ସ୍ନେହରେ ଅଛୁ କି ଶଙ୍କା ଯେ । ଶୁଣି ମୂକ ରସିକ ଭାଷେ ରସିକା ଯେ ।
କଣ୍ଟକ ରହି ସଂଯୋଗ ନାହିଁ କେତକୀ ମଧୁବ୍ରତରେ ତହିଁ
କୁରଙ୍ଗରଙ୍ଗ ସେମନ୍ତ ହୋଇ ଜନ୍ମାଇ ଦକ୍ଷା ଯେ ॥ ୨୯

ସେ (ସୂର୍ଯ୍ୟକାନ୍ତମଣି) ସୁଶୀଳ (ସୂର୍ଯ୍ୟ ଚନ୍ଦ୍ର) ସୁଶୀଳା (ଚନ୍ଦ୍ରକାନ୍ତ ମଣି) କି ଇଚ୍ଛା କରନ୍ତି, ଦିନରେ ଓ ରଜନୀରେ ଉଦୟ ହୁଅନ୍ତି, ତାଙ୍କ ସ୍ପର୍ଶବଶରୁ ସୂର୍ଯ୍ୟକାନ୍ତ ମଣିରୁ ଅଗ୍ନି ଜାତ ହୁଏ ଓ ଚନ୍ଦ୍ରକାନ୍ତମଣି ଦ୍ରବେ । ସେ ମୁଁ ସୁଶୀଳାକୁ ଇଚ୍ଛା କରୁଛି ଦିନ ରଜନୀପର ଅଶା ନିରାଶାର ଉଦୟ ହେଉଛି, ସେ ଚିନ୍ତା ସ୍ପର୍ଶରେ ଦେଖ କେବେ ବିରହାନଳ ଜାତ କରୁଛି, କ୍ଷଣ କ୍ଷଣକେ ପୁଣି ଦ୍ରବାଇ ଦେଉଛି । ପରସ୍ପର ବିରୋଧୀ ଦ୍ୱିମଣି (ସୂର୍ଯ୍ୟକାନ୍ତ ମଣି ଓ ଚନ୍ଦ୍ରକାନ୍ତ ମଣିର ଭାବ) କେଉଁରୂପ ମିଶିଲେ, ପରକୁ ପ୍ରାଣରୁ ଅଧିକ କଲ, ବିଧାତା! ଏ ଚମତ୍କାର କାହୁଁ ଶିଖି ବିଧାନ କଲ ।

୨୯—ତାଙ୍କର ସଖା ସଖୀ କହନ୍ତେ ଯହିଁ (ଯେ) ଏ ଚମତ୍କାର ବାହିଲ୍ଲ ତହିଁ (ସେ) ବେଣୀ ଶରୀର ଜଡ଼ିବା ଭାବ (ଆଲିଙ୍ଗନକୁ) ବହିବ, ଦୁହେ ଦୁହିଙ୍କର ପତି (ରକ୍ଷକ) ହୋଇବେ ପ୍ରୀତି (ଉଭୟଙ୍କର ପ୍ରୀତି) ଅତି ଲକ୍ଷ୍ମୀକୁ (ଉପମାକୁ) ନ ଥିବ । ସ୍ୱଭାବରେ ନିଶିଦିବସ (ରାତିଦିନ)ଲବ-ପ୍ରାପ୍ତ ସରିବ । ଭୃଙ୍ଗ ଓ ପୁଷ୍ପର ସ୍ନେହ ବିଷୟରେ ଶଙ୍କା ଅଛି କି ? ଏହା-ଶୁଣି ରସିକ ମୂକ ହେଲା, ରସିକା ଭାଷିଲା—ରେ ସହି । କଣ୍ଟକ ରହିବାରୁ କେତକୀ ଓ ମଧୁବ୍ରତର (ଭ୍ରମରର) ସଂଯୋଗ ହୁଏ ନାହିଁ । କୁରଙ୍ଗରଙ୍ଗ (ମୃଗପୁଚ୍ଛ ଛେଦନ ନିୟମ) ସେ ମତ ହୋଇ ଦକ୍ଷା (ଉପ୍ତ) ଜାତ କରଇ ।

ବୋଇଲା ଅଳୀ କିପାଁଇ ଭଜୁ ନୋହିଲା ହୁଏ କରମବଳୁ
କରିଅଛନ୍ତି ସମୁଦ୍ର ଚଳୁ କେବଳ ନରେ ଟେ ।
ନରେ ସମସ୍ତେ ଇନ୍ଦ୍ର ହୋଇଛନ୍ତି ନରେ ଧରଣୀ ଟେକି ଧରିଛନ୍ତି
ଏ ସ୍ୱୟମ୍ବରେ ସୁଯୋଗ ଅଛି । କୁମରବରରେ ଟେ ।
ସୀତା ରାମ କଲେଟି ପୂର୍ବକାଳରେ ଯେ । ଜଳେ ଗିରି ବନ୍ଧନ କୀର୍ତ୍ତି ବାନରେ ଯେ
ବିଷୟ ହୋଇଛନ୍ତି ଅନ୍ତର ଚିନ୍ତା ସେ ବେନି ପଦ୍ମପଦର
ଉପେନ୍ଦ୍ର ବୀରବର ଭ୍ରମର ସଦା ତହିଁରେ ଯେ ॥ ୩୦

ଅଷ୍ଟବିଂଶ ଛାନ୍ଦ

ରାଗ—ବସନ୍ତବରାଡ଼ି

ବିଜ୍ଞ ସୁଜନ ରଞ୍ଜନ ପଦମାନ ମାନସେ କରିବ ବିଚାର ।
ଅଳ୍ପ ବ୍ୟୁତ୍ପତ୍ତି ଉତ୍ପତ୍ତି ନରପଣ୍ଡି ବାନରମୁଷ୍ଟି ପରକାର ।
ଛାଡ଼ନ୍ତୁ । ନାହିଁ ଅମ୍ଭେ ବଡ଼ ଏ ଗର୍ବ ।
ଏ ଗୀତ ସବିତା ପଦ ପ୍ରଭାବରେ ତାମସ ତମସ ନାଶିବ ॥ ୧

୩୦—ଅଳୀ (ସଖୀ) ବୋଇଲା—ରେ ସୁନ୍ଦରୀ । ତୁ କିପାଁଇ ଭାବୁଛୁ କରମବଳୁ ନୋହିବା କଥା ହୁଏ, ନରେ (ଜଣେଲୋକ ଅଗସ୍ତିମୁନି) ସମୁଦ୍ରକୁ ଚଳୁ କରିଅଛନ୍ତି, ସମସ୍ତେ ନରେ (ନହୁଷ ନୃପତି) ଇନ୍ଦ୍ର ହୋଇଛନ୍ତି, ନରେ (ଅର୍ଜ୍ଜୁନ) ଧନୁହୁଳରେ ଧରଣୀକୁ ଟେକି ଧରିଛନ୍ତି, ଏ ସ୍ୱୟମ୍ବରେ କୁମର ବରେ ସୁଯୋଗ (ଉତ୍ତମ ସୁନ୍ଦରୀ ସଂଯୋଗ ଅଛି, । ପୂର୍ବକାଳରେ ସୀତା ରାମ ଜଳରେ ଗିରି (ପର୍ବତ) ବନ୍ଧନକଲେ, ବାନରମାନଙ୍କର କୀର୍ତ୍ତି ହେଲା ବିଷୟ (ସମସ୍ତ ବାଧାବିଘ୍ନ) ଅନ୍ତର (ଦୂର) ହୋଇଛି, ସେ ବେନିଙ୍କର (ସୀତାରାମଙ୍କର) ପଦ୍ମପାଦ ଚିନ୍ତି ଉପେନ୍ଦ୍ର ବୀରବର ସଦା ତହିଁ (ପାଦପଦ୍ମରେ) ଭ୍ରମର ଅଟନ୍ତି ।

୧—ହେ ବିଜ୍ଞବ୍ୟକ୍ତିମାନେ ସୁଜନରଞ୍ଜନ (ଉତ୍ତମଲୋକମାନ, ମନୋମୁଗ୍ଧକର) ପଦମାନ ମାନସେ ବିଚାର କର, ଅଳ୍ପ ବ୍ୟୁତ୍ପତ୍ତି (ଜ୍ଞାନ) ଉତ୍ପତ୍ତି (ଜନ୍ମ-ଥିବା) ଲୋକେ ବାନର ମୁଷ୍ଟିପରି "ଅମ୍ଭେ ବଡ଼" ଏ ଗର୍ବ ଛାଡ଼ନ୍ତୁ ନାହିଁ, ସେମାନଙ୍କର ତାମସ (ତମୋଗୁଣ) ରୂପ ତମସ (ଅନ୍ଧକାରକୁ) ଏ ଗୀତ-ରୂପ ସବିତା (ସୂର୍ଯ୍ୟ) ପଦ (କିରଣସଦୃଶ ପଦମାନଙ୍କ (ପ୍ରଭାବରେ ନାଶ କରିବ ।

ଶରରାଜମାନ ନାରାଜ ଧନୁର୍ଦ୍ଧର ରାଜବଂଶୀ-ରାଜନନ୍ଦ ।
କନ୍ୟାରତ୍ନ ଲଭ ଆବେଶେ ସୁବେଶେ ପ୍ରବେଶ ଚମ୍ପାବତୀପୁର ।
ଚାହିଁଲେ । ଅମରେ ରହିଲେ ସ୍ତବଧେ ।
ବ୍ରହ୍ମାଣ୍ଡଭାଣ୍ଡ ତୂର୍ଣ୍ଣରେ ପୂର୍ଣ୍ଣ ହେଲା ଯେଉଁ ବୀରତୂର ଶବଦେ ॥ ୨
ପତଙ୍ଗହୟ ପତଙ୍ଗ ଯେ ଆତଙ୍କ ଦେଖି ଚପଳ ଦଣ୍ଡପନ୍ତି ।
ଛନ୍ଦହେବା ବନ୍ଧ ହେବା ପାଶ ନଳ ଭ୍ରମେ ଉଦ୍‌ବେଗ ବେଗଗତ ।
ପାଦାନ୍ତ । ବଳପ୍ରବଳରେ ଗମନ୍ତେ ।
ରେଣୁଏ ଅଣୁଏ ଛିଦ୍ର ନ ରଖିଲେ ଆକାଶ ପ୍ରକାଶ ନିମନ୍ତେ ॥ ୩
କୁଞ୍ଜର କୁଞ୍ଜର ପୁଞ୍ଜର ଗମନେ ସୁମନେ ସୁମନେଶ ଭାଳେ ।
ପକ୍ଷହନ୍ତା ମୁହିଁ କାହା ପକ୍ଷ ପାଇ ଅଚଳ ଅଚଳାରେ ଚଳେ ।
ସଭଙ୍ଗ । ଅଭଙ୍ଗ ରୂପକକୁ ଧାଇଁ ।
ଦନ୍ତ-କଟକ ତୁଙ୍ଗ ପୃଥୁଳକାୟ ଶିକଳା-ଧାତୁଧାରେ ଶୋହି ॥ ୪

୨—ନାରାଜ (ଶର) ଓ ଧନୁର୍ଦ୍ଧାରୀ ରାଜବଂଶୀୟ ରାଜନନ୍ଦର (ସମୂହ) କନ୍ୟାରତ୍ନ ଲାଭର ଆବେଶରେ (ଆଶାରେ) ସୁବେଶ ହୋଇ ଚମ୍ପାବତୀ-ପୁରରେ ପ୍ରବେଶ ହେଲେ । ଯେଉଁ ବୀରତୂରର ଶବଦରେ ବ୍ରହ୍ମାଣ୍ଡଭାଣ୍ଡ ତୂର୍ଣ୍ଣରେ (ଶୀଘ୍ର) ପୂର୍ଣ୍ଣହେଲା ଅମରେ (ଦେବତାମାନେ) ତାହାକୁ ଚାହିଁ ସ୍ତବ୍ଧ ହୋଇ ରହିଲେ ।

୩—ପତଙ୍ଗହୟ (ସୂର୍ଯ୍ୟଙ୍କର ଘୋଡ଼ାମାନେ) ଓ ପତଙ୍ଗ (ପକ୍ଷିମାନେ) ଚପଳ (ପତାକା) ତହିଁରେ ଦଣ୍ଡପନ୍ତିକି ଦେଖି ପତାକା (ପାଶ) ଦଣ୍ଡ (କାଣ୍ଡଅନଳ) ଭ୍ରମରେ ଛନ୍ଦହେବା ଏବଂ ବନ୍ଧହେବା ବୋଲି ଉଦ୍‌ବେଗ (ଚଞ୍ଚଳ) ହେଲେ ଏବଂ ଗତି କଲେ । ପାଦାତି (ପଦାରୂଢ଼ ସୈନ୍ୟମାନେ) ବଳ ପ୍ରବଳରେ ଗମନ୍ତେ ରେଣୁ ଏ (ଧୂଳିମାନେ) ଆକା-ଶର ପ୍ରକାଶନିମନ୍ତେ ଅଣୁଏ ଛିଦ୍ର ରଖିଲେ ନାହିଁ, ଅର୍ଥାତ୍ ଧୂଳିଘୋଟି ଯିବାରୁ ଆକାଶ ଟିକିଏ ମାତ୍ର ଦିଶିଲା ନାହିଁ ।

୪—କୁଞ୍ଜର କୁଞ୍ଜର ପୁଞ୍ଜର (ହସ୍ତୀଶ୍ରେଷ୍ଠ ସମୂହର) ଗମନରେ ସୁମନେଶ (ଦେବେନ୍ଦ୍ର) ସ୍ୱମନେ ଭାଳଇ—ମୁଁ ପର୍ବତମାନଙ୍କର ପକ୍ଷହନ୍ତା ସେ ଅଚଳ (ପର୍ବତ-ମାନେ) ଏବେ କାହାର ପକ୍ଷ (ସହାୟ) ପାଇ ଅଚଳାରେ (ପୃଥିବୀରେ) ଚଳନ୍ତି । ଏଠାରେ ସଭଙ୍ଗ, ଅଭଙ୍ଗ, ଦୁଇ ପ୍ରକାର ରୂପକକୁ ଧାଇଁ (ବଗ୍ରୁଥାଇଁ) ହସ୍ତୀ ଦନ୍ତକଟକ (ଦନ୍ତବଳୟ) ଓ ଶିକଳା (ଶାଙ୍କୁଳୀ ଓ ଧାତୁଧାର (ମଦଧାର) ରେ ଶୋଭତ, ପୁଣ ତୁଙ୍ଗ (ଉଚ୍ଚ) ପୃଥୁଳକାୟ (ଦୀର୍ଘଶରୀର) ପର୍ବତ ଦନ୍ତ (ଶୃଙ୍ଗ) କଟକ (ନିତମ୍ବ)ରେ ଓ ଗୈରିକାଦି ଟିକଳାଧାତୁ ଧାରରେ ଶୋଭିତ, ପୁଣି ତୁଙ୍ଗ ଓ ପୃଥୁଳ-

ସିନ୍ଧୁ ଜାତକୁଳେ ପ୍ରବଳ ତରଙ୍ଗେ ବାଡ଼ବ ରଙ୍ଗେ ଭ୍ରମବଧି ।
ସିନ୍ଧୁ ଜାତକୁଳେ ପ୍ରବଳ ତରଙ୍ଗେ ବାଡ଼ବ ରଙ୍ଗେ ଭ୍ରମ ବଧି ।
ଚଉତରେ । ସର୍ବଯମକ ଭାବ ଇଚ୍ଛି ।
ମେଳ ତ୍ରିବେଣୀ ରଙ୍ଗ ଦ୍ୱଦଶ କା ବଷେ ଅକାଳେ ପ୍ରଳୟ ହେଉଛି ॥ ୫
ରଥେ ଘନ ଘନପଥେ ଯେ ଗମନ ଅମ୍ବରମଣ୍ଡନେ ରୁଚିର ।
ଶୁଦ୍ଧ-ଦର୍ପଣ ଝଟ ଝଟ ଝଟକେ ନେତ୍ର ଅଟକ ନିରନ୍ତର ।
ପ୍ରକଟ । ଚକ୍ର କଟକଟ ରଟରେ ॥
କେକୀ ଟେକା ପୁଚ୍ଛ ଗଣକ ଗଣିଲେ କା ହେଉଛି ଭୂଜସ୍ତମ୍ଭରେ ॥ ୬

କାଠ୍ଯା ଦନ୍ତକଟକ ଶିକଳାଧରୁଧାରାଠାରେ ସଭଙ୍ଗ ଓ ତ୍ରିଭଙ୍ଗ ସ୍ଥୂଳ-କାୟଠାରେ ଅଭଙ୍ଗ ।

୫—ସେ ସ୍ଥାନ ସିନ୍ଧୁପରି ହୋଇଛି—ସିନ୍ଧୁ (ସମୁଦ୍ର) ପ୍ରବଳ ତରଙ୍ଗେ (ଉତ୍କଟ ଲହରୀ) କୂଳରେ ଏବଂ ବାଡ଼ବରଙ୍ଗେ (ବାଡ଼ବାଗ୍ନି କ୍ରୀଡ଼ାକୁ) ଓ ଭ୍ରମ (ଭଉଁରୀ) ବଧି କା ମଧ୍ୟରେ ଜାତ କରଇ । ଏଠାରେ-ସିନ୍ଧୁଜାତ କୁଳେ (ସିନ୍ଧୁ ଦେଶୀୟ ଘୋଟକ ମାନେ) ଏବଂ ବାଡ଼ବ (ଅନ୍ୟାନ୍ୟ ଘୋଟକ ମାନେ) ପ୍ରବଳ ତରଙ୍ଗେ (ଅତି ଚଞ୍ଚଳତାରେ) ରଙ୍ଗେ ଭ୍ରମବଧି (ଚକ୍ର-ଦେବା ବଧିକା) କରୁଛନ୍ତି । ଚଉତରେ ଏହିପରି ସର୍ବ ଯମକ ଭାବକୁ ଇଚ୍ଛା କରୁଥାଇଁ, ମୂର୍ତ୍ତି ରଙ୍ଗ ଉଦେଶ (କଳା ଧଳା ରଙ୍ଗ ତ୍ରିବର୍ଣ୍ଣ ହେତୁ) ଭାବୁଥାଇଁ ଏ କା ବଷେ (ତ୍ରିବେଣୀ—ଗଙ୍ଗା, ଯମୁନା, ସରସ୍ୱତୀ) ମେଳହୋଇ ଅକାଳେ ପ୍ରଳୟ ହେଉଛି ?

୬—ରଥେ (ରଥମାନେ) ଘନ (ମେଘ) ଅଟନ୍ତି ମେଘ ଘନପଥରେ (ଆକା-ଶରେ) ଗମନ କରନ୍ତି ଏମାନେ ଘନ (ନିବିଡ଼ ଭାବରେ) ପଥରେ ଗମନ କରୁଅଛନ୍ତି, ଯେ ମେଘ ଅମ୍ବର (ଆକାଶକୁ) ଏ ରଥ ଅମ୍ବର (ବସ୍ତ୍ର) ମଣ୍ଡନରେ ମନୋହର । ମେଘରେ ଥିବା ବିଜୁଳୀପରି ରଥରେ ଥିବା ଶୁଦ୍ଧ ଦର୍ପଣ ଝଟଝଟ ଝଟକେ ନେତ୍ର ଗତିକୁ ନିରନ୍ତର ଅଟକ କରୁଛି । ମେଘ ଗର୍ଜନ ସଦୃଶ ପ୍ରକଟ ହେଉଥିବା ଚକ୍ରର କଟ କଟ ରଟରେ (ଶବ୍ଦରେ) କେକୀ (ମୟୂର ମାନେ) ବର୍ଷାକାଳ ହେଲା ବୋଲି ପୁଚ୍ଛକୁ ଟେକିଲେ । ଏ ସବୁ ଦେଖି ଗଣକ (ଜ୍ୟୋତିଷମାନେ) ଗଣିଲେ—ଭୂ-ଜ (ମଙ୍ଗଳ) ସ୍ତମ୍ଭରେ ଅଛନ୍ତି ବର୍ଷାର ଅଗମ କିପରି ହେଉଛି । ମଙ୍ଗଳ ସ୍ତମ୍ଭ ହେଲେ ବର୍ଷା ହୁଏ ନାହିଁ ।

ମନ୍ତ୍ରୀବର ବେଗ କହେ ନୃପବର୍ଗ ଅଭିଧାନ ବଣ୍ଠାନନ୍ଦଙ୍କ ।
କାନ୍ତାଦି କାଣ୍ଡ ପ୍ରକାଶ ତିନିଲୋକ ଜାତ କୃତ-ଶ୍ଲୋକବୃନ୍ଦଙ୍କ ।
ଉତ୍ତମ । ବର୍ଣ୍ଣ ଉଜ୍ଜ୍ୱଳ ସର୍ବେ ତହିଁ ।
ଉପବନ ହେବ ସ୍ୱଭାବେ ପୁସ୍ତକ ଲେଖାଭାବେ ଦେବା ରଖାଇ ॥ ୭
ରାଜା ସମ୍ମତ ଏରୂପେ ଶେଷପତ୍ର ଶବ ଉଦୟ ହେବା ଅଛି ।
ଗୁଣ ସଂଯୋଗରେ ପୂଜନ କରିବା ଗଣେଶ୍ୱରଜାତ ଅସୁଛି ।
ସଚିବ । ଜାଣିଲ ଯେ ଯେତେ ରାଜନ ।
ତେତେ ଆଦର କରି ରଙ୍ଗି ଉଦ୍ୟାନେ ରତ୍ନ ବାସ ଦେଲେ ବହନ ॥ ୮

୭—ରାଜପୁତ୍ରମାନଙ୍କୁ ଦେଖି ମନ୍ତ୍ରିବର ବଣ୍ଠାନନ୍ଦ ରାଜାଙ୍କୁ ବେଗରେ କହିଲେ, ଏ ନୃପ-ବର୍ଗ ଅଭିଧାନ ଶାସ୍ତ୍ର ଅଟନ୍ତି, ଅଭିଧାନ କାନ୍ତାଦି କାଣ୍ଡ (ବର୍ଗ) ଓ ତିନିଲୋକରେ (ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ) ଜାତ (ଉତ୍କୃଷ୍ଟ) ଶ୍ଲୋକ ବୃନ୍ଦଙ୍କୁ ପ୍ରକାଶ କରେ, ତହିଁରେ ଉତ୍ତମ ବର୍ଣ୍ଣ ଓ ସର୍ବେ (ସର୍ବନାମ ମାନେ) ଉଜ୍ଜ୍ୱଳ ହୋଇଥାନ୍ତି । ରାଜପୁତ୍ର ମାନେ ପରସ୍ପର ବର୍ଗ, କାନ୍ତାଦି (ବେଶ ଭୂଷାଦି) ଓ କାଣ୍ଡ ପ୍ରଭୃତିରେ (ଶାସ୍ତ୍ର ପ୍ରଭୃତିରେ) ପ୍ରକାଶ ପାଉଛନ୍ତି, କୃତ ଶ୍ଲୋକ ବୃନ୍ଦଙ୍କୁ (ଧାର୍ମିକମାନଙ୍କୁ) ତିନି ଲୋକରେ ଜାତ (ଜଣିଛନ୍ତି) ସର୍ବେ ଉତ୍ତମ ବର୍ଣ୍ଣ (ସଦ୍ ବଂଶୀୟ) ଏବଂ ଉଜ୍ଜ୍ୱଳ (କଳଙ୍କ ହୀନ) ଏମନ୍ତ ରାଜବୃନ୍ଦଙ୍କୁ, ଉପବନ ସ୍ୱଭାବରେ ପୁସ୍ତକ ହେବ, ତହିଁରେ ଏହି ରାଜାମାନଙ୍କୁ ଲେଖା ଭାବେ (ଅକ୍ଷର ଧାଡ଼ିପରି ଶ୍ରେଣୀ ବନ୍ଧକରି) ରଖାଇ ଦେବା ।

୮—ଏ କଥାରେ ରାଜା ସମ୍ମତ ହୋଇ ଏରୂପେ କହିଲେ—ପୁସ୍ତକର ଶେଷ-ପତ୍ରରେ ଶବ ଉଦୟ ହୁଏ ଅର୍ଥାତ୍ ଶେଷପତ୍ରଟି ଲିଖିତ ହୁଏ ଓ ସେ ଗୁଣ (ଡୋର) ସଂଯୋଗରେ ଗଣେଶ୍ୱର ଯାତ (ଗଣେଶ ଚତୁର୍ଥୀ ଯାତ୍ରାରେ) ପୂଜନ ହୁଏ । ସେଠାକୁ ଗଣେଶ୍ୱର ଜାତ (ରାଜ ଗଣେଶ୍ୱର ଦୀପ୍ତି ସାଗର ରାଜାଙ୍କର ପୁତ୍ର ପ୍ରସ୍ତକେତୁ) ଅସୁଛି, ସେ ସପତ୍ର (ଯାନ-ସହିତ) ହୋଇ ଶବ (ଅସ୍ତୁର୍ଣ ରୂପେ ଉଦୟ ପ୍ରବେଶ) କରିବାର ଅଛି, ଅତଏବ ସେ ରାଜପୁତ୍ରଙ୍କୁ ଓ ଅନ୍ୟାନ୍ୟମାନଙ୍କୁ ଗୁଣସଂଯୋଗରେ (ଶୌର୍ଯ୍ୟାଦି ଗୁଣାନୁସାରେ) ପୂଜନ କରିବା ଉଚିତ ହେଉଛି । ଏମନ୍ତ ଶୁଣି ସଚିବ (ମନ୍ତ୍ରୀ) ଯେ ଯେତେ ରାଜା ତାହା ତ ଜାଣିଲ, ତାଙ୍କୁ ସେତେ ଆଦର କରି ଉଦ୍ୟାନେ ରଙ୍ଗି ବହନ ରତ୍ନ ବାସ ଦେଲେ ।

ସେ ବନ ନନ୍ଦନ ସମାନ ବନ୍ଦନ ସଦା ସୁମନାବର ଥାଇ ।
ପାଶେ କଉଶିକୀ ସେ ମନ୍ଦାକିନୀ କି ସୁରସନ୍ତାପକୁ ହରଇ ।
ଦେଖନ୍ତି । ରାଜନେ ଦୁହିଙ୍କ ଶୋଭନ ।
କରନ୍ତି ସଲୀଳେ ପରଭୃତ ସ୍ୱନ ସଲିଳେ ପରଭୃତ ସ୍ନାନ ॥ ୯
ଖେଳୁଛନ୍ତି କଳକଣ୍ଠ ଚଳୁଛନ୍ତି କଳକଣ୍ଠ ଅବିରତର ।
କାହିଁ କୁମୁଦ ଗନ୍ଧସାର ସ୍ୱାଦ କାହିଁ କୁମୁଦ ଗନ୍ଧସାର ।
ଭ୍ରମରେ । ରାଜିତ ଭ୍ରମରେ ରାଜିତ ।
କେ ମଧୁର ବାସ କେ ମଧୁର ବାସ ବେନି ମଧୁର ବାସ ସତ ॥ ୧୦
ମାଳନୀପୁର ମାଳନୀ ଫୁଲ ତୋଳୁଁ ସେ ବନେ ମାଳିକା ରଚନେ ।
ଲକ୍ଷ ନୃପତି ଲକ୍ଷ୍ୟ ଲୋଭେ ପ୍ରବେଶ ଶୁଣାଇଦେଲେ ଦେଖି ଲୋଚନେ ।
ବାହୁଡ଼ୁଁ । ମଗଧଦେଶ ମର୍ତ୍ତ୍ୟସୁତ ।
ଯେଉଁ ଫୁଲ ମାଗି ଯହିଁରେ ସବୁରୀ ନୃପକାଠାରେ ହେବ ଖ୍ୟାତ ॥ ୧୧

୯—ସେ ବନ ନନ୍ଦନ ସମାନ ବନ୍ଦନୀୟ ହୋଇଛି । ନନ୍ଦନ ବନରେ ସଦା ସୁମନାବର (ଦେବେନ୍ଦ୍ର) ଥାଏ, ଏଠାରେ ସୁମନାବର (ଉତ୍କୃଷ୍ଟ ପୁଷ୍ପମାନ) ଅଛି, ସେ ବନର ପାଶରେ ଥିବା କୌଶିକୀନଦୀ ମନ୍ଦାକିନୀ (ସ୍ୱର୍ଗଙ୍ଗା) କି ? ମନ୍ଦାକିନୀ ସୁର (ଦେବତା ମାନଙ୍କର) ସନ୍ତାପକୁ ହରଇ, ଏ ସୁର (ସୂର୍ଯ୍ୟଙ୍କର) ସନ୍ତାପକୁ (ପ୍ରଖର କିରଣ ତାପକୁ) ହରୁଛି । ରାଜାମାନେ ଦୁହିଙ୍କର (ବନ ଓ ନଦୀର) ଶୋଭାକୁ ଦେଖୁଛନ୍ତି । ବନରେ ପରଭୃତ (କୋକିଳମାନେ) ସଲୀଳ (କ୍ରୀଡ଼ା ସହିତରେ) ସ୍ୱନ କରନ୍ତି, ନଦୀରେ ପରଭୃତ (ରାଜାଙ୍କ ପାଳିତ ଲୋକମାନେ) ସ୍ନାନ କରନ୍ତି ।

୧୦—ଅବିରତର (ସର୍ବଦା) ବନରେ କଳକଣ୍ଠ (ମୟୂରମାନେ) ଖେଳୁଛନ୍ତି, ନଦୀରେ କଳକଣ୍ଠ (ହଂସମାନେ) ଚଳୁଛନ୍ତି (ପହଁରୁଛନ୍ତି) କହିଁ (ବନର କେଉଁଠାରେ) କୁମୁଦ (ଗମ୍ଭାରି ବା ଧାତକୀ ବୃକ୍ଷ) ଗନ୍ଧସାର (ଚନ୍ଦନବୃକ୍ଷ) ସ୍ୱାଦ (ସ୍ୱାଦୁ ଦାତା) ହୋଇଛନ୍ତି ଓ କାହିଁ [ନଦୀର କେଉଁଠାରେ] କୁମୁଦର ଗନ୍ଧ (ବାସନା) ସାର ହୋଇଛି, ବନ ଭ୍ରମରରେ ରାଜିତ (ଶୋଭିତ) ନଦୀ ଭ୍ରମରେ (ଜଳଭଉଁରିରେ) ଶୋଭିତ । କେ (ବନରେ) ମଧୁର (ବସନ୍ତ କାଳର) ବାସ (ବାସସ୍ଥାନ) ଓ କେ [ନଦୀରେ] ମଧୁର [ଜଳର] ବାସସ୍ଥାନ ସତ । ଦୁହେଁ ମଧୁର [ସୌନ୍ଦର୍ଯ୍ୟର ବାସସ୍ଥାନ]

୧୧—ମାଳନୀ ପୁର [ଚମ୍ପାପୁର] ମାଳନୀ ମାଳିକାରଚନେ [ହାର ଗୁନ୍ଥିବାକୁ] ସେ ବନରେ ଫୁଲତୋଳୁଁ ଲକ୍ଷ ସଂଖ୍ୟକ ନୃପତି ଲକ୍ଷ୍ୟ ଲୋଭେ [ଲକ୍ଷ ବିନ୍ଧିବା ଲୋଭରେ] ପ୍ରବେଶ କଲେ । ମାଳନୀ କେତେ ରାଜାଙ୍କ ନାମ ଶୁଣି

ଶୁଦ୍ଧାନ୍ତେ କେମା-ସଖୀ କଥା ଏକାନ୍ତେ ନବକାମ ରତ ଲାଳସେ ।
ଅସିଲେ କି ନାହିଁ କିପରି ଜାଣିମା ଶୁଣି ରମଣୀମଣି ଭାଷେ ।
ପ୍ରସ୍ଥାନ । ନ କରିଥିଲେ ସେ ପ୍ରସ୍ଥାନ ।
କରିବ ଟିକି ଶମନ-ଭବନକୁ ଜୀବନ ବୁଝ ଏ ବିଧାନ ॥ ୧୨
ବାଣୀକା କହି ସାରଙ୍ଗ ଚଞ୍ଚଳାକ୍ଷୀ ଗ୍ରହ ଅଶଙ୍କା ଏଥି ନାହିଁ ।
ଅବଧି ବରଷେ ତା ନୀର ତୃଷାର୍ତ୍ତି ଜାଣି ସାରଙ୍ଗ ଥାଏ ଯହିଁ ।
ନୋହିଲେ । ଜଳଦ ବୋଲନ୍ତେ କେ ଘନେ ।
ସେ ରସଦମୂର୍ତ୍ତି ତୁ ତାହା ତୃଷାର୍ତ୍ତି ଅସିବେଣି ରସ ଦାନେ ॥ ୧୩
କହେ କାଦମ୍ବିନୀ ସମୟ ହେଲାଣି ହରଷ-ନଦୀ ଉଛୁଳିବ ।
ନୀବ-ବନ୍ଧ ଅସ୍ତବ୍ୟସ୍ତ ଲଭି ଲଜ୍ଜା-ହଂସ ଦୂରକୁ ପଳାଇବ ।
କି ଗୁଣି । ମାଳିନୀ ଏକାଳେ ଅଇଲା ।
ଶଶୀକଳା ଫୁଲମାଳା ଗୁନ୍ଥି ଆଜ ଅଳ୍ପ କାହିଁକି ପଚାରିଲା ॥ ୧୪

କେତେ ରାଜାଙ୍କୁ ଲୋକେ ଦେଖି ଚାହୁଁଛୁଁ, ମଗଧଦେଶ ମନ୍ତ୍ରୀସୁତ ଯେଉଁ ଫୁଲମାଗି ଯହିଁରେ ସରାଗୀ [ସ୍ନେହୀ] ହେଲା, ମାଳିନୀ ଯାଇ ନୃପକନ୍ୟାଠାରେ କହିବା ବେଳେ ତାହା ଖ୍ୟାତ ହେବ ।

୧୨—ନବକାମ ସଦୃଶ ପୁଷ୍ପକେତୁ ରତି ସଦୃଶ କୋଟିବ୍ରହ୍ମାଣ୍ଡସୁନ୍ଦରୀର ଲାଳସାରେ ଅସିଲେ କି ନାହିଁ କିପରି ଜାଣିମା ଏ କଥା ଶୁଦ୍ଧାନ୍ତରେ [ଅନ୍ତଃପୁରରେ] କେମାସଖୀ ଏକାନ୍ତେ କହନ୍ତେ ରମଣୀମଣି ତାହାଶୁଣି ଭାଷେ ସେ ପୁରୁଷ ପ୍ରସ୍ଥାନ କରି ନ ଥିଲେ [ନ ଅସିଥିଲେ] ମୋ ଜୀବନ ଶମନଭବନକୁ (ଯମାଳୟକୁ) ପ୍ରସ୍ଥାନ କରିବଟି କି,ଏ ବିଧାନ ବୁଝ ।

୧୩—ବାଣୀକା ସଖୀ କହିଲା—ରେ ସାରଙ୍ଗ [ଖଞ୍ଜନ] ଚଞ୍ଚଳାକ୍ଷି । ଏଥିରେ ଗ୍ରହଦୋଷ ଅଶଙ୍କା ଅବଧି [ପର୍ଯ୍ୟନ୍ତ] ନାହିଁ । ଯେପରି ତୃଷାର୍ତ୍ତି ସାରଙ୍ଗ [ଚାତକ] ଯହିଁ ଥାଇ ତାହା ଜାଣି ମେଘ ତା ନୀର ବର୍ଷଇ, ନୋହିଲେ ଘନେ [ମେଘକୁ] କେହି ଜଳଦ ବୋଲନ୍ତେ କି ? ସେହିପରି ସେ ସୁନ୍ଦର ରସମୂର୍ତ୍ତି, ତୁ ତାହା ପାଶ ତୃଷାର୍ତ୍ତିନୀ ଅବଶ୍ୟ ସେ ରସ ଦାନେ ଅସିବେଣି ।

୧୪—କାଦମ୍ବିନୀ ସଖୀ କହିଲା—ସମୟ ହେଲାଣି ହର୍ଷରୂପନଦୀ ଏଥର ଉଛୁଳିବ ନୀବିବନ୍ଧରୂପ ବନ୍ଧ ଅସ୍ତବ୍ୟସ୍ତ ଲଭିବ, ଲଜ୍ଜାରୂପ ହଂସ ଦୂରକୁ ପଳାଇବ ମାଳିନୀ କି ଗୁଣି (ବିଚାରି) ଏ କାଳେ ଅଇଲା, ଶଶୀକଳା ସଖୀ ଫୁଲ-ମାଳାକୁ ଗୁନ୍ଥି ଆଜ ଅଳ୍ପ କାହିଁ କି ପଚାରିଲା ।

ପଚୁରିଲାକୁ ଉଚ୍ଚାରିଲା ପ୍ରସନ୍ନ ଆନନେ ସେ କେଳିକାନନେ ।
ନରନାୟକ ଯେତେକ ପୃଥ୍ୱୀଯାକ ପୂରି ଗଲେ ତହିଁ ସଘନେ ।
ଦେଖି ମୁଁ । ଜାଣିଲି ତିନି ତଥ୍ୟ କରି ।
ସମ୍ପଦେ ମଦେ ପ୍ରମୋଦେ ବୀରପଦେ ଅଧିକ କହୁଛି ବିଚାରି ॥ ୧୫
ନିଶ୍ଚେ ତ୍ରିପୁର ଜିଣିଛି କାଶୀଶ୍ୱର ନୁହଇ କାଶୀଶ୍ୱର ସେହି ।
ବିଦେହ ରାଜା ଆସିଅଛି ବିଦେହରାଜା ଏଥି ଏ ଘେନି ନାହିଁ ।
କୋଦଣ୍ଡ । କାଣ୍ଡ ଯହିଁରେ ତା ନିର୍ମାଣ ।
ସେ ପୁର ନୃପଜ ବିଜେ ଚନ୍ଦ୍ରପ୍ରଭା ସ୍ୱଭାବେ ସେ ଜ୍ୟୋତିରିଙ୍ଗଣ ॥ ୧୬
ଗୁରୁ କବି ଛବି ମିଳିବେନି ବେନି ପାଶେ ଥିଲେ ମୋତେ ଦିଶିଲା ।
ଦୃଷ୍ଟି ଏ ତହୁଁ ଗୋଟିଏକ ଖସିଲା ମୋର ନିକଟକୁ ଆସିଲା ।
ମୋ ନେତ୍ର । ମୀନ ସୁଖ ଭୋଗ ଅଣିଲା ।
ମାଗିଲା ସୁଗନ୍ଧଫୁଲ ଯେତେ ଦେଲି ତହିଁରୁ କିଛି ନ ଘେନିଲା । ୧୭

୧୫—ପଚୁରିବାକୁ (ଏକଥା ପଚୁରିଥିବା ଲୋକଙ୍କୁ) ପ୍ରସନ୍ନ (ଅନେକ ପ୍ରସନ୍ନବଦନରେ) ମାଳିନୀ ଉଚ୍ଚାରିଲା (କହିଲା), ସେ କେଳିକାନନେ ପୃଥ୍ୱୀଯାକ ଯେତେକ ନରର ନାୟକ (ରାଜା) ସଘନେ ପୂରିଗଲେ । ମୁଁ ସେମାନଙ୍କୁ ଦେଖି ତହିଁ ମଧ୍ୟରୁ ସମ୍ପଦେ (ଭାଗ୍ୟରେ) ମଦେ (ଅହଙ୍କାରରେ) ପ୍ରମୋଦେ (ଆନନ୍ଦରେ) ଏବଂ ବୀରପଦେ (ବୀରପଣରେ) ଅଧିକ ବୋଲି ଯେଉଁ ତିନିଜଣଙ୍କୁ ତଥ୍ୟ କରି ଜାଣିଲି ତାହା ବିଚାରି କହୁଛି ।

୧୬—କାଶୀଶ୍ୱର (କାଶୀରାଜା) ନିଶ୍ଚେ ତ୍ରିପୁର (ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ) କୁ ଜିଣିଛି କିନ୍ତୁ ସେ କାଶୀଶ୍ୱର (ତ୍ରିପୁରାସୁର ବିଜୟୀ ଶିବ) ନୁହଇଁ, ଆଉ ବିଦେହ ଦେଶ ରାଜା ଆସିଛି ସେ ଅତିଶୟ ସୁନ୍ଦର ଏ ଘେନି ବିଦେହ ରାଜା (କନ୍ଦର୍ପ) ଏଥିରେ ନାହିଁ, ତା (କନ୍ଦର୍ପର) କୋଦଣ୍ଡ କାଣ୍ଡ (ଧନୁଶର) ଯହିଁରେ ନିର୍ମାଣ ସେ ପୁର (ପୁଷ୍ପପୁର) ନୃପଜ (ରାଜପୁତ୍ର ପୁଷ୍ପକେତୁ) ଚନ୍ଦ୍ରପ୍ରଭା (ଚନ୍ଦ୍ରତୁଲ୍ୟ ଦୀପ୍ତିକି) ଧରି ବିଜେ କରିଛନ୍ତି, ତାଙ୍କ ପ୍ରଭାବରେ ସେ ରାଜା ଦୁହେଁ ଜ୍ୟୋତିରିଙ୍ଗଣ ଖଦ୍ୟୋତପରି ନିସ୍ତେଜ ଦିଶୁଛନ୍ତି ।

୧୭—ଗୁରୁ (ବୃହସ୍ପତି) କବି (ଶୁକ୍ର) ଦୁହିଁଙ୍କର ଛବି (କାନ୍ତି) ଧରି ବେନିମିଳି ବେନି ପାଶେ ଥିଲେ ମୋତେ ଦିଶିଲା, ତହୁଁ ଏ ଦୃଷ୍ଟି (ଏପରି ଦିଶିଲା) ଯେ ଗୋଟିଏକ ଖସିଲା ଏବଂ ମୋ ନିକଟକୁ ଆସିଲା, ମୋ ନେତ୍ରରୂପ ମୀନର ସୁଖଭୋଗକୁ ଅଣିଲା, ଅର୍ଥାତ୍ ଜ୍ୟୋତିଷ ମତରେ ବୃହସ୍ପତିଙ୍କର ମୀନ ସ୍ୱ ଗୃହ, ଏବଂ ଶୁକ୍ର ମୀନରେ ତୁଙ୍ଗୀ ଏ ଘେନି ତନ୍ମଧ୍ୟରୁ

ମୁଁ ବୋଲନ୍ତେ ଯାହା ଇଚ୍ଛା ତାହା ନିଅ ଉଦ୍‌ବେଗେ ଉଲ୍ଲାସକୁ ବହି ।
ଗୁନ୍ଥିଲା ଗଣି ନେଲା ଚମ୍ପା ବନ୍ତଣ ସୂତାରେ ବୀରବଶ କହି ।
ମୋହୁଛୁ । ଭୁବନ ବର୍ଣ୍ଣମଙ୍ଗଳରେ ।
ସେଠାରେ ବସି କି ରସିକ କୁମାର ଶିରମଣ୍ଡନ କଲା ଧୀରେ ॥ ୧୮
ମିଥ୍ୟା କହେ ପୁର କି କର ଜାଣିଲା ଧେନାମ ବା ହୃଦଭାଗରେ ।
ଫୁଲ ମାଗିବା ପୁରୁଷେ ପଚାରୁଛୁ ତୁମ୍ଭ ଗୃହ କେଉଁ ନଗରେ ।
କହୁଛୁ । ହସିଲା ହୋଇ ସେ ମୃଦୁଳେ ।
ଗୁରୁବର୍ଣ୍ଣେ ଗୁରୁଅଙ୍କ ହେବ ଭଲେ ପାଟଳୀପୁରର ଆଣିଲେ ॥ ୧୯
ମୋ ସଦ୍ମେ ଥିଲା ପୋଟା ପର ଗୋଟାଏ ତହିଁ ଦାଣ ସେ କହୁଥିବ ।
ଜାତ ନଳିନୀ ଖଟଣି ମାଳିନୀ ଏ ତେଣୁ ବରଚଲେ ଏ ଭାବ ।
ବାଳା ଯେ । ପଞ୍ଚରସାଳ ପରି ଦେହୀ ।
କଣ୍ଟ ପ୍ରବେଶ ଶ୍ରବଣରେ କନକ-କଣ୍ଟକୀଫଳ ଲକ୍ଷ୍ୟ ବହି ॥ ୨୦

ଜଣେ ଆସି ମୋ ନେତ୍ର ମୀନର ସୁଖଭୋଗ ଆଣିଲା । ଫଳ ମାଗିଲେ, ମୁଁ ଯେତେ ସୁଗନ୍ଧଫୁଲ ଦେଲି ସେ ତହିଁରୁ କିଛି ଧେନାଲା ନାହିଁ ।

୧୮—ମୁଁ, ଯାହା ଇଚ୍ଛା ତାହା ନିଅ, ଏହା ବୋଲନ୍ତେ ଉଦ୍‌ବେଗରେ ଉଲ୍ଲାସକୁ ବହି ଚମ୍ପା ବନ୍ତଣ ଗଣିନେଇ ସୂତାରେ ଗୁନ୍ଥିଲା ଏବଂ କହିଲା—ଏଥିରେ ବୀର (ରାଜପୁତ୍ର) ବସ; ଅର୍ଥାତ୍ ଚମ୍ପାପୁର ଜେମାଠାରେ ରାଜପୁତ୍ର ବଶ ବୋଲି ଜଣାଇଲା; ଆଉ ଦେଖିଲି ବର୍ଣ୍ଣ ମଙ୍ଗଳରେ (ରୂପ ଶୋଭାରେ) ଭୁବନ ମୋହୁଛୁ ଏପରି ଏକ ରାଜପୁତ୍ର ସେଠାରେ ବସିଛୁ, ସେ କି ରସିକ, ସେ ମାଳାକୁ ନେଇ ଧୀରେ ଶିର ମଣ୍ଡନା କଲା ।

୧୯—ହୃଦଭାଗରେ, ଧେନାମ ଏ ଯେ ମିଥ୍ୟା କହେ କାରଣ ତାଙ୍କର ପୁର (ନଗର) ଏ କିପରି ଜାଣିଲି; କିନ୍ତୁ ଯେଉଁ ପୁରୁଷ ଫୁଲ ମାଗିଲା ତାକୁ ମୁଁ ପଚାରୁଛୁ, ତୁମ୍ଭ ଗୃହ କେଉଁ ନଗରେ ? ସେ ପୁରୁଷ ହସିଲା ହୋଇ ମୃଦୁଳେ (କୋମଳ ଭାବରେ) କହୁଛୁ ପାଟଳିପୁରର ଗୁରୁବର୍ଣ୍ଣ (ଚତୁର୍ଥ ବର୍ଣ୍ଣ, ପ) ଭଲେ ଗୁରୁଅଙ୍ଗ (ହ୍ରସ୍ୱ ଉକାର) ଆଣିଲେ ସେ ନଗର ନାମ ହେବ, ଅର୍ଥାତ୍ ପାଟଳିପୁର ।

୨୦—ମୋ ସଦ୍ମେ (ଗୃହରେ) ଏକବର୍ଷକାଳ ରହିଥିବା ପୋଟା (ନପୁଂସକ-ପୁରୁଷ) ପରି ଜଣେ ସେଠାରେ ବସିଲା ଜାତ ନଳିନୀ (ପଦ୍ମିନୀ ଜାତି-ରାଜକୁମାର) ଏ ଖଟଣି ମାଳିନୀ ଏମନ୍ତ ସେ ପୋଟା କହୁଥିବ, ତେଣୁ ଏ ଭାବ ବରଚଲେ । ଯେ ବାଳା ପଞ୍ଚରସାଳ (ଆମ୍ବ) ପ୍ରାୟ ଦେହୀ (ଦେହକୁ ଧରିଅଛି) ସେ କଣ୍ଟ ସମସ୍ତରେ ପ୍ରବେଶ ହେବାର ଶୁଣି କନକ କଣ୍ଟକୀଫଳ (ସୁବର୍ଣ୍ଣ ପଣସ) ର ତୁଲ୍ୟ (ତୁଳନାକୁ) ବହିଲା ।

ଦେଇ ଶାଢ଼ୀ ଚୂଡ଼ି ଗୁଣା ମୁଦ୍ରି ବଳା ସୁବର୍ଣ୍ଣେ ରଜତେ ଚପଲେ ।
ମାର୍ଜଣା କରାଇ ଉମାଙ୍କୁ ଶିବଙ୍କୁ ଯା ଜଣା ସଖୀଏ କହିଲେ ।
  ସେ ଧନ । ପ୍ରାପତ ହେଉ ଏ ଯୋଷାରେ ।
ପ୍ରେମ-ବାଣିଜ୍ୟେ ଲାଭ ଲଭି ନିଧନ କରୁ ବିରହ ଦୁର୍ଦ୍ଦଶାରେ ॥ ୨୧
ପାଞ୍ଚିରୁ ଧନ ସେ କାହିଁ ଲାଭ କେହି ପାଇବ ଦେନ ତୁ ଗୁଣିକି ।
ଓଷ୍ଠ ମାଣିକ୍ୟରୁ ଜାତ କରାଇବ ଅନୁରାଗ-ବାଣୀ ମାଣିକି ।
  ସୁହାସ । ମୋତି କରାଇ ଅତଯାତ ।
ହର-ଭଣ୍ଡାରେ ଅର୍ଜନ ଦନ୍ତ-ଘାରି ଥୁଆଇ ହୋଇବ ତୃପତ ॥ ୨୨
ଏମନ୍ତ ଶୁଣି ସେ ମାଳକତରୁଣୀ ମେଲାଣି ହୋଇ ଫିଟାବେଳେ ।
ତଟିନୀ ତଟରେ ଯୁବାବରେ ଭେଟି ନେଉଛି ଭଙ୍ଗୀ ଚେଷ୍ଟା ମିଳେ ।
  କହିଲା । ଅପରାଧ କ୍ଷମା କରାଇ ।
ମୋ ନିତ ଖଞ୍ଜା ତାମ୍ବୁଳ ପଦ୍ମଦଳ ଶଯ୍ୟାକୁ ଗଲି ତହିଁ ପାଇଁ ॥ ୨୩

୨୧—ସଖୀମାନେ ମାଳଣୀଙ୍କି ଶାଢ଼ୀ, ସୁବର୍ଣ୍ଣେ ଓ ରଜତେ ନିର୍ମିତ, ଚୂଡ଼ି, ଗୁଣା, ମୁଦ୍ରୀ, ବଳା, ଚପଲେ ଦେଇ କହିଲେ, ତୁ ଯା ଶିବଙ୍କୁ ଓ ଉମାଙ୍କୁ ମାର୍ଜଣା କରାଇ ଜଣା, ସେ ଧନ ଏ ଯୋଷାର ପ୍ରାପ୍ତ ହେଉ, ପ୍ରେମବାଣିଜ୍ୟରେ ଲାଭ ଲଭି ବିରହ ଦୁର୍ଦ୍ଦଶାରେ ନିଧନ (ବିନାଶ) କରୁ ।

୨୨—ତୁ ଅବା ମନରେ ପାଞ୍ଚିରୁ ସେ ଧନ କାହିଁ, କେହି (କାପର) ଅବା ସେ ଲାଭ ପାଇବ, ତୁତ ଗୁଣିକି, ଦେନ (ବିଚାର କର) ସୁନ୍ଦରୀ ପାଠଲପୁନ୍ତ ରାଜପୁତ୍ରକୁ ପାଇଲେ ଓଷ୍ଠ ମାଣିକ୍ୟରୁ (ମାଣିକତୁଲ୍ୟ ରଙ୍ଗ ଅଧରରୁ) ଅନୁରାଗ ବାଣୀ (ସ୍ନେହବାଣୀରୂପେ) ମାଣିକ୍ୟ ଜାତ କରାଇବ, ସୁହାସ ମୋତି (ମୋତି ତୁଲ୍ୟ ଶୁକ୍ଳ ହାସ) ଅତଯାତ (କାରବାର) କରାଇ ହରଭଣ୍ଡାରେ (ଗଣ୍ଡସ୍ଥଳରେ) ଅର୍ଜନ (ଲାଭ) ରୂପେ ଦନ୍ତ ଘାରି ଶୁଟେଇ (ଦନ୍ତକ୍ଷତ କରାଇ) ତୃପ୍ତ ହୋଇବ ।

୨୩—ସେ ମାଳକ ତରୁଣୀ (ମାଳଣୀ) ଏମନ୍ତ ଶୁଣି ମେଲାଣି ହୋଇ ଫିଟା-ବେଳେ ତଟିନୀତଟରେ (ନଦୀକୂଳରେ) ଯୁବାବରେ (ପୁଷ୍ପକେତୁକୁ) ଭେଟି ନେଉଛି ଅସୁଥିବା ଭଙ୍ଗୀ ଚେଷ୍ଟା (ଚତୁରୀ ଚେଷ୍ଟା) ମିଳାଇ ଏବଂ କହିଲା ଅପରାଧ କ୍ଷମା କରାଇ ମୋ ନିତଖଞ୍ଜା ତାମ୍ବୁଳ ଓ ପଦ୍ମଦଳ ଶଯ୍ୟାକୁ ତହିଁ (ପଦ୍ମଦଳପାଇଁ) ଗଲି ।

ରେ ବିମ୍ବାଧର ନିଯୋଗ ପାନ ଧର ନଦୀରୁ ସନାଳ ସାରସ ।
କରକେ ଉପୁଡ଼ି ଗୋଟିଏ କୂଳରେ ବକୁଳ ତଳରେ ପ୍ରବେଶ ।
ଜଗତ-ନନ୍ଦନ ରାଜନନ୍ଦନେ ।
ଦେଖି ନ ଥିବ ତାହା ଅଖି ତେମନ୍ତ ସୁନ୍ଦର ଚନ୍ଦ୍ରଦଦୃବନେ । ୨୪

କଳାକେ ଚନ୍ଦ୍ରକୁ ତୁଲା କେ କରବ ଏସନ ପ୍ରସନ୍ନ ବଦନ ।
ସେହି ବପୁ ଗୃହିଁ ହରବପୁ ଗର୍ବ ନ ରଖି ବୋଲାଇ ମଦନ ।
ପୁରୁଷ-ଋଷଭ ସେ ନିଶ୍ଚେ ଅଟନ୍ତି ।
ନନ୍ଦନୀ ତୁହି ଗୋପାଳ-ଶ୍ରେଷ୍ଠଙ୍କର ଲକ୍ଷଣା ଇଚ୍ଛା ତୋ ସଙ୍ଗତ । ୨୫

ନରବରଜ ତାଳିଲେ ଯେ ନୀରଜନେତ୍ର ଦ୍ୱିଜମିତ୍ର ଉପରେ ।
ସେମୋତେ ପୁଚ୍ଛିଲେ ହେ ବାଳେ ଏ ହତ ନୋହେଟି କଦା ପ୍ରେତଜ୍ୱରେ ।
ସହଜେ । ଏ ଶିଷପ୍ରସୂନ ବୋଲାଇ ।
କରଗ୍ରହଣଯୋଗ୍ୟ ଜନ ନ ମିଳ ପ୍ରବୃଦ୍ଧ ଭାବ ଅଛୁ ପାଇ । ୨୬

୨୪—ରେ ବିମ୍ବାଧର ନିଯୋଗ (ଖଟଣି) ପାନ ଧର ସନାଳ (ନାଡ଼ ସହିତ) ସାରସ (ପଦ୍ମ) କରକେ (କଡ଼ୀ ନଦୀରୁ ଉପୁଡ଼ି ନଦୀ କୂଳରେ ଗୋଟିଏ ବକୁଳତଳରେ ଜଗତନନ୍ଦନ (ପୂଜ୍ୟ) ରାଜନନ୍ଦନ ପ୍ରବେଶ ହେଲେ, ତାହା ଅଖି ତେମନ୍ତ ସୁନ୍ଦର ଚନ୍ଦ୍ରଦଦୃବନେ ଦେଖିନଥିବ ।

୨୫—ତାହାଙ୍କର ପ୍ରସନ୍ନବଦନ ସଦୃଶ ଚନ୍ଦ୍ରକୁ କଳାକେ କେ ତୁଲା କରବ (ସମାନ କରବ) ସେହି ବପୁ (ଶରୀରକୁ) ଗୃହିଁ, ହରବପୁ (କାମ) ଗର୍ବ ନ ଦେଖି ମଦନ ବୋଲାଇ ଅର୍ଥାତ୍ ମଦ (ଗର୍ବ) ନ (ନାହିଁ) ସେ ନିଶ୍ଚେ ପୁରୁଷ ଋଷଭ (ଶ୍ରେଷ୍ଠ) ଅଟନ୍ତି ସୁତରାଂ ଋଷଭ (ବୃଷଭ) ହେଲେ, ତୁହି ଗୋପାଳଶ୍ରେଷ୍ଠ (ଭୂପତିଶ୍ରେଷ୍ଠଙ୍କର) ସୁଲକ୍ଷଣା ନନ୍ଦନୀ (ଦୁହିତା) ସୁତରାଂ ସେ ଗୋପାଳଶ୍ରେଷ୍ଠ (ଗଉଡ଼ଶ୍ରେଷ୍ଠ) ହେଲେ ତୁ ତାଙ୍କର ନନ୍ଦନୀ (ସୁରଭିବତ୍ସା) ହେଲୁ ଅତଏବ ପୁରୁଷ ବୃଷଭ ତୋ ସଙ୍ଗତ (ସଙ୍ଗମ) ଇଚ୍ଛା କରଇ ।

୨୬—ନରବରଜ (ରାଜାଧିରାଜପୁତ୍ର) ଦ୍ୱିଜ (ବ୍ରାହ୍ମଣ) ମିତ୍ରଙ୍କ ଉପରେ ଯେ ନୀରଜନେତ୍ର (ପଦ୍ମନେତ୍ର) ତାଳିଲେ ଅର୍ଥାତ୍ ଦ୍ୱିଜମିତ୍ରଙ୍କୁ ଅଖିରେ ଠାର ଦେଲେ ତହୁଁ ସେ ମୋତେ ପୁଚ୍ଛିଲେ—ହେ ବାଳେ, ଏ (ପଦ୍ମପତ୍ର), କଦାପି ପ୍ରେତଜ୍ୱରରେ ହତ ନୋହେଟି (ହତକାରୀ ହେବନାହିଁ) ଏ ସହଜେ ଶିଷପ୍ରସୂନ (ପଦ୍ମ) ବୋଲାଏ ସୁତରାଂ ଶିଷ ପ୍ରସୂନ (ଶିଷଫୁଲ) ବୋଧ-ହୁଏ । କରଗ୍ରହଣଯୋଗ୍ୟ (ସୁବୈଦ୍ୟ) ନ ମିଳିବାରୁ ରୋଗ ପ୍ରବୃଦ୍ଧଭାବ (ବୃଦ୍ଧିଭାବକୁ) ପାଇଛୁ, ଶ୍ଳେଷାର୍ଥ—କର ଗ୍ରହଣ ଯୋଗ୍ୟଜନ (ପାଣି-ଗ୍ରହଣ କରିବା ଭଳି ଯୋଗ୍ୟ ଜନ ସ୍ୱାମୀ) ନମିଳିବାରୁ ପ୍ରେତଜ୍ୱର (କାମଜ୍ୱର) ବୃଦ୍ଧି ହୋଇଅଛୁ, ସେ ପଦ୍ମ ପତ୍ରରେ ଉପଶମ ଲଭିବ ନାହିଁ ।

ଚଳପର୍ଣ୍ଣ ଫଳ ରସାଳହୃଦୟୁ ପର କର୍କଶ ମଧ୍ୟେ ଥାଇ ।
ଜାତ ଜୀମୂତେ ଏ ହୃତ ହେବ ନାଅ ଏମନ୍ତ ବ୍ୟାଧି ଥିଲେ ହୋଇ ।
ସଙ୍କେତ । ଦେଖି ବୋଇଲି ଦାଅ ଦେଲେ ।
ପୂର୍ବରେ ତବକଣ୍ଠେ ଥିଲା ସୁରଭି ସୁରଭିମାଳା ବୀର ଗଲେ ॥ ୨୭
ଧଇଲି ହରିତବର୍ଣ୍ଣରୁ କହିଲି ଗଢ଼ା ଗେଣ୍ଡୁ ଏ ଗୋଶୀର୍ଷରେ ।
ଖଣ୍ଡୁ ଏ ସଂଶୟ ଦେଖ ଚତୁରି ଏ ଫଳ ହେବ କେଉଁ ବଶରେ ।
ଘେନି ଯେ । ଆଳୀ ଅଙ୍ଗୁଳି ଘାତ କଲା ।
ହୃଦୟ ଉଦୟ କଠିନକୁ ଜାଣି ଭାଙ୍ଗି ଶୋଭାଙ୍ଗୀ ହସ୍ତେ ଦେଲା ॥ ୨୮
ସୁନା ପଟା ଖୋଲା ବ୍ୟକତ ମର୍କତ ମିନା ଫୁଙ୍କା ଲିପି ଝଳିତ ॥
ଅଦ୍ଭୁତ କେତକୀ ପର୍ତ୍ତେ ଅଳି ଅଳି ହୋଇ କି ମିଳିନ୍ଦ ମିଳିତ ।
ପରାଗ । ଯୋଗ ହୋଇଥିଲା ପରରେ ।
ସେ ଗନ୍ଧସାର ଶେଷ କାହିଁ ରହିଛି ପଡ଼ିଲା ଜଡ଼ଫୁଲ୍ଲ ଶରୀରେ ॥ ୨୯

୨୭—ରସାଳ ହୃଦୟ (ଅମ୍ବଟାକୁଆ) ପର କର୍କଶ (କଠିନ ପଦାର୍ଥ) ମଧ୍ୟରେ ରହିଛି । ଜୀମୁତେ (ପର୍ବତେ) ଜାତ ଏ ଚଳପର୍ଣ୍ଣଫଳ (ଚନ୍ଦନଫଳ) ଏମନ୍ତ ବ୍ୟାଧି (ଉପରୋକ୍ତ ରୋଗ) ହୋଇଥିଲେ ନାଅ ହୃତ ହେବ । ମୁଁ ସଙ୍କେତ ଦେଖି ବୋଇଲି, ଦାଅ—ସେ ଦେଲେ । ପୂର୍ବେ ତବ କଣ୍ଠେ ଯେଉଁ ସୁରଭିମାଳା (ସୁବର୍ଣ୍ଣଚମ୍ପକମାଳା) ଥିଲା ତାହା ବୀରଗଳାରେ ଅଛି ।

୨୮—ମୁଁ ଯେ ଦେଇଥିବା ଗେଣ୍ଡୁକୁ ଧଇଲି ଓ ହରିତ ବର୍ଣ୍ଣରୁ (ଈଷତ୍ ପୀତବର୍ଣ୍ଣ ଦିଶିବାରୁ) କହିଲି—ଏ ଘୋରି ହୋଇଥିବା ଗୋଶୀର୍ଷରେ (ଗୋରଚନାରେ) ଗଢ଼ା ଗେଣ୍ଡୁ । ଅଗୋ ଚତୁରି ! ଏବେ ଦେଖ, ଏ କେଉଁ ବଶରେ (କାରଣରେ ଫଳହେବ, ମୋର ଏ ସଂଶୟ ଖଣ୍ଡୁ (ଖଣ୍ଡିତହେଉ) । ଆଳୀ (ସଖୀ) ତାହା ଘେନି ଅଙ୍ଗୁଳିଘାତ କଲେ ହୃଦୟ ଉଦୟ କଠିନକୁ ଜାଣି ଅର୍ଥାତ୍ ତହିଁମଧ୍ୟରେ ଥିବା ଶଠାଙ୍କୁ ବୁଝି ଭଙ୍ଗୀ କରି ଶୋଭାଙ୍ଗୀ (ସୁନ୍ଦରୀ) ହସ୍ତେ ଦେଲା ।

୨୯—ସୁନାପଟା ଖୋଲା ହୋଇ ତହିଁରେ ମର୍କତ ମଣିର ମିନା (କାରୁକାର୍ଯ୍ୟ) ଫୁଙ୍କା ହୋଇ (ଝଳିତ ହେଲାପରି) ହଳଦିଆ କାଗଜରେ ଲିପି (ଅକ୍ଷରପନ୍ତି) ବ୍ୟକ୍ତ ହୋଇ ଅଛି । ଅଦ୍ଭୁତ (ଆଶ୍ଚର୍ଯ୍ୟ କଥା) କେତକୀ ପତ୍ରରେ ଅଳି ଅଳି (ଧାଡ଼ି ୨) ହୋଇ ମିଳିନ୍ଦ (ଭ୍ରମର) ମିଳିତ ହୋଇଛନ୍ତି କି ? ତାଙ୍କ ଦେହରେ ପରାଗ (ପୁଷ୍ପରେଣୁ) ଯୋଗହେଲାପରି ସେ ଘୋରି ଗନ୍ଧସାର (ଚନ୍ଦନ) ଶେଷ କାହିଁ ରହିଛି (କେଉଁ ଠାରୁ ଲାଗିଛି) ଏମନ୍ତ ପଦକୁ ଜଡ଼ଫୁଲ୍ଲ (ରୋମାଞ୍ଚ) ଶରୀରରେ ପଢ଼ିଲା ।

ରାମା ଯେମନ୍ତ ଅଭିରାମା ତେମନ୍ତ ନାମ ପୁଣି ବହୁ ବହିଲା ।
ଉର୍ବଶୀ ଅପୂର୍ବ ସୁନ୍ଦରୀ ସ୍ୱର୍ଗରେ ତୋହୋ ଦେଖି ଏବେ ହୋଇଲା ।
ସୁବେଶୋତ୍କା । ଅରମ୍ଭା ଆକାର ହୀନରେ ।
ରମ୍ଭା ବୋଲାଇଲା ତିଳୋତ୍ତମା ହେଲା ତିଳେ ସୁଷମା ସମାନରେ ॥ ୩୦
ଗୁଣ ତୁଳନାରେ ତୁଳନା ନୋହୁଛି ରତିକେ ରତି ବୋଲାଉଛୁ ।
ଭସ୍ମକାନ୍ତି ତାହାଠାରେ ଥିବା ନାହା ପଞ୍ଚବିଶିଖେ ବଢାଉଛୁ ।
ତୋ ନେତ୍ରେ । ତହୁଁ ସେ ସାକ୍ଷାତ ଉଦୟ ।
ନୀଳାଭର ଥିଲା ଲୀଳାଭର ହେଲା ଜାତ ତରଙ୍ଗେ କୁବଳୟ ॥ ୩୧
ବର୍ତ୍ତନାବଧି ସିନ୍ଧି କଲା କବିରୁ ହୃଦେ ହୋଇ ବନମାଳିକା ।
ଶ୍ରବଣେ ତପୀ ବନରେ ଚ୍ୟୁତ ହୋଇ ବ୍ୟାପି ସେ ଯାଉଥିବ ଏକା ।
ନିଣ୍ଟପ୍ର । ରାଜୀବ ଉପମା ସୃଷ୍ଟିରେ ।
ଭକାଇ ଜନ ମୁଁ ଅଶୋକ ଜନମ୍ଭ ସମ୍ପୂର୍ଣ୍ଣ କାମନା ଦୃଷ୍ଟିରେ ॥ ୩୨

୩୦—ତହିଁରେ ଲେଖାଅଛି—ହେ ରାମା ! ତୁ ଯେମନ୍ତ ଅଭିରାମା (ସୁନ୍ଦରୀ) ବହୁ ପୁଣି ତୋର ତେମନ୍ତ ନାମ (କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ) ବହିଲା, ସ୍ୱର୍ଗରେ ଅପୂର୍ବ ସୁନ୍ଦରୀ ଉର୍ବଶୀ ତୋତେ ଦେଖି ଏବେ ଅ-ପୂର୍ବ ସୁନ୍ଦରୀ (ଅସୁନ୍ଦରୀ) ବୋଲାଇଲା, ଆଉ ଏକ ସୁବେଶୋତ୍କ ଅରମ୍ଭା (ସୌନ୍ଦର୍ଯ୍ୟ ଗର୍ବିତା) ଅପ୍‌ସରୀ ଆ-କାର ହୀନରେ (ରୂପରେ ହୀନା ହେବାରୁ ଆ-ହୀନାହୋଇ) ରମ୍ଭା ବୋଲାଇଲା । ଅନ୍ୟ ଏକ ଅପ୍‌ସରୀ ତିଳମାନ ସୁଷମାରେ ସମାନ ହେବାରୁ ତାହାର ନାମ ତିଳୋତ୍ତମା ହେଲା ।

୩୧—କାମସ୍ତ୍ରୀ ସୁନ୍ଦରୀର ଗୁଣ ତୁଳନାରେ ସମ୍ପୂର୍ଣ୍ଣ ସମାନ ନୋହୁ ରତିଏ ମାତ୍ର ତୁଳନୀୟା ହେବାରୁ ରତି ନାମ ଧରିଛି । ଏବଂ କାମ ଭସ୍ମହେବା କାଳରୁ ତାହାଠାରେ (ରତିଠାରେ) ଥିବା ନିଜ ନାହା (ସ୍ୱାମୀର) ପଞ୍ଚ ବିଶିଖେ (ପଞ୍ଚବାଣରେ—ନୀଳୋତ୍ପଳ, ନବମଲ୍ଲିକା, ଚୂତ, ପଦ୍ମ ଓ ଅଶୋକ ଶରରେ) ସେ (ରତି) ତୋତେ ବଢାଉଛି (ପୂଜା କରୁଛି) । ତହୁଁ ସେ (ଶରସବୁ) ତୋ ନେତ୍ରରେ ସାକ୍ଷାତ ଉଦୟ (ପ୍ରକାଶ) ପାଇଛି । ତୋ ଚକ୍ଷୁରେ ନୀଳଭାବ (ନୀଳିମା) ପୂର୍ବରୁ ଥିଲା, କିନ୍ତୁ ରତି ଶରମାନଙ୍କରେ ବଢାଇବାରୁ ତରଙ୍ଗରେ (ଲହରୀରେ) କୁବଳୟ (ନୀଳପଦ୍ମ) ଖେଳା କଲାପରି ଲୀଳାଭାବ (ଚକ୍ଷୁର ଚଞ୍ଚଳ ଭଙ୍ଗୀ) ଜାତ ହେଲା ।

୩୨—କବିମାନଙ୍କ ହୃଦୟରେ ନବମାଲିକା (ନୂତନମାଳା) ପରି ହୋଇ ବର୍ତ୍ତନାବଧିମାନଙ୍କୁ ସିନ୍ଧିକଲା, ଅର୍ଥାତ୍ କବିମାନେ ଚକ୍ଷୁର ବର୍ତ୍ତନା ବାଧକ ହୃଦରେ ହାର କଲେ । ସେ ଚକ୍ଷୁ ବନବାସୀ ତପୀ ମାନଙ୍କର ଶ୍ରବଣ ନିମିତ୍ତ ସେବ-

ତ୍ରିବଳୀ ତ୍ରିପଥଗା ପାଶେ ଉଦରେ ରୋମାଳୀ କଳ୍ପବୃକ୍ଷ ଜାତ ।
ଅଧର ମନ୍ଦାର ଶ୍ରୀଅଙ୍ଗ ସୁଗନ୍ଧ ପାରିଜାତକ ଆମୋଦିତ ।
କଟାକ୍ଷେ । ସୁଖ ସନ୍ତାନ ଜାତ କରୁ ।
ଶୀତଳତା ହରିଚନ୍ଦନ କାମଦା ନୋହିବୁ ପାଞ୍ଚ ସୁରତରୁ ॥ ୩୩
ମୃଗପଛ ପୁଚ୍ଛ କଦା ନୋହେ ଲକ୍ଷ୍ୟ ତୋ କେଶ ଗର୍ଭକ ନିମନ୍ତେ ।
ଛେଦନ କରି ନିବେଦନ କରିବି ଏ ଦୋଷ କ୍ଷମା କଲେ ମୋତେ !
ତୋ ଇଚ୍ଛା । ଚୂଡ଼ା ବନ୍ଧନ କରିବାରେ ।
ଥିଲେ ଚନ୍ଦ୍ର ଉରେ ବସିଲ ପ୍ରକାରେ ଯୋଗ ହେଉଛନ୍ତି ଏହାରେ ॥ ୩୪
ହେଲା ଅଷ୍ଟଶମ୍ଭୁ ସଂଶମ୍ଭୁ ଅନ୍ତର ଅନ୍ତରଗତରୁ ବାଳାର ।
ଶ୍ରବଣେ କରି ସୀତା ରାମ ଭାବନା ସଜନୀ ତନ୍ନି ଜରଜର ।

ନରେ ବୃକ୍ଷ ହୋଇ (ଅମ୍ରବକୁଳ ରୂପରେ) ଏକା ବ୍ୟାପି ଯାଇଥିବ ।
ଉପମା ସୃଷ୍ଟିରେ ଚକ୍ଷୁ ନିଷ୍ଟମ୍ଭ ରାଜୀବ (ପଦ୍ମ) । ମୁଁ ତୋତେ ଭଜିଲି ଜନ୍ମ, ତୋ ଦୃଷ୍ଟିରେ ଅଶୋକ (ଶୋକହୀନ ଅବସ୍ଥା) ଜନ୍ମୁ, ମୋ କାମନା ସଂପୂର୍ଣ୍ଣ ହେଉ ।

୩୩—ସ୍ୱର୍ଗଙ୍ଗା କୂଳରେ କଳ୍ପବୃକ୍ଷ ପରି ତ୍ରିବଳୀ ରୂପ ତ୍ରିପଥଗା (ଗଙ୍ଗା) ପାଶରେ ଉଦରରେ ରୋମାଳୀ ରୂପ କଳ୍ପବୃକ୍ଷ ଜାତ ହୋଇଛି, ଅଧର ମନ୍ଦାର ସଦୃଶ ଶ୍ରୀଅଙ୍ଗର ସୁଗନ୍ଧ ପାରିଜାତକ ପରି ଆମୋଦିତ (ଆନନ୍ଦିତ) କରୁଛି, ତୁ କଟାକ୍ଷରେ (ଚାହାଁଣିରେ) ସୁଖକୁ ସନ୍ତାନ ରୂପେ ଜାତ କରୁଛୁ, ତୋହର ଦେହ ଶୀତଳତା ହରିଚନ୍ଦନ (ପୀତଚନ୍ଦନପରି). ଏମନ୍ତେ ତୁ ପାଞ୍ଚ ସ୍ୱର-ତରୁ (ଦେବତରୁ = କଳ୍ପବୃକ୍ଷ, ମନ୍ଦାର, ପାରିଜାତକ, ସନ୍ତାନ ଓ ହରି ଚନ୍ଦନ) ହେଲୁ ତେବେ କାମଦା (ବାଞ୍ଛାଫଳ ଦାୟିନୀ) ନୋହିବୁ କି ?

୩୪—ମୃଗର ପଚ୍ଛ ପୁଚ୍ଛ ତୋ କେଶଗର୍ଭକ (ଗଭା) ନିମନ୍ତେ କଦାପି ଲକ୍ଷ୍ୟ ନୋହେ, ମୋତେ (ମୋପକ୍ଷରେ) ଏ ଦୋଷ କ୍ଷମା କଲେ ପୁଚ୍ଛ ଛେଦନ କରି ନିବେଦନ କରିବି, ତହିଁରେ ତୋହର ଚୂଡ଼ା ବନ୍ଧନ କରିବାର ଇଚ୍ଛା ଥିଲେ କରିବୁ । ଚନ୍ଦ୍ର ଉପରେ (ବକ୍ଷରେ) ମୃଗ ବସିଲ ପ୍ରକାରେ ଯୋଗ ମଧ୍ୟ ଏହାଠାରେ ହେଉଛନ୍ତି ।

୩୫—ଏହା ଶ୍ରବଣେ ବାଳାର ଅନ୍ତର୍ଗତରୁ ଅଷ୍ଟଶମ୍ଭୁ ସଂଶମ୍ଭୁ ଅନ୍ତର ହେଲା, ତନ୍ନି ସଜନୀ (ସଖୀ) ସୀତାରାମ ଭାବନା କରି ହର୍ଷରେ ଜରଜର ହେଲେ । ସେ ସୀତା ପୁଣି ଯୋଜନ ଗନ୍ଧା ଏବଂ ସୁରୁଚିରେ (ମନୋହର ରୂପରେ) ଜନକ ଋଷିଙ୍କର ତୋଷ ଦାନରେ ତତ୍ପର ହୋଇଥିଲେ, ସେ ରାମ ପୁଣି

ସେ ପୁଣି । ଯୋଜନଗନ୍ଧା ସୁରୁଚିରେ ।
ଜନକ ତୋଷ ଦାନରେ ତତପର ସେବିତ ଭଞ୍ଜ ବୀରବରେ ॥ ୨୫

ଊନତ୍ରିଂଶ ଛାନ୍ଦ

ରାଗ—ବଚନଦେଶାକ୍ଷ

ହେ ରସିକଜନ ମଜ୍ଜନ କର ମନ ସଖୀ ଶିଖାଇଲେ ଧୀର ।

ଲେଖ ଗୋ ଶଠାଉ ଅନ୍ଧାର ତୁଠାଉ ଘୋଠାଉ କାମ-ଅନ୍ଧାର ସେ ।
ଚରମ-ଶିଖରୀ ଶେଖ । ଭୂଷଣ ପୂଷଣ ଦେଖ ସେ ॥ ୧
ହେ ତର୍କ ଚତୁରୀ ଭାରତଭୂମି ପର କାଗଜ କର ଅସକ୍ତ ।
ବୀରକିରୀଟ କରପୃତ୍ତେ କରିବ କର୍ଣ୍ଣ-ଦ୍ରୋଣ-ରକ୍ତ ବ୍ୟକ୍ତ ସେ ।
କୃଷ୍ଣ ପ୍ରବଳେ ପ୍ରକାଶ । ଉତ୍ତର ଦେବ ସନ୍ତୋଷ ସେ ॥ ୨

ଯୋଜନ ଗନ୍ଧା ସୀତାଙ୍କ ସହିତ ସୁରୁଚିରେ (ମନୋହର ହୋଇ) ଜନକ (ପିତା ଦଶରଥଙ୍କର) ତୋଷ ଦାନରେ ତତ୍ପର ହୋଇଥିଲେ ।

୧—ହେ ରସିକ ଜନମାନେ ! ଏ ଗୀତରେ ମନକୁ ମଜ୍ଜନ କର । ସଖୀମାନେ ଧୀର କରି ଶିଖାଇଲେ—ଆଗୋ ସୁନ୍ଦରି ! ଶଠାଉ ଲେଖ, ସେ ସନ୍ଦେହ ଅନ୍ଧକାରକୁ ତୁଠାଉ ଏବଂ କାମ ଅନ୍ଧକାରକୁ ଘୋଠାଉ । ଦେଖ ଚରମ ଶିଖରୀ ଶିଖ (ଅସ୍ତାଚଳ ଶଖରକୁ) ପୂଷଣ (ସୂର୍ଯ୍ୟ) ଭୂଷଣ କଲେଣି, ଅର୍ଥାତ୍ ସୂର୍ଯ୍ୟ ଅସ୍ତ ହେଲେଣି ।

୨—ଚତୁରୀ ତର୍କି ଭାରତ ଭୂମିପରି କାଗଜକୁ କରିବାକୁ ଅସକ୍ତ (ଯତ୍ନବାନ୍) ହେଲ । ଭାରତଭୂମିରେ ବୀର କିରୀଟ (ଅର୍ଜୁନ) କରଯୁତ୍ତେ (ହସ୍ତାଧୀନରେ) କର୍ଣ୍ଣ, ଦ୍ରୋଣ ପ୍ରଭୃତି ବୀରମାନଙ୍କର ରକ୍ତକୁ ବ୍ୟକ୍ତ କରିଥିଲେ ଅର୍ଜୁନ କୃଷ୍ଣ ପ୍ରବଳେ (ଶ୍ରୀ କୃଷ୍ଣଙ୍କ ବଳରେ) ପ୍ରକାଶିତ ହୋଇଥିଲେ, ସେ ଯୁଦ୍ଧରେ ଉତ୍ତର (ବିରାଟପୁତ୍ର) ଏବଂ ଦେବତା ମାନେ ସନ୍ତୋଷକୁ ଲଭିଥିଲେ । କାଗଜ ବୀର କିରୀଟ (ବୀର ଶ୍ରେଷ୍ଠ ପୁଷ୍ପ କେତୁର) କରଯୁତ୍ତେ (ହସ୍ତାଧୀନରେ) କର୍ଣ୍ଣଦ୍ରୋଣ (କାନବାଙ୍ଗ) ରକ୍ତ ଲିଖିତ ଅକ୍ଷରମାନଙ୍କୁ ବ୍ୟକ୍ତ କରିବ । କୃଷ୍ଣ ପ୍ରବଳେ (ଅନ୍ଧକାରେ) ପ୍ରକାଶ ପାଇବ (ଦିଶିବ) ଓ ସନ୍ତୋଷ ଜନକ ଉତ୍ତରକୁ ଦେବ ।

ହେ ବାଳାମଣି ଦେଲା ବାଳାଙ୍ଗନା ନେଲା ବଦ୍ୟାନିଧି ଭେଟି ସୁଖୀ ।
ଏ କିସ ପତ୍ରରୁଁ ଉପରେ ଏ ସନ୍ଧ୍ୟା-ବନ୍ଦନା ବୋଲିଁ ସେ ଦେଖି !
ପ୍ରାତସ୍ମରଣି ଏହି । ହେବ ବୋଲିଗଲା ଦେଇ ସେ ॥ ୩

ହେ ଦେଲା ଯେ କୁମାରେ ସେ ଆତୁର ମାରେ ଶିର ପ୍ରହାରିବା ବଶେ ।
ବୋଇଲା ପୁଣି କିସ ଏଥି ଲେଖିବା ଶୁଣି ଯଶୋଚନ୍ଦ୍ର ଭାଷେ ଯେ ।
ଅନନ୍ତ ଶୋଭା ଏ ପତ୍ର । ହେବ ତାରତରେ ରଚିତ ସେ ॥ ୪

ହେ ଅଡ଼ଣି ଜାଣି ଯୋଡ଼ିଲା ହୃଦେ ଆଣି ଭେଦ ନୋହିବା ଉଦ୍‌ବେଗେ ।
ଏ କାଳେ ରଜନୀମୁଖ ପ୍ରକଟି ଘୋଟିଗଲା ଗୃହଦ୍ଵାରେ ସେ ।
ତମ ତା ସଙ୍ଗେ ବାହାରି । ଲୋକ କଳା ଇଚ୍ଛା କରି ସେ ॥ ୫

ହେ ଉତ୍ତରେ ହିମାଦ୍ରି କାଳୀ ଜନ୍ମସ୍ଥାନ ଭ୍ରମଣି ବେଳ ତା ହୋଇ ।
ଦକ୍ଷିଣରେ କାଳପୁର ସ୍ଵର୍ଗଙ୍କୁ ସନ୍ଧ୍ୟା ସୁମରି ଆସଇ ସେ ।
ଏଣୁ କାଳ ପୂରି କି ଟେ । ଦୁଇ ଦଗରେ ବିଶେଷେ ॥ ୬

୩—ବାଳାମଣି ଦେଲା, ବାଳାଙ୍ଗନା (ବାଳିକା) ତାହା ନେଲା । ତାକୁ ବଦ୍ୟାନିଧି ଭେଟି ସୁଖୀହୋଇ ଏ କିସ ପତ୍ରରୁ, ଉପରେ (ଶିରରେ) ଏ ସନ୍ଧ୍ୟା ବନ୍ଦନା ବୋଲିଁ ସେ ଦେଖିଲା । ପୁଣି ବାଳାଙ୍ଗନା ଏ ପତ୍ର ପ୍ରାତଃ ସ୍ମରଣୀୟ ହେବ ବୋଲି କହି ଦେଇଗଲା ।

୪—ବଦ୍ୟାନିଧି ସେ ପତ୍ର ନେଇ କୁମାରଙ୍କୁ ଦେଲା, ସେ ଶିର ପ୍ରହାରିବାବଶରେ ମାରେ (କାମରେ) ଆତୁର ହୋଇଥିଲା,ସାଦା କାଗଜ ଦେଖି ବୋଇଲା—ଏଥିରେ ପୁଣି କିସ ଲେଖିବା ? ଶୁଣି ଯଶୋଚନ୍ଦ୍ର ଭାଷିଲା—ଏ ସୁନ୍ଦରୀ ପ୍ରେରିତ ପତ୍ର, ଏହାର ଶୋଭା ଅନନ୍ତ (ଆକାଶ) ପରି । ଆକାଶ ରାତ୍ରିରେ ତାରତରେ (ନକ୍ଷତ୍ର ମାନଙ୍କରେ) ରଚିତ ହେଲାପରି ଏ ରାତ୍ରିରେ ଉଜ୍ଜ୍ୱଳତର ରୂପେ ରଚିତ ହେବ ଅର୍ଥାତ୍ ଅନ୍ଧକାରରେ ପଢ଼ାଯିବ ।

୫—କୁମାର ସେ ପତ୍ରକୁ ଅଡ଼ଣି ଜାଣି କାମଶର ଭେଦ ନୋହିବା ନିମିତ୍ତ ଉଦ୍‌ବେଗେ (ଚଞ୍ଚଳହୋଇ) ହୃଦେ ଆଣି ଯୋଡ଼ିଲା । ଏକାଳେ ରଜନୀ ମୁଖ (ସନ୍ଧ୍ୟା) ପ୍ରକଟି ଗୃହଦ୍ଵାରରେ ଘୋଟିଲା, ତା ସଙ୍ଗେ ତମ (ଅନ୍ଧକାର) ବାହାରି ଲୋକ (ସଂସାରକୁ) କଳା କରିଦେବାକୁ ଇଚ୍ଛା କଲା ।

୬—ଉତ୍ତରେ ହିମାଦ୍ରି (ହିମାଳୟ) କାଳୀଙ୍କର ଜନ୍ମସ୍ଥାନ, ତାହାର ଭ୍ରମଣି ବେଳ ହେବାରୁ ସେ ଭ୍ରମଣ କରିବାକୁ ବାହାରିଲା । ଦକ୍ଷିଣରେ କାଳପୁର (ଯମପୁର) ସେ ସ୍ଵର୍ଗଙ୍କୁ ସନ୍ଧ୍ୟାସୁମରି (ସନ୍ଧ୍ୟାସ୍ମରଣ) କରିବାକୁ ଆସିଲା । ଏଣୁ ଉତ୍ତର ଦକ୍ଷିଣ ଦୁଇ ଦଗରେ କାଳ (କାଳବର୍ଣ୍ଣ) ବିଶେଷରେ ପୂରିଲା କି ?

ହେ ଅରୁଣ ସଙ୍ଗ ବାରୁଣୀ ରଙ୍ଗ ବିଧୁ-ପ୍ରାସାଦ ପୂର୍ବ ଧବଳା ।
ଚଉଦିଗ ନାରୀ ନ ଦିଶୁ ରୋମାଳୀ ବିଦ୍ରୁମ ମୁକୁତାମାଳୀ ॥
ଉଦରେ ଉରଜେ ଖୋଜି । ପ୍ରେମବଳେ ଭ୍ରମେ ମଜ୍ଜି ॥ ୭
ହେ ଜଗତୀ ନିଶ୍ଚେ ଜଗତୀ ଚଉଦିଗ ଚଉଭଦ୍ରରେ କି ଟେକ ।
କଳା ଧଳା ବର୍ଣ୍ଣ ତୃତୀୟ ଲେପନ ହିଙ୍ଗୁଳେ ଶାଳିତ ଏକ ।
ଊର୍ଦ୍ଧ୍ୱେ ଉଦେ ଏକତାରା । ମଦନ-ପ୍ରଦୀପ ପରା ॥ ୮
ହେ ଏମନ୍ତ ସାୟଂକାଳେ ସେ ପ୍ରେମପତ୍ର ସୁବର୍ଣ୍ଣ ଗୁପତସ୍ଥାନ ।
ହେବାରୁ ବ୍ୟାପିଲା ଟଙ୍କ ପ୍ରଭାବରେ ଲୁଟିବା ଭାବିଲା ମନ ।
ସ୍ଖଳିତଦୃଷ୍ଟେରେ ପୁଣି । ପଢ଼ିଲା କୁମରମଣି ॥ ୯

୭—ଅରୁଣ ସଙ୍ଗରୁ ବାରୁଣୀ (ପଶ୍ଚିମଦିଗ) ରଙ୍ଗ ବର୍ଣ୍ଣ ହେଲା, ବିଧୁପ୍ରାସାଦ (ଚନ୍ଦ୍ରର ପ୍ରସନ୍ନତା) ପୂର୍ବ ଦିଗକୁ ଧବଳିତ କଲା । ଉତ୍ତର ଓ ଦକ୍ଷିଣ ଦିଗର ନାରୀଙ୍କର ରୋମାଳୀ, ପଶ୍ଚିମ ଓ ପୂର୍ବଦିଗରେ ନାରୀଙ୍କର ବିଦ୍ରୁମ (ପୋହଳାମାଳୀ) ଓ ମୁକ୍ତାମାଳୀ ନ ଦିଶନ୍ତି ସେମାନେ ରୋମାଳୀକି ଉଦରରେ ଓ ବିଦ୍ରୁମ ମାଳୀ ମୁକ୍ତାମାଳୀକୁ ଉରଜେ (ସ୍ତନରେ) ଖୋଜି ପ୍ରେମବଳରେ ଭ୍ରମରେ ମଜ୍ଜିଲେ ।

୮—ଜଗତୀ (ସଂସାର) ନିଶ୍ଚେ ଜଗତୀ (ଅଟ୍ଟାଳିକା) ହେଲା, ସେ ଚଉଭଦ୍ରରେ (ଚଉକୋଣରେ) ଟିକ ହୋଇଛି, ଉତ୍ତର ଦକ୍ଷିଣ ଓ ପୂର୍ବ ଏ ତୃତୀୟ (ତିନି) ଭଦ୍ରରେ କଳାଧଳା ବର୍ଣ୍ଣଲେପନ ହୋଇଛି, ପଶ୍ଚିମରେ ଏକ ହିଙ୍ଗୁଳରେ ଶାଳିତ (ରଙ୍ଗ କରା) ହୋଇଛି । ଊର୍ଦ୍ଧ୍ୱ ଭାଗରେ ମଦନ ପ୍ରଦୀପ (କାମଦୀପ ବା ମନଦୀପ) ପରି ଏକତାରା ଉଦୟ ହୋଇଛି ।

୯—ଏମନ୍ତ ସାୟଂକାଳରେ ସେ ପ୍ରେମ ପତ୍ର ସୁବର୍ଣ୍ଣ (ସୁନା ଓ ଉତ୍ତମ ବର୍ଣ୍ଣ)ର ଗୁପ୍ତସ୍ଥାନ ହେବାରୁ (ସୁନାର ପୋତାସ୍ଥାନ ପରି ଉତ୍ତମ ବର୍ଣ୍ଣ ମାନଙ୍କର ସ୍ଥାନ ହେବାରୁ) ଟଙ୍କ (ଟଙ୍କା) ପ୍ରଭାବରେ ବ୍ୟାପିଲା ଅର୍ଥାତ୍ ଯେପରି ଏକସ୍ଥାନରେ ସୁନା ବହୁ ଦିନରୁ ପୋତା ହୋଇଥିଲେ ତାହା ଜଖ ହୋଇ ରାତିରେ ସେ ସ୍ଥାନକୁ ପ୍ରକାଶ କରେ ସେହିପରି ସେ ପ୍ରେମ ପତ୍ର କାନ୍ତ ବିସ୍ତରକ୍ତ ଲିଖିତ ବର୍ଣ୍ଣ ମାନଙ୍କରେ ରାତିରେ ଜକ ଜକ ହୋଇ ଦିଶିଲା ଏବଂ କୁମରର ମନକୁ ଲୁଟି କରିବାକୁ ବସିଲା । ସେ କୁମରମଣି ପୁଣି ସ୍ଖଳିତ ଦୃଷ୍ଟିରେ (ଅସ୍ଥିର ନେତ୍ରରେ) ପଢ଼ିଲା ।

ହେ ବେଣୀ ସରାଗରେ ଭେଟ ବୋଲି ଅଛୁ ସଂସାରେ ତୁ ସାର ବାଣୀ ।
ସ୍ମରଶର-ଦର ଭୋଗ ହେଲା ଅଧୁଁ ଜଡ଼ଭାବ ଭଜେ ପୁଣି ।
ଏ ଯେଣୁ କାଳ ବାସନା । ଦୀନ କ୍ଷୀଣଭାବ ସିନା ॥ ୧୦
ହେ ହେବ ଅଗ୍ରତେ ବସନ୍ତେ ସୁଖଦାମୀ ଗିରିସମ ସ୍ତନଶୋଭୀ ।
ତଦନ୍ତେ ଅଭେଦ ଦବା ନାଗି ହେବ ଘନରସମୟ ଲଭି ।
ଏହି କଳପନା ଥାଇ । ବିହି ଦେଇଛୁ ଘଟାଇ ॥ ୧୧
ହେ କାଞ୍ଚନଗୋରୀ ହୃଦୟ ସଂପୁଟକ ନାଟେଷ୍ଟ କାଚରେ ନିର୍ମିତ ।
ପ୍ରୀତି ଯେ ମାଣିକ୍ୟ ଗୁପତେ ରଖିଲେ ଅନୁରାଗ ବିମ୍ବ ଖ୍ୟାତ ।
ବାଣୀ-ପ୍ରବାହେ ବିଳାସ । ସଦା କରେ କୀର୍ତ୍ତି-ହଂସ ॥ ୧୨

୧୦।୧୧—ବେଣୀ (ତୁହିଁଙ୍କର) ସରାଗରେ ଭେଟ ହୋଇଅଛୁ ବୋଲି ସଂସାରରେ ତୁ ସାର (ତୁମ୍ଭେ କେବଳ ଶ୍ରେଷ୍ଠ) ଏହି ବାଣୀ ଅମ୍ଭ ସଖୀ ମୁଖରେ ଅଛି ଅତଏବ ସ୍ମର-ଶର-ଦର (କାମବାଣ ଭୟ ଦଶା) ଅଧୁଁ ଭୋଗ ହେଲା ପୁଣି ଜଡ଼ଭାବ (ସ୍ତମ୍ଭାଦି ସାତ୍ତ୍ୱିକ ଭାବ) ଭଜିଲା ଏ ଯେଣୁ କାମବାସନା (ନୀଳବସନା) ନଦୀ (ଦୁଃଖୀ) ହୋଇ କ୍ଷୀଣ ଭାବ (କୃଶତାକୁ) ଭଜିଲା ସିନା । ଗିରି ସମ ସ୍ତନଶୋଭୀ ତୁମ୍ଭ ଅଗ୍ରତେ ବସନ୍ତେ ନିଜେ ସୁଖୀ ହୋଇ ତୁମ୍ଭର ସୁଖଦାମୀ ନହେବ । ତଦନ୍ତେ ଘନରସମୟ (ନିବିଡ଼ ଶୃଙ୍ଗାର ରସପୂର୍ଣ୍ଣ) ଅବସ୍ଥାକୁ ଲଭିବାରୁ ତୁହିଁଙ୍କର ଦବାନାଗି ଅଭେଦ (ମିଳନ) ହେବ । ଏହି କଳ୍ପନା କେବଳ ମନରେ ଥାଇ (ରହିଛି) ଏ ଯୋଗକୁ ବିହି ଘଟାଇ ଦେଇଛି । କାଳପକ୍ଷରେ-ସ୍ମର (ସ୍ମରଣୀୟ) ସଂସାରରେ ଏ ବାଣୀ ଅଛୁ-ଅଧୁଁ ଶରଦକାଳର ଭୋଗ ହେଲା ଉତ୍ତାରୁ ତୁଷାର (ହେମନ୍ତ) ହୁଅଇ, ପୁଣି ସେ ଜଡଭାବ ଭଜେ (ଶୀତକାଳ ରୂପ ଧରଇ) ଏ ଯେଣୁ ଏ କାଳ ବଶ ହୋଇ ଦନ କ୍ଷୀଣଭାବ (ସାନ) ହୁଏ ସିନା । ତହିଁ ଉତ୍ତାରୁ ଅଗ୍ରତେ (ଆଗରେ) ସୁଖଦାମୀ ବସନ୍ତ କାଳ ହେଲାରୁ ଗ୍ରୀଷ୍ମକାଳ ହୁଏ, ସେ ସମୟରେ ସ୍ତ୍ରୀମାନେ ପଦ୍ମାବଳୀ ଚନ୍ଦନରେ ସ୍ତନ ଶୋଭୀ ହୁଅନ୍ତି ତଦନ୍ତେ ଘନ (ମେଘ) ରସମୟ (ଜଳମୟ) ଅବସ୍ଥା ଲଭିବାରୁ ଦବା-ନାଗି ଅଭେଦ ହୁଏ ଅର୍ଥାତ ଜଣାଯାଏ ନା ।

୧୨—କାଞ୍ଚନଗୋରୀ ଆମ୍ଭ ସଖୀର ହୃଦୟରୂପ ସଂପୁଟକ (ଫରୁଆ) କଷ୍ଟମୟ କାଚରେ ନିର୍ମିତ ହୋଇଛି । ତହିଁରେ ପ୍ରୀତରୂପ ମାଣିକ୍ୟକୁ ଗୁପ୍ତରେ ରଖିଲେ ସୁଦ୍ଧା ଅନୁରାଗ ବିମ୍ବ (ସ୍ନେହରୂପ ପ୍ରତିବିମ୍ବ) ଖ୍ୟାତ (ପ୍ରକାଶ) ହୋଇ ପଡ଼ୁଛି ଏବଂ ତୁମ୍ଭ କୀର୍ତ୍ତିରୂପ ହଂସ ବାଣୀ ପ୍ରବାହରେ (ବାକ୍ୟ-ସ୍ରୋତରେ) ସର୍ବଦା ବିଳାସ କରୁଛି, ଅର୍ଥାତ୍ ସବୁବେଳେ ତୁମ୍ଭ ଯଶ ଗାଉଛି ।

ହେ ଦ୍ରବଣ କରଇ ଶଉଳୁ ଚରଣ ଶ୍ରବଣେ ପଢ଼ିଲା ମାତ୍ର ।
ଯିବା ଜୀବକୁ ଲେଉଟାଇ ରଖଇ ହୋଇ ସଞ୍ଜୀବନ ମନ୍ତ୍ର ।
ଏତକ ଦେବବନ୍ଦନ । ନୋହେ ପଲ୍ଲବ ପଠନ ॥ ୧୩

ହେ ରସିକ-ଇନ୍ଦବର ଶୋଭା-ମନ୍ଦର କର ପଦ୍ମନେତ୍ର ଦେଇ ।
ଏଡ଼େ ଅନୁସର ଯେ ପୁଣି ଶ୍ରୀହସ୍ତେ ଦେଲା ଅନୁଗ୍ରହ ପାଇ ।
ମସ୍ତକେ ମଣ୍ଡିବ ନାହିଁ । ଏ ଗର୍ବ ବଳନ୍ତ କାହିଁ ॥ ୧୪

ହେ ପଣ୍ଡିତ ମାନରେ ଗୃହିଁଲ ମିତ୍ରରେ ବୋଇଲା ଘନଜଘନା ।
ଯେତେକ ଲେଖଇ ଚତୁରୀ ଗୁରୁରୀ ବଡ଼ ଘେନାଘେନା ଘେନା ।
ତାପର ସ୍ନେହୀରେ ଜୀବ । ନାହିଁ ନ ଥିଲ ନୋହିବ ॥ ୧୫

ହେ ଅତ ସନ୍ଦର୍ଭ ରସଗର୍ଭ କୃପାକେ ତା କଣା କଲଣି ମୋତେ ।
ସ୍ନେହେ ସ୍ନାନ କଲା ବଚନ ମାନଙ୍କୁ ପୁନଃପୁନଃ ଉ ନିମନ୍ତେ ।
ନବଲଲନା ଲେଖଇ । ସେ ପ୍ରଭୁ ମୁଁ ତା ବନସ୍ପୀ ॥ ୧୬

ହେ ସଚିବସୁତ କହିଲା ନ ଘେନ କ କଣା ସେବକଙ୍କୁ ପୋଷି ।
ଶ୍ରୁତି-ମୁଖେ ପାନ କରିବାକୁ ବେଳେ ବେଳେ ହଏ ସୁଧାରଶି ।
ପ୍ରମାଣ ଏକଥା ମିତ । ବୋଲି ଗୀର କୃତକୃତ ॥ ୧୭

୧୩—ଯେଉଁ ସୁନ୍ଦରୀର ଚରଣ ଶ୍ରବଣେ (କର୍ଣ୍ଣରେ) ପଢ଼ିଲାମାତ୍ରେ ଶଉଳୁ ଦ୍ରବଣ (ତରଳ) କରଇ, ଏବଂ ସଞ୍ଜୀବନମନ୍ତ୍ର ହୋଇ ଯିବା ଜୀବକୁ [ଯାଉଥିବା ପ୍ରାଣକୁ] ଲେଉଟାଇ ରଖଇ ସେ ସୁନ୍ଦରୀ ନିଶ୍ଚୟ ଦେବତୁଲ୍ୟ ବନ୍ଦନୀୟା, କେବଳ ଦେବତାମାନଙ୍କର ପଲ୍ଲବ ପଢ଼େ ନାହିଁ ଏତକ ଦେବ ବନ୍ଦନ [ଦେବତାଙ୍କର ପ୍ରଶଂସା] ।

୧୪—ହେ ରସିକ ଇନ୍ଦବର (ରସିକଭ୍ରମର) । ଅମ୍ଭ ସଖୀ ପଦ୍ମନେତ୍ରକୁ ଭ୍ରମର ଶୋଭାମନ୍ଦର କରି ଦେଇଛୁ । ବଳନ୍ତ (ଗର୍ବ କର) ଯେ ଏଡ଼େ ଅନୁସରଛୁ ଯେ ପୁଣି ତୁମ୍ଭେ ଶ୍ରୀହସ୍ତେ ଦେଲା ଅନୁଗ୍ରହ (ମୃଗପୁଚ୍ଛ) ପାଇଲେ ମସ୍ତକେ ମଣ୍ଡିବ ନାହିଁ ଏ ଗର୍ବ କାହିଁ ?

୧୫—ପଣ୍ଡିତମାନଙ୍କେ ମିତ୍ରକୁ ଗୃହିଁଲ ଏବଂ ବୋଇଲା—ଚତୁରୀ ଘନଜଘନା ଯେତେ ଗୁରୁତ୍ୱରେ ଲେଖଇ ତାହା ବଡ଼ ଘେନା ଘେନ । ଜୀବ ସ୍ନେହୀ-ମାନଙ୍କ ମଧ୍ୟରେ ତାପର ନାହିଁ ନଥିଲା ବା ନୋହିବ ।

୧୬—ଅତିରସଗର୍ଭ ସନ୍ଦର୍ଭ (ରଚନା) କୃପାକେ (ଗୋଟିଏ ମାତ୍ର କଥାରେ) ମୋତେ ତା କଣା କଲଣି, ନବଲଲନା (ନୂତନା ସ୍ତ୍ରୀ) ସ୍ନେହେ ସ୍ନାନ କଲା ବଚନ ମାନଙ୍କୁ କି ନିମନ୍ତେ ପୁନଃ ପୁନଃ ଲେଖଇ ସେ ପ୍ରଭୁ ମୁଁ ତାହାର ବନସ୍ପୀ ଅଟେ ।

୧୭—ସଚିବ ସୁତ (ମନ୍ତ୍ରୀପୁତ୍ର) କହିଲା—ନ ଘେନ କି ପ୍ରଭୁ କଣା ସେବକଙ୍କୁ ପୋଷି ଶ୍ରୁତିମୁଖେ (କର୍ଣ୍ଣରେ) ପାନ କରିବାକୁ ବେଳେ ସୁଧାରଶି

ହେ ଏସମୟେ ସନ୍ଧ୍ୟା ଅନ୍ତର ଭୁବନେ ତମିର ରହିଲା ପୂର ।
ମିଶିଗଲା ଶଶୀପ୍ରଭା କେନମଲ୍ଲ ହୋଇଲେ କି ଧରାଧର ।
ପ୍ରହରକେ ଧ୍ୱନିକାରୀ । କପୋତ ହୁଁ କୃତତ କର ॥ ୧୮

ହେ ପଲ୍ଲବ ଗ୍ଳାନ କିରଣଙ୍କଲ ଦୁଇ ବନଭୂମି ଶବ ଦିଶି ।
ସେ କି ଶିଷ୍ୟଗଣ କରନ୍ତି ବଖାଣି ବଳବାନ କଷାକଷି ।
ପ୍ରକମ୍ପ ପବନେ ତହିଁ । କେ କାହାକୁ ପେଲି ଦେଇ । ୧୯

ହେ ଶାଖୀ ସାକ୍ଷୀ ପର ପୁଷ୍ପ-ହାସ ଧରି କଉତୁକ ଅବଧାନୀ ।
ଶୃଙ୍ଗାରରେ ବୀରରସ ବ୍ୟଭିଚାର ଲକ୍ଷଣୀ ସମୟ ଘେନି ।
ରତ ଯେ ରଣ ବୋଲାଇ । ତା ପ୍ରକାଶ କାଳ ଏହି ॥ ୨୦

ହେ ଶୁଚିରସେ ନୃପସୁତ ବୀର ରସେ ଏଣୁ ଏ ବର୍ଣ୍ଣନା ସିଦ୍ଧି ।
କୋଟିବ୍ରହ୍ମାଣ୍ଡସୁନ୍ଦରୀ ଶୋଭାବର୍ତ୍ତରେ ବୁଡ଼ାଇ ଦେଇଛି ବୁଦ୍ଧି ।
ସ୍ତମ୍ଭବଶ ହୋଇ ବସି । ତନୁସ୍ଥ-ମାନସେ ଭାସି ॥ ୨୧

ଦିଏ, ହେ ମିତ ! ଏକଥା ପ୍ରମାଣ ଏହା ବୋଲି ବୀର କୃତକୃତ୍ୟ ହେଲେ ।

୧୮—ଏସମୟରେ ସନ୍ଧ୍ୟା ଅନ୍ତର ହେଲା ଭୁବନେ ତମିର (ଅନ୍ଧକାର) ପୂର ରହିଲା, ତାସଙ୍ଗେ ଶଶୀପ୍ରଭା (ଚନ୍ଦ୍ରଆଲୋକ) ମିଶିଗଲା, ଏପରି ଦିଶିଲା—କୃଷ୍ଣ ଗୌର କେନମଲ୍ଲ ଧରାଧର ହୋଇଲେ କି ? ମାଳ୍ପମାନେ ମହରକେ ହୁଂକାର କଲାପରି ଏ କୃଷ୍ଣଗୌର ମଲ୍ଲ ବୁଦ୍ଧେ କପୋତର ହୁଂ କୃତକେ କର ପହରକେ ଧ୍ୱନିକାରୀ ହୋଇଛନ୍ତି ।

୧୯—ପଲ୍ଲବଗ୍ଲାନ (ପତ୍ରଗୁଚ୍ଛ) ଏବଂ ଚନ୍ଦ୍ରକିରଣ ଝଲା, ଏ ଦୁଇରେ ବନଭୂମି ଶବଳ ଦିଶିଲା ସେ କି ଦୁଇ ମଲ୍ଲର ଶିଷ୍ୟଗଣ, କିଏ ବଳବାନ ଏହା କଷାକଷି (ବୁଝାବୁଝି) ହେବାକୁ ମଲ୍ଲ ବଖାଣି ହେଉଛନ୍ତି ? ତହିଁ (ସେଠାରେ) ବେସ ସବୁ ପବନରେ କମ୍ପିବା ଦ୍ୱାରା କେ କାହାକୁ ପେଲି ଦେଉଛି କି ?

୨୦—ଶାଖୀ (ବୃକ୍ଷମାନେ) ସାକ୍ଷୀ ଲୋକପରି ପୁଷ୍ପହାସକୁ ଧରି କୌତୁକ ଦେଖିବାରେ ଅବଧାନୀ (ମନୋଯୋଗୀ) ହୋଇଛନ୍ତି । ଏଠାରେ ଶୃଙ୍ଗାରରେ ବୀରରସ ବର୍ଣ୍ଣନା ବ୍ୟଭିଚାର ଲକ୍ଷଣ ହେଲା କିନ୍ତୁ ଗ୍ରବିସମୟ ଘେନି ଏମନ୍ତ ବୋଲି ହୋଇଛି, କାରଣ, ରତ (ଶୃଙ୍ଗାର) ଯେ ସେ ରଣ (ଯୁଦ୍ଧ) ବୋଲାଏ । ତାହାର ପ୍ରକାଶକାଳ ଏହି ଅଟେ ।

୨୧—କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଶୋଭାବର୍ତ୍ତରେ (ଶୋଭାସମୁଦ୍ରରେ) ବୀର ନୃପସୁତ ବୁଦ୍ଧିକି ବୁଡ଼ାଇ ଦେଇଛି ବୋଲି ଶୁଚିରସ (ଶୃଙ୍ଗାର ରସରେ), ରସେ (ବସିଛି), ଏଣୁ ଏ (ଶୃଙ୍ଗାରରେ ବୀରରସ) ବର୍ଣ୍ଣନା ସିଦ୍ଧିହେଲା । ସେ ନୃପସୁତ ସ୍ତମ୍ଭ ବଶହୋଇ ତନୁସ୍ଥମାନସରେ ଭାସିଲା ।

ହେ ଭାବ ରତ୍ନନିଧି ଧନକୁ ବୋଲିବା ମନକୁ ସହଜେ ମୋହି ।
ଭାବ-ରତ୍ନ-ନିଧି ନୟନ ଉପରେ ଲୀଳା କରେ ସଦା ରହି ।
ମୂଳ ହେଲା ଲଭିବାର । ହୋଇଲା ସ୍ଥାନ ଗୋଚର ॥ ୨୨
ହେ ଦଣ୍ଡକବନବିହାରୀ ଦେଇଛନ୍ତି ଏ ବର ଜାଣିଲି ମୋରେ ।
ଦଣ୍ଡକ ବନବିହାରୀ ହୋଇଥିବ ବନ୍ଧୁ ସଖୀ ସଙ୍ଗତରେ ।
ଯିବ ମୋ ଲୋଚନ ପଡ଼ି । ଥିବ ଦେହେ ଶାଢ଼ୀ ଜଡ଼ି ॥ ୨୩
ହେ ବଶ ମନ୍ଦାକ୍ଷ କରିଥିବ ଉରଜ ଜଘନ ବ୍ୟକତ ଭୀତ ।
ବଶ ମନ୍ଦାକ୍ଷ-କୋଣେ ଚୁହିଁ ଦେବାରେ କରୁଥିବ ମୋର ଚିତ୍ତ ।
ସେ କାଳ ଭୋଗକୁ ଚିନ୍ତେ । ସ୍ୱର୍ଗଭୋଗ ହୋଇ କେତେ ॥ ୨୪
ହେ କରୁ କରୁ ଭାବ ଭାବନା କରୁଣା ବରୁଣାଳୟ ପ୍ରିୟାର ।
କ୍ରମଶ କ୍ରମଶ ତ୍ରିଯାମାକୁ ଶେଷ କରେ ହୋଇ ଉଜାଗର ।
ଉଷା ପ୍ରମାଣ ପ୍ରକାଶେ । ସହସ୍ରକର ସକାଶେ ॥ ୨୫

୨୨—ଭାବ (ଭାବନାକର) ଧନକୁ (ସୁନ୍ଦରୀକୁ) ଅଷ୍ଟରତ୍ନ ନବନିଧିରୂପା ବୋଲିବା କାରଣ, ରତ୍ନ ଓ ନିଧିମାନଙ୍କପରି ସେ ସହଜରେ ମନକୁ ମୋହିତ କରଇ । ସେ ସୁନ୍ଦରୀ ଭାବରତ୍ନ ନିଧି (ଭାବାଦି ରତ୍ନର ସ୍ଥାନ), ମୋନୟନ ଉପରେ (ନେତ୍ରରେ) ରହି ସଦା ଲୀଳା (ଖେଳା) କରଇ । ଏବେ ତାର ସ୍ଥାନ ଗୋଚର ହୋଇଲା, ଅତଏବ ତାକୁ ଲଭିବାର ମୂଳ (ନିଶ୍ଚୟ) ହେଲା ।

୨୩—ଦଣ୍ଡକବନବିହାରୀ (ରାମଚନ୍ଦ୍ର) ମୋତେ ଏ ବର (ତାକୁ ଲଭିବାବର) ଦେଇଛନ୍ତି ଏହା ମୁଁ ଜାଣିଲି । ବନ୍ଧୁ ସଖୀସଙ୍ଗତରେ ଦଣ୍ଡକ (ଦଣ୍ଡେମାତ୍ର) ବନବିହାରୀ (ଜଳବିହାରୀ) ହୋଇଥିବ, ତା ଦେହରେ ଶାଢ଼ୀ ଜଡ଼ିଯାଇ ଥିବ ତେତକବେଳେ ମୋ ଲୋଚନ ତା ଉପରେ ପଡ଼ିଯିବ ।

୨୪—ଉରଜ (ସ୍ତନ), ଓ ଜଘନ ବ୍ୟକତ (ଦିଶିବା) ଭୀତ (ଭୟରେ) ମନ୍ଦାକ୍ଷ (ଲଜ୍ଜା) ତାକୁ ବଶ (ଅୟତ୍ତ) କରିଥିବ । ମନ୍ଦାକ୍ଷକୋଣେ (ମନ୍ଦ ମନ୍ଦ କରି ଅଖି କୋଣରେ) ଚୁହିଁଦେବାରେ ମୋର ଚିତ୍ତ ବଶ କରୁଥିବ । ବର୍ତ୍ତମାନ ମୁଁ ସେହି ଭୋଗକୁ ଚିନ୍ତା କରୁଛି, ତାସଙ୍ଗେ ସ୍ୱର୍ଗଭୋଗ ଅବା କେତେ ହୋଇବ ।

୨୫—କରୁଣା ବରୁଣାଳୟ (ଦୟାସାଗର) ପ୍ରିୟାର ଭାବନା କରୁ ୨ ଉଜାଗର ହୋଇ କ୍ରମଶ ୨ ତ୍ରିଯାମାକୁ (ରାତିକୁ) ଶେଷକରେ । ଯେପରି ସହସ୍ର କର ସହସ୍ରବାହୁ (ବାଣାସୁର) ସକାଶେ ଉଷା (ଉଷାନାମ୍ନୀ ତାହାର କନ୍ୟା) ପ୍ରକାଶେ ସେହିପରି ସହସ୍ରକର (ସୂର୍ଯ୍ୟଙ୍କର) ସକାଶରେ (ପ୍ରାତଃକାଳ ପ୍ରକାଶିଲା ଏ ପ୍ରମାଣ ।

ହେ କୁମୁଦ ବିକାଶ ତୁଟି ତୁଟି ଯାଇ ପଦ୍ମ ଫୁଟି ଫୁଟି ଆସେ ।
ହରଷ ବିରସ ପାଲଟା ପାଲଟି ମଧୁଲିଟ ବିଟ କିସେ ।
ବେନି ରସେ ଧୋଇ ଚିତ୍ତ । ହେଉଛନ୍ତି ଗତାଗତ ॥ ୨୬
ହେ କୁକୁଟ ରଟେ କି ଅନ୍ଧାର ଦୂତ ତୁ ଲାଜକୁ ନବୀନା ଚିତ୍ତୁଁ ।
ଘଉଡ଼ିଥିଲୁ ସେ ବାହୁଡ଼ି ଆଲୋକ ସାହାରେ ତୋ ନାଶ ହେତୁ ।
ତୁ ଗୋପ୍ୟ ମନ୍ଦିରେ ଲୁଚି । ପାରିବୁ କି ତାକୁ ପାଞ୍ଚି ॥ ୨୭
ହେ ଶିବାଳୟେ ଶଙ୍ଖ ବାଜିଲେ ବାଜିଲେ ନାହିଁଟି ତର୍ଜିଲେ ଜାରେ ।
ପରସଦନେ ଅତନୁଫୁଲ କାଣ୍ଡ ଡରେ ଲୁଚିଥିଲୁ ଯାରେ —
ଲୋହକାଣ୍ଡେ ତନୁବନ୍ତ । ଦେଖି କରିବେଟି ହତ ॥ ୨୮
ହେ ଏକାଳେ ପୁଣି କୁମର କର ପ୍ରାତଃସ୍ମରଣୀ ବାଳାକୁ ଭାବ ।
ପାଇଔଷ୍ଠେ ବାଳ-ଅରୁଣ ଲକ୍ଷ୍ମୀକୁ ନେନେ ସ୍ଫୁଟ-କଞ୍ଜ ଛବି ।
ଅମ୍ବର-ମଞ୍ଜୁଳକାନ୍ତି । ଆଲୋକେ ସୁଖ ବିସ୍ତାରି ॥ ୨୯

୨୬—କୁମୁଦ ବିକାଶ (କଇଁଫୁଟିବା) ତୁଟି୨ ଯାଇ ପଦ୍ମ ଫୁଟି୨ ଆସଇ । ମଧୁଲିଟ (ଭ୍ରମର) ବିଟ (ଲମ୍ପଟ) ଦୁହେଁ ହର୍ଷ ଓ ବିରସକୁ ପାଲଟା ପାଲଟି (ବଦଳା ବଦଳି) କଲେ କି ? ସେ ଦୁହେଁ ବେନିରସେ (ହର୍ଷ ବିଷାଦ ଉଭୟରସରେ) ଚିତ୍ତ ଦେଇ ଗତାଗତ କରୁଛନ୍ତି । ଅର୍ଥାତ୍ ପ୍ରଭାତରେ ଭ୍ରମରମାନେ ଆନନ୍ଦିତ ହେଲେ ଏବଂ ବିଟ ପୁରୁଷମାନେ ଦୁଃଖିତ ହେଲେ ।

୨୭—ରେ ଅନ୍ଧାରଦୂତ ! ତୁ ନବୀନାମାନଙ୍କର ଚିତ୍ତରୁ ଲାଜକୁ ଘଉଡ଼ିଥିଲୁ, ଏବେ ତୋ ନାଶହେତୁ ସେ ଆଲୋକ ସାହାରେ (ସାହାଯ୍ୟରେ) ବାହୁଡ଼ିଛି, ତୁ ଗୋପ୍ୟମନ୍ଦିରେ ରହି ତାକୁ ଲୁଚେଇପାରିବୁ କି ? କୁକ୍କୁଟ ଏହାପାଇଁ ରଟେ କି ?

୨୮—ଶିବାଳୟରେ ଶଙ୍ଖ ବାଜିଲେ, ସେ ଶଙ୍ଖ ବାଜିଲେ ନାହିଁ ଜାରେ (ବିଟ୍-ପୁରୁଷମାନଙ୍କୁ) ତର୍ଜିଲେ—ତୁ ,ଅତନୁ (କାମର) ଫୁଲ କାଣ୍ଡ ଡରେ ପର ସଦନେ (ପରଘରେ) ଲୁଚିଥିଲୁ, ଏବେ ଯା, ନୋହିଲେ ତନୁବନ୍ତ (ଦେହବନ୍ତ ଲୋକେ) ତୋତେ ଦେଖି ଲୋହକାଣ୍ଡରେ ହତ କରିବେଟି ?

୨୯—ପୁଣି ଏକାଳେ କୁମର ବାଳାକୁ ପ୍ରାତଃସ୍ମର କର ଭାବିଲା, ବାଳାର ଓଷ୍ଠରେ ବାଳ ଅରୁଣ ଲକ୍ଷ୍ମୀକୁ ନେନରେ ସ୍ଫୁଟ କଞ୍ଜ (ବିକଶିତପଦ୍ମ) ର ଛବିକୁ ପାଇଲା ସେ ବାଳା ପ୍ରାତଃକାଳ ପରି ଅମ୍ବର ମଞ୍ଜୁଳ କାନ୍ତି (ପ୍ରଭାତ ଆକାଶ ଉଜ୍ଜ୍ୱଳକାନ୍ତି, ବାଳା ବସ୍ତ୍ରରେ ମନୋହାରିଣୀ) ଏବଂ ପ୍ରଭାତ ଆଲୋକ ଦ୍ୱାରା ସୁଖ ବିସ୍ତାରଇ ବାଳା ଆଲୋକେ (ଦର୍ଶନମାନେ) ସୁଖକୁ ବିସ୍ତାରଇ ।

ହେ ଉପଇନ୍ଦ୍ର ପ୍ରାତଃସ୍ମରଣ ଯେ ଦୀନବନ୍ଧୁ ଉଦିତ ସଂସାରେ ।
ସ୍ୱନାମ ତରମେ ଚନ୍ଦ୍ର ରଖିବାରୁ ଭବତମ ନାଶିବାରେ ।
ମୁଖାବ୍ଜେ ସ୍ମିତ ଶ୍ରୀ ସ୍ଥିତ । ଦେଖୁ ବିଭୀଷଣେ ଦତ୍ତ ॥ ୩୦
ହେ କରପଦ ରକ୍ତାମ୍ବୁଜ ଯଶ ଅଦ୍ଭୁତ ସମ୍ଭୂତ ବସନ୍ତ ।
ଖ୍ୟାତ ହର ଧନୁଭଙ୍ଗରେ ଅହଲ୍ୟା ତାରଣେ ନୀଳାବ୍ଜମୂର୍ତ୍ତି ।
ରଞ୍ଜନ ମୁନି ରଞ୍ଜାଇ । ଏହି ପଞ୍ଚରତ୍ନ ଧ୍ୟାୟି ॥ ୩୧

—○—

୩୦।୩୧—ଭବତମ (ସଂସାରରେ ଅନ୍ଧକାର) ନାଶିବାରେ ଦିନବନ୍ଧୁ (ସୂର୍ଯ୍ୟ) ସଂସାରରେ ଉଦିତ ହେଲେ, ଅବ୍ଜରେ (ପଦ୍ମରେ) ସ୍ମିତ ଶ୍ରୀ (ବିକଶିତ ଶୋଭାକୁ) ସ୍ଥିତ କଲେ, ଦେଖୁଁ (ଦେଖିବାମାତ୍ରେ) ବି (ପେଚକପକ୍ଷୀକି) ଭୀଷଣ (ଭୟକୁ) ଦତ୍ତ କଲେ, କର ପଦ (କିରଣ ବିଭବଦ୍ୱାରା) ରକ୍ତାମ୍ବୁଜ (ରକ୍ତପଦ୍ମରେ) ଯଶକୁ ଅଦ୍ଭୁତ ରୂପେ ସମ୍ଭୂତ କଲେ ଓ ନୀଳାବ୍ଜ (ନୀଳପଦ୍ମ) କୁ ରଞ୍ଜନ (ବିକଶିତ କଲେ) ଯେ ଦୀନବନ୍ଧୁ (ବିଷ୍ଣୁ) ସେ ସ୍ୱନାମ (ରାମ) ତରମେ (ପଛରେ) ଚନ୍ଦ୍ର ରଖିବାରୁ (ରାମଚନ୍ଦ୍ର-ରୂପରେ) ଅବତୀର୍ଣ୍ଣ ହୋଇ ଭବତମ (ସଂସାରରପାପ) ନାଶ କରିବାରେ ଉଦିତ ହୋଇଥିଲେ, ତାଙ୍କ ମୁଖାବ୍ଜ (ମୁଖ ପଦ୍ମରେ) ଯେଉଁ ସ୍ମିତ ଶ୍ରୀ (ମନ୍ଦହାସ ଶୋଭା) ସେ ସ୍ଥିତ ଶ୍ରୀ (ଆନନ୍ଦ ସମ୍ପତ୍ତି) ହେଲା, ତାକୁ, ଦେଖୁଁ (ଦର୍ଶନମାତ୍ରକେ) ବିଭୀଷଣକୁ ଦତ୍ତ କରିଥିଲେ, ହର ଧନୁ ଭଙ୍ଗରେ (ଶିବଧନୁ ଭାଙ୍ଗିବାରେ) ଏବଂ ଅହଲ୍ୟା ତାରଣରେ ରକ୍ତାମ୍ବୁଜ (ରକ୍ତପଦ୍ମ) ସଦୃଶ କର ଓ ପଦର ଯଶ ଅଦ୍ଭୁତ ରୂପେ ସମ୍ଭୂତ (ଜାତ) ହୋଇ ବସନ୍ତ (ସ୍ଥିତିକି) ଖ୍ୟାତ (ପ୍ରକାଶ) କରୁଛି ଏବଂ ରଞ୍ଜନ (ଅନୁରାଗ ଜନକ) ନୀଳାବ୍ଜମୂର୍ତ୍ତି (ନୀଳପଦ୍ମସଦୃଶରୂପ) ମୁନିମାନଙ୍କ ମନ ମଜ୍ଜାଇ ଦେଇଥିଲା ଅର୍ଥାତ୍ ସେମାନେ ସ୍ତ୍ରୀରୂପରେ ସହବାସ ସୁଖ କାମନା କରିଥିଲେ, ଏହି ପାଞ୍ଚରତ୍ନ ରୂପ (ହାସ, ହୀରକ ଓ ମୁକ୍ତାପରି, ହସ୍ତପଦ, ପଦ୍ମରାଗ ମଣି ଓ ପ୍ରବାଳ ପରି, ଓ ମୂର୍ତ୍ତି ନୀଳମଣିପରି) ରାମଚନ୍ଦ୍ରଙ୍କ ଚିତ୍ତରେ ଧ୍ୟାୟିବା ଦ୍ୱାରା ଉପେନ୍ଦ୍ରଭଞ୍ଜ ପ୍ରାତଃସ୍ମରଣ କଲେ ।

—○—

ତ୍ରିଂଶ ଛାନ୍ଦ

ରାଗ—ସିନ୍ଧୁ ଦେଶାକ୍ଷ

ରସିବେ ରସିକ କୋବିଦ ଜନେ ଯେ ଏ ଛାନ୍ଦ ଚାତୁରୀ ଶୁଣି ।
ପ୍ରଭାତରେ ପ୍ରଭାତରେ ଚନ୍ଦ୍ରମୃଗ ଆଗତ ଶବଦ ଶୁଣି ।
ସେ ନୃପେ । ଯାନମାନଙ୍କ ଆରୋହି ।
ପନ୍ତି ପନ୍ତି ଗତି ଚାରରେ ପରିଚରନ୍ତି ଚମରୁ ଭ୍ରମଇ କାହିଁ ॥ ୧·
ସେହି ନଗର ନାଗରୀ ଶ୍ରେଣୀ ଶ୍ରେଣୀ ଦେଖିବା ଲୋଭେ ବାହାର ।
ଶ୍ୟାମଳା ଭଲେ ଗଉରୀ ସେ ବିଧାନେ ସାବର୍ଣ୍ଣା ସେହି ପ୍ରକାର ।
ସେ ରାମା । କାହିଁରେ ନ ମିଶେ କେହି ।
ପଡ଼େ ଯାହାଠାରେ ନେତ୍ର ତାହାଠାରେ ଜଡ଼େ ଆନ ଲୋଡ଼େ ନାହିଁ ॥ ୨
ସୁରମଣି-ମଣି ବର୍ଣ୍ଣନା ରମଣୀ ବର୍ଣ୍ଣନା କେ କରୁ ଶେଷ ।
ଆଉ କି କହିବା ରୂପବନ୍ତ ଯହିଁ ହୋଇଛି ପ୍ରଥମରସ ।
ସେ ବାମା । ଢାଳୁଛନ୍ତି ନେତ୍ର ଡୋଳା ।
ପବନେ ଚଳେ କି ଜବନେ ଜବନେ ଇନ୍ଦୀବର ଭୃଙ୍ଗମେଳା ॥ ୩·

୧—ରସିକ କୋବିଦ (ପଣ୍ଡିତ) ଜନମାନେ ଏ ଛାନ୍ଦ ଚାତୁରୀ ଶୁଣି ରସିବେ । ସେ ନୃପମାନେ, ପ୍ରଭାତରେ (ଅଲୋକମୟ) ପ୍ରଭାତରେ ଚନ୍ଦ୍ରମୃଗ (ଅଷ୍ଟାର୍ଦ୍ଧ-ଦୈବୀମୃଗ) ଆଗତ ଶବ୍ଦ ଶୁଣି ଯାନମାନଙ୍କ ଆରୋହି (ଚଢ଼ି) ପନ୍ତି ପନ୍ତି (ଧାଡ଼ି ଧାଡ଼ି) ହୋଇ ଗତି କରି ଚାରମାନଙ୍କ ପରିଚରନ୍ତି—ଚମରୁ (ମୃଗ) କାହିଁ ଭ୍ରମଇ ?

୨—ସେହି ନଗରର ନାଗରୀମାନେ ଦେଖିବା ଲୋଭରେ ଶ୍ରେଣୀ ଶ୍ରେଣୀ (ଦଳ୨) ହୋଇ ବାହାର ହେଲେ । ଶ୍ୟାମଳା (କାଳୀ) ମାନେ ଭଲେ ଗୌରୀ (ଗୋରୀ)ମାନେ ଭଲେ ସେହି ବିଧାନରେ ସାବର୍ଣ୍ଣା (ସାବେଙ୍ଗୀ) ମାନେ ସେହିପ୍ରକାର ସେ ରାମା (ରମଣୀମାନେ) କେହି କାହିଁରେ ନ ମିଶେ । ନେତ୍ର ଯାହାଠାରେ ପଡ଼େ ତାହାଠାରେ ଜଡ଼ିଯାଏ ଆନକୁ ଲୋଡ଼େନାହିଁ ।

୩—ଯାହାଙ୍କର ବର୍ଣ୍ଣନା ସୁରମଣି ମଣି (ଇନ୍ଦ୍ରନୀଳମଣି) ସେ କାଳୀ ସ୍ତ୍ରୀ ମାନଙ୍କର ବର୍ଣ୍ଣନା କେ ଶେଷ କରିପାରେ । ଆଉ କି କହିବା, ଯହିଁ (ଯେଉଁମାନଙ୍କଠାରେ) ପ୍ରଥମ ରସ (ଶୃଙ୍ଗାର ରସ) ରୂପବନ୍ତ (ମୂର୍ତ୍ତିମାନ) ହୋଇଛି । ସେ ବାମାମାନେ ନେତ୍ର ଡୋଳା ଢାଳୁଛନ୍ତି । ଭୃଙ୍ଗମେଳା (ଭ୍ରମର ଯୁକ୍ତ) ଇନ୍ଦୀବର (ନୀଳକଇଁ) ପବନେ ଜବନେ ଜବ (ଅତିବେଗରେ) ଚଳେ କି ?

ନାସା ପୂଲ୍‌ଅଛୁ ପ୍ରବାଳ ମାଣିକ୍ୟ ବଣଣି ହେଉଛୁ ଠେକ ।
ସେ କୀର ଅଧର୍-ବମ୍ବକୁ ଝାମ୍ପେ କ ଉତ୍‌ଫୁଲ୍ଲେ ଗୃଳେ ହୋଟିକ
ସେ ଶ୍ୟାମା । ଗଭ ନିଷ୍ଟେଁ ମତ୍ତକସ୍ରି ।
ଖୋସା ମାଧୁସ୍ରି ରହୁ ଗୃହୁଁ ଧଇର୍ଯ୍ୟ-ବଧୂକୁ କବଳ କର ॥ ୪
ଅସ ଅସ ଡକାଡକରେ ସେ ଡାକ ପକାଉଅଛନ୍ତି ପିକେ ।
ପଶି ଶ୍ରୁତବଲେ ଅନ୍ଧାର କରଇ ଜ୍ଞାନକୁ ହୃଦୟୁଯାକେ ।
ସେ ଶ୍ୟାମା । ବଳା ମୂଦ ନାଦ ଭଲ୍ଲ ।
ସେହୁ ଶବଦ ସ୍ତବଧ ଧ୍ୟାନ ଛଳେ ଯୋଗିବୃନ୍ଦରେ କି ଦେଲ୍ଲ ॥ ୫
ମଞ୍ଜୁ ବଦୁ୍ୟକାନ୍ତି କନକବ୍ରତତୀ ଗତ-ହଂସ ବହୁ ଚଳେ ।
ରୋହଣୀ ସଙ୍ଗ ହରିଦ୍ରାଙ୍କିତ ଅଙ୍ଗ ଉଦେ କି ଇନ୍ଦୁ ନିର୍ମଳେ ।
ସେ ଗୋସ୍ରି । ମୁଖଶୋଭି ସେ ଲକ୍ଷଣା ।
ନାସା ଫୁଲବାରେ ଚଳେ ହୀରବସା କୁନ୍ଦନନିବାଡ଼ ଗୁଣା ॥ ୬

୪—ନାସା ଫୁଲ୍ଲଅଛୁ ତହିଁରେ ଥିବା ପ୍ରବାଳ ମାଣିକ୍ୟ ବଟଣି ଠେକ ହେଉଛୁ, ସେ (ନାସା) କୀର (ଶୁକପକ୍ଷୀ) ତହିଁରେ ଥିବା ବଣଣି ହୋଟି (ଥଣ୍ଟ) ଅଧର ବମ୍ବଫଳ, ସେ କୀର ଅଧର ରୂପ ବମ୍ବଫଳକୁ ଝାମ୍ପିବାକୁ ଥଣ୍ଟକୁ ଉତ୍‌ଫୁଲ୍ଲହୋଇ ଗୃଳେ କି ? ସେ ଶ୍ୟାମା ରମଣୀର ଗତ ନିଷ୍ଟପୃ ମତ୍ତକସ୍ରି— ଖୋସା (ମୁଣ୍ଡ ଜୁଡ଼ା) ମାଧୁସ୍ରି ରହୁ, ତାକୁ, ଗୃହୁଁ (ଗୃହିଁବା ମାନେ) ଧୈର୍ଯ୍ୟରୂପ ବଧୂ (ଚନ୍ଦ୍ରକୁ) ସେ କେବଳ (ଗ୍ରାସ) କର ଦେଉଛୁ ।

୫—ଅସ ଅସ ଡକା ଡକାରେ ସେମାନେ ପିକେ (କୋକିଳମାନଙ୍କ) ଡାକ ପକାଉଛନ୍ତି । ସେ ଶବ୍ଦ ଶ୍ରୁତବଲେ (କର୍ଣ୍ଣ ରନ୍ଧ୍ରରେ) ହୃଦୟୁ ଯାକେ ପଶି ଜ୍ଞାନକୁ ଅନ୍ଧାର କରଇ । ସେ ଶ୍ୟାମାର ବଳା ଓ ମୂଦର ନାଦ (ଶବ୍ଦ) ଭଲ୍ଲ, ସେହୁଶବ୍ଦ ଧ୍ୟାନଛଳରେ ଯୋଗି ବୃନ୍ଦରେ ସ୍ତବ୍‌ଧ (ମୌନାବସ୍ଥାକୁ ଦେଲ୍ଲ ।

୬—ମଞ୍ଜୁ (ମନୋହାରଣୀ) ବଦୁ୍ୟକାନ୍ତି (ଗୌରବର୍ଣ୍ଣା) ସ୍ତ୍ରୀମାନେ କନକ ବ୍ରତତୀ (ସୁବର୍ଣ୍ଣଲତା) ସେମାନଙ୍କର ଗତ ରୂପକ ହଂସ ତାଙ୍କୁ ବହୁ (ବହନ କର) ଚଲଲ୍ଲ ପର ଦଶୁଛୁ । ରୋହଣୀ (ନିଜପତ୍ନୀ) ସଙ୍ଗ (ସହବାସରୁ) ହରିଦ୍ରାଙ୍କିତ ଅଙ୍ଗ (ହରିଦ୍ରାଯୁକ୍ତ ଶରୀର) ଇନ୍ଦୁ (ଚନ୍ଦ୍ର) ନିର୍ମଳରେ ଉଦୟୁ ହେଲେ କି ? ସେ ଗୋସ୍ରିର ମୁଖ ଶୋଭି ସେ ଲକ୍ଷଣା (ଉପମାକୁ) ଧରଛୁ । ତାଙ୍କର ନାସା ଫୁଲବାରୁ ହୀରବସା କୁନ୍ଦନନିବାଡ଼ ଗୁଣ୍ଡା ଚଳେ ।

ଅଦ୍ଭୁତ ସିହାଣୀ ନୟନତରଙ୍ଗ ଗୃହିଁଣି ହୋଇଛୁ ସଙ୍ଗ ।
ଏଣିକ ତେଣିକି ଏକାକି କରୁଛୁ ସ୍ୱଇଚ୍ଛାବଶରେ ରଙ୍ଗ ।
ସେ ଗୋରି ! ଉଚକୁଚ ମନ ମୋହୁ ।
ପ୍ରେମ ରତ୍ନ ଭର କାମ'ଭଣ୍ଡାରେ କି ହେମସଂପୁଟକ ଥୋଇ ॥ ୭
ଦରବିକାଶ ଫୁଲ୍ଲ ତୁଲ ସୁହାସ କଥାକୁହା ଭଙ୍ଗି ସେହି ।
ସ୍ୱର ଶୁଣିଥିଲେ ତରୁଣୀକୁଳ ଯେ କୁଳରେ ରହନ୍ତେ ନାହିଁ ।
ସେ ଗୋରି ! ଜୂଡ଼ାଛବି ଜୀନଗୁଡ଼ା ।
ସେହି ବନ୍ଧନେ ବନ୍ଧନ ହୋଇ ମନ ଆନ ନ କରଇ ଲୋଡ଼ା । ୮
ପାହୁଡ଼ ହୁଡ଼ନା ବୋଲି କି ପହଣ୍ଡ ମଣାଉଛୁ ବାର ବାର ।
ଝିଙ୍କାର ଝଙ୍କାରେ ବାଧା ହୋଇଅଛି ଝମକମୁଦି ଯାହାର ।
ସେ ଗୋରି ! ସହଜେ ମୋହନ ଛବି ।
ଯାବତ କବିବୃନ୍ଦେ ଯାହା ଗୁରୁସିକ ବର୍ଣ୍ଣନା କରନ୍ତି କବି । ୯
ଜମ୍ବୁ-ଜମ୍ବାଳ-ପିତୁଳା ପରେ ଢାଳି ବଧି ନୀଳମଣି କାଚ ।
ପ୍ରତିଭି ଏ ଦିଶି ପ୍ରଭାକୁ ପ୍ରକାଶି ବିବେକ ବଣାକୁ ପାଞ୍ଚ ।
ସେ ବାମା ! ଉରଜ ପୃଥୁଳ ତୁଙ୍ଗ ।
ବିରହଜ୍ୱର ଅନ୍ତର ନାଶେ ପାଟ ଆସଇ କି ମାତୁଳଙ୍ଗ । ୧୦

୭—ଅଦ୍ଭୁତମଧ୍ୟ ସେ ସିହାଣୀ (ଚତୁରୀର) ନୟନତରଙ୍ଗ ଗୃହିଁଣିର ସଙ୍ଗହୋଇଛୁ ଏଣୀ (ହରିଣୀ) ସ୍ୱଇଚ୍ଛାବଶରେ ଏଣିକ ତେଣିକି ଗୃହିଁ ରଙ୍ଗ (କ୍ରୀଡ଼ା) କରୁଛୁ କି ? ସେ ଗୋରୀର ଉଚକୁଚ ମନକୁ ମୋହୁଛି । କାମ ପ୍ରେମରତ୍ନ ଭର (ପୂର୍ଣ୍ଣକର) ହେମ ସଂପୁଟକ (ସୁବର୍ଣ୍ଣ ଫରୁଆକୁ) ନିଜ ଭଣ୍ଡାରେ ଥୋଇଛୁ କି ?

୮—ସୁହାସ ଓ କଥା କୁହା ଭଙ୍ଗି ଦର ବିକାଶ (ଅଳ୍ପ ପ୍ରସ୍ଫୁଟିତ) ଫୁଲ୍ଲ ତୁଲ (ସମାନ) ସେହି ସ୍ୱର ଶୁଣିଲେ ତରୁଣୀକୁଳ କୁଳରେ ରହନ୍ତେ ନାହିଁ । ସେ ଗୋରୀର ଜୂଡ଼ା ଛବି ଜୀନଗୁଡ଼ା ଅଟେ, ଜୂଡ଼ା ବନ୍ଧନରେ ମନ ବନ୍ଧନ ହୋଇ ଆନ ଲୋଡ଼ା ନ କରଇ ।

୯—ପାହୁଡ଼ (ଅଳଙ୍କାର ବିଶେଷ) ହୁଡ଼ନା ବୋଲି ବାରବାର ପହଣ୍ଡ ମଣାଉଛୁ କି? ଯାହାର ଝମକ ମୁଦି (ଝୁମୁକାଲଗା ମୁଦି) ଝିଙ୍କାର ପକ୍ଷୀର ଝଙ୍କାରଶବ୍ଦରେ ବାଧା ହୋଇଛି, ସେ ଗୋରୀ ସହଜରେ ମୋହନ ଛବି ଅଟେ । କବିମାନେ ଯାହାର ଗୁରୁସିକ ଯାବତ କବିବୃନ୍ଦେ (ସମସ୍ତ କବିବୃନ୍ଦରେ ବର୍ଣ୍ଣନା କରନ୍ତି ।

୧୦—ବଧି ଜମ୍ବୁଜମ୍ବାଳ ପିତୁଳା (ସୁବର୍ଣ୍ଣ ପିତୁଳା) ଉପରେ ନୀଳମଣି କାଚ ଢାଳିଲା ପରି ସାବେକୀ ସ୍ତ୍ରୀମାନଙ୍କର ପ୍ରତିଭି (କାନ୍ତି) ଦିଶୁଛି । ତାହାର

ପଲକ ପତନ ଧଇର୍ଯ୍ୟ କଠିନ କଟାକ୍ଷ ଏସନ ଦଶେ ।
ନେତ୍ର ଅଞ୍ଜନସୂତ୍ର-ବନ୍ଧା ଖଞ୍ଜନ ପୁଣି ଉଡ଼େ ପୁଣି ବସେ ।
ସେ ବାମା । ନାସାରେ ବସିଛି ନଥ ।
ତୂଣୀର ଉପରେ ସ୍ୱକର କପଣୀ ଥୋଇଛନ୍ତି କି ମନମଥ । ୧୧
ସରଣୀ-ସରିତେ ତରଣୀ ଭ୍ରମିଲା ପରିଯେ ଗତି ପ୍ରମାଣ ।
ବେଣୀ-ପଟ୍ଟିଶ କି ଦେଖାନ୍ତି ମାରକୁ ଏ ଯେଣ୍ଣ ଜଗତ ଜଣ ।
ସେ ବାମା । ଡୋଡ଼ର ଖୁଣ୍ଟି ଅ କହୁ ।
ଝମ ଝମ ନାଦ ଦମ ଦମ ହୃଦ ଶ୍ରବଣେ କରାଇ ଦେଇ । ୧୨
ଶୁଣି ହେଲେ ଗୁଣି ହେଲେ ନୃପଗଣେ ପୁଣି ସୁହୃଦରେ ଭଣି ।
ଧନ୍ୟ ପ୍ରଶଂସାରେ ସଂସାରେ ବିବିଧ ସୁକାନ୍ତି ତରୁଣୀଶ୍ରେଣୀ ।
ହେ ସାଧୁ । ଏକେ ଏକେ ମନୋହର ।
ସମସ୍ନେହରେ ଲୋକନ କରିବାରେ ବିଲୋଚନ ହେଲେ ହର । ୧୩

ପ୍ରଭାକୁ (ଦୀପ୍ତିକୁ) ପ୍ରକାଶି ଭବେକ ବଣାକୁ ପାଞ୍ଚ । ସେ ବାମାର ପୃଥୁଳ ଓ ତୁଙ୍ଗ (ଉଚ୍ଚ) ଉରଜ (ସ୍ତନ) ବିରହଜ୍ୱର ଅନୁଚ ନାଶ କରିବାକୁ ମାତୁଲଙ୍ଗ (ଟଭ୍ର) ପାଚ ଅସଇ କି ?

୧୧—ପୁଣି ଧୈର୍ଯ୍ୟ କଠିନ ପଲକ ପତନ ଓ କଟାକ୍ଷ (ଗୁହିଁବା) ଏସନ ଦଶେ ଅଞ୍ଜନରୂପ ସୂତ୍ରରେ ବନ୍ଧା ନେତ୍ର ଖଞ୍ଜନ ପକ୍ଷୀ (କଜ୍ୱଲପାତ) ପୁଣି ଉଡ଼େ ପୁଣି ବସେ, ସେ ବାମାର ନାସାରେ ନଥ ଏପରି ବସିଛି ମନ୍ମଥ (କାମ) ତୂଣୀର (ଶରମୁଣା) ଉପରେ ସ୍ୱକର କପଣି (ଧନୁର୍ଗୁଣ ଅକର୍ଷଣ କରିବା ପାଇଁ ଅଙ୍ଗୁଳିରେ ଥିବା ମୁଦ୍ରିକା ବିଶେଷକୁ) ଥୋଇଛନ୍ତି କି ? ନାସା ତୂଣୀର ପରି ନଥ ମୁଦପରି ।

୧୨—ସରିତେ (ନଦୀରେ) ତରଣୀ (ନୌକା) ଭ୍ରମିଲା ପ୍ରାୟ ସରଣୀରେ (ବାଟରେ) ଗତି କରିବା ପ୍ରମାଣ ଅଟେ । ସେ ବାମାର ଡୋଡ଼ର ନାମକ ପାଦଭୂଷା ଖୁଣ୍ଟି ଅପରି ମାରକୁ ବେଣୀରୂପ ପଟ୍ଟିଶ (ଖଡ଼୍ଗ) ଦେଖାନ୍ତି କି ? ଏବଂ ଝମ ଝମ ନାଦ ଶ୍ରବଣରେ ହୃଦକୁ ଦମ ଦମ କରାଇ ଦେଇ ଏ ଯେଣ୍ଣ ଜଗତ ଜଣ ବୋଲି ମାରକୁ କହନ୍ତି ।

୧୩—ନୃପଗଣେ ହେଲେ ଶୁଣି ଗୁଣିହେଲେ ପୁଣି ସୁହୃଦରେ (ମିତ୍ରକୁ) କହିଲେ ସୁକାନ୍ତି (ସୁନ୍ଦରୀ) ଏହି ବିବିଧ ତରୁଣୀ ଶ୍ରେଣୀ ସଂସାରେ ପ୍ରଶଂସାରେ ଧନ୍ୟ ଅଟନ୍ତି । ହେ ସାଧୁ । ଏମାନେ ଏକେ ଏକେ ମନୋହର ହର ଏହି ବିବିଧ ତରୁଣୀଙ୍କୁ ସମାନ ସ୍ନେହରେ ଲୋକନ (ଦର୍ଶନ) କରିବାରେ ବିଲୋଚନ ହେଲେ ।

ମହେଶ ମୋହେ ବହୁ କାଳୀ ଗଉରୀ ଦ୍ୱିବିଧରୂପକୁ ଉମା ।
ପରସ୍ପର ପ୍ରତିବିମ୍ବରେ ଦେଖାଇ ପୁଣି ସାବର୍ଣ୍ଣୀ ସୁଷମା ।
ହେ ସାଧୁ ! ନିଶ୍ଚେ କଲେ ଏ ନାୟିକା ।
ଚମ୍ପାବତୀ ପୁରୀ ଗ୍ରାମଟୀକା ପର ଅମରାବତୀ ଅଳକା ॥ ୧୪
ଶୋଭାରେ ଅପସରାଇ ଅପସରା ଏଥି ପ୍ରମଦାଏ ସତ ।
ମହୀ ଅପସର ସେହି ଅପସରା ସର ନୋହି ସ୍ୱର୍ଗସ୍ଥିତ ।
ହେ ସାଧୁ ! କିନ୍ନରୀମାନେ କି ନାରୀ ।
ବୋଲିଇ ମାନେ ତୁରଙ୍ଗାସ୍ୟେ ଭଜିଲେ କୁବେରକୁ ଅଶ୍ୱେ କରି ॥ ୧୫
ପାଦ ସାମନ୍ତବଲ୍ଲଭୀଏ ବଡ଼ଭି ଏ କାଳେ ଶୋଭିତ କରୁଁ ।
ବେଗେ ବ୍ୟବହାର ସାରି ଗମ ପଦ ନିଜେ ପ୍ରଗୃହୁଁ ପ୍ରଗୃହୁଁ ।
ହେ ସାଧୁ ! ନାରଦ ବୀଣା ବଜାଇ ।
ଊର୍ଦ୍ଧ୍ୱେ ଗମନ ଘେନି ମନେ ଗୃହିଲେ ସାତବର୍ଣ୍ଣେ ମଗ୍ନ ହୋଇ ॥ ୧୬

୧୪—ଉମା ଏମନ୍ତ ଦେଖି ମହେଶଙ୍କୁ ମୋହିବା ପାଇଁ କାଳୀ ଗୌରୀ ଦ୍ୱିବିଧ ରୂପକୁ ବହିଲେ, ପୁଣି ପରସ୍ପରର ପ୍ରତିବିମ୍ବରେ (ଉଭୟ ଛାୟାରେ ଉଗ୍ର-ତାରା ମୂର୍ତ୍ତିରେ) ସାବର୍ଣ୍ଣୀ (ସାବେଗୀଙ୍କର) ସୁଷମା ,(ଶୋଭାକୁ) ଦେଖାଇଲେ । ହେ ସାଧୁ ! ଏହି ନାୟିକାମାନେ ନିଶ୍ଚେ ଚମ୍ପାବତୀ କି ପୁରୀ(ନଗରୀ) କଲେ, ଅମରାବତୀ (ଇନ୍ଦ୍ରପୁରୀ) ଓ ଅଳକା (କୁବେରପୁରୀ) ଏ ଦୁହେଁ ଏହା ତୁଳନାରେ ଗ୍ରାମଟୀକା (ଖଣ୍ଡିଏ ଖଣ୍ଡିଏ ଶ୍ରେଷ୍ଠ ଗ୍ରାମ) ପରି କିନ୍ତୁ ନଗରୀ ନୁହେଁ ।

୧୫—ଏଥିରେ ପ୍ରମଦାଏ (ସ୍ତ୍ରୀମାନେ) ଶୋଭାରେ ଅପ୍‌ସରାମାନଙ୍କୁ ଅପସରାଇ (ଘୁଞ୍ଚାଇ) ଦେଲେ, ଏହା ସତ । ସେହି ଅପ୍‌ସରାମାନେ ଏମାନଙ୍କ ସରି ନୋହି ମହୀରୁ ଅପସରିଯାଇ ସ୍ୱର୍ଗସ୍ଥିତ ହେଲେ । ହେ ସାଧୁ ! କିନ୍ନରୀମାନେ ଏମାନଙ୍କୁ ଦେଖି ଅମ୍ଭେ କି ନାରୀ ବୋଲିଇବା ଏହି ମାନେ (ଅଭିମାନରେ) କୁବେରକୁ (କୁ+ବେର=କୁତ୍ସିତ ଦେହ ହେତୁ କୁବେର ନାମକୁ) ଅଶ୍ୱେ କରି ତୁରଙ୍ଗାସ୍ୟେ (ଘୋଟକମୁଖ କିନ୍ନରମାନଙ୍କୁ) ଭଜିଲେ ।

୧୬—ଏକାଳେ ପାଦ ସାମନ୍ତଙ୍କ ବଲ୍ଲଭୀଏ (ସ୍ତ୍ରୀମାନେ) ବେଗେ ବ୍ୟବହାର ସାରି ଗମ (ଗୃଲ୍) ଏ ପଦ (ଏ ବାକ୍ୟ) ନିଜେ ପ୍ରଗୃହୁଁ ପ୍ରଗୃହୁଁ (କହୁଁ କହୁଁ) ବଡ଼ଭି ଶୋଭିତ କରୁଁ ଅର୍ଥାତ୍ କୋଠାଉପର ଗୃହରେ ଅରୋହଣ କରୁଁ ରଜାମାନେ ତାଙ୍କର ମଧୁରକଣ୍ଠ ନିଃସୃତ ସାତବର୍ଣ୍ଣ (ସା ରି ଗ ମ ପ ଧ ନି) ରେ ମଗ୍ନ ହୋଇ ନାରଦ ବୀଣାବଜାଇ ଊର୍ଦ୍ଧ୍ୱେ ଗମନ କରନ୍ତି କି ଏହା ମନେ ଘେନି ଗୃହିଲେ ।

ନାରୀ ବାର ବାଣୀ ଭୂପେ ଭଣି ଯୋଷା ଈରଷା ଛାଡ଼ି ନ ପାର ।
ସ୍ୱର୍ଗ ଘଜ୍ଜଢ଼ିବେ ସୁରସୁନ୍ଦରୀଙ୍କି ଜଗେ ଗମନ ଅଦର ।
ହେ ବନ୍ଧୁ । ବୋଲି ଗୃହବଟୁ ଭାଷେ ।
ଏ ସତ୍ୟ ରମ୍ଭାକୁ ଜାନୁ-ଅର୍ଗଳରେ ବାନ୍ଧିଲେଣି ଛନ୍ଦ ବାସେ । ୧୭
ପ୍ରତିଉତ୍ତର ପରମ ମନୋରମ ରମଣୀଙ୍କ ସ୍ଥାନ ଏହି ।
କୋଟିବ୍ରହ୍ମାଣ୍ଡସୁନ୍ଦରୀ ଯେ ଏମନ୍ତ ଶୋଭା ଥିବ ପୁଣି ବହି ।
ହେ ସାଧୁ । ଲକ୍ଷ୍ୟ ନ ପାରିବେ କରି ।
ବ୍ୟାସ ବାଲ୍ମୀକି କାବ୍ୟ ଧାତା ଗଣେଶ ଶେଷ ସାରଦା ବଗୃର । ୧୮
ଚମ୍ପା-ନରବର ଯେବେ ସ୍ୱୟମ୍ବର କରିଥାନ୍ତେ ଦେଖନ୍ତାରି ।
ଶତ ପିତୁଳା କରି ନେତ୍ର-ପିତୁଳା ପରି ତାହା ଲେଖନ୍ତାରି ।
ହେ ସାଧୁ । ମନେ ସଦା ରଖନ୍ତାରି ।
ଯେ ଲଭନ୍ତା ତାକୁ କୋଟି ପୁରନ୍ଦରପଦ ନେଲି ଯୋଖନ୍ତାରି । ୧୯

୧୭—ସେ ଭୂପେ (ରାଜାମାନେ) ଶେଷକୁ ଏ ନାରୀ ବାଣୀ ବୋଲି ଜାଣି ଭଣିଲେ—ଯୋଷା (ଏ ସ୍ତ୍ରୀମାନେ) ଈର୍ଷ୍ୟା ଛାଡ଼ି ନ ପାରି ସୁରସୁନ୍ଦରୀଙ୍କି (ଅପ୍ସରାମାନଙ୍କୁ) ସ୍ୱର୍ଗ ଘଜ୍ଜଢ଼ିବେ ବୋଲି ଜଗେଇ ଗମନ ଅଦରିଲେ କି ? ଏମନ୍ତ ଶୁଣି ଗୃହବଟୁ (ରାଜାଙ୍କ ନିକଟରେ ଥିବା ପରିହାସକ) ଭାଷିଲେ-ହେ ବନ୍ଧୁ । ଏହା ସତ୍ୟ, ଏମାନେ ରମ୍ଭାକୁ ବାସେ (ବସ୍ତ୍ରରେ) ଛନ୍ଦି ଜାନୁ ଅର୍ଗଳରେ ଆଣି ବାନ୍ଧିଲେଣି । ରମ୍ଭା (ଅପ୍ସରାବିଶେଷ ଓ କଦଳୀବୃକ୍ଷ) ସ୍ତ୍ରୀମାନଙ୍କର ଜାନୁ ପ୍ରଦେଶକୁ କଦଳୀ ବୃକ୍ଷ ସହିତ ତୁଳନା କରାଯାଏ ।

୧୮—ରାଜାମାନେ ପ୍ରତ୍ୟୁତ୍ତର କଲେ—ଏହି ନଗରୀ ପରମ ମନୋରମ ରମଣୀମାନଙ୍କର ସ୍ଥାନ ଅଟେ ପୁଣି କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଯେ କେମନ୍ତ ଶୋଭା ବହିଥିବ । ହେ ସାଧୁ । ବ୍ୟାସଦେବ, ବାଲ୍ମୀକି, କାବ୍ୟ (ଶୁକ୍ର) ଶେଷ (ବାସୁକି) ସାରଦା (ସରସ୍ୱତୀ) ଧାତା (ବିଧାତା) ଗଣେଶ ଏମାନେ ବଗୃର ଲକ୍ଷ୍ୟ (ତୁଳନା) କରି ନ ପାରିବେ ।

୧୯—ଚମ୍ପାନଗରୀର ନରବର (ରାଜା) ଯେବେ ସ୍ୱୟମ୍ବର ସଜ୍ଜ କରିଥାନ୍ତେ ତେବେ ତାହାକୁ ଦେଖନ୍ତାରି ଏବଂ ତାହାକୁ ଶତ ପିତୁଳା କରି ନେତ୍ର ପିତୁଳା ଉପରେ ଲେଖନ୍ତାରି । ହେ ସାଧୁ । ସଦା ମନେ ରଖନ୍ତାରି ତାକୁ ଯେ ଲଭନ୍ତା ସେ କୋଟି ପୁରନ୍ଦର (ଇନ୍ଦ୍ର) ପଦ ନେଲି ବୋଲି ଯୋଖନ୍ତାରି (ମନେ କରନ୍ତେ) ।

ଏ କାଳେ ମିଳି କେମା ପାଶେ କଲ୍ୟାଣୀ ପ୍ରକାଶି ମଧୁର ଭାଷ ।
ଜଗତୀମୋହନୀ ବିଳମ୍ବ ନ କର ଜଗତୀ ଗତିରେ ରସ ।
ରେ ବାଳା । ସୀତା ଧନୁ-ସ୍ୱୟମ୍ବରେ ।
କେତେ ରଜାଥିଲେ ଶ୍ରୀରାମ ଭାଙ୍ଗିଲେ ପୁଣି କହେ ଦୃଷ୍ଟାନ୍ତରେ ॥ ୨୦
ଦନ୍ତ ତୁଲ ପାଇ ସୂଚୀଭେଦ ହୋଇ କେତେ ମୋତି ହେଲେ ହାର ।
କେତେ ଶୁକ୍ତିଯୋଗେ ଭସ୍ମ ପାନ ସଙ୍ଗେ ସଙ୍ଗ ହୋଇଲା ତାଙ୍କର ।
ରେ ବାଳା । ଯେତେକ ଏତେକ ନୋହି ।
ବ୍ୟର୍ଥ ହୋଇଲେ କାୟକ୍ଳେଶ ବିନା ମନୋରଥ ସାର୍ଥ କାହିଁ ॥ ୨୧
କାମଶରେ ବିନ୍ଧା ବିରହ-ଅନଳେ ଦଗ୍ଧ ହେଉଅଛୁ ନିତି ।
ତୋ ହେତୁ ପୁଷ୍ପକେତୁ ନାମ କୁମାର ବିସ୍ମର ନ କରୁ ମତି ।
ରେ ବାଳା । ତୋତେ ସେ ଲଭିବ ସତ
ଶୁଣି ସେ ସଖୀ ସେବକୀ ସଙ୍ଗେ ରଙ୍ଗେ ବଢ଼ଭି ମଣ୍ଡେ ତ୍ୱରିତ ॥ ୨୨

୨୦—କଲ୍ୟାଣୀ (ମାଙ୍ଗଲ୍ୟା ସଖୀ) ଏକାଳେ କେମାପାଶେ ମିଳି ମଧୁରଭାଷ (ବାଣୀ) ପ୍ରକାଶିଲେ—ରେ ଜଗତୀ ମୋହନୀ । ବିଳମ୍ବ ନ କର ଜଗତୀ ଗତିରେ ରସ (କୋଠାଉପରକୁ ଯାଅ), ରେ ବାଳା । ସୀତାଙ୍କର ସ୍ୱୟମ୍ବର ଧନୁସ୍ୱୟମ୍ବରରେ କେତେ କେତେ ରଜା ଥିଲେ, କିନ୍ତୁ ଶ୍ରୀରାମ ଧନୁ ଭାଙ୍ଗିଲେ ସେହିପରି ତୋହର ଅଭିଳଷିତ ପୁରୁଷ ମୃଗପୁଚ୍ଛ ହରଣ କରିବ ଏହା ପୁଣି ଦୃଷ୍ଟାନ୍ତରେ କହିଲେ ।

୨୧—ତୋ ଦନ୍ତସଙ୍ଗେ ତୁଲ (ସମାନ) ହେବାପାଇଁ କେତେ ମୋତି ସୂଚୀଭେଦ (ଛୁଞ୍ଚିରେ ଫୋଡ଼ା) ହୋଇ ତୋର ହାର ହେଲେ ଓ କେତେ ଶୁକ୍ତି (ଶାମୁକା) ଯୋଗେ (ଯୋଗକରି) ଭସ୍ମହେଲେ, ଚୂନରୂପେ ପାନସଙ୍ଗେ ତାଙ୍କର ତୋ ସଙ୍ଗ ଲାଭ ହୋଇଲା । ରେ ବାଳା । ଯେତେକ ମୋତି ଓ ଶାମୁକା ଏତେକ (ଫୋଡ଼ା ଓ ପୋଡ଼ା) ନୋହିଲେ ସେମାନେ ବ୍ୟର୍ଥ ହୋଇଲେ (ତା ସଙ୍ଗ ନ ପାଇଲେ), ଅତଏବ କାୟକ୍ଳେଶ ବିନା ମନୋରଥ ସାର୍ଥ (ସଫଳ) କେଉଁଠାରେ ।

୨୨—ପୁଷ୍ପକେତୁ ନାମକ କୁମାର ତୋ ହେତୁ ନିତି କାମଶରେ ବିନ୍ଧାହୋଇଛୁ ଓ ବିରହ ଅନଳେ ଦଗ୍ଧ ହେଉଅଛୁ ତୁ ଏହା ମତି (ମନରେ) ବିସ୍ମର କରୁ ନାହୁଁ । ରେ ବାଳା । ତୋତେ ସେ ଲଭିବ ଏହା ସତ ଅଟେ । ସେ ସଖୀ ଏହାଶୁଣି ସେବକୀ (ଦାସୀ) ସଙ୍ଗେ ରଙ୍ଗେ (ଆନନ୍ଦରେ) ତ୍ୱରିତ ବଢ଼ଭି (ଅଟ୍ଟାଳିକାକୁ) ମଣ୍ଡନ କଲେ ।

ପଞ୍ଚଶ୍ରିସାୟୀ ପର ଦେଇ ନୟନ ବାତାୟନେ ଗୃହିଁବାରେ ।
ଯନ୍ତ୍ରା ଗଳାଇ ବଚନ କଙ୍କପତ୍ର ଗୋତ୍ର ବର୍ଷିଲ ପ୍ରକାରେ ।
ସେ ଯେଣୁ । ଚଣ୍ଡୀ ନାମକୁ ଗୃହୀତ ।
ମହୀଶ ଲକ୍ଷେ ଷ-ଭେଦ କରିବାରେ ଶରପ୍ରହାର ବହୁତ ॥ ୨୩
ଜଗତୀ ଗବାକ୍ଷେ ଦଶେ କିଛି କିଛି ମୁଖ ହାସ ମନୋହର ।
ପୂର୍ବାଦ୍ରି ଲତାନ୍ତରେ ଉଦେ ଇନ୍ଦୁ କି ତଳପଡ଼େ ଫଳ କର ।
ସେ ବଂସେ । ପାଶେ ମିଳେ ଅଳିଆଳୀ ।
ଝଙ୍କାରେ ତହିଁ ଝମକ ମନସିଜ ଫିଙ୍ଗିଲ ପଇ ସାବେଳ ॥ ୨୪
ଦୃଷ୍ଟି ରଜାଙ୍କ ଦୃଷ୍ଟି ଗତ ସେଠାକୁ ଗୃହୁଁ ଗୃହୁଁ ହେଲା ଯହୁଁ ।
କାଗଜଚକ୍ରୀକ କଉତୁକୀ ଠେକି ନିରେଖିଲ ପରି ତହୁଁ ।
ସେ ନେତ୍ର । ପିଛଡ଼ା ଛଡ଼ାଇ ଦେଲା ।
ଏଥି ସୁନ୍ଦରୀଶିରୋମଣି ରମଣୀ ବଳେ ଏ ବିବେକ ହେଲା । ୨୫

୨୩—ପଞ୍ଚଶ୍ରିସ୍ଥିତ ସାୟୀପର ବାତାୟନେ (ଜଳାକବାଟିରେ) ନୟନଦେଇ ଗୃହିଁବାରେ ଯନ୍ତ୍ରାରେ ଗଳାଇ ବଚନ କଙ୍କପତ୍ରଗୋତ୍ର (ଶରସମୂହ) ବର୍ଷିଲ ପ୍ରକାରେ ଦଶିଲା । ସେ ଯେ ଚଣ୍ଡୀ (ମାନିନୀ) ନାମକୁ ଗୃହୀତ (ପ୍ରାପ୍ତ) ହୋଇଛନ୍ତି ତେଣୁ ଚଣ୍ଡୀ (ଦୁର୍ଗା) ହେଲା । ମହୀଶ (ରଜାମାନେ) ଷ-ଭେଦ (ଶଠାରେ ଷ) କରିବାରେ ମହିଷାସୁର ହେଲେ ତାଙ୍କ ଲକ୍ଷେ (ଲକ୍ଷ୍ୟକରି) ଚକ୍ଷୁଶର ପ୍ରହାର କରିବା କଥା ବହୁତ ହେଲା ।

୨୪—ଜଗତୀ (ଅଟାଳିକାର) ଗବାକ୍ଷେ (ଜଳାକବାଟିରେ) ହାସରେ ମନୋରମ ହୋଇଥିବା ମୁଖ କିଛି କିଛି (ଅଳ୍ପ ଅଳ୍ପ) ଦଶେ, ପୂର୍ବାଦ୍ରି (ଉଦୟଗିରିର) ଲତାନ୍ତରେ (ଲତାମଧ୍ୟରେ) ଇନ୍ଦୁଉଦେ ହୋଇଛନ୍ତି କି ? ତାହାର କର (କିରଣ) ଫଳ ତଳପଡ଼େ କି ? ସେ ମୁଖବାକ୍ୟ ଭିତରେ ଥାଇଁ ଏହିପ୍ରକାର ଦଶିଲା । ମୁଖ ଇନ୍ଦୁପରି, କବାଟ ଲତାପରି, ହାସ କିରଣପରି, କୋଠା ପୂର୍ବାଦ୍ରି ପରି । ସେ ମୁଖର ବାସରେ ଅଳିଅଳି (ଭ୍ରମର ଶ୍ରେଣୀ) ପାଶରେ ମିଳିଲେ ଓ ଝଙ୍କାରିଲେ, ମନସିଜ (କାମ) ତାହାର ସାବେଳ ଅସ୍ତ୍ରକୁ ଝମକ (ଝିଙ୍କି) ଫିଙ୍ଗିଲାପରି ଦେଖାଗଲେ ।

୨୫—ଯହୁଁ ସେଠାକୁ ଗୃହୁଁ ଗୃହୁଁ ଦୃଷ୍ଟି ଯାକ ରଜାଙ୍କର ଦୃଷ୍ଟି ଗତ (ଗଲା), ତହୁଁ ସେ ସୁନ୍ଦରୀ କୌତୁକୀ ହୋଇ କାଗଜ ଚକ୍ରୀକ ଠେକି ନିରେଖିଲା ପରି ନେତ୍ର ପିଛଡ଼ାକୁ ଛଡ଼ାଇ ଦେଲା । ତାହାପରେ ସୁନ୍ଦରୀଶିରୋମଣି ରମଣି ଏଥିବଳେ ଏ ବିବେକ ସେମାନଙ୍କର ହେଲା ।

ଲାବଣ୍ୟ-ସାଗରୁ ପ୍ରତପ୍ତ-ଲହରୀ ଜାଲ-ମାର୍ଗେ କି ବାହାର ।
ଚତୁରୀ ନୟନ-ତରଙ୍ଗ ଗୃତୁରୀ ବାତାୟନେ ସେହିପର ।
ସେ ଧାମେ । ଏ ଚକ୍ଷୁ ଝଷ ତହିଁକି ।
କି ଭାଗ୍ୟ ଅମ୍ଭ ପରେ ବାଳା ଈକ୍ଷଣ ପତନ ହୋଇଲା ଟିକି ॥ ୨୬
ସିନ୍ଧୁରେ ରତ୍ନାକର ପଦ ଲୋପରେ ମଜ୍ଜି ରତ୍ନ ନ ପାଇଲେ ।
ସ୍ନାନ ପର୍ବଜଫଳ ନୋହେ ବିଫଳ ଏ କଥା ହେଲାତ ଭଲେ ।
ସେ ଅଜ । ସାର୍ଥ ହେବ ଜାତ କହି ।
ଶ୍ରବଣ କରିବ ଅମ୍ଭ ନାମ ବାଳା କେହି ଦେଉଥିଲେ କହି ॥ ୨୭
ସେ ବଶ ହେବାକୁ ସଂସାରେ କେ ଅଛି ଯେ ଅଛି ସେ ନାହିଁ ଏଥ ।
ଜଗତମୋହନ ମୂରତି ମାଧବ ଭସ୍ମୀଭୂତ ମନମଥ ।
ସେ ବାଳା । ହୋଇ ଯେ ରହସ୍ୟ ବଶ ।
ଏକେ ଏକେ ଏକେ ବୋଲି ପୁଚ୍ଛୁଥିବ କି ଶୁଭୁଥିବ ସେ ଭାଷ ॥ ୨୮
ମୋହନସ୍ୱର ପୂର୍ଣ୍ଣ କୃଷ୍ଣ-ବେଣୁରେ କୃଷ୍ଣକେଶୀ ବଚନରେ ।
ପଶୁ ପାଷାଣର ବଶ ତରଳକୁ କରୁଥିବ ରଚନରେ ।
ସେ ସ୍ୱରେ । ବୋଲନ୍ତାଇ ବଡ଼ ନୋହି ।
ଅଖେଟ ଘଣ୍ଟିନାଦେ ଚନ୍ଦ୍ର ଦର୍ଶନେ ବଶ ତରନ୍ତି ସେହି ॥ ୨୯

୨୬—ଲାବଣ୍ୟ ସାଗରରୁ ପ୍ରତପ୍ତ (ଦୀପ୍ତ) ରୂପ ଲହରୀ ଜାଲମାର୍ଗରେ ବାହାରିଲା କି ? ସେହିପରି ଚତୁରୀର ନୟନ-ତରଙ୍ଗ ଗୃତୁରୀ ବାତାୟନେ (ଜଳାକବାଟି ଛିଦ୍ରରେ) ବାହାରିଲା । ଅତଏବ ସେ ସ୍ଥାନକୁ ଅମ୍ଭମାନଙ୍କର ଏ ଚକ୍ଷୁରୂପ ଝଷ (ମୀନ) ଧାମେ (ଦଉଡ଼ଇ) । ଅମ୍ଭର କି ଭାଗ୍ୟଟି, ଅମ୍ଭ ଉପରେ ବାଳାର ଈକ୍ଷଣ ପତନ ହୋଇଲା ଟିକି ?

୨୭—ରତ୍ନାକର ପଦ ଲୋପରେ ସିନ୍ଧୁରେ (ସମୁଦ୍ରରେ) ମଜ୍ଜି (ବୁଡ଼ି) ରତ୍ନ ନ ପାଇଲେ ମଧ୍ୟ ସ୍ନାନ ପର୍ବଜଫଳ ବିଫଳ ନୋହେ, ଏ କଥା ଭଲେ ହେଲାତ । ଅଜ ଜାତକ (ଜନ୍ମ) ହ (ନିଷ୍ଟସ୍ୟ) ସାର୍ଥ (ସଫଳ) ହେବ, ଅମ୍ଭ ନାମ କେହି କହି ଦେଇଥିଲେ ସେ ବାଳା ଶ୍ରବଣ କରିବ ।

୨୮—ସେ ସୁନ୍ଦରୀର ବଶ ହେବାକୁ ସଂସାରରେ କେ ଅଛି, ଯେ ଅଛି ସେ ଏଥ (ଏଠାରେ) ନାହିଁ । ଜଗତ ମୋହନ ମୂର୍ତ୍ତି (କୃଷ୍ଣ) ମା-ଧବ (ଲକ୍ଷ୍ମୀପତି) ହୋଇଛନ୍ତି । ମନ୍ମଥ (କାମ) ଭସ୍ମୀଭୂତ ହୋଇଛି । ସେ ବାଳା ରହସ୍ୟ ବଶ ହୋଇ ଏକେ ଏକେ (ଗୋଟି ଗୋଟି) କରି ଏ କେ (କିଏ) ବୋଲି ପୁଚ୍ଛୁଥିବ, ସେ ଭାଷ କି ଶୁଭୁଥିବ ।

୨୯—ଯେଉଁ ମୋହନସ୍ୱର କୃଷ୍ଣଙ୍କ ବେଣୁ (ବଂଶୀରେ) ପୂର୍ଣ୍ଣ, ସେହିସ୍ୱର କୃଷ୍ଣକେଶୀ (କଜ୍ଜ୍ୱଳ କେଶୀ) କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ବଚନରେ ପୂର୍ଣ୍ଣ ହୋଇଛି ।

ବ୍ୟକତ ପଦାତ ବାଳା ବଚନରେ ଅବ୍ୟକତ ପଦ୍ମ ପିକେ ।
ବସନ୍ତେ ଭାଷନ୍ତେ ଉଦ୍ଦୀପନକାରୀ ତାକୁ ପ୍ରଶଂସନ୍ତି ଲୋକେ ।
ସେ ରମା । ସ୍ୱରକୁ ଈଶ୍ୱର କେହ୍ନୁ ।
ଶୁଣି ଭ୍ରମୀଭୂତେ ଶମ୍ଭୁ ବୋଲାଇଲେ ପାଷାଣ ଶରୀର ବହ୍ନୁ ॥ ୩୦
ରାମପଦବର୍ଣ୍ଣ ସ୍ମରଣରେ ଅଛୁ ସୁମୂର୍ତ୍ତି ହୋଇଲା ଶିଳା ।
ରାମ ପଦବର୍ଣ୍ଣ ଏବେ ସୁମୂର୍ତ୍ତିଙ୍କ ଶିଳା କର କଣେ କଲା ।
ସେ ବାଳା । ହରପ୍ରାୟେ ସର୍ବହୃଦେ ।
ବ୍ୟାପି ଯିବା ଯେନ ଏକ ଭାବନା ଏ ମନମାନଙ୍କରେ ଉଦେ ॥ ୩୧
ପୂର୍ବେ ବହୁଥିଲେ ସ୍ୱଚ୍ଛ ମତ୍ସ୍ୟରୂପ ପୁଣି ରଘୁବଂଶେ ଜାତ ।
ଯହୁଁ ବଡ଼ ନାହିଁ ବ୍ରହ୍ମାଣ୍ଡେ ଏ ଯେନ ରାଘବ ନାମ ଖ୍ୟାତ ।
ସେ ପ୍ରଭୁ । ଚରଣେ ଶରଣ ପଶି ।
କବି ଉପେନ୍ଦ୍ର ଭଞ୍ଜ ବୀରବର ଯେ ଗୀତ ବିଧାନେ ରସି ॥ ୩୨

ଅତ ଏବ ସେ ବାକ୍ୟ ରଚନରେ ପଶୁକୁ ବଶ ଓ ପାଷାଣକୁ ତରଳ କରୁଥିବ ସେ ସ୍ୱରକୁ ଏମନ୍ତ ବୋଲନ୍ତାର କିନ୍ତୁ ଏହା ବଡ କଥା ନୁହେ କାରଣ ସେହି ପଶୁ (ମୃଗ) ଅଖେଟ (ପାରଧି) ଘଣ୍ଟି ନାଦରେ ବଶହୁଏ । ସେହିପାଷାଣ (ଚନ୍ଦ୍ରକାନ୍ତ ମଣି) ଚନ୍ଦ୍ର ଦର୍ଶନରେ ତରଳ ହୁଏ ।

୩୦—ବାଳା ବଚନରେ ପଦ ବ୍ୟକ୍ତ (ସ୍ପଷ୍ଟ) କିନ୍ତୁ ପିକେ ପଦ ଅବ୍ୟକ୍ତ (ଅସ୍ପଷ୍ଟ) ପିକ ବସନ୍ତରେ ଭାଷନ୍ତେ ଉଦ୍ଦୀପନକାରୀ ହେବାରୁ ତାକୁ ଲୋକେ ପ୍ରଶଂସା କରନ୍ତି; କିନ୍ତୁ ସେ ରମାର ସ୍ୱରକୁ କେହ୍ନ ଈଶ୍ୱର (ଶିବ) ଶୁଣି ଭ୍ରମୀ-ଭୂତହୋଇ ପାଷାଣ ଶରୀର ବହି ଶମ୍ଭୁ ବୋଲାଇଲେ ।

୩୧—ସ୍ମରଣରେ ଅଛୁ ଯେ ରାମଚନ୍ଦ୍ରଙ୍କ ପଦସ୍ପର୍ଶ ବଶରୁ ଶିଳାରୂପା ଅହଲ୍ୟା ସୁମୂର୍ତ୍ତି (ରୂପବତୀ) ହେଲା । ଏବେ ଜଣେ ରମା ପଦ (ବାକ୍ୟ) ବଶରୁ ସୁମୂର୍ତ୍ତିଙ୍କ (ସୁନ୍ଦର ଶିବ ମୂର୍ତ୍ତିକୁ) ଶିଳାକର କଲା । ସେ ବାଳା ହରପ୍ରାୟ ସର୍ବ ହୃଦୟରେ ବ୍ୟାପିଯିବାରୁ ମନ ମାନଙ୍କରେ ଏ ଏକଭାବନା ଉଦେ ହେଲା ।

୩୨—ଯେ ପୂର୍ବେ ସ୍ୱଚ୍ଛ ମତ୍ସ୍ୟରୂପ ବହୁଥିଲେ ପୁଣି ରଘୁବଂଶରେ ଜାତ, ଯାହାଙ୍କ ଠାରୁ ବ୍ରହ୍ମାଣ୍ଡରେ ବଡ଼ନାହିଁ, ଏ ଯେନ ଯେ ରାଘବ ନାମରେ ଖ୍ୟାତ, ସେ ପ୍ରଭୁ ଚରଣେ ଶରଣ ପଶି ବୀରବର କବି ଉପେନ୍ଦ୍ରଭଞ୍ଜ ଗୀତ ବିଧାନରେ ରସିଲେ ।

ଏକତ୍ରିଂଶ ଛାନ୍ଦ

ରାଗ—ଚିନ୍ତାବରାଡ଼ି

ବିଶ୍ୱାନନ୍ଦ ରାଜକେଶରୀ କେଶରୀଦ୍ୱାର ଅଜିରରେ ମିଳି ଯେ ।
ଦେଖିଲେ ଲେଖିଲେ ନେତ୍ରେ ନୃପତିଏ ବିଚିତ୍ର କନ୍ଦଳୀ-କେଳି ଯେ
ହୋଇଛି । ଅଙ୍ଗ- ତରଙ୍ଗରେ ଝଳି ଯେ ।
ସ୍ୱର୍ଣ୍ଣଜରକସ ନୀଳପାଟବସ୍ତ୍ର କନ୍ଦଳୀ ଯେମନ୍ତ ଚଳି ଯେ ॥ ୧
ଦଶେ ଦଶେ ଦଶେ ଖେଳେ କି ତାରଳୀଜଡ଼ିତ ତଡ଼ିତ ସ୍ୱଚ୍ଛେ ଯେ ।
ନୀଳ ନିର୍ମଳ ଜଳଧରଖଣ୍ଡେ କି ଗୋଡ଼ାଇଛି ପଛେ ପଛେ ଯେ ।
ମାନସ । ଏସନ ଉପମା ଇଚ୍ଛେ ଯେ ।
ଲୋଭିତକରୁଛି ଶୋଭିତ ହୋଇଛି ଲୋମଚକ୍ର କାନ୍ତି ପୁଚ୍ଛେ ଯେ ॥ ୨
ନିକଟ ଦୂର ପ୍ରକଟ ଦରଶନ ସେ ମୃଗ କ୍ଷଣକେ ଦେଲା ଯେ ।
ଦ୍ୱିବିଧ ନଦରନଳୀ ଆଦରକୁ ସମସ୍ତ ଈକ୍ଷଣ ନେଲା ଯେ ।
ଆତୁର । ଅନିମେଷ ଉପୁଜିଲା ଯେ ।
ଚମ୍ପାନରବର ଯେ ପାର ଗୃମର ଛେଦ ଏକାଳେ ହୋଇଲା ଯେ ॥ ୩

୧—ନୃପତିଏ (ରାଜାମାନେ) ବିଶ୍ୱାନନ୍ଦ ରାଜକେଶରୀ (ରାଜଶ୍ରେଷ୍ଠଙ୍କ) କେଶରୀ ଦ୍ୱାର (ସିଂହଦ୍ୱାର) ଅଜିରରେ (ଅଗଣାରେ) ମିଳି ବିଚିତ୍ର କନ୍ଦଳୀ (ଅଶ୍ଚର୍ଯ୍ୟ ମୃଗର) କେଳି (କ୍ରୀଡ଼ା) ନେତ୍ରେ ଦେଖିଲେ ଓ ଲେଖିଲେ । ଏହାର ଅଙ୍ଗ ତରଙ୍ଗ (ଦେହଶୃଙ୍ଖଳା) ଏପରି ଝଳି ହୋଇଛି ଯେ ଯେମନ୍ତ ସ୍ୱର୍ଣ୍ଣଜର କସ (ସୁବର୍ଣ୍ଣ ଜରି ଯୁକ୍ତ) ନୀଳପାଟ ବସ୍ତ୍ର କନ୍ଦଳୀ (ନୀଳପାଟ ବସ୍ତ୍ରର ପତାକା) ଚଳଇ ।

୨—ଲୋମ ଚକ୍ରଯୁକ୍ତ ଏବଂ ପୁଚ୍ଛେ ଶୋଭିତ ହୋଇଥିବା ସେହି ଅଶ୍ଚର୍ଯ୍ୟ ମୃଗର କାନ୍ତି ମାନସକୁ ଲୋଭିତ କରୁଛି ଓ ଏସନ ଉପମାକୁ ଇଚ୍ଛା କରୁଛି ଯେ ତାରଳୀ ଜଡ଼ିତ ସ୍ୱଚ୍ଛ ତଡ଼ିତ (ବିଜୁଳି) ଦଶେ ୨ ଦଶେ ଓ ଖେଳେ କି ? ତା ପଛେ ପଛେ ଖଣ୍ଡେ ନୀଳବର୍ଣ୍ଣ ନିର୍ମଳ ଜଳଧର ଗୋଡ଼ାଇଛି କି ? ଲୋମଚକ୍ର ତାରାବଳୀ କାନ୍ତି ବିଜୁଳି ପୁଚ୍ଛ ମେଘ ଖଣ୍ଡପରି ।

୩—ସେ ମୃଗ କ୍ଷଣ କ୍ଷଣକେ ନିକଟରେ ଓ ଦୂରରେ ପ୍ରକଟ ହୋଇ ଦର୍ଶନ ଦେଲା, ଅର୍ଥାତ୍ ଅତି ବେଗହେତୁ ସେହିକ୍ଷଣି ଦୂରରେ ସେହିକ୍ଷଣି ନିକଟରେ ଦେଖାଗଲା । ଏଣୁ ସମସ୍ତଙ୍କର ଈକ୍ଷଣ (ଚକ୍ଷୁ) ଦ୍ୱିବିଧ ନଦରନଳୀ ଆଦରକୁ (ନିକଟରେ ଓ ଦୂରରେ ଦେଖାଯିବା ଦର୍ଶନ ଯନ୍ତ୍ରର ମର୍ଯ୍ୟାଦାକୁ) ନେଲା । ଆତୁର ମଧ୍ୟ ଅନିମେଷ (ପଲକ ନପଡ଼ିବା) ଉପୁଜିଲା, ପଲକ

ବାଜୀ ଗତ ଜାଣି ଚମସ୍ରୀ ଭ୍ରମଣି ଦେଖି ଅନ୍ତଦର୍ପ ହରି ଯେ ।
ବାଜୀ ଗତ ପର ତୁରଙ୍ଗ ଧପଟ ଲମ୍ପଟ ବଶେ ଅଦର ଯେ ।
ରାଜନେ । ଜଣେ ଜଣେ ହୋଇ କର ଯେ ।
ବାଜୀ ନ ପାଇ ପାଇବ ବାଜୀ କାହିଁ, ବାଜୀ ପଛ ପଙ୍ଗୁ ପର ଯେ । ୪
ହୃଦୟତଟ ଗ୍ରାସେ ହ୍ରୀ-ସରିତ ବୃଦ୍ଧି ହେଲା ସ୍ୱେଦଜଳ ଯେ ।
ଦୀନ ହେବାରେ ମ୍ଳାନ ହେଲା ତତ୍ପର ମୁଖବିଧୁ ମହୋଜ୍ଜ୍ୱଳ ଯେ ।
ତାଙ୍କର । ଅଯଶ-ରାହୁ କବଳ ଯେ ।
ହାସ-ପୀୟୂଷକୁ ପାନ କରିଦେଲା ସନ୍ଧିକାଳ ହୋଇ ମେଳ ଯେ । ୫
ଜଗେ ଭାଷେ ଜନ ବାହୁଜେ ସୁବର୍ଣ୍ଣ ବଳବାନେ ଊଣା ଘେନ ଯେ ।
ଏ ଜୀବ ବିଧାତା-ରଚିତ କଷ୍ଟି କଷକୁ ଏଣୁ ଭାଜନ ଯେ ।
ନୋହିଲେ । ବୋଇଲେ ଭଲ ସର୍ଜନ ହେ ।
ହେମ-ସାରଙ୍ଗର ଲୀଳା ଅକ୍ଷାରର ଗୁରୁଙ୍କରେ ମୂରଞ୍ଜନ ହେ । ୬

ପଡ଼ିଲା ନାହିଁ । ଏକାଳେ ରମ୍ଭା ନରବର (ରାଜା) ଯେ ପାଇ ମୃଗରୂପର ଛେଦନ କର ବୋଲି କହିଲେ ।

୪—ରାଜାମାନେ ଚମସ୍ରୀ ମୃଗର ଭ୍ରମଣି କୁ ଦେଖି ବାଜୀ ଭର୍ତ୍ତର ଗତ ଜାଣି (ମନେ କରି) ଅନ୍ତଧର୍ପ (ଗର୍ବ) ହରିଲେ (ଲୁଣ୍ଠିଲେ) କେହି କେହି ରାଜାମାନେ ଲମ୍ପଟବଶେ (ଲମ୍ପଟହେବାରୁ) ଜଣେ ଜଣେ ହୋଇ କରି ବାଜୀରଗତପର ତୁରଙ୍ଗ ଧପଟକୁ ଅଦରିଲେ (ବେଗରେ ଘୋଡା ଧପଟାଇଲେ) କିନ୍ତୁ ଯାହାକୁ ବାଜୀ (ଶର) ପାଇ ନାହିଁ ତାକୁ ବାଜୀ (ଘୋଡ଼ା) କାହିଁ ପାଇବ । ସୁତରାଂ ଅଶ୍ୱାରୋହୀ ରାଜାମାନେ ମୃଗପଛରେ ବାଜୀ (ଘୋଡ଼ା) ପଛରେ ଦୌଡ଼ିବା ପଙ୍ଗୁପର ହେଲେ ।

୫—ସେହି ରାଜାମାନଙ୍କର ହ୍ରୀ ସରିତ (ଲଜ୍ଜାରୂପନଦୀ) ହୃଦୟତଟ ଗ୍ରାସରେ ସ୍ୱେଦଜଳ (ଝାଳ) ରୂପେ ବୃଦ୍ଧିହେଲା । ସେମାନେ ଦୀନ (ଦୁଃଖିତ) ହେବାରୁ ମହୋଜ୍ଜ୍ୱଳ ମୁଖବିଧୁ (ମୁଖଚନ୍ଦ୍ର) ତତ୍ପର (ଶୀଘ୍ର) ମ୍ଳାନ (ନିସ୍ତେଜ) ହେଲା । ସନ୍ଧିକାଳ (ପୂର୍ଣ୍ଣିମା ଓ ପ୍ରତିପଦର ମଧ୍ୟବର୍ତ୍ତୀ ଗ୍ରହଣକାଳ) ରେ ଅଯଶରୂପ ରାହୁମେଳ ହୋଇ ତାଙ୍କର ମୁଖଚନ୍ଦ୍ରକୁ କବଳ (ଗ୍ରାସ) କରିବା ଦ୍ୱାରା ହାସରୂପ ପୀୟୂଷ (ଅମୃତକୁ) ପାନକରି ଦେଲେ ।

୬—ଜନମାନେ ଜଗତରେ ଭାଷିଲେ—ବାହୁଜେ (କ୍ଷତ୍ରିୟମାନେ) ସୁବର୍ଣ୍ଣ ଏମାନେ ବଳବାନେ (ସୁବର୍ଣ୍ଣଠେକ ସ୍ୱରୂପ କ୍ଷତ୍ରିୟବଳରେ) ଊଣାହେଲେ ଏହା ଘେନ । ତେଣୁ ଏ ଜୀବ (ମୃଗ) ବିଧାତା—ରଚିତର କଷ୍ଟିପଥର ହେଲା ଏଥିରେ କଷକୁ (ପରୀକ୍ଷିତ ହେବାକୁ) ଏମାନେ ଭାଜନ ନୋହିଲେ, ପୁଣି ବୋଇଲେ ବିଧାତା ଏ ହେମ ସାରଙ୍ଗ (ସୁବର୍ଣ୍ଣମୃଗର) ଭଲ ଲୀଳା ସର୍ଜନ

ଅଦ୍ୟ ପ୍ରାନ୍ତ·ତେଜ ନୃପଜ ମୁଖକୁ ଚାହିଁ ମନ୍ତ୍ରୀଜ ଉଚ୍ଚାରେ ଯେ ।
ଦ୍ୱିତୀୟ ସପ୍ତମ ଉଦୟ ହୃଦୟ କୁରଙ୍ଗ କର୍ମ ପ୍ରଚାରେ ଯେ ।
ତିନି ଛ । କ୍ଷତ୍ରିୟେ ହେବା ବିଚାରେ ଯେ ।
କୁମାର ପଦରୁ ଜାଣି ମଧ୍ୟପଦ ତୁରଙ୍ଗ ତହିଁ ଅଟରେ ଯେ ॥ ୭
ଅଗ୍ରେରେ ଲକ୍ଷି ନୋହି ବାତବାହନ ବାହ ବିଶିଖ ସନ୍ଧାନୁ ଯେ ।
କୁମର ଚାମର ଖଣ୍ଡି ମଣ୍ଡି କରେ ଯମୁନା ଜାତ ନଳନୁ ଯେ ॥
ଅଭୂତୁଁ । ଅଦ୍ଭୁତ ଲକ୍ଷ୍ୟ ବିଧାନ ଯେ ।
ଶୂନ୍ୟ ପଡ଼ିଲା ଜଡ଼ିଲା ପାରିଜାତମାଳା ଗଳାରେ ବହନ ଯେ ॥
ବନ୍ଦୀ ବନ୍ଦନା କଲେ କୀର୍ତ୍ତି କରକ ଟେକି ଏ କି ସମସ୍ତଜେ ଯେ ।
କ୍ଷତ୍ରିୟ ଗର୍ବ ମର୍ଦ୍ଦନ ରାମାକାମେ ଚାମର ଛେଦ ନାରାଜେ ଯେ ।
ଅତ୍ୟନ୍ତ । ଶୁଭ ରୁଚିରେତ ସାଜେ ଯେ ।
ଦେଖ ବକ୍ର ଭୂଷା ଏ ବାଣୀରେ ହେଲେ ଭୂଭୃତେ ହାସୀ ସହଜେ ଯେ ॥ ୯

କରନ୍ତି । ଏହି ଅଷ୍ଟାକ୍ଷର (ହେମ ସାରଙ୍ଗର ଲୀଳା) ଚାରିଭାଗରେ ସୁରଞ୍ଜନ ହେଲା ଅର୍ଥାତ୍ ଏହି ପାଦରେ ଏହି ଆଠ ଅକ୍ଷର ଚାରିଭାଗରେ (ହେଲ, ମଲ ସାର, ରଙ୍ଗ) ଅର୍ଥ କରା ଯାଇଛି ।

୭—ମନ୍ତ୍ରୀଜ (ମନ୍ତ୍ରୀପୁତ୍ର) ନୃପକୁମାର ପୁଷ୍ପକେତୁର ମୁଖକୁ ଚାହିଁ ଉଚ୍ଚାରିଲା ହେମ ସାରଙ୍ଗର ଲୀଳା, ଏହି ଅଷ୍ଟାକ୍ଷରର ଆଦ୍ୟ ପ୍ରାନ୍ତ (ହେଲ) କୁ ତେଜ ଏମନ୍ତ ବୋଲନ୍ତେ ଦ୍ୱିତୀୟ ସପ୍ତମ ଅକ୍ଷର (ମଲ) ଏହି ଚାରିର କୁରଙ୍ଗର ହୃଦୟରେ ଉଦିତ ହୋଇ କର୍ମକୁ ପ୍ରଚାରିଲା । କୁମାର ପୁଷ୍ପ-କେତୁ କ୍ଷତ୍ରିୟମାନଙ୍କ ମଧ୍ୟରେ ତିନି, ଛ, ଅକ୍ଷର (ସାର) ହେବାକୁ ବିଚାରି ଘୋଡ଼ାକୁ ଚାଳିବାରୁ ତୁରଙ୍ଗ (ଅଶ୍ୱ) ପଦଚାଳନ ଭଙ୍ଗିରୁ ତା ଅଭିପ୍ରାୟ ଜାଣି ମଧ୍ୟପଦ (ରଙ୍ଗ = କପଟ କ୍ରୀଡ଼ାକୁ) ଅଟରିଲା ।

୮—ବାତ ବାହନ (ମୃଗ) ଏବଂ ବାହ (ଘୋଟକ) ଏ ଦୁହିଙ୍କର ଚକ୍ଷୁ ଅଗ୍ରେରେ ଲକ୍ଷି (ଲକ୍ଷ୍ୟ କରି) ନୋହିଲା, ବିଶିଖ (ଶର) ସନ୍ଧାନରୁ କୁମାର ଚାମର ଖଣ୍ଡି କରେ ମଣ୍ଡିଲା, ସେ ନଳନୁଁ (ପଦ୍ମରୁ) ଯମୁନାଜାତ ହେଲାପରି ଦିଶିଲା । ଏ ଲକ୍ଷ୍ୟବିଧାନ ଅଭୂତୁଁ ଅଦ୍ଭୁତ (ଅତି-ଆଶ୍ଚର୍ଯ୍ୟ) ହେଲା । ଏହି ସମୟରେ ପାରିଜାତ ମାଳା ଶୂନ୍ୟ ପଡ଼ିଲା, ଓ ବୀର ଗଳାରେ ବହନ ଜଡ଼ିଲା । ହସ୍ତ ଦେବ୍ୟଧର-ମୃଗଚାମର ଯମୁନା ପରି ।

୯—ବନ୍ଦୀମାନେ କରକ (ଗୋଟିଏ କର) ଟେକି କୀର୍ତ୍ତି ବନ୍ଦନା କଲେ—ଏ କି ସମସ୍ତଜା ? କାରଣ ରାମଚନ୍ଦ୍ର ରାମା କାମେ (ସ୍ତ୍ରୀ କାମନାରେ) ଶିବ ଧନୁ ଭାଙ୍ଗି କ୍ଷତ୍ରିୟମାନଙ୍କର ଗର୍ବ ମର୍ଦ୍ଦନ ଏବଂ ନାରାଜେ (ଶରରେ) ମାରିଚର

ମାଳବେଶ ମାଳବେଶ ତପ କରି ଯିବା ଅର୍ଥେ ମନ କଲା ଯେ ।
ଗୌଡ଼ର ପତି ଗୌଳପାତ ଆରମ୍ଭିଲା ବଳ ସବର୍ଣ୍ଣତ୍ୱ ଥିଲା ଯେ ।
ହସ୍ତୀର । ପ୍ରକାର ହସ୍ତିନାପତି ଯେ ।
ଦରୀଭୂତେ ଯୁବାର୍ଷି ହ ବନମରେ ଦରୀରେ ଲୁଚିବା ମତି ଯେ । ୧୦
ନ ଦେଇ ଉତ୍ତର ଉତ୍ତରକୋଶଳ ନରେଶ ସତ୍ୱର ଗତ ଯେ ।
ମଲ୍ଲର-ଧବ ମଲ୍ଲର ପିଣ୍ଡ ଭାବ ନିରେଖି ଅଦ୍ଭୁତ ହୁତ ଯେ ।
ସିନ୍ଧୁପ । ସିନ୍ଧୁରେ ଭାସିଲା ମତି ଯେ ।
ମାହେଶ୍ୱରୀ ରାଜା ମାହେଶ୍ୱରୀ ପୂଜା ବ୍ୟର୍ଥ ଭାବିଲା ଚିତ୍ତ ଯେ । ୧୧
ମନ୍ଥୁ ସେ ଦଣ୍ଡ ମଥୁରା-ଭୂପ ଦର୍ପ କ୍ଷୀର ଘୃତ ଗଲା ବହି ଯେ ।
ବପଥୁ ଅନେ ନ ଗଲା କାଶୀଶ୍ୱର ବେପଥୁ ପ୍ରବୃତ୍ତ ଦେହୀ ଯେ ।
କୁଣ୍ଡୀଶ । ଚଣ୍ଡୀଶ କି କଲେ କହି ଯେ ।
କୁନ୍ତଳା-ନାଥର କୁନ୍ତଳ ଫିଟିଲା ବନ୍ଧା ଅବକାଶ ନାହିଁ ଯେ । ୧୨

ଗୃମର ଛେଦନ୍ତ ପର ଏ ନାରଙ୍କେ ମୃତ ଗୃମର ଛେଦ କ୍ଷତ୍ରିୟମାନଙ୍କର ଗର୍ବ ମର୍ଦ୍ଦନ କଲେ । ପୁଣି ଦେଖ ଏ ଇନ୍ଦ୍ର, ଇନ୍ଦ୍ରଙ୍କର ବଜ୍ରଭୂଷା (ବଜ୍ର-ଭୂଷଣ) ଅତ୍ୟନ୍ତ ସ୍ଫୁରିତ ଦ୍ୟୁତିରେ (ଅଗ୍ନିବଦୀପ୍ତିରେ) ସାଜେ (ଶୋଭା-ପାଏ), ଏହାଙ୍କର ବଜ୍ରଭୂଷା (ହୀରକଭୂଷଣ) ଅତ୍ୟନ୍ତ ସ୍ଫୁରିତ ଦ୍ୟୁତିରେ (ଶୁଭ୍ରଜ୍ୟୋତିରେ) ସାଜେ, ବଜ୍ର ପତନରେ ଭୂଭୃତେ (ପର୍ବତମାନେ) ନାଶୀ (ଭ୍ରାନ୍ତ) ହେଲାପରି ଭ୍ରଷ୍ଟ ମାନଙ୍କର ଏ ବାଣୀରେ ଭୂଭୃତେ (ରାଜା-ମାନେ) ସହଜେ ନାଶୀ (ଭ୍ରାନ୍ତ) ହେଲେ ।

୧୦—ମାଳବ ଦେଶର ରାଜା ମାଳାରେ ବେଶ (ଭୂଷିତ) ହୋଇ ତପସ୍ୟା କରି-ବାକୁ ଯିବାପାଇଁ ମନ କଲା । ଗୌଳଦେଶର ପତି (ରାଜା) ର, ଜଳ, ହିମ ତୁଲବର୍ଣ୍ଣ ସବର୍ଣ୍ଣତ୍ୱ (ସାଦୃଶ୍ୟ) ଥିବାରୁ ଗୌର ପର ଗତି (ଯିବାକୁ) ଆରମ୍ଭ କଲା । ହସ୍ତିନାପତି ହାତୀପରି ଯୁବା (ପୁଷ୍ଟକେତୁର) ବନମରେ ଦରୀଭୂତ (ଭ୍ରାନ୍ତ) ହୋଇ ଦରୀରେ (ପର୍ବତ ଗୁହାରେ) ଲୁଚିବାକୁ ମତି କଲା ।

୧୧—ଉତ୍ତର କୋଶଳର ନରେଶ (ରାଜା) ଉତ୍ତର ନ ଦେଇ ସତ୍ୱର (ଶୀଘ୍ର) ଗୁଳିଗଲା । ମଲ୍ଲରଧବ (ମଲ୍ଲାରଦେଶ ରାଜାର) ପିଣ୍ଡ (ଶରୀରକୁ) ମଲ୍ଲର (ମୃତଲୋକର) ଭାବପରି ନିରେଖି ଲୋକେ ଅଦ୍ଭୁତ ହୁତ (ଅନ୍ତ-ର୍ହିତହେଲେ), ସିନ୍ଧୁପ (ସିନ୍ଧୁଦେଶ ରାଜା) ସିନ୍ଧୁରେ (ସମୁଦ୍ରରେ) ଭାସିଲା ମତ ହେଲା, ମାହେଶ୍ୱରୀ ରାଜା ମାହେଶ୍ୱରୀ (ଦୁର୍ଗା) ଙ୍କର ପୂଜା ବ୍ୟର୍ଥ ହେଲା ବୋଲି ଚିତ୍ତରେ ଭାବିଲା ।

୧୨—ସେ ଲକ୍ଷ୍ମୀରୂପ ମନ୍ଥନ ଦଣ୍ଡ ହୃଦୟକୁ ମନ୍ଥନ କରିବାରୁ କ୍ଷୀର ସଦୃଶ ମଥୁରା ଭୂପଙ୍କର ଦର୍ପ (ଗର୍ବ) ଘୃତପରି ବହିଗଲା । କାଶୀଶ୍ୱର ବେପଥୁ (କମ୍ପ)

କାଣ୍ଟିପତି ପାଣ୍ଟି ମହୀଷୀ ଭୂଷିବ ହସି କନ୍ୟାରତ୍ନ କାହିଁ ଯେ ।
ସେ ବାଣୀ ବାଣକୁ ପରବାଣକର ଅଦ୍ୟେଣି ଖୋଜିଲେ ନାହିଁ ଯେ ।
ମିଥିଳା । ରାଜାକୁ ମନ୍ତ୍ରିଲ ତହିଁ ଯେ ।
ଏ ଚନ୍ଦ୍ରା ମୁଁ ଯାଗ ଧର୍ମ କର ଅଗ ଅସିଥିଲି କାହିଁ ପାଇଁ ଯେ । ୧୩
ଶଙ୍କାସନ-ଇନ ଶଙ୍କା ରାମନାମେ ମାରିଚ ପରରେ ସଞ୍ଚି ଯେ ।
ଶ୍ରୀନଗରେଶ୍ବର ନଗରେ ନଗରେ ଶବର ଗଞ୍ଜିକା ରଚି ଯେ ।
ଉର୍ଜକୁ । ଜଙ୍ଘସ୍ତ୍ରିମାପତି ମୁଣ୍ଡି ଯେ ।
ହୋଇଣ ସ୍ତ୍ରୀଜିତ ଗଣିକାସ୍ତ୍ରୀଜିତଙ୍କ ମଧ୍ୟେଁ ମନ୍ଦପତି ଲୁଚି ଯେ । ୧୪
ଋଷିନଗେରଣ ରୁଷିଲ ମହିଳା ପ୍ରାପ୍ତ ମହୀମୁଖେ ଯାଏ ଯେ ।
ବଜ୍ରପୁରନାଥ ପାଶେ ବଜ୍ରପାତ ହେଲ ପର ମୋହ ପାଏ ଯେ ।
ନିଷ୍ଟପ୍ତ । ଷଟ୍‌ପଦ ଷଟ୍‌ପୁରରାଯ୍ୟେ ଯେ ।
କେତକୀ ଲକ୍ଷ୍ୟ ସଙ୍ଗ ଲେଣ୍ଡ଼ ବାହୁଡ଼ି ଉଡ଼ି ପଳାଇଲ ପ୍ରାୟେ ଯେ ॥ ୧୫

ପୂର୍ଣ୍ଣଦେହୀ ହେବାରୁ (ଥରବାରୁ) ବପଥ ଅନେ (ଅବାଠ ଉନ୍ମାଦରେ) ଗଲ ନାହିଁ, କୁଣ୍ଡୀଶ (କୁଣ୍ଡିଦେଶରାଜା) ଚଣ୍ଡୀଶ (ଶିବ) ଙ୍କ କଟଲ ବୋଲି କହିଲ, କୁନ୍ତଳଦେଶ ରାଜାଙ୍କର କୁନ୍ତଳ (କେଶ) ଫଟିଲ, କାନ୍ଧ-ବାକୁ ଅବକାଶ ମିଳିଲ ନାହିଁ ।

୧୩—କାଣ୍ଟିପତି ପାଣ୍ଟିଲେ—ମହୀଷୀ (ପାଟରାଣୀ) ହସି ଭୂଷିବ—କନ୍ୟାରତ୍ନ କାହିଁ ? ସେ ବାଣୀରୂପ ବାଣକୁ (ରୁ) ପରବାଣ କରବ ଏପର ଅଦ୍ୟେଣି ଖୋଜିଲେ କାହୁଁ ଦେଖାଗଲ ନାହିଁ । ତହୁଁ ମିଥିଳା ରାଜାକୁ ଏ ଚନ୍ଦ୍ରା ମନ୍ତ୍ରିଲ—ମୁଁ ଯାଗଧର୍ମ କର ଅଗ କାହିଁପାଇଁ ଅସିଥିଲି ।

୧୪—ମାରିଚ ରାମନାମରେ ଭୟ କଲପର କୋଶଳ ଦେଶର ଇନ (ରାଜା) ଶଙ୍କା ସଞ୍ଚିଲ (ହୃଦୟରେ ଭୟକୁ ଧଇଲ) ଶ୍ରୀନଗରେଶ୍ବର (କାଶ୍ମୀର ରାଜା) ନଗରେ ନଗରେ (ପର୍ବତେ ପର୍ବତେ) ଶବର ପର ଗଞ୍ଜିକା ରଚିଲେ । ଜଙ୍ଘସ୍ତ୍ରିମାପତି ସ୍ତ୍ରୀଜିତ ହୋଇଣ ଉର୍ଜକୁ (ଉତ୍ସାହକୁ) ମୁଣ୍ଡିଲେ ମନ୍ଦପତି ଗଣିକା ସ୍ତ୍ରୀଜିତଙ୍କ (ବେଶ୍ୟାସ୍ତ୍ରୀମାନଙ୍କ) ମଧ୍ୟରେ ଲୁଚିଲେ ।

୧୫—ଋଷି ନଗେରଣ (ମିଥିଳାଧିପତି) ରୁଷିଲ ମହିଳା (କାମିନୀ) ପ୍ରାପ୍ତ ମହୀମୁଖେ ଯାଏ (ତଳକୁ ମୁହଁପୋତି ପଳାଇଲେ) । ବଜ୍ରପୁର ନାଥ ପାଶେରେ ବଜ୍ରପାତ ହେବା ମୋହକୁ ପାଇଲେ । ଷଟ୍‌ପଦ (ଭ୍ରମର) କେତକୀ ସଙ୍ଗ ଲେଣ୍ଡ଼ ହତାଶ ହୋଇ ଉଡ଼ି ପଳାଇଲ ପର ଷଟ୍‌ପୁର ରାଜା କେତକୀ ଲକ୍ଷ୍ୟ ସୁନ୍ଦରୀର ସଙ୍ଗଲେଣ୍ଡ଼ ମୃଗପୁଚ୍ଛ ଛେଦନରେ ଅସମର୍ଥ ହୋଇ ବାହୁଡ଼ି ପଳାଇଲ ।

ନେପାଳପାଳ କମ୍ପାଲେ ହସ୍ତିମାର୍ଗ ଜଙ୍ଗ ପୁର ପରଯନ୍ତେ ଯେ ।
କେରଳଈଶ କେରଳ ଦେଶ ଧରି ଯାଇ ନ ପାରେ ଦ୍ରୁତେ ଯେ ।
ଉତ୍କଳ । ରାଜାହିଁ ଉତ୍କଟ ହତେ ଯେ ।
ଅଧିକ ନୃପେ ଏରୂପେ ଦର୍ପଧିକ ସାମାନ୍ୟ କହିବା କେତେ ଯେ । ୧୬
ଲଗୁଡ଼ ପ୍ରହାରେ ଗୋଗୋଷ୍ଠ ସମାନେ ଅପମାନେ ପଳାଇଲେ ଯେ ।
ଝଟିତ କୁଜ୍‌ଝଟି ପ୍ରକଟିଲା ପରି ରେଣୁ ଅନ୍ଧକାରେ ହେଲେ ଯେ ।
ଏଣୁ କେ । କାହା ମୁଖ ନ ଚାହିଁଲେ ଯେ ।
ବ୍ରୀଡ଼ା-ପୀଡ଼ା କ୍ରୀଡ଼ା ଅଧିକେ ନୋହିଲା ପ୍ଲବସ୍ୱେ ଅନ୍ତ ପାଇଲେ ଯେ । ୧୭
ସୁମନ-ଧନୁ ଶରେ ଶୋଭା ପ୍ରକାଶ ପ୍ରଭା ଶିଖୀପରେ ପୁଣି ଯେ ।
କୁମାରକୁ ମାର କରଣ ସମସ୍ତେ ଏମନ୍ତ ଚିତ୍ତରେ ଗୁଣି ଯେ ।
ମାଳିନୀ । ନୃପତି ଅଦରେ ଅଣି ଯେ ।
ନେଲା ବୀର କରୁଁ ଚାମର ସଚିବ ପ୍ରସାରଣ ବେଣୁପାଣି ଯେ । ୧୮

୧୬—ନେପାଳ ପାଳ (ନେପାଳ ରାଜା) କମ୍ପାଲେ ହସ୍ତିମାର୍ଗ ଜଙ୍ଗପୁର ପର୍ଯ୍ୟନ୍ତ ଗଲା । କେରଳ ଈଶ କେରଳ (କେଳା) ଦେଶଧରି ଦ୍ରୁତ ଯାଇ ନ ପାରେ । ଉତ୍କଳ ରାଜା ଉତ୍କଟ (ଗର୍ବ) ହତ ହୋଇ ଫେରିଲେ । ଏରୂପେ ଅଧିକ ରାଜାମାନେ ଦର୍ପହତ ହେଲେ । ସାମାନ୍ୟ ରାଜାମାନଙ୍କ କଥା ଅଉ କେତେ କହିବା ।

୧୭—ଲଗୁଡ଼ (ବାଡ଼ି) ପ୍ରହାରରେ ଗୋ ଗୋଷ୍ଠ (ଗୋରୁପଲ) ସମାନ ରାଜାମାନେ ଅପମାନରେ ପଳାଇଗଲେ । ଝଟିତ (ଶୀଘ୍ର) କୁଜ୍‌ଝଟି (କୁହୁଡ଼ି) ପରି ରେଣୁ (ଧୂଳି) ପ୍ରକଟିଲାରୁ ଅନ୍ଧକାର ହେଲା । ଏଣୁ କେହି ତାହାର ମୁଖ ଚାହିଁଲେ ନାହିଁ । ବ୍ରୀଡ଼ା ପୀଡ଼ା (ଲଜ୍ଜାବାଧା) ର କ୍ରୀଡ଼ା (ଲୀଳା) ଅଧିକ ନୋହିଲା, କାରଣ ପ୍ଲବସ୍ୱରେ (ପ୍ଲବ ସଦୃଶ କୁହୁଡ଼ିରେ) ଅନ୍ତ, (ପାର) ପାଇଲେ ।

୧୮—ସୁମନ (ପାରିଜାତ ପୁଷ୍ପ) ଓ ଧନୁଶରରେ ଶୋଭାକୁ ପୁଣି, ଶିଖୀ (ଘୋଟକ) ପରେ ପ୍ରଭାକୁ ପ୍ରକାଶ କରିବାରୁ ସମସ୍ତେ କୁମାରଙ୍କୁ (ପୃଥ୍ୱୀଦେବଙ୍କୁ) ସୁମନ ଧନୁଶରେ (ଫୁଲଧନୁରେ) ଶୋଭା ପ୍ରକାଶିବାରୁ ମାର (କନ୍ଦର୍ପ) ଏବଂ ଶିଖୀପରେ (ମୟୂର ଉପରେ) ପ୍ରଭା ପ୍ରକାଶିବାରୁ କୁମାର (କାର୍ତ୍ତିକେୟ) କରି ଚିତ୍ତରେ ଗୁଣିଲେ । ତାଙ୍କୁ ମାଳିନୀ ନୃପତି (ଚମ୍ପାପୁର-ରାଜା) ଆଦର କରି ଆଣିଲେ, ସଚିବ (ମନ୍ତ୍ରୀ) ବେଣୁପାଣି (ବୁଦ୍ଧଦତ୍ତ) ପ୍ରସାରଣ ସେ ବୀର କରୁ ଚାମର ନେଲା ।

ବାଜନ୍ତି ଅସଂଖ୍ୟ ଶଙ୍ଖ ମଧୁରୀ ଯେ ମାଧୁରୀ ମଙ୍ଗଳରାଗେ ଯେ ।
ଅନ୍ତଃପୁରକୁ ପୁରୋଧା ସଇରନ୍ଧ୍ରୀ ହସ୍ତେ ଦେଇଁ ନେଲେ ବେଗେ ଯେ ।
ସେ ପଞ୍ଚ-। ମହିଷୀ ଭୋଗିନୀ ବର୍ଗେ ଯେ ।
ଦେଖାଇ ବୋଇଲେ ହେଲେ ବରବର ବରବର୍ଣ୍ଣାକୁ ଯୋଗେ ଯେ ॥ ୧୯
ବାଳା ଶତଦଳ ଦଳନ-ନୟନ ଦତ୍ତ ଚାର ଅସିବାରେ ଯେ ।
ଭ୍ରମର ପ୍ରବେଶ ଏ ଶବ୍ଦେ ନିବେଶ ନିବେଶେ ଶ୍ରୁତି ସଧୀରେ ଯେ ।
ମନରେ । କରେ ଏ କାମେ କାଶୀରେ ଯେ ।
କୈତବ ନୋହେ ଦେଇ କେତେ କୀଢବ କି ସ୍ତବ କରନ୍ତି ହରେ ଯେ ॥ ୨୦
ଦିବସ ଶେଷ ଯାମିନୀ ପରବେଶ ତମୋନୁଦ ତମ ହରି ଯେ ।
ଏକାଳେ କୁମାର ବିଶ୍ୱାନନ୍ଦ ନୃପ ସଙ୍ଗେ ସଭା ଶୋଭା କରି ଯେ ।
ଦେଖନ୍ତି । ପ୍ରମଦା ପୁରୁଷ ପୂରି ଯେ ।
ଚତ୍ୱରେ ସତ୍ୱରେ ବାରବାମାବାର ନର୍ତ୍ତକୀ ନୃତ୍ୟ ପ୍ରଚାରି ଯେ ॥ ୨୧

୧୯—ଅସଂଖ୍ୟ ଶଙ୍ଖ ଓ ମଧୁରୀ (ମହୁରୀ) ମାଧୁରୀ ମଙ୍ଗଳ ରାଗେ ବାଜନ୍ତି । ପୁରୋଧା ମୃଗପୁଚ୍ଛକୁ ସୈରନ୍ଧ୍ରୀ (ପର ଗୃହ ସ୍ଥିତା ଶିଳ୍ପ କାରିଣୀ) ହସ୍ତେ ଅନ୍ତଃପୁରକୁ ଦେଇଁ ସେ ବେଗେ ନେଲେ । ପଞ୍ଚମହିଷୀ (ପାଟରାଣୀ) ଭୋଗିନୀ ବର୍ଗେ (ଅନ୍ୟାନ୍ୟ ରାଣୀ ମାନଙ୍କ) ତାକୁ ଦେଖାଇ ବୋଇଲେ ବର ବର୍ଣ୍ଣା (ସୁନ୍ଦରୀକୁ) ବର ବର (ଶ୍ରେଷ୍ଠବର) ଯୋଗରେ ହେଲେ ।

୨୦—ବାଳା ଶତଦଳ-ଦଳନ-ନୟନ (ପଦ୍ମଜିତ ନେତ୍ରକୁ) ଚାର ଅସିବାରେ ଦତ୍ତକରିଥିଲେ । ଭ୍ରମର ପ୍ରବେଶହେଲା; ଏ ଶବ୍ଦରେ ନିବେଶ (ମନୋଯୋଗ) ଦେଇ ଶ୍ରୁତି (କର୍ଣ୍ଣକୁ) ସଧୀରେ ନିବେଶ (ଅର୍ପଣ) କଲେ । ମନରେ କରେ କୈତବ (ମିଥ୍ୟା) ନୁହେ, ମୁଁ ଏ କାମେ (କାମନାରେ) କାଶୀରେ ହରେ (ଶିବଙ୍କୁ) କେତେ କୀଢବ (ଧୂ ସ୍ତବ ପୁଷ୍ପ) ଦେଇ ସ୍ତବ କରନ୍ତି କି ।

୨୧—ଦିବସ ଶେଷହେଲା ଯାମିନୀ (ରାତି) ପ୍ରବେଶ ହେଲା, ତମୋନୁଦ (ପ୍ରଦୀପ) ଚନ୍ଦ୍ରପ୍ରଭୃତି ତମକୁ ହରଣ କଲେ । ଏ କାଳେ କୁମାର ବିଶ୍ୱାନନ୍ଦ ନୃପଙ୍କ ସଙ୍ଗରେ ସଭାର ଶୋଭା ବିଧାନ କଲେ । ପ୍ରମଦା (ସ୍ତ୍ରୀ) ଓ ପୁରୁଷମାନେ ପୂର୍ତ୍ତିହୋଇ ଦେଖନ୍ତି । ନର୍ତ୍ତକୀ ବାରବାମା ବାର (ବେଶ୍ୟା ସମୂହ) ଚତ୍ୱରେ (ଅଗଣାରେ) ସତ୍ୱରେ ନୃତ୍ୟ ପ୍ରଚାରିଲେ ।

ଲବା ସେ ମେନା ଉର୍ବଶୀ ତିଲୋତ୍ତମା ରମ୍ଭାଦି ମଣ୍ଡେ ଅବନୀ ଯେ ।
ମର୍ଦ୍ଦଳ ସ୍ୱନକୁ ବହୁଳ ଜନକୁ ବନ୍ଧୁ କରି କଣ୍ଠେ ମାନି ଯେ ।
ହେଲା ସେ । ମହା ହୃଦ୍ଦୀପନସ୍ଥାନୀ ଯେ ।
ତାମ୍ବୁଳେ କି ମୂର୍ତ୍ତିମନ୍ତ ହାହା ହୁହୁ ହାହା କରି ସର୍ବେ ଦେଖି ଯେ । ୨୨
ସେ କି କୈଳାସ ତାଳରେ ପ୍ରକାଶ ଅଦ୍ରଜ ମନ ମୋହି ଯେ ।
ଶୋଭନୀ ସାରି ଶିଖ ମଠାଳିଜନ ଜନଙ୍ଗମା ରୂପକହିଁ ଯେ ।
ନିପ୍ରଷ୍ଠା । ଏକତାଳୀ ଯୁକ୍ତ ଯାହିଁ ଯେ ।
ପ୍ରବମାନ ଉତ୍ତ ଶିବ ବଚନରେ ଚଉସି ପ୍ରକଟ ଯହିଁ ଯେ । ୨୩
ବସନ୍ତ ସିଂହନନ୍ଦନ ପ୍ରଣି ନଳକୁବର ବିଳାସ କହି ଯେ ।
ନାନୀ ପ୍ରମୁଖରେ ଶ୍ଲୋକ ବଖ୍ୟାଣରେ କବି ଗୁରୁ ଜପୁଛନ୍ତି ଯେ ।
ନିମାନ । ଦ୍ରୁତରେ ବିରାମ ଅଛି ଯେ ।
ନଭପ୍ରାପ୍ତ ପଞ୍ଚ ତତ୍ତ୍ୱ ଅଷ୍ଟକଳା ଚନ୍ଦ୍ରବିମ୍ବ ପ୍ରକାଶୁଛି ଯେ । ୨୪

—ସେହି ନର୍ତ୍ତକୀ ବେଶ୍ୟାମାନଙ୍କୁ ଦେଖି ମନେ ହେଲା ମେନକା ଉର୍ବଶୀ ତିଲୋତ୍ତମା ଓ ରମ୍ଭା ପ୍ରଭୃତି ସ୍ୱର୍ଗର ଅପ୍ସରାମାନେ ଅବନୀ (ପୃଥିବୀକୁ) ମଣ୍ଡିତକଲେ କି ? ମର୍ଦ୍ଦଳସ୍ୱନକୁ ବହୁଳ ଜନକୁ (ମର୍ଦ୍ଦଳ ବଜାଉଥିବା ଲୋକଙ୍କୁ) ସମସ୍ତେ କଣ୍ଠେ ବନ୍ଧୁ (ବନ୍ଧୁତା) କରି ମାନିଲେ । ସେ ସବୁ ମହାହୃଦ୍ଦୀପନ ଧ୍ୱନୀ ହେଲା । ତାମ୍ବୁଳିମାନେ କଣ ମୂର୍ତ୍ତିମନ୍ତ (ଦେହଧାରୀ) ହାହା ହୁହୁ ନାମକ ହାହା (ଗନ୍ଧର୍ବ) ବୋଲି ମନରେ ଦେଖିଲେ ।

—ସେ ସଙ୍ଗୀତ ସ୍ଥଳ କୈଳାସ କି ? କୈଳାସ ତାଳରୂପରେ ପ୍ରକାଶିତ, ଅଦ୍ରଜ (ଗଣେଶଙ୍କ) ମନକୁ ମୋହିତ କରିଲା ଶୋଭନୀ (ସୁନ୍ଦରୀ) ସାରି ମାନେ ଶିଖ ମଠାଳିଜନ (ତପସ୍ୱୀମାନଙ୍କ ଆଶ୍ରମରେ ରହି) ଜନ-ସମ୍ମାରୂପ (ଜନ ହରଣ କରିବାର) ବାଞ୍ଛା କରୁଥାନ୍ତି । ଯାହିଁ ନିପ୍ରଷ୍ଠା (ଶ୍ରେଷ୍ଠ ଅଳାଇବା) ଏବଂ ତାଳୀ ଗତିରୁ ଏକତ୍ର ଯୁକ୍ତ ହୋଇଥାନ୍ତି । ଯହିଁ ଗୌରୀଙ୍କର ଅତ୍ତ (ଅମ୍ବିକା, ମାନ) ଶିବଙ୍କ ଗୂଢ଼ ବଚନରେ ସନ୍ଧି (ହୃଦବେଦା) ଚଉପ୍ରକଟ ହୋଇଥାଏ ସଙ୍ଗୀତ ସ୍ଥଳ ତାଳରେ ପ୍ରକାଶିତ ମୃଦଙ୍ଗ ଯଦ୍ର ଓ ଯଡତାଳ ମନକୁ ମୋହିତ କରୁଛି, ଲମ୍ବାରି ତାଳ ଶୋଭି (ଶୋଭିତ) ହୋଇଛି, ଜମା ଏବଂ ରୂପକ ତାଳ ଜନରମ୍ୟ ହେଉଛି । ଯାହିଁ ନିପ୍ରତି ଏକତାଳୀ ସବମାନ ଓ ଉତ୍ତ ଯତିତାଳ ଯୁକ୍ତ ହୋଇଛି ଯହିଁ ଗୌରୀବଚରେ ଶିବ (ମଙ୍ଗଳ) ବଚନ ପ୍ରକାଶିବାରେ ଏ ଦାଣ ତାଳ ପ୍ରକଟ ହୋଇଛି ।

୨୪—କୈଳାସରେ ସିଂହ ଏବଂ ନନ୍ଦନ (କାର୍ତ୍ତିକେୟ) ବସନ୍ତ ହୋଇଥାନ୍ତି, ପୁଣି ନଳକୁବର (କୁବେର ପୁତ୍ର) ବିଳାସ (କ୍ରୀଡ଼ାକୁ) କହୁଛି, ତତ୍ପ୍ରି-

କି ଅଯୋଧ୍ୟା ରାମ ଲକ୍ଷ୍ମଣ ବନ୍ଦେ ସେ ବାଦକକୁଳେ ଅଗମ୍ୟ ଯେ ।
ଶୁଦ୍ଧ ସାଲଗ ଗ୍ରସ୍ତା ଲଗ ବଧିରେ ସୁଭର ନିଦାନ ଧାମ ଯେ ।
ଆହତ । ନାହାତ କେତନେ କ୍ଷମ ଯେ ।
ମେଦନୀ-ନନ୍ଦନୀ ପାବନୀ ଦୀପନୀ-ତାରାବଳୀ ଯୁକ୍ତେ ରମ୍ୟ ଯେ ॥ ୨୫

ମାନେ ଶିବଙ୍କୁ ନାନ୍ଦୀ ପ୍ରମୁଖରେ (ବନ୍ଦନାରମ୍ଭରେ) ଶ୍ଳୋକଗାନ ବ୍ୟାଖ୍ୟାତ କରିବାରେ ଲଘୁ ଓ ଗୁରୁସ୍ୱର ଉପୁଜାଇ, ତହିଁରେ ବିମାନ (ମ୍ଳାନ) ଦ୍ରୁତ (ଚଞ୍ଚଳ) ଓ ବିରାମ (ବିଶ୍ରାମ) ମଧ୍ୟ ଥାଏ । ଏଠାରେ ପୁଣି ଏଏ ଏକତାଳ ମଧ୍ୟରୁ ସିଂହ ନନ୍ଦନ ତାଳ ବାଦିତ ହୋଇଛି । କେହି ନଳକୁବର (ଫୁଙ୍କା ବାଦ୍ୟ) ବଜାଇ ବିଳାସକୁ ଇଚ୍ଛା କରୁଥାନ୍ତି, ଗାୟକମାନେ ନାନ୍ଦୀ ପ୍ରମୁଖରେ (ନାନ୍ଦୀତାଳପ୍ରାରମ୍ଭରେ) ଶ୍ଳୋକ (ଗୀତ ପ୍ରବନ୍ଧର) ବ୍ୟାଖ୍ୟାତରେ (ପ୍ରସିଦ୍ଧି ଦେଖାଇବାରେ) ତାଳର ଲଘୁ ଗୁରୁ ଉପୁଜୁଛି । ତହିଁରେ ତାଳ ଏବଂ ସ୍ୱରର ବିମାନ (ଅତିଦୀର୍ଘ) ଓ ଦ୍ରୁତ (ଚଞ୍ଚଳ) ଦରେ ବିରାମ (ବିଶ୍ରାମ) ଅଛି । ପୁଣି ସେ ସ୍ଥାନ ନଭ (ଆକାଶ) ପ୍ରାପ୍ତ ହୋଇଛି, ଆକାଶ ପଞ୍ଚ ଷଷ୍ଠ ଅଷ୍ଟକଳାପୁକ୍ତ ଚନ୍ଦ୍ର ବିମ୍ବକୁ ପ୍ରକାଶ କରିଥାଏ, ଏଠାରେ ଚନ୍ଦ୍ରବିମ୍ବ (ଝାଞ୍ଜାବାଦନ) ତାଳଦ୍ୱାରା ପଞ୍ଚ, ଷଷ୍ଠ, ଅଷ୍ଟକାଳକୁ ପ୍ରକାଶ କରୁଛି ।

୨୫—ସେ ସ୍ଥଳ ଅଯୋଧ୍ୟା କି ? ଅଯୋଧ୍ୟା ରାମ ଲକ୍ଷ୍ମଣଙ୍କୁ ବନ୍ଦଇ, ଶୁଦ୍ଧ (ଶୁଭ୍ର) ସାଲଗସ୍ଥପ୍ସା (ଆକାଶସ୍ପର୍ଶୀ ପ୍ରାଚୀର ଦ୍ୱାରରେ) ବାଦକ ବଳେ (ବାଦକମାନଙ୍କର) ଅଗମ୍ୟ, ସୁତରାଂ ବଧିରେ ଲ-ଗ (ଶତ୍ରୁର ଗମନରେ) ସୁଭର (ଅତିଭୟ) ହୁଅଇ, ତହିଁ ନିଦାନ (ଇକ୍ଷ୍ୱାକୁବଂଶୀୟ ରାଜାମାନଙ୍କର) ଧାମ (ବାସସ୍ଥାନ) ଏବେ ତହିଁ ଦୀପନୀ (ପ୍ରଭାବତୀ) ପାବନୀ (ପବିତ୍ର କାରିଣୀ) ମେଦନୀନନ୍ଦନୀ (ସୀତା) ତାରାବଳୀ (ମୁକ୍ତାହାର) ଯୁକ୍ତରେ ରମ୍ୟ ହୋଇଥାନ୍ତି । ଏଠାରେ ସଙ୍ଗୀତ ଯେଉଁ ରାମ (ମନୋହର) ଲକ୍ଷଣମାନଙ୍କୁ ବନ୍ଦଇ ତାହା ଅନ୍ୟ ବାଦକକୁଳେ ଅଗମ୍ୟ (ଅଗୋଚର) ଶୁଦ୍ଧ, ସାଲଗ, ଗ୍ରସ୍ତା, ଲଗ, ଏବଂ ସୁଭ ପ୍ରଭୃତି ଛନ୍ଦଲକ୍ଷଣର ନିଦାନ (ମୂଳ କାରଣ) ପ୍ରକାଶ ହେବାର ଧାମ (ସ୍ଥାନ) ହୋଇଛି, ଆହତ ନାହତ (ଜାତ ଏବଂ ଅଜାତ) କେତନେ (ଶବ୍ଦରେ) କ୍ଷମ ହୋଇ ମେଦନୀ, ନନ୍ଦନୀ, ପାବନୀ, ଦୀପନୀ, ତାରାବଳୀ ପ୍ରଭୃତି ଲକ୍ଷଣ ଯୁକ୍ତରେ ରମ୍ୟ ହୋଇଛି ।

ତାର ମନ୍ଦର ଘୋର ଗ୍ରାମସାରରେ ପୁଷ୍ଟି ରୁଦ୍ରଭଟ୍ଟ ସମ ଯେ ।
ନିଷାଦ ଋଷଭ ପ୍ରକୃତ ସେବତ ଅଟଇ ଗାନ୍ଧାର ମଧ୍ୟମ ଯେ ।
ଷଡ଼ଜ । ମୁଖ୍ୟରବତ ପଞ୍ଚମ ଯେ ।
ମଞ୍ଜୁ ଶରଭଲା ଶରଦା ଧ୍ରୁବପଦା ପଞ୍ଚାଳୀ ସଙ୍ଗମ ଯେ । ୨୨
ମଥୁରା ବେଷ୍ଟନ ଭାଳ ଲକ୍ଷ୍ମୀ ଠାରେ ପାବସ୍ତ୍ରୀ ଚୁବସ୍ତ ଖ୍ୟାତ ଯେ ।
ଗୋପୀବର କୃଷ୍ଣ ସ୍ଥିତ ଯେ ନାୟକ ନାୟକ ଉତ୍ସବଭୂତ ଯେ ।
ସମସ୍ତ । ଚତୁର ବଧୂ ବହୁତ ଯେ ।
ଲତିକା ଅଙ୍ଗେ ତରଙ୍ଗ ବନ୍ଧୁଗଣ ବନ୍ଧୁ ସବୁତ ସବୁତ ଯେ । ୨୩

୨୨—ତାର (ମର୍ଦ୍ଦଳାଦ ଉଚ୍ଚସ୍ୱର) ମନ୍ଦର (ମନ୍ଦ୍ର—ମୃଦଙ୍ଗାଦର ଗମ୍ଭୀର ଧ୍ୱନିର) ଘୋର ଗ୍ରାମ ସାରରେ (ସ୍ୱରଗ୍ରାମର ପ୍ରାଧାନ୍ୟରେ) ପୁଷ୍ଟି ରୁଦ୍ର-ଭଟ୍ଟପର ହୋଉଛନ୍ତି, ସେଠାରେ ଋଷଭ (ବୃଷଭ-ଧର୍ମ—ଯୁଧିଷ୍ଠିର) ନିଷାଦ (ଗୃଣ୍ଡାଳ—ଦାରୁଣ—ଭୀମ) ସେବତ (ଅଗ୍ନିତ) ଅଟଇ । ଗାନ୍ଧାରିତ ସ୍ୱର ଯାହାଙ୍କର ଏପରି ଯେ ମଧ୍ୟମ ପାଣ୍ଡବ (ଅର୍ଜୁନ) ଷଡ଼ଜ (କାର୍ତ୍ତିକେୟ—କୁମାର—ନକୁଳ) ଏବଂ ମୁଖ ରବତ (ମୁଖ ରବନ୍ତ୍ର—ମୁଖୀ—ସବୁଜି—ପଞ୍ଚମ ପାଣ୍ଡବ ସହଦେବ) ପ୍ରକୃତ (ପ୍ରକାଶ) ହୋଇ ଥାନ୍ତି ଏବଂ ଶରଭଲା, ଶରଦା, ଧ୍ରୁବପଦା ପ୍ରଭୃତି ସଖୀ ସଙ୍ଗମ (ସହିତରେ) ପାଞ୍ଚାଳୀ (ଦ୍ରୌପଦୀ) ମଞ୍ଜୁ (ମନୋହର) ହୋଇଥାନ୍ତି । ଏଠାରେ ନିଷାଦ, ଋଷଭ, ଗାନ୍ଧାର, ମଧ୍ୟମ, ଷଡ଼୍‌ଜ, ଧୈବତ ଏବଂ ପଞ୍ଚମସ୍ୱର ପ୍ରକୃତ (ପ୍ରକାଶ ରୂପେ) ସେବତ (ବ୍ୟବହୃତ) ହେଉଛନ୍ତି ଏବଂ ମଞ୍ଜୁ (ମନୋହର) ଶିବକଲା, ଶରଦା, ଧ୍ରୁବପଦା, ଓ ପାଞ୍ଚାଳୀ ଆଦି ଛନ୍ଦର ସଙ୍ଗମ ହୋଉଛନ୍ତି ।

୨୩—ବେଷ୍ଟନ ଭାଳ (ହସ୍ତାଭିନୟ ସମୟ) ମଥୁରା ଲକ୍ଷ୍ମୀକୁ ଧରନ୍ତି, ସେଠାରେ ଗୋପୀବର ଶ୍ରୀକୃଷ୍ଣ ନାୟକରୂପେ ସ୍ଥିତ ହୋଇ ଖ୍ୟାତ ହୋଇଥିବା ପାବସ୍ତ୍ରୀ (ପାପୀଙ୍କଙ୍କୁ) ଏବଂ ଚୁବଦ୍ଦେବେଶିଏ ଦୈତ୍ୟମାନଙ୍କୁ ଉତ୍ସବଭୂତ (ଧ୍ୱଂସ) କରିଥିଲେ) ଏବଂ ନାୟିକା ମାନଙ୍କୁ ଉତ୍ସବ (ଭେକ) କରିଥିଲେ । ଏଠାରେ ପାବସ୍ତ୍ରୀ ଚୁବସ୍ତ ବର୍ଣ୍ଣୀ ଖ୍ୟାତ ହୋଉଛନ୍ତି, ଚୌପଦୀଳାରେ ଗୋପୀବର କୃଷ୍ଣ ନାୟକରୂପେ ସ୍ଥିତ ହୋଇଛନ୍ତି, ସେ ନାଟ ମାଧାରଣୀୟା ନାୟିକାମାନଙ୍କୁ ଉତ୍ସବ (ଆନନ୍ଦବିହ୍ୱଳ) କରୁଛନ୍ତି । ସମସ୍ତ (ସ୍ଥଳରେ) ଚତୁର ବଧୂ (ଗୁରୁପ୍ରକାର ନୃତ୍ୟଗୀତାଦ) ବହୁତ ହୋଉଛି । ଲତିକା (ନୃତ୍ୟାଙ୍କାରୀ) ଅଙ୍ଗରେ ତରଙ୍ଗ (ଗୃହିଣୀ) ଏବଂ ବନ୍ଧୁଗଣ ବନ୍ଧୁବାରୁ ସବୁତ (ନଦୀ) ସର ହୋଉଛି ।

ରାଗଜନନ୍ତିଁ ଦିନାନ୍ତ କରି ଋତୁମଣ୍ଡଳରେ ଅତି ପ୍ରଧାନେ ଯେ ।
ବସନ୍ତ ବିଖ୍ୟାତ ସୋମ ପ୍ରମୋଦିତ ଉତ୍‌ଫୁଲ୍ଲ ହୋଇ ସୁମନେ ଯେ ।
କେଦାର । ପୂରିତ ରସରେ ଘନେ ଯେ ।
ଭୈରବ ଧଣ ପ୍ରକାଶ କଳହଂସ ମାନସ ଭେଦି ଜବନେ ଯେ ॥ ୨୮
ଅଗେ ପ୍ରସରିବା ଅପସରିବା କି ପୁଷ୍ପବଲ୍ଲୀ ଚଳେ ବାତେ ଯେ ।
ଅଳକା ଅଳିଆଳି କି ପାନ କରନ୍ତେ କମ୍ପେ ସ୍ୱେଦ-ମଧୁ ଜାତେ ଯେ ।
କରୀ କି । ସେ ହସ୍ତକୁ ଉତ୍ତୋଳିଲେ ଯେ ।
ସମ୍ବରିବାରେ ଧୈର୍ଯ୍ୟପଙ୍କଜକୁ ଉପାଡ଼ି ନେବାର ମତେ ଯେ ॥ ୨୯

୨୮—ରାଗଜନନ୍ତିଁ (ରାଗମାନ ଜାତ ହେବାନ୍ତି) ଦିନାନ୍ତ (ସନ୍ଧ୍ୟା) କରି ହେଉଥାଇ —ସନ୍ଧ୍ୟା ରାଗ (ରକ୍ତିମାକୁ) ଜାତ କରେ । ପୁଣି ଋତୁ ମଣ୍ଡଳରେ (ଷଡ଼ଋତୁ ପରି) ପ୍ରଧାନ ହୋଇଛି, ଷଡ଼ଋତୁ ବସନ୍ତକୁ ବିଖ୍ୟାତକରେ, ଗ୍ରୀଷ୍ମରେ ସୋମ (ଚନ୍ଦ୍ର) ଦ୍ୱାରା ପ୍ରମୋଦିତ (ଆନନ୍ଦିତ) କରାଏ, ବର୍ଷାରେ ମାଳତୀ କି ଉତ୍‌ଫୁଲ୍ଲ କରାଏ । ଶରଦରେ କେଦାର (କିଆରୀମାନଙ୍କୁ) ରସରେ (ଜଳରେ) ଘନେ (ନିବିଡ଼ରୂପେ) ପୂର୍ତ୍ତିକରେ, ହେମନ୍ତରେ କୁହୁଡ଼ି ଦ୍ୱାରା ଧଣ (ଧଣମାନଙ୍କୁ) ଭୈରବ (ଭୟଙ୍କରରୂପେ) ପ୍ରକାଶଇ ଏବଂ ଶୀତରେ କଳହଂସ (ହଂସମାନଙ୍କୁ) ଜବନେ (ଶୀଘ୍ର) ମାନସ ଭେଦୀ (ମାନସ ସରୋବର ଯାତ୍ରୀ) କରାଏ । ସଙ୍ଗୀତସ୍ଥଳରେ ବସନ୍ତରାଗ ବିଖ୍ୟାତ ହୋଇଛି, ସୋମରାଗ ପ୍ରମୋଦିତ କରୁଛି, କେଦାର ରାଗ ଘନେ (ବାଦ୍ୟ ମଧ୍ୟମନୃତ୍ୟ ସହିତ) ରସରେ ପୂରିତ ହୋଇ ସୁମନେ (ବାଦ୍ୟକାରମାନଙ୍କୁ) ଉତ୍ଫୁଲ୍ଲ କରାଉଛି । ଭୈରବ ଧଣ (ରାଗ) ପ୍ରକାଶ ହେଉଛି ଏବଂ କଳହଂସ ରାଗମାନଙ୍କ ଜବନରେ (ଶୀଘ୍ର) ଭେଦ (ଭେଦକରୁଛି) ।

୨୯—ନାୟିକାମାନେ ଅଗେ ପ୍ରସରି ଅପସରିବା (ଆଗକୁ ଯାଇ ପଛକୁ ଘୁଞ୍ଚିବାରୁ) ପୁଷ୍ପବଲ୍ଲୀ (ପୁଷ୍ପଲତା) ବାତେ ଚଳଇ କି ? ସେମାନଙ୍କର ଅଳକା (ଚୂର୍ଣ୍ଣ କୁନ୍ତଳ) ଅଳିଆଳି (ଭ୍ରମର ଶ୍ରେଣୀ), ମୁଖଚନ୍ଦ୍ରରେ ଜାତ ସ୍ୱେଦ (ଝାଳ) ମଧୁ, ତାହାଲେଖେ ସେ ଭ୍ରମର ଶ୍ରେଣୀ କମ୍ପେ କି ? ପୁଣି ସେ କରୀ (ହସ୍ତୀ) କି ? ହସ୍ତୀର ଶୋଭାହସ୍ତପରି ହସ୍ତକୁ ଉତ୍ତୋଳିତ (ଉଠାଇ) ସମ୍ବରିବାରେ (ସଙ୍କୋଚ କରିବାରେ) ଧୈର୍ଯ୍ୟପଙ୍କଜକୁ ଉପାଡ଼ି ନେଲା ପରି ବୋଧ ହେଉଛି ।

ଶଗୁଟେ ତର୍ଜ୍ଜନୀ ଦେଇ ଠାରନ୍ତି କି ଏ ଓଷ୍ଠ ମଧୁର ଠାବ ଯେ ।
ମୃଦୁସ୍ମିତ ଜାତ ସାକ୍ଷାତ କରଇ ମୃଗନେତ୍ରେ ଦେଇ ଗୀର ଯେ ।
କଟାକ୍ଷେ । କବରୀଲକ୍ଷ୍ମୀ ସମ୍ଭବ ଯେ ।
ଭଙ୍ଗ-ଭଙ୍ଗୀ ଅଙ୍ଗୀକାରସାମର୍ଥ୍ୟ ସେ ଦୃଶର ବିବେକ-ନାବ ଯେ । ୩୦
ପଦଯୁଗ ବେଗ ବେଗ ସଞ୍ଚାଳନେ ବାଜନ୍ତି ମଞ୍ଜୁ ମଞ୍ଜିର ଯେ ।
ଦ୍ୱିରଦମତ୍ତର ମର୍ଦ୍ଦନ କରି କି ଦେଉଛନ୍ତି ବାଜନ୍ତୁର ଯେ ।
ନର୍ତ୍ତକୀ । ଲସ୍ୟ ଦୂର ମୁନିଙ୍କର ଯେ ।
ଲୁଟି ହୋଇଅଛି ମାନ ଗର୍ବପଣ କୁରୁରାଜାଠାରୁ ଯାଇ ଯେ । ୩୧
ରାଜ୍ୟ ନ ଥାଇ ରାଜସିଦ୍ଧି ପ୍ରକାଶ ଦେବ ଦେବୀରେ ପୂଜନ୍ତ ଯେ ।
ପୁଣି ଦ୍ୱିଜରାଜ ଜନକ ଦେଖାଇ ଦ୍ୱିଜ ବହୁମତ ରୂପ ଯେ ।
ସଭାର । ସୂତ୍ରଧାର କରେ ଗୀତ ଯେ ।
ଶ୍ଳେଷ ଶ୍ଳୋକରେ ଅଶେଷ ଅନଙ୍ଗରେ ଅନୁସରିବାରେ ରତ ଯେ । ୩୨

୩୦—ଶଗୁଟେ (ଓଷ୍ଠରେ) ତର୍ଜ୍ଜନୀ (ଅଙ୍ଗୁଳି) ଦେଇ ଏ ଓଷ୍ଠ ମଧୁ (ସୁଧାର) ଠାବ ବୋଲି ଠାରନ୍ତି କି ? ଓଷ୍ଠରୁ ଜାତ ହେବା ମୃଦୁସ୍ମିତ (ମନ୍ଦହାସ) ମୃଗ ନେତ୍ରେ (କାମକୁ) ଗୀର ଦେଇ ଓଷ୍ଠରେ ଅମୃତ ଥିବା କଥାକୁ ସାକ୍ଷାତ କରଇ । ସେମାନେ ଭଙ୍ଗ ଭଙ୍ଗି ଅଙ୍ଗୀକାର ସାମର୍ଥ୍ୟ (ଲଳିତ ସଦୃଶ ଭଙ୍ଗ ମାନଙ୍କୁ ଅଙ୍ଗୀକାର କରିବା ସମ୍ବନ୍ଧରେ ସାମର୍ଥ୍ୟ ସମ୍ପନ୍ନ) ହୋଇଥିବାରୁ କଟାକ୍ଷରେ (ଅପାଙ୍ଗରେ) କବରୀଲକ୍ଷ୍ମୀ (ସୌନ୍ଦର୍ଯ୍ୟ ଲକ୍ଷ୍ମୀଙ୍କ) ସମ୍ଭବ (ଜାତ) କରୁଛନ୍ତି, ଦର୍ଶକର ବିବେକରୂପ ନାବକୁ ଭାଙ୍ଗୁଛନ୍ତି ।

୩୧—ମଞ୍ଜୁ (ମନୋହର) ମଞ୍ଜିର (ନୂପୁର) ବେଗ ବେଗ ପଦଯୁଗସଞ୍ଚାଳନ କରିବାରୁ ବାଜନ୍ତି, ସେ ବାଦ୍ୟ ଦ୍ୱିରଦ (ହସ୍ତିମାନଙ୍କର) ମତ୍ତର (ମଦଗର୍ବ-ନକୁ) ମର୍ଦ୍ଦନ କରି ଯାଇ ତୂରୀ ବାଦ୍ୟ ଦେଉଛନ୍ତି କି ? ଏହିପରି ପ୍ରତୀତ ହେଉଛି । ନର୍ତ୍ତକୀ ମାନଙ୍କର ଲସ୍ୟ (ଭଙ୍ଗୀରେ ମନୋଜ୍ଞବେଶ) ମୁନି-ମାନଙ୍କର ଲକ୍ଷ୍ୟ (ଧ୍ୟାନକୁ) ଦୂର (କରୁଛି), ଯାହାଙ୍କର ମାନ ଓ ଗର୍ବପଣ କୁରୁରାଜା (ଦୁର୍ଯ୍ୟୋଧନ ଠାରୁ) ଲୁଟି ହୋଇଛି ।

୩୨—ରାଜ୍ୟ ନ ଥାଇ ମଧ୍ୟ ନର୍ତ୍ତକୀମାନେ ଅଭିନୟ ଦ୍ୱାରା ରାଜସିଦ୍ଧି ପ୍ରକାଶ କରୁଛନ୍ତି, ପୁଣି ଦେବ ଦେବୀଙ୍କ ପୂଜା କରୁଛନ୍ତି, ତଥା ଦ୍ୱିଜରାଜ (ବୃହସ୍ପତି) ଦ୍ୱିଜ ବହୁମତ ଓ ସଭାର (ସଭାଦ୍ୱାର) ଜନକଙ୍କ ଦେଖାଇବା ପରି ଏମାନେ ଅଭିନୟ ଦ୍ୱାରା ଦ୍ୱିଜରାଜ (ଚନ୍ଦ୍ର) ବହୁମତ ଏବଂ ସଭାରଙ୍କୁ ଦେଖାଉଛନ୍ତି । ସୂତ୍ରଧାର (ନାଟ୍ୟକର୍ତ୍ତା) ଯେଉଁ ଶ୍ଳେଷ ଶ୍ଳୋକ ଗୀତ କରୁଛନ୍ତି ତାହା ପୁଣି ଅଶେଷ ଭେଦ ଅନଙ୍ଗକୁ ଅନୁସରିବାରେ ରତ ହୋଇଛନ୍ତି ।

ଗନ୍ଧର୍ବ କିନ୍ନର ନାଗ ନରଙ୍କର ସଙ୍ଗୀତ ପରମଧନ ଯେ ।
ମହା ଉତ୍ସବ ଯାହାକୁ ବୋଲି ସେହି ଲକ୍ଷଣ ହୋଇ ବର୍ଦ୍ଧନ ଯେ ।
ଲୋକନେ । ସେ ସର୍ବ ଲୋକ ରଞ୍ଜନ ଯେ ।
ଶୁଣି ନ ଶୁଣି ଦେଖିଲ ନ ଦେଖିଲ ପର ନୃପତିନନ୍ଦନ ଯେ ॥ ୩୩
ଯେଣୁ ରମ୍ଭାପତି ଦୁହିତା ଯେ ଶ୍ରୁତି ନେପଥେ ନୃତ୍ୟକାରୀ ଯେ ।
ସୁଚରିତା ଶୋଭାନିଧି ଗୁଣନିଧି ନିରୂପ ସ୍ୱରୂପଧାରୀ ଯେ ।
ସେ ପୁଣି । ଅଣା ଦେଖାଇ ଅପୂର୍ବ ଯେ ।
କିଙ୍କିଣି ବାଦ୍ୟରେ ହାର ନାସାମଣି ବେଣୀନାଟେ ଅନୁସର ଯେ ॥ ୩୪
ସଙ୍ଗୀତ ସଙ୍ଗୀତ ସାହିତ୍ୟ ସହିତ ପ୍ରକୃତି ନିତମ୍ବିନୀ ବୋଲି ଯେ ।
ଏଣୁ ଭୂତରୁ ବର୍ତ୍ତମାନ ଭବିଷ୍ୟ ପର୍ଯ୍ୟନ୍ତେ ମୋହନ ସ୍ଥଳୀ ଯେ ।
ନୃପଜ । ସଦାଶିବ ହେବ ଭଲ ଯେ ।
ସୁଶୀଳ ସୁମୂର୍ତ୍ତି ଧାତା କରିଥିଲା ଛଳ କଲା କି ତା ବାଳୀ ଯେ ॥ ୩୫

୩୩—ଗନ୍ଧର୍ବ, କିନ୍ନର, ନାଗ ଓ ନରଙ୍କର ସେ ସଙ୍ଗୀତ ପରମ ଧନ ହୋଇଛି ଯାହାକୁ ମହା ଉତ୍ସବ ବୋଲନ୍ତି ସେହି ସମସ୍ତ ମହା ଉତ୍ସବ ଲକ୍ଷଣବର୍ଦ୍ଧିତ ହୋଇଛି, ଲୋକନେ (ତାହାଦେଖି) ସେ ସର୍ବଲୋକ ରଞ୍ଜନ (ଆନ-ନ୍ଦିତ) ହେଉଛନ୍ତି । ନୃପତିନନ୍ଦନ (ରାଜପୁତ୍ର) ତାହା ଶୁଣି ନ ଶୁଣିଲା ପର ଦେଖି ନ ଦେଖିଲାପର ହେଲେ ।

୩୪-୩୫—ଯେଣୁ ରମ୍ଭା ନଗରୀ ପତିଙ୍କର ଦୁହିତା ଶ୍ରୁତ (କର୍ଣ୍ଣ) ଓ ନେପଥରେ ସର୍ବଦା ନୃତ୍ୟ କାରିଣୀ ହୋଇଥିଲେ, ଯେତିକି ସୁଚରିତା, ଶୋଭାନିଧି ଏବଂ ଗୁଣନିଧି ଏହି ନିରୂପ ସ୍ୱରୂପ ଧାରିଣୀ—ପୁଣି ସେ ଅପୂର୍ବ ଅଣା ଦେଖାଇଲା କିଙ୍କିଣି ବାଦ୍ୟକୁ ହାର, ନାସାମଣି ଓ ବେଣୀର ନାଟକୁ ଅନୁସରଣ କରି ସଙ୍ଗୀତ (ଉତ୍ତମରୂପେ ଗୀତ ହେଉଥିବା) ସଙ୍ଗୀତ ସାହିତ୍ୟରେ ସହିତ (ଯୁକ୍ତ) ବୋଲି ସେ ଗୁରୁ ନିତମ୍ବିନୀ ଭୂତରୁ (ଅତୀତରୁ) ବର୍ତ୍ତମାନ ଓ ଭବିଷ୍ୟତ ପର୍ଯ୍ୟନ୍ତ ମୋହନ ସ୍ଥଳୀ ହେଲା, ଅର୍ଥାତ୍ ମୋହିତ କରିଛି, କରୁଛି, କରିବ ଏହି ଅଣା ଦେଖାଇଲା । ଏପରି ସୁନ୍ଦରୀର ସଙ୍ଗ ଲାଭହେଲେ ମୋର ସଦା (ତ୍ରିକାଳରେ) ଶିବ (ମଙ୍ଗଳ) ହେବ ବୋଲି ନୃପଜ ଭାଳିଲା ଧାତା ତାକୁ ସୁଶୀଳା (ସଚ୍ଚରିତା) ଏବଂ ସୁମୂର୍ତ୍ତି (ସୁନ୍ଦରୀ) କରିଥିଲା କିନ୍ତୁ ବାଳୀ ଛଳକରି ତାର (ସଦାଶିବଙ୍କର ସୁଶୀଳମୂର୍ତ୍ତି—ଶିଳ୍ପୀଙ୍କର ସୁନ୍ଦର ପ୍ରସ୍ତର ମୂର୍ତ୍ତି) କଲା କି ? ରାଜପୁତ୍ର ଏହା ଭାବି ଭ୍ରମୀଭୂତ ହୋଇଥିଲା ।

ସେ ସାର ନୃତ୍ୟକାରୀରେ କଳ୍ପଦ୍ରୁମ ଗୁଣୀଗଣେ ରତ୍ନାକର ଯେ ।
ଭୃତ୍ୟେ ଲେଖକର ପଦବୀ ମାଗନ୍ତେ ନରସିଂହ ପରକାର ଯେ ।
ବରୁଣ । କି ମନ୍ତ୍ରେ ବନମନ୍ଦର ଯେ ।
ପୁଷ୍କରବାସୀ ଅଶାନିର୍ମଳକାରୀ କଳାନିଧି ସାକ୍ଷାତର ଯେ । ୩୨

ରାମ ଲକ୍ଷ୍ମଣ କାନ୍ତି ହାରି ସିଦ୍ଧପଦ ନାମ ପଛେ ଦେଇ ଯେ ।
ଭଜେ ସେ ରାମ ଲକ୍ଷ୍ମଣ ଅନୁସର ଜଳଦାଳୀ ପରି ଦେଖି ଯେ ।
ସ୍ତବକ । କପଟଚ୍ଛନ୍ଦ ସାଗରର ଯେ ।
ଭବଭୂଷଣାୟୁ ଅନନ୍ତମୂର୍ତ୍ତି ଧାରଣି ଲୁଚେ ଅଗ୍ରଜ ଯେ । ୩୩

୩୨—ସେ ସାର ନୃତ୍ୟକାରୀମାନଙ୍କୁ ଦେବା ବିଷୟରେ କଳ୍ପଦ୍ରୁମ ପରି, ଗୁଣିଗଣ-ମାନଙ୍କ ପକ୍ଷରେ ରତ୍ନାକର (ସମୁଦ୍ର) ପରି, ଯେପରି ନରସିଂହ ଭୃତ୍ୟ (ପ୍ରହ୍ଲାଦଙ୍କୁ) ଲେଖ ଚର (ଦେବେନ୍ଦ୍ର) ପଦବୀକି ଦେଇଥିଲେ, ଏଭୃତ୍ୟ ମାନଙ୍କର ପ୍ରାର୍ଥନା ପୂରଣରେ ସେହିପରି । ସେ ବରୁଣ କି ? ବରୁଣ ବନମନ୍ଦର ଜଳ ମଧ୍ୟ ମନ୍ଦରକୁ ପଶିଥାନ୍ତି, ଏ ସେଠାରୁ ପାଇ ଉପବନ ମନ୍ଦରକୁ ମଣ୍ଡିଛି, ପୁଣି ସାକ୍ଷାତ କଳାନିଧି (ଚନ୍ଦ୍ର) କି ? ଚନ୍ଦ୍ର ପୁଷ୍କର ବାସୀ (ଆକାଶବାସୀ) ଅଶା (ଜନମାନଙ୍କର) ନିର୍ମଳକାରୀ, ଏ ପୁଷ୍କର (ପଦ୍ମ) ସକ୍ଷ୍ମ ବାସନାଯୁକ୍ତ ଅଶେ ନିର୍ମଳକାରୀ (ପ୍ରସନ୍ନକାରୀ) ଏବଂ କଳାନିଧି (ସମସ୍ତ ସୌନ୍ଦର୍ଯ୍ୟ ଓ ଚାପ କଳାଦିରେ ଯୁକ୍ତ)

୩୩—ଯେଉଁ ପ୍ରଭୁଙ୍କର କାନ୍ତିକୁ ରାମଲକ୍ଷ୍ମଣ (ଚନ୍ଦ୍ର) ନିର୍ମଳତାରେ ହାରି ପାଇ ତାଙ୍କ ନାମ ପଛରେ ନିଜର ସିଦ୍ଧ ପଦ (ଚନ୍ଦ୍ର) କୁ ଦେଇଛନ୍ତି ଅର୍ଥାତ ଯାହାଙ୍କର ନାମ ରାମଚନ୍ଦ୍ର ସେ ରାମଙ୍କୁ ଏବଂ ଜଳଦାଳୀ (ମେଘପଙ୍କ୍ତି) ଦେଖି ଲକ୍ଷ୍ମଣଙ୍କୁ ଜନେ ଅନୁସର କରନ୍ତି । ତାଙ୍କ ସାଗରର କପଟଚ୍ଛନ୍ଦ ସ୍ତବକ । ଲୁଚେ ଅଗ୍ରଜ ସେ ରାମ ଭବ ଭୂଷଣାୟୁ (ଶିବଙ୍କର ଭୂଷଣୀୟ) ଏବଂ ସେ ଲକ୍ଷ୍ମଣ ଅନନ୍ତ ମୂର୍ତ୍ତି ଧାରଣି (ଶେଷ ଦେବ ମୂର୍ତ୍ତିଧାରୀ) ଅଟନ୍ତି ।

ଦ୍ୱାତ୍ରିଂଶ ଛାନ୍ଦ

ରାଗ—ନଳିନୀଗୌଡ଼ା

ସମ୍ଭବ ତୋଷ ଏ ଛାନ୍ଦେ । ସଚିବଶ୍ରେଷ୍ଠ ସନ୍ନିଧେ ।
ବିଦ୍ୟା ଚାତୁରେ ପଣ୍ଡିତ । ବିଦ୍ୟାନିଧି ଯଶୋବନ୍ତ ଯେ । ୧

ତେଜ୍ୟାନ୍ତବନ୍ତେ ଥିଲେ ବସି । ଜ୍ୟୋତିଷ ଏକାଳେ ଭାଷି ।
ଜାତ ରୂପାଙ୍ଗୀ ନୃପଜ । ଜାତକ ଗୁଣିବା ଆଜ ଯେ ॥ ୨
ବିଧାନ ବାଣୀ ମନ୍ତ୍ରିଜେ । ବିଧାତା ଗୁଣିଅଛି ଯେ ।
ବିଭ୍ର ତିଥି ବଗୁରବା । ବିଭ୍ରବଶ୍ରୀ ଅବା ଦବା ଯେ ॥ ୩
ଗଣକ ଉକ୍ତ ଏ ବିଧି । ଗଣି ବୋଲେ ବିଦ୍ୟାନିଧି ।
ପୁଷ୍ପବଶିଖ-ନନ୍ଦନ । ପୁଷ୍ପକେତୁ ଜନ୍ମଦିନ ଯେ ॥ ୪
ତପାଳିରେ ଯେଣୁ ପ୍ରାପ୍ତ । ତପା ମାସରେ ବିଦୀପ୍ତ ।
କୃଷ୍ଣ ଯାହା ହୃଦେ ପଥୀ । କୃଷ୍ଣପଞ୍ଚମୀ ଯେ ତିଥି ଯେ ॥ ୫
ଶତକାର ବର୍ଣ୍ଣକାନ୍ତି । ଶତା ନକ୍ଷତ୍ର ବିଦିତା ।
କନ୍ୟକାଦ ରମା ମୋହ । କନ୍ୟଚନ୍ଦ୍ର ଖ୍ୟାତ ହୋଇ ଯେ ॥ ୬

୧।୨—ଏ ଛାନ୍ଦ ଛନ୍ଦେ (ଛନ୍ଦରେ) ତୋଷକୁ ସମ୍ଭବ । ସଚିବ ଶ୍ରେଷ୍ଠ (ପ୍ରଧାନ ମନ୍ତ୍ରୀ), ବିଦ୍ୟାରେ ଏବଂ ଚାତୁରରେ ପଣ୍ଡିତ, ଯଶୋବନ୍ତ ବିଦ୍ୟାନିଧିଙ୍କ ନିକଟରେ ତେଜ୍ୟାନ୍ତବନ୍ତେ (ତେଜସ୍ୱୀ ପୁରୁଷମାନେ) ବସିଥିଲେ । ଏ କାଳରେ ଜ୍ୟୋତିଷ ଭାଷିଲେ—ଆଜ ଜାତରୂପାଙ୍ଗୀ (ସ୍ୱର୍ଣ୍ଣାଙ୍ଗୀ) ରାଜକୁମାର ଜାତକ ଗୁଣିବା ।

୩।୪—ମନ୍ତ୍ରିଜ (ମନ୍ତ୍ରୀପୁତ୍ର) ଏହି ବାଣୀ ବିଧାନ କଲେ ଯେ ବିଧାତା ଗୁଣିଅଛି, ଆଉ ଗୁଣିବାର ଅବଶ୍ୟକ ନାହିଁ । ଗଣକର ଉକ୍ତି ଏ ବିଧିରେ ହେଲା ଯେ ବଭ୍ରୁ ତିଥି (ସୁତହିବୁକଯୋଗ) ବଭ୍ରୁବଶ୍ରୀ (ଗ୍ରହି) ଅବା ଦବାରେ ପଡ଼ୁଛି ଏହା ବଗୁରବା ବିଦ୍ୟାନିଧି ବୋଇଲେ, ତେବେ ପୁଷ୍ପବଶିଖନନ୍ଦନ (କାମଜାତ ସୁନ୍ଦର) ପୁଷ୍ପକେତୁର ଜନ୍ମଦିନ ଗଣି ।

୫—ଯେଣୁ ସେ ତପାଳୀରେ (ତପସ୍ୟା ସମ୍ବନ୍ଧରେ) ପ୍ରାପ୍ତ ତେଣୁ ତପାମାସ (ମାଘମାସରେ) ବିଦୀପ୍ତ (ପ୍ରକାଶିତ) ଯାହାଙ୍କର ହୃଦୟରେ କୃଷ୍ଣ ପଥିକ, ତାଙ୍କର ଜନ୍ମ କୃଷ୍ଣପଞ୍ଚମୀ ତିଥିରେ ।

୬—ସେ ଶତକାର (ସ୍ୱର୍ଣ୍ଣ କନକ) ବର୍ଣ୍ଣ କରୁଥିବାରୁ ତାହାଙ୍କର ଶତା ନକ୍ଷତ୍ର ବିଦିତ ହୋଇଅଛି । କନ୍ୟକାଦ (ବାଳିକା ପ୍ରଭୃତି) ରମା (ରମଣୀମାନଙ୍କୁ) ମୋହୁଥିବାରୁ ତାହାଙ୍କର କନ୍ୟଚନ୍ଦ୍ର ଖ୍ୟାତ ହୋଇଛି ।

ମିଥୁନରେ ସଦା ଚନ୍ଦ୍ର । ମିଥୁନ ଲଗ୍ନ ଉଦିତ ।
ସିଂହ ଷଷ୍ଠିସ୍ଥରେ ଯନ୍ତୁ । ସିଂହରେ ତୃତୀୟେ ରାହୁ ଯେ । ୭
ପଞ୍ଚତ୍ୱ କରେ ଯେ ଅରି । ପଞ୍ଚମେ ତୁଙ୍ଗେ ଶନିର ।
ଗୁରୁ ଗୁଣ ଖ୍ୟାତ କରେ । ଗୁରୁ ସପ୍ତମେ ଧନୁରେ ଯେ । ୮
ବୁଧସାର ଅଷ୍ଟମରେ । ବୁଧ ସବିତା ମକରେ ।
ମଙ୍ଗଳଚ୍ଛେଦ ଯେ ଭୃତ୍ୟେ । ମଙ୍ଗଳ ଶୁକ୍ର ଏକତ୍ର । ୯
ରହନ୍ତି ଦଶମେ ମୀନେ । ରହିବ ବନ୍ଧ ମନ୍ଦିରେ ।
ଗୁଣିବର ପୁରୋହିତ । ଗୁଣି ଶନିର ସ୍ୱୀକୃତ । ୧୦
ବୃନ୍ଦା ହରପଦ୍ମ ବହୁ । ବ୍ରହ୍ମାଣ୍ଡ ଯେ ଖଣ୍ଡ ତହିଁ ।
କୃପଣ ସମାନ ଜୀବ । ଉପଯୋଗ କରି ଧୀର ଯେ । ୧୧
ତବିଶାଖ ମନ୍ତ୍ରନେ ବାଳା । ଚତୁଶାଖରେ ଜନ୍ମ ହେବ ।
ପଞ୍ଚମୀ ତିଥି ଏ ଯେବେ । ଦେଶରେ ଗବଦାମୀ ଯେ । ୧୨

୭—ତାହାଙ୍କର ଚନ୍ଦ୍ର ସଦା ମିଥୁନରେ (ମିଳନରେ) ଥିବାରୁ ମିଥୁନ ଲଗ୍ନ ଉଦିତ ହୋଇଛି । ଅର୍ଥାତ୍ ବୁଧର ଗୃହ ନ ହେଲେ ଲଗ୍ନହେଲେ ଏକଗ୍ରହସ୍ଥାନେ ଉପଯୁକ୍ତ ହେଲେହିଁ ସୁଫଳ ପ୍ରଦାନ କରନ୍ତି । ଯନ୍ତୁ ସିଂହ ଷଷ୍ଠସ୍ଥରେ ଉଦିତ ବୁଧଲଗ୍ନ ପ୍ରତି ତୃତୀୟ ସିଂହରେ ରାହୁ ରହୁଅଛି । ସିଂହରେ ରାହୁ ତୁଙ୍ଗୀ, ସେ ସ୍ଥାନ ଲଗ୍ନର ତୃତୀୟ ହେବାରୁ ଧୈର୍ଯ୍ୟ, ବିକ୍ରମ, ଭୃତ୍ୟ, ଭ୍ରାତା, ବିଦ୍ୟା ପ୍ରଭୃତି ନାନା ବିଷୟରେ ଉତ୍କୃଷ୍ଟ ଫଳଦାୟକ ଅଟେ ।

୮—ଶନୀର (ଶନି) ବୁଧ ଲଗ୍ନ ପ୍ରତି ଉଚ୍ଚମାତୃପ ଓ ନବମାଧିପ ହେବାରୁ ସେହି ଲଗ୍ନର ପଞ୍ଚମସ୍ଥଳରେ ଉଚ୍ଚହୋଇ ରହିଲେ ଅରି (ଶତ୍ରୁମାନଙ୍କର) ପଞ୍ଚତ୍ୱ (ବିନାଶ) କରେ । ଗୁରୁ (ବୃହସ୍ପତି) ଲଗ୍ନ ପ୍ରତି ସପ୍ତମ କେନ୍ଦ୍ର-ଧନୁରେ ଥିବାରୁ ଗୁରୁ (ମହତ୍) ଗୁଣଖ୍ୟାତ କରିବ ।

୯।୧୦—ବୁଧ ଓ ସବିତା (ରବି) ଦୁହେଁ ଲଗ୍ନର ଅଷ୍ଟମ ମକରରେ ମିତ୍ର ଭାବରେ ଏକତ୍ର ଥିବାରୁ ତୁମ୍ଭଙ୍କୁ ବୁଧସାର (ପଣ୍ଡିତ ଶ୍ରେଷ୍ଠ) କରାଇଛନ୍ତି । ମଙ୍ଗଳ ଓ ଶୁକ୍ର ଏକତ୍ରରେ ଲଗ୍ନର ଦଶମ ମୀନରେ ଅଧିମିତ୍ର ହୋଇ ରହିବାରୁ ମଙ୍ଗଳଚ୍ଛେଦ ହୋଇଛନ୍ତି ଏହାଙ୍କର ମୌନ ହୋଇ ରହିବ, ଗୁଣିବର ପୁରୋହିତ ଗୁଣି (ଶନିର) ସ୍ୱୀକୃତ କରିବ ।

୧୧—ବୃନ୍ଦାହରପଦ୍ମ ବହୁ ବ୍ରହ୍ମାଣ୍ଡରୂପ ଖଣ୍ଡ (ପାଦ) ରେ ଜୀବ (ବୃହସ୍ପତି) ସମାନ ତହିଁ (ସେହିବ୍ରହ୍ମାଣ୍ଡଠାରେ) କୃପଣମାନଙ୍କୁ ଧୀରେ ଉପଯୋଗ (ଏକତ୍ର) କରି ।

୧୨—ବାଳା ତବିଶାଖ (ମନ୍ତ୍ରନାମ—ଶ୍ୱଶୁ) ସନ୍ତୁଷ୍ଟ ହୋଇ ଚତୁଶାଖାଗାରରେ ଜନ୍ମଗ୍ରହଣ କରି । ପଞ୍ଚମୀ ତିଥିରେ ସେ ଜନ୍ମିଥିବାରୁ ପଦ୍ମଗତ (ବାମର) ଗବଦାମୀ ହେବ ।

ଅରଦ୍ରାଇ ସର୍ବଶତ୍ରୁ । ଅରଦ୍ରା ନକ୍ଷତ୍ର ଯୁତ ।
ମୀନ ଅନୁକୂଳେ ଗୃହୀ । ମୀନ ଲଗ୍ନେ ଉଦେ ହୋଇ ଯେ ॥ ୧୩
କାବ୍ୟକାରେ ଅଗୋଚର । କାବ୍ୟ ଲଗ୍ନରେ ସଞ୍ଚାର ।
ସୁରମୋହନୀ ଦ୍ୱିତୀୟେ । ସୁର ବୁଧ ମେଷୋଦୟେ ଯେ ॥ ୧୪
ଚତୁରୀ କୀରତ ସାଧୁ । ଚତୁର୍ଥେ ମିଥୁନେ ବଧୂ ।
କର୍କଶ ହୃଦକ ଗୁରୁ । କର୍କଟେ ପଞ୍ଚମେ ଗୁରୁ ଯେ ॥ ୧୫
ତମ-ଛବି ବାସ ସ୍ନେହୀ । ତମ ସିଂହ ଷଷ୍ଠେ ରହି ।
ତୁଳଯାକ କର ପଦ । ତୁଳରେ ଅଷ୍ଟମେ ମନ୍ଦ ॥ ୧୬
ଏକା ମଙ୍ଗଳ ପ୍ରଗ୍ରହେ । ଏକାଦଶେ ସେ ମକରେ ।
ଉତପନ ତୋଷ ବୁଝି । ଉତ୍ତମ ଜାତକ ସୁଝି ଯେ ॥ ୧୭

୧୩—ସେ ତିଥି ଅର୍ଦ୍ରା ନକ୍ଷତ୍ରରେ ଯୁକ୍ତ ହୋଇଥିବାରୁ ବାଳା ସମସ୍ତଙ୍କର ଶତ୍ରୁ ଅର୍ଦ୍ଦ କରିଦେଲା, ଅନୁକୂଳସମୟରେ ମୀନ [ମତ୍ସ୍ୟକୁ] ସମସ୍ତେ ଗୃହୀନ୍ତି ଅର୍ଥାତ୍ ଯାତ୍ରାକାଳରେ ମୀନ ଦେଖିଲେ ଶୁଭହୁଏ । ଏ ବାଳା ମୀନଲଗ୍ନରେ ଜନ୍ମହେଲା ।

୧୪—ସୁରମୋହନୀ [ଦେବତାମାନଙ୍କର ମଧ୍ୟ ମନୋହାରିଣୀ ସୁନ୍ଦରୀର] ଲଗ୍ନରେ କାବ୍ୟ [ଶୁକ୍ର] ଉଚ୍ଚହୋଇ ସଞ୍ଚାର କରିବାର ଫଳ କାବ୍ୟ କାରେ [କାବ୍ୟକର୍ତ୍ତାଙ୍କୁ] ମଧ୍ୟ ଅଗୋଚର ଅଟେ ଅର୍ଥାତ୍ ଶୁକ୍ର ଲଗ୍ନରେ ଉଚ୍ଚ-ହୋଇ ରହିଲେ ବିଶେଷ ଫଳଦାୟକ ଅଟନ୍ତି । ଦ୍ୱିତୀୟେ ମେଷୋଦୟେ [ଧନସ୍ଥାନମେଷରାଶିରେ] ସୁର [ସୂର୍ଯ୍ୟ] ଓ ବୁଧ ତୁଙ୍ଗେ ଥିବାରୁ ରବି ବୁଧା ଯୋଗ ହେଲା ।

୧୫—ମୀନଲଗ୍ନର ଚତୁର୍ଥ ମିଥୁନରେ ବଧୂ [ଚନ୍ଦ୍ର] କେନ୍ଦ୍ରବର୍ତ୍ତୀ ହୋଇ ରହିବାରୁ ଚତୁରୀ ସୁନ୍ଦରୀର ସାଧୁ [ଉତ୍ତମ] କୀର୍ତ୍ତି କରାଉଛି । ଗୁରୁ [ଲଗ୍ନ ଓ କର୍ମାଧିପତି ବୃହସ୍ପତି] ପଞ୍ଚମ କର୍କଟେ ଥିବାରୁ ସୁନ୍ଦରୀ ଗୁରୁ [ମନୋ-ହର] ଓ କର୍କଶ ହୃଦକ [ସ୍ତନ] ପାଇଅଛି ।

୧୬—ତମଛବି ବାସ ସ୍ନେହୀ [କୃଷ୍ଣବସ୍ତ୍ରପ୍ରେମୀ ସୁନ୍ଦରୀର] ଷଷ୍ଠସ୍ଥାନ ସିଂହରେ ତମ [ରାହୁ] ତୁଙ୍ଗୀ ହୋଇ ରହିବାରୁ ଯୋଗ କାରକ । ଅଷ୍ଟମସ୍ଥାନ ତୁଳରେ ମନ୍ଦ [ଶନି] ଉଚ୍ଚ ହୋଇ ରହିବାରୁ ତୁଳଯାକ [ଉପମା ମଲ୍ଲୁକୁ] ମନ୍ଦ କରୁଛି ।

୧୭—ଏକାଦଶ ମକରରେ ଏକା ମଙ୍ଗଳ ଉଚ୍ଚାଧିକ ରହିବାରୁ ଯୋଗ କାରକ, ଉତ୍ପନ୍ନ ଜାତକ ଏହାପର ଉତ୍ତମରୂପେ ସ୍ପଷ୍ଟ ବୋଲି ବୁଝି ସମସ୍ତେ ତୋଷକୁ ଲଭିଲେ ।

ସମ୍ପଦରେ ଲଗ୍ନଥିଲ । ସମସ୍ତେ ଗରୁବ ତଥି ।
ସୁମରି ଦୁର୍ଗା ରଭସେ । ସୁମନେ ଦୈବଜ୍ଞ ଜପନ୍ତି ସେ । ୧୮
ମାଧବୀ ପୀତବସନରେ । ମାଧବ ବହନ୍ତି ଶିରେ ।
ମାଧବୀ କରି ଉତ୍ଫୁଲ୍ଲ । ମାଧବମାସ ମଙ୍ଗଳ ଯେ । ୧୯
ନବବୟସୀ ତରୁଣ । ନବମୀରେ ଚନ୍ଦଣ ।
ଦଶଦଶା ନାହିଁ ଲେଶ । ଦଶମୀ ତିଥିରେ ଯୋଗ ଯେ । ୨୦
ଧବପତ୍ନୀ ବୋଲିବବେ । ଧବଳପକ୍ଷ ଏ ଭାବେ ।
ହସ୍ତାନକ୍ଷେ ହେବେ ବାନ୍ଧ । ହସ୍ତାନକ୍ଷତ୍ର ପ୍ରସିଦ୍ଧ ଯେ । ୨୧
ତୁଳ ଲଗ୍ନରେ ବିହୁଳ । ତୁଳ ହେବ ଅଖଣ୍ଡିତ ।
ସର୍ବଗ୍ରହ ପ୍ରବେଶ ହେବ । ସର୍ବଗ୍ରହେ ସୁଜନ୍ମବ ଯେ । ୨୨
ମଣ୍ଡଳେଶ୍ୱର କହିଲେ । ମଣ୍ଡପ ରଚ ନୃପ ଭାଳେ ।
ପାଟଳପୁର ନଗରେ । ପାଟରେ ଦେଇଲେ ସନ୍ଦେଶେ । ୨୩
କଣ୍ଠ-ବର ଅଗ୍ରେହନ୍ତ । କର ପୁରୋହିତ ଭୁଜ ।
ସୁମନେ ମିଳେ ସତ୍ୱରେ । ସୁମନନାମା ନଗରେ । ୨୪

୧୮—ତଥି (ସେଠାରେ) ସମସ୍ତେ ସମ୍ପଦର (ଅନନ୍ତ ସମ୍ପତ୍ତି) ଲଗ୍ନଥିଲେ ଗରୁବଥିବାରୁ ଦୈବଜ୍ଞ (ଜ୍ୟୋତିଷ) ସୁମନେ (ଉତ୍ତମ ମନରେ) ଦୁର୍ଗା ସ୍ମରଣ କରି ରଭସେ (ଶୀଘ୍ର) ଜପନ୍ତି ।

୧୯—ମାଧବ (ଶ୍ରୀକୃଷ୍ଣ) ପୀତବସନରେ ମାଧବୀ (ତୁଳସୀକୁ) ଯେଉଁ ମାସରେ ଶିରେ ବହନ୍ତି, ଯେଉଁମାସ ମାଧବୀ (ବାସନ୍ତୀଫୁଲ) ମାନଙ୍କୁ ଉତ୍ଫୁଲ୍ଲକରେ ସେହି ମାଧବମାସ (ବୈଶାଖରେ) ବିବାହ ମଙ୍ଗଳ ହେବ ।

୨୦—ଦଶମୀ ତିଥିରେ ଯୋଗ (ଯୁକ୍ତ) ହୋଇଥିବା ନବମୀରେ ତରୁଣ (ଯୁବକ) ଓ ନବବୟସୀ (ତରୁଣୀ) ର ଚନ୍ଦଣ (ମଙ୍ଗଳକୃତ୍ୟ) ହେଲେ ଦଶ ଦଶ (ବିରହାଦିଦଶ ଅବସ୍ଥା) ଲେଶହୁଁ ନାହିଁ ।

୨୧—ଧବ (ସ୍ୱାମୀ) ପତ୍ନୀ (ସ୍ତ୍ରୀ) ବୋଲିବବେ ବୋଲି ଧବଳ ପକ୍ଷ (ଶୁକ୍ଳ-ପକ୍ଷ) ହେବ । ହସ୍ତାନକ୍ଷତ୍ରରେ ଅନନ୍ତେ ହସ୍ତ ବାନ୍ଧିହେବ ଅର୍ଥାତ୍ ହାତଗଣ୍ଠି ପଡ଼ିବ ଏହା ନିଶ୍ଚିତ ଅଛି ।

୨୨—ତୁଳ ଲଗ୍ନରେ ବିହୁଳ ତୁଳ (ତୁଳନା) ଅଖଣ୍ଡିତ (ପୂର୍ଣ୍ଣହେବ) । ସର୍ବଗ୍ରହ (ଗ୍ରହ) ପ୍ରବେଶରେ ସର୍ବଗ୍ରହେ ମୂଳସ୍ତୁତ ମାନ ହେବ ।

୨୩—ମଣ୍ଡଳେଶ୍ୱର (ରତ୍ନାକରେଶ୍ୱର) କହିଲେ—ସେ ସମସ୍ତଙ୍କୁ ମଣ୍ଡପ ନିର୍ମାଣ କରାଅ, ଏବଂ ପାଟରେ (ରାଜମଠେ) ପାଟଳ ପୁର ନଗରର (ପାତ୍ରିସାଗରଙ୍କୁ) ସନ୍ଦେଶ କହିଲେ ।

୨୪—ପୁରୋହିତଙ୍କ କର ଭୁଜ (ହସ୍ତଦ୍ୱୟକୁ) ଅବଗାହନ କରି ଉତ୍ତମ ମନରେ ସୁମନାନଗରେ (ପାଟଳପୁରରେ) ସତ୍ୱରେ ମିଳିଲେ ।

ସନ୍ଦେଶ ନୃପରେ କହି । ସନ୍ଦେହ ଛେଦିଲା ତହିଁ ।
ପରମ୍ପରା ବନ୍ଧୁ ହେଜ । ପରମସନ୍ତୋଷେ ମଜ୍ଜି ଯେ ॥ ୨୫
ମାଗଧ ସୈନ୍ୟ ସଜାଇ । ମାଙ୍ଗଲ୍ୟକୁ ଉପୁଜାଇ ।
ଦୁର୍ଗମ ପଥେ ଗମିତ । ଦୁର୍ଗରେ ମାର୍ଗେ ଯେ ସ୍ଥିତ ॥ ୨୬
ବରଜାତ ରାଜାକୁଳେ । ବରଜାତ ହୋଇ ମିଳେ ।
ସିନ୍ଧୁରେ ମଗ୍ନ ବିଧାନେ । ସିନ୍ଧୁ ଅବ୍ଧ ନଦୀମାନେ ଯେ ॥ ୨୭
ସନ୍ଦେଶେ ଉମାନଗରର । ସ୍ୱଦେଶୁ ହେଲେ ବାହାର ।
ସରଣୀରେ ବେନି ରାଠ । ଶ୍ରଦ୍ଧାରେ ହେଲେ ଭେଟ ॥ ୨୮
ଭାରତବର୍ଷରେ ପ୍ରଣି । ଭାରତ ହେବ କି ଗୁଣି ।
ରମ୍ୟକର ସ୍ଥଳୀ ଭାବ । ରମ୍ୟକରେ କାହିଁ ଠାବ । ୨୯
ହିରଣ୍ମୟ ଛଟେ ଶୋଭ । ହିରଣ୍ମୟ ହେବ ଛାଇ ।
କେତୁମାଳମାନ ଯେତେ । କେତୁମାଳ ପୂର୍ଣ୍ଣ କେତେ ॥ ୩୦
ଇଳାବୃତ ଭଳି ସୈନ୍ୟ । ଇଳାବୃତ କେତେ ଘେନ ।
ଉତ୍ତର କୁରୁରେ ନର । ଉତ୍ତର କୁରୁ କାତର ॥ ୩୧

୨୫—ତହିଁ ନୃପଙ୍କ ସନ୍ଦେଶ କହି ସନ୍ଦେହକୁ ଛେଦନ କଲା । ରାଜା ପରମ୍ପରା ବନ୍ଧୁଙ୍କୁ ହେଜ ପରମ ସନ୍ତୋଷରେ ମଜ୍ଜିଲେ ।

୨୬—ମାଗଧ [ମଗଧାଧିପ ଦୀପ୍ତିସାଗର] ସୈନ୍ୟସଜାଇ ମାର୍ଗରେ ସ୍ଥିତ [ବାଟରେ ଥିବା] ଅନ୍ୟ ରାଜାମାନଙ୍କର ଦୁର୍ଗରେ ମାଙ୍ଗଲ୍ୟକୁ ଉପୁଜାଇ ଦୁର୍ଗମପଥରେ ଗମନ କଲେ ।

୨୭—ବରଜାତ[ଶ୍ରେଷ୍ଠଜାତୀୟ] ରାଜାମାନେ ବରଜାତ ହୋଇ ସିନ୍ଧୁଅବ୍ଧ ନଦୀମାନେ ସିନ୍ଧୁରେ [ସମୁଦ୍ରରେ] ମଗ୍ନହେଲା ବିଧାନରେ ସେଠାରେ ମିଳିଲେ ।

୨୮—ଉମାନଗରର ଈଶ୍ୱର ସନ୍ଦେଶ ପାଇ ସ୍ୱଦେଶରୁ ବାହାରହେଲେ ଏବଂ ବେନି ରାଠ [ଦୁଇରାଜା] ସରଣୀରେ [ବାଟରେ] ଶ୍ରଦ୍ଧାରେ ଭେଟହେଲେ ।

୨୯—ଭାବ [ଭାବନା କର] ଭାରତବର୍ଷରେ ପ୍ରଣି ଭାରତ [ମହାଭାରତ ଯୁଦ୍ଧ] ହେବ କି ? ରମ୍ୟକରେ [ରମ୍ୟକବର୍ଷରେ] ଏତେ ସୈନ୍ୟଠାବ କରିବା ପାଇଁ ରମ୍ୟକର ସ୍ଥଳୀ [ମନୋହର ସ୍ଥାନ] କାହିଁ ?

୩୦—ଦୁଇ ରାଜାଏ ଏତେ ହିରଣ୍ମୟ ବର୍ଷ ଛଟେ [ସ୍ୱର୍ଣ୍ଣଛଟରେ] ଶୋଭିତ ହୋଇଛନ୍ତି ଯେ ତହିଁରେ ହିରଣ୍ମୟ ବର୍ଷ ଛାଇ [ଆଚ୍ଛାଦିତ] ହୋଇଯିବ । ଯେତେ କେତୁମାଳମାନ [ପତାକାମାନ] ଅଛନ୍ତି ତହିଁରେ କେତୁମାଳ ବର୍ଷ ପୂର୍ଣ୍ଣହେବା କେତେମାନ ।

୩୧—ଇଳା [ପୃଥିବୀକୁ] ଆବୃତ କରିବା ଭଳି ସୈନ୍ୟ ଥିବାରୁ ଇଳାବୃତ ବର୍ଷକୁ ପୂର୍ଣ୍ଣ କରିବା କେତେ ମାନ । ସୈନ୍ୟମାନଙ୍କର ଉତ୍ତର ପ୍ରତ୍ୟୁତ୍ତର ଗୋଳରେ ଉତ୍ତରରେ ଥିବା କୁରୁ ବର୍ଷର ଲୋକମାନେ କାତର ହେଲେ ।

ଭଦ୍ରାଶ୍ୱ ଖୁରକ ସ୍ଥାନ । ଭଦ୍ରାଶ୍ୱେ ନୋହିବ ପୁନ ।
ହରିବପ୍ର ଦାନୋଦକ । ହରିବର୍ଷ ପ୍ଲବମୃଗ । ୩୨
କିଂପୁରୁଷ ଧନୀ ଅଛନ୍ତି । କିଂପୁରୁଷ କିଣି ମନ୍ତ୍ର ।
ଦ୍ୱୀପ ସପ୍ତ ବାଦ୍ୟ ପୂରି । ଦ୍ୱୀପ ଅଷ୍ଟ ଚମତ୍କାରୀ ଯେ । ୩୩
ଦୁର୍ବଳ ହୋଇ କରି । ପ୍ରବେଶ ଚମ୍ପାପୁରୀ ।
ବାସରେ ନୃପତି ବନ୍ଧୁ । ବାସ ଉପହାର ପାଇ ଯେ । ୩୪
ସମ୍ଭାର ବାର୍ତ୍ତା ପୁଚ୍ଛିଲେ । ସମ୍ଭାବ୍ୟ ନୋହେ ବୋଇଲେ ।
ଧୀସଚିବ-ସୁତ ତହିଁ । ଧୀଷଣା ବର୍ଣ୍ଣିବା ପାଇଁ । ୩୫
ରସାର ସାର ଏ ଦେଶ । ରସାଳ ଅଧ ଗୋରସ ।
ପାଟରେ ଏତେ ପ୍ରବେଶ । ପାଟ ପିନ୍ଧି ନହେବ ଶେଷ । ୩୬
ଘନସାର ମୃଗନାଭି । ଘନସାର ସଞ୍ଚରିବ ।
ଯାନ କୋଟେ ଅଛନ୍ତି । ଜାହ୍ନବୀ ହୋଇବ ପୋତ । ୩୭

୩୨—ଭଦ୍ରାଶ୍ୱ (ଉତ୍ତମଘୋଡ଼ାଙ୍କର) ଖୁରକ (ଖୁରରୁ) ଭଦ୍ରାଶ୍ୱ ବର୍ଷରେ ସ୍ଥାନ ହେବ ନାହିଁ । ପୁଣି ହରିବପ୍ର (ହସ୍ତୀମାନଙ୍କର) ଦାନୋଦକ (ମଦଜଳ) ହରି ବର୍ଷର ପ୍ଲବମୃଗ (ପ୍ଲବଙ୍ଗବାଗ୍) ହେବ ଅର୍ଥାତ୍ ଭାସିଯିବ ।

୩୩—ସେଠାରେ କିଂପୁରୁଷ (ଯକ୍ଷକର) ଧନୀମାନେ ଅଛନ୍ତି, ସେମାନେ କିଂପୁରୁଷ ବର୍ଷକୁ କିଣିବାକୁ ମନ୍ତ୍ର (ମନେ) କରୁଛନ୍ତି । ବାଦ୍ୟରେ ସପ୍ତଦ୍ୱୀପ ପୂରି ଯାଉଛି ଏବଂ ସେହିବାଦ୍ୟ ଅଷ୍ଟଦ୍ୱୀପ (ଅଷ୍ଟଦିଗ୍‌ଗଜଙ୍କର) ଚମତ୍କାରୀ ଅଟେ ।

୩୪—ନୃପତି ଦୁର୍ବଳ ହୋଇ କରି ଚମ୍ପାପୁରୀରେ ପ୍ରବେଶିଲେ ଏବଂ ବାସରେ (ଗୃହରେ) ବନ୍ଧୁ ବାସ (ବସନ) ମାନ ଉପହାର ପାଇଲେ ।

୩୫—ପାଟଳୀପୁରରାଜା ଚମ୍ପାପୁର ରାଜାଙ୍କର ସମ୍ଭାର ବାର୍ତ୍ତା ପଚାରିବାରୁ ଧୀସଚିବସୁତ (ମନ୍ତ୍ରୀପୁତ୍ର) କହିଲା—ତାହା ଧୀଷଣା (ବୁଦ୍ଧିଦ୍ୱାରା) ବର୍ଣ୍ଣିବାପାଇଁ ସମ୍ଭାବ୍ୟ (ସମ୍ଭାବନାଯୋଗ୍ୟ) ନୁହେ ।

୩୬—ଏ ଦେଶ ରସାର (ପୃଥିବୀ ମଧ୍ୟରେ) ସାର ଅଟେ । ରସାଳ ଅଧ (ଦଧି) ଗୋରସ (ଦୁଗ୍ଧ) ଏତେ ପ୍ରବେଶ ହୋଇଛି ଯେ ପାଟରେ (ମୋ ବକ୍ତ୍ରରେ) ପାଟପିନ୍ଧି ଶେଷ ହେବ ।

୩୭—ଘନସାର (କର୍ପୂର) ମୃଗନାଭି (କସ୍ତୁରୀ) ସୌରଭ ଘନସାର (ସୁବାସ ଚନ୍ଦନ) ମାନ ଯାନ କୋଟିରେ ଏତେ ଅଛନ୍ତି ଯେ ତଦ୍ଦ୍ୱାରା ଜାହ୍ନବୀ (ଗଙ୍ଗା) ପୋତ ହୋଇଯିବ ।

ଗନ୍ଧ ଅତର ପନୀର । ଗନ୍ଧମାଦନ ଜର୍ଜର ।
ସତ ହେବ ଢାଳିବାରେ । ସନ୍ତତ ବହନ୍ତି ଭରେ ଯେ ॥ ୩୮
ଦୀପକ ଚନ୍ଦନଦାରୁ । ଦୀପତରୁ ହୋଇ ଚାରୁ ।
ପରତେ ମଳୟଗିରି । ପରସ୍ରବଣ ଚାରୁତ୍ୱ ଯେ ॥ ୩୯
ଘଟ ଆଦି ପାତ୍ରମାନ । ଘଟଣା ଅନବଚ୍ଛିନ୍ନ ।
କରେ ଜମ୍ବୁଜମ୍ବାଳରେ । କରେ ତୋଷ କୁମ୍ଭକାରେ ॥ ୪୦
ସିନ୍ଧୁ ରତ୍ନାକର ବ୍ୟର୍ଥ । ସିନ୍ଧୁକେ ଏହାର ସାର୍ଥ ।
ରତ୍ନ ନିର୍ମିଣେ କଂସାରି । ରତନରେ କଂସା ଢ଼ାଳି ଯେ ॥ ୪୧
ସୁନାରି ଭୂଷାନିର୍ମାଣି । ସୁନାରି କମାର ଜାଣି ।
ପ୍ରବାଳବଣେ ନିର୍ମିଣ । ପ୍ରବାଳ ତୋରଣ ଗଣ ଯେ ॥ ୪୨

୩୮—ଗନ୍ଧ ଅତର ଓ ପନୀର (ସୁବାସ ଜଳ) ଭାରରେ ସନ୍ତତ (ସର୍ବଦା) ବହନ୍ତି । ତାହା ଢାଳିବାରେ ଗନ୍ଧମାଦନ ପର୍ବତ ଜର୍ଜର ହେବ ଏହା ସତ ଅଟେ ।

୩୯—ଦୀପକ (ପ୍ରକାଶିତ) ଚାରୁ (ମନୋହର) ଚନ୍ଦନ ଦାରୁ ଦୀପତରୁ [ଦୀପଗଛ) ହୋଇ ପ୍ରସ୍ରବଣ (ଝରଣା) ଚାରୁତ୍ୱରୁ ମଳୟ ଗିରିପରି ପ୍ରତେ ହେଉଛି ଅର୍ଥାତ୍ ମଳୟ ଗିରିରେ ଝରଣା ଥାଏ ଏଠାରେ ତେଲ ଧାର ଅଛି ।

୪୦—ଘଟ ପ୍ରଭୃତି ପାତ୍ରମାନ ଅନବଚ୍ଛିନ୍ନ (ସର୍ବଦା) ଜମ୍ବୁ ଜମ୍ବାଳରେ (ସୁବର୍ଣ୍ଣ ପଙ୍କରେ) କରେ (ହସ୍ତଦ୍ୱାରା) ଘଟଣା (ଗଢ଼ା) ହୋଇ କୁମ୍ଭକାର ମାନଙ୍କୁ ତୋଷ କରୁଛି ।

୪୧—ସିନ୍ଧୁ (ସମୁଦ୍ରର) ରତ୍ନାକର ନାମ ବ୍ୟର୍ଥ (ବିଫଳ) ଏହାର (ରତ୍ନାକର ଏହି ନାମର) ସିନ୍ଧୁକରେ ରତ୍ନ ପୂର୍ଣ୍ଣଥିବାରୁ ସାର୍ଥ (ସାଫଲ୍ୟ) ହୋଇଛି । କଂସାରି (ଥଟାରି) ମାନେ କଂସାଙ୍କର ସବୁ ରତ୍ନରେ ନିର୍ମାଣ କରିବା ଉପାୟରେ ତୋଷ ହୋଇଛନ୍ତି ।

୪୨—ସୁନାରି (ଉତ୍ତମ ସ୍ତ୍ରୀ ମାନଙ୍କର) ଭୂଷା (ଅଳଙ୍କାରମାନ) ନିର୍ମାଣ କରୁଥିବା ସୁନାରି ବଣିଆମାନେ ବଡ଼ ବଡ଼ ସୁବର୍ଣ୍ଣଖଣ୍ଡ ବ୍ୟବହାର କରୁଥିବାରୁ କମାର ପରି ଜଣା ଯାଉଛନ୍ତି । ଯେଉଁ ତୋରଣ ଗଣ (ବନ୍ଦନଦ୍ୱାର) ସବୁ ପ୍ରବାଳ ବଣେ (ନବ ପଲ୍ଲବରେ) ନିର୍ମାଣ କରି ହୁଏ ତାହା ଏଠାରେ ପ୍ରବାଳ (ପୋହଳାରେ) ନିର୍ମିତ ।

କରନ୍ତି ସ୍ନାନମଣ୍ଡପ । କରିବର ଶ୍ୱେତଦ୍ୱୀପ ।
ଭାଗୀରଥୀ ଅଣୁ ଦନ୍ତେ । ଗୁଞ୍ଜିବ ମେରୁ ପର୍ବତେ ଯେ । ୪୩
ଘଟଣ ଦନ୍ତେ ଅନ୍ତର । ଘଟକର୍ଣ୍ଣ ତୂରକର ।
ଅଣି ଦେଖାଇବା ପାଇଁ । ଅଣି ତାହା ସଜାଡ଼ଇ ଯେ । ୪୪
ଶ୍ରେଣୀ ବାଡ଼ ସ୍ତମ୍ଭ ସେହୁ । ଶ୍ରେଣୀରୂପେ ଜବା ଗୋହ୍ନ ।
ଅନ ଜମ୍ବୁ ଶାଖା ନୋହୁ । ଅନରେ ଜନ୍ତ ଯୋଡ଼ାନ୍ତି ଯେ । ୪୫
ଛଇମଣ୍ଡିତ ରଙ୍ଗେ । ଛଇ ନୀଳ ପୀତ ରଙ୍ଗେ ।
ବାସକର ନାହିଁ ଆନ । ବାସଟି ଏହୁ ସ୍ଥାନ ଯେ । ୪୬
ମୁକ୍ତାର ଜଞ୍ଜିର । ମୁକୁଳ ପୁଷ୍ପ ପ୍ରସ୍ତର ।
ନୀଳମଣିରେ ନିର୍ମିତ । ନୀଳ ସ୍ଫଟିକ ଲମ୍ବିତ ଯେ । ୪୭
ପଦ୍ମରାଗରେ ଖଚିଛି । ପଦ୍ମ ତହିଁ ରଜ ରଜ ।
କୁସୁମ ହେମ ବସନ୍ତି । କୁସୁମ୍ଭ ଭର ପୃଣି ଯେ । ୪୮

୪୩,୪୪-କରିବର (ହସ୍ତୀ ଶ୍ରେଷ୍ଠ) ଶ୍ୱେତଦ୍ୱୀପ (ଐରାବତ ହସ୍ତୀ) ଭାଗୀରଥୀ (ଗଙ୍ଗାକୁ) ଅଣିବା ବେଳେ ଦନ୍ତେ (ଗୋଟିଏ ଦାନ୍ତ) ମେରୁ ପର୍ବତରେ ବାଜି ଭାଙ୍ଗି ଥିଲା, ଘଟଣ (ସୁନ୍ଦର) ଅନ୍ତର ଗୋଟିଏ ଦନ୍ତ ଘଟକର୍ଣ୍ଣ (କୁମ୍ଭକର୍ଣ୍ଣ) ତୂର କରିଥିଲା (ଉପାଡ଼ି ଦେଇଥିଲା) ତାହା (ସେହି ଦୁଇ ଦନ୍ତରୁ) ଅଣି ଅଣି (ଆଣି) ଦେଖାଇବାକୁ ସଜାଡ଼ି ସ୍ନାନମଣ୍ଡପ ନିର୍ମାଣ କରନ୍ତି ।

୪୫—ସେହି ହସ୍ତୀ ଦନ୍ତର ଶ୍ରେଣୀ (ମଣ୍ଡପର ଶ୍ରେଣୀ) ଓ ବାଡ଼ ସ୍ତମ୍ଭମାନ ଶ୍ରେଣୀ ରୂପେ (ଧାଡ଼ି ଧାଡ଼ି) ହୋଇ ଜବା ଗୋହ୍ନ (ଜ ସୁନ୍ଦର ଶୋଭା ପାଉଛି), ଅନ ଜମ୍ବୁ ଶାଖା ନୋହେ ଯହିଁରୁ ଜମ୍ବୁ ନଦୀରେ ସୁବର୍ଣ୍ଣ ହେଉଛି ସେହି ଜାମ୍ବୁ ଶାଖାରେ ତାକୁ ଯୋଡ଼ାଇଛନ୍ତି ।

୪୬—କେବଳ ନୀଳ ପୀତ (ହଳଦିଆ) ରଙ୍ଗର ଛବିରେ ରଙ୍ଗେ (ସୁନ୍ଦର ରୂପେ) ଛଇ ମଣ୍ଡିତ (ଶୋଭିତ) ହୋଇଛି । ଅନ ବାସ (ବସ୍ତୁରେ) ଲାଗିନାହିଁ ଏହି ସ୍ଥାନରେ ବାସ ଗୃହ ନିର୍ମିତ ହୋଇଛି ।

୪୭—ମୁକୁଳ ପୁଷ୍ପ ପ୍ରସ୍ତର (ବଡ଼ ଫୁଟିବା ପର) ମୁକ୍ତାର ଝାଲର (ଝରିଫୁଲ) ଏବଂ ନୀଳମଣିରେ ନିର୍ମିତ ନୀଳୋତ୍ପଳ (ନୀଳପଦ୍ମ) ତହିଁରେ ଲମ୍ବିତ ହୋଇଛି ।

୪୮—ପଦ୍ମରାଗ ମଣି ନିର୍ମିତ ପଦ୍ମସବୁ ତହିଁରେ ରଜ ରଜ ହୋଇ ଉଜ୍ଜ୍ୱଳ ହୋଇଛି । ବସାଣି ଭୂତ (ବସାଣି ଦଥ) ହେମ (ସୁବର୍ଣ୍ଣର , କୁସୁମ୍ଭ (ଦାମକେଶ୍ୱା) ପୁଷ୍ପ କରନ୍ତି ।

ତାର ଉଜ୍ଜଳ ବିତାନ । ତାରଗ୍ରହର ଚଳନ ।
ବିଧିରେ କରନ୍ତି ଜାଣି । ବିଧି କି ସେହି ବଖାଣି ଯେ ॥ ୪୯
କଳଧଉତ ପିତୁଳା । କଳବଶେ ଭ୍ରମେ ମେଳା ।
ବାଜନ୍ତି ତାଳନ୍ତି କର । ଲାଞ୍ଛଣି ପୁଚ୍ଛ ଚାମର ଯେ ॥ ୫୦
ବରଣ ତହିଁ କି ଫଳା । ବର ରତ୍ନମାନ ଝଳା ।
ରାମ ବନ୍ଧ ଅଭିଷେକ । ରାମ ମୋହେ ସର୍ବ ଦୃକ ଯେ ॥ ୫୧
ବର୍ଣ୍ଣିତ ବେଦିଣୀ ରମ୍ୟ । ବର୍ଣ୍ଣନକରେ ଅଗମ୍ୟ ।
ସାରିକା ଶୁକ ଗାୟଣି । ସାର ପ୍ରେମ ଗୀତ ଶୁଣି ଯେ ॥ ୫୨
ବଜ୍ରଧର ପୁରେ କାହିଁ । ବଜ୍ର ମଣ୍ଡପ ଯେ ବହି ।
ଚନ୍ଦ୍ରଲେପପୁର ଦଶି । ଚନ୍ଦ୍ର କି ପଡ଼ନ୍ତି ଖସି ଯେ ॥ ୫୩
ତାର ବସ୍ତ୍ର ଏକଲବେ । ତାର ସପ୍ତବିଂଶ ଭାବେ ।
ମଣିକ ତପକ ଖଞ୍ଜି । ମଣି ନାନାବର୍ଣ୍ଣେ ରଞ୍ଜି ଯେ ॥ ୫୪

୪୯—ସେହି ବଖାଣି (କାବଚର) ବିଧି (ବିଧାତା) କି ? ବିଧାତା ଆକାଶରେ ତାର (ନକ୍ଷତ୍ର) ଏବଂ ଗ୍ରହର ଚଳନ କରିଥିବା ବିଧିରେ ବିତାନ (ଚାନ୍ଦୁଆକୁ) ତାର ଉଜ୍ଜଳ (ମୁକ୍ତାଦ୍ୱାରା ଦୀପ୍ତିମନ୍ତ) ଜାଣି କରନ୍ତି ।

୫୦—କଳ ଧୌତ (ସୁବର୍ଣ୍ଣ) ପତୁଳା କଳବଳରେ ଭ୍ରମିରେ ମେଳା (ଗୋଷ୍ଠୀ) ହୋଇଛନ୍ତି, ସେମାନେ ମୟୂର ପୁଚ୍ଛ ଲାଞ୍ଛଣି ଏବଂ ଚାମରକୁ କରେଧର ବାଜୁଛନ୍ତି ଏବଂ ତାଳୁଛନ୍ତି ।

୫୧—ବର (ଉତ୍କୃଷ୍ଟ) ରତ୍ନମାନଙ୍କରେ ଝଳ (ଦୀପ୍ତିମନ୍ତ) ହୋଇ ତହିଁ ଥିବା ବରଣ (ପ୍ରାଚୀର ମାନ) କି ଫଳକ ଧରନ୍ତି, କେଉଁଠାରେ ରାମ ବନ୍ଧୁ, କେଉଁଠାରେ ରାମଙ୍କର ଅଭିଷେକ ଲେଖାହୋଇ ସମସ୍ତଙ୍କର ଦୃକ (ଚକ୍ଷୁକୁ) ରାମ (ସେଣୀପ୍ରଭାରେ) ମୋହିତ କରୁଛି ।

୫୨—ସେ ସବୁ ଯେପରି ବର୍ଣ୍ଣିତ (ବନିତ) ବେଦିକାରେ (ଚୂଳିରେ) ରମ୍ୟ (ମନୋହର) ହୋଇଛି ତାହା ବର୍ଣ୍ଣକରେ (କବିମାନଙ୍କ ଦ୍ୱାରା) ବର୍ଣ୍ଣନାକରିବାକୁ ଅଗମ୍ୟ । ତହିଁ ଥିବା ସାରିକା ଓ ଶୁକର ଗାୟଣି (ଗାନ) ଭବଗୀତ ଶୁଣିଲେ ପ୍ରେମ ସାରହେଉଛି ।

୫୩—କେଉଁ ବଜ୍ରମଣ୍ଡପ (ହୀରକଖଚିତ ମଣ୍ଡପକୁ) ବହନ୍ତି, ସେପରି ମଣ୍ଡପ ବଜ୍ରଧର ପୁରେ (ଇନ୍ଦ୍ରପୁରେ) କାହିଁ ? ଚନ୍ଦ୍ରଲେପ (କର୍ପୂରଲେପିତ) ପୁର ଅଟାଳୀକୁ ଚନ୍ଦ୍ର ଖସି ପଡ଼ୁଛି କି ସେହିପରି ଦିଶୁଛି ।

୫୪—ସପ୍ତବିଂଶ ତାର (୨୭ ନକ୍ଷତ୍ର) ଭାବରେ ମଣିକ ତପକ (ବଳୟ) ଖଞ୍ଜିଛି । ମଣି (ହୀରା) ତାର ବସ୍ତ୍ର (ଦୀପ୍ତି) ଏକଲବେ (ଏକତ୍ରରେ) ନାନା ବର୍ଣ୍ଣରେ ରଞ୍ଜିତ ହୋଇଛି ।

ସର୍ବାଙ୍ଗୁଳ ସରୁରୂପ । ସର୍ବତ୍ର ପୂର୍ଣ୍ଣ ଶୋଭେ ।
ମୁଁ ଭଜ ବଦନ ବନ୍ଧୁ । ସୁଖ ଜଳରୁ ସେ ବନ୍ଧୁ ସେ । ୨୫
ସଂଭୋଗର ଭଙ୍ଗିମାର । ସଂଭୋଗାନ୍ତୁ ସୁମନୁର ।
ଜଳଗ ଅଙ୍କୁର ନାଶେ । ସଜବକ ମନ ତୋଷେ । ୨୬

ତ୍ରୟୋସ୍ତ୍ରିଂଶ ଛାନ୍ଦ

ରାଗ—ମଙ୍ଗଳ ଗୁର୍ଜ୍ଜରୀ

ପର ପୁରୁଷିନୀ ସୁଖ ଦେବ ଘନ ।
ଦେଖି ଦ୍ୱାର ପାଶେ ବୃନ୍ଦ ଚୋଲଶ ଏଜନ ସେ । ୧
ଅର୍ଜ୍ଜୁନ ଉଜ୍ଜ୍ୱଳ ସେ ପାଞ୍ଚ ପୁଷ୍କର ।
ସୁବର୍ଣ୍ଣ ଲୁଣ୍ଠକ ଅଙ୍କୁଶ ନବାନେ ସେ । ୨
ହସା ଯୋଗିନୀର ଦେହଗୋଡ ନାଗ ଥାଏ ।
ତାଳକା ଛାଁର ବଜ୍ରୁ କ୍ଷେତ୍ରରାଁ ଦାନ୍ତେ ସେ । ୩

୨୫—ଏକାନ୍ତ ସରୁ ରୂପ (ଅଦ୍ଭୁତରୂପ) ସର୍ବାଙ୍ଗୁଳ ଶୋଭ ଧନ୍ୟ (ସବୁରକମ) ପୂର୍ଣ୍ଣ ଶୋଭା ଦେଉଛନ୍ତି । ଯାହା ମୁଁ ଭଜ (ମୁଁ ଭଜ) ବନ୍ଧୁ ପାଦର ଶୋଭ ବନ୍ଧୁ । ସେ ସୁଖ ଜଳର (ଶୀତଳରୂପ) ବନ୍ଧୁର ।
୨୬—ସଂଭୋଗର ସୁଖପ୍ରଦର ଭଙ୍ଗୀ ସଂଭୋଗାନ୍ତୁ (ଶେଷରୁ) ସେ ସୁମନୁର ଅଙ୍କ ସେ ଜଳର ଛାଁ ଅଙ୍କୁରକୁ ନାଶ କରି ସଜବକ ଶୃଙ୍ଗାରରସର ମନକୁ ତୋଷେ ।

୧।୨—ଦ୍ୱାରର ଅର୍ଜ୍ଜୁନ ଉଜ୍ଜ୍ୱଳ ପାଞ୍ଚ (ସ୍ତମ୍ଭ) ସୁବର୍ଣ୍ଣ (ସୁବର୍ଣ୍ଣମୟ) ଶୋଭ ପୁଷ୍କରର ଉପରେ ସବୁକୁ ନବୀନତାରେ ଅଙ୍କୁଶ ଉଜ୍ଜ୍ୱଳ, ଯେଉଁଠାର ପୁଷ୍କର (ପଦ୍ମ ଫୁଲ) ଦେଖି (ଦର୍ଶନ କରି) ଅର୍ଜ୍ଜୁନ (ଶୁଭ୍ର) ଉଜ୍ଜ୍ୱଳ ସୁବର୍ଣ୍ଣ (ଶୀତଳ ଲୁଣ୍ଠିତ) ସୁନ୍ଦର ଶୋଭା ଅଙ୍କୁଶକୁ ନବୀନ ଯୌବନ ଅଙ୍କୁର କରେ ।
୩—ତାଳକା (ଦୁର୍ଗର) ଛାଁର ବଜ୍ରୁ କ୍ଷେତ୍ରରେ ହସା ନାଗ ଥାଏ ସେହି ଯୋଗିନୀ ଦେହର ଗୋଡକୁ ଦେଖାଇ ନାଗ ଦାନ୍ତ ଶୋଭେ ।

ପ୍ରାଚୀ କି ମୋହିନୀ ଇନ୍ଦୁ ସୁଧାପୂର୍ଣ୍ଣଥାଳୀ ।
ତମ କପଟେ ଗ୍ରାସୁଁ କି ଚକ୍ର କଲା ଭଲି ଯେ । ୪
ଘେନ ଯେବେ ସେ ଛେଦିତ ସେ ଯୋଗେ ନୋହିବ ।
ଖଣ୍ଡରୂପେ ଦିଗନ୍ତେ କାହିଁକି ପଡ଼ିବ ଯେ । ୫
ଏ କାଳେ ମନ୍ତ୍ରୀଏ ନୃପ ସନମତି ପାଇ ।
ନଗରଦ୍ୱାରକୁ ବେଗେ ସାଗର କରାଇ ଯେ । ୬
ଶଙ୍ଖ ମଧୁରା ଧ୍ୱନିରେ ହୋଇଛି ପ୍ରଧାନ ।
ଶବଧ ବାଦ୍ୟ ଶବଦ ସ୍ୱକାୟ ଗର୍ଜନ ଯେ । ୭
ତହିଁ ଲଗୁଡ଼ ପ୍ରହାର ଫେନକ୍ରୀଡ଼ା ଫୁଲ ।
ତମୋନୁଦ କୁଣ୍ଡ କି ବଡ଼ବାନଳ ଜଳ ଯେ । ୮
ନାଗିଣୀ ବହିବା ସ୍ୱର୍ଣ୍ଣ ଦ୍ୱାରକା ପରରେ ।
ବ୍ୟକ୍ତ ଲଳନୀ ପୀତାମ୍ବର ପରିସରେ ଯେ । ୯

୪—ପ୍ରାଚୀ (ପୂର୍ବଦିଗ) ମୋହିନୀ କନ୍ୟା, ଇନ୍ଦୁ (ଚନ୍ଦ୍ର) ସୁଧାପୂର୍ଣ୍ଣଥାଳିକି ? ତମ (ରାହୁ) କପଟରେ ଅମୃତ ଗ୍ରାସ କରିବାରୁ ମୋହିନୀ ରୂପଧାରୀ ବିଷ୍ଣୁ ଅମୃତ ଥାଳିକି ଚକ୍ରରେ ତାକୁ ଯେପରି ଛେଦନ କରିଥିଲେ ସେହି ତମ (ଅନ୍ଧକାର) କପଟରେ ସୁଧାକୁ ଗ୍ରାସ କରିବାରୁ ପୂର୍ବଦିଗ ଚନ୍ଦ୍ରକୁ ଚକ୍ରରେ ତାକୁ ଛେଦନ କଲା କି ? ଏମନ୍ତ ଜ୍ଞାତ ହେଉଥାଇଁ ।

୫—ଘେନ (ଶତ୍ରୁର କର) ଯେବେ ସେ (ଅନ୍ଧକାର) ସେ (ଚନ୍ଦ୍ର) ଯୋଗେ ଛେଦିତ ନୋହିବ ତେବେ ଚନ୍ଦ୍ର ଖଣ୍ଡିତ ହେଲାପରି ଅନ୍ଧକାର ଖଣ୍ଡରୂପେ (ଖଣ୍ଡ ଖଣ୍ଡ ହୋଇ) ଦିଗମାନଙ୍କ ପଛରେ କାହିଁକି ପଡ଼ିବ ?

୬—ଏ ସମୟରେ ମନ୍ତ୍ରୀମାନେ ରାଜାଙ୍କ ଆଜ୍ଞା ପାଇ ଶୀଘ୍ର ନଗର ଦ୍ୱାରକୁ ସାଗର (ସମୁଦ୍ର) କରାଇ ଦେଲେ ।

୭—ସେ ସାଗରେ ଶଙ୍ଖ ଏବଂ ମଧୁରା (ମନୋହର) ଧ୍ୱନିରେ (ନଦୀମାନଙ୍କର ମିଳନରେ) ପ୍ରଧାନ ହୋଇ ଥିବାପରି ନଗରଦ୍ୱାର ମଧୁରା (ମଥୁରା) ଏବଂ ଶଙ୍ଖ ଧ୍ୱନିରେ (ଦେବ) ପ୍ରଧାନ ହୋଇଛି । ଶବଧ ବାଦ୍ୟମାନଙ୍କର ଶବ୍ଦ ସମୁଦ୍ରର ସ୍ୱକାୟ ଗର୍ଜନ ପରି ଅଟେ ।

୮—ତହିଁ (ବାଦ୍ୟମାନଙ୍କରେ) ଲଗୁଡ଼ ପ୍ରହାର (ବାଡ଼ିଖେଳ) ସମୁଦ୍ରରେ ଫେନକ୍ରୀଡ଼ା (ଫେନମାନଙ୍କର ଖେଳ) ଏବଂ କୁଣ୍ଡ ହେବା ତମୋନୁଦ (ପ୍ରଜ୍ୱଳିତ ମଶାଲ ସବୁ) ସମୁଦ୍ରରେ ଜଳିବା ବଡ଼ବାନଳ କି ?

୯—ନାଗିଣୀ (କଣ୍ଡାକୁଣ୍ଡୀ) ବହିବା ସ୍ୱର୍ଣ୍ଣ (କୁମ୍ଭ) ଦ୍ୱାରକା ପରି ହୋଇଛି; ଦ୍ୱାରକା ଲଳନୀ (ରମଣୀ) ପୀତାମ୍ବର (ଶ୍ରୀକୃଷ୍ଣ) ଓ ପରିସର (ଚତୁର୍ଦ୍ଦିଗରେ) ବ୍ୟକ୍ତ (ଶୋଭିତ) ହୋଇଥାଏ, କୁମ୍ଭ ଲଳନୀ (ନର୍ତ୍ତକୀ)

ଶୋର୍ଣ୍ଣା ତୋହର ପ୍ରଭାତ ଭଳ କି ଯେ ।
କଳ୍ପତରୁ ଏ କଳ୍ପବୃକ୍ଷ ବୃକ୍ଷା ପାଶେ ଯେ । ୧୦
ବସନ୍ତ ବନିତା ବେଳ ଲଭାଗଲୁ ଥବ ।
ସ୍ମରଣ୍ଡ ଦାଣ୍ଡ ଶରେ ଫାଟିଲା ଅଧର ଯେ । ୧୧
ପ୍ରତୀଚୀରେ ରେଣୁ ମୋହନୁ ସନ୍ଧ୍ୟା ।
ପଙ୍କଜୁ ଭାଗ ଦେଖାଇବେ ଭାସ୍ୱେ ଖଞ୍ଜ ଯେ । ୧୨
ଚାନ୍ଦେମ୍ବ ସଂଶେ ଗଳ ପୂର୍ଣ୍ଣ ଦେଖାଇବେ ।
ଚନ୍ଦ୍ରୀ ମୋହନେ ଶେଷ ଶର୍ବ ସ୍ମରଣରେ ନଡ । ୧୩
ଲଭ ତନା ତତ୍ତ୍ୱ ତରଳ ଅସ୍ଥିର ।
ତରଙ୍ଗ ନାଗ ସାର୍ଥ ଦଳ ଅଧରର ନଡ । ୧୪

ପଞ୍ଚାମୃତ (ଦଶଇନ୍ଦ୍ରିୟ) ଓ ପଞ୍ଚବେଦ (ଦାନ୍ତରେ) ସ୍ୱାଦ (ଗେହ୍ଲତ) ହୋଇଛି ।

୧୦—ଯେ ଭଳ (ଶୁଭ) କି ? ଶୁଭ ତୋହର ଶୋର୍ଣ୍ଣା (ଶୁଭକର ଚକ୍ରା) ପ୍ରଭାତ (ପ୍ରଭାତିମ) ସେ ଦଶ ଓ, ଭୁବ ତୋହରେ ଶୋର୍ଣ୍ଣା (ଭୁର୍ଣ୍ଣା) ପ୍ରଭାତ (ଗାଠ) ଅଛି । ଯୁଁଗି ସେ ସ୍ଥାନ କଳ୍ପତରୁ (ଭୁଜବଲ୍ଲୀ) କି ? ଭୁଜବଲ୍ଲୀର ପାଶେ କଳ୍ପବୃକ୍ଷ ରହିଁ ଏବଂ ବୃକ୍ଷା ଅନୁଭବ ଅଛି, ତୋହର ଭୁଜ ଭୁଜ (ପଞ୍ଚଶୂନ୍ୟ) ବେ ବୃକ୍ଷା (ଦରବିନ୍ଦ) ପାଶରେ ଅଛି ।

୧୧—ବସନ୍ତରେ ଦାଣ୍ଡ ଶରେ (ଚନ୍ଦ୍ରମା ପ୍ରକାଶ) ଏବଂ ବର୍ଷାରେ ଫାଟିଲା (ନୂଆଫୁଲ) ସ୍ମରଣ୍ଡ ପ୍ରଭବ (ପୁଷ୍ପ) ତୋହର ଦାଣ୍ଡ ଶରେ (ନେତ୍ରାଶ୍ରୁପାତ) ଅଧର ଫାଟିଲା (ବୋଧୋଦୟରେ) ସ୍ମରଣ୍ଡ (ସନ୍ତାପ) ହୋଇଛନ୍ତି ।

୧୨—ଯେ ପଙ୍କଜରେ ପ୍ରତୀଚୀ ଓ ବେଶୀ ଭ୍ରମର, ଏବଂ ବେଳ (ଗୁଞ୍ଜନା ଭ୍ରମରୀ) ଅନେକ ତୋହର ପ୍ରତୀଚୀରେ ରେଣୁ (ପଞ୍ଚବର୍ଣ୍ଣ ସୁଗନ୍ଧ) ଅନ୍ତରେ ଥିବ (ଶୁଚି) ସଜଳ ପ୍ରଭୁଙ୍କୁ ଭାଗ ଦେଖାଇବ, ଏ ପଙ୍କଜ (ଶ୍ରୀବଦନକୁ) ଭାଗ ଦେଖାଇବ ଭାସ୍ୱେ ଥାଇ ।

୧୩—ଚନ୍ଦ୍ରୀ (ଅର୍ଜୁନ) ଚାନ୍ଦେମ୍ବ (ବାହୁ) ସଂଶେ (ଦେଖିବେ) ପରିପୂର୍ଣ୍ଣ ଦେଖାଇବ, ଅନେକ ଶେଷାଙ୍କ ଚନ୍ଦ୍ରମା ମୋହନ (ସୁବର୍ଣ୍ଣକଳସରେ) ଶେଷ (ଭଳ) ପୂର୍ଣ୍ଣ ଦେଖାଇବ ସର୍ବ ସ୍ମରଣରେ ଚନ୍ଦ୍ରୀ (ଅର୍ଜୁନ) ହେବେ ।

୧୪—ଅସ୍ଥିର ତରଳ ତାହାରେ ଅଧରର ତରଙ୍ଗ ନାଗକୁ ସାର୍ଥ ଦଳ ଅର୍ଥ ଭୁଜ ଯୁଗଳ ପୂର୍ଣ୍ଣ ଶିର ଉଭ ଦେଇ ତନାଇ ତତ୍ତ୍ୱ ଦେବ (ତତ୍ତ୍ୱଦ୍ୱାରେ ସ୍ମରଣ କରିବେ) ।

ଯେ ଯାହା ସ୍ଥାନକୁ ଯାଇ ଗୀତେ ବରଦାସୀ ।
ଚାହଁନ୍ତେ କେମାର ଶୋଭା ପ୍ରସନ୍ନେ ପ୍ରଶଂସି ଯେ । ୧୫

ଅଳକା ଲେଖା ମୋହନମନ୍ତ୍ର ଶ୍ରୁତିରମ୍ୟ ।
ଓଁ କାର ତ ବେଣୀପାଶେ ସେ ଲୋମ ବିଲୋମ ଯେ । ୧୬

ନମ ସୁରସାଳସୀ ଶୀଳସାର ସୁମନ ।
କଅନ୍ତି କବି ଏମନ୍ତ ନ ପାଇ ସମାନ ଯେ । ୧୭

ଅନେକ ଦର୍ବ୍ୟଦୃଷ୍ଟଙ୍କ ଲଭି ଇନ୍ଦ୍ର ହୋଇ ।
ଘନରସ ବୃଷ୍ଟି କଲେ ଏରୂପେ ବଞ୍ଚାଇ ଯେ । ୧୮

ବାଳାମୁଖ ସ୍ଥଳ ଚନ୍ଦ୍ର ସୁଧାନିଧି ଯେଉଁ ।
କମେ ସାନ ବଡ଼ ଅଛି ତାର ସ୍ଥଳ ନାହିଁ ଯେ । ୧୯

ସେ ଦୁଣି ଶିଳା ଦବାଇ ଲପନ ଦର୍ଶନେ ।
ନ ଦ୍ରବିଲ ହୋଇ କାହିଁ ରକ୍ତଦନ୍ତବନେ ଯେ । ୨୦

ଧୈର୍ଯ୍ୟ ମଦ କରି ଯେ ବୋଲାଇ ମନ୍ଦହାସ ।
ହରଦ୍ୱିଷ ଚନ୍ଦ୍ରହାସ ଫଳକ ତା ଦାସ ଯେ । ୨୧

୧୫—ତହିଁ ଉତ୍ସବରୁ ଦାସୀମାନେ ଯେ ଯାହା ସ୍ଥାନକୁ ଯାଇଥିଲେ ବାର ପରେ ଦାସୀମାନେ କେମାର ଶୋଭାକୁ ପ୍ରଶଂସା କରି ପ୍ରସନ୍ନ ସ୍ୱରରେ ଗାଇଲେ ।

୧୬—କେମାର ଅଳକା (ଚୂର୍ଣ୍ଣ କୁନ୍ତଳ) ଲେଖା ହୋଇ ଥିବା ମୋହନ ମନ୍ତ୍ର, ତାହାର ବେଣୀପାଶେ ଶ୍ରୁତି (କର୍ଣ୍ଣ) ଓଁ କାର ପରି ରମ୍ୟ ହୋଇଛି, ଏଥିରୁ ବୋଧ ହୁଏ ସେ ମନ୍ତ୍ର ଲୋମ ବିଲୋମ ଅର୍ଥାତ୍ ଦୁଇଆଡ଼୍ ପଢ଼ିଲେ ଏକ ହେବାର ।

୧୭—ଏଣୁ କବିମାନେ ସମାନ ଉପମା ନ ପାଇ ନମଃ ସୁରସାଳସୀ (ରସବତୀଙ୍କୁ) ଶୀଳସାର (ଚରିତ୍ରବତୀ) ସୁମନ (ପଣ୍ଡିତା) ଏହିପରି କହନ୍ତି ।

୧୮—ଇନ୍ଦ୍ର ଅନେକ ଦର୍ବ୍ୟ ଦୃଷ୍ଟିକ (ସହସ୍ର ଚକ୍ଷୁକୁ) ଲଭିଛନ୍ତି ଏବଂ ଘନରସ (ଜଳକୁ) ବୃଷ୍ଟି କରନ୍ତି । ଦାସୀମାନେ ଅନେକ ଦର୍ବ୍ୟ ଦୃଷ୍ଟିକ (ଉପମା-ଦେବା ଜନଙ୍କୁ) ଲଭିବାରୁ ଇନ୍ଦ୍ର ହୋଇ ଏରୂପେ ଘନରସ ବୃଷ୍ଟି କରି (ନିବିଡ଼ ରସ ବଚନମାନଙ୍କ ବର୍ଷଣକରି) ମନ ବଞ୍ଚାଇଲେ ।

୧୯—ଯେଉଁ ଚନ୍ଦ୍ର ସୁଧାନିଧି (ଅମୃତ ଭଣ୍ଡାର) ସେ ବାଳା ମୁଖର ସ୍ଥଳ, ସ୍ଥଳ ସମ୍ପର୍କ କରିଲେ ସାନ ବଡ଼ ହୁଏ, ଚନ୍ଦ୍ରର ଅନ୍ୟ ସ୍ଥଳ ନାହିଁ; ଅତଏବ ଚନ୍ଦ୍ର କମେ ସାନ ବଡ଼ ହେଉଛି, ତାହାର ସ୍ଥଳ ସମ ନାହିଁ ।

୨୦—ସେ ଚନ୍ଦ୍ର ଦୁଣି ଶିଳା (ଚନ୍ଦ୍ରକାନ୍ତ ମଣିକୁ) ଦ୍ରବାଇ ଦେଲା, କିନ୍ତୁ ଏ ଲପନ (ମୁଖ) ଦର୍ଶନେ ନ ଦ୍ରବିଲ କାହିଁକି ଏହି ଭେଦ ବୁଝିବାରେ ନାହିଁ ।

୨୧—ମୁଖର ଯେଉଁ ହାସ ଧୈର୍ଯ୍ୟକୁ ମଦ (ମନ୍ଦ) କରି ଦେବାରୁ ମନ୍ଦହାସ ବୋଲାଏ, ହର ଦ୍ୱିଷ (କନ୍ଦର୍ପ) ଚନ୍ଦ୍ରହାସ (ଖଡ୍ଗର) ଫଳକ ତାହାର

ଜଣେ ସେ ଯେ ଜଟ ମୁଣ୍ଡ ଲୁଞ୍ଚ କେଶ ଘର ।
ଅନନ୍ତ ବେଶକୁ ସେ ଅନନ୍ତ ଭୋଗଇ ସେ । ୧୧
ଝିଅ ବଦନ ଲଗାଇ ଲମ୍ବି ଯୁବା ଦୃଢ଼ ।
ଲାବାଡ଼ୁର ଦୃଶ୍ୟପଥେ ବହୁତର ଛାଡ଼ି ନେଇ । ୧୮
ଏ ଭଳ ଜନ ଦେଖିଲେ ସେ ଅକଳ ପଡ଼ ।
ଉଠ ବଳ ଦେଖିଲେ ଅଶ୍ରୁ ଲହରୁ । ୧୪
ପ୍ରଭୁ ଅବଶୁକ ଦେହ ପାନ ଦାନ ।
ଅଳ ଦେଖା ଦେଇ ଆଖିଁ ସେ ଉପେନ୍ଦ୍ରମାନ ନେଇ । ୧୫
ସଦା ଅଚଳ ଉପର ଲାଗନ୍ତି ଶୁଭର ।
ଅଜନ ପ୍ରଶ୍ରୟ ଦଶନ୍ତି ହୃଦର ସେ । ୧୬
ଏଣୁକାଳି ଉଡ଼ି ଭୁରୁଙ୍ଗ ଡାକିଲ ।
ପ୍ରଚଣ୍ଡ ଭଲମିତି ନୋହିବାକୁ ନଥ । ୧୭

ଦାସଙ୍କ ଅର୍ଥାତ୍ ଜୀବ ଦେହ ଏକଥାକୁ ସ୍ମରଣ କରଇ ହେବ ଅନୁଚିତ୍ୟାଗ ।

୧୧—ସେ ଜଣେ (ଜଟୁଳ) ସେ ନେଇ ଲୋଚନ ଲେଖୁ ନଖଉନ, ଏହୁ ନାନା ବେଶକୁ ଅନନ୍ତ ଲୋକଙ୍କୁ ସେ ଜାତ ଘଷ ଅନନ୍ତ ଭୋଗନ୍ତି ;

୧୮—ମୁହିଁ ସେ ନେଇ ଝିଅ (ଦାନ) ଓ ବଦନ ଲଗାଇ ଲମ୍ବି (ଘୃଣ ଉପାକୁ ଅଁଳ୍ ଦେଖିବାକୁ) ସେ ଦୃଷ୍ଟି ଦୃଶ୍ୟପଥ ନୋହି ବଡ଼ ଦୃଢ଼ ଛାଡ଼ିବୁ ନାରାଙ୍ଗନ ପ୍ରସ୍ତର ପୁଷ୍ପ (ଦୃଢ଼ାଙ୍ଗଶ୍ର) ଅନେକ ସ୍ଥାନ ଦୃଷ୍ଟି ପଡ଼ନ୍ତେ ଛାଡ଼ (ଲାବାଡ଼ମଣ୍ଡ) ଦୃଶ୍ୟ ଦେଲେ ।

୧୪—ଅନୁଷ୍ଠାନର ସେ ଅକଳ ପଡ଼ (ଦୁଃଖ ଭୁଗୁଚ ସ୍ଥିରେ ନେଇ ନଦୀବସ୍ତୁକ ପଡ଼ନ୍ତି) ଏ ଭଳ ଲୋକ ଦେଖିଲେ, ଅଜନେ ପ୍ରଭୁଙ୍କ ଅଜ ଭୂଷି ଜଳ ଦେଖନ୍ତି ।

୧୫—ପ୍ରଭୁଙ୍କ ଅବଶୁକ ଦେହ ଦାନ ପାନ ଦେଲେ—ଆଉ ଭୃତ୍ୟଙ୍କ ଉପେନ୍ଦ୍ର-ନର ଯୌବନ ଦେଖାଇ । ଏହି ପୂର୍ବ ସେ ଉପେନ୍ଦ୍ରମାନଙ୍କ ସେ ନେଇ (ଅର୍ଜନ) ।

୧୬—ସେ ଦୂର ଅଙ୍କ ଅଚଳର ସଦା ଲାଗନ୍ତି ଦୃଢ଼ର ଶୀତଳେ । ଦଶନ୍ତି ହୃଦର ଅଜନ ପ୍ରଶ୍ରୟକର ଆଶ୍ରୟ ।

୧୭—ଉଡ଼ି ଭୁରୁଙ୍ଗ (ଗର୍ଜନ) ଏଣୁ, ଡାକିଲ ଓଷ୍ଠ (ଦର୍ପ) ଦେଖି ପ୍ରଚ-ଣ୍ଡକୁ ଦୂରର ଅଜ୍ଞତାରି (ଭକ୍ତି ନେଇ ଅନେକେ ଭଲ ସ୍ଥାନ ହେଲେ ଭଲମିତି ନୋହିବାକୁ ସ୍ଥାନ ନାହିଁ ।

ଅବା ଏହୁ କାଞ୍ଚୀ-ଗଙ୍ଗା ଉତ୍ପତ୍ତି ହେବାରେ ।
ଯୁବା ସଙ୍ଗ ଲଭେ ରମା ତହିଁ ଝାସିବାରେ ଯେ ॥ ୨୮
ବେନାକୁଳ ଦାସୀ ବଚନ କୁମାର କୁମାରୀ ।
ଶୁଣି ଦମ ଦମ କୁଚୁ ରୋମାଞ୍ଚକୁ ଧରି ଯେ ॥ ୨୯
ପ୍ରେମଜଳେ ମଜ୍ଜନ ମଦନ ତାପ ହତ ।
ମଧୁରରସ ଭୋଗକୁ ଅନୁକୂଳ କୃତ ଯେ ॥ ୩୦
କୋକିଳ ପ୍ରକୃତ ନାମ ସ୍ନାନ ବିରଚନ ।
ଦଧି ଗୁଡ଼ ଅନ୍ନ ଅଶନରେ ତୋଷଚିତ୍ତ ଯେ ॥ ୩୧
ଲବଣି ରୂପଶ୍ରୀ ଯୁକ୍ତେ ଲବଣି କୋମଳା ।
ହେଲେ ବନ୍ଧୁ ବନ୍ଧୁଙ୍କ ଯେ କୃପା ଏତେ ଥିଲା ଯେ ॥ ୩୨
ଯୁବାଗଣେ ପୁର ଶର ପ୍ରହାରିବା ବେଳେ ।
ଶିବ ଶିବ ଅଭିଧ୍ୱନି ବର୍ଣ୍ଣି କୃପା କଲେ ଯେ ॥ ୩୩
ତୁହେଁ ସ୍ୱତନ୍ତ୍ର ସେ ଧର୍ମତନ୍ତ୍ର ମଧ୍ୟେ ସାର ।
କାମିନା ଭଳ୍ଳ ସଫଳ ହୁଅଇ ଯାହାର ଯେ ॥ ୩୪

୨୮—ଅଥବା ଏହି କାଞ୍ଚୀରୂପ ଗଙ୍ଗା ଉତ୍ପନ୍ନହେବାରୁ ରମା ତହିଁରେ ଝାସିବାରୁ ସେହି ଫଳରୁ ଯୁବା (ପୁଷ୍ପକେତନ) ସଙ୍ଗ ଲଭିଲ ।

୨୯—କୁମାର କୁମାରୀ ଉଭୟ କୁଳଦାସୀଙ୍କର ଏହିପରି ବଚନ ଶୁଣି କୁଚୁ (ସ୍ତନ) ଦମ ଦମ ଏବଂ ରୋମାଞ୍ଚକୁ ଧରିଲେ ।

୩୦—ଏହିରୂପେ ପ୍ରେମଜଳରେ ମଜ୍ଜନହେବାରୁ କାମତାପହତ ହେଲେ, ସ୍ନାନାନ୍ତେ ଭୋଜନ ବ୍ୟବସ୍ଥା କରିପରି ମଧୁର ରସ ଭୋଗକୁ ଅନୁକୂଳ କଲେ ।

୩୧—କୋକିଳ ପ୍ରାକୃତନାମ ସ୍ନାନ (କୋଇଲି) ରୂଢ଼ ବିରଚନକଲେ ଏବଂ ଦଧି, ଗୁଡ଼ ଅନ୍ନ ଅଶନରେ (ଭୋଜନରେ) ଚିତ୍ତକୁ ତୋଷକଲେ । ବିବାହ ପୂର୍ବ ଦିନ କୋଇଲି ରୂଢ଼ି ଓ ଦହି ଗୁଡ଼ ଭାତଖାଇବା ବିଧି ଅଛି ।

୩୨—ଲବଣି କୋମଳାଙ୍ଗୀ ସୁନ୍ଦରୀ ଲବଣି ରୂପଶ୍ରୀଯୁକ୍ତା ଭଇ ହେଲେ ଯେ ବନ୍ଧୁ ମୋହିତ ଏତେ କୃପା ରହିବ ।

୩୩—ଯୁବା କନ୍ଦର୍ପ ପୁର (କାମ) ଶର ପ୍ରହାରିବାବେଳେ ଶିବ ଶିବ ବୋଲି ଅଭିଧ୍ୱନି କରିବା ଶବ୍ଦରୁ ବୋଧହୁଏ ବଡ଼ ଶିବ ମୋତେ କୃପା କଲେ ।

୩୪—ହେ ତୁହେଁ ସ୍ୱତନ୍ତ୍ର ଅନ୍ୟ ଧର୍ମତନ୍ତ୍ରଙ୍କ ମଧ୍ୟରେ ସାର (ଶ୍ରେଷ୍ଠ) ତାଙ୍କ ଯାହାର କାମନା ସଫଳ ହୁଏ ସେ ଧର୍ମତନ୍ତ୍ର ।

ସେ ଦଶନ ଦ୍ୱିଜ ଅନୁରାଗେ ପାନ୍ତି ।
ବନ୍ଧୁଜୀବ ଏ ସେନ ଅରୁଣ ଅଧାନ୍ତି ଯେ । ୩୫
ଅନ୍ଧାରୀ ଗୃହାରେ ପଶୁଁ ସେ ତରଙ୍ଗି ।
କୋପ ଭଙ୍ଗ ଲାଗୁ ମୋ ପୁଚ୍ଛାଇ ଦେବା କିଛି ଯେ । ୩୬
ଦଂଶ ଭୁଜଙ୍ଗ ସେ ରୂପ ବଶକୁ [illegible] ।
ତୋହାରେ ବୋଲ୍ ଗଣା ତବା ମାରାଇବ ଯେ । ୩୭
ଦ୍ୱିଜେ ବସ୍ତ୍ରଦେବ [illegible] କେକ ଆବ ।
ଦ୍ୱିଜେ ଶଷ୍ପ ଦେବକ [illegible] ଯେ । ୩୮
ବଳସାଉ ଓଳମ୍ବ ଲୋଷ ବାର ଛଣ୍ଡ ।
ବାହାରିକ ଯେ ରମ୍ଭାଙ୍କ ଭୂଷଣ ଓଡ଼ ନେ । ୩୯
ତବା ନାଭକୁ ଭୁଜଙ୍ଗ ଗଃସାଧ ନାଦେ ।
ବର୍ଣ୍ଣପ୍ରଜ ଫଣୀ [illegible] ସମାଦେ ଯେ । ୪୦
ଅତ ଅଣିମା ଦେବକ ସୌନ୍ଦର୍ଯ୍ୟ ଦୃଷ୍ଟି ।
ଦଣ୍ଡ କେବଳ [illegible] ନ ଦୃଷ୍ଟି ଯେ । ୪୧

୩୫—ସେ ଦଶନ ଦ୍ୱିଜ (ଦୁଇ ଧାଡ଼ି ଦାନ୍ତ) ଶୋଭା ଅନୁରାଗେ ପାନ୍ତି (ଶୋଭା) ଦେଉ । ଏ ସେନ ଓଷ୍ଠ ବନ୍ଧୁଜୀବ (ବନ୍ଧୁଲି ଫୁଲ) ଅଧାନ୍ତି ଅରୁଣ (ଲାଲ) କରି । ଅନୁରାଗ [illegible] ।

୩୬—ଅନ୍ଧାରୀ (ଗୃହ) [illegible] ଶୋଭା [illegible] ?

୩୭—[illegible] ([illegible]) [illegible] ([illegible]) [illegible] ।

୩୮—ଦ୍ୱିଜେ ([illegible]) [illegible] ([illegible]) ଦେଉ । ଦ୍ୱିଜେ (ବ୍ରାହ୍ମଣମାନେ) [illegible] ।

୩୯।୪୦—[illegible] ଫଣୀ ([illegible]) [illegible] ।

୪୧—[illegible] ([illegible]) [illegible] ([illegible]) [illegible] ।

ଶ୍ୱେତମୁଖ ତୁରଙ୍ଗବଦନ ପାନ କଲେ ।
ନ ଧରବେ କମ୍ବୁ ଚମ୍ପକଙ୍କ ଗୁହିଁ ଦେଲେ ଯେ । ୪୨
ମଧୁରୀ କର୍ଣ୍ଣାଳ ଭେରୀ ବାଦକମାନ
ଦେଖି ଊର୍ଦ୍ଧ୍ୱେ କର ନ ଟେକିବେ ଗଜାନନ ଯେ । ୪୩
ଦନ୍ତୁରୀ କି ମୂର୍ଖ ଶିରସ୍ନେହ ଧରେ ।
ଶୋଣିତନଗରୀ କାଣ ଦୀପକ ପ୍ରଭାରେ ଯେ । ୪୪
ଛନ୍ନହେଲେ ଲତାମାନେ ବସନ୍ତ ଅନ୍ତେ ।
ଚମ୍ପା ଫୁଟାଇ ତତ୍ପର ଧର ଚଳିଗଲା ଯେ । ୪୫
ଗ୍ରୀଷ୍ମ କି ବୃକ୍ଷଦାବ ନଗରେ ଯେ ଘେନେ ।
ଅଗ୍ନିଶିଖା ଦଳେ ବିରାଜିତ ସ୍ଥାନେ ସ୍ଥାନେ ଯେ । ୪୬
ବର୍ଷା କି ଜାଣି ମୂଷା ଶକଟାରୁ ଦେଇ ।
ଘନଘନ ଘନାଘନ ଗର୍ଜନା ପ୍ରକାଶେ ଯେ । ୪୭

୪୨—କମ୍ବୁ ଚମ୍ପକଙ୍କ (ଶଙ୍ଖ ମାନଙ୍କ) ଗୁହିଁ ଦେବେ ଶ୍ୱେତ ମୁଖ (ଶୁକ୍ଳବଦନ) ତୁରଙ୍ଗବଦନ (ଅଶ୍ୱମୁଖ କିନ୍ନରମାନେ) ମାନ କଲରେ ଧରବେ ନାହିଁ, କାରଣ ଶଙ୍ଖମାନଙ୍କର ଶଙ୍ଖ ଫୁଙ୍କିବା ବେଳେ ଶଙ୍ଖଯୁକ୍ତ ସ୍ଫୀତଗଣ୍ଡ ମୁଖ କିନ୍ନରମାନଙ୍କ ପାନ କଲବେଳେ ଥିବା ଶୁକ୍ଳ ମୁଖଠାରୁ ସୁନ୍ଦର ।

୪୩—ମାଧୁରୀ କର୍ଣ୍ଣାଳ, ଭେରୀ ବାଦକମାନେ (ବାଦ୍ୟ କାରୀମାନଙ୍କ) ଦେଖି ଗଜାନନ (ଗଣେଶ) ଲଜ୍ଜାରେ କର (ଶୋର ହସ୍ତକୁ) ଊର୍ଦ୍ଧ୍ୱେ ନ ଟେକିବେ ।

୪୪—ଦନ୍ତୁରୀ ମୂର୍ଖଶିର କି ? ରସିକ ଶିର ନେହକୁ ଧରଥାଏ, ସେହିପରି ସର୍ବଦା ଶିର (ଛତ୍ରାକାର) ଓ ସ୍ନେହ (ତେଲକୁ) ଧରନ୍ତି । କାଣ (ଲୁଣ୍ଠ) ନାଲ୍ଦୀପକ ପ୍ରଭବ ହେବାରେ ଶୋଣିତ ନଗରୀ (ବାଣରାଜାର ପୁରୀ) ପର ଦଶିଲା ।

୪୫—ଲତା (ଲତିକା) ମାନେ ଛନ୍ନ (ଲୁପ୍ତ) ହେବାରୁ ବସନ୍ତଋତୁ ଅନ୍ତହେଲା ଧରିଲା । ବସନ୍ତ ଚମ୍ପାଫୁଲ ଫୁଟାଏ, ଧର (ପର୍ବତର) ଚଳିଚଳି ଯାଏ । ସେ ସ୍ଥାନ ଚମ୍ପାଗଣକୁ ଫୁଟାଇକି, ଧର (ଯତ୍ନରେ) ଚଳିବାରେ ଗତ କରୁଥିଲା ।

୪୬—ଗ୍ରୀଷ୍ମକାଳ କି ? ଗ୍ରୀଷ୍ମ ନଗ (ପର୍ବତର) ବୃକ୍ଷ ଦାବ (ବୃକ୍ଷନ୍ତୁଦମାନ)କୁ ଘେନଇ, ସେ ସ୍ଥାନେ ସ୍ଥାନେ ଅଗ୍ନିଶିଖା ଦଳ (ଜାଳିଲେ) ଦୃଷ୍ଟିଗତ ହୁଏ । ନଗର ମଧ୍ୟରେ ବୃକ୍ଷମାନଙ୍କୁ ଘେନଇନ୍ତି, ସେ ଅଗ୍ନିଶିଖା କାନ୍ତିରେ ପଣାକ ଗିହରେ ସ୍ଥାନେ ସ୍ଥାନେ ବିରାଜିତ ହୋଇଛି ।

୪୭—ବର୍ଷାକାଳ କି ? ବର୍ଷାକାଳ ଜାଣି ମୂଷା ଶକ୍ରକୁ ଶବ୍ଦରେ ଦିଏ ସେ ସମୟରେ ଘନାଘନ (ଗର୍ଜିବାରେ) ଘନ ଘନ ଗର୍ଜନା ପ୍ରକାଶ କରେ

ଶରଦ କି ଚନ୍ଦ୍ର କନ୍ଦର୍ପେ ଲୋଭାବେ ।
ହିମ ଶିଶିର କି ଦୂର କୁଙ୍କୁମ ଶୋଭାବ ଯେ । ୪୮
ବସନ୍ତ ରତ୍ନ ବୃଷ୍ଟି କନ୍ଦ୍ରୁ ସକଳୀ ।
ଅତଏବ ଗୋବିନ୍ଦଙ୍କୁ ଚର୍ଚ୍ଚି ପଦଭାଗି ଯେ । ୪୯
ବରହଣୀ ଦୁଦ ଚନ୍ଦ୍ର ପଙ୍କଜଦଳ ।
ମଦନ-ଜନକ ଗୋଟେ ତୁଲେ ପୁଲୁଗ ଯେ । ୫୦
ବାଦେଲ ଧ୍ରୁ ବନ୍ଧୁଲ ବକ ପିକା ଲୁବ ।
ନାଗର ପ୍ରବଳା ଧବଳିତ ଗୋପା ଘନ ଯେ । ୫୧
ତେଜୁ ଚନ୍ଦ୍ରି ବସନ୍ତ ନାନ୍ଦନ ଦୋବ ।
ନନ୍ଦପାଳା ଗୋପ ସକେ ଦୂବେ ରସ । ୫୨
ତେଜୁ ଚନ୍ଦ୍ରି ଚନ୍ଦନଦ୍ରୁଧା ନାନ୍ଦାର ଦେଃ ।
ସନ୍ଧ୍ୟାଗଦନ୍ତି ରସ ବାହୁକ ରବାଗ ଯେ । ୫୩

ଏ ସ୍ଥାନ ଭାବ ଶୂନ୍ୟ ବାଟକୁ ଦେଖେବ ଟେବ ଶବ୍ଦ ସନାତନ (ପଞ୍ଚ-ବର୍ତ୍ତିର) ଶିବାକୁ ସନ ସନ ପ୍ରକାଶ ମରବ ।

୪୮—ଶରତ କି ? ଶରତ ଚନ୍ଦ୍ର କନ୍ଦର୍ପରେ ଲୋଭାବେ ହୁଏ, ଏ ସ୍ଥାନ ଚନ୍ଦ୍ର-କନ୍ଦର୍ପରେ (ଚନ୍ଦ୍ର ତେଜ ତେଜେବେ) ଲୋଭାବେ ହେବ । ହିମ-ଶିଶିର କି ? ହିମ ଶିଶିରରେ କୁଙ୍କୁମ ଶୋଭିବ ଯେ ଦୂର୍ବିର ପଭାବ ହେବ ।

୪୯—ଭାଗି ଭାବିଲବ ଅବଶିଷ (ବସନ୍ତ) ରେ କନ୍ଦ୍ରେ ସବାଁ (ଗୁଣ୍ଡୁଦଣୀ) ଚନ୍ଦ୍ରି ଅତଏବ (ଅସଙ୍ଗ) ଗୋବିନ୍ଦ (ଶୀକୃଷ୍ଣ ଓ ଗୋପବ ବାଣ-ଶରେଶ) ପ୍ରକାଶ ପାଇଛି ।

୫୦—ବରହଣୀ ଦୁଦ ଚନ୍ଦ୍ର ପଦ୍ମ (ଗାଲର) ପଞ୍ଚ । ଯେ ଏ ଦଦନ ଜନକ (ଭାଗଙ୍କ ଓ ଦଦ୍ଧ୍ୟାଙ୍କ) ଗୋବନ ବୁଲୁଗ ତୁଲେ ହୁଏ ।

୫୧—ଗୋପା ସ୍ତ୍ରୀ ନେତ୍ରାଦେ ନାଗରକୁ ଗହବନ ବନ୍ଧୁର ବାଦେଲଧାରୀ ଓଡ଼ ଧ୍ରୁ ବନ୍ଧୁଙ୍କୁ ଦେଖେକ୍ଷ ।

୫୨—ଚନ୍ଦ୍ରି (ତେଜୁ ବାଦେଲେର) ଦେଜୁ ବସନ୍ତ ନାନ୍ଦନ ଦୋବ ନନ୍ଦ-ପାଳା (ଭାଗବେ ଗଜା ଗୋବିନ୍ଦ ନନ୍ଦ କୃଷ୍ଣ ଓ ପୁତ୍ରାଗଣ) ଗୋପର ଘନନଭାରୁ ଲୁଚିବ ।

୫୩—ଦୁଟି ଚନ୍ଦ୍ରିରେ ତେଜୁ ଚନ୍ଦନଦ୍ରୁ ନାନ୍ଦିଆ (ନନ୍ଦର ସ୍ଥାନରେ ନନ୍ଦକୁ ନ ଦେଖି ଦେବନ ଦେବ ନ ଦେଦବା ନାନ୍ଦିଆ) ସନ୍ଧ୍ୟାଗ ଚନ୍ଦ୍ରୁ (ଦେନ୍ତୁ ଦ ମାନଙ୍କ) ରସ ବାହୁକର ରବ ସନ୍ଧ୍ୟାଗଦନ୍ତ (ଗୋପ ଦର୍ଶନକୁ) ବଢ ରବରେ ବାହୁଡ଼ବ ।

ଶିମ୍ବଳପତ୍ର ନବୀନଚମ୍ପା ପ୍ରଭାରେ ।
ଅଙ୍ଗ ଉଜ୍ଜଳ ହଲେ କି ନାହିଁ ନାହିଁ କହ ଯେ । ୫୪
ପଦବୀ ଦେଖାଇ ପଦବୀରେ ଶଳା ମାଳା ।
ଦେବାରେ ମହାବ୍ରହ୍ମରେ ଉହଳ ପଡ଼ିବ ଯେ । ୫୫
ପ୍ରବଣୀକୁମ୍ଭରେ ଯତ ହୋଇବେ ଉଚିତ ।
ଶୁକ୍ଳ କମଳରେ ସ୍ୱର୍ଣ୍ଣ କସି ଦେବ ମତ ଯେ । ୫୬
ଯଚଳକୁଚ କ୍ଷିପିତ ସ୍ୱବର୍ଣ୍ଣନିକର ।
ପାଇଦେ ନେହମକୁ ରୂପା କଲ ପଚଭାର ଯେ । ୫୭
କୁଳଟା ଗରଳ ରଚଇ ପାଁଶୁବାର ମୁଣ୍ଡି ।
ଶଙ୍କରୁ ବନ୍ଧ୍ୟାକୁ ଏ ମୃତ୍ୟୁ ପ୍ରବଳ ଯାମି ଯେ । ୫୮
ସେ ପ୍ରଶ୍ନକୁ ନ ପିଲେ ଏ ଉଚ୍ଚ ନଜନ ।
ମାନସିକ ପୂଜା ବୋଲି କଲେ ସମାଧାନ ଯେ । ୫୯

୫୪—ଶିମ୍ବଳପତ୍ର (ମଲାଭାଜନ) ନବନୀଚମ୍ପା (କୃଷ୍ଣନାମ୍ନୀ) ପରି ଉଜ୍ଜଳ ହଲେ କି ନାହିଁ ନାହିଁ କହ ।

୫୫—ପଦବୀରେ (ମାର୍ଗରେ) ପଦବ (ଅଙ୍କୁର) ଦେଖାଇ ଶଳା ଉଭଳାରେ ବରଣମାଳା ଦେଖାଇ ସେ ମହାବ୍ରହ୍ମରେ ସ୍ୱୟଂ ଉହଳ ପଡ଼ିବ ।

୫୬—ସେ ଉହଳରେ ମୃତମାନଙ୍କ କୁମ୍ଭରେ ଯେମାନେ ଉଚିତ (ରଚିତ) ହେବେ । ତାଙ୍କ ଦେହରୂପ ଶୁକ୍ଳ କମଳ ସ୍ଥାନରେ ସ୍ୱର୍ଣ୍ଣ କସି ହେବ ପରି ଦଶିବ ।

୫୭—ଏଣି ସ୍ୱବର୍ଣ୍ଣ ନିକର (ସ୍ତ୍ରୀମାନେ) ଯେମାନଙ୍କ ଚକ୍ଷୁର (ପାଶ୍ୱର୍ରେ) କ୍ଷିପିତ ହେବେ, ତା ନେହ ପାଇଦ ଯୋଗେ ସ୍ତନକୁ ରୂପା କଳାର ଦଶିବ ।

୫୮—ଏହି ବୃନ୍ଦମାନେ ଗରଳ କୁଳଟା (ଦଂଶୀ ସ୍ତ୍ରୀମାନଙ୍କ) ରଚଇ (ମୁଣ୍ଡକୁ) ପାଁଶୁବାର ମୁଣ୍ଡି କରିବ ସେମାନେ ଶଙ୍କରରେ ନେବେ—ଯେଉଁମାନେ ଯନ୍ତ୍ରକୁ ବନ୍ଧ୍ୟାକୁ ଅନେକେ ମୃତ୍ୟୁ ଯାଏ ପୂଜା କରୁଛନ୍ତି ।

୫୯—ଯେମାନେ ଏଣି ପ୍ରଶ୍ନରେ ମୃତ୍ୟୁ ପୂଜା କରିବାକୁ ସ୍ଥିର ହୋଇ ନଜର (ଏକ) କରିବେ କି ? ଅର୍ଥାତ୍ ଉଚ୍ଚ ଦେହକୁ ଉଚ୍ଚ ହିଁ ପଦ୍ମର ବସ୍ତୁ କରିବା ପ୍ରଶ୍ନ ବୋଲିବାକୁ ପିଲେ ନାହିଁ କି ? ଏଥି ଏଣି ମାନସିକ ପୂଜା ବୋଲି କରୁଛନ୍ତି ଏ ଅର୍ଥର ସମାଧାନ କରେ ।

ଏହା ଶୁଣିଲେ ସାତ୍ୟକି ଅତି ଶରୀ ।
ଦ୍ରୋଣଙ୍କୁ ପାଣ୍ଡବଙ୍କୁ ଶତ୍ରୁ ଦେଖି ସେ । ୨୦

ଦ୍ରୁପଦସହୋଦରଶ୍ରେଷ୍ଠ ମିଳନ୍ତେ ।
ରୋଷର ଦୃଷ୍ଟଦ୍ୟୁମ୍ନର ଶେଷ ହେବେ ସେ । ୨୧

ଏହି ପ୍ରସାଦ ଶରେ ପାଣ୍ଡବେନ୍ଦ୍ର ।
ଅଶ୍ୱତ୍ଥାମା ଦ୍ରୋଣର ସଂଗ୍ରାମ କେବେ ସିଦ୍ଧି ସେ । ୨୨

ଶତଶତ୍ରୁଙ୍କ ପାଦ ଦାସ ଅର୍ଜୁନଙ୍କୁ ।
ଦେବ ସାର୍ଥ କୃଷ୍ଣ ପାର୍ଥ ପାଦେ ଦାସ ହେ ସେ । ୨୩

ତତ ଦେଖନ୍ତି ଶିଖଣ୍ଡୀ ଶଙ୍କରେ ।
ସଙ୍ଗୀ ଦ୍ରୋଣାଚାର୍ଯ୍ୟଙ୍କର ଗର୍ଭ ଭେଦନ୍ତି ସେ । ୨୪

ଅର୍ଜୁନ ସମ୍ପର୍କର ସ୍ୱର୍ଣ୍ଣ ଦ୍ୱାରର ।
ଯୋଗ ଶତ୍ରୁର ବକ୍ଷକୁ ଭେଦି ନ ପାରିବ ସେ । ୨୫

୨୦।୨୧—ଏ ସାତ୍ୟକିଙ୍କର (ଶତ୍ରୁଘ୍ନଙ୍କର) ସାହସର ପରିଚୟ । ଦ୍ରୋଣ ଦ୍ରୌପଦୀ ଦ୍ରୁପଦର ସ୍ୱାମୀମାନଙ୍କୁ ଶତ୍ରୁ ଭାବ ଚାହଁ (ପାଣ୍ଡବମାନଙ୍କୁ) ପାଣ୍ଡବଙ୍କୁ ସହ ଶତ୍ରୁ ଦେଖିଲେ ଦ୍ରୁପଦ ସହୋଦର (ଧୃଷ୍ଟଦ୍ୟୁମ୍ନ) ରୋଷର ଶେଷ (ମୃତ୍ୟୁ ଘଟାଇବେ) ଦେଖିବେ, ତାହା ସଙ୍ଗ୍ରାମରେ ମିଳିବେ ।

୨୨—ଏହିପରି ପ୍ରସାଦ ଶରେ ଶତ୍ରୁ ପରି ସାମନାରେ ଦେଖାଇ ଆଣ୍ଟି ଅଶ୍ୱତ୍ଥାମାର ସାହସ ମିଳିବେ ।

୨୩—ଦାସ କରିବ ମୃତ୍ୟୁ ପାଣ୍ଡବଙ୍କୁ ଅର୍ଜୁନ ଦେବ ସାର୍ଥ ଦାସ ଦେଖନ୍ତି ପାର ହେବ । ଦେବଦତ୍ତର ସାର୍ଥ (ଅର୍ଜୁନ) ପାଦର ସେବା (ମୃତ୍ୟୁ) ଦେଖିବ ସେ ପାରିବ ।

୨୪—ଶିଖଣ୍ଡୀ ଦ୍ରୋଣାଚାର୍ଯ୍ୟଙ୍କ (ଦ୍ରୋଣଙ୍କ ଶତ୍ରୁ ସଙ୍ଗେ) ସଙ୍ଗ୍ରାମ-ସ୍ଥଳ ସମ୍ମୁଖରେ ଅର୍ଜୁନଙ୍କ ସହ ଦେବଦତ୍ତ ଶଙ୍ଖ ଶବ୍ଦ ଶୁଣାଇ ଏ ସଙ୍ଗ ଶତ୍ରୁଙ୍କର ଏକ ସମୟ ଦେଖନ୍ତି ମୃତ୍ୟୁ ଦେଖି ଯୋଦ୍ଧାଙ୍କୁ ଭେଦ କରିବ କି ?

୨୫—ଶିବ କୃଷ୍ଣଙ୍କ ଅର୍ଜୁନ (ସୂର୍ଯ୍ୟ) ଶତ୍ରୁଙ୍କର ଅନେକ ଯୋଦ୍ଧାଙ୍କ ଦ୍ୱାର ଅର୍ଜୁନ (ତାହ ଦେବ ଅର୍ଜୁନଙ୍କ) ସ୍ୱର୍ଣ୍ଣ ଦ୍ୱାର ଦେବ । ସ୍ୱର୍ଣ୍ଣକବଚ କୃଷ୍ଣ ଶତ୍ରୁ ଶୁଣି ଶତ୍ରୁର ବକ୍ଷ ନ ଭେଦିବ ଯାହା କୃପାର ଶସ୍ତ୍ର ଶତ୍ରୁ ଶତ୍ରୁର ବକ୍ଷ (ଦୁର୍ଗ) ଭେଦି ନ ପାରିବ ।

ବାହୁଙ୍କ ବାଣ ମନକୁ ବାମାଙ୍ଗଲେ ଛନ୍ଦ ।
ଜଳାମୁଖେ ଯେମନ୍ତ ନଳିନେ ଅଳି ବନ୍ଦୀ ଯେ । ୬୬
ଉଦର-ପାତର ପ୍ରାନ୍ତେ ନେତ୍ର ଗୋଡ଼ାଇଲେ ।
ସ୍ୱର୍ଣ୍ଣ ଯୋବନଧନକୁ ନ ପାଇ ବାହୁଡ଼ନ୍ତି ଯେ । ୬୭
କୁଚ-ମୃଗଜ ସଫଳ ଏ ଉଦ୍ଧତ ଗର୍ବ ।
କଣ୍ଠ ଯଙ୍କାରନ୍ତ ପେଷିଲେ ଦୂତ କରି ଯେ । ୬୮
ତାହା ସଙ୍ଗେ ରଙ୍ଗେ ସେ ରୋମଶ୍ରେଣୀ ଭଙ୍ଗ ।
ନାଭିର ଦଣ୍ଡେ ଭେଟିଲି ଚକ୍ରସ୍ୱପାଶେ ଯେ । ୬୯
ବସନ୍ତ ପାଶେ ଅଛେ କି ଚଳ ପୁଷ୍ପବଳ୍ଲୀ ।
ସବେ ଉଲଥିଲ କରେ ଅଳୀ ଦୁଲଦୁଲ ଯେ । ୭୦
ଛିଦ ଭ୍ରମର ଚାମୁଣି ସୁଫଳ ଚିତ୍ର ।
ମଲ୍ଲର ଶାଖ ବଳନ ଧରି ନାନ ନାନ ଯେ । ୭୧
ତାପ ଜଳଭ ଗ କର ଯେ ନପା ତ୍ରିବେଣୀର ।
ଯାର ଚର୍ମଣୀ-ଜ୍ୟୋତି ନେ ସ୍ତୁତି କରୁ ଭୂର ଯେ । ୭୨

୬୬—ଯେମନ୍ତ ଜଳାମୁଖେ (ସନ୍ଧ୍ୟାରେ) ନଳିନ (ପଦ୍ମରେ) ଅଳି (ଭ୍ରମର) ବନ୍ଦୀ ହୁଏ, ସେମନ୍ତ ସୁନ୍ଦରୀ ବାହୁଙ୍କର ବେଳେ ପୁରୁଷ ମନକୁ ବାମାଙ୍ଗରେ ଛନ୍ଦ କରନ୍ତି ।

୬୭—ଉଦର ପାତର (ପାତିଆରେ) ଓର ଦାହା ପଛେ ପଛେ ନେତ୍ର ଗୋଡ଼ାଇଲେ ହେଁ ସୁନ୍ଦରୀର ସ୍ୱର୍ଣ୍ଣ ଯୋବନରୂପ ଧନକୁ ନ ପାଇ ବାହୁଡ଼ନ୍ତି ।

୬୮—କୁଚ-ମୃଗଜ (କୁଚରୂପ ମୃଗରେ) ଏ ଉଦ୍ଧତ ସଫଳ ହେବ ଗର୍ବ କରି ବାଲ୍ୟପାଶେ ଯଙ୍କାରନ୍ତ (ନଳଗ୍ରାକୁ) ଦୂତକରି ପେଷିଲେ ।

୬୯—ନାଭିଦେଶରେ ଚକ୍ରମ୍ବ ସର୍ଗସମାଜରେ ଭେଟିଲ ହୋଇ ତାହାସଙ୍ଗେ (ଯଙ୍କାରନ୍ତ ସହିତରେ) ରଙ୍ଗେ ରୋମଶ୍ରେଣୀ (ରୋମପଙ୍କ୍ତି) ଭଙ୍ଗ ହୋଇଲା ।

୭୦—ବେଳେବେଳେ ଏମନ୍ତ ଦଶିଲା—ବସନ୍ତପୁଷ୍ପବଲ୍ଲୀ (ପୁଷ୍ପଥିବା ପୁଷ୍ପଲତା) ବସନ୍ତ ପାଶକୁ ଆସୁଛି କି ? ତାହା ଉପରେ ଅଳି (ଭ୍ରମରଗୁଳ) ଥିବାର ଅଳୀ (ଭ୍ରମର) ଦୁଲଦୁଲ ହେଉଅଛି ।

୭୧—ଅଭିମାନରେ ସୁଫଳଚିତ୍ତ ଚାମୁଣି ଛିଦ ଭ୍ରମର (ଗାଭୀରଳ) ବସନ୍ତରେ ଧରି ରାଗ (ଚାମ୍ପ) ରାଗ ନଳଙ୍କୁ ସମ୍ଭବ (ପତ୍ର) ଭଳଭ ଦୁଃଖ ଏହାଙ୍କ ବଢ଼ଉଛନ୍ତି ହେଉ ଛୁ ଧରି ଲତା ନାନା ସୁନ୍ଦର ।

୭୨—ଉନ୍ମା ଗାଜ ଉର ପ କେର କମି ତ୍ରିବେଣୀ—ଗଙ୍ଗା ଯମୁନା ସରସ୍ୱତୀ, ତାହାର ଭଳିର ତାପ ଜଳଭ (ଗାଙ୍ଗେୟଜଳ ରଙ୍ଗି ହେଉ), ଶତ୍ରୁ ଯୋଡ଼ନ୍ଦେଖା

ମୋହନ୍ତ ଅଶ୍ୱାରୂଢ଼ ଦ୍ୱିଜପତି ସ୍ନେହ ।
ଉଦ୍ଧବ ସ୍ୱଜନୁ ତାପ ଅଧ ମୃଦୁହାସ ଯେ । ୨୩
ସରିବ ଚକ୍ଷୁ ପୂର୍ଣ୍ଣମା ଚନ୍ଦ୍ର ପଦ୍ମରେ ।
ସ୍ୱୟଂ ତାହାର ଭାବ ଜୋ ଏବେ ଦେହରେ ଯେ । ୨୪
ଧର ଶରତ ଅମୃତ ଗୋପୀଙ୍କ ଅଙ୍ଗ ପାଇ ।
ଗୋପ ନୃପ ସକଳ ଓ ଲୋକ ଭୁବନ ଯେ । ୨୫
ନଭ ବନ୍ଧୁବନ୍ଧୁ ଭ୍ରମ ନାହିଁ ନେଇ ।
ତହିଁ ଅମରେ ଅଭ ବେଶ ଶ୍ରବଣ ଯେ । ୨୬
ଗହନ ଗେହର ଦେଖନ୍ତି ସୁନ୍ଦରତ ।
ସ୍ୱର୍ଣ୍ଣ ସୁଜନେ ଅନୁ ସ୍ୱର୍ଣ୍ଣ ସୁଜତ ଯେ । ୨୭
ଦଶିଦ୍ୱ ଅନୁଭବ ଅନ୍ତରେ ଶୀତଳ ତଥା ।
ସୁଧାକର ପ୍ରକାଶିତ ଓ ଅନୁଭ ତଥା ଯେ । ୨୮
ନେତ୍ରତ୍ରୟଙ୍କୁ ଭାଷ ନାହିଁ ଜାଣୁଥିବେ ।
ଉଦୟା ଗତ ଅଧ ନେବକୁ ଦେଖ ଯେ । ୨୯

ଉଦ୍ଧବ ସ୍ୱଜ (ଚନ୍ଦ୍ରମା) ରେ (ସ୍ୱଭୁ) ଦୃଷ୍ଟ ତଥ । ଅର୍ଥାତ୍ ଉଦ୍ଧବର ଭାବ ଭାବାନ୍ତର ତଥିର ।

୨୩—ଅଶ୍ୱାରୂଢ଼ (ସୁଜନ) ଦୃଷ୍ଟି ଅତ ନେତ୍ର ଦେବ ଯେ ତଥିର ସ୍ୱଜନୁ ତାପରେ ସ୍ନେହବର ।

୨୪—ପୂର୍ଣ୍ଣମା ସୁସ୍ୱର ଚକ୍ଷୁ ସରିବ ଯେ ସେ ଚନ୍ଦ୍ର ଏ ଦେହ ଯେ ଭବ ଜୋ ସ୍ୱୟଂ ସ୍ୱଭୁ ତାହାର ଦେହେ ।

୨୫—ଧର (ଶରତ) ସବ ଅନେକ ଅମୃତ ଗୋପୀଙ୍କଠାରୁ ନେଇ ଏ ଗୋପ ନୃପ ଅନୁଭବ ସର୍ବ ଲୋକ ଭୁବନ ସ୍ୱଚ୍ଛ ହୋଇଛି ଏ ?

୨୬—ନଭ ର ବନ ବନ୍ଧୁବନ୍ଧୁ ଭ୍ରମ ନାହିଁ (ଅଶ୍ୱର ଗତିନାହିଁ) ଅମର ନେଇ ତହିଁ (ନର ଦେବତା) ଅମର୍ଷ (କ୍ରୋଧ) ଅଭ ଶ୍ରବଣର ତଥା ? ଏହି ସ୍ୱଭୁ ହେଉଛି ।

୨୭—ଗହନର ଗେହ ଭୂଷି ଦେଖନ୍ତି ସୁନ୍ଦରତ ସ୍ୱର୍ଣ୍ଣ (ସୁଜନ) ସ୍ୱର୍ଣ୍ଣ ନେଇଥିଲି ସ୍ୱର୍ଣ୍ଣ (ସୁଜତ) ଉଦୟ ସ୍ୱଜନର ।

୨୮—ଦଶିଦ୍ୱ ଅନୁଭବରେ ଶୀତଳ ଅନ୍ତରର ଏହା ସୁଧାକର ଏ ଅନୁଭବ ପ୍ରକାଶିତ ନେତ୍ରର ଓ ଅନୁଭ ତଥା ପ୍ରକାଶିଲେ ।

୨୯—ଉଦୟ ଗତ ଅଧ ଗତ ନେବ ନେବକୁ ଦେଖ ଯେ ତଥା ନାହିଁ, ଅତଏବ ନେତ୍ରତ୍ରୟଙ୍କୁ ଭାଷା ଜାଣୁଥିବେ ଉଦୟା (ସ୍ୱର) ୨୦ ଅନୁଭବ ।

ମଦନ୍ତ ହାନି ନ ଘେନି କି କରନ୍ତେ ଭଲେ ।
ଯୁବା ନବୀନା ଚରଣ ଶରଣ ନ ଥିଲେ ଯେ ॥ ୮୦
କଶ୍ୟପନ୍ତୁ ଶ୍ରେଷ୍ଠ କର କଣ୍ଠୁତ ପ୍ରକାରେ ।
ବାନ୍ଧିଲ ତା ଦ୍ୱିଜସୁତା କୁଶନାଡ଼ କରେ ଯେ ॥ ୮୧
ଠାରିଲ କି ଏହୁକରେ ହେବ ବନ୍ଧାବନ୍ଧ ।
ଏଣୁ ତାକୁ ଧନ ଅନୁଗ୍ରହେ ଦେଇ ବୋଧି ଯେ ॥ ୮୨
ନୀରଜ ବାସୀ ଉରଜେ ଦ୍ରୋହ ହେବାଫଳ ।
ସୂତ୍ରରେ ବନ୍ଧାଇ ଗତାଗତ ନାରିକେଳ ଯେ ॥ ୮୩
ପୂର୍ଣ୍ଣକୁମ୍ଭ ସ୍ଥକିତ ପଲ୍ଲବ ଶିରେ ଦେଇ ।
ପଦ ନଖ ଔଳଗ ବ୍ୟାଜରେ ଅଗ୍ରେ ରହୁ ଯେ ॥ ୮୪
କନ୍ୟା ତାତ ଅମ୍ବୁଦାନେ କମ୍ବୁହୃଦ ଜଳ ।
ଚଳେ କି ମୁଖ ପୋଛିବା ବ୍ୟାଜେ ଶ୍ରମଙ୍ଗିଳ ॥ ୮୫
ଲଙ୍କା ଦହନକୁ ଗୃହି ଲଜ୍ଜା ଲଭି ଯାଏ ।
ବଲ୍ଗୁବଲ୍ଗ ପଳାଇବ କମ୍ପି ଯିବ ନାଶ ଯେ ॥ ୮୬

୮୦—ପୁରୁଷ ମଦନ୍ତ ହାନି ନ ଘେନି ଭଲର—ନବୀନା ଚରଣ ନଥିଲେ ଯୁବା କି କରନ୍ତେ ?

୮୧—କଶ୍ୟପନ୍ତୁ (ହାତଶ୍ୱଶୁରନ୍ତୁ) ଶ୍ରେଷ୍ଠ ବର କନ୍ୟା ଜଗସୁନ୍ଦର କରକୁ ଦ୍ୱିଜକନ୍ୟା କୁଶନୋଡ଼ରେ କଣ୍ଠୁତ ପ୍ରକାରେ ବାନ୍ଧିଲା ।

୮୨—ଏହୁକରେ ବନ୍ଧାବନ୍ଧ ହେବ ବୋଲି ସେ ଠାରିଲା କି ? ଏଣୁ ତାକୁ ଅନୁଗ୍ରହରେ ଧନଦେଇ ବୋଧିଲେ ।

୮୩—ନୀରଜ (ପଦ୍ମ) ବାସୀ ସୁନ୍ଦରୀର ଉରଜ (ସ୍ତନଠାରେ) ଦ୍ରୋହହେବା ଫଳରୁ ନାରିକେଳଫଳ ସୂତ୍ରରେ ବନ୍ଧାହୋଇ ଗତାଗତ ହେଲା । ବିବାହଠାରେ ନାରିକେଳଫଳକୁ ବ୍ରାହ୍ମଣମାନେ ସୂତାରେ ବାନ୍ଧି ଅନ୍ୟ ହାତକୁ ଦିଅନ୍ତି ।

୮୪—ସେହି ବାଳାର ଉରଜ ସମାନ ହେଇ ପୂର୍ଣ୍ଣକୁମ୍ଭ ପଲ୍ଲବରୂପ କରକୁ ଶିରରେ ଦେଇ ବାଳାର ପଦନଖନ୍ତୁ ଔଳଗ କରିବା ବ୍ୟାଜରେ ଅଗରେ ରହି ସ୍ଥକିତ ହୋଇଛି କି ?

୮୫—କନ୍ୟାପିତା ଶଙ୍ଖରେ ଅମ୍ବୁଦାନେ (ଜଳଦାନ କରନ୍ତେ) ବାଳାର କଣ୍ଠ ଅଧରରୁ କମ୍ବୁ (ଶଙ୍ଖ) ହୃଦସ୍ଥଜଳ ମୁଖପୋଛିବା ଛଳରେ ଶ୍ରମଙ୍ଗିଳ ଚଳାଏ କି ?

୮୬—ଲଙ୍କା (ଚିର) ଦହନକୁ (ବିବାହୋମକୁ) ଗୃହି ଲଜ୍ଜା ଯାଏ (ବସ୍ତ୍ର) ଲଭି ବଲ୍ଗୁବଲ୍ଗ ପଳାଇବ କମ୍ପି ନାଶଯିବ ।

ରମା ସ୍ୱାଧୀନଭର୍ତ୍ତୃକା ଅନୁକୂଳ ପୁଂସ ।
ହୋଇ ମଞ୍ଜୁ ସ୍ମାନୁରାଗ କରିବେ ପ୍ରକାଶ ଯେ । ୮୭
ଦୂତେ ଚଣ୍ଡି ଦିଅଇ ବସନେ ଏ ଜାମନ୍ତ୍ରେ ।
କରେ ପଚାଇ ଗମନ କଲେ ସେ ସୁଦ୍ଧାନ୍ତେ ଯେ । ୮୮
ଦ୍ୟୂତ ଲୀଳାରେ ବସିଲେ ସେ ଯୁବତୀ ଯୁବା ।
ସୂତ୍ରଲୀଳା କୌତୁକ ଆଦ୍ୟାରମ୍ଭ ହେବା ଯେ । ୮୯
ସେ ଯୋଗୀନ୍ଦ୍ର ମୋହିନୀ ସମାଦ ବଢ଼ାଇଲା ।
କରମୂଠା ଭିତରେ ରଖିଲା କପର୍ଦ୍ଦିକ ଯେ । ୯୦
ଶିରୀଷ ପରି କୋମଳ ଅଙ୍ଗୀ ପଦ ତାର ।
କରିବ ନ ଦେଇ ସେ ବନ୍ଦୀକେ ବଳାତ୍କାର ଯେ । ୯୧
ପଞ୍ଚଗ୍ରାସୀ ବନାଶନ ଭୃତ ପୂର୍ଣ୍ଣ ବାଳ ।
ଶନାଶ ନ କରି ଔଷ୍ଠାମୃତ ଦୋଷ ଗୋଳ ଯେ । ୯୨

୮୭—ରମା ସ୍ୱାଧୀନଭର୍ତ୍ତୃକା (ସ୍ୱାମୀକି ବଶୀଭୂତ କରିବା ନାୟିକା (ଅନୁକୂଳ ପୁଂସ (ଏକମାତ୍ର ନାୟିକାଠାରେ ଆସକ୍ତ ପୁରୁଷ) ହୋଇ ମଞ୍ଜୁ ସ୍ମାନୁରାଗ (ଗମ୍ଭୀର ଭାବରେ ଦାମ୍ପତ୍ୟସ୍ନେହ) ପ୍ରକାଶ କରିବେ ।

୮୮—ବରକନ୍ୟା ଦୁହିଁ ଏ ଜାମନ୍ତ୍ର ବସନରେ ଦୂତେ ଚନ୍ଦ୍ର ଦିଅଇ କରେ ପଚାଇ ସୁଦ୍ଧାନ୍ତେ (ଅନ୍ତଃପୁରକୁ) ଗମନକଲେ । ବରକନ୍ୟାଙ୍କର ବସ୍ତ୍ରପାଟରେ ଗଣ୍ଠିପକା କରିବେ ପଡ଼ିବାର ପ୍ରସିଦ୍ଧ ଅଛି ।

୮୯—ସେ ଯୁବତୀ ଓ ଯୁବା ଦ୍ୟୂତ ଲୀଳାରେ (ଦ୍ୟୂତଖେଳରେ) ବସିଲେ । ନୂଆ ଖେଳ ସୂତ୍ରଲୀଳା (ସୂତ୍ରକ୍ରୀଡ଼ା) କୌତୁକର ଆଦ୍ୟାରମ୍ଭ କି ?

୯୦—ସେ ଯୋଗୀନ୍ଦ୍ର-ମୋହିନୀ (ଯୋଗୀମନହାରିଣୀ) ସିଦ୍ଧେଶ୍ୱରୀ ବଢ଼ାଇଲା (ବଢ଼ାଇଥିବା) ସମାଦ ହାତ-ମୂଠାରେ କପର୍ଦ୍ଦିକ (କଉଡ଼ି) ରଖିଲା ।

୯୧—ସେ ସୁନ୍ଦରୀର ଅଙ୍ଗ ଶିରୀଷପୁଷ୍ପପରି କୋମଳ ହୋଇଥିବାରୁ କୋମଳାଙ୍ଗୀ ପଦ (ନାମ) ଅଛି । ତେଣୁ ସେ ବନ୍ଦୀକୁ ବଳାତ୍କାର କରିବ ଦେବ ନାହିଁ । ଅର୍ଥାତ୍ ପୁରୁଷ ତାହାର କୋମଳ ଅଙ୍ଗ ଦେଖି ବାଂଆ ହେବା ଭୟରେ ବଳାତ୍କାର କରେ ନାହିଁ ।

୯୨—ଔଷ୍ଠାମୃତ ବନାଶନ କରି (ପାନ ନ କରି) ଶନାଶନ (ଅନାହାରରେ) ପୂର୍ଣ୍ଣ କରନ୍ତିନାହିଁ ଏହୁ ଦୋଷ ଗୋଳ ମନରେ ହେବାରୁ ପୁରୁଷଗ୍ରାସୀ ପଞ୍ଚଗ୍ରାସୀ କଲେ ।

ନୃପନନ୍ଦନ ବଦନ ଶୋଭନକୁ ଚାହିଁ ।
କଞ୍ଚନପିତୁଳା ପରି ଅନ୍ତଃପୁରସ୍ଥାୟୀ ଯେ ॥ ୯୩
ଯେତେ ଅଉଜିଲେ ବାଢ଼େ ଲଭନ୍ତି ଅଳସ ।
ଦିଶିଲେ ସେ ଲେଖା ଚିତ୍ରଲେଖାର ସଦୃଶ ଯେ ॥ ୯୪
ତାହାରେ ବାଞ୍ଛା କଲ ହୃଦମଧ୍ୟେ ରହି ।
କାମିନୀକ ମୁନିଙ୍କର ବ୍ରହ୍ମଜ୍ଞାନ ପାଇ ଯେ ॥ ୯୫
ସୀତାଯୁକ୍ତ ଧନ୍ୱାୟୁଧ ଅମ୍ବୁଜର ଦୃକ ।
ସ୍ୱାମ ତୋଷଦାନେ ରାମମୂର୍ତ୍ତି ବନ୍ଦେ ଲୋକ ଯେ ॥ ୯୬
ରାମଭଦ୍ର ରୁଦ୍ର ବଳଭଦ୍ର ଚନ୍ଦ୍ର ଶତ୍ରୁ ।
ଉପେନ୍ଦ୍ର ଭଞ୍ଜ ବୀରବର ବିରଚିତ ଯେ ॥ ୯୭

୯୩—ନୃପ ନନ୍ଦନର ବଦନ (ବଦ୍ୟ) ଶୋଭାକୁ ଚାହିଁ ଅନ୍ତଃପୁରରେ ଥିବା ଲୋକମାନେ କଞ୍ଚନ ପିତୁଳା (କାଠ ପିତୁଳା) ପରି ନିଶ୍ଚଳ ହୋଇ ରହିଲେ ।

୯୪—ଯେତେ (ଯେଉଁମାନେ) ଅଳସ୍ୟକୁ ଲଭି ବାଢ଼େ (କାନ୍ଥରେ) ଅଉଜିଲେ ସେମାନେ ଚିତ୍ରରେ ଲେଖା ହୋଇଥିବା ଚିତ୍ରଲେଖା (ଅପ୍ସରା) ସଦୃଶ ଦିଶିଲେ ।

୯୫—ସେ ଯୁବା ମୁନିଙ୍କର ବ୍ରହ୍ମଜ୍ଞାନପାଇ ହୃଦ ମଧ୍ୟରେ ରହିବାର କାମିନୀକି ବାଞ୍ଛା କଲ ।

୯୬।୯୭ ସୀତା ଓ ଧନ୍ୱାୟୁଧ (ବ୍ରହ୍ମାସ୍ତ୍ରରେ) ଯୁକ୍ତ ଏବଂ ଅମ୍ବୁଜର ଦୃକ (ପଦ୍ମନେତ୍ର) ପୁଣି ସ୍ୱାମ (ଶିବଙ୍କୁ) ତୋଷ ଦାନ କରଥିଲେ ଏବଂ ଯାହାଙ୍କୁ ଲୋକେ ବନ୍ଦନା କରନ୍ତି ଏମନ୍ତ ଯେ ରାମ ମୂର୍ତ୍ତି, ପୁଣି ସୀତା (ଗଙ୍ଗା) ଓ ଧନ୍ୱାୟୁଧ (ତ୍ରିଶୂଳରେ) ଯୁକ୍ତ, ଅମ୍ବୁଜର ଦୃକ (ଅଗ୍ନି-ଚକ୍ଷୁ) ସ୍ୱାମ ନାମ, ତୋଷ ଦାନେ ରାମମୂର୍ତ୍ତି (ବରଦାନରେ ରମଣୀୟ ମୂର୍ତ୍ତି) ଏବଂ ତାହାଙ୍କୁ ଲୋକେ ବନ୍ଦନା କରନ୍ତି ଏମନ୍ତ ଯେ ରୁଦ୍ର (ଶିବ)—ଧନ୍ୱାୟୁଧ ସୀତା (ଲଙ୍ଗଳରେ) ଯୁକ୍ତ, ଅମ୍ବୁଜର ଦୃକ (ସୂର୍ଯ୍ୟଚନ୍ଦ୍ର ପରି କାନ୍ତ) ସ୍ୱାମଦେବଙ୍କୁ ତୋଷ ଦାନ କରିବାରେ ରମଣୀୟ ମୂର୍ତ୍ତି ଧରିଥିଲେ ଏବଂ ଲୋକେ ଯାହାଙ୍କୁ ବନ୍ଦନା କରନ୍ତି ଏମନ୍ତ ଯେ ବଳଦେବ ଏମାନଙ୍କ ଚନ୍ଦ୍ରାକର ଉପେନ୍ଦ୍ରଭଞ୍ଜ ଏ ଗୀତକୁ ରଚନା କଲେ ।

ଚତୁସ୍ତ୍ରିଂଶ ଛାନ୍ଦ

ରାଗ—ପଞ୍ଚମ ବରାଡ଼ି । କଳସା ବାଣୀ

ଏ ସ୍ମିତ ଲକ୍ଷ୍ମୀନିଭା ରସ ଅସ୍ୱାଦନେ ।
ଅର୍ଥୀ ହେବ ଏଥୁ ଅନ ରଦ ଥିବ ଜନେ ହେ ।
ମଧୁଗନ୍ଧା ସଦନ ସଜାଡ଼ ସହଚରୀ ।
ବେଶ କଲ ସଙ୍ଗୀତରେ ସେ ବାଦ୍ୟ ପ୍ରବୃତ୍ତ ଯେ । ୧
ମଣ୍ଡିଲେ ଏମନ୍ତ ପୁର ଇନ୍ଦ୍ରିୟେଁ ସଂଯମେ ।
ନବାଙ୍ଗନା ହୃଦେ ଯୁବା ପ୍ରମୋଦ ଉଦୟେ ଯେ ।
ଗୋପୀ କୁନ୍ତୁଲ୍ଲଜା ଗତ ନାହିଁ ଚହିଁ ଦେଖା ।
ସୀତା ରାମ ପ୍ରଦୀପ ଲକ୍ଷ୍ମଣ ଯଥ ଲେଖା ଯେ । ୨
ନୂତନରେ ଏତେ ରତ କାହିଁ ମତ ହର ।
ଉର୍ଦ୍ଧ୍ୱଜାତ ଦର କଣ୍ଠ ବଦାନ୍ୟ କର ଯେ ।
ପଲଙ୍କେ ପ୍ରିୟ ମାଣ୍ଡବ୍ୟ ଏହୁ ଖଣ୍ଡ ଥିଲେ ।
କଳ୍ପିତ ଦେଖିବା ନ ଦେଖିବା ଭଳି ବଳେ ଯେ । ୩

୧—ଏ ସ୍ମିତ ଲକ୍ଷ୍ମୀନିଭା (ଅଶ୍ରୁ) ଅନରଦ (ଅନନ୍ୟଦନ୍ତ) ଥିବ ଲୋକ-ମାନେ ଏହାର ରସ ଅସ୍ୱାଦନରେ ଅର୍ଥୀ ହେବେ । ସହଚରୀ ମଧୁ ଗନ୍ଧା ସଦନ (ଗୃହକୁ) ସଜାଡ଼ି ବେଶ କଲ, ଏବଂ ସେ ମଣ୍ଡନ ବାଦ୍ୟସବୁ ସଙ୍ଗୀତରେ (ସଙ୍ଗୀତି) ପ୍ରବୃତ୍ତ କଲ ।

୨—ନବାଙ୍ଗନାର ହୃଦ ପାଇଁ ଯୁବାର ପ୍ରମୋଦ ଉଦୟ (ଜାତ) ହେବା ପାଇଁ ଏପର ପୁରକୁ ମଣ୍ଡିଲେ ଓ ଇନ୍ଦ୍ରିୟକୁ ସଂଯମିଲେ । ଚିତ୍ରରେ ଗୋପୀ ଓ କୃଷ୍ଣଙ୍କର ଲଜ୍ଜା ଗତ ଦେଖା ନାହିଁ, କିନ୍ତୁ ସୀତାରାମଙ୍କ ମଧ୍ୟସ୍ଥ ଓ ସେଠାରେ ଥିବା ପ୍ରଦୀପ ଯଥ ଲକ୍ଷ୍ମଣ ଲେଖା ହୋଇଛି ।

୩—ନୂତନ ଅବସ୍ଥାରେ ଏତ ହର (କୃଷ୍ଣ ବିମ୍ବକର) ଯେତେ ରତ କାହିଁ—ଉର୍ଦ୍ଧ୍ୱଜାତଙ୍କୁ ଦର (ଶିବ) ବଦାନ୍ୟ କରନ୍ତି । ଏଥିରେ ଉର୍ଦ୍ଧ୍ୱୋଦର ସୁନ୍ଦରୀ ଚିତ୍ରର ନକ୍ଷତ୍ରର ସାବନ୍ତ ପଲଙ୍କରେ ପ୍ରିୟ ଏବଂ ମାଣ୍ଡବ୍ୟଙ୍କରେ (ଉପନାୟିକାଙ୍କ) ଏହୁ ଖଣ୍ଡ ଥିବାରୁ ଏହୁ ଯେତେ କଳ୍ପିତରେ ସୁଖ ଲଭିବ ବାଳକ ଦେଖିବ ବା ନ ଦେଖିବ ଏହୁ ଭଳି ହେବାରୁ ତାଙ୍କର ପୁନରପି ରତ କାହିଁ ।

ପ୍ରଚ୍ଛଦପଟ୍ଟ ସୁପାତ୍ର ସୁହଂସୂଳୀ ତୂଳୀ ।
ହୋଇ ପୁଷ୍ପ ନ ବହ୍ନି ପଡ଼ିବାଡ ଭାଳି ଯେ ।
ଅଳେକ-ତମ-ରକ୍ଷଣୀ ପ୍ରଦୀପପଞ୍ଜରୀ ।
ତାଟଙ୍କ ଭୂଷାଦ ରତ୍ନ ଜ୍ୟୋତକ ବରୁର ଯେ ।
ତୂର୍ଣ୍ଣେ ପୂର୍ଣ୍ଣ ଘନସାରଚୂର୍ଣ୍ଣ ଶେଯେ ସିଞ୍ଚି ।
ରସାମଣ୍ଡନା ରସାନ୍ତ ଉପକାର ପାଞ୍ଚି ଯେ ।
ହୁଡ଼ ଗଞ୍ଜିଲେ ଶୋଭାକୁ ଦର୍ପଣବିତାନ ।
ହେଜନ୍ତୁ ହୋଇବ ଦୁଇ ଦଟକୁ ସମାନ ଯେ ॥ ୪
ସଖୀଏ ବୋଇଲେ ଏତେ ନ ଜାଣ ତ ନାକ
ବାଳକାଳୁଁ ଅନୁସର ଚତୁରମଣିକ ଯେ ।
ନାମେ ବ୍ରହ୍ମା ଗୁପ୍ତେ ରଖିଥିଲେ କୁଟକୋଟୀ ।
ଦେଖ ସଜ ହୁଏ ସର୍ଜିବାକୁ ପ୍ରେମସୃଷ୍ଟି ଯେ ॥ ୫
ସ୍ଥାଣୁର ହୋଇବ ଦ୍ୱିଜପଦ ବହିବାରେ ।
ଦଗମ୍ବର ହୋଇ ଶିବ ହେବ ଏ ନିଶାରେ ଯେ ।
ନ ଜାଣିଲେ ହୋଇ ତହିଁ ଏକ ସଖୀ ପୁଚ୍ଛି ।
ଅର୍ଦ୍ଧେନ୍ଦୁ ବହିବା ଯୋଗ କେଉଁକେଳ ଅଚ୍ଛି ଯେ ॥ ୬

୪—ସୂହଂସୂଳୀ ତୂଳୀ (ଗଦ) ହୋଇ ତାହାଙ୍କଉପରେ ପ୍ରଚ୍ଛଦପଟ୍ଟ (ଶଇଣାଗୁଦର) ସୁହାତ ପୁଷ୍ପ ପଡ଼ିବାର ଏହାଭଳି ଆଉ ପୁଷ୍ପ ବାଣ୍ଟିଲ ନାହିଁ, ଅର୍ଥାତ୍ ସୁନ୍ଦରୀ ଦେହରୁ ଫୁଲ ଖସି ତହିଁରେ ପଡ଼ିବ । ତାଟଙ୍କ (କର୍ଣ୍ଣଭୂଷଣ) ପ୍ରଭୃତିରୁ ଅଳେକ । ତମରକ୍ଷଣୀ (ଦୀପରଖା) ଏବଂ ତହିଁରେ ଥିବା ରତ୍ନମାନଙ୍କର ଜ୍ୟୋତକ ଦୀପମଞ୍ଜରୀ (ଦୀପଶିଖା) ବରୁର ଦୀପ ରଖିନାହୁଁ ।

୫—ରସାମଣ୍ଡନା (କ୍ରମଣ୍ଡନାର) ରସାନ୍ତ (ରତଶେଷରେ) ଉପକାର ହେବା ପାଇଁ ତୂର୍ଣ୍ଣେ (ଶୀଘ୍ର) ଶେଯରେ ଘନସାର ଚୂର୍ଣ୍ଣ (କର୍ପୂରଗୁଣ୍ଡି) ପୂର୍ଣ୍ଣକଲେ, ଦର୍ପଣ ବିତାନ (ଦର୍ପଣଦଅ ଗୃହଚ୍ଛାତ)ର ଶୋଭାକୁ ହୁଡ଼କର ଗଞ୍ଜି ଦେଲେ, ହେଜନ୍ତୁ ସେ ଦୁଇଦଟକୁ (ତଳଉପରକୁ) ସମାନ ହୋଇଯିବ ।

୬—କୋହିଏ ସଖୀ କହିଲେ, ତୁମ୍ଭେ ଚତୁରମଣିକ ବାଳକାଳରୁ ଅନୁସର ଏହା ଜାଣନା କି, କୁଟକୋଟୀ ସୁନ୍ଦରୀ ନିଜ ନାମରେ ବ୍ରହ୍ମାପଦକୁ ଗୁପ୍ତକର ରଖିଥିଲେ, ଅତଏବ ଦେଖ ବ୍ରହ୍ମାପର ପ୍ରେମସୃଷ୍ଟି ସର୍ଜନାକରିବାକୁ ସଜହୁଏ ।

୭—ଏ ସୁନ୍ଦରୀ ଦ୍ୱିଜପଦ (ନଖ ଓ ଦନ୍ତ କ୍ଷତଚିହ୍ନ ଓ ଶ୍ରୀବତ୍ସଲାଞ୍ଛନକୁ) ବହିବାରେ ସ୍ଥାଣୁର (ବିଷ୍ଣୁ) ହେବ । ଏ ନିଶାରେ ଦଗମ୍ବର ହୋଇ ଶିବ ହେବ । ତହିଁ ଏକସଖୀ ନଜାଣିଲେ ପରି ହୋଇ ପଚାରିଲେ—ଏ ଯେବେ ଶିବ ହେବେ ତେବେ ଶିବଙ୍କ ପରି ଅର୍ଦ୍ଧେନ୍ଦୁ (ଅର୍ଦ୍ଧଚନ୍ଦ୍ର ଓ ଅର୍ଦ୍ଧଚନ୍ଦ୍ର ସଦୃଶ ନଖକ୍ଷତ) ବହିବା ଯୋଗ କେଉଁକେଳେ ଅଚ୍ଛି ?

ଜଣେ ଭଣେ ଶ୍ୟେନ-ଦୁର୍ଗେ ହରିଣ-ସେନାଙ୍କ ।
ରହି ନ ପାରିବ ପଶି ଦେଖିବଣି ସେନା ଯେ ।
କେ ବୋଲଇ ଦେଖ ବେଳେ ଭୟଆନ୍ତି ନାହିଁ ।
ପାଉଛାଟି ନିନ୍ଦା ତାହା ନ ରହିବ ପଛି ଯେ । ୮
ସଙ୍ଗୀଏ କହନ୍ତି କ୍ରୀଡ଼ା କଲେ ଏହି ସ୍ୱଭ ।
ମନସିଜ ଅପଶ-ପତାକା ଉଡ଼ାଇବ ଯେ ।
ଅଙ୍ଗ ହେବ ଅଙ୍ଗଦେଶେ କାନ୍ତ ନୃପତି ।
ପ୍ରବେଶେ କର ଗ୍ରହଣ କରିବ ଫୁଟିକ ଯେ । ୯
କେହି କହି ମୂଳ ହେବ କଟକ ମନ୍ତ୍ରିତା ।
ତାଙ୍କ ପ୍ରତାପ ଫଳ ଛତ୍ର ଦେଉଥିବା ଯେ ।
ଖଞ୍ଜିଥିବା ରଞ୍ଜିବାକୁ ସୁର ଲଞ୍ଚଣାକୁ ।
ଝିଲିମିଲିମାଳୀ ପାନପତ୍ରୀ ତୋରଣାକୁ ଯେ । ୧୦
ଶଙ୍ଖ ତୋ ନୂପୁର ବଳା ଝୁଣ୍ଟିଅ ବାଜେଣି ।
ଚତୁର୍ବିଧ ବାଦ୍ୟ ହେବ ବନ୍ଦୀଏ ଭଣି ଯେ ।
ହସି ଅଳୀଏ କହନ୍ତି ଏ କଥା କରୁଣ ।
ଅନାଦୃତ୍ୟେ କଲେ ଭଲ୍ଲ ସୁରତ ତୋରଣ ଯେ । ୧୧
ପଞ୍ଚସବାଣୀ ଏହି ଯେ କହି ଦେଶଦେଶ ।
ବନ୍ଧୁଗଣଅଧର୍ମ ମହାର୍ଦ୍ଦ ଟିକି ଭାବ ଯେ ।
ମୃଦୁ ହସି ଦୃଷ୍ଟିକି ବଢ଼ାଇ ଦେବା ସଖୀ ।
ଏତେ ଚେତୁ ଏହାକୁ ପାଇଲୁ ତ ରସ ଯେ । ୧୨

୮—ଜଣେ ସଖୀ କହିଲା, ହରିଣ (ମୃଗ) ରୂପ ସେନାଙ୍କ ଶ୍ୟେନ (ପକ୍ଷୀ) ରୂପକ ଦୁର୍ଗରେ ରହିବାକୁ ସେନା ରହିପାରିବ ନାହିଁ ପରା । କେହି କହିଲା, ହାର ଦେଖିବେଳେ ନାହିଁ ଭୟଆନ୍ତି କାରଣ ଏହିରେ ହାର ରହିବନାହିଁ, ଅସ୍ମମାନେ ନିନ୍ଦା ପାଉଛନ୍ତି ।

୯—ଜଣେ ସଖୀ କହିଲା—ମୁଁ ଏହି ସ୍ୱଭାବେନ କ୍ରୀଡ଼ା ବାଡେଇଲି ଯେ ମନସିଜ (କାମର) ଅପଶ ପତାକା ଉଡ଼ୁଥ ସେ କ୍ରୀଡ଼ା କରିବ । ଅନ୍ୟ ସୁନ୍ଦର ଅଙ୍ଗ ଦେଶରେ (ଦେହରେ) କାନ୍ତ (ସ୍ୱାମୀ) ନୃପତି (ରଜା) ହେବ । ପ୍ରବେଶ ପାଇଁ ଫୁଟିକ କର (ହସ୍ତ ଓ ଶୁଳ୍କ) ଗ୍ରହଣ କରିବ ।

୧୦—କେହି କହିଲା କଟକ (ରାଜଧାନୀ ଓ ନିତମ୍ବମଣ୍ଡଳ) ମନ୍ତ୍ରିତା ମୂଳ ହେଲା ତାଙ୍କ ରୂପ ପ୍ରତାପ ଓ କର୍ଣ୍ଣଫୁଲ ଛତ୍ର ଦେଉଥିବା ସୁର ଲଞ୍ଚଣା ସୁନ୍ଦରୀକୁ ରଞ୍ଜିବାକୁ ଝିଲିମିଲି ମାଳୀ ଓ ପାନପତ୍ରୀ ରୂପ ତୋରଣାକୁ ଖଞ୍ଜିଥିବା ।

୧୧—ଅଳୀଏ (ସଖିମାନେ ।

୧୨—ବନ୍ଧୁଗଣ (ବନ୍ଧୁତା)

ଅଳିଏ ଛଇଲ ଯୋଗ ଏ ପାଇଲେ ରହୁ ।
ନବବନ୍ଧ ବୋଇଲ ଯେ ନ ରହିବ ସେହୁ ଯେ ।
ରସନଦୀ ବୃଦ୍ଧି ବୁଡ଼ାଇବ ବେଳାକୂଳ ।
ଏବେନି-କଳ୍ପଲତା ହୋଇବ ଚଞ୍ଚଳ ଯେ ॥ ୧୩
ସଙ୍ଗିନୀଏ ପକ୍ଷ ହେଲେ ରସ ରଙ୍ଗିଣୀକି
ତୁମ୍ଭ ବୋଲ ଯେବେ ହୃଦେ ନ ବାନ୍ଧିବ ତାଙ୍କି ଯେ ।
ପ୍ରେମବୀଜ ଅଙ୍କୁରିଅଛି ହୃଦକ୍ଷେତ୍ରେ ।
ରହିବ ବାନସୁଫଳ ଜାହ ପରପତ୍ରେ ଯେ ॥ ୧୪
ପ୍ରିୟତମାଏ ଲୁପିଲ ହାସ କର କେତେ ।
ଶିକ୍ଷା ଦେଇଥାଅ କେଉଁ ଲୀଳା ଯେଉଁ ମତେ ଯେ ।
କି କଥା କହ ଗୋ ବୋଲି ଏକ ସଖୀ ଭାଷେ ।
ଏ ପୁରଶାସ୍ତ୍ରପଣ୍ଡିତା ଅଗୁରୁବିଦ୍ୟା ସେ ଯେ ॥ ୧୫
ଏ କଥା ପ୍ରମାଣ କଲି ଏକ ସଖୀ ଥାଇ ।
ମୟୂର ପରକୁ ଯଥା ଚିତ୍ରକର ନାହିଁ ଯେ ।
ଏ ସମୟେ ଜଣାଇଲି ଅସି ଏକ ସ୍ତ୍ରୀନ୍ତୁ ।
କେଳିପୁରେ ବିଜେ କଲେଣି ରତିଗୁରୁ ଯେ ॥ ୧୬
ଆଜ ତୋ କୁଚ-କଠିଣୀ ଛୁଇଁବା ହୋଇବ ।
ଏ ଅନନ୍ତରେ ରସିକା ମିଛ କହିବ ଯେ ।
ସ୍ୱାଧୀନଭର୍ତ୍ତୃକା ହୋଇବାକୁ ଇଚ୍ଛାଥିଲେ ।
ସ୍ୱରବେଳ ହୋଇଅଛି ଚାଲ ବୋଲି ନେଲେ ଯେ ॥ ୧୭
ଗୌରୀଙ୍କି ଭବ ପାଶେ ନେବା ରଙ୍ଗ ତହିଁ ।
ଲକ୍ଷ୍ମୀରୂପେ ଦଶିଲେ ସ୍ୱଭାବତ ଏହୁ ଯେ ।
ଲଜ୍ଜା ଅନୁରାଗର ଉପୁଜିଲା ବାଦ ।
ନ ବଳି ବଳି ନ ଚଳି ଚଳି ମନ ପାଦ ଯେ ॥ ୧୮

୧୫—ଅଗୁରୁବିଦ୍ୟା (ବିନାଗୁରୁରେ ହେବା ବିଦ୍ୟା)

୧୭—କୁଚକଠିଣୀ (ସ୍ତନରୂପ ଖଡ଼ି) । ସ୍ୱାଧୀନଭର୍ତ୍ତୃକା (ଯାହାର ସ୍ୱାମୀ ଅନ୍ୟ ସ୍ତ୍ରୀଠାରେ ଆସକ୍ତ ହୁଏନା)

୧୮—ଗୌରୀ (ପାର୍ବତୀଙ୍କୁ) ଭବ (ମହାଦେବଙ୍କ) ପାଖକୁ ନେବା ରଙ୍ଗ ଲକ୍ଷ୍ମୀ ରୂପେ ସେଠାରେ ଏହୁ ସ୍ୱଭାବତ (ନିଜଚଳନା) ଦଶିଲେ । ଲଜ୍ଜା ଓ ଅନୁରାଗ (ସ୍ନେହ) ଦୁହିଁଙ୍କର ବିବାଦ ଉପୁଜିବାରୁ ମନ ଲଜ୍ଜା ହେତୁ ନ ବଳିଥିଲା ଅନୁରାଗ ହେତୁ ବଳିଲା, ପାଦ ଲଜ୍ଜାରୁ ନ ଚଳିଲେ ହେଁ ଅନୁରାଗରୁ ଚଳିଲା ।

ମଦନର ଗୃହୁଁ କହେ କେଉଁ ସହଚରେ ।
କାନ୍ତ ବଳବନ୍ତ ମୁଁ ଅବଳା ସୁକୁମାରୀ ଯେ ।
ବହୁ ବହୁ ହେଉଛି ଏ ଏ କେବ୍ବ ସ୍ତବ
ପ୍ରଚଣ୍ଡ କରକେଶ ପଦ୍ମନାଭ ଓଷ୍ଠେ ରବି ଯେ । ୧୯
ଚନ୍ଦ୍ରମା ଶପଥ ଶତ୍ରୁ କରଇ ଏ ନାଶ ।
ପ୍ରାଣନାଥ ଏତ ଆସ୍ୱାଦର ସିନା ରସ ଯେ ।
ଟେର କୃପାନ୍ତ ଯୋବନ ବସ୍ତ୍ର ଟର୍ଜ୍ଜ ଟୁଟେ ।
ଯେନ ଚୋରୀ ପ୍ରନ ହାଣି ନ ପାରନ୍ତେ ହର ଯେ । ୨୦
କେ କହୁ ଏ ନୋହେ ସ୍ତନ ବହୁ ବହୁ ବ୍ୟାଜେ ।
ବହୁ ବହୁ ଅମୃତ କେ ବୁଝି ଏହା ହେବେ ଯେ ।
କେ କହେ ବାଳା ପଦ୍ମଶୁ ନାହିଁ ଲଜ୍ଜା ଦୋଷ ।
ନ ପଚ୍ଛିଚ ଏ ତାହାଠାରେ ଅମୃ ସ୍ୱ.ସ୍ୱ ଯେ । ୨୧
ଅମୃତାରେ ନାହିଁ ବାଳା କପଟ ଚେ ବୋଲ୍ ।
ଅଙ୍ଗେ ଚିତ୍ର ମଙ୍ଗ ରଙ୍ଗ ଦେଖାବତ ଭାଳ୍ ଯେ ।
ଏ ରସ ବଟର ଧର ସଙ୍ଗେ ଏହା ସ୍ମର ।
ଖଳମ୍ଭେ ଉମେ ରସିକା ଅନଅନୁବ୍ରତା ଯେ । ୨୨
କେ କର୍ଣ୍ଣେ କହେ ତୁ ପର ଚତୁର ବସ୍ତ୍ରାନ୍ତୁ
ଖଳମ୍ଭେ ଏତେକ କଷ୍ଟ ଅଛି ନ ବସ୍ତ୍ରରୁ ଯେ ।
ମନ୍ମଥ ରଚେ ମନ୍ତାଗ୍ରୁ ନୋତ୍ତ ପୃଷ୍ଠି ।
ସର୍ବସ୍ୱ ସବପିବଟି ତୁଅ ସାବଧାନ ଯେ । ୨୩
ରସିକ ବର୍ଷି ପଦ୍ମକେ ଏ ଭାଗଇଯୋର ।
ପ୍ରବ୍ଦମ୍ଭନୀ ରସ ଗୃହୀଁ ନତୁନ ଯେ ।

୨୦—ଶତ୍ରୁ ଚନ୍ଦ୍ରମାର ଶପଥ ହେବେ ହିଁ ତାହାର ରସାସ୍ୱାଦନ କରେ ତାରୁ ନାଶକରେ ନା, ଏତ ପ୍ରାଣନାଥ (ଶପଥ ନୁହନ୍ତି) ଏ କେବଳ ରସାସ୍ୱାଦନ ମାତ୍ର କରନ୍ତେ ।

୨୧—କେଉଁ କହେ—ସ୍ତନର ଏ ବଡ ବଡ ନୋହେ, ସ୍ତନ ଜିଲ୍ଲ ବହୁ ବହୁ ହେବା ବ୍ୟାଜରେ ତୁମ୍ଭେମାନେ ଏଥିଠାରୁ ବହୁ ବହୁ ଅମୃତମାନଙ୍କ କହୁଛ ମୁଁ ଏହା ହେବବ ।

୨୨—ଅନ ଅନୁବ୍ରତା (ଯେ ଏ ଅନୁବ୍ରତ ନୁହ ନାହିଁ) ।

୨୪—ଜ୍ୟଦବର ବଳ (ଜିବର୍ଜ୍ଜୁରେ) ରେଣୁ ପଶିଥିବା ମହାନଦୀ ବଳଠାରେ

ତୁଷ୍ଟି ପଡ଼ ଉଦରଶରଣ ବଳଠାରେ ।
ତନୁଦାନ ଅଶଙ୍କା କି ତନୁଦାନ କରେ ଯେ ॥ ୨୪
ଯେଉଁଦାନ ଦାନ ଦାନବରବାରେ-ସୁଖଦାୟୀ ।
ଲଜ୍ଜା ବାହ୍ୟକାଷୀରେ ବାର କି ଦେବାପାଇଁ ଯେ ।
ନ କରେ କି ଦାନୀ ଦାନ ବାବ୍‌ରେ କୃପଣୀ ॥
ହୃଦୟରେ ଉଦୟ କି ସ୍ତନସଙ୍ଗ ଗୁଣୀ ଯେ ॥ ୨୫
ବାହ୍ୟ ଲୋକ ସାହାଯ୍ୟ କେତେବେଳେ ରହୁ ।
ଏଷଣି ଅସିବେ ସୁଲକ୍ଷଣୀ ଯେଉଁ ସଖୀ ଯେ ॥
କର ପୀଡ଼ାରେ ସାରବ ଉରଜ ମହତ୍ତ୍ୱ ।
ଅଙ୍ଗସୀମା ବ୍ରୀଡ଼ାକୁ ଛଡ଼ାଇ ଦେବ ସତ ଯେ ॥ ୨୬
ଏ କାଳେ ପୂର ପାରୁଶେ ନୂପୁର ଡାକଲ୍ ।
ନୂପୁରସୁନ୍ଦରୀବୃନ୍ଦଗଣ ଛନ୍ଦେ କଲ୍ ଯେ ।
ବଳାଇ ମୁଁ ପଥ ବଳା କରବାରୁ ଖେଳ ।
ମୁଁ ଖଣ୍ଡିଅ ବୋଲ୍ କି ଝୁଣ୍ଟିଆ କରେ ଗୋଳ ଯେ ॥ ୨୭
ରୁଣୁବା ଝୁଣୁବା ବୋଲେ କିଙ୍କିଣୀ ପାଦ କି ।
ଏବଣେ ମାନସ ଅଶା ଯୁବାକର ଚେଇ ଯେ ॥
ଭେଟିବ ନେତ୍ରଦୁହିଙ୍କି ନିରଞ୍ଜନ କର ।
ମୁଁ ନତା ଭୃତ୍ୟ ହୋଇଲି କହିବ ଅନୁସର ଯେ ॥ ୨୮
ଗୀତବେଷ୍ଟୀ ହୃଦୟରେ ପୂରିତ କରୁଣା ।
ଉଦଇତନ ଚକ୍ଷିନ କରବ ସାରଣୀ ଯେ ॥
ଃଢ଼ୀ ମୋର ଭବ ହେବ ପନ୍ଥା ଅନନ୍ତର ।
ଯତ୍‌ନେ ଚନ୍ଦ୍ରଶେଖର ଦେଖିବ ସାମନ୍ତ ନମ ॥ ୨୯

ତୁଷ୍ଟି ପଡ଼ ଯିବାରୁ ତନୁ ଦାନ (ଦେହଦାନକୁ) ତନୁଦାନ (ଅଳ୍ପଦାନ) ରୂପେ ଅଶଙ୍କା କରେ କି ?

୨୫—ଯେଉଁ ତନୁଦାନ ଦାନବାର—ବର (ଦେବଶ୍ରେଷ୍ଠ ଇନ୍ଦ୍ରଙ୍କର ମଧ୍ୟ) ସୁଖ-ଦାୟୀ ସେ ଦାନ କରିବାକୁ ଲଜ୍ଜା ବାରବାଣୀରେ (ପଦ୍ମବନଟୀକୁ) ବାରଣ କରଇ କି ? କୃପଣ ବାରଣ କଲେ ମଧ୍ୟ ଦାନୀ (ଦାତା) ଦାନକରେ ନା କି ? ସ୍ତନ ସଙ୍ଗରେ ଥିବାରୁ ସୁନ୍ଦରୀ ହୃଦୟରେ ସ୍ତନଗୁଣ (କାଠିନ୍ୟ) ଉଦୟ ହେଲା କି ?

୨୬—ବାହ୍ୟ—ବାହ୍ୟ (ବାହାର ଲୋକ)

୨୮—ନେତ୍ର ଦୁହିଙ୍କି ନିରଞ୍ଜନ କର—ନେତ୍ର ପଦ୍ମ ଦ୍ୱାରା ବନ୍ଦନା କର ।

ଏ ସମୟେ ବାଳାକୁ ବଳାଇ ଦେହକଳ ।
କଣେ ପୂର୍ଣ୍ଣ ବକ୍ଷରେ ସର୍ପ ପିବା ଝିଅ ଯେ ।
ପ୍ରତିବିମ୍ବର ଭଳ ତେ କହ ଗୋ ଏ କଥା ।
ଅଙ୍ଗସଙ୍ଗ ଅମୃତ ଲଭିଥିବ କାହା ଯେ । ୩୦
ପର ଭୂଷାରୁ ଏ ହେବ ଯଶ୍ଚ ମାନ ମିଳ ।
ଯେ ଯାହାର ଦ୍ରବ୍ୟ ସେ ତାହାକୁ ପ୍ରତିପାଳ ଯେ ।
ଥାଅ ମେଳଣି ହେଲଁ ହିଁ ବୋଲ୍ ଭଜେ ସଖୀ ।
ଖୋଜୁଥଗ ଅଟେ ହସ୍ତ ବେକ୍ସ କାନ୍ତ ଦେଖି ଯେ । ୩୧
ସେ କାଳେ ସରସୀ ଶୋଭା ସେ ତେଜମଧର ।
ଅତି ମଦନ-ମଦାନ୍ଧ ତରୁଣ ଭୃଙ୍ଗର ଯେ ।
ତତ ମୃଣାଳ-ଜାଳକ କରରେ ଧରନ୍ତ ।
ପୁଷ୍ପରେ ନଳିନୀଲତା ବନ୍ଧାନ୍ତି କି ନେତ୍ର ଯେ । ୩୨
କୁମାର ବଧାକ ତୋଳେ ସୁଧା ପେଯ ବାଣୀ ।
ମାର ସାରଣି ଖେଳର ଶୋଭାର ସଦୃଶ ଯେ ।
ସେ କାଳ ରବିଅସ୍ତତା ଦୂରକୁ ମତ ।
ଉଦ୍ଦୀପନ ଶବଦ ହୋଇବ ଦୂର ଗତି ଯେ । ୩୩
କାନ୍ତ ଚନ୍ଦ୍ର ଶୀତଳତା ନବ୍ୟ ଉଦ୍‌ଭାସ ।
କିରଣରେ ଉତ୍ତ୍ରୀର ଚନ୍ଦ୍ର ଭ୍ରୂର ବସ ଯେ ।
ମୂର୍ଚ୍ଛନା ସ୍ୱପନକୁ ସ୍ୱତନ୍ତ୍ର କରିବର ।
ସନ୍ନାହର ତାରକା ଫଳକ ଉପୁଜନ୍ତ ଯେ । ୩୪

୩୨—ସେ କାଳେ ସେ ତେଜମଧର ସରସୀ (ପୁଷ୍କରିଣୀ) ଶୋଭାକୁ ଧାରଣ କଲା, ପୁଷ୍ପରଶ୍ମିରେ ମଦାନ୍ଧ ଭୃଙ୍ଗର (ମତ୍ତଭ୍ରମର) ଯତି ମୃଣାଳ (ତେଜମଧର) ଜାଳକ (ପଦ୍ମକୁ) କରରେ (ଶୁଣ୍ଡରେ) ଧର ନଳିନୀ ଲତାକୁ ବନ୍ଧାନ୍ତି କର ଏଠାରେ ମଦନ ମଦାନ୍ଧ (କାମାନ୍ଧ) ତରୁଣ (ଯୁବକ) ମନାଳ ଜାଳକ ସଦୃଶ ମୃଣାଳ କରକୁ କବଳର ଧର ନଳିନୀ କନ୍ୟା ସଦୃଶ ମୃଣାଳକୁ ପୁଷ୍ପରେ (ଶଯ୍ୟା ମଧ୍ୟରେ) ଟାଣି ନେଲା ।

୩୩—ସେ କାଳରେ ରବିଅସ୍ତ ହେବା ଦ୍ୱାରା ତମସ ରାତ୍ର ଶୋଭା ଦୂରକୁ ଗଲା । ତଦ୍ଦ୍ୱାରେ ମୃଦୁ ଶବଦ ଶବଦରୁ ଉଦ୍ଦୀପନ ହେଲା ।

୩୪—କାନ୍ତ ଚନ୍ଦ୍ର ହେଲା. ତାହାର ପ୍ରକାଶ ହୋଇଥିବା ଶୀତଳ ନବ୍ୟ (ନୂତନ) ରୂପ ଚନ୍ଦ୍ର କିରଣରେ ଉତ୍ତ୍ରୀର (ଚନ୍ଦ୍ରକାନ୍ତ) ମଣି ଚନ୍ଦ୍ରକୁ ସ୍ପର୍ଶରେ ଭଲ କଲା । ପୁଣି ସେ ଶବଦ କାଳ ମୂର୍ଚ୍ଛନା ସ୍ୱପନକୁ (ମାଳତୀ ପୁଷ୍ପକୁ) ସ୍ୱତନ୍ତ୍ର କରିଏ ଓ ତାରକା ମାନଙ୍କର ମନୋହର ଫଳକୁ ଉପୁଜାଏ ଏଠାରେ

ପୁଷ୍କର ହ୍ରଦ ନିର୍ମଳ ଭଜେ ଅତିଶୟ ।
କାଶ ଦରବିକାଶ ହାସରେ କମନୀୟ ଯେ ॥
ପ୍ରକାଶ ଉଜ୍ଜ୍ୱଳରସ ହୋଇବାର ପଣ୍ଡୁ ।
ଲଜ୍ଜାଘନ କ୍ରମେ କ୍ରମେ ଗଲା ଖଣ୍ଡ ଖଣ୍ଡ ଯେ ॥ ୩୫
ନୀହାର ହୋଇବା କାଳ ପ୍ରକଟିଲା ଆସି ।
ପୁଲକ ବେପଥୁ ଗଲା ତନୁରେ ଗରାସି ଯେ ।
ସେ ବତଶ ଲକ୍ଷଣା ଭାବରେ ପୁଲକିତ ।
ଦୀନ ହୋଇଥିଲା ବୁଦ୍ଧି କ୍ଷୀଣକୁ ଭଜିତ ଯେ ॥ ୩୬
ଶୁକ ସୁବଚନାମୃତ ପାନେ ଲୋଭୀ ଅତି ॥
ଅଧର ଅରୁଣ ସ୍ପର୍ଶରେ ହେଲା ମତି ଯେ ॥
ଅଙ୍ଗେ ଅଙ୍ଗେ ଜଡ଼ ପୁଣି ଗଲା ଯେ ପ୍ରବର୍ତ୍ତି ।
କଣାର ଥିବାର ବାଞ୍ଛା ହୋଇଲା ଉଦ୍ବୃତ୍ତ ଯେ ॥ ୩୭

କାନ୍ତ ସୁମନା (ସ୍ତ୍ରୀର) ସୁମନକୁ ଅନନ୍ଦିତ କରାଇଲା, ତାରକା (ନେତ୍ର ପିତୁଳାର) ମନୋହର ଝଲକ ଉପୁଜିଲା ।

୩୫—ପୁଷ୍କର (ଆକାଶ) ପରି ସୁନ୍ଦରୀର ହୃଦୟ ଅତିଶୟ ନିର୍ମଳତାକୁ ଭଜିଲା, କାଶ (କାଇଁଶଫୁଲ) ପରି ଦର ବିକାଶ ହାସରେ (ମନ୍ଦ ମନ୍ଦ ହସିବାରେ) କମନୀୟ (ସୁନ୍ଦର) ହୋଇଛନ୍ତି । ଉଜ୍ଜ୍ୱଳର (ନିର୍ମଳଜଳ) ପରି ଉଜ୍ଜ୍ୱଳରସ (ଶୃଙ୍ଗାରରସ) ପ୍ରକାଶ ହୋଇବାରୁ ଲଜ୍ଜାରୂପ ଘନ (ମେଘ) କ୍ରମେ କ୍ରମେ ଖଣ୍ଡ ଖଣ୍ଡ ହୋଇଗଲା ।

୩୬—ନୀହାର (କାକର) ହୋଇବା କାଳ ଆସି ପ୍ରକଟିଲା, ପୁଲକ (ରୋମାଞ୍ଚ) ବେପଥୁ (କମ୍ପ) ତନୁରେ (ଦେହକୁ) ଗ୍ରାସିଗଲା । ହିମ କାଳରେ ସେବତୀ ଫୁଲ ପୁଲକିତ (ପ୍ରସ୍ଫୁଟିତ) ହେବାର ଲକ୍ଷଣ (ସୁନ୍ଦର) ହୁଏ ଏବଂ ବୁଦ୍ଧି ହୋଇ ଯିବା ଦିନ କ୍ଷୀଣ ହୁଏ । ସେହିପରି ସେ ବତଶ ଲକ୍ଷଣରେ ଯୁକ୍ତା ସୁନ୍ଦରୀ ଭାବରେ ପୁଲକିତ ହେଲେ ଏବଂ ତାହାର ବୃଦ୍ଧି ହୋଇଥିବା ଦୀନଭାବ କ୍ଷୀଣକୁ ଭଜିଲା ।

୩୭—ସେ କାଳରେ କୌତୁକ ଶୁକର ସୁବଚନାମୃତ ପାନରେ ଅତି ଲୋଭୀ ହୁଅନ୍ତି ଏବଂ ଅରୁଣ (ସୂର୍ଯ୍ୟଙ୍କର) କିରଣ ସ୍ପର୍ଶରେ ମନ ଦିଅନ୍ତି । ସେଠାରେ ଶୁକ ବଚନ ତୁଲ୍ୟ ସୁନ୍ଦରୀର ବଚନାମୃତ ଓ ଅରୁଣ (ବାଳସୂର୍ଯ୍ୟ) ପରି ଲାଲ ଅଧର ପାନରେ ସୁନ୍ଦରର ମତି ହେଲା । ଅଙ୍ଗେ ଅଙ୍ଗେ (ପ୍ରତ୍ୟଙ୍ଗରେ) ଜଡ଼ (ଶୀତ) ପ୍ରବର୍ତ୍ତିଗଲା କଣାର (ଲୁଗାର) ଥିବା ବାଞ୍ଛା ଉଦ୍ବୃତ୍ତ ହେଲା ।

କମଳକଳି ବାସ କହିଁ ହେବ ଅନ୍ତରିତ ।
ଲୁଙ୍କେ କୋଳ ଅଚରଣି ହୋଇବ ଲୁଲିତ ଯେ । ୩୭
କୁଲୁଙ୍ଗ ଶରେଷ ପ୍ରସଙ୍ଗତା ଲଙ୍କେ ପଡୁଁ ।
କପୋତ-କଣ୍ଠରୁ ଜାତ ହେବ ହୁଁ ହୁଁ ହୁଁ ହୁଁ ଯେ । ୩୮
ମଧୁର ବୃକ୍ଷର ତହିଁ ମୋହୁ ନେବ ଶିଙ୍ଘ ।
ଗୁଚରଙ୍କ ଟେକା ଦେବ ବଣ୍ଣର ସ୍ଵରିତ ଯେ ।
ବାସନ୍ତୀ ଅନନ୍ତ ଲକ୍ଷ୍ମୀ ଯଉବନପୁର ।
ନଅଳୀ ହେବା ପୁଷ୍ପରେ ଖେଳ ସେ ଭ୍ରମର ଯେ । ୩୯
ସପୁଷ୍ପରେ ପୁଂନାଗ ରସାଳଲତା ଯୁତ ।
ନାନା ଭାବେ କେତେ ପିକବାଣୀ କେଳ ବ୍ୟକ୍ତ ଯେ ।
କେଶରଜାଳର ସ୍ଫୁଟ ହେବା ମନ କଲେ ।
ଅପୂର୍ବ ଲୁବଙ୍ଗଙ୍କ ଜନମ ହୋଇଲେ ଯେ । ୪୦

୩୮—ଶୀତ କାଳରେ କମଳକଳି ନଷ୍ଟ ହୋଇ ଯିବାରୁ ତ ହାର ବାସନା ଅନ୍ତରିତ ହେଲା, କୋଳ (ବଦରୀ) ଲୁ (ପୃଥିବୀର) ଖୋଳବାର ଅଚରଣି ଲୁଲିତ ହୋଇବ, କୁଲୁଙ୍ଗ (କୁକୁଡ଼ା ଫଳ) ବଳେଷ ପ୍ରସଙ୍ଗତା ଲଙ୍କେ (ଫୁଟିଲ) କପୋତଙ୍କ କଣ୍ଠରୁ ହୁଁ ହୁଁ ରବ ଜାତ ହୁଏ । ଏତାରେ କମଳକଳି (ପଦ୍ମ ମୁକୁଳର) ବାସ (ଗନ୍ଧ) ଅନ୍ତରିତ ହେବ, କୁଲୁଙ୍ଗ ଲବ ପଡୁଁ ବଳେଷ ପ୍ରସଙ୍ଗତା ଲଙ୍କେ ତହୁଁ କପୋତ କୁଳ ହୁଁ ହୁଁ ରବ ଜାତହେବ ।

୩୯—ମଧୁର ବୃକ୍ଷର (ଦୋଳଯାତ୍ରା ଓ ମନୋହର ଋତୁ ବର୍ଷା), ଯେ ଦୋଳଯାତ୍ରା ସମୟରେ ଦେବ ବଣ୍ଣର (ବସ୍ତ୍ର) ଉପାର୍ଜନ ପର୍ବତରେ ଗୁଚ (ସ୍ନେହରେ) ରଙ୍ଗ (ଟୀକାରୁ) ସ୍ଵରିତ, ଯୌବନ ପୁର (ଯୁବକ) ବାସନ୍ତୀ ଓ ନଅଳୀ ପୁଷ୍ପରୁ ଅନ ପୁଷ୍ପ ନଅଁ ଲୁଚନ୍ତି, ତହିଁରେ ପୁଷ୍ପବନରେ ଭ୍ରମଣ ଖେଳ ହୁଏ । ଏତାରେ ଦେବକୁଳ ବଣ୍ଣର (ଝୁଙ୍ଗା) ଗୁଚରଙ୍କ (ସ୍ନେହ କେନ୍ଦ୍ର) ସ୍ଵରିତ, ଲକ୍ଷ୍ମୀପ୍ରକାର ଯୌବନ ପୁର (ଯୁବାସ୍ଥାନ) ଅନନ୍ତ (ମୁଖ୍ୟ) ହୋଇ, ତହିଁରେ ପୁଷ୍ପରେ ଭ୍ରମର (ଭ୍ରମର) ଖେଳହେବ ।

୪୦—ସେ କାଳରେ ପୁଂନାଗ ଏବଂ ରସାଳ (ଆମ୍ବ) ଲତା ସପୁଷ୍ପରେ ଯୁତ (ଶୋଭିତ) ହୁଅନ୍ତି । ଏତାରେ ପୁଂନାଗ (ପୁରୁଷ ଶ୍ରେଷ୍ଠ) ରସାଳଲତା (ରସିକାର) ସପୁଷ୍ପରେ (ଋତୁକାଳରେ) ଯୁକ୍ତ ହେବେ । କେଶର ଜାଳର (ନାଗେଶ୍ଵର ଫୁଲ ଓ କେଶ ସମୂହ) ସ୍ଫୁଟହେବା (ଫୁଟିବାକୁ ଓ ଫିଟିବାକୁ) ମନ କଲେ । ଅପୂର୍ବ ଲୁବଙ୍ଗଙ୍କ ଜନ୍ମ (ସମସ୍ତ ପ୍ରକାର ଅଙ୍କୁରି ଲୁବଙ୍ଗଲତା ଫୁଲ ଜାତ ଏବଂ କେଶ ଫିଟିଯିବାରୁ ଲୁଲ ବାସ ଜାତ ହେବ) ।

କ୍ରମେ ତପ ଉଦୟ ସମୟ ପଡ଼ିଗଲା ।
ଅପଘନ ପୂରିତ ହୋଇଲା ଶ୍ରମଘର୍ମେ ଯେ ।
ବାଞ୍ଛା ନହୋଇ ସବୁ ରୂପେ ବ୍ୟଜନ ମରୁତ ।
ସୁମନୋରମ ବନ୍ୟାର ମଲ୍ଲୀ ପ୍ରକାଶିତ ଯେ ॥ ୪୧
ଘନରସ ବୃଦ୍ଧିକାଳ ଅତିରେକ ଶୋଭେ ।
ପ୍ରକଟ କଙ୍କଣାଦ ମୂଦର ନାଦ ଶୁଭେ ଯେ ।
ହଂସକର ଜନଦ ମାନସ ଭେଦବାରେ ।
ଚଞ୍ଚଳାଗତ ବିରାଜମାନ ବାରେ ବାରେ ଯେ ॥ ୪୨
ବକ୍ରଦର ଘାତ ହିଁ ହୁଏ ପୁନଃ ପୁନଃ ।
ପୟୋଧର କମ୍ପନ ଖରରେ ବିବର୍ତନ ଯେ ।
ସ୍ତୋକ ଶତ୍ରୁସନ୍ତାପ ତହିଁରେ ନ ରହିଲା ।
ସୁମତ୍ତ ବରହୀ ସୁମନାକୁ ଫୁଟାଇଲା ଯେ ॥ ୪୩

୪୧—କ୍ରମେ ତପ (ଗ୍ରୀଷ୍ମକାଳ) ଉଦୟ ସମୟ ପଡ଼ିଗଲା, ଅପଘନ (ଶରୀର) ଶ୍ରମ ଘର୍ମେ (ଶ୍ରମ ଝାଳରେ) ପୂରିତ ହୋଇଲା । ସବୁରୂପେ ବ୍ୟଜନ ମରୁତେ (ବିଞ୍ଚଣା ପବନରେ) ବାଞ୍ଛା ହୁଅଇ । ସୁମନୋରମ ବନଅର ଫୁଲ ଓ ମଲ୍ଲୀ ଫୁଲ ପ୍ରକାଶିତ ହୁଏ, ଏଠାରେ ସୁମନୋରମ ବନ୍ୟାର ମଲ୍ଲ ମଲ୍ଲ ବଚନ ପ୍ରକାଶ ପାଇଲା ।

୪୨—ଘନରସ ବୃଦ୍ଧିକାଳ(ବର୍ଷାକାଳ ଓ ଜଳକ୍ରୀଡ଼ା ଶୃଙ୍ଗାରରସ ବୃଦ୍ଧିହେବା ସମୟ) ଅତିରେକ ଶୋଭା ପାଇଲା, କଙ୍କଣ (ଜଳକଣା ଓ ହସ୍ତାଳଙ୍କାର) ମୂଦର ନାଦ (ମେଘଧ୍ୱନି ଓ ମୃଦଙ୍ଗଧ୍ୱନି) ପ୍ରକଟ ହୋଇ ଶୁଭିଲା ହଂସକ(ହଂସପକ୍ଷୀ ଏବଂ ପାଦଭୂଷଣର ଜନଦ (ମେଘ) ମାନସ (ମାନସ ସରୋବର ଓ ମନକୁ) ଭେଦ କଲା ଚଞ୍ଚଳାଗତ (ବିଜୁଳି ଛଟା ଓ ସୁନ୍ଦରୀର ଅଙ୍ଗଭଙ୍ଗୀ) ବାର ବାର ବିରାଜିଲା ।

୪୩—ବକ୍ର ଉଦର ଘାତ (ସ୍ତ୍ରୀପୁରୁଷ ଦନ୍ତର ଘାତ) ବକ୍ରର ଘାତ ଦର (ବଜ୍ରପତନ ଭୟ) ପୁନଃ ପୁନଃ ହୁଏ, ପୟୋଧର କମ୍ପନ (ମେଘଚଳନ ଓ ସ୍ତନ କମ୍ପ) ଖରରେ ବିଘଟନ ହୁଏ । ବର୍ଷାକାଳରେ ସ୍ତୋକ (ଚାତକପକ୍ଷୀ) ଶତ୍ରୁସନ୍ତାପକୁ ରଖେ ନାହିଁ ଏଠାରେ ସ୍ତୋକ (ଅଳ୍ପ) ଶତ୍ରୁ ସନ୍ତାପ ରହିଲା ନାହିଁ । ମୌନିମାନ ବରହୀ (ମୟୂରକୁ) ସମତ୍ତ କରାଏ ଏବଂ ସୁମନା (ମାଳତୀ ଫୁଲ) ଫୁଟାଏ । ଏଠାରେ ସମସ୍ତ ବର ବୃନ୍ଦସ୍ୱାମୀ ହିଁ (କନ୍ଦର୍ପ) ସୁମନା (ସ୍ତ୍ରୀଙ୍କୁ) ଫୁଟାଇବ (ଥକାଇବ) ।

ଯଶୋଦ ଜଠର ପୃଷ୍ଠି ବଳ ଅବସ୍ଥାନୁ ।
ମହୋତ୍ଫୁଲ୍ଲ ହୋଇବ ଧରିବ ତାବ୍ୟ ସ୍ୱତ୍ୱୁ ଯେ ।
ଅଶେଷ ଶ୍ଳେଷ ସ୍ୱରୂପ ରୂପକ ବ୍ୟାପିତ ।
ଚମ୍ପକ ଯମକ ଅଣ୍ଡ ଅସ୍ତ୍ରେ ଉଦିତ ଯେ । ୪୪
ଦନ୍ତ୍ୟ ବର୍ଣ୍ଣ ଦର୍ଶନ ପ୍ରସ୍ତାର ହୋଇବେ ।
ଲକ୍ଷଣ ସହିତ ହୋଇ ଅଳଙ୍କାର ମେଳା ଯେ ।
ନାନା ବନ୍ଧ ବିସ୍ତାର ଶୃଙ୍ଖଳା ଧ୍ୱନି ଯୋଗ ।
ବକ୍ରୋକ୍ତି କଳ୍ପିତ ମେଳ ହୋଇଲେ ସଜନୀ ଯେ । ୪୫
ଛଳ ବାକ୍ୟ ତହିଁରେ ମଦନ କମ୍ପିବେ ।
କାବ୍ୟଧାରା ପ୍ରକାଶି ବାଳା ଚୁମ୍ବନ ଦେବାରେ ଯେ ।
ପୁନରୁକ୍ତ ପଦାକ୍ଷର ଅଶ୍ଲୀଳ ବଚନ ।
ରସପର୍ଣ୍ଣିତରେ ଯାହା ଦୂଷଣ ବଚନ ଯେ । ୪୬
କ୍ରୀଡ଼ା ବୋଲିବାର ନିଷ୍ଟେ ସମ୍ଭାବିତ ।
ସୁରତେ ହୋଇବ ବାଳୀ ଭଙ୍ଗ ଯେ ମୋହିତ ଯେ ।
ଚଉଷଠି ପଣ ଶେଷ ବନ୍ଧ ଭ୍ରାନ୍ତ ହେବ ।
ସାକ୍ଷୀ ହୋଇଥିବ ତାପ ଶାନ୍ତି ବସନ୍ତେ ଯେ । ୪୭

୪୪—ପୃଷ୍ଠି ବଳ ଅବସ୍ଥାନୁ ଯଶୋଦର ଜଠର (ଗର୍ଭାଶୟ) ମହୋତ୍ଫୁଲ୍ଲ ହୋଇବ ଏବଂ ତାବ୍ୟର ସ୍ୱତ୍ୱ (ସୌନ୍ଦର୍ଯ୍ୟକୁ) ଧରିବ, ତାହାରେ ଶ୍ଳେଷ ଓ ରୂପକ ଅଳଙ୍କାର ବ୍ୟାପିତ ଏବଂ ଯମକ ଅନୁପ୍ରାସ ଉଦିତ ହୋଇଥାଏ, ଏଠାରେ ସ୍ୱରୂପର (ସ୍ୱରୂପରେ) ଅଶେଷ (ଅନନ୍ତ) ବ୍ୟାପିତ ଚମ୍ପକ ଅଣ୍ଡ ଉଦିତ ହେବ ।

୪୫—କାବ୍ୟରେ ଦନ୍ତ୍ୟ ବର୍ଣ୍ଣମାନଙ୍କର ଦର୍ଶନ ପ୍ରସ୍ତାର (ବିସ୍ତାର), ଲକ୍ଷଣ ସହିତରେ ଅଳଙ୍କାର ମେଳା (ଯୁକ୍ତ) ହୋଇଥାଏ ଏବଂ ତହିଁରେ ନାନା-ବନ୍ଧ ଶୃଙ୍ଖଳାର ଯୋଗ ଥାଏ । ଏଠାରେ କଣ୍ଠାବୃତ୍ତ ସୁନ୍ଦରୀର ଦନ୍ତ୍ୟ ଦେହ ବର୍ଣ୍ଣ ଦର୍ଶନ ପ୍ରସ୍ତାର (ବିସ୍ତାର) ହୋଇବେ ଅର୍ଥାତ୍ ରୂପ ବଳରୂପେ ଦେଖାଇବ ସେ ରୂପ ଲକ୍ଷଣ ସହିତ ଏବଂ ଅଳଙ୍କାର ମେଳା (ଯୁକ୍ତ) ତହିଁ ରହିବେ ନାନାପ୍ରକାର ବନ୍ଧ ବିସ୍ତାର ଧ୍ୱନିକ ଯୋଗ ଶୃଙ୍ଖଳାପର ଛନ୍ଦୋବଦ୍ଧ ହେଲେ ଏବଂ ସଜନୀ ମେଳ ହୋଇବେ ବକ୍ରୋକ୍ତି କଳ୍ପିତ ।

୪୭—ରତି କ୍ରୀଡ଼ାକୁ କ୍ରୀଡ଼ା (କୁଅଁଖେଳ) ବୋଲିବାର ନିଶ୍ଚୟ ସମ୍ଭାବିତ ହେବ । କାରଣ ତହିଁରେ ସୁରତ ଓ ବାଳୀ ହୋଇ ଦାନ ଅଛି ଏବଂ କୌଣସି ଦ୍ୱିତୀୟ ପଣ ଲଗ ଖେଳନ୍ତି. ଏଠାରେ ସୁରତରେ (ସୁରତ ହେବାରେ) ବାଳା ଭଙ୍ଗ ମୋହିତ ହେବ ଏବଂ ପଣ ଲଗିଥିବା ଚଉଷଠି ବନ୍ଧ ଶେଷ ହେବାକୁ ଖେଳାଭ୍ରାନ୍ତ (ଶେଷ) ହେବ ।

ସୁଖ ଉତ୍କରଷ ହେବାରୁ ଦୁଃଖରାଜ୍ଜ ଯେ ।
ମାନ ବିଚ୍ଛେଦେ ଜାଣିବା ବୋଲି ଗଲା ଚଳି ଯେ ।
କୁଳବତୀ ନବୀନା ନୃପତିନନ୍ଦନୀ ସେ ।
ମହା ମଉଗର୍ବ ଗାଢ଼ ନୋଶ ହୋଇ ବସେ ଯେ । ୪୮
ପ୍ରିୟ ଲୋଚନେ ବଞ୍ଚନା ବିବେକ ରଚିଇ ।
ଛାପୁଥିଲା କର୍ପୂର ଘୋଷିଲା ଶେଯେ ଥାଇ ଯେ ।
ଲଜ୍ଜା-ଅଳୀ ଅନୁସରିଥିଲା କଷ୍ଟ ଦୂରେ ।
ପିନ୍ଧାଇଲା ବସନ ବାଳାକୁ ତରତରେ ଯେ । ୪୯
ପାଳିତ କଳରବ ଲଳିତ କଳରବ ।
ସ୍ୱର୍ଣ୍ଣ ଢାଳିଦେଲା ଦୀପେ ଦେବଦୀପ ଜବ ଯେ ।
ଜ୍ୟୋତିହୀନ ଗୃହେଁ ବାହାରିବ ମନ କରୁଁ ।
ସୁରସକୁ କୂଟ ବାଣୀ କୁକ୍କୁଟ ପ୍ରଯୁଞ୍ଜେ ଯେ । ୫୦
ବାଳୀ କେଳିସଦନ ଦେହଳୀ ବଳି ଅସେ ।
ପାହୁ ନାହିଁ ଯାମିନୀ କାମିନୀ କାନ୍ତ ଭାଷେ ଯେ ।
କଳାନିଧି ଥିବ ବାରେ ଟେକି ଦଅ ଗୃହେଁ ।
କଳାନିଧି ଦୂର ହେବା ଏ ଉଚିତ ନୋହୁ ଯେ । ୫୧

୪୮—ସୁଖର ଉତ୍କର୍ଷ ହେବାରୁ ଦୁଃଖ ରାଜା ମାନ ବିଚ୍ଛେଦରେ ଜାଣିବା ବୋଲି ଚଳି ଗଲେ. ସେ କୁଳବତୀ ନବୀନା ନୃପଜେମା ମହା ମଉଗର୍ବ ଗାଢ଼ ନୋଶ (ନମ୍ର) ହୋଇ ବସିଲା ।

୪୯—ଯେଉଁ କର୍ପୂର ପୂର୍ବେ ଛାପ ଦେଇଥିଲା ସେ ବର୍ତ୍ତମାନ ପ୍ରିୟ (ସ୍ୱାମୀର) ଲୋଚନକୁ ବଞ୍ଚନା (ବଞ୍ଚାଇବାର) ବିବେକକୁ ରଚନା କରି ଅର୍ଥାତ୍ କର୍ପୂର ଗୁଣ୍ଡିରେ ପ୍ରିୟର ଚକ୍ଷୁକୁ ଲୁଚାଇଦେଇ ଶେଯେ ଥାଇ ବାଳାକୁ ଘୋଷିଲା ।

୫୦—ପାଳିତ କଳରବ (ପାରାବତର) ଲଳିତ କଳରବ (ମୃଦୁ ମଧୁରଧ୍ୱନି) ଶୁଣି ଦେବଦୀପ (ଚନ୍ଦ୍ରକୁ) ଜବ (ବେଗରେ) ଦୀପରେ ଢାଳି ଦେଲା । ସେ ଦୀପ ଜ୍ୟୋତିହୀନ ହୋଇ ଥିବାରୁ ଗୃହଁ ବାହାରିବାକୁ ମନେ କରନ୍ତେ କୁକ୍କୁଟ ସରସକୁ କୂଟ (କର୍କଶ) ବାଣୀ ପ୍ରଯୁଞ୍ଜିଲା ।

୫୧—ଦେହଳି (ଦ୍ୱାରଦେଶ) ରେ କଳାନିଧି (କାମକଳା ପ୍ରବୀଣା ସୁନ୍ଦରୀ) କଳାନିଧି (ଚନ୍ଦ୍ର) ।

ଶୁଣ୍ ନାହିଁ ମଦ ଦର ମଦ ଦର ବର ।
ଭୃଙ୍ଗ ଗୁଞ୍ଜ ନ ଥିବ କମଳ କୋଳ ଭ୍ରବ ଯେ ।
ରଜନୀ ଶେଷ ସଜନୀ ହେଲ ସେ କାଳେ ।
ସେ ଦମ୍ପତି ରଥାଙ୍ଗ ଅନ୍ତର କଲ ବଳେ ଯେ । ୫୨
ଝଟି କାନ୍ତାକୁ ପାଶୋରି ଅଛି କାନ୍ତ ଯାଇ ।
ସଖୀ ସଙ୍ଗେ ମିଳିଥିବ କହୁଅଛ କନ୍ଦ ଯେ ।
ମହାବୀର ହୋଇଲେଟି ଅମ୍ଭ ନୃପାତ୍ମଜ ।
ତ୍ରିପୁରହର୍ତ୍ତାଙ୍କୁ କହିଲେ ଯେଣୁ ଲାଜ ଯେ । ୫୩
ଅପରାଧୀ କରୁ ମିଳେ କରନ୍ତି ବଳିତ ।
ସେ ଏ ଦର୍ପଣ ବୋଲି ସେ ଅନ୍ତରିକ୍ଷ ନୃତ୍ୟ ଯେ ।
ସେହୁ କୋଟିଲ୍ଲ ଏ ଭଳରୂପେ ପର୍ଯ୍ୟାପ୍ତ ।
ଭୁମିଥିଲ ବୋଲି ପୃଥି ହାସ କଲ କାଳି ଯେ । ୫୪
ଏତେ କଥାରେ ଏ ଲଜ୍ଜ ନ ଥିବ ଏ ଗ୍ରନ୍ଥ ।
ହାସ୍ୟ ଲେ ଛଳନ୍ତ ସାର ଦେବା ଲଜ୍ଜାକର୍ମ ଯେ ।
ଶୁଣି ଲକ୍ଷଣେଶ କହେ କୋଟିଏ ବଚନ ।
ଧନ ସୁଦେଶ କହେ ସୁଦଶ୍ୟ ସ୍ୱତମାନ ଯେ । ୫୫

୫୨—ମଦ (କାହିଁ) ମଦଜଳ ବା ଦର (ଯେଉଁରେ) ଦର (ବନ୍ଧୁକର) ଭବ ଶୁଣନାହିଁ । ଭୃଙ୍ଗ (ଭ୍ରମର) କମଳ (ପଦ୍ମର) କୋମଳ କୋଳରୁ ଗୁଞ୍ଜ ନ ଥିବ । ସେ କାଳେ ରଜନୀ ଶେଷ ହେଲ, ସଜନୀମାନେ ହେଲ କଲେ ସେ କାଳ ଦମ୍ପତି (ସ୍ତ୍ରୀ ପୁରୁଷଙ୍କୁ) ରଥାଙ୍ଗ (ଚକ୍ରବାକ) ପକ୍ଷ ବଳ ପୂର୍ବକ ଅନ୍ତର କଲ ।

୫୩—କାନ୍ତ ଝଟି କାନ୍ତାକୁ ପାଶୋରି ଅଛି, ଯାଇ ସଖୀଙ୍କ ମିଳିଲେ ସେମାନରେ ରହୁଅଛ କନ୍ଦୁଅ,—ଅମ୍ଭ ନୃପାତ୍ମଜ (ରାଜପୁତ୍ର) ମହାବୀର ହୋଇଲେଟି ଯେଣୁ ତ୍ରିପୁରହର୍ତ୍ତାଙ୍କୁ (କାମକୁ) ଲାଜ ଦେଖିଲେ ।

୫୪—ତ୍ରିପୁରହର୍ତ୍ତାଙ୍କୁ (ଶିବଙ୍କୁ) ଦେଖିଲେ ବୋଲି କନ୍ୟା ହୃଦୟ ରୁ ଅମ୍ଭ ମୁକୁଳିଙ୍କୁ ଉଚାରଣ ଅପରାଧୀ କହୁଛି, ତେବେ ସେ ଏ ଦର୍ପଣ (କାମ) ଏଣୁ କରିଲ କଳିତ କରନ୍ତି ସେ ବହୁତ ନୃତ୍ୟ ଅନ୍ତରିକ୍ଷ ଏବଂ କହୁଛି—ରେ (ଶିବ) କଳରୂପେ (ବ୍ରହ୍ମରୂପେ) ପର୍ଯ୍ୟାପ୍ତ ହୋଇଛନ୍ତି । ମୁଁ ଭୁମିଥିବ (ଭୁଲିଯାଇଥିବ) ଏହାକୁ ପୃଥି ହାସକୁ ଜାତ କଲ ।

୫୫—ଏତେ କଥାରେ ଏ ସ୍ତ୍ରୀ ଛଳ (କଳା) ଲଜ୍ଜ ନ ଥିବେ କି ? ତେଣୁ ସଖୀ ହାସ୍ୟରେ ଛଳନା କରି କହନ୍ତି—ଲଜ୍ଜାକର୍ମସାର ଦେବା ।

ଯେ ବନ୍ଧୁ ସୁରଭିହର ଧୃତ ଗ୍ରାମପଦ ।
ଉଦିତ ଯେ ଜଗତେ ଜନକମୋଦପ୍ରଦ ଯେ ।
ହରିତାମ୍ବର ସର୍ବଦା ଅକଳ୍ପାନ ସେହୁ ।
ସାଧବ ଶିବ ବାଧିରେ ଉପଇନ୍ଦ୍ର ଧ୍ୟାୟି ଯେ ॥ ୫୭

ପଞ୍ଚତ୍ରିଂଶ ଛାନ୍ଦ

ରାଗ—ଭାଟିଆରୀ

ରସି ରସିକେ ଶୁଣିମା ରସ । ରସବତୀ ରତିଶେଷ ବେଶ ।
ଗତ ପରସନ୍ନ ଗତ ଦାରଶନ ଜଗତ କରି ପାରିଲି ବଶ ॥ ୧

ଭକ୍ତିମାର୍ଗ ଶୁଣି ମାତ କରି ଚଳେଚଲେ । ସୁନ୍ଦରୀ ଗୀତ ଆରିମ୍ଭ ଛାନ୍ଦରେ କହିବା ।

୫୭—ଯେ ବନ୍ଧୁ ସୁରଭିହର (ତୁଳସୀଙ୍କ ହରଣ କରିଥିଲେ) ଗ୍ରାମପଦକୁ ଧରିଛନ୍ତି, ଜଗତରେ ଉଦିତ (ଜନ୍ମିଥିଲେ) ଜନକ (ପିତା କଶ୍ୟପ ଋଷିଙ୍କର) ମୋଦପ୍ରଦ (ଆନନ୍ଦଦାତା) ହରିତାମ୍ବର (ପୀତବାସ) ସର୍ବଦା ଅକଳ୍ପାନ (ନିଷ୍କଳଙ୍କ) ସେହି ସାଧବଙ୍କୁ ଯେ ବନ୍ଧୁ (ଜନ୍ମରହିତ) ସୁରଭିହର (ଫହାନ୍‌କର୍ତ୍ତା), ଗ୍ରାମପଦଧୃତ (ଗ୍ରାମମନ୍ତ୍ରଧାରୀ) ଜଗତରେ ଉଦିତ (ବିଖ୍ୟାତ) ଜନକ ପ୍ରମୋଦପ୍ରଦ (ବରଦାନଦ୍ୱାରା ଲୋକଙ୍କର ଆନନ୍ଦଦାତା), ହରିତାମ୍ବର (ଦିଗମ୍ବର) ଏବଂ ସର୍ବଦା ଅକଳ୍ପାନ (ଦୁଃଖରହିତ) ସେହି ଶିବଙ୍କୁ—ଯେ ବନ୍ଧୁ ସୁରଭିହର (ବସ୍ତ୍ରାହରଣକାରୀ) ଗ୍ରାମପଦ ଧୃତ (ରମଣୀୟ ବ୍ରହ୍ମପଦଧାରୀ), ଜଗତରେ ଉଦିତ ଜନକ (ପିତାରୂପେ) ମୋଦପ୍ରଦ (ଆନନ୍ଦଦାତା) ହରିତାମ୍ବର (ପୀତବସ୍ତ୍ରଧାରୀ) ଏବଂ ଅକଳ୍ପାନ (ଦୂଷଣ ରହିତ) ସେହି ବାଧିରେ (ଶ୍ରୀରାମ, ଶିବ, ଓ ବ୍ରହ୍ମାଙ୍କୁ) ଉପେନ୍ଦ୍ରବନ୍ଧୁ ଧ୍ୟାନ କରନ୍ତି ।

୧—ହେ ରସିକମାନେ ରସିକର ରସବତୀ ସୁନ୍ଦରୀର ରତି ଶେଷ ବେଶ ଶୁଣ । ଗତ ପରସନ୍ନ (ପୂର୍ବରେ ଥିବା ପ୍ରସନ୍ନତା) ଗତ ହେବାରୁ ଯେଉଁ ଶୋଭା ଦର୍ଶନ ତାହା ଜଗତକୁ ବଶ କରି ପାରିଲା ।

ଜାତ ପଦ୍ମ ସେ ନଖଶାଳୀ । ସୁରଙ୍ଗ ସୁରଙ୍ଗ ରଙ୍ଗସ୍ଥଳୀ
ଉଚିତ ଏମନ୍ତ ତରୁଣୀ ଭୃଙ୍ଗର ଯୋଗରେ ତାର ହେବାର ଦଳ । ୨
ଜୃମ୍ଭାବଶ ମୁଖ ତହେ ଗନ୍ଧ । ଅଳି ନ ଉଡେ ଏ ଭ୍ରମାନ୍ତୁ ।
ଫୁଟି ଅଛନ୍ତି କି ମୁଦ୍ରିତ ନଳିନ ଲକ୍ଷ୍ମୀ ଚଞ୍ଚଳ ନାଶ ହୋଇବାରୁ । ୩
ପାଦେ ପାଦୁକ ନୂପୁର ବୋଲ । ମଦନ ମଦାନ୍ତେ ଭଲ ଭଲ ।
ଚନ୍ଦ୍ରଲେଖା ହଂସୀ ଗର୍ବ ମନ୍ଥନକୁ ଥରମ୍ଭ ଏତ ମନ୍ଥର ଗତି । ୪
ରନ୍ଧ୍ରପାର ବଳା ତାଳ ଯାବ । କେବଟି ସାକବ ଉଚା ଧାମ୍ନି ।
ଜବ୍ୟକ ପରି ଅଞ୍ଜନା ଏମ ନାଚନ୍ତୁ ଠୁକୁର ରହି ରହି । ୫
ପ୍ରାତଃ ସମୟର ପୂର୍ବଦରେ । ଗର୍ବ ତେଜ ଶୋଭା ଯୋଗିବାରେ ।
ଏ ଦୁଇ ଫାଟି ତମ ଥିବ ଯୋଡି ପେକ୍ ନେଉଛନ୍ତି ଅରୁଣ ଭଳେ । ୬
ରଙ୍ଗ ଅମ୍ଲାନ ମାଳନ୍ତି ଛନ୍ଦ । ତହେ ଏ କଳାମାନ ଯେ କେବଳ ।
ପୁର୍ଣ୍ଣୀତ ଲମ୍ବାଳନ୍ତୁ ନ ଭଲ ହୃଦବରଣ ଅମର ମନ୍ଦ । ୭

୨—ସେ ନଖଶାଳୀ ପଦ୍ମ ଜାତ ଯାହା ନଖପରି ସୁରଙ୍ଗ (ସୁନ୍ଦର ଓ ସୁରକ୍ତ) ଏବେ ରଙ୍ଗ (ନୃତ୍ୟର) ସ୍ଥଳୀ (ସ୍ଥାନ) ଅଟେ । ତେଣୁ ତରୁଣ ଭୃଙ୍ଗର (ଯୁବାରୂପ ଭ୍ରମର) ଯୋଗରେ (ମିଳନରେ) ତାହାର ଦଳ ହେବା ଏହା ଉଚିତ ଅଟେ ।

୩—ମୁଖ ଜୃମ୍ଭା (ହାଇ) ବଶ ହେବାରୁ ଗନ୍ଧ (ମନୋହର) ତହେ, ଏ କ୍ରମାନ୍ତୁ ଅଳି ଉଡେ ନା ଲକ୍ଷ୍ମୀ ନାଶ ହେବାରୁ (ଅର୍ଥାତ୍ ପ୍ରକାଶ ହେବାରୁ) ମୁଦ୍ରିତ ନଳିନ ଫୁଟି ଅଛନ୍ତି କି ?

୪—ମଦନ (କାମ) ମଦରେ ଅତି ହୋଇ ଭଲ ଗତି ନୂପୁର ଏହାପାଦରେ ଥିବା ପାଦୁକ ଶବ୍ଦର । ଏତ ମନ୍ଥର (ମନ୍ଦ) ଗତି ଚନ୍ଦ୍ରଲେଖା ହଂସୀର ଗର୍ବ ମନ୍ଥନକୁ ଆରମ୍ଭର ।

୫—ପାଦରେ ଥିବା ବଳା ରନ୍ଧ୍ରପାର ପୃଥି ବାଜଯାଏ, ଅଞ୍ଜନା (ଚଞ୍ଚଳ) କାମ ଜବ୍ୟକ ପରିଧାପ୍ତି (ଟେକ୍ରି) କେବଟି ମୃଗ ପାକଳ ଉଚା ? ରହି ନାଚନ୍ତୁ ଠୁକୁର କି ?

୬—ପୂର୍ବଦରେ ପ୍ରାତଃକାଳ, ତେଜ ଗର୍ବ ପିଠାକୁ ଶୋଭା ଯୋଗିବାରେ ଦୁଇଟି ଫାଟିଛି ହେଉଛନ୍ତି (ଏପରି ଦିଶୁଛି) ଯେ ତମ (ଅନ୍ଧକାର) ଯୋଡି ରହିଥିବ ତାକୁ ଅରୁଣ (ଗାଢ଼ପୂର୍ଣ୍ଣ) ଭଳେ (ଭକ୍ଷଣରେ) ପେକ ନେବାପର ସୂର୍ଯ୍ୟ ଅରୁଣ ଭଳେ (ରକ୍ତବର୍ଣ୍ଣକିରଣରେ) ପେକ ନେଉଛନ୍ତି ।

୭—ରଙ୍ଗବର୍ଣ୍ଣ ଅମ୍ଲାନ ପୁଷ୍ପମାଳନ୍ତି ଛନ୍ଦ ତହେ, ସେ ଏ କଳା (କଳାମାନ) କେବଳ, ପୁର୍ଣ୍ଣୀତ (ଜଳମ୍ବାଳ) ର ଜୋନ ବନ୍ଧନ୍ତୁ ହରୁ (ଦୂର୍ଣ୍ଣ) ଜଳଣ ବନ୍ଧପର ଅଛନ୍ତି କି ? ଦୂର୍ଣ୍ଣ କଳଣପର, ରଙ୍ଗପୂର୍ଣ୍ଣ ପର୍ବତ ପର ସ୍ତନ ଉପରେ ଲମ୍ବାଳ ଦିଶୁଛି ।

ମଲ୍ଲିକା ମାଳକା ଖମୁଛନ୍ତି । ଏହୁ ଲକ୍ଷଣା ଘେନଲ୍ଲ ମତ ।
ଘନରସ ବୃଷ୍ଟି ଅନ୍ତରେ ମହୀରେ ସହଜେ ପ୍ରବେଶ ହଂସପନ୍ତି ॥ ୮
ନୀବବନ୍ଧ ବୋଲି ସର୍ବେ କହୁ । ବାନ୍ଧୁ ପୁନଃପୁନଃ ଫିଟି ଯାଉ ।
ରସନଦୀ ବୃଦ୍ଧି ବଶେ ଯେ ଭାଜନ୍ତି ବାଲୁକା ସେତନେ ସେ କି ରହୁ ॥ ୯
ସ୍ବେଦ ଛାଡ଼ୁ ନାହିଁ ଅଙ୍ଗ ସୀମା । ଲବଣୀପିତୁଳା ନବରାମା ।
ସୁରସ ଭେଦରେ ତରଳ ଥିଲା ଯେ ପବମାନ ନିଜ ସୁଖଧାମା ॥ ୧୦
ଇଚ୍ଛା ଗୋପ୍ୟପୁରେ ପଶିବାକୁ । ଭୟ ସଖୀ ହାସ୍ୟ ଶୁଣିବାକୁ ।
ପ୍ରିୟ ବଚନପ୍ରବଚନ ଚନ୍ଦ୍ରିଅଣ ହେଉଅଛନ୍ତି ଚଉ ତୋଷିବାକୁ ॥ ୧୧
ସଙ୍ଗିନୀଏ ସଙ୍ଗ ଏହିକାଳେ । ଭଙ୍ଗି ବଚନ ପ୍ରକାଶ କଲେ ।
ଅଛି ମୃଦୁଅଙ୍ଗୀ ନ ବାଧିବ କେହୁ ନୋହୁବା କଥା ହୋଇଛନ୍ତି ବଳେ ॥ ୧୨
କେହୁ କହୁ କମ୍ପା କରଭର । ମଧ୍ୟମା ଦେଉଛନ୍ତି ମଧ୍ୟ ପର ।
ଅଛି ଭାଜ ନାହିଁ କୁଚଭର ସହୁ ହେଉନାହିଁ ଏତେ ସୁବର୍ଣ୍ଣର ॥ ୧୩

୮—ମଲ୍ଲୀମାଳ ଖମୁଛନ୍ତି, ତାହାଦେଖି ମତ ଏହୁ ଲକ୍ଷଣା (ଉପମା) ଘେନଲ୍ଲ ଯେ—ଘନରସ (ମେଘ ପାଣି) ବୃଷ୍ଟି ହେବା ଅନ୍ତରେ (ମଧ୍ୟରେ) ସହଜେ ମହୀରେ (ପୃଥିବୀରେ) ହଂସପନ୍ତି ପ୍ରବେଶିଛନ୍ତି ।

୯—ଯାହାକୁ ସମସ୍ତେ ନୀବବନ୍ଧ (ଖୋସଣି) କହନ୍ତି ତାକୁ ବାନ୍ଧୁ (ଖୋସନ୍ତେ) ସେ ପୁନଃ ୨ ଫିଟିଯାଉଛି ରସନଦୀର ବୃଦ୍ଧି ବଶରୁ ଯେ ବନ୍ଧ ଭାଜନ୍ତି ସେ କି ବାଲି ଛନ୍ଦିଲେ ରହିବ ?

୧୦—ସ୍ବେଦ (ଝାଳ) ଅଙ୍ଗସୀମାକୁ ଛାଡ଼ୁନାହିଁ, ସେ ନବରାମା ଲବଣୀ ପିତୁଳା ଅଟେ ଯେ ପବମାନ (ଝଞ୍ଜାବାତ ରୂପ) ନିଜ ସୁଖର ଆକର ସୁରସ (ଶୃଙ୍ଗାର) ଭେଦରେ ତରଳଥିବ ।

୧୧—ସଖୀମାନଙ୍କର ହାସ୍ୟ ବଚନକୁ ଭୟ ହେବାରୁ ଗୋପ୍ୟପୁରେ (ଗୁପ୍ତସ୍ଥାନରେ) ପଶିବାକୁ ଇଚ୍ଛା ହେଉଛି । ପ୍ରିୟ (ସ୍ବାମୀ) ର ବଚନପ୍ରବଚନମାନ ଚନ୍ଦ୍ରିଅଣ (ଚାତ୍ରାକର) ଚଉ ତୋଷିବାକୁ ମନହେଉଛି ।

୧୨—ଏ ସମୟେ ସଙ୍ଗିନୀମାନେ ମିଳି ଭଙ୍ଗି ବଚନପ୍ରକାଶ କଲେ—ଯେତେବେଳେ ନୋହୁବା କଥା ବଳପୂର୍ବକ ହୋଇଛି ସେତେବେଳେ ଏତ ମୃଦୁ ଅଙ୍ଗୀକୁ ନ ବାଧିବ କି ?

୧୩—କେହୁ କହେ—ମଧ୍ୟମା ସଖୀ କାହିଁକି ମଧ୍ୟ (ଅଣ୍ଟା) କମ୍ପାଇଁକରଭର (ହାତଭର) ଦେଉଛି ? କୁଚଭାର ସହୁନାହିଁ କି ସେ କୁଚଭାରେ ଯାହାକୁ ଭାଜି ନାହିଁ ଏ ସୁବର୍ଣ୍ଣର ଭାର ହେଉନାହିଁ ?

କେ ବୋଲଇ ଦେଖ ରଦଛଦ । ଶୋଭା ବଳିବାରୁ ରକ୍ତପଦ ।
ବୁଧଜ ବୋଲନ୍ତି ଅମୂଲ୍ୟ ମାଣିକ୍ୟ ସେହି ବୁଦ୍ଧି ହେବ ସଂଦେହ । ୧୪
ଛଳେ କେ ଭ୍ରୂଲତା ନାହିଁ ଜାଣୁ । ମୋର ରତିରଣେ ମୁହିଁ ଜାଣି ।
ଦର୍ପକ ଧନୁ ଏ ଦର୍ପହତ ହୋଇ ପକାଇ ଦେଇ ସେ ପଳାଇଛି । ୧୫
ସଖୀଏ ଚାହିଁ ସଖୀରେ କହି । ଏଣୁ କି ତୋକା ଚଞ୍ଚଳ ବହି ।
ପ୍ରିୟ ବକ୍ତ୍ରମୁଖ ଚୁମ୍ବିଥିବ ଭୃଙ୍ଗ ଭୋକେ କି ସେହି ପଙ୍କଜ ଚାହିଁ । ୧୬
କେ କହେ ହରିଣୀ ନବବାଳା । ଚଞ୍ଚଳ ଦୃଗାଞ୍ଚି ନ ସ୍ଥିରଇ ।
ଏହୁପଣି ସିନା ଫ ଟି ଅପଅଙ୍ଗୁ କାନ୍ତ ବାଗୁରାରେ ପଡ଼ିଥିବ । ୧୭
ସହଚରୀଏ ପଚାରେ ସ୍ୱପ । ନାହିଁ ମନୋହର ଘ୍ରାଣହାସ ।
ବଡ଼ ଦାନ କରି ଦକ୍ଷିଣା ଦେଇଛି ଏହି ସୁଲକ୍ଷଣା ଭୂପ ଭୂପ । ୧୮
ସଖୀଏ ବୋଇଲ ପୁଅସ୍ତନ । ପୂର୍ଣ୍ଣକୁମ୍ଭ ଏଥି ହାର ଛନ୍ଦ ।
କାନ୍ତ କର କାନ୍ତ ଚଳିଥିବ ପ୍ରେମସୁଧାଧାର ବହଇଛି ତହିଁ । ୧୯
କେ କହଇ କ୍ଷୀଣକଟି ହର । ଦାନ କରେ ମୋତେ କୃପା କର ।
ଯୁବା ପାନ୍ଥଙ୍କ ପଞ୍ଚବଜ୍ରକୁମ୍ଭ କରଜନାଙ୍କର ଛର । ୨୦

୧୪—କେହି ସଖୀ ବୋଲଇ—ରଦଛଦ (ଓଷ୍ଠକୁ) ଦେଖ, ଯେଉଁ ଓଷ୍ଠ ରକ୍ତ-ପଦ (ରକ୍ତପଦ୍ମ)ରୁ ବଳିବାରୁ ଅମୂଲ୍ୟ ମାଣିକ ସଂଦେହ ହେବ ବୋଲି ବୁଧିମାନେ କହନ୍ତି ।

୧୫—କେହି ଛଳ କରି କହଇ ସୁନ୍ଦରୀର ଭ୍ରୂଲତା ଜାଣୁ ନାହିଁ ମୁଁ ଜାଣି (ମନେ କରୁଛି) ଏ ଭ୍ରୂଲତା ମୋର ରତି ରଣରେ ଦର୍ପକର (କାମରେ) ଧନୁ ହୋଇଥିବ, ସେ କାମ ପରାଜୟ ହେବାରୁ ଦର୍ପହତ (ଗର୍ବରହିତ) ହୋଇ ଏ ଧନୁକୁ ପକାଇଦେଇ ପଳାଇଛି ।

୧୬—ଜଣେ ସଖୀ ଧୀରସ୍ୱରରେ କହଇ ଯେ ସୁନ୍ଦରୀର ତୋକା ଏହି ହେତୁରୁ ଚଞ୍ଚଳ ହୋଇଛି କି ? ସେ ତୋକା ଭୃଙ୍ଗ (ଭ୍ରମର) ପରି ପ୍ରିୟ (ସ୍ୱାମୀ)ର ବକ୍ତ୍ର (ମୁଖ) ପଦ୍ମ ମୁଖକୁ ଚୁମ୍ବିଥିବ, ବର୍ତ୍ତମାନ ତାହା ନ ପାଇ ସେ ପଙ୍କଜ ଚାହିଁ ବୋଲି ଭୋକେ କି ?

୧୭—ବାଗୁରାରେ (ବାଉଁଳପାଶ) ?

୧୯—ଜଣେ ସଖୀ କହଇ ସୁନ୍ଦରୀର ପୁଅସ୍ତନ ପୂର୍ଣ୍ଣ କୁମ୍ଭରୂପୀ ଏଥିରେ ହାର ଛନ୍ତି ଦୁଇ ପାଖରେ ଝୁଲି ପଡ଼ି ଥିବାରୁ କାନ୍ତ କର କାଳ ପୂର୍ଣ୍ଣକୁମ୍ଭ ଚଳ ପଡ଼ି ତହିଁରୁ ବହି ପଡ଼ିବା ସୁଧାଧାରର ଉପମାର ସେହି ହାର ଦିଶୁଛି ।

୨୦—କେହି ସଖୀ କହଇ ସୁନ୍ଦରୀର କ୍ଷୀଣ କଟି ହର (ସିଂହ) ଯୁବା ପାନ୍ଥଙ୍କ (ପଥିକ ଜନ). ସୁନ୍ଦରୀର ଯୌବନ (ସ୍ତନ) କର କୁମ୍ଭ, ତାହାକୁ

କେ କହେ ବଦନ ପୂର୍ଣ୍ଣଶଶୀ । ଗଣ୍ଡ ଭାଲ ଖଣ୍ଡ ଖଣ୍ଡ ଦଶି ।
କେବେଗି ପ୍ରିୟତମେ ଚର୍ବଣ କଲେ କି ଏହୁ ସୁଲକ୍ଷଣା ଯାଏ ଦଶି ॥ ୧୧
କଳଙ୍କ କଜ୍ଜଳ ମଧ୍ୟସ୍ଥାୟୀ । ଗଳି ପଡ଼ିବାରୁ ବହି ଯାଇ ।
ତାମ୍ବୂଳ ସିନ୍ଦୂର ବ୍ୟକତ ବ୍ୟକତ ଦେଖି ଦନ୍ତକ୍ଷତେ ଶୋଭାପାଇ ॥ ୧୨
ଉତ୍ତର କରେ କେ ଏତୁ ନିଷ୍ଠା । ପ୍ରସନ୍ନେ ଏବେ ନୋହୁଛି ଶ୍ରେଷ୍ଠା ।
ନିଃଶେଷ କରି ପୀୟୂଷ ପିଇବାରୁ ରହିଛି ସିନା ମାତର ସିଠା ॥ ୧୩
ହସି ବୋଲେ ଏକ ପ୍ରିୟଅଳୀ । ଅଙ୍କିତ ଅଛି ମନ୍ମଥ ଗୁଳି ।
ଭାବଶିକୁଳୀ ଲଗିଲାଣି ଚରଣେ କେହୁ ଗୁଳନ୍ତା ବୋଲି କେ ଛଳ ॥ ୧୪
କହେ କେ ନ ଜାଣ ଚଇତନ । ଅଳସଭଙ୍ଗୀ ଭଙ୍ଗିମା ମାନ ।
ଉତ୍କର୍ଷେ ଛନ୍ଦୁଥିଲା କରି ବେଳେ ବେଳେ ପ୍ୟାରୀ ନପାରି ଅଲିଙ୍ଗନ ॥ ୧୫
ଉପି ଉପି ବୋଲିବାର ବ୍ୟାଜେ । ଈଷ ଈଷ ବୋଲୁଥିଲେ ସେ ଯେ ।
ଅଧିକୁଁ ଅଧିକ ଅନୁରାଗ ସିନା ଚତୁରୀ କେଳି ବୋଇଲା ଯେ ॥ ୧୬
ସଜନୀଏ ଗୁହ୍ମି କହେ ନେତ । ଅଙ୍କ କେଲା ଶିବୋସ୍ତବ ସ୍ୱତ ।
ଉତ୍ତମା ଉତ୍ତମ ଲଗ୍ନ ହୋଇବାରୁ ପ୍ରମୋଦେ ଘେନିଲା ରତିମନ୍ତ ॥ ୧୭

କରଙ୍କନାସଙ୍କେ (ନଖ ବାଣରେ) ଛିଦ୍ର କୃପା କରି ମୋତେ ଦାନକଲା ହସ୍ତିଗଣ୍ଡରେ ମୁକ୍ତାଥିବାର ପ୍ରସିଦ୍ଧି ଅଛି ।

୧୧—କେ କହୁଛି ବାଳାର ବଦନ ପୂର୍ଣ୍ଣଚନ୍ଦ୍ର, ଗଣ୍ଡ ଓ ଭାଲ ସ୍ଥଳ ଖଣ୍ଡ ଖଣ୍ଡ ଦଶିବାରୁ ଏହି ସୁଲକ୍ଷଣା (ଉପମା) ଦେଖାଯାଉଛି ଯେ କେବେଟି ପ୍ରିୟତମ ଚର୍ବଣ କରି ଅଛି କି ?

୧୨—ମଧ୍ୟରେ ଥିବା କଳଙ୍କ ସଦୃଶ କଜ୍ଜଳ ଗୋଟିବେଇବାରୁ ଗଳିପଡ଼ି ବହି ଯାଉଛି କି ? ଦେଖ ତାମ୍ବୂଳ ଓ ସିନ୍ଦୂର ଦନ୍ତ କ୍ଷତରେ ବକ୍ତପର ବ୍ୟକ୍ତ ହୋଇ ଶୋଭା ପାଉଛି ।

୧୩—କେହୁ ଉତ୍ତର କରେ ଏହି ନିଷ୍ଠା (ଏହାଠିକ୍) ଏବେ ସୁନ୍ଦରୀ ମୁଖପ୍ରସନ୍ନତାରେ ଶ୍ରେଷ୍ଠା ନୋହୁଛି, ସୁନ୍ଦର ମୁଖ ଚନ୍ଦ୍ରରୁ ପୀୟୂଷକୁ ନିଃଶେଷ କରି ପିଇବାରୁ ସିଠା ମାତ୍ର ରହିଛି ସିନା ।

୧୪—ଏକ ପ୍ରିୟଅଳୀ (ସଖୀ) ହସି ବୋଲେ-ଅଙ୍କିତ ଅଛି ମନ୍ମଥ (ମଦ) ଗୁଳି, ଭାବ ଶିକୁଳୀ (ଶାଙ୍କୁଳୀ) ଚରଣରେ ଲାଗିଅଛି ଅତଏବ କିଏ କେହୁ ଗୁଳନ୍ତା ଏପରି ଛଳ କରି କି କହୁଛ ।

୧୫—କେହୁ କହେ ଚୈତନ୍ୟ (ଜ୍ଞାନ) ନ ଜାଣ କି ?

୧୭—ସଜନୀ ଏ (ଜଣେ ସଖୀ) ନେତକୁ ଗୁହ୍ମି କହେ—ଅଙ୍କ ଶିବୋସ୍ତବ ସ୍ୱତ (ଶିବ ସ୍ତୁତି) ହେଲା, ଉତ୍ତମ ଲଗ୍ନ (ଶୁଭଲଗ୍ନ) ହେବାରୁ ଉତ୍ତମା ପ୍ରମୋଦରେ ରତି ମନ୍ତ୍ର ଘେନିଲା ।

କାମକଳ୍ପିତ ତନୁ ନାଶ । ମୁକୁତ ବକୁଳ ଏ ସନ୍ତୋଷ ।
ଅନ୍ତର୍ଗତେ ବସି ଧ୍ୟାନ କରେ ସଖୀ ଶସ୍ତକ ଲଙ୍ଘଇ ଅଙ୍ଗଦେଶ । ୨୮
ବସୁଧୀଏ ସ୍ତୁତି ଗୁଲ୍ ଗୁଲ୍ । ଅବଲାଙ୍କ କି ଗଉରବା ଭଳି ।
ଘନରସ କି ଗୃହକୁ ନ ଫିଟନ୍ତା ଭୃଙ୍ଗ ସ୍ତ୍ରୀଗ କି ଲୁହନ୍ତା ଫୁଲ । ୨୯
ସେଠାରୁ କର ଠାରି ଦେଲେ । ବେଢ଼ି ଧୀରେ ଚନ୍ଦ୍ରମୁଖୀ ନେଲେ ।
ପୂର୍ଣ୍ଣକଳାନିଧି ନକ୍ଷତ୍ର ପରିଧି ବହି ଉପମାକୁ ସିଦ୍ଧି କଲେ । ୩୦
ଚନ୍ଦ୍ରକରତଳେ ଉଦେ ହୋଇ । ସନ୍ଧ୍ୟାର ଗୀତ ବଜାଇ ଦେଇ ।
ରମଣୀମଣିଙ୍କ ବେଶ କରିବ ବୋଲି ଅବେଶ ହୋଇଲେ ପ୍ରାଣସଖୀ । ୩୧
ବସି ଅଗ୍ରେ ଭଙ୍ଗିଶ୍ରେଣୀ । ଅନୁଗୃହୀ ଏ ବରୁଣ ବସି ।
ନବୀନାକୁ ଉପକାରୀ ଗୃହକଥା ହୃଦ୍‌ରୁ ଅନ ମଣ୍ଡିବା ପୃଷି । ୩୨
ତଳିଳ ବସରେ ମାଠିବାକୁ । ଦର୍ପଣ ଉପମା ମୁଖ ଧରୁ ।
ଗାତ ସଙ୍ଗେ ହୃତ ସମସ୍ତେ ତୁଳନା ସେନ ଭୃଙ୍ଗ କନ୍ଦଠାରୁ । ୩୩
ଅଧର ତାମ୍ବୂଳ ଅଧରକୁ । ଅଦର ଏବେ ପଡ଼ିବ ତାକୁ ।
କାଳ ସବୁ କରେ ଦଣ୍ଡ ନଭରେ ପାଇ ସେ ସୋଦର ଉପମାକୁ । ୩୪

୨୮—କାମକଳ୍ପ (କାମଦୁଃଖ) ନଷ୍ଟହେବ, ମୁକ୍ତାବଳୀ ଏହି ସନ୍ତୋ-ଷରୁ ଅନ୍ତର୍ଗତରେ ବସି ଧ୍ୟାନ କରେ, ଅଙ୍ଗଦେଶ ଧ୍ୟାନ ହେଲୁ ଶସ୍ତକ-ତାକୁ ଲଙ୍ଘଇ ।

୨୯—ଘନରସ (ମେଘଜଳ) ଭୃଙ୍ଗ (ଭ୍ରମର)

୩୦—ସଙ୍ଗୀମାନେ କର ଠାରି (ହାତଠାରି) ଦେଇ ସେଠାରୁ ଚନ୍ଦ୍ରମୁ ସୁନ୍ଦରୀଙ୍କ ନେଇଗଲେ ନକ୍ଷତ୍ର ପରିଧି (ନକ୍ଷତ୍ର ବେଷ୍ଟିତ) ପୂର୍ଣ୍ଣ କଳା-ନିଧି (ପୂର୍ଣ୍ଣଚନ୍ଦ୍ରର) ଉପମା ବହିଲ ସିଦ୍ଧି କଲେ ।

୩୧—ଚନ୍ଦ୍ରକରତଳେ (ଜ୍ୟୋତ୍ସ୍ନାରୂପ ଧାରାରେ) ।

୩୨—ଅନୁଗୃହୀ ଏ (ସଖୀମାନେ) ଅଗ୍ରେ (ଆଗରେ) ଭଙ୍ଗିଶ୍ରେଣୀ ବସି ବରୁଣର ତଳେ ନବୀନାକୁ ଉପକାରୀ ହେବା ଗୃହକୋଟି କଥା କରେ ଅନ (ଅନ୍ୟ) ଅଳଙ୍କାରରେ ମଣ୍ଡିବା ।

୩୩—ତୈଳବସ୍ତ୍ରରେ ମାଠିବାକୁ ମୁଖ ଦର୍ପଣର ଉପମାକୁ ଧାରଣ କଲ ଜମ୍ବୁନଦ (ସୁବର୍ଣ୍ଣଠାରୁ) ଗାତ ତୁଲ୍ୟ ସଙ୍ଗେ ସମସ୍ତେ ହୃତ ସୁବର୍ଣ୍ଣ ତୁଳନାକୁ ଧରେ ହୋ ସେନ (ହରିବ କଲ) ।

୩୪—ଅଧରରୁ (ଓଷ୍ଠରୁ) ତାମ୍ବୂଳ ଅଧର (ନିକୃଷ୍ଟ) ହେଲେ ପଛ ଏବେ ଅଧର ସନ୍ତତ ଉପମା ଦେବାକୁ ତାକୁ ଅଦର ପଡ଼ିବ, କାଳ ସବୁ କରେ, ବିନ୍ଦୁ ଦଣ୍ଡ ସେ ଅଧର ସୋଦର ଉପମାକୁ (ଅଧର-ନିକୃଷ୍ଟ ଉପମାକୁ) ପାଇ ।

କୁଚକୁଚରେ ଚେଲକୁ ରଖି । ଗଣ୍ଡମଣ୍ଡଳେ ମକରୀ ଲେଖି ।
ଗୁରୁ ଅଗୋଚର କର ଶଶୀ-ଜର-ଭୂଷଣ-ନାଭିରେ ପ୍ରାଣସଖୀ ॥ ୩୫
ଚନ୍ଦନ ବନ୍ଦନ ବାସ ତନୁ । ବନ୍ଦନ କରି ଚନ୍ଦନ ଘେନୁ ।
ଶ୍ରାନ୍ତ ହୋଇ ନିଦ୍ରା କରାଇ ଦେଖାଇଁ ଗଢ ରତିରଙ୍ଗ ସ୍ୱପ୍ନପନୁ ॥ ୩୬
କହୁଁ କହୁଁ ଶ୍ୟାମା ବେଶ ସାରି । ବୋଇଲେ ଅସ ମଣୋହି କରି ।
ମହା ମହା ରସଅଶନାନ୍ତେ ଜନ କମୁକକାମୁକ ନୋହେ ଗୋରି ॥ ୩୭
ମୃନାଳ ନାମ ଅହାରୁ ଦୂର । ହୋଇଲଣି କିନ୍ତୁ ନ ବଗ୍ରୁର ।
ଦହିଲା ପବନ ମୋହିଲଣି ମନ ଘେନନ୍ତି ତୁହି ଚତୁସ୍ରସାର ॥ ୩୮
ଦୃଷ୍ଟାନ୍ତବାନ ଗିରେ ରଖି । କ୍ଷିପି ତୋଷିଲେ ଯେ ପ୍ରାଣସଖୀ ।
ପଲକ ଅନ୍ତରେ ପଲଙ୍କ ଅଙ୍କରେ ନିଃଶଙ୍କନିଦ୍ରା ଅଚ୍ଚଲୁମୁଖୀ ॥ ୩୯
ସୁବାହୁକେ ଘେନ ଯାର ପର । ଅଧିକଭୁଜ ଛେଦନ କର ।
ସେ ଶ୍ୟାମ ଦଳସ୍ତୁଗର୍ବହର ପଦ ଭାବେ ବେନି ଅର୍ଥେ ଗାରବର ॥ ୪୦

୩୫—ନଖଚିତାଦି ଚିହ୍ନ ଗୁରୁଜନମାନଙ୍କର ଅଗୋଚର ପାଇଁ କୁଚ କୁଚରେ ଚେଲ (କାଞ୍ଚୁଲିକୁ) ରଖି ଶଶୀଜରଭୂଷଣ (ମୃଗର) ନାଭିରେ (ମୃଗ-ନାଭି କସ୍ତୁରୀରେ) ଗଣ୍ଡମଣ୍ଡଳରେ ମକରୀ ଚିତ୍ର ଲେଖିଲେ ।
୩୬—ଯେଉଁ ତନୁ (ଶରୀର) ବାସକୁ ଚନ୍ଦନ ବନ୍ଦନ (ପୂଜା) କରେ ସେହି ତନୁକୁ ବନ୍ଦନ କରିବାକୁ ଚନ୍ଦନ ଘେନନ୍ତେ ଶ୍ରମ ହୋଇ ନିଦ୍ରା କରାଇ ଏବଂ ବିଗତ ରତିରଙ୍ଗକୁ ସ୍ୱପ୍ନରେ ଦେଖାଇଲା ।
୩୭—ଅଶନାନ୍ତେ (ଭୋଜନାନ୍ତେ) କମୁକ କାମୁକ (ଗୁବାକପ୍ରେମୀ ନୋହେ କି ? ଅର୍ଥାତ୍ ଯେପରି ଲୋକ ନାନାବିଧ ଦ୍ରବ୍ୟଭୋଜନ ପରେ ନୀରସ ଗୁବାକକୁ ସ୍ନେହ କରେ ତୁମ୍ଭେ ମହାରସ (ଶୃଙ୍ଗାରରସ) ଆସ୍ୱାଦନ କରିଥିଲେହେଁ ମଣୋହିକି ବଳେ କର ।
୩୮—ଅହାରରୁ ମୃଣାଳ ନାମ (ଅପରନାମ ବିଷ) ଦୂରହେଲେଣି ଅର୍ଥାତ୍ ଆହାର ଅବା ବିଷପରି ହେଉନାହିଁ, କିନ୍ତୁ ବିଗ୍ରୁର କରନା । ଯେଉଁ ପବନ ବହୁଥିଲା ସେ ମନକୁ ମୋହିଲଣି, ତେ ଚତୁସ୍ରସାର ଏହା ତୁ ଘେନାକର ।
୩୯—ପ୍ରାଣସଖୀମାନେ ଏହିପରି ଦୃଷ୍ଟାନ୍ତବାନ ଗିରେ (ବାକ୍ୟରେ) ରଖି କହି ସୁନ୍ଦରୀକୁ ତୋଷିଲେ । ଅଚ୍ଚଲୁମୁଖୀ ସୁନ୍ଦରୀ ପଲକ ଅନ୍ତରେ ପଲଙ୍କଅଙ୍କରେ ନିଃଶଙ୍କରେ ନିଦ୍ରାଗଲେ ।
୪୦—ଘେନ (ସ୍ୱୀକାର କର) ଯାହାର ପର (ଶତ୍ରୁ) ହୋଇଥିବାରୁ ସୁବାହୁ ଓ ଅଧିକ ଭୁଜ (ସହସ୍ରାର) ଛେଦନକର୍ତ୍ତା ହୋଇଥିଲେ ଏବଂ ବଳସ୍ତୁ (ବାଳର) ଗର୍ବହର ଅଟନ୍ତି ପୁଣି ସୁବାହୁଙ୍କେ (ସହସ୍ରାର୍ଜୁନର) ଛେଦନ କର୍ତ୍ତା ଓ ବଳସ୍ତୁମାନଙ୍କର ଗର୍ବହର ଅଟନ୍ତି ଯେ ଶ୍ୟାମ (ବଳରାମ) ଏ ଦୁହିଙ୍କ ପଦକୁ ଗାରବର କୃପାକଟାକ୍ଷ ଦୁଇ ଅର୍ଥରେ ସ୍ମରିଲ ।

ସମାପ୍ତ